# କେନ୍ଦ୍ରୀୟ
# ବିଷୟ
# ଭାବରେ
# ସୁସମାଚାର

ଆମ ବିଶ୍ୱାସର କେନ୍ଦ୍ରୀୟ ବିଷୟକୁ ପୁନଃଦାବି କରିବାର ସମୟ ଆସିଛି...

# କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଆମ ବିଶ୍ୱାସକୁ
ନୂତନୀକୃତ
କରିବା ଓ ଆମର
ସେବାକାର୍ଯ୍ୟକୁ
ପୁନର୍ଗଠନ କରିବା

ସଂକଳନ :
ଡ଼ି.ଏ. କାର୍ସନ୍ ଓ
ଟିମଥି କେଲେର୍

ଖ୍ରୀଷ୍ଟଧର୍ମର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଅସ୍ୱଷ୍ଟ ହେବା ଦ୍ୱାରା କିମ୍ବା ନଷ୍ଟ ହେବା ଦ୍ୱାରା ବିପଦରେ ପଡ଼ିଛି, କାରଣ ଆଜି ଆମ ମଣ୍ଡଳୀଗୁଡ଼ିକରେ ଆପେକ୍ଷିକ ତତ୍ତ୍ୱ ର ମୂଳ ଗଭୀରକୁ ଯାଇଛି । ଐତିହାସକ ଭାବରେ ଯେଉଁ ବିଷୟରେ ସମ୍ମତି ପ୍ରକାଶ ପାଇଥିଲା ତାକୁ ବର୍ତ୍ତମାନ ପ୍ରତ୍ୟକ୍ଷ ଭାବରେ ପ୍ରଶ୍ନ କରାଯାଇଛି ଓ ଖ୍ରୀଷ୍ଟୀୟ ବିଶ୍ୱାସର ଅତ୍ୟାବଶକୀୟ ବିଷୟଗୁଡ଼ିକ ବିପଦରେ ଅଛି । ଆମ ବିଶ୍ୱାସର କେନ୍ଦ୍ରୀୟ ବିଷୟକୁ ପୁନଃଦାବି କରିବାର ସମୟ ଆସିଛି ।

ସେହି ଉଦ୍ୟମରେ ଡ଼ି.ଏ. କାର୍ସନ୍, ଟିମ୍ କେଲେର୍, କେଭିନ୍ ଡ଼ି ୟଙ୍ଗ୍, ବ୍ରାୟାନ୍ ଚାପେଲ୍ ଓ ଅନ୍ୟ ପ୍ରଭାବଶାଳୀ ନେତୃବର୍ଗ ପାରମ୍ପରିକ ସୁସମାଚାରକୁ ସୁରକ୍ଷା ଦେବା ପାଇଁ ଓ ମଣ୍ଡଳୀକୁ ଶକ୍ତିଯୁକ୍ତ କରିବା ପାଇଁ ଏହି ପୁସ୍ତିକା ଲେଖିଛନ୍ତି ।

*କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର* ପୁସ୍ତିକା ଆପଣଙ୍କୁ ଏହି ଆନ୍ଦୋଳନରେ ଯୋଗ ଦେବା ପାଇଁ ସାହାଯ୍ୟ କରିବ – ଏହି ଆନ୍ଦୋଳନ ସେବାକାର୍ଯ୍ୟର ଶାସ୍ତ୍ର ଆଧାରିତ ପୁନଃସଙ୍ଗଠନ ଓ ସୁସମାଚାରର କେନ୍ଦ୍ରୀୟ ବିଷୟରେ ଉତ୍ସର୍ଗୀକୃତ ହୋଇଛି – ପୁଣି ଏହି ହୃଦ୍‌ବୋଧ ଅଧୀନରେ ଏକତ୍ର ଭାବରେ ଛିଡ଼ା ହୋଇଛି ଯାହାକି ଆମକୁ ଯୁଦ୍ଧ କରିବାକୁ ଏକତ୍ର କରିଥାଏ ।

ଡ଼ି.ଏ. କାର୍ସନ୍ (ପିଏଚ୍.ଡ଼ି., କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ) ଟ୍ରିନିଟି ଏଭାଞ୍ଜେଲିକାଲ୍ ଡ଼ିଭିନିଟି ବିଦ୍ୟାଳୟର ଗବେଷଣା ଅଧ୍ୟାପକ ଅଟନ୍ତି। ସେ ପ୍ରାୟ ଷାଠିଏଟି ପୁସ୍ତକ ସଂକଳନ କରିଛନ୍ତି ବା ଲେଖିଛନ୍ତି, ସେଥିରେ *ଦି କ୍ରସ୍ ଆଣ୍ଡ୍ ଖ୍ରୀଷ୍ଟିୟାନ୍ ମିନିଷ୍ଟ୍ରି* ଅନ୍ତର୍ଭୁକ୍ତ ।

ଟୀମଥି କେଲେର୍ (ଡ଼ିମିନ୍, ୱେଷ୍ଟମିନିଷ୍ଟର୍ ଥିଓଲୋଜିକାଲ୍ ସେମିନାରୀ) ନିୟୁୟର୍କରେ ରିଡ଼ିମର୍ ପ୍ରେସ୍‌ବିଟାରିଆନ୍ ଚର୍ଚ୍ଚର ପ୍ରତିଷ୍ଠାତା ଓ ପାଳକ ଅଟନ୍ତି । ସେ ସର୍ବାଧିକ ବିକ୍ରି ହୋଇଥିବା ପୁସ୍ତକ *ଦି ପ୍ରୋଡ଼ିଗାଲ୍ ଗଡ୍* ଓ *ଦି ରିଜନ୍ ଫର୍ ଗଡ୍*ର ଲେଖକ ଅଟନ୍ତି ।

# ସୂଚୀପତ୍ର


ମୁଖବନ୍ଧ ୭

୧ ସୁସମାଚାର–କୈନ୍ଦ୍ରିକ ସେବାକାର୍ଯ୍ୟ ୧୧
*ଡି.ଏ. କାର୍ସନ୍ ଓ ଟୀମଥି କେଲେର୍*

୨ ଆମେ କ'ଣ ସତ୍ୟ ଜାଣିପାରିବା? ୨୩
*ରିଚାର୍ଡ଼ ଡ଼ି, ଫିଲିପ୍ସ୍*

୩ ସୁସମାଚାର ଓ ଶାସ୍ତ୍ର : ବାଇବଲକୁ କିପରି ପଢ଼ିବା ୪୧
*ମାଇକ୍ ବୁଲ୍‌ମୋର୍*

୪ ସୃଷ୍ଟି ୫୫
*ଆଣ୍ଡ୍ରିଉ ଏମ୍. ଡ଼େଭିସ୍*

୫ ପାପ ଓ ପତନ ୭୭
*ରେଡ଼ିଟ୍ ଆଣ୍ଡ୍ରିଉସ୍ ୩*

୬ ଯୋଜନା ୮୯
*କୋଲିନ୍ ଏସ୍. ସ୍ମିଥ୍*

୭ ସୁସମାଚାର କ'ଣ? ୧୧୫
*ବ୍ରାୟାନ୍ ଚାପେଲ୍*

୮ ଖ୍ରୀଷ୍ଟଙ୍କ ମୂଲ୍ୟ ଦେଇ ମୁକ୍ତି ୧୩୫
*ସାଣ୍ଡି ୱିଲ୍‌ସନ୍*

୯ ଯଥାର୍ଥତା ୧୫୧
*ଫିଲିପ୍ ଗ୍ରାହାମ୍ ରାଇକେନ୍*

୧୦ ପବିତ୍ର ଆତ୍ମା ୧୭୧
*କେଭିନ୍ ଡ଼ିୟଙ୍ଗ*

୧୧ ଈଶ୍ୱରଙ୍କ ରାଜ୍ୟ ୧୯୧
*ଷ୍ଟିଫେନ୍ ଉମ୍*

୧୨ ମଣ୍ଡଳୀ : ଈଶ୍ୱରଙ୍କ ନୂତନ ଲୋକମାନେ ୨୦୯
*ଟିମ୍ ସ୍ୟାଭେଜ୍*

**୧୩** ବାପ୍ତିସ୍ମ ଓ ପ୍ରଭୁଭୋଜ **୨୩୧**
*ଥାବିଟି ଏନ୍ୟାବ୍ୱିଲ୍ ଓ ଜେ. ଲିଗନ୍ ଡ଼ନ୍‌କାନ୍*

**୧୪** ସମସ୍ତ ବିଷୟର ପୁନଃସଂସ୍ଥାପନ **୨୫୩**
*ସାମ୍ ଷ୍ଟର୍ମସ୍*

ପରିଶିଷ୍ଟ : ସୁସମାଚାର ମିଳନ ଭିତ୍ତିମୂଳ ନଥି **୨୭୩**

ଟିପ୍ପଣୀ **୨୮୭**

ସାଧାରଣ ଗ୍ରନ୍ଥସୂଚୀ **୨୯୭**

ଶାସ୍ତ୍ର ଗ୍ରନ୍ଥସୂଚୀ **୩୦୩**

# ମୁଖବନ୍ଧ

ସୁସମାଚାର ମିଳନ ପ୍ରତିଷ୍ଠା ହେଲା ବେଳେ କାଉନ୍‌ସିଲ୍ ସଦସ୍ୟଗଣଙ୍କୁ ଆମେ ଯାହା ଭିତ୍ତିମୂଳ ନଥି ବୋଲି କହୁ ସେଥିପାଇଁ ଆମେ ଅକ୍ଳାନ୍ତ ପରିଶ୍ରମ କରିଛୁ । ଏଥିରେ ଗୋଟିଏ ପୃଷ୍ଠା ବିଶିଷ୍ଟ ଭୂମିକା, ବିଶ୍ୱାସ ମତ, ଓ ସେବାକାର୍ଯ୍ୟର ଧର୍ମତାତ୍ତ୍ୱିକ ଦର୍ଶନ ଅନ୍ତର୍ଭୁକ୍ତ । ଆମେ ଆଶା କରୁ ଯେ ସେଗୁଡ଼ିକରେ ଈଶ୍ୱର-କୈନ୍ଦ୍ରିକ ଆନନ୍ଦ ପରିପୂର୍ଣ୍ଣ ହୋଇଛି, ଯାହାକି ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରରେ ଏକ ଆନନ୍ଦପୂର୍ଣ୍ଣ ଆତ୍ମବିଶ୍ୱାସ ରହିଛି ପୁଣି ଆମେ ଯାହା ଭାବୁ ଓ ଜୀବନଯାପନ କରୁ ସେଥିପାଇଁ ଏହାର ହସ୍ତାନ୍ତରୀକରଣ ଅନ୍ତର୍ଭୁକ୍ତ । ଆମ ୱେବ୍‌ସାଇଟ୍‌ରୁ (thegospelcoalition.org) ଏହି ନଥିଗୁଡ଼ିକ ସହଜରେ ଅନେକ ଭାଷାରେ ଡ଼ାଉନ୍‌ଲୋଡ୍ କରାଯାଇପାରିବ ଓ ଏହି ପୁସ୍ତିକାର ପରିଶିଷ୍ଟରେ ମଧ୍ୟ ଦେଖାଯାଇପାରିବ ।

ବିଭିନ୍ନ ପ୍ରକାର ସ୍ଥାନୀୟ ମଣ୍ଡଳୀ ଓ ସଙ୍ଗଠନଗୁଡ଼ିକୁ ସେଗୁଡ଼ିକୁ ସେମାନଙ୍କ ନିଜର ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିବାର ବହୁପୂର୍ବରୁ ଏହା ହୋଇ ନ ଥିଲା, ପୁଣି ଅବଶ୍ୟ ଏହା ହେଲା ବେଳେ ଆମେ ସର୍ବଦା ଆନନ୍ଦ କରିଛୁ । ଏହି ଅନୁରୋଧଗୁଡ଼ିକ ସହିତ ଅନେକ ସଂଖ୍ୟକ ପ୍ରସ୍ତାବ ଆସିଥିଲା ଯେ ଆମେ ଏକ ପୁସ୍ତିକା କ୍ରମରେ ବା ଡ଼ାଉନ୍‌ଲୋଡ୍ ହୋଇପାରୁଥିବା ଫାଇଗୁଡ଼ିକରେ ଫାଉଣ୍ଡେସନ୍ ନଥିଗୁଡ଼ିକ ଖୋଲି ବାହାର କରିଥାଉ, ଘଟଣାକ୍ରମେ ଏଗୁଡ଼ିକୁ ଏକତ୍ର ରଖୁଛୁ ଯେପରି ଗୋଟିଏ ପୁସ୍ତକ ତିଆରି ହୋଇପାରିବ । ତେଣୁ ଆମେ ଆମର ଅନେକ ସଂଖ୍ୟକ କାଉନ୍‌ସିଲ୍ ସଦସ୍ୟମାନଙ୍କୁ ଓ ଅନ୍ୟ ଜଣଙ୍କୁ ବା ଦୁଇଜଣଙ୍କୁ ଚଉଦଟି ଅଧ୍ୟାୟ ଲେଖି ସହଯୋଗ କରିବାକୁ ଅନୁରୋଧ କରିଥିଲୁ ଯାହାକି ଫାଉଣ୍ଡେସନ୍ ଡ଼କୁମେଣ୍ଟ୍‌ସ୍‌ରେ ଧର୍ମତତ୍ତ୍ୱ ପ୍ରତିଫଳିତ ହୋଇଥିଲା ବୋଲି ବର୍ଣ୍ଣନା କରିଥାଏ । ଏହାର ଫଳସ୍ୱରୂପ ଆପଣ ହାତରେ ଏହା ଧରିଛନ୍ତି । ପ୍ରତି ଅଧ୍ୟାୟ ପୁସ୍ତିକା ଓ ଫାଇଲ୍ ଭାବରେ ଉପଲବ୍ଧ, ଯାହାକି ଏହି ପୁସ୍ତକରେ ବର୍ତ୍ତମାନ ମିଶାଯାଇଛି ।

ଆମେ ଏଥିରେ କିଛି ବିଭିନ୍ନତାକୁ ଅନୁମତି ଦେଇ ବୁଝିହେବା ପରି ଅଳ୍ପ ବହୁତ ପରିବର୍ତ୍ତନ କରିଛୁ । ଆମର ଜାତୀୟ ସମ୍ମିଳନୀଗୁଡ଼ିକରେ ସମସ୍ତ ସଦସ୍ୟଙ୍କ ସଭାରେ ଆମେ ଅନେକ ବ୍ୟାଖ୍ୟାକାରଙ୍କୁ ପାଇଥିଲୁ, ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ବର୍ଣ୍ଣନା କରିବାରେ ସେମାନଙ୍କ ଶୈଳୀରେ ବହୁତ ଭିନ୍ନ ଥିଲେ ଅବଶ୍ୟ ଆମେ ବିଭିନ୍ନତାର ସତେଜତାରେ ଆନନ୍ଦିତ ହୋଇଥାଉ । ସେହି ସମାନ୍ ବିଭିନ୍ନତାର କିଛି ବିଷୟ ଏହିସବୁ ଅଧ୍ୟାୟରେ ପ୍ରତିଫଳିତ ହୋଇଛି, ପୁଣି ଆମେ ଏଥିପାଇଁ କୃତଜ୍ଞ ଅଟୁ ।

ମୁଁ ଆଉଥରେ ଗଭୀର ଭାବରେ ଆଣ୍ଡି ନେସ୍‌ଲିଙ୍କ ପ୍ରତି ଋଣୀ ଅଟେ ଯେ କି ଏହି ପୁସ୍ତକ ସମ୍ପାଦନା ଓ ପରିଶିଷ୍ଟ ଲେଖିବାରେ ସାହାଯ୍ୟ କରିଥିଲେ । ଏହି ପ୍ରକଳ୍ପରେ କ୍ରସ୍‌ୱେଙ୍କ ସହଯୋଗ ସେମାନଙ୍କ ସ୍ୱାଭାବିକ ଧୈର୍ଯ୍ୟ, ସାମର୍ଥ୍ୟ ଓ ଆତିଥ୍ୟ ଦ୍ୱାରା ପ୍ରକାଶିତ ହୋଇଛି ।

– ଡ଼ି.ଏ. କାର୍ସନ୍
ଦି ଗସ୍‌ପେଲ୍ କୋଏଲିସନ୍

୧

# ସୁସମାଚାର-କୈନ୍ଦ୍ରିକ ସେବାକାର୍ଯ୍ୟ

*ଡି.ଏ. କାର୍ସନ୍ ଓ ଟୀମଥ୍ କେଲେର୍*

ଗସ୍‌ପେଲ୍ କୋଆଲିସନ୍ ଅନେକ ଭିନ୍ନ ଭିନ୍ନ ସମ୍ପ୍ରଦାୟର ମଣ୍ଡଳୀଗୁଡ଼ିକର ଓ ଖ୍ରୀଷ୍ଟିୟାନମାନଙ୍କର ଏକ ସହଭାଗିତା ଅଟେ ଯାହାକି କେବଳ ବାଇବଲସମ୍ମତ ସୁସମାଚାରରେ ବିଶ୍ୱାସ କରିବା ଦ୍ୱାରା ଏକତ୍ରିତ ହୋଇ ନାହିଁ, ମାତ୍ର ଆଜି ସୁସମାଚାର-କୈନ୍ଦ୍ରିକ ସେବାକାର୍ଯ୍ୟ ଶକ୍ତିଯୁକ୍ତ, ଉତ୍ସାହିତ ଓ ଅଭିବୃଦ୍ଧିଶୀଳ ହେବାକୁ ପଡ଼ିବ ବୋଲି ହୃଦ୍‌ବୋଧରୁ ମଧ୍ୟ ହୋଇଛି । ତା'ପରେ ଯାହା ଆସିଥାଏ ତାହା ଆମେ କିପରି ଓ କାହିଁକି ଏକତ୍ରିତ ହୋଇଛୁ ସେ ବିଷୟରେ ଅଳ୍ପ ଇତିହାସ ଦେଇଥାଏ ।

ଅନେକ ବର୍ଷ ପୂର୍ବରୁ ଆମ ମଧ୍ୟରୁ ଅନେକେ ବର୍ଷକୁ ଥରେ ଏକତ୍ର ସାକ୍ଷାତ କରିବାକୁ ଆରମ୍ଭ କରିଥିଲୁ । ସେହି ଦଳ ଦି ଗସ୍‌ପେଲ୍ କୋଆଲିସନ୍ କାଉନ୍‌ସିଲ୍ ହୋଇଥିଲା । ପ୍ରଥମ ତିନିବର୍ଷ ପାଇଁ ଆମେ ଦୁଇଟି ବିଷୟ କରିବାକୁ ଚେଷ୍ଟା କରିଥିଲୁ ।

## ସ୍ୱୀକାରୋକ୍ତି ଭିତ୍ତିମୂଳ

ପ୍ରଥମେ, ଆମେ ସ୍ୱୀକାରୋକ୍ତି ସୁସମାଚାର କେନ୍ଦ୍ରକୁ ଚିହ୍ନଟ ଓ ଶକ୍ତିଯୁକ୍ତ କରିବାକୁ ଚେଷ୍ଟା କରିଥିଲୁ। ଆମେ ବିଶ୍ୱାସ କରୁ ଯେ ବାଇବଲସମ୍ମତ ସୁସମାଚାର ବିଷୟରେ ଐତିହାସିକ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ କେତେକ ଦିଗ ଆଜି ଆମ ମଣ୍ଡଳୀଗୁଡ଼ିକରେ ଅନାଦୃତ ହୋଇ ହଜିଯିବାର ବିପଦରେ ପଡ଼ିଛି । ଏଗୁଡ଼ିକରେ ନୂତନ ଜନ୍ମର ଆବଶ୍ୟକତା, କେବଳ ବିଶ୍ୱାସ ଦ୍ୱାରା ନ୍ୟାୟ ଓ ସନ୍ତୋଷ ମାଧ୍ୟମରେ ମୁକ୍ତି ଓ ଖ୍ରୀଷ୍ଟଙ୍କର ବଦଳ ଭାବରେ ମୃତ୍ୟୁଭୋଗ କରିବା ଅନ୍ତର୍ଭୁକ୍ତ । ଆମେ ଏହିସବୁ ଧର୍ମତତ୍ତ୍ୱ ବିଷୟରେ ଆମର ବିଶ୍ୱାସ ବଜାୟ ରଖିବାକୁ ଓ ଶକ୍ତିଯୁକ୍ତ କରିବାକୁ ଚେଷ୍ଟା କରିଛୁ, କେବଳ ଅତୀତର ବଡ଼ ବଡ଼ ଧର୍ମତାତ୍ତ୍ୱିକ ଭିତ୍ତିମୂଳ ସ୍ଥାପନ କରିବା ଦ୍ୱାରା ନୁହେଁ, ମାତ୍ର କ୍ରମାଗତ, ଶାସ୍ତ୍ର ସହିତ ତାଜା ପ୍ରତିକ୍ରିୟା କରିବା ଦ୍ୱାରା ନୁହେଁ, ପୁଣି ସେଥିପାଇଁ ଦି ଗସ୍‌ପେଲ୍ କୋଆଲିସନ୍ ଉକ୍ତି ଉତ୍ପନ୍ନ କରିବା ପାଇଁ ଏକତ୍ର କାର୍ଯ୍ୟ କରିଥିଲୁ ।

### *ବାଇବଲସମ୍ମତ-ଧର୍ମତାତ୍ତ୍ୱିକ ପ୍ରକାରଭେଦ*

ତା'ପରେ ଅନେକ ସଦସ୍ୟ ମୋତେ କହିଲେ ଯେ ସ୍ୱୀକାରୋକ୍ତି ଉକ୍ତିରେ କାର୍ଯ୍ୟ କରିବା ସେମାନଙ୍କର ସର୍ବାଧିକ ସଂଶୋଧନ ଓ ନିର୍ଦ୍ଦେଶମୂଳକ ଅନୁଭୂତିଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା। ପ୍ରାୟ ଅଠଚାଳିଶଜଣ ଅନୁଭୂତିସମ୍ପନ୍ନ ପାଳକ ଧାଡ଼ି ଧାଡ଼ି କରି ଏ ବିଷୟରେ କାର୍ଯ୍ୟ କରିଥିଲେ। ଆମର ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ପଦ୍ଧତିଗତ ଧର୍ମତାତ୍ତ୍ୱିକ ଶବ୍ଦରେ ଅତି ଶୀଘ୍ର ଆନନ୍ଦ ଲାଭ କରିବା ଅପେକ୍ଷା ବାଇବଲରୁ ଯଥାସମ୍ଭବ ଆମ ଭାଷା ଆହରଣ

କରିବା । ପଦ୍ଧତିଗତ ବିଷୟ ଜଟିଳ ଅଟେ, ପୁଣି ବାଇବଲ ଶିକ୍ଷାର ବଡ଼ କରି କଟାଯାଇଥିବା ସ୍ଥାନକୁ ବୁଝିବା ପାଇଁ ଓ ଅନୁଭୂତିରେ ଆସିବା ପାଇଁ ତ୍ରିତ୍ୱ ପରି ଶବ୍ଦଗୁଡ଼ିକ ଯାହାକି ବାଇବଲରେ ଦେଖିବାକୁ ମିଳେ ନାହିଁ, ସେଗୁଡ଼ିକୁ ବଦଳ କରାଯାଇପାରିବ ନାହିଁ । ତା'ସତ୍ତ୍ୱେ ଆମ ମଧ୍ୟରେ ଏକତା ବଜାୟ ରଖିବା ପାଇଁ ଓ ଆମ ନେତାମାନଙ୍କୁ ପ୍ରେରଣା ଦେବା ପାଇଁ ଆମେ କୌଣସି ନିର୍ଦ୍ଦିଷ୍ଟ ପରମ୍ପରାର ପଦ୍ଧତିଗତ ଧର୍ମତାତତ୍ତ୍ୱିକ ଶବ୍ଦ ଉପରେ ଧ୍ୟାନାକର୍ଷଣ ଅପେକ୍ଷା ଆମ ବିଶ୍ୱାସକୁ ବାଇବଲସମ୍ମତ-ଧର୍ମତତ୍ତ୍ୱ ବର୍ଗରେ ଯଥାସମ୍ଭବ ପ୍ରକାଶ କରିବାକୁ ଚେଷ୍ଟା କରିଛୁ ।

*ଈଶ୍ୱରଙ୍କ ସହିତ ଆରମ୍ଭ*

ଆମେ ମଧ୍ୟ ଭାବିଥିଲୁ ଯେ ଶାସ୍ତ୍ର ଅପେକ୍ଷା ଈଶ୍ୱରଙ୍କୁ ସ୍ୱୀକାର କରି ଆମର ବିଶ୍ୱାସ ସ୍ୱୀକାର କରିବାକୁ ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ଉଲ୍ଲେଖନୀୟ ଅଟେ । ସେହି ଜ୍ଞାନ ମାନବ ଯୁକ୍ତିବାଦ ବିଷୟରେ ଅଧିକ ଆତ୍ମବିଶ୍ୱାସୀ ଥିଲା । ଏହାର କେତେକ ଧାରା କଳନା କରିଥିଲା ଯେ ଆକ୍ରମଣ ନ କରିବା ଭିତ୍ତିମୂଳ ଉପରେ ଚିନ୍ତାର ପଦ୍ଧତି ଗଠନ କରିବା ସମ୍ଭବ ଥିଲା ଯାହାକି ମନୁଷ୍ୟ ଜ୍ଞାନରେ ସାହାଯ୍ୟ ନ ପାଇବା ବିଷୟ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇପାରିଥିଲା । ସେମାନେ ଜ୍ଞାନକୁ ବାରମ୍ବାର ନିନ୍ଦା କରିବା ସତ୍ତ୍ୱେ ଅନେକ ରକ୍ଷଣଶୀଳ ସୁସମାଚାର ଏହାଦ୍ୱାରା କେବେ ବି ଆକାରପ୍ରାପ୍ତ ହୋଇଛି । ଈଶ୍ୱରଙ୍କଠାରୁ ନୁହେଁ, ମାତ୍ର ଶାସ୍ତ୍ରରେ ବିଶ୍ୱାସର କେତୋଟି ସୁସମାଚାରୀୟ ଉକ୍ତି ଦେଖାଯାଇପାରିବ, ସେଥିରେ ଏହା ଦେଖାଯାଇପାରିବ । ଏକ ସମ୍ପୂର୍ଣ୍ଣ ନିଶ୍ଚିତ, ଶାସ୍ତ୍ର ଅନୁମୋଦିତ ସତ୍ୟ ଧର୍ମତତ୍ତ୍ୱ ଗଠନ କରିବା ପାଇଁ (ଯାହା ସେମାନେ ବିବେଚନା କରନ୍ତି) ସେମାନେ କଠୋର ବ୍ୟାଖ୍ୟା ମାଧ୍ୟମରେ ଶାସ୍ତ୍ରରୁ ଧର୍ମତତ୍ତ୍ୱକୁ ଯାଇଥିଲେ ।

ସମସ୍ୟା ହେଉଛି ଯେ ଜ୍ଞାନ ପାଇବା ପାଇଁ ଏହା ଏକ ଭିତ୍ତିମୂଳକ ଉପାୟ ଅଟେ । ଏହା ସେହି ମାତ୍ରାକୁ ଉପେକ୍ଷା କରିଥାଏ ଯାହା ପ୍ରତି ଆମର ସାଂସ୍କୃତିକ ଅବସ୍ଥିତି ବାଇବଲ ବିଷୟରେ ଆମର ଅର୍ଥକୁ ପ୍ରଭାବିତ କରିଥାଏ, ପୁଣି ଏହା ଏକ ଅତି କଠୋର ବିଷୟ ସମ୍ବଳିତ ପାର୍ଥକ୍ୟକୁ ଅନୁମାନ କରିଥାଏ । ଏହା ଐତିହାସିକ ଧର୍ମତତ୍ତ୍ୱ , ଦର୍ଶନ ଓ ସାଂସ୍କୃତିକ ପ୍ରତିଫଳନକୁ ଉପେକ୍ଷା କରିଥାଏ । ଶାସ୍ତ୍ରରୁ ଆରମ୍ଭ କରିଥିବାରୁ ଏହା ପାଠକମାନଙ୍କୁ ଅଧିକ ଆତ୍ମବିଶ୍ୱାସୀ କରିଥାଏ ଯେ ବାଇବଲ ପାଠ ବିଷୟରେ ସେମାନଙ୍କ ଅର୍ଥପ୍ରକାଶକ ବ୍ୟାଖ୍ୟା ସିଦ୍ଧ ଧର୍ମତାତ୍ତ୍ୱିକ ସତ୍ୟର ଏକ ପଦ୍ଧତି ଉତ୍ପନ୍ନ କରିଛି ।[୯] ଏହା ଗର୍ବ ଓ ଦୃଢ଼ତା ସୃଷ୍ଟି କରିପାରିବ କାରଣ ଏହା ମନୁଷ୍ୟ ଜ୍ଞାନର ପତନକୁ ହୁଏତ ଯଥେଷ୍ଟ ଭାବରେ ସ୍ୱୀକାର କରିବ ନାହିଁ ।

ଆମେ ବିଶ୍ୱାସ କରିଥାଉ ଯେ ଈଶ୍ୱରଙ୍କ ସହିତ ଆରମ୍ଭ କଲେ, ଈଶ୍ୱରଙ୍କ ଜ୍ଞାନ ବିନା ଆମେ ନିଜ ନିଜକୁ ଜାଣିପାରିବା ନାହିଁ ବୋଲି ଘୋଷଣା କରିବା (ଜନ୍ କାଲ୍‌ଭିନ୍‌ଙ୍କ ସହିତ, ଇନ୍‌ଷ୍ଟିଚ୍ୟୁଟ୍ ୧.୧) କିମ୍ବା ଅନ୍ୟ କିଛି ବିଷୟ ସବୁଠାରୁ ଭଲ ହେବ । ଯଦି କୌଣସି ଈଶ୍ୱର ନାହାନ୍ତି, ତେବେ ଆମର ଯୁକ୍ତି ଉପରେ ନିର୍ଭର କରିବା ପାଇଁ କୌଣସି କାରଣ ରହିବ ନାହିଁ ।

*ସୁସମାଚାର ପ୍ରଚାର*

ଆଜୁରିମଧ୍ୟ ଏହି ପ୍ରକ୍ରିୟାର ଅଂଶବିଶେଷରୂପେ, ଆମେ ଏହି ପ୍ରଶ୍ନ ପ୍ରତି କିଛି ସମୟ ଦେଇଥିଲୁ, ଏହି *ସୁସମାଚାର ପ୍ରଚାର* ଶବ୍ଦଟି କ'ଣ ଆଉ ଉପଯୋଗୀ ଅଟେ ? ଏକ ଉତ୍ତମ ଘଟଣା ସେହି ପଦବୀ ପାଇଁ ତିଆରି ହୋଇପାରିବ ଯାହାକି ଏହା ନାହିଁ । ମଣ୍ଡଳୀ ମଧ୍ୟରେ ଏହି ଶବ୍ଦଟି ସବୁଠାରୁ କମ୍ ଧର୍ମତାତ୍ତ୍ୱିକ ବିଷୟବସ୍ତୁ ପ୍ରକାଶ କରିଥାଏ । ଏହି ଶବ୍ଦଟି ପ୍ରାୟ ସେହି ସମସ୍ତଙ୍କୁ ଅର୍ଥ କରୁଛି ଯେଉଁମାନେ ସେମାନଙ୍କ ଅନୁଭୂତିକୁ ବର୍ଣ୍ଣନା କରିବା ପାଇଁ 'ପୁନର୍ଜନ୍ମ' ଶବ୍ଦଟି ବ୍ୟବହାର କରିବାକୁ ଇଚ୍ଛା କରୁଛନ୍ତି । ମଣ୍ଡଳୀ ବାହାରେ ସେହି ଶବ୍ଦଟିର ବୋଧହୁଏ ପୂର୍ବାପେକ୍ଷା ସର୍ବାଧିକ ନକାରାତ୍ମକ ଅନ୍ତର୍ନିହିତ ଅର୍ଥ ଅଛି ।

ତା'ସତ୍ତ୍ୱେ ସେହି ଶବ୍ଦଟି ଆମର ମଣ୍ଡଳୀ ଓ ଅନୁଷ୍ଠାନକୁ ବର୍ଣ୍ଣନା କରିଥାଏ । କାହିଁକି ? ଆମେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ଓ ପରମ୍ପରାରୁ ଆସିଛୁ – ବାପ୍ଟିଷ୍ଟ, ପ୍ରେସ୍‌ବିଟାରିଆନ୍, ଏପିସ୍କୋପାଲିଆନ୍, ଓ କାରିସ୍‌ମାଟିକ୍‌ରୁ ଆରମ୍ଭ କରି ବଡ଼ ବଡ଼ ଦଳର ନାମ ପର୍ଯ୍ୟନ୍ତ । ଆମେ ଆମକୁ ବିଭକ୍ତ କରୁଥିବା ଧର୍ମତାତ୍ତ୍ୱିକ ଓ ଯାଜକୀୟ ପାର୍ଥକ୍ୟ ବିଷୟରେ ଭାବୁ ନାହୁଁ – ମୋଟେ ଭାବୁ ନାହୁଁ । ସେଗୁଡ଼ିକ ଆମର ସେବାକାର୍ଯ୍ୟକୁ ଆକାର ଦେଇଥା'ନ୍ତି ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଉପାୟରେ ଆମକୁ ବିଭକ୍ତ କରିଥା'ନ୍ତି । (ଜଣେ କେହି କହିପାରିବେ ପରିପୂରକ ଉପାୟଗୁଡ଼ିକ, ମାତ୍ର ତାହା ଅନ୍ୟ ଏକ ରଚନା ହେବ) । ମାତ୍ର ଆମେ ସେହି ହୃଦ୍‌ବୋଧ ଦ୍ୱାରା ଏକତ୍ର ହୋଇଛୁ ଯାହାକି ଆମକୁ ଏକତ୍ର କରିଥାଏ – ସୁସମାଚାରର ଧର୍ମତାତ୍ତ୍ୱିକ କୈନ୍ଦ୍ରିକ ଉପକରଣଗୁଡ଼ିକ – ଆମକୁ ବିଭକ୍ତ କରୁଥିବା ବିଷୟରୁ ବହୁତ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଗୋଟିଏ ପକ୍ଷରେ ସେହି ହୃଦ୍‌ବୋଧ ଆମକୁ ସେମାନଙ୍କଠାରୁ ପୃଥକ୍ କରିଥାଏ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କ ପରମ୍ପରା ଭିନ୍ନ କୌଣସି ସୁସମାଚାର ନାହିଁ ଯାହାକି ପ୍ରଚାର କରାଯାଇପାରିବ ନାହିଁ । ସେମାନେ ଭାବନ୍ତି ନାହିଁ ଯେ ସେମାନଙ୍କ ସାମ୍ପ୍ରଦାୟିକ ପାର୍ଥକ୍ୟ ଗୌଣ ବିଷୟ ଅଟେ ବୋଲି । ଅନ୍ୟ ପକ୍ଷରେ, ସେହି ହୃଦ୍‌ବୋଧ ଆମକୁ ସେମାନଙ୍କଠାରୁ ପୃଥକ୍ କରିଥାଏ, ଯେଉଁମାନେ ସୁସମାଚାର ପ୍ରଚାରକୁ କେବଳ ସାମାଜିକ ବା ପରୀକ୍ଷଣ ଶବ୍ଦଗୁଡ଼ିକରେ ଅର୍ଥ କରନ୍ତି ଓ ଯେଉଁମାନେ ବରଂ ସହଭାଗିତା ଓ ସହାୟତା ପାଇଁ ଏକ ଧର୍ମତାତ୍ତ୍ୱିକ ସ୍ୱୀକାରୋକ୍ତି ଉକ୍ତିକୁ ଆଧାର କରିବେ ନାହିଁ ।

ତେଣୁ ନିଜକୁ ବର୍ଣ୍ଣନା କରିବା ପାଇଁ ଆମେ ଗୁରୁତ୍ୱପୂର୍ଣ୍ଣ ଶବ୍ଦ *ସୁସମାଚାର ପ୍ରଚାର* ଶବ୍ଦଟିକୁ ବ୍ୟବହାର କରିଥାଉ, ଅନେକ ସମୟରେ ଏଥିରେ *ସ୍ୱୀକାରୋକ୍ତି* ଶବ୍ଦଟି ଯୋଗ ହୋଇଥାଏ ଯାହାକି ସୁସମାଚାର ପ୍ରଚାର ବିଷୟରେ ଆମେ ଧର୍ମତାତ୍ତ୍ୱିକ ଭାବରେ ଅଧିକ ବୁଦ୍ଧିମନ୍ତ ଦର୍ଶନ ପାଇପାରିବା ।

## ସେବାକାର୍ଯ୍ୟର ଦର୍ଶନ

ଆମେ ଏକତ୍ର ହୋଇ ନାହୁଁ, କେବଳ ପାରମ୍ପରିକ ସୁସମାଚାର ଗଠନକୁ ସୁରକ୍ଷିତ କରିଆସୁଛୁ । ଆମର ଦ୍ୱିତୀୟ ଉଦ୍ଦେଶ୍ୟ ଥିଲା ଆଜି ସୁସମାଚାର–କୈନ୍ଦ୍ରିକ ସେବାକାର୍ଯ୍ୟକୁ ବର୍ଣ୍ଣନା କରିବା, ସମର୍ଥନ ଦେବା ଓ ଅନ୍ତର୍ଭୁକ୍ତ କରିବା ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

*ଆମ ଜଗତରେ ପରିବର୍ତ୍ତନଗୁଡ଼ିକ*

ଆମ ମଣ୍ଡଳୀଗୁଡ଼ିକରେ ଅନେକ ଯୁବ ନେତା ଆମ ଜଗତରେ ଦେଖୁଥିବା ପରିବର୍ତ୍ତନରୁ ଘୁରୁଛନ୍ତି । ଯୁକ୍ତରାଷ୍ଟ୍ରରେ ଗୋଟିଏ ପିଢ଼ି ପୂର୍ବ ପର୍ଯ୍ୟନ୍ତ ଅଧିକାଂଶ ବୟସ୍କ ବ୍ୟକ୍ତି ପୁନର୍ଜନ୍ମପ୍ରାପ୍ତ ବିଶ୍ୱାସୀ ହୁଅନ୍ତୁ, ମଣ୍ଡଳୀ ଯାଉଥା'ନ୍ତୁ, ନାମଧାରୀ ଖ୍ରୀଷ୍ଟିୟାନ୍ ହୁଅନ୍ତୁ ବା ଅବିଶ୍ୱାସୀ ହୁଅନ୍ତୁ ସେମାନଙ୍କର ସମାନ୍ ନୈତିକ ଅର୍ନ୍ତଜ୍ଞାନ ଥିଲା । ସେ ସବୁର ପରିବର୍ତ୍ତନ ହୋଇଛି । ଧର୍ମନିରପେକ୍ଷତା ଅଧିକ ଉଗ୍ର ଓ ଖ୍ରୀଷ୍ଟିୟାନ୍ ବିରୋଧୀ ଅଟେ । ସାଧାରଣତଃ ସମାଜ ଅମାର୍ଜିତ ହୋଇଛି ପୁଣି ସାନ ପିଲାମାନଙ୍କର ନୈତିକ ଅର୍ନ୍ତଜ୍ଞାନ ସେମାନଙ୍କର ଅଧିକ ପାରମ୍ପରିକ ପିତାମାତାଙ୍କଠାରୁ ବହୁଳ ଭାବରେ ଭିନ୍ନ ଭିନ୍ନ ହୋଇଥାଏ ।

ଅନେକେ ଏହି ନୂଆ ସ୍ଥିତିକୁ ଅତ୍ୟାଧୁନିକ ପରିବର୍ତ୍ତନ ବୋଲି କହିଛନ୍ତି, ଯଦିଚ ଅନ୍ୟମାନେ ଆମର ପରିସ୍ଥିତିକୁ ବିଳମ୍ବିତ ଆଧୁନିକତା ବା ଏପରିକି ତରଳ ଆଧୁନିକତା ବୋଲି କହନ୍ତି । ଆଧୁନିକତା ପରମ୍ପରା, ପ୍ରକାଶନର କ୍ଷମତାକୁ କିମ୍ବା ନିଜର ଅନ୍ତର୍ନିହିତ ଜ୍ଞାନ ଓ ଅନୁଭୂତିର ବାହ୍ୟ କ୍ଷମତାକୁ ପରିବର୍ତ୍ତନ କରିଥିଲା । ତଥାପି ଦୀର୍ଘ ସମୟ ଧରି ଆପେକ୍ଷିକ ସ୍ଥିର ଅନୁଷ୍ଠାନଗୁଡ଼ିକ ସମସାମୟିକ ସମାଜ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲା । ଲୋକମାନେ ଏବେସୁଦ୍ଧା ପରିବାରରେ, ସ୍ଥାନୀୟ ସମାଜରେ ଓ ସେମାନଙ୍କ କାର୍ଯ୍ୟ ବା ଧନ୍ଦାରେ ବହୁଳ ଭାବରେ ସେମାନଙ୍କ ପରିଚୟକୁ ସ୍ଥାପନ କରିଥିଲେ । ତାହା ଅତିକ୍ରାନ୍ତ ହେଉଛି ବୋଲି ଜଣାଯାଏ ।

ଆଧୁନିକ ନିୟମର ଅମ୍ଳ – ଅର୍ଥାତ୍ ସ୍ୱୟଂଶାସିତ, ବ୍ୟକ୍ତିଗତ ସ୍ୱାର୍ଥ – ଜଣାଯାଏ ଯେପରି ସମସ୍ତ ସ୍ଥିର ପରିଚୟକୁ ଖାଇଦେବା ପରି ଜଣାଯାଏ । ବିବାହ ଓ ପରିବାର, କାର୍ଯ୍ୟସ୍ଥଳ ଓ ବୃତ୍ତି, ପଡ଼ୋଶୀ କ୍ଷେତ୍ର ଓ ସଭ୍ୟ ସମ୍ପ୍ରଦାୟ, ରାଜନୀତି ଓ କାରଣ – ଏହି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ କୌଣସିଟି ଦୀର୍ଘକାଳ ସ୍ଥିର ରହେ ନାହିଁ ଯେପରି ବ୍ୟକ୍ତିବିଶେଷ ସେଗୁଡ଼ିକ ଉପରେ ନିର୍ଭର କରିପାରିବେ। ବର୍ତ୍ତମାନ ଲୋକମାନେ ବିଖଣ୍ଡିତ ଜୀବନଯାପନ କରନ୍ତି, ଗୋଟିଏ ଦୁଇଟି ମୂଳ ଭୂମିକାରେ (ଉଦାହରଣସ୍ୱରୂପ, ଖ୍ରୀଷ୍ଟିୟାନ୍, ପିତା ଓ ଓକିଲ) ସେମାନେ ଆଉ ନିଜ ନିଜ ବିଷୟରେ ଭାବୁ ନାହାନ୍ତି । ତା'ସତ୍ତ୍ୱେ ସେମାନେ ଜୀବନର ଘଟଣାବଳୀ ଦେଇ ଗତି କରିବା ବେଳେ ସେମାନଙ୍କ ପରିଚୟ ନିରବଚ୍ଛିନ୍ନ ଭାବରେ ବାହ୍ୟ ଆକୃତିର ହୋଇଥାଏ ଯାହାକି ଜୋର୍‌ରେ ସଂଯୁକ୍ତ ହୋଇ ନାହିଁ । ସେଗୁଡ଼ିକ ସର୍ବଦା ଦିଗ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ଅଛନ୍ତି ଓ ପ୍ରତିବଦ୍ଧତା ପରିତ୍ୟାଗ କରନ୍ତି, ସେଥିରେ କୌଣସି ଅବିଶ୍ୱାସ ଓ ଉଦ୍ଦେଶ୍ୟ ନାହିଁ – ତାହା ଏକ ଖର୍ଚ୍ଚ–ଲାଭ ଆଧାରରେ ହେବ – ସେମାନଙ୍କ ପ୍ରତି ସର୍ବୋତ୍ତମ ସୁଯୋଗ ଉପଲବ୍ଧ ।

*ଆମ ଜଗତରେ ପରିବର୍ତ୍ତନଗୁଡ଼ିକ ପ୍ରତି ପ୍ରତିକ୍ରିୟା*

ଅତୀତରେ ଆମର ଅନେକ ପଡ଼ୋଶୀ ପାରମ୍ପରିକ ସୁସମାଚାର ପ୍ରଚାର ଓ ସେବାକାର୍ଯ୍ୟକୁ ବୁଝିପାରୁଥିଲେ, ମାତ୍ର ସେମାନେ ଅସମ୍ମତ ବା ଅଭିନ୍ନ ଭାବରେ ଏହାକୁ ଭେଟିଥିଲେ । ଗତ

ପନ୍ଦର ବର୍ଷ ମଧ୍ୟରେ ଲୋକମାନେ ଅଧିକରୁ ଅଧିକ ଏହାକୁ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟରୂପେ ବୁଝି ନ ପାରିବା ବା ଆକ୍ରୋଶମୂଳକ ଭାବରେ ଦେଖିଥିଲେ । ଏହି ନୂତନ ସାଂସ୍କୃତିକ ପରିସ୍ଥିତି ସହିତ ଆମେରିକୀୟ ସୁସମାଚାର ଜଗତ ଉଚ୍ଛୃଙ୍ଖଳିତ ବିଭିନ୍ନ ପ୍ରତିକ୍ରିୟା ସହିତ ଭାଙ୍ଗି ଯାଉଛି । ଅଧିକ ସରଳ କରିବା ପାଇଁ କେହି କେହି ଦୁର୍ଗକୁ ଅଧିକ ଉଚ୍ଚ କରି ଗଢ଼ିଥିଲେ, କେବଳ ସେମାନେ ସର୍ବଦା ଯାହା କରିଛନ୍ତି ତାହା କରିଚାଲୁଛନ୍ତି, କେବଳ ପୂର୍ବାପେକ୍ଷା ଅଧିକ ପ୍ରତିରୋଧ କରିଛନ୍ତି । ଅନ୍ୟମାନଙ୍କୁ ସୁସମାଚାର ପ୍ରଚାରର ଏକ ସମ୍ପୂର୍ଣ୍ଣ ଧର୍ମତାତ୍ତ୍ୱିକ ଯାନ୍ତ୍ରିକ କୌଶଳ ପ୍ରତି ଆହ୍ୱାନ କରାଯାଇଛି । ଆମେ ସୁସମାଚାର ପ୍ରଚାରାର୍ଥେ ଏହି ଉଭୟ ବିଷୟକୁ ଭୁଲ୍ ମନୋନୟନ ଓ ଖରାପ, କ୍ଷତିକାରକ ବୋଲି ଭାବିଥାଉ ।

ପ୍ରଚାର କରିବା । ଏଠାରେ ଏକ ଉଦାହରଣ ଅଛି । ଗତ କିଛି ବର୍ଷ ଧରି ପ୍ରକାଶିତ ପ୍ରଚାର ପରିତ୍ୟାଗ କରିବାକୁ ଅତି ମୁଖ୍ୟ ଉଦ୍ୟମ କରାଯାଇଛି ଯାହାକୁ କି ଖୋଲା ଭାବରେ ବର୍ଣ୍ଣନାତ୍ମକ ପ୍ରଚାର ବୋଲି କୁହାଯାଇଛି । ଏହି ପରୀକ୍ଷଣ ଏହିପରି କିଛି ଭାବରେ ଯାଇଥାଏ :

> ଏଗୁଡ଼ିକ ହେଉଛି ଆଧୁନିକ ସମୟର ପରବର୍ତ୍ତୀ ସମୟ, ଯାହାକି ଜ୍ଞାନାଲୋକ ପ୍ରାପ୍ତି ପ୍ରକଳ୍ପରେ ଆତ୍ମବିଶ୍ୱାସ ହରାଇବା ଓ ସତ୍ୟ ବିଷୟରେ ଯୁକ୍ତିଯୁକ୍ତ ନିଶ୍ଚୟତା ଦ୍ୱାରା ଚିହ୍ନଟ ହୋଇଥିଲା ।  ତେଣୁ ବର୍ତ୍ତମାନ ଶ୍ରୋତାଗଣ ଯୁକ୍ତିବାଦ ଅପେକ୍ଷା ଅଧିକ ଅର୍ନ୍ତଜ୍ଞାନ ସମ୍ପନ୍ନ ଅଟନ୍ତି ସେମାନଙ୍କ ନିକଟରେ ପ୍ରସ୍ତାବିତ ତତ୍ତ୍ୱ ଓ ନିୟମଗୁଡ଼ିକ ଅପେକ୍ଷା ଭାବମୂର୍ତ୍ତି ଓ କାହାଣୀଗୁଡ଼ିକ ମାଧ୍ୟମରେ ଅଧିକ ଭାବରେ ସୁସମାଚାର ପ୍ରଚାର ହେଉଛି । ସେମାନେ ମଧ୍ୟ କ୍ଷମତାସମ୍ପନ୍ନ ଘୋଷଣାଗୁଡ଼ିକ ପ୍ରତି ଅସହିଷ୍ଣୁ ଅଟନ୍ତି । ଆମକୁ ଆମ ସମୟର କମ୍ ଯୁକ୍ତିଯୁକ୍ତ, କ୍ଷମତାସମ୍ପନ୍ନ ହୋଇ ନ ଥିବା, ବର୍ଣ୍ଣନାତ୍ମକ-କ୍ଷୁଧାର ଜ୍ଞାନକୁ ଆହରଣ କରିବାକୁ ପଡ଼ିବ ।

ଆମର ଜ୍ଞାନରେ ଏହିପରି ଭାବରେ ଅନାବଶ୍ୟକ ପ୍ରକାଶ ପ୍ରଚାରକୁ ପରିତ୍ୟାଗ କରିବା ଏକ ବଡ଼ ଭୁଲ୍ ଅଟେ । ମାତ୍ର କେତେକ ବାସଗୃହରେ ଏହି ପ୍ରତିକ୍ରିୟା ଏହିପରି ଭାବରେ ହୋଇଥାଏ : ଆଧୁନିକ ପରବର୍ତ୍ତୀ ଲୋକମାନେ ଆମର ପ୍ରଚାର ପ୍ରଣାଳୀକୁ ପସନ୍ଦ କରୁ ନ ଥିବାରୁ ଆମେ ପୂର୍ବାପେକ୍ଷା ସେମାନଙ୍କୁ ଏହାର ଅଧିକ ବିଷୟ ଦେବାକୁ ଯାଉଛୁ । ସେମାନେ ତାହା ସ୍ୱୀକାର କରିବାକୁ ଇଚ୍ଛୁକ ନୁହଁନ୍ତି ଯେ ପ୍ରକାଶ ପ୍ରଣାଳୀର ଅଧିକ ପାରମ୍ପରିକ ପଦ୍ଧତି ଅଧିକ ଭାବାତ୍ମକ, ଅତି ଅନମନୀୟ ଓ ଜୀବନ ସହିତ ସମ୍ପର୍କିତ ହୋଇ ନ ଥିବା ପ୍ରତି ନିର୍ଦ୍ଦେଶିତ । ଏହା ଆହୁରି ମଧ୍ୟ ସତ୍ୟ ଯେ ଅନେକ ପାରମ୍ପରିକ ପ୍ରକାଶ ପ୍ରଚାରକଗଣ ସ୍ୱଷ୍ଟ ଦର୍ଶନ ଓ ପୁରାତନ ନିୟମର ବର୍ଣ୍ଣନା ଅପେକ୍ଷା ପତ୍ରଗୁଡ଼ିକ ମାଧ୍ୟମରେ ନିର୍ମଳ ପ୍ରଚାର କରିବାକୁ ପସନ୍ଦ କରନ୍ତି । ମାତ୍ର ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରକାଶ ପ୍ରଚାର ବିଫଳ ହୋଇଥାଏ, ଯଦି ଏହା ପ୍ରତ୍ୟେକ ପାଠକୁ, ଏପରିକି ସର୍ବାଧିକ ଅପ୍ରାସଙ୍ଗିକ ବିଷୟକୁ ସୁସମାଚାରର ଓ ଯୀଶୁ ଖ୍ରୀଷ୍ଟଙ୍କ ମିଶନ୍‌ର ବଡ଼ କାହାଣୀରେ ଯୋଡ଼ି ନ ଥାଏ ।

ଦରିଦ୍ରମାନଙ୍କ ପ୍ରତି ନ୍ୟାୟ୍ ଓ ସେବାକାର୍ଯ୍ୟ । ଆଉ ଗୋଟିଏ ଉଦାହରଣ ହେଉଛି ଦରିଦ୍ର ପ୍ରତି ନ୍ୟାୟ ଓ ସେବାକାର୍ଯ୍ୟ । ଅନେକ ଯୁବ ଖ୍ରୀଷ୍ଟିୟାନ୍ ନେତା ଯେଉଁମାନେ ସାମାଜିକ ନ୍ୟାୟ ବିଷୟରେ ଆବେଗପୂର୍ଣ୍ଣ ଅଟନ୍ତି, ସେମାନେ ଅଭିଯୋଗ କରନ୍ତି ଯେ ଅଗଷ୍ଟାଇନ୍, ଲୁଥର୍ ଓ କାଲ୍‌ଭିନ୍‌ଙ୍କ ଦ୍ୱାରା ରୋମୀୟ ପୁସ୍ତକର ଶାସ୍ତ୍ରୀୟ ପଠନ ଭୁଲ୍ ଅଟେ । ସେମାନେ କହନ୍ତି ଯେ ଯୀଶୁ କ୍ରୁଶ ଉପରେ ଈଶ୍ୱରଙ୍କ କ୍ରୋଧ ସହ୍ୟ କରି ନ ଥିଲେ, ମାତ୍ର ତା' ବଦଳରେ ଶକ୍ତି ଓ ଶୋଷଣ ଅପେକ୍ଷା ସେବା ଓ ପ୍ରେମର ଉଦାହରଣ ଦେଖାଇଥିଲେ ପୁଣି ସେଥିପାଇଁ ଜଗତର ଶକ୍ତିକୁ ପରାସ୍ତ କରିଥିଲେ । ଏହି ମତରେ ନ୍ୟାୟର ସୁସମାଚାର ଈଶ୍ୱର ଓ ପାପୀମାନଙ୍କର ପୁନର୍ମିଳନର ଏତେ ବିଷୟ କହେ ନାହିଁ ଯେପରି ଈଶ୍ୱରଙ୍କ ଲୋକମାନଙ୍କଠାରେ ଅତି ଅଳ୍ପ ବିଷୟ ଯୋଗ କରିଥାଏ । ଅନ୍ୟ ଭାଷାରେ ସେମାନେ ବିଶ୍ୱାସ କରନ୍ତି ଯେ ଖ୍ରୀଷ୍ଟିୟାନମାନେ ଯଦି ସେମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପରିତ୍ୟାଗ କରିବାକୁ ଓ ଦରିଦ୍ରମାନଙ୍କ ପାଇଁ ସେବାକାର୍ଯ୍ୟ ଓ ସମର୍ଥନ କରିବାକୁ ଯାଉଛନ୍ତି ଓ ଜଗତକୁ ଗୁରୁତ୍ୱ ଦେବାକୁ ଯାଉ ନାହାନ୍ତି ତେବେ ଆମକୁ ପାରମ୍ପରିକ ସୁସମାଚାରୀୟ ଧର୍ମତତ୍ତ୍ୱ କୁ ଭାଙ୍ଗିବାକୁ ପଡ଼ିବ ।

ଏସବୁ ଅନେକ ରକ୍ଷଣଶୀଳ ଖ୍ରୀଷ୍ଟିୟାନ ନେତାଙ୍କୁ ଯଥାର୍ଥରୂପେ ସତର୍କ କରିଦିଏ, ମାତ୍ର କେହି କେହି ଭୁଲ୍ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେଉଁମାନେ ଦରିଦ୍ରମାନଙ୍କ ପ୍ରତି ସେବାକାର୍ଯ୍ୟ କରିବାକୁ ସୁଦୃଢ଼ ଭାବରେ ମନୋଯୋଗୀ ଅଟନ୍ତି ସେମାନଙ୍କୁ ପାରମ୍ପରିକ ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ପରିତ୍ୟାଗ କରିବାକୁ ପଡ଼ିବ । ଏହି କୌଣସି ଦଳ ଯଥାର୍ଥ କଥା କହୁ ନାହାନ୍ତି। ଦରିଦ୍ରମାନଙ୍କ ପ୍ରତି ସେବାକାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଦାବି କରିବା ପାଇଁ ଆପଣଙ୍କୁ ଶାସ୍ତ୍ରୀୟ, ପାରମ୍ପରିକ ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ପରିବର୍ତ୍ତନ କରିବାକୁ ପଡ଼ିବ ନାହିଁ ।[୨] ଯୋନାଥନ୍ ଏଡ୍‌ୱାର୍ଡ଼ ଯେ କି ଉଦାରବାଦୀ ଥିଲେ, ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ, ବାଇବଲରେ ଆମକୁ ଦରିଦ୍ରକୁ ଦାନ ଦେବା ପାଇଁ ଆଜ୍ଞା ଦେବା ଭିନ୍ନ ଅନ୍ୟ କେଉଁ ଆଜ୍ଞା ସୁଦୃଢ଼ ଭାଷାରେ ଦିଆଯାଇଛି, ପୁଣି ଅତି ମନୋମୁଖୀ ଜରୁରୀ ଭାବରେ ଦିଆଯାଇଛି ?[୩] ଏଡ୍‌ୱାର୍ଡ଼ ଦରିଦ୍ରମାନଙ୍କ ପ୍ରତି ମନୋଯୋଗୀ ହେବା ବିଷୟ ସୃଷ୍ଟିର ଧର୍ମତତ୍ତ୍ୱ ରେ କେବଳ ଅବସ୍ଥାପିତ ହେବାର ଦେଖି ନ ଥିଲେ, ମାତ୍ର ଖ୍ରୀଷ୍ଟଙ୍କର ପ୍ରତିବଦଳ ମୃତ୍ୟୁରେ ଓ କେବଳ ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହେବା ବିଷୟରେ ମଧ୍ୟ ଦେଖିଥିଲେ ।

ଈଶ୍ୱରଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଯୀଶୁ ମୃତ୍ୟୁବରଣ କରିବା ସମୟରୁ ଆମେ ଜାଣୁ ଯେ ଈଶ୍ୱର ନ୍ୟାୟପରାୟଣ ଅଟନ୍ତି, ପୁଣି ସେଥିପାଇଁ ଆମେ ଆମ ସମ୍ପ୍ରଦାୟରେ ଦରିଦ୍ରମାନଙ୍କ ଅଧିକାର ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହେବା ଉଚିତ୍ । ସେମାନଙ୍କର ଆର୍ଥିକ ଶକ୍ତିର ଅଭାବ ହେତୁ ସେମାନଙ୍କୁ ଖରାପ ବ୍ୟବହାର କରାଯିବା ଉଚିତ୍ ନୁହେଁ । ପୁଣି ଆମେ ଆତ୍ମିକ ଭାବରେ ଦେବାଳିଆ ହୋଇଥିବାରୁ ଓ ଅଯୋଗ୍ୟ ଭାବରେ ଖ୍ରୀଷ୍ଟଙ୍କ ଐଶ୍ୱର୍ଯ୍ୟ ଗ୍ରହଣ କରିଥିବାରୁ ଆମେ କେବେ ବି ଦରିଦ୍ରମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିବା ଉଚିତ୍ ନୁହେଁ ଓ ଆର୍ଥିକ ଦେବାଳିଆ ଲୋକମାନଙ୍କ ଉପରେ ଶ୍ରେଷ୍ଠ ବୋଲି ଅନୁଭବ କରିବା ଉଚିତ୍ ନୁହେଁ । ଆମେ ଆତ୍ମିକରୂପେ ଅଯୋଗ୍ୟ ଦରିଦ୍ର ଭାବରେ ବିନାମୂଲ୍ୟରେ ଈଶ୍ୱରଙ୍କ ଅନୁଗ୍ରହ

ପାଇଥିବାରୁ ଅଯୋଗ୍ୟ ଦରିଦ୍ରମାନଙ୍କୁ ଆମର ପାଣ୍ଠି ଦେବାକୁ ଇଚ୍ଛୁକ ହେବା ଉଚିତ୍ । ଏଡ୍‌ୱାର୍ଡ଼ ଶାସ୍ତ୍ରୀୟ ସୁସମାଚାରୀୟ ଧର୍ମତତ୍ତ୍ୱ ରୁ ଶକ୍ତିଯୁକ୍ତ ଭାବରେ ଓ ଅକ୍ଲାନ୍ତ ଭାବରେ ଦରିଦ୍ରମାନଙ୍କ ପ୍ରତି ସେବାକାର୍ଯ୍ୟ କରିବା ପାଇଁ ଯୁକ୍ତି କରନ୍ତି ।

*ଆଜି ସୁସମାଚାର–କୈନ୍ଦ୍ରିକ ସେବାକାର୍ଯ୍ୟ*

ଗସ୍‌ପେଲ୍ କୋଆଲିସନ୍ ସେହି ବିଶ୍ୱାସ ସହିତ ଏକତ୍ର ହୋଇଛି ଯେ ଆମକୁ ଆମର ପୂର୍ବାପର ପ୍ରସଙ୍ଗକୁ ଓ ସ୍ଥିତିକୁ ଉପେକ୍ଷା କରିବା ଉଚିତ୍ ନୁହେଁ, ପୁଣି ଆମକୁ ଗୁରୁତର ଭାବରେ ଆମର ସଂସ୍କୃତି ଉପରେ ପ୍ରତିଫଳନ କରିବାକୁ ପଡ଼ିବ ଯେପରି ଆମର ସୁସମାଚାରୀୟ ସେବାକାର୍ଯ୍ୟ ଆମର ସଂସ୍କୃତି ସହିତ ଜଡ଼ିତ ଓ ସଂଯୁକ୍ତ ହେବ । ସେଥିପାଇଁ ଆମେ ସେବାକାର୍ଯ୍ୟ ପାଇଁ ଧର୍ମତାତ୍ତ୍ୱିକ ଦର୍ଶନ ପ୍ରସ୍ତୁତ କରିଥିଲୁ, ସେଥିରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥାଏ ଯେ ସୁସମାଚାର

> ଏପରି ମଣ୍ଡଳୀଗୁଡ଼ିକ ଉତ୍ପନ୍ନ କରିବା ଉଚିତ୍ ଯାହାକି ଚିତ୍ତାକର୍ଷକ ଓ ଧର୍ମତାତ୍ତ୍ୱିକ ପ୍ରତିବଦଳ ପ୍ରଚାର, ଚମତ୍କାର ସୁସମାଚାର ପ୍ରଚାର ଓ ଦୁଃଖପ୍ରକାଶକ ଓ ମଣ୍ଡଳୀ ଅଭିବୃଦ୍ଧି ଓ ମଣ୍ଡଳୀ ପ୍ରତିଷ୍ଠାରେ ପରିପୂର୍ଣ୍ଣ ହେବା ଉଚିତ୍ । ସେମାନେ ଅନୁତାପ, ବ୍ୟକ୍ତିଗତ ନୂତନୀକରଣ, ଓ ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେବେ । ସେହି ସମୟରେ *ଓ ସେହି ସମାନ୍ ଉପାସକ ଦଳରେ,* ସାଧାରଣ ଲୋକଙ୍କ ସାମାଜିକ ଗଠନ ସହିତ ଜଡ଼ିତ ହେବା ଓ କଳା, ବ୍ୟବସାୟ, ବୃତ୍ତି ଓ ସରକାରଙ୍କ ସହିତ ସାଂସ୍କୃତିକ ଭାବରେ ଜଡ଼ିତ ହେବା ଉଚିତ୍ । ସୁଦୂରପ୍ରସାରୀ ଖ୍ରୀଷ୍ଟୀୟ ସମ୍ପ୍ରଦାୟ ପାଇଁ ଆହ୍ୱାନଗୁଡ଼ିକ ଆସିବ ଯେଉଁଥିରେ ସମସ୍ତ ସଦସ୍ୟ ଧନସମ୍ପତ୍ତିକୁ ଅଂଶୀ କରିବେ ଏବଂ ଦରିଦ୍ର ଓ ତଳସ୍ତରର ଲୋକଙ୍କୁ ସ୍ଥାନ ଦେବେ । ଏହିସବୁ ଅଗ୍ରାଧିକାର ଜଡ଼ିତ ହେବ ଏବଂ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ ପରସ୍ପର ଶକ୍ତିଯୁକ୍ତ ହେବେ ।

ତେଣୁ ଗସ୍‌ପେଲ୍ କୋଆଲିସନ୍‌ରେ ଆମେ ବିଶ୍ୱାସ କରୁ ଯେ ସୁସମାଚାରକୁ ସର୍ବଦା ସୁରକ୍ଷିତ କରାଯିବା ଉଚିତ୍ ଓ ତାହା କରିବା ପାଇଁ ଏକ ବଦଳ ହେଉ ନ ଥିବା ଉପାୟ ହେଉଛି ଜଗତକୁ ଓ ମଣ୍ଡଳୀକୁ ସୁସମାଚାର–କୈନ୍ଦ୍ରିକ ସେବାକାର୍ଯ୍ୟର ଶକ୍ତି ପ୍ରଦର୍ଶନ କରିବା । ସୁସମାଚାରକୁ ଅର୍ଥ କରିବା ପାଇଁ ଓ ସୁରକ୍ଷା କରିବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ଏହାକୁ ପ୍ରେମ, ବିଶ୍ୱାସ, ଅନ୍ତର୍ଭୁକ୍ତ କରିବା ଓ ପ୍ରସାର କରିବା । ଆମର ସ୍ୱୀକାରୋକ୍ତି ଉକ୍ତିରେ ସେବାକାର୍ଯ୍ୟର ଦର୍ଶନ ଓ ସମସ୍ତ ଜୀବନର ସୁସମାଚାରରେ ଆମେ କିଛି ମୌଳିକ ଗଠନକୁ ବିଶଦରୂପେ ଯୋଜନା କରିଥାଉ ଯେ ସୁସମାଚାର କୈନ୍ଦ୍ରିକ ସେବାକାର୍ଯ୍ୟ ଆଜି ପାଶ୍ଚାତ୍ୟ ସଂସ୍କୃତିରେ କିପରି ଦେଖାଯିବା ଉଚିତ୍ ।

ଆମେ ଏକତ୍ର ଗମନ କରିବାର ପ୍ରଥମ ତିନିବର୍ଷରେ ଏହି ସୁସାମାଚାର କେନ୍ଦ୍ର ଚାରିପାଖରେ ଲୋକମାନଙ୍କର ଭିନ୍ନ ଭିନ୍ନ ଦଳକୁ ଏକତ୍ର କରିବାକୁ ଚେଷ୍ଟା କରିଥିଲୁ । ଆମର ସଭାଗୁଡ଼ିକ ସ୍ପୃହା ଜନ୍ମାଇବା ଓ ଉତ୍ସାହପ୍ରଦ ଥିଲା କାରଣ ସେଗୁଡ଼ିକ ଧର୍ମତାତ୍ତ୍ୱିକ ପରମ୍ପରା

ବା ଗୋଟିଏ ଦୁଇଟି କର୍ତ୍ତୃତ୍ୱକାରୀ ବ୍ୟକ୍ତିତ୍ୱ ଦ୍ୱାରା ନିୟନ୍ତ୍ରିତ ହୋଇ ନ ଥିଲା । ପୁଣି ଆମେ ଏହିସବୁ ଘଟଣାଗୁଡ଼ିକୁ ସମୟ ଦେଇଥିଲୁ, ଆମେ ପରସ୍ପର ପ୍ରତି ଅଧିକରୁ ଅଧିକ ଆସ୍ଥା ସ୍ଥାପନ କରିଥିଲୁ ପୁଣି ମନ ଓ ହୃଦୟରେ ଅଧିକ ଏକ ହୋଇଥିଲୁ ।

## କେନ୍ଦ୍ରରୁ ଭବିଷ୍ୟତ୍ ବାଣୀ

ଅଧିକ ସାମ୍ପ୍ରତିକ ଭାବରେ ଗସ୍‌ପେଲ୍ କୋଆଲିସନ୍ ସେବାକାର୍ଯ୍ୟର ଏକ ନୂତନ ଦିଗ ମଧ୍ୟକୁ ଗତି କରିଛି, ପୁଣି ସର୍ବାଧିକ ଦୃଶ୍ୟମାନ ଅଂଶଗୁଡ଼ିକ ହେଉଛି ଆମର ଜାତୀୟ ସମ୍ମିଳନୀ, ୱେବ୍‌ସାଇଟ୍ ଓ ଟିଜିସି ନେଟ୍‌ୱାର୍କ । ମାତ୍ର କେନ୍ଦ୍ରରୁ ଭବିଷ୍ୟତ୍ ବାଣୀ ଆଣିବା ପାଇଁ ଏଗୁଡ଼ିକ କେବଳ ମାଧ୍ୟମ ଅଟେ ।

ସୁସମାଚାରୀୟ ତମ୍ବୁ ପୂର୍ବାପେକ୍ଷା ଅଧିକ ବଡ଼ ଓ ଅଧିକ ଅସାମଞ୍ଜସ୍ୟ ଅଟେ । ଆମ୍ଭେମାନେ ଯେପରି ଲକ୍ଷ୍ୟ କରିଛୁ, ସେହିପରି ଏହାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଘଟଣା ପରିବର୍ତ୍ତନକାରୀ ପାଶ୍ଚାତ୍ୟ ସଂସ୍କୃତି ଯେଉଁଥିରେ ଆମେ ନିଜକୁ ପାଇଥାଉ । କେହି ଜଣେ ଯୁକ୍ତି କରିପାରିବେ ଯେ ଏହା ଏତେ କଷ୍ଟକର ବାତାବରଣ ଅଟେ ଯେଉଁଥିରେ ଗ୍ରିକୋ–ରୋମୀୟ ପୌତ୍ତଳିକ ଅପେକ୍ଷା ସେବାକାର୍ଯ୍ୟ କରାଯାଇପାରିବ ନାହିଁ, ବହୁଳ ଭାବରେ ଏହାର କାରଣ ହେଉଛି ଏହା ଖ୍ରୀଷ୍ଟିୟାନ୍ ପରବର୍ତ୍ତୀ ସମୟ ନୁହେଁ, ମାତ୍ର ଖ୍ରୀଷ୍ଟିୟାନ୍ ପୂର୍ବବର୍ତ୍ତୀ ସମୟ ଅଟେ । ଏହି ଆହ୍ୱାନ ହେତୁ ଖ୍ରୀଷ୍ଟୀୟ ମଣ୍ଡଳୀ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଛି । ଅନ୍ତତଃପକ୍ଷେ ତିନି ପ୍ରକାର ପ୍ରତିକ୍ରିୟା ଅଛି, ଯାହାକୁ କି ଜେମ୍‌ସ୍ ହଣ୍ଟର୍ ପ୍ୟୁରିଟି ଫ୍ରମ୍, ଡ଼ିଫେନ୍‌ସିଭ୍ ଏଗେନ୍‌ଷ୍ଟ, ଓ ରେଲିଭାଣ୍ଟ୍ ଟୁ ବୋଲି କହିଛନ୍ତି ।[୫]

ପ୍ୟୁରିଟି ଫ୍ରମ୍ ପ୍ରତିକ୍ରିୟାଗୁଡ଼ିକ ସେହି ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଓ ମଣ୍ଡଳୀଗୁଡ଼ିକରେ ଦେଖିବାକୁ ମିଳିଥାଏ, ଯେଉଁମାନେ ଭାବନ୍ତି ଯେ ସଂସ୍କୃତି ଉପରେ ଆମର କୌଣସି ବାସ୍ତବ ପ୍ରଭାବ ନ ଥିବ, ଯେ ସଂସ୍କୃତିକୁ ପ୍ରଭାବିତ କରିବା ପାଇଁ ସମସ୍ତ ଉଦ୍ୟମ କେବଳ କଳୁଷିତ କରିଥାଏ ଓ ଆମକୁ ସାଲିସ୍ କରିବାକୁ ଦେଇଥାଏ । ଡ଼ିଫେନ୍‌ସିଭ୍ ଏଗେନ୍‌ଷ୍ଟ ଦ୍ୱାରା ହଣ୍ଟର୍ ସେହି ବିଶ୍ୱାସୀମାନଙ୍କୁ ଉଲ୍ଲେଖ କରିଥାନ୍ତି ଯେଉଁମାନେ ଭାବନ୍ତି ଯେ ଆମେ ରାଜନୀତି ମାଧ୍ୟମରେ କିମ୍ବା ବିଶିଷ୍ଟ ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ ହେବା ମାଧ୍ୟମରେ ଓ ସେମାନଙ୍କ ଶକ୍ତିରେ ଅଧିକାର ବିସ୍ତାର କରିବା ମାଧ୍ୟମରେ ସଂସ୍କୃତି ପରିବର୍ତ୍ତନ କରିପାରିବା । ରେଲିଭେଣ୍ଟ୍ ଟୁ ଦ୍ୱାରା ସେ ଅନେକ ମୁଖ୍ୟ ପଥ, ଉତ୍ଥାନ ଓ ଖୁବ୍ ବଡ଼ ବଡ଼ ମଣ୍ଡଳୀ ପ୍ରସ୍ତୁତ କରନ୍ତି ଯାହାକି ଭାବିଥାଏ ଯେ ଅଧିକ ସମ୍ବେଦନଶୀଳ, କମ୍ ଯୁଦ୍ଧପ୍ରିୟ, ଓ ଅଧିକ ପ୍ରାସଙ୍ଗିକ ହେବା ଦ୍ୱାରା ଆମେ ସଂସ୍କୃତିକୁ ପରିବର୍ତ୍ତନ କରିପାରିବା, ସେଥିପାଇଁ ମଣ୍ଡଳୀ ମଧ୍ୟରେ ଯଥେଷ୍ଟ ଲୋକଙ୍କୁ ଲାଭ କରି ସଂସ୍କୃତିରେ ଏକ ପାର୍ଥକ୍ୟ ସୃଷ୍ଟି କରିପାରିବା । ବିଦ୍ରୁପାତ୍ମକ ଭାବରେ ଏହିସବୁ ବିଷୟ ଏବେସୁଦ୍ଧା ଆମର ଅତୀତ ଖ୍ରୀଷ୍ଟ ଜଗତ ଦ୍ୱାରା ପ୍ରଭାବିତ । ଏପରିକି ପ୍ୟୁରିଟି ଫ୍ରମ୍ ଦଳ ଖ୍ରୀଷ୍ଟ ଜଗତକୁ ସୁଦୃଢ଼ ଭାବରେ ଦୋଷାରୋପ କରିବା ଦ୍ୱାରା ତାହା ଜଣେ ବ୍ୟକ୍ତିଙ୍କ ପରି ଅଟେ ଯେ କି ଅତି ଭୟଙ୍କର ଭାବରେ ତାଙ୍କ ବାପାଙ୍କ ପରି ନ ହେବା ପାଇଁ ପ୍ରତିବଦ୍ଧ

ହେଉଛନ୍ତି, ଯେଉଁ ସମୟରେ ତାଙ୍କର ବାପା ସେତେବେଳେ ବି ମୌଳିକ ଭାବରେ ତାଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରୁଥିଲେ ।

କେନ୍ଦ୍ରରୁ ଭାବବାଣୀ କହିବାର ଅର୍ଥ କ'ଣ ? ଏହାର ଅର୍ଥ ହେଉଛି ଆମ ମଣ୍ଡଳୀଗୁଡ଼ିକୁ ସୁସମାଚାର କୈନ୍ଦ୍ରିକ କରିବା, ଯେପରି ଅନେକ ସନ୍ତୁଳନ ରକ୍ଷା ହୋଇପାରିବ ଯାହାକି ଅନ୍ୟ ବିଷୟରେ ନାହିଁ । ଆମର ସଂସ୍କୃତି ସହିତ ସମ୍ପର୍କରେ ଆମେ ବିଚ୍ଛିନ୍ନତାବାଦୀ କିମ୍ବା ବିଜୟୀ ହୋଇପାରିବା ନାହିଁ । ବିଶ୍ୱାସୀମାନେ (ସ୍ଥାନୀୟ ମଣ୍ଡଳୀ ନୁହେଁ) ଉଭୟ ପୁରାତନ ସାଂସ୍କୃତିକ ଅନୁଷ୍ଠାନରେ ଜୀବନଯାପନ କରିବାକୁ ଓ ନୂଆ, ଅଭିନବ ଅନୁଷ୍ଠାନ ଓ ନେଟ୍‌ୱାର୍କ ସ୍ଥାପନ କରବାକୁ ଚେଷ୍ଟା କରିବା ଉଚିତ୍, ଯାହାକି ବିଷୟଗୁଡ଼ିକ ବିଷୟରେ ଖ୍ରୀଷ୍ଟୀୟ ଜ୍ଞାନ ଆଧାରରେ ସାଧାରଣ ମଙ୍ଗଳ ପାଇଁ କାର୍ଯ୍ୟ କରିଥାଏ ।

ଆମର ସୁସମାଚାର ଯୋଗାଯୋଗରେ ଆମେ ମୂଳ ସାଂସ୍କୃତିକ ବର୍ଣ୍ଣନାକୁ ଉପେକ୍ଷା କରିବା ଉଚିତ୍ ନୁହେଁ କିମ୍ବା ସେହି ପ୍ୟାକେଜ୍‌କୁ ପରିବର୍ତ୍ତନ କରି ତାକୁ ପ୍ରାସଙ୍ଗିକକରଣ ବୋଲି କହିବା ଉଚିତ୍ ନୁହେଁ । ଆମେ ସ୍ଥାନୀୟ ମଣ୍ଡଳୀର ବଦଳ ହୋଇପାରୁ ନ ଥିବା ବିଷୟକୁ ସମର୍ଥନ କରିବା ଉଚିତ୍, ଯାହାର କି ସୁସମାଚାର ପ୍ରଚାର କରିବାର ଓ ଶିଷ୍ୟ କରିବାର କର୍ତ୍ତବ୍ୟ ଅଛି । ମାତ୍ର ଆମେ ମଧ୍ୟ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିବା ଉଚିତ୍ ଯେପରି ସେମାନେ ଜଗତରେ ଲବଣ ଓ ଆଲୋକ ପରି କାର୍ଯ୍ୟ କରିବେ । ଆମେ ବିଶ୍ୱାସ କରିଥାଉ, ଏସବୁ ସନ୍ତୁଳନ ସମସ୍ତଙ୍କ ନିମନ୍ତେ ସୁସମାଚାରର ଅର୍ଥର ଏକ ଅଗାଧ ବୋଧଶକ୍ତିରୁ ଆସିଥାଏ ।

ଆମେ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରକୁ ଯେତେ ଅଗ୍ରାଧିକାର ଦେଇଥାଉ ତାହା ହୁଏତ ତତ୍‌କ୍ଷଣାତ୍ ସେମାନଙ୍କ ପ୍ରତି ନିର୍ଭର ପ୍ରତିଶ୍ରୁତି ଦେବା ପରି ଜଣାଯାଇ ନ ପାରେ ଯେଉଁମାନେ ସୁସମାଚାର ଅର୍ଥର ଏକ ଭିନ୍ନ ମତ ଦିଅନ୍ତି । ବାକ୍ୟ ଉପରେ ଅନ୍ତତଃପକ୍ଷେ ଦୁଇଟି କଟକଣା ସାଧାରଣ ଭାବରେ ଲଦିଦିଆଯାଇଛି । ପ୍ରଥମେ କେହି କେହି ସୁସମାଚାରକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ, ମାତ୍ର ଅପେକ୍ଷାକୃତ ଭାବରେ ବାଇବଲର କ୍ଷୁଦ୍ର ଅଂଶ ବୋଲି ଭାବନ୍ତି । ଦ୍ୱିତୀୟରେ, ଅନ୍ୟମାନେ ସୁସମାଚାରକୁ ସେପରି ବୋଲି ଭାବନ୍ତି ଯାହାକି ଆମକୁ ଈଶ୍ୱରଙ୍କ ରାଜ୍ୟ ମଧ୍ୟକୁ ନେଇଯାଏ ଓ ଆମକୁ ଉଦ୍ଧାର କରିଥାଏ, ସେହି ସମୟରେ ବାଇବଲର ବିଷୟବସ୍ତୁରେ ଜୀବନ-ପରିବର୍ତ୍ତନକାରୀ ବିଷୟଗୁଡ଼ିକରେ କିଛି ଭିନ୍ନ ଜ୍ଞାନ, ଆଇନ୍, ଉପଦେଶ, ବର୍ଣ୍ଣନାତ୍ମକ ନମୁନା ଓ କ୍ଷୁଦ୍ର ଦଳ ଚିକିତ୍ସା ଥାଏ, ସୁସମାଚାର ନ ଥାଏ ।

ଏହାର ପ୍ରତିକ୍ରିୟା ଦୁଇଟି ଭାଗରେ ଆସିଥାଏ ।

*ଯୀଶୁ ଓ ସୁସମାଚାର ପ୍ରତି ପ୍ରବାହିତ ବାଇବଲସମ୍ମତ ଧର୍ମତତ୍ତ୍ୱ*

ପ୍ରଥମ ଭାଗ ହେଉଛି ଯେ ବାଇବଲସମ୍ମତ ଧର୍ମତତ୍ତ୍ୱ , ଯାହାକି ଯଥାର୍ଥରୂପେ ବୁଝାଯାଇଛି, ତାହା ବାଇବଲ ମାଧମରେ ଯୀଶୁଙ୍କ ଆଡ଼କୁ ଓ ସୁସମାଚାର ଆଡ଼କୁ ଗତି କରିଥାଏ, ଯାହାକି ସମସ୍ତ ପ୍ରକାଶନ ପୂରଣ କରି ଏହା ପ୍ରତି କଢ଼ାଇ ନେଇଥାଏ, ଯାହାକି ଏହା ମଧ୍ୟରେ

ବାଇବଲସମ୍ମତ ଚିନ୍ତାର ସମସ୍ତ ଧାରାକୁ ଏକତ୍ରିତ କରୁଛି । ଅବଶ୍ୟ ବାଇବଲସମ୍ମତ ଧର୍ମତତ୍ତ୍ୱ ବିଷୟରେ ଦାୟିତ୍ୱହୀନ ଓ ବିଭ୍ରାନ୍ତିକର ବିଷୟ ରହିଛି, ଯେପରି ପଦ୍ଧତିଗତ ଧର୍ମତତ୍ତ୍ୱର ଦାୟିତ୍ୱହୀନ ଓ ବିଭ୍ରାନ୍ତିକର ବିଷୟ ଥାଏ । ଆମେ ଯେଉଁ ଅନ୍ତିମ ବିଷୟ ଲୋଡ଼ୁ ତାହା ହେଉଛି ଏହି ଦୁଇ ବିଷୟରୁ ଗୋଟିଏ ଗୁଣକୁ ଉନ୍ନତ କରି ଅନ୍ୟଟିର ଦୁର୍ବଳତାକୁ ଗୁରୁତ୍ୱ ଦେବା, କାରଣ ଉଭୟ ଶୃଙ୍ଖଳ ସର୍ବୋତ୍ତମ ଭାବରେ ବିଶ୍ୱସ୍ତ ବାଇବଲସମ୍ମତ ବୋଧଗମ୍ୟତା ଓ ଜୀବନଯାପନ ପାଇଁ ବଡ଼ ଶକ୍ତି ଆଣିଥାଏ ।[୬] ଉଭୟ ଶୃଙ୍ଖଳ ସର୍ବୋତ୍ତମ ଭାବରେ ଶାସ୍ତ୍ରର ନିୟନ୍ତ୍ରଣ କରିବା ପାଇଁ ଲକ୍ଷ୍ୟ ରଖିଥା'ନ୍ତି, ଯେପରି ଆକ୍ଷରିକ ଭାବରେ ବାଇବଲର ଭିନ୍ନ ଭିନ୍ନ ଶୈଳୀ ପ୍ରତି ସ୍ୱର୍ଶକାତର ହୋଇପାରିବେ, ଭିନ୍ନ ଭିନ୍ନ ଶୈଳୀ ସେମାନଙ୍କ ଦାବି (ତୁଳନା, ଉଦାହରଣ, ଆଇନ୍, ବର୍ଣ୍ଣନା, ଓ ଜ୍ଞାନ ସାହିତ୍ୟ) କରିବା ବେଳେ ତାକୁ ନ୍ୟୁନ କରିବେ ନାହିଁ ।

ମାତ୍ର ଅଧିକରୁ ଅଧିକ ଭାବରେ ପଦ୍ଧତିଗତ ଧର୍ମତତ୍ତ୍ୱ ପାର୍ଥିବ ପ୍ରଶ୍ନଗୁଡ଼ିକ ପଚାରିଥାଏ ଓ ଉତ୍ତର ଦେଇଥାଏ । ଉଦାହରଣସ୍ୱରୂପ : ଈଶ୍ୱରଙ୍କ ଗୁଣଗୁଡ଼ିକ କ'ଣ? କ୍ରୁଶ କ'ଣ ଲାଭ କରିଥିଲା ? ପାପ କ'ଣ ? ଏହା ସମସ୍ତ ଶାସ୍ତ୍ର ମିଶାଇବାକୁ ଓ ବିସ୍ତୃତ ପ୍ରଶ୍ନଗୁଡ଼ିକ ସହିତ ପ୍ରତିକ୍ରିୟା ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଥିବାରୁ ଏହା ବ୍ୟବହାର କରୁଥିବା ବର୍ଗଗୁଡ଼ିକ ଭିନ୍ନ ଭିନ୍ନ ବାଇବଲସମ୍ମତ ପୁସ୍ତକ ବା ଲେଖକମାନଙ୍କ ବ୍ୟବହାରକୁ ଏହାକୁ ଅତିକ୍ରମ କରିଯିବାକୁ ପଡ଼ିବ । ଉଦାହରଣସ୍ୱରୂପ, ସୁଶୃଙ୍ଖଳବାଦୀଗଣ ନ୍ୟାୟପରାୟଣତାର ଧର୍ମତତ୍ତ୍ୱ ବିଷୟରେ କହନ୍ତି, ସେମାନେ ଭଲରୂପେ ଜାଣନ୍ତି ଯେ ଧାର୍ମିକତାର ଶବ୍ଦଗୁଡ଼ିକ ପାଉଲଙ୍କ ପତ୍ରଗୁଡ଼ିକରେ ଯେପରି କରିଥା'ନ୍ତି, ମାଥିଉରେ ଠିକ୍ ସେହିପରି କରନ୍ତି ନାହିଁ ସେମାନେ ଈଶ୍ୱରଙ୍କ ଆହ୍ୱାନର ଧର୍ମତତ୍ତ୍ୱ ବିଷୟରେ କହନ୍ତି, ଯେଉଁଠାରେ ଆହ୍ୱାନ ଭାଷା ବିଷୟରେ ସେହି ସମାନ୍ ପର୍ଯ୍ୟବେକ୍ଷଣକୁ ପ୍ରସ୍ତୁତ କରିବାକୁ ପଡ଼ିବ ।

ଅନ୍ୟ ଭାଷାରେ ଧର୍ମତାତ୍ତ୍ୱିକ ଶବ୍ଦଗୁଡ଼ିକ ଓ ବର୍ଗଗୁଡ଼ିକ ଯାହାକି ପଦ୍ଧତିଗତ ଧର୍ମତତ୍ତ୍ୱ ସ୍ଥାପନ କରିଥାଏ ସେଗୁଡ଼ିକ ଅନେକ ସମୟରେ ବାଇବଲସମ୍ମତ ବ୍ୟବହାରକୁ ଆନୁଷ୍ଠାନିକ ଭାବରେ ଅଧିକ୍ରମଣ କରିଥାଏ, ମାତ୍ର ସେଗୁଡ଼ିକ ହୁଏତ *ପାର୍ଥିବ ଭାବରେ* କେବଳ ଜଣେ ବାଇବଲସମ୍ମତ ଲେଖକଙ୍କଠାରୁ ସେମାନଙ୍କ ଅର୍ଥ ଆହରଣ କରିପାରନ୍ତି । ଆହୁରିମଧ ଈଶ୍ୱରଙ୍କ ଗୁଣଗୁଡ଼ିକ କ'ଣ ଅଟେ ? ଏହି ପ୍ରଶ୍ନଟି ଉଭୟ ସ୍ୱଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ଅଟେ, ମାତ୍ର ଘଟଣା ହେଉଛି ଯେ ବାଇବଲସମ୍ମତ କୌଣସି ପୁସ୍ତକ ଈଶ୍ୱରଙ୍କ *ଗୁଣଗୁଡ଼ିକ* ବିଷୟରେ କହେ ନାହିଁ । ପଦ୍ଧତିଗତ ଧର୍ମତତ୍ତ୍ୱର ସମସ୍ତ ପାଠକ ଦିଆଯାଇଥିବା ଏହି ଦତ୍ତ ବିଷୟଗୁଡ଼ିକୁ ବୁଝିପାରନ୍ତି ।

ଏହାର ବିପରୀତରେ ବାଇବଲସମ୍ମତ ଧର୍ମତତ୍ତ୍ୱ ଅଧିକରୁ ଅଧିକ ସେହି ପ୍ରଶ୍ନଗୁଡ଼ିକ ପଚାରନ୍ତି ଓ ଉତ୍ତର ଦିଅନ୍ତି ଯେଉଁଗୁଡ଼ିକ ନିର୍ଦ୍ଦିଷ୍ଟ ବାଇବଲସମ୍ମତ ପୁସ୍ତକର ଅବଦାନ ଓ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିଥାଏ, ପୁଣି ଏଗୁଡ଼ିକ ମୁକ୍ତିଦାୟକ ଇତିହାସର ସମୟରେଖାରେ ବିସ୍ତୃତ ହୋଇଛି । ଯଥାସମ୍ଭବ, ଯେଉଁ ବର୍ଗଗୁଡ଼ିକ ବ୍ୟବହୃତ ହୋଇଛି ସେଗୁଡ଼ିକ ବାଇବଲସମ୍ମତ ଉପକରଣଗୁଡ଼ିକ ମଧ୍ୟରେ ମିଳିଥାଏ । ତେଣୁ ବର୍ତ୍ତମାନ ଆମେ

ଦୁଇ ପ୍ରକାର ପ୍ରଶ୍ନ ପଚାରୁଛୁ ଓ ଉତ୍ତର ଦେଉଛୁ । (୧) ଆଦିପୁସ୍ତକର (କିମ୍ବା ଉପଦେଶକ, ଲୂକ ବା ରୋମୀୟ ପୁସ୍ତକର) ପ୍ରସଙ୍ଗଗୁଡ଼ିକ କ'ଣ ? ସେହି ପୁସ୍ତକଟି କିପରି ଭାବରେ ଏକତ୍ର ରଖାଯାଇଛି ? ଏହା କହୁଥିବା ବିଷୟଗୁଡ଼ିକ ବିଷୟରେ ଏହା କ'ଣ ଶିକ୍ଷା ଦିଏ ? ଯିଶାଇୟ ପୁସ୍ତକ ଆମକୁ ଈଶ୍ୱରଙ୍କ ବିଷୟରେ କ'ଣ କହେ, ଶିକ୍ଷା ଦିଏ ? (୨) ଏହି ପ୍ରସଙ୍ଗଗୁଡ଼ିକ କିପରି ଭାବରେ ମୁକ୍ତିର ଇତିହାସରେ ନିଜ ନିଜର ବିଷୟରେ ବାଇବଲର କାହାଣୀରେ ଖାପ ଖାଇଥାଏ ଓ ଅପ୍ରକାଶିତ ପ୍ରକାଶନକୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ନେଇଯାଇଥାଏ ? ଅପ୍ରକାଶିତ ବିଷୟଗୁଡ଼ିକ, ପ୍ରକ୍ଷେପ ପଥଗୁଡ଼ିକ କ'ଣ ଅଟେ, ଯାହାକି ସୃଷ୍ଟି ପ୍ରତି ଫେରି ଯୀଶୁଙ୍କ ପ୍ରତି ଯାଇ ସମ୍ପୂର୍ଣ୍ଣ ସମ୍ପନ୍ନ ହୋଇଥାଏ ?

ଗସ୍‌ପେଲ୍ କୋଆଲିସନ୍‌ର କାଉନ୍‌ସିଲ୍ ସଦସ୍ୟଗଣ ବାଇବଲର ସେହି ପ୍ରକାର ପଠନ ଓ ପ୍ରଚାରକୁ ଉତ୍ସାହିତ କରିବାକୁ ଇଚ୍ଛା କରନ୍ତି ଯାହାକି ପ୍ରକ୍ଷେପ ପଥଗୁଡ଼ିକୁ ଚିହ୍ନଟ କରିଥାଏ, ଯେପରି ଖ୍ରୀଷ୍ଟିୟାନମାନେ ଦେଖିପାରିବେ ଯେ କିପରି ବିଶ୍ୱସ୍ତରୂପେ ଓ କେତେ ଅନ୍ତର୍ଦୃଷ୍ଟିସମ୍ପନ୍ନ ହୋଇ ଶାସ୍ତ୍ର ପଠନ ବାଇବଲର ଧାରା ଓ ପ୍ରତିଜ୍ଞାଗୁଡ଼ିକ ଅନୁସରଣ କରି ଆମକୁ ଯୀଶୁଙ୍କ ପ୍ରତି ଓ ତାହାଙ୍କ ସୁସମାଚାର ପ୍ରତି ନେଇଯାଇପାରିବ । ଉଦାହରଣସ୍ୱରୂପ, ଆଦିପୁସ୍ତକ ସୃଷ୍ଟି ବିଷୟରେ ଯାହା କହେ ଆମେ ତା' ସହିତ ମୁକାବିଲା କରିପାରିବା ନାହିଁ, ଯେପରି ଏହା କେବଳ ପରିବେଶ ସମ୍ବନ୍ଧୀୟ ଦାୟିତ୍ୱ ବା କେବଳ ଆମର ବାସ୍ତବ ସ୍ଥିତିର ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିଲା, ଯଦିଚ ଏହିସବୁ ବିଷୟ ସତ୍ୟ ଓ ଏସବୁର କିଛି ଗୁରୁତ୍ୱ ରହିଛି। ଆଦିପୁସ୍ତକରେ ସୃଷ୍ଟି ଈଶ୍ୱରଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଧାରକମାନଙ୍କର ଦାୟିତ୍ୱ ସ୍ଥାପନ କରିଥାଏ ଓ ଆଦିପୁସ୍ତକ ୩ ଅଧ୍ୟାୟରେ ଥିବା ବିଶୃଙ୍ଖଳା ଓ ପ୍ରତିମାପୂଜା ପାଇଁ ସ୍ତର ସ୍ଥାପନ କରିଥାଏ, ଯାହାକି ପ୍ରତିବଦଳରେ *ସମ୍ପୂର୍ଣ୍ଣ ବାଇବଲର* ନାଟକ ପ୍ରସ୍ତୁତ କରିଥାଏ ।

ଶେଷରେ ଦୋଷାରୋପ ହୋଇଥିବା ମାନବ ଜାତିର ଆଶା ନାରୀର ବଂଶରେ ଅଛି, ଯେ କି ଆସି ଏକ ନୂତନ ସୃଷ୍ଟିରେ ଜଡ଼ିତ ହୋଇଥା'ନ୍ତି, ସେହି ସୃଷ୍ଟିର ଚରମସୀମାରେ ଏକ ନୂତନ ଆକାଶମଣ୍ଡଳ ଓ ଏକ ନୂତନ ପୃଥିବୀ ଅଛି। ମାତ୍ର ଆଦିପୁସ୍ତକ ୧-୨ ଅଧ୍ୟାୟରେ, ମନ୍ଦିର ପ୍ରତୀକ ସୃଷ୍ଟିର ଓ ଏହାର ବଗିଚାର ବର୍ଣ୍ଣନା ସହିତ ରହିଛି, ଯାହାକି ବାଇବଲ ମାଧ୍ୟମରେ ଏକ ସମ୍ପର୍କିତ ପ୍ରକ୍ଷେପ ପଥକୁ ପ୍ରତିଷ୍ଠା କରିଥାଏ : ସମାଗମ ତମ୍ବୁ ଓ ମନ୍ଦିର, ସେମାନଙ୍କ ଯାଜକୀୟ ଓ ଉତ୍ସର୍ଗୀକୃତ ପଦ୍ଧତିଗୁଡ଼ିକ ସହିତ, ନିର୍ବାସନର ଆକ୍ରମଣରେ ମନ୍ଦିରର ପତନ ଓ କେତେ ଦଶନ୍ଧି ପରେ ଏକ ଦ୍ୱିତୀୟ ମନ୍ଦିର ନିର୍ମାଣ ସହିତ ଘନିଷ୍ଠରୂପେ ଜଡ଼ିତ ହୋଇ ଯୀଶୁଙ୍କର ଦୃଢ଼ଦାବି ଆଡ଼କୁ କଢ଼ାଇ ନେଇଥାଏ ଯେ ସେ ସ୍ୱୟଂ ହିଁ ମନ୍ଦିର ଅଟନ୍ତି, ଅର୍ଥାତ୍ ଈଶ୍ୱର ଓ ପାପପୂର୍ଣ୍ଣ ମନୁଷ୍ୟ ଜାତି ମଧ୍ୟରେ ଏକ ସଭାସ୍ଥଳ ଅଟନ୍ତି (ଯୋହନ ୨:୧୯-୨୨) ।

ଟିକିଏ ଲାଗି ରହିଥିବା ପ୍ରକ୍ଷେପ ପଥ ସହିତ ମଣ୍ଡଳୀ ଈଶ୍ୱରଙ୍କ ମନ୍ଦିର ଅଟେ । ଚରମ ଦର୍ଶନରେ, ନୂତନ ଯିରୁଶାଲମରେ କୌଣସି ମନ୍ଦିର ନାହିଁ, କାରଣ ପ୍ରଭୁ ଈଶ୍ୱର ସର୍ବଶକ୍ତିମାନ୍ ଓ ମେଷଶାବକ ହିଁ ଏହାର ମନ୍ଦିର ଅଟନ୍ତି (ପ୍ରକା. ୨୧:୨୨) । ଇତିମଧ୍ୟରେ

ଏଦନ ଉଦ୍ୟାନରେ ଯେଉଁ ଉତ୍ତରାଧିକାର ପ୍ରତୀକ ଅଛି (ଆଦିପୁସ୍ତକ ୨) ତାକୁ ଉଠାଇ ନିଆଯାଇଛି ଓ ଚରମ ଦର୍ଶନରେ ଉପଯୋଗ କରାଯାଇଛି – ମାତ୍ର ଆମ ପାଇଁ ଅପେକ୍ଷାକୃତ ଏକ ଅଧିକ ଉତ୍ତମ ବଗିଚା ସୁରକ୍ଷିତ ରଖିବା ପାଇଁ କେବଳ ସ୍ୱୟଂ ଖ୍ରୀଷ୍ଟ ଏକ ଭିନ୍ନ ଉଦ୍ୟାନ, ଅର୍ଥାତ୍ ଗେଥ୍‌ସିମାନୀ ବିଗିଚା ଦେଇ ଗତି କରିବା ବେଳେ ତାହା ହୋଇଛି । ଏଗୁଡ଼ିକ ଓ ଅନ୍ୟ ଅନେକ ବଂଶ ଯେତେବେଳେ ମିଶିଯାଇ ଯେତେବେଳେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ କରି ଯୀଶୁ ଖ୍ରୀଷ୍ଟ ଓ ତାହାଙ୍କ ସୁସମାଚାର ପ୍ରତି ଆମକୁ ଆଣନ୍ତି, ସେତେବେଳେ ସେମାନଙ୍କ ପକ୍ଷରେ ଏଗୁଡ଼ିକ ଅନୁସରଣ କରିବା ସହଜ ହେବ ।

ତାହା ଆମକୁ ସେହିମାନଙ୍କ ପ୍ରତି ଆମ ପ୍ରତିକ୍ରିୟାର ଦ୍ୱିତୀୟ ଭାଗକୁ ଆଣିଥାଏ, ଯେଉଁମାନଙ୍କର ସୁସମାଚାର ବିଷୟରେ ଏକ ଛେଦନ ହୋଇଥିବା ମତ ଅଛି ।

*ଖ୍ରୀଷ୍ଟୀୟ ଜୀବନ ଓ ଚିନ୍ତାଧାରା ଯୀଶୁଙ୍କଠାରୁ ଓ ତାହାଙ୍କ ସୁସମାଚାରରୁ ପ୍ରବାହିତ ହେଉଛି*

ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଶାସ୍ତ୍ରର ସମସ୍ତ ପ୍ରକ୍ଷେପ ପଥକୁ କେବଳ ଏକତ୍ର କରି ନ ଥାଏ, ମାତ୍ର ନୂତନ ଚୁକ୍ତି ଅଧୀନରେ ସମସ୍ତ ଖ୍ରୀଷ୍ଟୀୟ ଜୀବନ ଓ ଚିନ୍ତାଧାରା ଯୀଶୁ ସମ୍ପନ୍ନ କରିଥିବା ବିଷୟରୁ ଆସିଥିଲା । ଏହି ସୁସମାଚାର କେବଳ ଈଶ୍ୱର ପାପୀମାନଙ୍କୁ ଧାର୍ମିକ କରନ୍ତି ଯେପରି ତାହାଙ୍କ ସମ୍ମୁଖରେ ଆମର ପଦବୀ ସୁରକ୍ଷିତ ହେବ ବୋଲି ଘୋଷଣା କରେ ନାହିଁ, ମାତ୍ର ସେ ଆମକୁ ପୁନଃପ୍ରସ୍ତୁତ କରନ୍ତି ଓ ଆପଣାର ପରିତ୍ରାଣକାରୀ ରାଜ୍ୟରେ ପ୍ରତିଷ୍ଠା କରନ୍ତି ବୋଲି ମଧ୍ୟ ଘୋଷଣା କରିଥାଏ । ସୁସମାଚାର ଆଇନ୍, ଈଶ୍ୱରଙ୍କ ସମ୍ମୁଖରେ ଆମର ସ୍ଥିତି ଅପେକ୍ଷା ଅଧିକ ବିଷୟରେ ମୁକାବିଲା କରିଥାଏ, କାରଣ ଈଶ୍ୱରଙ୍କ ଶକ୍ତି ହିଁ ପରିତ୍ରାଣ ଆଣିଥାଏ (ରୋମୀ. ୧:୧୮) – ଏକ ବ୍ୟାପକ ପରିବର୍ତ୍ତନ । ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ଦ୍ୱାରା ପ୍ରତ୍ୟେକ ବିଷୟ ସୁରକ୍ଷିତ ରହିଛି ପ୍ରତ୍ୟେକ ବିଷୟ ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇଛି, ଯାହାଙ୍କୁ ସେ ହସ୍ତାର୍ପଣ କରିଛନ୍ତି ସ୍ୱୟଂ ଈଶ୍ୱର ଯେପରି ଏହି ମହାନ୍ ପରିତ୍ରାଣକୁ ସ୍ଥାପନ କରିଅଛନ୍ତି, ପ୍ରତ୍ୟେକ ବିଷୟ ତାହା ପ୍ରକାଶ କରିଥାଏ ।

ବିଶେଷରୂପେ କଥା କହିବା ହିଁ ସେହି ଉଦ୍ଦେଶ୍ୟମୂଳକ ଖଣ୍ଡବାକ୍ୟ ଯାହାକି ଖ୍ରୀଷ୍ଟୀୟ ନିୟମାବଳୀର ଭିତ୍ତିମୂଳ ଅଟେ । ଆମେ ଅନ୍ୟମାନଙ୍କୁ କ୍ଷମା କରିଥାଉ, କାରଣ ଆମକୁ କ୍ଷମା କରାଯାଇଛି (କଲ. ୩:୧୩; ମାଥି. ୬:୧୨-୧୫; ମାର୍କ ୧୧:୨୫) । ଆମେ ନମ୍ରତାର ସହିତ ଗମନାଗମନ କରିଥାଉ, କାରଣ ଆମର ଉଦ୍ଧାରକର୍ତ୍ତା ଈଶ୍ୱର ଭାବରେ ଆପଣା ଅଧିକାରକୁ ପରିତ୍ୟାଗ କରି ଓ ଆମ ପାଇଁ ମୃତ୍ୟୁବରଣ କରିବା ଦ୍ୱାରା ଯେପରି ନମ୍ରତା ପ୍ରଦର୍ଶନ କରିଥିଲେ, ସେହିପରି ନମ୍ରତା କେହି କେବେ ପ୍ରଦର୍ଶନ କରି ନାହାନ୍ତି (ଫିଲି. ୨:୩-୮) । ଆମ୍ଭେମାନେ ଈଶ୍ୱରପରାୟଣ ଲୋକମାନଙ୍କ ଗହଣରେ ପ୍ରେମ ପ୍ରଦର୍ଶନ କରି ଜୀବନଯାପନ କରିବାକୁ ଇଚ୍ଛା କରିଥାଉ, କାରଣ ପ୍ରେମରେ ହିଁ ପିତା ସ୍ଥିର କରିଥିଲେ ଯେ ସମସ୍ତେ ପିତାଙ୍କୁ ଯେପରି ଗୌରବାନ୍ୱିତ କରନ୍ତି ପୁତ୍ରଙ୍କୁ ମଧ୍ୟ ସେହିପରି ଗୌରବାନ୍ୱିତ କରିବା ଉଚିତ୍, ପୁଣି ଆପଣା ପିତାଙ୍କ ପ୍ରତି ପ୍ରେମ ହେତୁ ପିତାଙ୍କ ଇଚ୍ଛା ସାଧନ କରିବା

ପାଇଁ ପୁତ୍ର କ୍ରୁଶବିଦ୍ଧ ହୋଇଥିଲେ (ଯୋହନ ୫:୨୦, ୨୩; ୧୪:୩୦–୩୧) । ପବିତ୍ରତା ପାଇଁ ଆମର କ୍ଷୁଧା ଅଛି, ଯାହା ବିନା କେହି ପ୍ରଭୁଙ୍କୁ ଦେଖିବେ ନାହିଁ, କାରଣ ସେହି ପବିତ୍ର ବ୍ୟକ୍ତି କେବଳ ତାଙ୍କ ପିତାଙ୍କ ସମ୍ମୁଖରେ କେବଳ ଆମର ସ୍ଥିତିକୁ ପ୍ରତିଷ୍ଠା କରି ନାହାନ୍ତି, ମାତ୍ର ଆମକୁ ପବିତ୍ର କରିବା ପାଇଁ କାର୍ଯ୍ୟ କରୁଅଛନ୍ତି (ଏବ୍ରୀ ୧୨:୧୪; ଫିଲି. ୨:୧୨–୧୩) ।

ବିଭିନ୍ନ ପ୍ରକାର ପ୍ରତିମାପୂଜା ଓ ବିରୁଦ୍ଧାଚରଣର ସମସ୍ତ ଦୁଷ୍ଟ କ୍ଷତିକାରକ ଉଦ୍ଦେଶ୍ୟ ଉପରେ ଯେପରି ନିର୍ଭୁଲ୍ ଭାବରେ ଖ୍ରୀଷ୍ଟଙ୍କ ସୁସମାଚାର ଜୟଲାଭ କରିଥାଏ, ସେହିପରି ଆମେ ଆମର ଉଦ୍ଧାରକର୍ତ୍ତା ଓ ପ୍ରଭୁ, ଯୀଶୁଙ୍କ ପରି ଜୀବନଯାପନ କରିବାକୁ କ୍ଷୁଧିତ, ଆମ ଘରେ, ଆମ ଜଗତରେ ଆମର ବ୍ୟକ୍ତିଗତ ଜୀବନରେ ବାସ କରୁଛୁ (ଗାଲା. ୫:୧୬–୨୬; ଏଫି. ୪:୧୭–୬:୧୮) । ଦୁଃଖଭୋଗ କରିବା ମାଧ୍ୟମରେ ଆମେ ଆଜ୍ଞାବହତା ଶିକ୍ଷା କରିଥାଉ, କାରଣ ଆମର ଅଗ୍ରଜଗଣ ଆମ ପୂର୍ବରୁ ଏହି ପଥରେ ଯାଇଥିଲେ (ଏବ୍ରୀ ୫:୮; ୧୨:୧–୪) । ଏଗୁଡ଼ିକ ଓ ଅନ୍ୟ ଅନେକ ସମାନ୍ ପ୍ରସଙ୍ଗଗୁଡ଼ିକ ପୁଲ୍‌ପିଟ୍‌ରୁ ଓ ବାଇବଲ ଅଧ୍ୟୟନରେ ଉନ୍ମୁକ୍ତ ପୁଙ୍ଖାନୁପୁଙ୍ଖ ବିଷୟ ଚିତ୍କାର କରି କହିଥାଏ । ଏହି ସୁସମାଚାରରେ ଏତେ ସଂଖ୍ୟକ ପରିବର୍ତ୍ତନ ଥିବା ବିଷୟ ଯେ ଆମର ରକ୍ତ–କ୍ରୀତ ସ୍ଥିତିର କେନ୍ଦ୍ରୀୟ ବିଷୟ ଅଟେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ସଂକ୍ଷିପ୍ତରେ କହିଲେ, ସୁସମାଚାର–କୈନ୍ଦ୍ରିକ ସେବାକାର୍ଯ୍ୟ ବାଇବଲସମ୍ମତ ଅଧିକାର ଅଟେ । ଏହା ହିଁ ସେବାକାର୍ଯ୍ୟର ଏକମାତ୍ର ପ୍ରକାରଭେଦ ଯାହାକି ଏକସଙ୍ଗେ ମନୁଷ୍ୟର ଆବଶ୍ୟକତାକୁ ଈଶ୍ୱରଙ୍କ ଦୃଷ୍ଟିରେ ଦେଖିଥାଏ, ପରବର୍ତ୍ତୀ ଶତାବ୍ଦୀଗୁଡ଼ିକୁ ଓ ଅନ୍ୟ ସଂସ୍କୃତିଗୁଡ଼ିକରେ ସୁସମାଚାରକୁ ଅକ୍ଷତ ଭାବରେ ପ୍ରଚାର କରିଥାଏ, ଓ ସ୍ୱୟଂ ଯୀଶୁ ଯେଉଁ ବିଷୟକୁ କେନ୍ଦ୍ରୀୟ ବିଷୟ କରିଅଛନ୍ତି ତାକୁ କେନ୍ଦ୍ରୀୟ ବିଷୟ କରିଥାଏ ।

୨

# ଆମେ କ'ଣ ସତ୍ୟ ଜାଣିପାରିବା?

*ରିଚାର୍ଡ୍ ଡ଼ି, ଫିଲିପ୍ସ୍*

ଅତି ଜଣାଶୁଣା ବାଇବଲ ଶିକ୍ଷକ, ଜେମ୍ସ୍ ମୋଣ୍ଟ୍‌ଗୋମେରି ବୋଇସ୍ ଥରେ ଉଡ଼ାଜାହାଜରେ ଯାତ୍ରା କରୁଥିଲା ବେଳେ ତାଙ୍କ ନିକଟରେ ବସିଥିବା ଜଣେ ମହିଳା ଜାଣିବାକୁ ପାଇଲେ ଯେ ସେ ଜଣେ ଖ୍ରୀଷ୍ଟୀୟ ସେବକ ଥିଲେ । ସେ ଖ୍ରୀଷ୍ଟୀୟ ବିଶ୍ୱାସ ବିରୁଦ୍ଧରେ ତାଙ୍କର ଥିବା ସମସ୍ତ ଅଭିଯୋଗ ଆଣି ପ୍ରତିକ୍ରିୟା ପ୍ରକାଶ କରିଥିଲେ । ପ୍ରଥମେ, ସେ ମୂଳ ପାପ ବିରୁଦ୍ଧରେ କହିଲେ, ଏହାର କିପରି ଭାବରେ କୌଣସି ଅର୍ଥ ହିଁ ନ ଥିଲା ଓ ସେ କିପରି ଭାବରେ ଏହାକୁ ଗ୍ରହଣ କରିପାରୁ ନାହାନ୍ତି । ବୋଇସ୍ ତାଙ୍କ କଥା ଶୁଣିଲେ ଓ ତା'ପରେ ଉତ୍ତର ଦେଲେ, ଓଃ, ଏମିତି କଥା, ଏହା ସତ କି ?

ତା'ପରେ ସେ ବିଚାର ଓ ନର୍କର ଧାରଣା ବିଷୟରେ କହିଲେ, ସେ କହିଲେ ଏହା କିପରି ଭାବରେ ଅସଭ୍ୟ ଓ ଅନୈତିକ ଥିଲା । ବୋଇସ୍ ଉତ୍ତର ଦେଲେ, ଆପଣଙ୍କ ଅନୁଭବ ମୁଁ ଜାଣିପାରେ, ମାତ୍ର ଏହା ସତ କି ?

ଶେଷରେ, ସେ ବାଇବଲରେ ଦିଆଯାଇଥିବା ପ୍ରତ୍ୟେକ ଶିକ୍ଷା ପ୍ରତି ତାଙ୍କର ଘୃଣାଭାବକୁ ସ୍ପଷ୍ଟରୂପେ ବ୍ୟକ୍ତ କରିଥିଲେ, କିପରି ଏହା ଆଧୁନିକ ନ ଥିଲା ଓ ତାଙ୍କର ଚିନ୍ତାଧାରା ଅନୁଯାୟୀ ନ ଥିଲା । ବୋଇସ୍ ଶେଷଥର ପାଇଁ ତାଙ୍କ ମୁହଁ ଖୋଲିଲାବେଳେ ସେ ବାଧା ଦେଇ କହିଲେ, ଓଃ, ମୁଁ ଜାଣେ, ମୁଁ ଜାଣେ, ସେସବୁ ବଡ଼ ବିଷୟ ନୁହେଁ ! ଆପଣ କହିବାକୁ ଯାଉଛନ୍ତି 'ଏହା ସତ କି ?'

ସେହି କଥାବାର୍ତ୍ତା ପ୍ରାୟ ୧୯୯୦ ମସିହାରେ ହୋଇଥିଲା । ମୁଁ ଭାବେ ଯେ ଏହି କଥାବାର୍ତ୍ତା ଯଦି ୨୦୧୦ ମସିହାରେ ହୋଇଥା'ନ୍ତା, ତେବେ ଏହାର ଅନ୍ତ ହୁଏତ ବହୁତ ଭିନ୍ନ ହୋଇଥା'ନ୍ତା । ସେହି ମହିଳା ସତ୍ୟ ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ ବିଷୟକୁ ସତ୍ୟ ବୋଲି ସ୍ୱୀକାର କରିବା ପରିବର୍ତ୍ତେ ସେହି କଥାବାର୍ତ୍ତାକୁ ହୁଏତ ଭିନ୍ନ ଭାବରେ ଗ୍ରହଣ କରିଥା'ନ୍ତେ : ଆପଣ କିପରି ଭାବରେ ଦାବି କରନ୍ତି ଯେ ଆପଣଙ୍କ ବିଶ୍ୱାସ ସତ୍ୟ ଅଟେ ବୋଲି ? କେହି ଜଣେ ବି ବାସ୍ତବରେ ସତ୍ୟ କ'ଣ ତାହା ଜାଣିପାରିବେ ନାହିଁ, ତେଣୁ ଏ ବିଷୟରେ ମୁଁ ଯାହା ଅନୁଭବ କରେ ତାହା ହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

ବିଷୟଟି ହେଉଛି ଯେ ଖ୍ରୀଷ୍ଟିୟାନମାନଙ୍କୁ ଆଜି ଏହି ଅତ୍ୟାଧୁନିକ ପିଢ଼ିଗୁଡ଼ିକରେ ସୁସମାଚାର ପ୍ରଚାର କରିବାକୁ ହେଲେ, ଆମକୁ ସରଳ ଭାବରେ ସତ୍ୟ ବ୍ୟକ୍ତ କରିବା ଅପେକ୍ଷା ଅଧିକ କିଛି କରିବାକୁ ପଡ଼ିବ । ଅନେକ କ୍ଷେତ୍ରରେ ଆମର ବାଇବଲ ଧରି ବିଖ୍ୟାତ ରୋମୀୟ ପଥକୁ ଯାଇ ଅନେକ ସୁସମାଚାରୀୟ ପଦ କହିଲେ ଯଥେଷ୍ଟ ହେବ ନାହିଁ । ଅଧିକନ୍ତୁ, ଓ ଅନେକ ସମୟରେ ପୂର୍ବପ୍ରସ୍ତୁତିସ୍ୱରୂପ ଆମକୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ

ପଢ଼ିବ, ଯେପରି, ବାଇବଲ ସତ୍ୟ ବୋଲି ମୁଁ କାହିଁକି ଗ୍ରହଣ କରିବା ଉଚିତ୍ ? ପୁଣି ଆପଣଙ୍କ ପାଇଁ ତାହା ସତ୍ୟ ହୋଇପାରେ, ମାତ୍ର ଅନ୍ୟ ପାଇଁ କାହିଁକି ତାହା ସତ୍ୟ ହେବ ? *ଜ୍ଞାନତତ୍ତ୍ୱ* ବିଷୟରେ ପ୍ରଶ୍ନଗୁଡ଼ିକ ଅଛି, ତାହା ହେଉଛି ଜ୍ଞାନ ଓ ସତ୍ୟ ବିଷୟରେ ଆମର ବିଶ୍ୱାସ ଓ ଅନୁମାନ । ଖ୍ରୀଷ୍ଟୀୟ ସତ୍ୟ ପ୍ରତି ଆମର ସାକ୍ଷ୍ୟ ଦେବା ପୂର୍ବରୁ ଅନେକ ସମୟରେ ଆମକୁ ସତ୍ୟ ବିଷୟରେ ସ୍ପଷ୍ଟ ଖ୍ରୀଷ୍ଟୀୟ ମତ ଉପସ୍ଥାପନ କରିବାକୁ ପଡ଼ିବ ।

ସତ୍ୟ ବିଷୟରେ ଜ୍ଞାନ ପ୍ରତି ଏକ ସୁସମାଚାରୀୟ କାର୍ଯ୍ୟ ଈଶ୍ୱରଙ୍କ ବିଷୟରେ, ମାନବଜାତି ବିଷୟରେ, ପାପ, ପରିତ୍ରାଣ ଓ ଆହୁରି ଅନେକ ବିଷୟ ବିଷୟରେ ଆମର ବାଇବଲସମ୍ମତ ହୃଦ୍‌ବୋଧକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ହେବ । କେହି କେହି ହୁଏତ ଅଭିଯୋଗ କରିବେ ଯେ ଆମ ବିଶ୍ୱାସରେ ଆରମ୍ଭ କରିବା ଦ୍ୱାରା ପ୍ରଶ୍ନ ମଧ୍ୟରେ ମାନସିକ ଅନ୍ତର୍ନିହିତତା ପ୍ରବେଶ କରିଥାଏ, କାରଣ ଆମର ସତ୍ୟ ବିଷୟକ ତତ୍ତ୍ୱ ନିର୍ଦ୍ଦିଷ୍ଟ ସତ୍ୟଗୁଡ଼ିକୁ ପୂର୍ବାନୁମାନ ଦେଇଥାଏ । ଆମର ଉତ୍ତର ହେଉଛି ଯେ ଖ୍ରୀଷ୍ଟିୟାନ ଭାବରେ ଆମେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆମର ସମ୍ପର୍କ ମାଧ୍ୟମରେ ଆମେ ଯିଏ ବା ଯାହା ଅଟୁ ସେହି ବାସ୍ତବତାକୁ ଏଡ଼ାଇ ପାରିବା ନାହିଁ ।

ତା'ପରେ ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ଏକ ବସ୍ତୁନିଷ୍ଠ ଜ୍ଞାନତତ୍ତ୍ୱ ଉପସ୍ଥାପନ କରିବା ନୁହେଁ ଯାହାକି ଖ୍ରୀଷ୍ଟିୟାନ୍ ହୁଅନ୍ତୁ ବା ନ ହୁଅନ୍ତି ଯେ କେହି ଆହରଣ କରିବେ । ବରଂ ଏହା ସତ୍ୟ ବିଷୟକ ଜ୍ଞାନ ପ୍ରତି ଏକ ଦୃଷ୍ଟିକୋଣ ଉପସ୍ଥାପନ କରିବ ଯାହାକି ଆମ ସୁସମାଚାର ବିଶ୍ୱାସର କେନ୍ଦ୍ରୀୟ ବିଶ୍ୱାସକୁ ପ୍ରତିଫଳନ କରିଥାଏ ଓ ଖ୍ରୀଷ୍ଟିୟାନ୍ ବିଶ୍ୱାସୀ ଭାବରେ ଆମର ଅନୁଭୂତିକୁ ଅନୁମୋଦନ କରିଥାଏ । ଅନ୍ୟ ଭାଷାରେ, ଏହି ଅଧ୍ୟାୟ ଉପସ୍ଥାପନ କରିଥାଏ ଯେ ଖ୍ରୀଷ୍ଟିୟାନ୍ ଭାବରେ ଆମେ ସତ୍ୟର ଜ୍ଞାନ ବିଷୟରେ ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଦେଇଥାଉ ।

କେହି କେହି ପଚାରିବେ, ଆମର ଅବିଶ୍ୱାସୀ ପ୍ରତିବାସୀମାନଙ୍କୁ ବସ୍ତୁନିଷ୍ଠ ଜ୍ଞାନତତ୍ତ୍ୱର ସାଧାରଣ ଭିତ୍ତିଭୂମି ଉପରେ ସାକ୍ଷାତ କରିବା କ'ଣ ଉତ୍ତମ ହେବ ନାହିଁ ? ଉତ୍ତର ହେଉଛି ଯେ ଏପରି କୌଣସି ବସ୍ତୁନିଷ୍ଠ ସାଧାରଣ ଭିତ୍ତିଭୂମିର ସ୍ଥିତି ନାହିଁ ଯାହାକି ଖ୍ରୀଷ୍ଟିୟାନମାନଙ୍କୁ ଯୀଶୁଙ୍କର ପ୍ରଭୁତ୍ୱକୁ ଉପେକ୍ଷା କରିବା ଆବଶ୍ୟକ କରେ ନାହିଁ । ଆମେ ବିଶ୍ୱସ୍ତ ରୂପେ ଏହା କରିପାରିବା ନାହିଁ । ତେଣୁ ଆମର କ'ଣ ହତାଶ ହୋଇ କେବଳ ଏହି କଥା କହିବା ପାଇଁ ଅଛି, ବୁଝିବା ପାଇଁ ଆପଣଙ୍କୁ ପୁନର୍ଜନ୍ମପ୍ରାପ୍ତ ହେବାକୁ ପଡ଼ିବ ? ମୋଟେ ନୁହେଁ! ଖ୍ରୀଷ୍ଟିୟାନମାନଙ୍କୁ ଯେପରି ଜଗତରେ ଏକ ସୁସମାଚାର ବାର୍ତ୍ତା କହିବା ପାଇଁ ଅଛି, ଆମର ମଧ୍ୟ ଜାଣିବା ଓ ସତ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକ ପାଇଁ ଏକ ଈଶ୍ୱରକୈନ୍ଦ୍ରିକ ଓ ଖ୍ରୀଷ୍ଟକୈନ୍ଦ୍ରିକ ଉତ୍ତର ଅଛି ।

## ଆଜିର ସତ୍ୟର ସଙ୍କଟ

ସତ୍ୟର ଜ୍ଞାନ ବିଷୟକ ଦୁଇଟି ନମୁନା ବା ତତ୍ତ୍ୱ ମଧ୍ୟରେ ଆମେ ଏକ ଐତିହାସିକ ଚିନ୍ତାରେ ବାସ କରୁଛୁ : *ଆଧୁନିକ* ଓ *ଅତ୍ୟାଧୁନିକ* । ଆଧୁନିକତା ଅନେକ ପିଢ଼ି ଧରି ସ୍ଥିର ହୃଦ୍‌ବୋଧ

ଉପରେ ଗତି କରିଥିଲା ଯେପରି ଅଣସାହାଯ୍ୟପ୍ରାପ୍ତ ମାନବ ଜ୍ଞାନ ସଫଳତାର ସହିତ ଜ୍ଞାନକୁ ବୃଦ୍ଧି କରିବ ଓ ସତ୍ୟ ପ୍ରୟୋଗ କରିବ । ଠିକ୍ ସେହିପରି ଭାବରେ ଆଇଜାକ୍ ନିଉଟନ୍‌ଙ୍କ ଭୌତିକ ବିଜ୍ଞାନ ମାଧ୍ୟାକର୍ଷଣର ସତ୍ୟ ବିଷୟରେ ଜ୍ଞାନ ଉତ୍ପନ୍ନ କରିଥିଲା, ଜୀବନର ପ୍ରତି ପ୍ରକୃତ କ୍ଷେତ୍ରରେ ଆଧୁନିକତା ସତ୍ୟ ପ୍ରତି ଯୁକ୍ତିଯୁକ୍ତ ଅଗ୍ରଗତିରେ ବିଶ୍ୱାସ କରିଥିଲା ।

ସେହି ଅଟଳ ହୃଦ୍‌ବୋଧ ବିଂଶ ଶତାବ୍ଦୀର ବାସ୍ତବତା ଦୋହଲାଇ ଦେବା ପର୍ଯ୍ୟନ୍ତ ଏହା ଜାରି ରହିଥିଲା । ନାଜି–ଜର୍ମାନୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସାମ୍ୟବାଦ ବା ପାଶ୍ଚାତ୍ୟ ସାମ୍ରାଜ୍ୟବାଦର ର ସତ୍ୟଗୁଡ଼ିକରେ ଅଣସାହାଯ୍ୟପ୍ରାପ୍ତ ଯୁକ୍ତିଯୁକ୍ତ ବିଷୟ ଏତେ ଭଲରୂପେ ପରିବର୍ତ୍ତିତ ହୋଇ ନ ଥିଲା । କିମ୍ବା ସାହାଯ୍ୟପ୍ରାପ୍ତ ହୋଇ ନ ଥିବା କାରଣ ବାଇବଲକୁ ଓ ଏହାର ସୁସମାଚାରକୁ ଅତି ସନ୍ତୋଷଜନକ ଭାବରେ ପ୍ରକ୍ରିୟାକରଣ କରି ନ ଥିଲା ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଯୀଶୁଙ୍କର ବାଇବଲସମ୍ମତ ସଂସ୍କରଣକୁ ଏହାର ନିଜର ପ୍ରତିମୂର୍ତ୍ତିରେ ବିଭିନ୍ନ ଭାବରେ ଚିତ୍ରଣ କରିଥାଏ ।

ଏପରିକି ଯେତେବେଳେ ଆଧୁନିକ ଚିନ୍ତାଧାରା ବିଶିଷ୍ଟ ଖ୍ରୀଷ୍ଟିୟାନମାନେ ବାଇବଲର ଶିକ୍ଷାକୁ ସମର୍ଥନ କରିବା ପାଇଁ ଯୁକ୍ତିବାଦକୁ ବ୍ୟବହାର କରିବାକୁ ଇଚ୍ଛା କରନ୍ତି, ସେତେବେଳେ ଚିନ୍ତାଶୀଳ ଖ୍ରୀଷ୍ଟିୟାନମାନେ ଦେଖିବାକୁ ପାଇଛନ୍ତି ଯେ ସମ୍ପୂର୍ଣ୍ଣ ସତ୍ୟ ପ୍ରତି ଯୁକ୍ତିଯୁକ୍ତ ପନ୍ଥା ଖ୍ରୀଷ୍ଟୀୟ ନମ୍ରତା, ବଦାନ୍ୟତା, ଓ ପାପର ମାନବ ସମସ୍ୟା ବିଷୟରେ ଆମର ଶିକ୍ଷା ସହିତ ଅତି ଦୟନୀୟ ଅଟେ । ଖ୍ରୀଷ୍ଟୀୟ ସାକ୍ଷ୍ୟ ଏକବିଂଶ ଶତାବ୍ଦୀ ମଧ୍ୟକୁ ଗତି କରିବା ବେଳେ, ଅତଏବ, ଆମେ ଯଥାର୍ଥରୂପେ ନିଜ ନିଜକୁ ଆଧୁନିକତାର ଯୁକ୍ତିତର୍କରୁ ଦୂରେଇ ରଖିବାକୁ ଚେଷ୍ଟା କରିଛୁ ।

*ଅତ୍ୟାଧୁନିକ ଅନ୍ତର୍ଦୃଷ୍ଟିକୁ ପସନ୍ଦ କରିବା*

ଧର୍ମନିରପେକ୍ଷ ଚିନ୍ତାଧାରାରେ, ଆଧୁନିକତାରେ ଆତ୍ମବିଶ୍ୱାସ ଯେପରି ଭାଙ୍ଗି ଯାଇଛି ତାହା ଏକ ବିଦ୍ରୋହୀ କିଶୋରାବସ୍ଥାର ପରିଣାମକୁ, ଅତ୍ୟାଧୁନିକତାକୁ ବହୁସଂଖ୍ୟାରେ ଉତ୍ପାଦନ କରିଛି, ଯେଉଁମାନଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଆଧୁନିକ ବିଷୟକୁ ଧ୍ୱଂସ କରିବା । ପ୍ରାୟ ଘଟଣାକ୍ରମେ, ଅତ୍ୟାଧୁନିକତା ଖ୍ରୀଷ୍ଟିୟାନ୍ ଚିନ୍ତାଧାରାକୁ ମଧ୍ୟ ସମାଲୋଚନା କରିଛି । ଡ଼ି.ଏ. କାର୍ସନ୍ ମଧ୍ୟ ଅତ୍ୟାଧୁନିକ ସମାଲୋଚନାରେ ଅନେକ ସଂଖ୍ୟକ ଶକ୍ତିକୁ କ୍ରମାନ୍ୱୟରେ ସଜ୍ଜିତ କରିଛନ୍ତି, ଏପରିକି ଯେତେବେଳେ ଏହା ଧର୍ମତତ୍ତ୍ୱ ଓ ଦୁଃଖପ୍ରକାଶ ପୂର୍ବକ ସାମ୍ପ୍ରତିକ ସୁସମାଚାର ପ୍ରଚାର ପ୍ରତି ପ୍ରୟୋଗ ହୋଇପାରିବ ।[୯]

ପ୍ରଥମେ, ଖ୍ରୀଷ୍ଟିୟାନମାନେ ସେହି ଭୂମିକାକୁ ସ୍ୱୀକାର କରିବା ଉଚିତ୍ ଯାହାକି ପ୍ରତ୍ୟେକଙ୍କ ବୋଧଗମ୍ୟତା ଓ ବିଶ୍ୱାସରେ କାର୍ଯ୍ୟ କରିଥାଏ । ସତ୍ୟ ମଧ୍ୟ ପ୍ରକୃତ ବ୍ୟକ୍ତିଙ୍କ ଦ୍ୱାରା ଧରାଯାଇଥିଲା, ପୁଣି ସେହି ବ୍ୟକ୍ତିଗଣ ସଂସ୍କୃତି, ଭାଷା, ପରମ୍ପରା, ଓ ସମ୍ପ୍ରଦାୟ ଦ୍ୱାରା ଗଭୀର ଭାବରେ ଆକୃତି ପ୍ରାପ୍ତ ହୋଇଛନ୍ତି । ପଶ୍ଚିମ ଦେଶର ଜଣେ ଅଧିବାସୀ ଶାସ୍ତ୍ରର ଏକ ପରିଚ୍ଛେଦକୁ କିପରି ପଢ଼ନ୍ତି ଓ ଆଫ୍ରିକାର ସାହାରା ମରୁଭୂମିର ଜଣେ ଖ୍ରୀଷ୍ଟିୟାନ୍

ସେହି ସମାନ୍ ପରିଚ୍ଛେଦକୁ କିପରି ପଢ଼ନ୍ତି ସେଥିରେ ଉଭୟ ଶକ୍ତି ଓ ଦୁର୍ବଳତା ସମ୍ପୃକ୍ତିରେ ପାର୍ଥକ୍ୟ ଥିବ । ଉଦାହରଣସ୍ୱରୂପ, ପାଶ୍ଚାତ୍ୟ ଦେଶର ଅଧିବାସୀ ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ଅଧିକ ଗୁରୁତ୍ୱ ଦେଉଥିଲା ବେଳେ ଆଫ୍ରିକୀୟ ପରିଚ୍ଛେଦଟିର ସାମୁହିକ ବିଷୟକୁ ଗୁରୁତ୍ୱ ଦେବେ ।

ସମ୍ପୂର୍ଣ୍ଣ ସତ୍ୟରେ ଥିବା ସନ୍ଦେହ ନିର୍ବିଶେଷରେ ଅତ୍ୟାଧୁନିକତା ସଠିକ୍ ଭାବରେ ସୂଚୀତ କରେ ଯେ ପ୍ରକୃତ ଲୋକମାନେ ସୀମିତ ଅଟନ୍ତି, ପୁଣି ସେଥିପାଇଁ ସତ୍ୟ ବିଷୟରେ ସେମାନଙ୍କ କଳ୍ପନାପ୍ରସୂତ ବୋଧଗମ୍ୟତାରେ ଏକ ସୀମା ଅଛି । କାର୍ସନ୍ ଏହାକୁ ଯେପରି ରଖନ୍ତି, ସତ୍ୟ ହେଉଛି ସଂସ୍କୃତି ବୋଝ ଥିବା ଉପାୟଗୁଡ଼ିକର ଆବଶ୍ୟକୀୟ ପ୍ରକାଶନ ଓ ସୀମିତ ଭାବରେ, ସାଂସ୍କୃତିକ ଭାବରେ ଲୋକମାନଙ୍କ ଦ୍ୱାରା ସୀମାବଦ୍ଧ ହୋଇଛି ।[୨]

ଦ୍ୱିତୀୟରେ, ଆମେ ଅତ୍ୟାଧୁନିକତାର ଚିନ୍ତା ବିଷୟରେ କହିବା ଉଚିତ୍ ଯେ ସତ୍ୟ ହୁଏତ ଜ୍ଞାନର ଏକ ମାଧ୍ୟମ ଅପେକ୍ଷା ଅଧିକରୂପେ ଶକ୍ତିର ଏକ ବିଷୟ ହୋଇପାରେ । ଏଠାରେ ପାପ ବିଷୟରେ ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ଅଛି – ଆମ ପାପ ସମେତ – ଯାହାକି ଆମେ ସତ୍ୟ ବିଷୟରେ ଆମର ପଦକ୍ଷେପ ନେବା ବୋଲି ଆବଶ୍ୟକ କରେ । ସତ୍ୟ ଯେ ତାଡ଼ନାକୁ ନିଶ୍ଚିତରୂପେ ସୂଚିତ କରିବ ସେପରି ବାଧ୍ୟବାଧକତା ନାହିଁ, ମାତ୍ର କେହି କେହି ଅନ୍ୟମାନଙ୍କୁ ସତ୍ୟରେ ତାଡ଼ନା କରିଛନ୍ତି ।

ତୃତୀୟରେ, ଅତ୍ୟାଧୁନିକ ସମାଲୋଚକଗଣ ଖ୍ରୀଷ୍ଟିୟାନମାନଙ୍କୁ (ଅନ୍ୟମାନଙ୍କ ଗହଣରେ) ଯଦି ଧର୍ମତତ୍ତ୍ୱକୁ ନେଇ ଆହ୍ୱାନ ଦେଇଛନ୍ତି ଓ ତାହା ପାରମ୍ପରିକ ହୋଇଛି ବୋଲି ମତ ଦିଅନ୍ତି, ତେବେ ପୁନର୍ବିବେଚନା କରିବା ପାଇଁ, ଭିନ୍ନ ଭାବରେ ନିୟମାବଳୀ ତିଆରି କରିବା ପାଇଁ ଓ ଶିକ୍ଷାଗୁଡ଼ିକୁ ପୁନର୍ବାର ବ୍ୟକ୍ତ କରିବା ପାଇଁ ସୁଯୋଗ ପାଇଥିବାରୁ ଧନ୍ୟବାଦୀ ହୋଇପାରିବା, ଯାହାକି ଆମ ଅଭ୍ୟାସରେ ହୁଏତ ବିଶେଷତ୍ୱହୀନ ହୋଇଯାଇଛି । ଏହା ବିଶେଷରୂପେ ସ୍ୱୀକାରୋକ୍ତି ମଣ୍ଡଳୀରେ ଦେଖାଯିବ ଯାହାକି ଧର୍ମତାତ୍ତ୍ୱିକ ଅନ୍ଧବିଶ୍ୱାସକୁ ଧରି ରଖିବାକୁ ଦୃଢ଼ ଭାବରେ ଚେଷ୍ଟା କରିବ । ତାଜା ପ୍ରଶ୍ନଗୁଡ଼ିକ ଓ ଏପରିକି ସନ୍ଦେହଗୁଡ଼ିକ ଆବଶ୍ୟକ କରିଥାଏ ଯେ ମଣ୍ଡଳୀ ନେତୃବର୍ଗ ସେମାନଙ୍କ ଶିକ୍ଷା ବିଷୟକୁ ବାଇବଲସମ୍ମତ ଭିତ୍ତିଭୂମିକୁ ନେଇ ପୁନଃପରୀକ୍ଷା କରିବେ ପୁଣି ହୁଏତ ସିଦ୍ଧ ପ୍ରଗତି ବା କିଛି ଆବଶ୍ୟକୀୟ ସୂଚନା ପାଇବେ ।

ଚତୁର୍ଥରେ, ଖ୍ରୀଷ୍ଟିୟାନମାନେ ହୁଏତ ଆଧୁନିକତା ବିରୁଦ୍ଧରେ ଅତ୍ୟାଧୁନିକତାର ଆକ୍ରମଣ ସହିତ କଳହପ୍ରିୟ ହୋଇପାରନ୍ତି । କାର୍ସନ୍ ପାଶ୍ଚାତ୍ୟ ବନ୍ଧୁଗଣଙ୍କ ଚୁକ୍ତି ପ୍ରତି ଅତ୍ୟାଧୁନିକ ଯୁକ୍ତିଗୁଡ଼ିକ ବିଷୟରେ ଖ୍ରୀଷ୍ଟିୟାନ୍ ପସନ୍ଦ ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ଜର୍ମାନୀ ବିରୁଦ୍ଧରେ ସାମ୍ୟବାଦ ଋଷିଆର ତୁଳନା କରନ୍ତି । ଏପରି ନୁହେଁ ଯେ ଖ୍ରୀଷ୍ଟିୟାନମାନେ ଶେଷରେ, ବୋଲ୍‌ଶେଭିକ୍‌ଙ୍କର ଅନୁମୋଦନରେ ଥିବା ପାଶ୍ଚାତ୍ୟ ଗଣତନ୍ତ୍ର ଅପେକ୍ଷା ଅତ୍ୟାଧୁନିକତା ସହିତ ସମ୍ମତ ହେବେ, ମାତ୍ର ଖ୍ରୀଷ୍ଟିୟାନମାନେ ହୁଏତ ଅବିଶ୍ୱାସୀ ଯୁକ୍ତିବାଦ ବିରୁଦ୍ଧରେ କିଛି ଅତ୍ୟାଧୁନିକ ଯୁକ୍ତିକୁ ସ୍ୱାଗତ କରିପାରନ୍ତି, ଠିକ୍ ଯେପରି ପାଶ୍ଚାତ୍ୟ ବନ୍ଧୁଗଣ ସେହିସବୁ ଋଷିୟ ଟ୍ୟାଙ୍କ୍ ପାଇଁ କୃତଜ୍ଞ ଥିଲେ। କାର୍ସନ୍ ଲେଖନ୍ତି :

ଈଶ୍ୱରଙ୍କ ଯୋଗାଣରେ ଆଧୁନିକତା ବିରୁଦ୍ଧରେ ଅତି ଭାରି କମାଣ ସ୍ଥାପନ କରିବା ଅତ୍ୟାଧୁନିକତା ସକ୍ଷମ ବୋଲି ପ୍ରମାଣିତ ହୋଇଛି, ଯାହାକି ଚାରିଟି ଶତାବ୍ଦୀ ଅତିକ୍ରମ କରି ଏତେ ଭାବରେ ଉନ୍ନତ ହୋଇଛି ଯେ ଅଧିକରୁ ଅଧିକ ଏହା ସ୍ୱୀକୃତ ଖ୍ରୀଷ୍ଟଧର୍ମକୁ ବିଦ୍ରୁପ କରିଛି । ଏଥିରେ ଥିବା ବ୍ୟଙ୍ଗୋକ୍ତି ସୁସ୍ୱାଦୁ ଅଟେ । ଆଧୁନିକତା ଯାହାକି ଉଦ୍ଧତ ଭାବରେ ଦାବି କରିଥିଲା ଯେ ମାନବିକ କାରଣ ହିଁ ସତ୍ୟର ଅନ୍ତିମ ବିଚାରକ ତାହା ଏକ ସାବତ ସନ୍ତାନକୁ ଜନ୍ମ ଦେଇଛି ଯାହାକି ଏହାକୁ ବଧ କରିବାକୁ ବଢ଼ିଛି ।[୩]

ଅତ୍ୟାଧୁନିକ ଜ୍ଞାନତତ୍ତ୍ୱର ଏହିସବୁ ସକାରାତ୍ମକ ଅବଦାନଗୁଡ଼ିକ ଦିଆଯାଇଥିବାରୁ ଆମେ ଏହାର ଲାଭଗୁଡ଼ିକୁ ସ୍ୱୀକାର କରିବା ଉଚିତ୍, ପୁଣି ଏହା କରିବା ଦ୍ୱାରା ଆମ କଥା ହୁଏତ କିଛି ଲୋକ ଶୁଣିବେ ଯେଉଁମାନେ ହୁଏତ ଆମକୁ ଉପଯୋଗୀ କରିବେ ।

*ଅତ୍ୟାଧୁନିକ ସଙ୍କଟ*

ଏହି ପସନ୍ଦର ଅର୍ଥ ନୁହେଁ ଯେ ଖ୍ରୀଷ୍ଟୀୟ ଜ୍ଞାନତତ୍ତ୍ୱ ଓ ଅତ୍ୟାଧୁନିକ ସଂଶୟବାଦ ଭଲରୂପେ ଖାପ ଖାଇଯାଏ । ଆମ୍ଭେମାନେ ନମ୍ରଭାବରେ ସ୍ୱୀକାର କରୁ ଯେ ସତ୍ୟ ବିଷୟରେ ଆମର ଜ୍ଞାନ ସୀମିତ ଅଟେ, ଯେ ଆମର ପୂର୍ବାପର ପ୍ରସଙ୍ଗ ଆମେ ସତ୍ୟକୁ କିପରି କହିଥାଉ ଓ ଗ୍ରହଣ କରିଥାଉ ତାକୁ ପ୍ରଭାବିତ କରିଥାଏ, ପୁଣି ଆମେ ହୁଏତ ପାରମ୍ପରିକ ଅନ୍ଧବିଶ୍ୱାସକୁ ପୁନର୍ବାର ଚିନ୍ତା କରିବା ଆବଶ୍ୟକ ହୋଇପାରେ । ମାତ୍ର ଅନେକ ଅତ୍ୟାଧୁନିକ ଲୋକମାନଙ୍କ ପରି ନ ହୋଇ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ସତ୍ୟ ବାସ୍ତବ ଅଟେ, କେବଳ ସମସ୍ତ ଅଂଶ ଯୋଡ଼ି ନିର୍ମିତ ହୋଇ ନ ଥାଏ ।

ନିର୍ଦ୍ଦିଷ୍ଟରୂପେ ସୁସମାଚାରୀୟ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କ ଦ୍ୱାରା ସତ୍ୟ ଆହରଣ କରାଯାଏ ଓ ପ୍ରକାଶିତ ହୋଇଛି । ତେଣୁ ସତ୍ୟ କ୍ଷମତାପନ୍ନ ଅଟେ । ଏଠାରେ ଅତ୍ୟାଧୁନିକ ଅଂଶଗୁଡ଼ିକ ଐତିହାସିକ ଖ୍ରୀଷ୍ଟଧର୍ମ ସହିତ ସଂଯୁକ୍ତ ହୋଇଥାଏ, କାରଣ ଅତ୍ୟାଧୁନିକ ମତ ସତ୍ୟର ବାସ୍ତବତାକୁ ପ୍ରତ୍ୟାଖାନ କରିଥାଏ, ଏକ ସମ୍ପୂର୍ଣ୍ଣ (ଓ କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ) ଆପେକ୍ଷିକ ବିଷୟକୁ ସତ୍ୟ ବୋଲି ଧରି ନିଅନ୍ତି, ଯେଉଁଥିରେ କୌଣସି ବିଷୟ ବାସ୍ତବରେ ଓ ଶେଷରେ ସତ୍ୟ ନୁହେଁ । ବିଭିନ୍ନ ପ୍ରକାର ସର୍ବେକ୍ଷଣ ଦର୍ଶାଏ ଯେ ଆଜି ଏହିପରି ମନ ପାଶ୍ଚାତ୍ୟ ସଂସ୍କୃତିରେ ଅଛି । ଆପଣ କ'ଣ ସମ୍ପୂର୍ଣ୍ଣ ସତ୍ୟରେ ବିଶ୍ୱାସ କରନ୍ତି, ନା ସମସ୍ତ ସତ୍ୟ ସମ୍ପର୍କିତ ଅଟେ ? ଆଜି ସ୍ପଷ୍ଟ ବହୁମତ ଏପରିକି ସ୍ୱୀକାର କରୁଥିବା ଖ୍ରୀଷ୍ଟିୟାନମାନଙ୍କ ଗହଣରେ ଅତ୍ୟାଧୁନିକ ଅନ୍ଧବିଶ୍ୱାସକୁ ସୁଦୃଢ଼ କରିଥାଏ ଯେ କୌଣସି ବିଷୟ ବାସ୍ତବ, ସମ୍ପୂର୍ଣ୍ଣ ସତ୍ୟ ନୁହେଁ ।

ଅଧିକନ୍ତୁ, ଅତ୍ୟାଧୁନିକ ଯୁଗର ଲୋକମାନେ ସ୍ଥିର ଭାବରେ ଦାବି କରନ୍ତି ଯେ ଯଦିଚ ଚରମ ସତ୍ୟ ଅଛି, ତଥାପି ସୀମିତ ଓ ତ୍ରୁଟିପୂର୍ଣ୍ଣ ପୁରୁଷ ଓ ମହିଳାମାନେ ବିଶ୍ୱାସଯୋଗ୍ୟ ଭାବରେ ସତ୍ୟକୁ କେବେ ବି ଜାଣିପାରିବେ ନାହିଁ । ଅତ୍ୟାଧୁନିକ ବିଦ୍ରୋହୀ ସୈନିକ ଗୋଷ୍ଠୀ ଯେଉଁମାନେ ବର୍ତ୍ତମାନ ପାଶ୍ଚାତ୍ୟ ସଂସ୍କୃତିରେ ଶାସନ କରୁଛନ୍ତି ସେମାନେ ଏହି ଆପେକ୍ଷିକ

ତତ୍ତ୍ୱ କୁ ଏହାର ଏକାନ୍ତ ଚରମ ବିଷୟ ବୋଲି ଧରି ନିଅନ୍ତି : ଏହା କହିବା ପାଇଁ କାହାର ମଧ୍ୟ ଏହି ଅଧିକାର ନାହିଁ ଯେ ତାଙ୍କଠାରେ ସମ୍ପୂର୍ଣ୍ଣ ସତ୍ୟ ଅଛି, ଅନ୍ୟମାନେ ସମ୍ପୂର୍ଣ୍ଣ ଭୁଲ୍ ଅଟନ୍ତି । ମୋର ସତ୍ୟ ଓ ଆପଣଙ୍କର ସତ୍ୟ ଥାଇପାରେ, ମାତ୍ର ଯେ କେହି ତାଙ୍କ ପାଖରେ ସତ୍ୟ ଅଛି ବୋଲି ସ୍ୱତଃସିଦ୍ଧ ଭାବରେ ଦାବି କରୁଛନ୍ତି, ଅତ୍ୟାଧୁନିକ ମନବିଶିଷ୍ଟ ଲୋକମାନେ ତାଙ୍କ ବିରୁଦ୍ଧରେ ଉଦ୍ଧତ ଭାବରେ କହନ୍ତି (ଉଦ୍ଧତ କଥା ବିରୁଦ୍ଧରେ ଅତ୍ୟାଧୁନିକ ଉଦ୍ଧତ କଥା ବ୍ୟତୀତ) । ଫଳରେ ଡବ୍ଲୁ.ବି. ୟିଟ୍ସ୍‌ଙ୍କର ବିଖ୍ୟାତ କବିତା ଆସିଛି : ବିଷୟଗୁଡ଼ିକର ପତନ ହେଉଛି, କେନ୍ଦ୍ର ଧରିପାରିବ ନାହିଁ / ଜଗତ ଉପରେ କେବଳ ସଙ୍କଟ ହିଁ ମାଡ଼ିଆସୁଛି ।

ଅତ୍ୟାଧୁନିକ ପଦବୀର ସଙ୍କଟ ହେଉଛି ଯେ ଏହା ନିଜର ଦାବିକୁ ବିଶ୍ୱାସ କରିପାରିବ ନାହିଁ ବା ସେଥିରେ ଜୀବନଯାପନ କରିପାରିବ ନାହିଁ । ଜାଣିବା ଓ ବିଶ୍ୱାସ କରିବା ପାଇଁ ମାନବ ଜାତିର ବହୁତ ଆବଶ୍ୟକତା ସତ୍ତ୍ୱେ ଅତ୍ୟାଧୁନିକତା ଏହାର ନିଜର ଅବିଶ୍ୱସ୍ତତା ସମେତ କିଛି ବିଶ୍ୱାସ କରେ ନାହିଁ । ଆର୍.ସି. ସ୍ପ୍ରୋଲ୍ ଏକ ରେଳଯାତ୍ରାରେ ଜଣେ ଯୁବତୀଙ୍କୁ ସାକ୍ଷାତ କରିବା ବିଷୟରେ କହନ୍ତି ଯେ କି ଏକ ନୂତନ ଯୁଗ ଶିବିରରେ ସମୟ କ୍ଷେପଣ କରୁଥିଲେ । ଜଣେ ଆଗ୍ରହୀ ମହିଳା ଯେତେବେଳେ ସେ କ'ଣ ଶିକ୍ଷା କଲେ ବୋଲି ପଚାରିଲେ, ସେତେବେଳେ ସେହି ଯୁବତୀ ଉତ୍ତର ଦେଲେ, ମୁଁ ଶିକ୍ଷା କଲି ଯେ ମୁଁ ଦେବୀ ଅଟେ । ସ୍ପ୍ରୋଲ୍ ନିମ୍ନଲିଖିତ ମାର୍ଜିତ ଦୁଃଖପ୍ରକାଶ ପୂର୍ବକ ପ୍ରଶ୍ନ କରିଥିଲେ : ଆପଣ ବାସ୍ତବରେ ତାହା ବିଶ୍ୱାସ କରନ୍ତି ନାହିଁ, ବିଶ୍ୱାସ କରନ୍ତି କି ? ଏଥିରେ ସେ ଉତ୍ତର ଦେଲେ, ହଁ, ବାସ୍ତବରେ ବିଶ୍ୱାସ କରେ ନାହିଁ । ତେଣୁ ଏହା ହେଉଛି ସତ୍ୟ ବିଷୟରେ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଲୋକଙ୍କର ଅସ୍ୱୀକାର : ସତ୍ୟ ବିରୁଦ୍ଧରେ ସେମାନଙ୍କ ଦାବି ହିଁ ଏକ ସତ୍ୟ ଅଟେ ଯାହାକୁ କି ଅତ୍ୟାଧୁନିକ ଲୋକମାନେ ବିଶ୍ୱାସ କରନ୍ତି ନାହିଁ, ଯେପରି ଅତ୍ୟାଧୁନିକ ଜ୍ଞାନତତ୍ତ୍ୱ ଏକ ଗୋଲକଧନ୍ଦା ହୋଇଯାଏ, ଯେଉଁଥିରେ ନିର୍ମାଣକାରୀ ନିଜେ ଚିରଦିନ ପାଇଁ ହାରିଯାଇଥାଏ ।

ଏହି କାରଣରୁ, ଯେତେବେଳେ କିଛି ଅତ୍ୟାଧୁନିକ ଲୋକ କହନ୍ତି ଯେ ସତ୍ୟ ବୋଲି କିଛି ନାହିଁ, ଓ ସମସ୍ତ ସତ୍ୟ ଆପେକ୍ଷିକ ଅଟେ, ସେତେବେଳେ ଖ୍ରୀଷ୍ଟିୟାନମାନେ ରେଳଯାତ୍ରାରେ ସେହି ଯୁବତୀଙ୍କୁ ସ୍ପ୍ରୋଲ୍ କରିଥିବା ପ୍ରଶ୍ନ ପଚାରିପାରିବେ : ଆପଣ ବାସ୍ତବରେ ତାହା ବିଶ୍ୱାସ କରନ୍ତି ନାହିଁ, ବିଶ୍ୱାସ କରନ୍ତି କି ? ଆମେ ଅତି ସହଜରେ ସୂଚୀତ କରିପାରିବା ଯେ ଅତ୍ୟାଧୁନିକବାଦୀଗଣ ଏପରି ଜୀବନଯାପନ କରନ୍ତି ନାହିଁ, ଯେପରି ସତ୍ୟ ଆପେକ୍ଷିକ ଅଟେ । ସର୍ବୋପରି, ସର୍ବାଧିକ ଉତ୍ସୁକ ଭଗ୍ନକାରୀଗଣ ସେମାନଙ୍କ ନିଜର ବାକ୍ୟଗୁଡ଼ିକ ବୁଝାଯିବ ବୋଲି ଆଶା କରନ୍ତି । ସେମାନଙ୍କ ପୁସ୍ତକ ଜଣାଯିବାର ଓ ବୁଝାଯିବାର ଯଦି ସମ୍ଭାବନା ଅଛି ବୋଲି ସେମାନେ ବିଶ୍ୱାସ କରନ୍ତି ନାହିଁ, ତେବେ ସେମାନେ ପୁସ୍ତକଗୁଡ଼ିକ ଲେଖନ୍ତି ନାହିଁ । ଯଦି କେହି ସତ୍ୟ ବିରୁଦ୍ଧରେ ସେମାନଙ୍କ ଯୁକ୍ତିକୁ ଆହ୍ୱାନ ଦିଅନ୍ତି, ତେବେ ସେମାନେ ସେମାନଙ୍କ ଯୁକ୍ତିର ସତ୍ୟକୁ ଧରି ରଖିବା ପାଇଁ କାରଣଗୁଡ଼ିକର ସମ୍ମୁଖୀନ ହୁଅନ୍ତି ।

ବସ୍ତୁନିଷ୍ଠ ଭାବରେ କୌଣସି ବିଷୟ ଚରମ ସତ୍ୟ ବା ନୈତିକ ଭାବରେ ଭୁଲ୍ ନୁହେଁ ବୋଲି ଦାବି କରି ଜଣେ ଅଧ୍ୟାପକ ତାଙ୍କର ମହାବିଦ୍ୟାଳୟର ଶ୍ରେଣୀ ତାଙ୍କ ବିରୁଦ୍ଧରେ

ଏକତ୍ରିତ ହୋଇଥିଲା ବେଳେ ସେ ଏହି ବିଷୟ କହିଥିଲେ । ପରଦିନ ସେହି ଅଧ୍ୟାପକ ଛାତ୍ରମାନଙ୍କୁ ସୂଚନା ଦେଇଥିଲେ ଯେ ପରୀକ୍ଷାରେ ସେମାନେ ଉତ୍ତମ କରିଥିଲେ ବି ସେମାନେ ଏଫ୍ ପାଇବାକୁ ଯାଉଛନ୍ତି । ଛାତ୍ରମାନେ ଏକସ୍ୱରରେ ପ୍ରତିବାଦ କଲେ, ମାତ୍ର ତାହା ଭୁଲ୍! ଓ ଆପେକ୍ଷିକତତ୍ତ୍ୱ ବିରୁଦ୍ଧରେ ଅଧ୍ୟାପକଙ୍କ ବିଷୟ ସ୍ଥିର ହେଲା । କେହି ମଧ୍ୟ ଏହାକୁ ସ୍ୱୀକାର କଲେ ନାହିଁ, ପୁଣି ସେଥିପାଇଁ କେହି ବି ବାସ୍ତବରେ ଏହାକୁ ବିଶ୍ୱାସ କରନ୍ତି ନାହିଁ । ଆମର ଅତ୍ୟାଧୁନିକ ସମୟରେ ଏହା ହିଁ ସତ୍ୟର ସଙ୍କଟ ଅଟେ : ଆମର ସମାଜ ତାତ୍ତ୍ୱିକ ଭାବରେ ସତ୍ୟକୁ ସ୍ୱତଃସିଦ୍ଧ ପ୍ରତ୍ୟାଖାନ କରିଥାଏ, ମାତ୍ର ବ୍ୟାବହାରିକ ଭାବରେ ସେହିପରି ଜୀବନଯାପନ କରିପାରେ ନାହିଁ।

ସମସ୍ତ ସତ୍ୟର ପୃଷ୍ଠଭୂମିରେ ସତ୍ୟର ଈଶ୍ୱର ଅଛନ୍ତି । ୟିଟ୍ସ୍ ଏହାକୁ ମୁଁ ପୂର୍ବରୁ ଦର୍ଶାଇଥିବା କବିତାରେ ପ୍ରକାଶ କରନ୍ତି । ସେ ନିନ୍ଦା କରନ୍ତି ଯେ କେନ୍ଦ୍ର ଧରୁ ନାହିଁ, ତେଣୁ ବିଷୟଗୁଡ଼ିକ ଭାଙ୍ଗି ଯାଏ । ପୂର୍ବ ଧାଡ଼ିରେ ୟିଟ୍ସ୍ ଏହାର ଫଳାଫଳର ଟିପ୍ପଣୀ ଲେଖନ୍ତି : ପ୍ରଶସ୍ତ ଚକ୍ରାକାରରେ ଘୁରୁଥିବା / ବାଜ ପକ୍ଷୀ ଶିକାରୀକୁ ଶୁଣିପାରେ ନାହିଁ ।

ଏଠାରେ ଅତ୍ୟାଧୁନିକ ସଙ୍କଟର ସୁଯୋଗ ଅଛି : ସତ୍ୟ ବିନା ଆମେ ଈଶ୍ୱରଙ୍କ ରବ ଶୁଣିପାରିବା ନାହିଁ । ରେଳଯାତ୍ରାରେ ଥିବା ଯୁବତୀ ପରି ଯେଉଁମାନଙ୍କୁ ସେମାନଙ୍କ ନିଜର ସତ୍ୟ ପ୍ରସ୍ତୁତ କରିବାକୁ ଛାଡ଼ି ଦିଆଯାଇଛି ସେମାନଙ୍କୁ ନିଜ ନିଜର ଦେବତାଙ୍କୁ ମଧ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ । ଆପେକ୍ଷିକତତ୍ତ୍ୱ ଦ୍ୱାରା ଚିହ୍ନଟ ହୋଇଥିବା ପ୍ରକ୍ଷେପ ପଥରେ କାରଣ ଅଯୌକ୍ତିକତାକୁ ପଥ ଛାଡ଼ି ଦେଇଥାଏ, ପୁଣି ଅଯୌକ୍ତିକତା ମନୁଷ୍ୟକୁ ପ୍ରତିମାଗୁଡ଼ିକ ହସ୍ତରେ ମୁକ୍ତ କରିଥାଏ ।

## ସତ୍ୟ ପ୍ରତି ଜଣେ ଖ୍ରୀଷ୍ଟିୟାନ୍‌ର ପନ୍ଥା

ପ୍ରତିରୋଧ କରୁଥିବା ସତ୍ୟ ଆମକୁ ଅବିଶ୍ୱାସରୁ ସୁରକ୍ଷା ଦେବା ଅପେକ୍ଷା ଅଧିକରୂପେ ସମ୍ପୃକ୍ତ କରିଥାଏ । ଖ୍ରୀଷ୍ଟୀୟ ଜ୍ଞାନତତ୍ତ୍ୱ ମଧ୍ୟ ଏକ ସଙ୍କଟ ସମୟରେ ଜଗତ ପାଇଁ ଖ୍ରୀଷ୍ଟଙ୍କ ପ୍ରେମ ବିଷୟରେ ଆମ ସେବାକାର୍ଯ୍ୟର ଏକ ପ୍ରମୁଖ ଉପାଦାନ ଅଟେ । ବ୍ୟାବହାରିକ ଭାବରେ, ଏହାର ଅର୍ଥ ହେଉଛି ଯେ ଖ୍ରୀଷ୍ଟିୟାନମାନେ ସତ୍ୟକୁ କେବଳ ଅତ୍ୟାଧୁନିକ ଭାବରେ ଅସ୍ୱୀକାର କରିବା ଅପେକ୍ଷା ଅଧିକ କିଛି କରିବାକୁ ପଡ଼ିବ । ଆମକୁ ସତ୍ୟ ବିଷୟରେ ଏକ ଉଲ୍ଲେଖନୀୟ ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱକୁ ସ୍ପଷ୍ଟରୂପେ ବ୍ୟକ୍ତ କରିବାକୁ ପଡ଼ିବ ଯାହାକି ଈଶ୍ୱର ଆମକୁ ବାଇବଲରେ ପ୍ରକାଶ କରିଅଛନ୍ତି ଓ ଆମର ଅନୁଭୂତି ଅନୁରୂପ ଅଟେ ।

ଖ୍ରୀଷ୍ଟଧର୍ମ ଆଧୁନିକ ଓ ଅତ୍ୟାଧୁନିକ ବିରୁଦ୍ଧରେ ଏକ ବୈଧ ତୃତୀୟ ଉପାୟ ଉପସ୍ଥାପନ କରିଥାଏ । ଆଧୁନିକ ସହିତ ଆମେ ବିଶ୍ୱାସ କରିଥାଉ ଯେ ସତ୍ୟର ସ୍ଥିତି ଅଛି ପୁଣି ଏହା ଗ୍ରହଣୀୟ ଅଟେ, ଆମେ ଯଦିଚ ତାକୁ ସ୍ଥିର ଭାବରେ ପ୍ରତ୍ୟାଖ୍ୟାନ କରିଥାଉ, ତଥାପି ଆମର ସାହାଯ୍ୟ ପ୍ରାପ୍ତ ହୋଇ ନ ଥିବା କାରଣ ଦ୍ୱାରା ଆମେ ବ୍ୟାପକ ଭାବରେ ସତ୍ୟ ଜାଣିପାରିବା । ଅତ୍ୟାଧୁନିକତା ସହିତ ଆମେ ସଂଶୟବାଦୀ ଅଟୁ ଯେ ସୀମିତ, ଭ୍ରାନ୍ତ

ମନୁଷ୍ୟ ସତ୍ୟର ପ୍ରତିନିଧି ଅଟେ, ଯଦିଚ ଆମେ ଦାବି କରିଥାଉ ଯେ ସତ୍ୟ ବାସ୍ତବ ଅଟେ ପୁଣି ଆମେ ଏହା ଜାଣିପାରିବା । ତେବେ ଏକ ସଫଳ ଖ୍ରୀଷ୍ଟୀୟ ଜ୍ଞାନତତ୍ତ୍ୱ କେବଳ ସୁସମାଚାରୀୟ ଖ୍ରୀଷ୍ଟୀୟ ବିଶ୍ୱାସରେ ପ୍ରତିକ୍ରିୟା ପ୍ରକାଶ କରେ ନାହିଁ, ମାତ୍ର ଏକ ଜଗତକୁ ଜାଣିବା ବିଷୟରେ ଆମର ଧର୍ମତତ୍ତ୍ୱ କୁ ପ୍ରକାଶ କରିବା ପାଇଁ ଆମକୁ ସକ୍ଷମ ମଧ କରିଥାଏ ଯାହାକି ସତ୍ୟ ଜାଣିବାକୁ ଉଭୟ ସନ୍ଦେହ ଓ ବଡ଼ ଅଭିଳାଷ ଅଟେ ।

*ଈଶ୍ୱର, ସତ୍ୟ ଓ ବାସ୍ତବତା*

ଏକ ସୁସମାଚାରୀୟ ଖ୍ରୀଷ୍ଟୀୟ ଜ୍ଞାନତତ୍ତ୍ୱ ସେହି *ସତ୍ୟ ବାସ୍ତବତାର ଅନୁରୂପ*କୁ ସୁଦୃଢ଼ କରିବା ଦ୍ୱାରା ଆରମ୍ଭ ହୋଇଥାଏ । ଯେଉଁ ବାହ୍ୟ ଜଗତରେ ପ୍ରତ୍ୟେକ ବ୍ୟକ୍ତି ବାସ କରନ୍ତି ତାହା ସେହି ଜଗତ ନୁହେଁ, ଯେଉଁଠାରେ ଆମେ ଆମର ସଂକୀର୍ଣ୍ଣ ଅନୁଭୂତି ମାଧ୍ୟମରେ ବ୍ୟକ୍ତିଗତ ଭାବରେ ଗଠନ କରିଥାଉ । ବରଂ ଈଶ୍ୱର ବାସ୍ତବତାକୁ ସୃଷ୍ଟି କରିଥିଲେ ପୁଣି ଆପଣାର ଯୋଗାଣ ନିୟମ ଦ୍ୱାରା ଏହାକୁ ଧରି ରଖନ୍ତି ।

ବାସ୍ତବ ସତ୍ୟର ଏହି ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ଆଧାରରେ ହିଁ ଈଶ୍ୱରଙ୍କ ସ୍ଥିତି ଅଛି । ଏହି ପୂର୍ବାନୁମାନ ଆଧୁନିକ ଯୁକ୍ତିବାଦୀର ଓ ଅତ୍ୟାଧୁନିକ ଆପେକ୍ଷିକତତ୍ତ୍ୱ ର ବିରୋଧ ଅଟେ, ଯାହାକି ଈଶ୍ୱରଙ୍କର ସ୍ଥିତି ନାହିଁ ବୋଲି ପୂର୍ବାନୁମାନ ଦେଇଥାଏ । ଏହିପରି ନୁହେଁ ଯେ ଆଧୁନିକବାଦୀଗଣ ଓ ଅତ୍ୟାଧୁନିକବାଦୀଗଣ ପୂର୍ବାନୁମାନ ବ୍ୟତୀତ ସେମାନଙ୍କ ତତ୍ତ୍ୱ ପ୍ରସ୍ତୁତ କରନ୍ତି । ବରଂ ଆଧୁନିକ ଓ ଅତ୍ୟାଧୁନିକ ଅବିଶ୍ୱାସୀଗଣ ପୂର୍ବାନୁମାନ କରନ୍ତି ଯେ ଈଶ୍ୱର ନାହାନ୍ତି ଓ ତଦ୍ଦ୍ୱାରା ଅଯୌକ୍ତିକତାର ସଙ୍କଟରେ ପଡ଼ନ୍ତି । ଖ୍ରୀଷ୍ଟିୟାନମାନେ ଶେଷରେ ସଙ୍କଟରେ ପଡ଼ନ୍ତି ନାହିଁ, ମାତ୍ର ପୂର୍ବାନୁମାନ ଦ୍ୱାରା ସତ୍ୟ ବିଷୟରେ ସେମାନଙ୍କ ତତ୍ତ୍ୱରୁ ଆରମ୍ଭ ହୋଇଥା'ନ୍ତି, ଯେପରି ଫ୍ରାନ୍‌ସିସ୍ ଶାଫର୍ ଏହା କହନ୍ତି, ଯେଉଁ ଈଶ୍ୱର ସେଠାରେ ଅଛନ୍ତି । ଅତ୍ୟାଧୁନିକ ଆପେକ୍ଷିକତତ୍ତ୍ୱବାଦୀଗଣଙ୍କୁ ନିଷ୍ଠାର ସହିତ ସେମାନଙ୍କ ସଙ୍କଟକୁ ବାରମ୍ବାର ପ୍ରୋତ୍ସାହିତ କରିବାକୁ ପଡ଼ିବ ଯାହାକି ଈଶ୍ୱରଙ୍କ ବିଷୟରେ ସେମାନଙ୍କ ଅସ୍ୱୀକାରର ଫଳ ଅଟେ, ସେଥିରୁ ଆମେ ବର୍ତ୍ତମାନ ସେମାନଙ୍କୁ ଈଶ୍ୱରଙ୍କୁ ପୂର୍ବାନୁମାନ କରିବା ଦ୍ୱାରା ସଙ୍କଟରୁ ଉପାୟକୁ ବିବେଚନା କରିବାକୁ ସ୍ୱାଗତ କରଥାଉ ।

ଅବଶ୍ୟ, ଏହା କେବଳ ଈଶ୍ୱର ନୁହେଁ, ଯାହାକି ଖ୍ରୀଷ୍ଟୀୟ ପୂର୍ବାନୁମାନ ଅଟେ, ମାତ୍ର ବାଇବଲର ଈଶ୍ୱର ଅଟନ୍ତି । ପବିତ୍ର ଶାସ୍ତ୍ର ପ୍ରକାଶ କରେ ଯେ ତିନୋଟି ସମାନ୍ ସ୍ୱର୍ଗୀୟ ଗୁଣ ବିଶିଷ୍ଟ ଜଣେ ଈଶ୍ୱର ଅଛନ୍ତି : ପିତା, ପୁତ୍ର ଓ ପବିତ୍ର ଆତ୍ମା, ଯେ କି ପରସ୍ପରକୁ ଜାଣନ୍ତି, ପ୍ରେମ କରନ୍ତି ଓ ଗୌରବାନ୍ୱିତ କରନ୍ତି ।[୪] ଏହି ପ୍ରତ୍ୟେକ ଉକ୍ତି ସତ୍ୟରେ ଖ୍ରୀଷ୍ଟୀୟ ବିଶ୍ୱାସ ବହନ କରିଥାଏ । ଅନେକ ନୁହଁନ୍ତି, ମାତ୍ର ଜଣେ ଈଶ୍ୱର ଥିବାରୁ ଈଶ୍ୱର ତିଆରି କରିଥିବା ସମସ୍ତ ବିଷୟରେ ଏକତା ଅଛି । ତିନୋଟି ସ୍ୱର୍ଗୀୟ ବ୍ୟକ୍ତିତ୍ୱରେ ଏହି ଜଣେ ଈଶ୍ୱରଙ୍କ ସ୍ଥିତି ଥିବାରୁ ଈଶ୍ୱରତ୍ୱ ମଧ୍ୟରେ ଯୋଗାଯୋଗ ଅଛି । ତ୍ରିତ୍ତ୍ୱ ହେତୁ ଜାଣିବା ଓ ପ୍ରକାଶ କରିବା ଈଶ୍ୱରଙ୍କ ଅନ୍ତର୍ନିହିତ ବିଷୟ ଅଟେ, ପୁଣି ସେଥିପାଇଁ ଈଶ୍ୱର ସେସବୁ ତିଆରି କରିଅଛନ୍ତି ।

ପ୍ରେରିତ ଯୋହନ ଲେଖନ୍ତି, ଈଶ୍ୱର ପ୍ରେମ ଅଟନ୍ତି (୧ମ ଯୋହନ ୪:୮),[୬] ପୁଣି ପ୍ରେମର ପ୍ରକୃତି ହେଉଛି ଜାଣିବା ଓ ଜଣାଶୁଣା ହେବା । ଅବଶ୍ୟ, ବାଇବଲ ଅନୁଯାୟୀ, ଈଶ୍ୱରଙ୍କ ଅଭିଳାଷ ହେଉଛି ତାହାଙ୍କ ଗୌରବ ବିଦିତ ହେବ, ଓ ତ୍ରିତ୍ୱ ର ପ୍ରତ୍ୟେକ ସଦସ୍ୟଙ୍କ ଇଚ୍ଛା ହେଉଛି ଅନ୍ୟ ସ୍ୱର୍ଗୀୟ ବ୍ୟକ୍ତିତ୍ୱକୁ ଗୌରବାନ୍ୱିତ କରିବା । ଅତଏବ, ସୃଷ୍ଟିରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ତାହାଙ୍କ ଗୌରବରେ ପ୍ରକାଶିତ ହେଉଛି । ଦାଉଦ ଗାଇଥିଲେ, ତୁମ୍ଭେ ଆକାଶମଣ୍ଡଳ ଉପରେ ଆପଣା ଗୌରବ ସ୍ଥାପନ କରିଅଛ (ଗୀତ. ୮:୧) । ପାଉଲଙ୍କ ଅନୁଯାୟୀ, ପାପର ସାର ହେଉଛି ଈଶ୍ୱରଙ୍କୁ ତାହାଙ୍କ ସୃଷ୍ଟିରେ ଦେଖିବା ଓ ଈଶ୍ୱର ଭାବରେ ତାହାଙ୍କୁ ଗୌରବାନ୍ୱିତ କରିବାକୁ କିମ୍ବା ତାହାଙ୍କୁ ଧନ୍ୟବାଦ ଦେବାକୁ ଗୌରବାନ୍ୱିତ କରିବା (ରୋମୀ. ୧:୨୧) । ସେଥିପାଇଁ ଗସ୍‌ପେଲ୍ କୋଆଲିସନ୍ ସ୍ୱୀକାରୋକ୍ତି ଉକ୍ତି ବ୍ୟକ୍ତ କରେ, ସେ ହିଁ ଦୃଶ୍ୟ ଓ ଅଦୃଶ୍ୟ, ସମସ୍ତ ବିଷୟର ସୃଷ୍ଟିକର୍ତ୍ତା ଅଟନ୍ତି, ପୁଣି ସେଥିପାଇଁ ସମସ୍ତ ଗୌରବ ଓ ଆଦର ପାଇବାର ଯୋଗ୍ୟ ଅଟନ୍ତି ।

ବାଇବଲର ଈଶ୍ୱରଙ୍କଠାରେ ଆମର ବିଶ୍ୱାସ ହେତୁ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ସତ୍ୟ ବାସ୍ତବତାର ପରିପୂରକ ଅଟେ । ଜଗତ ମନୁଷ୍ୟ ମନର କେବଳ ଏକ ପ୍ରତିଫଳନ ନୁହେଁ ବରଂ ଈଶ୍ୱର ଜଗତକୁ ଏକ ବସ୍ତୁନିଷ୍ଠ ବାସ୍ତବତାରେ ସୃଷ୍ଟି କରିଥିଲେ ଯାହାକି ତାହାଙ୍କ ଅନନ୍ତ ସତ୍ତାରେ ସ୍ଥାପିତ ହୋଇଛି । ଯେଉଁ ସୃଷ୍ଟ ବସ୍ତୁ ଈଶ୍ୱରଙ୍କ ଗୌରବ ଘୋଷଣା କରେ (ଗୀତ. ୧୯:୧) ତାହା ସେମାନଙ୍କ ପରିକଳ୍ପିତ ଉଦ୍ଦେଶ୍ୟ ସଫଳ କରିବା ପାଇଁ ବାସ୍ତବ ହେବାକୁ ପଡ଼ିବ ।

ଏହିସବୁ ସୃଷ୍ଟ ବିଷୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ହେଉଛି ମନୁଷ୍ୟ, ଯାହାକୁ ଈଶ୍ୱର ଆପଣା ପ୍ରତିମୂର୍ତ୍ତିରେ ସୃଷ୍ଟି କରିଅଛନ୍ତି, ଯେପରି ଆମେ ଈଶ୍ୱରଙ୍କୁ ଜାଣିପାରିବା ଓ ତାହାଙ୍କୁ ସୃଷ୍ଟିର ଅବଶିଷ୍ଟଙ୍କ ପ୍ରତି ପ୍ରକାଶ କରିପାରିବା । ଈଶ୍ୱର ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିଲେ ବୋଲି ବାଇବଲସମ୍ମତ ଶିକ୍ଷାରେ ଈଶ୍ୱରଙ୍କ ଯୁକ୍ତିର ଅନୁରୂପ ଅଟେ ବୋଲି ଆମର ଯୁକ୍ତିର କ୍ଷମତାକୁ ଅନ୍ତର୍ଭୁକ୍ତ କରିବା ବିଷୟ ଅନ୍ତର୍ଭୁକ୍ତ ମନୁଷ୍ୟ ଈଶ୍ୱରଙ୍କୁ ଅଜ୍ଞାତ ଭାବରେ ପରିକଳ୍ପନା କରେ ନାହିଁ ମାତ୍ର ଈଶ୍ୱରଙ୍କ ଜ୍ଞାନ ମାଧ୍ୟମରେ ଯାହାକି ଉଭୟ ସୃଷ୍ଟି ଓ ପରିତ୍ରାଣର ଅନ୍ତ ଅଟେ । ଯିରିମିୟଙ୍କ ନୂଆ-ଚୁକ୍ତି ପ୍ରତିଜ୍ଞା ହେଉଛି ଯେ କାରଣ ସଦାପ୍ରଭୁ କହନ୍ତି, ସେମାନଙ୍କର କ୍ଷୁଦ୍ରତମଠାରୁ ମହତ୍ତମ ପର୍ଯ୍ୟନ୍ତ ସମସ୍ତେ ଆମ୍ଭକୁ ଜ୍ଞାତ ହେବେ (ଯିରି. ୩୧:୩୪) । ଯୀଶୁ ବ୍ୟକ୍ତ କରନ୍ତି, ଆଉ ଏକମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭକୁ ଓ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ (ଯୋହନ ୧୭:୩) ।

ଈଶ୍ୱର ଯେଉଁ ଜଗତରେ ଆପଣାକୁ ପ୍ରକାଶ କରିବାକୁ ପରିକଳ୍ପନା କରିଥିଲେ, ସେହି ଜଗତରେ ବିଦିତ ହେବାକୁ ଇଚ୍ଛା କରୁଥିବାରୁ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ପ୍ରକାଶିତ ସତ୍ୟ ବାସ୍ତବ ଅଟେ । ଈଶ୍ୱର ଏକ ବାସ୍ତବ ଜଗତ ତିଆରି କରିଥିଲେ, ପୁଣି ଈଶ୍ୱର ଆପଣା ବିଷୟରେ ସେହି ଜଗତରେ ଓ ତା' ମାଧ୍ୟମରେ ବାସ୍ତବ ସତ୍ୟ ଘୋଷଣା କରନ୍ତି । ସଂକ୍ଷିପ୍ତରେ କହିଲେ, ସତ୍ୟ ହିଁ ବାସ୍ତବ ଜଗତର ଅଂଶବିଶେଷ ଅଟେ, ଯାହାକି ଈଶ୍ୱର ତିଆରି କରିଥିଲେ,

ସେହି ଜଗତର ପ୍ରାଣୀମାନଙ୍କ ମଧ୍ୟରେ ମାନବ ଜାତି ଅନ୍ତର୍ଭୁକ୍ତ, ଯେ କି ଈଶ୍ୱରଙ୍କୁ ଜାଣିବା ପାଇଁ ବିଶେଷରୂପେ ସତ୍ୟ ଗ୍ରହଣ କରିବା ପାଇଁ ପରିକଳ୍ପିତ ହୋଇଥିଲା ।

ମାତ୍ର ବାଇବଲ ଶିକ୍ଷାରେ ସୃଷ୍ଟି ଓ ପରିତ୍ରାଣ ଅପେକ୍ଷା ଅଧିକ ବିଷୟ ସମ୍ପୃକ୍ତ ହୋଇଛି । ବାଇବଲ ମଧ୍ୟ ଶିକ୍ଷା ଦିଏ ଯେ ମାନବ ପାପରେ ପତିତ ହୋଇଥିଲା ଓ ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରକୃତି ଓ ସମାଜ କଳୁଷିତ ହୋଇଥିଲା । ତେଣୁ ପାପ ମାନବ ଜାତିକୁ ସତ୍ୟ ଗ୍ରହଣ କରିବାରୁ ବଞ୍ଚିତ କରିଥାଏ । ଏଠାରେ ଅତ୍ୟାଧୁନିକତା ସତର୍କ ଭାବରେ ସୂଚୀତ କରିଥାଏ ଯେ ବାସ୍ତବ ସତ୍ୟ ଥିଲେ ବି ମାନବ ଜାତି ସେହି ସତ୍ୟକୁ *ପ୍ରକୃତରୂପେ* ଜାଣିବାକୁ ସକ୍ଷମ ନ ହୋଇପାରେ ।

ଏହି ଅକ୍ଷମତାର ଦୁଇଟି କାରଣ ଅଛି । ପ୍ରଥମରେ, ମାନବ ଜାତି ସୀମିତ ଅଟେ, ଏପରିକି ପାପରୁ ଦୂରେଇ ରହି ମଧ୍ୟ ମାନବ ଜାତି ସତ୍ୟକୁ କେବଳ ଆଂଶିକ ଭାବରେ ଜାଣିପାରିବ, ତେଣୁ ସେମାନଙ୍କ ଜ୍ଞାନ କଳ୍ପନାପ୍ରସୂତ, ମନୋନୀତ ଓ ଅସମ୍ପୂର୍ଣ୍ଣ ଅଟେ । ଦ୍ୱିତୀୟରେ, ମାନବ ଜାତି ପାପୀ ଅଟେ । ଆମେ ଯେତେବେଳେ ପାପର ସମସ୍ୟାକୁ ଯୋଗ କରୁ, ସେତେବେଳେ ମାନବ ଜାତି ସତ୍ୟ ଜାଣିବାକୁ ମୋଟେ ସକ୍ଷମ ହେବ ନାହିଁ । ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରି ପାପୀ ମନୁଷ୍ୟ ଅଧାର୍ମିକତାରେ ସତ୍ୟକୁ ଚାପି ଦେବାକୁ ଇଚ୍ଛା କରିଥାଏ (ରୋମୀ. ୧:୧୮) । ପାଉଲ ଏହା ମଧ୍ୟ କହିଛନ୍ତି ଯେ ମନୁଷ୍ୟ ତା'ର ପାପପୂର୍ଣ୍ଣ ସ୍ୱଭାବରେ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରେ ନାହିଁ, କାରଣ ସେଗୁଡ଼ିକ ତା' ପାଇଁ ମୂର୍ଖତା ମାତ୍ର, ପୁଣି ସେ ସେଗୁଡ଼ିକୁ ବୁଝିବାକୁ ସକ୍ଷମ ନୁହେଁ (୧ମ କରି. ୨:୧୪) । ମାତ୍ର ତା'ପରେ ମାନବ ଜାତି ଏହି ଭୟଙ୍କର ଅବସ୍ଥାରେ ପଡ଼ିବା ପରେ ଖ୍ରୀଷ୍ଟିୟାନମାନେ କ'ଣ ସତ୍ୟ ଜାଣିବା ବିଷୟରେ କଥାବାର୍ତ୍ତା କରିପାରିବେ ?

ପାପ ସମସ୍ୟାର ଉତ୍ତର ହେଉଛି ସେହି ସୁସମାଚାର ଯେ ଯୀଶୁ ଆମକୁ ଆମ ପାପରୁ ଉଦ୍ଧାର କରନ୍ତି । ଯୀଶୁ ପନ୍ତିୟ ପିଲାତଙ୍କୁ କହିଥିଲେ, ମୁଁ ଯେପରି ସତ୍ୟ ପକ୍ଷରେ ସାକ୍ଷ୍ୟ ଦିଏ, ଏଥିନିମନ୍ତେ ମୁଁ ଜନ୍ମ ହୋଇଅଛି ଓ ଜଗତକୁ ଆସିଅଛି (ଯୋହନ ୧୮:୩୭) । ଯୀଶୁ ଆପଣାକୁ 'ଜଗତର ଜ୍ୟୋତି (ଯୋହନ ୮:୧୨) ବୋଲି କହିଥିଲେ କାରଣ ସେ ପାପୀମାନଙ୍କୁ ଅଜ୍ଞତା ଓ ଅବିଶ୍ୱାସର ଅନ୍ଧକାରରୁ ଉଦ୍ଧାର କରନ୍ତି । ଯୀଶୁ ଆପଣାର ମାନବ ଅବତାରରେ କେବଳ ଈଶ୍ୱରଙ୍କ ଗୌରବ ପ୍ରକାଶ କରିବାକୁ ଆସି ନ ଥିଲେ (ଯୋହନ ୧:୧୪; ୧୪:୯ ପଦ ଦେଖନ୍ତୁ), ମାତ୍ର ସତ୍ୟ ଜାଣିବାକୁ ଓ ବିଶ୍ୱାସ କରିବାକୁ ପାପପୂର୍ଣ୍ଣ ପୁରୁଷ ଓ ମହିଳାମାନଙ୍କ ଆତ୍ମାକୁ ସଜୀବ କରିବାକୁ ସେ ପବିତ୍ର ଆତ୍ମାଙ୍କୁ ମଧ୍ୟ ପ୍ରେରଣ କରିଥିଲେ । ତେଣୁ ସେହି ସମାନ୍ ପରିଚ୍ଛେଦରେ ଯେଉଁଠାରେ ପାଉଲ ପ୍ରତ୍ୟକ୍ଷରୂପେ ବ୍ୟକ୍ତ କରନ୍ତି ଯେ ପାପୀ ମନୁଷ୍ୟ ସତ୍ୟ ଜ୍ଞାତ ହୋଇପାରିବ ନାହିଁ, ସେହି ପରିଚ୍ଛେଦରେ ସେ ପ୍ରକାଶ କରନ୍ତି ଯେ ଅଯୋଗ୍ୟ ପାପୀମାନଙ୍କୁ ନୂତନ ଜୀବନ ଦେବା ଦ୍ୱାରା ଈଶ୍ୱରଙ୍କ ପବିତ୍ର ଆତ୍ମା ଏହି ସମସ୍ୟା ସମାଧାନ କରନ୍ତି: ପାଉଲ ବର୍ଣ୍ଣନା କରନ୍ତି, ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକ ଆମ୍ଭେମାନେ ଜାଣିପାରୁଁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ (୧ମ କରି. ୨:୧୨) ।

ସୃଷ୍ଟିରେ, ପତନ ଓ ପରିତ୍ରାଣ ସତ୍ୟ ବିଷୟରେ ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ଈଶ୍ୱରଙ୍କ ବାସ୍ତବତାରୁ ପ୍ରବାହିତ ହୋଇଥାଏ । ଆପଣାର ଗୌରବ ପ୍ରଦର୍ଶନ କରିବା ପାଇଁ ଈଶ୍ୱର ଜଗତ ସୃଷ୍ଟି କରିଥିଲେ, ପୁଣି ତାହାଙ୍କୁ ଜାଣିବା ପାଇଁ ଓ ତାହାଙ୍କ ଗୌରବ ପ୍ରତିଫଳିତ କରିବା ପାଇଁ ସେ ମାନବ ଜାତିକୁ ସୃଷ୍ଟି କରିଥିଲେ । ପାପରେ ସତ୍ୟକୁ ପ୍ରତ୍ୟାଖାନ କରିବା ବିଷୟ ସମ୍ପୃକ୍ତ ହୋଇଥାଏ, ତାହା ଈଶ୍ୱରଙ୍କ ବିଷୟରେ ପ୍ରକାଶ କରିଥିଲା, ପୁଣି ସେଥିପାଇଁ ମନୁଷ୍ୟ କିପରି ସତ୍ୟ ଗ୍ରହଣ କରିଥାଏ ସେହି ବିଷୟକୁ ପ୍ରତିରୋଧ କରିଥାଏ । ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରକାଶିତ ସତ୍ୟ ମାଧମରେ ପରିତ୍ରାଣ କାର୍ଯ୍ୟ ସାଧିତ ହୋଇଥାଏ (୧ମ ପିତର ୧:୨୩ ପଦ ଦେଖନ୍ତୁ) ପୁଣି ତା'ପରେ ଅଧିକରୁ ଅଧିକ ଭାବରେ ପାପୀ ମନୁଷ୍ୟକୁ ସତ୍ୟ ଜାଣିବାକୁ ଓ ଗ୍ରହଣ କରିବାକୁ ସକ୍ଷମ କରିଥାଏ ।

ହର୍ମନ୍ ବାଭିଙ୍କ୍ ଯେପରି ବ୍ୟକ୍ତ କରିଥିଲେ, ଏହା ସେହିପରି ସତ୍ୟ ହୋଇଥାଏ, ଯେ ଈଶ୍ୱର ଆପଣାକୁ ଆପଣାର ସୃଷ୍ଟି ପ୍ରତି ଓ ସୃଷ୍ଟିରେ ସମ୍ପୂର୍ଣ୍ଣରୂପେ ପ୍ରକାଶ କରିବା ଅସମ୍ଭବ, କାରଣ ସସୀମ ବିଷୟ ଅସୀମ ବିଷୟକୁ ଆହରଣ କରେ ନାହିଁ ।[୭] ଏହି କାରଣରୁ ଖ୍ରୀଷ୍ଟିୟାନମାନେ ମୁକ୍ତ ଭାବରେ ସୀମାବଦ୍ଧତାର ଅସାମର୍ଥ୍ୟତାକୁ, ତା' ସହିତ ପାପ ବିଷୟରେ ଆମର ଚାଲୁଥିବା ସଂଘର୍ଷକୁ ସ୍ୱୀକାର କରନ୍ତି, ଯାହାକି ପୁରୁଷ ବା ମହିଳାଙ୍କୁ ସତ୍ୟକୁ ଯଥାର୍ଥରୂପେ ବା ସମ୍ପୂର୍ଣ୍ଣରୂପେ ଜାଣିବାରୁ ବଞ୍ଚିତ କରିଥାଏ। ତଥାପି ସୃଷ୍ଟିକର୍ତ୍ତା ଓ ପ୍ରକାଶକ ଭାବରେ ଈଶ୍ୱରଙ୍କ ସଚ୍ଚୋଟତା ଦ୍ୱାରା ଖ୍ରୀଷ୍ଟିୟାନମାନେ ଦାବି କରନ୍ତି ଯେ ସତ୍ୟ ଅଛି, ସେହି ସତ୍ୟ ଈଶ୍ୱରଙ୍କ ନିକଟକୁ ଓ ତାହାଙ୍କର ସୃଷ୍ଟ ବାସ୍ତବତା ପ୍ରତି ଯାଇଥାଏ, ଫଳରେ ଆମେ ହୁଏତ ସତ୍ୟ ଜ୍ଞାତ ହେବା, କାରଣ ଈଶ୍ୱର ଆପଣା ସୃଷ୍ଟିରେ ଆପଣାକୁ ଆମ ପ୍ରତି ପ୍ରକାଶ କରିଅଛନ୍ତି ।

ତେଣୁ ଖ୍ରୀଷ୍ଟିୟାନ ଅତ୍ୟାଧୁନିକ ଅବିଶ୍ୱାସୀକୁ କିପରି ଭାବରେ ଉତ୍ତର ଦେଇପାରିବ ଯେ କି ସରଳ ଭାବରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରେ ଓ ସେଥିପାଇଁ ସତ୍ୟର ଅସ୍ତିତ୍ୱକୁ ଅସ୍ୱୀକାର କରିଥାଏ ? ଫ୍ରାନ୍ସିସ୍ ଶାଫର୍ ମହାବିଦ୍ୟାଳୟ ଛାତ୍ରମାନଙ୍କର ଏକ କ୍ଷୁଦ୍ର ସମାବେଶରେ ସେ ଯୋଗ ଦେଇଥିବା ସମୟରେ ଏକ ଉତ୍ତରକୁ ମନ ପକାନ୍ତି । ଜଣେ ଛାତ୍ର ଦୃଢ଼ ଭାବରେ ଦାବି କରିଥିଲା ଯେ ସତ୍ୟ ନାହିଁ । ଶେଫର୍ ଇଚ୍ଛା କରିଥିଲେ ଯେ ସେ ଦେଖନ୍ତୁ ଯେ ସତ୍ୟ ନାହିଁ ବୋଲି ସେ ଯେତେ କୁହନ୍ତୁ ନା କାହିଁକି, ସତ୍ୟ ନ ଥିବା ପରି ତାଙ୍କ ଉକ୍ତି ଅନୁଯାୟୀ ସେ ଜୀବନଯାପନ କରିପାରି ନ ଥିଲେ ।

ଯଦି ବାସ୍ତବରେ ସତ୍ୟ ନାହିଁ, ତେବେ ବାସ୍ତବ ନୈତିକତା ମଧ ନାହିଁ । ଶେଫର୍ ପ୍ରଶ୍ନ କରିଥିଲେ, ମୁଁ କ'ଣ ଠିକ୍ କହୁ ନାହିଁ ଯେ ଆପଣଙ୍କ ପଦ୍ଧତି ଆଧାରରେ ନୃଶଂସତା ଓ ଅନୃଶଂସତା ଶେଷରେ ସମାନ୍ ଅଟେ, ଯେ ସେଗୁଡ଼ିକ ମଧରେ କୌଣସି ଅନ୍ତର୍ନିହିତ ପାର୍ଥକ୍ୟ ନାହିଁ ? ମନୁଷ୍ୟ ନିଶ୍ଚିତ କରିଥାଏ ଯେ ଶେଫର୍ ସଠିକ୍ ଥିଲେ । ଏହା ଶୁଣି ଅନ୍ୟ ଜଣେ ଛାତ୍ର ଫୁଟନ୍ତା ପାଣିର ଏକ ପାତ୍ର ନେଲେ, ଯାହାକି ଚା' ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରହିଥିଲା ଓ ଏହାକୁ ସେହି ଅବିଶ୍ୱାସୀର ମୁଣ୍ଡ ଉପରେ ଧରିଲେ । ନାସ୍ତିକ ବ୍ୟକ୍ତିଟି ଯେତେବେଳେ

ଏହାର କାରଣ ପଚାରିଲେ, ସେତେବେଳେ ସେହି ଛାତ୍ର ତାଙ୍କୁ ସ୍ମରଣ କରିଦେଲେ ଯେ ସେ ଯେହେତୁ ନୃଶଂସତା ଓ ଅନୃଶଂସତା ମଧ୍ୟରେ କୌଣସି ପାର୍ଥକ୍ୟରେ ବିଶ୍ୱାସ କରେ ନାହିଁ, ତେଣୁ ସେହି ଫୁଟନ୍ତା ପାଣି ତା' ଉପରେ ଢ଼ାଳି ଦିଆଗଲେ ସେ ଖରାପ ଭାବିବା ଉଚିତ୍ ନୁହେଁ ।

ଯେଉଁ ବ୍ୟକ୍ତି ସତ୍ୟକୁ ଅସ୍ୱୀକାର କରିଥିଲା ତାକୁ ସେହି କୋଠରୀରୁ ବାହାର କରିଦିଆଗଲା, ଏହା ହିଁ ଶେଫର୍‌ଙ୍କ ବିଷୟଟିକୁ ପ୍ରମାଣ କରୁଛି : ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ଅସ୍ୱୀକାର କରିଥାଏ, ଓ ସେଥିପାଇଁ ସତ୍ୟର ସ୍ଥିତିର କୌଣସି ଭିତ୍ତିମୂଳ ନ ଥାଏ, ସେ ତା'ର ଧର୍ମତତ୍ତ୍ୱ ରେ ଜୀବନଯାପନ କରିପାରିବ ନାହିଁ ଓ କରେ ନାହିଁ । ଶେଫର୍ ବର୍ଣ୍ଣନା କରିଥିଲେ, ଈଶ୍ୱର ଆମ ପ୍ରତି ବାସ୍ତବତା ବନ୍ଦ କରନ୍ତି, ଆମେ ଯାହା ବିଶ୍ୱାସ କରୁ ବା ଚିନ୍ତା କରୁ ବୋଲି ଯାହା କହୁ ନା କାହିଁକି ବାସ୍ତବତାକୁ ଏଡ଼ାଇ ଦେଇପାରିବା ନାହିଁ ।[୮]

*ଈଶ୍ୱର, ସତ୍ୟ ଓ ଶାସ୍ତ୍ର*

ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ପ୍ରକାଶନ ଆଧାରରେ ସତ୍ୟକୁ ସୁଦୃଢ଼ କରିଥିବାରୁ, *ବାଇବଲ – ଈଶ୍ୱରଙ୍କ ଲିଖିତ ପ୍ରକାଶନ – ସତ୍ୟ ବ୍ୟକ୍ତ କରିଥାଏ* । ଈଶ୍ୱର ଯେତେବେଳେ ସାଧାରଣତଃ ସମସ୍ତ ସୃଷ୍ଟିରେ ଆପଣାକୁ ପ୍ରକାଶ କରନ୍ତି, ସେତେବେଳେ ଈଶ୍ୱର ଆପଣାକୁ ବିଶେଷରୂପେ ବାଇବଲରେ ପ୍ରକାଶ କରନ୍ତି ।

ବାଇବଲ ଅନୁଯାୟୀ, ଈଶ୍ୱର ଭାବବାଦୀମାନଙ୍କ ଦ୍ୱାରା ଆମର ପିତୃପୁରୁଷମାନଙ୍କୁ କଥା କହିଥିଲେ (ଏବ୍ରୀ ୧:୧) । ଏହି ଉକ୍ତି ପବିତ୍ର ଶାସ୍ତ୍ର ବିଷୟରେ ଖ୍ରୀଷ୍ଟୀୟ ମତ ପ୍ରକାଶ କରିଥାଏ ଯେଉଁଥିରେ ଈଶ୍ୱର ମାନବ ଜାତିକୁ ପ୍ରସ୍ତାବିତ ତତ୍ତ୍ୱ ଦେଇଥାଏ । ଈଶ୍ୱର ଆପଣାର ମନୁଷ୍ୟର ମୁଖପାତ୍ର ମାଧ୍ୟମରେ କଥା କହିଥିଲେ, ସେ ଈଶ୍ୱରଙ୍କ ସ୍ୱଭାବ ଓ ଇଚ୍ଛା ବିଷୟରେ ସତ୍ୟ ଉପସ୍ଥାପନ କରୁଅଛନ୍ତି, ଐତିହାସିକ ମୁକ୍ତିଦାୟୀ ଘଟଣାଗୁଡ଼ିକର ଅର୍ଥ ଓ ଲିପିବଦ୍ଧ ବିଷୟକୁ ପୁଣି ସୃଷ୍ଟି, ପତନ ଓ ମନୁଷ୍ୟର ପରିତ୍ରାଣ ବିଷୟକ ଅନ୍ୟାନ୍ୟ ସତ୍ୟ ଉପସ୍ଥାପନ କରୁଅଛନ୍ତି । ଠିକ୍ ସେହିପରି ଭାବରେ ଏହି ପରିଚ୍ଛେଦରେ ମୋର ଲେଖା ତାତ୍ତ୍ୱିକ ପ୍ରସ୍ତାବିତ ତତ୍ତ୍ୱକୁ ଦାବି କରିଥାଏ, ଈଶ୍ୱରଙ୍କ ବାକ୍ୟର ଲିଖିତ ପ୍ରକାଶନ ଘୋଷଣା କରିଥାଏ, ବର୍ଣ୍ଣନା କରିଥାଏ ଓ ଈଶ୍ୱରଙ୍କଠାରୁ ସତ୍ୟ ପ୍ରୟୋଗ କରିଥାଏ ।

ବାଇବଲ ବ୍ୟକ୍ତ କରେ ଯେ ଈଶ୍ୱର ହିଁ ଏହାର ଚରମ ଲେଖକ ଅଟନ୍ତି, ପବିତ୍ର ଆତ୍ମା ହିଁ ମାନବ ଲେଖକଙ୍କୁ *ଅନୁପ୍ରେରଣା* ଦେଇ ନିଯୁକ୍ତ କରିଥିଲେ । ଅନୁପ୍ରେରଣାର ଅର୍ଥ ନୁହେଁ ଯେ ମାନବ ଲେଖକଗଣ ନିଜେ ନିଜେ ଅନୁପ୍ରେରିତ ହୋଇଥିଲେ । ବରଂ ପବିତ୍ର ଆତ୍ମା ସେମାନଙ୍କ ଲେଖାକୁ ଏପରି ଭାବରେ ଦେଖିଥିଲେ ଯେ ମାନବ ଲେଖକଗଣ ଯାହା ଲେଖିଥିଲେ ତାହା ଶେଷରେ ସ୍ୱୟଂ ଈଶ୍ୱରଙ୍କଠାରୁ ଆସିଥିଲା । ପିତର ବର୍ଣ୍ଣନା କରନ୍ତି, କାରଣ କୌଣସି ଭାବବାଣୀ କେବେହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇ ନାହିଁ, ମାତ୍ର ଈଶ୍ୱରପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ (୨ୟ ପିତ. ୧:୨୧) ।

ସମସ୍ତ ଶାସ୍ତ୍ର ଈଶ୍ୱରନିଶ୍ୱସିତ, ପାଉଲ ଲେଖନ୍ତି (୨ୟ ତୀମ. ୩:୧୬), ଈଶ୍ୱରଙ୍କ ଦାବିକୁ ଦୃଢ଼ରୂପେ ସମର୍ଥନ କରି : ମୋହର ବାକ୍ୟ ..... ମୋର ମୁଖରୁ ଆସିଥାଏ (ଯିଶା. ୫୫:୧୧) । ଏହି ଶିକ୍ଷାରେ ବିଶ୍ୱସ୍ତ ରହିବା ଦ୍ୱାରା ସମ୍ପୂର୍ଣ୍ଣ ବାଇବଲ ନିଜକୁ ମନୁଷ୍ୟର କଳ୍ପନାପ୍ରସୂତ ଅପେକ୍ଷା ଈଶ୍ୱରଙ୍କ ବାକ୍ୟ ବୋଲି ଉପସ୍ଥାପନ କରିଥାଏ ।

ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ବାକ୍ୟର ସତ୍ୟକୁ ଜୋର୍ ଦିଅନ୍ତି, କାରଣ ସ୍ୱୟଂ ଈଶ୍ୱର ସତ୍ୟ ଅଟନ୍ତି । ଅସୀମ ସିଦ୍ଧ ଈଶ୍ୱର ଭାବରେ ସେ ଶାସ୍ତ୍ରରେ ନିର୍ଭୁଲ୍ ଭାବରେ ଓ ସ୍ୱର୍ଗୀୟ କ୍ଷମତା ସହିତ ଆପଣାକୁ ପ୍ରକାଶ କରନ୍ତି । ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ବାକ୍ୟର ସତ୍ୟକୁ ଧରି ରଖିବାର କାରଣ ନୁହେଁ ଯେ ଆମେ ବାଇବଲର ସତ୍ୟତା ପ୍ରତି ଥିବା ପ୍ରତ୍ୟେକ ଅଭିଯୋଗର ଉତ୍ତର ଦେବାକୁ ସକ୍ଷମ ଅଟୁ (ଯଦିଚ ଉତ୍ତମ ବର୍ଣ୍ଣନା ପ୍ରକୃତରେ ପ୍ରତ୍ୟେକ ଅଭିଯୋଗରେ ଅଛି), ମାତ୍ର ଶାସ୍ତ୍ରରେ ଆପଣାକୁ ପ୍ରକାଶ କରୁଥିବା ଈଶ୍ୱରଙ୍କର ସିଦ୍ଧ ସ୍ୱଭାବ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଦ୍ୱାରା ହୋଇଥାଏ । ସିଦ୍ଧ ଈଶ୍ୱର ବାଇବଲରେ ଆପଣାକୁ ପ୍ରକାଶିତ ନ କରିବାରୁ ଆମେ ବାଇବଲ ଉପରେ ଆସ୍ଥା ସ୍ଥାପନ କରିପାରିବା ଯେ ଏହା ସତ୍ୟ ଅଟେ, ପୁଣି ବାଇବଲର ଅଂଶବିଶେଷକୁ ଆପତ୍ତିଜନକ ବା ଅତି କଷ୍ଟକର ବୋଲି ଧରିନେବା ବା ନିଶ୍ଚୟତା ଜ୍ଞାପନ କରିବା ଅନାବଶ୍ୟକ ।

ଈଶ୍ୱରଙ୍କ ସତ୍ୟ ଭାବରେ, ପ୍ରକାଶିତ ବାକ୍ୟ, ବାଇବଲ ସ୍ୱୟଂ ଈଶ୍ୱରଙ୍କ ସମସ୍ତ କ୍ଷମତାର ସହିତ କଥା କହିଥାଏ । ଜନ୍ କାଲ୍‌ଭିନ୍ ବ୍ୟକ୍ତ କରିଥିଲେ, ଆମେ ଶାସ୍ତ୍ରକୁ ଠିକ୍ ସେହି ସମାନ୍ ସମ୍ମାନ ଦେଇଥାଉ, ଯାହାକି ଆମେ ଈଶ୍ୱରଙ୍କୁ ଦେଇଥାଉ, କାରଣ ଏହା କେବଳ ତାହାଙ୍କଠାରୁ ହିଁ ଆସିଛି ।[୯] ଏହାକୁ ମନରେ ରଖି ଖ୍ରୀଷ୍ଟିୟାନମାନେ ସ୍କଟ୍‌ଲାଣ୍ଡର ମଡ଼ରେଟର୍‌ଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟକୁ ଦୃଢ଼ କରିଥିଲେ ଯେତେବେଳେ ଗ୍ରେଟ୍ ବ୍ରିଟେନ୍‌ର ରାଜ୍ୟାଭିଷେକ ସେବାରେ ନୂତନ ସମ୍ରାଟ୍‌ଙ୍କ ପ୍ରତି ଏକ ବାଇବଲ ଉପହାର ଦିଆଯାଉଥିଲା : ଜଗତ ଦେଇପାରୁଥିବା ଏହା ହିଁ ସବୁଠାରୁ ବହୁମୂଲ୍ୟ ବିଷୟ ଅଟେ, ଜଗତ ଜାଣିଥିବା ଏହା ହିଁ ସବୁଠାରୁ ବହୁମୂଲ୍ୟ ବିଷୟ ଅଟେ, ଈଶ୍ୱରଙ୍କ ଜୀବନ୍ତ ବାକ୍ୟ ଅଟେ ।

ଈଶ୍ୱରଙ୍କ ବିଶେଷ ପ୍ରକାଶନ ଯେଉଁଥିରେ *ପ୍ରସ୍ତାବିତ* ଉକ୍ତିଗୁଡ଼ିକ ଅଛି, ଈଶ୍ୱର ଓ ମନୁଷ୍ୟ ବିଷୟରେ *ଧର୍ମତାତ୍ତ୍ୱିକ* ସତ୍ୟ ପ୍ରକାଶନରେ ବାଇବଲ ହିଁ ବିଶେଷରୂପେ ବହୁମୂଲ୍ୟ ଅଟେ । ଉଦାହରଣସ୍ୱରୂପ, ଯୀଶୁ ଖ୍ରୀଷ୍ଟଙ୍କ ଦେବତ୍ୱ ଏକ ଧର୍ମତାତ୍ତ୍ୱିକ ସତ୍ୟ ଅଟେ ଯାହାକି ବାଇବଲ ସରଳ ଭାବରେ ପ୍ରକାଶ କରିଥାଏ (ଉଦାହରଣସ୍ୱରୂପ, ତିତସ ୨:୧୩) । ଅନ୍ୟାନ୍ୟ ଧର୍ମତତ୍ତ୍ୱଗୁଡ଼ିକ, ଯେପରି ତ୍ରିତ୍ତ୍ୱର ଧର୍ମତତ୍ତ୍ୱ, ଈଶ୍ୱରଙ୍କ ବିଷୟରେ ଏହାର ଉକ୍ତିର ଏକ ଆବଶ୍ୟକୀୟ ନିହିତାର୍ଥ ଭାବରେ ଶାସ୍ତ୍ରରେ ପ୍ରକାଶିତ ହୋଇଛି । ବାଇବଲର ପ୍ରତ୍ୟକ୍ଷ ଉକ୍ତି ଓ ଶାସ୍ତ୍ରରୁ ଉଦ୍ଧୃତ ଆବଶ୍ୟକୀୟ ସିଦ୍ଧାନ୍ତ ମାଧ୍ୟମରେ ବିଶ୍ୱାସୀମାନେ ହୁଏତ ଈଶ୍ୱରଙ୍କ, ମନୁଷ୍ୟ, ପାପ, ପରିତ୍ରାଣ ପୁଣି ବିଶ୍ୱାସ ଓ ଈଶ୍ୱରପରାୟଣତା ପ୍ରତି ଆବଶ୍ୟକୀୟ ଅନ୍ୟାନ୍ୟ ସମସ୍ତ ବିଷୟଗୁଡ଼ିକ ବିଷୟରେ ସତ୍ୟ ଜାଣନ୍ତି (୨ୟ ପିତ. ୧:୩) ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଏହା କହିବାକୁ ପଡ଼ିବ ନାହିଁ ଯେ ବାଇବଲ କେବଳ ପ୍ରସ୍ତାବିତ ସତ୍ୟ ଦାବି କରିଥାଏ କିମ୍ବା ମନୁଷ୍ୟ ପ୍ରତି ଈଶ୍ବରଙ୍କ ବାର୍ତ୍ତା ପ୍ରସ୍ତାବିତ ସତ୍ୟ ପ୍ରତି ସୀମାବଦ୍ଧ ଅଟେ । ବିଭିନ୍ନ ଆକ୍ଷରିକ ଶୈଳୀରେ ବାଇବଲ ଈଶ୍ବରଙ୍କ ପ୍ରକାଶିତ ବାକ୍ୟ ଉପସ୍ଥାପନ କରିଥାଏ : ଐତିହାସିକ ବର୍ଣ୍ଣନାତ୍ମକ, ରୂପକ, ବିଧ୍ବଂସକାରୀ ଘଟଣା, ଭାବବାଦୀୟ ଦୈବବାଣୀ, ପତ୍ର ଓ କବିତା, କେତେକ ଅତି ସୁସ୍ପଷ୍ଟ ବିଷୟର ନାମ । ଏହିସବୁ ଶୈଳୀ ଅଧିକ ପ୍ରସ୍ତାବିତ ବିଷୟଗୁଡ଼ିକ ପ୍ରତି କେବଳ ହ୍ରାସ ପାଇପାରିବ ନାହିଁ ଅଧିକନ୍ତୁ, ଈଶ୍ବରଙ୍କ ଚରିତ୍ର ଓ ଇଚ୍ଛା ହିଁ ପ୍ରସ୍ତାବିତ ଅପେକ୍ଷା ଅନ୍ୟ ଭାବରେ ବାଇବଲସମ୍ମତ ଭାବରେ ଉପସ୍ଥାପିତ ହୋଇଛି ।

ଶାସ୍ତ୍ରରେ ଦିଆଯାଇଥିବା ସତ୍ୟ କେବଳ ପ୍ରସ୍ତାବିତ ବିଷୟଗୁଡ଼ିକ ବ୍ୟକ୍ତ କରିପାରୁଥିବା ବିଷୟକୁ ଅତିକ୍ରମ କରିଯାଇଥାଏ, ଯେପରି ଏହାର ଲେଖକ ଅସୀମ ଈଶ୍ବର ହୋଇଥିବାରୁ ଆମେ ଆଶା କରିପାରିବା । ତଥାପି ବାଇବଲ ପ୍ରସ୍ତାବିତ ଗଠନରେ ପ୍ରମୁଖ ସତ୍ୟ ବ୍ୟକ୍ତ କରିଥାଏ, ପୁଣି ଧର୍ମତାତ୍ତ୍ବିକ ଉକ୍ତିଗୁଡ଼ିକ ହୁଏତ ଏହି ସତ୍ୟଗୁଡ଼ିକୁ ସଠିକ୍ ଭାବରେ ବ୍ୟକ୍ତ କରିପାରିବ ଯଦିଚ ସେଗୁଡ଼ିକ ସେଗୁଡ଼ିକୁ ବ୍ୟାପକ ଭାବରେ ବ୍ୟକ୍ତ କରିପାରିବେ ନାହିଁ । ପ୍ରେରିତ ପାଉଲ ଖ୍ରୀଷ୍ଟୀୟ ଧର୍ମତତ୍ତ୍ବ କୁ ସ୍ପଷ୍ଟରୂପେ ବ୍ୟକ୍ତ କରି ତୀମଥିଙ୍କୁ ଅନୁରୋଧ କରିଥିଲେ, ମୋ'ଠାରୁ ଯେଉଁ ସବୁ ହିତଜନକ ବାକ୍ୟ ଶୁଣିଅଛ, ଖ୍ରୀଷ୍ଟ ଯୀଶୁଙ୍କ ସମ୍ବନ୍ଧୀୟ ବିଶ୍ବାସ ଓ ପ୍ରେମରେ ତାହା ଆଦର୍ଶରୂପେ ଧରି ରଖ (୨ୟ ତୀମ. ୧:୧୩) ।

ପବିତ୍ର ଶାସ୍ତ୍ର ଈଶ୍ବରଙ୍କଠାରୁ ବିଭିନ୍ନ ପ୍ରକାର ଗଠନରେ ସତ୍ୟ ପ୍ରକାଶ କରିଥାଏ, ସେଥିରେ ଅଧିକ ପ୍ରସ୍ତାବିତ ବିଷୟ ଅନ୍ତର୍ଭୁକ୍ତ ହୋଇଛି, ଯାହାକି ଶାସ୍ତ୍ର ଦ୍ବାରା ସତ୍ୟ ଗ୍ରହଣ କରୁଥାଏ ତାହା ଏକ ଶୁଷ୍କ, ବୌଦ୍ଧିକ ବୃତ୍ତି ଅଟେ । ପବିତ୍ର ଆତ୍ମା ବାଇବଲର ମାନବ ଲେଖକଙ୍କ ମାଧ୍ୟମରେ ଏହାର ସ୍ଥିତି ଆଣିଥିଲେ, ପୁଣି ସେ ମଧ୍ୟ ଲୋକମାନଙ୍କୁ ଜ୍ଞାନାଲୋକ ପ୍ରଦାନ କରନ୍ତି, ଯେପରି ସେମାନେ ବାଇବଲ ବୁଝିପାରିବେ ଓ ବିଶ୍ବାସ କରିପାରିବେ । ଏଥିପାଇଁ ପିତର ଶାସ୍ତ୍ର ପଠନ ସହିତ ଯୀଶୁଙ୍କୁ ତାହାଙ୍କ ଗୌରବ ପ୍ରଦର୍ଶନ କରିବା ବିଷୟ ଦେଖିବାର ବ୍ୟକ୍ତିଗତ ଅନୁଭୂତି ତୁଳନା କରନ୍ତି : ଏଥିରେ ଭାବବାଣୀ ଆମ୍ଭମାନଙ୍କ ନିକଟରେ ଅଧିକ ଦୃଢ଼ ହୋଇଅଛି ତୁମ୍ଭେମାନେ ତାହା ଅନ୍ଧକାରମୟ ସ୍ଥାନରେ ପ୍ରଜ୍ବଳିତ ହେଉଥିବା ପ୍ରଦୀପ ସଦୃଶ ମନେ କରି ରାତି ପାହାନ୍ତା ନ ହେବା ପର୍ଯ୍ୟନ୍ତ ଓ ତୁମ୍ଭମାନଙ୍କ ହୃଦୟରେ ପ୍ରଭାତୀ ତାରା ଉଦିତ ନ ହେବା ପର୍ଯ୍ୟନ୍ତ ତାହା ପ୍ରତି ମନୋଯୋଗ କଲେ ଭଲ ହେବ (୨ୟ ପିତ. ୧:୧୯) । ଖ୍ରୀଷ୍ଟୀୟ ବିଶ୍ବାସର ଏହି ସିଦ୍ଧ ପ୍ରକାଶନ କେବଳ ଶାସ୍ତ୍ରର ସତ୍ୟ ମୂଲ୍ୟରେ ନାହିଁ, ମାତ୍ର ଈଶ୍ବରଙ୍କ ଲିଖିତ ବାକ୍ୟରୁ ଉଦ୍ଧୃତ ସତ୍ୟର ଆତ୍ମିକ ମୂଲ୍ୟରେ ଅଛି ।

ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବ୍ୟତୀତ ମାନବ ଜାତି କେବଳ ଈଶ୍ବରଙ୍କୁ ଜାଣିବାରେ ଅକ୍ଷମ ନୁହେଁ ମାତ୍ର ସେମାନେ ନିଜ ନିଜକୁ ମଧ୍ୟ ଜାଣିପାରିବେ ନାହିଁ । ତେଣୁ ଆମ ଚତୁର୍ଦ୍ଦିଗରେ ଥିବା ଜଗତ ହତୋତ୍ସାହ ହେଉଛି, ପାପର ପ୍ରଭାବରେ କଳୁଷିତ ହେବା ଦ୍ବାରା ଆମ ମଧ୍ୟରେ ଦ୍ବନ୍ଦ କାର୍ଯ୍ୟ କରୁଛି, ଯାହାକି ସ୍କଟ୍ ଓଲିଫିଣ୍ଟ୍ ବ୍ୟକ୍ତ କରନ୍ତି, ଈଶ୍ବରଙ୍କଠାରୁ ଆମେ ଏକ ବାକ୍ୟ, *ଅର୍ଥାତ୍ ଈଶ୍ବରଙ୍କ ବାକ୍ୟ* ପାଇବା ପର୍ଯ୍ୟନ୍ତ, ଆମେ ଆମ ଚତୁର୍ଦ୍ଦିଗରେ ଥିବା ଜଗତ

କିମ୍ବା ଆମ ମଧ୍ୟରେ ଥିବା 'ଜଗତ' ବିଷୟରେ ଜ୍ଞାନ ହାସଲ କରିପାରିବା ନାହିଁ, ଆମେ ଈଶ୍ୱରଙ୍କୁ କିପରି ସନ୍ତୁଷ୍ଟ କରିପାରିବା ସେ ବିଷୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ସତ୍ୟ ଉଲ୍ଲେଖ କରିବା ନାହିଁ ।[୧୦] କେବଳ ବାଇବଲ ହିଁ ଆମକୁ ଆମ ବିଷୟରେ ଓ ଈଶ୍ୱରଙ୍କ ଜଗତ ବିଷୟରେ ବୁଝିବାରେ ସାହାଯ୍ୟ କରିପାରିବ ।

*ଈଶ୍ୱରଙ୍କ ଜୀବନ ଅନୁସନ୍ଧାନ*

ସତ୍ୟର ସ୍ଥିତି ଅଛି କାରଣ ଈଶ୍ୱରଙ୍କ ସ୍ଥିତି ଅଛି, ପୁଣି ବାଇବଲରେ ଈଶ୍ୱରଙ୍କ ପ୍ରକାଶନ ଏହି ସତ୍ୟକୁ ଜାଣିବାକୁ ଦେଇଥାଏ । ଆହୁରିମଧ୍ୟ, ସତ୍ୟ ଈଶ୍ୱରଙ୍କ ଅନୁରୂପୀ ହୋଇଥାଏ ଓ ବାସ୍ତବତା କେବଳ ତତ୍ତ୍ୱ ରେ ନାହିଁ ମାତ୍ର ଏକ ପ୍ରସ୍ତାବିତ ସମ୍ପର୍କରେ ଅଛି ଯାହାକି ବାସ କରିଛି ତଥା ଜଣାଶୁଣା ଅଟେ ।

ଚୁକ୍ତି କରିବା ସର୍ବଦା ପ୍ରଭୁତ୍ୱର ଏକ କାର୍ଯ୍ୟ ଅଟେ, ତେଣୁ ଚୁକ୍ତି ପ୍ରସ୍ତୁତ କରୁଥିବା ଈଶ୍ୱର ସୃଷ୍ଟି ଉପରେ ତଥା ବିଶେଷରୂପେ ମାନବ ଜାତି ଉପରେ ସମ୍ପୂର୍ଣ୍ଣରୂପେ ତାହାଙ୍କ ପ୍ରଭୁତ୍ୱ ପ୍ରକାଶ କରନ୍ତି । ଏକ ଚୁକ୍ତିରେ ଉଭୟ ପକ୍ଷ ସର୍ବଦା ସମ୍ପୃକ୍ତ ଥାଆନ୍ତି । ଈଶ୍ୱର ଆପଣା ପକ୍ଷ ସମର୍ଥନରେ ସବୁ ସମୟ ପାଇଁ ଆପଣା ସୃଷ୍ଟି ପ୍ରତି ଆପଣାକୁ ବାନ୍ଧି ଦେଇଅଛନ୍ତି । ଏହି ପ୍ରତିବଦ୍ଧତାର ଏକ ବିଖ୍ୟାତ ପରିପ୍ରକାଶ ହେଉଛି ମହାଜଳପ୍ଲାବନ ପରେ ଜଳରୁ ନୋହଙ୍କ ସହିତ ଈଶ୍ୱରଙ୍କ ଚୁକ୍ତି । ଈଶ୍ୱର ପ୍ରତିଜ୍ଞା କରିଥିଲେ, ଆମ୍ଭେ ତୁମ୍ଭମାନଙ୍କ ସହିତ ଏହି ନିୟମ ସ୍ଥିର କରିବୁ, ସମସ୍ତ ପ୍ରାଣୀ ଜଳପ୍ଲାବନ ଦ୍ୱାରା ଆଉ ଉଚ୍ଛିନ୍ନ ହେବ ନାହିଁ ପୁଣି ପୃଥିବୀକି ବିନାଶ କରିବା ପାଇଁ ଆଉ ଜଳପ୍ଲାବନ ହେବ ନାହିଁ (ଆଦି. ୯:୧୧) । ଆହୁରିମଧ୍ୟ, ଈଶ୍ୱରଙ୍କ ଚୁକ୍ତିଗୁଡ଼ିକ ତାହାଙ୍କୁ ଏକ ଭାବରେ ନୁହେଁ ମାତ୍ର ସାର୍ବଭୌମ ଓ ପ୍ରଭୁ ଭାବରେ ସର୍ବଦା ମାନବ ଜାତି ସହିତ ବାନ୍ଧି ଦେଇଥାଏ : ସେ କହନ୍ତି, ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର ହେବା ଓ ତୁମ୍ଭେମାନେ ଆମ୍ଭର ଲୋକ ହେବ (ଯିରି. ୭:୨୩) ।

ଠିକ୍ ସେହିପରି ଭାବରେ, ଈଶ୍ୱରଙ୍କ ଚୁକ୍ତି ମାନବ ଜାତିକୁ ସର୍ବୋତ୍ତଭାବେ ସୃଷ୍ଟି ପ୍ରତି ପ୍ରତିବଦ୍ଧ ହେବାକୁ ଦେଇଛି । ମାନବ ଜାତି ଓ ସୃଷ୍ଟି ମଧ୍ୟରେ ଏହି ସୁଦୃଢ଼ତା ଈଶ୍ୱର ଧୂଳି ବ୍ୟବହାର କରି ପ୍ରଥମ ମନୁଷ୍ୟ, ଆଦମଙ୍କୁ ସୃଷ୍ଟି କରିବାରେ ଦେଖାଯାଇଛି । ଏହିପରି ଭାବରେ ଗୋଟିଏ ଅର୍ଥରେ ଆମର ସୃଷ୍ଟି ସହିତ ସଂଯୋଗ ଅଛି, କାରଣ ଆମକୁ ଏହାଠାରୁ ନିଆଯାଇଛି ଆକ୍ଷରିକ ଭାବରେ ଆମେ ଏହାର ଅଂଶବିଶେଷ ଅଟୁ ।[୧୧] ଠିକ୍ ସେହି ସମୟରେ ମନୁଷ୍ୟ ସୃଷ୍ଟି ସହିତ ସଂଯୁକ୍ତ ହୋଇ ଈଶ୍ୱରଙ୍କ ପ୍ରତି ବିଶେଷ ସମ୍ପର୍କ ଦ୍ୱାରା ଏହାଠାରୁ ପୃଥକ୍ ହୋଇଛି : ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିରୁ ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା (ଆଦି. ୨:୭) ।

ତା'ପରେ ଈଶ୍ୱର ପ୍ରଥମ ନର ଓ ନାରୀଙ୍କୁ ତାହାଙ୍କ ସୃଷ୍ଟି ଉପରେ ଉପକର୍ତ୍ତା କରି ସ୍ଥାପନ କରିଥିଲେ, ସେମାନଙ୍କୁ ସେମାନଙ୍କ ଉପରେ ଶାସକ ହେବା ପାଇଁ ଓ କର୍ତ୍ତୃତ୍ୱ କରିବାକୁ

ଆଜ୍ଞା ଦେଇଥିଲେ, ସୃଷ୍ଟିକୁ ଫଳବତୀ ଓ ବହୁଗୁଣିତ କରିଥିଲେ (ଆଦି. ୧:୨୮) । ତା'ପରେ ଈଶ୍ୱର ମାନବ ଜାତିକୁ ସୃଷ୍ଟି ପ୍ରତି ଓ ଆପଣା ପ୍ରତି ବିଶେଷ କର୍ତ୍ତବ୍ୟ କରିବାକୁ ସୃଷ୍ଟି କରିଥିଲେ । ଓଲିଫିଣ୍ଟ୍ ମନ୍ତବ୍ୟ ଦିଅନ୍ତି, ଆମ ନିଜର ଓ ଜଗତ ମଧ୍ୟରେ ଏକ ନିସ୍ତାରହୀନ ସଂଯୋଗ ଅଛି, ଅର୍ଥାତ୍ ଉଭୟ ଈଶ୍ୱରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ତାହାଙ୍କ ଚରିତ୍ରକୁ ପ୍ରତିଫଳିତ କରିବା ପାଇଁ ଉଦ୍ଦେଶ୍ୟର ଏକ ସଂଯୋଗ ଅଛି । ସେଥିପାଇଁ ଆମେ ଲୋକମାନେ ଆମ ଜଗତକୁ ଜାଣିବାକୁ ଓ ତା' ସହିତ ପ୍ରତିକ୍ରିୟା ପ୍ରକାଶ କରିବାକୁ ସୃଷ୍ଟି ହୋଇଛୁ, ସମସ୍ତ ଗୌରବ ଆମର ତ୍ରିତ୍ୱ ପରମେଶ୍ୱର, ଆମର ସୃଷ୍ଟିକର୍ତ୍ତାଙ୍କର ହେଉ ।[୧୨]

ସୃଷ୍ଟିର ଚୁକ୍ତିଭିତ୍ତିକ ପ୍ରକୃତି ହେତୁ ସତ୍ୟର ଜ୍ଞାନ ଏହା ସହିତ ଈଶ୍ୱରଙ୍କ ପ୍ରତି ଓ ଏହି ଜଗତରେ ଆମ ଚତୁର୍ଦ୍ଦିଗରେ ଥିବା ବିଷୟଗୁଡ଼ିକ ପ୍ରତି ଆଜ୍ଞାବହ ହୋଇଥାଏ । ଅତଏବ ଈଶ୍ୱରଙ୍କୁ ଗ୍ରହଣ କରିବା ହେଉଛି ଈଶ୍ୱରଙ୍କ ସତ୍ୟରେ ଜୀବନଯାପନ କରିବା । ଦୀର୍ଘ ସମୟ ପୂର୍ବରୁ ମୋଶା ଇସ୍ରାୟେଲୀୟମାନଙ୍କ ପ୍ରତି ଯେପରି ବର୍ଣ୍ଣନା କରିଥିଲେ, ଆମ୍ଭେମାନେ ଯେମନ୍ତ ଏହି ବ୍ୟବସ୍ଥାର ସବୁ ବଚନ ପାଳନ କରିବା, ଏଥିପାଇଁ ପ୍ରକାଶିତ ବିଷୟସବୁ ଯୁଗାନୁକ୍ରମେ ଆମ୍ଭମାନଙ୍କର ଓ ଆମ୍ଭମାନଙ୍କ ସନ୍ତାନଗଣର ଅଧିକାର (ଦ୍ୱି.ବି. ୨୯:୨୯) ।

ତା'ପରେ ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଈଶ୍ୱର ଯେତେବେଳେ ଜଗତ ମଧ୍ୟକୁ ଆପଣାର ପୁତ୍ରଙ୍କୁ ପ୍ରେରଣ କଲେ, ସେତେବେଳେ ସତ୍ୟର ଅବତାର ଭାବରେ ଯୀଶୁ ପ୍ରକାଶିତ ହୋଇଥିଲେ । ଯୋହନ ଲେଖିଥିଲେ, ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତିଃ (ଯୋହନ ୧:୪) । ଯୀଶୁ ଘୋଷଣା କରିଥିଲେ, ମୁଁ ପଥ, ସତ୍ୟ ଓ ଜୀବନ (ଯୋହନ ୧୪:୬) । ଈଶ୍ୱରଙ୍କ ସତ୍ୟକୁ ବାସ୍ତବ ରୂପ ଦେବା ପାଇଁ, ତାହାଙ୍କ ଆଜ୍ଞାବହ ଜୀବନରେ ଈଶ୍ୱରଙ୍କ ସତ୍ୟତାରେ ଜୀବନଯାପନ କରିବା ପାଇଁ ଓ ଈଶ୍ୱରଙ୍କ ଉତ୍ସର୍ଗୀକୃତ ମୃତ୍ୟୁ ଓ ଉଦ୍ଧାରକାରୀ ପୁନରୁତ୍ଥାନ ମାଧ୍ୟମରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ସତ୍ୟ ପ୍ରତିଷ୍ଠା କରିବା ପାଇଁ ଈଶ୍ୱରଙ୍କ ପୁତ୍ର ଆସିଥିଲେ ।

ତା'ପରେ ସତ୍ୟ ହେଉଛି ଆମର ସମ୍ପୂର୍ଣ୍ଣ ଜୀବନ ଓ ଈଶ୍ୱରଙ୍କ ଅନ୍ତର, ବାକ୍ୟ ଓ କାର୍ଯ୍ୟ ମଧ୍ୟରେ ବିନିମୟ, ଯାହାକି ବାକ୍ୟ ଓ ଆତ୍ମାଙ୍କର ଧ୍ୟାନ ମାଧ୍ୟମରେ ହୋଇଥାଏ ।[୧୩] ସେଥିପାଇଁ ଖ୍ରୀଷ୍ଟିୟାନମାନେ ବାଇବଲକୁ ପ୍ରସ୍ତାବନା ମାଧ୍ୟମରେ ପ୍ରକାଶିତ ଗୁରୁତ୍ୱପୂର୍ଣ୍ଣ ଧର୍ମତାତ୍ତ୍ୱିକ ସତ୍ୟ ବୋଲି ମାନ୍ୟତା ଦିଅନ୍ତି । ମାତ୍ର ଯୀଶୁ ଓ ତାହାଙ୍କ ଜୀବନର ସତ୍ୟର ଶାସ୍ତ୍ରୀୟ କାହାଣୀ ମାଧ୍ୟମରେ ମଧ୍ୟ ଖ୍ରୀଷ୍ଟିୟାନମାନେ କିଏ ସତ୍ୟ ଅଟନ୍ତି, ତାହାଙ୍କୁ ଜାଣିବାକୁ ପାଆନ୍ତି, ତାହାଙ୍କୁ ପ୍ରେମ କରନ୍ତି, ଓ ତାହାଙ୍କ ସତ୍ୟର ଆଜ୍ଞାବହ ହୁଅନ୍ତି । ବାଇବଲରେ ଲିପିବଦ୍ଧ ହୋଇଥିବା ଜଣେ ସାଙ୍ଗ ପରି ସେ ମୋତେ, ଖ୍ରୀଷ୍ଟିୟାମାନଙ୍କୁ ସତ୍ୟ ଜାଣିବାକୁ, ସତ୍ୟରେ ଜୀବନଯାପନ କରିବାକୁ ଓ ସତ୍ୟ କହିବାକୁ ଦେଇଥିଲେ, ସମସ୍ତ ବିଷୟ ଉପରେ ଏହା ଜାଣିବାକୁ ଦେଇଥିଲେ ଯେ ଉଭୟ ଯୀଶୁଙ୍କଠାରେ ବିଶ୍ୱାସ ମାଧ୍ୟମରେ ଈଶ୍ୱରଙ୍କ ପ୍ରତି ପଥରୂପେ ଓ ବିଶ୍ୱାସରେ ତାହାଙ୍କ ସୁସମାଚାର ବାକ୍ୟ ଗ୍ରହଣ କରୁଥିବା ସମସ୍ତଙ୍କ ପ୍ରତି ପ୍ରକୃତ ଜୀବନ ଦେଉଥିବା ବ୍ୟକ୍ତିରୂପେ ଯୀଶୁ ସତ୍ୟ ଅଟନ୍ତି ।

## ଖ୍ରୀଷ୍ଟୀୟ ସତ୍ୟ ଅଭ୍ୟାସ

ମୁଁ ଯେପରି ବ୍ୟକ୍ତ କରିଛି, ସେହିପରି ଖ୍ରୀଷ୍ଟିୟାନମାନଙ୍କୁ ଏକ ଜଗତରେ ସତ୍ୟ ସପକ୍ଷରେ ଛିଡ଼ା ହେବାକୁ ପଡ଼ିବ ଯାହାକି ଏହାକୁ ଅସ୍ୱୀକାର କରିବା ଦ୍ୱାରା ବକ୍ର ହୋଇଛି । ଖ୍ରୀଷ୍ଟିୟାନମାନଙ୍କୁ ଈଶ୍ୱରଙ୍କ ପାଇଁ, ଆପଣା ପାଇଁ ଓ ଅବିଶ୍ୱାସୀ ଜଗତ ପାଇଁ ସତ୍ୟ ସପକ୍ଷରେ – ଓ ସତ୍ୟର ଜ୍ଞାନ ସପକ୍ଷରେ – ଏହିପରି ଛିଡ଼ା ହେବାକୁ ପଡ଼ିବ । ସେହି ସତ୍ୟ ବାସ୍ତବ ଅଟେ ବୋଲି ଘୋଷଣା କରିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ସ୍ଥିତିକୁ ଦୃଢ଼ କରିଥାଉ, ଯେ କି ବାସ୍ତବତା, ସତ୍ୟ ଓ ଜ୍ଞାନକୁ ସ୍ଥାପନ କରିପାରିବେ ।

### *ଶାସ୍ତ୍ରର ସଂଯତ ଘୋଷଣା*

ସତ୍ୟ ଧାରଣ କରିବା ପାଇଁ ଖ୍ରୀଷ୍ଟିୟାନମାନଙ୍କର ସର୍ବୋତ୍ତମ ଉପାୟ ଆମ ହାତରେ ଥିବା ବାଇବଲରେ ଅଛି, ଯେପରି ଦାଉଦ ଆନନ୍ଦ କରିଥିଲେ, ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ ସଦାପ୍ରଭୁଙ୍କ ପ୍ରମାଣବାକ୍ୟ ଅଟଳ, ଅଳ୍ପ ବୁଦ୍ଧିର ଜ୍ଞାନଦାୟକ (ଗୀତ. ୧୯:୭) । ତଥାପି ଆମର ବାଇବଲସମ୍ମତ ବାର୍ତ୍ତା ଘୋଷଣା କରିବାରେ ଆମେ ଖ୍ରୀଷ୍ଟିୟାନମାନେ ନିଜକୁ କେବେ ବି ସତ୍ୟର ବିଚାରକ କରିବା ଉଚିତ୍ ନୁହେଁ । ଏପରିକି ଆମେ ଯୀଶୁ ଖ୍ରୀଷ୍ଟଙ୍କୁ ଅନ୍ତିମ ଓ ଈଶ୍ୱରଙ୍କ ସବୁଠାରୁ ସତ୍ୟ ପ୍ରକାଶନ ଭାବରେ ଉପସ୍ଥାପନ କରିବା ବେଳେ ଆମେ ଆମର ଶ୍ରୋତାମାନଙ୍କ କେବଳ ଦାସରୂପେ ତାହା କରିପାରିବା (୨ୟ କରି. ୪:୫ ପଦ ଦେଖନ୍ତୁ) । ଆମର ଅତ୍ୟାଧୁନିକ ପ୍ରତିବାସୀମାନଙ୍କ ସମାଲୋଚକମାନଙ୍କ କଥା ଶୁଣିବା ଓ ଆଧୁନିକତାର ଦାମ୍ଭିକତାକୁ ସ୍ୱୀକାର କରିବା ବିଷୟ ବେଳେବେଳେ ଆମ ନିଜର ସଂସ୍କୃତିକୁ ପ୍ରଭାବିତ କରିଥିଲା, ଖ୍ରୀଷ୍ଟିୟାନମାନେ ଏକ ସଂଯତ ଅନୁତାପର ସହିତ କଥା କହିବା ଉଚିତ୍ ଯାହାକି ପୂର୍ବାପେକ୍ଷା କମ୍ ବିଜୟୋଲ୍ଲାସ ହେଉଥିବ । ଆମେ ସସୀମ ଓ ପତିତ ଅଟୁ, ତେଣୁ ଆମେ ଯେଉଁ ବାର୍ତ୍ତା ଘୋଷଣା କରୁ, ତାହା ଅବିରତ ଭାବରେ ବାଇବଲ ସହିତ ତୁଳନା କରିବା ଉଚିତ୍ ।

ତଥାପି ସତ୍ୟ ଧରି ରଖିବା ପାଇଁ ଆମର ସମସ୍ତ ନମ୍ରତା ଓ ଅନ୍ୟମାନଙ୍କର ଦାବିକୁ ବିଶ୍ଳେଷଣ କରିବା ପାଇଁ ଖ୍ରୀଷ୍ଟିୟାନମାନଙ୍କୁ ଏବେସୁଦ୍ଧା ଦାବି କରିବାକୁ ପଡ଼ିବ ଯେ ଈଶ୍ୱରଙ୍କ ବାକ୍ୟରୁ ଯାହା ଘୋଷିତ ହୋଇଛି ସେସବୁ ସତ୍ୟ ଅଟେ । ଆମେ ଏହି ମନୋଭାବ ପ୍ରତ୍ୟାଖ୍ୟାନ କରିଥାଉ ଯେ ଆମର ଧର୍ମତତ୍ତ୍ୱ ରେ ଆମ ନିଜର ବିଶ୍ୱାସ ସମ୍ପ୍ରଦାୟର ପ୍ରସଙ୍ଗଭିତ୍ତିକ ଅନୁଭୂତି ଅପେକ୍ଷା ଆଉ କିଛି ଥାଏ ବୋଲି, କାରଣ ଆମେ ଯେଉଁ ବାଇବଲ ଘୋଷଣା କରୁ ତାହା ଈଶ୍ୱରଙ୍କଠାରୁ ପ୍ରକାଶିତ ସତ୍ୟ ଉପସ୍ଥାପନ କରିଥାଏ । ଏହିପରି ବିଚାରଶୀଳ ଭାବରେ ଆମ୍ଭେମାନେ କ୍ଷମତା, ଶକ୍ତି ଓ ପବିତ୍ର ଶାସ୍ତ୍ରର ଅନନ୍ୟ ପ୍ରକାଶନ ପ୍ରତି ପ୍ରତିବଦ୍ଧ ହୋଇଥାଉ ଯାହା ମାଧ୍ୟମରେ ଈଶ୍ୱର ଆଜି ଲୋକମାନଙ୍କୁ କଥା କହନ୍ତି ।

### *ସତ୍ୟ ଓ ଜୀବନ ପାଇଁ ଆବେଗ*

ଖ୍ରୀଷ୍ଟିୟାନମାନେ ଯେପରି ସାହସର ସହିତ ଘୋଷଣା କରିବା ଓ ନମ୍ର ଭାବରେ ସତ୍ୟ ଉପସ୍ଥାପନ କରିବା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରବା ଉଚିତ୍, ଆମେ ମଧ୍ୟ ସେହିପରି

ବାଇବଲସମ୍ମତ ଉତ୍ତମ ଧର୍ମତତ୍ତ୍ୱ ଓ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ ଏକ ଜୀବନ ପାଇଁ ବ୍ୟକ୍ତିଗତ ଆବେଗ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିବା ଉଚିତ୍ । ଆମେ ବିଶ୍ୱାସ କରୁ ଯେ ସତ୍ୟ ପ୍ରସ୍ତାବିତ ହୋଇଥିଲା ବେଳେ ଏହା କେବଳ ବିଶ୍ୱାସ କରିବା ବିଷୟ ନୁହେଁ, ମାତ୍ର ଉପାସନାରେ ଗ୍ରହଣ କରିବାକୁ ଓ ଜ୍ଞାନରେ ଅଭ୍ୟାସ କରିବାକୁ ପଡ଼ିବ ।[୧୪] ଖ୍ରୀଷ୍ଟୀୟ ସତ୍ୟ କେବେ ବି ସୂଚନା ବଦଳ କରିବାରେ ସମ୍ପୃକ୍ତ ହୋଇ ନ ଥାଏ, ମାତ୍ର ଏକ ବିଶ୍ୱାସ ଓ ପ୍ରେମର ଏକ ବ୍ୟକ୍ତିଗତ ସମ୍ପର୍କରେ ସମ୍ପୃକ୍ତ ହୋଇଥାଏ । ଅତଏବ, ଆମର ପ୍ରଚାର ଓ ଶିଷ୍ୟତ୍ୱରେ ଆମେ ପରିବର୍ତ୍ତିତ ଜୀବନଯାପନ ପାଇଁ ଆବେଗର ସହିତ ଉତ୍ତମ ଧର୍ମତତ୍ତ୍ୱ ପାଇଁ ଇର୍ଷାପରାୟଣ ଅଟୁ । ଏହି କାରଣରୁ ଈଶ୍ୱରଙ୍କ ଲୋକମାନଙ୍କର ସମ୍ପ୍ରଦାୟ ଅଧିକ ଉତ୍ତମ ଭାବରେ ଖ୍ରୀଷ୍ଟୀୟ ସତ୍ୟତାକୁ ବ୍ୟକ୍ତ କରିଥାଏ । ପ୍ରାର୍ଥନା, ଧର୍ମକର୍ମ, ସହଭାଗିତା, ସେବାକାର୍ଯ୍ୟ ଓ ସାକ୍ଷ୍ୟ ଦେବାର ଅଭ୍ୟାସ ଆମେ କିପରି ଈଶ୍ୱରଙ୍କ ବାକ୍ୟର ସତ୍ୟକୁ ଗ୍ରହଣ କରିଥାଉ ଓ ଉତ୍ତର ଦେଇଥାଉ ସେ ବିଷୟକୁ ପ୍ରସ୍ତୁତ କରିଥାଏ ।

ବିଷୟଟି ନୁହେଁ ଯେ ଖ୍ରୀଷ୍ଟିୟାନମାନଙ୍କୁ ସତ୍ୟକୁ ଈଶ୍ୱରପରାୟଣ ଜୀବନଯାପନ ପ୍ରତି ଯୁକ୍ତିଯୁକ୍ତ କରିବା ପାଇଁ ପରିଶ୍ରମ କରିବାକୁ ପଡ଼ିବ, ମାତ୍ର ଆପଣା ସତ୍ୟ ପ୍ରକାଶ କରିବାରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସର୍ବଦା ଏକ ପରିବର୍ତ୍ତନକାରୀ ପ୍ରେମ ଓ ପବିତ୍ରତାର ପ୍ରକ୍ରିୟା ସମ୍ପୃକ୍ତ ଥାଏ । ତେଣୁ ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ଖ୍ରୀଷ୍ଟିୟାନମାନେ ତାକୁ କେବେ ବି ପୃଥକ୍ କରିବା ଉଚିତ୍ ନୁହେଁ! ସତ୍ୟରୁ ବିଚ୍ଛିନ୍ନ ହୋଇଥିବା ପ୍ରେମ ପ୍ରେମ ନୁହେଁ, ପୁଣି ପ୍ରେମରୁ ବିଚ୍ଛନ୍ନ ହୋଇଥିବା ସତ୍ୟ ସତ୍ୟ ନୁହେଁ । ସେଥିପାଇଁ ପଉଲ ଆପଣା ଶିକ୍ଷା ଲେଖିଥିଲେ, କିନ୍ତୁ ଶୁଦ୍ଧ ହୃଦୟ, ଶୁଦ୍ଧ ବିବେକ ଓ ନିଷ୍କପଟ ବିଶ୍ୱାସରୁ ଜାତ ଯେଉଁ ପ୍ରେମ, ତାହା ଧର୍ମଶିକ୍ଷାର ଉଦ୍ଦେଶ୍ୟ ଅଟେ (୧ମ ତୀମ. ୧:୫) । ଖ୍ରୀଷ୍ଟିୟାନ୍ ସତ୍ୟ କେବେ ବି କେବଳ ବାହ୍ୟ ବିଷୟ ସହିତ ସମ୍ପୃକ୍ତ ନୁହେଁ, ଯେଣୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁନ୍ନତ୍ କି ଅସୁନ୍ନତ୍ କିଛି ନୁହେଁ, କିନ୍ତୁ ପ୍ରେମରେ କାର୍ଯ୍ୟସାଧକ ବିଶ୍ୱାସ ହିଁ ସାର (ଗାଲା. ୫:୬) ।

ଜୁଡ଼ି ଟେଲ୍ଟିନ୍ ଯେ କି ତାଙ୍କର ପାରମ୍ପରିକ ଯିହୁଦୀୟ ପିତାମାତାଙ୍କୁ ଖ୍ରୀଷ୍ଟିୟାନ୍ କରିପାରିଥିଲେ, ତାହା ସେ ସେହି ସମୟରେ କରିପାରିଥିଲେ ଯେତେବେଳେ ସେ ସୁସମାଚାରର ସତ୍ୟ ପ୍ରତି ବହୁଳ ଅତି ପ୍ରତିବଦ୍ଧ ହୋଇଥିଲେ ପୁଣି ଖ୍ରୀଷ୍ଟୀୟ ପ୍ରେମ ଓ ପବିତ୍ରତା ପ୍ରଦର୍ଶନ କରିଥିଲେ । ମହାବିଦ୍ୟାଳୟରେ ଜୁଡ଼ିଙ୍କୁ ଜଣେ ସାଙ୍ଗ ବାଇବଲଟିଏ ଉପହାର ଦେଇଥିଲେ ପୁଣି ଏହା ଅଧ୍ୟୟନ କରିବା ପାଇଁ ତାଙ୍କୁ ସାହାଯ୍ୟ କରିଥିଲେ, ଏବଂ ଜୁଡ଼ି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିଲେ । ସେ ଜାଣିଥିଲେ ଯେ ତାଙ୍କର ଯିହୁଦୀ ପରିବାର ତାଙ୍କର ଧର୍ମାନ୍ତରଣକୁ ତିକ୍ତ ଭାବରେ ବିରୋଧ କରିବେ, ମାତ୍ର ସାହସର ସହିତ ସତ୍ୟ କହିଥିଲେ । ସେ ତାଙ୍କ ବାପା, ଷ୍ଟାନ୍ ଟେଲ୍ଟିନ୍‌ଙ୍କୁ କହିଥିଲେ, ମୁଁ ବିଶ୍ୱାସ କରେ ଯେ ବାଇବଲ ହିଁ ଈଶ୍ୱରଙ୍କ ବାକ୍ୟ ଅଟେ, ପୁଣି ମୁଁ ବିଶ୍ୱାସ କରେ ଯେ ଯୀଶୁ ହିଁ ମସୀହ ଅଟନ୍ତି । ପ୍ରଥମେ ଶୟତାନ ବହୁଳ ଭାବରେ ବିଶ୍ୱାସଘାତକତା ଅନୁଭବ କରିଥିଲା । ସେ କହିଲେ, ଅଧିକ ଉତ୍ତମ ହୋଇଥା'ନ୍ତା

ଯଦି ସେ ଖ୍ରୀଷ୍ଟିୟାନ୍ ହେବା ପରିବର୍ତ୍ତେ ଗର୍ଭବତୀ ହୋଇଥା'ନ୍ତେ କିମ୍ବା ବିଦ୍ୟାଳୟରୁ ବାହାର କରିଦିଆଯାଇଥା'ନ୍ତେ ।

ଜୁଡ଼ି ନମ୍ରତା ଓ ହୃଦ୍‌ବୋଧର ସହିତ ବାଇବଲସମ୍ମତ ସତ୍ୟକୁ ସୁଦୃଢ଼ କରିଥିଲେ, ପୁଣି ସେ ପ୍ରେମ ଓ ପବିତତ୍ରା ମାଧ୍ୟମରେ ଏକ ଜୀବନ ପରିବର୍ତ୍ତନକୁ ସମର୍ଥନ କରିଥିଲେ । ସେ ତାଙ୍କ ପିତାମାତାଙ୍କୁ ନୂତନ ନିୟମ ଦେଇ କହିଲେ, ତୁମ୍ଭେମାନେ ନିଜେ ଏହା ପଢ଼ ଓ ଦେଖ ଏହା ସତ୍ୟ ନା ନାହିଁ । ଜୁଡ଼ିଙ୍କ ପ୍ରେମର ଉଦାହରଣ ଦ୍ୱାରା ନରମି ଯାଇ ଷ୍ଟାନ୍ ତାଙ୍କ ଆହ୍ୱାନ ଗ୍ରହଣ କରି ତାଙ୍କ ଝିଅର ନୂଆ ବିଶ୍ୱାସ ଭ୍ରାନ୍ତ ଅଟେ ବୋଲି ପ୍ରମାଣ କରିବାକୁ ସ୍ଥିର କଲେ । ତା' ବଦଳରେ ପବିତ୍ର ଶାସ୍ତ୍ରରେ ସତ୍ୟ ବିଷୟରେ ଈଶ୍ୱରଙ୍କ ପ୍ରକାଶନ ମାଧ୍ୟମରେ ସେ ତାଙ୍କ ଝିଅଙ୍କ ପରି ସମାନ୍ ହୃଦ୍‌ବୋଧ ଲାଭ କରିଥିଲେ । ଷ୍ଟାନ୍ ଯେତେବେଳେ ଶେଷରେ ତାଙ୍କ ସ୍ତ୍ରୀଙ୍କୁ ତାଙ୍କ ବିଶ୍ୱାସ ବିଷୟରେ କହିବାକୁ ସାହସ କରିଥିଲେ ଯେ ଯୀଶୁ ବାସ୍ତବରେ ଉଦ୍ଧାରକର୍ତ୍ତା ଅଟନ୍ତି, ସେତେବେଳେ ସେ ମଧ୍ୟ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ମାଧ୍ୟମରେ ସେହି ସମାନ୍ ବିଶ୍ୱାସ ସ୍ୱୀକାର କରିଥିଲେ ।[୧୫]

ପାରମ୍ପରିକ ଯିହୁଦୀ ପରିବାର ପରି ଏକ ଉଗ୍ର ବିରୋଧର ସମ୍ମୁଖୀନ ହୋଇ ଜଣେ ଫଳପ୍ରଦ ସାକ୍ଷୀ ହେବା ପାଇଁ ଜୁଡ଼ିଙ୍କୁ ସୁସମାଚାରର ସତ୍ୟ ପ୍ରତି ତାଙ୍କର ସାକ୍ଷ୍ୟକୁ ଫେରାଇ ନେବାକୁ ପଡ଼ି ନ ଥିଲା । ତଥାପିମଧ ସିଦ୍ଧ ନମ୍ରତା, ପ୍ରେମ ଓ ଈଶ୍ୱରପରାୟଣତା ସହିତ ତାଙ୍କର ସାକ୍ଷ୍ୟକୁ ଯୋଗ କରିବା ଆବଶ୍ୟକ ଥିଲା ଯେପରି ତାଙ୍କର ଯତ୍ନ ନେଉଥିବା ଲୋକମାନଙ୍କଠାରୁ ସେ ସାକ୍ଷ୍ୟ ଶୁଣିପାରିବେ । ସମସ୍ତ ଖ୍ରୀଷ୍ଟିୟାନ୍ ପ୍ରାର୍ଥନା ସହକାରେ ସେହିପରି କରିବା ପାଇଁ ପରିଶ୍ରମ କରିବା, ପବିତ୍ର ଆତ୍ମାଙ୍କ ଶକ୍ତିରେ ସତ୍ୟ ଓ ପ୍ରେମକୁ ଏକତ୍ର ଧରି ରଖିବା ଉଚିତ୍, ଯେପରି ବାଇବଲ ପ୍ରତି ଆମର ସାକ୍ଷ୍ୟ ପ୍ରତିଫଳିତ ହେବ, ଯେପରି ପାଉଲ ଏହାକୁ ଆତ୍ମାଙ୍କ ଶକ୍ତିର ପ୍ରଦର୍ଶନ ବୋଲି କହିଛନ୍ତି (୧ମ କରି. ୨:୪) ।

*ସତ୍ୟର ଆତ୍ମିକତା*

ପବିତ୍ର ଶାସ୍ତ୍ର ଈଶ୍ୱରଙ୍କ ସତ୍ୟ ବ୍ୟକ୍ତ କରୁଥିବାରୁ ସତ୍ୟ ଜାଣିବା ସର୍ବଦା ଏକ ଆତ୍ମିକ ବିଷୟ ଅଟେ। ସତ୍ୟକୁ ସୁରକ୍ଷିତ ଓ ଘୋଷଣା କରିବାରେ ଆମେ ଯାହା ଘୋଷଣା କରୁ, ତାହା ଆମେ ନିଜକୁ ଘୋଷଣା କରୁ ନାହୁଁ (୨ୟ କରି. ୪:୫) । ଆମ୍ଭେମାନେ ଅନ୍ୟମାନଙ୍କଠାରୁ ଅଧିକ ଉତ୍ତମ ନୋହୁଁ, ଆମେ ମଧ୍ୟ ଆମର ପରମ୍ପରାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଜିଦ୍‌ଖୋର୍ ହେବା ଉଚିତ୍ ନୁହେଁ। ଆମ୍ଭେମାନେ କୃତଜ୍ଞ ଅଟୁ ଯେ ଈଶ୍ୱର ପ୍ରେମରେ ଆପଣାକୁ ଆମକୁ ଜଣାଇଥିଲେ । ଈଶ୍ୱରଙ୍କ ବିଷୟରେ ଆମର ଜ୍ଞାନ ପକ୍ଷପାତି ରହିଥାଏ, ଯଦିଚ ଏହା ସଠିକ୍ ହୋଇଥିଲେ ବି, ତଥାପି ଆତ୍ମାଙ୍କ ସାକ୍ଷ୍ୟ ଦ୍ୱାରା ଆମ୍ଭେମାନେ ଜାଣିପାରିବା ଯେ ଆମ୍ଭେମାନେ ସମ୍ପୂର୍ଣ୍ଣ ନିଶ୍ଚୟତା ସହିତ ଉଦ୍ଧାରକାରୀ ସତ୍ୟ ଗ୍ରହଣ କରିଛୁ । ଆମ ହୃଦୟରେ ଈଶ୍ୱରଙ୍କ ସତ୍ୟ ଗ୍ରହଣ କରିବାରେ ଆତ୍ମାଙ୍କ ଭୂମିକା ହେତୁ ଆମର ଆମକୁ ଦିଆଯାଇଥିବା ଶିକ୍ଷା ବିଷୟରେ ନିଶ୍ଚୟତା ଅଛି (ଲୂକ ୧:୪) । ଈଶ୍ୱରଙ୍କ ଜ୍ଞାନର ସୁସମାଚାର

ସତ୍ୟତା ଆମ ପାଖକୁ ଆସିଛି କେବଳ ବାକ୍ୟରେ ନୁହେଁ, ମାତ୍ର ଶକ୍ତି, ପବିତ୍ର ଆତ୍ମା ଓ ଅତ୍ୟନ୍ତ ନିଶ୍ଚୟତା ସହ (୧ମ ଥେସ. ୧:୫) ।

ସତ୍ୟର ଆତ୍ମିକତା ବିଷୟରେ ଏହି ପ୍ରତିଫଳନ – ଅର୍ଥାତ୍ ପବିତ୍ର ଆତ୍ମାଙ୍କ ସେବାକାର୍ଯ୍ୟ ଦ୍ୱାରା ଓ ଆତ୍ମା-ଅନୁପ୍ରେରିତ ବାକ୍ୟ ମାଧ୍ୟମରେ ଆମ ଆତ୍ମା ପ୍ରତି ସତ୍ୟ ଶେଷରେ ପ୍ରକାଶିତ ହୋଇଛି – ଅର୍ଥାତ୍ ଏହି ଅଧ୍ୟାୟ ଉନ୍ମୋଚନ କରୁଥିବା କଥାବାର୍ତ୍ତାକୁ ଆମେ କିପରି ଗ୍ରହଣ କରିଥାଉ ତା'ର ଉତ୍ତରଗୁଡ଼ିକ ମାଧ୍ୟମରେ ସତ୍ୟ ପ୍ରକାଶିତ ହୋଇଛି । ଜେମ୍ସ୍ ବୋୟସ୍ ତାଙ୍କର ବିମାନଯାତ୍ରା ସାଥୀଙ୍କ ଅଭିଯୋଗଗୁଡ଼ିକର ଉତ୍ତର ଦେଇ ଏହିପରି ବଳାଇଥିଲେ, ଯାହା ସତ୍ୟ ତାହା ହିଁ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଜିର ଆପେକ୍ଷିକ ଆଧିପତ୍ୟ ଆଧାରରେ ଅଖ୍ରୀଷ୍ଟିୟାନମାନେ ଆଉ ସତ୍ୟକୁ ଏକ ସାଧାରଣ ଭିତ୍ତିଭୂମି ଭାବରେ ଗ୍ରହଣ କରିବେ ନାହିଁ।  ତା'ପରେ ଖ୍ରୀଷ୍ଟିୟାନମାନେ ଏକ ଜଗତରେ ସତ୍ୟକୁ କିପରି ବା ଘୋଷଣା କରିପାରିବେ ଯେ କି ଏଥିରେ ଆଉ ମୋଟେ ବିଶ୍ୱାସ ସୁଦ୍ଧା କରେ ନାହିଁ ?

ଆମ ସମୟର ଆହ୍ୱାନଗୁଡ଼ିକର ଉତ୍ତର ହେଉଛି ନିଶ୍ଚିତରୂପେ ଆମର ବାଇବଲସମ୍ମତ ସାକ୍ଷ୍ୟରୁ ଫେରିଯାଇ ଜ୍ଞାନତତ୍ତ୍ୱ  ପରି ଜଟିଳ ଯୁକ୍ତି କରିବା ନୁହେଁ । ଖ୍ରୀଷ୍ଟିୟାନମାନଙ୍କ ପାଇଁ ଏକ ଅଧିକ ଉତ୍ତମ ଉପାୟ ହେଉଛି ନମ୍ର ଭାବରେ ଉତ୍ତର ଦେବା :

> ଆମକୁ ଏହି ପୁସ୍ତକ, ଅର୍ଥାତ୍ ବାଇବଲ ଦେବା ପାଇଁ ଆପଣା ଆତ୍ମାଙ୍କୁ ପ୍ରେରଣ କରିବା ଦ୍ୱାରା ଈଶ୍ୱର ଆମର ସତ୍ୟର ଆବଶ୍ୟକତା ପାଇଁ ଯୋଗାଇ ଦେଇଅଛନ୍ତି। ଏହି ପୁସ୍ତକରେ, ଈଶ୍ୱର ଜଣେ ବ୍ୟକ୍ତି, ଅର୍ଥାତ୍ ଈଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ରୂପରେ ସତ୍ୟର ପରିଚୟ ଦିଅନ୍ତି । ଯୀଶୁ ପ୍ରତିଜ୍ଞା କରନ୍ତି ଯେ ତାହାଙ୍କ ଆତ୍ମା ଯେକୌଣସି ବ୍ୟକ୍ତିଙ୍କୁ ସେହି ଜ୍ଞାନ ଦେବେ ଯେ କି ଈଶ୍ୱରଙ୍କ ବାକ୍ୟରେ ବିଶ୍ୱସ୍ତରୂପେ ସତ୍ୟ ଅନ୍ୱେଷଣ କରନ୍ତି । ମୁଁ ଆପଣଙ୍କୁ ଏକ ବାଇବଲ ଦେଲେ ଆପଣ ରଖିବେ କି ? ଏଠାରେ ମୋର ଫୋନ୍ ନମ୍ବର ଲେଖାଥିବା ଏକ କାର୍ଡ଼ ମଧ୍ୟ ଅଛି।  ଆପଣଙ୍କ ସହିତ ଭାବବିନିମୟ କରି – ଅର୍ଥାତ୍ କୌଣସି ପ୍ରଶ୍ନର ଉତ୍ତର ଦେବା ଓ ଆପଣ ଦେବାକୁ ଇଚ୍ଛା କରୁଥିବା କୌଣସି ଅଭିଯୋଗ ଶୁଣିବାକୁ ମୁଁ ବହୁତ ଖୁସି ହେବି – ମାତ୍ର ମୁଁ ବିଶ୍ୱସ୍ତରୂପେ ବିଶ୍ୱାସ କରେ ଯେ ଆପଣ ଯଦି ବାସ୍ତବରେ ଆଗ୍ରହୀ ତେବେ ଆପଣ ଏଠାରେ ସତ୍ୟ ପାଇପାରିବେ । ପୁଣି ମୁଁ ପ୍ରାର୍ଥନା କରୁଥିବି ଯେପରି ଈଶ୍ୱର ଆପଣଙ୍କ ନିକଟକୁ ଆପଣା ଆତ୍ମା ପ୍ରେରଣ କରିବେ ଯେ କି ଆପଣଙ୍କୁ ସତ୍ୟ ମଧ୍ୟକୁ କଢ଼ାଇ ନେବେ ।

ଆମର ଅତ୍ୟାଧୁନିକ ସାଙ୍ଗମାନେ ଓ ପ୍ରତିବାସୀଗଣ କ'ଣ ସତ୍ୟ ବିଷୟରେ ଏହି ପ୍ରକାର ସାକ୍ଷ୍ୟର ଉତ୍ତର ଦେବେ?  ବାଇବଲ ଅନୁଯାୟୀ, ସେମାନେ ଦେଇପାରନ୍ତି କିମ୍ବା ନ ଦେଇ ପାରନ୍ତି, ତାହା ଆମର ସାକ୍ଷ୍ୟ ବ୍ୟବହାର କରିବା ପାଇଁ ଈଶ୍ୱର କେତେ ସନ୍ତୁଷ୍ଟ ତହିଁ ଉପରେ ନିର୍ଭର କରିଥାଏ । ମାତ୍ର ଖ୍ରୀଷ୍ଟିୟାନମାନେ ଆସ୍ଥା ସ୍ଥାପନ କରିପାରିବେ ଯେ ଅନେକ ଲୋକ, ଏପରିକି ସମାନ୍ ମତବାଦ ବିଶିଷ୍ଟ ହୋଇ ନ ଥିବା ଲୋକମାନେ ମଧ୍ୟ ଈଶ୍ୱରଙ୍କ

ବାକ୍ୟର ସତ୍ୟ ପ୍ରତି ସାହସିକ ତଥାପି ନମ୍ର ସାକ୍ଷ୍ୟକୁ ଗ୍ରହଣ କରିବେ । ଆମ୍ଭେମାନେ କିପରି ଭାବରେ ଏହା ଜାଣିପାରିବା ? କାରଣ ଆମ୍ଭେମାନେ ଜାଣୁ ଯେ ଯୀଶୁ ଯେତେବେଳେ ସତ୍ୟମୟ ଆତ୍ମାଙ୍କୁ ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କଲେ ଯେ କି ପିତାଙ୍କଠାରୁ ଆସିଥିଲେ ସେତେବେଳେ ସେ ସତ୍ୟ କହିଥିଲେ, ପୁଣି ଶାସ୍ତ୍ରରୁ ଆମର ସତ୍ୟ ଓ ପ୍ରେମର ସାକ୍ଷ୍ୟ ମାଧ୍ୟମରେ ଯୀଶୁ କହିଥିଲେ, ସ୍ୱୟଂ ଆତ୍ମା ମୋ ବିଷୟରେ ସାକ୍ଷ୍ୟ ଦେବେ (ଯୋହନ ୧୫:୨୬) ।

ଯୀଶୁ ପଥ ଓ ସତ୍ୟ ଓ ଜୀବନ ହୋଇଥିବାରୁ (ଯୋହନ ୧୪:୬), ଆମର ଆହ୍ୱାନ ହେଉଛି ତାହାଙ୍କ ବାକ୍ୟ ମାଧ୍ୟମରେ ସତ୍ୟ ଜାଣିବା, ପବିତ୍ରତା ଓ ପ୍ରେମରେ ସତ୍ୟରେ ଜୀବନଯାପନ କରିବା, ଓ ଆପଣା ବାକ୍ୟ ପ୍ରତି ଆତ୍ମା-ପରିଚାଳିତ ସାକ୍ଷ୍ୟ ମାଧ୍ୟମରେ ସତ୍ୟ କହିବା । ଏହିପରି ଏକ ସାକ୍ଷ୍ୟ କ'ଣ ଆଜି ଜଗତ ଉପରେ କୌଣସି ପ୍ରଭାବ ପକାଇବ ? ସ୍ୱୟଂ ଯୀଶୁ କହନ୍ତି ଯେ ମୁଁ କରିବି । ଅବଶ୍ୟ, ଯୀଶୁ ଆଜି ଆପଣା ସତ୍ୟର ଶକ୍ତିରେ ଆମକୁ ବଡ଼ ଆତ୍ମବିଶ୍ୱାସ ଦିଅନ୍ତି ଯେପରି ଏହା ଉଠାଯାଇଛି, ଯେପରି ଯୀଶୁଙ୍କୁ ଥରେ କ୍ରୁଶ ଉପରକୁ ଉଠାଯାଇଥିଲା । ସେ ସତ୍ୟ କହନ୍ତି, ମୁଁ ଯଦି ପୃଥିବୀରୁ ଊର୍ଦ୍ଧ୍ୱକୁ ଉତ୍ଥିତ ହେବି, ତାହା ହେଲେ ସମସ୍ତଙ୍କୁ ଆପଣା ନିକଟକୁ ଆକର୍ଷଣ କରିବି (ଯୋହନ ୧୨:୩୨) ।

୩

# ସୁସମାଚାର ଓ ଶାସ୍ତ୍ର

## ବାଇବଲକୁ କିପରି ପଢ଼ିବା

*ମାଇକ୍ ବୁଲ୍‌ମୋର୍*

ଖ୍ରୀଷ୍ଟିୟାନମାନେ ଅନ୍ତର୍ଦୃଷ୍ଟି ବ୍ୟବହାର କରି ସମ୍ମତ ହୁଅନ୍ତି ଯେ ଶାସ୍ତ୍ର ଓ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ମଧ୍ୟରେ ଏକ ଆବଶ୍ୟକୀୟ ଓ ଗଭୀର ପରସ୍ପର ପରିଭେଦକ ସମ୍ପର୍କ ଅଛି। ସେହି ସମ୍ପର୍କର ଠିକ୍ ପ୍ରକୃତି ହେଉଛି ଅଧିକ ଆହ୍ୱାନପୂର୍ଣ୍ଣ ଘଟଣା । ଯୋଗାଯୋଗର ଅନେକ ଧାରା ଉତ୍ପାଦକ ଭାବରେ ଆବିଷ୍କୃତ ହେଲା ପରେ ଏହି ଅଧ୍ୟାୟ ଶାସ୍ତ୍ର ଓ ସୁସମାଚାର ମଧ୍ୟରେ ଦୁଇଟି ନିର୍ଦ୍ଦିଷ୍ଟ ଯୋଗାଯୋଗର ପ୍ରସ୍ତାବ ଦେଇଥାଏ ଓ ଖୋଲିଥାଏ : ସୁସମାଚାର ହେଉଛି ଶାସ୍ତ୍ରୀୟ ପ୍ରକାଶନର ଏକ *କାରଣ* ଅଟେ, ପୁଣି ସୁସମାଚାର ଶାସ୍ତ୍ରୀୟ ପ୍ରକାଶନର ଏକ *ଫଳ* ଅଟେ । ଅନ୍ୟ ଭାଷାରେ, ଈଶ୍ୱରଙ୍କ ମୁକ୍ତିର ମହାନ୍, ଅନନ୍ତକାଳୀନ ଉଦ୍ଦେଶ୍ୟ (ଯାହାକି ସୁସମାଚାରରେ ପ୍ରକାଶିତ ହୋଇଛି) ବାଇବଲକୁ ଉନ୍ନତ କରିଥାଏ, ପୁଣି ବାଇବଲ ସୁସମାଚାରରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସମ୍ପନ୍ନ କରିବା ପାଇଁ ସେବା କରିଥାଏ ।

### ଆତ୍ମିକ ପ୍ରକାଶନର ଉଭୟ କାରଣ ଓ ଫଳ ଭାବରେ ସୁସମାଚାର

*କାରଣ*

ଆମେ ଯଦି ସୁସମାଚାର ବିଷୟରେ ଚିନ୍ତା କରୁ, ସେତେବେଳେ ବହୁଳ ଭାବରେ କହିଲେ, ଈଶ୍ୱରଙ୍କ ଅନନ୍ତ ଉଦ୍ଦେଶ୍ୟ ଭାବରେ ଲୋକମାନଙ୍କୁ ନିଜ ନିମନ୍ତେ ମୁକ୍ତ କରିବା ପାଇଁ (୧ମ ପିତ. ୨:୯) ଓ ତାହାଙ୍କ ପତିତ ସୃଷ୍ଟିକୁ ପୁନଃସଂସ୍ଥାପନ କରିବା ପାଇଁ (ରୋମୀ. ୮:୧୯–୨୧), ତା'ପରେ ଏହି ସୁସମାଚାର ଆଗ ବଢ଼ିଥାଏ ଓ ବାଇବଲସମ୍ମତ ପ୍ରକାଶନକୁ ବୃଦ୍ଧି ହେବାକୁ ଦେଇଥାଏ । ସମସ୍ତ ଶାସ୍ତ୍ର କିଛି ମହାନ୍ ସ୍ୱର୍ଗୀୟ ପ୍ରାଥମିକ ପଦକ୍ଷେପରୁ ଜନ୍ମ ହେବା ଅର୍ଥରୁ ଚିହ୍ନଟ ହୋଇଛି । ଏହି ଅର୍ଥରେ ସୁସମାଚାର ବାଇବଲସମ୍ମତ ପ୍ରକାଶନର ଏକ କାରଣ ଅଟେ । ଶାସ୍ତ୍ର ସୁସମାଚାର ନ ହୋଇଥିଲା ବେଳେ ସମସ୍ତ ଶାସ୍ତ୍ର ସୁସମାଚାର ସହିତ ସମ୍ପର୍କିତ ଅଟେ, ପୁଣି ସୁସମାଚାର ହେଉଛି ଶାସ୍ତ୍ରର ଅବସ୍ଥିତିର କାରଣ । ସୁସମାଚାର ହେଉଛି ବାଇବଲର ମୁଖ୍ୟ ଓ ଏକୀଭୂତ ବାର୍ତ୍ତା ।

ପ୍ରକାଶନରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ମୁକ୍ତିରେ ତାହାଙ୍କ ଉଦ୍ଦେଶ୍ୟରୁ କେବେ ବି ପୃଥକ୍ ହୋଇପାରିବ ନାହିଁ । ଅନନ୍ତ ଅତୀତରେ ଈଶ୍ୱର ଆପଣା ପାଇଁ ଲୋକମାନଙ୍କୁ ମୁକ୍ତ କରିବାକୁ ଯୋଜନା କରିଥିଲେ :

> ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି, ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ ପୁଣି ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ ଏହା ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଅଛନ୍ତି (ଏଫି. ୧:୧-୬) ।

ଈଶ୍ୱରଙ୍କ ଯୋଜନା ପଛରେ ରହିଥାଏ ଓ ମାନବ ଜାତି ପ୍ରତି ତାହାଙ୍କ କଥିତ ଯୋଗାଯୋଗ ମଧ୍ୟକୁ ଆଣିଥାଏ, ଯାହାକି ଶାସ୍ତ୍ରରେ ସଂରକ୍ଷିତ ହୋଇ ରହିଛି ।

ପ୍ରକାଶନର ଧାରଣାରେ ସହଜାତ ହିଁ ଉଦ୍ଦେଶ୍ୟର ଧାରଣା ଅଟେ । ଈଶ୍ୱରଙ୍କ କହିବାର ଅର୍ଥ ହେଉଛି ଆପଣାକୁ ପ୍ରକାଶ କରିବା ଦ୍ୱାରା କିଛି ବିଷୟ ସମ୍ପାଦନ କରିବା :

> ଯେହେତୁ ଯେମନ୍ତ ବୃଷ୍ଟି ଓ ହିମ ଆକାଶରୁ ତଳକୁ ଆସେ,
> ଓ ସେଠାକୁ ଫେରି ଯାଏ ନାହିଁ, ମାତ୍ର ଭୂମିକି ସନ୍ତରା କରେ,
> ପୁଣି ଫଳବତୀ ଓ ତୃଣାଦି ଉତ୍ପନ୍ନ କରି ବପନକାରିକି ବୀଜ ଓ
> ଭୋଜନକାରିକି ଭକ୍ଷ୍ୟ ଦିଏ ଆମ୍ଭ ମୁଖରୁ ନିର୍ଗତ ବାକ୍ୟ ତେମନ୍ତ ହେବ
> ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ,
> ମାତ୍ର ଆମ୍ଭେ ଯାହା ଇଚ୍ଛା କରୁଁ ତାହା ସିଦ୍ଧ କରିବ, ଓ
> ଯେଉଁ କାର୍ଯ୍ୟ ପାଇଁ ଆମ୍ଭେ ପ୍ରେରଣ କରୁଁ ତହିଁରେ କୃତାର୍ଥ ହେବ । (ଯିଶା. ୫୫:୧୦-୧୧)

ଈଶ୍ୱର ଆପଣା ପାଇଁ ଲୋକମାନଙ୍କୁ ମୁକ୍ତ କରିବାକୁ ଆପଣାର ଅନନ୍ତ ଉଦ୍ଦେଶ୍ୟ ସଫଳ କରିବାକୁ ଆପଣା ବାକ୍ୟ ପ୍ରେରଣ କରନ୍ତି, ପୁଣି ଈଶ୍ୱର ଆପଣା ପ୍ରତି ଲୋକମାନଙ୍କୁ ଯିଶାଇୟଙ୍କ ମାଧ୍ୟମରେ ଏକତ୍ର କରିବାକୁ କଥା କହନ୍ତି :

> ସେ ଅବଜ୍ଞାତ ଓ ମନୁଷ୍ୟର ତ୍ୟକ୍ତ ଦୁଃଖୀ ଲୋକ ଓ ଶୋକପରିଚିତ,
> ପୁଣି ମନୁଷ୍ୟମାନେ ଯାହାଠାରୁ ମୁଖ ଆଚ୍ଛାଦନ କରନ୍ତି,
> ଏପରି ଲୋକ ତୁଲ୍ୟ ସେ ଅବଜ୍ଞାତ ହେଲେ,
> ଆଉ ଆମ୍ଭେମାନେ ତାହାଙ୍କୁ ମାନ୍ୟ କଲୁଁ ନାହିଁ ।
> ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନାସବୁ ଧାରଣ କରିଅଛନ୍ତି,
> ଓ ଆମ୍ଭମାନଙ୍କର ବ୍ୟଥାସବୁ ବହିଅଛନ୍ତି ।
> ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ
> ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ ।

> ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ,
> ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ ଆମ୍ଭମାନଙ୍କର
> ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ
> ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ । (ଯିଶା. ୫୫:୩-୫)

ନୂତନ ନିୟମ ଅତି ସ୍ପଷ୍ଟରୂପେ ପ୍ରକାଶନର ଏହି ଉଦ୍ଦେଶ୍ୟକୁ ବାରମ୍ବାର କହିଥାଏ । ପୁରାତନ ନିୟମରେ ପାଉଲ ଲେଖନ୍ତି, ପୁଣି ଆମ୍ଭେମାନେ ଯେପରି ଶାସ୍ତ୍ରଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରାପ୍ତ ହେଉଁ, ଏଥିନିମନ୍ତେ ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ସେହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇଁ ଲେଖା ହୋଇଅଛି (ରୋମୀ. ୧୫:୪) । କାହାର ଆଶା ? ସମ୍ପୂର୍ଣ୍ଣ ମୁକ୍ତିର ଆଶା ହେଉଛି ଯାହାକି ଈଶ୍ୱରଙ୍କ ଉତ୍ତମ ଉଦ୍ଦେଶ୍ୟଗୁଡ଼ିକର ସମ୍ପନ୍ନତା ଆଣିବ (ରୋମୀ. ୮:୧୮-୨୫) । ପାଉଲ କହନ୍ତି, ଏଥିପାଇଁ ଈଶ୍ୱର ଶାସ୍ତ୍ର ଲେଖିଥିଲେ। ଈଶ୍ୱରଙ୍କ ମୁକ୍ତିଦାୟୀ ଉଦ୍ଦେଶ୍ୟ ଓ କାର୍ଯ୍ୟକଳାପ ପ୍ରକାଶ କରିବା ପାଇଁ ଶାସ୍ତ୍ର ଆବଶ୍ୟକ ଅଟେ। ଏହି ଅର୍ଥରେ, ସୁସମାଚାର ହିଁ ଶାସ୍ତ୍ରର କାରଣ ଅଟେ। ମାତ୍ର ଅନ୍ତତଃପକ୍ଷେ ଗୋଟିଏ ଜଟିଳ ଅର୍ଥରେ ସୁସମାଚାର ମଧ୍ୟ ବାଇବଲସମ୍ମତ ପ୍ରକାଶନର ଏକ ଫଳ ଅଟେ।

*ଫଳ*

ସୁସମାଚାରର ଫଳପ୍ରଦ ଘୋଷଣା ଅର୍ଥରେ ଆମେ ସୁସମାଚାର ବିଷୟରେ କହିଥାଉ । ଏହି ଅର୍ଥରେ ପ୍ରକାଶନ ନିଶ୍ଚିତରୂପେ ସୁସମାଚାର ପୂର୍ବରୁ ଆସିଥାଏ, ପୁଣି ସୁସମାଚାର ଶାସ୍ତ୍ରୀୟ ପ୍ରକାଶନରୁ ଫଳପ୍ରଦ ଭାବରେ ପ୍ରବାହିତ ହୋଇଥାଏ । ସୁସମାଚାର ହେଉଛି ବାଇବଲର ମୁଖ୍ୟ ବାର୍ତ୍ତା, ଓ ବାଇବଲର ବିଷୟ ପ୍ରଚାର କରିବା - ଅର୍ଥାତ୍ ଖ୍ରୀଷ୍ଟଙ୍କଠାରେ ପୁରାତନ ନିୟମରୁ ଈଶ୍ୱରଙ୍କ ମୁକ୍ତିଦାୟୀ ଉଦ୍ଦେଶ୍ୟ ଭାବବାଦୀୟ ଘୋଷଣା ପୁଣି ନୂତନ ନିୟମରେ ଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟ ପ୍ରତି ପ୍ରେରିତିକ ସାକ୍ଷ୍ୟ - ସୁସମାଚାର ବାର୍ତ୍ତାର ଶକ୍ତିକୁ ମୁକ୍ତ କରିବା ଓ ଏହାର ଐଶ୍ୱରିକ ଫଳ ଲାଭ କରିବା ।

ରୋମୀୟ ୧୦ ଅଧ୍ୟାୟରେ ପାଉଲ ଏହାକୁ ଅତି ଦୃଷ୍ଟିଆକର୍ଷଣକାରୀ ଭାବରେ ଅଧିକାର କରନ୍ତି । ଆପଣା ନିମନ୍ତେ ଲୋକମାନଙ୍କୁ ମୁକ୍ତ କରିବା ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟ ବିଷୟରେ କହି ସେ ଲେଖନ୍ତି :

> କାରଣ ଯିହୁଦୀ ଓ ଗ୍ରୀକ୍ ମଧ୍ୟରେ କିଛି ପ୍ରଭେଦ ନାହିଁ ଯେଣୁ ସମସ୍ତଙ୍କର ତ ଏକ ପ୍ରଭୁ, ଆଉ ଯେତେ ଲୋକ ତାହାଙ୍କ ନିକଟରେ ପ୍ରାର୍ଥନା କରନ୍ତି, ସେସମସ୍ତଙ୍କ ପ୍ରତି ସେ ଅନୁଗ୍ରହର ନିଧିସ୍ୱରୂପ । କାରଣ ଯେକେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାର ପ୍ରାପ୍ତ ହେବ । ତେବେ ଯାହାଙ୍କୁ ସେମାନେ ବିଶ୍ୱାସ କରି ନାହାନ୍ତି, ତାହାଙ୍କ ନିକଟରେ କିପରି ପ୍ରାର୍ଥନା କରିବେ ? ପୁଣି ଯାହାଙ୍କ କଥା ସେମାନେ ଶୁଣି ନାହାନ୍ତି, କିପରି ତାହାଙ୍କଠାରେ ବିଶ୍ୱାସ କରିବେ? ଆଉ ପ୍ରଚାରକ ବିନା ସେମାନେ କିପରି ଶୁଣିବେ ? (ରୋମୀ. ୧୦:୧୨-୧୪)

କିଛି ପଦ ପରେ ପାଉଲ ଏହି ସାରାଂଶ ଉକ୍ତି ଦିଅନ୍ତି : ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ (୧୭ ପଦ) । ଅନ୍ୟ ଭାଷାରେ, ଶାସ୍ତ୍ର ମୁକ୍ତ କରିବା ପାଇଁ ଈଶ୍ୱରଙ୍କ ଉତ୍ତମ ଉଦ୍ଦେଶ୍ୟ ସମ୍ପାଦନକୁ ବିଶ୍ୱସ୍ତରୂପେ ପ୍ରକାଶ କରିଥିଲା ।

ପିତର ସେହି ସମାନ୍ ବିଷୟ କହନ୍ତି : ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ । ..... ଏହା ସେହି ସୁସମାଚାରର ବାକ୍ୟ, ଯାହା ତୁମ୍ଭମାନଙ୍କ ନିକଟରେ ପ୍ରଚାରିତ ହୋଇଅଛି (୧ମ ପିତ. ୧:୨୩-୨୫) । ଯୋହନ ଏହି ପ୍ରସଙ୍ଗକୁ ପୁନର୍ବାର କହନ୍ତି ଯେତେବେଳେ ସେ କହନ୍ତି ଯେ ସେ ତାଙ୍କ ସୁସମାଚାର ଲେଖିଥିଲେ କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏସମସ୍ତ ଲେଖାଯାଇଅଛି (ଯୋହନ ୨୦:୩୧) । ଖ୍ରୀଷ୍ଟଙ୍କଠାରେ ଆପଣା ପାଇଁ ଲୋକମାନଙ୍କୁ ମୁକ୍ତ କରିବା ପାଇଁ ଈଶ୍ୱରଙ୍କ ମହାନ୍ ଉଦ୍ଦେଶ୍ୟ ସଫଳ କରିବା ପାଇଁ ବାଇବଲସମ୍ମତ ଯେଉଁ ପ୍ରକାଶନର ସ୍ଥିତି ଅଛି ଏହା ହିଁ କେବଳ ତା'ର ଅନ୍ୟ ଏକ ଉପାୟ ଅଟେ ।

ତେଣୁ ବାଇବଲ ଉଭୟ ସୁସମାଚାର ହେତୁ ଓ ସୁସମାଚାର ପାଇଁ ରହିଛି । ମୂଳ ହେଉଛି ଯେ ସୁସମାଚାର ହିଁ ଖ୍ରୀଷ୍ଟଙ୍କ ବାର୍ତ୍ତା ଅଟେ । ବାଇବଲର ସମସ୍ତ ଅଂଶ କେତେକ ଉପାୟରେ ଖ୍ରୀଷ୍ଟଙ୍କୁ ସୂଚୀତ ଓ ବର୍ଣ୍ଣନା କରିଥାଏ । ଅତଏବ, ବାଇବଲ ଏହାର ସମସ୍ତ ଅଂଶରେ ସୁସମାଚାର ବିଷୟରେ ଆମର ଜ୍ଞାନ ବୃଦ୍ଧି କରିବାକୁ କେବଳ ଅବଦାନ ଦେଇ ନ ଥାଏ, ମାତ୍ର ଆମେ ଯେପରି ବିଶ୍ୱାସ କରିପାରିବା ସେହି ଲକ୍ଷ୍ୟ ନେଇ ଆମକୁ ସୁସମାଚାର ଶୁଣିବାକୁ ଦେଇଥାଏ ଯେପରି ଈଶ୍ୱର ମୁକ୍ତି ପାଇବା ପାଇଁ ଆପଣା ଉତ୍ତମ ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ସମ୍ପନ୍ନ କରିବେ । ତା'ପରେ ଈଶ୍ୱରଙ୍କ ଉତ୍ତମ ଉଦ୍ଦେଶ୍ୟ ପାଳନ କରିବାରେ ଆମେ ଯଥାର୍ଥ ଶାସ୍ତ୍ର ଆବଶ୍ୟକ କରିଥାଉ ।

## ଶାସ୍ତ୍ରର ଏକ ଯଥାର୍ଥ ପଠନ ପାଇଁ ଆବଶ୍ୟକୀୟ ଭିତ୍ତିମୂଳକ ହୃଦ୍‌ବୋଧ

ବାଇବଲ ଯଦି ନିର୍ଦ୍ଦିଷ୍ଟ ଫଳଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଯାଉଛି ଯାହାକି ଈଶ୍ୱରଙ୍କ ଉଦ୍ଦେଶ୍ୟ ଅଟେ, ତେବେ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ବିଶିଷ୍ଟ ହୃଦ୍‌ବୋଧ ସ୍ଥାନ ଦିଆଯିବା ଓ କାର୍ଯ୍ୟ କରାଯିବା ଆବଶ୍ୟକ ।

*ଶାସ୍ତ୍ର ଈଶ୍ୱର-ନିଶ୍ୱସିତ ଅଟେ*

ପାଉଲ ବିଶ୍ୱାସରେ ଆପଣା ପ୍ରିୟ ପୁତ୍ରଙ୍କୁ ସ୍ମରଣ କରନ୍ତି, ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ (୨ୟ ତୀମ. ୩:୧୬) । ପାଉଲ କହୁଛନ୍ତି ଯେ ଶାସ୍ତ୍ର ଈଶ୍ୱରଙ୍କ ମନରେ ଉତ୍ପନ୍ନ ହୋଇଥାଏ ଓ ସେହି ମନରୁ ହିଁ କୁହାଯାଇଛି (ନିଶ୍ୱସିତ ହୋଇଛି) । ଈଶ୍ୱର ଯେଉଁ ଶାସ୍ତ୍ର କହିଥିଲେ ତାହା ହେଉଛି ଏକ ହୃଦ୍‌ବୋଧ ଯାହାକି ଖ୍ରୀଷ୍ଟିୟାନମାନଙ୍କୁ ଗଭୀର ଭାବରେ ଧରି ରଖିବାକୁ

ପଢ଼ିବ ଯେପରି ସେମାନଙ୍କ ଜୀବନ ଏହାଦ୍ୱାରା ଆକାରପ୍ରାପ୍ତ ହୋଇଛି । ଆମେ ଯେତେବେଳେ ଆମର ବାଇବଲକୁ ଉଲ୍ଲେଖ କରିବା ପାଇଁ ଈଶ୍ୱରଙ୍କ ଶବ୍ଦ ଖଣ୍ଡବାକ୍ୟଟି ବ୍ୟବହାର କରୁ, ସେତେବେଳେ ଆମେ ଯୋଗାଯୋଗ ଶବ୍ଦଟିକୁ ହରାଇବା ଉଚିତ୍ ନୁହେଁ । ଈଶ୍ୱର କିଛି ବସ୍ତୁନିଷ୍ଠ ବିଷୟ କହିଅଛନ୍ତି । ସେ କିଛି ନିର୍ଦ୍ଦିଷ୍ଟ ବିଷୟ କହୁଅଛନ୍ତି । ସେ କହୁଅଛନ୍ତି । ସେ ଯୋଗାଯୋଗ କରୁଅଛନ୍ତି । ଈଶ୍ୱର ବାସ୍ତବରେ କଥା କହିଅଛନ୍ତି ଓ ଶାସ୍ତ୍ର ହେଉଛି ସେହି ଲିଖିତ ଶବ୍ଦ ।

ଏହି ହୃଦ୍‌ବୋଧର ପ୍ରାଥମିକ ନିହିତାର୍ଥ ହେଉଛି ଯେ ବାଇବଲ ନିର୍ଭରଯୋଗ୍ୟ ଓ ସତ୍ୟ ଅଟେ । ପରମେଶ୍ୱରଙ୍କର ପ୍ରତ୍ୟେକ ବାକ୍ୟ ପରୀକ୍ଷାସିଦ୍ଧ (ହିତୋ. ୩୦:୫) । ଏହି ହୃଦ୍‌ବୋଧ ଧରି ରଖିବା ଦ୍ୱାରା ତାହା ବାଇବଲକୁ ଆମର ବ୍ୟକ୍ତିଗତ ପଠନ ଓ ଏଥିପ୍ରତି ଆମର ପ୍ରତିକ୍ରିୟା ଉଭୟ ପ୍ରତି ବହୁଳ ଭାବରେ ପ୍ରଭାବ ପକାଇବ । ଏହା ସର୍ବଦା ଆମକୁ ପ୍ରଶ୍ନ କରିବା ଓ ଆଶ୍ଚର୍ଯ୍ୟ ହେବାରୁ ମୁକ୍ତ କରିବ । ଅପରପକ୍ଷରେ, ଆମର ଯଦି ଏହି ହୃଦ୍‌ବୋଧ ନାହିଁ, ତେବେ ଆମେ ପୁଣି ଜୀବନରେ ବା ବାଇବଲରେ ସମସ୍ୟାର ସମ୍ମୁଖୀନ ହେଲେ ଦ୍ୱିତୀୟ ଥର ଅନୁମାନ କରିବା, ଦ୍ୱିମନା ହେବା ଓ ଅସ୍ଥିର ହୋଇଯିବା ।

*ଶାସ୍ତ୍ର ବୋଧଗମ୍ୟ ଅଟେ*

ପାଉଲ ତୀମଥିଙ୍କୁ କହନ୍ତି, ଯେଉଁ କାର୍ଯ୍ୟକାରୀର ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର (୨ୟ ତୀମ. ୨:୧୫) । ଈଶ୍ୱରଙ୍କ ବାକ୍ୟକୁ ଯଥାର୍ଥରୂପେ ନିୟନ୍ତ୍ରଣ କରିବା ପରି ଏକ ବିଷୟ ଅଛି । ଅନ୍ୟ ଭାଷାରେ, ଈଶ୍ୱର କେବଳ କିଛି ବସ୍ତୁନିଷ୍ଠ ଓ ନିର୍ଦ୍ଦିଷ୍ଟ ବିଷୟ କହି ନାହାନ୍ତି, ମାତ୍ର ସେ ମଧ୍ୟ ଆମେ ଏହା ପାଇବା ପାଇଁ ଅର୍ଥ କରନ୍ତି । ଈଶ୍ୱର କିଛି ନିଷ୍ଠୁର ଦେବତା ନୁହଁନ୍ତି ଯେ କି ପ୍ରକାଶନରେ ଆମ ସହିତ ଖେଳୁଅଛନ୍ତି । ସେ ଏପରି କିଛି ବିଷୟ କହି ନ ଥିଲେ ଯାହାକି ସେ ଦର୍ଶାନ୍ତି ଯେ ଆମେ କେବେ ବି ବୁଝିପାରିବା ନାହିଁ, ଯେପରି କିଛି ଅଭଙ୍ଗା ସଙ୍କେତ । ସେ ଆମକୁ ଏକ ଯୋଗାଯୋଗ ଦେଇ ନ ଥିଲେ ଯାହାକି ବ୍ୟର୍ଥ ହେବା ପାଇଁ ପରିକଳ୍ପିତ ହୋଇଥିଲା । ନାହିଁ, ସେ ଏକ ଉଦ୍ଦେଶ୍ୟ ପାଇଁ କଥା କହିଥିଲେ । *ପ୍ରକାଶନର* ବିଷୟ ଜାଣିବା ପାଇଁ ଏକ ଉଦ୍ଦେଶ୍ୟ ସୂଚୀତ କରିଥାଏ । ଈଶ୍ୱର ଏକ ମହାନ୍ ଅଭିଳଷିତ ବିଷୟକୁ ସମ୍ପନ୍ନ କରୁଅଛନ୍ତି, ତେଣୁ ସେ ଯାହା କହିଅଛନ୍ତି ତାହା ବୁଝିବାକୁ ଆମ ପାଇଁ ଅର୍ଥ କରନ୍ତି ।

ମାତ୍ର ୨ୟ ତୀମଥି ୨:୧୫ ପଦର ପ୍ରାରମ୍ଭିକ ଅଂଶକୁ ଆମର ବୁଝିବା ଆବଶ୍ୟକ । ପାଉଲ ତୀମଥିଙ୍କୁ କହନ୍ତି ଯେ ତାଙ୍କୁ ସର୍ବୋତ୍ତମ ବିଷୟ କରିବାକୁ ପଡ଼ିବ ଓ ଜଣେ କାର୍ଯ୍ୟକାରୀ ହେବାକୁ ପଡ଼ିବ । କେହି ମଧ୍ୟ ଉଦ୍ଦେଶ୍ୟହୀନ ଭାବରେ ବୁଝନ୍ତି ନାହିଁ । ମାତ୍ର ଆମକୁ ଗଭୀର ଭାବରେ ହୃଦ୍‌ବୋଧ ହେବା ଆବଶ୍ୟକ ଯେ ଅଧ୍ୟୟନକୁ ବିଶ୍ୱାସ କରିବା ପାଇଁ ଶାସ୍ତ୍ରକୁ ଛାଡ଼ି ଦେବାକୁ ପଡ଼ିବ । ଈଶ୍ୱର ଯାହା କହିଅଛନ୍ତି ଆମେ ତାହା ବୁଝିବା ବୋଲି ଈଶ୍ୱର ଅର୍ଥ କରନ୍ତି ।

*ଶାସ୍ତ୍ର ଉପଯୋଗୀ ଅଟେ*

ଈଶ୍ୱରଙ୍କ ଲୋକମାନେ ତାହାଙ୍କ ବାକ୍ୟ କେବଳ ବିଶ୍ୱାସ କରିବା ଓ ଆଜ୍ଞାବହ ହେବା ଦ୍ୱାରା ଜୀବନଯାପନ କରନ୍ତି ଓ ଉନ୍ନତ କରନ୍ତି । ଅନନ୍ୟ ଭାବରେ ଏହା ଉପଯୋଗୀ ଓ ଲାଭଦାୟକ ଅଟେ । କୌଣସି ରହସ୍ୟମୟ କାର୍ଯ୍ୟ ଦ୍ୱାରା ନୁହେଁ ମାତ୍ର ଶିକ୍ଷା, ଭର୍ତ୍ସନା, ସଂଶୋଧନ, ଓ ଧାର୍ମିକତାରେ ତାଲିମ୍ ଦେବାର ଅତି ସାଧାରଣ ବିଷୟଗୁଡ଼ିକ ମାଧ୍ୟମରେ ଶାସ୍ତ୍ର ଉପଯୋଗୀ ଅଟେ (୨ୟ ତୀମ. ୩:୧୬) । ଏହିସବୁଗୁଡ଼ିକ ଦ୍ୱାରା ବାଇବଲ ନିଜକୁ ଅତି ଲାଭଦାୟକ ବୋଲି ଦର୍ଶାଏ ।

*ଶାସ୍ତ୍ର ଫଳପ୍ରଦ ଅଟେ*

ଶାସ୍ତ୍ର ଉପଯୋଗୀ ଅଟେ ବୋଲି ଦାବି କରିଥାଏ, ମାତ୍ର ପ୍ରକୃତରେ ଏହା କ'ଣ ସମ୍ପାଦନ କରିଥାଏ ? ଯିଶାଇୟଙ୍କ ବାକ୍ୟକୁ ପୁନର୍ବାର ବିବେଚନା କରନ୍ତୁ :

> ଯେହେତୁ ଯେମନ୍ତ ବୃଷ୍ଟି ଓ ହିମ ଆକାଶରୁ ତଳକୁ ଆସେ,
> ଓ ସେଠାକୁ ଫେରି ଯାଏ ନାହିଁ, ମାତ୍ର ଭୂମିକି ସନ୍ତରା କରେ,
> ପୁଣି ଫଳବତୀ ଓ ତୃଣାଦି ଉତ୍ପନ୍ନ କରି ବପନକାରିକି ବୀଜ ଓ
> ଭୋଜନକାରିକି ଭକ୍ଷ୍ୟ ଦିଏ ଆମ୍ଭ ମୁଖରୁ ନିର୍ଗତ ବାକ୍ୟ ତେମନ୍ତ ହେବ
> ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ, ମାତ୍ର ଆମ୍ଭେ
> ଯାହା ଇଚ୍ଛା କରୁଁ ତାହା ସିଦ୍ଧ କରିବ, ଓ ଯେଉଁ କାର୍ଯ୍ୟ ପାଇଁ
> ଆମ୍ଭେ ପ୍ରେରଣ କରୁଁ ତହିଁରେ କୃତାର୍ଥ ହେବ। (ଯିଶା. ୫୫:୧୦-୧୧)

ସେହି ବାକ୍ୟ ସହିତ ଏବ୍ରୀ ପୁସ୍ତକରୁ ଏଗୁଡ଼ିକ ଯୋଗ କରନ୍ତୁ : କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ଼୍ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଅତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ (ଏବ୍ରୀ ୪:୧୨) । ଏବ୍ରୀ ପୁସ୍ତକର ଲେଖକ ଯେତେବେଳେ ଈଶ୍ୱରଙ୍କ ବାକ୍ୟକୁ ସକ୍ରୀୟ ବୋଲି କହନ୍ତି, ସେତେବେଳେ ସେ ଏହାର ଅବ୍ୟର୍ଥତା ବିଷୟରେ କହୁଛନ୍ତି, ଅର୍ଥାତ୍ ଏହାର ଉଦ୍ଦେଶ୍ୟ ସମ୍ପନ୍ନ କରିବା ପାଇଁ ଏହାର ଦକ୍ଷତା, ପୁଣି ସେ କହନ୍ତି ବିଚକ୍ଷଣ ଦକ୍ଷତା ସହିତ ଏହା ତାହା କରିଥାଏ ।

ଈଶ୍ୱରଙ୍କ ବାକ୍ୟ କରିବା ପାଇଁ ଦାବି କରୁଥିବା କିଛି ଅତି ନିର୍ଦ୍ଦିଷ୍ଟ ବିଷୟ ବିବେଚନା କରନ୍ତୁ :

୧) ଏହା ବିଶ୍ୱାସ ଆରମ୍ଭ କରିଥାଏ : ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ (ରୋମୀ. ୧୦:୧୭) ।

୨) ଏହା ନୂଆ ଆତ୍ମିକ ଜୀବନ ଦିଏ : ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ (୧ମ ପିତ. ୧:୨୩) ।

୩) ଏହା ଆତ୍ମିକରୂପେ ବୃଦ୍ଧି ପାଇବାକୁ ସାହାଯ୍ୟ କରିଥାଏ : ତାହା ହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କରି (୧ମ ପିତ. ୨:୨) ।
୪) ଏହା ପବିତ୍ରୀକୃତ କରିଥାଏ : ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ (ଯୋହନ ୧୭:୧୭) ।
୫) ଏହା ଅନ୍ତଃକରଣ ଅନ୍ୱେଷଣ କରି ହୃଦ୍‌ବୋଧ ଦେଇଥାଏ : କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ଼୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ (ଏବ୍ରୀ ୪:୧୨) ।
୬) ଏହା ମୁକ୍ତ କରିଥାଏ : ଅତଏବ ଯୀଶୁ ତାହାଙ୍କୁ ବିଶ୍ୱାସ କରିଥିବା ଯିହୁଦୀମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ (ଯୋହନ ୮:୩୧-୩୨) ।
୭) ଏହା ସତେଜ ଓ ନୂତନୀକୃତ କରିଥାଏ : ମୋହର ପ୍ରାଣ ଧୂଳିରେ ଲାଗୁଅଛି ତୁମ୍ଭେ ନିଜ ବାକ୍ୟାନୁସାରେ ମୋତେ ସଚେତ କର (ଗୀତ. ୧୧୯:୨୫) ।
୮) ଏହା ଉଦ୍ଦୀପିତ ଓ ଜ୍ଞାନବାନ୍ କରିଥାଏ : ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ ସଦାପ୍ରଭୁଙ୍କ ପ୍ରମାଣବାକ୍ୟ ଅଟଳ, ଅଳ୍ପ ବୁଦ୍ଧିର ଜ୍ଞାନଦାୟକ (ଗୀତ. ୧୯:୭ ଆହୁରିମଧ୍ୟ ୮-୧୧ ପଦ ଦେଖନ୍ତୁ) ।

ବାକ୍ୟ ଯାହା କରିପାରିବ ଏହା କେବଳ ତା'ର ଏକ ପ୍ରତିନିଧିତ୍ୱ ନମୁନା ଅଟେ । ଦାଉଦ ଯେପରି କହନ୍ତି ସେଥିରେ କିଛି ଆଶ୍ଚର୍ଯ୍ୟର ବିଷୟ ଅଛି କି, ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ..... ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ, ..... ସେ ଧନ୍ୟ (ଗୀତ. ୧:୧-୨) ? ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ (୩ ପଦ) । ସରଳ ଭାବରେ ଈଶ୍ୱର ଆପଣା ଲୋକାମାନଙ୍କୁ ଆପଣା ବାକ୍ୟରେ ପ୍ରତିପାଳନ କରିବା ବିଷୟ କୁହନ୍ତୁ । ଶାସ୍ତ୍ର ହିଁ ପ୍ରାଥମିକ ମାଧ୍ୟମ ଅଟେ, ଯାହା ମାଧ୍ୟମରେ ଈଶ୍ୱର ଆମକୁ ଖାଦ୍ୟ ଯୋଗାନ୍ତି, ଆମକୁ ପ୍ରତିପାଳନ କରନ୍ତି, ଆମକୁ ଉନ୍ନତ ହେବାକୁ ଦିଅନ୍ତି ଓ ଆପଣାର ଉତ୍ତମ ଉଦ୍ଦେଶ୍ୟ ସମ୍ପନ୍ନ କରିବାକୁ ଉଦ୍ଦେଶ୍ୟ ରଖନ୍ତି ।

ଜଣେ ଖ୍ରୀଷ୍ଟିୟାନର ଜୀବନରେ ଯଦି ଏହି ଚାରିଟି ହୃଦ୍‌ବୋଧ ଅଛି ଓ କାର୍ଯ୍ୟ କରୁଛି, ତେବେ ସେହି ଖ୍ରୀଷ୍ଟିୟାନ୍ ସୁସମାଚାରରେ ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ତାହାଙ୍କ ପରିବର୍ତ୍ତନକାରୀ ଅନୁଗ୍ରହକୁ ପ୍ରତ୍ୟାଶା ଓ ଆଶା କରିବ।

## ଅନ୍ତରର ଏକ ଆବଶ୍ୟକୀୟ ଭଙ୍ଗୀ : ନମ୍ରତା

ଆମ ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟଗୁଡ଼ିକ ପରି ଯଥାର୍ଥ ଶାସ୍ତ୍ର ପାଇବା ପାଇଁ ଆମକୁ ସକ୍ରୀୟ ଭାବରେ, ବ୍ୟଗ୍ର ଭାବରେ, ଓ ଇଚ୍ଛା କରି ନିଜ ନିଜକୁ ଏହାର କ୍ଷମତା ଅଧୀନରେ ସ୍ଥାପନ

କରିବାକୁ ପଡ଼ିବ । ଅନେକ ସମୟରେ ଆମେ ନିଜ ବିଷୟରେ ବହୁତ ଉଚ୍ଚ ଚିନ୍ତା କରିଥାଉ, ସେଥିପାଇଁ ଆମେ ନିଜ ନିଜକୁ ବାକ୍ୟ ଉପରେ ବିଚାରକର୍ତ୍ତା ବା ସମାଲୋଚକ ଭାବରେ ରଖିବାକୁ ଅଭିଳକ୍ଷିତ ହୋଇଥାଉ ।

ମୁଁ ଜଣେ ବ୍ୟକ୍ତିଙ୍କ ବିଷୟରେ ଶୁଣିଛି ଯେ କି ପ୍ୟାରିସ୍‌ରେ ଥିଲେ ସେ ଲୋଭର୍ ପରିଦର୍ଶନ କରୁଥିଲେ । ସେ ନିର୍ଦ୍ଦିଷ୍ଟରୂପେ ଲିଓନାର୍ଡ଼ୋ ଦାଭିନ୍ସିଙ୍କର *ମୋନାଲିସା* ଦେଖିବାକୁ ଆଗ୍ରହୀ ଥିଲେ । ସମାଲୋଚକ ଭାବରେ କିଛି ସମୟ ପାଇଁ ଚିତ୍ରଟିକୁ ପରୀକ୍ଷା କରିବା ପରେ ସେ ଘୋଷଣା କଲେ, ମୋତେ ଏହା ଭଲ ଲାଗୁ ନାହିଁ । ସେଠାରେ ଥିବା ପ୍ରହରୀ ଉତ୍ତର ଦେଲେ, ମହାଶୟ, ଏହି ଚିତ୍ରଗୁଡ଼ିକୁ ଆଉ ବିଚାର କରାଯାଉ ନାହିଁ । ଏହାର ଦର୍ଶକମାନଙ୍କୁ ବଚାର କରାଯାଉଛି । ଈଶ୍ୱରଙ୍କ ବାକ୍ୟ ବିଷୟରେ ମଧ୍ୟ ସେହି ସମାନ୍ କଥା କୁହାଯାଏ, ଯାହାକୁ କି ଆଉ ବିଚାର କରାଯାଉ ନାହିଁ । ଏହାର ପାଠକମାନଙ୍କୁ ବିଚାର କରାଯାଉଛି । ପ୍ରଶ୍ନ ହେଉଛି ପାଠକମାନଙ୍କ ଅନ୍ତଃକରଣଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ତାହାଙ୍କ କ୍ଷମତା ପ୍ରତି ନମ୍ର ଭାବରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଛି ନା ନାହିଁ ।

ଶାସ୍ତ୍ରର କ୍ଷମତା ପ୍ରତି ସମର୍ପିତ ହେବାର ଅଂଶବିଶେଷ ହେଉଛି ଶାସ୍ତ୍ରର ସୁରକ୍ଷା ଅଧୀନରେ ନିଜ ନିଜକୁ ସମର୍ପଣ କରିବାକୁ ଇଚ୍ଛା କରିବା । ଆମ୍ଭେମାନେ ନିୟମିତରୂପେ ଆମ ଅନ୍ତଃକରଣକୁ ପରୀକ୍ଷା କରିବାର ଅଭ୍ୟାସ କରିବାକୁ ପଡ଼ିବ । ମାତ୍ର ଏହି ପରୀକ୍ଷା ସ୍ୱାଧୀନ ଭାବରେ କିମ୍ବା ଏକ ଶୂନ୍ୟରେ ହେବାକୁ ପଡ଼ିବ ନାହିଁ । ଏହାକୁ ଈଶ୍ୱରଙ୍କ ବାକ୍ୟ ଅଧୀନରେ ଅତି ସଚେତନ ଭାବରେ କରାଯିବାକୁ ପଡ଼ିବ । ଈଶ୍ୱର ଘୋଷଣା କରନ୍ତି, ଆମ୍ଭେ ସଦାପ୍ରଭୁ, ..... ଅନ୍ତଃକରଣ ଅନୁସନ୍ଧାନ କରୁଁ (ଯିରି. ୧୭:୧୦) । ଏହାର ଉତ୍ତରରେ ଆମର ପ୍ରାର୍ଥନା ଦାଉଦଙ୍କ ଉତ୍ତର ପ୍ରତିଧ୍ୱନି ହେବା ଉଚିତ୍ : ହେ ପରମେଶ୍ୱର, ମୋହର ମୋହର ଅନୁସନ୍ଧାନ କର (ଗୀତ. ୧୩୯:୨୩) ।

ଏବ୍ରୀ ପୁସ୍ତକ ଆମକୁ ସ୍ମରଣ କରିଦିଏ ଯେ ତାହାଙ୍କ ବାକ୍ୟରେ ହିଁ ଈଶ୍ୱର ଅନ୍ତରର ଚିନ୍ତା ଓ ଉଦ୍ଦେଶ୍ୟକୁ ବୁଝିପାରନ୍ତି (ଏବ୍ରୀ ୪:୧୨) । ଆମେ ନିୟମିତରୂପେ ଓ ଗୁରୁତର ଭାବରେ ନିଜ ନିଜକୁ ଶାସ୍ତ୍ରର ସୂକ୍ଷ୍ମ ପରୀକ୍ଷା କରିବା ଉଚିତ୍, ଯେପରି ଶାସ୍ତ୍ର ପ୍ରକାଶ କରୁଥିବା ଆଲୋକରେ ଆମେ ଯେପରି ପରିବର୍ତ୍ତିତ ହୋଇପାରିବା । ପୁଣି ଏହି ଉଦ୍ଦେଶ୍ୟ କେବଳ କର୍ତ୍ତବ୍ୟମାତ୍ର ହେବା ଉଚିତ୍ ନୁହେଁ ଆମେ ଆନନ୍ଦରେ ଏହାକୁ ଅତି ମାଧ୍ୟମ ହେବାକୁ ଦେବା ଉଚିତ୍ ଯାହା ଦ୍ୱାରା ଈଶ୍ୱର ଆମ ଜୀବନରେ ଆପଣାର ମୁକ୍ତିଦାୟୀ ଉଦ୍ଦେଶ୍ୟଗୁଡ଼ିକ ସମ୍ପନ୍ନ କରନ୍ତି ।

ଅନେକ ସମୟରେ ଈଶ୍ୱରଙ୍କ ବାକ୍ୟର ସମ୍ମୁଖୀନ ହୋଇ ଏହା ଆମ ପ୍ରତି କାହିଁକି ପ୍ରଯୁଜ୍ୟ ନୁହେଁ ସେ ବିଷୟରେ ସଙ୍ଗେ ସଙ୍ଗେ ବର୍ଣ୍ଣନା କରିଥାଉ, ପୁଣି ଏହି ପ୍ରକ୍ରିୟାରେ ଆମ ନିମନ୍ତେ ଈଶ୍ୱର ଯେଉଁ ଉତ୍ତମ ଉଦ୍ଦେଶ୍ୟ ରଖିଅଛନ୍ତି ସେଥିରୁ ନିଜକୁ ପୃଥକ୍ କରି କଥା କହିଥୁ । ସତର ଶତାବ୍ଦୀର ପ୍ୟୁରିଟାନ୍ ପାଳକ, ଥୋମାସ୍ ୱାଟ୍‌ସନ୍‌ଙ୍କ ବାକ୍ୟ କହିଲେ ଆମ ପାଇଁ ଉତ୍ତମ ହେବ :

> ପ୍ରତ୍ୟେକ ଶବ୍ଦ ଯେପରି ଆପଣଙ୍କୁ କୁହାଯାଇଛି ସେହିପରି ଗ୍ରହଣ କରନ୍ତୁ । ବାକ୍ୟ ଯେତେବେଳେ ପାପ ବିରୁଦ୍ଧରେ କହିଥାଏ, ସେତେବେଳେ ଚିନ୍ତା କରନ୍ତୁ ତେଣୁ : ଈଶ୍ୱର ମୋର ପାପ ବିଷୟରେ ହିଁ କହନ୍ତି ଯେତେବେଳେ ଏହା କୌଣସି କର୍ତ୍ତବ୍ୟ ବିଷୟରେ କହେ, ସେତେବେଳେ ଚିନ୍ତା କରନ୍ତୁ, ଈଶ୍ୱର ଏଥିରେ ମୋତେ ହିଁ ଅର୍ଥ କରନ୍ତି । ଅନେକେ ନିଜ ନିଜଠାରୁ ଶାସ୍ତ୍ରକୁ ଦୂରେଇ ଦେଇଥା'ନ୍ତି, ଯେପରି ଏହା ଲେଖାଯାଇଥିବା ସମୟର ଲୋକମାନଙ୍କ ବିଷୟରେ କେବଳ ଲେଖାଯାଇଛି ମାତ୍ର ଆପଣ ଯଦି ବାକ୍ୟ ଦ୍ୱାରା ଲାଭ ପାଇବାକୁ ଉଦ୍ଦେଶ୍ୟ ରଖନ୍ତି, ତେବେ ଏହାକୁ ନିଜେ ଘରକୁ ଆଣନ୍ତୁ : ଔଷଧ ନ ଖାଇଲେ ଏହା କୌଣସି ମଙ୍ଗଳ କରିବ ନାହିଁ ।[୨]

ନମ୍ରତା ସମ୍ପୂର୍ଣ୍ଣ ଆବଶ୍ୟକ – ଏକ ସକ୍ରୀୟ, ବ୍ୟଗ୍ର, ନମ୍ରତା, ଏପରିକି ଈଶ୍ୱରଙ୍କ ବାକ୍ୟର ଆନନ୍ଦପୂର୍ଣ୍ଣ ପ୍ରତ୍ୟାଶା ଆମ ଜୀବନରେ ଏହାର ଉଦ୍ଦେଶ୍ୟ ପୂରଣ କରୁଛି ।

## ଏକ ଅପରିହାର୍ଯ୍ୟ ବିଷୟ

ଏହିସବୁ ଭିତ୍ତିମୂଳକ ହୃଦ୍‌ବୋଧ ସହିତ ଓ ଅନ୍ତରର ଏହି ଆବଶ୍ୟକୀୟ ଭଙ୍ଗୀରେ ଆମେ ବର୍ତ୍ତମାନ ଶାସ୍ତ୍ରକୁ ଅର୍ଥ କରିବା ବିଷୟକୁ ଆସିଥାଉ । ନୂତନ ନିୟମ ଦୁଇଟି ମୂଳ ନିୟମଗୁଡ଼ିକ ପ୍ରସ୍ତୁତ କରିଥାଏ ।

*ଖ୍ରୀଷ୍ଟ-କୈନ୍ଦ୍ରିକତା*

ଲୂକ ୨୪ ଅଧ୍ୟାୟ ଅପେକ୍ଷା ଶାସ୍ତ୍ରରେ ଖ୍ରୀଷ୍ଟ-କୈନ୍ଦ୍ରିକତା ବିଷୟରେ ଅଧିକ ଦୃଷ୍ଟିଆକର୍ଷଣକାରୀ ପରିଚ୍ଛେଦ ବୋଧହୁଏ ନାହିଁ । ଯୀଶୁ ଆପଣାର ଦୁଇଜଣ ଶିଷ୍ୟଙ୍କ ସହିତ ଇମ୍ମାୟୁ ନାମକ ପଥରେ ଚାଲୁଥିଲା ବେଳେ କଥାବାର୍ତ୍ତା କରୁଥିଲେ ମଧ୍ୟ ଅଜ୍ଞାତ ରହିଥିଲେ । ସେମାନେ ତାଙ୍କୁ ଗତ ଦିନଗୁଡ଼ିକର ଘଟଣାଗୁଡ଼ିକ ବିଷୟର ସାରାଂଶ କହୁଥିଲେ, ସେଥିରେ ସେମାନେ କହିଲେ ଯେ ଯେଉଁ ଯୀଶୁଙ୍କଠାରେ ସେମାନେ ଆଶା ରଖିଥିଲେ, ତାହାଙ୍କୁ ବଧ କରାଯାଇଥିଲା, ଓ ତିନିଦିନ ପରେ ତାହାଙ୍କ ପୁନରୁତ୍ଥାନ ବିଷୟରେ ସେମାନଙ୍କ ନିକଟକୁ ଅନିଶ୍ଚିତ ବିବରଣୀ ଆସିଲା । ଏହାର ଉତ୍ତରରେ ଯୀଶୁ କହନ୍ତି, ହେ ନିର୍ବୋଧମାନେ ଓ ଭାବବାଦୀମାନଙ୍କ ଦ୍ୱାରା କଥିତ ସମସ୍ତ ବାକ୍ୟରେ ବିଶ୍ୱାସ କରିବାକୁ ଶିଥିଳଚିତ୍ତମାନେ, ଏହି ସମସ୍ତ ଦୁଃଖ ଭୋଗ କରି ଆପଣା ମହିମାରେ ପ୍ରବେଶ କରିବା କଅଣ ଖ୍ରୀଷ୍ଟଙ୍କର ଆବଶ୍ୟକ ନ ଥିଲା ? ତା'ପରେ ଲୂକ ଆମକୁ କହନ୍ତି, ପୁଣି ମୋଶା ଓ ସମସ୍ତ ଭାବବାଦୀଙ୍କଠାରୁ ଆରମ୍ଭ କରି ସମସ୍ତ ଧର୍ମଶାସ୍ତ୍ରରେ ଆପଣା ସମ୍ବନ୍ଧୀୟ କଥା ସେ ସେମାନଙ୍କୁ ବୁଝାଇଦେଲେ (ଲୂକ ୨୪:୨୫-୨୭) ।

ପରେ ଏହି ସମାନ୍ ଅଧ୍ୟାୟରେ ଯୀଶୁ ଏକତ୍ରିତ ହୋଇଥିବା ଦ୍ୱାଦଶଙ୍କୁ କହିଲେ, ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଓ ଗୀତସଂହିତା ଧର୍ମଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖା ଅଛି, ସେହିସବୁ ସଫଳ ହେବା ଆବଶ୍ୟକ, ମୁଁ ତୁମ୍ଭମାନଙ୍କୁ ସଙ୍ଗରେ

ଥିବା ସମୟରେ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଥିଲି (୪୪ ପଦ) ।  ଲୂକ ପୁଣିଥରେ ଯୋଗ କରନ୍ତି, ସେତେବେଳେ ସୋମନେ ଯେପରି ଧର୍ମଶାସ୍ତ୍ର ବୁଝି ପାରନ୍ତି, ସେଥିପାଇଁ ସେ ସେମାନଙ୍କର ବୁଦ୍ଧିରୂପ ଦ୍ୱାର ଉନ୍ମୁକ୍ତ କଲେ (୪୫ ପଦ) । ଏହି ପରିଚ୍ଛେଦରେ ଯେଉଁ ବିଷୟ ସ୍ପଷ୍ଟ ହୋଇଛି ତାହା ହେଉଛି ଯେ ଯୀଶୁ ସମଗ୍ର ପୁରାତନ ନିୟମ ତାହାଙ୍କ ପ୍ରତି କିଛି ବାସ୍ତବ ଉପାୟରେ କହୁଥିବା ପରି ବୁଝିଥିଲେ ।

ଯୋହନ ୫ ଅଧ୍ୟାୟରେ ଯୀଶୁ ସେହି ସମାନ୍ ବିଷୟକୁ ଯୋଗାଯୋଗ କରନ୍ତି। ଯିରୁଶାଲମରେ ଧାର୍ମିକ ନେତାମାନଙ୍କ ସହିତ କଥାବାର୍ତ୍ତା କରି ସେ କହନ୍ତି, ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ, କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ ଆଉ ସେହି ଧର୍ମଶାସ୍ତ୍ର ମୋ ବିଷୟରେ ସାକ୍ଷ୍ୟ ଦେଉଅଛି (୩୯ ପଦ) । ପୁଣି ଯୀଶୁ ବୁଝନ୍ତି ଯେ ପୁରାତନ ନିୟମ ତାହାଙ୍କ ବିଷୟରେ ଓ ତାହାଙ୍କୁ ସୂଚୀତ କରିଥାଏ।

ନୂତନ ନିୟମ ଖ୍ରୀଷ୍ଟଙ୍କ ବିଷୟରେ କହିଥାଏ ବୋଲି ନିଜେ ପ୍ରମାଣ ଦିଏ । ପ୍ରେରିତିକ ଲେଖକଗଣ ବହୁଳ ଭାବରେ ଯତ୍ନଶୀଳ ଅଟନ୍ତି ଯେ ସେମାନଙ୍କ ପାଠକମାନେ ସେମାନଙ୍କ ଲେଖାଗୁଡ଼ିକର କୌଣସି ଅଂଶରେ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ଅନିଶ୍ଚିତ ହେବେ ନାହିଁ । ବାଇବଲ କିଛି ନିର୍ଦ୍ଦିଷ୍ଟରୂପେ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟମୂଳକ ଉପାୟରେ ଯୀଶୁଙ୍କ ବିଷୟରେ ହିଁ କହିଥାଏ । ବ୍ରାୟାନ୍ ଚାପେଲ୍ ତାଙ୍କର ଅତି ସହାୟକ ପୁସ୍ତକ *କ୍ରାଏଷ୍ଟ ସେଣ୍ଟର୍ଡ଼ ପ୍ରିଚିଂ*ରେ ଏହି ବିଷୟର ସାରାଂଶ ବହୁତ ଭଲରୂପେ ଦିଅନ୍ତି : ପ୍ରତ୍ୟେକ (ଶାସ୍ତ୍ରୀୟ) ପାଠ ଖ୍ରୀଷ୍ଟଙ୍କ କାର୍ଯ୍ୟ ବିଷୟରେ ପୂର୍ବସୂଚନା ଦେଇଥାଏ, ତାହା ଖ୍ରୀଷ୍ଟଙ୍କ କାର୍ଯ୍ୟର ପ୍ରସ୍ତୁତିକରଣ ଅଟେ, ଖ୍ରୀଷ୍ଟଙ୍କ କାର୍ଯ୍ୟର ପ୍ରତିବିମ୍ବ ଅଟେ, ଓ / କିମ୍ବା ଖ୍ରୀଷ୍ଟଙ୍କ କାର୍ଯ୍ୟର ପଳ ଅଟେ ।[୩] ଅବଶ୍ୟ ଏହାର ଅର୍ଥ ହେଉଛି ଯେ ଆମେ ଯଦି ବାଇବଲକୁ ଯଥାର୍ଥରୂପେ ପଢ଼ିବାକୁ ଯାଉଛୁ, ତେବେ ଆମକୁ ଏହାର ସମସ୍ତ ଅଂଶକୁ ଦେଖିବାକୁ ପଡ଼ିବ କାରଣ ଏହା ଖ୍ରୀଷ୍ଟଙ୍କ ସହିତ ସମ୍ପର୍କିତ ଅଟେ ।

ମାତ୍ର ଆମେ ଯେତେବେଳେ ଶାସ୍ତ୍ରର ଏକ ପରିଚ୍ଛେଦ ପଢୁ ବା ଶିକ୍ଷା ଦେଉ ସେତେବେଳେ ଆମକୁ ଯୀଶୁଙ୍କ ସହିତ କିଛି କୃତ୍ରିମ ଯୋଗାଯୋଗ କରିବାକୁ ଆହ୍ୱାନ ଦିଆଯାଇ ନାହିଁ । ଏହାର ବିପରୀତ ବିଷୟ ହେଉଛି ସତ୍ୟ । ଆମକୁ ନିର୍ଦ୍ଦିଷ୍ଟ ଉପାୟଗୁଡ଼ିକୁ ବୁଝିବାକୁ ଓ ଉପସ୍ଥାପନ କରିବାକୁ ଆହ୍ୱାନ ଦିଆଯାଇଛି ଯେଉଁ ପରିଚ୍ଛେଦଗୁଡ଼ିକ ଖ୍ରୀଷ୍ଟଙ୍କୁ ସୂଚୀତ କରିଥାଏ, ମାତ୍ର ଯୀଶୁଙ୍କ ବାକ୍ୟ ପୂର୍ବନିର୍ଦ୍ଧାରିତ କରିଥାଏ ଯେ ପ୍ରତ୍ୟେକ ପରିଚ୍ଛେଦ ଅବଶ୍ୟ ତାହାଙ୍କ ପ୍ରତି ସୂଚୀତ କରେ । ସୁସମାଚାର କୈନ୍ଦ୍ରିକ ହେବା ପାଇଁ ଆମର ବାଇବଲ ପଠନ ଯେପରି ହେବା ଉଚିତ୍ ଏହାକୁ ସର୍ବଦା ଯୀଶୁଙ୍କୁ ଦେଖିବା ଓ ଆଲୋକପାତ କରିବାକୁ ପଡ଼ିବ, ପୁଣି ପୁରାତନ ନିୟମକୁ ପଢ଼ିବା ପରି ନୂତନ ନିୟମକୁ ପଢ଼ିବା ବେଳେ ଏହା ନ କରିପାରିବାର ସମ୍ଭାବନା ଅଛି ।

*ଆତ୍ମିକ ଅନୁବାଦ*

ଶାସ୍ତ୍ରକୁ ଯଥାର୍ଥରୂପେ ଅର୍ଥ କରିବା ପାଇଁ ଖ୍ରୀଷ୍ଟ–କୈନ୍ଦ୍ରିକତା ଆବଶ୍ୟକ ଅଟେ ବୋଲି କେବଳ ଜାଣିବା ଯଥେଷ୍ଟ ନୁହେଁ । ଆମର ଶାସ୍ତ୍ର ପଢ଼ିବା ବିଷୟ ପବିତ୍ର ଆତ୍ମାଙ୍କ ଜ୍ଞାନାଲୋକ ଦେବା

କାର୍ଯ୍ୟ ଦ୍ୱାରା ସମ୍ପାଦିତ ହେବାକୁ ପଡ଼ିବ । ଗୁଣାତ୍ମକ ଭାବରେ ବାଇବଲ ଅନ୍ୟ ପୁସ୍ତକଗୁଡ଼ିକରୁ ଭିନ୍ନ ଅଟେ ପୁଣି ଏହାର ପ୍ରକୃତିକୁ ଧରି ରଖିବା ପାଇଁ ଆମେ ଏହାକୁ ପଢ଼ିବା ଆବଶ୍ୟକ ।

ପାଉଲ କରିନ୍ଥୀୟମାନଙ୍କୁ ତାଙ୍କର ପ୍ରଥମ ପତ୍ରରେ ଏ ବିଷୟରେ କହନ୍ତି । ଈଶ୍ୱରଙ୍କ ସାକ୍ଷ୍ୟ ଘୋଷଣା କରିବା (୧ମ କରି. ୨:୧) ବିଷୟରେ ତାଙ୍କର ସାମ୍ପ୍ରତିକ ସେବାକାର୍ଯ୍ୟ ବିଷୟରେ କେବଳ ବର୍ଣ୍ଣନା କରିବା ଦ୍ୱାରା ଓ ସେମାନଙ୍କୁ ସ୍ମରଣ କରିଦେବା ଯେ ସେମାନଙ୍କ ପ୍ରତି ତାହାଙ୍କର ପ୍ରଚାର କରିବା ବିଷୟ ମନୁଷ୍ୟର ଜ୍ଞାନର ବିଷୟ ନୁହେଁ, ମାତ୍ର ଈଶ୍ୱରଙ୍କ ଶକ୍ତି ଅଟେ (୪-୫ ପଦ), ସେ କହନ୍ତି :

> ତଥାପି ଆମ୍ଭେମାନେ ପରିପକ୍ୱ ଲୋକମାନଙ୍କ ମଧ୍ୟରେ ଜ୍ଞାନର କଥା କହୁଁ, କିନ୍ତୁ ତାହା ଏହି ଯୁଗର ଜ୍ଞାନ ନୁହେଁ କିମ୍ବା ଏହି ଯୁଗର ନଷ୍ଟକଳ୍ପ ନେତାମାନଙ୍କ ଜ୍ଞାନ ନୁହେଁ, ମାତ୍ର ଆମ୍ଭେମାନେ ନିଗୂଢ଼ତତ୍ତ୍ୱ ସ୍ୱରୂପ ଈଶ୍ୱରଙ୍କ ଜ୍ଞାନର କଥା କହୁଅଛୁ ସେହି ଗୁପ୍ତ ଜ୍ଞାନ ଈଶ୍ୱର ଆମ୍ଭମାନଙ୍କ ଗୌରବ ନିମନ୍ତେ ଜଗତର ପୂର୍ବେ ନିରୂପଣ କରିଥିଲେ । ଏହି ଯୁଗର ନେତାମାନଙ୍କ ମଧ୍ୟରେ କେହି ତାହା ଜାଣି ନାହାନ୍ତି, କାରଣ ସେମାନେ ତାହା ଜାଣିଥିଲେ ଗୌରବମୟ ପ୍ରଭୁଙ୍କୁ କ୍ରୁଶରେ ହତ କରି ନ ଥାଆନ୍ତେ କିନ୍ତୁ ଯେପରି ଲେଖାଅଛି,
>
> ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ,
> ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ,
> ଯେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି ।
>
> କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟସବୁ ମନୁଷ୍ୟଠାରେ ଥିବା ଆତ୍ମା ବିନା ଆଉ କିଏ ଜାଣେ ? ସେହିପରି ମଧ୍ୟ ଈଶ୍ୱରଙ୍କ ବିଷୟସବୁ ଈଶ୍ୱରଙ୍କ ଆତ୍ମା ବିନା ଆଉ କେହି ଜାଣେ ନାହିଁ । ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକ ଆମ୍ଭେମାନେ ଜାଣି ପାରୁଁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ । ସେହି ସମସ୍ତ ବିଷୟ ମଧ୍ୟ ଆମ୍ଭେମାନେ ମନୁଷର ଜ୍ଞାନ ଦ୍ୱାରା ଶିକ୍ଷିତ ବାକ୍ୟରେ କହି ନ ଥାଉ, ମାତ୍ର ଆତ୍ମିକ ବିଷୟସବୁ ଆତ୍ମିକ ବିଷୟ ଦ୍ୱାରା ବୁଝାଇ ଆତ୍ମାଙ୍କ ଦ୍ୱାରା ଶିକ୍ଷିତ ବାକ୍ୟରେ କହିଥାଉ । କିନ୍ତୁ ସାଂସାରିକ ମନୁଷ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରେ ନାହିଁ, କାରଣ ସେହିସବୁ ତାହା ନିକଟରେ ମୂର୍ଖତା, ପୁଣି ସେ ସେହିସବୁ ବୁଝିପାରେ ନାହିଁ, ଯେଣୁ ସେହିସବୁକୁ ଆତ୍ମିକ ଭାବରେ ବିଚାର କରାଯାଏ । ୧ମ କରି ୨:୬-୧୪)

୧ମ କରିନ୍ଥୀୟ ୨ ଅଧ୍ୟାୟର ଏହି ପରିଚ୍ଛେଦରୁ ଚାରିଟି ବିଷୟ ବାହାରିଥାଏ । ପ୍ରଥମେ, ଈଶ୍ୱରଙ୍କଠାରୁ ଜ୍ଞାନ ଆସିଛି, ଯାହାକି ସେ ମନୁଷ୍ୟ ପ୍ରତି ପ୍ରକାଶ କରିଅଛନ୍ତି

(୧୦, ୧୨ ପଦ) । ଦ୍ୱିତୀୟରେ, ସେହି ପ୍ରକାଶନ ଆତ୍ମାଙ୍କ ମାଧ୍ୟମରେ କରାଯାଇଛି (୧୦ ପଦ) । ତୃତୀୟରେ, ପ୍ରକାଶନ ଆତ୍ମାଙ୍କ ମାଧ୍ୟମରେ କରାଯାଇଥିବାରୁ ଆତ୍ମାଙ୍କୁ ଏହାର ଅର୍ଥ କରିବା ଆବଶ୍ୟକ ହୋଇଥାଏ (୧୩ ପଦ) । ଚତୁର୍ଥରେ, ଈଶ୍ୱର ବିଶ୍ୱାସୀମାନଙ୍କୁ ଆତ୍ମା ଦେଇଅଛନ୍ତି ଯେପରି ଆମେ ଈଶ୍ୱରଙ୍କ ଦ୍ୱାରା ଆମକୁ ବିନାମୂମଲ୍ୟରେ ଦିଆଯାଇଥିବା ବିଷୟଗୁଡ଼ିକ ବୁଝିପାରିବା (୧୨ ପଦ) । ଏହା ଶିକ୍ଷା ଦେଉଥିବା (୧୨ ପଦ) ଓ ଶୁଣୁଥିବା (୧୩-୧୪ ପଦ) ଉଭୟ ଲୋକଙ୍କ ପ୍ରତି ପ୍ରଯୁଜ୍ୟ । ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବିନା ଆମେ ଈଶ୍ୱରଙ୍କ ବାକ୍ୟକୁ ଯଥାର୍ଥରୂପେ ବୁଝିପାରିବା ନାହିଁ । ସେ ହିଁ ଲୋକମାନଙ୍କୁ ଜାଣିବାରେ ସକ୍ଷମ କରନ୍ତି ଯେ ଶାସ୍ତ୍ର ସତ୍ୟ ଅଟେ ପୁଣି ଏହାର ସତ୍ୟତା ବୁଝାଇ ଦିଅନ୍ତି ।

## ବାଇବଲ ପଠନର ଦୁଇଟି ଉପାୟ

ବର୍ତ୍ତମାନ ଆମେ ଈଶ୍ୱରଙ୍କ ବାକ୍ୟର ପ୍ରକୃତ ପଠନ ଅଭ୍ୟାସକୁ ଆସୁଛୁ । ଆମେ ଏଠାରେ ସର୍ବସାଧାରଣରେ ଶାସ୍ତ୍ରପାଠ କରିବାର ଦକ୍ଷତା ବିଷୟରେ କହୁ ନାହୁଁ, ମାତ୍ର ବ୍ୟକ୍ତିଗତରୂପେ ଏହାକୁ ଉପଯୁକ୍ତ ଭାବରେ, ଏହାକୁ ବ୍ୟକ୍ତିଗତରୂପେ ପଢ଼ିବା ବା ଅନ୍ୟମାନେ ବାଇବଲ ଶିକ୍ଷା ଦେଲା ବେଳେ ଅନ୍ତର୍ଦୃଷ୍ଟି ଲାଭ କରି ପଢ଼ିବା ବିଷୟରେ କହୁଛୁ । ସତ୍ୟ ବାକ୍ୟକୁ ଯଥାର୍ଥରୂପେ ନିୟନ୍ତ୍ରଣ କରିବା କିପରି ଦେଖାଯାଇଥାଏ (୨ୟ ତୀମ. ୨:୧୫) ?

ବାଇବଲ ଅସୀମ ଭାବରେ ଆଗ୍ରହପୂର୍ଣ୍ଣ ଅଟେ କାରଣ ଏହା ଈଶ୍ୱରଙ୍କ କାହାଣୀ ଅଟେ, ପୁଣି ସ୍ୱୟଂ ଈଶ୍ୱର ସ୍ୱାଭାବିକରୂପେ ଅସୀମ ଭାବରେ ଆଗ୍ରହୀ ଅଟନ୍ତି । ବାଇବଲ ଚିରପ୍ରବାହିତ ଏକ ନିର୍ଝର ଅଟେ । ଆପଣ ଏହାକୁ ଯେତେ ଅଧିକ ପଢ଼ିବେ, ସେତେ ଅଧିକ ଏହାର ସତ୍ୟ ଓ ସୁନ୍ଦରତା ପାଇବେ ଯାହାକି ଅସରନ୍ତି ହେବ ।

ପ୍ରକୃତରେ ବାଇବଲ ପାଠ କରିବାର ଅନେକ ପ୍ରଣାଳୀ ଅଛି, ପୁଣି ବାଇବଲ ଅସରନ୍ତି ହୋଇଥିବାରୁ ଅନେକ ପ୍ରଣାଳୀ ଫଳପ୍ରଦ ପ୍ରମାଣିତ ହୋଇପାରିବ । ମାତ୍ର ଆମେ ଏଠାରେ ପ୍ରଣାଳୀ ବୋଲି କୁହାଯାଉଥିବା ବିଷୟଗୁଡ଼ିକ ପ୍ରତି ଏତେ ଅଧିକ ମନୋଯୋଗୀ ନୋହୁଁ, ମାତ୍ର ଆମେ ଉପାୟଗୁଡ଼ିକ ବିଷୟରେ ମନୋଯୋଗୀ ଅଟୁ । ବାଇବଲର ଦୁଇଟି ମୁଖ୍ୟ ଉପାୟ ଏହାର ଭଣ୍ଡାରକୁ ଖୋଲି ଦେଇଥାଏ, ଯାହାକି ହେଉଛି ସୁସମାଚାର ।

### *ବାଇବଲକୁ ନିରବଚ୍ଛିନ୍ନ ବର୍ଣ୍ଣନାତ୍ମକ (ବା ଇତିହାସ) ଭାବରେ ପଢ଼ିବା*

ବାଇବଲ ଏକ ଐତିହାସିକ ବିବରଣୀ ଅଟେ । ଏହା ସୁଦୃଢ଼ ଭାବରେ ବାସ୍ତବ ଶୂନ୍ୟ-ସମୟ ଇତିହାସରେ ରହିଛି, ସେଥିରେ ନିୟମିତରୂପେ ଓ ଅତି ଉଦ୍ଦେଶ୍ୟମୂଳକ ଉଲ୍ଲେଖନୀୟ ବିଷୟଗୁଡ଼ିକ ଅଛି ଯାହାକି ଐତିହାସିକ ଚରିତ୍ର, ଘଟଣା ଓ ଅବସ୍ଥିତି ଭାବରେ ଜଣାଶୁଣା ଅଟେ (ଉଦାହରଣସ୍ୱରୂପ ଲୂକ ୩:୧-୩) । ଏହା ନିଃସନ୍ଦେହ ଯେ ବାଇବଲ ଏହା ଉପସ୍ଥାପନ କରୁଥିବା ଐତିହାସିକ ଘଟଣାବଳୀକୁ ବିଶ୍ୱସ୍ତରୂପେ ସ୍ମରଣ କରିଥାଏ । ଐତିହାସିକ ଦୃଷ୍ଟିକୋଣରୁ ବାଇବଲ ପଠନକୁ ବାଇବଲସମ୍ମତ ବର୍ଣ୍ଣନା ସହିତ ପାଠ କରିବା ବୋଲି ଯେ କେହି ବି ଚିନ୍ତା

କରିପାରିବେ । ବାଇବଲ ଅନେକ ଭିନ୍ନ ଭିନ୍ନ ଲେଖକଙ୍କ ଦ୍ୱାରା ଅନେକ ଲେଖାକୁ ସଙ୍କଳନ କରିଥାଏ, ପୁଣି ଏହି ଇତିହାସର ସମସ୍ତ ଭାଗକୁ ସମ୍ପର୍କିତ କରିବାକୁ ଚେଷ୍ଟା କରୁଥିବା ପାଠକମାନଙ୍କୁ ଏହା ଆହ୍ୱାନ ଦେଇପାରିବ ।

ମାତ୍ର ବାଇବଲ ମାନବ ଇତିହାସର ଏକ ବର୍ଣ୍ଣନାତ୍ମକ ବିଷୟ ଅପେକ୍ଷା ଅଧିକ ବିଷୟ ଅଟେ।  ଏହି କାହାଣୀ ପୃଷ୍ଠଭୂମିରେ ଏକ ଅଧିକ ବଡ଼ କାହାଣୀ ଅଛି । ବାସ୍ତବ ବାଇବଲସମ୍ମତ ବର୍ଣ୍ଣନା ହେଉଛି ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ଯୋଜନାକୁ ଖୋଲିଦେବା । ବାଇବଲ ଈଶ୍ୱରଙ୍କ କାହାଣୀ ଅଟେ, ପୁଣି ଏହାର କାହାଣୀ ରୂପରେଖ ହେଉଛି ସୁସମାଚାର : ଲୋକମାନଙ୍କୁ ଆପଣା ପାଇଁ ମୁକ୍ତ କରବା ପୁଣି ଖ୍ରୀଷ୍ଟଙ୍କ ମାଧ୍ୟମରେ ତାହାଙ୍କ ପତିତ ସୃଷ୍ଟିକୁ ପୁନଃସଂସ୍ଥାପିତ କରିବା ପାଇଁ ଈଶ୍ୱରଙ୍କ ଯୋଜନା ଅଟେ ।

*ବାଇବଲକୁ ଈଶ୍ୱର-ନିଶ୍ୱସିତ ଦୃଷ୍ଟିକୋଣର ଏକ କ୍ଷୁଦ୍ର ବିବରଣ ଭାବରେ ପଢ଼ିବା (କିମ୍ବା ଧର୍ମତତ୍ତ୍ୱ )*

ବାଇବଲ କେବଳ ଇତିହାସ ସ୍ମରଣ କରି ନ ଥାଏ ଏହା ଇତିହାସକୁ ଅର୍ଥ ମଧ୍ୟ କରିଥାଏ । ଆମ ପାଖକୁ ଘୋଷଣା, ବ୍ୟବସ୍ଥା, ପ୍ରତିଜ୍ଞା, ହିତୋପଦେଶ, ଆଦେଶ ଓ ସେହିପରି ବିଷୟ ଭାବରେ ଶାସ୍ତ୍ର ଆସିଥାଏ, ମାତ୍ର ଏହାର ପ୍ରତ୍ୟେକ ଅଂଶ ଈଶ୍ୱର-ନିଶ୍ୱସିତ ଦୃଷ୍ଟିକୋଣ ଅଟେ । ଶାସ୍ତ୍ର ପଢ଼ିଲା ବେଳେ ଏକ ଧର୍ମତାତ୍ତ୍ୱିକ ଦୃଷ୍ଟିକୋଣରୁ ବାଇବଲ ପଠନକୁ ଚିନ୍ତା କରିପାରିବା । ଏହିପରି ଭାବରେ ଶାସ୍ତ୍ର ପଢ଼ିବା ଦ୍ୱାରା ଆମେ ଏହି ଦୃଷ୍ଟିକୋଣଗୁଡ଼ିକୁ ଚିନ୍ତା ବୋଲି ଭାବିଥାଉ ପୁଣି ଏକ ବୋଧଗମ୍ୟ ଜ୍ଞାନପ୍ରାପ୍ତ ହୋଇଥାଉ ଯାହାକୁ କି ବାଇବଲ କ୍ରମବର୍ଦ୍ଧିଷ୍ଣୁ ଭାବରେ କହୁଛି । ଏହି ପ୍ରକାର ପଠନ ବ୍ୟକ୍ତିଗତ ପୁସ୍ତକ ଓ ପରିଚ୍ଛେଦଗୁଡ଼ିକର ସମୁଚ୍ଚସ୍ତର ପ୍ରତି ଅଧିକ ମନୋଯୋଗୀ କରିଥାଏ, ମାତ୍ର ଏହା ସ୍ମରଣ ରଖିବା ଜ୍ଞାନର ବିଷୟ ଅଟେ ଯେ ଶାସ୍ତ୍ରର ଯେକୌଣସି ପାଠର ଅର୍ଥ ଅନ୍ୟ ସମସ୍ତ ପାଠର ଅର୍ଥ ସହିତ ସମ୍ପର୍କିତ ଅଟେ, ସେଗୁଡ଼ିକ ଈଶ୍ୱରଙ୍କଠାରୁ ଆଗତ ଗୋଟିଏ ଏକକ ଶବ୍ଦର ସମସ୍ତ ଅଂଶ ଅଟେ ।

*ବାଇବଲର ଏକକ ବାର୍ତ୍ତା*

ବାଇବଲକୁ ଏହି ଯେଉଁ ଦୁଇଟି ଉପାୟରେ ପଢ଼ାଯାଇଥାଏ, ଏହାର ବାର୍ତ୍ତା ସମାନ୍ ଅଟେ। ଏହାକୁ ଯଦି ଏକ ନିରବଚ୍ଛିନ୍ନ ବର୍ଣ୍ଣନା ଭାବରେ ପଢ଼ାଯାଏ, ତେବେ ଏହାର ରୂପରେଖ ହେଉଛି ସୃଷ୍ଟି, ପତନ, ମୁକ୍ତି, ଓ ପୁନଃସଂସ୍ଥାପନ । ଯଦି ଧର୍ମତାତ୍ତ୍ୱିକ ଦୃଷ୍ଟିକୋଣର ଏକ ସଂଗ୍ରହ ଭାବରେ ପଢ଼ାଯାଏ, ତେବେ ଯେଉଁ ପ୍ରସଙ୍ଗଗୁଡ଼ିକ ଆସିଥାଏ ତାହା ହେଉଛି ଈଶ୍ୱର, ପାପ, ଖ୍ରୀଷ୍ଟ ଓ ବିଶ୍ୱାସ । ଉଭୟ ପଠନର ବାର୍ତ୍ତା ଈଶ୍ୱରଙ୍କ ଅନନ୍ତ, ମୁକ୍ତିଦାୟୀ ଉଦ୍ଦେଶ୍ୟର ବିଜୟ ଅଟେ । ବାଇବଲ ପଠନର ଏହି ଦୁଇଟି ଉପାୟ ମୋଟେ ବିରୋଧାତ୍ମକ ନୁହେଁ । ଏହାର ବିରୋଧରେ, ସେହି ଉଭୟ ବିଷୟକୁ ସମ୍ପୂର୍ଣ୍ଣରୂପେ ବୁଝିବା ଓ ବାଇବଲସମ୍ମତ ସୁସମାଚାର ଶୁଣିବା ପୁଣି ବାଇବଲର ସମସ୍ତ ଅଂଶ କିପରି ଭାବରେ ଏକତ୍ର ରହିଛି ଓ ଆମକୁ ଯୀଶୁଙ୍କୁ ସୂଚୀତ କରୁଛି ତାହା ଦେଖାଇବାରେ ଆମକୁ ସାହାଯ୍ୟ କରିବା ଆବଶ୍ୟକ ।

*ମାଥିଉ ୧୨ ଅଧ୍ୟାୟରୁ ଏକ ଦୃଷ୍ଟାନ୍ତ*

ଆମ୍ଭେମାନେ ସଂକ୍ଷିପ୍ତ ଭାବରେ ଦୃଷ୍ଟାନ୍ତ ଦେଇପାରିବା ଯେ ଏହି ଦୁଇଟି ଉପାୟ କିପରି ଭାବରେ ଶାସ୍ତ୍ରର ଏକ ନିର୍ଦ୍ଦିଷ୍ଟ ପରିଚ୍ଛେଦ ପ୍ରତି ପ୍ରୟୋଗ ହେବା ଦ୍ୱାରା ପରିପୂରକ ଅଟେ :

> ସେହି ସମୟରେ ଯୀଶୁ ବିଶ୍ରାମବାରରେ ଶସ୍ୟକ୍ଷେତ୍ର ଦେଇ ଗମନ କଲେ, ଆଉ ତାହାଙ୍କର ଶିଷ୍ୟମାନେ କ୍ଷୁଧିତ ହୋଇ ଶସ୍ୟର ଶିଂଷା ଛିଣ୍ଡାଇ ଖାଇବାକୁ ଲାଗିଲେ । କିନ୍ତୁ ଫାରୂଶୀମାନେ ତାହା ଦେଖି ତାହାଙ୍କୁ କହିଲେ, ଦେଖ, ବିଶ୍ରାମବାରରେ ଯାହା କରିବା ବିଧିସଙ୍ଗତ ନୁହେଁ, ତାହା ତୁମ୍ଭର ଶିଷ୍ୟମାନେ କରୁଅଛନ୍ତି । ମାତ୍ର ସେ ସେମାନଙ୍କୁ କହିଲେ, ଦାଉଦ ଓ ତାହାଙ୍କ ସଙ୍ଗୀମାନେ କ୍ଷୁଧିତ ହେବା ସମୟରେ ସେ କଅଣ କରିଥିଲେ, ତାହା କି ତୁମ୍ଭେମାନେ ପାଠ କରି ନାହିଁ ? ସେ କିପରି ଈଶ୍ୱରଙ୍କ ଗୃହରେ ପ୍ରବେଶ କରି, ଯେଉଁ ଦର୍ଶନୀରୋଟୀ କେବଳ ଯାଜକମାନଙ୍କ ଭୋଜନ କରିବା ବିଧିସଙ୍ଗତ ଥିଲା, କିନ୍ତୁ ତାହାଙ୍କର ଓ ତାହାଙ୍କ ସଙ୍ଗୀମାନଙ୍କର ଭୋଜନ କରିବା ବିଧିସଙ୍ଗତ ନ ଥିଲା, ତାହା ସେମାନେ ଭୋଜନ କରିଥିଲେ । କିମ୍ବା ବିଶ୍ରାମବାରରେ ଯାଜକମାନେ ମନ୍ଦିର ମଧ୍ୟରେ ବିଶ୍ରାମବାରକୁ ଅପବିତ୍ର କଲେହେଁ ନିର୍ଦ୍ଦୋଷ ଅଟନ୍ତି, ବ୍ୟବସ୍ଥାରେ ତୁମ୍ଭେମାନେ କଅଣ ଏହା ପାଠ କରି ନାହଁ ? ମାତ୍ର ମୁଁ ତୁମ୍ଭମାନଙ୍କୁ କହୁଅଛି, ମନ୍ଦିର ଅପେକ୍ଷା ମହତ୍ ବିଷୟ ଏଠାରେ ଅଛି । କିନ୍ତୁ ଆମ୍ଭେ ବଳିଦାନ ଭଲ ନ ପାଇ ଦୟା ଭଲ ପାଉଁ, ଏ ଉକ୍ତିର ମର୍ମ ଯେବେ ଜାଣିଥାଆନ୍ତ, ତେବେ ଏହି ନିର୍ଦ୍ଦୋଷ ଲୋକଙ୍କୁ ଦୋଷୀ କରି ନ ଥାଆନ୍ତ । କାରଣ ମନୁଷ୍ୟପୁତ୍ର ବିଶ୍ରାବବାରର ପ୍ରଭୁ ଅଟନ୍ତି । (ମାଥି. ୧୨:୧-୮)

ବର୍ଣ୍ଣନାତ୍ମକ ଭାବରେ ଏହି ପରିଚ୍ଛେଦ ପଢ଼ିବା ଦ୍ୱାରା ତାହା ଦାଉଦଙ୍କ ଘଟଣା କିପରି ଭାବରେ ଆଲୋକପାତ କରିଥାଏ ଓ ୧ମ ଶାମୁୟେଲ ୨୧ ଅଧ୍ୟାୟରେ ତାଙ୍କ ଅନୁଚରଗଣ ଖ୍ରୀଷ୍ଟଙ୍କ ପୂର୍ବାଭାସ ଦେଇଥା'ନ୍ତି ତହିଁ ଉପରେ ଆଲୋକପାତ କରିଥାଏ । ଯୀଶୁ ସାମ୍ପ୍ରତିକ ପରିସ୍ଥିତି ଓ ଦାଉଦଙ୍କ ବିଷୟକ କାହାଣୀ ମଧ୍ୟରେ କେଉଁ ନିର୍ଦ୍ଦିଷ୍ଟ ସଂଯୋଗ ଅଛି ବୋଲି କହୁଅଛନ୍ତି ? ଦାଉଦଙ୍କ ଜୀବନରେ ଏହି ଘଟଣା କ'ଣ ରବିବାର ଦିନ ଘଟିଥିଲା ? ଦାଉଦ କେଉଁ ଦିନ ଈଶ୍ୱରଙ୍କ ଗୃହରେ ପ୍ରବେଶ କରିଥିଲେ ଆମେ ତାହା ଜାଣି ନାହୁଁ । ଯୀଶୁ ଯଦି ସେଥିପାଇଁ ଏହି ଘଟଣାକୁ ଉଲ୍ଲେଖ କରିଥିଲେ, ତେବେ ଏପରି ଜଣାଯାଏ ଯେପରି ସେ ସେହି ସାଦୃଶ୍ୟତା ଉଲ୍ଲେଖ କରିଥିବେ, ମାତ୍ର ସେ ତାହା କରି ନ ଥିଲେ ।

ତେଣୁ କେଉଁ ଯୋଗାଯୋଗ ଅଛି ? ଯୀଶୁ କ'ଣ କହୁଅଛନ୍ତି, ଆରେ, ବ୍ୟବସ୍ଥା ଥରେ ଭଙ୍ଗ କଲେ ଯଦି ଠିକ୍, ତେବେ ଏହାକୁ ଆଉଥରେ ଭାଙ୍ଗିଲେ ବି ଠିକ୍ ଅଛି ? ଆମ୍ଭେମାନେ ଆତ୍ମବିଶ୍ୱାସର ସହିତ କହିପାରିବା ବ୍ୟବସ୍ଥା ପ୍ରତି ଯୀଶୁଙ୍କର ଯୋଗାଯୋଗ ବିଷୟରେ ଯୀଶୁଙ୍କର ଆଦ୍ୟ ବାକ୍ୟଗୁଡ଼ିକ ଆଧାରରେ ତାହା ସଂଯୋଗ ନୁହେଁ (ମାଥି. ୫:୧୭) ।

ଯୀଶୁ ସୂଚୀତ କରନ୍ତି ଯେ ସେମାନେ ବ୍ୟବସ୍ଥା ଭଙ୍ଗ କରୁ ନାହାନ୍ତି ସେମାନେ ନିର୍ଦ୍ଦୋଷ ଅଟନ୍ତି । ସେହି ଯୋଗାଯୋଗ କାହାଣୀଟି କେତେବେଳେ ବା କ'ଣ କହେ ସେଥିରେ ନାହିଁ । ଯୋଗାଯୋଗ କାହାଣୀର କିଏରେ ଅଛି, ପୁଣି ଶାସ୍ତ୍ରର ବର୍ଣ୍ଣନାତ୍ମକ ପ୍ରବାହ ପ୍ରତି ମନୋଯୋଗୀ ହେବା ଦ୍ୱାରା ହିଁ ତାହା ଆମକୁ ଦେଖିବାକୁ ସକ୍ଷମ କରିଥାଏ । ଅବଶ୍ୟ, ଯାଜକମାନଙ୍କ ଅପେକ୍ଷା ଅଧିକ ମହାନ୍ କ୍ଷମତାପ୍ରାପ୍ତ – ରାଜାରୂପେ ଅଭିଷିକ୍ତ ହୋଇଥିବା କେହି ଜଣେ ଓ ବ୍ୟବସ୍ଥା ଉପରେ କ୍ଷମତା ଥିବା କେହି ଜଣେ ନ ଆସିବା ପର୍ଯ୍ୟନ୍ତ କେବଳ ଯାଜକମାନଙ୍କର ହିଁ ଦର୍ଶନୀରୋଟୀ ଭୋଜନ କରିବାର ଅଧିକାର ଥିଲା ।

ପୁରାତନ ନିୟମ ଇତିହାସର ଏହି କିଛି ଅଂଶକୁ ସ୍ମରଣ କରି ଯୀଶୁ କ'ଣ କୌଣସି ଜଣେ ମହାନ୍ ବ୍ୟକ୍ତିଙ୍କ ବିଷୟରେ କହୁଅଛନ୍ତି, କିମ୍ବା ବୋଧହୁଏ ଦାଉଦଙ୍କ ଉପସ୍ଥିତି ଓ ଫାରୁଶୀମାନଙ୍କ ଅପେକ୍ଷା, ଯେପରି ୧ମ ଶାମୁୟେଲ ୨୧ ଅଧ୍ୟାୟରେ ଅହିମେଲକଙ୍କ ଅପେକ୍ଷା ଅଧିକ ମହାନ୍ ଜଣେ ବ୍ୟକ୍ତିଙ୍କ ଅଧିକ ମହାନ୍ କ୍ଷମତାକୁ ଜାଣିପାରି ସେ ବିଷୟରେ କହୁଅଛନ୍ତି ? ୩ ଓ ୪ ପଦରେ ସେହି ସତ୍ୟ ଜଣାପଡ଼ି ନ ଥାଏ, ତାହା ପରବର୍ତ୍ତୀ ପଦଗୁଡ଼ିକରେ ଜଣାପଡ଼ି ଥାଏ, ଯେତେବେଳେ ଯୀଶୁ ଯାଜକ ଓ ମନ୍ଦିର ଉଭୟ ଉପରେ ଆପଣାର ପ୍ରାଧାନ୍ୟତା ଘୋଷଣା କରନ୍ତି । ଏସବୁ ବିଷୟ ଯୀଶୁ କିଏ ସେହି ବିଷୟକୁ ଉତ୍ତେଜିତ କରିଥାଏ, ପୁଣି ଏହା ସେହି ବର୍ଣ୍ଣନାତ୍ମକ ବିଷୟ ଯାହାକି ଦାଉଦଙ୍କଠାରୁ ଆସୁଛି ଯାହାକି ଆମକୁ ସେଠାରେ ହିଁ ସୂଚୀତ କରିଥାଏ । ଏହି ପଥ ଖ୍ରୀଷ୍ଟଙ୍କ ପ୍ରତି ଦାଉଦଙ୍କ ବଂଶ ବିଷୟରେ ଦୃଷ୍ଟିଗୋଚର କରିଥାଏ, ରାଜତ୍ୱ ଓ କ୍ଷମତାର ସମସ୍ତ ବିଷୟ କହିଥାଏ ଯାହାକି ମାଥିଉ ଖ୍ରୀଷ୍ଟଙ୍କ ବାକ୍ୟରେ ଆଣି ସ୍ମରଣ କରିଛନ୍ତି ।

ମାତ୍ର ଏକ ଅଧିକ ପ୍ରାସଙ୍ଗିକ, ଧର୍ମତତ୍ତ୍ୱ ଅନୁଯାୟୀ ଏହି ପରିଚ୍ଛେଦ ପଢ଼ିବା ପରେ ଆମକୁ ଏହା କେଉଁଠାକୁ ନେଇଯିବ ? ଏହି ପଥ ଈଶ୍ୱରଙ୍କ ଉପସ୍ଥିତି ପ୍ରସଙ୍ଗ ପ୍ରତି ଆମର ମନୋଯୋଗିତାକୁ ଆହ୍ୱାନ କରିଥାଏ, ଯାହାକି ସମଗ୍ର ପୁରାତନ ନିୟମରେ ବହୁଳ ଭାବରେ ଅଛି । ମନ୍ଦିର ଏହାର ସମସ୍ତ ଉଲ୍ଲେଖନୀୟତା ସହିତ ଅଧିକ ଟିପ୍ପଣୀ ଦେଇଥାଏ, ପୁଣି ଯୀଶୁ ଆପଣାକୁ ମନ୍ଦିର ଅପେକ୍ଷା କିଛି ଅଧିକ ବୋଲି ଉଲ୍ଲେଖ କରିବା ବିଷୟ କେନ୍ଦ୍ରୀୟ ସ୍ତରକୁ ନେଇଥାଏ ଓ ଖ୍ରୀଷ୍ଟଙ୍କୁ ଜଗତରେ, ନିର୍ଦ୍ଦିଷ୍ଟରୂପେ ଆପଣା ଲୋକମାନଙ୍କ ଗହଣରେ ଈଶ୍ୱରଙ୍କ ନୂତନ ଉପସ୍ଥିତି ଭାବରେ ଉଲ୍ଲେଖ କରୁଛି । ଏହି ପରିପ୍ରେକ୍ଷୀରେ ବିଶ୍ରାମବାର ଉପରେ ଯୀଶୁଙ୍କର ସାର୍ବଭୌମତ୍ୱ ଓ ଯେଉଁମାନେ ବିଶ୍ରାମବାର ପାଳନ କରୁଛନ୍ତି ସେଗୁଡ଼ିକର ଅର୍ଥ ଅନେକ ଅଛି ।

ଶେଷରେ ଉଭୟ ପଥ ଆମକୁ ଖ୍ରୀଷ୍ଟଙ୍କ ପ୍ରତି କଢ଼ାଇ ନେଇଥାଏ । ପ୍ରତ୍ୟେକ ବିଷୟ ଖ୍ରୀଷ୍ଟଙ୍କୁ ସୂଚୀତ କରିଥାଏ ଓ ଆମକୁ ତାହାଙ୍କ ନିକଟକୁ ଆସିବାକୁ ବଳାଇଥାଏ, ଯେପରି ସ୍ୱୟଂ ଖ୍ରୀଷ୍ଟ କରନ୍ତି : ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା

ଆତ୍ମାରେ ବିଶ୍ରାମ ପାଇବ (ମାଥିଉ ୧୧:୨୮-୨୯) । ଏହିପରି ଭାବରେ ଉଭୟ ପଥ ସୁସମାଚାରର ବାର୍ତ୍ତା ଶୁଣିବାରେ ଅବଦାନ ଦେଇଥାଏ ।

ବିଭିନ୍ନ ପରିଚ୍ଛେଦରେ ବାଇବଲ ପଠନର ଫଳାଫଳ ଥିବା ଉଚିତ୍, ଅନ୍ତତଃପକ୍ଷେ ସୁସମାଚାର ଶୁଣିବାର ଏକ ଦ୍ୱିଗୁଣ ବଳବତ୍ତର ବିଷୟ ରହିବା ଉଚିତ୍ । ପ୍ରତି ପରିଚ୍ଛେଦରେ ଅନ୍ତତଃପକ୍ଷେ ସୁସମାଚାର ବିଷୟରେ ଦ୍ୱିଗୁଣ ଗୁରୁତ୍ୱ ଅଛି, ଗୋଟିଏ ବର୍ଣ୍ଣନାତ୍ମକ ଓ ଗୋଟିଏ ପ୍ରାସଙ୍ଗିକ ବିଷୟ, ପ୍ରତ୍ୟେକ ବିଷୟ ଅପରଟି ସହିତ ସଂଯୁକ୍ତ ହୋଇ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାରର ସତ୍ୟ ଓ ଶକ୍ତିକୁ ଅଧିକ ଶକ୍ତିଶାଳୀ ଓ ସ୍ପଷ୍ଟ କରିଥାଏ ।

## ଉପସଂହାର : ସୁସମାଚାର ଉଭୟ ଶାସ୍ତ୍ରର ଫଳାଫଳ ଓ କାରଣ ଉଭୟ ବିଷୟ

ଆମେ ଯେପରି ଆରମ୍ଭ କରିଥିଲୁ ସେହିପରି ସମାପ୍ତ କରିଥାଉ । ଈଶ୍ୱରଙ୍କ ମହାନ୍ ଅନନ୍ତକାଳୀନ ମୁକ୍ତିଦାୟୀ ଯୋଜନା ହେଉଛି ଶାସ୍ତ୍ରୀୟ ପ୍ରକାଶନ ଯେଉଁ ବିଷୟରେ କହିଥାଏ । ଏହା ହିଁ ଶାସ୍ତ୍ରକୁ ଉନ୍ନତ ହେବାକୁ ଦେଇଥାଏ, ପୁଣି ଈଶ୍ୱର ଶାସ୍ତ୍ରକୁ ଏହା ହେବାକୁ ପରିକଳ୍ପନା କରିଅଛନ୍ତି । ସୁସମାଚାର ହେଉଛି ଶାସ୍ତ୍ରର ଏକକ ଓ ଗୌରବମୟ ପ୍ରସଙ୍ଗ : ପାପରହିତ ଜୀବନ, ବିକଳ୍ପ ମୃତ୍ୟୁ, ପୁନରୁତ୍ଥାନ, ସାମ୍ପ୍ରତିକ ସେବାକାର୍ଯ୍ୟ ଓ ଖ୍ରୀଷ୍ଟଙ୍କର ବିଜୟ ପ୍ରତ୍ୟାବର୍ତ୍ତନ ମାଧ୍ୟମରେ - ଯେତେବେଳେ ସମସ୍ତ ବିଷୟ, ସ୍ୱର୍ଗର ବିଷୟଗୁଡ଼ିକ ଓ ପୃଥିବୀର ବିଷୟଗୁଡ଼ିକ ତାହାଙ୍କଠାରେ ଏକତ୍ରିତ ହେବ (ଏଫି. ୧:୧୦) - ସେତେବେଳେ ଈଶ୍ୱର ମନୁଷ୍ୟ ସହିତ ଓ ସମସ୍ତ ସୃଷ୍ଟି ସହିତ ଆପଣାର ସିଦ୍ଧ ଉଦ୍ଦେଶ୍ୟ ସମ୍ପନ୍ନ କରିବେ (ରୋମୀ. ୮:୨୧) ।

ତା'ପରେ ଏହି ସୂଚନା ଦେବା ଓ ଈଶ୍ୱରଙ୍କ ବାକ୍ୟକୁ ଆମେ ନିୟନ୍ତ୍ରଣ କରିବା ଉଚିତ୍, ତାହା ସେହି ବାକ୍ୟର ଆମ ନିଜର ବ୍ୟକ୍ତିଗତ ଯଥାର୍ଥତାରେ ଓ ଏ ବିଷୟରେ ଆମର ଆନନ୍ଦପୂର୍ଣ୍ଣ ଘୋଷଣାରେ ଈଶ୍ୱରଙ୍କ ଗୌରବ ପାଇଁ ଓ ମୁକ୍ତିପ୍ରାପ୍ତ ସମସ୍ତଙ୍କ ପ୍ରତି ମଙ୍ଗଳାର୍ଥେ ହେବା ଉଚିତ୍ ।

## ଅଧିକ ପଢ଼ିବା ପାଇଁ

କ୍ଲାଉନି, ଏଡ୍‌ମଣ୍ଡ୍ ପି. *ଦି ଅନ୍‌ଫୋଲ୍‌ଡ଼ିଂ ମିଷ୍ଟ୍ରି : ଡ଼ିସ୍‌କଭରିଂ କ୍ରାଏଷ୍ଟ୍ ଇନ୍ ଦି ଓଲ୍‌ଡ୍ ଟେଷ୍ଟାମେଣ୍ଟ୍ ।* ଫିଲିସ୍‌ବର୍ଗ, ଏନ୍‌ଜେ : ପି ଓ ଆର୍, ୧୯୮୮ ।

ଗୋଲ୍ଡସ୍‌ୱର୍ଦି, ଗ୍ରାମି. *ଦି ଗୋଲ୍ଡସ୍‌ୱର୍ଦି ଟ୍ରିଲୋଜି ।* ଏକ୍ସେଟର୍ : ପାଟେର୍ଣ୍ଣୋଷ୍ଟର୍, ୨୦୦୦ ।

ରବର୍ଟସ୍, ଭଗାନ୍. *ଗଡ୍‌ସ୍ ବିଗ୍ ପିକ୍ଚର୍ : ଟ୍ରେସିଂ ଦି ଷ୍ଟୋରିଲାଇନ୍ ଅଫ୍ ଦି ବାଇବଲ୍ ।* ଡାଉନର୍ସ ଗ୍ରୋଭ୍, ୨ : ଇଣ୍ଟର୍‌ଭାର୍ସିଟି, ୨୦୦୨ ।

୪

# ସୃଷ୍ଟି

*ଆଣ୍ଡ୍ରିଉ ଏମ୍. ଡ଼େଭିସ୍*

ଦୁଇଟି ବର୍ଗରେ ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ବିଷୟ ଖାପ ଖାଇଯାଇଥାଏ, ପୁଣି ସେହି ଦୁଇଟି ମଧ୍ୟରେ ଏକ ଅସୀମ ଦୂରତ୍ୱ ଅଛି: ସୃଷ୍ଟିକର୍ତ୍ତା ଓ ସୃଷ୍ଟି । କେବଳ ଈଶ୍ୱରଙ୍କର କୌଣସି ପ୍ରାରମ୍ଭ ନ ଥିଲା ତାହାଙ୍କର ଆତ୍ମ-ସ୍ଥିତି ଅଛି ପୁଣି ତାହାଙ୍କର ନିରବଚ୍ଛିନ୍ନ ସ୍ଥିତି ପାଇଁ ସେ କାହା ଉପରେ ନିର୍ଭର କରନ୍ତି ନାହିଁ । ବିଶ୍ୱବ୍ରହ୍ମାଣ୍ଡରେ ଅନ୍ୟ ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ଦ୍ୱାରା ଓ ଈଶ୍ୱରଙ୍କ ପାଇଁ ସୃଷ୍ଟି ହୋଇଥିଲା । ଏହି ଅଧ୍ୟାୟରେ, ଆନନ୍ଦରେ ସୃଷ୍ଟିର ତତ୍ତ୍ୱ କୁ ବିବେଚନା କରିବା ପାଇଁ, ଏହାର ଉଲ୍ଲେଖନୀୟତା ବୁଝିବା ପାଇଁ ଓ ଆମ ଜୀବନରେ ଏହାର ସତ୍ୟତା ପ୍ରୟୋଗ କରିବା ପାଇଁ ଆମର ଆନନ୍ଦପୂର୍ଣ୍ଣ କାର୍ଯ୍ୟ ଅଛି ।

## ସୃଷ୍ଟିର ପ୍ରକୃତି ଓ ଉଦ୍ଦେଶ୍ୟ

ଆମେ ଈଶ୍ୱରଙ୍କଠାରୁ ପ୍ରକାଶନ ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ବିଷୟକ ସମସ୍ତ ସୂଚନା ଆସିଥାଏ । ଏହି ଜ୍ଞାନର ଦୁଇଟି ମହାନ୍ ଉତ୍ସ ହେଉଛି ଆମ ଚତୁର୍ଦ୍ଦିଗରେ ଥିବା ଭୌତିକ ସୃଷ୍ଟି ଓ ଶାସ୍ତ୍ର, ଯାହାକି ଆମ ପ୍ରତି ଏହାକୁ ଯଥାର୍ଥରୂପେ ବର୍ଣ୍ଣନା କରିଥାଏ । ଅତି ପ୍ରାରମ୍ଭରୁ ଈଶ୍ୱର ଏପରି ଏକ ବିଶ୍ୱବ୍ରହ୍ମାଣ୍ଡ ଗଢ଼ିଥିଲେ ଯାହାକି ତାହାଙ୍କ ସ୍ଥିତି ଓ ପ୍ରକୃତ ସ୍ୱଭାବ ପ୍ରକାଶ କରିଥାଏ, ଯେପରି ଆମେ ତାହାଙ୍କୁ ଜାଣିପାରିବା ଓ ତାହାଙ୍କର ଉପାସନା କରିପାରିବା । ରୋମୀୟ ୧:୨୦ ପଦ ସ୍ପଷ୍ଟ ଭାବରେ କହେ, ଜଗତର ସୃଷ୍ଟିକାଳାବଧି ତାହାଙ୍କର ଅଦୃଶ୍ୟ ଗୁଣସମୂହ, ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ, ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟରୂପେ ପ୍ରତୀୟମାନ ହେଉଅଛି ।[୧]

ଈଶ୍ୱର ଆପଣାର ଗୌରବ ପ୍ରଦର୍ଶନ କରିବା ପାଇଁ ଏହି ବିଶ୍ୱବ୍ରହ୍ମାଣ୍ଡ ତିଆରି କରିଥିଲେ । ଏହା ନିଶ୍ଚିତରୂପେ ଈଶ୍ୱରଙ୍କ ପକ୍ଷରୁ କୌଣସି ଅଭାବ ପାଇଁ ହୋଇ ନ ଥିଲା, ଯେପରି ଈଶ୍ୱର କୌଣସି ବିଷୟ ଆବଶ୍ୟକ କରୁଥିଲେ, ମାତ୍ର ତାହାଙ୍କ ସତ୍ତାର ମହାନତାରୁ ଦୟାଚିତ୍ତରେ କିଛି ଦାନ କରିବାର ଅଭିଳାଷରୁ ହୋଇଥିଲା । ପ୍ରକାଶିତ ବାକ୍ୟ ପୁସ୍ତକରେ ସିଂହାସନ ଚତୁର୍ଦ୍ଦିଗରେ ଘେରି ରହିଥିବା ଚବିଶ ଜଣ ପ୍ରାଚୀନ ଯେତେବେଳେ ଈଶ୍ୱରଙ୍କ ଗୌରବର ପ୍ରଶଂସା କରିବାକୁ ଏହା ବ୍ୟବହାର କରନ୍ତି, ସେତେବେଳେ ସେମାନେ ସୃଷ୍ଟିର ଉଦ୍ଦେଶ୍ୟ ପୂରଣ କରୁଅଛନ୍ତି : ହେ ଆମ୍ଭମାନଙ୍କର ପ୍ରଭୁ ଓ ଈଶ୍ୱର, ତୁମ୍ଭେ ଗୌରବ, ସମ୍ଭ୍ରମ ଓ ପରାକ୍ରମ ପାଇବାକୁ ସୁଭାଜନ ଅଟ, ତୁମ୍ଭେ ସମସ୍ତ ସୃଷ୍ଟି କରିଅଛ, ଆଉ ତୁମ୍ଭ ଇଚ୍ଛାରେ ସେହିସବୁ ସତ୍ତ୍ୱ ପ୍ରାପ୍ତ ହୋଇ ସୃଷ୍ଟି ହୋଇଅଛି (ପ୍ରକା. ୪:୧୧) ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଈଶ୍ୱର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କଲା ବେଳେ ବିଶ୍ୱବ୍ରହ୍ମାଣ୍ଡରେ ହେଉ ବା ପରିବେଶରେ ହେଉ, ପ୍ରତି ଅଣୁ ଓ ଜଟିଳ ପଦ୍ଧତି ମଧ୍ୟରେ ସେ ଆପଣାର ଗୌରବ ଢ଼ାଳି ଦେଇଥିଲେ । ଗୀତ. ୧୯:୧ ପଦ ଏହାକୁ ଯେପରି କହେ, ଆକାଶମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ । ଈଶ୍ୱରଙ୍କ ଗୌରବ ପ୍ରଦର୍ଶନ କରିବା ପାଇଁ ସୃଷ୍ଟି ଅପେକ୍ଷା କରୁ ନାହିଁ ଏହା ପ୍ରଦର୍ଶନ କରିସାରିଛି । ପ୍ରଭୁଙ୍କ ସିଂହାସନ ଚତୁର୍ଦ୍ଦିଗରେ ସରାଫ୍‌ଗଣ ଉଡ଼ି ବୁଲି ନିରବଚ୍ଛିନ୍ନ ଭାବରେ ଏହା ଘୋଷଣା କରନ୍ତି : ସୈନ୍ୟାଧିପତି ସଦାପ୍ରଭୁ ଧର୍ମମୟ, ଧର୍ମମୟ, ଧର୍ମମୟ ସମୁଦାୟ ପୃଥିବୀ ତାହାଙ୍କ ମହିମାରେ ପରିପୂର୍ଣ୍ଣ (ଯିଶା. ୬:୩) ।

*ମାନବ ଜାତିର ଉଦ୍ଦେଶ୍ୟ : ଈଶ୍ୱରଙ୍କ ଗୌରବକୁ ଜାଣିବା*

ହବକ୍‌କୁକଙ୍କ ଦ୍ୱାରା ଏକ ଭାବବାଣୀ ମାନବ ଜାତିର ଉଦ୍ଦେଶ୍ୟ (ଓ ମୁକ୍ତିର ଇତିହାସ) ଘୋଷଣା କରିଥାଏ : କାରଣ ଜଳରାଶି ଯେମନ୍ତ ସମୁଦ୍ରକୁ ଆବୃତ କରେ, ତେମନ୍ତ ସଦାପ୍ରଭୁଙ୍କ ମହିମା ବିଷୟକ ଜ୍ଞାନରେ ପୃଥିବୀ ପରିପୂର୍ଣ୍ଣ ହେବ (ହବ. ୨:୧୪) । ପୃଥିବୀ ଈଶ୍ୱରଙ୍କ ଗୌରବ ପ୍ରଦର୍ଶନ କରିସାରିଥିବାରୁ ପୃଥିବୀ ପାଇଁ ଛାଡ଼ି ଯାଇଥିବା ସମସ୍ତ ବିଷୟ ସେହି ଗୌରବର *ଜ୍ଞାନ*ରେ ପରିପୂର୍ଣ୍ଣ ହେବାକୁ ପଡ଼ିବ । ପୃଥିବୀର ବାତାବରଣ, ଲେବାନନ୍‌ର ସୁନ୍ଦର ଦେବଦାରୁ ଗଛ, ନେପାଳର ଉଚ୍ଚ ହିମାଳୟ, ଉଚ୍ଚରେ ଉଡ଼ୁଥିବା ବାଜପକ୍ଷୀ ବା ଶକ୍ତିଶାଳୀ ବଡ଼ ବଡ଼ ହରିଣଗୁଡ଼ିକ ଦ୍ୱାରା ଏହି କାର୍ଯ୍ୟ କରାଯାଇପାରିବ ନାହିଁ । ଏହିସବୁ ସୃଷ୍ଟ ବିଷୟଗୁଡ଼ିକ ଯଦିଚ ଈଶ୍ୱରଙ୍କ ଗୌରବ *ପ୍ରଦର୍ଶନ କରିଥାଏ*, ତଥାପି ସେଗୁଡ଼ିକ ଈଶ୍ୱରଙ୍କ ଗୌରବକୁ ଜାଣିପାରିବେ ନାହିଁ । ଉପାସନା କରିବାର ସେହି ବଡ଼ କାର୍ଯ୍ୟ ମାନବ ଜାତିକୁ ନ୍ୟସ୍ତ ହୋଇଥିଲା, ଯେଉଁମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିଲେ ଯେପରି ସେମାନେ ସୃଷ୍ଟିର ପ୍ରତ୍ୟେକ ଦିଗରେ ଈଶ୍ୱରଙ୍କ ଗୌରବର ଉଭୟ ସ୍ପଷ୍ଟ ଦେଖାଯାଉଥିବା ଓ ପ୍ରଦର୍ଶିତ ହେଉଥିବା ବିଷୟ ଅନୁସନ୍ଧାନ କରିବେ ।

ମାତ୍ର ଏଦନ ଉଦ୍ୟାନରେ ଆଦମଙ୍କ ବିଦ୍ରୋହର ଅକଳନୀୟ ଦୁଃଖ ହେଉଛି ମନୁଷ୍ୟର ଅନ୍ତଃକରଣ, ଯାହାକି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କଠାରେ ଆନନ୍ଦ କରିବା ଉଚିତ୍ ହୋଇଥା'ନ୍ତା, ସେ ବରଂ ସୃଷ୍ଟିକୁ ପୂଜା କରିଥିଲା (ରୋମୀ. ୧:୨୫) । ତେଣୁ ମାନବ ଜାତି ଯେତେବେଳେ ଫଳପୂର୍ଣ୍ଣ ଓ ବହୁଗୁଣିତ ହୋଇଛି ଓ ପୃଥିବୀକୁ ବହୁଳ ଭାବରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ପରିପୂର୍ଣ୍ଣ କରିଛି, ସେତେବେଳେ ସଦାପ୍ରଭୁଙ୍କ ମୂଳ ଉଦ୍ଦେଶ୍ୟ – ତାହାଙ୍କ ଗୌରବର ଜ୍ଞାନରେ ପୃଥିବୀ ପରିପୂର୍ଣ୍ଣ ହେବା ବିଷୟଟି – ଏବେସୁଦ୍ଧା ପୂରଣ ହେବା ବାକି ଅଛି ।

ବିଶ୍ୱବ୍ରହ୍ମାଣ୍ଡରେ କେବଳ ଗୋଟିଏ ଶକ୍ତି ଅଛି ଯାହାର କି ମାନବର ପ୍ରତିମାପୂଜକ ହୃଦୟକୁ ସେହିସବୁରେ ପରିବର୍ତ୍ତନ କରିବାର ବଳ ଅଛି ଯାହାକି ସୃଷ୍ଟିରେ ପ୍ରଦର୍ଶିତ ହେଉଥିବା ସଦାପ୍ରଭୁଙ୍କ ଗୌରବକୁ ଜାଣିବ: ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର । ଏହି ସୁସମାଚାର ଦ୍ୱାରା ଆମର ପ୍ରସ୍ତରମୟ ହୃଦୟ ପରିବର୍ତ୍ତିତ ହୋଇଛି, ଆମ ଚତୁର୍ଦ୍ଦିଗରେ ଉଦ୍‌ଭାସିତ

ହେଉଥିବା ଈଶ୍ୱରଙ୍କ ଗୌରବ ପ୍ରତି ଜୀବିତ କରାଯାଇଥିଲା । ଏହି ସୁନ୍ଦର ପ୍ରତିଜ୍ଞାର ସମ୍ପନ୍ନତା ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀର ଅପେକ୍ଷାରେ ଅଛି, ଯେତେବେଳେ ଈଶ୍ୱରଙ୍କ ଗୌରବ ପ୍ରତ୍ୟେକ ସୃଷ୍ଟ ବିଷୟକୁ ଜ୍ଞାନାଲୋକ ପ୍ରଦାନ କରିବ ଓ ଧାର୍ମିକମାନେ ନିଜେ ନିଜେ ସେମାନଙ୍କ ପିତାଙ୍କ ରାଜ୍ୟରେ ସୂର୍ଯ୍ୟ ପରି ଉଦ୍‌ଭାସିତ ହେବେ (ମାଥି. ୧୩:୪୩) ।

*ଧର୍ମତତ୍ତ୍ୱ ରେ ଏକ ବ୍ୟକ୍ତିଗତ ଓ ବିଶ୍ୱ ଶିକ୍ଷା*

ଧର୍ମତତ୍ତ୍ୱ ରେ ଆମର ଶିକ୍ଷା – ଅର୍ଥାତ୍ ଈଶ୍ୱରଙ୍କ ଅବସ୍ଥିତି ଓ ଗୁଣାବଳୀ – ଆମେ ମାତାର ଉଦରରେ ସଞ୍ଚରିତ ହେବା ମୁହୂର୍ତ୍ତରୁ ଆରମ୍ଭ ହୋଇଥିଲା ଓ ଆମେ ଭାଷା ଶିକ୍ଷା କରିବା ପୂର୍ବରୁ ଦୈନନ୍ଦିନ ଲାଗି ରହିଥିଲା । ଆମର ମାଆର ହୃଦ୍‌ସ୍ପନ୍ଦନ, ଉଷ୍ଣତାର ଉଲ୍ଲାସ, ଆମ ମୁଖର ସ୍ୱାଦ, ଜନ୍ମ ସମୟରେ ଆଲୋକ ରଶ୍ମିର ଉଜ୍ଜ୍ୱଳତା, ଉଜ୍ଜ୍ୱଳ ରଙ୍ଗଗୁଡ଼ିକ, ଓ ଆମ ପୋଷାକର ସୁଗନ୍ଧ ଦ୍ୱାରା ଆମେ ଶିକ୍ଷିତ ହୋଇଥିଲୁ । ଗୀତସଂହିତା ୨୨:୯ ପଦରେ ଦାଉଦ କହନ୍ତି, ମାତ୍ର ତୁମ୍ଭେ ହିଁ ମୋତେ ଗର୍ଭରୁ ବାହାର କରି ଆଣିଅଛ : ମୁଁ ଆପଣା ମାତୃ–କୋଳରେ ଥିବା ସମୟରେ ତୁମ୍ଭେ ମୋହର ବିଶ୍ୱାସ ଜନ୍ମାଇଅଛ । ଦାଉଦ ଶିଶୁ ଥିଲା ବେଳେ ତାଙ୍କର ଯତ୍ନ ନିଆଯାଉଥିଲା ବେଳେ ତାଙ୍କ ମାଆ ତାଙ୍କର ଶାରୀରିକ ଆବଶ୍ୟକତା ପୂରଣ କରିବା ବେଳେ ଈଶ୍ୱର ତାଙ୍କୁ କିପରି ଆସ୍ଥା ସ୍ଥାପନ କରିବେ ତାହା ଶିଖାଇଥିଲେ । ଈଶ୍ୱର ଦାଉଦଙ୍କୁ ଈଶ୍ୱରଙ୍କଠାରେ ତାଙ୍କ ପ୍ରାଣର ପରିତ୍ରାଣ ନିମନ୍ତେ ଆସ୍ଥା ସ୍ଥାପନ କରିବା ପାଇଁ ପ୍ରସ୍ତୁତ କରୁଥିଲେ । ତେଣୁ ଭୌତିକ ସୃଷ୍ଟି ଆମକୁ ଉଦ୍ଧାରକାରୀ ବିଶ୍ୱାସ ପାଇଁ ଆମକୁ ପ୍ରସ୍ତୁତ କରିଥାଏ ।

ସାନ ପିଲା ବେଳେ ଆମେ ଯେତେବେଳେ ବଣର ସୁନ୍ଦରତା ଦେଖୁଥାଉ, ବଣଭୂମିର କାଦୁଅ ବାସ୍ନାକୁ ଗଭୀର ଭାବରେ ଆଘ୍ରାଣ କରୁ, ଆମ ମୁହଁରେ ପଡୁଥିବା ଦ୍ୱିପ୍ରହରର ଉଷ୍ଣ ବାୟୁକୁ ଅନୁଭବ କରୁ, ହଠାତ୍ ଏକ ମନୋହର ବୃକ୍ଷଲତାର ଉଜ୍ଜ୍ୱଳ ଗୌରବ ଯାହା ଆମକୁ ଚମତ୍କୃତ କରିଦିଏ – ଅର୍ଥାତ୍ ଏକ ଚମତ୍କାର ପାର୍ବତ୍ୟ ଉପତ୍ୟକା, ଆସନ୍ନ ଶୀତ ପାଇଁ ପ୍ରସ୍ତୁତ ଲାଲ୍ ଓ ସୁବର୍ଣ୍ଣ ରଙ୍ଗରେ ଉଦ୍‌ଭାସିତ ବୃକ୍ଷଗୁଡ଼ିକ ମଧ୍ୟ ଦେଇ ଯାଉ ଥାଉ – ସେତେବେଳେ ଆମର ହୃଦୟ ଏହି ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ରୀୟ ବାସ୍ତବତା ପାଇଁ ଆକାରପ୍ରାପ୍ତ ହେଉଥାଏ : ସେ ହେଉଛନ୍ତି ସର୍ବଶକ୍ତିମାନ୍ ଈଶ୍ୱର ।

ଏହି ଶିକ୍ଷା ସାରା ଜଗତରେ ହେବାକୁ ଯାଉଛି ଏହା ପୃଥିବୀର ଗୋଟିଏ ଜାତି ମଧ୍ୟରେ କିମ୍ବା ଗୋଟିଏ ଅଞ୍ଚଳରେ ଅନନ୍ୟ ଭାବରେ ସୀମିତ ହୋଇ ରହି ନାହିଁ । ଗୀତସଂହିତା ୧୯:୩–୪ ପଦ ଆକାଶମଣ୍ଡଳ ଈଶ୍ୱରଙ୍କ ଗୌରବକୁ ଶବ୍ଦହୀନ ସାର୍ବଜନୀନ ଭାଷାରେ ଘୋଷଣା କରୁଛି ବୋଲି କହେ : କୌଣସି ବାକ୍ୟ କି ଭାଷା ନ ଥାଏ ସେମାନଙ୍କ ରବ ଶୁଣାଯାଇ ନ ପାରେ । ସେମାନଙ୍କର ରଜ୍ଜୁ ସମୁଦାୟ ପୃଥିବୀରେ ଓ ସେମାନଙ୍କର ବାକ୍ୟ ଜଗତର ସୀମା ପର୍ଯ୍ୟନ୍ତ ବ୍ୟାପ୍ତ । ଭୌତିକ ସୃଷ୍ଟି ହେଉଛି ସମଗ୍ର ଜଗତର ଲୋକମାନଙ୍କ ପାଇଁ ଧର୍ମତତ୍ତ୍ୱ ରେ ଏକ ବ୍ୟକ୍ତିଗତ ଶିକ୍ଷା ଅଟେ ।

*ସମସ୍ତ ବିଷୟ ଖ୍ରୀଷ୍ଟଙ୍କ ଦ୍ୱାରା ଓ ଖ୍ରୀଷ୍ଟଙ୍କ ପାଇଁ ସୃଷ୍ଟି ହୋଇଥିଲା*

ଆକାଶମଣ୍ଡଳ ଓ ପୃଥିବୀରେ ଥିବା ପ୍ରତ୍ୟେକ, ଦୃଶ୍ୟ ଓ ଅଦୃଶ୍ୟ ବିଷୟ ଖ୍ରୀଷ୍ଟଙ୍କ ଦ୍ୱାରା ଓ ଖ୍ରୀଷ୍ଟଙ୍କ ପାଇଁ ସୃଷ୍ଟି ହୋଇଥିଲା :

> ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା ଆଉ ଯେସମସ୍ତ ସୃଷ୍ଟ ହୋଇଅଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇ ନାହିଁ । (ଯୋହନ ୧:୩)

> ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମଜାତ, କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି । (କଲ. ୧:୧୫-୧୬)

> ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ। (ଏବ୍ରୀ ୧:୨)

କିଛି ରହସ୍ୟମୟ ଉପାୟରେ ଈଶ୍ୱର କଥା କହି ଶୂନ୍ୟରୁ ବିଶ୍ୱବ୍ରହ୍ମାଣ୍ଡକୁ ସ୍ଥିତିକୁ ଆଣିଥିଲେ, ପୁଣି ଖ୍ରୀଷ୍ଟ ହିଁ ବାକ୍ୟ ଥିଲେ ଯାହାଙ୍କ ଦ୍ୱାରା ଈଶ୍ୱର ଏହି ଶକ୍ତିଶାଳୀ ସୃଷ୍ଟିକାରୀ କଥା କହିଥିଲେ (ଯୋହନ ୧:୩) । ବିଶ୍ୱବ୍ରହ୍ମାଣ୍ଡ ଖ୍ରୀଷ୍ଟଙ୍କ ପାଇଁ ସୃଷ୍ଟି ହୋଇଥିଲା (କଲ. ୧:୧୬), ପୁଣି ଈଶ୍ୱର ଖ୍ରୀଷ୍ଟଙ୍କୁ ସମସ୍ତ ବିଷୟର ଉତ୍ତରାଧିକାରୀ ଭାବରେ ନିଯୁକ୍ତ କରିଥିଲେ (ଏବ୍ରୀ ୧:୨) । ତେଣୁ କିଛି ଆଶ୍ଚର୍ଯ୍ୟ ଉପାୟରେ, ଭୌତିକ ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ଅଣୁ ଓ ଆତ୍ମିକ ଜଗତରେ ପ୍ରତ୍ୟେକ ବସ୍ତୁ ଖ୍ରୀଷ୍ଟଙ୍କ ଅଧିକାରର ଅନ୍ତର୍ଭୁକ୍ତ ଅଟେ ।

ଏପରିକି ଅଧିକ ଚମତ୍କାର ବିଷୟ ହେଉଛି, ଈଶ୍ୱର ସୃଷ୍ଟି କରିଥିବା ବିଶ୍ୱବ୍ରହ୍ମାଣ୍ଡ ଏହାର ଉନ୍ନତ ସ୍ଥିତି ପାଇଁ ପ୍ରତି ମୁହୂର୍ତ୍ତରେ ଖ୍ରୀଷ୍ଟଙ୍କ ଉପରେ *ନିର୍ଭର କରିଥାଏ* : ସମସ୍ତ ବିଷୟ ସୃଷ୍ଟି ହେବା ପୂର୍ବରୁ ସେ (ଖ୍ରୀଷ୍ଟ) ଅଛନ୍ତି ଓ ତାହାଙ୍କଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି (କଲ. ୧:୧୭) । ଏହା ଅଭାବୀ ବିଶ୍ୱବ୍ରହ୍ମାଣ୍ଡର ଚିତ୍ର ପ୍ରଦାନ କରିଥାଏ ଯାହାର ସ୍ଥିତି ନ ଥା'ନ୍ତା, ଯଦି ଖ୍ରୀଷ୍ଟ ଏହାକୁ ସ୍ଥିତିକୁ ଆଣିବା ପାଇଁ ଆପଣାର ଶକ୍ତିଶାଳୀ ଇଚ୍ଛା ପ୍ରକାଶ କରି ନ ଥା'ନ୍ତେ । ଏହି ଭୌତିକ ଜଗତକୁ ଯେପରି କଠୋର ଭୌତିକ ଶବ୍ଦଗୁଡ଼ିକରେ ସମୀକ୍ଷା କରାଯାଇପାରିବ ଓ ବୁଝାଯାଇପାରିବ, ଯେ ତାହା ବାଇବଲର ମତରେ ଏହାର ପ୍ରତ୍ୟେକ ଅଂଶରେ ଈଶ୍ୱରଙ୍କ ସାର୍ବଭୌମତ୍ୱକୁ ବିକୃତ କରେ ନାହିଁ । ବାଇବଲସମ୍ମତ ଲେଖକଗଣ ଜଳଚକ୍ର ବିଷୟରେ ଜାଣନ୍ତି, ମାତ୍ର ସେମାନେ ବାରମ୍ବାର ଈଶ୍ୱର ବୃଷ୍ଟି ପ୍ରେରଣ କରିବା ବିଷୟରେ କହିବାକୁ ପସନ୍ଦ କରନ୍ତି, କାରଣ ଦୁଇପ୍ରକାର କଥା କହିବା ପରସ୍ପରକୁ ଦୂର କରିଦିଏ ନାହିଁ । ମାଧ୍ୟାକର୍ଷଣ ଶକ୍ତି ହେତୁ କ୍ଷତବିକ୍ଷତ ପକ୍ଷୀ ତଳେ ପଡ଼ିଯାଏ, ମାତ୍ର ଯୀଶୁଙ୍କ କଥାନୁଯାୟୀ ପିତାଙ୍କ ଇଚ୍ଛା ନ ହେଲେ ଆକାଶରୁ ଘରଚଟିଆଟିଏ ମଧ୍ୟ ତଳେ ପଡ଼େ ନାହିଁ । ଆଧୁନିକ ଭୌତିକବିଜ୍ଞାନ ଚାରିଟି ମୌଳିକ ଶକ୍ତିକୁ ଚିହ୍ନଟ କରିଛି ଯାହାକି ପ୍ରତ୍ୟେକ ବିଷୟକୁ

ବାନ୍ଧି ରଖିଛି, ମାତ୍ର ଏହା ଆମକୁ ଯୀଶୁ ପ୍ରତ୍ୟେକ ବିଷୟକୁ ଆପଣାର ଶକ୍ତିଶାଳୀ ବାକ୍ୟରେ ଧରି ରଖିବା ବିଷୟକୁ ଜାଣିବାରୁ ବଞ୍ଚିତ କରେ ନାହିଁ।

## ପ୍ରାକୃତିବାଦର ଧମକ

ଅନ୍ତିମ ସମୀକ୍ଷାରେ ବିଶ୍ୱବ୍ରହ୍ମାଣ୍ଡର ସ୍ଥିତିର କେବଳ ଦୁଇଟି ବର୍ଣ୍ଣନା ଅଛି : ସ୍ୱର୍ଗୀୟ ସତ୍ତା ଦ୍ୱାରା ବିଶେଷ ସୃଷ୍ଟି ଓ ଅଲୌକିକ ଶକ୍ତି ଦ୍ୱାରା ପ୍ରାକୃତିକ ବିବର୍ତ୍ତନ । ଏହି ସୁଦୃଢ଼ ଅର୍ଥପୂର୍ଣ୍ଣ ଶବ୍ଦଗୁଡ଼ିକରେ, ସୃଷ୍ଟି ଓ ବିବର୍ତ୍ତନ ପାରସ୍ପରିକ ଅନନ୍ୟ ଅଟନ୍ତି । ମାତ୍ର ଘଟଣାଟି ହେଉଛି, ସୃଷ୍ଟି ବା ବିବର୍ତ୍ତନ କୌଣସିଟି ଏହି ସୁଦୃଢ଼ ପରସ୍ପର ବିରୋଧୀ ଦୃଶ୍ୟରେ ସର୍ବଦା ବ୍ୟବହୃତ ହୋଇଛି, ପୁଣି ଏହା ସେହି ଘଟଣାଗୁଡ଼ିକୁ ଆଲୋଚନା କରିବାକୁ ଅଳ୍ପ ଜଟିଳ ବିଷୟ ଅପେକ୍ଷା ଅଧିକରୂପେ ସାହାଯ୍ୟ କରିଥାଏ ।

ବାଇବଲ ଅନୁଯାୟୀ ଈଶ୍ୱର ବଳାନ୍ତି ଯେ ପାପପୂର୍ଣ୍ଣ ମାନବିକତା, ଅଦୃଶ୍ୟ ଈଶ୍ୱରଙ୍କ ସ୍ଥିତି ଓ ପ୍ରକୃତିର ସାଧାରଣ ପ୍ରମାଣ ଥିବା ସତ୍ତ୍ୱେ ଅଧର୍ମ ଲୋକଙ୍କ ପ୍ରତି ସତ୍ୟ ଗୁପ୍ତ ରଖନ୍ତି (ରୋମୀ. ୧:୧୮) । ଅନ୍ୟ ବାକ୍ୟରେ ଆମେ ଯେଉଁ ବିଷୟକୁ ବିକୃତ ସତ୍ୟ ବୋଲି ବିବେଚନା କରିଥାଉ, ତାକୁ ଧରି ରଖିବାକୁ ଉଦ୍ୟମ କରିବାକୁ ଇଚ୍ଛା କରିଥାଉ : ଜଣେ ପବିତ୍ର ଓ ସର୍ବଶକ୍ତିମାନ୍ ସୃଷ୍ଟିକର୍ତ୍ତା ଅଛନ୍ତି, ଯାହାଙ୍କ ପ୍ରତି ଆମେ ଅନନ୍ତକାଳ ପର୍ଯ୍ୟନ୍ତ ଉତ୍ତରଦାୟୀ ଅଟୁ । ବରଂ ବ୍ୟଙ୍ଗାତ୍ମକ ଭାବରେ କହିଲେ, ଏହି ବିଷୟଟିକୁ ବେଳେବେଳେ ନାସ୍ତିକମାନେ ସ୍ୱୀକାର କରିଛନ୍ତି । ରିଚାର୍ଡ଼ ଡ଼କିନ୍ସ ସ୍ପଷ୍ଟରୂପେ ଘୋଷଣା କରିଛନ୍ତି, ଜୀବବିଜ୍ଞାନ ଜଟିଳ ବିଷୟଗୁଡ଼ିକର ଅଧ୍ୟୟନ ଅଟେ ଯାହାକି ଏକ ଉଦ୍ଦେଶ୍ୟ ସାଧନ ହେବା ପାଇଁ ଦୃଶ୍ୟମାନ ହୋଇଥାଏ ।[୨] ଅନ୍ୟ ଭାଷାରେ, ଜଣଙ୍କୁ ଏହା ଲକ୍ଷ୍ୟ କରିବାକୁ ପଡ଼ିବ ଯେ ଏକ ଉଦ୍ଦେଶ୍ୟ ପାଇଁ ବିଭିନ୍ନ ବିଷୟ ପରିକଳ୍ପନା କରାଯାଇଥିଲା !

ଉଭୟ ବୈଜ୍ଞାନିକ ଓ ବାଇବଲର ଅର୍ଥକାରୀ *ସେମାନଙ୍କ ନିଜ ଅନୁସନ୍ଧାନରେ* ସମ୍ମତ ହୁଅନ୍ତି ନାହିଁ ବୋଲି ଜାଣିବା ଉତ୍ତମ ଅଟେ । ଅନ୍ୟ ଭାଷାରେ, ସେମାନେ ଉଭୟ ବୈଜ୍ଞାନିକ ତତ୍ତ୍ୱ ଓ ବାଇବଲର ଅର୍ଥ ଭିନ୍ନ ଅନ୍ୟ କିଛି ସିଦ୍ଧାନ୍ତରେ ଉପନୀତ ହୋଇଥା'ନ୍ତି । ଏହି ଦ୍ୱନ୍ଦ ବୃଦ୍ଧି ପାଇଥାଏ ସେତେବେଳେ ଯେତେବେଳେ ଅଳ୍ପ କିଛି ଲୋକ ଉଭୟ ଭୂମିକା ବହନ କରନ୍ତି ନାହିଁ – ଅର୍ଥାତ୍ ସେମାନେ ଉଭୟ ବୈଜ୍ଞାନିକ ଓ ଶାସ୍ତ୍ରର ଅର୍ଥକାରୀ ଅଟନ୍ତି – ପୁଣି ସେହିପରି ଲୋକମାନେ ସେମାନଙ୍କ ସାଥୀ ବୈଜ୍ଞାନିକମାନଙ୍କ ସହିତ କିମ୍ବା ସେମାନଙ୍କ ସାଥୀ ବାଇବଲ ବ୍ୟାଖ୍ୟାକାରୀମାନଙ୍କ ସହିତ ସର୍ବଦା ସମ୍ମତ ହୁଅନ୍ତି ନାହିଁ ।

କିଛି ଉଦାହରଣ ଦେଲେ ହୁଏତ ଭଲ ହେବ। ବାଇବଲ ପକ୍ଷରେ, କିଛି ଖ୍ରୀଷ୍ଟିୟାନ୍ ବ୍ୟକ୍ତି ଶୂନ୍ୟସ୍ଥାନ ତତ୍ତ୍ୱ କୁ ଧରି ରଖନ୍ତି (ଆଦିପୁସ୍ତକ ୧:୧ ଓ ୧:୨ ପଦ ମଧ୍ୟରେ ଅନିର୍ଦ୍ଧାରିତ ଏକ ବିଷୟ ଅଛି) କିଛି ବ୍ୟକ୍ତି ଗୋଟିଏ ଦିନର ତତ୍ତ୍ୱ କୁ ମାନ୍ୟତା ଦିଅନ୍ତି (ଆଦିପୁସ୍ତକ ୧ ଅଧ୍ୟାୟ ପ୍ରତିଦିନକୁ ଏକ ଯୁଗ ବୋଲି କହିଥାଏ) କେହି କେହି ଯୁବ-ପୃଥିବୀ ତତ୍ତ୍ୱ କୁ ମାନ୍ୟତା ଦିଅନ୍ତି (ପ୍ରତିଦିନ ଚବିଶ୍ ଘଣ୍ଟା ବିଶିଷ୍ଟ ଅଟେ, ପୁଣି ସୃଷ୍ଟି ଦଶହଜାର ବର୍ଷ ପୁର୍ବରୁ ହୋଇ ନ

ଥିଲା) କେହି କେହି ଆକ୍ଷରିକ ଭାବରେ ସପ୍ତାହ ବୋଲି ଡ଼ାକୁଥିବା ବିଷୟକୁ ଧରି ରଖନ୍ତି (ପ୍ରତିଦିନ ହେଉଛି ଚବିଶ୍ ଘଣ୍ଟା, ମାତ୍ର ସମଗ୍ର ସପ୍ତାହ ଆକ୍ଷରିକ ଭାବରେ ଏକ ସୃଷ୍ଟି ହେବା ପାଇଁ ଅଛି ଯାହାକି ଆମକୁ ସଠିକ୍ ଯାହା ଘଟିଛି ତାହା କହିବା ପରି ଅର୍ଥ କରେ ନାହିଁ, ମାତ୍ର ପ୍ରତୀକାତ୍ମକ ଓ ଧର୍ମତାତ୍ତ୍ୱିକ କାରଣଗୁଡ଼ିକ ପାଇଁ, ବିଭିନ୍ନ ପ୍ରକାରେ ବୁଝିବା ପାଇଁ ଉତ୍ତରଦାୟୀ ହେବାକୁ ଲକ୍ଷ୍ୟ ରଖିଥାଏ) ।

ଏହି ତତ୍ତ୍ୱ ଗୁଡ଼ିକ ମଧ୍ୟରୁ ଅନେକ ତତ୍ତ୍ୱ ତାତ୍ତ୍ୱିକ ବିବର୍ତ୍ତନରେ ସୁସଙ୍ଗତ ଅଟେ, ମାତ୍ର ନିଜେ ସେହି ପ୍ରକାଶନ ଏକାଧିକ ଅର୍ଥ ବିଶିଷ୍ଟ ଅପେକ୍ଷା ଅଧିକ ଅଟେ । କିଛି ଲୋକ ଚିନ୍ତା କରନ୍ତି ଏହା ସେହି ବିବର୍ତ୍ତନକୁ ପୂର୍ବାନୁମାନ କରିଥାଏ, ଯାହାକି ପ୍ରାକୃତିକ ବିବରଣରୁ ଭିନ୍ନ ନୁହେଁ, କେବଳ ସେହି ଘୋଷଣାରୁ ବାଦ୍ ଅଟେ ଯେ ଈଶ୍ୱର ସାର୍ବଭୌମ ଥିଲେ, ଯଦି ସେ ଦୟାଶୀଳ ଭାବରେ ବିବର୍ତ୍ତନର ଉନ୍ମୁକ୍ତ ବିଷୟକୁ ନିୟନ୍ତ୍ରଣ କରୁଅଛନ୍ତି (ସେହିପରି ବହୁଳ ଭାବରେ ସେ ଆଜି ସୂର୍ଯ୍ୟକିରଣ ଓ ବୃଷ୍ଟିପାତ ଉପରେ ଦୈବକୃତ ଭାବରେ ନିୟନ୍ତ୍ରଣ କରୁଅଛନ୍ତି) । ଅନ୍ୟମାନଙ୍କ ଚିନ୍ତାରେ କୌଣସି ପ୍ରକାର ପ୍ରାକୃତିକ ଉପାୟରେ ବିବର୍ତ୍ତନ ଘଟିଲେ (ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ), ଈଶ୍ୱର ବିଭିନ୍ନ ବିଷୟରେ ଆଶ୍ଚର୍ଯ୍ୟ ଭାବରେ ହସ୍ତକ୍ଷେପ କରିବା ଦ୍ୱାରା ଯେଉଁସବୁ ଫଳ ଆଣନ୍ତି, ତାହା ପ୍ରାକୃତିକ ଭାବରେ ହୋଇପାରି ନ ଥା'ନ୍ତା (ଉଦାହରଣସ୍ୱରୂପ, ଈଶ୍ୱର ମାନବ ଜାତିକୁ ଅନ୍ୟାନ୍ୟ ବିକଶିତ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଅପେକ୍ଷା ଗୁଣାତ୍ମକ ଭାବରେ ଭିନ୍ନ କରିଥିଲେ : ସେମାନେ ତାହାଙ୍କର ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇ ଅନନ୍ତ ଜୀବନ ପାଇବା ଲକ୍ଷ୍ୟରେ ଥିଲେ) ।

ସ୍ପଷ୍ଟରୂପେ କହିଲେ, ଅନେକ ଖ୍ରୀଷ୍ଟିୟାନ୍ ଏହି ଇଚ୍ଛାଧୀନ ବିଷୟଗୁଡ଼ିକରୁ ଏକ ବା ଅଧିକକୁ ସୀମା ବାହାର ଭାବରେ ଏବଂ କେବଳ ଗୋଟିଏ ବା ଦୁଇଟି ଇଚ୍ଛାଧୀନ ବିଷୟଗୁଡ଼ିକ ପ୍ରତି ଉନ୍ମୁକ୍ତ ଅଟନ୍ତି । ଉଦାହରଣସ୍ୱରୂପ, ବାରମ୍ବାର ଏହି ବିଷୟରେ ଯୁକ୍ତି କରାଯାଇଛି ଯେ ଦୃଷ୍ଟିଆକର୍ଷଣକାରୀ *ବାଇବଲସମ୍ମତ* କୌଣସି କାରଣ ନାହିଁ ଯେ କୋଟି କୋଟି ବର୍ଷ ଧରି ଆଦିପୁସ୍ତକ ୧ ଅଧ୍ୟାୟକୁ ଅଧ୍ୟୟନ କରିବା ଆବଶ୍ୟକ ହେବ । କେତେକ ଖ୍ରୀଷ୍ଟିୟାନ ସେହି ପାଠ ବିଷୟରେ ସେମାନଙ୍କ ଅର୍ଥକୁ ପରିବର୍ତ୍ତନ କରିବାର କାରଣଗୁଡ଼ିକ ବାଇବଲ ବାହାରୁ ଆସିଥାଏ : ଭୂତତ୍ତ୍ୱ ବିଦ୍ ଓ ଅନ୍ୟ ବୈଜ୍ଞାନିକଗଣ ଆମକୁ କହନ୍ତି ଯେ ପୃଥିବୀ କୋଟି କୋଟି ବର୍ଷ ଧରି ତିଷ୍ଠି ରହିବାର କାରଣ ବହୁତ ଅଟେ ।

ଏହିସବୁ ଯୁକ୍ତି ହେତୁ କୌଣସି କୌଣସି ଖ୍ରୀଷ୍ଟିୟାନ୍ ଆଦିପୁସ୍ତକକୁ ପୁନର୍ବାର ତର୍ଜମା କରନ୍ତି ଯେପରି ସାଧାରଣଭାବେ ବ୍ୟବହୃତ ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ଖାପ ଖାଇପାରିବ, ତଦ୍ୱାରା ସେମାନେ ସେହିପରି ତର୍ଜମା ଆପଣାଉଛନ୍ତି ଯାହାକି କେବେ ବି ଶାସ୍ତ୍ରରେ ଦେଖିବାକୁ ମିଳି ନାହିଁ ତାହା ବିଜ୍ଞାନର ଦାବି ଥିଲା । ଫଳରେ ସେମାନଙ୍କ ଯୁକ୍ତି ବାଇବଲକୁ ଆୟତ୍ତ କରିଥାଏ ଓ ଏହାର ସରଳ ଅର୍ଥକୁ ବିକୃତ କରିଥାଏ । ତଥାପି ସେହି ଘଟଣା ଜଟିଳ ଅଟେ । ଆଧୁନିକ ବିଜ୍ଞାନ ଗଢ଼ି ଉଠିବାର ବହୁପୂର୍ବରୁ ଅଗଷ୍ଟାଇନ୍ (ଚତୁର୍ଥ ଶତାବ୍ଦୀ) ସ୍ପଷ୍ଟରୂପେ ଘୋଷଣା କରିଥିଲେ ଯେ ଆଦିପୁସ୍ତକ ୧ ଅଧ୍ୟାୟର ତର୍ଜମା କଷ୍ଟ ଅଟେ, ମାତ୍ର ସେ ଯୁକ୍ତି

କରିଥିଲେ, କାରଣ ସେ ଯାହା ଭାବିଥିଲେ ତାହା ଦୃଷ୍ଟିଆକର୍ଷଣକାରୀ ବାଇବଲସମ୍ମତ ଓ ଧର୍ମତାତ୍ତ୍ୱିକ କାରଣଗୁଡ଼ିକ ଥିଲା, ଯେ ବିଶ୍ୱବ୍ରହ୍ମାଣ୍ଡ ସେହି ମୁହୂର୍ତ୍ତରେ ସୃଷ୍ଟି ହୋଇଥିଲା ପୁଣି ଆଦିପୁସ୍ତକ ୧ ଅଧ୍ୟାୟରେ ଥିବା ସେହି ସପ୍ତାହର ସୃଷ୍ଟି ଏକ ପ୍ରତୀକାତ୍ମକ ଆକ୍ଷରିକ ସୃଷ୍ଟି ଅଟେ ଯାହାକି ଧର୍ମତାତ୍ତ୍ୱିକ ବିଷୟଗୁଡ଼ିକର ଏକ ଅନୁକ୍ରମ ତିଆରି କରିବା ପାଇଁ ପରିକଳ୍ପନା କରିଥିଲା, ତାହା ମାନବ ସପ୍ତାହ ଅନୁକ୍ରମର ଓ ବିଶ୍ରାମବାର ପ୍ରତିଷ୍ଠାର ନ୍ୟୂନ ବିଷୟ ନୁହେଁ । ଅନ୍ୟ ଭାଷାରେ, କୌଣସି ପ୍ରକାର ଆକ୍ଷରିକ-ସପ୍ତାହ ତତ୍ତ୍ୱ ଆଧୁନିକ ବିଜ୍ଞାନର ଉନ୍ନତିର ପୂର୍ବରୁ ଘଟିଥିଲା ।

ଗସ୍‌ପେଲ୍ କୋଆଲିସନ୍‌ର ତୃତୀୟ ପକ୍ଷ ବ୍ୟକ୍ତିଗଣ ସମସ୍ତ ପୁଙ୍ଖାନୁପୁଙ୍ଖ ବିଷୟରେ ନାହାନ୍ତି, ମାତ୍ର ଆମେ ସମସ୍ତେ ଦାବି କରିଥାଉ ଯେ କେବଳ ଈଶ୍ୱରଙ୍କର ଆତ୍ମ-ସ୍ଥିତି ଅଛି, ଯେ ସେ ହିଁ ସମସ୍ତ ବିଷୟର ସୃଷ୍ଟିକର୍ତ୍ତା ଅଟନ୍ତି, ଯେ ସେ ସମସ୍ତ ଉତ୍ତମ ବିଷୟ ତିଆରି କରିଥିଲେ, ଯେ ଆଦମ ଓ ହବା ଐତିହାସିକ ବ୍ୟକ୍ତିତ୍ୱ ଥିଲେ ଯେଉଁମାନଙ୍କଠାରୁ ମାନବ ଜାତିର ଅନ୍ୟମାନେ ଆସିଥିଲେ, ପୁଣି ଯେ ଆମେ ସମ୍ମୁଖୀନ ହେଉଥିବା ମୌଳିକ ସମସ୍ୟା ମାନବ ଜାତିର ପ୍ରତିମାପୂଜା ଓ ବିଦ୍ରୋହରୁ ଆସିଥିଲା, ପୁଣି ସେଗୁଡ଼ିକ ଅଭିଶାପ ଆଣିଥିଲେ । ସେହିସବୁ ବିଷୟ ଅପରିବର୍ତ୍ତନୀୟ ହେବା ପାଇଁ ଧରି ରଖିବାର କାରଣଗୁଡ଼ିକ ଶାସ୍ତ୍ରର ଅନେକ ପରିଚ୍ଛେଦରେ ରହିଛି, କେବଳ ଆଦିପୁସ୍ତକର ପ୍ରାରମ୍ଭିକ ଅଧ୍ୟାୟଗୁଡ଼ିକରେ ନାହିଁ । ଉଦାହରଣସ୍ୱରୂପ, ପାଉଲ ଆମକୁ କହନ୍ତି ଯେ ଈଶ୍ୱର ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତିଠାରୁ ସମସ୍ତ ମାନବଜାତି ସୃଷ୍ଟି କରିଅଛନ୍ତି (ପ୍ରେରିତ ୧୭:୨୬) ।

ବିଜ୍ଞାନ ପକ୍ଷରେ, ବାଇବଲସମ୍ମତ ଅର୍ଥର ପକ୍ଷ ପରି ଅନେକ ଅନିର୍ଦ୍ଦିଷ୍ଟ ବିଷୟ ଓ ବିଭିନ୍ନ ମତାମତ ଅଛି, ତାହା ସାଧାରଣରେ ସ୍ୱୀକୃତ ହେବା ଅପେକ୍ଷା ଅନ୍ତତଃପକ୍ଷେ କିଛି ବିଷୟରେ ଅଛି । ଯଦିଚ ଅଧିକାଂଶ ବୈଜ୍ଞାନିକ ବିଗ୍ ବ୍ୟାଙ୍ଗ୍ ତତ୍ତ୍ୱକୁ ଧରି ରଖିଥିଲେ, ତଥାପି ଘୋଷିତ ହୋଇଥିବା ବିଷୟଗୁଡ଼ିକ ହେଉଛି ଯେ ବିଶ୍ୱବ୍ରହ୍ମାଣ୍ଡରେ ପ୍ରତ୍ୟେକ ବିଷୟ ଗୋଟିଏ ଅନନ୍ୟ ସଘନ ସତ୍ତା ମଧ୍ୟରେ ଦୃଢ଼ ଭାବରେ ରହିଥିଲା ଯାହାକି କୌଣସି କ୍ଷେତ୍ରରେ ଏକକ ମଧ୍ୟରେ ବିସ୍ଫୋରିତ ହୋଇଥିଲା (ତାହା ହେଉଛି ଏକ ଘଟଣା ଯେଉଁଥିରେ ଭୌତିକ ବିଜ୍ଞାନର ନିୟମଗୁଡ଼ିକ ରହେ ନାହିଁ) ଯେପରି ପ୍ରାୟ ପନ୍ଦରଶହ କୋଟି ବର୍ଷ ପୂର୍ବରୁ ଆମେ ଜାଣିଥିବା ବିଶ୍ୱବ୍ରହ୍ମାଣ୍ଡ ଉତ୍ପନ୍ନ ହେବ, ଅଳ୍ପ ସଂଖ୍ୟକ ବୈଜ୍ଞାନିକ ସନ୍ଦେହ କରିବେ। ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେହି ଅନନ୍ୟ ସଘନ ସତ୍ତା ପ୍ରଥମ ସ୍ଥାନରେ କିପରି ଆସିଲା ସେ ବିଷୟରେ ବହୁଳ ଭାବରେ ଗ୍ରହଣୀୟ କୌଣସି ତତ୍ତ୍ୱ ନାହିଁ । ଗୋଟିଏ ତତ୍ତ୍ୱ ବିକଳ୍ପ ଅଭିବୃଦ୍ଧିଶୀଳ ଓ ଚୁକ୍ତିଭିତ୍ତିକ ବିଶ୍ୱବ୍ରହ୍ମାଣ୍ଡ ଦାବି କରିଥାଏ, ମାତ୍ର ଯେଉଁ ଅନୁଧ୍ୟାନ ସମ୍ପୃକ୍ତ ହୋଇଥିଲା ତାହା ଏତେ ଅପରିମିତ ଯେ ସେହି ତତ୍ତ୍ୱ ଅଳ୍ପ ଟାଣିବା ଶକ୍ତି ଲାଭ କରିଛି ।

ସେହି ସଘନ ସତ୍ତା କିପରି ହୋଇଥିଲା ସେ ବିଷୟରେ ଆମେ ଯଦି ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଦେଉ ଓ ତା' ବଦଳରେ ପୃଥିବୀ ଗ୍ରହ ଉପରେ ଆଲୋକପାତ କରୁ, ତେବେ ଆମେ ଦେଖିବା ଯେ ବିବର୍ତ୍ତନ ତତ୍ତ୍ୱ ସମେତ ଜୀବନ ଅଭିବୃଦ୍ଧି ବିଷୟକ ତତ୍ତ୍ୱଗୁଡ଼ିକ ବାରମ୍ବାର

ସଂଶୋଧିତ ହୋଇଛି। ଜୀବାଶ୍ମ ବିବରଣ ସାମୟିକ ଗଠନଗୁଡ଼ିକର ଆକାଂକ୍ଷିତ କ୍ରମରେ ଏତେ ଶୂନ୍ୟସ୍ଥାନ ସଂରକ୍ଷିତ କରିଥାଏ ଯେ ବର୍ତ୍ତମାନ ହାଭାର୍ଡ଼ ପରବର୍ତ୍ତୀ ସମୟର ବିବର୍ତ୍ତନତତ୍ତ୍ୱବିଦ୍ ଷ୍ଟିଫେନ୍ ଜେ ଗାଉଲ୍ଡଙ୍କ ପ୍ରସ୍ତାବ ଅନୁସରଣ କରିବା ସାଧାରଣ ବିଷୟ ଅଟେ। ସେ ପ୍ରସ୍ତାବ ଦିଅନ୍ତି ଯେ ପ୍ରାକୃତିକ ମନୋନୟନ ଦ୍ୱାରା ବିବର୍ତ୍ତନ ହେବା ପରିବର୍ତ୍ତେ ବିରାମ ସହିତ ସନ୍ତୁଳନକୁ ସତ ବୋଲି ଗ୍ରହଣ କରିବାକୁ ପଡ଼ିବ ତାହା ହେଉଛି, ବିବର୍ତ୍ତନ କାର୍ଯ୍ୟକଳାପର ପର୍ଯ୍ୟାୟବୃତ୍ତ ଭାବରେ ହୋଇଥାଏ ଯାହାକି ଏତେ ସଂକ୍ଷିପ୍ତ ଥିଲା ଯେ ସେଗୁଡ଼ିକ ଜୀବାଶ୍ମ ବିବରଣୀ ଦ୍ୱାରା ଜଣାଯାଇପାରି ନ ଥିଲା । ଅଧିକନ୍ତୁ ସର୍ବାଧିକ ନିର୍ଭୀକତାର ସହିତ ଅନୁସନ୍ଧାନ ସତ୍ତ୍ୱେ ଅଜୈବ ବିଷୟରୁ ଏକ କାର୍ଯ୍ୟକ୍ଷମ ଓ ପୁନଃଉତ୍ପାଦନ କୋଷ ଏବେସୁଦ୍ଧା ଉଲ୍ଲେଖନୀୟ ଭାବରେ ଦାର୍ଶନିକ ବସ୍ତୁତତ୍ତ୍ୱ ର କଳ୍ପନାରେ ଅସ୍ୱଚ୍ଛ ଅଟେ ।

ବୌଦ୍ଧିକ ପରିକଳ୍ପନା ଉପରେ ସାମ୍ପ୍ରତିକ ତର୍କଗୁଡ଼ିକ ସେହିପରି ସମାନ୍ ଜଟିଳ ବିଷୟ । ଗତ ଦୁଇଦଶନ୍ଧି ବା ସେହିପରି ସମୟ ଧରି ଅଳ୍ପ ସଂଖ୍ୟକ ବୈଜ୍ଞାନିକ ଓ ଦାର୍ଶନିକ ଯୁକ୍ତି କରିଛନ୍ତି ଯେ ଅନେକ ଜୈବିକ ଗଠନର ଜଟିଳତାକୁ ହ୍ରାସ କରାଯାଇପାରିବ ନାହିଁ । ଏହାଦ୍ୱାରା ସେମାନେ ଅର୍ଥ କରନ୍ତି ଯେ ସେହିପରି ଗଠନଗୁଡ଼ିକ ନିମନ୍ତେ କାର୍ଯ୍ୟ କରିବା ଓ ବଜାୟ ରହିବା ପାଇଁ (ଯେପରି ଆଖି), ଅନେକ ବିବର୍ତ୍ତନ ଅଭିବୃଦ୍ଧି ଏକ ସମୟରେ ଘଟିବାକୁ ପଡ଼ିବ ଯେପରି ପରିସଂଖ୍ୟାନ ଶୂନ୍ୟ ହୋଇଯିବ । ଗଠନର ଉପାଦାନଗୁଡ଼ିକ ଗୋଟିଏ ଗୋଟିଏ କରି ଅଭିବୃଦ୍ଧି ହୋଇପାରି ନ ଥିଲା, କାରଣ ସମ୍ପୂର୍ଣ୍ଣ ଗଠନରେ ସେଗୁଡ଼ିକର ସ୍ଥାନ ଓ ଭୂମିକାରୁ ଭିନ୍ନ କୌଣସି ଉପଯୋଗୀ କାର୍ଯ୍ୟ ନାହିଁ । ଏହାକୁ ସେମାନେ ବୌଦ୍ଧିକ ପରିକଳ୍ପନାର ପ୍ରମାଣ ଭାବରେ ଗ୍ରହଣ କରନ୍ତି ।

ଅଧିକାଂଶ ବୈଜ୍ଞାନିକ ଉତ୍ତର ଦିଅନ୍ତି ଯେ ଏହା ଶୂନ୍ୟର ଈଶ୍ୱର ତତ୍ତ୍ୱ ପରି ପୁରାତନ ମନେ ହୋଇଥାଏ : ଯେତେବେଳେ ବି ବିଜ୍ଞାନ କୌଣସି ବିଷୟ ବର୍ଣ୍ଣନା କରିପାରେ ନାହିଁ, ସେତେବେଳେ ଆମେ ଈଶ୍ୱରଙ୍କୁ ଅନୁରୋଧ କରିଥାଉ, ମାତ୍ର ଦୁଃଖଦାୟକ ବିଷୟ ହେଉଛି ଯେ ବିଜ୍ଞାନ ଶୂନ୍ୟତାକୁ ଅଧିକରୁ ଅଧିକ ବର୍ଣ୍ଣନା କଲା ବେଳେ ଈଶ୍ୱର କ୍ଷୁଦ୍ରରୁ କ୍ଷୁଦ୍ରତର ହୁଅନ୍ତି । ଯେଉଁମାନେ ବୌଦ୍ଧିକ ପରିକଳ୍ପନାକୁ ସୁରକ୍ଷା ଦିଅନ୍ତି ସେମାନେ ଦାବି କରନ୍ତି ଯେ ସେମାନେ ଯେଉଁ ଯୁକ୍ତି କରୁଛନ୍ତି ତାହା ବହୁତ ଭିନ୍ନ ଅଟେ : ଏହି ଗଠନଗୁଡ଼ିକ ବିଷୟରେ ଆମେ ବହୁତ ବିଷୟ ବୁଝିପାରିଥାଉ, ପୁଣି ଏହି ଗଠନଗୁଡ଼ିକରୁ, ବିଜ୍ଞାନରୁ ପ୍ରମାଣ ହେଉଛି ଯେ ଏହି ବର୍ଣ୍ଣନା ମଧ୍ୟରେ ବୌଦ୍ଧିକ ପରିକଳ୍ପନା କରିବାକୁ ପଡ଼ିବ ।

ଅଧିକରୁ ଅଧିକ ଭାବରେ ଏହା ସ୍ପଷ୍ଟ ହୋଇଛି ଯେ ଏହି ତର୍କ ପୃଷ୍ଠଭୂମିରେ ବିଜ୍ଞାନର ସ୍ୱଭାବ ଉପରେ ଏକ ମୌଳିକ ବିବାଦ ଅଛି । ଗୋଟିଏ ଦିଗ ବିଜ୍ଞାନକୁ ଶୃଙ୍ଖଳା, ପରୀକ୍ଷିତ ତତ୍ତ୍ୱ , ପୁନରାବୃତ୍ତି ହେଉଥିବା ପ୍ରକ୍ରିୟା, ମାପ ଓ ଆବଶ୍ୟକୀୟ ସିଦ୍ଧାନ୍ତ ବୋଲି ଭାବିପାରିବେ, ଯାହାକି ଆମକୁ ଅର୍ଥ କରିବାକୁ ଓ ଅଧିକରୁ ଅଧିକ ଭାବରେ ଭୌତିକ ବାସ୍ତବତାର ପ୍ରକୃତିକୁ ବୁଝିବାକୁ ସକ୍ଷମ କରିଥାଏ । ଯେଉଁମାନେ ବୌଦ୍ଧିକ ପରିକଳ୍ପନାକୁ ବିରୋଧ କରନ୍ତି ସେମାନେ ବିଜ୍ଞାନକୁ ଶୃଙ୍ଖଳା, ପରୀକ୍ଷିତ ତତ୍ତ୍ୱ , ପୁନରାବୃତ୍ତି ହେଉଥିବା ପ୍ରକ୍ରିୟା, ମାପ ଓ ଆବଶ୍ୟକୀୟ

ସିଦ୍ଧାନ୍ତ ବୋଲି ଭାବିପାରିବେ, ଯାହାକି ଆମକୁ ଅର୍ଥ କରିବାକୁ ଓ ଅଧିକରୁ ଅଧିକ ଭାବରେ ଭୌତିକ ବାସ୍ତବତାର ପ୍ରକୃତିକୁ ବୁଝିବାକୁ ସକ୍ଷମ କରିଥାଏ *ତାହା ଅନନ୍ୟ ଭାବରେ ବସ୍ତୁବାଦ ଆଧାରରେ ନୁହେଁ, ମାତ୍ର ସେହିପରି ପରିକଳ୍ପନାରେ ମଧ୍ୟ ସକ୍ଷମ କରିଥାଏ ଯେ ସେହି ପଦ୍ଧତି ଓ ଫଳାଫଳଗୁଡ଼ିକ ଜାଗତିକ କ୍ରମ ବହିର୍ଭୂତ କୌଣସି ବିଷୟର କିମ୍ବା କୌଣସି ବ୍ୟକ୍ତିଙ୍କର ସ୍ଥିତି ବିଷୟରେ କହିପାରିବ ନାହିଁ ।*

ଅନ୍ୟ ଭାଷାରେ, ବିଜ୍ଞାନର ଏହି ମତ ଦାର୍ଶନିକ ବସ୍ତୁବାଦ ପ୍ରତି କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ଅଟେ । ଏହି ସଂଜ୍ଞାରେ ଈଶ୍ୱର ନ ଥା'ନ୍ତି । ଅବଶ୍ୟ ଏହି ମତ ଧରି ରଖିଥିବା ଅନେକ ବୈଜ୍ଞାନିକ ନାସ୍ତିକ ନୁହଁନ୍ତି, ମାତ୍ର ସେମାନେ ଭାବନ୍ତି ଯେ ଈଶ୍ୱରଙ୍କ ବିଷୟରେ ଯାହା ଜଣାଯାଇପାରେ, ଜାଗତିକ କ୍ରମରେ ତା'ର କୌଣସି ଛେଦକ ନାହିଁ, ଯାହାକୁ କି ଯେକୌଣସି ବାହ୍ୟ ବିଷୟ ଦ୍ୱାରା ଏହାର ଅନୁସନ୍ଧାନମୂଳକ ଶୃଙ୍ଖଳା ଓ ଫଳାଫଳକୁ ଅନୁମତି ଦେବାକୁ ପଡ଼ିବ ।

ଅବଶ୍ୟ, ଅନେକ ବୈଜ୍ଞାନିକ, ସେମାନଙ୍କ ମଧ୍ୟରୁ ଅଳ୍ପ ଜଣ ନାସ୍ତିକ ନୁହଁନ୍ତି, ଯେତେବେଳେ ବିଜ୍ଞାନ ଓ ସଂଖ୍ୟାଗୁଡ଼ିକର ଶୃଙ୍ଖଳା ଓ ସୁନ୍ଦରତା ବିଷୟରେ ସମ୍ମାନର ସହିତ କହନ୍ତି ଯାହାକି କେବଳ ଭୟରେ ନୁହେଁ ମାତ୍ର ଭକ୍ତି ଓ ଉପାସନାରେ ମଧ୍ୟ ପରିପୂର୍ଣ୍ଣ ହୋଇଥାଏ, ସେତେବେଳେ ବକ୍ରୋକ୍ତି ଆସିଥାଏ । ଆପେକ୍ଷିକ ଭାବରେ ଅଳ୍ପ ବୈଜ୍ଞାନିକ ଯେଉଁମାନେ ଏହିସବୁ ବିଷୟ ଉପରେ ଲେଖନ୍ତି ସେମାନେ ସେହି ବିଷୟକୁ ଏପରି ଭାବରେ ବ୍ୟବହାର କରନ୍ତି ଯେପରି ତାହା ଭୟଙ୍କର ଥଣ୍ଡା ଅଟେ, ସେମାନେ ଅଣୁ ଓ ପରମାଣୁର ପରିସଂଖ୍ୟାନ ସ୍ଥିତିର ଫଳାଫଳ ବିଷୟରେ କହନ୍ତି ।

ଏହି ପ୍ରତିଫଳନଗୁଡ଼ିକ ବାଇବଲସମ୍ମତ ପାଠର ପଠନ ଉପରେ ଅଧିକ ଦୃଷ୍ଟି କେନ୍ଦ୍ରୀଭୂତ କରିବା ପାଇଁ ପଥ ପ୍ରସ୍ତୁତ କରିଥାଏ ।

## ସୃଷ୍ଟି ସପ୍ତାହର ଉନ୍ମୋଚନ : ଆଦିପୁସ୍ତକ ୧

ବାଇବଲର ପ୍ରଥମ ଉକ୍ତି ପ୍ରତ୍ୟେକ ବିଷୟ ପ୍ରତି ଭିତ୍ତିମୂଳକ ଅଟେ ଯାହାକି ଏହି ବିଷୟକୁ ଅନୁସରଣ କରିଥାଏ : ଆଦ୍ୟରେ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟି କଲେ (ଆଦି. ୧:୧) । ଏହା ଅନ୍ତତଃପକ୍ଷେ ତିନୋଟି ଉଲ୍ଲେଖନୀୟ ସତ୍ୟ ଶିକ୍ଷା ଦିଏ :

୧) ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେବା ପୂର୍ବରୁ ଈଶ୍ୱରଙ୍କ ସ୍ଥିତି ଥିଲା । ଆଦ୍ୟରେ ଈଶ୍ୱର ଥିଲେ ପୁଣି ଅନ୍ୟ ପ୍ରତ୍ୟେକ ବିଷୟ ସ୍ଥିତିକୁ ଆଣିବା ପାଇଁ କାର୍ଯ୍ୟ କରିଥିଲେ ।

୨) ବିଶ୍ୱବ୍ରହ୍ମାଣ୍ଡର ଏକ ପ୍ରାରମ୍ଭ ଥିଲା । ଏହା ଅନନ୍ତକାଳୀନ (ଯେପରି କିଛି ବୈଜ୍ଞାନିକ ଶିକ୍ଷା ଦିଅନ୍ତି) ବା ଚକ୍ରକ୍ରମ (ଯେପରି କିଛି ପ୍ରାଚ୍ୟ ଧର୍ମ ଶିକ୍ଷା ଦିଏ) ନୁହେଁ ।

୩) ଈଶ୍ୱର ବ୍ୟକ୍ତିଗତରୂପେ ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ବିଷୟ ସୃଷ୍ଟି କରିଥିଲେ । କୌଣସି ବିଷୟ ଅଲୌକିକ ଭୌତିକ ଶକ୍ତି ଦ୍ୱାରା ହୋଇ ନ ଥିଲା, ଯେପରି ନାସ୍ତିକ ବିବର୍ତ୍ତନବାଦୀଗଣ ଶିକ୍ଷା ଦିଅନ୍ତି ।

ସୃଷ୍ଟିର ଧର୍ମତତ୍ତ୍ୱ ହେଉଛି ପ୍ରତ୍ୟେକ ବିଷୟର ଭିତ୍ତିଭୂମି ଯାହାକି କାଳାନୁକ୍ରମରେ ଓ ଧର୍ମତାତ୍ତ୍ୱିକ ଭାବରେ ହୋଇ ନ ଥାଏ, ପୁଣି ମୁକ୍ତିଦାୟୀ ଇତିହାସ ଏହାର ସତ୍ୟତା ଉପରେ ନିର୍ଭରଶୀଳ ଅଟେ ।

ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା (ଆଦି. ୧:୨) । ଏହି ଜୀବରହିତ ବିଶ୍ୱବ୍ରହ୍ମାଣ୍ଡରେ ସମ୍ପୂର୍ଣ୍ଣ ଶୃଙ୍ଖଳା ଓ ସୁନ୍ଦରତା ଆଣିବା ପାଇଁ ଈଶ୍ୱର ସମ୍ପାଦିତ କାର୍ଯ୍ୟ ଆବଶ୍ୟକ ଥିଲା । ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ ଏହି ଘଟଣା ହିଁ ଆତ୍ମାଙ୍କର ଜୀବନ-ପ୍ରଦାୟକ ଭୂମିକା ଉପରେ ପ୍ରଥମ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ, ଏହି ଭୂମିକା ସମଗ୍ର ବାଇବଲରେ ଅଧିକରୁ ଅଧିକ ଭାବରେ ଲେଖାଯାଇଛି ।

ତା'ପରେ ଈଶ୍ୱର ସାର୍ବଭୌମ ଶକ୍ତିବିଶିଷ୍ଟ ବାକ୍ୟ କହିଲେ : ଦୀପ୍ତି ହେଉ ତହିଁରେ ଦୀପ୍ତି ହେଲା (ଆଦି. ୧:୩) । ଏଠାରେ ଆମକୁ ବିଶ୍ୱବ୍ରହ୍ମାଣ୍ଡରେ ଈଶ୍ୱରଙ୍କ କେନ୍ଦ୍ରୀୟ ବଳ ଓ ଶକ୍ତି ବିଷୟରେ ପରିଚୟ ଦିଆଯାଇଛି : ତାହାଙ୍କ ଶକ୍ତିଯୁକ୍ତ ବାକ୍ୟ । ବାକ୍ୟ ମାଧ୍ୟମରେ ଈଶ୍ୱର ସୃଷ୍ଟି କରନ୍ତି ଓ ବାକ୍ୟ ମାଧ୍ୟମରେ ସେ ଆପଣା ସୃଷ୍ଟି ଉପରେ ଶାସନ କରନ୍ତି। ଗଗନମଣ୍ଡଳ ସଦାପ୍ରଭୁଙ୍କ ବାକ୍ୟରେ, ଆଉ ତହିଁର ସମସ୍ତ ବାହିନୀ ତାହାଙ୍କ ମୁଖର ନିଶ୍ୱାସରେ ନିର୍ମିତ (ଗୀତ. ୩୩:୬) । ତା'ପରେ ଈଶ୍ୱର ଚକ୍ରକ୍ରମରେ ପାର୍ଥିବ ଜୀବନକୁ ସଙ୍ଗଠିତ କରି ତାକୁ ଦିନ ଓ ରାତି ବୋଲି କହିଥିଲେ : ତହୁଁ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ପ୍ରଥମ ଦିବସ ହେଲା (ଆଦି. ୧:୫) । ସନ୍ଧ୍ୟା ଓ ପ୍ରାତଃକାଳର ଏହି ସଂହତି ପୁଣି ସମଗ୍ର ଆଦିପୁସ୍ତକ ୧ ଅଧ୍ୟାୟରେ ଥିବା ଦିନଗୁଡ଼ିକ ଆମେ ମାନବ ଜାତି ଏହାକୁ ଯେପରି ଜାଣିଛୁ ତାହା ସମୟ ବିଷୟରେ କହିଥିଲା ।

ଆଦିପୁସ୍ତକ ୧ ଅଧ୍ୟାୟର ଅର୍ଥ ବିଷୟରେ ଆଲୋଚନାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଦିବସ ଶବ୍ଦର ଅର୍ଥ । ଏବ୍ରୀ ଶବ୍ଦ ୟୋମ୍ (ଦିବସ)କୁ ଯେତେବେଳେ ସମୟ ଅବଧିର ପରିବର୍ଦ୍ଧନ ବୋଲି ଉଲ୍ଲେଖ କରାଯାଇପାରୁଥିଲା ବେଳେ ଇତିହାସର ଏହିପରି ଏକ ପ୍ରସିଦ୍ଧ ଯୁଗ ଏପର୍ଯ୍ୟନ୍ତ ହୋଇଥିବା ସାଧାରଣ ଅର୍ଥଗୁଡ଼ିକ ହେଉଛି ଚବିଶ୍ ଘଣ୍ଟିଆ ଅବଧି କିମ୍ବା ସୂର୍ଯ୍ୟୋଦୟ ବନାମ୍ ଅନ୍ଧକାର (ଦିନ ଓ ରାତି) ହୋଇପାରେ । ନିଶ୍ଚିତରୂପେ ଆଦିପୁସ୍ତକ ୧ ଅଧ୍ୟାୟରେ ଯେପରି ବାରମ୍ବାର କୁହାଯାଇଛି, ତହୁଁ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ପ୍ରଥମ (ଦ୍ୱିତୀୟ, ତୃତୀୟ, ଇତ୍ୟାଦି) ଦିବସ ହେଲା ବୋଲି ଲେଖାଯାଇଛି, ତାହା ସାଧାରଣ ଚବିଶ୍ ଘଣ୍ଟିଆ ଦିବସଗୁଡ଼ିକ ବିଷୟରେ କହିଥାଏ । ଏହି ବୋଧଗମ୍ୟତା ଅନ୍ୟ ଏକ ପରିଚ୍ଛେଦ ଦ୍ୱାରା ନିଶ୍ଚିତ ହୋଇଛି : ଯେହେତୁ ସଦାପ୍ରଭୁ ଆକାଶମଣ୍ଡଳ ଓ ପୃଥିବୀ ଓ ସମୁଦ୍ର ଓ ତନ୍ମଧ୍ୟସ୍ଥିତ ସମସ୍ତ ବସ୍ତୁ ଛଅ ଦିନରେ ନିର୍ମାଣ କରି ସପ୍ତମ ଦିନରେ ବିଶ୍ରାମ କଲେ ଏହେତୁ ସଦାପ୍ରଭୁ ବିଶ୍ରାମଦିନକୁ ଆଶୀର୍ବାଦ କରି ପବିତ୍ର କରିଅଛନ୍ତି (ଯାତ୍ରା. ୨୦:୧୧) । ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଯଦି ଅଗଷ୍ଟାଇନ୍‌ଙ୍କର କିମ୍ବା ତାଙ୍କ ସମସାମୟିକ ସମାନ୍ ବ୍ୟକ୍ତିଙ୍କଠାରୁ ପ୍ରତୀକ ଥିବା ତତ୍ତ୍ୱ କୁ ଗ୍ରହଣ କରାଯାଇଛି, ତେବେ ଆଦିପୁସ୍ତକ ୧ ଅଧ୍ୟାୟରେ ଥିବା ଏହି ଦିବସଗୁଡ଼ିକ ହୁଏତ ଚବିଶ ଘଣ୍ଟିଆ ଅବଧି

ଅଟେ ଯାହାକି ଏକ ଆକ୍ଷରିକ ଭାବରେ ଏକ ଆଳଙ୍କାରିକ ଗଠନର ଅଂଶବିଶେଷ ଅଟେ, ଯାହା ଦ୍ୱାରା ସୃଷ୍ଟିର ଅର୍ଥ କରାଯାଉଛି ।

ଯେଉଁ ବିଷୟ ସ୍ପଷ୍ଟ ହୋଇଛି ତାହା ହେଉଛି ଯେ ସୃଷ୍ଟିର ଏହି ପ୍ରଥମ ତିନୋଟି ଦିବସର ଅନ୍ତର୍ନିହିତ ବିଷୟ ଥିଲା ପୃଥକୀକରଣର ନିୟମ – ସେଥିରୁ ଏହାକୁ : ଅନ୍ଧକାରରୁ ଆଲୋକକୁ, ଉର୍ଦ୍ଧ୍ୱସ୍ଥ ଜଳରୁ ତଳେ ଥିବା ଜଳକୁ, ଓ ଶୁଷ୍କ ଭୂମିରୁ ସମୁଦ୍ରକୁ। ଈଶ୍ୱର ଶକ୍ତିଶାଳୀ ସମୁଦ୍ର ତରଙ୍ଗ ଓ ଶୁଷ୍କ ଭୂମି ମଧ୍ୟରେ ଏକ ଦର୍ଶନୀୟ ଦୁର୍ବଳ ସୀମା ପ୍ରତିଷ୍ଠା କରିଥିଲେ, ଯେପରି ସମୁଦ୍ରକୂଳ ପରିଦର୍ଶନ କରିଥିବା ଯେକେହି ବି ତା'ର ସାକ୍ଷ୍ୟ ଦେଇପାରିବେ। ବେଳବେଳେ ଏପରି ଚିହ୍ନଗୁଡ଼ିକ ଅଛି ଯାହାକି ଆମକୁ ବାଲିପାହାଡ଼ ଉପରେ ଚାଲିବାକୁ ନିଷେଧ କରିଥାଏ, ନଚେତ୍ ସେଠାରେ ଥିବା ଘାସଗୁଡ଼ିକ ଉପରେ ପାଦ ପଡ଼ି ତାହା ନଷ୍ଟ ହୋଇଯିବ । ବାଲିରେ ଉଠିଥିବା ଘାସଗୁଡ଼ିକ ସମୁଦ୍ରକୂଳ କ୍ଷୟ ହେବାରୁ ରକ୍ଷା କରିଥାଏ, ପୁଣି ସମୁଦ୍ରକୂଳ ଆମକୁ ଉଠୁଥିବା ଢ଼େଉରୁ ଆମକୁ ସୁରକ୍ଷା ଦିଏ । ସେହି ସମାନ୍ ପ୍ରତିଫଳନ ଆୟୁବଙ୍କ ପ୍ରତି ଈଶ୍ୱରଙ୍କ ଆତ୍ମ-ପ୍ରକାଶନରେ ଦେଖିବାକୁ ମିଳିଥାଏ :

> ଯେତେବେଳେ ଗର୍ଭରୁ ନିର୍ଗତ ହେବା ତୁଲ୍ୟ ସମୁଦ୍ର ବାହାରିଲା,
> ଯେତେବେଳେ ଆମ୍ଭେ ମେଘକୁ ତହିଁର ବସ୍ତ୍ରସ୍ୱରୂପ,
> ଓ ନିବିଧ ଅନ୍ଧକାରକୁ ତହିଁର ଗୁଡ଼ାଇବା ବସ୍ତ୍ରସ୍ୱରୂପ କଲୁଁ,
> ପୁଣି ତହିଁ ନିମନ୍ତେ ଆମ୍ଭେ ଆପଣା ବିଧି ନିରୂପଣ କରି ଅର୍ଗଳ
> ଓ କବାଟ ସ୍ଥାପନ କଲୁଁ, ତୁମ୍ଭେ ଏପର୍ଯ୍ୟନ୍ତ ଆସିବ,
> ମାତ୍ର ଆଉ ବଢ଼ିବ ନାହିଁ ଓ ଏହିଠାରେ ତୁମ୍ଭର ଗର୍ବିତ
> ତରଙ୍ଗ ନିର୍ବାରିତ ହେବ ବୋଲି କହିଲୁଁ ତେତେବେଳେ
> କିଏ କବାଟ ଦେଇ ସମୁଦ୍ରକୁ ରୁଦ୍ଧ କଲା ? (ଆୟୁବ ୩୮:୮-୧୧)

ଗୋଟିଏ ଶୁଷ୍କ ଭୂମି ସଫା ହୋଇଥିଲା, ଈଶ୍ୱରଙ୍କର ଏକ ଖାଲି କାନ୍‌ଭାସ୍ ଥିଲା, ଯାହା ଉପରେ ତାଙ୍କୁ ଜୀବନର ଚମତ୍କାର ବିଷୟଗୁଡ଼ିକ ଅଙ୍କନ କରିବାକୁ ଥିଲା । ସେ ପୃଥିବୀରେ ବୃକ୍ଷର ଜୀବନ ବିଷୟରେ କହିଥିଲେ, ପ୍ରତ୍ୟେକ ପ୍ରକାର ସ୍ୱବୀଜ ଧାରକ ବୃକ୍ଷ ବିଷୟରେ କହିଥିଲେ । *ବୀଜ* ଓ *ପ୍ରକାର* ଶବ୍ଦଗୁଡ଼ିକ ପ୍ରତ୍ୟେକ ପ୍ରକାର ଗଛର ଆନୁବଂଶିକ ଉପାଦାନ ବିଷୟରେ ଓ ପୁନଃଉତ୍ପାଦନ ଓ ପୃଥିବୀରେ ତାହା ବପନ କରିବା ବିଷୟରେ କହେ । ପୃଥିବୀରେ ବିଭିନ୍ନ ପ୍ରକାର ବୃକ୍ଷକୁ କିଏ ବା ଲକ୍ଷ୍ୟ କରିପାରିବେ ନାହିଁ ? ଈଶ୍ୱର ଶକ୍ତିଶାଳୀ ରେଡ୍‌ଉଡ୍, ଦୁର୍ବଳ ପୁଷ୍ପହୀନ ବୃକ୍ଷ, ସୁବାସିତ ଫୁଲବିଶିଷ୍ଟ ଗଛ ଓ ଦର୍ଶନୀୟ ବଣୁଆ ଫୁଲଗୁଡ଼ିକୁ କଥା କହି ସୃଷ୍ଟି କରିଥିଲେ । ଈଶ୍ୱର ପ୍ରତ୍ୟେକ ଜୀବିତ ଓ ଅଭିବୃଦ୍ଧିଶୀଳ ବିଷୟ ତିଆରି କରିଥିଲେ, ଯେଉଁଥିରେ ସେ ଶୁଷ୍କ ଭୂମିକୁ ଏକ ଜଟିଳ ବୃକ୍ଷ ଜୀବନର ଜୈବିକ ପଦ୍ଧତିରେ ସୁନ୍ଦର ଭାବରେ ସଜାଇଥିଲେ ଯାହାକି ଭୂମିରୁ ପୁଷ୍ଟିସାର, ବାୟୁରୁ ଅଙ୍ଗାରକାମ୍ଳ ଓ ସୂର୍ଯ୍ୟଠାରୁ ଶକ୍ତି ଆହରଣ କରି ଜୀବନଧାରଣ କରିଥାଏ ଓ ବୃଦ୍ଧି ପାଇଥାଏ ଓ ତା'ପରେ ଜନ୍ମ ହୋଇଥିବା ପଶୁ ଓ ମନୁଷ୍ୟମାନଙ୍କୁ ଖାଦ୍ୟ ଯୋଗାଇଥାଏ ।

ସୃଷ୍ଟିର ଚତୁର୍ଥ ଦିବସରେ ଈଶ୍ୱର ସମଗ୍ର ବିଶ୍ୱରେ ଆପଣା ଗୌରବ ବିସ୍ତାର କରିବାକୁ ଲାଗିଲେ । ସେ ଯଦିଚ ପ୍ରାରମ୍ଭରେ ଦୀପ୍ତି ସୃଷ୍ଟି କରିଥିଲେ, ତଥାପି ବର୍ତ୍ତମାନ ସେ ସୃଷ୍ଟ ବସ୍ତୁ – ଅର୍ଥାତ୍ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରଗଣଙ୍କୁ ପୃଥିବୀକୁ ସେହି ଆଲୋକ ପ୍ରଦାନ କରିବାର ଦାୟିତ୍ୱ ହସ୍ତାନ୍ତର କରିବାକୁ ଇଚ୍ଛା କଲେ । ଆମେ ଆଜି ଆଲୋକ ବିଷୟରେ ଯେଉଁସବୁ ବିଷୟ ଜାଣିଛୁ, ସେସବୁ ଶେଷରେ ସୂର୍ଯ୍ୟ ଓ ଅନ୍ୟାନ୍ୟ ନକ୍ଷତ୍ରଗଣଙ୍କଠାରୁ ଆସିଥାଏ, ମାତ୍ର ଆଦିପୁସ୍ତକ ବିବରଣୀରେ ମହାକାଶ ମଣ୍ଡଳ ପରେ ଯୋଗ ହୋଇଛି । ସୂର୍ଯ୍ୟ ଏକ ଚମତ୍କାର ସୃଷ୍ଟି ଅଟେ – ଶକ୍ତିର ଏକ ପ୍ରଚଣ୍ଡ ଅଗ୍ନି ଅଟେ ଯାହାକି କେତେକ ଉପାୟରେ ଦାମ୍ଭିକ ମାନବ ଜାତି ପ୍ରତି ଈଶ୍ୱରଙ୍କ ସୀମା ଲଙ୍ଘନ କରିବା ପରି ଜଣାଯାଏ ।

ମାନବିକତାର କୌଣସି ବିଷୟ ସୂର୍ଯ୍ୟର କୌଣସି ମଙ୍ଗଳ ବା କ୍ଷତି ସାଧନ କରିପାରିବ ନାହିଁ । ଆମେ ଏହାକୁ ଅଧିକ ଉଜ୍ଜ୍ୱଳ ବା ନିଷ୍ପ୍ରଭ, ବଡ଼ ବା ଛୋଟ, ଅଧିକ ନିକଟ ବା ଅଧିକ ଦୂର, ଅଧିକ ଉତ୍ତପ୍ତ ବା ଅଧିକ ଥଣ୍ଡା କରିପାରିବା ନାହିଁ । ମାନବ ଜାତି ଭାବରେ ଆମେ ଯଦି ସ୍ଥିର କରିବା ଯେ ଆମେ ସୂର୍ଯ୍ୟକୁ ଧ୍ୱଂସ କରିବାକୁ ଇଚ୍ଛା କରୁଥିଲୁ, ତେବେ ଆମେ ଏହାକୁ କୌଣସିମତେ କରିପାରିବା ନାହିଁ । ଆମେ ଯଦି ଆମର ସମସ୍ତ ନ୍ୟୁକ୍ଲୀୟ ଅସ୍ତ୍ରଗୁଡ଼ିକୁ ସଞ୍ଚୟ କରି ସେଗୁଡ଼ିକୁ ସୂର୍ଯ୍ୟ ଉପରେ ବିସ୍ଫୋରଣ କରିବା ପାଇଁ ଛାୟାପଥର ରକେଟ୍ ଭାବରେ ପ୍ରେରଣ କରିବା, ତେବେ ସେଗୁଡ଼ିକ କେବେ ବି ଏହା କରିପାରିବେ ନାହିଁ, ମାତ୍ର ସେଗୁଡ଼ିକର ଲକ୍ଷ୍ୟ ସ୍ଥାନରୁ ଲକ୍ଷ ଲକ୍ଷ ମାଇଲ୍ ଦୂରରେ ସେଗୁଡ଼ିକ ଭସ୍ମୀଭୂତ ହୋଇଯିବ । ସମ୍ପ୍ରତି ନାସା ସୂର୍ଯ୍ୟକୁ ଅନୁସନ୍ଧାନ କରିବା ପାଇଁ ଏକ ମିଶନ୍‌ର ଯୋଜନା କରୁଛି ଯାହାକି ଉପର ସ୍ତରର କେବଳ ୩୫ ଲକ୍ଷ୍ୟ ମାଇଲ୍ ଦୂର ବିଷୟରେ ଗବେଷଣା କରିବାକୁ ସକ୍ଷମ ହେବ ।

ସୂର୍ଯ୍ୟ ଦିନ ଦିନ ଧରି ଜଳୁଛି, ମାତ୍ର ଏହାର ଶକ୍ତିରେ କୌଣସି ହ୍ରାସ ହେବା ଦୃଶ୍ୟମାନ ହେଉ ନାହିଁ, ଏହା ଏତେ ଉଜ୍ଜ୍ୱଳ ଯେ ଆମେ ଏହାକୁ ସ୍ଥିର ଭାବରେ ଅନାଇଲେ ଅନ୍ଧ ହୋଇଯିବା । ସୂର୍ଯ୍ୟ ଏହାର ଚମତ୍କାର ଶକ୍ତି ଓ ଉଜ୍ଜ୍ୱଳତା ଦ୍ୱାରା ଈଶ୍ୱରଙ୍କୁ ଗୌରବାନ୍ୱିତ କରିଥାଏ, ପୁଣି ତଥାପିମଧ୍ୟ ମାନବ ଜାତିକୁ ମନରେ ରଖି ସୂର୍ଯ୍ୟକୁ ପରିକଳ୍ପନା କରାଯାଇଥିଲା, ଯାହାକି ପୃଥିବୀରେ ଆଲୋକ ପ୍ରଦାନ କରିବା ପାଇଁ ଆକାଶରେ ଉଜ୍ଜ୍ୱଳତା ପ୍ରଦାନ କରୁଛି (ଆଦି. ୧:୧୭) ।

ଈଶ୍ୱର ସେହି ସମାନ୍ ମାନବ–କୈନ୍ଦ୍ରିକ ଉଦ୍ଦେଶ୍ୟ ନିମନ୍ତେ ଚନ୍ଦ୍ର ସୃଷ୍ଟି କରିଥିଲେ, ମାତ୍ର ସୂର୍ଯ୍ୟ ପରି ନ ହୋଇ ଏହା ପୃଥିବୀକୁ ଅନ୍ୟଠାରୁ ଆଲୋକ ଆଣି ପ୍ରଦାନ କରିଥାଏ । ଚନ୍ଦ୍ର ସୂର୍ଯ୍ୟର ଆଲୋକକୁ ପୃଥିବୀକୁ ପ୍ରତିଫଳିତ କରିଥାଏ, ଠିକ୍ ଯେପରି ରୂପକ ଅର୍ଥରେ ଆମେ ବିଶ୍ୱାସୀମାନେ ଦିନେ ସ୍ୱର୍ଗରେ ଖ୍ରୀଷ୍ଟଙ୍କ ଆଲୋକରେ ଉଦ୍‌ଭାସିତ ହେବା । ପୁଣି ତା'ପରେ ଏହି ସଂକ୍ଷିପ୍ତ ଉକ୍ତି ଆସିଥାଏ : ସେ ମଧ୍ୟ ନକ୍ଷତ୍ର ତିଆରି କଲେ (ଆଦି. ୧:୧୬) । ସୃଷ୍ଟି ବିଜ୍ଞାନର ସାମ୍ପ୍ରତିକ ପ୍ରଗତିରେ, ଯେପରି ହବଲ୍ ସ୍ପେଶ୍ ଟେଲିସ୍କୋପ୍ ଯାହାକି ପୃଥିବୀର କକ୍ଷ ଚାରିପାଖରେ ବୁଲୁଥାଏ ଓ ନକ୍ଷତ୍ରମାଳାର ସମ୍ପୂର୍ଣ୍ଣ ମନୋହର ପ୍ରତିମୂର୍ତ୍ତି ଦେଇଥାଏ,

ଯାହାକି ଆମକୁ ଦର୍ଶାଇଛି ଯେ ବିଶ୍ୱବ୍ରହ୍ମାଣ୍ଡକୁ ଈଶ୍ୱର କେତେ ବହୁଳ ଭାବରେ ତିଆରି କରିଅଛନ୍ତି ।

ପଞ୍ଚମ ଦିବସରେ, ଈଶ୍ୱର ସମୁଦ୍ରକୁ ପହଁରୁଥିବା ଜନ୍ତୁରେ ଓ ଆକାଶମଣ୍ଡଳକୁ ଉଡୁଥିବା ଜନ୍ତୁଗୁଡ଼ିକରେ ପରିପୂର୍ଣ୍ଣ କରିଥିଲେ । ମାଛ ଓ ପକ୍ଷୀଙ୍କର ଅଗଣ୍ୟ ପ୍ରକାରଗୁଡ଼ିକ ମନକୁ ଈଶ୍ୱରଙ୍କ ଗୌରବାର୍ଥେ କିଂକର୍ତ୍ତବ୍ୟବିମୂଢ଼ କରିଦେଇଥାଏ । ଈଶ୍ୱର ତିମି ମାଛକୁ ପୃଥିବୀର ସର୍ବବୃହତ୍ ଜୀବିତ ପ୍ରାଣୀ ଭାବରେ ସୃଷ୍ଟି କରିଥିଲେ ଓ ତା'ପରେ ସେମାନଙ୍କୁ ଦୈନିକ ୨,୬୦୦ ପାଉଣ୍ଡ୍ ଅତି କ୍ଷୁଦ୍ର ଜୈବ ପଦାର୍ଥ ଖାଇବାକୁ ଦେଇଥିଲେ । ସୁନ୍ଦର ସୁନ୍ଦର ଦର୍ଶନୀୟ ଗ୍ରୀଷ୍ମ ମଣ୍ଡଳୀୟ ମାଛ ଅଛି, ସେମାନେ ବିଭିନ୍ନ ପ୍ରକାର ଦର୍ଶନୀୟ ଖେଳ ଖେଳୁଛନ୍ତି, ଯେଉଁମାନେ ବିଭିନ୍ନ ରଙ୍ଗର ଆଲୋକ ବିକିରଣ କରିଥା'ନ୍ତି । ପୁଣି ଅଦ୍ଭୁତ ଆକାରର ମାଛ ମଧ୍ୟ ଅଛନ୍ତି, ସେଗୁଡ଼ିକ ସମୁଦ୍ର ପତନର ପାଞ୍ଚ ମାଇଲ୍ ତଳେ ବାସ କରିପାରିବେ । ପକ୍ଷୀଗୁଡ଼ିକ ମଧ୍ୟ ଈଶ୍ୱରଙ୍କ ଆଶ୍ଚର୍ଯ୍ୟ ସୃଜନଶୀଳତା ପ୍ରଦର୍ଶନ କରନ୍ତି, କାରଣ ସେଗୁଡ଼ିକ ମଧ୍ୟରୁ କେତେକ – ଯେପରି ବାଜପକ୍ଷୀ – ଗରମ ପବନର ସ୍ରୋତର ଉପରେ ବି ଉଡ଼ି ବୁଲନ୍ତି, ସେମାନେ ସେମାନଙ୍କ ଡ଼େଣାକୁ ବହୁତ କ୍ୱଚିତ୍ ଦୋହଲାନ୍ତି, ପୁଣି ଅନ୍ୟଗୁଡ଼ିକ – ଯେପରି ହମିଂବାର୍ଡ଼ – ଗୋଟିଏ ସେକେଣ୍ଡ୍‌ରେ ଅଶୀଥର ହଲାନ୍ତି । ଛଞ୍ଚାଣ ପ୍ରକୃତିରେ ସବୁଠାରୁ କ୍ଷୀପ୍ରତର ଜୀବ ଅଟନ୍ତି, ସେମାନେ ଭୂଲମ୍ବ ଭାବରେ ଘଣ୍ଟାକୁ ୨୦୦ ମାଇଲ୍ ବେଗରେ ଯାତ୍ରା କରିପାରନ୍ତି ।

ଈଶ୍ୱର ମାଛ ଓ ପକ୍ଷୀମାନଙ୍କୁ ଆଶୀର୍ବାଦ କରି ସେମାନଙ୍କୁ ସମୁଦ୍ର ଓ ଆକାଶକୁ ପରିପୂର୍ଣ୍ଣ କରିବାକୁ ଆଜ୍ଞା ଦେଇଥିଲେ ।

ଷଷ୍ଠ ଦିବସରେ ଈଶ୍ୱର ଶୁଷ୍କ ଭୂମି ପ୍ରତି ଆପଣାର ମନୋନିବେଶ କରିଥିଲେ ଓ ପୃଥିବୀର ପଶୁଗଣଙ୍କୁ ଆଣିଥିଲେ – ଗାଈଗୋରୁ, ବଣୁଆ ପଶୁ ଓ ପ୍ରାଣୀଗଣ ଯେଉଁଗୁଡ଼ିକ ପୃଥିବୀରେ ଗୁରୁଣ୍ଡନ୍ତି । ଏହି ପ୍ରକାର ପ୍ରାଣୀମାନଙ୍କର ଜଟିଳତା ଓ ପ୍ରକାରଭେଦ ଈଶ୍ୱରଙ୍କ ଜ୍ଞାନ ଓ ଉତ୍ତମତାର ସ୍ପଷ୍ଟ ସାକ୍ଷ୍ୟ ଦିଏ । କେତେକ ପ୍ରାଣୀ ଶକ୍ତିଶାଳୀ ଓ ବଳବାନ୍ ଅଟନ୍ତି, ଯେପରି ହାତୀ, ଯେ କି ତା'ର ଶୁଣ୍ଢରେ ଛଅଶହ ପାଉଣ୍ଡ୍ ଓଜନ ଉଠାଇପାରିବ । କେତେକ ପ୍ରାଣୀ ଭୀରୁ ଓ ଛୋଟ ଅଟନ୍ତି, ଯେପରି ରକ୍ ବ୍ୟାଜର୍, ଯେଉଁମାନେ ପର୍ବତ ଧାରରେ ବାସ କରନ୍ତି ଓ ପର୍ବତ ଶିଖର ଉପରେ ବଢ଼ୁଥିବା ଶୈବାଳରୁ ଆର୍ଦ୍ରତା ଶୋଷନ୍ତି । ଈଶ୍ୱର ହିଁ ଶକ୍ତିଶାଳୀ ସିଂହକୁ ଗର୍ଜନ କରିବାକୁ, ପହଁରିବା ପାଇଁ ଜଳଚର ପ୍ରାଣୀ, ଆଫ୍ରିକୀୟ ନଦୀଗୁଡ଼ିକ ଉପରେ କର୍ତ୍ତୃତ୍ୱ କରିବା ପାଇଁ ଜଳହସ୍ତୀ ଓ ପବନ ବେଗରେ ଦୌଡ଼ିବା ପାଇଁ ଚିତା ବାଘ ସୃଷ୍ଟି କରିଥିଲେ ।

## ସୃଷ୍ଟିର ଶୀର୍ଷ : ଈଶ୍ୱରଙ୍କ ପ୍ରତିମୂର୍ତ୍ତି

ଚମତ୍କାର ମଞ୍ଚ ପ୍ରସ୍ତୁତ କରି ବିଶ୍ୱବ୍ରହ୍ମାଣ୍ଡ ଈଶ୍ୱରଙ୍କ ପ୍ରେମମୟ ଯୋଗାଣରେ ସମ୍ପୂର୍ଣ୍ଣ ସୁସଜ୍ଜିତ ହୋଇଥିଲା, ସେତେବେଳେ ସୃଷ୍ଟି ସମ୍ପନ୍ନ ହେବାର ସମୟ ଆସିଥିଲା : ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ, ପୁରୁଷ ଓ ମହିଳାରୂପରେ ମାନବ ଜାତିର ଗଠନ :

ଏଥିଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ । ସେମାନେ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷିଗଣ ଓ ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିରେ ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ । ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ତାହାକୁ ସୃଷ୍ଟି କଲେ ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ । (ଆଦି. ୧:୨୬-୨୭)

ମନୁଷ୍ୟମାନେ ଅନନ୍ୟ ଅଟନ୍ତି କାରଣ ଈଶ୍ୱର ସେମାନଙ୍କୁ ଆପଣା ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିଲେ । ମାନବ ଜାତି ଈଶ୍ୱର ହେବା ପାଇଁ ନୁହେଁ ମାତ୍ର ଈଶ୍ୱରଙ୍କ ପ୍ରତିମୂର୍ତ୍ତି ହେବା ପାଇଁ ସୃଷ୍ଟି ହୋଇଥିଲେ । କେଉଁଥିରେ ଏହି ପ୍ରତିମୂର୍ତ୍ତି ରହିଥାଏ ? ଅନ୍ତତଃପକ୍ଷେ ଦୁଇଟି ଉଲ୍ଲେଖନୀୟ ଉପାୟ ଅଛି ଯେଉଁଥିରେ ମାନବ ଜାତି ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ରହିଥାଏ । (୧) *ଆମ ପ୍ରକୃତିରେ* । ଆମ୍ଭେମାନେ କେତେକ ସାମର୍ଥ୍ୟରେ (ଚିନ୍ତା କରିବା, ବୋଧଗମ୍ୟତା, ଯୋଜନା, ପ୍ରେମ, ମନୋନୟନ, ଅଭିଳାଷ, ଯୋଗାଯୋଗ ଇତ୍ୟାଦି ଦକ୍ଷତାରେ) ଓ ଗୁଣାବଳୀରେ (ଧାର୍ମିକତା, ପବିତ୍ରତା, ଦୟା, ସମ୍ବେଦନଶୀଳତା, ଜ୍ଞାନ ଓ ଇତ୍ୟାଦି ବିଷୟରେ) ଈଶ୍ୱରଙ୍କ ପରି ଅଟୁ । (୨) *ଜଗତରେ ଆମର ସ୍ଥିତିରେ* । ଈଶ୍ୱର ମାନବ ଜାତିକୁ ପୃଥିବୀର ଶାସକ ଭାବରେ ପ୍ରତିଷ୍ଠା କରିଥିଲେ (ଆଦି. ୧:୨୬, ୨୮) ।

ଈଶ୍ୱରଙ୍କ ସୃଷ୍ଟି ମଧ୍ୟ ଲିଙ୍ଗଭେଦ ପ୍ରତିଷ୍ଠା କରିଥିଲା । ଈଶ୍ୱର ମାନବ ଜାତିକୁ ପୁରୁଷ ଓ ମହିଳା କରି ସୃଷ୍ଟି କରିଥିଲେ, ପ୍ରତ୍ୟେକେ ସମାନ୍ ଭାବରେ ତାହାଙ୍କ ପ୍ରତିମୂର୍ତ୍ତିରେ ଥିଲେ, ତଥାପି ସେମାନଙ୍କର ଭିନ୍ନ ଭିନ୍ନ ଗୁରୁତ୍ୱ ଓ ଭୂମିକା ଥିଲା - ସେସବୁ ଈଶ୍ୱରଙ୍କ ଦ୍ୱାରା ପରିକଳ୍ପନା ଥିଲା । ସମଲିଙ୍ଗୀ ଯୌନାଚାର ଓ ଲିଙ୍ଗ ଦ୍ୱନ୍ଦର ଅନ୍ୟାନ୍ୟ ବିଷୟଗୁଡ଼ିକ ପୁରୁଷ ଓ ମହିଳା ମଧ୍ୟରେ ଥିବା ପାର୍ଥକ୍ୟକୁ ଅସ୍ପଷ୍ଟ କରିଥାଏ । ଈଶ୍ୱର ପ୍ରାରମ୍ଭରୁ ଲିଙ୍ଗ ପାର୍ଥକ୍ୟକୁ ଏକ ଉତ୍ତମ ବିଷୟ କରିଥିଲେ ଜଣେ ପୁରୁଷ ପୁରୁଷ ହୋଇ ରହିବା ଓ ଜଣେ ମହିଳା ମହିଳା ହୋଇ ରହିବା ଅତି ଉତ୍ତମ ବିଷୟ ଅଟେ ।

ଈଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା ଯେ ମାନବ ଜାତି ବହୁଗୁଣିତ ହେବେ ଓ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଜଗତକୁ ପରିପୂର୍ଣ୍ଣ କରିବେ ଓ ଏହି ବହୁଗୁଣିତ ବିଷୟ ହିଁ ତାହାଙ୍କର ବ୍ୟକ୍ତିଗତ ଆଶୀର୍ବାଦର ଫଳ ହେବ । ଈଶ୍ୱର ପୁରୁଷ ଓ ମହିଳାମାନଙ୍କୁ ଆଶୀର୍ବାଦ କରୁଥିବାରୁ (ଅର୍ଥାତ୍ ସ୍ୱାମୀ ଓ ସ୍ତ୍ରୀ, ଆମ୍ଭେମାନେ ଆଦିପୁସ୍ତକ ୨ ଅଧ୍ୟାୟରେ ସେମାନଙ୍କୁ ଯେପରି ଡ଼ାକିବାକୁ ଶିକ୍ଷା କରିଛୁ) ପିଲାମାନେ ଜନ୍ମଗ୍ରହଣ କରନ୍ତି, ଓ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ବ୍ୟାପ୍ତ ହୋଇଥାଏ । ତେଣୁ ପିଲାମାନେ ଈଶ୍ୱରଙ୍କଠାରୁ ଏକ ଆଶୀର୍ବାଦ ଅଟନ୍ତି, ଆମ ସମାଜରେ କିଛି ସ୍ୱାର୍ଥପର ଲୋକ ସେମାନେ ଯେପରି ବ୍ୟୟବହୁଳ ଓ ଅସୁବିଧାଜନକ ଅଭିଶାପ ଅଟନ୍ତି ବୋଲି ଭାବନ୍ତି, ସେମାନେ ସେପରି ନୁହଁନ୍ତି ।

ମାନବ ଜାତି ପାଇଁ ଓ ସମସ୍ତ ପଶୁଗଣ ପାଇଁ ଈଶ୍ୱରଙ୍କ ପ୍ରେମମୟ ଯୋଗାଣ ସୃଷ୍ଟି ବିବରଣୀର ଶେଷରେ ଦିଆଯାଇଛି - ମନୁଷ୍ୟ ପାଇଁ ସବୀଜ ବୃକ୍ଷଲତା ଓ ପଶୁଗଣ ପାଇଁ

ସଜୀବ ପନିପରିବା । ଏହା ଉନ୍ନତଶୀଳ ଜୀବନ ନିମନ୍ତେ ବହୁତ ସୁନ୍ଦର ଭାବରେ ସାର୍ବଭୌମ ଯୋଗାଣ ପ୍ରତିଷ୍ଠା କରିଥାଏ । ଆମ୍ଭେମାନେ ଯେପରି ଉଲ୍ଲେଖ କରିଛୁ, ଈଶ୍ୱର ଏକ ଅଭାବଗ୍ରସ୍ତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଥିଲେ, ପୁଣି ପ୍ରାଣୀର ନିର୍ଭରଶୀଳତାରେ ଈଶ୍ୱର ପ୍ରଚୁର ଭାବରେ ଗୌରବାନ୍ୱିତ ହୋଇଛନ୍ତି । ଈଶ୍ୱରଙ୍କ ଖାଦ୍ୟ ଯୋଗାଇବାର ଉତ୍ତମତା ଗୀତସଂହିତା ୧୦୪ ଅଧ୍ୟାୟରେ ଗୀତରଚକଙ୍କ ଧ୍ୟାନର ପ୍ରସଙ୍ଗ ଅଟେ : ଏସମସ୍ତେ ଉପଯୁକ୍ତ ସମୟରେ ଆପଣା ଆପଣା ଭକ୍ଷ୍ୟ ପାଇବା ନିମନ୍ତେ ତୁମ୍ଭର ଅନୁସରଣ କରନ୍ତି । ଯାହା ତୁମ୍ଭେ ସେମାନଙ୍କୁ ଦିଅ, ତାହା ସେମାନେ ସାଉଣ୍ଟନ୍ତି । ତୁମ୍ଭେ ଆପଣା ହସ୍ତ ମେଲାଇଲେ ସେମାନେ ଉତ୍ତମ ଦ୍ରବ୍ୟରେ ପରିତୃପ୍ତ ହୁଅନ୍ତି (୨୭-୨୮ ପଦ) ।

*ଈଶ୍ୱରଙ୍କ ଉତ୍ତମତା ସୃଷ୍ଟିର ଉତ୍ତମତା ମଧ୍ୟରେ ଅଛି*

ଏହି ସୁଦୂରପ୍ରସାରୀ ଉକ୍ତି କହି ବିଶ୍ୱବ୍ରହ୍ମାଣ୍ଡରେ ତାହାଙ୍କ ସୃଷ୍ଟିର ବିବରଣୀ ଈଶ୍ୱର ସମ୍ପୂର୍ଣ୍ଣ କରନ୍ତି : ପରମେଶ୍ୱର ଆପଣା ନିର୍ମିତ ପ୍ରତ୍ୟେକ ବସ୍ତୁ ପ୍ରତି ଦୃଷ୍ଟି କଲେ, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ (ଆଦି. ୧:୩୧) । ଏହା ଏକ ଅତି ବହୁଳ ଗୁରୁତ୍ୱପୂର୍ଣ୍ଣ ଘୋଷଣା ଅଟେ, କାରଣ ଏହା ଶାରୀରିକ ବିଷୟର ଆବଶ୍ୟକୀୟ ଉତ୍ତମତା ବିଷୟରେ ସ୍ପଷ୍ଟରୂପେ ଘୋଷଣା କରିଥାଏ । ଗ୍ରୀକ୍ ଦାର୍ଶନିକଗଣ ଓ ପ୍ରାଚ୍ୟ ରହସ୍ୟବାଦୀଗଣ ଭୌତିକ ଜଗତର ଓ ବିଶେଷତଃ ମାନବ ଶରୀରର ଉତ୍ତମତାକୁ ଅସ୍ୱୀକାର କରିଛନ୍ତି । ଈଶ୍ୱର ଘୋଷଣା କରିଥିଲେ ଯେ ସେ ସୃଷ୍ଟି କରିଥିବା ପ୍ରତ୍ୟେକ ବିଷୟ ଉତ୍ତମ ଥିଲା । ମାତ୍ର ଏପରିକି ଏହା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ସୃଷ୍ଟି ନିଜେ ଈଶ୍ୱର ଉତ୍ତମ ଅଟନ୍ତି ବୋଲି ଦର୍ଶାଇଥିଲା ।

ଆମେ ଏପରି ଏକ ବିଶ୍ୱବ୍ରହ୍ମାଣ୍ଡରେ ବାସ କରୁ, ଯାହାକି ବୁଦ୍ଧିର ସହିତ ଓ ପ୍ରେମମୟ ଭାବରେ ଜଣେ ଈଶ୍ୱରଙ୍କ ଦ୍ୱାରା ପ୍ରେମରେ ପ୍ରସ୍ତୁତ କରାଯାଇଥିଲା, ଯେ କି ଉତ୍ତମ ଅଟନ୍ତି ଓ ସେ ଯାହା ସୃଷ୍ଟି କରିଅଛନ୍ତି, ସେସବୁକୁ ପ୍ରେମ କରନ୍ତି । ଆମ ଏପରି ଏକ ଗ୍ରହରେ ବାସ କରୁ ଯାହାକି ନିର୍ଦ୍ଦିଷ୍ଟରୂପେ ମାନବ ଜୀବନ ନିମନ୍ତେ ଅନନ୍ୟ ଭାବରେ ପ୍ରସ୍ତୁତ ହୋଇଛି । ପୃଥିବୀ ସୂର୍ଯ୍ୟ ଚାରିପାଖରେ ଘୁରୁଥିଲା ବେଳେ ପ୍ରତି ଘଣ୍ଟାରେ ସଠିକ୍ ଭାବରେ ୬୬,୬୦୦ ମାଇଲ୍ ବେଗରେ ଗତି କରିଥାଏ । ଏହି ଗତି ସୂର୍ଯ୍ୟଙ୍କ ମାଧ୍ୟାକର୍ଷଣ ଶକ୍ତିର ସନ୍ତୁଳନ ରକ୍ଷା କରିବା ପାଇଁ ଓ ସୂର୍ଯ୍ୟଠାରୁ ପୃଥିବୀକୁ ଯଥାର୍ଥ ଦୂରତ୍ୱରେ ରଖି ଜୀବନ ବୃଦ୍ଧି କରିବା ପାଇଁ ଆବଶ୍ୟକ । ଈଶ୍ୱରଙ୍କ ଉତ୍ତମତା ହିଁ ପୃଥିବୀର ଅକ୍ଷକୁ ସୂର୍ଯ୍ୟ ପ୍ରତି ଆପେକ୍ଷିକ ୨୩.୫ ଡ଼ିଗ୍ରୀ ଢ଼ଳାଇ ରଖିଛି – ଯେପରି ତାହା ଗୋଲାର୍ଦ୍ଧରେ ବିଭିନ୍ନ ଋତୁର ଏକ ସୁନ୍ଦର ବିଭିନ୍ନତା ପ୍ରଦାନ କରିବ । ସେହି ଢ଼ଳେଇ ହେବା ଯଦି ୨୫ ଡ଼ିଗ୍ରୀ ହୋଇଥା'ନ୍ତା, ତେବେ ଗ୍ରୀଷ୍ମଋତୁ ଅଧିକ ଉତ୍ତପ୍ତ ଓ ଶୀତଋତୁ ଅଧିକ ଶୀତ ହୋଇଥା'ନ୍ତା, ଫଳରେ ପୃଥିବୀରେ ବୃକ୍ଷର ଜୀବନ ନଷ୍ଟ ହୋଇଯାଇଥା'ନ୍ତା । ତେଣୁ ମାନବ ଜାତି ପାଇଁ ପୃଥିବୀର ଗତି ଓ ଅବସ୍ଥିତି ଅତି ଉତ୍ତମ ଥିଲା ।

ଈଶ୍ୱର ମଧ୍ୟ ସୌରଜଗତର ଅନ୍ୟ ସ୍ଥାନର ବାତାବରଣ ପରି ନ କରି ପୃଥିବୀର ବାତାବରଣ ବହୁତ ଭଲରୂପେ ପରିବର୍ତ୍ତନ କରିଥିଲେ । ଆମ ମୁଣ୍ଡର ବହୁତ ଉପରେ ଓଜୋନ୍

ସ୍ତର ସୂର୍ଯ୍ୟଠାରୁ ଆସୁଥିବା କର୍କଟ ରୋଗବାହୀ ଆଲୋକକୁ ବାଧା ଦେଇଥାଏ । ବାୟୁମଣ୍ଡଳ ପୃଥିବୀକୁ ଉଲ୍‌କା ପିଣ୍ଡଠାରୁ ପୃଥିବୀକୁ ଢ଼ାଲ ପରି ସୁରକ୍ଷା ଦେଇ ପ୍ରତିବର୍ଷ ପ୍ରାୟ ୭୦,୦୦୦ ଟନ୍ ଧ୍ୱଂସାବଶେଷକୁ ଜାଳି ଦେଇଥାଏ । ଏଥିରେ ଶତକଡ଼ା ୭୮ ଭାଗ ଯବକ୍ଷାରଜାନ ଓ ଶତକଡ଼ା ୨୧ ଭାଗ ଅମ୍ଳଜାନ ରହିଥାଏ – ଯାହାକି ଜୀବନ ପାଇଁ ସମ୍ପୂର୍ଣ୍ଣ ଠିକ୍ ଅଟେ । ଅମ୍ଳଜାନ ବିନା ସମସ୍ତ ଜୀବନ ବଞ୍ଚି ରହିପାରିବ ନାହିଁ, ମାତ୍ର ସେହି ପରିମାଣ ଯଦି ପ୍ରାୟ ଶତକଡ଼ା ୨୫ ଭାଗ ବୃଦ୍ଧି ପାଇଲା, ତେବେ ସମଗ୍ର ପୃଥିବୀରେ ତତ୍‌କ୍ଷଣାତ୍ ନିଆଁ ଲାଗିଯିବ, ପୁଣି ତାକୁ ନିର୍ବାପିତ କରବା ପ୍ରାୟ ଅସମ୍ଭବ ହୋଇଯିବ । ଯବକ୍ଷାରଜାନ କେବଳ ଅମ୍ଳଜାନକୁ ମିଶ୍ରିତ କରେ ନାହିଁ, ମାତ୍ର ବୃକ୍ଷର ଜୀବନକୁ ଆବଶ୍ୟକୀୟ ସାର ମଧ୍ୟ ଯୋଗାଇଥାଏ । ଆଶ୍ଚର୍ଯ୍ୟର ବିଷୟ ହେଉଛି, ବିଦ୍ୟୁତ୍ ଝଡ଼ ସମୟରେ ସମଗ୍ର ପୃଥିବୀରେ ବିଜୁଳି ଧାର ଯବକ୍ଷାରଜାନ ଓ ଅମ୍ଳଜାନକୁ ଏକତ୍ର କରିଥାଏ, ଯାହାକି ବୃକ୍ଷର ଜୀବନ ପାଇଁ ବହୁତ ଉପଯୋଗୀ ଅଟେ, ପୁଣି ତା'ପରେ ଏହି ଯୌଗିକକୁ ବର୍ଷା ପାଣି ମାଟି ମଧ୍ୟକୁ ନେଇଯାଇଥାଏ । ପୁଣି ସେଥିପାଇଁ ବାୟୁମଣ୍ଡଳ ମନୁଷ୍ୟ ଜୀବନ ପାଇଁ ଅତି ଉତ୍ତମ ଅଟେ ।

ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ନିକୋଲାସ୍ କୋପର୍ନିକସ୍ ୧୫୪୩ ମସିହା ମେ ମାସରେ ତାଙ୍କର ମୃତ୍ୟୁର ଠିକ୍ ପୂର୍ବରୁ ତାଙ୍କର ଭବିଷ୍ୟତ୍ ପୁସ୍ତକ, *ଅନ୍ ଦି ରିଭୋଲ୍ୟୁସନ୍ ଅଫ୍ ଦି ସେଲେଷ୍ଟିଆଲ୍ ସ୍ଫିଅର୍ସ* ପ୍ରକାଶ କରିଥିଲେ । ସେ ପ୍ରଦର୍ଶନ କରିଥିଲେ ଯେ ପୃଥିବୀ ନୁହେଁ, ମାତ୍ର ସୂର୍ଯ୍ୟ ହିଁ ସୌରଜଗତର କେନ୍ଦ୍ର ଅଟେ । ବିଜ୍ଞାନ ତାଙ୍କର ମତକୁ ଭୌତିକ ଭାବରେ ସତ୍ୟ ବୋଲି ପ୍ରତିପାଦିତ କରିଥିଲା, ମାତ୍ର ଆଦିପୁସ୍ତକ ୧ ଅଧ୍ୟାୟ ଏବେମଧ୍ୟ ଏକ କେନ୍ଦ୍ରୀୟ ବିଷୟ ପ୍ରକାଶ କରେ ଯାହାକି ବାଇବଲସମ୍ମତ ଭାବରେ ବିବାଦୀୟ ହୋଇପାରିବ ନାହିଁ : ପୃଥିବୀ ହିଁ ବିଶ୍ୱବ୍ରହ୍ମାଣ୍ଡ ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟର କେନ୍ଦ୍ର ଅଟେ । ଆଦିପୁସ୍ତକ ୧:୧୪-୧୮ ପଦ ଅନୁଯାୟୀ, ଈଶ୍ୱର ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାଳା କେବଳ ପୃଥିବୀକୁ କେନ୍ଦ୍ର କରି ଈଶ୍ୱର ସୃଷ୍ଟି କରିଥିଲେ : ଯେପରି ସେଗୁଡ଼ିକ ପୃଥିବୀକୁ ଆଲୋକ ପ୍ରଦାନ କରିବେ, ରାତିରୁ ଦିନକୁ ପୃଥକ୍ କରିବେ, ଋତୁଚକ୍ର, ଦିନ ଓ ବର୍ଷ କରିବେ । ପ୍ରକାଶିତ ବାକ୍ୟ ପୁସ୍ତକରେ ବିଶ୍ୱବ୍ରହ୍ମାଣ୍ଡର ପୃଥିବୀ କୈନ୍ଦ୍ରିକ ଦୃଷ୍ଟିକୋଣ ମଧ୍ୟ ସତ୍ୟ ବୋଲି ପ୍ରତିପାଦିତ ହୋଇଛି, ଯେତେବେଳେ ପୃଥିବୀ ପୃଷ୍ଠର ଓ ମାନବ ଇତିହାସର ଘଟଣାବଳୀ ଚରମ ସୋପାନରେ ପହଞ୍ଚିଛି, ଆକାଶରୁ ନକ୍ଷତ୍ରମାଳା ଡ଼ିମ୍ବିରି ବୃକ୍ଷରୁ ଡ଼ିମ୍ବିରି ଫଳ ପଡ଼ିଲା ପରି ପଡ଼ିଥାଏ (ପ୍ରକା. ୬:୧୩) । ପୃଥିବୀ ହିଁ ବିଶ୍ୱବ୍ରହ୍ମାଣ୍ଡ ପାଇଁ ଈଶ୍ୱରଙ୍କ ଯୋଜନାର କେନ୍ଦ୍ର ଅଟେ ।

*ବିଶ୍ରାମବାରର ବିଶ୍ରାମ*

ଆଦିପୁସ୍ତକରେ ଥିବରେ ସୃଷ୍ଟିର ସାତଦିନର ବିବରଣୀ ଈଶ୍ୱର ବିଶ୍ରାମବାରରେ ତାହାଙ୍କର ବିଶ୍ରାମ ବିଷୟରେ କହି ସମାପ୍ତ ହୋଇଛି ଓ ଏହା ବିଶ୍ରାମବାରକୁ ଆଶୀର୍ବାଦ ଓ ପବିତ୍ର ଦିବସ ଭାବରେ ପ୍ରତିଷ୍ଠା କରୁଛି (ଆଦି. ୨:୧-୩) । ଅବଶ୍ୟ ଏହାକୁ କେବେମଧ୍ୟ ଏହିପରି ବୁଝାଯିବା ଅନୁଚିତ୍ ଯେ ଈଶ୍ୱର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିବାର କାର୍ଯ୍ୟ କରି କ୍ଳାନ୍ତ ହୋଇପଡ଼ିଥିଲେ

ଓ ସେ ପୁଣିଥରେ ତାହାଙ୍କ ଶକ୍ତି ଫେରି ପାଇବା ପାଇଁ ବିଶ୍ରାମବାରରେ ବିଶ୍ରାମ କରିଥିଲେ । ଯିଶାଇୟ ୪୦:୨୮ ପଦ ଅତି ସରଳ ଭାବରେ କହେ : ପୃଥିବୀର ପ୍ରାନ୍ତ ସକଳର ସୃଷ୍ଟିକର୍ତ୍ତା ଅନାଦି ଅନନ୍ତ ପରମେଶ୍ୱର ସଦାପ୍ରଭୁ କ୍ଲାନ୍ତ ହୁଅନ୍ତି ନାହିଁ, କି ଶ୍ରାନ୍ତ ହୁଅନ୍ତି ନାହିଁ ।

ଆମେ ଏହା କଳ୍ପନା କରିବା ଉଚିତ୍ ନୁହେଁ ଯେ ଈଶ୍ୱର ସୃଷ୍ଟି କରିଥିବା ବିଶ୍ୱବ୍ରହ୍ମାଣ୍ଡ ପ୍ରତି ଶକ୍ତି ପ୍ରୟୋଗ କରିବାରୁ କ୍ଷାନ୍ତ ହୋଇଥିଲେ ଈଶ୍ୱର ଏକ ଅଭାବଗ୍ରସ୍ତ ଓ ନିର୍ଭରଶୀଳ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଥିଲେ ଯେ କି ଏହାର ସ୍ଥିତି ପାଇଁ ପ୍ରତ୍ୟେକ ମୁହୂର୍ତ୍ତରେ ତାହାଙ୍କ ଉପରେ ଆସ୍ଥା ସ୍ଥାପନ କରିବ । ବରଂ ଈଶ୍ୱରଙ୍କ ବିଶ୍ରାମବାରର ବିଶ୍ରାମ ହେଉଛି ଦୁଇଟି ବିଷୟ : (୧) ବିଶ୍ୱବ୍ରହ୍ମାଣ୍ଡ ଉପରେ ଶାସନ କରିବା ପାଇଁ ତାହାଙ୍କର ସାର୍ବଭୌମ ଅଧିକାରର ଏକ ପ୍ରଦର୍ଶନ, ଯେପରି ଜଣେ ରାଜା ତାଙ୍କର ସିଂହାସନ କୋଠରୀ ମଧ୍ୟଦେଇ ଚାଲି ତାଙ୍କର ଆସନ ଉପରେ ଚଢ଼ୁଛନ୍ତି, ବୁଲିପଡ଼ି ତାଙ୍କର ଦରବାରକୁ ଅନାଇ ରହନ୍ତି, ପୁଣି ବହୁତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ ଶାସନ କରିବା ପାଇଁ ତାଙ୍କର ସିଂହାସନ ଉପରେ ବସନ୍ତି (୨) ମାନବ ଜାତି ପ୍ରତି ତାଙ୍କର ଦୟାର ଏକ ପ୍ରଦର୍ଶନ ସେମାନଙ୍କୁ ଏହି ସାମ୍ପ୍ରତିକ ଯୁଗରେ ଈଶ୍ୱରଙ୍କ ବିଶ୍ରାମସ୍ଥଳ ମଧ୍ୟରେ ସାତ ଦିନରେ ଗୋଟିଏ ଦିନ, ତଥା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ସ୍ୱର୍ଗରେ ଅନନ୍ତକାଳ ପ୍ରବେଶ କରିବାକୁ ସୁଯୋଗ ଦେଉଛି (ଏବ୍ରୀ ୪:୧-୧୧) ।

## ମାନବ ଜାତିର ବିଶେଷ ସୃଷ୍ଟି : ଆଦିପୁସ୍ତକ ୨ ଅଧ୍ୟାୟର ପୁଙ୍ଖାନୁପୁଙ୍ଖ ବିବରଣୀ

କେତେକ ଟୀକାକାରଙ୍କର ଆଦିପୁସ୍ତକ ୧ ଓ ୨ ଅଧ୍ୟାୟରେ ଦିଆଯାଇଥିବା ସୃଷ୍ଟି ବିଷୟକ ଭିନ୍ନ ଭିନ୍ନ ବିବରଣୀକୁ ସୁସଙ୍ଗତ କରିବା ପାଇଁ ସମସ୍ୟା ହୋଇଥିଲା । ମାତ୍ର ଚାର୍ଲସ୍ ସ୍ପର୍ଜନ୍ ଯେପରି ଥରେ ବିଭିନ୍ନ ଧର୍ମତାତ୍ତ୍ୱିକ ଘଟଣା ବିଷୟରେ କହିଥିଲେ, ମୁଁ କେବେ ବି ସାଙ୍ଗମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିବା ପାଇଁ ଚେଷ୍ଟା କରେ ନାହିଁ! ଆଦିପୁସ୍ତକ ୨ ଅଧ୍ୟାୟ ଆଦିପୁସ୍ତକ ୧ ଅଧ୍ୟାୟର ଏକ ସଠିକ୍ ପରିପୂରକ ଅଟେ । ଆଦିପୁସ୍ତକ ୧ ଅଧ୍ୟାୟ ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ପୁଣି ବିଶେଷରୂପେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ମାନବ ଜାତିକୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କରିବାରେ ତାହାଙ୍କର ଉଦ୍ଦେଶ୍ୟ ବିଷୟରେ ଈଶ୍ୱରଙ୍କ ସୃଷ୍ଟିର ଏକ ସୁନ୍ଦର, ଅତିରଞ୍ଜିତ ବିବରଣୀ ପ୍ରଦାନ କରିଥାଏ । ମାତ୍ର ଆଦିପୁସ୍ତକ ୨ ଅଧ୍ୟାୟ ପ୍ରଥମ ନର ଓ ନାରୀଙ୍କର ଗଠନ ଓ ସେମାନଙ୍କ ପ୍ରତ୍ୟେକଙ୍କ ପାଇଁ ଈଶ୍ୱରଙ୍କ ବିଶେଷ ଉଦ୍ଦେଶ୍ୟଗୁଡ଼ିକ ବିଷୟରେ ଅପରିହାର୍ଯ୍ୟ ବିବରଣୀ ପ୍ରଦାନ କରେ ନାହିଁ । ଆଦିପୁସ୍ତକ ୧ ଓ ୨ ଅଧ୍ୟାୟ କାଲିଫର୍ଣ୍ଣିଆର ଏକ ମାନଚିତ୍ର ପରି ଅଟେ ଯେଉଁଥିରେ ସେହି ସମାନ୍ ପୃଷ୍ଠାରେ ଲସ୍ ଆଞ୍ଜେଲ୍ସ୍ର ଏକ ମାନଚିତ୍ର ଲାଗିକରି ଅଛି ।

### *ଏକ ଗୌରବମୟ ତଥାପି ଅଭାବପୂର୍ଣ୍ଣ ପୃଥିବୀ ଏହାର ଯତ୍ନ ନେବାକାରୀ ଓ ଶାସକଙ୍କ ଅପେକ୍ଷା କରିଥାଏ*

ଆଦିପୁସ୍ତକ ୨ ଅଧ୍ୟାୟ ଏକ ପୃଥିବୀର ଚିତ୍ର ପ୍ରଦାନ କରିଥାଏ ଯାହାକି ଈଶ୍ୱରଙ୍କ ଗୌରବକୁ ମଣ୍ଡନ କରିଛି ପୁଣି ତଥାପିମଧ୍ୟ ଅଭାବଗ୍ରସ୍ତ ରହି ଏହାର ଯତ୍ନକାରୀ ଓ ଶାସକଙ୍କ ଅପେକ୍ଷାରେ

ରହିଛି । ଆଦିପୁସ୍ତକ ୧ ଅଧ୍ୟାୟରେ ପୃଥିବୀକୁ ଯଦିଚ ଅତି ଭଲ ବୋଲି ଘୋଷଣା କରାଯାଇଥିଲା, ତଥାପି ତା'ର ଅର୍ଥ ନୁହେଁ ଯେ ଏହାକୁ ଉନ୍ନତ ଓ ଅଭିବୃଦ୍ଧି କରାଯାଇପାରିବ । ପୁଣି ସେଥିପାଇଁ ଆଦିପୁସ୍ତକ ୨:୫ ପଦ ଗଛଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ବର୍ଗ ବିଷୟରେ କହେ ଯାହାକି ଏହାର ସମ୍ପୂର୍ଣ୍ଣ ଅନ୍ତର୍ନିହିତ ବିଷୟରେ ପହଞ୍ଚିବା ପାଇଁ ମନୁଷ୍ୟର ଚାଷ ଓ କୃଷିକାର୍ଯ୍ୟ ଆବଶ୍ୟକ କରିଥାଏ । ପ୍ରଥମ ବ୍ୟକ୍ତି କେଉଁଠାରୁ ଏହି ପ୍ରକାର ଦକ୍ଷତା ପ୍ରାପ୍ତ ହେବ ? ଏହା ତାଙ୍କର ସ୍ୱର୍ଗସ୍ଥ ପିତାଙ୍କଠାରୁ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରୁ ଆସିଥିବ ଈଶ୍ୱର ପୃଥିବୀକୁ ତାହାଙ୍କ ସନ୍ତାନ, ଅବ୍ରାହାମ୍‌ଙ୍କୁ ପ୍ରେରଣ କରିବା ବେଳେ ତାଙ୍କୁ ତାଲିମ୍ ଦେବାର ଅଭିପ୍ରାୟ ରଖିଥିଲେ । ଯିଶାଇୟ ୨୮ ଅଧ୍ୟାୟ ଏକ ଉଲ୍ଲେଖନୀୟ ପରିଚ୍ଛେଦ ମନୁଷ୍ୟର କୃଷିଭିତ୍ତିକ ଶିକ୍ଷାରେ ଈଶ୍ୱରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ବିଷୟରେ କହେ :

> କୃଷକ ବୀଜ ବୁଣିବା ପାଇଁ କ'ଣ ନିତ୍ୟ ହଳ ବୁଲାଏ ?
> ସେ କ'ଣ ନିତ୍ୟ ଶୀଆର କରି ଆପଣାର ଭୂମିର ଟେଳା ଭାଙ୍ଗେ ?
> ସେ କ'ଣ ଭୂମିର ଉପରଭାଗ ସମାନ୍ କଲା ଉତ୍ତାରେ କଳାଜୀରା ବିଞ୍ଚିଦିଏ ନାହିଁ,
> ଓ ଜୀରା ବୁଣେ ନାହିଁ ଓ ଧାଡ଼ି ଧାଡ଼ି କରି ଗହମ, ନିରୂପିତ ସ୍ଥାନରେ ଯବ
> ଓ କ୍ଷେତ୍ରର ସୀମାରେ କ'ଣ ଜହ୍ନୀ ବୁଣେ ନାହିଁ ?
> କାରଣ, ତାହାର ପରମେଶ୍ୱର ତାହାକୁ ଯଥାର୍ଥ ଉପଦେଶ ଦିଅନ୍ତି,
> ଓ ସେ ତାହାକୁ ଶିଖାନ୍ତି । ଯେହେତୁ କଳାଜୀରା କୌଣସି ତୀକ୍ଷ୍ଣ ଅସ୍ତ୍ରରେ ମର୍ଦ୍ଦିତ
> ହୁଏ ନାହିଁ, କିଅବା ଜୀରା ଉପରେ ଶକଟଚକ୍ର ବୁଲାଯାଏ ନାହିଁ ମାତ୍ର କଳାଜୀରା
> ଯଷ୍ଟିରେ ଓ ଜୀରା ଦଣ୍ଡରେ ପିଟାଯାଏ । ରୁଟୀର ଶସ୍ୟ, ଚୂର୍ଣ୍ଣ କରାଯାଏ
> କାରଣ ସେ ଚିରକାଳ ତାହା ମର୍ଦ୍ଦନ କରିବ ନାହିଁ ଆଉ ଯଦ୍ୟପି ତାହାର
> ଶକଟ ଚକ୍ର ଓ ତାହାର ଅଶ୍ୱଗଣ ତାହା ଛିନ୍ନଭିନ୍ନ କରି ପକାନ୍ତି, ତଥାପି
> ସେ ତାହା ଚୂର୍ଣ୍ଣ କରେ ନାହିଁ । ଏହାହିଁ ସୈନ୍ୟାଧିପତି ସଦାପ୍ରଭୁଙ୍କଠାରୁ ହୁଅଇ,
> ସେ ମନ୍ତ୍ରଣାରେ ଆଶ୍ଚର୍ଯ୍ୟ ଓ ଜ୍ଞାନରେ ମହାନ୍ । (ଯିଶା. ୨୮:୨୪-୨୯)

## ପ୍ରଥମ ମନୁଷ୍ୟ ଏକ ଜୀବନ୍ତ ପ୍ରାଣୀ ସୃଷ୍ଟି କଲେ

ଆଦିପୁସ୍ତକ ୨:୭ ପଦ ପୃଥିବୀର ଧୂଳିରୁ ପ୍ରଥମ ବ୍ୟକ୍ତିର ବିଶେଷ ସୃଷ୍ଟିକୁ ତୁଳନା କରିଥାଏ : ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା । ମୋର ବୋଷ୍ଟନ୍ ମ୍ୟୁଜିୟମ୍ ଅଫ୍ ସାଇନ୍ସ୍‌ର ଏକ ପ୍ରଦର୍ଶନ ଦେଖିବା ବିଷୟ ମନେଅଛି ଯାହାକି ଜଣେ ମନୁଷ୍ୟର ବାହ୍ୟରେଖା ଦର୍ଶାଏ, ଓ ସେହି ବାହ୍ୟରେଖା ମଧ୍ୟରେ ଅନେକ ପ୍ରକାର ଆକାରର ବିଭିନ୍ନ ରାସାୟନିକ ବୋତଲ୍ ଥିଲା ଯେଉଁଥିରେ ଶୁଖିଲା ଯୌଗିକଗୁଡ଼ିକ ପୂର୍ଣ୍ଣ ହୋଇ ରହିଥିଲା । ଏହା ଏକ ମାନବ ଶରୀରକୁ ପ୍ରତିନିଧିତ୍ୱ କରୁଥିଲା ଯେଉଁଥିରୁ ସମସ୍ତ ପାଣି ବାହାର କରାଯାଇଥିଲା (ମାନବ ଶରୀରର ଶତକଡ଼ା ୬୦ ଭାଗରୁ

ଉର୍ଦ୍ଧ୍ୱଭାଗ ହେଉଛି ପାଣି), ପୁଣି ଯେଉଁ ବିଷୟ ଛାଡ଼ି ଦିଆଯାଇଥିଲା ତାହା ହେଉଛି କିଛି ରାସାୟନିକ ଯୌଗିକ ଓ ଖଣିଜଦ୍ରବ୍ୟ, ସେସବୁ ମୃତ୍ତିକାର ଖଣିରୁ ଅଣାଯାଇପାରିବ! ପ୍ରଥମ ବ୍ୟକ୍ତି ମୃତ୍ତିକାରୁ ଆସିଥିବାରୁ, ପାର୍ଥିବ ଥିଲା (୧ମ କରି. ୧୫:୪୭), ପୁଣି ପାପରେ ପତିତ ହେଲା ପରେ ଈଶ୍ୱର ଆଦମଙ୍କୁ କହିଲେ ଯେ ମୃତ୍ୟୁଭୋଗ କରିବେ ଓ ମୃତ୍ତିକାକୁ ଫେରିଯିବେ, ଯେହେତୁ ତୁମ୍ଭେ ଏଥିରୁ ଗୃହୀତ ହେଲ, ..... ଯେହେତୁ ତୁମ୍ଭେ ଧୂଳି, ଓ ଧୂଳିରେ ପୁନର୍ବାର ମିଶିଯିବ (ଆଦି. ୩:୧୯) ।

ତଥାପି ଆମ୍ଭେମାନେ ଯେପରି ପାର୍ଥିବ ଅଟୁ, ଏବେସୁଦ୍ଧା ମାନବ ଶରୀରର ଜଟିଳତା ବିଷୟରେ ଧ୍ୟାନ କରିବା ମନୁଷ୍ୟ ପାଇଁ ଆଶ୍ଚର୍ଯ୍ୟକର ଅଟେ, ଯାହାକୁ କି ଈଶ୍ୱର ଭୀତିପୂର୍ଣ୍ଣ ଓ ଚମତ୍କାର ଭାବରେ ମୃତ୍ତିକାର ସେହି ବିଭିନ୍ନ ପ୍ରକାର ଯୌଗିକରୁ ଆଶ୍ଚର୍ଯ୍ୟରୂପେ ପରିକଳ୍ପନା କରିଥିଲେ (ଗୀତ. ୧୩୯:୧୪) । ଆଧୁନିକ ଆନୁବଂଶିକ ବିଜ୍ଞାନ ଆମକୁ କହେ ଯେ ଜଣେ ମନୁଷ୍ୟ ଶରୀରର ଏକଲକ୍ଷ କୋଟି କୋଷଗୁଡ଼ିକରେ ମିଳୁଥିବା ଡ଼ିଏନ୍ଏକୁ ଯଦି ପ୍ରତି କୋଷରେ ମିଳୁଥିବା ସେହି ଜଟିଳ ଦ୍ୱିଗୁଣ କୁଣ୍ଡଳୀରୁ ଖୋଲିଦିଆଯାଏ ଓ ଏହାର ପରକୁ ପର ରଖାଯାଏ, ତେବେ ଏହା ୧୦ରୁ ୨୦ ମାଇଲ୍ ପର୍ଯ୍ୟନ୍ତ ଦୀର୍ଘ ହେବ । ମନୁଷ୍ୟର ମସ୍ତିଷ୍କର ଚମତ୍କାରିତା କେତେ ବିସ୍ମୟକର ଅଟେ, ଯାହାକି ଈଶ୍ୱରଙ୍କ ସମସ୍ତ ସୃଷ୍ଟିର ସର୍ବାଧିକ ଜଟିଳ ଭୌତିକ ବିଷୟ ଅଟେ, ସେଥିରେ ଶହ ଶହ କୋଟି ସ୍ନାୟୁକୋଷ ଅଛି (ଆମାଜୋନ୍ ବଣରେ ଥିବା ମୋଟ୍ ଗଛର ସଂଖ୍ୟା ସହିତ ପ୍ରାୟ ସମାନ୍) ?

## ଈଶ୍ୱରଙ୍କର ବିଶେଷ ଆଜ୍ଞାଗୁଡ଼ିକ

ଈଶ୍ୱର ଯଦିଚ ଆପଣା ଗୌରବରେ ସମ୍ପୂର୍ଣ୍ଣ ଜଗତକୁ ପରିକଳ୍ପନା କରିଥିଲେ, ତଥାପି ସଦାପ୍ରଭୁ ଆଦମ ଓ ତାଙ୍କର ସ୍ତ୍ରୀଙ୍କ ପାଇଁ ବିଶେଷରୂପେ ଏକ ସ୍ଥାନ ପ୍ରସ୍ତୁତ କରିଥିଲେ, ଯେପରି ସେମାନେ ସେମାନଙ୍କ ଅନୁସନ୍ଧାନ ଓ ଅଭିବୃଦ୍ଧିର ରୋମାଞ୍ଚକର ଯାତ୍ରା ଆରମ୍ଭ କରିପାରିବେ । ଏହା ଏଦନର ପୂର୍ବରେ ଥିଲା (ଆଦି. ୨:୮), ପୁଣି ସେଠାରେ ଈଶ୍ୱର ଗଢ଼ିଥିବା ମନୁଷ୍ୟକୁ ରଖିଥିଲେ । ଈଶ୍ୱର ଏଦନ ଉଦ୍ୟାନରେ ପ୍ରତ୍ୟେକ ପ୍ରକାର ଫଳପୂର୍ଣ୍ଣ ଗଛ, ନୟନର ଲୋଭଜନକ, ସୁସ୍ୱାଦୁ ଫଳପୂର୍ଣ୍ଣ ଗଛ ରଖିଥିଲେ । ଆହୁରିମଧ୍ୟ ଉଦ୍ୟାନରେ ସଦସତ୍ ଜ୍ଞାନଦାୟକ ଗଛ ମଧ୍ୟ ଥିଲା । ଏହି ଗଛଗୁଡ଼ିକ ଈଶ୍ୱର ଆଦମଙ୍କୁ ଦେଇଥିବା ବିଶେଷ ଆଜ୍ଞାଗୁଡ଼ିକର ଆଲୋକପାତ ଥିଲା ।

ଆଦିପୁସ୍ତକ ୨:୧୦–୧୪ ପଦ ଚାରିଟି ନଦୀ ବିଷୟରେ ବର୍ଣ୍ଣନା କରିଥାଏ, ଏହାର ଉତ୍ପତ୍ତି ଏଦନ ଉଦ୍ୟାନରେ ହୋଇଥିଲା (ପୁଣି ବରଂ ପ୍ରତ୍ନତାତ୍ତ୍ୱିକ ଆବିଷ୍କାରଗୁଡ଼ିକୁ ଏହି ନଦୀଗୁଡ଼ିକ ବିଷୟରେ ଏହା ଆଶ୍ଚର୍ଯ୍ୟଜନକ ଥିଲା) । ଆଦିପୁସ୍ତକ ୨:୧୫ ପଦ କହେ : ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନର କୃଷିକର୍ମ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ । ଏବ୍ରୀ କ୍ରିୟାଗୁଡ଼ିକ କାର୍ଯ୍ୟ କରିବା ଓ ରକ୍ଷା କରିବା ପୁରାତନ ନିୟମରେ ଅତି ସାଧାରଣ ଶବ୍ଦ ଅଟେ, ପୁଣି ସେଗୁଡ଼ିକର ମୂଳ ଅର୍ଥ ହେଉଛି ସେବା କରିବା ଓ ସୁରକ୍ଷା

ଦେବା ପରି ଅଟେ । ଆଦମଙ୍କୁ ଆପଣା ପରିଶ୍ରମରେ ଏଦନ ଉଦ୍ୟାନର ସେବା କରିବାକୁ ପଡ଼ିଥିଲା, ତାଙ୍କୁ ତାଙ୍କର ସ୍ୱର୍ଗସ୍ଥ ପିତାଙ୍କ ଅଭିଭାବକତ୍ୱ ଅଧୀନରେ ଏହାର ସମ୍ପୂର୍ଣ୍ଣ ଅନ୍ତର୍ନିହିତ ଶକ୍ତିରେ ବଢ଼ିବାକୁ ସାହାଯ୍ୟ କରିବାକୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥିଲା । ଆଦିପୁସ୍ତକ ୨:୫ ପଦରେ ଉଲ୍ଲେଖ ହୋଇଥିବା ଗୁଳ୍ମଲତା ଓ ରୋପିତ ହୋଇଥିବା ଅନ୍ୟାନ୍ୟ ଗଛ ବଢ଼ିବାକୁ ଆବଶ୍ୟକ କରୁଥିବା ଯତ୍ନ ପାଇବେ । ସୁରକ୍ଷା ଦେବା ପାଇଁ ଦ୍ୱିତୀୟ ଆଜ୍ଞା ବ୍ୟକ୍ତ କରେ ଯେ ବୃଦ୍ଧି ପାଉଥିବା ବିପଦ ଏଦନର ସୁନ୍ଦରତା ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିଥିଲା । ଆଦିପୁସ୍ତକ ୩ ଅଧ୍ୟାୟରେ ଏହି ବିପଦ ସ୍ପଷ୍ଟ ହୋଇଥିଲା, ଯେଉଁଠାରେ ଶୟତାନ ଏକ ସର୍ପରୂପରେ ହବା ଓ ଆଦମଙ୍କୁ ପ୍ରଲୋଭିତ କରିବାକୁ ଓ ସେମାନଙ୍କୁ (ଓ ଏଦନ ଉଦ୍ୟାନକୁ) ମୃତ୍ୟୁ ମଧ୍ୟକୁ କଡ଼ାଇ ନେବାକୁ ଆସିଥିଲା ।

ଆଦମଙ୍କୁ ଏଦନ ମଧ୍ୟରେ ରଖିବା ପରେ ଈଶ୍ୱର ତାଙ୍କୁ ଏହି ସ୍ପଷ୍ଟ ଆଜ୍ଞା ଦେଇଥିଲେ : ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ ଯେହେତୁ ଯେଉଁ ଦିନ ତାହା ଖାଇବ ସେହି ଦିନ ନିତାନ୍ତ ମରିବ (ଆଦି. ୨:୧୬-୧୭) । ଏଠାରେ ଈଶ୍ୱର ଆଦମଙ୍କୁ ଏକ କଟକଣା ମଧ୍ୟରେ ରଖିଲେ । ଏହା ହେଉଛି ବ୍ୟବସ୍ଥା, ସତର୍କତା, ସୀମା । ଆଦମଙ୍କୁ ସମଗ୍ର ପୃଥିବୀ ଉପରେ ଦାୟିତ୍ୱ ଦିଆଗଲା, ଯେପରି ସେ ଏହାକୁ ଶାସନ କରିବେ, ମାତ୍ର ସ୍ୱୟଂ ଆଦମଙ୍କୁ ଈଶ୍ୱରଙ୍କ ପ୍ରତି ନିଶ୍ଚିତରୂପେ ସମର୍ପିତ ହେବାକୁ ପଡ଼ିବ ।

## ହବା ଓ ବିବାହର ସୃଷ୍ଟି

ପୁରୁଷ ଓ ମହିଳା ପ୍ରତ୍ୟେକେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିଲେ ପୁଣି ସେମାନଙ୍କୁ ଫଳବତୀ, ବହୁଗୁଣିତ ହେବାକୁ ଓ ପୃଥିବୀକୁ ପରିପୂର୍ଣ୍ଣ କରିବାକୁ ଦାୟିତ୍ୱ ଦିଆଯାଇଥିଲା (ଆଦି. ୧:୨୬-୨୭) । ମାତ୍ର ଆଦମଙ୍କୁ ଏକାକୀ ସୃଷ୍ଟି କରାଯାଇଛି ପୁଣି ସେ ଏକ ସମୟ ପାଇଁ ଏକାକୀ ଗମନ କରିଛନ୍ତି । ଈଶ୍ୱର ଯଦିଚ ଘୋଷଣା କରିଥିଲେ ଯେ ଆଦମ ଏକାକୀ ରହିବା ଉତ୍ତମ ନ ଥିଲା (ଆଦି. ୨:୧୮), ତଥାପି ଏହା ଆକସ୍ମିକ ବିଷୟ ନ ଥିଲା ଯେ ଈଶ୍ୱର ତାଙ୍କୁ ପ୍ରଥମେ ସୃଷ୍ଟି କରିଥିଲେ ଓ ତାଙ୍କୁ ଅଳ୍ପ ସମୟ ପାଇଁ ଏକାକୀ ରହିବାକୁ ଅନୁମତି ଦେଇଥିଲେ । ଈଶ୍ୱର ଆଦମଙ୍କୁ ତାଙ୍କ ସ୍ତ୍ରୀଙ୍କର ମସ୍ତକ କରିବା ପାଇଁ ଓ ତାଙ୍କ ପ୍ରତି ଉପଯୁକ୍ତ ସାହାଯ୍ୟକାରୀ ଭାବରେ ତାଙ୍କର ଭୂମିକା ପ୍ରଦର୍ଶନ କରିବା ପାଇଁ ଏହା କରିଥିଲେ (ଆଦି. ୨:୧୮; ୧ମ କରି. ୧୧:୨-୧୬; ଏଫି. ୫:୨୨-୩୩; ୧ମ ତୀମ. ୨:୧୧-୧୫ ପଦ ଦେଖନ୍ତୁ) ।

ଆଦମ ପଶୁମାନଙ୍କର ନାମକରଣ କରିବା ପରେ (ଆଦି. ୨:୧୯-୨୦), ଏହା ସ୍ପଷ୍ଟ ହୋଇଛି ଯେ ସେଗୁଡ଼ିକ ମଧ୍ୟରେ ତାଙ୍କ ପାଇଁ ଉପଯୋଗୀ ସାହାଯ୍ୟକାରୀ କେହି ନାହାନ୍ତି । ଆଦକ ଏକାକୀ ଫଳବତୀ ହୋଇପାରି ନ ଥା'ନ୍ତେ, କିମ୍ବା ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ

ଯାହା କରିବା ପାଇଁ ମନୁଷ୍ୟକୁ ସୃଷ୍ଟି କରାଯାଇଥିଲା ସେ ଏକାକୀ ସେହିପରି ଅନ୍ୟକୁ ପ୍ରେମ କରିପାରି ନ ଥା'ନ୍ତେ ଓ ସମ୍ପର୍କିତ ହୋଇପାରି ନ ଥା'ନ୍ତେ । ତେଣୁ ଈଶ୍ୱର ଆଦମଙ୍କୁ ଗଭୀର ନିଦ୍ରାଗ୍ରସ୍ତ କରାଇଲେ ଓ ସେ ସେହି ନରଠାରୁ ଏକ ପଞ୍ଜର ହାଡ଼ ନେଲେ ଓ ସେହି ପଞ୍ଜର ହାଡ଼ରୁ ଜଣେ ନାରୀକୁ ତିଆରି କରିବାବେଳେ ସେହି ପୁରୁଷ ଶୋଇ ରହିଥିଲା । ଈଶ୍ୱର ତାକୁ ସେହି ପୁରୁଷ ନିକଟକୁ ଆଣିଲେ ଓ ତା'ର ସ୍ତ୍ରୀ ହେବା ପାଇଁ ତାକୁ ଉପହାର ଦେଲେ । କବିର ସ୍ୱରରେ, ଆଦମ ଆନନ୍ଦ କରନ୍ତି : ଏଥର ହେଲା ଏ ମୋହର ଅସ୍ଥିର ଅସ୍ଥି ଓ ମାଂସର ମାଂସ ଏହାର ନାମ ନାରୀ, ଯେହେତୁ ଏ ନରଠାରୁ ନୀତା ହୋଇଅଛି (୨୩ ପଦ) ।

ତାକୁ ନାମ ଦେଇ ଆଦମ ବିବାହରେ ତାଙ୍କର ଆଧିପତ୍ୟ ଦର୍ଶାନ୍ତି, ମାତ୍ର ତାଙ୍କ ସହିତ ତାଙ୍କର ଆବଶ୍ୟକୀୟ ସାମ୍ୟତା ହେତୁ ତାଙ୍କର ଆନନ୍ଦରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେମାନଙ୍କର ସମାନ୍ ଭାବରେ ସୃଷ୍ଟି ହେବା ବିଷୟକୁ ଦର୍ଶାଇଛନ୍ତି । ଏହା ହିଁ ଥିଲା ବିବାହର ଉତ୍ପତ୍ତି, ଅର୍ଥାତ୍ ବାଇବଲରେ ପ୍ରଥମ ମାନବୀୟ ସମ୍ପର୍କ, ପୁଣି ଭବିଷ୍ୟତ୍‌ର ସମସ୍ତ ବିବାହର ଧାରା ଥିଲା । ଏହା ମଧ୍ୟ ଖ୍ରୀଷ୍ଟ ଓ ମଣ୍ଡଳୀର ଏକ ଚିତ୍ର ଅଟେ (ଏଫି. ୫:୩୨) । ସେମାନେ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିବା ପୂର୍ବରୁ ସେମାନେ ଏତେ ମୁକ୍ତ ଥିଲେ ଯେ ସେମାନେ ଉଭୟେ ଉଲଙ୍ଗ ଥିଲେ ଓ ଲଜ୍ଜା କରୁ ନ ଥିଲେ (ଆଦି. ୨:୨୫) ସେମାନଙ୍କର କୌଣସି ବିଷୟ ଗୁପ୍ତ ନ ଥିଲା, ତେଣୁ ପାପ ସେମାନଙ୍କୁ ଥରେ ଜୟ କରିବା ପରେ ସେମାନେ ଯେଉଁ ଦୁଷ୍ଟ ପରିସ୍ଥିତିରେ ପଡ଼ିଥିଲେ, ତାହା ତାହା ନ ଥିଲା ।

## ସୃଷ୍ଟି ପାଇଁ ଦୁଃଖଦ ପତନ

ଆମ ଚତୁର୍ଦ୍ଦିଗରେ ଥିବା ସୃଷ୍ଟି ଏଦନରେ ଆଦମ ଓ ହବାଙ୍କୁ ଘେରି ରହିଥିବା ସିଦ୍ଧ ଜଗତଠାରୁ ବହୁତ ଭିନ୍ନ ଅଟେ । ମାନବ ଜାତିକୁ ପ୍ରତିନିଧିତ୍ୱ କରୁଥିବା ଆଦମ ତାଙ୍କର ସ୍ତ୍ରୀଙ୍କୁ ବା ଏଦନ ଉଦ୍ୟାନକୁ *ସେବା କରିବାକୁ ଓ ସୁରକ୍ଷା ଦେବାକୁ* ବିଫଳ ହୋଇଥିଲେ । ଶୟତାନ ତାଙ୍କ ସ୍ତ୍ରୀଙ୍କୁ ପ୍ରଲୋଭିତ କରିବା ବେଳେ ସେ ଅଳସୁଆ ଭାବରେ ଛିଡ଼ା ହୋଇଥିଲେ, ପୁଣି ତା'ପରେ ସେ ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବା ଦ୍ୱାରା ତାଙ୍କ ବିରୁଦ୍ଧରେ ଖୋଲା ବିଦ୍ରୋହ କରିଥିଲେ (ଆଦି. ୩:୧-୭) ।

ସମଗ୍ର ପୃଥିବୀର ବିଚାରକର୍ତ୍ତାରୂପେ ଈଶ୍ୱର ଆସିଲେ ଓ ପ୍ରଥମେ ଆଦମଙ୍କର, ତା'ପରେ ହବାଙ୍କର, ତା'ପରେ ସର୍ପର ସମ୍ମୁଖୀନ ହେଲେ । ପ୍ରତିବଦଳରେ ସେ ସେହି ତିନିଜଣଙ୍କୁ ଅଭିଶାପ ଦେଇଥିଲେ, ଓ ଆଦମଙ୍କ ଅଭିଶାପ ହେତୁ ପୃଥିବୀ ଶାପଗ୍ରସ୍ତ ହୋଇଥିଲା : ତୁମ୍ଭ ସକାଶୁଁ ଭୂମି ଶାପଗ୍ରସ୍ତ ହେଲା ତୁମ୍ଭେ ଯାବଜ୍ଜୀବନ କ୍ଳେଶରେ ତହିଁରୁ ଭକ୍ଷ୍ୟ ପାଇବ । ତହିଁରେ କଣ୍ଟା ଓ ଗୋଖରା ଗଛ ଜାତ ହେବ, ପୁଣି ତୁମ୍ଭେ କ୍ଷେତ୍ରର ଶାକ ଭୋଜନ କରିବ (ଆଦି. ୩:୧୭-୧୮) ।

ସେହିଦିନଠାରୁ କଳୁଷତା ଓ ବିଫଳତାର ବନ୍ଧନରେ ସୃଷ୍ଟି ଗଭୀର ଭାବରେ ବିଳାପ କରିଛି, ତାହା ମନୁଷ୍ୟର ସମ୍ପୂର୍ଣ୍ଣ ପରିତ୍ରାଣର ଗୌରବମୟ ସମ୍ପନ୍ନତାକୁ ଅପେକ୍ଷା କରିଆସୁଛି

(ରୋମୀ ୮:୧୮-୨୨) । ଆମେ ପ୍ରତିଦିନ ସେହି ବିଳାପ, ବନ୍ଧନ, ଦୁର୍ନୀତି ଓ ବିଫଳତାର ପ୍ରମାଣ ଦେଖିଆସୁଛୁ, ପୁଣି ଆମ୍ଭେମାନେ ନିଜେ ନିଜେ ସେହି ଦିନ ପାଇଁ ବିଶେଷରୂପେ ବ୍ୟାକୁଳ ହୋଇଥାଉ ଯେତେବେଳେ ସୃଷ୍ଟି ପୁନର୍ବାର ସିଦ୍ଧ ଓ ଗୌରବମୟ ହେବା ପାଇଁ ମୁକ୍ତ ହେବ ।

## ନୂତନ ସୃଷ୍ଟି

ସେହି ଦିନ ଆଣିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଈଶ୍ୱରଙ୍କ ଶକ୍ତିକୁ ମୁକ୍ତ କରିଛି । ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ସହିତ ମାନବ ଇତିହାସରେ ଏକ ନୂତନ ଯୁଗ ଆରମ୍ଭ ହୋଇଥିଲା । ଖ୍ରୀଷ୍ଟଙ୍କର ପୁନରୁତ୍ଥିତ ଶରୀର – ଅର୍ଥାତ୍ ଏକ ଆତ୍ମିକ ଶରୀର – ହିଁ ଏକ ନୂତନ ବିଶ୍ୱବ୍ରହ୍ମାଣ୍ଡର ଆଦ୍ୟ ନମୁନା ଅଟେ । ସେ ହିଁ ମୃତ୍ୟୁରୁ ପ୍ରଥମ ଫଳ ଅଟନ୍ତି (୧ମ କରି. ୧୫:୨୦, ୨୩) । ଖ୍ରୀଷ୍ଟଙ୍କ ମୁକ୍ତିଦାୟୀ ମୃତ୍ୟୁ ଓ ଗୌରବମୟ ପୁନରୁତ୍ଥାନର ସୁସମାଚାର ଯେତେବେଳେ ସାରା ଜଗତରେ ଏହାର ପଥ ପ୍ରସ୍ତୁତ କରୁଛି, ସେତେବେଳେ ଆଦମଙ୍କ ପାପୀ ଉତ୍ତରାଧିକାରୀଗଣ ଅନୁତାପ କରୁଛନ୍ତି ଓ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଛନ୍ତି ଓ ତାହାଙ୍କଠାରେ ମୁକ୍ତି ପ୍ରାପ୍ତ ହେଉଛନ୍ତି । ଠିକ୍ ସେହି ମୁହୂର୍ତ୍ତରେ ସେମାନେ ଆତ୍ମିକରୂପେ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି ହୋଇଛନ୍ତି (୨ୟ କରି. ୫:୧୭), ପୁଣି ସେମାନେ ଶାରୀରିକ ଭାବରେ ନୂତନ ସୃଷ୍ଟି ଭାବରେ ତିଆରି ହେବା ପାଇଁ ଅଭିଳାଷ କରିବାକୁ ଆରମ୍ଭ କରନ୍ତି ।

ତେଣୁ ଉଭୟ ଖ୍ରୀଷ୍ଟିୟାନ୍‌ମାନେ ଓ ବିଶ୍ୱବ୍ରହ୍ମାଣ୍ଡ ଆଭ୍ୟନ୍ତର ଭାବରେ ବିଳାପ କରୁଛନ୍ତି ଯେତେବେଳେ ଆମେ ଆମର ଅନ୍ତିମ ମୁକ୍ତିକୁ, ଆମ ଶରୀରର ପୁନରୁତ୍ଥାନକୁ ବ୍ୟଗ୍ରତାର ସହିତ ଅପେକ୍ଷା କରି ରହିଛୁ (ରୋମୀ. ୮:୨୩) । ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନରେ, ଏହି ଆଗ୍ରହପୂର୍ଣ୍ଣ ଆଶା ପୂରଣ ହେବ, ପୁଣି ସୃଷ୍ଟି ନିଜେ ନୂତନୀକୃତ ହେବ । ବିଶ୍ୱବ୍ରହ୍ମାଣ୍ଡ, ଆତ୍ମିକ ଓ ଭୌତିକ, କେତେକ ଅର୍ଥରେ ଆମ ଶରୀର ପରି ପୁନରୁତ୍ଥିତ ହେବ, ତେଣୁ ନିରବଚ୍ଛିନ୍ନତା ଓ ପାର୍ଥକ୍ୟ ରହିଥିବ । ପୁଣି ସେହି ନୂତନ ବିଶ୍ୱବ୍ରହ୍ମାଣ୍ଡର ଏକ ଗୌରବମୟ ନାମ ରହିବ, ଏକ ନୂତନ ଆକାଶମଣ୍ଡଳ ଓ ଏକ ନୂତନ ପୃଥିବୀ, ଧାର୍ମିକର ଗୃହ (୨ୟ ପିତ. ୩:୧୩) ।

## ସୃଷ୍ଟିର ତତ୍ତ୍ୱର ପ୍ରୟୋଗଗୁଡ଼ିକ

ସୃଷ୍ଟିର ତତ୍ତ୍ୱ ଆମ ଚତୁର୍ଦ୍ଦିଗରେ ଥିବା ଈଶ୍ୱରଙ୍କ ଗୌରବ ପ୍ରତି ଆମର ଚକ୍ଷୁ ଖୋଲି ଦେବା ଉଚିତ୍ ପୁଣି ଈଶ୍ୱରଙ୍କ ପ୍ରଶଂସା ଓ ଉପାସନା କରିବା ପାଇଁ ଅସୀମ କାରଣଗୁଡ଼ିକ ପ୍ରତି ଆମକୁ ସକ୍ଷମ କରିବ । ଆମେ ପୃଥିବୀର ସୁନ୍ଦରତା ନିମନ୍ତେ, ଏହାକୁ ତାଡ଼ନା ଦେଉଥିବା ଅଭିଶାପର ସମସ୍ତ ଚିହ୍ନ ସତ୍ତ୍ୱେ ଏହା ତାହାଙ୍କର ଉତ୍ତମତା ଓ ପ୍ରେମ ପ୍ରଦର୍ଶନ କରୁଥିବାରୁ, ଏହାର ବିଭିନ୍ନତା ନିମନ୍ତେ, ଆମର ସମସ୍ତ ଆବଶ୍ୟକତା ଏହା ଯୋଗାଉଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ୍ ।

ସମସ୍ତ ସୃଷ୍ଟି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଶକ୍ତିକୁ କେବଳ ପ୍ରଦର୍ଶନ କରି ନ ଥାଏ, ମାତ୍ର ଗୀତସଂହିତା ୧୩୯ ଅଧ୍ୟାୟରେ ଦାଉଦଙ୍କ ପରି ଆମେ ଚମତ୍କୃତ ହେବା ଉଚିତ୍ ଯେ ଈଶ୍ୱର

ବ୍ୟକ୍ତିଗତରୂପେ ଆମ ମାଆର ଗର୍ଭରେ ଆମକୁ ସଞ୍ଚାରିତ କରିଥିଲେ ଓ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ଧରି ରଖନ୍ତି । ଆମ୍ଭେମାନେ ବୁଝିବା ଉଚିତ୍ ଯେ ଈଶ୍ୱରଙ୍କଠାରେ ଆମେ ଜୀବନଯାପନ କରିଥାଉ ଓ ଗତି କରିଥାଉ ଓ ଆମର ସତ୍ତା ବଜାୟ ରଖିଥାଉ (ପ୍ରେରିତ ୧୭:୨୮) । ଆମ୍ଭେମାନେ ଜାଣିବା ଉଚିତ୍ ଯେ ଈଶ୍ୱର ଆପଣା ହାତରେ ଆମ ଜୀବନକୁ ଓ ଆମର ସମସ୍ତ ପଥକୁ ଧରି ରଖନ୍ତି (ଦାନି. ୫:୨୩) । ଏହା ହିଁ ଆମକୁ ଈଶ୍ୱରଙ୍କ ସହିତ ଭକ୍ତିମିଶ୍ରିତ ଭୟରେ ଈଶ୍ୱରଙ୍କ ସହିତ ଘନିଷ୍ଠ ହେବାକୁ ଦେବା ଉଚିତ୍ ଯାହାକି ଦାଉଦ ଦାଉଦ ଗୀତସଂହିତା ୧୩୯ ଅଧ୍ୟାୟରେ ପ୍ରଦର୍ଶିତ ହୋଇଛି : ମୋର ଅନୁସନ୍ଧାନ କର, ହେ ଈଶ୍ୱର ଓ ମୋର ଅନ୍ତଃକରଣ ଜାଣ! (୨୩ ପଦ) ।

ଆମର ପୁନରୁଜ୍ଜୀବନ ଈଶ୍ୱର ସୃଷ୍ଟିର ଆରମ୍ଭରୁ ଯେପରି କରିଥିଲେ ସେପରି ଅଟେ : ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ ଯେଉଁ ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି (୨ୟ କରି. ୪:୬) । ଏହା ସ୍ପଷ୍ଟରୂପେ ଆମର କଥାବାର୍ତ୍ତାରେ ଈଶ୍ୱରଙ୍କ ସମ୍ପୂର୍ଣ୍ଣ ସାର୍ବଭୌମତ୍ୱ ପ୍ରଦର୍ଶନ କରିଥାଏ । ଈଶ୍ୱର ଯେପରି ସୃଷ୍ଟିରେ ଅନ୍ଧକାର ଶୂନ୍ୟତା ମଧ୍ୟରେ କହୁଅଛନ୍ତି, ଦୀପ୍ତି ହେଉ, ଓ ଦୀପ୍ତି ହୋଇଥିଲା, ତେଣୁ ଏକ ନୂତନ ଆତ୍ମିକ ଆଲୋକ ସୃଷ୍ଟି – ଅର୍ଥାତ୍ ଖ୍ରୀଷ୍ଟଙ୍କ ଆଲୋକ ସୃଷ୍ଟି କରିବା ପାଇଁ ଈଶ୍ୱର ଆମ ହୃଦୟର ଅନ୍ଧକାର ଶୂନ୍ୟତା ମଧ୍ୟରେ କଥା କହିଥିଲେ । ତାହା ହିଁ ପୁନରୁଜ୍ଜୀବନ ଅଟେ, ପୁଣି କେବଳ ଈଶ୍ୱରଙ୍କ ସାର୍ବଭୌମତ୍ୱ ହିଁ ଏହା କରିପାରିବ । ପୁଣି ଯେତେବେଳେ ଈଶ୍ୱର ଏହା କରିବା ପାଇଁ ଇଚ୍ଛା କରନ୍ତି, ସେତେବେଳେ ବିଶ୍ୱବ୍ରହ୍ମାଣ୍ଡର କୌଣସି ଶକ୍ତି ଏହାକୁ ଅଟକାଇ ପାରିବ ନାହିଁ!

ସୃଷ୍ଟି ହିଁ ଈଶ୍ୱରଙ୍କ ସ୍ଥିତି ଓ ଗୁଣାବଳୀ ବିଷୟରେ ସାନ ସାନ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ପିତାମାତାଙ୍କ ପାଇଁ ସରଳତମ ଓ ସ୍ପଷ୍ଟତମ ପ୍ରାରମ୍ଭିକ ସ୍ଥଳ ଅଟେ । ପିତାମାତା ନିରବଚ୍ଛିନ୍ନ ଭାବରେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପ୍ରତି ପ୍ରଶଂସା ଓ ଧନ୍ୟବାଦର ବାକ୍ୟ କହି ସେମାନଙ୍କ ନିଜର ଭାଷା ବ୍ୟକ୍ତ କରିବା ଉଚିତ୍ ଓ ତା'ପରେ ପୂର୍ବ ବିଷୟରେ ଉଲ୍ଲେଖ ହୋଇଥିବା ସେହିସବୁ ଆତ୍ମିକ ଅନୁରୂପତା ଉଲ୍ଲେଖ କରିବା ଉଚିତ୍ ଯେପରି ସେମାନେ ସେମାନଙ୍କ ସନ୍ତାନମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ଶିକ୍ଷା ଦେଇପାରିବେ ।

ବାଇବଲର ଅନେକ ପୁସ୍ତକ ସୃଷ୍ଟିର ତତ୍ତ୍ୱ ବିଷୟରେ କହି ସେଗୁଡ଼ିକର ସୁସମାଚାର ସତ୍ୟର ଉପସ୍ଥାପନ ଆରମ୍ଭ କରନ୍ତି (ଉଦାହରଣସ୍ୱରୂପ ଆଦିପୁସ୍ତକ, ଯୋହନ, ରୋମୀୟ, କଲସୀୟ, ଏବ୍ରୀ) । ଏହା ହିଁ ଯୋଗାଯୋଗର ଏକ ବିଷୟ ଅଟେ, ଯାହାକୁ ନେଇ ଆମେ ବାଇବଲ ବିଷୟରେ ଅଜ୍ଞ ଜଗତ ସହିତ ଯୋଗାଯୋଗ କରିପାରିବା । ଆମେ ଯେତେବେଳେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁସମାଚାର ପହଞ୍ଚି ନ ଥିବା ଲୋକ ଦଳଗୁଡ଼ିକ ନିକଟକୁ ସୁସମାଚାର ନେବା ପାଇଁ ଅନ୍ୱେଷଣ କରୁ, ସେତେବେଳେ ଆମ ଘୋଷଣାର ପ୍ରାରମ୍ଭିକ ବିଷୟ ଅପରିହାର୍ଯ୍ୟ

ଭାବରେ ହେବ ସୃଷ୍ଟି । ଏହା ଆମ ସଂସ୍କୃତିରେ ମଧ୍ୟ ବହୁଳ ଭାବରେ ସତ୍ୟ ଅଟେ, ଯେପରି ପାଶ୍ଚାତ୍ୟ ଜଗତରେ ବହୁତ କମ୍ ଲୋକ ଶାସ୍ତ୍ର ଜାଣନ୍ତି । ଆହୁରିମଧ୍ୟ ସୁସମାଚାର ବାର୍ତ୍ତା ନିଜେ ସୃଷ୍ଟି ସହିତ ଘନିଷ୍ଠରୂପେ ବାନ୍ଧି ହୋଇଯିବା ଉଚିତ୍ ।

ପୃଥିବୀ ଏହାର ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ଆମ ସହିତ ଲାଗି ରହିଥିଲା, ପୁଣି ସେଥିପାଇଁ ଆମେ ଅନ୍ୟ କାହାର ସମ୍ପତ୍ତିର କେବଳ ଭଣ୍ଡାରଘରିଆ ଅଟୁ । ଆମ୍ଭେମାନେ ଆମ ସ୍ୱର୍ଗସ୍ଥ ପିତାଙ୍କ ଏକ ସୃଷ୍ଟି ଭାବରେ ପୃଥିବୀକୁ ସମ୍ମାନ କରିବା ଉଚିତ୍ ଓ ଏହାକୁ ପ୍ରେମରେ ଗ୍ରହଣ କରିବା ଉଚିତ୍ । ଆମ୍ଭେମାନେ ପୃଥିବୀର *ସେବା କରିବା* ଓ ଏହାକୁ *ସୁରକ୍ଷା ଦେବା* ଉଚିତ୍, ସୃଷ୍ଟିର ଉପାସନା ନ କରି ଏହାକୁ ଈଶ୍ୱରଙ୍କ ଅଧୀନରେ ସମ୍ପୂର୍ଣ୍ଣ ଅନ୍ତର୍ନିହିତ ଭାବରେ ରଖିବା ଉଚିତ୍ ।

ବିଜ୍ଞାନ ଅଧ୍ୟୟନ କରିବାକୁ ଆହୂତ ସମସ୍ତ ବିଶ୍ୱାସୀ ଅନ୍ୟ ପ୍ରତ୍ୟେକ ବିଷୟର ଊର୍ଦ୍ଧ୍ୱରେ ରହି ଜଣେ ଉପାସକ ପରି ତାହା କରିବା ଉଚିତ୍ । ବୈଜ୍ଞାନିକଗଣ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଚମତ୍କାରିତାକୁ ପ୍ରକାଶ କରିବା ପରି ସେମାନଙ୍କ କାର୍ଯ୍ୟ କରିବା ଉଚିତ୍, ସେମାନେ ସେହି ଚମତ୍କାରିତାକୁ ସେମାନଙ୍କ ଭାଇ ଓ ଭଉଣୀମାନଙ୍କ ପ୍ରତି ଉପଲବ୍ଧ କରିବା ଉଚିତ୍ ଯେପରି ଉପାସନା କରାଯାଇପାରିବ ଓ ମାନବ ଜାତିର ମଙ୍ଗଳ କରାଯାଇପାରିବ। ବୈଜ୍ଞାନିକଗଣ ସୃଷ୍ଟିରେ ନୂତନ ସତ୍ୟ ଉନ୍ମୋଚନ କରିବା ବେଳେ ବାଇବଲର ସତ୍ୟ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ସମର୍ପଣ କରିବା ଅନୁଚିତ୍ ।

ବାଇବଲ ହିଁ ମାନବ ଜାତି ପ୍ରତି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଓ ସ୍ପଷ୍ଟ ପ୍ରକାଶନ ଅଟେ, ମାତ୍ର ଆମ ଚତୁର୍ଦ୍ଦିଗରେ ଥିବା ସୃଷ୍ଟିରୁ ବାଇବଲ ନିଜେ ନିର୍ବୁଦ୍ଧିଆ ଭାବରେ ପୃଥକ୍ ହୋଇଛି । ବାଇବଲ ଆମକୁ ଆତ୍ମିକ ସତ୍ୟ ଶିକ୍ଷା ଦେବା ପାଇଁ ଭୌତିକ ଅନୁରୂପ ବିଷୟ ବ୍ୟବହାର କରି ଏହି ଜଗତର ଭାଷାରେ ହିଁ ଆମ ସହିତ କଥା କହିଥାଏ । ଯୀଶୁ ଏହା ସର୍ବଦା କରନ୍ତି : କ୍ଷେତର ପୁଷ୍ପଗୁଡ଼ିକ ବିଷୟ ବିବେଚନା କର (ମାଥି. ୬:୨୮) । ବାୟୁ ଯେଉଁ ଦିଗରେ ଇଚ୍ଛା କରେ, ସେହି ଦିଗରେ ବହେ, ଆଉ ତୁମ୍ଭେ ତାହାର ଶବ୍ଦ ଶୁଣିଥାଅ, ..... ଆତ୍ମାଙ୍କଠାରୁ ଜାତ ପ୍ରତ୍ୟେକ ଲୋକ ସମ୍ବନ୍ଧରେ ସେହିପ୍ରକାର (ଯୋହନ ୩:୮) ସେ ସେମାନଙ୍କୁ ଆଉ ଗୋଟିଏ ଦୃଷ୍ଟାନ୍ତ କହିଲେ, ସ୍ୱର୍ଗରାଜ୍ୟ ଖମୀର ସଦୃଶ ଜଣେ ସ୍ତ୍ରୀ ତାହା ଘେନି ମହଣେ ମଇଦା ମଧ୍ୟରେ ଘୋଡ଼ାଇ ରଖିଲା, ଆଉ ଶେଷରେ ସମସ୍ତ ଖମୀରମୟ ହେଲା (ମାଥି. ୧୩:୩୩) ।

ଆମ୍ଭେମାନେ ଯେତେବେଳେ ଏହି ପାପ-ଅଭିଶପ୍ତ ଜଗତ ମଧ୍ୟରେ ଜୀବନ ମଧ୍ୟଦେଇ ଗତି କରିଥାଉ, ସେତେବେଳେ ଆମ୍ଭେମାନେ ସହଜରେ କ୍ଲାନ୍ତ ଓ ନିରୁତ୍ସାହିତ ହୋଇଯାଇପାରିବା । ଗୀତସଂହିତା ୨୩ ଅଧ୍ୟାୟ କହେ, ସେ ମୋ' ପ୍ରାଣକୁ ସୁସ୍ଥ କରନ୍ତି (୩ ପଦ) । ତେଣୁ ଅନେକ ସମୟରେ ଈଶ୍ୱର ଆପଣା ସୃଷ୍ଟିର ସତେଜକରଣ ଶକ୍ତିରେ ତାହା କରନ୍ତି। ପ୍ରକୃତି ମଧ୍ୟକୁ ପର୍ଯ୍ୟଟନ କରିବା ଖ୍ରୀଷ୍ଟଙ୍କ ସହିତ ଆପଣଙ୍କ ଗମନର ଏକ

ନିୟମିତ ଅଂଶ କରନ୍ତୁ । ଏକ ପର୍ବତ ଉପରେ ଚଢ଼ନ୍ତୁ ଓ ଭୂପୃଷ୍ଠରୁ ଉଠୁଥିବା ଉତ୍ତପ୍ତ ପବନର ସ୍ରୋତରେ ଉଡ଼ୁଥିବା ବାଜପକ୍ଷୀଗୁଡ଼ିକୁ ଲକ୍ଷ୍ୟ କରନ୍ତୁ । ସୁନ୍ଦର ଉପତ୍ୟକାକୁ ଯାତ୍ରା କରନ୍ତୁ ପୁଣି ଏହାର ଅସୀମତା ଓ ଉଜ୍ଜ୍ୱଳ ରଙ୍ଗ ଦେଖି ଚମତ୍କୃତ ହୁଅନ୍ତୁ । ଈଶ୍ୱରଙ୍କ ସୃଷ୍ଟିକୁ ଆପଣଙ୍କ ପ୍ରାଣକୁ ସତେଜ କରିବାକୁ ଦିଅନ୍ତୁ ।

ରୋମୀୟ ୮ ଅଧ୍ୟାୟ ଶରୀରର ପୁନରୁତ୍ଥାନରେ ଥିବା ଖ୍ରୀଷ୍ଟୀୟ ଆଶା ବିଷୟରେ ତଥା ବିଶ୍ୱବ୍ରହ୍ମାଣ୍ଡର ନିହିତାର୍ଥ ବିଷୟରେ କହିଥାଏ । ଆଗାମୀ ନୂତନ ସୃଷ୍ଟି ପାଇଁ ବହୁଳ ଆଶା କରି ଆପଣଙ୍କ ଜୀବନ ଯାପନ କରନ୍ତୁ । ଏଥିପାଇଁ ପ୍ରବଳ ଇଚ୍ଛା ପ୍ରକାଶ କରନ୍ତୁ, ଏଥିପାଇଁ ପ୍ରାର୍ଥନା କରନ୍ତୁ, ଏଥିପାଇଁ ଜୀବନଯାପନ କରନ୍ତୁ, ଓ ବିନଷ୍ଟ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ଦ୍ୱାରା ଏହାକୁ ତ୍ୱରାନ୍ୱିତ କରନ୍ତୁ ।

୫

# ପାପ ଓ ପତନ

*ରେଡ଼ିଟ୍ ଆଣ୍ଡ୍ରିଉ ୩*

ମାନବ ଜାତି ଓ ସେମାନଙ୍କ ଜଗତରେ କୌଣସି ବିଷୟ ଭୟଙ୍କର ଭୁଲ୍ ହୋଇଯାଇଛି । ସମସ୍ତ ଧର୍ମର ଲୋକମାନେ ଓ ଧର୍ମବିହୀନ ବିଶ୍ୱାସ ଏହା ଜାଣିପାରନ୍ତି । ଉଦାହରଣସ୍ୱରୂପ, ଆଧୁନିକ ଯୁଗର ଲୋକମାନେ ଯେତେବେଳେ ବହୁତ ବୈଷୟିକ ଓ ଡ଼ାକ୍ତରୀ ବିଷୟ ଜାଣିପାରିଛନ୍ତି, ସେତେବେଳେ ସେମାନେ ବହୁତ ଭୟଙ୍କର ବିଶୃଙ୍ଖଳା ମଧ୍ୟ ସୃଷ୍ଟି କରିଛନ୍ତି । ଏକ ଆକଳନରୁ ଜଣାଯାଇଛି ଯେ କେବଳ ବିଂଶ ଶତାବ୍ଦୀରେ ଯୁଦ୍ଧ ଓ ତାଡ଼ନା ଦ୍ୱାରା ୧ କୋଟି ୮୮ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ,[1] ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ବଳାତ୍କାର କରାଯାଇଥିଲା, ଅଙ୍ଗଚ୍ଛେଦନ କରାଯାଇଥିଲା, କିମ୍ୱା ମୃତ୍ୟୁ ପୂର୍ବରୁ ତାଡ଼ନା ଦିଆଯାଇଥିଲା । ଖ୍ରୀଷ୍ଟଫୋର୍ ରାଇଟ୍ ବିବରଣୀ ଦିଅନ୍ତି :

> ୨୦୦୧ ମସିହା ସେପ୍ଟେମ୍ୱର ମାସର ୧୧ ତାରିଖରେ ନିୟୁ ୟର୍କରେ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ହୋଇଥିବା ଆକ୍ରମଣରେ ଜଗତ ଆତଙ୍କିତ ହୋଇଯାଇଥିଲା, ଯେଉଁଥିରେ ପ୍ରାୟ ତିନି ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଆଫ୍ରିକା ପ୍ରତିଦିନ ଦୁଇଟି ୯/୧୧ ସହିତ ସମାନ୍ ଦୁଃଖ ଭୋଗ କରିଆସୁଛି । ଭାରତ ମହାସାଗରରେ ୨୦୦୪ ମସିହାରେ ଯେଉଁ ସୁନାମି ଆସିଥିଲା ତାହା ଗୋଟିଏ ଦିନରେ ପ୍ରାୟ ୩,୦୦,୦୦୦ ଲୋକଙ୍କ ଜୀବନ ନେଇଯାଇଥିଲା । ଆଫ୍ରିକାରେ ପ୍ରତିମାସ ଗୋଟିଏ ସୁନାମି ସମାନ୍ ଏଚ୍ଆଇଭି/ଏଡ୍ସ୍ ରୋଗରେ ଲୋକ କବଳିତ ହୁଅନ୍ତି ।[2]

ମାନବ ଜାତି ପ୍ରତି ପ୍ରକୃତରେ କେଉଁ ଭୁଲ୍ ହୋଇଛି ?

## ମନୁଷ୍ୟର ଅପ୍ରୀତିକର ଅବସ୍ଥାର ଉତ୍ତର ଦେବା

ଅନେକ ଲୋକ – ବିଜ୍ଞାନ, ଶିକ୍ଷା, ରାଜନୀତି ଓ ଧର୍ମର ନେତାମାନଙ୍କ ସମେତ – ପ୍ରାକୃତିକ ବିବର୍ତ୍ତନର ତତ୍ତ୍ୱ ସତ୍ୟ ଅଟେ ବୋଲି ଅନୁମାନ କରି ମନୁଷ୍ୟର ଅପ୍ରୀତିକର ଅବସ୍ଥାକୁ ସମୀକ୍ଷା କରନ୍ତି । ଏହି ତତ୍ତ୍ୱ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥାଏ ଯେ ମନ୍ଦତା ହିଁ ମୂଳ ପୋଷାକର ଅଂଶ ବିଶେଷ ଅଟେ, ଯେଉଁଥିରୁ ମନୁଷ୍ୟର ଇତିହାସ ରଚିତ ହୋଇଛି । ଉଦାହରଣସ୍ୱରୂପ, ଫ୍ରାନ୍ସ୍‌ର ଜଣେ ଦାର୍ଶନିକ, ପଲ୍ ରିକୋର୍ ଲେଖିଥିଲେ :

> ଆମ୍ଭେମାନେ ଜାଣିପାରୁ ଯେ ମନ୍ଦତା ନିଜେ ହିଁ ଅତି ପ୍ରାଚୁର୍ଯ୍ୟତାର ଅର୍ଥନୀତିର ଅଂଶବିଶେଷ ଅଟେ ..... । ସେଥିପାଇଁ ଆମକୁ ଆଶାର କବିତାରେ ମନ୍ଦତାକୁ

> ଅନ୍ତର୍ଭୁକ୍ତ କରିବା ପାଇଁ ଉତ୍ସାହିତ ହେବାକୁ ପଡ଼ିବ । ଗୋଟିଏ ଉପାୟରେ ଆମେ ଜାଣିପାରୁ ନାହୁଁ ଯେ ମନ୍ଦତା ନିଜେ ସହଯୋଗ କରିଥାଏ, ଈଶ୍ୱରଙ୍କ ରାଜ୍ୟର ଅଭିବୃଦ୍ଧି ପ୍ରତି କାର୍ଯ୍ୟ କରିଥାଏ । ..... ବିଶ୍ୱାସ ଜ୍ଞାନୀ ଲୋକମାନଙ୍କୁ ଠିକ୍ ବୋଲି ସାବ୍ୟସ୍ତ କରିଥାଏ, ଯେଉଁମାନଙ୍କ ପାଇଁ ସଂସ୍କୃତିର ବଡ଼ ପ୍ରେମରେ ମନ୍ଦତା ହିଁ ମାନବ ଜାତିର ଶିକ୍ଷାରେ ଏକ ବିଷୟ ଅଟେ, ତାହା କଠୋର ଧର୍ମପାଳନ କରୁଥିବା ବ୍ୟକ୍ତି ତାହା କରିପାରନ୍ତି ନାହିଁ, ଯେଉଁମାନେ ଦୋଷାରୋପରୁ ଅନୁଗ୍ରହ କରିବା ପାଇଁ ପଦକ୍ଷେପ ନେବାକୁ କେବେ ବି ସଫଳ ହୋଇପାରନ୍ତି ନାହିଁ।[୩]

କେତେକ ଅର୍ଥରେ ମୁସଲ୍‌ମାନ୍ ଧର୍ମ ମନ୍ଦତାକୁ ମାନବ ଅଭିବୃଦ୍ଧିର ଏକ ପ୍ରାକୃତିକ ଓ ଅପରିହାର୍ଯ୍ୟ ଅଂଶ ଭାବରେ ଗ୍ରହଣ କରିଥାଏ । ଏହା ନୋମାନୁଲ୍ ହକ୍‌ଙ୍କ ଦ୍ୱାରା ଏହା ପ୍ରକାଶିତ ହୋଇଛି :

> ମନୁଷ୍ୟ ଉଦ୍ୟାନରୁ ବାହାରି ଯାଇଥିଲା, ତା'ପରେ ପ୍ରାକୃତିକରୂପେ ଜନ୍ମ ନେଇଥିଲା – ମାଆର ଗର୍ଭରୁ ଜନ୍ମ ନେଉଥିବା ଜଣେ ଶିଶୁ, ଏକ ପକ୍ଷୀ ଅଣ୍ଡାକୁ ଭାଙ୍ଗି ବାହାରି ଆସିବା, କିମ୍ବା ଏକ ଡ଼ାଳରୁ ଫୁଟି ଉଠୁଥିବା କଢ଼ । ଅବଶ୍ୟ ପ୍ରକୃତି ପରି ଆଦମଙ୍କୁ ଆତ୍ମିକରୂପେ, ବୌଦ୍ଧିକ ଭାବରେ ବିକଶିତ ହେବାକୁ ପଡ଼ିଥିଲା – ଠିକ୍ ଯେପରି ଜଣେ ଶିଶୁ ବୟସ୍କ ଭାବରେ ବଢ଼ିଥାଏ, ପୁଣି ଏକ ବୀଜ ଏକ ବଡ଼ ଦ୍ରୁମରେ ପରି ବଢ଼ିଥାଏ ।[୪]

ତେଣୁ ମୁସଲ୍‌ମାନ୍ ଧର୍ମରେ ମନୁଷ୍ୟର ଅବସ୍ଥା ଏକ ପତନରୁ ଉଦ୍ଧାରପ୍ରାପ୍ତ ହେବାରେ ସମ୍ପୃକ୍ତ ହୋଇ ନ ଥାଏ, ଯେପରି ମୌଳିକ ଗୌରବ ଲାଭ କରାଯାଇପାରିବ, ବରଂ କୋରାନ୍‌ରେ ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ବାଧ୍ୟତକରଣର ଏକ ସେଟ୍‌କୁ ସଫଳ କରିବା ପାଇଁ କୁହାଯାଇଛି ।

ଅପରପକ୍ଷରେ, ଖ୍ରୀଷ୍ଟଧର୍ମ ଅନନ୍ୟ ଭାବରେ ମନୁଷ୍ୟର ବିପର୍ଯ୍ୟୟଗୁଡ଼ିକୁ ସମୀକ୍ଷା କରିଥାଏ । ଖ୍ରୀଷ୍ଟଧର୍ମ ମନ୍ଦତାକୁ ଦୁଇଟି ସମ୍ପର୍କିତ ବର୍ଗରେ ଏହାକୁ ସ୍ଥାପନ କରିବା ଦ୍ୱାରା ମନ୍ଦତାକୁ ସମୀକ୍ଷା କରିଥାଏ: ପାପ ଓ ପତନ । ପାପ ହେତୁ ମନ୍ଦତାର ସ୍ଥିତି ଅଛି, ପୁଣି ମାନବ ଇତିହାସର ଆଦ୍ୟକାଳରେ ପତନ ହୋଇଥିବାରୁ ପାପର ସ୍ଥିତି ଅଛି। ମୂଳ ପାପ ବିଷୟରେ ଆପଣାର ମହାନ୍ ପୁସ୍ତକରେ, ଯୋନାଥନ୍ ଏଡ୍‌ୱାର୍ଡ଼ ଲେଖନ୍ତି ଯେ ଆଦମଙ୍କ ପାପ ଜଗତ ମଧ୍ୟକୁ ମନ୍ଦତା ଆଣିଥିଲା :

> ମୁଁ ଧର୍ମତତ୍ତ୍ୱକୁ ବହୁତ ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖିଥାଏ ଯେ ଯଦି ଏହା ସତ୍ୟ ହୋଇଥାଏ, ତେବେ ତାକୁ ପ୍ରତ୍ୟେକ ଲୋକ ନିଃସନ୍ଦେହରେ ସ୍ୱୀକାର କରିବେ । କାରଣ ଅବଶ୍ୟ, ଯଦି ଏହା ହିଁ କାରଣ ହୋଇଥାଏ, ଯେ ପ୍ରକୃତି ଦ୍ୱାରା ସମସ୍ତ ମାନବ ଜାତି ସମ୍ପୂର୍ଣ୍ଣରୂପେ ଧ୍ୱଂସ ହୋଇଯାଇଛନ୍ତି, ତେବେ ଉଭୟେ ନୈତିକ ଭାବରେ ମନ୍ଦ ହୋଇଛନ୍ତି, ଯାହାର ସେମାନେ ଅଧୀନସ୍ଥ ଅଟନ୍ତି, ପୁଣି କ୍ଳେଶଦାୟକ ମନ୍ଦତା

ଯାହା ପ୍ରତି ସେମାନେ ପ୍ରକାଶିତ ହୋଇଛନ୍ତି, ତାହା ଅନ୍ୟମାନଙ୍କର ଫଳ ଓ ଦଣ୍ଡ ଅଟେ ତା'ପରେ ନିଃସନ୍ଦେହ ଯେ ବଡ଼ ପରିତ୍ରାଣ ଏହାକୁ ସର୍ତ୍ତରୂପେ ଗ୍ରହଣ କରିବାକୁ ପଡ଼ିବ ପୁଣି ସମସ୍ତ ବାସ୍ତବ ବିଶ୍ୱାସ, କିମ୍ବା ସୁସମାଚାରର ପ୍ରକୃତ ମନୋଭାବ, ଏହା ଉପରେ ଗଠିତ ହେବାକୁ ପଡ଼ିବ ।[୫]

ବ୍ଲେସ୍ ପାସ୍କାଲ୍ ଲେଖନ୍ତି :

ମାତ୍ର ଏହା ଏକ ଚମତ୍କାର ବିଷୟ ଅଟେ ଯେ ଆମ ଜ୍ଞାନରୁ ଯେଉଁ ରହସ୍ୟ ସବୁଠାରୁ ଦୂରବର୍ତ୍ତୀ ଭାବରେ ଦୂର ହୋଇଛି – ପାପର ପ୍ରସାରଣର ରହସ୍ୟ – କିଛି ବିଷୟ ଅଟେ ଯାହା ବିନା ଆମର ନିଜ ବିଷୟରେ କୌଣସି ଜ୍ଞାନ ହୋଇପାରିବ ନାହିଁ!

କାରଣ ନିଃସନ୍ଦେହ ଯେ ପ୍ରଥମ ମନୁଷ୍ୟର ପାପ ହିଁ ସଂକ୍ରମିତ ହେବାର ଉତ୍ସଠାରୁ ଏତେ ଦୂରରେ ଅଛି ଯେ ସେମାନେ ଯେ ଏହାଦ୍ୱାରା ସଂକ୍ରମିତ ହୋଇଥିବେ ଏହା ଜଣାଯିବା ଅସମ୍ଭବ ଅଟେ, ସେପରି ଦୂରରେ ଥିବା ଲୋକମାନଙ୍କର ଦୋଷର କାରଣ ବୋଲି କହିବା ଅପେକ୍ଷା ଅନ୍ୟ କୌଣସି ବିଷୟ ଅଧିକ ଆଘାତଦାୟକ ନୁହେଁ । ଆମ ପ୍ରତି ପାପ ସଂକ୍ରମିତ ହେବା କେବଳ ଅସମ୍ଭବ ମନେ ହୋଇ ନ ଥାଏ, ମାତ୍ର ଏପରିକି ଏହା ବହୁତ ଅନ୍ୟାୟ ବୋଲି ମଧ୍ୟ ଜଣାଯାଇଥାଏ କାରଣ ପାପ କରିବା ପାଇଁ ଇଚ୍ଛାଶକ୍ତି ନ ଥିବା ଜଣେ ସନ୍ତାନକୁ ଅନନ୍ତ ଦୋଷାରୋପ କରିବା ଯାହା ସହିତ ସେ ବହୁତ କମ୍ ଅଂଶ ଖେଳିବା ପରି ଜଣାଯାଇଥାଏ, ପୁଣି ଯାହାକି ସେ ଜନ୍ମଗ୍ରହଣ କରିବାର ଛଅହଜାର ବର୍ଷ ପୂର୍ବରୁ କରାଯାଇଥିଲା ସେ ବିଷୟରେ ତାକୁ ଦୋଷାରୋପ କରିବା ଅପେକ୍ଷା ଆମର ଦୁଃଖଦାୟକ ନ୍ୟାୟ ପ୍ରତି ଯେଉଁ ବିଷୟ ବା ଅଧିକ ବିପରୀତ ଜଣାଯାଇପାରିବ ? ଆମ ପ୍ରତି ଏହି ପ୍ରକାର ଏକ ଧର୍ମତତ୍ତ୍ୱ ଅପେକ୍ଷା ଅନ୍ୟ କୌଣସି ବିଷୟ ଏତେ ଅଧିକ ଆଘାତପ୍ରଦ ନୁହେଁ, ପୁଣି ତଥାପିମଧ୍ୟ ଏହି ରହସ୍ୟ ବିନା ଯାହାକି ସମସ୍ତଙ୍କର ସର୍ବାଧିକ ଦୁର୍ବୋଧ ଅଟେ, ତାକୁ ଆମେ ଆମ ନିଜ ପ୍ରତି ଦୁର୍ବୋଧ କରିବା ଉଚିତ୍ । ଆମ ଅବସ୍ଥାର ଜଟିଳ ଗଣ୍ଠି ଏହାର ବକ୍ରତାକୁ ଧରି ରଖିଥାଏ ଓ ସେହି ଗଭୀରତାରେ ପରିଣତ କରିଥାଏ ଯେପରି ମନୁଷ୍ୟ ପ୍ରତି ରହସ୍ୟ ଅପେକ୍ଷା ସେହି ରହସ୍ୟ ବିନା ମନୁଷ୍ୟ ଅଧିକ କଳ୍ପନାତୀତ ଅଟେ ।[୬]

କେବଳ ଖ୍ରୀଷ୍ଟଧର୍ମ ହିଁ ମନୁଷ୍ୟର ବିପର୍ଯ୍ୟୟ ବିଷୟକୁ ଅଧିକ ଯଥେଷ୍ଟ ଭାବରେ ସମୀକ୍ଷା କରିପାରିଥାଏ । ପାପ ହେତୁ ମନ୍ଦର ସ୍ଥିତି ଅଛି, ପୁଣି ପତନ ହେତୁ ପାପର ସ୍ଥିତି ଅଛି । ପୁଣି ପାପ ପୃଥିବୀରୁ ନୁହେଁ, ମାତ୍ର ସ୍ୱର୍ଗରୁ ହିଁ ଉତ୍ପନ୍ନ ହୋଇଥିଲା ।

ପ୍ରଥମ ଘଟଣାରୁ ପାପ ପୃଥିବୀକୁ ଆସି ନ ଥିଲା, ମାତ୍ର ସ୍ୱର୍ଗରେ, ଈଶ୍ୱରଙ୍କ ଉପସ୍ଥିତିରେ ଘଟିଥିଲା, ପୁଣି ତାହାଙ୍କ ସିଂହାସନର ପାଦଦେଶରୁ ହୋଇଥିଲା। ଈଶ୍ୱରଙ୍କୁ ପ୍ରତିରୋଧ କରିବା ପାଇଁ ଦୂତମାନଙ୍କ ଅନ୍ତରରେ ପ୍ରଥମେ ସେହି ଚିନ୍ତା, ଇଚ୍ଛା ଓ ଅଭିଳାଷ ଜାତ ହୋଇଥିଲା ।[୭]

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

### ପାପର ପ୍ରବେଶ

''ଆଦ୍ୟରେ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟି କଲେ'' (ଆଦି. ୧:୧) ।ି ଦୂତଗଣ ଆନନ୍ଦଦାୟକ ଗୀତ ବୋଲି ଉତ୍ତର ଦେଇଥିଲେ : କାହା ଉପରେ ତହିଁର ଭିତ୍ତିମୂଳ ଦୃଢ଼ୀକୃତ ହେଲା ? ଅବା ପ୍ରଭାତୀୟ ନକ୍ଷତ୍ରଗଣ ଏକ ସଙ୍ଗେ ଗାନ କରିବା ବେଳେ ଓ ପରମେଶ୍ୱରଙ୍କ ସନ୍ତାନଗଣ ଆନନ୍ଦରେ ଜୟଧ୍ୱନି କରିବା ବେଳେ କିଏ ତହିଁର କୋଣ-ପ୍ରସ୍ତର ବସାଇଲା ? (ଆୟୁବ ୩୮:୬-୭) । ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିବା ପରେ, ପରମେଶ୍ୱର ଆପଣା ନିର୍ମିତ ପ୍ରତ୍ୟେକ ବସ୍ତୁ ପ୍ରତି ଦୃଷ୍ଟି କଲେ, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ । ତହିଁରେ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ଷଷ୍ଠ ଦିବସ ହେଲା (ଆଦି. ୧:୩୧) । ପରେ ଦୂତଗଣ ପାପ କରିଥିଲେ ଓ ସେମାନଙ୍କୁ ପକାଇ ଦିଆଯାଇଥିଲା (୨ୟ ପିତ. ୨:୪ ଯିହୁଦା ୬) । ଆଦମ, ଯାହାଙ୍କର ଖ୍ରୀଷ୍ଟଙ୍କ ସହିତ ସମାନ୍ତର ସମ୍ପର୍କ (ରୋମୀ. ୫:୧୨-୧୯ ୧ମ କରି. ୧୫:୨୨, ୪୫-୪୯), ମାନବ ଜାତିକୁ ପ୍ରତିନିଧିତ୍ୱ କରିଥାଏ ।

> ପୁଣି ପ୍ରଭୁ ଈଶ୍ୱର ମନୁଷ୍ୟକୁ ଆଜ୍ଞା ଦେଇ କହିଥିଲେ, ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ ଯେହେତୁ ଯେଉଁ ଦିନ ତାହା ଖାଇବ ସେହି ଦିନ ନିତାନ୍ତ ମରିବ (ଆଦି. ୨:୧୬-୧୭)

ଆଦମ ଓ ହବା ଯେତେବେଳେ ଈଶ୍ୱରଙ୍କ ଅନାଜ୍ଞାବହ ହେଲେ ଓ ମନାଫଳ ଖାଇଲେ, ସେତେବେଳେ ପାପ ମାନବ ଜାତି ମଧ୍ୟରେ ପ୍ରବେଶ କଲା ।

> ଅତଏବ ଯେପରି ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା, ଆଉ ସେହି ପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା, ଯେଣୁ ସମସ୍ତେ ତ ପାପ କଲେ - କାରଣ ବ୍ୟବସ୍ଥା ପର୍ଯ୍ୟନ୍ତ ପାପ ଜଗତରେ ଥିଲା, କିନ୍ତୁ ବ୍ୟବସ୍ଥା ନ ଥିଲେ ପାପ ଗଣାଯାଏ ନାହିଁ ତଥାପି ଯେଉଁମାନେ ଆଦମଙ୍କ ଆଜ୍ଞାଲଂଘନ ସଦୃଶ ପାପ କରି ନ ଥବଲେ, ଆଦମଙ୍କଠାରୁ ମୋଶାଙ୍କ ପର୍ଯ୍ୟନ୍ତ ସେମାନଙ୍କ ଉପରେ ସୁଦ୍ଧା ମୃତ୍ୟୁ ରାଜତ୍ୱ କରିଥିଲା ଯାହାଙ୍କ ଆଗମନର କଥା ଥିଲା, ଆଦମ ତାହାଙ୍କର ପ୍ରତିରୂପ । (ରୋମୀ. ୫:୧୨-୧୪)

ଶୟତାନ ଆଦମଙ୍କ ନିକଟକୁ ତାହାଙ୍କ ସ୍ତ୍ରୀ ହବାଙ୍କ ମାଧ୍ୟମରେ ପ୍ରବେଶ କରିଥିଲା।

> ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀଙ୍କୁ ଦିଅନ୍ତେ ସେ ମଧ୍ୟ ଖାଇଲେ । ତହିଁରେ ସେମାନଙ୍କ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ସେମାନେ ନିଜ ଉଲଙ୍ଗତାର ବୋଧ ପାଇ ଡ଼ିମିରି ବୃକ୍ଷର ପତ୍ର ସିଇଁ ଘାଗରା ବନାଇଲେ। (ଆଦି. ୩:୬-୭ଖ)

*ମୂଳ ଧାର୍ମିକତା*

ଈଶ୍ୱର ଆଦମଙ୍କୁ ସିଦ୍ଧ କରି ସୃଷ୍ଟି କରିଥିଲେ । ତାଙ୍କର ତାହା ଥିଲା ଯାହାକୁ କି ଆମେ ହୁଏତ କହିବା ମୌଳିକ ଧାର୍ମିକତା । ଏହା ଏକ ପରୀକ୍ଷାଧୀନ ଅବଧି ଥିଲା ଯେଉଁଥିରେ ଆଦମ ଓ ହବାଙ୍କୁ ପ୍ରଲୋଭନରେ ପକାଯାଇଥିଲା ଓ ଏହା ପ୍ରତି ସମର୍ପଣ କରାଯାଇଥିଲା । ପାପ ନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ଥିଲା, ପୁଣି ପାପ କରିବା ବି ସେମାନଙ୍କ ପକ୍ଷରେ ସମ୍ଭବ ଥିଲା ।

> ଈଶ୍ୱର ମନୁଷ୍ୟକୁ ବିପରୀତ ମନୋନୟନ କରିବାର ଶକ୍ତି ଦେଇଥିଲେ । ମନୁଷ୍ୟ ନିଜ ଇଚ୍ଛାରେ, କୌଣସି ବାହ୍ୟ ବାଧବାଧକତା କିମ୍ବା ସ୍ଥିର ନିଶ୍ଚୟତା ବିନା ପାପ ପ୍ରତି ପ୍ରତିବଦ୍ଧତାରେ ସେହି ଶକ୍ତି ବ୍ୟବହାର କରିଥିଲା । ତାଙ୍କର ଶାରୀରିକ ଅବସ୍ଥାରୁ, କିମ୍ବା ତାଙ୍କର ନୈତିକ ପ୍ରକୃତିରୁ, କିମ୍ବା ତାଙ୍କର ବାତାବରଣର ପ୍ରକୃତିରୁ ଏପରି କୌଣସି ଆବଶ୍ୟକତା ହୋଇ ନ ଥିଲା, ତେବେ ସେ କାହିଁକି ଯେ ପାପ କରିବେ । ମନୁଷ୍ୟର ଆତ୍ମା ମଧ୍ୟରେ ଏହା ଏକ ମୁକ୍ତ ଗତି ଥିଲା । ଲେଡ୍‌ଲଙ୍କର ବାକ୍ୟ ବ୍ୟବହାର କରିବା ପାଇଁ ଏହା ଏକ ବାହ୍ୟ ପ୍ରସ୍ତାବ ସହିତ, ପୁଣି ଏକ ବାହ୍ୟ ସମୟରୁ ଆସିଥିଲା, ମାତ୍ର ଏହା ଏକ ଆଭ୍ୟନ୍ତରୀଣ ସଙ୍କଟ ଥିଲା ।[୯]

ଆଦମଙ୍କ ପ୍ରଲୋଭନ ଯୁକ୍ତିଯୁକ୍ତ ଥିଲା, ମାତ୍ର ସେଥିପ୍ରତି ସମର୍ପଣ କରିଦେବା ଯୁକ୍ତିଯୁକ୍ତ ନ ଥିଲା । ଈଶ୍ୱର ଆଦମଙ୍କୁ ଆଶୀର୍ବାଦ କରି ଏହି ପୃଥିବୀ ଉପରେ କର୍ତ୍ତୃତ୍ୱ କରିବାକୁ ଦେଇଥିଲେ, ଜଣେ ସ୍ତ୍ରୀ ତାଙ୍କ ସହିତ ଭାବ ବିନିମୟ କରିଥିଲେ, ପୁଣି ସ୍ୱୟଂ ଈଶ୍ୱର ତାଙ୍କ ସହିତ ସହଭାଗିତା କରୁଥିଲେ । ଗୋଟିଏ ମାତ୍ର ଗଛକୁ ଛାଡ଼ି ଈଶ୍ୱର ସମ୍ପୂର୍ଣ୍ଣ ସୃଷ୍ଟିକୁ ଆଦମଙ୍କ କର୍ତ୍ତୃତ୍ୱ ଅଧୀନରେ ରଖିଥିଲେ । ଈଶ୍ୱରଙ୍କ ଲାଭଗୁଡ଼ିକ ବହୁଳ ଥିଲା, ପୁଣି ମନା ଫଳ ଖାଇବା ବିଷୟରେ ସେ ଯେଉଁ ଧମକ ଦେଇଥିଲେ ତାହା ପ୍ରବଳ ଥିଲା ।

*ମନ୍ଦତା ଓ ଈଶ୍ୱରଙ୍କ ଇଚ୍ଛା*

ଈଶ୍ୱର ସାର୍ବଭୌମ ଭାବରେ ଚୁକ୍ତି କରିଥିଲେ ଯେ ପାପ ଜଗତ ମଧ୍ୟରେ ପ୍ରବେଶ କରିବ, ପୁଣି ସ୍ୱାଧୀନ ଭାବରେ ପାପ କରିବାରେ ଦାୟୀ ଆଦମ ହିଁ ଥିଲେ ।

> ଯାହା ବି ଘଟିଥିଲା ସେସବୁକୁ ଈଶ୍ୱର ଅନନ୍ତକାଳରୁ ସବୁଠାରୁ ଜ୍ଞାନର ସହିତ ଓ ଆପଣାର ଇଚ୍ଛାର ପବିତ୍ର ଉପଦେଶ ଦ୍ୱାରା, ସ୍ୱାଧୀନ ଭାବରେ ଓ ଅପରିବର୍ତ୍ତନୀନୟ ବିଧିବଦ୍ଧ ଆଦେଶ ଦେଇଥିଲେ : ତଥାପି ସେଥିପାଇଁ ଈଶ୍ୱର ପାପର ରଚକ ନୁହଁନ୍ତି, କିମ୍ବା ପ୍ରାଣୀମାନଙ୍କୁ ଦିଆଯାଇଥିବା ଇଚ୍ଛାର ଲଙ୍ଘନ ନୁହେଁ କିମ୍ବା ଦ୍ୱିତୀୟ କାରଣର ସ୍ୱାଧୀନତା ବା ସମ୍ଭାବ୍ୟ ଘଟଣା ନୁହେଁ, ଯାହାକୁ ଅପବ୍ୟବହାର କରାଯାଇଛି, ବରଂ ତାହା ପ୍ରତିଷ୍ଠିତ ହୋଇଥିଲା । (ବିଶ୍ୱାସର ୱେଷ୍ଟମିନିଷ୍ଟର୍ ସ୍ୱୀକାରୋକ୍ତି ୩.୧)

ଅନେକ ଲୋକ ପ୍ରଶ୍ନ କରନ୍ତି ଯେ ମନ୍ଦତାକୁ ସ୍ୱୀକୃତି ଦେଇ ଈଶ୍ୱର କ'ଣ ଜ୍ଞାନୀ ଓ ନ୍ୟାୟପରାୟଣ ଥିଲେ । ଈଶ୍ୱର, ଯେ କି ପବିତ୍ର ଅଟନ୍ତି ଓ ମନ୍ଦତାର ରଚକ ନୁହଁନ୍ତି, ସେ

କେବଳ ମନ୍ଦତାକୁ ଅନୁମତି ଦେଇ ନ ଥିଲେ । ଏହା ଏପରି ନୁହେଁ ଯେପରି ଈଶ୍ୱର ମନ୍ଦତାକୁ ସ୍ୱୀକାର କରି ନ ଥିଲେ, ମାତ୍ର ଏହା ଘଟିବାକୁ ଅନୁମତି ଦେଇ ନ ଥିଲେ । ଈଶ୍ୱର ମନ୍ଦତାକୁ ଅନୁମତି ଦେବାର ମତ ଏକ ଉତ୍ତର ଦେବାକୁ ବିଫଳ ହୋଇଥାଏ ଯାହାକି ସେହି ଚିନ୍ତା ଦୂର କରିଥାଏ ଯାହାକି ଈଶ୍ୱର ମନ୍ଦତାକୁ ସ୍ୱୀକାର କରିବା ବିଷୟକୁ ସୁଦୃଢ଼ କରିବାରୁ ଆସିଥାଏ, କାରଣ ଉଭୟ କ୍ଷେତ୍ରରେ ଈଶ୍ୱର ପାପର ପ୍ରବେଶକୁ ଆଜ୍ଞା ଦେଉଅଛନ୍ତି । ବାଭିଙ୍କ୍ ଲକ୍ଷ୍ୟ କରନ୍ତି :

> ସେ (ଈଶ୍ୱର) ଏହାର (ପାପ ଓ ମନ୍ଦ) ସ୍ଥିତି ଓ ଶକ୍ତିକୁ ଭୟ କରି ନ ଥିଲେ । ସେ ଏହା ଇଚ୍ଛା କରିଥିଲେ ଯେପରି ଏଥିରେ ଓ ଏହା ବିରୁଦ୍ଧରେ ସେ ଆପଣାର ସ୍ୱର୍ଗୀୟ ଗୁଣାବଳୀ ପ୍ରକାଶ କରିପାରିବେ । ସେ ଯଦି ଏହାର ସ୍ଥିତିକୁ ଅନୁମତି ପ୍ରଦାନ କରି ନ ଥାଆନ୍ତେ, ତେବେ ସର୍ବଦା ଏହି ଧାରଣାର ଏକ ଯୁକ୍ତିଯୁକ୍ତ ଆଧାର ରହିଥା'ନ୍ତା ଯେ ସେ ଆପଣାର ସମସ୍ତ ଗୁଣାବଳୀରେ ସେହି ଏକ ଶକ୍ତିରୁ ଉନ୍ନତ ନୁହଁନ୍ତି ଯାହାର ସମ୍ଭାବନା ସ୍ୱୟଂ ସୃଷ୍ଟିରୁ ହିଁ ଆସିଥିଲା । କାରଣ ସମସ୍ତ ପ୍ରାଣୀ ପ୍ରାଣୀ ଭାବରେ, ସସୀମ ଭାବରେ, ସୀମିତ, ପରିବର୍ତ୍ତନଶୀଳ ସତ୍ତା ଅଟନ୍ତି, ସେମାନଙ୍କର ନିଜର ପୂର୍ବ ବିଶ୍ୱାସ ପରିତ୍ୟାଗ କରିବାର ସମ୍ଭାବନା ଅଛି । ମାତ୍ର ଈଶ୍ୱର, ଈଶ୍ୱର ହୋଇଥିବାରୁ, କେବେ ବି ସ୍ୱାଧୀନତାର ପଥକୁ, ପାପର ବାସ୍ତବତାକୁ, ଦୁଷ୍ଟତା ଆରମ୍ଭ ହେବାରୁ, କିମ୍ବା ଶୟତାନର ଶକ୍ତିକୁ ଭୟ କରି ନ ଥିଲେ । ତେଣୁ ଉଭୟ ଏହାର ଉତ୍ପତ୍ତି ଓ ଅଭିବୃଦ୍ଧିରେ, ଈଶ୍ୱର ସର୍ବଦା ପାପ ଉପରେ ଆପଣାର ଅଧିକାର ବ୍ୟବହାର କରନ୍ତି । ସେ ଏହା ଉପରେ ବଳ ପ୍ରୟୋଗ କରନ୍ତି ନାହିଁ, କିମ୍ବା ସେ ବିଦ୍ରୋହ କରି ଏହାକୁ ପ୍ରତିରୋଧ କରନ୍ତି ନାହିଁ, ମାତ୍ର ବରଂ ଏହାକୁ ସମ୍ପୂର୍ଣ୍ଣ ଅନ୍ତର୍ନିହିତ କାର୍ଯ୍ୟକ୍ଷମ ହେବାକୁ ଅନୁମତି ପ୍ରଦାନ କରନ୍ତି । ସେ ରାଜା ହୋଇ ରହନ୍ତି, ତଥାପିମଧ୍ୟ ଏବେସୁଦ୍ଧା ତାହାଙ୍କ ରାଜ୍ୟରେ ଏହାକୁ ସ୍ୱାଧୀନତା ପ୍ରଦାନ କରନ୍ତି । ସେ ଏହାକୁ ସବୁ ବିଷୟରେ ଅନୁମତି ପ୍ରଦାନ କରନ୍ତି – ତାହାଙ୍କ ଜଗତ, ତାହାଙ୍କ ପ୍ରାଣୀ, ଏପରିକି ତାହାଙ୍କ ଅଭିଷେକରେ – କାରଣ ମଙ୍ଗଳ ବ୍ୟତୀତ ମନ୍ଦତାର ସ୍ଥିତି ରହିପାରିବ ନାହିଁ । ସେ ଏହାକୁ ତାହାଙ୍କର ସମସ୍ତ ବିଷୟ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରନ୍ତି ଏହା ଶୃଙ୍ଖଳିତ ଭାବରେ, ଶେଷରେ, ରାଜାମାନଙ୍କର ରାଜା ଭାବରେ, ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରିବା ପାଇଁ କ'ଣ କରିପାରିବ ସେ ଏହା ପ୍ରଦର୍ଶନ କରିବାକୁ ତାକୁ ସୁଯୋଗ ପ୍ରଦାନ କରନ୍ତି । କାରଣ ପାପ ଏପରି ଏକ ପ୍ରକୃତି ଅଟେ ଯେ ଏହାକୁ ଦିଆଯାଇଥିବା ସ୍ୱାଧୀନତାକୁ ହିଁ ଏହା ନିଜେ ନିଜେ ଧ୍ୱଂସ କରିଥାଏ ଏହା ନିଜର ରୋଗରେ ହିଁ ନିଜେ ମୃତ୍ୟୁବରଣ କରିଥାଏ ଏହା ନିଜେ ହିଁ ମୃତ୍ୟୁ ଆଡ଼କୁ ଗତି କରିଥାଏ । ଏହାର ସର୍ବୋଚ୍ଚ ଶକ୍ତିରେ, ଏହା କେବଳ କ୍ରୁଶ ଦ୍ୱାରା ହିଁ ସର୍ବସାଧାରଣରେ ଶକ୍ତିହୀନତା ହୋଇଛି (କଲ. ୨:୧୫) ।[୧୦]

## ପ୍ରଥମ ପାପ ଓ ଏହାର ପୃଥକ ଅଂଶ

ଆଦମଙ୍କ ପାପ କରିବାର ଉଦ୍ୟମଗୁଡ଼ିକ ବହୁତ ଅଟେ । ପୁଣି ସେଗୁଡ଼ିକ ଆମ ପ୍ରତ୍ୟେକଙ୍କୁ ପ୍ରଭାବିତ କରିଥାଏ ।

*ପାପ ହେଉଛି ଆଇନହୀନତା, ଯାହାକି ବିଚାର ଆଣିଥାଏ*

ପାପ ସ୍ୱର୍ଗ ଓ ପୃଥିବୀର ରାଜା, ଈଶ୍ୱରଙ୍କ ବ୍ୟବସ୍ଥା ଭଙ୍ଗ କରୁଛି ।

> ଯେକେହି ପାପ କରେ, ସେ ମଧ୍ୟ ବ୍ୟବସ୍ଥା ଲଙ୍ଘନ କରେ, କାରଣ ବ୍ୟବସ୍ଥାଲଙ୍ଘନ ହିଁ ପାପ । (୧ମ ଯୋହନ ୩:୪)
>
> ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ ଯେହେତୁ ଯେଉଁ ଦିନ ତାହା ଖାଇବ ସେହି ଦିନ ନିତାନ୍ତ ମରିବ । (ଆଦି. ୨:୧୬-୧୭)

ଆଦମଙ୍କ ବିଦ୍ରୋହର ପ୍ରତିକ୍ରିୟାସ୍ୱରୂପ, ଈଶ୍ୱର ଉଭୟ ମାନବ ଜାତିକୁ ଓ ସେମାନଙ୍କ ଜଗତକୁ ଅଭିଶାପ ଦେଇଥିଲେ (ଆଦି. ୩:୧୬-୧୯) । ଶାରୀରିକ ଓ ଆତ୍ମିକ ମୃତ୍ୟୁ ହୋଇଥିଲା । ପୁଣି ସୃଷ୍ଟି ଶୃଙ୍ଖଳାର ଚରମ ମୁକ୍ତି ବିଷୟ ଆଖିରେ ରଖି ଈଶ୍ୱର ଜଗତକୁ ଅଭିଶାପ ଦେଇଥିଲେ : କାରଣ ସୃଷ୍ଟି ଅସାରତାର ବଶୀଭୂତ ହେଲା, ତାହାର ନିଜ ଇଚ୍ଛାରୁ ନୁହେଁ, କିନ୍ତୁ ଯେ ତାହାକୁ ବଶୀଭୂତ କଲେ, ତାହାଙ୍କ ଇଚ୍ଛାରୁ ଆଉ ତାହା ଭରସାଯୁକ୍ତ ହୋଇ ବଶୀଭୂତ ହେଲା, ଯେଣୁ ସୃଷ୍ଟି ନିଜେ ମଧ୍ୟ ଈଶ୍ୱରଙ୍କ ସନ୍ତାନମାନଙ୍କ ଗୌରବମୟ ଅବସ୍ଥା ସମ୍ବନ୍ଧୀୟ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ କ୍ଷୟର ଦାସତ୍ୱରୁ ମୁକ୍ତ ହେବ (ରୋମୀ. ୮:୨୦-୨୧) । ଏହା ପ୍ରାକୃତିକ ମନ୍ଦତାକୁ ବର୍ଣ୍ଣନା କରିଥାଏ, କାରଣ ପତନ ବ୍ୟତୀତ କୌଣସି ଭୂମିକମ୍ପ, ଘୂର୍ଣ୍ଣିଝଡ଼, ବନ୍ୟା ବା ଘୂର୍ଣ୍ଣିବାତ୍ୟା ହେବ ନାହିଁ ।

*ଈଶ୍ୱରଙ୍କଠାରୁ ପୃଥକ୍ ହେବା ଦ୍ୱାରା ପାପ ହୋଇଥାଏ*

ଆଦମଙ୍କ ପାପ ଈଶ୍ୱରଙ୍କ ସହିତ ତାଙ୍କର ସହଭାଗିତାକୁ ଭଙ୍ଗ କରିଦେଇଥିଲା । ଏକ ବ୍ୟକ୍ତିଗତ ପାପ ମାନବ ଜାତି ପ୍ରତି ହୁଏତ ଉଲ୍ଲେଖନୀୟ ଜଣାଯାଇ ନ ପାରେ, ମାତ୍ର ପବିତ୍ର ଈଶ୍ୱରଙ୍କ ପ୍ରତି ତାହା ହୋଇ ନ ଥାଏ, ଯେ କି ଏମନ୍ତ ନିର୍ମଳ ଚକ୍ଷୁ ଯେ ମନ୍ଦ ଦେଖି ନ ପାର, ଓ ତୁମ୍ଭେ କୁଟିଳାଚରଣ ପ୍ରତି ଦୃଷ୍ଟି କରି ନ ପାର (ହବ. ୧:୧୩) । ତେଣୁ ଈଶ୍ୱର ଏହିରୂପେ ସେ ଆଦମଙ୍କୁ ତଡ଼ି ଦେଲେ ପୁଣି ଅମୃତବୃକ୍ଷର ପଥ ରକ୍ଷା କରିବା ନିମିତ୍ତ ଏଦନ ଉଦ୍ୟାନର ପୂର୍ବଦିଗରେ କିରୂବଗଣ ଓ ଚତୁର୍ଦ୍ଦିଗରେ ଘୂର୍ଣ୍ଣାୟମାନ ତେଜୋମୟ ଖଡ୍ଗ ସ୍ଥାପନ କଲେ (ଆଦି. ୩:୨୪) ।

ମନୁଷ୍ୟମାନେ ଈଶ୍ୱରଙ୍କ ଶତ୍ରୁ ଅଟନ୍ତି, ମାତ୍ର ଯେତେବେଳେ ଯୀଶୁ ଲୋକମାନଙ୍କୁ ଉଦ୍ଧାର କରନ୍ତି, ସେତେବେଳେ ସେମାନଙ୍କୁ ଈଶ୍ୱରଙ୍କ ସହିତ ସମ୍ମିଳିତ କରନ୍ତି : ସେହି ସମ୍ମିଳନର

ବାକ୍ୟ ଏହି, ଈଶ୍ୱର ଖ୍ରୀଷ୍ଟଙ୍କଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ ସେ ଜଗତବାସୀଙ୍କର ଅପରାଧ ଗଣନା ନ କରି ସେହି ସମ୍ମିଳନର ବାକ୍ୟ ଆମ୍ଭମାନଙ୍କ ନିକଟରେ ସମର୍ପଣ କରିଅଛନ୍ତି (୨ୟ କରି. ୫:୧୯) । କାରଣ ଆମ୍ଭେମାନେ ଶତ୍ରୁ ଥିବା ସମୟରେ ଯଦି ଈଶ୍ୱରଙ୍କ ସହିତ ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ମିଳିତ ହେଲୁଁ, ତାହା ହେଲେ ଏହା ଅଧିକ ସୁନିଶ୍ଚିତ ଯେ, ଆମ୍ଭେମାନେ ମିଳିତ ହୋଇ ତାହାଙ୍କ ଜୀବନ ଦ୍ୱାରା ପରିତ୍ରାଣ ପାଇବା (ରୋମୀ. ୫:୧୦) ।

*ପାପ ସାର୍ବଜନୀନ ଅଟେ*

> ଅତଏବ ଯେପରି ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା, ଆଉ ସେହି ପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା, ..... ଅତଏବ ଜଣକର ଅପରାଧର ଫଳସ୍ୱରୂପେ ଯେପରି ସମସ୍ତ ମନୁଷ୍ୟଙ୍କ ପ୍ରତି ଦଣ୍ଡାଜ୍ଞା ଘଟିଲା, ସେହିପରି ମଧ୍ୟ ଜଣକର ଧାର୍ମିକତାର କର୍ମର ଫଳସ୍ୱରୂପେ ସମସ୍ତ ମନୁଷ୍ୟଙ୍କ ପ୍ରତି ଜୀବନଦାୟକ ଧାର୍ମିକଗଣନା ଘଟିଲା । କାରଣ ଯେପରି ଜଣକର ଅନାଜ୍ଞାବହତା ଦ୍ୱାରା ଅନେକେ ପାପୀ ହେଲେ, ସେହିପରି ମଧ୍ୟ ଜରକର ଆଜ୍ଞାବହତା ଦ୍ୱାରା ଅନେକେ ଧାର୍ମିକ ହେବେ । (ରୋମୀ. ୫:୧୨, ୧୮–୧୯)
>
> କାରଣ ମନୁଷ୍ୟଦ୍ୱାରା ମୃତ୍ୟୁ ଉପସ୍ଥିତ ହୋଇଥିବାରୁ ମନୁଷ୍ୟ ଦ୍ୱାରା ମଧ୍ୟ ମୃତମାନଙ୍କର ପୁନରୁତ୍ଥାନ ଉପସ୍ଥିତ ହୋଇଅଛି । ଯେଣୁ ଆଦମ ଦ୍ୱାରା ଯେପରି ସମସ୍ତେ ମୃତ୍ୟୁଭୋଗ କରନ୍ତି, ସେହିପରି ମଧ୍ୟ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତେ ସଜୀବ ହେବେ। (୧ମ କରି. ୧୫:୨୧–୨୨)

*ଖ୍ରୀଷ୍ଟ ଓ ଆଦମ ସନ୍ତୁଳିତ ପ୍ରତିନିଧିମୂଳକ ଭୂମିକା ବହନ କରନ୍ତି।*

ଖ୍ରୀଷ୍ଟିୟାନମାନେ ସେହିସବୁ ବିଷୟରେ ସମ୍ମତ ହୁଅନ୍ତି ନାହିଁ ଯେଉଁଥିରେ ଆଦମଙ୍କ ଦୋଷ ଓ ଦୁର୍ନୀତି ମାନବ ଜାତି ପ୍ରତି ପ୍ରସାରିତ ହୋଇଥାଏ । କେହି କେହି ଭାବନ୍ତି ନାହିଁ ଯେ ଆମେ ଜାଣିପାରିବା । ଅନ୍ୟମାନେ ବିଶ୍ୱାସ କରନ୍ତି ଯେ ଆଦମ ଅନ୍ତର୍ନିହିତ ଭାବରେ ସମସ୍ତ ମାନବ ଜାତି ସହିତ ସଂଯୁକ୍ତ ଅଟନ୍ତି, ଯେଉଁମାନେ କି ଆଦମ ପାପ କରିବା ବେଳେ ତାଙ୍କ ସହିତ ଉପସ୍ଥିତ ଥିଲେ (ଏବ୍ରୀ ୭:୯–୧୦) । ଅଧିକ ପ୍ରବର୍ତ୍ତାଇବା ବିଷୟ ହେଉଛି ଯେ ଆଦମ ହିଁ ମାନବ ଜାତିର ସଂଘୀୟ ପ୍ରତିନିଧି ଅଟନ୍ତି ।[୧୧] ତାଙ୍କର ପାପ ତାଙ୍କର ସମସ୍ତ ଶାରୀରିକ ଉତ୍ତରପୁରୁଷଙ୍କ ପ୍ରତି ଆରୋପିତ ହୋଇଥିଲା ।

*ପାପ ହିଁ ନୈତିକ ଅବନତି ଅଟେ*

ପାପ ବ୍ୟାପକ ଭାବରେ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ପ୍ରବେଶ କରିଥାଏ ଓ ଭୟଙ୍କର ଭାବରେ ଦୁର୍ନୀତିଗ୍ରସ୍ତ କରିଥାଏ । କେହି କେହି ଏହାକୁ ସମ୍ପୂର୍ଣ୍ଣ ନୈତିକ ଅବନତି ବୋଲି କହନ୍ତି, ଏହି ଶବ୍ଦକୁ ସହଜରେ ଭୁଲ୍ ବୁଝାଯାଇଥିଲା । ଏହାର ଅର୍ଥ ନୁହେଁ ଯେ ଲୋକମାନେ

ସମ୍ଭାବ୍ୟ ଭାବରେ ଯେପରି ଦୁଷ୍ଟ ହୋଇପାରିବେ ସେପରି ହୋଇଛନ୍ତି କିମ୍ବା ସେମାନେ କୌଣସି ପ୍ରକାର ଉତ୍ତମ କାର୍ଯ୍ୟ କରିପାରିବେ ନାହିଁ। ଏହାର ଅର୍ଥ ହେଉଛି ଯେ ପାପ ସମ୍ପୂର୍ଣ୍ଣ ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ : ସମସ୍ତ ମାନବ ଜାତି ଈଶ୍ୱରଙ୍କଠାରୁ ଅପରିଚିତ ଅଟନ୍ତି, ସେମାନଙ୍କର ସତ୍ତାର ପ୍ରତ୍ୟେକ ଦିଗରେ ଦୁର୍ନୀତିଗ୍ରସ୍ତ ଅଟନ୍ତି (ଉଦାହରଣସ୍ୱରୂପ, ଶାରୀରିକ, ମାନସିକ, ଇଚ୍ଛୁକ, ଆବେଗପୂର୍ଣ୍ଣ, ଆତ୍ମିକ ଭାବରେ) ।[୧୨]

ଆଦମ ଓ ହବା ଯେତେବେଳେ ପାପ କଲେ, ସେତେବେଳେ ସେମାନେ ତତ୍‌କ୍ଷଣାତ୍ ଲଜ୍ଜାଭାବର ଅନୁଭୂତି ଲାଭ କଲେ ଓ ସେମାନଙ୍କ ଉଲଙ୍ଗତା ଘୋଡ଼ାଇ ଦେବା ପାଇଁ ଚେଷ୍ଟା କଲେ । ସେମାନେ ମଧ୍ୟ ଦୋଷୀକୃତ ଅନୁଭବ କଲେ, ଯେପରି ସେମାନେ ନିଜ ନିଜକୁ ଲୁଚାଇ ପାରିବେ । ସେମାନେ ପୂର୍ବରୁ କେବେ ବି ଏହିପରି ଅନୁଭବ କରି ନ ଥିଲେ, ମାତ୍ର ବର୍ତ୍ତମାନ ସେମାନେ ନିଜ ନିଜକୁ କେବେ ବି ଦୋଷ, ଲଜ୍ଜା ଓ ଦୁର୍ନୀତିରୁ ମୁକ୍ତ କରିପାରିବେ ନାହିଁ (ଆଦି. ୩:୮–୧୩ ପଦ ଦେଖନ୍ତୁ) । ଶୟତାନ ପ୍ରତିଜ୍ଞା କରିଥିଲା ଯେ ସେମାନେ ଭଲ ଓ ମନ୍ଦର ଜ୍ଞାନ ଲାଭ କରିବେ, ମାତ୍ର ସେ ସେମାନଙ୍କୁ କହି ନ ଥିଲା ଯେ ସେମାନେ ଏହାକୁ ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି । ବାଭିଙ୍କ୍ ଟିପ୍ପଣୀ ଦିଅନ୍ତି :

> ସାମ୍ପ୍ରତିକ ବିଜ୍ଞାନ ଅନୁଯାୟୀ, ବ୍ୟାଧି ଏକ ନିର୍ଦ୍ଦିଷ୍ଟ ବିଷୟ ନୁହେଁ, ବରଂ ଏକ ପରିବର୍ତ୍ତିତ ପରିସ୍ଥିତିରେ ଜୀବନ୍ତ ଅଟେ, ଏହା ଏପରି ଭାବରେ ଅଟେ ଯେ ପ୍ରକୃତରେ ଜୀବନର ବ୍ୟବସ୍ଥାଗୁଡ଼ିକ ଅବଶ୍ୟ ସେହି ସମାନ୍ ଭାବରେ ରହିଥାଏ, ଯେପରି ସେଗୁଡ଼ିକ ଏକ ସୁସ୍ଥ ଶରୀରରେ ରହିଥା'ନ୍ତି, ମାତ୍ର ସେହି ଜୀବନର ଅଙ୍ଗଗୁଡ଼ିକ ଓ କାର୍ଯ୍ୟକଳାପ ସେମାନଙ୍କ ସ୍ୱାଭାବିକ କାର୍ଯ୍ୟକଳାପରେ ବିଶୃଙ୍ଖଳିତ ହୋଇଛି । ଏପରିକି ମୃତ ଶରୀରେ ଏହି କାର୍ଯ୍ୟକଳାପ ବନ୍ଦ ହୋଇ ନ ଥାଏ, ମାତ୍ର ସେତେବେଳେ ଆରମ୍ଭ ହୋଇଥିବା କାର୍ଯ୍ୟକଳାପ ଧ୍ୱଂସାତ୍ମକ ହୋଇଥାଏ, ବିଭାଜିତ ହୋଇଥାଏ । ଏହି ସମାନ୍ ଅର୍ଥରେ ପାପ ପାପ ନିଜେ ନିଜେ ଏକ ବିଷୟ ନୁହେଁ, ମାତ୍ର ମାନବ ଜାତିକୁ ଦିଆଯାଇଥିବା ସମସ୍ତ ଉପହାର ଓ ଶକ୍ତିର ସେହି ପ୍ରକାର ବିଶୃଙ୍ଖଳା ଯାହାକି ସେମାନଙ୍କୁ ଅନ୍ୟ ଦିଗରେ କାର୍ଯ୍ୟ କରିବାକୁ ଦେଇଥାଏ, ତାହା ଈଶ୍ୱରଙ୍କ ଆଡ଼କୁ ନୁହେଁ, ମାତ୍ର ତାହାଙ୍କଠାରୁ ଦୂରକୁ ନେଇଯାଇଥାଏ । କୌଣସି ପ୍ରକାର ଯୁକ୍ତିଯୁକ୍ତ ବିଷୟ, ଇଚ୍ଛା, ଆଗ୍ରହ, ଆବେଗ, ବ୍ୟଗ୍ରତା, ମାନସିକ ଓ ଶାରୀରିକ ଦକ୍ଷତାଗୁଡ଼ିକ – ଏସବୁଗୁଡ଼ିକ ଥରେ ଧାର୍ମିକତାର ଅସ୍ତ୍ରଶସ୍ତ୍ର ଥିଲା, ମାତ୍ର ସେଗୁଡ଼ିକ ବର୍ତ୍ତମାନ ପାପର ରହସ୍ୟପୂର୍ଣ୍ଣ କାର୍ଯ୍ୟକଳାପ ଦ୍ୱାରା ଅଧାର୍ମିକତାର ଅସ୍ତ୍ରଶସ୍ତ୍ରରେ ପରିଣତ ହୋଇଛି । ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯାହାକି ମନୁଷ୍ୟ ତାହାଙ୍କ ସୃଷ୍ଟିରେ ଗ୍ରହଣ କରିଥିଲା ତାହା ଏକ ଉପାଦାନ ନ ଥିଲା, ମାତ୍ର ଏହା ଏତେ ବାସ୍ତବ ଭାବରେ ତାହାଙ୍କ ସ୍ୱଭାବରେ ସିଦ୍ଧ ଥିଲା ଯେ ଏହାକୁ ହରାଇ ବି ସେ ସମ୍ପୂର୍ଣ୍ଣ ବିକୃତ ଓ କଦାକାର ହୋଇଯାଇଥିଲା ।[୧୩]

ଅନ୍ତଃକରଣ ସବୁଠାରୁ କପଟମୟ, ଓ ଅପ୍ରତୀକାର୍ଯ୍ୟରୂପେ ପୀଡ଼ିତ : କିଏ ତାହା ଜାଣିପାରେ? (ଯିରି. ୧୭:୯) । ସେମାନେ ଆପଣାମାନଙ୍କଠାରେ ଥିବା ଅଜ୍ଞାନତା ହେତୁ

ଓ ନିଜ ନିଜ ହୃଦୟର ଜଡ଼ତା ହେତୁ ଆପଣା ଆପଣା ବୁଦ୍ଧିରେ ଅନ୍ଧକାରାଚ୍ଛନ୍ନ ପୁଣି ଈଶ୍ୱରଙ୍କ ଜୀବନରୁ ବିଚ୍ଛିନ୍ନ ହୋଇଅଛନ୍ତି (ଏଫି. ୪:୧୮) । ଦାବ୍‌ନି ବର୍ଣ୍ଣନା କରନ୍ତି :

> ଏହି କଳୁଷିତ ନୈତିକ ଅଭ୍ୟାସଗୁଡ଼ିକର ଅବସ୍ଥାନ ବିଷୟରେ ନୈତିକ ସ୍ୱାଭାବିକ ପ୍ରବୃତ୍ତିରେ ଅବଶ୍ୟ କଠୋର ଭାବରେ କହୁଛି । ମାତ୍ର ଏଗୁଡ଼ିକ ସମସ୍ତ ସାମର୍ଥ୍ୟ ଏବଂ ପ୍ରାଣ ଓ ଶରୀରର ଅଂଶଗୁଡ଼ିକ ପ୍ରତି ସକ୍ରିୟ ନିର୍ଦ୍ଦେଶନା ପ୍ରଦାନ କରିଥାଏ, କାର୍ଯ୍ୟରେ ତା'ର କୌଣସି ନୈତିକ ଗୁଣ ଅଛି, କୁହାଯାଇପାରିବ ଯେ ଭାଷା ଦେବା ଦ୍ୱାରା ସେସବୁଗୁଡ଼ିକ ନୈତିକ ଭାବରେ କଳୁଷିତ ହୋଇଯାଇଛି । ବିବେକ (ଯୁକ୍ତିଯୁକ୍ତ ଅନୁଷ୍ଠାନଗୁଡ଼ିକର ସର୍ବୋଚ୍ଚ ବିଭାଗ) ଅବଶ୍ୟ ଧ୍ୱଂସପ୍ରାପ୍ତ ହୋଇ ନାହିଁ ମାତ୍ର ଏହାର ସଠିକ୍ ସିଦ୍ଧାନ୍ତ ମନ୍ଦ ଅଭିଳାଷ ଦ୍ୱାରା ବହୁଳ ଭାବରେ ବିଶୃଙ୍ଖଳିତ ହୋଇଛି, ପୁଣି ନୈତିକ ଆବେଗର ସହଜାତ ପ୍ରବୃତ୍ତି, ଯେଉଁଗୁଡ଼ିକ ସେହିସବୁ ସିଦ୍ଧାନ୍ତଗୁଡ଼ିକ ସହିତ ସଂଯୁକ୍ତ ହେବା ଉଚିତ୍, ତାହା ଅବହେଳା ଦ୍ୱାରା ଏତେ ଦଗ୍‌ଧ ହୋଇଛି ଯେ ଯେପରି ଜଣାଯାଏ ସାମୟିକ ଭାବରେ ବ୍ୟାବହାରିକ ଭାବରେ ଦୁର୍ବଳ ବା ମୃତ ହୋଇଛି । ସମସ୍ତ ନୈତିକ ପ୍ରସଙ୍ଗ ବିଷୟକ ଜ୍ଞାନଗୁଡ଼ିକର ମତାମତ ହୃଦୟର ଭୁଲ୍ ପ୍ରବୃତ୍ତି ଦ୍ୱାରା ଅପପ୍ରୟୋଗ କରାଯାଉଛି, ତେଣୁ ଭଲକୁ ମନ୍ଦ କୁହାଯାଇଛି ଓ ମନ୍ଦକୁ ଭଲ କୁହାଯାଇଛି । ତେଣୁ ସମସ୍ତ ନୈତିକ ପ୍ରସଙ୍ଗଗୁଡ଼ିକ ଉପରେ ମନର ଅନ୍ଧ ହିଁ ହୋଇଛି ଫଳ । ସ୍ମରଣଶକ୍ତି ହିଁ କଳୁଷିତ ପ୍ରତିମୂର୍ତ୍ତିର ଗନ୍ତାଘର ହୋଇଯାଏ ପୁଣି ଏହା ପୁନର୍ବାର ସ୍ମରଣ କଳ୍ପନା ପାଇଁ ଉପକରଣକୁ ସୁସଜ୍ଜିତ କରିଥାଏ ଏହା ଉଭୟ ବିଷୟକୁ କଳୁଷିତ କରୁଛି । ଦୈହିକ କ୍ଷୁଧା ପ୍ରାଣର ଲାଳସା ଏକ କଳୁଷିତ ସ୍ମରଣଶକ୍ତି କିମ୍ବା କଳ୍ପନା ଦ୍ୱାରା ଓ ଉଚ୍ଛୃଙ୍ଖଳ ତୁଷ୍ଟୀକରଣ ଦ୍ୱାରା ଉତ୍ତେଜିତ ହୋଇ ସ୍ୱେଚ୍ଛାଚାରୀ ଓ ଅତ୍ୟଧିକ ହୋଇଯାଆନ୍ତି । ପୁଣି ଦୈହିକ ଅଙ୍ଗଗୁଡ଼ିକ ଓ ପଞ୍ଚେନ୍ଦ୍ରିୟ ଅଧାର୍ମିକମାନଙ୍କର ଦାସ କରାଯାଇଛି । ତେଣୁ ଯେଉଁ ବିଷୟ ଆକ୍ଷରିକ ଭାବରେ ଅପବିତ୍ର ହୋଇପାରିବ ନାହିଁ ତାକୁ ଅପବିତ୍ର ଭାବର ବ୍ୟବହାର କରାଯାଇଛି ।[୧୪]

*ଅକ୍ଷମତାର ଫଳ ହୋଇଥାଏ ପାପ*

ସମ୍ପୂର୍ଣ୍ଣ ନୈତିକ ଅବନତି ସାର୍ବଜନୀନ ମାନବ ଅବସ୍ଥାକୁ ବର୍ଣ୍ଣନା କରିଥାଏ। ସମ୍ପୂର୍ଣ୍ଣ ଅକ୍ଷମତା ସେହି ଅବସ୍ଥାର ଫଳକୁ ବର୍ଣ୍ଣନା କରିଥାଏ : ଈଶ୍ୱରଙ୍କ ନିଜର ଅନୁଗ୍ରହପୂର୍ଣ୍ଣ ହସ୍ତକ୍ଷେପରୁ ପୃଥକ୍ ହୋଇ ମାନବ ଜାତି ସେମାନଙ୍କ ଅବସ୍ଥାର ପ୍ରତିବିଧାନ କରିବାକୁ ଅକ୍ଷମ ଅଟେ । ଡ଼ାବ୍‌ନି ବର୍ଣ୍ଣନା କରନ୍ତି :

> ପ୍ରତ୍ୟେକ ନୈତିକ କାର୍ଯ୍ୟର ପ୍ରବୃତ୍ତି ଅଛି ଯେ ଏହା ସେହି ସ୍ୱାଭାବିକ ପ୍ରବୃତ୍ତିକୁ ପ୍ରଶ୍ରୟ ଦେଇଥାଏ, ଯେଉଁଥିରେ ଏହା ସମ୍ପୃକ୍ତ ହୋଇଥାଏ । ଆପଣ କ'ଣ କହନ୍ତି ଯେ ଏହାକୁ ଅତି ଅଳ୍ପ ଶକ୍ତି ହେବାକୁ ପଡ଼ିବ ଯାହାକି ଗୋଟିଏ କାର୍ଯ୍ୟ ଦ୍ୱାରା ଉତ୍ପନ୍ନ ହୋଇଥିଲା ଏହା ଅଭ୍ୟାସର ଅତି ହାଲୁକା ବନ୍ଧନ ଅଟେ, ଏଥିରେ ଗୋଟିଏ କୁନ୍ତଳ

ଥାଏ!  ସଦାସର୍ବଦା ନୁହେଁ । ମାତ୍ର ତରାଜୁ, ତାକୁ ଯଦି ଅଳ୍ପ ଢୁଳାଯିବ ତେବେ ତାହା ଢୁଳିଯିବ : ନିମ୍ନାଭିମୁଖୀ ବୃତ୍ତି ଆରମ୍ଭ ହୋଇଛି, ଅନ୍ତତଃ ଗୋଟିଏ ପଦକ୍ଷେପ ଦ୍ୱାରା, ପୁଣି ସମ୍ବେଗର ବୃଦ୍ଧି ନିଶ୍ଚିତରୂପେ ଘଟିବ, ଯଦିଚ କ୍ରମାଗତ ଭାବରେ ହେବ । ବର୍ତ୍ତମାନ ଅତ୍ୟଧିକ ଆତ୍ମ-ପ୍ରେମ କାର୍ଯ୍ୟର ଏକ ନିୟମ ହୋଇଛି, ପୁଣି ଏହା ଏହାର କର୍ତ୍ତୃତ୍ୱକୁ ଦାବି କରିଚାଲିବ ..... ।

ଏହି ଅର୍ଥରେ ସହଜାତ ନୈତିକ ଅବନତି ସମ୍ପୂର୍ଣ୍ଣ ହୋଇଛି ଯେ ଏହା ଏପର୍ଯ୍ୟନ୍ତ ମନୁଷ୍ୟର ଆତ୍ମ-ଗୌରବ ଅନୁଯାୟୀ ସିଦ୍ଧାନ୍ତମୂଳକ ଓ ଅନ୍ତିମ ଅଟେ । ମୂଳ ପାପ ଅଭିବୃଦ୍ଧି ପ୍ରତି ଏକ ପ୍ରତ୍ୟକ୍ଷ ମନୋଭାବ ସ୍ଥାପନ କରିଥାଏ ପୁଣି ଶେଷରେ ନୈତିକ ଅବନତି ପ୍ରତି କଢ଼ାଇ ନେଇଥାଏ । ଗୋଟିଏ ବାକ୍ୟରେ : ଏହା ହେଉଛି ଆତ୍ମିକ ମୃତ୍ୟୁ  ଦୈହିକ ମୃତ୍ୟୁ ହୁଏତ ଏହାର ଶିକାରକୁ ଉଣାଅଧିକେ ଭୟଙ୍କର ଭାବରେ ଛାଡ଼ି ଦେଇଥାଏ । ଏକ ମୃତଦେହ ହୁଏତ ଅଳ୍ପ ଦୁର୍ବଳ ହୋଇଯାଇଥିବ, ତଥାପି ଗରମ ଥିବ, ତଥାପି ନରମ ଥିବ ଏହାର ଗାଲରେ ହୁଏତ ସେତେବେଳେ ବି ରଙ୍ଗର ଆଭାସ ଥିବ ଓ ଏହାର ଓଠରେ ହସ ଥିବ : ଏହା ହୁଏତ ଏହାକୁ ପ୍ରେମ କରୁଥିବା ଲୋକମାନଙ୍କ ଆଖିରେ ବହୁମୂଲ୍ୟ ଓ ସୁନ୍ଦର ଦେଖାଯାଉଥିବ । ମାତ୍ର ଏହା ମୃତ ଅଟେ, ପୁଣି ଅବଶେଷରେ ଏହା ପଚି ଯାଇ ବିରକ୍ତ କରିଥାଏ । ଏହା କେବଳ ସମୟର ଏକ ପ୍ରଶ୍ନ ଅଟେ ।[୧୫]

ଏହା ସେପରି ନୁହେଁ ଯେପରି ମନୁଷ୍ୟ ଈଶ୍ୱରଙ୍କ ପ୍ରତି ସମର୍ପିତ ହେବାକୁ ଇଚ୍ଛା କରେ ମାତ୍ର ହୋଇପାରେ ନାହିଁ । ସେମାନଙ୍କ ଇଚ୍ଛା କଳୁଷିତ ଅଟେ, ସେଥିପାଇଁ ଯାହା ଯଥାର୍ଥ ତାହା ସେମାନେ କରିବାକୁ ଇଚ୍ଛା କରନ୍ତି ନାହିଁ । ଯେଣୁ ଶାରୀରିକ ଭାବ ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା କାରଣ ତାହା ଈଶ୍ୱରଙ୍କ ବ୍ୟବସ୍ଥାର ବଶୀଭୂତ ନୁହେଁ, ପୁଣି ବଶୀଭୂତ ହେବା ଅସମ୍ଭବ ଯେଉଁମାନେ ଶରୀରର ବଶରେ ଅଛନ୍ତି, ସେମାନେ ଈଶ୍ୱରଙ୍କର ସନ୍ତୋଷପାତ୍ର ହୋଇ ପାରନ୍ତି ନାହିଁ (ରୋମୀ. ୮:୭) । ମାନବ ଜାତି ଈଶ୍ୱରଙ୍କ ପ୍ରତିରୋଧ କରିଚାଲିଥାଏ – ଠିକ୍ ଯେଉଁ ବିଷୟକୁ ସେମାନେ କରିବାକୁ ଇଚ୍ଛା କରନ୍ତି – ଈଶ୍ୱର ସେମାନଙ୍କ ଇଚ୍ଛା ପରିବର୍ତ୍ତନ କରିବା ପର୍ଯ୍ୟନ୍ତ ଯେପରି ସେମାନେ ଈଶ୍ୱରଙ୍କ ପ୍ରତି ସମର୍ପିତ ହେବାକୁ ଇଚ୍ଛା କରିବେ ।

*ଶୟତାନର ବନ୍ଧନରେ ପାପ ହୋଇଥାଏ*

ଆଦମ ଯେତେବେଳେ ପାପ କଲେ, ସେତେବେଳେ ପୃଥିବୀର କର୍ତ୍ତୃତ୍ୱ ଆଦମଙ୍କଠାରୁ ଶୟତାନ ପ୍ରତି ଆସିଥିଲା । ଶୟତାନ ଏକ ପ୍ରଶସ୍ତ, ସଙ୍ଗଠିତ, ମନ୍ଦାତ୍ମାର ଶକ୍ତିଶାଳୀ ବଳକୁ ପରିଚାଳିତ କରିଥାଏ, ଯାହାକି ଈଶ୍ୱରଙ୍କୁ ବିରୋଧ କରିଥିଲା ଓ ଈଶ୍ୱରଙ୍କ ଲୋକମାନଙ୍କୁ ଧ୍ୱଂସ କରିବାକୁ ପ୍ରତିବଦ୍ଧ ହୋଇଥିଲା । ସେ ମାନବ ଜାତିକୁ ଦୋଷାରୋପ ଓ ପ୍ରଲୋଭିତ କରିଥାଏ (ଆୟୁବ ୧ ୧ମ ବଂଶା. ୨୧:୧ ଜିଖରିୟ ୩ ଅଧ୍ୟାୟ ଦେଖନ୍ତୁ) ।

ଶୟତାନ ନାମର ଅର୍ଥ ହେଉଛି ବିରୋଧକାରୀ । ତାକୁ ଶୟତାନ (ଯାହାର ଅର୍ଥ ହେଉଛି ଅପବାଦକାରୀ), ମନ୍ଦ ବ୍ୟକ୍ତି, ଦୋଷାରୋପକାରୀ, ପ୍ରଲୋଭନକାରୀ, ବିଲିଆଲ୍ (ଯାହାର ଅର୍ଥ ହେଉଛି ନିରର୍ଥକ), ବାଲ୍‌ଜୀବୁଲ୍ (ଏକ୍ରୋନ୍‌ରେ ମାଛି-ଦେବତାକୁ ଦିଆଯାଇଥିବା ଏକ ନାମ), ମନ୍ଦାତ୍ମାମାନଙ୍କର ଯୁବରାଜ, ଆକାଶମଣ୍ଡଳର ଶକ୍ତିର ଯୁବରାଜ, ଜଗତର ଯୁବରାଜ, ଏହି ଯୁଗର ଦେବତା, ମହାନ୍ ଦିଆବଳ, ଓ ପୁରାତନ ସର୍ପ ବୋଲି ମଧ୍ଯ କୁହାଯାଇଥାଏ । ସେ ହିଁ ଏହି ଜଗତର ଦେବତା ଅଟନ୍ତି, ଈଶ୍ୱର ଅବିଶ୍ୱାସୀମାନଙ୍କର ଅନ୍ତରରେ ଖ୍ରୀଷ୍ଟଙ୍କ ମୁକ୍ତିଦାୟୀ ଆଲୋକ ଜଳାଇବା ପର୍ଯ୍ୟନ୍ତ ସେ ଅବିଶ୍ୱାସୀମାନଙ୍କର ମନକୁ ଅନ୍ଧ କରୁଛି (୨ୟ କରି. ୪:୧-୬) । ସମସ୍ତ ଜଗତ ଯେ ପାପାତ୍ମାର ଅଧୀନ (୧ମ ଯୋହନ ୫:୧୯) । ସେଥିପାଇଁ ପାଉଲ ଲେଖନ୍ତି :

> ଏହି ସଂସାରର ଭାବ ଅନୁସାରେ ପୁଣି ଆକାଶମଣ୍ଡଳ ରାଜ୍ୟର ଅଧିପତି, ଅର୍ଥାତ୍ ଯେଉଁ ଆତ୍ମା ଏବେହେଁ ଅନାଜ୍ଞାବହ ସନ୍ତାନମାନଙ୍କଠାରେ କାର୍ଯ୍ୟ ସାଧନ କରୁଅଛି, ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ମଧ୍ଯ ପୂର୍ବରେ ଆଚରଣ କରି ଅପରାଧ ଓ ପାପରେ ମୃତ ଥିଲ ସେହି ଅନାଜ୍ଞାବହ ସନ୍ତାନମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ଯ ଏକ ସମୟରେ ଆପ୍ଣମାନଙ୍କ ଶାରୀରିକ ଅଭିଳାଷ ଅନୁସାରେ ଜୀବନ ଯାପନ କରି ଶାରୀରିକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ, ପୁଣି ଅନ୍ୟମାନଙ୍କ ପରି ସୁଦ୍ଧା ସ୍ୱଭାବତଃ କ୍ରୋଧର ପାତ୍ର ଥିଲୁ । (ଏଫି. ୨:୧-୩)

ବାଭିଙ୍କ୍ ଲକ୍ଷ୍ୟ କରନ୍ତି :

> (ଏକ) ସୁବ୍ୟବସ୍ଥିତ ଦୃଶ୍ୟ ପାପ ପ୍ରତି ମଧ୍ଯ ପ୍ରଯୁଜ୍ୟ, ଯାହାକି ମାନବ ଜୀବନର ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ନିଜେ ନିଜେ ପ୍ରଦର୍ଶିତ ହୋଇଥାଏ । ବ୍ୟକ୍ତିଗତ ଓ ପୃଥକ୍ ପୃଥକ୍ ପାପ ଅଛି, ମାତ୍ର ସାଧାରଣ, ସାମାଜିକ ପାପ, ନିର୍ଦ୍ଦିଷ୍ଟ ପରିବାର, ଜାତି ଓ ସେହିପରି ବିଷୟର ପାପ ମଧ୍ଯ ଅଛି । ..... ଏହା ଘଟିଲା ବେଳେ ଆମେ ଆମର ସୀମିତ ଦଳର ପାପଗୁଡ଼ିକର ଏକ ଅତି କ୍ଷୁଦ୍ର ଅଂଶକୁ ହିଁ କେବଳ ଲକ୍ଷ୍ୟ କରିଥାଉ, ପୁଣି ତାହା କେବଳ ଉପରଠାଉରିଆ ଭାବରେ ହୋଇଥିଲା । ମାତ୍ର ଆମେ ଯଦି ଦୃଶ୍ୟ ବିଷୟର ସାରାଂଶ ମାଧ୍ୟମରେ ଦେଖିବା ବିଷୟକୁ ହୃଦୟଙ୍ଗମ କରିପାରିବା, ଓ ଲୋକମାନଙ୍କ ଅନ୍ତରରେ ପାପର ମୂଳକୁ ଜାଣିପାରିବା, ତେବେ ଆମ୍ଭେମାନେ ଅତି ସମ୍ଭବତଃ ସେହି ସିଦ୍ଧାନ୍ତରେ ଉପନୀତ ମଧ୍ଯ ହେବା ଉଚିତ୍ ଯେ ପାପରେ ମଧ୍ଯ ଏକତା, ଧାରଣା, ଯୋଜନା, ବିଭାଗ ଅଛି – ଗୋଟିଏ ଶବ୍ଦରେ କହିଲେ, ହେବ ଯେ ପାପରେ ମଧ୍ଯ ପଦ୍ଧତି ଅଛି । ..... ନିୟମ ଓ ଅନ୍ତର୍ନିହିତ ବୈଶିଷ୍ଟ୍ୟରେ ଏହା ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା ଅପେକ୍ଷା କିଛି କମ୍ ନୁହେଁ, ପୁଣି ଜଗତରେ ଏହା ସାର୍ବଭୌମ କର୍ତ୍ତୃତ୍ୱ ଅପେକ୍ଷା କିଛି କମ୍ ନୁହେଁ । ପୁଣି ପ୍ରତ୍ୟେକ ପାପ ମଧ୍ଯ ସବୁଠାରୁ ଛୋଟ, ଏହା ସ୍ୱର୍ଗୀୟ ବ୍ୟବସ୍ଥାର ଲଙ୍ଘନ ହୋଇଥିବା ସତ୍ତ୍ୱେ, ସମ୍ପୂର୍ଣ୍ଣ ଧାରା ସହିତ

ଯୋଗାଯୋଗରେ ଏହି ଅନ୍ତିମ ବିଷୟ ସହିତ ସେବା କରିଥାଏ । ଜଗତର ଇତିହାସ ଅନ୍ଧ ଭାବରେ କାର୍ଯ୍ୟ କରୁଥିବା ବିବର୍ତ୍ତନ ପ୍ରକ୍ରିୟା ନୁହେଁ, ମାତ୍ର ଏକ ଅପ୍ରୀତିକର ନାଟକ, ଏକ ଆତ୍ମିକ ସଂଘର୍ଷ ଅଟେ, ଦୀର୍ଘ ଶହ ଶହ ବର୍ଷ ଧରି ହେଉଥିଲା, ଉର୍ଦ୍ଧ୍ୱର ଆତ୍ମାରୁ ଓ ନିମ୍ନର ଆତ୍ମା ମଧ୍ୟରେ, ଖ୍ରୀଷ୍ଟ ଓ ଖ୍ରୀଷ୍ଟ-ବିରୋଧୀ, ଈଶ୍ୱର ଓ ଶୟତାନ ମଧ୍ୟରେ ଏକ ସଂଘର୍ଷ ।[୧୬]

## ତେବେ ଆମ୍ଭେମାନେ କିପରି ବାସ କରିପାରିବା?

ଆଧୁନିକ ରାଜନୀତିଜ୍ଞ, ଦାର୍ଶନିକ, ବୈଜ୍ଞାନିକ, ମନୋବୈଜ୍ଞାନିକ ଓ ସମାଜବିଜ୍ଞାନୀଗଣ ଅନେକ ସମୟରେ ଆମ ଜଗତର ରୋଗଗୁଡ଼ିକ ପାଇଁ ଉପଶମର ପ୍ରସ୍ତାବ ଦିଅନ୍ତି । ମାତ୍ର ଯେଉଁ ଉପଶମଗୁଡ଼ିକ ଯାହାକି ପାପର ଏହି ବୋଧଗମ୍ୟତାକୁ ଗଣନା କରେ ନାହିଁ ତାହା କେବଳ ପିଲା ଖେଳ ଅଟେ, କାରଣ ସେଗୁଡ଼ିକ ମନୁଷ୍ୟର ଅପ୍ରୀତିକର ଅବସ୍ଥାର ଗଭୀରତାକୁ ବୁଝିବାକୁ ଆରମ୍ଭ କରି ନାହାନ୍ତି । ମନୁଷ୍ୟମାନେ ସେମାନଙ୍କର ଗଭୀର, ସର୍ବସାଧାରଣ ପାପର ସମସ୍ୟା ସମାଧାନ କରିପାରନ୍ତି ନାହିଁ । କେବଳ ଈଶ୍ୱର କରିପାରନ୍ତି ।

> ଆମ୍ଭେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇଛୁ । ଆମ ମଧ୍ୟରେ, ମନୁଷ୍ୟ ମଧ୍ୟରେ, ଏହି ଭୟଙ୍କର, ଶକ୍ତିଶାଳୀ ବଳ ଅଛି, ଯାହାକୁ କହନ୍ତି ପାପ ଯାହାକି ଆମକୁ ଈଶ୍ୱରଙ୍କଠାରୁ ଦୂରେଇ ଦେଇଥାଏ ଓ ଆମକୁ ତାହାଙ୍କୁ ଘୃଣା କରିବାକୁ କଢ଼ାଇ ନେଇଥାଏ, ପୁଣି ସେହି ସମାନ୍ ସମୟରେ ଆମକୁ ନିକୃଷ୍ଟ କରିଥାଏ ଓ ଆମକୁ ସେହିପରି କାର୍ଯ୍ୟ କରିବାକୁ କଢ଼ାଇ ନେଇଥାଏ ଯାହାକୁ କି ବିରକ୍ତିକର ବୋଲି କେବଳ ବର୍ଣ୍ଣନା କରାଯାଇପାରିବ । ଏହି ଘଟଣାଗୁଡ଼ିକ ବିଷୟରେ ଚିନ୍ତା କରିବା ଓ ସେଗୁଡ଼ିକୁ ତାତ୍ତ୍ୱିକ ଭାବରେ ଆଲୋଚନା କରିବା କେତେ ଅଳସୁଆ ବିଷୟ ଅଟେ । ଗୋଲାପ ରଙ୍ଗର ଚଷମା ମଧ୍ୟଦେ ଜୀବନକୁ ଦେଖିବା କେତେ ଅପରାଧ ଅଟେ । ଏହା କେବଳ ଏପରି ବିଷୟ ଅଟେ ଯେପରି ଆମେ ଘଟଣାଗୁଡ଼ିକର ସମ୍ମୁଖୀନ ହୋଇଥାଉ, ଓ ସମସ୍ୟାର ପ୍ରକୃତ ସ୍ୱଭାବକୁ ହୃଦୟଙ୍ଗମ କରିଥାଉ, ଯେ ଆମେ କେବଳ ସେହି ଗୋଟିଏ ଶକ୍ତିକୁ ଦେଖିବାକୁ ଆସିବା ହେଉଛି ଏହା ସହିତ – ଅର୍ଥାତ୍ ଈଶ୍ୱରଙ୍କ ଶକ୍ତି ସହିତ ମୁକାବିଲା କରିବା ପାଇଁ ଯଥେଷ୍ଟ ଓ ପର୍ଯ୍ୟାପ୍ତ ଅଟେ ।[୧୭]

ଆମ୍ଭେମାନେ ସମ୍ପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ଅନୁଗ୍ରହରେ ରହିଛୁ।

ଆମ୍ଭେମାନେ ଯେତେବେଳେ ବୁଝୁ ଯେ ଆମର ଆବଶ୍ୟକତା ଏତେ ଚରମ ଅଟେ, ସେତେବେଳେ ଆମ୍ଭେମାନେ ଈଶ୍ୱରଙ୍କ ମହାନ୍ ପ୍ରେମ, ସମ୍ବେଦନଶୀଳ ଅନୁଗ୍ରହ, ଓ ଗୌରବମୟ ଦୟାକୁ ଅଧିକ ଉତ୍ତମରୂପେ ପସନ୍ଦ କରିପାରିବା ଯାହାକି ଆମକୁ ପାପରୁ ମୁକ୍ତ କରିଥାଏ । ଏହା ହିଁ ଆମକୁ ଏତେ ମହାନ୍ ଏକ ପରିତ୍ରାଣ ପାଇଁ ଈଶ୍ୱରଙ୍କ ଉପାସନା କରିବାକୁ ବାଧ୍ୟ କରିଥାଏ ।

ବିନାଶ କରିବା ପାଇଁ ପାପର କ୍ଷମତା ଅସୀମ ବିଷୟ ପ୍ରତି ସେତିକି ନିକଟରେ ଅଛି ଯେପରି ସସୀମ ବିଷୟ ପ୍ରତି ତାହା ସମ୍ଭବ ଅଟେ । ଆମକୁ ଏହାକୁ ବହୁତ ଭୟ କରିବାକୁ ଓ ଘୃଣା କରିବାକୁ ପଡ଼ିବ। ଏହା ଏତେ ମହାନ୍ ଅଟେ ଯେ କେବଳ ଈଶ୍ବରଙ୍କ ପୁତ୍ରଙ୍କ ମୃତ୍ୟୁ ହିଁ ଆମକୁ ଏଥିରୁ ମୁକ୍ତ କରିପାରିବ । ତେଣୁ ଆସନ୍ତୁ ଆମ୍ଭେମାନେ ସ୍ମରଣ କରିବା :

> କାରଣ ସତ୍ୟ ଜ୍ଞାନ ଲାଭ କରିବା ପରେ ଯଦି ଆମ୍ଭେମାନେ ସ୍ବେଚ୍ଛାପୂର୍ବକ ପାପ କରୁଥାଉଁ, ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ, ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ବିପକ୍ଷମାନଙ୍କୁ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ । କେହି ମୋଶାଙ୍କ ବ୍ୟବସ୍ଥାକୁ ଅମାନ୍ୟ କଲେ, ସେ ଦୟା ପ୍ରାପ୍ତ ନ ହୋଇ ଦୁଇ କିମ୍ବା ତିନି ଜଣ ସାକ୍ଷୀଙ୍କ ପ୍ରମାଣରେ ହତ ହୁଏ ତେବେ ଭାବି ଦେଖ, ଯେ ଈଶ୍ବରଙ୍କ ପୁତ୍ରଙ୍କୁ ପଦଦଳିତ କରିଅଛି, ନିୟମର ଯେଉଁ ରକ୍ତ ଦ୍ବାରା ସେ ପବିତ୍ରୀକୃତ ହୋଇଥିଲା, ତାହାକୁ ସାମାନ୍ୟ ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି, ସେ କେଡ଼େ ଅଧିକ ଗୁରୁତର ଦଣ୍ଡର ଯୋଗ ନ ହେବ । କାରଣ 'ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା,' ଯେ ଏହି କଥା କହିଅଛନ୍ତି, ତାହାଙ୍କୁ ଆମ୍ଭେମାନେ ଜାଣୁ ପୁନଶ୍ଚ, 'ପ୍ରଭୁ ଆପଣା ଲୋକମାନଙ୍କର ବିଚାର କରିବେ' । ଜୀବିତ ଈଶ୍ବରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ । (ଏବ୍ରୀ ୧୦:୨୬-୩୧)

୬

# ଯୋଜନା

*କୋଲିନ୍ ଏସ୍. ସ୍ମିଥ୍*

କେହି କେହି ଲୋକଙ୍କର ଏହି ଧାରଣା ଅଛି ଯେ ଜଗତ ପାଇଁ ଈଶ୍ୱରଙ୍କର ଏକ ଚମତ୍କାର ଯୋଜନା ଥିଲା, ମାତ୍ର ସେହି ବିଷୟଗୁଡ଼ିକ ଭୟଙ୍କର ଭୁଲ୍ ହୋଇଯାଇଥିଲା ପୁଣି ସେହି ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବା ପାଇଁ ଈଶ୍ୱରଙ୍କୁ ମୂଲ୍ୟବାନ୍ ପ୍ରାରମ୍ଭିକ କାର୍ଯ୍ୟ କରିବାକୁ ପଡ଼ିଥିଲା । ବାଇବଲ ଏହା ଶିକ୍ଷା ଦିଏ ନାହିଁ ।

ଈଶ୍ୱର ସରକାରଙ୍କ ପରି ନୁହଁନ୍ତି, ଯେ ସେ ଅପରିକଳ୍ପିତ ପରିସ୍ଥିତିଗୁଡ଼ିକ ପ୍ରତି ପ୍ରତିକ୍ରିୟା ପ୍ରକାଶ କରୁଅଛନ୍ତି ଓ ଉଦ୍ଦେଶ୍ୟବିହୀନ ଫଳାଫଳଗୁଡ଼ିକ ପାଇଁ ସମାଯୋଜନ କରୁଅଛନ୍ତି । ସେ ଜଣେ ବୈଜ୍ଞାନିକ ପରି ନୁହଁନ୍ତି, ଯେ କେଉଁ ବିଷୟ କାର୍ଯ୍ୟ କରିଥାଏ ତାହା ପରୀକ୍ଷା କରୁଅଛନ୍ତି, କିମ୍ବା ଜଣେ ବ୍ୟବସାୟୀ ଉଦ୍ୟୋଗୀ ନୁହଁନ୍ତି ଯେ କି ନୂଆ ନୂଆ ଧାରଣାଗୁଡ଼ିକ ପାଇବାରେ ସଫଳତା ଲାଭ କରନ୍ତି ଯାହାକି ଆଗାମୀ ଆବଶ୍ୟକତା ପ୍ରତି ପ୍ରତିକ୍ରିୟା ପ୍ରକାଶ କରିଥାଏ ।

ଖ୍ରୀଷ୍ଟଙ୍କ ମାଧ୍ୟମରେ ପାପୀମାନଙ୍କୁ ଅନନ୍ତ ଜୀବନ ଦେବା ସର୍ବଦା ଈଶ୍ୱରଙ୍କ ଯୋଜନା ହୋଇଛି । ଈଶ୍ୱର ଅନନ୍ତ ଜୀବନ ଦେବା ପାଇଁ ପ୍ରତିଜ୍ଞା କରିଥିଲେ, ଅନାଦିକାଳ ପୂର୍ବେ ପ୍ରତିଜ୍ଞା କରି ଯଥାସମୟରେ ଆପଣା ବାକ୍ୟ ପ୍ରଚାର ଦ୍ୱାରା ପ୍ରକାଶ କଲେ (ତିତସ ୧:୨–୩) ।[୧] ସେ ଏହି ଜଗତ ସୃଷ୍ଟି କରିବା ପୂର୍ବରୁ ଈଶ୍ୱର ସେହି ଆନନ୍ଦ ଦେଖିଥିଲେ ଯାହାକି ଜୀବନର ପ୍ରତ୍ୟେକ ପରିସ୍ଥିତିରୁ, ଜଗତର ପ୍ରତ୍ୟେକ ମହାଦେଶରୁ, ଓ ଇତିହାସର ପ୍ରତ୍ୟେକ ପିଢ଼ିରୁ ଅନେକ ସଂଖ୍ୟକ ପାପୀଙ୍କୁ ମୁକ୍ତ କରିବାରୁ ଆସିବ । ପୁଣି ଏହାର ମୂଲ୍ୟ ଜାଣି ସେ ଏହା କରିବା ପାଇଁ ସ୍ଥିର ନିଶ୍ଚିତ କରିଥିଲେ ।

ସେଥିପାଇଁ ବାଇବଲ ଖ୍ରୀଷ୍ଟଙ୍କୁ ଜଗଜର ପତ୍ତନାବଧି ବଳିକୃତ ମେଷଶାବକ ବୋଲି ବର୍ଣ୍ଣନା କରିଥାଏ (ପ୍ରକା. ୧୩:୮) । କ୍ରୁଶ ଉପରେ ଖ୍ରୀଷ୍ଟଙ୍କ ମୃତ୍ୟୁ ଏପରି କିଛି ବିଷୟ ନ ଥିଲା ଯେ ଏଦନ ଉଦ୍ୟାନରେ ଶୟତାନର ବିଜୟ ପ୍ରତି କିମ୍ବା ପୁରୁଷ ଓ ମହିଳା ଦଶ ଆଜ୍ଞା ଅନୁଯାୟୀ ବଞ୍ଚିପାରିବେ ନାହିଁ ବୋଲି ପ୍ରମାଣିତ ହେଲା ପରେ ଏକ ଅନ୍ତିମ ଆଶ୍ରୟ ଭାବରେ ହୋଇ ନ ଥିଲା । ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ସମସ୍ତ ଜାତିରୁ ପାପୀମାନଙ୍କୁ ମୂଲ୍ୟଦେଇ ମୁକ୍ତ କରିବା ପ୍ରାରମ୍ଭରୁ ଈଶ୍ୱରଙ୍କ ହିଁ ଯୋଜନା ଥିଲା ।

ଈଶ୍ୱରଙ୍କ ଯୋଜନା ଆମର ଯୋଜନା ଅପେକ୍ଷା ବହୁତ ଭିନ୍ନ ଅଟେ । ମୁଁ ଯେତେବେଳେ କହେ, ମୁଁ ଆପଣଙ୍କୁ ଆଗାମୀ ମଙ୍ଗଳବାର ଦିନ ସକାଳ ଜଳଖିଆ ଖାଇବାକୁ ସାକ୍ଷାତ କରିବ, ସେତେବେଳେ ତା'ର ଅର୍ଥ ହେଉଛି ମୁଁ ଅନୁମାନ କରୁଛି ଯେ ମୁଁ ଜୀବିତ ଥିବି,

ମୋର ପରିବହନ ବ୍ୟବସ୍ଥା ଥିବ, ଯେ ମୋର ଅନ୍ୟ କୌଣସି ଜରୁରୀ କାର୍ଯ୍ୟ ନ ଥିବ, ଓ ଯେ ଜଳଖିଆ ଦୋକାନ୍ ଖୋଲାଥିବ ଓ ସକାଳ ଜଳଖିଆ ଦେଉଥିବ, ମୋର ଆପଣଙ୍କ ସହିତ ମଙ୍ଗଳବାର ଦିନ ଦେଖା ହେବ ।

ଆମର ଯୋଜନାଗୁଡ଼ିକ ହେଉଛି ଅନିଶ୍ଚିତ । ସେଗୁଡ଼ିକ ଘଟୁଥିବା ଘଟଣାଗୁଡ଼ିକ ଓ ଆମେ ସେଗୁଡ଼ିକୁ ସଫଳ କରିପାରିବା କି ନାହିଁ, ତହିଁ ଉପରେ ନିର୍ଭରଶୀଳ । ଜୀବନରେ ଅନେକ ବିଷୟ ଆମର ନିୟନ୍ତ୍ରଣାତୀତ ଅଟେ ।

ମାତ୍ର ଈଶ୍ୱର ସାର୍ବଭୌମ ଅଟନ୍ତି । ସେ ଆପଣାର ଯୋଜନାକୁ ଆପଣାର ସମୟରେ ଆପଣାର ଶକ୍ତିରେ ସଫଳ କରନ୍ତି, ପୁଣି କେହି ଜଣେ ବି ତାହାଙ୍କୁ ସେଥିରୁ ନିବୃତ୍ତ କରିପାରିବ ନାହିଁ । ଇତିହାସର ପ୍ରତ୍ୟେକ ସମୟରେ, ଜଗତର ପ୍ରତ୍ୟେକ ଜାତିରେ ଓ ଆପଣଙ୍କ ଜୀବନର ପ୍ରତ୍ୟେକ ଘଟଣା ମାଧ୍ୟମରେ ଈଶ୍ୱର ଯାହା କରୁଅଛନ୍ତି ତାହା ସେ ଜାଣନ୍ତି ।

ଏହା ହିଁ ଆପଣଙ୍କ ପ୍ରତି ବହୁତ ସାନ୍ତ୍ୱନାଦାୟକ ହେବା ଉଚିତ୍ । ଆପଣ ଯେକୌଣସି ବିଷୟ କରିଛନ୍ତି, ସେହିସବୁ ବିଷୟ ଈଶ୍ୱରଙ୍କୁ ଆଶ୍ଚର୍ଯ୍ୟ କରି ନାହିଁ । ଆପଣଙ୍କ ପ୍ରତି ଘଟିଥିବା କୌଣସି ବିଷୟ ତାହାଙ୍କୁ ଅଗୋଚର ନୁହେଁ । ଈଶ୍ୱରଙ୍କୁ ଆପଣା ଯୋଜନା ସଫଳ କରିବା ପାଇଁ କିମ୍ବା ଏପରିକି ତାହାଙ୍କୁ ମାନ୍ଦା କରିଦେବା ପାଇଁ ଆପଣ କିଛି ବି କରିପାରିବେ ନାହିଁ ଓ ତାହାଙ୍କୁ ସେହିସବୁରୁ ନିବୃତ୍ତ କରିବା ପାଇଁ କିଛି ବି କରିପାରିବେ ନାହିଁ । ସେଥିପାଇଁ ଏହାର ଅର୍ଥ ହେଉଛି ଯେ ଈଶ୍ୱର ସାର୍ବଭୌମ ଅଟନ୍ତି ।

ଈଶ୍ୱର ଯାହା କରୁଅଛନ୍ତି ସଠିକ୍ ଭାବରେ ତାହା ଜାଣନ୍ତି । ଆପଣଙ୍କର ଏହି ଘଟଣାଗୁଡ଼ିକ ଜାଣିବାରେ ଆତ୍ମବିଶ୍ୱାସ ରହିପାରିବ ଯେ ଆପଣଙ୍କ ଜୀବନର ଘଟଣାଗୁଡ଼ିକ ନିୟନ୍ତ୍ରଣ ବାହାରକୁ ଯାଉଛି କିମ୍ବା ଅନିୟମିତ ଭାବରେ ହେଉଛି, ମାତ୍ର ସେଗୁଡ଼ିକ ଈଶ୍ୱରଙ୍କ ହାତରେ ରହିଛି, ଯେ କି ପ୍ରେମରେ ଆପଣଙ୍କ ପାଇଁ ଯୋଜନା କରନ୍ତି । ଖ୍ରୀଷ୍ଟିୟାନମାନେ ଏହା ଜାଣି ଆନନ୍ଦଲାଭ କରନ୍ତି ଯେ ଈଶ୍ୱରଙ୍କ ଯୋଜନା ତାହାଙ୍କ ଗୌରବର ସର୍ବାଧିକ ସମ୍ଭାବ୍ୟ ପ୍ରଦର୍ଶନ ପ୍ରତି ଏବଂ ତାହାଙ୍କ ଲୋକମାନଙ୍କ ପାଇଁ ସର୍ବାଧିକ ସମ୍ଭାବ୍ୟ ଆନନ୍ଦ ପ୍ରତି କଢ଼ାଇ ନେବ ।

ମୁଁ ଆପଣଙ୍କୁ ସ୍ୱାଗତ କରୁଛି ଯେ ଆପଣ ମୋ ସହିତ ବାଇବଲର କାଳ୍ପନିକ କାହାଣୀ ମାଧ୍ୟମରେ ଏକ ଗୁରୁତ୍ୱହୀନ ଯାତ୍ରାରେ ଯୋଗ ଦିଅନ୍ତୁ, ଯେଉଁଠାରେ ଈଶ୍ୱର ଆପଣାର ଅତି ଉତ୍ତେଜକ ଉଦ୍ଦେଶ୍ୟର ଚମତ୍କାରିତା ପ୍ରକାଶ କରନ୍ତି ଯାହାକି ଯୁଗ ଯୁଗ ଧରି ମାନବ ଇତିହାସର ଅନନ୍ତ ଅତୀତରୁ ଅନନ୍ତ ଭବିଷ୍ୟତ୍ ମଧ୍ୟକୁ କଢ଼ାଇ ନେଇଥାଏ ।

ଆମ୍ଭେମାନେ ପୁରାତନ ନିୟମରୁ ଆରମ୍ଭ କରିଥାଉ, ଯେଉଁଠାରେ ଈଶ୍ୱର ଆପଣା ଯୋଜନାର ରୂପରେଖ ଅଙ୍କନ କରନ୍ତି । ତା'ପରେ ସୁସମାଚାରଗୁଡ଼ିକରେ, ଆମ୍ଭେମାନେ ସେଗୁଡ଼ିକୁ ଦେଖିଥାଉ କିପରି ଯୀଶୁ ଖ୍ରୀଷ୍ଟ ଯୋଜନା ସମ୍ପନ୍ନ ହେବା ପାଇଁ ଆବଶ୍ୟକୀୟ ସମସ୍ତ ବିଷୟ ଲାଭ କରନ୍ତି । ପୁଣି ଶେଷରେ ଆମ୍ଭେମାନେ ନୂତନ ନିୟମର ପତ୍ରଗୁଡ଼ିକ ଦେଖୁ ଓ ଆନନ୍ଦ କରିଥାଉ ପବିତ୍ର ଆତ୍ମା ଈଶ୍ୱର ପ୍ରତିଜ୍ଞା କରିଥିବା ସମସ୍ତ ବିଷୟକୁ ମୁକ୍ତ

କରିଥିବାରୁ ପୁଣି ଈଶ୍ୱରଙ୍କ ସମସ୍ତ ଲୋକଙ୍କ ଜୀବନରେ ଖ୍ରୀଷ୍ଟ ସମସ୍ତ ବିଷୟ ସମ୍ପନ୍ନ କରିଥିବାରୁ ।

## ଈଶ୍ୱର ଏକ ପ୍ରତିଜ୍ଞା କରନ୍ତି : ପୁରାତନ ନିୟମର କାହାଣୀ

ଈଶ୍ୱର ସାତୋଟି ପ୍ରାରମ୍ଭିକ ବିଷୟରୁ ହିଁ ଆପଣା ଯୋଜନା ପ୍ରକାଶ କରନ୍ତି ଯାହାକି ଆପଣାର ସମସ୍ତ ଲୋକଙ୍କ ପାଇଁ ପ୍ରତିଜ୍ଞାରେ ପରିପୂର୍ଣ୍ଣ ଅଟେ ।

*ସୃଷ୍ଟି*

''ଆଦ୍ୟରେ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟି କଲେ'' (ଆଦି. ୧:୧) । ନ ଥିବା ବିଷୟକୁ କଳ୍ପନା କରିବାକୁ ଚେଷ୍ଟା କରନ୍ତୁ । ଏହା ସମ୍ପୂର୍ଣ୍ଣରୂପେ ଅସମ୍ଭବ ଅଟେ ! ମାତ୍ର ସୃଷ୍ଟି ପୂର୍ବରୁ ଈଶ୍ୱରଙ୍କ ବ୍ୟତୀତ, କିଛି ହିଁ ନ ଥିଲା । ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ, ପୁଣି ସମସ୍ତ ବିଷୟ ତାହାଙ୍କର ହିଁ ଅଟେ । ପୃଥିବୀ ଓ ତହିଁର ପୂର୍ଣ୍ଣତା, ଜଗତ ଓ ତନ୍ନିବାସୀ ସମସ୍ତେ ସଦାପ୍ରଭୁଙ୍କର (ଗୀତ. ୨୪:୧) ।

ଈଶ୍ୱର ଆଜି ଯାହା ସୃଷ୍ଟି କରିଅଛନ୍ତି ନୂତନ ଭାବରେ ତାକୁ ଦେଖନ୍ତୁ । ଆକାଶ ଆଡ଼କୁ ଅନାନ୍ତୁ ଏହା ଈଶ୍ୱରଙ୍କ ହସ୍ତକୃତ କର୍ମ ଘୋଷଣା କରେ । ପକ୍ଷୀମାନଙ୍କ କଳରବ ଶୁଣନ୍ତୁ ସେଗୁଡ଼ିକ ଈଶ୍ୱରଙ୍କ କୋମଳ ଯତ୍ନ ବିଷୟରେ ସାକ୍ଷ୍ୟ ଦିଅନ୍ତି । ପ୍ରତ୍ୟେକ ତୁଷାରକଣା ତାହାଙ୍କ ମହିମାର ସାକ୍ଷ୍ୟ ଦିଏ । ପ୍ରତ୍ୟେକ ସୂର୍ଯ୍ୟୋଦୟ ତାହାଙ୍କ ବିଶ୍ୱସ୍ତତା ବିଷୟରେ କହିଥାଏ । ଆକାଶମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ । ..... କୌଣସି ବାକ୍ୟ କି ଭାଷା ନ ଥାଏ ସେମାନଙ୍କ ରବ ଶୁଣାଯାଇ ନ ପାରେ (ଗୀତ. ୧୯:୧–୩) ।

ସମସ୍ତ ସୃଷ୍ଟି ଈଶ୍ୱରଙ୍କ ଗୌରବ ପ୍ରତିଫଳିତ କରିଥାଏ, ମାତ୍ର ଈଶ୍ୱର ଯେତେବେଳେ ପ୍ରଥମ ପୁରୁଷ ଓ ମହିଳାଙ୍କୁ ସୃଷ୍ଟି କଲେ ସେତେବେଳେ ସେ କିଛି ଭିନ୍ନ କରିଥିଲେ । ଆମେ ଏହା ଜାଣୁ କାରଣ ଈଶ୍ୱର କହିଥିଲେ, ଏଥିଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ । ସେମାନେ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିରେ ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ (ଆଦି. ୧:୨୬) ।

ଈଶ୍ୱର ପୁରୁଷ ଓ ମହିଳାଙ୍କୁ ଆପଣା ପ୍ରତିମୂର୍ତ୍ତିରେ ତିଆରି କରିଥିଲେ । ଏଥିପାଇଁ ଆପଣ ଏକ ଗଛ, ଏକ ପଶୁ, ଏକ ମାଛ, କିମ୍ବା ଏକ ପକ୍ଷୀଠାରୁ ଭିନ୍ନ ଅଟନ୍ତି । ସେସବୁଗୁଡ଼ିକ ଈଶ୍ୱରଙ୍କ ଦ୍ୱାରା ତିଆରି ହୋଇଥିଲେ, ମାତ୍ର କେବଳ ମାନବ ଜାତି ହିଁ ଈଶ୍ୱରଙ୍କ ପରି ତିଆରି ହୋଇଥିଲେ । ତାହା ହିଁ ମାନବ ଜୀବନକୁ ଅନନ୍ୟ ମୂଲ୍ୟ ଦେଇଥାଏ ।

ଈଶ୍ୱର ଆପଣଙ୍କୁ ସତ୍ତାକୁ ଆଣିବାକୁ ମନୋନୀତ କରିଥିଲେ । ସେ କେବେ ବି କାହାକୁ ଆପଣଙ୍କ ପରି ପୂର୍ବରୁ ତିଆରି କରି ନାହାନ୍ତି, ପୁଣି ସେ କେବେ ବି କାହାକୁ ଆପଣଙ୍କ ପରି ଆଉ ତିଆରି କରିବେ ନାହିଁ । ଆପଣ ଆକସ୍ମିକ ଭାବରେ ହୋଇ ନାହାନ୍ତି ।

ଆପଣଙ୍କ ଜୀବନ ଏକ ଅନିୟମିତ ସୁଯୋଗର ଉତ୍ପାଦ ନୁହେଁ। ଆପଣଙ୍କୁ ଈଶ୍ୱରଙ୍କ ଦ୍ୱାରା ତିଆରି କରାଯାଇଥିଲା, ପୁଣି ଆପଣ ଈଶ୍ୱରଙ୍କ ପାଇଁ ତିଆରି ହୋଇଥିଲେ । ଆପଣଙ୍କ ଜୀବନର ଅନ୍ତିମ ଉଦ୍ଦେଶ୍ୟ ହେଉଛି ଯେ ଆପଣ ଯୀଶୁ ଖ୍ରୀଷ୍ଟଙ୍କର ଅନନ୍ୟ ପ୍ରତିଫଳନ ପ୍ରକାଶ କରିବା ଉଚିତ୍ । ଈଶ୍ୱରଙ୍କୁ ଗୌରବାନ୍ୱିତ କରିବାକୁ ଓ ତାହାଙ୍କୁ ଚିରକାଳ ଉପଭୋଗ କରିବାକୁ ଆପଣଙ୍କୁ ତିଆରି କରାଯାଇଥିଲା ।

ଈଶ୍ୱର କ'ଣ ପ୍ରତିଜ୍ଞା କରନ୍ତି ? *ଯେଉଁ ଲୋକମାନେ ଈଶ୍ୱରଙ୍କ ଗୌରବ ପ୍ରତିଫଳିତ କରନ୍ତି ସେମାନଙ୍କୁ ଜୀବନ ଦେବା ପାଇଁ ଈଶ୍ୱର ପ୍ରତିଜ୍ଞା କରନ୍ତି ?*

ବାଇବଲ କେବେ ବି ମନ୍ଦ ବିଷୟର ଉତ୍ପତ୍ତିକୁ ସମ୍ପୂର୍ଣ୍ଣ ବର୍ଣ୍ଣନା କରେ ନାହିଁ ଏହା ସରଳ ଭାବରେ ଆମକୁ କହେ ଯେ ଈଶ୍ୱର ପୁରୁଷ ଓ ମହିଳାଙ୍କୁ ଏକ ଉଦ୍ୟାନ ମଧ୍ୟରେ ସ୍ଥାନ ଦେଲେ, ଯେଉଁଠାରେ ପ୍ରତ୍ୟେକ ବିଷୟ ଉତ୍ତମ ଥିଲା । ସେମାନଙ୍କ ଖାଦ୍ୟ ଗଛ ଉପରେ ଯୋଗାଇ ଦିଆଯାଇଥିଲା ସେମାନଙ୍କ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା ସେମାନଙ୍କ ଏକତା ଓ ଆନନ୍ଦ ବିବାହରେ ସମ୍ପନ୍ନ ହୋଇଥିଲା ପୁଣି ସେମାନେ ଈଶ୍ୱରଙ୍କ ସହିତ ସହଭାଗିତାରେ ବାସ କରିଥିଲେ, ଯେ କି ସେମାନଙ୍କୁ ଦେଖା ଦେଇଥିଲେ ଓ ଉଦ୍ୟାମ ମଧ୍ୟରେ ସେମାନଙ୍କ ସହିତ ଗମନାଗମନ କରିଥିଲେ ।

ଉଦ୍ୟାନ ମଧ୍ୟରେ ଏକ ଗଛ ଥିଲା, ତାକୁ କୁହାଯାଉଥିଲା, ସଦସତ୍ ଜ୍ଞାନଦାୟକ ବୃକ୍ଷ, ପୁଣି ଈଶ୍ୱର ପୁରୁଷ ଓ ନାରୀଙ୍କୁ ସେହି ଗଛର ଫଳ ନ ଖାଇବାକୁ କହିଥିଲେ (ଆଦି. ୨:୧୭) । ସେମାନେ ସବୁ ଉତ୍ତମ ବିଷୟ ଜାଣିଥିବାରୁ, ଈଶ୍ୱରଙ୍କ ପ୍ରତି ଅନାଜ୍ଞାବହ ହେବା ଦ୍ୱାରା ସେମାନେ ଯେଉଁ ଏକମାତ୍ର ବିଷୟ ଲାଭ କରିପାରିଥିଲେ ତାହା ଥିଲା ମନ୍ଦ ବିଷୟରେ ଜ୍ଞାନଲାଭ କରିବା ।

ଗୋଟିଏ ସର୍ପ ସେମାନଙ୍କୁ ମନ୍ଦ ବିଷୟରେ ଜ୍ଞାନ ଦେବା ପାଇଁ ପ୍ରଲୋଭିତ କରିବାକୁ ଲାଗିଲା, ପୁଣି ସେମାନେ ତାହା ହିଁ ମନୋନୀତ କରିଥିଲେ । ଈଶ୍ୱରଙ୍କ ଅନାଜ୍ଞାବହ ହେବା ଦ୍ୱାରା ସେମାନେ ମନ୍ଦ ବିଷୟରେ ଜ୍ଞାନଲାଭ କରିଥିଲେ, ପୁଣି ଆମ୍ଭେମାନେ ସମସ୍ତେ ଚିରକାଳ ପାଇଁ ଏହା ସହିତ ଅହଙ୍କାରୀ ହୋଇଛୁ । ମାତ୍ର ଈଶ୍ୱର ପ୍ରାରମ୍ଭିକ ପଦକ୍ଷେପ ନେଇଥିଲେ ଓ ଅନ୍ୟ ପ୍ରତିଜ୍ଞା କରିଥିଲେ ।

*ବିନାଶ*

ଈଶ୍ୱର ସର୍ପକୁ କହିଥିଲେ, ତୁମେ ଅଭିଶପ୍ତ (ଆଦି. ୩:୧୪) । ଅଭିଶାପ ଦେବାର ଅର୍ଥ ହେଉଛି ବିନାଶ ପ୍ରତି କଢ଼ାଇ ନେବା । ଈଶବର ସର୍ପକୁ କହୁଥିଲେ, ତୁମେ ଯାହା କରିଛ ତାହା ସ୍ଥାୟୀ ହେବ ନାହିଁ । ତୁମେ ବିନାଶପ୍ରାପ୍ତ ହେବ, ପୁଣି ତୁମ ସହିତ ସମସ୍ତ ମନ୍ଦ ବିଷୟ ବିନଷ୍ଟ ହେବ । ସର୍ପ ଉପରେ ଈଶ୍ୱରଙ୍କ ଅଭିଶାପ ଆମ ପାଇଁ ଆଶାର ଦ୍ୱାର ଖୋଲି ଦେଇଥାଏ ।

ତା'ପରେ ଈଶ୍ୱର ଆଦମଙ୍କୁ କହିଲେ, ତୁମ ପାଇଁ ଭୂମି ଶାପଗ୍ରସ୍ତ ହୋଇଛି (ଆଦି. ୩:୧୭) । ଭୂମି କୌଣସି ଭୁଲ୍ କରି ନ ଥିଲା ! ଆଦମ ତାଙ୍କର ପାପ ହେତୁ ଅଭିଶାପର

ଯୋଗ୍ୟ ଥିଲେ । ମାତ୍ର ଈଶ୍ୱର ସେହି ଅଭିଶାପକୁ ନର ଓ ନାରୀଙ୍କଠାରୁ ଫେରାଇ ନେଇ ଭୂମିକୁ ଦେଇଥିଲେ, ଯେପରି ସର୍ପ ସହିତ ବିନଷ୍ଟ ହେବା ପରିବର୍ତ୍ତେ ସେମାନେ ଈଶ୍ୱରଙ୍କ ସହିତ ଲାଗି ରହିପାରିବେ ।

ଈଶ୍ୱର କ'ଣ ପ୍ରତିଜ୍ଞା କରନ୍ତି ? *ଈଶ୍ୱର ମନ୍ଦତାକୁ ବିନାଶ କରିବାକୁ ଓ ଜଗତକୁ ଏହାର ଅଭିଶାପରୁ ମୁକ୍ତ କରିବାକୁ ପ୍ରତିଜ୍ଞା କରନ୍ତି ।*

ଏହା କିପରି ଘଟିବ ? ଈଶ୍ୱର ମନ୍ଦାତ୍ମାକୁ କହିଥିଲେ, ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ ପୁଣି ତୁମ୍ଭ ବଂଶ ଓ ତାହା ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା  ସେ ତୁମ୍ଭର ମସ୍ତକକୁ ଆଘାତ କରିବ, ଓ ତୁମ୍ଭେ ତାହାର ଗୋଇଠିକି ଆଘାତ କରିବ (ଆଦି. ୩:୧୫) ।

ମାନବ ଜାତି ସର୍ବଦା ମନ୍ଦାତ୍ମା ସହିତ ସଂଘର୍ଷ କରୁଥିବ । ତାହା ପ୍ରତ୍ୟେକ ପିଢ଼ିରେ ପ୍ରତ୍ୟେକ ସଂସ୍କୃତିରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସତ୍ୟ ଅଟେ । ମାତ୍ର ଈଶ୍ୱର ଗୋଟିଏ ସନ୍ତାନ ବିଷୟରେ କହନ୍ତି, ଯେ କି ମାନବ ଇତିହାସ ମଧ୍ୟକୁ ଆସିବେ, ନାରୀଠାରୁ ଜନ୍ମ ହେବେ । ସେ ଆମ ପକ୍ଷରେ ହିଁ ରହିବେ । ଏହି ବଡ଼ ସଂଘର୍ଷରେ ସେ ଆମ ସପକ୍ଷରେ ରହିବେ ଓ ମନ୍ଦତାର ସମସ୍ତ ଶକ୍ତି ବିରୁଦ୍ଧରେ ଆମ ପାଇଁ କାର୍ଯ୍ୟ କରିବେ । ଶୟତାନ ତାହାଙ୍କ ଗୋଇଠିକି ଆଘାତ କରିବ, ମାତ୍ର ସର୍ପ ଯଦିଚ ତାହାଙ୍କ ପାଦକୁ ଆଘାତ କରିବ, ତଥାପି ଆମର ବୀର ଶୟତାନର ମସ୍ତକକୁ ଚୂର୍ଣ୍ଣ କରିବେ ।

ଏଦନ ଉଦ୍ୟାନ ବାହାରେ ଆଦମ ଓ ହବା ଜୀବିତ ରହିଥିଲେ । ଈଶ୍ୱରଙ୍କ ଅନୁଗ୍ରହ ସେମାନଙ୍କୁ ତତ୍‌କ୍ଷଣାତ୍ ବିଚାରରୁ ଉଦ୍ଧାର କରିଥିଲା ପୁଣି ଘଟଣାକ୍ରମେ ସେମାନଙ୍କୁ ପୁନଃସଂସ୍ଥାପିତ ହେବାକୁ ଆଶା ଦେଇଥିଲା, ମାତ୍ର ସେମାନେ ଶୀଘ୍ର ଆବିଷ୍କାର କରିଥିଲେ ଯେ ସେମାନଙ୍କ ଅନାଜ୍ଞାବହତା ହେତୁ ମୁକ୍ତ ହୋଇଥିବା ମନ୍ଦାତ୍ମା ସେମାନଙ୍କ ମଧ୍ୟରେ ଓ ସେମାନଙ୍କ ଚତୁର୍ଦ୍ଦିଗରେ ବିନାଶକାରୀ ପରିବର୍ତ୍ତନ ଆଣିଥିଲା ।

କୟିନ ଯେତେବେଳେ ତାଙ୍କର ଭାଇ ହେବଲଙ୍କୁ ବଧ କଲେ, ସେତେବେଳେ ମନୁଷ୍ୟର ପ୍ରଥମ ପରିବାର ଖଣ୍ଡଖଣ୍ଡ ହୋଇଯାଇଥିଲା ପୁଣି ତା'ପରେ ତାଙ୍କର ଅବଶିଷ୍ଟ ଜୀବନ ଭୟରେ ବିତାଇଥିଲେ ଯେ ତାଙ୍କର କାର୍ଯ୍ୟକଳାପର ପ୍ରତିଶୋଧ ନିଆଯିବ ବୋଲି (ଆଦିପୁସ୍ତକ ୪) । ମନ୍ଦତା ବିଷୟରେ ଜ୍ଞାନ ଏକ କ୍ଲେଶଦାୟକ ଦାୟିତ୍ୱ ବୋଲି ପ୍ରମାଣିତ ହୋଇସାରିଥିଲା । ଏହା ନର ଓ ନାରୀଙ୍କୁ ଈଶ୍ୱରଙ୍କଠାରୁ ପୃଥକ୍ କରିସାରିଥିଲା । ଏବେ ଏହା ଏକ ପରିବାରକୁ ଭାଙ୍ଗି ଦେଉଥିଲା ।

ହିଂସାକାଣ୍ଡ ବୃଦ୍ଧି ପାଇଲା ବେଳେ ଲୋକମାନେ ଏକ ନଗର ତିଆରି କରିବାକୁ ଏକତ୍ର ହୋଇଥିଲେ, ସେମାନେ ଆଶା କରୁଥିଲେ ଯେ ସାମୂହିକ ସୁରକ୍ଷା ହିଁ ଉତ୍ତର ହେବ (ଆଦିପୁସ୍ତକ ୧୧) । ମାତ୍ର ଯେଉଁ ବିଷୟ ବଡ଼ ଆଶା ନେଇ ଆରମ୍ଭ ହୋଇଥିଲା ତାହା ନିରୁତ୍ସାହିତରେ ସମାପ୍ତ ହୋଇଥିଲା ଯେତେବେଳେ ଲୋକମାନେ ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମକୁ ଭାଷା ଦ୍ୱାରା ବିଭକ୍ତ ହୋଇଯାଇଥିଲେ ଓ ଭୟଭୀତ ହୋଇଯାଇ ବିକ୍ଷିପ୍ତ ହୋଇଯାଇଥିଲେ ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ତା'ପରେ ଜଗତର ସମସ୍ତ ପରିଦୃଷ୍ଟ ଜାତି ଓ ଗୋଷ୍ଠୀଗୁଡ଼ିକ ମଧ୍ୟରୁ ଈଶ୍ୱର ଜଣେ ମନୁଷ୍ୟଙ୍କୁ ମନୋନୀତ କରିଥିଲେ ।

*ନିର୍ବାଚନ*

''ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରି ..... ତୁମ୍ଭେ ଆଶୀର୍ବାଦର ଆକର ହେବ। ..... ତୁମ୍ଭଠାରୁ ପୃଥିବୀର ସବୁ ବଂଶ ଆଶୀର୍ବାଦ ପ୍ରାପ୍ତ ହେବେ'' (ଆଦି. ୧୨:୨-୩) । ଅବ୍ରାହାମ୍ ଈଶ୍ୱରଙ୍କ ବିଷୟରେ ମୋଟେ କିଛି ଜାଣି ନ ଥିଲେ । ସେ ଜଣେ ପ୍ରତିମାପୂଜକ ଥିଲେ, ସମ୍ପୂର୍ଣ୍ଣ ଆତ୍ମିକ ଅନ୍ଧକାରରେ ବାସ କରୁଥିଲେ (ଯୋଶି. ୨୪:୨) । ମାତ୍ର ଈଶ୍ୱର ତାଙ୍କ ଜୀବନ ମଧ୍ୟକୁ ଅନିମନ୍ତ୍ରିତ ଭାବରେ ପଶି ଆସିଥିଲେ ଓ ତାଙ୍କୁ ଚିରକାଳ ପାଇଁ ପରିବର୍ତ୍ତନ କରିଦେଇଥିଲେ ।

ଈଶ୍ୱର ଯଦି ଆପଣଙ୍କୁ କିମ୍ବା ମୋତେ ଅପେକ୍ଷା କରିଥା'ନ୍ତେ ଯେ ଆମେ ତାହାଙ୍କୁ ଅନ୍ୱେଷଣ କରିବା ବୋଲି, ତେବେ ସେ ଏବେସୁଦ୍ଧା ଅପେକ୍ଷା କରି ରହିଥା'ନ୍ତେ । କେହି ଜଣେ ବି ଈଶ୍ୱରଙ୍କ ଅନ୍ୱେଷଣ କରନ୍ତି ନାହିଁ (ରୋମୀ. ୩:୧୧) । କେହି ଜଣେ ବି ନୁହଁନ୍ତି ! ସ୍ୱଭାବତଃ ଆମ୍ଭେମାନେ ଈଶ୍ୱରଙ୍କଠାରୁ ଦୂରକୁ ଚାଲିଯାଇଥାଉ । ଆମେ ଯଦି ତାହାଙ୍କୁ ଅନ୍ୱେଷଣ କରୁ, ତେବେ ଏହାର କାରଣ ହେଉଛି ଆମକୁ ଅନ୍ୱେଷଣ କରିବାକୁ ଓ ଆମକୁ ତାହାଙ୍କ ନିକଟକୁ ଆକର୍ଷଣ କରିବାକୁ ସେ ହିଁ ପ୍ରାରମ୍ଭିକ ପଦକ୍ଷେପ ନେଇଅଛନ୍ତି ।

ଈଶ୍ୱର ଅବ୍ରାହାମଙ୍କୁ ଏହି ବିଷୟ ସ୍ପଷ୍ଟ କରିଥିଲେ ଯେ ଏହି ଗ୍ରହର ପ୍ରତ୍ୟେକ ଜାତିରୁ ଲୋକମାନଙ୍କ ଜୀବନରେ ସେ ନିର୍ଦ୍ଦିଷ୍ଟରୂପେ ଏହା ହିଁ କରିବାକୁ ଉଦ୍ଦେଶ୍ୟ ରଖିଥିଲେ। ଈଶ୍ୱର ପ୍ରତ୍ୟେକ ଜାତି ଓ ଭାଷାବାଦୀରୁ, ପ୍ରତ୍ୟେକ ସ୍ତରର ଶିକ୍ଷିତ ଓ ରୋଜଗାର କରୁଥିବା ଲୋକମାନଙ୍କଠାରୁ ଲୋକମାନଙ୍କୁ ଏକତ୍ର କରିବେ ଓ ସେମାନଙ୍କୁ ତାହାଙ୍କ ଆଶୀର୍ବାଦର ସମ୍ପୂର୍ଣ୍ଣ ଜ୍ଞାନ ମଧ୍ୟକୁ କଢ଼ାଇ ନେବେ ।

ଈଶ୍ୱର ବର୍ତ୍ତମାନ କ'ଣ ପ୍ରତିଜ୍ଞା କରୁଅଛନ୍ତି ? *ଈଶ୍ୱର ସମସ୍ତ ଜାତିର ଲୋକମାନଙ୍କୁ ଆଶୀର୍ବାଦ କରିବାକୁ ପ୍ରତିଜ୍ଞା କରନ୍ତି ।*

ଏହି ଆଶୀର୍ବାଦ ସ୍ୱୟଂ ଅବ୍ରାହାମ୍‌ଙ୍କ ମାଧ୍ୟମରେ କିମ୍ବା ସାଧାରଣତଃ ତାହାଙ୍କ ବଂଶଧରମାନଙ୍କ ମାଧ୍ୟମରେ ସମସ୍ତ ଜାତିର ଲୋକମାନଙ୍କ ପ୍ରତି ଆସିବ ନାହିଁ, ମାତ୍ର ବୀଜ ବୋଲି ଡ଼କାଯାଉଥିବା ଜଣେ ପିଲାର ମାଧ୍ୟମରେ ଆସିବ, ଯେ କି ଅବ୍ରାହାମଙ୍କ ବଂଶରୁ ହିଁ ଜନ୍ମ ହେବ (ଗାଲା. ୩:୧୬) । ସେଥିପାଇଁ ପୁରାତନ ନିୟମରେ ଅବ୍ରାହାମ୍‌ଙ୍କ ବଂଶଧରଙ୍କ କାହାଣୀ ରହିଛି ।

ଅବ୍ରାହାମ୍ ଓ ସାରା ବୃଦ୍ଧ ହୋଇଯାଉଥିଲେ ଓ ସେମାନଙ୍କର କୌଣସି ସନ୍ତାନ ନ ଥିଲା। ମାତ୍ର ଈଶ୍ୱରଙ୍କ ଅନୁଗ୍ରହର ଏକ ଆଶ୍ଚର୍ଯ୍ୟକର୍ମ ମାଧ୍ୟମରେ ସାରା ବୃଦ୍ଧ ବୟସରେ ଗର୍ଭସଞ୍ଚରିତ ହୋଇଥିଲେ ଓ ଜଣେ ପୁତ୍ର, ଇସ୍‌ହାକ୍‌ଙ୍କୁ ଜନ୍ମ ଦେଇଥିଲେ । ଇସ୍‌ହାକ୍‌ଙ୍କ ପୁତ୍ର, ଯାକୁବଙ୍କର ବାରଜଣ ପୁତ୍ର ଥିଲେ ଯେଉଁମାନେ ଇସ୍ରାୟେଲର ବାରଗୋଷ୍ଠୀର ପିତା ଥିଲେ ।

ଈଶ୍ୱର ଏକ ବିଶେଷ ଉପାୟରେ ଏହି ପରିବର୍ଦ୍ଧିତ ପରିବାରର ଯତ୍ନ ନେଇଥିଲେ । ଦୁର୍ଭିକ୍ଷ ଯେତେବେଳେ ସେମାନଙ୍କ ଜୀବନରେ ବିପଦ ସୃଷ୍ଟି କରିଥିଲା, ସେତେବେଳେ ଈଶ୍ୱର ମିସରରେ ସେମାନଙ୍କ ନିମନ୍ତେ ଖାଦ୍ୟ ଯୋଗାଇଥିଲେ । ତା'ର ପରବର୍ତ୍ତୀ ବର୍ଷଗୁଡ଼ିକରେ ଈଶ୍ୱର ସେମାନଙ୍କ ସଂଖ୍ୟା ବୃଦ୍ଧି କରିବା ଦ୍ୱାରା ସେମାନଙ୍କୁ ଆଶୀର୍ବାଦ କରିଥିଲେ ଯେପରି ସତୁରି ସଦସ୍ୟ ବିଶିଷ୍ଟ ପରିବର୍ଦ୍ଧିତ ପରିବାର ପ୍ରାୟ ଚାରିଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ପ୍ରାୟ କୋଡ଼ିଏ ଲକ୍ଷ ସଦସ୍ୟ ବିଶିଷ୍ଟ ଏକ ସମ୍ପ୍ରଦାୟ ହୋଇଯିବ ।

ଈଶ୍ୱରଙ୍କ ଲୋକମାନଙ୍କ ସଂଖ୍ୟା ବୃଦ୍ଧି ପାଇଲା ବେଳେ ସେମାନଙ୍କୁ ତୁଚ୍ଛୀକୃତ କରାଯାଇଥିଲା । ସେମାନଙ୍କୁ ଅତି ନିଷ୍ଠୁରତାର ସହିତ ବ୍ୟବହାର କରାଯାଉଥିଲା ପୁଣି ସେମାନେ ମିସରରେ କ୍ରୀତଦାସ ହୋଇ ରହିଥିଲେ । ମାତ୍ର ଈଶ୍ୱର ସେମାନଙ୍କ ଉପରେ ହେଉଥିବା ଦୁଃଖ ଦେଖିଲେ ଓ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଥିଲେ ।

*ମୂଲ୍ୟ ଦେଇ ମୁକ୍ତ କରିବା*

ସଦାପ୍ରଭୁ କହିଲେ, *ଆମ୍ଭେ ମିସର ଦେଶସ୍ଥିତ ଆପଣା ଲୋକମାନଙ୍କର କ୍ଲେଶ ଦେଖିଅଛୁଁ, ..... ଏହେତୁ ମିସ୍ରୀୟ ଲୋକମାନଙ୍କ ହସ୍ତରୁ ସେମାନଙ୍କୁ ଉଦ୍ଧାର କରିବାକୁ, ପୁଣି ସେହି ଦେଶରୁ ଉତ୍ତମ ଓ ପ୍ରଶସ୍ତ ଏକ ଦେଶକୁ ଅର୍ଥାତ୍ କିଣାନୀୟ ଓ ହିତ୍ତୀୟ ଓ ଇମୋରୀୟ ଓ ପିରିଜୀୟ ଓ ହିବ୍ବୀୟ ଓ ଯିବୂଷୀୟମାନେ ଯେଉଁ ସ୍ଥାନରେ ଥାନ୍ତି, ସେହି ଦୁଗ୍ଧମଧୁପ୍ରବାହୀ ଦେଶକୁ ସେମାନଙ୍କୁ ନେଇ ଯିବାକୁ ଓହ୍ଲାଇ ଆସିଲୁଁ* (ଯାତ୍ରା. ୩:୭-୮) । ଈଶ୍ୱର ମୋଶା ନାମକ ଜଣେ ବ୍ୟକ୍ତିଙ୍କୁ ଆହ୍ୱାନ କରିଥିଲେ ଓ ତାଙ୍କୁ ମିସରର ପୌତ୍ତଳିକ ରାଜାଙ୍କ ନିକଟକୁ ଏହି ଆଜ୍ଞା ଦେଇ ପ୍ରେରଣ କରିଥିଲେ : ମୋର ଲୋକମାନଙ୍କୁ ଯିବାକୁ ଦିଅ (ଯାତ୍ରା. ୫:୧) । ରାଜା ଈଶ୍ୱରଙ୍କ ଅଧିକାରକୁ ବୁଝିପାରି ନ ଥିଲେ, ତେଣୁ ଈଶ୍ୱରଙ୍କ ଆଜ୍ଞାକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ତାହାଙ୍କ ବିଚାର ଅଧୀନକୁ ଆସିଥିଲେ । ଈଶ୍ୱର ଅନେକ ସଂଖ୍ୟକ ମହାମାରୀ ପ୍ରେରଣ କରିଥିଲେ ଯାହାକି ଧ୍ୱଂସାତ୍ମକ ବିଚାର ଆଡ଼କୁ କଢ଼ାଇ ନେଇଥିଲା, ଯେଉଁଥିରେ ସମଗ୍ର ଦେଶରେ ମୃତ୍ୟୁ ଆସିଥିଲା ।

ଈଶ୍ୱର ଏହି ବିଚାର ପ୍ରେରଣ କରିବା ପୂର୍ବରୁ ସେ ତାହାଙ୍କ ଲୋକମାନଙ୍କୁ ଏକ ଆଜ୍ଞା ଓ ଏକ ପ୍ରତିଜ୍ଞା ଦେଇଥିଲେ : ପ୍ରତି ପରିବାର ଏକ ମେଷଶାବକ ବଧ କରିବେ ଓ ତା'ର ରକ୍ତ ନେଇ ଏହାକୁ ଦ୍ୱାରବନ୍ଧ ଉପରେ ଲଗାଇବେ ଯେପରି ତାହା ସୂଚୀତ କରିବ ଯେ ମୃତ୍ୟୁ ସେମାନଙ୍କ ଘରକୁ ଆସିସାରିଥିଲା (ଯାତ୍ରା. ୧୨:୭) । ତା'ପରେ ଈଶ୍ୱର କହିଲେ : ଆମ୍ଭେ ସେହି ରକ୍ତ ଦେଖିଲେ ତୁମ୍ଭମାନଙ୍କୁ ଛାଡ଼ି ଆଗକୁ ଯିବା (ଯାତ୍ରା ୧୨:୧୩) ।

ନିସ୍ତାରର ରାତିରେ ଈଶ୍ୱରଙ୍କ ବଳିଦାନ ତାହାଙ୍କ ଲୋକମାନଙ୍କୁ କ୍ରୀତଦାସତ୍ୱରୁ ବାହାର କରିଦେଇଥିଲା ଓ ସେମାନଙ୍କୁ ତାହାଙ୍କ ବିଚାରରୁ ମୁକ୍ତ କରିଥିଲା । ଏହାପରେ, ସେମାନଙ୍କ ସହିତ ଏକ ଚୁକ୍ତି କରିଥିଲେ : ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରେ ଗମନାଗମନ କରିବା, ଓ ତୁମ୍ଭମାନଙ୍କର ପରମେଶ୍ୱର ହେବା ଓ ତୁମ୍ଭେମାନେ ଆମ୍ଭର ଲୋକ ହେବ (ଲେବୀ. ୨୬:୧୨) ।

ଈଶ୍ୱର ଆପଣା ଲୋକମାନଙ୍କୁ ଆଜ୍ଞା ଓ ବଳିଦାନ ଦେଇଥିଲେ । ଆମ୍ଭେମାନେ ଆଜ୍ଞାଗୁଡ଼ିକ ଆବଶ୍ୟକ କରିଥାଉ, କାରଣ ଈଶ୍ୱର ଆପଣା ଲୋକମାନଙ୍କୁ ଆପଣା ପଥରେ ଗମନାଗମନ କରିବାକୁ ଆହ୍ୱାନ କରନ୍ତି । ଯେଉଁମାନେ ତାହାଙ୍କ ନାମ ବହନ କରନ୍ତି ସେମାନଙ୍କୁ ତାହାଙ୍କ ଚରିତ୍ରକୁ ପ୍ରତିଫଳିତ କରିବାକୁ ପଡ଼ିବ । ମାତ୍ର ଈଶ୍ୱରଙ୍କ ଲୋକମାନେ ଆଜ୍ଞାଗୁଡ଼ିକ ଅପେକ୍ଷା ଅଧିକ ବିଷୟ ଆବଶ୍ୟକ କରନ୍ତି । ଆମ୍ଭେମାନେ ବଳିଦାନ ଆବଶ୍ୟକ କରିଥାଉ, କାରଣ ଆମ୍ଭେମାନେ ସବୁଠାରୁ ଉତ୍ତମ ହେଲେ ବି ପାପୀ ଅଟୁ, ଆମ୍ଭେମାନେ ଈଶ୍ୱରଙ୍କ ଗୌରବରୁ ବହୁତ ଊଣା ପଡ଼ିଅଛୁ ।

ଈଶ୍ୱରଙ୍କ ଲୋକମାନେ ବଳିକୃତ ମେଷଶାବକଙ୍କ ରକ୍ତ ଦ୍ୱାରା ବିଚାରରୁ ମୁକ୍ତିପ୍ରାପ୍ତ ହୋଇଥିଲେ । ସେହିପରି ଉପାୟରେ ସେମାନଙ୍କ ପାପ ପାଇଁ ଅର୍ପିତ ଏକ ବଳିଦାନ ମାଧ୍ୟମରେ ଈଶ୍ୱରଙ୍କ ସହିତ ସେମାନଙ୍କ ସହଭାଗିତା ବଳବତର ରହିଥିବ । ବର୍ତ୍ତମାନ ଈଶ୍ୱର କେଉଁ ବିଷୟ ପ୍ରତିଜ୍ଞା କରୁଅଛନ୍ତି ? *ଏକ ବଳିଦାନ ମାଧ୍ୟମରେ ଈଶ୍ୱର ତାହାଙ୍କ ସହିତ ପାପୀମାନଙ୍କୁ ସଂଯୁକ୍ତ କରିବା ପାଇଁ ପ୍ରତିଜ୍ଞା କରନ୍ତି ।*

ଈଶ୍ୱରଙ୍କ ଲୋକମାନେ ଏହି ସାଜସଜ୍ଜା ସହିତ ସନ୍ତୁଷ୍ଟ ନ ଥିଲେ – ସେମାନେ ଜଣେ ରାଜା ଲୋଡ଼ୁଥିଲେ । ଈଶ୍ୱର ସେମାନଙ୍କୁ ସେହି ପ୍ରକାର ଜଣେ ରାଜାଙ୍କୁ ଦେଲେ ଯାହାଙ୍କୁ ସେମାନେ ଲୋଡ଼ୁଥିଲେ, ପୁଣି ସେ ହିଁ ଜଣେ ବିପତ୍ତିରେ ପରିଣତ ହୋଇଥିଲେ । ତା'ପରେ ଈଶ୍ୱର ସେମାନଙ୍କୁ ଆଉ ଜଣେ ରାଜା ଦେଇଥିଲେ, ପୁଣି ଏହି ବ୍ୟକ୍ତିଙ୍କୁ ଈଶ୍ୱର ଏକ ଅସାଧାରଣ ପ୍ରତିଜ୍ଞା ଦେଇଥିଲେ ।

*କର୍ତ୍ତାପଣ*

ଯେତେବେଳେ ତୁମ୍ଭର ଦିନ ପୂର୍ଣ୍ଣ ହେଲେ, ଓ ତୁମ୍ଭେ ଆପଣା ପିତୃଲୋକମାନଙ୍କ ସଙ୍ଗରେ ଶୟନ କଲେ, ଆମ୍ଭେ ତୁମ୍ଭ ଔରସଜାତ ବଂଶକୁ ତୁମ୍ଭଉତ୍ତାରେ ସ୍ଥାପନ କରିବା, ଓ ଆମ୍ଭେ ତାହାର ରାଜ୍ୟ ସ୍ଥିର କରିବା ।  ସେ ଆମ୍ଭ ନାମ ନିମନ୍ତେ ଏକ ଗୃହ ନିର୍ମାଣ କରିବ, ଓ ଆମ୍ଭେ ତାହାର ରାଜ୍ୟସିଂହାସନ ଅନନ୍ତକାଳସ୍ଥାୟୀ କରିବା (୨ୟ ଶାମୁ. ୭:୧୨–୧୩) ।

ରାଜା ଦାଉଦଙ୍କ ସମୟରେ ରାଜାଙ୍କ ଲୋକମାନେ ତାହାଙ୍କ ଆଶୀର୍ବାଦର ଏକ ସ୍ୱାଦ ଲାଭ କରିଥିଲେ ଯାହାକି ସେମାନେ ପୂର୍ବରୁ ଜାଣିଥିବା ଯେକୌଣସି ବିଷୟକୁ ଅତିକ୍ରମ କରିଯାଇଥିଲା । ସେମାନଙ୍କ ଶତ୍ରୁମାନେ ବଶୀଭୂତ ହେବା ଓ ସେମାନଙ୍କ ଭାଇମାନେ ସୁରକ୍ଷିତ ହେବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ଲୋକମାନେ ଐଶ୍ୱର୍ଯ୍ୟଶାଳୀ ହୋଇଥିଲେ । ମାତ୍ର ଦାଉଦଙ୍କ ପରେ କେଉଁ ବିଷୟ ଘଟିବ ?

ପ୍ରତ୍ୟେକ ପିତା ତାଙ୍କର ପୁତ୍ରଙ୍କ ପାଇଁ ସର୍ବୋତ୍ତମ ବିଷୟ ଲୋଡ଼ନ୍ତି, ତେଣୁ ଈଶ୍ୱର ଯେତେବେଳେ ଦାଉଦଙ୍କ ବଂଶ ବିଷୟରେ କହିଥିଲେ, ସେତେବେଳେ ସେ ତାଙ୍କର ଧ୍ୟାନାକର୍ଷଣ କରିଥିଲେ : ଈଶ୍ୱର ଦାଉଦଙ୍କ ନିଜର ପୁତ୍ରଙ୍କୁ ବଢ଼ାଇବାକୁ ଓ ତାଙ୍କର ରାଜ୍ୟ ପ୍ରତିଷ୍ଠା କରିବାକୁ ପ୍ରତିଜ୍ଞା କରିଥିଲେ । ଦାଉଦଙ୍କ ପୁତ୍ର ଈଶ୍ୱରଙ୍କ ନାମ ନିମନ୍ତେ ଏକ ଗୃହ ନିର୍ମାଣ କରିବାକୁ ଦାଉଦଙ୍କ ସ୍ୱପ୍ନ ସାକାର କରିବେ ।

ତା'ପରେ ଈଶ୍ୱର ଏକ ପ୍ରତିଜ୍ଞା ଦେଇଥିଲେ, ତାହା ଏତେ ମହାନ୍ ଥିଲା ଯେ ଏହାକୁ ଗ୍ରହଣ କରିବା ପାଇଁ ଦାଉଦଙ୍କୁ ବସିଯିବାକୁ ପଡ଼ିଥିଲା । ଈଶ୍ୱର ଦାଉଦଙ୍କ ପୁତ୍ରଙ୍କୁ ଚିରକାଳ ପାଇଁ ତାଙ୍କର ରାଜ୍ୟ ପ୍ରତିଷ୍ଠା କରିବାକୁ ପ୍ରତିଜ୍ଞା କରିଥିଲେ, ପୁଣି ସେ କହିଥିଲେ, ଆମ୍ଭେ ତାହାର ପିତା ହେବା, ଓ ସେ ଆମ୍ଭର ପୁତ୍ର ହେବ (୨ୟ ଶାମୁ. ୭:୧୪) । ଏହି ଦୃଶ୍ୟରେ ପ୍ରଥମ ପୁତ୍ର ହେଉଛନ୍ତି ଦାଉଦଙ୍କ ନିକଟତମ ପୁତ୍ର ଶଲୋମନ, ଯେ କି ସିଂହାସନାରୂଢ଼ ହେବା ପର୍ଯ୍ୟନ୍ତ ତାଙ୍କର ପିତାଙ୍କୁ ଅନୁସରଣ କରନ୍ତି । ମାତ୍ର ଦାଉଦଙ୍କ ଅନନ୍ତ ରାଜବଂଶ ବିଷୟରେ ପ୍ରତିଜ୍ଞା (୨ୟ ଶାମୁ. ୭:୧୬) ଏକ ପୁତ୍ରଙ୍କ ବିଷୟରେ ପୂର୍ବାନୁମାନ ଦେଇଥାଏ ଯେ କି ଉଭୟ ଦାଉଦ ଓ ଶଲୋମନଙ୍କୁ ଆଶାତୀତ ଭାବରେ ଟପିଯିବେ । ଗୋଟିଏ ରାଜ୍ୟ କିପରି ଭାବରେ ଚିରକାଳସ୍ଥାୟୀ ହୋଇପାରିବ ? ପୁଣି କେଉଁ ଅର୍ଥରେ ଦାଉଦଙ୍କର ଏହି ପୁତ୍ର ମଧ୍ୟ ଈଶ୍ୱରଙ୍କ ପୁତ୍ର ହେବ ?

ଆମ୍ଭେମାନେ ପୁରାତନ ନିୟମ କାହାଣୀକୁ ଦେଖିଲେ, ଈଶ୍ୱରଙ୍କ ଯୋଜନାର ଏକ ଚିତ୍ର ଓ ଜଣେ ବ୍ୟକ୍ତିଙ୍କ ଚିତ୍ର ଗଠନ କରିଥାଉ, ଯେ କି ଈଶ୍ୱର ଯାହା ପ୍ରତିଜ୍ଞା କରନ୍ତି ତାହା ବ୍ୟକ୍ତ କରିବେ : ଈଶ୍ୱର ଲୋକମାନଙ୍କୁ ଜୀବନ ଦେବାକୁ ପ୍ରତିଜ୍ଞା କରନ୍ତି ଯେ କି ତାହାଙ୍କ ଗୌରବକୁ ପ୍ରତିଫଳିତ କରିବେ, ଯେପରି ମନ୍ଦତାକୁ ଧ୍ୱଂସ କରିପାରିବେ ଓ ଜଗତକୁ ଏହାର ଅଭିଶାପରୁ ମୁକ୍ତ କରିପାରିବେ, ସମସ୍ତ ଜାତିର ଲୋକମାନଙ୍କୁ ଆଶୀର୍ବାଦ କରିପାରିବେ, ପାପ ପାଇଁ ଏକ ବଳିଦାନ ଦେବା ମାଧ୍ୟମରେ ଆପଣାକୁ ପାପୀମାନଙ୍କ ସହିତ ସଂଯୁକ୍ତ କରିପାରିବେ ।

ଏହି ପ୍ରତିଜ୍ଞା ପାଳନ କରୁଥିବା ବ୍ୟକ୍ତି ଜଣେ ନାରୀଠାରୁ ଜନ୍ମଗ୍ରହଣ କରିବେ ସେ ଅବ୍ରାହାମଙ୍କ ଜଣେ ବଂଶ ଓ ଦାଉଦଙ୍କ ବଂଶଧର, ଜଣେ ରାଜା ହେବେ, ଯେ କି ଈଶ୍ୱରଙ୍କ ଶାସନର ଆଶୀର୍ବାଦ ଆଣିବେ । ଈଶ୍ୱର ତାଙ୍କର ପିତା ହେବେ, ପୁଣି ସେ ଈଶ୍ୱରଙ୍କ ପୁତ୍ର ହେବେ। ଈଶ୍ୱର ଚିରକାଳ ପାଇଁ ତାହାଙ୍କ ରାଜ୍ୟର ସିଂହାସନ ପ୍ରତିଷ୍ଠା କରିବେ । ବର୍ତ୍ତମାନ ଈଶ୍ୱର କ'ଣ ପ୍ରତିଜ୍ଞା କରୁଅଛନ୍ତି ? ଈଶ୍ୱର ପ୍ରତିଜ୍ଞା କରନ୍ତି ଯେ ତାହାଙ୍କ ଲୋକମାନେ ତାହାଙ୍କ ଶାସନର ଆଶୀର୍ବାଦ ଅଧୀନରେ ଚିରକାଳ ଶାସନ କରିବେ ।

ଦାଉଦଙ୍କ ପରେ ଅନେକ ବ୍ୟକ୍ତି ରାଜା ହୋଇଥିଲେ କେତେକ ଉତ୍ତମ ଥିଲେ, ମାତ୍ର ଅଧିକାଂଶ ମନ୍ଦ ଥିଲେ । ଈଶ୍ୱରଙ୍କ ଲୋକମାନେ ଅନ୍ୟ ଦେବତାମାନଙ୍କୁ ପୂଜା କଲେ ଓ ସେମାନଙ୍କ ନିଜ ନିଜ ପଥରେ ଗମନ କଲେ । ଈଶ୍ୱର ଭାବବାଦୀ ବୋଲି ଡ଼କାଯାଉଥିବା ବାର୍ତ୍ତାବହମାନଙ୍କୁ ପ୍ରେରଣ କଲେ ଯେପରି ସେମାନେ ତାହାଙ୍କ ଲୋକମାନଙ୍କୁ ଆଜ୍ଞାବହ ହେବା ପାଇଁ ଫେରାଇ ଆଣିବେ । ସେମାନଙ୍କ ବାର୍ତ୍ତାକୁ ବହୁଳ ଭାବରେ ଉପେକ୍ଷା କରାଯାଉଥିଲା । ତେଣୁ ଈଶ୍ୱର, ଯାହାଙ୍କ ନାମ କେବେ ବିଫଳ ହୁଏ ନାହିଁ, ସେ ଶିଷ୍ୟମାନଙ୍କ ପ୍ରତି ଫେରାଇଥିଲେ ଓ ଆପଣା ଲୋକମାନଙ୍କୁ ସଂଶୋଧନ କରିଥିଲେ ।

*ସଂଶୋଧନ*

''ଯେହେତୁ ସଦାପ୍ରଭୁ ଏହି କଥା କହନ୍ତି, ବାବିଲର ସତୁରି ବର୍ଷ ସମ୍ପୂର୍ଣ୍ଣ ହେଲାଉତ୍ତାରେ ଆମ୍ଭେ ତୁମ୍ଭମାନଙ୍କର ତତ୍ତ୍ୱାନୁସନ୍ଧାନ କରିବା, ଓ ତୁମ୍ଭମାନଙ୍କୁ ଏହି ସ୍ଥାନକୁ ଫେରାଇ ଆଣି ତୁମ୍ଭମାନଙ୍କ ପକ୍ଷରେ ଆମ୍ଭର ମଙ୍ଗଳ ବାକ୍ୟ ସିଦ୍ଧ କରିବା । କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେସକଳ ସଙ୍କଳ୍ପ କରିଅଛୁଁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଙ୍କଳ୍ପ ଅଟେ'' (ଯିରି. ୨୯:୧୦-୧୧) ।

ଈଶ୍ୱର ଆପଣା ଲୋକାମାନଙ୍କୁ ଯେଉଁ ଦେଶ ଦେଇଥିଲେ ଶତ୍ରୁମାନଙ୍କ ଦ୍ୱାରା ତାହା ଅଧିକାର କରାଯାଇଥିଲା, ପୁଣି ଈଶ୍ୱରଙ୍କ ଲୋକମାନେ ନିର୍ବାସିତ ହୋଇଥିଲେ । ସେମାନେ ବାବିଲୋନ୍‌ରେ ଈଶ୍ୱରଙ୍କ ଶୃଙ୍ଖଳା ଅଧୀନରେ ବାସ କଲେ ଓ ସତୁରୀ ବର୍ଷ ଦୁଃଖ ଓ ଅନୁତାପ କରି ସେମାନଙ୍କ ପଥ ହେତୁ କ୍ରନ୍ଦନ କଲେ ।

ମାତ୍ର ଏପରିକି ଏହି ଭୟଙ୍କର ଶୃଙ୍ଖଳାରେ ବି ଈଶ୍ୱର ଆପଣା ଲୋକମାନଙ୍କ ନିମନ୍ତେ ଆପଣା ଉଦ୍ଦେଶ୍ୟ ଜଣାଉଥିଲେ । ଈଶ୍ୱର ଆମ ପାପରେ ଆମକୁ ଗ୍ରହଣ କରନ୍ତି, ମାତ୍ର ସେ କେବେ ବି ଆମ ପାପରେ ଆମକୁ ଛାଡ଼ିଦିଅନ୍ତି ନାହିଁ । ମାତ୍ର ଆମକୁ ତାହାଙ୍କ ଉପାୟ ଅନୁସରଣ କରିବାକୁ ଆହ୍ୱାନ କରିବାରେ ଓ ଆମେ ସେଗୁଡ଼ିକରୁ ପୃଥକ୍ ହେବା ପରେ ଆମକୁ ସଂଶୋଧନ କରିବାରେ ସେ କଠୋର ମନୋଭାବ ପୋଷଣ କରିଥିଲେ । ଈଶ୍ୱର ବର୍ତ୍ତମାନ କ'ଣ ପ୍ରତିଜ୍ଞା କରୁଅଛନ୍ତି ? *ଈଶ୍ୱର ପ୍ରତିଜ୍ଞା କରନ୍ତି ଯେ ତାହାଙ୍କର ସମସ୍ତ ଲୋକ ତାହାଙ୍କର ସମସ୍ତ ପଥରେ ଗମନାଗମନ କରିବେ ।*

ଆପଣଙ୍କ ଜୀବନରେ ଈଶ୍ୱରଙ୍କ ମୁକ୍ତି କାର୍ଯ୍ୟ ଯେତେବେଳେ ସମ୍ପୂର୍ଣ୍ଣ ହୋଇଯିବ, ସେତେବେଳେ ଆପଣ ଈଶ୍ୱରଙ୍କୁ ଆପଣଙ୍କ ସମସ୍ତ ଅନ୍ତଃକରଣ, ମନ, ପ୍ରାଣ ଓ ଶକ୍ତିରେ ପ୍ରେମ କରିବେ, ଆପଣ ଆପଣଙ୍କ ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବେ, ପୁଣି ଆପଣ ତାହାଙ୍କ ପ୍ରେମର ଆନନ୍ଦକୁ ଈଶ୍ୱରଙ୍କର ସମସ୍ତ ଲୋକଙ୍କୁ ଚିରକାଳ ଅଂଶୀ କରିବେ ।

ସେହିଦିନ ପର୍ଯ୍ୟନ୍ତ ଈଶ୍ୱର ବିଶ୍ରାମ ନେବେ ନାହିଁ, ଯେପର୍ଯ୍ୟନ୍ତ ତାହାଙ୍କ ଲୋକମାନେ ପାପ ପ୍ରତି ଆସକ୍ତ ହୋଇଥିବେ ଯାହାକୁ ପରିତ୍ୟାଗ କରିବାକୁ ସେ ଆମକୁ ସ୍ପଷ୍ଟରୂପେ କହିଅଛନ୍ତି । ଈଶ୍ୱର ପାରି କରିବା କାର୍ଯ୍ୟ କରୁ ନାହାନ୍ତି, ଆତ୍ମ-କୈନ୍ଦ୍ରିକ ପାପୀମାନଙ୍କୁ ଅନନ୍ତ ଜୀବନର ଆନନ୍ଦ ମଧ୍ୟକୁ ନେଇଯାଉ ନାହାନ୍ତି । ଈଶ୍ୱର ଆମକୁ ଆଜ୍ଞାବହ ହେବା ପାଇଁ ଆହ୍ୱାନ କରନ୍ତି, ପୁଣି ଆମ୍ଭେମାନେ ଯେତେବେଳେ ତାହାଙ୍କ ଆହ୍ୱାନକୁ ପ୍ରତିରୋଧ କରିଥାଉ, ସେତେବେଳେ ଆମ୍ଭେମାନେ ତାହାଙ୍କ ପ୍ରେମମୟ ଶୃଙ୍ଖଳାର ଅଧୀନସ୍ଥ ହେବାକୁ ଆଶା କରିବା ଉଚିତ୍, ଯାହାକି ଆମକୁ ଛାଡ଼ିବା ପାଇଁ ପ୍ରତ୍ୟାଖ୍ୟାନ କରିଥାଏ ।

ସତୁରୀ ବର୍ଷ ପରେ ଈଶ୍ୱର ଆପଣାର ସଂଯତ ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶକୁ ଫେରାଇ ନେଇଥିଲେ। ଏହି ପୁନଃସଂସ୍ଥାପନ ଈଶ୍ୱରଙ୍କ ଅନୁଗ୍ରହର ଏକ ଆଶ୍ଚର୍ଯ୍ୟ କାର୍ଯ୍ୟ

ଥିଲା ଯାହାକି ଅସମ୍ଭବ ଜଣାଯାଉଥିଲା । ମାତ୍ର ତା'ପରେ ଈଶ୍ୱର ଜଣେ ବ୍ୟକ୍ତିଙ୍କୁ ସେହି ଦର୍ଶନ ଦେଇଥିଲେ ଯାହାକି ସେ କରିବାକୁ ଯାଉଥିଲେ।

*ପୁନଃସଂସ୍ଥାପନ*

''ତେବେ ସେ ମୋତେ କହିଲେ, ହେ ମନୁଷ୍ୟସନ୍ତାନ, ଏହି ଅସ୍ଥିସକଳ ସମୁଦାୟ ବଂଶ ଅଟନ୍ତି ଦେଖ, ସେମାନେ କହନ୍ତି, ଆମ୍ଭମାନଙ୍କର ଅସ୍ଥିସବୁ ଶୁଷ୍କ ହୋଇଅଛି, ଆମ୍ଭମାନଙ୍କର ଭରସା ନଷ୍ଟ ହୋଇଅଛି ଆମ୍ଭେମାନ ସମ୍ପୂର୍ଣ୍ଣରୂପେ ଉଚ୍ଛିନ୍ନ ହୋଇଅଛୁ । ଏଥିପାଇଁ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି ସେମାନଙ୍କୁ କୁହ, ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି ହେ ଆମ୍ଭର ଲୋକେ, ଦେଖ, ଆମ୍ଭେ ତୁମ୍ଭମାନଙ୍କର କବର ମୁକ୍ତ କରିବା, ଓ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କ କବରରୁ ବାହାର କରାଇବା, ଆଉ ତୁମ୍ଭମାନଙ୍କୁ ଇଶ୍ରାୟେଲ ଦେଶକୁ ଆଣିବା । ପୁଣି ହେ ଆମ୍ଭର ଲୋକେ, ଆମ୍ଭେ ତୁମ୍ଭମାନଙ୍କର କବର ମୁକ୍ତ କରି ତୁମ୍ଭମାନଙ୍କୁ ତୁମ୍ଭମାନଙ୍କ କବରରୁ ବାହାର କରାଇଲେ, ଆମ୍ଭେ ଯେ ସଦାପ୍ରଭୁ ଅଟୁଁ, ଏହା ତୁମ୍ଭେମାନେ ଜାଣିବ'' (ଯିହି. ୩୭:୧୧-୧୩) ।

ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ଏତେ ମହାନ୍ ଅଟେ ଯେ ସେଗୁଡ଼ିକ ସମ୍ମୁଖରେ ବିଶ୍ୱାସ ଟଳମଳ ହୋଇଥାଏ । ସେଥିପାଇଁ ଯିହିଜିକଲଙ୍କ ସମୟରେ ଏହା ହିଁ ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ଥିଲା । ଯିରୁଶାଲମ ଭଗ୍ନାବସ୍ଥାରେ ପଡ଼ିଥିଲା ଏହାର ଅଧିକାଂଶ ଲୋକ ପଳାୟନ କରିଥିଲେ କିମ୍ବା ମୃତ୍ୟୁବରଣ କରିଥିଲେ ପୁଣି ଯେଉଁମାନେ ଜୀବିତ ରହିଥିଲେ ସେମାନେ ଏହି ଶାସନ ପ୍ରଣାଳୀ ଅଧୀନରେ ବାବିଲୋନ୍‌ରେ ନିର୍ବାସିତ ଥିଲେ ଯାହାର ସେମାନଙ୍କୁ ଛାଡ଼ିବାକୁ ଉଦ୍ଦେଶ୍ୟ ନ ଥିଲା ।

ଈଶ୍ୱରଙ୍କ ଲୋକମାନେ ତାହାଙ୍କ ପ୍ରତିଜ୍ଞାଗୁଡ଼ିକ ଜାଣିଥିଲେ, ମାତ୍ର ମନ୍ଦତାର ବିନାଶ, ସମସ୍ତ ଜାତି ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଓ ଦାଉଦଙ୍କ ରାଜ୍ୟର ଆନନ୍ଦ ସେମାନଙ୍କ ଦୈନନ୍ଦିନ ପରିଶ୍ରମଠାରୁ ଅନ୍ୟ ଜଗତ ପରି ଜଣାଯାଇଥିଲା । ଏହି ଆଶ୍ଚର୍ଯ୍ୟକର ଦେଶରେ ତାହାଙ୍କ ପ୍ରଶଂସା ଗାନ କରିବା ଈଶ୍ୱରଙ୍କ ଲୋକମାନଙ୍କ ପକ୍ଷରେ କଷ୍ଟକର ହୋଇଥିଲା ।

ତା'ପରେ ଈଶ୍ୱର ଯିହିଜିକଲ ଭାବବାଦୀଙ୍କୁ ଏକ ଦର୍ଶନ ଦେଇଥିଲେ ସେଥିରେ ସେ ଶୁଷ୍କ ଅସ୍ଥିର ଏକ ଉପତ୍ୟକା ଦେଖିଲେ । ଏହି ଚିତ୍ର ଈଶ୍ୱରଙ୍କ ଲୋକମାନଙ୍କ ମନୋବୃତ୍ତିକୁ ଉପଯୁକ୍ତ କରିଥିଲା, ଯେ କି କହୁଥିଲେ, ଆମ୍ଭମାନଙ୍କର ଅସ୍ଥିସବୁ ଶୁଷ୍କ ହୋଇଅଛି, ଆମ୍ଭମାନଙ୍କର ଭରସା ନଷ୍ଟ ହୋଇଅଛି ଆମ୍ଭେମାନ ସମ୍ପୂର୍ଣ୍ଣରୂପେ ଉଚ୍ଛିନ୍ନ ହୋଇଅଛୁ (ଯିହି. ୩୭:୧୧) । ସେମାନେ ଅନୁଭବ କରିବାକୁ ଆସିଥିଲେ ଯେ ସେମାନଙ୍କ ପରିସ୍ଥିତିରେ କୌଣସି ଆଶା ହିଁ ନାହିଁ ।

ଦର୍ଶନରେ ଯିହିଜିକଲ ଅସ୍ଥିଗୁଡ଼ିକୁ ଈଶ୍ୱରଙ୍କ ବାକ୍ୟ କହିଥିଲେ, ପୁଣି ସେ ତାହା କରିବା ବେଳେ ଅସ୍ଥିଗୁଡ଼ିକ ଏକତ୍ରିତ ହୋଇଥିଲ। ତା'ପରେ ସେଗୁଡ଼ିକ ପେଶୀରଜ୍ଜୁ, ମାଂସ, ଓ ଚର୍ମ ଆବୃତ୍ତ ହୋଇଥିଲା ପୁଣି ସେହି ମୃତଦେହ ମଧ୍ୟରେ ଈଶ୍ୱରଙ୍କ ଆତ୍ମାରୂପ ଜୀବନ

ଆସିଥିଲା, ଠିକ୍ ଯେପରି ସେ ଆଦମଙ୍କ ମଧ୍ୟରେ ଜୀବନ ସଞ୍ଚାର କରିଥିଲେ । ଈଶ୍ୱର କବର ମଧ୍ୟରୁ ନୂତନ ଜୀବନ ଆଣୁଥିଲେ । ଈଶ୍ୱର ବର୍ତ୍ତମାନ କେଉଁ ବିଷୟ ପ୍ରତିଜ୍ଞା କରୁଅଛନ୍ତି ? *ଈଶ୍ୱର କବର ମଧ୍ୟରୁ ନୂତନ ଜୀବନ ପ୍ରତିଜ୍ଞା କରୁଅଛନ୍ତି ।*

*ଉପସଂହାର*

ପୁରାତନ ନିୟମ ହିଁ ଈଶ୍ୱରଙ୍କ ଚମତ୍କାର ପ୍ରତିଜ୍ଞାଗୁଡ଼ିକର କାହାଣୀ ଅଟେ । ପଛକୁ ଫେରିଯାଆନ୍ତୁ ଓ ଏହାକୁ ଅନ୍ତରରେ ରଖିବାକୁ ଚେଷ୍ଟା କରନ୍ତୁ :

୧) ଈଶ୍ୱର ସେହି ଲୋକମାନଙ୍କୁ ଜୀବନ ଦେବାକୁ ପ୍ରତିଜ୍ଞା କରନ୍ତି ଯେଉଁମାନେ ତାହାଙ୍କ ଗୌରବ ପ୍ରତିଫଳିତ କରିବେ।
୨) ଈଶ୍ୱର ମନ୍ଦତାକୁ ଧ୍ୱଂସ କରିବାକୁ ଓ ଜଗତକୁ ଏହି ଅଭିଶାପରୁ ମୁକ୍ତ କରିବାକୁ ପ୍ରତିଜ୍ଞା କରନ୍ତି।
୩) ଈଶ୍ୱର ସମସ୍ତ ଜାତିର ଲୋକମାନଙ୍କୁ ଆଶୀର୍ବାଦ କରିବାକୁ ପ୍ରତିଜ୍ଞା କରନ୍ତି।
୪) ପାପ ନିମନ୍ତେ ଏକ ବଳିଦାନ କରିବା ମାଧ୍ୟମରେ ପାପୀମାନଙ୍କୁ ଆପଣା ସହିତ ସଂଯୁକ୍ତ କରିବାକୁ ଈଶ୍ୱର ପ୍ରତିଜ୍ଞା କରନ୍ତି।
୫) ଈଶ୍ୱର ପ୍ରତିଜ୍ଞା କରନ୍ତି ଯେ ତାହାଙ୍କ ଲୋକମାନେ ତାହାଙ୍କ ଶାସନର ଆଶୀର୍ବାଦ ଅଧୀନରେ ଚିରକାଳ ବାସ କରିବେ।
୬) ଈଶ୍ୱର ପ୍ରତିଜ୍ଞା କରନ୍ତି ଯେ ତାହାଙ୍କ ସମସ୍ତ ଲୋକ ତାହାଙ୍କ ସମସ୍ତ ଉପାୟରେ ଗମନାଗମନ କରିବେ।
୭) ଈଶ୍ୱର କବରରୁ ନୂତନ ଜୀବନ ଆଣିବେ ବୋଲି ପ୍ରତିଜ୍ଞା କରନ୍ତି।

ଯେକୌଣସି ମାନରେ, ଏଗୁଡ଼ିକ ଚମତ୍କାର ପ୍ରତିଜ୍ଞା ଅଟେ । କେବଳ ଈଶ୍ୱର ହିଁ ସେଗୁଡ଼ିକ କରିପାରିଥିଲେ, ଏବଂ କେବଳ ଈଶ୍ୱର ହିଁ ସେଗୁଡ଼ିକ ସମ୍ପନ୍ନ କରିପାରିବେ । ସେ ସେଗୁଡ଼ିକ କିପରି କରିଅଛନ୍ତି ଓ ଆପଣଙ୍କ ପାଇଁ ଏହି ପ୍ରତିଜ୍ଞାଗୁଡ଼ିକର ଅର୍ଥ କ'ଣ ତାହା ଦେଖିବା ପାଇଁ ଆମ୍ଭେମାନେ ନୂତନ ନିୟମ ଖୋଲିବା ।

## ଖ୍ରୀଷ୍ଟ ପ୍ରତିଜ୍ଞାଗୁଡ଼ିକ ସଫଳ କରନ୍ତି : ସୁସମାଚାର କାହାଣୀ

ଈଶ୍ୱର ପ୍ରତିଜ୍ଞାଗୁଡ଼ିକୁ ଏତେ ମହାନ୍ କରନ୍ତି ଯାହାକୁ କି ସ୍ୱୟଂ ଈଶ୍ୱର କେବଳ କରିପାରିବେ, ତେଣୁ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କଠାରେ ମନୁଷ୍ୟ ଶରୀର ଧାରଣ କରିଥିଲେ । ସୃଷ୍ଟିକର୍ତ୍ତା ଆପଣାର ସୃଷ୍ଟି ମଧ୍ୟରେ ପ୍ରବେଶ କଲେ । ଈଶ୍ୱର ଆସିଲେ ଓ ଆପଣାର ପ୍ରତିଜ୍ଞା ସଫଳ କରିବା ପାଇଁ ଆମ ସହିତ ଛିଡ଼ା ହେଲେ, ଆମ ପାଇଁ କାର୍ଯ୍ୟ କଲେ । ଯେଉଁ ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ ଓ ଈଶ୍ୱର ଥିଲେ, ପୁଣି ଯାହାଙ୍କ ଦ୍ୱାରା ସମସ୍ତ ବିଷୟ ତିଆରି ହୋଇଥିଲା ତାହା ଶରୀରରୂପୀ ହୋଇଥିଲା ଓ ଆମ ଗହଣରେ ତାହାଙ୍କ ବାସ ହୋଇଥିଲା (ଯୋହନ ୧:୨, ୧୪) । ଯୀଶୁ ଖ୍ରୀଷ୍ଟ ଆପଣା ଲୋକମାନଙ୍କ ପାଇଁ ଯାହା ସମ୍ପନ୍ନ କରିଅଛନ୍ତି ସୁସମାଚାର ଆମକୁ ତାହା କହିଥାଏ ।

*ଅବତାର*

''ଦୂତ ତାହାଙ୍କୁ ଉତ୍ତର ଦେଲେ, ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବେ, ଏଣୁ ଯେ ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ'' (ଲୂକ ୧:୩୫) ।

ଦୂତ ମରିୟମଙ୍କୁ ଘୋଷଣା କରିଥିଲେ ଯେ ଯୀଶୁ ସର୍ବୋଚ୍ଚଙ୍କ ପୁତ୍ର ଓ ଈଶ୍ୱରଙ୍କ ପୁତ୍ର ହେବେ (ଲୂକ ୧:୩୨, ୩୫), ପୁଣି ମାଥିଉ ଲିପିବଦ୍ଧ କରନ୍ତି ଯେ ସେ ହିଁ ଆମ୍ଭମାନଙ୍କ ସହିତ ଈଶ୍ୱର ଅଟନ୍ତି (ମାଥି. ୧:୨୩) । ଯୋହନ ତାହାଙ୍କୁ ଈଶ୍ୱରଙ୍କ ବାକ୍ୟ ଯେ କି ଶରୀର ହୋଇଥିଲେ ବୋଲି ବର୍ଣ୍ଣନା କରନ୍ତି (ଯୋହନ ୧:୧୪) ।

ଈଶ୍ୱର ବାକ୍ୟରେ ତାହାଙ୍କ ପ୍ରତିଜ୍ଞା କହିଥିଲେ । ତା'ପରେ ତାହାଙ୍କ ବାକ୍ୟ ଯେତେବେଳେ ଶରୀର ଧାରଣ କଲା, ସେତେବେଳେ ଈଶ୍ୱରଙ୍କ ପ୍ରତିଜ୍ଞା ବ୍ୟକ୍ତ କରାଗଲା । ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି କେବଳ ଈଶ୍ୱର ହିଁ ତାହା ବ୍ୟକ୍ତ କରିପାରିବେ । ସେଥିପାଇଁ ଖ୍ରୀଷ୍ଟୀୟ ପ୍ରଶଂସା ଓ ଧନ୍ୟବାଦ ଘନିଷ୍ଠରୂପେ ଯୀଶୁ ଖ୍ରୀଷ୍ଟ ଈଶ୍ୱର ଅଟନ୍ତି ଓ ଯୀଶୁ ଖ୍ରୀଷ୍ଟ ମନୁଷ୍ୟ ଅଟନ୍ତି ବୋଲି ସ୍ୱୀକାରୋକ୍ତି ସହିତ ଘନିଷ୍ଠରୂପେ ଜଡ଼ିତ ଅଟନ୍ତି । ଆମ୍ଭେମାନେ ଯେପରି ଜନ୍ମ ହୋଇଛୁ, ଖ୍ରୀଷ୍ଟ ମଧ୍ୟ ସେହିପରି ଜନ୍ମ ହୋଇଥିଲେ – ଆମର ଜୀବନଯାପନ କରିବା ପାଇଁ ଓ ଆମର ମୃତ୍ୟୁଭୋଗ କରିବା ପାଇଁ । ସେ ଆମ ନିକଟକୁ ଆସିଥିଲେ ଓ ଆମ ପାଇଁ କାର୍ଯ୍ୟ କରିବାକୁ ଆମ ସହିତ ଛିଡ଼ା ହୋଇଥିଲେ । ଈଶ୍ୱରଙ୍କ ପରି ସେ ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି ତାହା ବ୍ୟକ୍ତ କରନ୍ତି ମନୁଷ୍ୟ ପରି ସେ ଈଶ୍ୱର ଆମ ପ୍ରତି ଯାହା ପ୍ରତିଜ୍ଞା କରିଅଛନ୍ତି ତାହା ବ୍ୟକ୍ତ କରନ୍ତି ।

ଦୂତ ମଧ୍ୟ ଘୋଷଣା କରିଥିଲେ ଯେ ଯୀଶୁ ପବିତ୍ର ଅଟନ୍ତି : ପବିତ୍ର ବ୍ୟକ୍ତି (ଲୂକ ୧:୩୫) । ଏଠାରେ କିଛି ବିଷୟ ଅଛି ଯାହାକି ପୂର୍ବରୁ ଇତିହାସରେ କେବେ ବି ଦେଖାଯାଇ ନାହିଁ, କିମ୍ବା ଏହାକୁ ଆଉ କେବେ ବି ଦେଖାଯିବ ନାହିଁ : ଜଣେ ବ୍ୟକ୍ତି ଯେ କି ସ୍ୱଭାବତଃ ପବିତ୍ର ଅଟନ୍ତି। ଏହି ବ୍ୟକ୍ତି ଅଧିକାର ଅନୁଯାୟୀ ସ୍ୱର୍ଗସ୍ଥ ଅଟନ୍ତି, ପୁଣି ସେ ଈଶ୍ୱର ହୋଇଥିବାରୁ ଅନ୍ୟମାନଙ୍କୁ ସେଠାକୁ ତାହାଙ୍କ ସହିତ ଆଣିବା ପାଇଁ ତାହାଙ୍କର କ୍ଷମତା ଅଛି ।

ଈଶ୍ୱର ଓ ମନୁଷ୍ୟର ପବିତ୍ର ବ୍ୟକ୍ତି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକତ୍ୱ ଆମ ପାଇଁ ଆଶାର ଦ୍ୱାର ଖୋଲି ଦେଇଥାଏ । ଜନ୍ କାଲ୍‌ଭିନ୍ ଏହି ବିଷୟକୁ ସୁନ୍ଦର ଭାବରେ ବ୍ୟକ୍ତ କରନ୍ତି :

> ସଂକ୍ଷିପ୍ତ କହିଲେ, ସେ କେବଳ ଈଶ୍ୱର ହୋଇ ନ ଥିବାରୁ ମୃତ୍ୟୁ ଅନୁଭବ କରିଥିଲେ, କିମ୍ବା କେବଳ ମନୁଷ୍ୟ ହୋଇଥିବାରୁ ଏହା ଉପରେ ଜୟଲାଭ କରିଥିଲେ, ସେଥିପାଇଁ ସେ ମାନବ ସ୍ୱଭାବକୁ ସ୍ୱର୍ଗୀୟ ସ୍ୱଭାବ ସହିତ ଯୋଡ଼ି ଦେଇଥିଲେ ଯେପରି ପାପ ପାଇଁ ପ୍ରାୟଶ୍ଚିତ୍ତ କରିବାକୁ ଦେଇ ସେ ଜଣଙ୍କର ଦୁର୍ବଳତାକୁ ମୃତ୍ୟୁ ପ୍ରତି ସମର୍ପିତ କରିପାରିବେ ପୁଣି ସେଥିପାଇଁ ଅନ୍ୟ ପ୍ରକୃତିର ଶକ୍ତି ଦ୍ୱାରା ମୃତ୍ୟୁ ସହିତ ଯୁଦ୍ଧ କରି ସେ ଯେପରି ଆମ ପାଇଁ ବିଜୟ ଲାଭ କରିବେ ।[୨]

ଏହା ହିଁ ଅବତାରର ଉଦ୍ଦେଶ୍ୟ ଅଟେ । କେବଳ ଐଶ୍ୱରିକ ବ୍ୟକ୍ତି ହିଁ ପୁରୁଷ ଓ ମହିଳାଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ବ୍ୟକ୍ତ କରିପାରିବେ । ଈଶ୍ୱରଙ୍କ ପବିତ୍ର ବ୍ୟକ୍ତିଙ୍କ ଜନ୍ମ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସିଦ୍ଧ, ପାପରହିତ ଜୀବନ ପ୍ରତି କଢ଼ାଇ ନେଇଥିଲା ।

*ପ୍ରଲୋଭନ*

''ଯୀଶୁ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଯର୍ଦ୍ଦନରୁ ବାହୁଡ଼ିଲେ ଏବଂ ଚାଳିଶ ଦିନ ପର୍ଯ୍ୟନ୍ତ ଆତ୍ମାଙ୍କ ଦ୍ୱାରା ପ୍ରାନ୍ତରରେ ଚାଳିତ ହୋଇ ଶୟତାନ କର୍ତ୍ତୃକ ପରୀକ୍ଷିତ ହେଉଥିଲେ । ସେହି ସମସ୍ତ ଦିନ ସେ କିଛି ଭୋଜନ କଲେ ନାହିଁ, ଆଉ ସେହି ସବୁ ଦିନ ଶେଷ ହୁଅନ୍ତେ ସେ କ୍ଷୁଧିତ ହେଲେ (ଲୂକ ୪:୧-୨) । ଖ୍ରୀଷ୍ଟ ଯେତେବେଳେ ଶୟତାନ ଦ୍ୱାରା ପ୍ରଲୋଭିତ ହେବା ପାଇଁ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇଥିଲେ ସେତେବେଳେ ଶୟତାନର ସମ୍ମୁଖୀନ ହୋଇଥିଲେ, ପୁଣି ଆଦମ ବିଫଳ ହେଲା ପରେ ଖ୍ରୀଷ୍ଟ ବିଜୟଲାଭ କରିଥିଲେ । ସର୍ପ ଯୀଶୁଙ୍କୁ ତିନିଥର ପ୍ରଲୋଭିତ କରିଥିଲା, ଠିକ୍ ଯେପରି ସେ ହବା ଓ ଆଦମଙ୍କ ସହିତ କରିଥିଲା । ଏହି ସମାନ୍ତରାଳ ବିଷୟ ସ୍ପଷ୍ଟ ଅଟେ, ମାତ୍ର ଆମ୍ଭମାନଙ୍କୁ ଏହି ପାର୍ଥକ୍ୟ ହରାଇବାକୁ ପଡ଼ିବ ନାହିଁ ।

ବାତାବରଣ ସ୍ପଷ୍ଟରୂପେ ଭିନ୍ନ ଥିଲା । ଆଦମ ଓ ହବା ଏକ ବଗିଚାରେ ପ୍ରଲୋଭନର ସମ୍ମୁଖୀନ ହୋଇଥିଲେ ଯେଉଁଠାରେ ସେମାନଙ୍କ ଚତୁର୍ଦ୍ଦିଗରେ ଗଛଗୁଡ଼ିକରେ ଖାଦ୍ୟ ଯୋଗାଇ ଦିଆଯାଉଥିଲା । ଖ୍ରୀଷ୍ଟ ଏକ ପ୍ରାନ୍ତରରେ ପ୍ରଲୋଭନର ସମ୍ମୁଖୀନ ହୋଇଥିଲେ ଯେଉଁଠାରେ କୌଣସି ଖାଦ୍ୟ ନ ଥିଲା, ପୁଣି ସେ କ୍ଷୁଧିତ ଥିଲେ ।

ପ୍ରାରମ୍ଭିକ ପଦକ୍ଷେପଗୁଡ଼ିକ ଭିନ୍ନ ଥିଲା । ଶୟତାନ ବଗିଚାରେ ମହିଳାକୁ ଦେଖିବାକୁ ଆସିଥିଲା । ମାତ୍ର ଖ୍ରୀଷ୍ଟ ପ୍ରାନ୍ତରରେ ଶୟତାନ ପଛରେ ଯାଇଥିଲେ । ପବିତ୍ର ଆତ୍ମା ତାହାଙ୍କୁ ଶୟତାନର ସମ୍ମୁଖୀନ ହେବା ପାଇଁ ପରିଚାଳିତ କରିଥିଲେ । ଖ୍ରୀଷ୍ଟ ଶୟତାନର ଦୃଷ୍ଟି ଆକର୍ଷଣ କରିଥିଲେ, ତାକୁ ଖୋଲା ସ୍ଥାନକୁ ଆକର୍ଷିତ କରିଥିଲେ, ଓ ପ୍ରଥମେ ସମ୍ମୁଖୀନ ହୋଇଥିଲେ ।

ସର୍ବୋଚ୍ଚ ପାର୍ଥକ୍ୟ ଥିଲା ଫଳାଫଳ । ଆଦମ ଯେଉଁଠାରେ ବିଫଳ ହୋଇଥିଲେ, ଖ୍ରୀଷ୍ଟ ସେହିଠାରେ ହିଁ ବିଜୟଲାଭ କରିଥିଲେ । ଖ୍ରୀଷ୍ଟଙ୍କୁ ତା'ର ସର୍ବାଧିକ କଠୋର ପ୍ରଲୋଭନରେ ପକାଇବା ଦ୍ୱାରା ଶୟତାନକୁ ପଳାୟନ କରିବାକୁ ବାଧ କରାଯାଇଥିଲା ଏକ ଅନୁକୂଳ ସମୟ ପର୍ଯ୍ୟନ୍ତ (ଲୂକ ୪:୧୩) । ଜଣେ ପବିତ୍ର ବ୍ୟକ୍ତିଙ୍କୁ ପ୍ରଲୋଭିତ କରି ଜୟଲାଭ କରିବା ସ୍ପଷ୍ଟରୂପେ ଏକ ଇଚ୍ଛାଧୀନ ବିଷୟ ନ ଥିଲା ।

ପ୍ରଲୋଭନ ଉପରେ ଖ୍ରୀଷ୍ଟଙ୍କ ବିଜୟର ଆମ ପାଇଁ ଏକ ବଡ଼ ଉଲ୍ଲେଖନୀୟତା ରହିଛି । ଆଦମଙ୍କ ବିଫଳତା ଆମ ପାଇଁ ଦୁଃଖ ବିଷୟ ଆଣିଦେଇଥିଲା । ଯେଉଁମାନେ ତାଙ୍କଠାରୁ ଜୀବନ ଆହରଣ କରନ୍ତି ସେମାନଙ୍କ ସମସ୍ତଙ୍କୁ ସେ ତାଙ୍କ ବିଫଳତାର ଫଳଗୁଡ଼ିକୁ ଦେଇ ଦେଇଥିଲେ । ସ୍ୱଭାବତଃ ଆମ୍ଭେମାନେ ଆଦମଙ୍କର ଅଟୁ, ଯେ କି ବିଫଳ ହୋଇଥିଲେ । ଆମେ ତାଙ୍କ ବିଫଳତାର ଅଂଶୀ ହୋଇଥାଉ । ଆମ୍ଭେମାନେ ପାପର ଅଧୀନରେ ଅଛୁ (ରୋମୀ. ୩:୯) ।

ମାତ୍ର ଖ୍ରୀଷ୍ଟଙ୍କ ବିଜୟ ଆମ ପାଇଁ ଆଶା ଆଣିଥାଏ । ଆଦମ ଯେପରି ତାଙ୍କଠାରୁ ଆନୀତ ସମସ୍ତଙ୍କୁ ତାଙ୍କର ବିଫଳତାର ଫଳକୁ ଦେଇଥିଲେ, ସେହିପରି ଖ୍ରୀଷ୍ଟ ତାହାଙ୍କ ବିଜୟର ଫଳ ଯେଉଁମାନେ ତାହାଙ୍କଠାରୁ ନୂତନ ଜୀବନ ଆହରଣ କରନ୍ତି ସେହିମାନଙ୍କୁ ଦିଅନ୍ତି । ଅନୁଗ୍ରହରେ ଓ ବିଶ୍ୱାସ ମାଧ୍ୟମରେ ଆମ୍ଭେମାନେ ଖ୍ରୀଷ୍ଟଙ୍କର ଅଟୁ ଯେ କି ବିଜୟଲାଭ କରିଥିଲେ । ଆମ୍ଭେମାନେ ତାହାଙ୍କ ବିଜୟର ଅଂଶୀ ଅଟୁ । ଆମ୍ଭେମାନେ ଅନୁଗ୍ରହ ଅଧୀନରେ ଅଛୁ (ରୋମୀ. ୬:୧୪) ।

ବିଫଳ ହୋଇଥିବା ଆଦମଙ୍କ ଦୁର୍ବଳତା ଆପଣଙ୍କ ମଧ୍ୟରେ ଅଛି, ତେଣୁ ପ୍ରଲୋଭନ ବିରୁଦ୍ଧରେ ଆପଣଙ୍କ ପ୍ରହରୀ ନିଯୁକ୍ତ କରନ୍ତୁ । ମାତ୍ର ଜୟଲାଭ କରିଥିବା ଖ୍ରୀଷ୍ଟଙ୍କ ଶକ୍ତି ମଧ୍ୟ ପବିତ୍ର ଆତ୍ମାଙ୍କ ଦ୍ୱାରା ଆପଣଙ୍କ ମଧ୍ୟରେ ଅଛି, ତେଣୁ ଆମ୍ଭେମାନେ ପ୍ରଲୋଭିତ ହେଲା ବେଳେ ଦୃଢ଼ରୂପେ ଛିଡ଼ା ହୋଇପାରିବା ।

ପ୍ରାନ୍ତରରେ ସେ ଜୟଲାଭ କରିବା ପରେ ଯୀଶୁ ଆତ୍ମାଙ୍କ ଶକ୍ତିରେ ଗାଲୀଲୀକି ବାହୁଡ଼ିଗଲେ, ଆଉ ଚତୁର୍ଦ୍ଦିଗସ୍ଥ ସମସ୍ତ ଅଞ୍ଚଳରେ ତାହାଙ୍କର ଖ୍ୟାତି ବ୍ୟାପିଗଲା (ଲୂକ ୪:୧୪) । ତା'ପରେ ଯାହା ଘଟିଥିଲା ତାହା ଆପଣଙ୍କୁ ଆଜି ଜଗତରେ ଜୀବନ ବିଷୟରେ ଆମର ଅନୁଭୂତିକୁ ବୁଝିବା ପାଇଁ ସାହାଯ୍ୟ କରିବ ।

*ପ୍ରତ୍ୟାଖ୍ୟାନ*

''ପ୍ରଭୁଙ୍କର ଆତ୍ମା ମୋଠାରେ ଅନୁଷ୍ଠିତ, ଯେଣୁ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ସେ ମୋତେ ଅଭିଷିକ୍ତ କରିଅଛନ୍ତି, ବନ୍ଦୀମାନଙ୍କ ନିକଟର ମୁକ୍ତି ଓ ଅନ୍ଧମାନଙ୍କ ନିକଟରେ ଦୃଷ୍ଟିଲାଭର ବିଷୟ ଘୋଷଣା କରିବାକୁ ପୁଣି ଉପଦ୍ରବଗ୍ରସ୍ତ ଲୋକମାନଙ୍କୁ ମୁକ୍ତ କରିବାକୁ ଆଉ ପ୍ରଭୁଙ୍କ ଅନୁଗ୍ରହବର୍ଷ ଘୋଷଣା କରିବାକୁ ସେ ମୋତେ ପ୍ରେରଣ କରିଅଛନ୍ତି । ସମାଜଗୃହରେ ଏହି ସବୁ କଥା ଶୁଣୁ ଶୁଣୁ ସମସ୍ତେ କ୍ରୋଧରେ ପରିପୂର୍ଣ୍ଣ ହେଲେ (ଲୂକ ୪:୧୮-୧୯, ୨୮) ।

ଯୀଶୁ ଯେପରି ଶାସ୍ତ୍ର ପଢ଼ନ୍ତି ଓ ଏହାର ଅର୍ଥ ବର୍ଣ୍ଣନା କରନ୍ତି ସେହିପରି ଉପାସନା ଗୃହରେ କ୍ଷୁଦ୍ର ଦଳ ଏକତ୍ରିତ ହୋଇଥିବାର ଚିତ୍ର ପ୍ରଦାନ କରନ୍ତୁ । ତାହାଙ୍କ ବାକ୍ୟଗୁଡ଼ିକ ଆଶାରେ ପରିପୂର୍ଣ୍ଣ ଅଟେ, ମାତ୍ର ଲୋକମାନେ ଆନନ୍ଦରେ ନୁହେଁ, ମାତ୍ର ଭୟରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେମାନେ ଭୟଭୀତ ଥିଲେ । ଆମକୁ ସାହାଯ୍ୟ କରିବାକୁ ଆସିଥିବା ଯୀଶୁ ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟର କେତେକ କ୍ଷେତ୍ରରେ ତାହାଙ୍କୁ ପ୍ରାରମ୍ଭରୁ ହିଁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ପୁଣି ଏହି ପ୍ରସଙ୍ଗ ସୁସମାଚାର ମାଧ୍ୟମରେ ଯଥାର୍ଥରୂପେ ଗତି କରିଥାଏ ।

ଅନ୍ୟ ଏକ ଘଟଣାରେ ଯୀଶୁ ଜଣେ ପଙ୍ଗୁ ହସ୍ତ ବିଶିଷ୍ଟ ବ୍ୟକ୍ତିକୁ ସୁସ୍ଥ କରିଥିଲେ । ଏହା ଏକ ଚମତ୍କାର ଆଶ୍ଚର୍ଯ୍ୟକର୍ମ ଥିଲା, ମାତ୍ର ଏହି ପ୍ରତିକ୍ରିୟାକୁ ଲକ୍ଷ୍ୟ କରନ୍ତୁ : ଫାରୁଶୀଗଣ କ୍ରୋଧରେ ଉନ୍ମତ୍ତ ହେଲେ, ଆଉ ଯୀଶୁଙ୍କ ପ୍ରତି କଅଣ କରି ପାରନ୍ତି, ସେ ବିଷୟରେ ପରସ୍ପର କଥାବାର୍ତ୍ତା କରିବାକୁ ଲାଗିଲେ (ଲୂକ ୬:୧୧) । ଅନ୍ୟ ଏକ ସମୟରେ ଖ୍ରୀଷ୍ଟ

ଜଣେ ବ୍ୟକ୍ତିଙ୍କଠାରୁ ମନ୍ଦାତ୍ମାଗଣଙ୍କୁ ବାହାର କରିଥିଲେ ଯେ କି ଅନେକ ହିଂସାକାଣ୍ଡ କରି ତା'ର ସମ୍ପ୍ରଦାୟରେ ଆତଙ୍କ ସୃଷ୍ଟି କରିଥିଲା । ମାତ୍ର ଲୋକମାନେ ଯେତେବେଳେ ସେମାନଙ୍କ ପ୍ରତି ଆତଙ୍କ ସୃଷ୍ଟି କରିଥିବା ବ୍ୟକ୍ତିକୁ ବସ୍ତ୍ର ପିନ୍ଧି ଉତ୍ତମ ମନରେ ବସିବାର ଦେଖିଲେ, ସେତେବେଳେ ସେମାନେ ଯୀଶୁଙ୍କୁ ସେହି ଅଞ୍ଚଳ ଛାଡ଼ି ଚାଲିଯିବା ପାଇଁ ଅନୁରୋଧ କଲେ (ଲୂକ ୮:୩୭) ।

ଏହି ପ୍ରକାର ପ୍ରତ୍ୟାଖ୍ୟାନ ଯୀଶୁଙ୍କୁ କ୍ରୁଶବିଦ୍ଧ ହେବା ପାଇଁ ଆହ୍ୱାନ କରିଥିବା ଲୋକମାନଙ୍କ ମଧ୍ୟରେ ସର୍ବୋଚ୍ଚ ହୋଇଥିଲା । ପିଲାତ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ, ମାତ୍ର ସେ କ୍ରୁଶରେ ଚଢ଼ାଯାଉ ବୋଲି ଦାବି କରି ସୋମନେ ବଡ଼ ପାଟିରେ ଜିଦ୍ କରିବାକୁ ଲାଗିଲେ, ଆଉ ସେମାନଙ୍କ କୋଳାହଳର ଜୟ ହେଲା (ଲୂକ ୨୩:୨୩) ।

ଆମ୍ଭେମାନେ ଗୋଟିଏ ଖ୍ରୀଷ୍ଟ-ପ୍ରତ୍ୟାଖ୍ୟାତ ଜଗତରେ ବାସ କରିଥାଉ । ଆପଣମାନେ ସେହିପରି ଜଗତକୁ ବୁଝିପାରିବେ ନାହିଁ ଯେଉଁଠାରେ ଆପଣ ଏହା ଆହରଣ କରିବା ପର୍ଯ୍ୟନ୍ତ ଆମ୍ଭେମାନେ ବାସ କରିବା : ଖ୍ରୀଷ୍ଟ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ (ଯୋହନ ୧:୧୧) ।

ଯେତେବେଳେ ପ୍ରାକୃତିକ ଦୁର୍ବିପାକ ହୋଇଥାଏ, ସେତେବେଳେ ଲୋକମାନେ ପଚାରନ୍ତି, ଈଶ୍ୱର କାହିଁକି ସେ ବିଷୟରେ କିଛି କରନ୍ତି ନାହିଁ ? ମାତ୍ର ଯେତେବେଳେ ସେ ଆସିଲେ ଓ ଝଡ଼କୁ ସୁସ୍ଥିର କଲେ, ସେତେବେଳେ ଆମ୍ଭେମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲୁ । ବନ୍ଧୁକଧାରୀ ଗୁଣ୍ଡା ଯେତେବେଳେ ବିଦ୍ୟାଳୟଗୁଡ଼ିକରେ ଆତଙ୍କ ସୃଷ୍ଟି କରନ୍ତି, ସେତେବେଳେ ଆମ୍ଭେମାନେ ପଚାରିଥାଉ, ଈଶ୍ୱର କାହିଁକି ଏ ବିଷୟରେ କରନ୍ତି ନାହିଁ ? ମାତ୍ର ସେ ଯେତେବେଳେ ଆସିଲେ ଓ ମନ୍ଦାତ୍ମାଗଣଙ୍କୁ ବାହାର କରିଦେଲେ, ସେତେବେଳେ ଆମ୍ଭେମାନେ ତାହାଙ୍କୁ ଚାଲିଯିବାକୁ ଅନୁରୋଧ କରିଥିଲୁ । କର୍କଟ ରୋଗ ହେଲେ ଆମ୍ଭେମାନେ ପଚାରିଥାଉ, ଈଶ୍ୱର କାହିଁକି ସେ ବିଷୟରେ କିଛି କରନ୍ତି ନାହିଁ ? ମାତ୍ର ସେ ଯେତେବେଳେ ଆସିଲେ ଓ ଅସୁସ୍ଥଙ୍କୁ ସୁସ୍ଥ କଲେ, ସେତେବେଳେ ଲୋକମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ ।

ସେ ଆପଣା ରାଜ୍ୟକୁ ଆସିଲେ, ତଥାପିତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ । ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଯେ ଏହା ସେହିଠାରେ ସମାପ୍ତ ହୋଇଯାଏ ନାହିଁ । ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ (ଯୋହନ ୧:୧୨) ।

ଖ୍ରୀଷ୍ଟିୟାନ ଭାବରେ ଏହିଠାରେ ହିଁ ଆମର ପଦବୀ ଅଛି : ଆମ୍ଭେମାନେ ଗୋଟିଏ ଖ୍ରୀଷ୍ଟ-ପ୍ରତ୍ୟାଖ୍ୟାତ ଜଗତରେ ବାସ କରିଥାଉ, ଯେଉଁଠାରେ ପାପ ଓ ମୃତ୍ୟୁ ରହିଛି, ମାତ୍ର ଆମ୍ଭେମାନେ ଗୋଟିଏ ଖ୍ରୀଷ୍ଟ-ଉଚ୍ଚୀକୃତ ପରିବାରର ଅନ୍ତର୍ଭୁକ୍ତ ଅଟୁ, ଯେଉଁଠାରେ ଜୀବନ ଓ ଆନନ୍ଦ ଅଛି । ଆମ୍ଭେମାନେ ଉଭୟ ଏହି ପତିତ ଜଗତର ଯନ୍ତ୍ରଣା ଓ ସମସ୍ତଙ୍କ ଆଶାର ଅନୁଭୂତି ଲାଭ କରିଥାଉ, ଯେଉଁମାନେ ଏକ ସମୟରେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି ।

ଜଗତ ଯେତେବେଳେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲା, ସେତେବେଳେ ଯୀଶୁ ଆପଣାର ତିନିଜଣ ଶିଷ୍ୟଙ୍କ ସହିତ ଏକ ପର୍ବତ ଉପରକୁ ଯାଇଥିଲେ।

*ରୂପାନ୍ତରଣ*

''ପୁଣି ସେ ପ୍ରାର୍ଥନା କରୁଥିବା ସମୟରେ ତାହାଙ୍କ ମୁଖର ରୂପ ପରିବର୍ତ୍ତନ ହେଲା ଏବଂ ତାହାଙ୍କ ବସ୍ତ୍ର ଶୁଭ୍ରବର୍ଣ୍ଣ ଓ ଅତ୍ୟନ୍ତ ଉଜ୍ଜ୍ୱଳ ହେଲା'' (ଲୂକ ୯:୨୯) । ପିତର, ଯାକୁବ, ଓ ଯୋହନ ଯୀଶୁ ଖ୍ରୀଷ୍ଟଙ୍କ ଗୌରବ, ନିପୁଣତା ଓ ଦୀପ୍ତି ଦେଖିଲେ । ସେମାନେ ଦୂତଗଣ ସ୍ୱର୍ଗରେ ଯାହା ଦେଖନ୍ତି ଓ ଦିନେ ପ୍ରତ୍ୟେକ ମନୁଷ୍ୟ ଚକ୍ଷୁ ଯାହା ଦେଖିବ ତାହା ଦେଖିଲେ । ଝଟକୁଥିବା ଆଲୋକ କେତେ ଉଜ୍ଜ୍ୱଳ ଅଟେ ? ଯୀଶୁ, ଯାହାଙ୍କୁ ଏହି ବ୍ୟକ୍ତି ଜଣେ ସାଙ୍ଗ ଭାବରେ ଜାଣିବାକୁ ଆସିଥିଲେ, ସେ ପିତାଙ୍କ ଗୌରବର ଉଜ୍ଜ୍ୱଳତା ଥିଲେ ଓ ଅଟନ୍ତି (ଏବ୍ରୀ ୧:୩) ।

ମାତ୍ର ସେଠାରେ ଆହୁରି ଅଧିକ ବିଷୟ ଅଛି : ମୋଶା ଓ ଏଲିୟ ଏହି ଦୁଇ ବ୍ୟକ୍ତି ଯୀଶୁଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ ସେମାନେ ଗୌରବରେ ଦର୍ଶନ ଦେଲେ (ଲୂକ ୯:୩୦-୩୧) । ମୋଶା ଓ ଏଲିୟ ଶହ ଶହ ବର୍ଷ ପୂର୍ବରୁ ବାସ କରୁଥିଲେ ଓ ମୃତ୍ୟୁବରଣ କରିଥିଲେ । ବର୍ତ୍ତମାନ ସେ ଦେଖାଦିଅନ୍ତି ଜୀବନରେ, ଯୀଶୁଙ୍କ ଗୌରବର ଅଂଶୀ ହୁଅନ୍ତି ।

ତା'ପରେ ସର୍ବଶକ୍ତିମାନଙ୍କ ରବ ମେଘମାଳାରୁ କଥା କହିଥିଲେ, ଏ ଆମ୍ଭର ପୁତ୍ର, ଆମ୍ଭର ମନୋନୀତ, ଏହାଙ୍କ ବାକ୍ୟ ଶ୍ରବଣ କର (ଲୂକ ୯:୩୫) । ଆଜି ଜଗତ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖାନ କରିଥାଏ । ମାତ୍ର ଈଶ୍ୱର ଆପଣଙ୍କୁ ଆହ୍ୱାନ କରନ୍ତି ଯେ ଆପଣ ତାହାଙ୍କ କଥା ଶୁଣିବେ । ଈଶ୍ୱର ତାହାଙ୍କୁ ମନୋନୀତ କରିଅଛନ୍ତି, ପୁଣି ସେ ମୃତ ବ୍ୟକ୍ତିମାନଙ୍କୁ ଗୌରବାନ୍ୱିତ କରିବାକୁ ସକ୍ଷମ ଅଟନ୍ତି !

ଶିଷ୍ୟଗଣ ପର୍ବତ ଉପରେ ରହି ନ ଥିଲେ । ମେଘମାଳା ଅନ୍ତର୍ହିତ ହୋଇଯାଇଥିଲା ମୋଶା ଓ ଏଲିୟ ଅନ୍ତରାଳରୁ ଅନ୍ତର୍ହିତ ହୋଇଯାଇଥିଲେ ପୁଣି ଯୀଶୁଙ୍କ ମୁହଁ ସେହିପରି ହୋଇଯାଇଥିଲା ଯାହାକି ସେମାନେ ପୂର୍ବରୁ ଏହା ଜାଣିଥିଲେ । ଶିଷ୍ୟମାନଙ୍କୁ ବିଶ୍ୱାସରେ ଜୀବନଯାପନ କରିବାକୁ ଥିଲା, ଠିକ୍ ଯେପରି ଆମେ କରିଥାଉ, ପୁଣି ସେମାନେ ଯେତେବେଳେ ପର୍ବତ ତଳକୁ ଆସିଲେ, ସେତେବେଳେ ସେମାନେ ଏପରି ଏକ ଜଗତ ମଧ୍ୟକୁ ଫେରିଯାଇଥିଲେ, ଯାହାକି ବହୁତ ମନ୍ଦ ଓ ପ୍ରଚୁର ଅଭାବରେ ପରିପୂର୍ଣ୍ଣ ଥିଲା ।

*କ୍ରୁଶବିଦ୍ଧ*

''ସେମାନେ କପାଳ ନାମକ ସ୍ଥାନରେ ଉପସ୍ଥିତ ହୋଇ ସେଠାରେ ତାହାଙ୍କୁ କ୍ରୁଶରେ ଚଢ଼ାଇଲେ'' (ଲୂକ ୨୩:୩୩) । ଆମର ପାପ ଏହାର ସମ୍ପୂର୍ଣ୍ଣ ଆତଙ୍କରେ ପହଞ୍ଚିଥିଲା ପୁଣି କ୍ରୁଶରେ ଏହାର ସର୍ବାଧିକ ଭୀତିପ୍ରଦ ପ୍ରକାଶନ ଦେଖିଥିଲା । ଆମ୍ଭେମାନେ ସମସ୍ତେ ଈଶ୍ୱରଙ୍କ ଆଜ୍ଞାର ଅନାଜ୍ଞାବହ ହୋଇଥିଲୁ ତା'ପରେ ଆମ୍ଭେମାନେ ଈଶ୍ୱରଙ୍କ ପୁତ୍ରଙ୍କୁ କ୍ରୁଶବିଦ୍ଧ କରିଥିଲୁ ।

ଈଶ୍ୱରଙ୍କ ବିଚାର ମାନବ ଜାତି ଉପରେ ଆସିବାକୁ ଥିଲା, ମାତ୍ର ଆମ୍ଭେମାନେ ଯେଉଁ ବିଚାରର ଯୋଗ୍ୟ ଥିଲୁ ଈଶ୍ୱର ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲେ ।

ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶରେ କଣ୍ଟାବିଦ୍ଧ କରିବା ବେଳେ ଆମର ପ୍ରଭୁ ପ୍ରାର୍ଥନା କରିଥିଲେ, ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ (ଲୂକ ୨୩:୩୪) । ଯୀଶୁ ଯେତେବେଳେ ଏହା କହିଲେ, ସେତେବେଳେ ସେ ଆପଣାକୁ ଈଶ୍ୱରଙ୍କ ବିଚାର ଅଧୀନରେ ଏକାକୀ ରଖୁଥିଲେ । ସେ ଜାଣିଥିଲେ ଯେ ସେହିଦିନ ବଚାର ଆସିବ, ପୁଣି ଏହା ଆସିଥିଲା । ମାତ୍ର ସେ ପିତାଙ୍କ ପ୍ରତି ଚିତ୍କାର କରିଥିଲେ, ଏହାକୁ ସେମାନଙ୍କ ଉପରକୁ ଆସିବାକୁ ଦିଅ ନାହିଁ, ଏହାକୁ ମୋ ଉପରେ ଆସିବାକୁ ଦିଅ ।

କାଲବରୀରେ ତାହା ହିଁ ଘଟିଥିଲା । ଆପଣଙ୍କ ପାପ ପାଇଁ ଯୀଶୁ ହିଁ ଦଣ୍ଡ ପାଇଥିଲେ । ଆପଣଙ୍କ ବିଚାର ପାଇଁ ଖ୍ରୀଷ୍ଟ ହିଁ ଆଲୋକ ଧାରା ହୋଇଥିଲେ, ପୁଣି ଆପଣଙ୍କ ପାଇଁ କ୍ରୁଶ ଉପରେ ଦୁଃଖଭୋଗ କରିବା ଓ ମୃତ୍ୟୁଭୋଗ କରିବା ମାଧ୍ୟମରେ ପାପକ୍ଷମା ଆସିଥିଲା । ଯୀଶୁଙ୍କ ଉପରେ ଅଭିଶାପ ଆସିଥିଲା, କାରଣ ସେ ଆମର ପାପ ବହନ କରିଥିଲେ (୧ମ ପିତ. ୨:୨୪) । ଆମ ଦୋଷର ଭାର ତାହାଙ୍କ ଉପରେ ଅର୍ପଣ କରାଯାଇଥିଲା (ଯିଶା. ୫୩:୬), ପୁଣି ଆମ ପାପ ପାଇଁ ସେ ବଳିକୃତ ହୋଇଥିଲେ ।

ଖ୍ରୀଷ୍ଟଙ୍କ ମୃତ୍ୟୁ ତାହାଙ୍କର ସମସ୍ତ ଲୋକଙ୍କ ନିମନ୍ତେ ମୃତ୍ୟୁକୁ ପରିବର୍ତ୍ତନ କରନ୍ତି । ଆପଣ ଯେତେବେଳେ ମୃତ୍ୟୁବରଣ କରନ୍ତି, ସେତେବେଳେ ଆପଣଙ୍କ ମୃତ୍ୟୁ ମଧ୍ୟରେ ଆପଣଙ୍କ ପାପ ଓ ଦୋଷ ବହନ କରିବେ ନାହିଁ, କାରଣ ଆପଣଙ୍କ ସେ ଆପଣା ମୃତ୍ୟୁରେ ଏହା ବହନ କରିଥିଲେ । ଆପଣ ଯଦି ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ତେବେ ଆପଣ କେବେ ବି ଜାଣିପାରିବେ ନାହିଁ ଯେ ପାପ-ବହନକାରୀ ମୃତ୍ୟୁ ଭୋଗ କରିବା କ'ଣ ।

ଆମର ପାପ ଯେତେବେଳେ ଏହାର ସମ୍ପୂର୍ଣ୍ଣ ଆତଙ୍କରେ ପହଞ୍ଚିଥିଲା, ସେତେବେଳେ ଈଶ୍ୱରଙ୍କ ପ୍ରେମ ଏହାର ସମସ୍ତ ଗୌରବରେ ପ୍ରଦର୍ଶିତ ହୋଇଥିଲା । ଆପଣ ଯଦି ଆପଣଙ୍କ ନିମନ୍ତେ ଈଶ୍ୱରଙ୍କ ପ୍ରେମକୁ ସନ୍ଦେହ କରନ୍ତି, ତେବେ କ୍ରୁଶ ଆଡ଼କୁ ଅନାନ୍ତୁ । ଅନ୍ୟ କୌଣସି ପ୍ରେମ ଏହା ସହିତ ମେଳ ଖାଇପାରିବ ନାହିଁ । ଆମ ଅନୁଭୂତିରେ ଅନ୍ୟ କୌଣସି ବିଷୟ ନିକଟକୁ ଆସିପାରିବ ନାହିଁ । ଖ୍ରୀଷ୍ଟଙ୍କଠାରେ ଆମ ପାଇଁ  ଈଶ୍ୱରଙ୍କ ପ୍ରେମ ଆମର ସ୍ୱପ୍ନ ଦେଖିବାର ସାହସ ଅପେକ୍ଷା ଅଧିକ ମହାନ୍ ଅଟେ ।

*ପୁନଃସଂସ୍ଥାପନ*

''ସେ ଏଠାରେ ନାହାନ୍ତି ସେ ଉଠିଅଛନ୍ତି!'' (ଲୂକ ୨୪:୬) । ପୁନରୁତ୍ଥାନ ସକାଳେ ଦଳେ ମହିଳା କବର ନିକଟକୁ ଗଲେ ଯେଉଁଠାରେ ଯୀଶୁଙ୍କ ଶରୀର ରଖାଯାଇଥିଲା ପୁଣି ସେମାନେ ଏହାକୁ ଶୂନ୍ୟ ଥିବାର ଦେଖିଲେ । ସେମାନେ ଯେଉଁ ସୁସମାଚାର ଶୁଣିଲେ ତାହା ନ ଥିଲା ଯୀଶୁ ଜୀବିତ ଅଟନ୍ତି ମାତ୍ର ସେ ଉଠିଅଛନ୍ତି । ଈଶ୍ୱରଙ୍କ ପୁତ୍ର ମାନବ ଶରୀର ଧାରଣ କରିବା ପୂର୍ବରୁ ସ୍ୱର୍ଗରେ ଜୀବିତ ଥିଲେ । ସେ କବର ମଧ୍ୟରେ ଆପଣାର କ୍ରୁଶବିଦ୍ଧ ଶରୀରକୁ ଛାଡ଼ିଦେଇ

ସ୍ୱର୍ଗ ଫେରିଯାଇ ପାରିଥା'ନ୍ତେ । ଦୂତଗଣ କହିପାରିଥା'ନ୍ତେ, ତାହାଙ୍କ ଶରୀର କବର ମଧ୍ୟରେ ଅଛି, ମାତ୍ର ଭୟ କର ନାହିଁ ତାହାଙ୍କ ଆତ୍ମା ସ୍ୱର୍ଗରେ ପିତାଙ୍କ ସହିତ ଅଛି । କିନ୍ତୁ ଆମ ପାଇଁ ମୂଲ୍ୟ ଦେଇ ମୁକ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଈଶ୍ୱରଙ୍କ ଯୋଜନା ସେଥିରେ ସମ୍ପନ୍ନ ହୋଇପାରି ନ ଥା'ନ୍ତା ।

ଈଶ୍ୱର ଯେତେବେଳେ ଦୂତଗଣଙ୍କୁ ସୃଷ୍ଟି କଲେ, ସେତେବେଳେ ସେ ସେମାନଙ୍କୁ ଶରୀର ବିନା ପ୍ରାଣ ଭାବରେ ତିଆରି କରିଥିଲେ ପୁଣି ଯେତେବେଳେ ସେ ପଶୁଗୁଡ଼ିକୁ ସୃଷ୍ଟି କଲେ ସେତେବେଳେ ସେ ସେମାନଙ୍କୁ ପ୍ରାଣ ବିନା ଶରୀର ଭାବରେ ତିଆରି କଲେ । ମାତ୍ର ସେ ଆମକୁ ଉଭୟ ଶରୀର ଓ ପ୍ରାଣକୁ ଏକତ୍ର କରି ଅନନ୍ୟ ଭାବରେ ଯୋଡ଼ି ସୃଷ୍ଟି କଲେ ।

ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି ମୃତ୍ୟୁ ତାହା ବିଚ୍ଛିନ୍ନ କରିଥାଏ । ଏହା ହେଉଛି ଆମ ସ୍ୱଭାବର ଅକର୍ତ୍ତବ୍ୟ ଅଟେ ପୁଣି ସେଥିପାଇଁ ମୃତ୍ୟୁ ସେହିପରି ଏକ ଭୟଙ୍କର ଶତ୍ରୁ ଅଟେ । ମାତ୍ର ଖ୍ରୀଷ୍ଟ ମୃତ୍ୟୁ ମାଧ୍ୟମରେ ଯାଇଥିଲେ, ମୃତ୍ୟୁ ଉପରେ ଜୟଲାଭ କରିଥିଲେ, ଓ ମୃତ୍ୟୁରୁ ବାହାରି ଆସିଥିଲେ । ସେ ଆପଣଙ୍କ ଜୀବନକୁ – ଅର୍ଥାତ୍ ପ୍ରାଣ ଓ ଶରୀରକୁ ମୁକ୍ତ କରିବାକୁ – ପୁଣି ଆପଣଙ୍କୁ ସମସ୍ତଙ୍କୁ ବିନା ଦୋଷରେ ଓ ମହା ଆନନ୍ଦରେ ସ୍ୱର୍ଗରେ ଆପଣା ପିତାଙ୍କ ପ୍ରତି ଉପସ୍ଥାପନ କରିବାକୁ ଆସିଥିଲେ (ଯିହୂଦା ୨୪) ।

ତା'ପରେ ଖ୍ରୀଷ୍ଟ ଶିଷ୍ୟମାନଙ୍କର ମନ ଖୋଲି ଦେଇଥିଲେ, ଯେପରି ସେମାନେ ଦେଖିପାରିବେ ଯେ ବାଇବଲର ସମ୍ପୂର୍ଣ୍ଣ ବାର୍ତ୍ତା ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନରୁ ପ୍ରବାହିତ ଓ ତାହା ପ୍ରତି କଢ଼ାଇ ନେଇଥାଏ । ସେ ସେମାନଙ୍କୁ କହିଲେ, ସେତେବେଳେ ସେମାନେ ଯେପରି ଧର୍ମଶାସ୍ତ୍ର ବୁଝି ପାରନ୍ତି, ସେଥିପାଇଁ ସେ ସେମାନଙ୍କର ବୁଦ୍ଧିରୂପ ଦ୍ୱାର ଉନ୍ମୁକ୍ତ କଲେ ଆଉ ସେ ସେମାନଙ୍କୁ କହିଲେ, ଏହି ପ୍ରକାରେ ଲେଖା ଅଛି, ଖ୍ରୀଷ୍ଟ ଦୁଃଖଭୋଗ କରିବେ ଓ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ କରିବେ, ପୁଣି ଯିରୂଶାଲମରୁ ଆରମ୍ଭ କରି ସମସ୍ତ ଜାତିଭ୍‌କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ (ଲୂକ ୨୪:୪୫-୪୭) ।

ପ୍ରେରିତଗଣଙ୍କୁ ଯେଉଁ ବାର୍ତ୍ତା ପ୍ରଚାର କରିବାକୁ ଥିଲା ସେ ବିଷୟରେ ଖ୍ରୀଷ୍ଟ ସମ୍ପୂର୍ଣ୍ଣରୂପେ ସ୍ପଷ୍ଟ ଥିଲେ : ଅନୁତାପ ଓ ପାପକ୍ଷମା । ଅନୁତାପର ଅର୍ଥ ହେଉଛି ଯେ ଆପଣ ଆପଣଙ୍କ ପାପ ବିଷୟରେ ଓ ଖ୍ରୀଷ୍ଟଙ୍କ ପ୍ରତି ଆପଣଙ୍କ ସମ୍ପୂର୍ଣ୍ଣ ସ୍ଥିତି ପ୍ରତି ଆପଣଙ୍କ ମନକୁ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତନ କରନ୍ତି । ଯୀଶୁ ଜଗତକୁ ଯେପରି ପ୍ରତ୍ୟାଖ୍ୟାନ କରିଥିଲେ ସେଥିରୁ ଆପଣ ନିଜକୁ ପୃଥକ୍ କରନ୍ତି, ପୁଣି ଆପଣ ତାହାଙ୍କ ସହିତ ଛିଡ଼ା ହୁଅନ୍ତି, ତାହାଙ୍କ ଅନୁଗ୍ରହ ଉପରେ ଆସ୍ଥା ସ୍ଥାପନ କରୁଛନ୍ତି ପୁଣି ତାହାଙ୍କ ଅଧୀନରେ ଆପଣାକୁ ସ୍ଥାପନ କରୁଅଛନ୍ତି ।

ପାପକ୍ଷମାର ଅର୍ଥ ହେଉଛି ଯେ ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ପ୍ରେମରେ ଗ୍ରହଣ କରନ୍ତି । ସେ ଆପଣଙ୍କ ଦୋଷ ସଫା କରନ୍ତି, ଆପଣଙ୍କୁ ପିତା ଈଶ୍ୱରଙ୍କ ସହିତ ସଂଯୁକ୍ତ କରନ୍ତି, ପୁଣି ଆପଣା ଆତ୍ମା ମାଧ୍ୟମରେ ଆପଣଙ୍କ ଜୀବନ ମଧ୍ୟରେ ପ୍ରବେଶ କରନ୍ତି – ବିଶ୍ୱାସରେ ନୂତନ ଜୀବନଯାପନ କରିବା ପାଇଁ ଓ ତାହାଙ୍କ ଆହ୍ୱାନ ପ୍ରତି ଆଜ୍ଞାବହ ହେବା ପାଇଁ ସେ ଆପଣଙ୍କୁ ଶକ୍ତି ଦେଉଅଛନ୍ତି ।

*ସ୍ୱର୍ଗାରୋହଣ*

''ତତ୍ପରେ ସେ ସେମାନଙ୍କୁ ବେଥନିଆକୁ ଯିବା ବାଟ ପର୍ଯ୍ୟନ୍ତ ଘେନିଗଲେ ଓ ଆପଣ ହାତ ଟେକି ସେମାନଙ୍କୁ ଆଶୀର୍ବାଦ କଲେ । ପୁଣି ସେମାନଙ୍କୁ ଆଶୀର୍ବାଦ କରୁଁ କରୁଁ ସେ ସେମାନଙ୍କଠାରୁ ଅନ୍ତର ହୋଇ ସ୍ୱର୍ଗକୁ ନୀତ ହେଲେ'' (ଲୂକ ୨୪:୫୦-୫୧) । ଶିଷ୍ୟଗଣ ଯୀଶୁଙ୍କୁ ଯେଉଁ ଶେଷଥର ପାଇଁ ଦେଖିଥିଲେ ସେତେବେଳେ ତାହାଙ୍କ ହସ୍ତଦ୍ୱଇଟି ଉପରକୁ ଥିଲା, ସେ ସେମାନଙ୍କୁ ଆଶୀର୍ବାଦ କରୁଥିଲେ । କ୍ରୁଶ ଉପରେ ଖ୍ରୀଷ୍ଟଙ୍କର ଅଭିଷିକ୍ତ କାର୍ଯ୍ୟ ସମ୍ପନ୍ନ ହୋଇସାରିଥିଲା । ମାତ୍ର ଶିଷ୍ୟମାନଙ୍କୁ ଆଶୀର୍ବାଦ କରିବା ପାଇଁ ତାହାଙ୍କ କାର୍ଯ୍ୟ ଜାରି ରହିଥିଲା ଯଦିଚ ସେ ସ୍ୱର୍ଗାରୋହଣ କରିସାରିଥିଲେ । ଏହି ଚମତ୍କାର ବାସ୍ତବତା ଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ମାଧମରେ ସେମାନଙ୍କ ମନରେ ଓ ଅନ୍ତରରେ ମୁଦ୍ରାଙ୍କିତ ହେବାକୁ ପଡ଼ିବ ।

ଆଜି ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ବସିରହି ଖ୍ରୀଷ୍ଟ ଆପଣାର ଲୋକମାନଙ୍କୁ ଆଶୀର୍ବାଦ କରିଚାଲନ୍ତି । ତାହାଙ୍କ ହସ୍ତ ଆମ ବିରୁଦ୍ଧରେ ଉଠି ନାହିଁ, ବରଂ ଆମ ସପକ୍ଷରେ ଉଠିଛି । ସେ ଆମ ପ୍ରତି ଦୋଷାରୋପ ନ କରି ଆଶୀର୍ବାଦ କରୁଅଛନ୍ତି । ତାହାଙ୍କ ବାକ୍ୟ ହେଉଛି ଜୀବନ । ଆପଣମାନେ ଯେତେବେଳେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ସେତେବେଳେ ତାହାଙ୍କଠାରେ ଥିବା ପ୍ରତ୍ୟେକ ବିଷୟ ଆପଣଙ୍କର ହୋଇଥାଏ । ତାହାଙ୍କ ପାପବହନକାରୀ ମୃତ୍ୟୁ ଆପଣଙ୍କର ଅଟେ, ତାହାଙ୍କ ପୁନରୁତ୍ଥିତ ଜୀବନ ଆପଣଙ୍କର ଅଟେ, ପୁଣି ଦିନେ ଆପଣ ମଧ ତାହାଙ୍କ ପୁନରୁତ୍ଥାନର ଅଂଶୀ ହେବେ ।

> କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । (୧ମ ଥେସ. ୪:୧୬-୧୭)

ଖ୍ରୀଷ୍ଟ ଯେତେବେଳେ ଗୌରବରେ ଆସିବେ, ସେତେବେଳେ ତାହାଙ୍କର ସମସ୍ତ ଲୋକ ତାହାଙ୍କ ସ୍ୱର୍ଗାରୋହଣର ଅଂଶୀ ହେବେ । ମୃତ୍ୟୁବରଣ କରିଥିବା ଲୋକମାନଙ୍କର ଶରୀର ପୁନରୁତ୍ଥିତ ହେବ । ଜୀବିତ ଥିବା ଲୋକମାନଙ୍କର ଶରୀର ରୂପାନ୍ତରିତ ହେବ, ପୁଣି ଈଶ୍ୱରଙ୍କ ଲୋକମାନେ ଖ୍ରୀଷ୍ଟଙ୍କଠାରେ ମୁକ୍ତିପ୍ରାପ୍ତ ହେବେ, ତାହାଙ୍କ ସହିତ ଚିରକାଳ ବାସ କରିବେ ।

*ଉପସଂହାର*

ଏଠାରେ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମକୁ ଯେଉଁ ଚମତ୍କାର ପ୍ରତିଜ୍ଞା କରିଅଛନ୍ତି ତାହା ଦିଆଯାଇଛି । ଯୀଶୁ ଆସିଲେ ଓ ଜୀବନଯାପନ କଲେ ଓ ମୃତ୍ୟୁବରଣ କଲେ ଓ ପୁନର୍ବାର ଉଠିଲେ, ଯେପରି :

୧) ଆମ୍ଭେମାନେ ଯେପରି ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାଖ୍ୟାନ କରି ଏକ ନୂତନ ସୃଷ୍ଟି ହୋଇପାରିବା ।
୨) ଆମ୍ଭେମାନେ ଯେପରି ମନ୍ଦତାର ଅଭିଶାପରୁ ମୁକ୍ତ ହୋଇପାରିବା ।
୩) ଆମ୍ଭେମାନେ ଯେପରି ସମସ୍ତ ଜାତିରୁ ମୁକ୍ତିପ୍ରାପ୍ତ ଅନେକ ଲୋକ ଭାବରେ ଏକତ୍ର ମିଶି ଈଶ୍ୱରଙ୍କ ଆଶୀର୍ବାଦ ଉପଭୋଗ କରିପାରିବା ।
୪) ଆମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ସହିତ ସଂଯୁକ୍ତ ହୋଇପାରିବା, ଯେ କି ଆମର ପାପ ପାଇଁ ଆପଣାକୁ ବଳିଦାନସ୍ୱରୂପ ଅର୍ପଣ କରିଥିଲେ ।
୫) ଆମ୍ଭେମାନେ ଯେପରି ଚିରକାଳ ପାଇଁ ଈଶ୍ୱରଙ୍କ ଶାସନର ଆଶୀର୍ବାଦ ଅଧୀନରେ ଜୀବନଯାପନ କରିପାରିବା ।
୬) ଆମ୍ଭେମାନେ ଯେପରି ଈଶ୍ୱରଙ୍କ ପଥରେ ଗମନାଗମନ କରିପାରିବା, ଆମର ସର୍ବାନ୍ତଃକରଣରେ ତାହାଙ୍କୁ ଓ ଆମର ପ୍ରତିବାସୀମାନଙ୍କୁ ଆତ୍ମତୁଲ୍ୟ ପ୍ରେମ କରିପାରିବା ।
୭) ଆମ୍ଭେମାନେ ଯେପରି କବର ମଧ୍ୟରୁ ନୂତନ ଜୀବନ ପାଇପାରିବା ।

ଈଶ୍ୱର ଆପଣାର ସମସ୍ତ ପ୍ରତିଜ୍ଞାକୁ ଯୀଶୁଙ୍କଠାରେ ଆପଣାର ହଁ ସହିତ ପ୍ରତିଜ୍ଞା କରନ୍ତି (୨ୟ କରି. ୧:୨୦) । ଯୀଶୁ ହିଁ ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ଉପରେ ସବୁଜ ସଙ୍କେତ ଅଟନ୍ତି, ପୁଣି ଆପଣ ସମ୍ପୂର୍ଣ୍ଣରୂପେ ଆତ୍ମବିଶ୍ୱାସ ଲାଭ କରିପାରିବେ ଯେ ଈଶ୍ୱର ପ୍ରତିଜ୍ଞା କରିଥିବା ପ୍ରତ୍ୟେକ ବିଷୟ ତାହାଙ୍କଠାରେ ଆପଣଙ୍କର ଅଟେ ।

ତା'ପରେ ଆମ୍ଭେମାନେ ନୂତନ ନିୟମର ପତ୍ରଗୁଡ଼ିକୁ ଦେଖୁ, ଯେଉଁଠାରେ ଆମ୍ଭେମାନେ ଦେଖୁ ଯେ ପବିତ୍ର ଆତ୍ମା କିପରି ଭାବରେ ଖ୍ରୀଷ୍ଟ ଆପଣା ଲୋକମାନଙ୍କ ଜୀବନରେ ସମ୍ପନ୍ନ କରିଥିବା କାର୍ଯ୍ୟଗୁଡ଼ିକୁ ପ୍ରୟୋଗ କରନ୍ତି ।

## ମଣ୍ଡଳୀ ପ୍ରତିଜ୍ଞାଗୁଡ଼ିକ ବିଷୟରେ କହିଥାଏ :
## ପ୍ରେରିତଙ୍କ କାହାଣୀ

ଯୀଶୁ ସ୍ୱର୍ଗାରୋହଣ କରିବା ପୂର୍ବରୁ ସେ ଆପଣା ଶିଷ୍ୟମାନଙ୍କୁ ପବିତ୍ର ଆତ୍ମା ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଖ୍ରୀଷ୍ଟ ସ୍ୱର୍ଗରେ ଥିବା ପିତାଙ୍କ ନିକଟକୁ ଫେରିଯାଉଥିଲେ, ମାତ୍ର ପବିତ୍ର ଆତ୍ମାଙ୍କ ଦ୍ୱାରା ତାହାଙ୍କ ଉପସ୍ଥିତି ଓ ଶକ୍ତି ସେମାନଙ୍କ ସହିତ ଓ ସେମାନଙ୍କଠାରେ ରହିବ ।

ପେଣ୍ଟିକଷ୍ଟ ଦିବସରେ ଖ୍ରୀଷ୍ଟଙ୍କର ପ୍ରତିଜ୍ଞା ସଫଳ ହୋଇଥିଲା । ପିତର ଯିରୂଶାଲମରେ ସମସ୍ତ ଜାତିରୁ ଏକତ୍ର ହୋଇଥିବା ଅନେକ ସଂଖ୍ୟକ ଲୋକଙ୍କୁ କଥା କହିଥିଲେ । ସେ ଯୀଶୁଙ୍କ ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ବିଷୟ ବର୍ଣ୍ଣନା କରିଥିଲେ, ପୁଣି ତା'ପରେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ସେ ଘୋଷଣା କରିଥିଲେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ

ବଧ କଲେ, ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି (ପ୍ରେରିତ ୨:୩୬) ।

ପିତର ଲୋକମାନଙ୍କୁ ଯାହା କହୁଥିଲେ ସେମାନେ ସ୍ପଷ୍ଟରୂପେ ତାହା ବିଶ୍ୱାସ କରିଥିଲେ । ସେମାନେ ଯଦି ବିଶ୍ୱାସ କରି ନ ଥା'ନ୍ତେ, ତେବେ ସେମାନେ ଯୁକ୍ତି କରିଥା'ନ୍ତେ ବା କେବଳ ଦୂରକୁ ଚାଲିଯାଇଥା'ନ୍ତେ । ମାତ୍ର ସେମାନଙ୍କ ପ୍ରତିକ୍ରିୟା ତାହା ନ ଥିଲା । ଏହି କଥା ଶୁଣି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, ପୁଣି ସେମାନେ ପିତର ଓ ଅବଶିଷ୍ଟ ପ୍ରେରିମାନଙ୍କୁ କହିଲେ, ଭାଇମାନେ, ଆମ୍ଭେମାନେ କଅଣ କରିବା ? (ପ୍ରେରିତ ୨:୩୭) ।

ପିତର ଉତ୍ତର ଦେଲେ, ଅନୁତାପ କର (ପ୍ରେରିତ ୨:୩୮) । ତାହା ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ।  ପ୍ରକୃତ ବିଶ୍ୱାସ ଅନୁତାପ ମାଧ୍ୟମରେ ଆସିଥାଏ, ପୁଣି ପ୍ରକୃତ ଅନୁତାପ ବିଶ୍ୱାସ ମାଧ୍ୟମରେ ଆସିଥାଏ । ବିଶ୍ୱାସ ଓ ଅନୁତାପ ଏକ ମୁଦ୍ରାର ଉଭୟ ପାର୍ଶ୍ୱ ପରି ଅଟେ ଆପଣମାନେ ଗୋଟିଏ ବିନା ଅନ୍ୟଟିକୁ ପାଇପାରିବେ ନାହିଁ । ଆପଣ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆପଣଙ୍କ ପାଇଁ ଈଶ୍ୱରଙ୍କ ପ୍ରେମ ଓ ଅନୁଗ୍ରହ ଦେଖନ୍ତି ସେତେବେଳେ ବିଶ୍ୱାସ ଓ ଅନୁତାପ ଜନ୍ମ ନେଇଥାଏ ।

ପିତର ଆହୁରି କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ (ପ୍ରେରିତ ୨:୩୮) । ପିତର ସେମାନଙ୍କୁ ଆପଣାକୁ ସର୍ବସାଧାରଣରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ପରିଚିତ କରିବାକୁ କହନ୍ତି ଏବଂ ଈଶ୍ୱରଙ୍କ ପ୍ରତିଜ୍ଞାର ଚିହ୍ନ, ସଙ୍କେତ, ମୁଦ୍ରାଙ୍କ ଗ୍ରହଣ କରିବାକୁ କହନ୍ତି । ଈଶ୍ୱର ଯେଉଁ ପ୍ରତ୍ୟେକଙ୍କୁ ଆହ୍ୱାନ କରନ୍ତି, ସେମାନଙ୍କୁ ପାପକ୍ଷମା କରିବା ପାଇଁ ଓ ପବିତ୍ର ଆତ୍ମାଙ୍କ ଉପହାର ଦେବା ପାଇଁ ପ୍ରତିଜ୍ଞା କରନ୍ତି (ପ୍ରେରିତ ୨:୩୮-୩୯) । ଈଶ୍ୱର ଆପଣଙ୍କୁ କ୍ଷମା କରିବେ । ସେ ଆପଣଙ୍କୁ ଆପଣା ସହିତ ସଂଯୁକ୍ତ କରିବେ । ଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କ ଦ୍ୱାରା ଆପଣଙ୍କୁ ନୂତନ ଜୀବନ ପ୍ରଦାନ କରିବେ, ଯାହାଙ୍କୁ ସେ ଆପଣଙ୍କୁ ଦାନ କରିବେ ।

ଏହା ସ୍ମରଣ ରଖିବା ବହୁତ ମୂଲ୍ୟବାନ୍ ବିଷୟ ଅଟେ ଯାହାକି ପିତର ସେହି ସମାନ୍ ନଗରରେ କହୁଥିଲେ, ଯେଉଁଠାରେ ଯୀଶୁଙ୍କୁ କେବଳ ପଚାଶ ଦିନ ପୂର୍ବରୁ କ୍ରୁଶବିଦ୍ଧ କରାଯାଇଥିଲା । କେହି କେହି ଯେଉଁମାନେ ପେଣ୍ଟିକଷ୍ଟ ଦିବସରେ ଥିଲେ ସେମାନେ ମଧ୍ୟ ଲୋକଗହଳି ମଧ୍ୟରେ ଥିବେ ଯେଉଁମାନେ ତାହାଙ୍କୁ କ୍ରୁଶବିଦ୍ଧ ହେବା ପାଇଁ ଆହ୍ୱାନ କରିଥିଲେ, ସେମାନେ ଚିତ୍କାର କରିଥିଲେ, ତାହାର ରକ୍ତ ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ସନ୍ତାନମାନଙ୍କ ଉପରେ ବର୍ତ୍ତୁ (ମାଥି. ୨୭:୨୫) *ଏହି ଲୋକମାନଙ୍କୁ* ସେହି ପିତର ଖ୍ରୀଷ୍ଟଙ୍କ ପାପକ୍ଷମା ବିଷୟରେ ଓ ତାହାଙ୍କ ପବିତ୍ର ଆତ୍ମାଙ୍କ ଉପହାର ବିଷୟରେ କହନ୍ତି: ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡ଼ାକିବେ, ସେହିସମସ୍ତଙ୍କ ନିମନ୍ତେ (ପ୍ରେରିତ ୨:୩୯) ।

ଆପଣଙ୍କ ପାଇଁ ହିଁ ଏହି ପ୍ରତିଜ୍ଞା ଅଛି । ଆପଣ ଯଦି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି ଓ ଆପଣଙ୍କ ପାପରୁ ଫେରନ୍ତି, ତେବେ ଆପଣ କରିଥିବା ସମସ୍ତ ବିଷୟ ପାଇଁ ଈଶ୍ୱର ଆପଣଙ୍କୁ କ୍ଷମା କରିବେ । ସେ ଆପଣଙ୍କୁ ଆପଣା ପବିତ୍ର ଆତ୍ମା ଦାନ କରିବେ, ଆପଣଙ୍କୁ ପୁରାତନ ପଥରୁ ମୁକ୍ତ ହେବାକୁ ଓ ଏକ ନୂତନ ଜୀବନଯାପନ କରିବାକୁ ସମ୍ଭବ କରିବେ ।

ଏହି ପ୍ରତିଜ୍ଞା ଆପଣଙ୍କ ସନ୍ତାନମାନଙ୍କ ନିମନ୍ତେ ଅଛି । ତା'ର ଅର୍ଥ ଏହା ଗୋଟିଏ ପିଢ଼ି ପ୍ରତି ସୀମିତ ନୁହେଁ ଯେଉଁମାନେ ଦୁଇହଜାର ବର୍ଷ ପୂର୍ବରୁ ବାସ କରୁଥିଲେ । ଏହା ଅତୀତରେ ବନ୍ଦ ହୋଇ ନାହିଁ।  ପ୍ରତିଜ୍ଞାଟି କେବେ ବି ପୁରାତନ ହୋଇ ନାହିଁ । ଏହା ଶହ ଶହ ବର୍ଷ ଧରି ଦୀର୍ଘ ହୋଇଥାଏ, ପୁଣି ଏହା ଆଜି ଆମ ପାଇଁ ଅଛି ।

ଦୂରରେ ଥିବା ଲୋକମାନଙ୍କ ପାଇଁ ଏହି ପ୍ରତିଜ୍ଞା ଅଛି । ଯୀଶୁ ଖ୍ରୀଷ୍ଟଙ୍କଠାରେ ପାପକ୍ଷମା ଓ ନୂତନ ଜୀବନର ପ୍ରତିଜ୍ଞା ପ୍ରତ୍ୟେକ ପୃଷ୍ଠଭୂମିରୁ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ଆପଣ ଯଦି ଆଜି ଈଶ୍ୱରଙ୍କଠାରୁ ଦୂରରେ ଥିଲା ପରି ଅନୁଭବ କରନ୍ତି, ତେବେ ଏହି ପ୍ରତିଜ୍ଞା ଆପଣଙ୍କ ପାଇଁ ଅଟେ ।

ଈଶ୍ୱର ପ୍ରତିଜ୍ଞା କରିଥିଲେ ଯେ ଅବ୍ରାହାମଙ୍କ ବଂଶ ମାଧ୍ୟମରେ ପୃଥିବୀର ପ୍ରତ୍ୟେକ ଜାତିରୁ ଲୋକମାନେ ଆଶୀର୍ବାଦପ୍ରାପ୍ତ ହେବେ । ପାପକ୍ଷମା ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ହେଉଛି ଆଫ୍ରିକା, ଏସିଆ, ଆମେରିକା, ଇଉରୋପ୍, ଅଷ୍ଟ୍ରେଲିଆ ଓ ଆଣ୍ଟାର୍ଟିକାରେ ଲୋକମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରତିଜ୍ଞା ଅଟେ । ମଣ୍ଡଳୀର ମିଶନ୍ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ନେଇକରି ଯିବା ।

ଏହି ପ୍ରତିଜ୍ଞା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କୁ ପ୍ରଭୁ ଆମର ଈଶ୍ୱର ଆହ୍ୱାନ କରିବେ । ସେ ସୁସମାଚାର ମାଧ୍ୟମରେ ଆହ୍ୱାନ କରନ୍ତି । ଈଶ୍ୱର ସେହି ଲୋକମାନଙ୍କୁ ସେଠାକୁ ଆହ୍ୱାନ କରୁଥିଲେ, ଯେପରି ପିତର ଖ୍ରୀଷ୍ଟଙ୍କ ବିଷୟରେ କହୁଥିଲେ । ଆପଣ ସୁସମାଚାରର ଶୁଭ ସମାଚାର ପଢ଼ିଲା ବେଳେ ଈଶ୍ୱର ଆଜି ଆପଣଙ୍କୁ ଆହ୍ୱାନ କରୁଅଛନ୍ତି । ଆଜି ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କଠାରେ ପାପକ୍ଷମା ଓ ନୂତନ ଜୀବନ ଅଛି ।

## ପବିତ୍ର ଆତ୍ମା ପ୍ରତିଜ୍ଞା କରନ୍ତି : ନୂତନ ନିୟମ ପତ୍ରଗୁଡ଼ିକର କାହାଣୀ

ଖ୍ରୀଷ୍ଟଙ୍କଠାରେ ଏହି ନୂତନ ଜୀବନ କିପରି ଦେଖାଯାଏ ? ପବିତ୍ର ଆତ୍ମା ଯେତେବେଳେ ଅନୁତାପ କରି ବିଶ୍ୱାସ କରିଥିବା ଜଣେ ବ୍ୟକ୍ତିଙ୍କଠାରେ ଈଶ୍ୱରଙ୍କ ପ୍ରତିଜ୍ଞା ବ୍ୟକ୍ତ କରନ୍ତି ସେତେବେଳେ କ'ଣ ଘଟିଥାଏ ? ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱର ଆପଣଙ୍କ ପାଇଁ ଓ ଆପଣଙ୍କଠାରେ କ'ଣ କରିଅଛନ୍ତି ?

ନୂତନ ନିୟମ ପତ୍ରଗୁଡ଼ିକ ଆମକୁ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ମଧ୍ୟକୁ ନେଇଯାଆନ୍ତି ଯେପରି ଆମକୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମର ଥିବା ସବୁକିଛି ବିଷୟ ଦେଖାଇପାରିବେ । ମୁଁ ଇଚ୍ଛା କରେ ଯେ ଆପଣ ଜଣେ ମନୁଷ୍ୟର ଜୀବନରେ ଈଶ୍ୱରଙ୍କ ମୁକ୍ତିଦାୟୀ କାର୍ଯ୍ୟକୁ ଦେଖିବେ । ପୁନରୁଜ୍ଜୀବନ ସହିତ ଆରମ୍ଭ ହୋଇଥାଏ ।

*ପୁନରୁଜ୍ଜୀବନ : ଆପଣଙ୍କର ନୂତନ ଜୀବନ ଅଛି*

‘‘ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ସେ ମୃତମାନଙ୍କ ମଧ୍ୟରୁ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଜୀବନଦାୟକ ଭରସା ପ୍ରାପ୍ତି ନିମନ୍ତେ, ..... ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ (୧ମ ପିତ. ୧:୩, ୨୩) ।

ଈଶ୍ୱର ଯେତେବେଳେ ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ, ସେତେବେଳେ ଆମର ଉପଗ୍ରହର ଆକାର ନ ଥିଲା ଓ ଶୂନ୍ୟ ଥିଲା – ଏକ ଅନ୍ଧକାର, ଜଳମୟ ସଙ୍କଟ ଥିଲା । ଈଶ୍ୱରଙ୍କ ଆତ୍ମା ଜଳ ଉପରେ ପରିବ୍ୟାପ୍ତ ଥିଲେ (ଆଦି. ୧:୨) ତା'ପରେ ଈଶ୍ୱର ଅନ୍ଧକାରରେ ଦୀପ୍ତି ହେଉ ବୋଲି କହିଲେ ପୁଣି ଜଗତକୁ ଜୀବନ ଆଣିଲେ । ଈଶ୍ୱର ପୃଥିବୀର ସୁନ୍ଦରତା ଗଠନ କଲେ ।

ସୃଷ୍ଟି ସମୟରେ ଯେଉଁ ଆତ୍ମା ଜଳ ଉପରେ ପରିବ୍ୟାପ୍ତ ଥିଲେ ସେ ହିଁ ମାନବ ଜୀବନ ମଧ୍ୟକୁ ଏକ ବାୟୁ ପ୍ରବାହ କରିବା ପରି ଅଟନ୍ତି (ଯୋହନ ୩:୮) । ସେ ସେହି ଲୋକମାନଙ୍କୁ ଆଲୋକ ପ୍ରଦାନ କରନ୍ତି ଯେଉଁମାନେ ଖ୍ରୀଷ୍ଟଙ୍କ ଗୌରବ ଦେଖିପାରନ୍ତି ନାହିଁ (୨ୟ କରି. ୪:୪), ପୁଣି ସେ ସେହି ଲୋକମାନଙ୍କ ପ୍ରତି ନୂତନ ଜୀବନ ଆଣନ୍ତି, ଯେଉଁମାନେ ଈଶ୍ୱରଙ୍କ ପ୍ରତି ମୃତ ଅଟନ୍ତି (ଏଫି. ୨:୧) ।

ଯୀଶୁ କହନ୍ତି, ଆତ୍ମା ଆତ୍ମାଙ୍କୁ ଜାତ କରନ୍ତି (ଯୋହନ ୩:୬) । ପବିତ୍ର ଆତ୍ମା ଯେତେବେଳେ ଆପଣଙ୍କୁ ପୁନର୍ଗଠିତ କରନ୍ତି, ସେତେବେଳେ ସେ ଆପଣଙ୍କ ପ୍ରାଣକୁ ପରିବର୍ତ୍ତନ କରନ୍ତି ଯେପରି ଏକ ନୂତନ ମନ ଓ ଏକ ନୂତନ ଅନ୍ତଃକରଣ ସହିତ ଆପଣ ଖ୍ରୀଷ୍ଟଙ୍କୁ ପ୍ରେମ କରିବେ, ତାହାଙ୍କ ଉପରେ ଆସ୍ଥା ସ୍ଥାପନ କରିବେ, ଓ ତାହାଙ୍କୁ ସ୍ୱାଧୀନ ଭାବରେ ଅନୁସରଣ କରିବେ । ଯୀଶୁ ଏହି ଆଶ୍ଚର୍ଯ୍ୟକର୍ମକୁ ପୁନର୍ବାର ଜନ୍ମଗ୍ରହଣ କରିବା କିମ୍ବା ଆତ୍ମାଙ୍କଠାରୁ ଜନ୍ମଗ୍ରହଣ କରିବା ବୋଲି ବର୍ଣ୍ଣନା କରନ୍ତି (ଯୋହନ ୩:୭-୮) । ପ୍ରତ୍ୟେକ ବିଶ୍ୱାସର ପୃଷ୍ଠଭୂମିରେ ଈଶ୍ୱରଙ୍କ ପୁନରୁଜ୍ଜୀବନ ଅନୁଗ୍ରହର ଏହି ଆଶ୍ଚର୍ଯ୍ୟକର୍ମ ରହିଛି ।

ପୁନରୁଜ୍ଜୀବନ ଓ ବିଶ୍ୱାସର ପରିସର ଏକ ରହସ୍ୟ ଅଟେ ଯାହାକି ଆପଣଙ୍କୁ ଉପାସନା କରିବାକୁ ପରିଚାଳିତ କରିବା ଉଚିତ୍ । ଈଶ୍ୱରଙ୍କ ଲୋକମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଜଣାଯାଇଛି ଓ ପୃଥକୀକୃତ କରାଯାଇଛି । ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ (ଯୋହନ ୧:୧୨) ।

ମାତ୍ର ଅନ୍ୟମାନେ ବିଶ୍ୱାସ ନ କରିବା ବେଳେ ଆପଣ କାହିଁକି ବିଶ୍ୱାସ କରନ୍ତି ? ଆପଣ କାହିଁକି ବିଶ୍ୱାସ କରି ବିଶ୍ୱାକୁ ଆସିଲେ ପୁଣି ପୂର୍ବରୁ ବା ପରେ ଆସିଲେ ନାହିଁ ? ଆପଣଙ୍କୁ ପୁନର୍ଗଠନ କରିବା ଦ୍ୱାରା ଈଶ୍ୱର ପ୍ରାରମ୍ଭିକ ପଦକ୍ଷେପ ନେଇଥିଲେ । ପବିତ୍ର ଆତ୍ମା ଆପଣଙ୍କ ଜୀବନର ଅନ୍ଧକାର ସଙ୍କଟ ଉପରେ ପରିବ୍ୟାପ୍ତ ଥିଲେ ପୁଣି ଖ୍ରୀଷ୍ଟଙ୍କଠାରେ ଆପଣଙ୍କୁ ଏକ ନୂତନ ସୃଷ୍ଟି କରିଥିଲେ ।

ଆପଣ କ'ଣ ଦେଖନ୍ତି ଯେ ଈଶ୍ୱର ଆପଣଙ୍କ ପ୍ରାଣରେ କିଛି ଚମତ୍କାର ବିଷୟ କରିଅଛନ୍ତି, ଆପଣଙ୍କୁ ଉର୍ଦ୍ଧ୍ୱରୁ ନୂତନ ଜୀବନ ଦେଉଅଛନ୍ତି ? ଈଶ୍ୱର ଆପଣଙ୍କୁ ଏକ ନୂତନ ଅନ୍ତଃକରଣ ଦେଇଅଛନ୍ତି । ସେ ଆପଣଙ୍କଠାରେ ଆପଣା ଆତ୍ମା ରଖିଅଛନ୍ତି। ମୃତ୍ୟୁରୁ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ମାଧ୍ୟମରେ ସେ ଆପଣଙ୍କୁ ଏକ ଜୀବନ୍ତ ଆଶା ମଧ୍ୟରେ ନୂତନ ଜୀବନ ପ୍ରଦାନ କରିଅଛନ୍ତି (୧ମ ପିତ. ୧:୩) ।

*ଏକତା : ଆପଣ ଖ୍ରୀଷ୍ଟଙ୍କଠାରେ ଅଛନ୍ତି*

''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁଁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ'' (ରୋମୀ. ୬:୩-୪) ।

ମୁଁ ଯେତେବେଳେ ଲୋକମାନଙ୍କୁ ବାପ୍ତିସ୍ମ ଦିଏ, ସେତେବେଳେ ମୁଁ ସେମାନଙ୍କୁ ଜଳ ମଧ୍ୟରେ ବୁଡ଼ାଇଦିଏ । ଯେତେବେଳେ ଜଣେ ବ୍ୟକ୍ତି ପବିତ୍ର ଆତ୍ମାଙ୍କ ମଧ୍ୟରେ ବାପ୍ତିଜିତ ହୁଅନ୍ତି, ସେତେବେଳେ ସେ ପବିତ୍ର ଆତ୍ମାଙ୍କ ମଧ୍ୟରେ ବୁଡ଼ିଯାଆନ୍ତି, ପୁଣି ସେଥିପାଇଁ ଖ୍ରୀଷ୍ଟଙ୍କ ସହିତ ଏକତ୍ରିତ ହୁଅନ୍ତି । ଖ୍ରୀଷ୍ଟଙ୍କ ସହିତ ଏହି ଏକତା ହେଉଛି ଚମତ୍କାର ବାସ୍ତବତା ଯାହା ପ୍ରତି ଜଳଦୀକ୍ଷା ସୂଚୀତ କରିଥାଏ ।

ନୂତନ ନିୟମରୁ ସଙ୍କେତ ପାଇ ମାର୍ଟିନ୍ ଲୁଥର୍ ବିବାହର ରୂପକ ବ୍ୟବହାର କରି ଖ୍ରୀଷ୍ଟଙ୍କ ସହିତ ବିଶ୍ୱାସୀର ଏକ ହେବା ବିଷୟକୁ ବର୍ଣ୍ଣନା କରନ୍ତି :

> ବିଶ୍ୱାସ ..... ପ୍ରାଣକୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରିଥାଏ ଯେପରି ଜଣେ କନ୍ୟା ତା'ର ବର ସହିତ ସଂଯୁକ୍ତ ହୋଇଥାଏ । ଏହି ରହସ୍ୟ ଦ୍ୱାରା ପ୍ରେରିତ ଯେପରି ଶିକ୍ଷା ଦିଏ, ଖ୍ରୀଷ୍ଟ ଓ ପ୍ରାଣ ଏକାଙ୍ଗ ହୁଅନ୍ତି । ପୁଣି ସେମାନେ ଯଦି ଏକାଙ୍ଗ ଓ ସେମାନଙ୍କ ମଧ୍ୟରେ ପ୍ରକୃତ ବିବାହ ହୋଇଥାଏ, ତେବେ ଏପରି ହୋଇଥାଏ ଯେ ସେମାନଙ୍କର ଥିବା ପ୍ରତ୍ୟେକ ବିଷୟକୁ, ସେମାନେ ଧରିଥିବା ପ୍ରତ୍ୟେକ ବିଷୟ ସାଧାରଣ ହୋଇଥାଏ । ..... ସେହିପରି ଭାବରେ ବିଶ୍ୱାସ କରୁଥିବା ପ୍ରାଣ ଗର୍ବ କରିପାରିବ ଓ ଖ୍ରୀଷ୍ଟଙ୍କଠାରେ ଥିବା ସମସ୍ତ ବିଷୟକୁ ନିଜର ଭାବରେ ମାନ୍ୟ କରି ଗୌରବ କରିପାରିବ ।[୩]

ମୁଁ ସମ୍ପ୍ରତି ମଣ୍ଡଳୀର ଲୋକମାନଙ୍କ ବିଷୟରେ ଚିନ୍ତା କରୁଥିଲି ଯେଉଁମାନଙ୍କୁ ଆମ୍ଭେମାନେ ଇଂଲାଣ୍ଡରେ ସେବା କରିଥିଲୁ ପୁଣି ସେମାନଙ୍କ ସହିତ ସମ୍ପର୍କ ରକ୍ଷା କରିବାକୁ ମୁଁ କେତେ କମ୍ କାର୍ଯ୍ୟ କରିଛି । ମୁଁ ମଧ୍ୟ ଯେଉଁ କିଛି ପ୍ରକଳ୍ପର ପୃଷ୍ଠଭୂମିରେ ଅଛି ସେ ବିଷୟରେ ଭାବୁଥିଲି, ପୁଣି ମୋର ଦିନ ଏକ ଓଃ ମୁଁ କେଡ଼େ ଦୁଷ୍ଟ ପରି ଅଟେ । ପରଦିନ ସକାଳେ, ମୋର ସ୍ତ୍ରୀ, କାରେନ୍ ଖାଇବା ଘର ମେଜ ଉପରେ ବସିରହି ବଡ଼ଦିନ ପତ୍ରଗୁଡ଼ିକ

ବିଷୟରେ କାର୍ଯ୍ୟ କରୁଥିଲେ । ସେ ଇଂଲାଣ୍ଡକୁ ଏକ ହଜାର କାର୍ଡ଼ ପ୍ରେରଣ କରନ୍ତି – ପ୍ରତ୍ୟେକ କାର୍ଡ଼ରେ ହାତଲେଖା ଏକ ଟିପ୍ପଣୀ ଥାଏ – ପୁଣି ସେ ସେଗୁଡ଼ିକ ଦସ୍ତଖତ କରନ୍ତି : କାରେନ୍ ଓ *କୋଲିନ୍‌ଙ୍କଠାରୁ* ।

ମୁଁ ସେଠାରେ ଥିଲି, ଏହି ଲୋକମାନଙ୍କ ସହିତ ସମ୍ପର୍କ ରକ୍ଷା କରିବା ବିଷୟରେ ମୋର ଦୁଷ୍ଟ ବିଫଳତା ବିଷୟରେ ଭାବୁଥିଲି, ଯେତେବେଳେ କି ପ୍ରକୃତରେ ମୁଁ ଗତ ଚଉଦ ବର୍ଷ ଧରି ପ୍ରତିବର୍ଷ ସେମାନଙ୍କୁ ପତ୍ର ଲେଖୁଥିଲି । ମୁଁ ଅଜ୍ଞାତ ରହି ଏକ ଦୁଷ୍ଟ କାର୍ଯ୍ୟ କରିଛି, ମାତ୍ର ମୁଁ ଯେତେବେଳେ ଦେଖିଲି ଯେ ମୁଁ ମୋର ସ୍ତ୍ରୀ ସହିତ ସଂଯୁକ୍ତ ହୋଇଛି, ସେତେବେଳେ ମୁଁ ଆନନ୍ଦିତ ହୋଇଛି କାରଣ ତାହାଙ୍କ କାର୍ଯ୍ୟରେ ମୁଁ ମଧ୍ୟ ଅଂଶୀ ଅଟେ । ମୋ ନାମରେ ପ୍ରତିବର୍ଷ ଏକ ପତ୍ର ଦିଆଯାଇଥାଏ !

ଆମ୍ଭେମାନେ ଆମ୍ଭମାନଙ୍କ ପାଇଁ ଯାହା କରିପାରି ନାହୁଁ, ଖ୍ରୀଷ୍ଟ ଆମ ପାଇଁ ତାହା କରିଅଛନ୍ତି । ସେ ଏପରି ଜୀବନଯାପନ କରିଅଛନ୍ତି ଯାହାକି ଆମ୍ଭେମାନେ ଯାପନ କରି ନାହୁଁ ଓ କରିପାରିବା ନାହିଁ । ମାତ୍ର ଆମ୍ଭେମାନେ ଯେତେବେଳେ ଖ୍ରୀଷ୍ଟଙ୍କଠାରେ ଅଛୁ, ସେତେବେଳେ ସେ କରିଥିବା ସବୁକିଛି ଆମର ଅଟେ – ତାହାଙ୍କ ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନରେ ଆମର ନାମ ଅଛି, ଯେପରି ସେଗୁଡ଼ିକ ଆମର ଅଟେ ।

ତାହା ହିଁ ହେଉଛି ଖ୍ରୀଷ୍ଟଙ୍କ ସହିତ ଏକତା । ତାହାଙ୍କ ପାଇଁ ଏହାର ଅର୍ଥ ହେଉଛି କ୍ରୁଶ ଉପରେ କଣ୍ଟାବିଦ୍ଧ ହେବା । ଆମ ପାଇଁ ଏହାର ଅର୍ଥ ହେଉଛି ନ୍ୟାୟ ।

*ନ୍ୟାୟ : ଆପଣଙ୍କୁ ଧାର୍ମିକ ଘୋଷିତ କରାଯାଇଛି*

''ଅତଏବ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବାରୁ ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁ'' (ରୋମୀ. ୫:୧) । ନ୍ୟାୟୋଚିତ ହେବା ଏକ ଆଇନଗତ ଶବ୍ଦ ଅଟେ ଯାହାକି ଏକ ସିଦ୍ଧାନ୍ତ ବର୍ଣ୍ଣନା କରିଥାଏ । ଈଶ୍ୱର ଯେତେବେଳେ ନ୍ୟାୟ କରନ୍ତି, ସେତେବେଳେ ଜଣେ ବ୍ୟକ୍ତିଙ୍କୁ ଧାର୍ମିକ ଗଣିତ କରନ୍ତି । ସେ ଦୋଷାରୋପ କରିବା ବେଳେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ଘୋଷଣା କରନ୍ତି । ନ୍ୟାୟୋଚିତ କରିବା ଓ ଦୋଷାରୋପ କରିବା କୌଣସି ବିଷୟକୁ ଜାଣିବା ଅଟେ ଯାହାକି ସତ୍ୟ ହୋଇସାରିଛି ।

ଯେତେବେଳେ ନ୍ୟାୟ ହୋଇଥାଏ, ସେତେବେଳେ ଜଣେ ଦୋଷୀ ବ୍ୟକ୍ତି ଦଣ୍ଡ ପାଇବେ ଓ ଜଣେ ନିରପରାଧ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ କରାଯିବ । ନିର୍ଦ୍ଦୋଷ ହେବା ଜଣେ ବ୍ୟକ୍ତିଙ୍କୁ ନିରପରାଧ କରି ନ ଥାଏ ମନୁଷ୍ୟର ନିରପରାଧ ହିଁ ତାକୁ ନିର୍ଦ୍ଦୋଷ ହେବାକୁ କଢ଼ାଇ ନେଇଥାଏ । ଠିକ୍ ସେହିପରି ଭାବରେ ଦଣ୍ଡ ପାଇବା ଦ୍ୱାରା ତାହା ଜଣେ ବ୍ୟକ୍ତିଙ୍କୁ ଅପରାଧୀ କରି ନ ଥାଏ ମନୁଷ୍ୟର ଅପରାଧ ହିଁ ତାକୁ ଦଣ୍ଡ ଦେବା ପାଇଁ କଢ଼ାଇ ନେଇଥାଏ ।

ସରଳ ନ୍ୟାୟ ବିଷୟରେ କହିଲେ, ଆମ୍ଭେମାନେ ଆଶା କରିବା ଉଚିତ୍ ଯେ ଈଶ୍ୱର ପାପୀମାନଙ୍କୁ ଦୋଷାରୋପ କରିବେ ଓ ଧାର୍ମିକ ପ୍ରତି ନ୍ୟାୟ କରିବେ । ମାତ୍ର ଏଠାରେ କିଛି ପ୍ରକୃତ ଚମତ୍କାର ବିଷୟ ଅଛି : ଈଶ୍ୱର ପାପୀମାନଙ୍କୁ ଧାର୍ମିକ ଗଣିତ କରନ୍ତି । ସେହି ପ୍ରଚୁର

ବିରୋଧକ୍ତିକୁ ଆପଣଙ୍କ ମନ ମଧ୍ୟରେ ଚୁଡ଼ିଯିବାକୁ ଦେବାକୁ ଚେଷ୍ଟା କରନ୍ତୁ । ଈଶ୍ୱର *ପାପୀମାନଙ୍କୁ* ଧାର୍ମିକ ଗଣିତ କରନ୍ତି ! ତାହା କିପରି ହୋଇପାରିବ ?

ଆମ ପାପର ତୁଷ୍ଟୀକରଣ ପାଇଁ ଈଶ୍ୱର ଯୀଶୁଙ୍କୁ ଉପସ୍ଥାପନ କରିଥିଲେ (ରୋମୀ. ୧:୨୫) । ତା'ର ଅର୍ଥ ହେଉଛି ଯୀଶୁ ଯେତେବେଳେ ମୃତ୍ୟୁବରଣ କଲେ, ସେତେବେଳେ ଈଶ୍ୱର ପାପ, ଦୁଷ୍ଟତା ଓ ମନ୍ଦତା ପ୍ରତି ଈଶ୍ୱରଙ୍କର ଯଥାର୍ଥ ଭାବରେ ଥିବା ସମସ୍ତ କ୍ରୋଧ ଓ ବିରୋଧଭାବକୁ ଆପଣା ଉପରେ ଢ଼ାଳି ଦେଇଥିଲେ । ଈଶ୍ୱରଙ୍କ ବିଚାରରେ ପରିପୂର୍ଣ୍ଣ ଏକ କପ୍ ପରି ଏହା ଶୂନ୍ୟ ହୋଇଯିବା ପର୍ଯ୍ୟନ୍ତ ଯୀଶୁ ଏସବୁକୁ ପିଇଗଲେ । କ୍ରୁଶ ଉପରେ ଖ୍ରୀଷ୍ଟ ଈଶ୍ୱରଙ୍କ ବିଚାରକୁ ପିଇ ଯାଇଥିଲେ ଯାହାକି ଆମ ପାପ ହେତୁ ମିଳିବାକୁ ଥିଲା ।

ବିଶ୍ୱାସ ଆମକୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରିଥାଏ ପୁଣି ଆମ୍ଭେମାନେ ଯେତେବେଳେ ଖ୍ରୀଷ୍ଟଙ୍କଠାରେ ଅଛୁ, ଈଶ୍ୱର ଆମର ସମସ୍ତ ପାପକୁ ତାହାଙ୍କର ପୁଣି ତାହାଙ୍କର ସମସ୍ତ ଧାର୍ମିକତା ଆମର ବୋଲି ଗଣ୍ୟ କରନ୍ତି । ସେ ଆମର ଦୋଷାରୋପ ବହନ କରିଥିଲେ, ପୁଣି ତାହାଙ୍କଠାରେ ଆମ୍ଭେମାନେ ଧାର୍ମିକ ଗଣିତ ହୋଇଛୁ । କ୍ରୁଶ ମାଧ୍ୟମରେ ଈଶ୍ୱର ଆପଣାର ନ୍ୟାୟ ପ୍ରଦର୍ଶନ କରିଥିଲେ ଯେପରି ଧାର୍ମିକ ହୋଇପାରିବା ପୁଣି ସେହି ସମୟରେ ଯେଉଁମାନଙ୍କର ଯୀଶୁଙ୍କଠାରେ ବିଶ୍ୱାସ ଅଛି, ସେମାନେ ଧାର୍ମିକ ଗଣିତ ହୁଅନ୍ତି (ରୋମୀ. ୩:୨୬) ।

ଈଶ୍ୱର ଯଦି କେବଳ ଧାର୍ମିକମାନଙ୍କୁ ଧାର୍ମିକ ଗଣିତ କରିଥା'ନ୍ତେ, ତେବେ ଆମର ବା କିପରି କିଛି ଆଶା ଥା'ନ୍ତା ? ସୁସମାଚାର ହେଉଛି ଯେ ଈଶ୍ୱର ଈଶ୍ୱରବିହୀନ ଲୋକମାନଙ୍କୁ ଧାର୍ମିକ ଗଣିତ କରନ୍ତି (ରୋମୀ. ୪:୫) । ବିଶ୍ୱାସ ଯେପରି ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରିଥାଏ, ସେହିପରି ତାହାଙ୍କର ଅଭିଷିକ୍ତ ବଳିଦାନର ଶକ୍ତି ଆମର ହିଁ ହୋଇଥାଏ । ଆମର ପାପ ଓ ଦୋଷ ହେତୁ ଆମ୍ଭେମାନେ ଦୋଷାରୋପରୁ ମୁକ୍ତ ହୋଇଛୁ ଏବଂ ତାହାଙ୍କ ଚମତ୍କାର ପ୍ରେମ ମଧ୍ୟକୁ ଆସିଛୁ ।

*ଗ୍ରହଣ କରିବା : ତୁମ୍ଭେମାନେ ପ୍ରେମ ପାଇଛ*

''କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ । ଆଉ ତୁମ୍ଭେମାନେ ପୁତ୍ର, ଏଥିସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ ସେହି ଆତ୍ମା ଆବ୍ବା ପିତଃ, ବୋଲି ଡ଼ାକନ୍ତି । ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ୍ର, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ'' (ଗାଲା. ୪:୪-୭) ।

ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱର ଆମକୁ ତାହାଙ୍କ ପରିବାର ମଧ୍ୟରେ ଗ୍ରହଣ କରିଅଛନ୍ତି ପୁଣି ଆମକୁ ତାହାଙ୍କ ପୁତ୍ର ଓ କନ୍ୟାରୂପେ ପ୍ରେମ କରନ୍ତି । ପ୍ରେମର ଅନ୍ୟ କୌଣସି ଅନୁଭୂତି ସେହି ପ୍ରେମ ସହିତ ତୁଳନୀୟ ହୋଇପାରିବ ନାହିଁ ଯାହାକି ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କର

ଆପଣଙ୍କ ପାଇଁ ଅଛି । ଆମ୍ଭେମାନେ ଉଭୟ ପ୍ରେମ କରିବା ପର୍ଯ୍ୟନ୍ତ କେହି କେହି ଆମକୁ ପ୍ରେମ କରିବେ ବୋଲି ପ୍ରତିଜ୍ଞା କରିପାରିବେ, ମାତ୍ର ଈଶ୍ୱର ଆମ ପ୍ରତି ଜୀବନରେ ମୃତ୍ୟୁ ପର୍ଯ୍ୟନ୍ତ ଅନନ୍ତକାଳ ପର୍ଯ୍ୟନ୍ତ ପ୍ରେମ କରିବେ ବୋଲି ପ୍ରତିଜ୍ଞା କରନ୍ତି । କେହି ଜଣେ ବି ଆମକୁ କହିପାରିବେ ନାହିଁ, ଆମ୍ଭେ ତୁମ୍ଭକୁ କେବେ ବି ଛାଡ଼ିବା ନାହିଁ ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ (ଏବ୍ରୀ ୧୩:୫) ।

ଈଶ୍ୱର ଆମକୁ ଚିରସ୍ଥାୟୀ ପ୍ରେମରେ ପ୍ରେମ କରନ୍ତି । ତା'ର ଅର୍ଥ ହେଉଛି ଯେ ଆମ୍ଭେମାନେ ଜନ୍ମଗ୍ରହଣ କରିବା ପୂର୍ବରୁ ଓ ଏପରିକି ଏହି ଜଗତର ସୃଷ୍ଟି ପୂର୍ବରୁ ଈଶ୍ୱର ଆମକୁ ପ୍ରେମ କରିଥିଲେ । ଖ୍ରୀଷ୍ଟ ଯେତେବେଳେ ଜଗତ ମଧ୍ୟକୁ ଆସିଥିଲେ, ସେ ଯେତେବେଳେ କ୍ରୁଶ ଉପରେ ଝୁଲିଥିଲେ, ଓ ସେ ଯେତେବେଳେ ମୃତ୍ୟୁରୁ ଉଠିଥିଲେ, ସେତେବେଳେ ତାହାଙ୍କ ଦୃଷ୍ଟିରେ ଆମ୍ଭେମାନେ ଥିଲୁ ।

ଆମ୍ଭେମାନେ ଯେ ଈଶ୍ୱରଙ୍କର ପ୍ରିୟ ପ୍ରେମମୟ ସନ୍ତାନ ଅଟୁ ଆମ୍ଭମାନଙ୍କୁ ସେ ବିଷୟରେ ହୃଦ୍‌ବୋଧ ଦେବା ହିଁ ପବିତ୍ର ଆତ୍ମାଙ୍କର ବିଶେଷ କାର୍ଯ୍ୟ ଅଟେ । ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି (ରୋମୀ. ୫:୫) । ଆମର ଅନୁଭୂତିରେ ଆତ୍ମା ଈଶ୍ୱରଙ୍କ ପ୍ରେମକୁ ବାସ୍ତବ କରନ୍ତି । ସେ ଆମକୁ ଆମ ପାଇଁ ଈଶ୍ୱରଙ୍କ ପ୍ରେମର ବାସ୍ତବତା ପ୍ରତି ସଂଯୁକ୍ତ କରନ୍ତି ଯାହାକି କ୍ରୁଶ ଉପରେ ଶେଷରେ ପ୍ରଦର୍ଶିତ ହୋଇଥିଲା ।

ଖ୍ରୀଷ୍ଟୀୟ ଜୀବନରେ ଆପଣ ଯେଉଁ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୁଅନ୍ତୁ ସେଥିମଧ୍ୟରୁ ଗୋଟିଏ ହେଉଛି ପରିସ୍ଥିତିର ଅନୁଭବଗୁଡ଼ିକର ଭିତ୍ତିମୂଳ ଉପରେ ଈଶ୍ୱରଙ୍କ ପ୍ରେମ ବିଷୟରେ ଅନ୍ତର୍ଦୃଷ୍ଟି ଲାଭ କରିବାର ଅଭ୍ୟାସରୁ ଆପଣାକୁ ନିବୃତ୍ତ କରିବା । ଆମର ସ୍ୱାଭାବିକ ପ୍ରବୃତ୍ତି ହେଉଛି ଆମ୍ଭେମାନେ ସୁସ୍ଥସବଳ ଥିଲା ବେଳେ, ଉତ୍ତମ ଚାକିରୀ କରୁଥିଲା ବେଳେ, ଓ ଜୀବନ ଭଲ ଥିଲା ବେଳେ ଅନୁଭବ କରିବା ଯେ ଈଶ୍ୱର ଆମକୁ ପ୍ରେମ କରନ୍ତି । ମାତ୍ର ପରିସ୍ଥିତି ବଦଳିବାକୁ ଆରମ୍ଭ କଲା ବେଳେ ଆମର ପ୍ରଥମ ପ୍ରବୃତ୍ତି ହେଉଛି ଈଶ୍ୱରଙ୍କ ପ୍ରେମକୁ ସନ୍ଦେହ କରିବା ଓ ସବୁଠାରୁ ଖରାପ ହେବ ବୋଲି ଅନୁମାନ କରିବା ।

ଆମେ ଯେଉଁ ବିଷୟ କରିବା ଉଚିତ୍ ତାହା ହେଉଛି କ୍ରୁଶ ଉପରେ ଈଶ୍ୱରଙ୍କ ପ୍ରେମର ଅଗଣ୍ୟ ପ୍ରେମ ପ୍ରଦର୍ଶନ ବିଷୟରେ ନିଜକୁ ସ୍ମରଣ କରିଦେବା । ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭସମସ୍ତଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ? (ରୋମୀ. ୮:୩୨) ।

*ପବିତ୍ରୀକରଣ : ତୁମ୍ଭେମାନେ ପବିତ୍ର ହେବ*

''ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣରୂପେ ପବିତ୍ର କରନ୍ତୁ, ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ତୁମ୍ଭମାନଙ୍କ ଆତ୍ମା, ପ୍ରାଣ, ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ

ରକ୍ଷିତ ହେଉ । ଯେ ତୁମ୍ଭମାନଙ୍କୁ ଆହ୍ୱାନ କରୁଅଛନ୍ତି, ସେ ବିଶ୍ୱସ୍ତ, ସେ ତାହା ମଧ୍ୟ ସାଧନ କରିବେ (୧ମ ଥେସ. ୫:୨୩-୨୪) ।

ପବିତ୍ରୀକରଣ ହେଉଛି ଜଣେ ବିଶ୍ୱାସୀଠାରେ ପବିତ୍ର ଆତ୍ମାଙ୍କର ଅଭିବୃଦ୍ଧିଶୀଳ କାର୍ଯ୍ୟ ଯାହା ଦ୍ୱାରା ଆମ୍ଭେମାନେ ଜୀବନରେ ଅଭିବୃଦ୍ଧି ଲାଭ କରିଥାଉ, ଯେଉଁପରି ଜୀବନଯାପନ କରିବାକୁ ଈଶ୍ୱର ଆମକୁ ଆହ୍ୱାନ କରୁଅଛନ୍ତି । ଏହା ହିଁ ପ୍ରତ୍ୟେକ ଖ୍ରୀଷ୍ଟିୟାନ୍ ଅନ୍ତରର ଅଭିଳାଷ ଓ ଇଚ୍ଛା ଅଟେ । ବିଶପ୍ ରାଇଲ୍ କହନ୍ତି :

> ଅଧିକାଂଶ ଲୋକ ମୃତ୍ୟୁବରଣ କରିବା ପରେ ସ୍ୱର୍ଗ ଯିବେ ବୋଲି ଆଶା କରନ୍ତି, ମାତ୍ର ଭୟର ବିଷୟ ହେଉଛି, ଅଳ୍ପ ଲୋକ ସ୍ୱର୍ଗ ଗଲେ ସେଠାରେ ଉପଭୋଗ କରିବେ ନା ନାହିଁ ସେ ବିଷୟରେ ସମସ୍ୟାରେ ପଡ଼ିଥା'ନ୍ତି । ସ୍ୱର୍ଗ ନିଶ୍ଚିତରୂପେ ଏକ ପବିତ୍ର ସ୍ଥାନ ଅଟେ ..... । ଜଣେ ଅପବିତ୍ର ବ୍ୟକ୍ତି ଯେତେବେଳେ ଅକସ୍ମାତ୍ ସ୍ୱର୍ଗ ଯାଆନ୍ତି, ସେତେବେଳେ ସେ ସେଠାରେ କ'ଣ କରିପାରିବେ ?[୪]

ଏହି ସମାନ୍ ବିଷୟ ଉପରେ ଜନ୍ ଓଏନ୍‌ଙ୍କର କଥାର ଭାବାନୁବାଦ :

> ଏହା ଅପେକ୍ଷା ଅଧିକ ନିର୍ବୋଧ ବା ମାରାତ୍ମକ ବିଷୟ ନାହିଁ – ଯେ ପବିତ୍ରୀକୃତ ହୋଇ ନ ଥିବା ଜଣେ ବ୍ୟକ୍ତି ଯେ କି ଏହି ଜୀବନରେ ପବିତ୍ର ହୋଇ ନ ଥିଲେ, ତାଙ୍କୁ ପରେ ସେହିପରି ଆଶୀର୍ବାଦ ମଧ୍ୟକୁ କଢ଼ାଇ ନେଇନିଆଯିବ ଯାହାକି ଈଶ୍ୱରଙ୍କ ଆନନ୍ଦରେ ରହିଥାଏ । ସେହିପରି ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ଉପଭୋଗ କରିପାରିବେ ନାହିଁ, ଈଶ୍ୱର ସେମାନଙ୍କ ପ୍ରତି ଏକ ପୁରସ୍କାର ହେବେ ନାହିଁ । ପବିତ୍ରତା ସ୍ୱର୍ଗରେ ସିଦ୍ଧ ହୋଇଛି, ମାତ୍ର ଏହା ସର୍ବଦା ଏହି ଜଗତରେ ହିଁ ଆରମ୍ଭ ହୋଇଛି ।[୫]

ଧାର୍ମିକ ଗଣିତ ହେବା ଓ ପବିତ୍ରୀକୃତ ହେବା ସର୍ବଦା ଖ୍ରୀଷ୍ଟଙ୍କଠାରେ ଦେଖିବାକୁ ମିଳିଥାଏ, ପୁଣି ସେଗୁଡ଼ିକ କିପରି ଭାବରେ ପରସ୍ପର ସଂଯୁକ୍ତ ସେହି ବିଷୟ ସୁସମାଚାର ବୁଝିବା ପ୍ରତି ଜଟିଳ ଅଟେ । ଦୁଇଟି ସର୍ବାଧିକ ସାଧାରଣ ଭୁଲ୍ ହେଉଛି ଦ୍ୱନ୍ଦଗ୍ରସ୍ତ ହେବା କିମ୍ବା ସେଗୁଡ଼ିକୁ ପୃଥକ୍ କରିବା । ଆପଣ ଯଦି ଏହି ଚିନ୍ତା କରନ୍ତି ଯେ ଈଶ୍ୱରଙ୍କ ସହିତ ଆପଣଙ୍କ ଛିଡ଼ା ହେବା କୌଣସି ଉପାୟରେ ଖ୍ରୀଷ୍ଟୀୟ ଜୀବନରେ ଆପଣଙ୍କ କାର୍ଯ୍ୟ ଉପରେ ନିର୍ଭର କରିଥାଏ, ତେବେ ତାହା ଦ୍ୱନ୍ଦ ସୃଷ୍ଟି କରିଥାଏ । ଏହା ହୋଇ ନ ଥାଏ । ଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟରେ ବିଶ୍ୱାସ କରିବା ଦ୍ୱାରା ଆପଣ ଧାର୍ମିକ ଗଣିତ ହୋଇଛନ୍ତି ।

ଯେତେବେଳେ ଜଣେ ଖ୍ରୀଷ୍ଟିୟାନ ଏହି ଧାରଣା ପାଆନ୍ତି ଯେ ଆମ୍ଭେମାନେ କେବଳ ବିଶ୍ୱାସ କରିବା ଦ୍ୱାରା ଧାର୍ମିକ ଗଣିତ ହୋଇଛୁ, ଖ୍ରୀଷ୍ଟଙ୍କ ପ୍ରତି ଆଜ୍ଞାବହତାର ବାସ୍ତବରେ କୌଣସି ଅର୍ଥ ନାହିଁ, ସେତେବେଳେ ଯାଇ ପାର୍ଥକ୍ୟ ଆସିଥାଏ । ଏହା ହୋଇଥାଏ । ଖ୍ରୀଷ୍ଟ ଧାର୍ମିକଗଣିତ ହେବା ଓ ପବିତ୍ରୀକୃତ ହେବାର ଆଶୀର୍ବାଦ *ଆପଣାଠାରେ* ଧରି ରଖିଥାଆନ୍ତି । ଆମ୍ଭେମାନେ ଯେତେବେଳେ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କୁ ଆପଣେଇ ଥାଉ, ସେତେବେଳେ ଏହି ଦାନଗୁଡ଼ିକ ଆମର ହୋଇଯାଇଥାଏ । ଅନ୍ୟଟି ବିନା କେହି ବି ତାହା ପାଇପାରିବେ ନାହିଁ ।

ସେଥିପାଇଁ ବାଇବଲ କହେ, ପବିତ୍ରତା ବିନା କେହି ବି ପ୍ରଭୁଙ୍କୁ ଦେଖିପାରିବେ ନାହିଁ (ଏବ୍ରୀ ୧୨:୧୪) । ଏହାର ଅର୍ଥ ନୁହେଁ ଯେ ଆମ୍ଭେମାନେ ପବିତ୍ର ହେବା ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଛୁ, ମାତ୍ର ପବିତ୍ରତାର ସେହି ଅନୁଧାବନ ହିଁ ପ୍ରମାଣ ଅଟେ ଯେ ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଅଛୁ, ଯେ କି ଆମକୁ ତାହାଙ୍କ ରକ୍ତରେ ଧାର୍ମିକ ଗଣିତ କରିଅଛନ୍ତି ।

ପାଉଲ ବିଶ୍ୱାସୀମାନଙ୍କର ପବିତ୍ରତା ପାଇଁ ପ୍ରାର୍ଥନା କରନ୍ତି, ସ୍ୱୟଂ ଈଶ୍ୱର, ଶାନ୍ତିର ଈଶ୍ୱର ଆପଣଙ୍କୁ ସର୍ବୋତ୍ତଭାବେ ପବିତ୍ରୀକୃତ କରନ୍ତୁ – ପୁଣି ଆମ୍ଭେମାନେ ଆମ୍ଭମାନଙ୍କର ପବିତ୍ରତା ନିମନ୍ତେ ମଧ୍ୟ ପ୍ରାର୍ଥନା କରିବା ଉଚିତ୍ । ମାତ୍ର ପବିତ୍ରୀକୃତ ମଧ୍ୟ ଏକ ପ୍ରତିଜ୍ଞା ଅଟେ : ଆପଣଙ୍କୁ ଆହ୍ୱାନ କରିଥିବା ବ୍ୟକ୍ତି ବିଶ୍ୱସ୍ତ ଅଟନ୍ତି ପୁଣି ସେ ହିଁ ଏହା କରିବେ (୧ମ ଥେସ. ୫:୨୩-୨୪) ।

ଆପଣଙ୍କର ଖ୍ରୀଷ୍ଟୀୟ ଜୀବନରେ ଅଭିବୃଦ୍ଧିର ଅଭାବ ବିଷୟରେ ଆପଣ ଯେତେବେଳେ ନିରୁତ୍ସାହିତ ହୋଇଯା'ନ୍ତି ସେତେବେଳେ ସେହି ପ୍ରତିଜ୍ଞା ସ୍ମରଣ କରନ୍ତୁ । ଈଶ୍ୱରଙ୍କର ଯେଉଁ ଅନୁଗ୍ରହ ଆପଣଙ୍କଠାରେ ଆରମ୍ଭ ହୋଇଛି ତାହା ତାହାଙ୍କ ଗୌରବରେ ଓ ଆପଣଙ୍କ ଆନନ୍ଦରେ ସମ୍ପନ୍ନ ହେବ । ଈଶ୍ୱର ଆପଣଙ୍କୁ ଆପଣଙ୍କ ହୃଦୟର ଅଭିଳାଷ ପ୍ରଦାନ କରିବେ । ଆପଣ ଚିରକାଳ ତାହାଙ୍କ ପୁତ୍ରଙ୍କ ସାଦୃଶ୍ୟରେ ଅଭ୍ୟସ୍ତ ହେବେ (ରୋମୀ. ୮:୨୯) ।

*ପ୍ରଶଂସାଗାନ : ଆପଣ ଖ୍ରୀଷ୍ଟଙ୍କ ଗୌରବକୁ ପ୍ରତିଫଳନ କରିବେ*

''ଆମ୍ଭମାନଙ୍କର ଜୀବନସ୍ୱରୂପ ଯେ ଖ୍ରୀଷ୍ଟ, ଯେତେବେଳେ ସେ ପ୍ରକାଶିତ ହେବେ, ସେତେବେଳେ ତୁମ୍ଭେମାନେ ମଧ୍ୟ ତାହାଙ୍କ ସହିତ ଗୌରବରେ ପ୍ରକାଶିତ ହେବ'' (କଲ. ୩:୪) । ଆମର ଜୀବନ ବହୁଳ ବିରୋଧାଭାସ ହୋଇ ରହିଥାଏ । ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କ ପ୍ରତି ଏହା ସତ୍ୟ ଅଟେ । ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ପ୍ରେମ କରୁ, ମାତ୍ର ଆମ୍ଭେମାନେ ଅନେକ ସନ୍ଦେହ ଓ ଭୟ କରି ସଂଘର୍ଷ କରିଥାଉ । ଖ୍ରୀଷ୍ଟଙ୍କଠାରେ ଆମର ନୂତନ ଜୀବନ ଅଛି, ମାତ୍ର ଠିକ୍ ସେହି ସମୟରେ ଆମର ଦେହ ଅସୁସ୍ଥତା, ବୃଦ୍ଧାବସ୍ଥା ଓ ମୃତ୍ୟୁର ଅଧୀନ ହୋଇଥାଏ ।

ଖ୍ରୀଷ୍ଟିୟାନମାନେ ବହୁଳ ଭାବରେ ବିରୋଧାଭାସ ଅଟନ୍ତି, ମାତ୍ର ସର୍ବଦା ଏହିପରି ହେବ ନାହିଁ । ଖ୍ରୀଷ୍ଟଙ୍କ ନିମନ୍ତେ ଆପଣଙ୍କ ପ୍ରେମ ସମ୍ପୂର୍ଣ୍ଣ ହେବ, ଆପଣଙ୍କ ବିଶ୍ୱାସ ଦୃଶ୍ୟମାନ ହେବ, ପୁଣି ଆପଣମାନେ ଏକ ପୁନରୁତ୍ଥିତ ଶରୀରରେ ଅନନ୍ତ ଜୀବନର ଆନନ୍ଦର ଅନୁଭୂତି ଲାଭ କରିବେ । ଆପଣ ଚିରକାଳ ଗୌରବରେ ଖ୍ରୀଷ୍ଟଙ୍କ ସହିତ ରହିବେ ।

ଆପଣ କେବଳ ଖ୍ରୀଷ୍ଟଙ୍କ ଗୌରବରେ ରହିବେ ନାହିଁ, ମାତ୍ର ତାହାଙ୍କ ଗୌରବ ଆପଣଙ୍କଠାରେ ରହିବ । ପାଉଲ କହନ୍ତି, କାରଣ ମୋ ବିଚାରରେ, ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ (ରୋମୀ. ୮:୧୮) । ଆପଣଙ୍କ ଖ୍ରୀଷ୍ଟୀୟ ଜୀବନ ଶୀତକାଳରେ ଏକ ଗଛ ପରି ଅଟେ । ଏହା ନଣ୍ଡା ଦେଖାଯାଇଥାଏ, ମାତ୍ର ଏହା ଜୀବିତ ଅଟେ ପୁଣି ଯେତେବେଳେ ବସନ୍ତଋତୁ ଆସେ, ସେତେବେଳେ ଏହା ସତେଜ ହୋଇ ଉଠିବ । ଏହାର ସମ୍ପୂର୍ଣ୍ଣ ଗୌରବ ତେବେ ବି ସୁଦ୍ଧା ଦେଖାଯିବା ବାକି ଅଛି ।

ଆପଣଙ୍କ ଭବିଷ୍ୟତ୍‌ର ଗୌରବକୁ ପୂର୍ବାନୁମାନ କରିବାକୁ ଶିକ୍ଷା କରିବା ଖ୍ରୀଷ୍ଟିୟାନ ଜୀବନରେ ବଡ଼ ଲାଭଦାୟକ ଅଟେ । ଆମକୁ ଆମର ଲାଭ ନିମନ୍ତେ ଏହି ସତ୍ୟକୁ ବ୍ୟବହାର କରିବାକୁ ପଡ଼ିବ ଯେତେବେଳେ ପ୍ରତ୍ୟେକ ବିଷୟ ଆମ ବିରୁଦ୍ଧରେ ଯାଉଛି ବୋଲି ଜଣାଯାଇଥାଏ । ପାଉଲ ତାହା ହିଁ କରିଥିଲେ : ତେଣୁ ଆମ୍ଭେମାନେ କ୍ଳାନ୍ତ ହେଉ ନାହୁଁ, ..... କାରଣ ଏହି କ୍ଷଣକାଳସ୍ଥାୟୀ ଲଘୁ କ୍ଳେଶ ଅତ୍ୟଧିକ ବାହୁଲ୍ୟରୂପେ ଆମ୍ଭମାନଙ୍କ ନିମନ୍ତେ ଅନନ୍ତକାଳସ୍ଥାୟୀ ମହା ଗୌରବ ସାଧନ କରୁଅଛି (୨ୟ କରି. ୪:୧୬-୧୭) । ପ୍ରେରିତ ଆମକୁ ତାଙ୍କର ନିଜର ଅନୁଭୂତିରୁ ଆମକୁ କହୁଛନ୍ତି ଆମେ ନିରୁତ୍ସାହିତ ହେବା ନାହିଁ ବୋଲି ସେ ବିଷୟରେ କିପରି ନିଶ୍ଚିତ ହୋଇପାରିବା ।

ଆପଣଙ୍କଠାରେ ଖ୍ରୀଷ୍ଟଙ୍କର ଏକ ଅନନ୍ୟ ପ୍ରତିଫଳନ ଗଠନ କରିବା ପାଇଁ ଆପଣଙ୍କ ଜୀବନର ଉଦ୍ଦେଶ୍ୟମୂଳକ ପରୀକ୍ଷାଗୁଡ଼ିକ ମାଧ୍ୟମରେ ଈଶ୍ୱର କାର୍ଯ୍ୟ କରନ୍ତି ଯାହାକି ତାହାଙ୍କ ଗୌରବ ନିମନ୍ତେ ଯନ୍ତ୍ରଣା ସହ୍ୟ କରିବ ଓ ଚିରକାଳ ଆପଣଙ୍କ ଆନନ୍ଦ ନିମନ୍ତେ ହେବ। ସେହି ଦିନ, ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ଆମର ହେବ:

୧) ଆମ୍ଭେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟତାକୁ ସମ୍ପୂର୍ଣ୍ଣରୂପେ ପ୍ରତିଫଳିତ କରିବା ।

୨) ଆମ୍ଭମାନଙ୍କୁ ମନ୍ଦତାର ଅଭିଶାପରୁ ମୁକ୍ତ କରାଯିବ ।

୩) ଆମ୍ଭେମାନେ ଅନନ୍ତ ଜୀବନର ଆନନ୍ଦକୁ ସମସ୍ତ ଜାତିରୁ ମୁକ୍ତିପ୍ରାପ୍ତ ଲୋକମାନଙ୍କୁ ଅଂଶୀ କରିବା ।

୪) ଆମ୍ଭେମାନେ ଯୀଶୁଙ୍କ ରକ୍ତ ଦ୍ୱାରା ମୁକ୍ତିପ୍ରାପ୍ତ ହୋଇ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରେ ପ୍ରବେଶ କରିବା ।

୫) ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ଚିରକାଳ ଖ୍ରୀଷ୍ଟଙ୍କ ଶାସନର ଆଶୀର୍ବାଦ ଅଧୀନରେ ଏହି ଜୀବନଯାପନ କରିବା ।

୬) ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ତ ଅନ୍ତଃକରଣ, ପ୍ରାଣ, ମନ ଓ ଶକ୍ତି ଦେଇ ଈଶ୍ୱରଙ୍କୁ ପ୍ରେମ କରିବା ପୁଣି ଆମ୍ଭେମାନେ ଆମ୍ଭମାନଙ୍କ ପ୍ରତିବାସୀମାନଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା ।

୭) ଆମ୍ଭେମାନେ କବର ମଧ୍ୟରୁ ଏହି ନୂତନ ଜୀବନରେ ଚିରକାଳ ଆନନ୍ଦ କରିବା ଯାହାକି ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମର ଅଟେ ।

*ସମ୍ପାଦନ : ଆମ୍ଭେମାନେ ଈଶ୍ୱରଙ୍କୁ ଦେଖିବା*

''ପରେ ମୁଁ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଦେଖିଲି, କାରଣ ପ୍ରଥମ ଆକାଶମଣ୍ଡଳ ଓ ପ୍ରଥମ ପୃଥିବୀ ଲୋପ ପାଇଥିଲା'' (ପ୍ରକା. ୨୧:୧) । ଯୋହନ ଏକ ନୂତନ ଆକାଶମଣ୍ଡଳ ଓ ଏକ ନୂତନ ପୃଥିବୀ ଦେଖିଲେ – ଏକ ଭିନ୍ନ ପୃଥିବୀ ନୁହେଁ, ମାତ୍ର ଏକ ନୂତନ ପୃଥିବୀ । ଏହି ପୃଥିବୀ ଶେଷରେ ସେହି ଅଭିଶାପରୁ ମୁକ୍ତିପ୍ରାପ୍ତ ହେବ ଓ କ୍ଷୟପ୍ରାପ୍ତ ହେବାର ବନ୍ଧନରୁ ମୁକ୍ତିପ୍ରାପ୍ତ ହେବ (ରୋମୀ. ୮:୨୧) ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ତା'ପରେ ଯୋହନ ଦେଖିଲେ, ପୁଣି ମୁଁ ପବିତ୍ର ନଗରୀ, ଅର୍ଥାତ୍ ନୂତନ ଯିରୂଶାଲମକୁ ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ ପ୍ରସ୍ତୁତା ହୋଇ ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି (ପ୍ରକା. ୨୧୨) । ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଦିଗରେ ଥିବା ନଗର ଦ୍ୱାରଗୁଡ଼ିକ ସୂଚନା ଦେଉଛି ଯେ ପୃଥିବୀର ପ୍ରତ୍ୟେକ ଜାତିରୁ ଏକ ବଡ଼ ସମ୍ପ୍ରଦାୟର ଲୋକମାନଙ୍କୁ ଏକତ୍ରିତ କରିବା ପାଇଁ ଓ ଈଶ୍ୱରଙ୍କ ଅନନ୍ତକାଳ ସ୍ଥାୟୀ ରାଜ୍ୟରେ ସେମାନଙ୍କ ପ୍ରତି ଜୀବନର ଆନନ୍ଦ ଆଣିଦେବା ପାଇଁ ଈଶ୍ୱର ଆପଣାର ପ୍ରତିଜ୍ଞା ପୂରଣ କରିଅଛନ୍ତି ।

ଖ୍ରୀଷ୍ଟ ଆମ ପାଇଁ ପ୍ରସ୍ତୁତ କରିଥିବା ଗୌରବକୁ ଧରି ରଖିବା ପାଇଁ ଗୋଟିଏ ଚିତ୍ର କେବେ ବି ଯଥେଷ୍ଟ ନୁହେଁ। ତେଣୁ ନଗର ନିକଟରେ ଯୋହନ ଜଣେ କନ୍ୟାର ଚିତ୍ର ଦେଖନ୍ତି, ଯେ କି ତା'ର ବର ପାଇଁ ସୁନ୍ଦର ଭାବରେ ସଜ୍ଜିତା ହୋଇଛି (ପ୍ରକା. ୨୧:୨) । ଖ୍ରୀଷ୍ଟ ହିଁ ସ୍ୱର୍ଗର ଆନନ୍ଦର କେନ୍ଦ୍ର ଅଟନ୍ତି, ପୁଣି ଆମର ସମସ୍ତ ଆନନ୍ଦ ତାହାଙ୍କଠାରେ ହେବ ।

ଯୋହନ ସ୍ୱର୍ଗର ସିଂହାସନରୁ ଏକ ବଡ଼ ରବ କହିବାର ଶୁଣିଥିଲେ, ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହା ଶବ୍ଦ ଏହା କହିବାର ଶୁଣିଲି, ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ, ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ (ପ୍ରକା. ୨୧:୩) । ଈଶ୍ୱରଙ୍କଠାରୁ ଆମକୁ ପୃଥକ୍ କରୁଥିବା ପ୍ରତ୍ୟେକ ବିଷୟ ଦୂରୀଭୂତ ହୋଇଛି। ଈଶ୍ୱର ତାହାଙ୍କର ମୁକ୍ତିପ୍ରାପ୍ତ ସମସ୍ତ ଲୋକଙ୍କୁ ଅନନ୍ତ ଜୀବନର ଅଂଶୀ କରାନ୍ତି ।

ଈଶ୍ୱର ଆମ ଆଖିରୁ ସମସ୍ତ ଲୁହ ପୋଛି ଦେବେ । ଦୁଃଖ ଈଶ୍ୱରଙ୍କ ଲୋକମାନଙ୍କ ଅନୁଭୂତିକୁ ଅତିକ୍ରମ କରିଯିବ। କୌଣସି ମୃତ୍ୟୁ ବା ଶୋକ ବା କ୍ରନ୍ଦନ ବା ଯନ୍ତ୍ରଣା ନ ଥିବ।

## ଉପସଂହାର

ଈଶ୍ୱର ଚମତ୍କାର ପ୍ରତିଜ୍ଞାଗୁଡ଼ିକ କରିଅଛନ୍ତି ଯାହାକୁ କି କେବଳ ଈଶ୍ୱର ହିଁ କରିପାରିବେ । ସେଗୁଡ଼ିକ ଯୀଶୁ ଖ୍ରୀଷ୍ଟଙ୍କଠାରେ ସଫଳ ହୋଇଛି, ବାକ୍ୟ ଶରୀରରୂପୀ ହେଲେ । ଏହି ପ୍ରତିଜ୍ଞାଗୁଡ଼ିକରେ ପୁନରୁତ୍ପତ୍ତି, ଖ୍ରୀଷ୍ଟଙ୍କ ସହିତ ଏକତ୍ରୀକରଣ, ଧାର୍ମିକ ଗଣିତ ହେବା, ଗ୍ରହଣ କରିବା, ପବିତ୍ରୀକୃତ ହେବା, ଗୌରବାନ୍ୱିତ ହେବା ଓ ଈଶ୍ୱରଙ୍କ ମୁକ୍ତିଦାୟୀ ଉଦ୍ଦେଶ୍ୟର ସମ୍ପନ୍ନତାରେ ଅନନ୍ତକାଳୀନ ଆନନ୍ଦର ପ୍ରତିଜ୍ଞା ଅନ୍ତର୍ଭୁକ୍ତ ।

ଏସବୁ ବିଷୟ ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ଲୋକମାନଙ୍କର ଅଟେ । ଏହା ଆପଣଙ୍କର ହୋଇପାରିବ । ଏହି ପ୍ରତିଜ୍ଞା ଆପଣଙ୍କ ପାଇଁ ଓ ଆପଣଙ୍କ ସନ୍ତାନମାନଙ୍କ ପାଇଁ ଓ ଦୂରରେ ଥିବା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଅନୁତାପ କରନ୍ତୁ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତୁ । ବିଶ୍ୱାସ କରିବା ଦ୍ୱାରା ତାହାଙ୍କ ନାମରେ ଆପଣ ଜୀବନ ପ୍ରାପ୍ତ ହେବେ (ଯୋହନ ୨୦:୩୧) ।

୭

# ସୁସମାଚାର କ'ଣ?

*ବ୍ରାଏନ୍ ଚାପେଲ୍*

ଯେଉଁ ଘଟଣାଗୁଡ଼ିକ ତାଙ୍କୁ ଗିରଫ କରିବାକୁ କଢ଼ାଇ ନେଇଥିଲା, ତାହା ହେବା ପାଇଁ ବର୍ଷ ବର୍ଷ ସମୟ ଲାଗିଯାଇଥିଲା । ସେ ଯେତେବେଳେ ବଡ଼ ହେଉଥିଲେ, ମୋର ଭାଇର ମାନସିକ ଦକ୍ଷତାକୁ ବର୍ଣ୍ଣନା କରିବା ପାଇଁ ଆମ ପରିବାର ଯେଉଁ କୋମଳ ଖଣ୍ଡବାକ୍ୟ ବ୍ୟବହାର କରୁଥିଲେ ତାହା ଥିଲା, ଶିକ୍ଷା କରିବା ପାଇଁ ତାଙ୍କୁ ବହୁତ କଷ୍ଟ କରିବାକୁ ହେଉଛି । ଯଦିଚ ତାଙ୍କର ମନ ଅନୁନ୍ନତ ଥିଲା, ତଥାପି ମୋର ପିତାମାତା ଯେପରି ବୃଦ୍ଧ ହେଉଥିଲେ ଡ଼େଭିଡ୍ ସେହିପରି ଶରୀରରେ ଅଧିକରୁ ଅଧିକ ସୁଦୃଢ଼ ହୋଇଥିଲେ । ତାହାଙ୍କ ସହିତ ମୁକାବିଲା କରିବାର ଚାପଗୁଡ଼ିକ ତଥା ସେମାନଙ୍କ ନିଜର ଘଟଣାଗୁଡ଼ିକ ସେମାନଙ୍କୁ ପୃଥକୀକୃତ ହେବା ପାଇଁ କଢ଼ାଇ ନେଇଥିଲା ଓ ମୋର ଭାଇ ସହିତ ଅଧିକ ସମସ୍ୟା ସୃଷ୍ଟି କରିଥିଲା । ଜଣେ ବୟସ୍କ ଭାବରେ ସ୍ୱାଧୀନ ରହିବା ପାଇଁ ଡ଼େଭିଡ୍‌ଙ୍କର ଅଭିଳାଷ ଓ ଅଭିବୃଦ୍ଧି ହେବା ପାଇଁ ତାଙ୍କର ଅକ୍ଷମତା ନିରବଚ୍ଛିନ୍ନ ଭାବରେ ଚିନ୍ତାଜନକ ଥିଲା । ବନ୍ଧୁତା ଓ ଆନନ୍ଦ ପାଇଁ ସେ ସମ୍ପର୍କ ଗଢ଼ିଥିଲେ ଯାହାକି ସମସ୍ୟା ଆଣିଦେଇଥିଲା । ଫଳ ସ୍ପଷ୍ଟ ଥିଲା ।

ତାଙ୍କର ଗିରଫଦାରି ଓ ଆବଦ୍ଧ ଅବସ୍ଥା ତାଙ୍କର ମନ କାର୍ଯ୍ୟ କରିପାରୁଥିବା ଅପେକ୍ଷା ଅଧିକ ବିଷୟ ଥିଲା । ସେ ଜାଣିଥିଲେ ଯେ କେବଳ ବହୁଳ ଭୟ ଯାହାକି ଜଣେ ସାନ ପିଲାର ମାନସିକ ଦକ୍ଷତା ସହିତ କେହି ଜଣେ ଗୋଟିଏ ଜେଲ୍ କୋଠରୀରେ ଅନୁଭୂତି ଲାଭ କରିପାରିବେ । ସେ ଗୋଟିଏ କୋଣରେ ଜାକିଜୁକି ହୋଇ ରହିଥିଲେ ଓ ଥରହର ହୋଇଥିଲେ ।

ମୋର ଭାଇର ସ୍ପଷ୍ଟ ଭୟ ସେହି କୋଠରୀରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ହୃଦୟରେ କିଛି ବିଷୟ ପୁନରୁଦ୍ରେକ କରିଥିଲା । ପୁଣି ତାଙ୍କର ନିଜର ସମସ୍ୟା ସତ୍ତ୍ୱେ, ସେ ଡ଼େଭିଡ୍‌ଙ୍କୁ ଈଶ୍ୱରଙ୍କ ଅନୁଗ୍ରହର ବାର୍ତ୍ତା କହିଥିଲେ : ଯୀଶୁ ତୁମକୁ ସାହାଯ୍ୟ କରିପାରିବେ । ତାହାଙ୍କ ଉପରେ ଆସ୍ଥା ସ୍ଥାପନ କର ।

ବିଶେଷ ଆବଶ୍ୟକ ଶ୍ରେଣୀଗୁଡ଼ିକରେ ଡ଼େଭିନ୍ ସାନ ପିଲା ଥିଲା ବେଳେ ଯେଉଁ ସଣ୍ଡେସ୍କୁଲ୍‌ରେ ଯୋଗ ଦେଉଥିଲେ, ସେଠିକାର ପାଠଗୁଡ଼ିକର ସତ୍ୟ ବିଷୟଗୁଡ଼ିକ ତାଙ୍କ ମନକୁ ହଠାତ୍ ଆସିଗଲା । ସେ ଈଶ୍ୱରଙ୍କୁ ତାଙ୍କ ପାପକ୍ଷମା କରିଦେବା ପାଇଁ ପ୍ରାର୍ଥନା କଲେ ଓ ତାଙ୍କର ଉଦ୍ଧାରକର୍ତ୍ତା ଭାବରେ ଯୀଶୁଙ୍କଠାରେ ଆସ୍ଥା ସ୍ଥାପନ କଲେ ।

ଡ଼େଭିଡ୍ ଜେଲ୍‌ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବେ । ସେ ମଧ୍ୟ ଯୀଶୁଙ୍କ ସହିତ ଚିରକାଳ ରହିଥିବେ – ପାପକ୍ଷମାପ୍ରାପ୍ତ, ପୁନଃସଂସ୍ଥାପିତ, ସଂରକ୍ଷିତ ଓ ପରିବର୍ତ୍ତିତ ରହିଥିବେ ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଏହା ହିଁ ମୋର ଭାଇ ପାଇଁ ଓ ଯୀଶୁଙ୍କଠାରେ ଆସ୍ଥା ସ୍ଥାପନ କରିଥିବା ସମସ୍ତଙ୍କ ପାଇଁ ସୁସମାଚାର ଅଟେ ।

ସୁସମାଚାରର ସରଳ ଅର୍ଥ ହେଉଛି ଶୁଭ ସମାଚାର । ଭଗ୍ନଚୂର୍ଣ୍ଣ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ, ସୃଷ୍ଟିର ଗୌରବ ପୁନଃସଂସ୍ଥାପିତ କରିବା ପାଇଁ ଓ ସମସ୍ତ ବିଷୟ ଉପରେ ସମ୍ବେଦନଶୀଳ ହୋଇ ଓ ନ୍ୟାୟପରାୟଣ ଭାବରେ ଶାସନ କରିବା ବିଷୟରେ ଈଶ୍ୱର ଆପଣା ପ୍ରତିଜ୍ଞା ସଫଳ କରିଅଛନ୍ତି ବୋଲି ବାର୍ତ୍ତାକୁ ଉଲ୍ଲେଖ କରିବା ପାଇଁ ବାଇବଲ ସେହି ଶବ୍ଦ ବ୍ୟବହାର କରିଥାଏ । ସେଥିପାଇଁ ସୁସମାଚାରର ଏକ ଉତ୍ତମ ସାରାଂଶ ହେଉଛି ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଖ୍ରୀଷ୍ଟ ଯୀଶୁ ଜଗତ ମଧ୍ୟକୁ ଆସିଲେ (୧ମ ତୀମ. ୧:୧୫) ।[୧]

ଈଶ୍ୱରଙ୍କ ଉଦ୍ଧାର କାର୍ଯ୍ୟ, ପୁନଃସଂସ୍ଥାପନ ଓ ନିୟମ ଆମର ଆତ୍ମିକ ଅବସ୍ଥା ପ୍ରତି ପ୍ରଯୁଜ୍ୟ, ମାତ୍ର ଆତ୍ମିକ ବାସ୍ତବତା ପ୍ରତି ସୀମାବଦ୍ଧ ନୁହେଁ । ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମର ଈଶ୍ୱର ମନୁଷ୍ୟର ପାପର ଅନନ୍ତ ଫଳରୁ ଆପଣା ଲୋକମାନଙ୍କୁ ଈଶ୍ୱର ମୁକ୍ତ କରନ୍ତି ଯାହାକି ପ୍ରତ୍ୟେକ ବିଷୟକୁ ସ୍ପର୍ଶ କରିଛି । ଆମର ପରିତ୍ରାଣ ଆମକୁ ଅନ୍ତର୍ଭୁକ୍ତ କରିଥାଏ, ମାତ୍ର ଏହା ମଧ୍ୟ ଆମ ନିଜ ଅପେକ୍ଷା ଅଧିକ ବଡ଼ ଅଟେ ।

ଆମ୍ଭେମାନେ ଏହି ଚମତ୍କାର ସତ୍ୟଗୁଡ଼ିକୁ ଅଧିକ ଜାଣିବା ପୂର୍ବରୁ ଆମେ ଜାଣିବା ଆବଶ୍ୟକ ଯେ ଆମକୁ କେବଳ ଚକିତ କରିବା ପାଇଁ ବାଇବଲ ସେଗୁଡ଼ିକୁ ତୂରୀ ବଜାଇ କହି ନ ଥାଏ। ଈଶ୍ୱର ଏହି ସତ୍ୟଗୁଡ଼ିକ ପ୍ରକାଶ କରନ୍ତି, ଯେପରି ଡ଼େଭିଡ୍‌ଙ୍କ ପରି ପାପୀଗଣ ଓ ଆପଣ ଓ ମୁଁ ସେହି ସୁସମାଚାର ଉପରେ ଆସ୍ଥା ସ୍ଥାପନ କରିବା ଦ୍ୱାରା ପାପର ଦୋଷ ଓ ଶକ୍ତିରୁ ମୁକ୍ତ ହୋଇପାରିବା ଯେ ଯୀଶୁ ହିଁ ପ୍ରଭୁ ଅଟନ୍ତି ଯେ କି ଆମକୁ ଉଦ୍ଧାର କରିବାକୁ ଆସନ୍ତି। ନିମ୍ନରେ ସେହି ସୁସମାଚାରର ମୂଳ ଦିଗଗୁଡ଼ିକ ଦିଆଯାଇଛି ।

## ଈଶ୍ୱର ଯାହା ଆବଶ୍ୟକ କରନ୍ତି, ସେ ତାହା ଯୋଗାଇ ଦିଅନ୍ତି[୨]

ଆମେ ହୁଏତ କେହି ଆମକୁ ପାପୀ ଭାବରେ ଚିହ୍ନଟ କଲେ ତାହା ପସନ୍ଦ କରିପାରିବା ନାହିଁ, ବିଶେଷରୂପେ ଆମେ ଯଦି ସେହି ଶବ୍ଦକୁ କେବଳ ହତ୍ୟାକାରୀ ଓ ପିଲାମାନଙ୍କ ଉତ୍ପୀଡ଼ନାକାରୀମାନଙ୍କ ପ୍ରତି ଉଲ୍ଲେଖ କରିବା ତେବେ ସେମାନେ ତାହା ପସନ୍ଦ କରିବେ ନାହିଁ । ମାତ୍ର ବାଇବଲ କହେ ଯେ ଈଶ୍ୱର ସମ୍ପୂର୍ଣ୍ଣରୂପେ ପବିତ୍ର ଅଟନ୍ତି ପୁଣି ଯେଉଁମାନେ ତାହାଙ୍କ ସିଦ୍ଧତା ସହିତ ମେଳ ଖାଆନ୍ତି ନାହିଁ, ସେମାନେ ପାପୀ ଅଟନ୍ତି, ଏହା ଏକ ଶବ୍ଦ ଅଟେ ଯାହାର ସରଳ ଅର୍ଥ ହେଉଛି ଈଶ୍ୱରଙ୍କ ମାନ ହରାଇବା । ଆମେ ଯଦି କିଛି ମାତ୍ରାରେ ପାପ କରିଥାଉ, ସେତେବେଳେ ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟମୂଳକ ବିଷୟ ଅପେକ୍ଷା କିଛି ଭିନ୍ନ ହୋଇଥାଉ (ରୋମୀ. ୩:୨୩ ଯାକୁବ ୨:୧୦) । ସେ ଆମକୁ ତାହାଙ୍କର ପବିତ୍ର ସ୍ୱଭାବ ପ୍ରତିଫଳିତ କରିବାକୁ ତିଆରି କରିଥିଲେ (୧ମ ପିତ. ୧:୧୬) । ତେଣୁ ଆମର ଭୁଲ୍‌ଗୁଡ଼ିକ କେବଳ ଆମକୁ ଆଘାତ ଦେଇ ନ ଥାଏ, ମାତ୍ର ଆହୁରିମଧ୍ୟ ଈଶ୍ୱରଙ୍କ ସହିତ ଆମର ସମ୍ପର୍କରେ କ୍ଷତିସାଧନ କରିଥାଏ (ଏଫି. ୪:୩୦) ।

*ଈଶ୍ୱରଙ୍କ ପ୍ରତିମୂର୍ତ୍ତି*

ଈଶ୍ୱରଙ୍କ ସହିତ ଆମର ସମ୍ପର୍କଗତ ସମସ୍ୟାଗୁଡ଼ିକ ଆରମ୍ଭ ହୋଇଥିଲା ଯେତେବେଳେ ଆମର ପ୍ରଥମ ପିତାମାତାଙ୍କ ପାପ ଦ୍ୱାରା ଆମର ମାନବ ସ୍ୱଭାବ କଳୁଷିତ ହୋଇଥିଲା (ରୋମୀ. ୫:୧୨) । ଆଦମ ଓ ହବାଙ୍କଠାରୁ ପ୍ରତ୍ୟେକ ମାନବ ଜାଣନ୍ତି ଯେ ପ୍ରିୟ ଲୋକମାନଙ୍କୁ ହରାଇବାର, ଅନ୍ୟମାନଙ୍କୁ ଆଘାତ ଦେବାର ଓ ଜଣଙ୍କର ନିଜର ଆଦର୍ଶଗୁଡ଼ିକୁ ପରିତ୍ୟାଗ କରିବାର ଅର୍ଥ କ'ଣ ଅଟେ । ଆମେ ସମସ୍ତେ ଲଜ୍ଜା ଓ ଅନୁଶୋଚନା ବିଷୟରେ ଜାଣୁ । ଏଗୁଡ଼ିକ ପ୍ରକୃତରେ ଏକ ଆତ୍ମିକ ବାସ୍ତବତା ପ୍ରତିଫଳନ କରିଥାଏ ଯାହାକି ଆମ୍ଭେମାନେ ହୁଏତ ଜାଣିପାରିବା ନାହିଁ : ଆମ୍ଭେମାନେ ଦୋଷୀକୃତ ଅନୁଭବ କରିଥାଉ, କାରଣ ଆମ୍ଭମାନଙ୍କୁ ଈଶ୍ୱରଙ୍କ ପରି ହେବା ପାଇଁ ତିଆରି କରାଯାଇଥିଲା, ମାତ୍ର ଆମ୍ଭେମାନେ ସେହିପରି ବାସ କରିବାକୁ ବିଫଳ ହୋଇଥାଉ (ରୋମୀ. ୩:୧୦) ।

ଆମ୍ଭମାନଙ୍କୁ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ତିଆରି କରାଯାଇଥିଲା (ଆଦି. ୧:୨୬-୨୭) । ସେ ଆମକୁ ତାହାଙ୍କ ପରି ହେବା ପାଇଁ ପରିକଳ୍ପନା କରିଥିଲେ, ଯେପରି ଆମେ ତାହାଙ୍କୁ ଓ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ଅନ୍ୟମାନଙ୍କୁ ପ୍ରେମ କରିପାରିବା । ଆମ୍ଭେମାନେ ଯେତେବେଳେ ପାପ କରୁ, ସେତେବେଳେ ଆମେ ଆମର ମୂଳ ସ୍ୱଭାବର ବିରୋଧାଚରଣ କରୁଛୁ, ପୁଣି ଆମର ଗଭୀରତମ ପ୍ରଦେଶରେ କିଛି ବିଷୟ ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ଆମେ ଯେଉଁ ଦୋଷର ଅନୁଭବ କରିଥାଉ ତାହା ହେଉଛି ଆମର ଈଶ୍ୱରଙ୍କ ସହିତ ଆମେ ଯେଉଁ ସମ୍ପର୍କରେ ରହିବା ବୋଲି ପରିକଳ୍ପିତ ହୋଇଛୁ ଆମ ପାପ ଆମକୁ ସେଥିରୁ ଦୂରେଇ ଦେଲା ବେଳେ ଆମ ଅନ୍ତରରେ ଯେଉଁ ଯନ୍ତ୍ରଣା ହୋଇଥାଏ ତା'ର ପ୍ରତିଧ୍ୱନି ।

ଈଶ୍ୱରଙ୍କ ସହିତ ଏକ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ପାଇଁ ଈଶ୍ୱର ଆମ ପାଇଁ ପବିତ୍ରତା ଆବଶ୍ୟକ କରନ୍ତି, ମାତ୍ର ଆମର ଉଭୟ ପ୍ରକୃତି ଓ କାର୍ଯ୍ୟକଳାପ ଆମକୁ ତାହାଙ୍କଠାରୁ ଦୂରେଇ ଦେଇଥାଏ । ଆମ୍ଭେମାନେ କିପରି ଏହା ସ୍ଥିର କରିପାରିବା ? ଆମ୍ଭେମାନେ କରିପାରିବା ନାହିଁ । ଆମ୍ଭେମାନେ ଅସିଦ୍ଧ ପ୍ରାଣୀ ଅଟୁ ପୁଣି ଏକ କାଦୁଅ ବୋଳା ହାତ ଏକ ଧଳା କମିଜ୍‌କୁ ସଫା କରିବା ଅପେକ୍ଷା ନିଜ ନିଜକୁ ଅଧିକରୂପେ ପବିତ୍ର କରିପାରିବା ନାହିଁ ।

ଈଶ୍ୱର ହିଁ ପବିତ୍ର ଅଟନ୍ତି ଯେ କି ତାହାଙ୍କ ସହିତ ଆମର ସମ୍ପର୍କକୁ ସ୍ଥିର କରିପାରିବେ, ପୁଣି ସେ ଆବଶ୍ୟକ କରୁଥିବା ପବିତ୍ରତା ଯୋଗାଇବା ଦ୍ୱାରା ସେ ତାହା କରିଥାଆନ୍ତି । ଈଶ୍ୱର ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରନ୍ତି (୧ମ ଯୋହନ ୪:୧୯) । ଯୀଶୁଙ୍କ ମାଧ୍ୟମରେ ଆମର ଈଶ୍ୱର ଆମକୁ ଆମ ପାପର ପରିଣାମରୁ ଉଦ୍ଧାର କରନ୍ତି । ଆମ୍ଭେମାନେ ଯାହା କରିପାରିବା ନାହିଁ ସେ ତାହା ଯୋଗାଇ ଥାଆନ୍ତି, ପୁଣି ସେଥିପାଇଁ ଆମେ ବେଳେବେଳେ ତାହାଙ୍କ ଯୋଗାଣକୁ ଅନୁଗ୍ରହର ସୁସମାଚାର ଭାବରେ ଉଲ୍ଲେଖ କରିଥାଉ । *ଅନୁଗ୍ରହର* ଅର୍ଥ ହେଉଛି ଉପହାର - କିଛି ବିଷୟ ଯାହାକି ସେହିମାନଙ୍କୁ ଦିଆଯାଇଥାଏ ଯେଉଁମାନେ ସେମାନଙ୍କ ନିଜର ଆବଶ୍ୟକତା ପୂରଣ କରିପାରନ୍ତି ନାହିଁ - ଯେପରି ନିଜର କମିଜ୍‌ରେ କାଦୁଅ ଲାଗି ଯାଇଥିବା ଲୋକମାନଙ୍କୁ ଏକ ସଫା କମିଜ୍ ଦେବା ।

*ଈଶ୍ୱରଙ୍କ ପବିତ୍ରତା*

ଯୀଶୁ ଖ୍ରୀଷ୍ଟଙ୍କ ନାମ ସେ ଆମକୁ କିପରି ପବିତ୍ର କରନ୍ତି ସେ ବିଷୟରେ ବହୁତ ବିଷୟ କହିଥାଏ । ଯୀଶୁଙ୍କ ନାମର ଅର୍ଥ ହେଉଛି ମୁକ୍ତିଦାତା ତାହାଙ୍କର ମିଶନ୍ ଥିଲା ଆମକୁ ଆମ ପାପର ପରିଣାମରୁ ମୁକ୍ତ କରିବା (କିମ୍ୱା ଉଦ୍ଧାର କରିବା) । ଯୋଗ ହୋଇଥିବା ଶବ୍ଦ, *ଖ୍ରୀଷ୍ଟ,* ହେଉଛି ଏକ ପ୍ରକୃତ ନାମ ଅପେକ୍ଷା ଯୀଶୁଙ୍କ ଉଦ୍ଦେଶ୍ୟର ଏକ ବର୍ଣ୍ଣନା ଅପେକ୍ଷା ଅଧିକ ବିଷୟ ଅଟେ । ଏହା ଏକ ଉପାଧି ଯାହାର ଅର୍ଥ ହେଉଛି ଅଭିଷିକ୍ତ ବ୍ୟକ୍ତି । ପିତା ଈଶ୍ୱର ଯୀଶୁଙ୍କୁ ଅଭିଷିକ୍ତ କରିଥିଲେ ଯେପରି ସେ ତାହାଙ୍କର ବିଶେଷ ଦୂତ ହେବେ ମାନବ ଜାତି ପାଇଁ ତାହାଙ୍କର ପବିତ୍ରତା ଯୋଗାଇ ଦେବା ପାଇଁ । ଅନେକ ଶତାବ୍ଦୀ ଧରି ଈଶ୍ୱର ଆପଣାର ଭାବବାଦୀମାନଙ୍କ ମାଧ୍ୟମରେ ପ୍ରତିଜ୍ଞା କରିଥିଲେ ଯେ ଆପଣା ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ସେ ଆପଣାର ଅଭିଷିକ୍ତ ଲୋକମାନଙ୍କୁ ପ୍ରେରଣ କରିବେ (ପ୍ରେରିତ ୩:୧୮-୨୦) । ତଥାପିମଧ୍ୟ ଅଧିକାଂଶ ଲୋକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, ଯେତେବେଳେ ସେହି ଅଭିଷିକ୍ତ ବ୍ୟକ୍ତି ଈଶ୍ୱରଙ୍କର ନିଜର ପୁତ୍ର ହୋଇଥିଲେ ।

ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ସିଦ୍ଧ ବାହକ ଭାବରେ ଯୀଶୁ ଆସିଥିଲେ । ସେ ଯଦିଚ ସ୍ୱର୍ଗୀୟ ଥିଲେ, ତଥାପି ଯୀଶୁ ମନୁଷ୍ୟର ଗୁଣଗୁଡ଼ିକ ଧାରଣ କରିଥିଲେ (ଗାଲା. ୪:୪-୫ ଫିଲି. ୨:୬-୧୧) । ସେ ଅବତାର ଈଶ୍ୱର ହୋଇଥିଲେ (*ଅବତାର* ଶବ୍ଦର ଅର୍ଥ ହେଉଛି ଶରୀରରୂପୀ) । ଯୀଶୁ କେବଳ ଗୋଟିଏ ବିଷୟ ବ୍ୟତୀତ ସମ୍ପୂର୍ଣ୍ଣରୂପେ ଆମ ପରି ହିଁ ଥିଲେ : ସେ ପାପରହିତ ଥିଲେ (ଏବ୍ରୀ ୪:୧୫) । ଯୀଶୁ କେବଳ ଯେ କୌଣସି ଭୁଲ୍ କରି ନ ଥିଲେ ସେପରି ନୁହେଁ, ମାତ୍ର ସେ ଆଶ୍ଚର୍ଯ୍ୟରୂପେ କୁମାରୀ ମରିୟମଙ୍କ ଗର୍ଭରୁ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭରେ ସଞ୍ଚରିତ ହୋଇଥିବାରୁ ତାଙ୍କର ମଧ୍ୟ କୌଣସି ପ୍ରାକୃତିକ କଳୁଷତା ନ ଥିଲା, ଯାହାକି ଅନ୍ୟ ମନୁଷ୍ୟମାନେ ଅଂଶୀ ହୋଇଥା'ନ୍ତି (ମାଥି. ୨:୨୦-୨୩) ।

ଖ୍ରୀଷ୍ଟଙ୍କ ପବିତ୍ରତା ଆମ ପାଇଁ ଦୁଇଟି ବିଷୟ କରିଥାଏ । ପ୍ରଥମେ, ଏହା ଆମକୁ ଦର୍ଶାଏ ଯେ ଆମେ ଈଶ୍ୱରଙ୍କ ପାଇଁ କିପରି ଜୀବନଯାପନ କରିବା । ଯଦି ଏକ ଜୀବନ ପ୍ରେମରେ ପରିପୂର୍ଣ୍ଣ ଓ ସ୍ୱାର୍ଥଶୂନ୍ୟ ଅଟେ, ତେବେ ଏହା ଯୀଶୁଙ୍କ ଜୀବନ ପରି ଦେଖାଯିବ (୧ମ ଯୋହନ ୩:୧୬) । ତାହାଙ୍କ ମାଧ୍ୟମରେ ଆମ୍ଭେମାନେ ଶିକ୍ଷା କରିଥାଉ ଯେ କିପରି ଭାବରେ ସମ୍ପୂର୍ଣ୍ଣ ଜୀବନଯାପନ କରିବାକୁ ପଡ଼ିବ, ଈଶ୍ୱର ଆମକୁ ଯେପରି ତିଆରି କରିଥିଲେ ସେପରି ହେବା ପାଇଁ - ସମ୍ପୂର୍ଣ୍ଣରୂପେ ମନୁଷ୍ୟ ହେବା ଓ ତଥାପିମଧ୍ୟ ଈଶ୍ୱରଙ୍କ ସହିତ ସମ୍ପୂର୍ଣ୍ଣ ସହଭାଗିତା ଲାଭ କରିବା । ମାତ୍ର ସେହିପରି ବ୍ୟବହାର ଓ ସହଭାଗିତା ଯଦି ଆମକୁ ହତବୁଦ୍ଧି କରିଥାଏ ତେବେ କ'ଣ ହେବ ? ସେତେବେଳେ କ'ଣ ହେବ ? ତା'ପରେ ଆମ୍ଭେମାନେ ଯୀଶୁଙ୍କ ପବିତ୍ରତାର ଦ୍ୱିତୀୟ ଯୋଗାଣ ଆବଶ୍ୟକ କରିଥାଉ । ସେହି ଯୋଗାଣ ଈଶ୍ୱରଙ୍କ ନିମନ୍ତେ କିପରି ଜୀବନଯାପନ କରିବାକୁ ପଡ଼ିବ ତାହା ଦର୍ଶାଇବା ଅପେକ୍ଷା ଅଧିକ ବିଷୟ ବିଷୟ କହିଥାଏ ଓ ଈଶ୍ୱରଙ୍କ ନିମନ୍ତେ ତାହାଙ୍କ ମାନଗୁଡ଼ିକୁ ପୂରଣ କରିବା ଦ୍ୱାରା ଈଶ୍ୱରଙ୍କ ସହିତ ଜୀବନଯାପନ କରିବାକୁ ଆମକୁ ପ୍ରକୃତରେ ସକ୍ଷମ କରିଥାଏ ।

*ଈଶ୍ୱରଙ୍କ ନ୍ୟାୟ*

ଯୀଶୁଙ୍କ ପବିତ୍ରତା ଆମର ପାପ ପାଇଁ ତାହାଙ୍କୁ ସିଦ୍ଧ ବଳି କରିଥିଲେ । ଆଧୁନିକ ଲୋକମାନଙ୍କୁ ଏହି ବିଷୟ ଆଶ୍ଚର୍ଯ୍ୟକର ମନେ ହୋଇଥାଏ, ମାତ୍ର ବାଇବଲ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି ବାର୍ତ୍ତା ହିଁ ଉପସ୍ଥାପନ କରିଥାଏ । ଆମର ପାପ ଈଶ୍ୱରଙ୍କ ପ୍ରତି କେବଳ ଏକ ବିରକ୍ତି ନୁହେଁ । ମନୁଷ୍ୟର ପାପ ଫଳରେ ଅକଳନୀୟ ଦୁଃଖଭୋଗ ଆସିଥାଏ । ଆମେ ଯେଉଁ କ୍ରୋଧ ପ୍ରକାଶ କରିଥାଉ, ଆମେ ଯେଉଁ ଖରାପ କଥା କହିଥାଉ, ଯେଉଁ ଦୁଃଖଭୋଗକୁ ଆମେ ମାନ୍ୟତା ଦେଇ ନ ଥାଉ, ଆମେ ଯେଉଁ ଅନ୍ୟାୟକୁ ଉପେକ୍ଷା କରିଥାଉ ଈଶ୍ୱର ତାକୁ ଅଣଦେଖା କରନ୍ତି ନାହିଁ । ଜଣେ ପବିତ୍ର ଈଶ୍ୱର ସେହି ପାପରୁ ଆପଣା ଆଖି ବନ୍ଦ କରିପାରନ୍ତି ନାହିଁ କିମ୍ବା ତାଙ୍କର କାନ ବନ୍ଦ କରିପାରନ୍ତି ନାହିଁ । ଏହାର ଶିକାର ନ୍ୟାୟ ପାଇବା ପାଇଁ ଚିତ୍କାର କରନ୍ତି, ଓ ଈଶ୍ୱରଙ୍କ ସମ୍ବେଦନଶୀଳତା ତାହା ଯୋଗାଇଥାଏ, ଯାହାକି ତାହାଙ୍କ ଧାର୍ମିକତା ଯୀଶୁଙ୍କ ବଳିଦାନ ମାଧ୍ୟମରେ ଆବଶ୍ୟକ କରିଥାଏ ।

ଈଶ୍ୱରଙ୍କ ପୁତ୍ରଙ୍କର କୌଣସି ପାପ ନ ଥିବାରୁ କ୍ରୁଶ ଉପରେ ଦୁଃଖଭୋଗ କରିବା ପାଇଁ ଓ ଆମେ ଯେଉଁ ଦଣ୍ଡ ପାଇବା ଯୋଗ୍ୟ ତାହା ଗ୍ରହଣ କରିବା ପାଇଁ ତାହାଙ୍କର ଇଚ୍ଛା ମନୁଷ୍ୟ ଯୋଗାଇ ପାରୁଥିବା ଯେକୌଣସି କ୍ଷତିପୂରଣ ଅପେକ୍ଷା ଅଧିକ ବିଷୟ ଅଟେ । ଖ୍ରୀଷ୍ଟଙ୍କର ଧାର୍ମିକତା ଆମର ଅଧାର୍ମିକତାକୁ ଏତେ ଅସନ୍ତୁଳିତ କରିଦେଇଥାଏ ଯେ ତାହାଙ୍କ ବଳିଦାନ ସମସ୍ତ ଯୁଗରେ ସମଗ୍ର ଜଗତର କ୍ଷତିପୂରଣ ଦେବା ପାଇଁ ଯଥେଷ୍ଟ ଅଟେ (ରୋମୀ. ୫:୧୫-୧୯; ଏବ୍ରୀ ୯:୨୬-୨୮; ୧ମ ପିତ. ୩:୧୮; ୧ମ ଯୋହନ ୨:୨୦ । ଈଶ୍ୱର ଯୀଶୁଙ୍କର ବଳିଦାନକୁ ଆମ ଦଣ୍ଡର ଏକ ବଦଳ ଭାବରେ ଗ୍ରହଣ କରିଥିଲେ (୧ମ ପିତ. ୨:୨୪) । ସେ ଆମେ ଶୁଝି ପାରି ନ ଥିବା ଋଣ ପରିଶୋଧ କରିଦେଇଥିଲେ (ଗୀତ. ୪୭:୭-୯; ତିତସ ୨:୧୧-୧୪) । ତାହାଙ୍କ ଦୁଃଖଭୋଗ ଆମର ଭୁଲ୍ ପାଇଁ ପ୍ରାୟଶ୍ଚିତ କରିଥାଏ (ଘୋଡ଼ାଇ ଦେଇଥାଏ) (୧ମ ଯୋହନ ୪:୧୦) । ତାହାଙ୍କ ମୃତ୍ୟୁ ଆମକୁ ଆମେ ଯୋଗ୍ୟ ଥିବା ନର୍କରୁ ଉଦ୍ଧାର କରିଥାଏ (ଗାଲା. ୩:୧୩-୧୪) ।

କାରଣ ଆମେ ଯେଉଁମାନେ ଦୋଷୀକୃତ ହୋଇ ମଲ୍ଲଯୁଦ୍ଧ କରିଥାଉ, ଆମ୍ଭମାନଙ୍କ ପାଇଁ ଖ୍ରୀଷ୍ଟଙ୍କ ଯୋଗାଣ ଚମତ୍କାର ଭାବରେ ସୁସମାଚର ଅଟେ । କାରାଗାର ମଧ୍ୟରେ ମୋର ଭାଇ ଡ଼େଭିଡ୍ ସେ କରିଥିବା ଅପରାଧର ଋଣ ଆଉ ପରିଶୋଧ କରିପାରିବ ନାହିଁ, ବରଂ ଆମେ ଯେଉଁମାନେ ପାପ କରି ଦୋଷୀକୃତ ହୋଇଛୁ ଆମେ ଈଶ୍ୱରଙ୍କ ବ୍ୟବସ୍ଥା ଭଙ୍ଗ କରିଥିବାରୁ ଜଣେ ପବିତ୍ର ଈଶ୍ୱରଙ୍କଠାରୁ କରିଥିବା ଋଣ ପରିଶୋଧ କରିପାରିବା । ତଥାପି ଆମର ଆତ୍ମିକ ଦୁସ୍ଥାବସ୍ଥା ନିର୍ବିଶେଷରେ ଆମର ଆତ୍ମିକ ଋଣ ପରିଶୋଧ କରିବାକୁ ଯୀଶୁ ଆସିଥିବାରୁ ଡ଼େଭିଡ୍ ଓ ଆପଣ ଓ ମୁଁ ଆମ୍ଭେମାନେ ଲଜ୍ଜାହୀନ ଅନ୍ତରରେ ଜୀବନଯାପନ କରିପାରିବା ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

*ଖ୍ରୀଷ୍ଟଙ୍କ ଧାର୍ମିକତା*

ଖ୍ରୀଷ୍ଟଙ୍କ ବଳିଦାନ ସ୍ୱର୍ଗୀୟ ନ୍ୟାୟକୁ ସନ୍ତୁଷ୍ଟ କରିଥାଏ (ରୋମୀ. ୩:୨୦-୨୬) । ମୋର ଆତ୍ମିକ ମାନ ଠିକ୍ ସେହିପରି ହୋଇଯାଇଥାଏ ଠିକ୍ ଯେପରି ମୁଁ କେବେ ବି ପାପ କରି ନାହିଁ (ଯିଶା. ୧:୧୮) । ଧର୍ମତତ୍ତ୍ୱ ବିଦ୍‌ଗଣ ଏହି ନୂତନ ପବିତ୍ର ମାନ ବିଷୟରେ ଈଶ୍ୱରଙ୍କ ଘୋଷଣାକୁ ଧାର୍ମିକତା ବୋଲି ଉଲ୍ଲେଖ କରନ୍ତି । ଧାର୍ମିକତା ଏକ ଚମତ୍କାର ବଦଳରୁ ଆସିଥାଏ ଯାହାକି ଖ୍ରୀଷ୍ଟଙ୍କ କ୍ରୁଶ ଉପରେ ହୋଇଥିଲା । ସେ ଆପଣା ଉପରେ ଆମ ପାପ ନେଇଯାଇଥିଲେ ପୁଣି ଫଳସ୍ୱରୂପ ଆମକୁ ତାହାଙ୍କର ଧାର୍ମିକତା ଯୋଗାଇ ଦେଇଥିଲେ (୨ୟ କରି. ୫:୨୧ ୧ମ ପିତ. ୩:୧୮) । ସେ ଆମ ପରି (ପାପୀ) ହୋଇଥିଲେ, ଯେପରି ଆମ୍ଭେମାନେ ତାହାଙ୍କ ପରି (ପବିତ୍ର) ହୋଇପାରିବା ।

ପାପ ପାଇଁ ଖ୍ରୀଷ୍ଟଙ୍କର ମହାନ୍ ଯୋଗାଣ ମୋତେ ମୋର ଭାଇର - ଓ ମୋର ଓ ଆପଣଙ୍କର ପାପର ଗୁରୁତ୍ୱକୁ ସ୍ୱୀକାର କରିବାକୁ ଅନୁମତି ଦେଇଥାଏ । ସମସ୍ତ ଲୋକ - ସେମାନଙ୍କ ଜୀବନରେ ମନ୍ଦତାର ଭୟଙ୍କରତା ନିର୍ବିଶେଷରେ - ଯୀଶୁଙ୍କ ବଳିଦାନ ଦ୍ୱାରା ସେମାନଙ୍କ ପାପର ପ୍ରାୟଶ୍ଚିତ୍ତ କରିପାରିବେ ।

ଏହି ସୁସମାଚାରର ପ୍ରମାଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ପଦର ଅବଶିଷ୍ଟାଂଶ ଯାହାକି ଏହି ଅଧ୍ୟାୟର ଆରମ୍ଭରେ ଉଦ୍ଧୃତ କରାଯାଇଥିଲା । ପ୍ରେରିତ ପାଉଲ ଲେଖନ୍ତି, ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁ ଯେ ଜଗତରେ ଅବତୀର୍ଣ୍ଣ ହେଲେ, ଏହି ବାକ୍ୟ ବିଶ୍ୱାସ୍ୟ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ ସେହି ପାପୀମାନଙ୍କ ମଧ୍ୟରେ ମୁଁ ପ୍ରଧାନ (୧ମ ତୀମ. ୧:୧୫) । ପୂର୍ବରୁ ଜୀବନରେ ପାଉଲ ଯୀଶୁଙ୍କ ନିନ୍ଦା କରିଥିଲେ ଓ ତାହାଙ୍କ ଅନୁଗାମୀମାନଙ୍କୁ ବଧ କରିଥିଲେ । ମାତ୍ର ବର୍ତ୍ତମାନ ସେହି ପ୍ରେରିତ ଉଲ୍ଲସିତ ହୋଇପାରିବେ ଯେ ଏହି ଭୁଲଗୁଡ଼ିକ ପାଇଁ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ ସମ୍ପୂର୍ଣ୍ଣରୂପେ କ୍ଷତିପୂରଣ ଦେଇପାରିବ - ପାଉଲଙ୍କ ପାପର ନଗଣ୍ୟତା ହେତୁ ନୁହେଁ, ମାତ୍ର କ୍ରୁଶର ବହୁଳ ଶକ୍ତି ହେତୁ । ସର୍ବୋଚ୍ଚ ପାପ ଓ ସର୍ବଶ୍ରେଷ୍ଠ ପାପୀମାନଙ୍କର ପ୍ରାୟଶ୍ଚିତ୍ତ ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ବଳିଦାନ ଯଥେଷ୍ଟ ଥିଲା ।

*ଈଶ୍ୱରଙ୍କ ପ୍ରେମ*

ମାତ୍ର ଆମ୍ଭେମାନେ କିପରି ଭାବରେ ନିଶ୍ଚିତ ହୋଇପାରିବା ଯେ ଖ୍ରୀଷ୍ଟଙ୍କର ଯୋଗାଣ ଆମ ପ୍ରତି ପ୍ରଯୁଜ୍ୟ ଅଟେ ? ଏପରିକି ଯୀଶୁ ନର୍କକୁ ଯାଉଥିବା କିଛି ଲୋକଙ୍କ ବିଷୟରେ କଥାବାର୍ତ୍ତା କରିଥାଆନ୍ତି (ଯୋହନ ୩:୧୮; ମାଥି. ୨୩:୩୩) ତେଣୁ ଆମେ ଜାଣୁ ଯେ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ - ଯଦିଚ ଏହା ପ୍ରତ୍ୟେକଙ୍କ ପାଇଁ ଯଥେଷ୍ଟ - ତଥାପି ପ୍ରତ୍ୟେକଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ । ଏହା ଆମ ପ୍ରତି ପ୍ରଯୁଜ୍ୟ ଅଟେ ବୋଲି ଆମର କେଉଁ ନିଶ୍ଚୟତା ଅଛି ? ଏହି ଉତ୍ତରଟି ସ୍ମରଣୀୟ ବିଷୟରେ ଅଛି ଯାହାକି ଈଶ୍ୱର ଯୋଗାଇ ଦିଅନ୍ତି ଯାହା ସେ ଆବଶ୍ୟକ କରନ୍ତି ।

ଆମେ ଯେ ଈଶ୍ୱରଙ୍କ କ୍ଷମା ଅର୍ଜନ କରିବା ଈଶ୍ୱର ତାହା ଆବଶ୍ୟକ କରନ୍ତି ନାହିଁ । ଆମେ ଯେ ମହାନ୍ ଆତ୍ମିକ କାର୍ଯ୍ୟ କରିବା କିମ୍ବା ଆମ ପାପ ପାଇଁ କ୍ଷତିପୂରଣ ଦେବାକୁ ଗଭୀର ଭାବରେ ମନଦୁଃଖ କରିବା ତାହା ସେ ଆମକୁ କହନ୍ତି ନାହିଁ । ବରଂ ସୁସମାଚାର ହେଉଛି ଯେ ଈଶ୍ୱର କେବଳ ଅନୁଗ୍ରହରେ ହିଁ ଆପଣା କ୍ଷମା ପ୍ରଦାନ କରନ୍ତି (ରୋମୀ. ୩:୨୩-୨୪) । ସେ ଆମକୁ ଆପଣା ପ୍ରେମ ପ୍ରଦାନ କରନ୍ତି, ଆମେ ତାହା ଲାଭ କରିବା ବୋଲି ଆବଶ୍ୟକ କରନ୍ତି ନାହିଁ ।

ଆମକୁ ଯଦି ଈଶ୍ୱରଙ୍କ ପ୍ରେମ ଅର୍ଜନ କରିବାକୁ ପଡ଼ିଥା'ନ୍ତା, ତେବେ ତାହାଙ୍କର ସର୍ବୋଚ୍ଚ ଆଜ୍ଞାର ଆଜ୍ଞାବହ ହେବା ଆମ ପାଇଁ ଅତି କଷ୍ଟଦାୟକ ହୋଇଥା'ନ୍ତା : ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର (ମାଥି. ୨୨:୩୭) । ଲୋକମାନେ ଯେତେବେଳେ ସେମାନଙ୍କ ପ୍ରେମକୁ ଆମର ସେବା ବଦଳରେ ସର୍ତ୍ତମୂଳକ କରନ୍ତି, ସେତେବେଳେ ଆମ୍ଭେମାନେ ହୁଏତ ସେମାନଙ୍କ ସେବା କରିପାରିବା ମାତ୍ର ଆମ୍ଭେମାନେ ସେମାନଙ୍କୁ ପ୍ରେମ କରିପାରିବା ନାହିଁ । ଯଦି ଜଣେ ପିତା ବା ମାତ ଜଣେ ପିଲାକୁ କହନ୍ତି, ତୁମେ ଯଦି ଗଣିତରେ ୧୦୦ ନମ୍ବର ରଖିବ, ଘାସ ସଫା କରିଦେବ ଓ ଘରକାମ କରିଦେବ, ତେବେ ଯାଇ ମୁଁ ତୁମକୁ ପ୍ରେମ କରିବି, ତେବେ ପିଲାଟି ହୁଏତ ଆଜ୍ଞାବହ ହୋଇପାରିବ ମାତ୍ର ଶେଷରେ ସେହି ବ୍ୟକ୍ତିଙ୍କୁ ପ୍ରେମ କରିପାରିବ ନାହିଁ, ଯାହାଙ୍କର ପ୍ରେମ ଏତେ ଅଧିକ କଳୁଷିତ ଅଟେ ।

ସେହିପରି ଭାବରେ ମଧ୍ୟ ପ୍ରଭୁ, ଯେ କି ଆମେ ତାହାଙ୍କୁ ପ୍ରେମ କରିବା ବୋଲି ଆବଶ୍ୟକ କରନ୍ତି, ସେ ଆପଣା ପ୍ରେମକୁ ଏକ ନିଃସର୍ତ୍ତ ଉପହାର କରିବା ଦ୍ୱାରା ତାହା କରିବା ପାଇଁ ଆମକୁ ଯୋଗାଇଥାଆନ୍ତି । ବାଇବଲ କହେ, ଆମ୍ଭେମାନେ ପ୍ରେମ କରୁ କାରଣ ସେ ପ୍ରଥମେ ଆମକୁ ପ୍ରେମ କଲେ (୧ମ ଯୋହନ ୪:୧୯) । ଈଶ୍ୱର ଆପଣାର ନିଃସର୍ତ୍ତ ପ୍ରେମ ପ୍ରଦର୍ଶନ କରିବା ପାଇଁ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରନ୍ତି ।

*ଚୁକ୍ତିମୂଳକ ବିଶ୍ୱସ୍ତତା*

ଈଶ୍ୱର ଆପଣା ଲୋକମାନଙ୍କ ସହିତ କରିଥିବା ଚୁକ୍ତିଗୁଡ଼ିକୁ ଲିପିବଦ୍ଧ କରିବା ଦ୍ୱାରା ଈଶ୍ୱର ପ୍ରଥମେ ପ୍ରେମ କରିଥିବା ବିଷୟକୁ ବାଇବଲ ଆମକୁ ଅଧିକରୂପେ ଶିକ୍ଷା ଦେଇଥାଏ । ସେହିପରି ଚୁକ୍ତିଗୁଡ଼ିକ ଦ୍ୱାରା ଈଶ୍ୱର ଆପଣା ଲୋକମାନଙ୍କୁ ନିଃସର୍ତ୍ତ ପ୍ରେମ କରିବେ ବୋଲି ଚୁକ୍ତି କରନ୍ତି।  ଏହି ଚୁକ୍ତିଗୁଡ଼ିକ ମୌଖିକ ଚୁକ୍ତି ନୁହେଁ । ଏକ ଚୁକ୍ତିର ଦାବି ପୂରଣ ନ ହେଲେ ତାହା ଭାଙ୍ଗି ଯାଇପାରିବ, ମାତ୍ର କାର୍ଯ୍ୟର ଅଭାବ ଈଶ୍ୱରଙ୍କ ଚୁକ୍ତିକୁ ବିଲୁପ୍ତ କରେ ନାହିଁ । ସେଥିପାଇଁ ଈଶ୍ୱରଙ୍କ ଲୋକମାନେ କହିପାରିବେ, ଯେବେ ଆମ୍ଭେମାନେ ଅବିଶ୍ୱସ୍ତ ହେଉଁ, ତେବେ ସୁଦ୍ଧା ସେ ସର୍ବଦା ବିଶ୍ୱସ୍ତ (୨ୟ ତୀମଥି ୨:୧୩) ।

ଇସ୍ରାୟେଲୀୟମାନଙ୍କର କ୍ରୀତଦାସତ୍ୱରୁ ଯାତ୍ରା ଏହି ଚୁକ୍ତିମୂଳକ ପ୍ରେମର ସର୍ବୋତ୍ତମ ଉଦାହରଣଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ । ଶହ ଶହ ବର୍ଷ ପୂର୍ବରୁ ଈଶ୍ୱର ଅବ୍ରାହାମ୍‌ଙ୍କୁ ଓ

ତାହାଙ୍କ ବଂଶଧରଙ୍କୁ ପ୍ରେମ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ତଥାପି ଏହି ଲୋକମାନେ ବାରମ୍ବାର ଈଶ୍ୱରଙ୍କ ଅନାଜ୍ଞାବହ ହୋଇଥିଲେ । ଈଶ୍ୱର ସେମାନଙ୍କୁ ମୁକ୍ତ କରିବା ପାଇଁ ମୋଶାଙ୍କୁ ପ୍ରେରଣ କରିବା ପର୍ଯ୍ୟନ୍ତ ମିସରରେ ସେମାନେ କ୍ରୀତଦାସ ହୋଇ ରହିଥିଲେ । କେବଳ ସେମାନଙ୍କ ମୁକ୍ତି ପରେ ଯାଇ ଈଶ୍ୱର ସେହି ଆଜ୍ଞା ଦିଅନ୍ତି ଯାହାକି ଇସ୍ରାୟେଲୀୟମାନଙ୍କୁ ପବିତ୍ର ଜୀବନଯାପନ କରିବାକୁ ସକ୍ଷମ କରିଥାଏ ।

ଈଶ୍ୱରଙ୍କ ଚୁକ୍ତିମୂଳକ ପ୍ରେମ ବିଷୟରେ ଆମର ଜ୍ଞାନ ପାଇଁ ଏହି ଘଟଣାଗୁଡ଼ିକର କ୍ରମାନ୍ୱୟ ହିଁ ଜଟିଳ ବିଷୟ ଅଟେ । ଈଶ୍ୱର ଲୋକମାନଙ୍କୁ ବ୍ୟବସ୍ଥା ଦେବା ପୂର୍ବରୁ ସେମାନଙ୍କୁ ଉଦ୍ଧାର କରିଥିଲେ । ଈଶ୍ୱର ସେମାନଙ୍କୁ ଉଦ୍ଧାର କରିବା ପୂର୍ବରୁ ସେମାନେ ତାହାଙ୍କର ଆଜ୍ଞାବହ ହେବେ ବୋଲି ସେ ଅପେକ୍ଷା କରି ନ ଥିଲେ (ଦ୍ୱି.ବି. ୫:୬ ପଦ ଦେଖନ୍ତୁ) । ସେ କହି ନ ଥିଲେ, ମୋର ଆଜ୍ଞାବହ ହୁଅ, ପୁଣି ତା'ପରେ ମୁଁ ତୁମକୁ ପ୍ରେମ କରିବି । ଚୁକ୍ତିମୂଳକ ବିଶ୍ୱସ୍ତତାରେ ସେ କହିଥିଲେ, ମୁଁ ତୁମକୁ ପ୍ରେମ କରିସାରିଛି ଓ ତୁମକୁ ଉଦ୍ଧାର କରିସାରିଛି, ପୁଣି ସେଥିପାଇଁ ତୁମେ ଏହି ବ୍ୟବସ୍ଥାଗୁଡ଼ିକ ଅନୁସରଣ କରିବା ଉଚିତ୍ ଯାହାକି ତୁମ ଜୀବନକୁ ଆଶୀର୍ବାଦଜନକ କରିବ ।

ଆମ ପ୍ରତି ଈଶ୍ୱରଙ୍କ ଅନୁଗ୍ରହ – ଆମକୁ ପ୍ରେମ କରିବା ଏପରିକି ଆମେ ତାହାଙ୍କୁ ପ୍ରେମ ଓ ଆଜ୍ଞାବହ ହେବା ପୂର୍ବରୁ – ଲୋକମାନଙ୍କ ସୁସମାଚାରର ଏକ ଜରୁରୀ ଅଂଶ ଅଟେ (ରୋମୀ. ୫:୮) । ଈଶ୍ୱର ଆମକୁ ପ୍ରେମ କରିବା ପୂର୍ବରୁ ଯଦି ଆମେ ଆମ ଜୀବନକୁ ସିଧା କରିବା ପର୍ଯ୍ୟନ୍ତ ଅପେକ୍ଷା କରିଥା'ନ୍ତେ, ତେବେ ମୋର ଭାଇ ପରି ସେହି ଜେଲ୍ କୋଠରୀରେ ଥିବା କୌଣସି ଲୋକଙ୍କ ପାଇଁ କୌଣସି ଆଶା ନ ଥା'ନ୍ତା । ଡ଼େଭିଡ୍‌ର ଜୀବନ ବିଶୃଙ୍ଖଳିତ ଥିଲା । ସେ କରିଥିବା ଭୁଲ୍‌କୁ ସଂଶୋଧନ କରିବା ପାଇଁ କୌଣସି ଉପାୟ ହିଁ ନ ଥିଲା । ସେ ଅନ୍ୟମାନଙ୍କ ପ୍ରତି କରିଥିବା କ୍ଷତିକୁ ପରିବର୍ତ୍ତନ କରିବା ପାଇଁ ତା'ର ଶାରୀରିକ ସ୍ୱାଧୀନତା କିମ୍ବା ମାନସିକ କ୍ଷମତା ନ ଥିଲା । ମାତ୍ର ସେ ଯେତେବେଳେ ଏହି ସତ୍ୟକୁ ସ୍ୱୀକାର କଲା ଯେ ଯୀଶୁ ତାକୁ ପ୍ରେମ କରୁଥିଲେ ଓ ତାକୁ ସାହାଯ୍ୟ କରିବେ, ସେତେବେଳେ ଡ଼େଭିଡ୍ ବର୍ଷ ବର୍ଷ ଧରି ଯେଉଁ ପାପ କରିଥିଲା ଓ ଜୀବନ ତମାମ୍ ଅକ୍ଷମ ହୋଇଥିଲା ଖ୍ରୀଷ୍ଟଙ୍କ ଅନୁଗ୍ରହ ତାକୁ ତୁଚ୍ଛବୋଧ କରି ତା' ପ୍ରତି ପ୍ରୟୋଗ ହୋଇଥିଲା ।

ଡ଼େଭିଡ୍ ବୟପ୍ରାପ୍ତ ହେଲା ପରେ ତା'ର ପରିବାରକୁ କହିଥିବା ସମସ୍ତ କଥା ଅତି ସରଳ ଓ କର୍କଶ ବାକ୍ୟ ଥିଲା । ମାତ୍ର ଯେତେବେଳେ ସେ ତାଙ୍କ ପାଇଁ ଯୀଶୁଙ୍କ ପ୍ରେମ ଉପରେ ଆସ୍ଥା ସ୍ଥାପନ କଲା, ସେତେବେଳେ ଡ଼େଭିଡ୍ ଆମକୁ ପତ୍ର ପ୍ରେରଣ କରିବାକୁ ଆରମ୍ଭ କଲା । ସେ ଯେ ଲେଖିପାରୁଥିଲା ଆମେ ତାହା ଜାଣି ମଧ୍ୟ ନ ଥିଲୁ । ଏହାର ବନାନ୍ ଓ ବ୍ୟାକରଣ ପିଲାଳିଆ ଥିଲା, ମାତ୍ର ସମୟକ୍ରମେ ସେଗୁଡ଼ିକରେ ଉନ୍ନତି ହୋଇଥିଲା – ତାହା ଡ଼େଭିଡ୍‌ର ବିଶ୍ୱାସକୁ ବର୍ଣ୍ଣନା କରିବାକୁ ତାକୁ ସକ୍ଷମ କରିଥିଲା । ସେ କାରାଗାରରୁ ଲେଖିଥିଲା, ଯେକେହି ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ପ୍ରତ୍ୟେକଙ୍କ ପାଇଁ ଈଶ୍ୱର ଆଶ୍ଚର୍ଯ୍ୟକର୍ମ ସାଧନ କରିପାରିବେ । ମୁଁ ଈଶ୍ୱରଙ୍କଠାରେ ବିଶ୍ୱାସ କରେ । ଆମ ପାପ ପାଇଁ

ମୃତ୍ୟୁବରଣ କରିବାକୁ ସେ ଆପଣା ପୁତ୍ର ଯୀଶୁଙ୍କୁ ପ୍ରେରଣ କଲେ । ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣାର ଏକମାତ୍ର ଓ ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କରିଥିଲେ । ଯେକେହି ତାହାଙ୍କଠାରେ ବିଶ୍ୱାସ କରେ ସେ ମୃତ୍ୟୁବରଣ ନ କରି ଅନନ୍ତଜୀବନ ପ୍ରାପ୍ତ ହେବ ।

ଯୋହନ ୩:୧୬ ପଦର ବାକ୍ୟଗୁଡ଼ିକୁ ନିଜର କରିବା ଦ୍ୱାରା ଡ଼େଭିଡ୍ ପ୍ରତ୍ୟେକଙ୍କୁ କହିଥିଲେ ଯେ ସେ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ବିଷୟରେ ଜାଣିଥିଲେ : ଏହା ହିଁ ସମଗ୍ର ଜଗତ ପାଇଁ ବହୁତ ବଡ଼ ଅଟେ ଆମର ସମସ୍ତ ପାପ ପାଇଁ ଏହା ବହୁତ ବଡ଼ ଅଟେ ପୁଣି ତାହାଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତଙ୍କ ପ୍ରତି ଏହା ଉପଲବ୍ଧ ଅଟେ ।

*ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ*

ଯୀଶୁଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତଙ୍କ ପ୍ରତି ସୁସମାଚାର ପ୍ରଯୁଜ୍ୟ ଅଟେ । ଈଶ୍ୱର କହନ୍ତି ନାହିଁ ଯେ ସେ ସେହିମାନଙ୍କୁ ଉଦ୍ଧାର କରିବେ ଯେଉଁମାନେ ପର୍ବତଗୁଡ଼ିକ ଉପରେ ଚଢ଼ିବେ କିମ୍ବା ସେମାନଙ୍କ ଆସକ୍ତିକୁ ଦୂର କରିଦେବେ କିମ୍ବା ଦରିଦ୍ରତା ଦୂର କରିଦେବେ କିମ୍ବା ଉତ୍ତମତାର କିଛି ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିବେ । ସେ ସେହିମାନଙ୍କୁ ଉଦ୍ଧାର କରନ୍ତି ଯେଉଁମାନେ କେବଳ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ସେମାନଙ୍କ ଉଦ୍ଧାରକର୍ତ୍ତାରୂପେ (ଯୋହନ ୩:୧୬) ।

ଡ଼େଭିଡ୍‌ଙ୍କ ପରିସ୍ଥିତି ସେହିପରି ବିଶ୍ୱାସର ସ୍ୱଭାବ ବିଷୟରେ ଆମକୁ ବୁଝିବାକୁ ସାହାଯ୍ୟ କରିଥାଏ । ଭୁଲ୍ ବୁଝାମଣା ଦ୍ୱାରା ଆମ୍ଭେମାନେ ଏହିପରି ଭଳିଯିବା ଉଚିତ୍ ନୁହେଁ ଯେ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ତାହା ଆମଠାରେ କୌଣସି ଉତ୍ତମ ବିଷୟକୁ ଚିହ୍ନଟ କରିଥାଏ, ଫଳରେ ସେ ଆମକୁ ପ୍ରେମ କରିଥା'ନ୍ତି । ଏହି ଚିନ୍ତାଧାରା ଅନୁଯାୟୀ ବିଶ୍ୱାସ ଆମକୁ କେବଳ ଅନ୍ୟ ଲୋକମାନଙ୍କ ଅପେକ୍ଷା ଅଧିକ ଉତ୍ତମ କରିଥାଏ । ମାତ୍ର ବିଶ୍ୱାସର ସେହିପରି ସଂଜ୍ଞାଗୁଡ଼ିକ ମୋଟେ କୌଣସି ଅର୍ଥ ପ୍ରକାଶ କରି ନ ଥାଏ । କିପରି ଭାବରେ ଛୋଟ ଛୋଟ ବିଷୟ କରିବା ଯେପରି ଯୀଶୁ ପାପ ପାଇଁ ମୃତ୍ୟୁବରଣ କରିଥିଲେ ଏହା ସ୍ୱୀକାର କରିବା ବିଷୟ ସମ୍ଭାବ୍ୟ ଭାବରେ ପ୍ରେରିତ ପାଉଲଙ୍କ ଈଶ୍ୱରନିନ୍ଦା ଓ ନରହତ୍ୟାର କ୍ଷତିପୂରଣ ଦେଇପାରିଥିଲା ? ମୋର ଭାଇର ଖ୍ରୀଷ୍ଟଙ୍କ ବଳିଦାନକୁ ସରଳ ବିଶ୍ୱାସ କିପରି ଭାବରେ ଅତୀତର ଅପରାଧଗୁଡ଼ିକୁ ସଂଶୋଧନ କରିପାରିଥିଲା ? ଈଶ୍ୱର ଯଦି ନ୍ୟାୟ ସହିତ ଆମର ବିଶ୍ୱାସକୁ ଓଜନ କରୁଥା'ନ୍ତେ, ତେବେ ସେ ନ୍ୟାୟପରାୟଣ ହୋଇପାରି ନ ଥା'ନ୍ତେ । ଆମକୁ ବୁଝିବାକୁ ପଡ଼ିବ ଯେ ଆମର ବିଶ୍ୱାସ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କ ବଳିଦାନ ହିଁ କାର୍ଯ୍ୟ ଅଟେ ଯାହାକି ସ୍ୱର୍ଗୀୟ ନ୍ୟାୟର ନିକିତିରେ ସନ୍ତୁଳନ ରକ୍ଷା କରିଥାଏ ।

ଆମର ବିଶ୍ୱାସ ଯଦି ଈଶ୍ୱରଙ୍କ ଅନୁଗ୍ରହ ଅର୍ଜନ କରିଥିଲା, ତେବେ ଆମେ ହିଁ ଆମର ପରିତ୍ରାଣ ପାଇଁ ଦାୟୀ ଅଟୁ । ଆମ୍ଭେମାନେ ସେହି ଗୌରବ ନେଇପାରିବା । ମାତ୍ର ବାଇବଲ ସ୍ପଷ୍ଟରୂପେ କହିଥାଏ : ଯୀଶୁ ଉଦ୍ଧାର କରନ୍ତି । ଆମର ବିଶ୍ୱାସ ଈଶ୍ୱରଙ୍କ ପ୍ରେମ ଅର୍ଜନ କରେ ନାହିଁ କିମ୍ବା ତାହାଙ୍କ ଅନୁଗ୍ରହକୁ ଉତ୍କର୍ଷ କରି ନ ଥାଏ । ଏହା ଜଣେ ମଣିଷ ପାଇଁ କେତେ ଆଶ୍ଚର୍ଯ୍ୟଜନକ ହେବ ସେ ବିଷୟରେ ଚିନ୍ତା କରନ୍ତୁ ଯାହାକୁ କି ବୁଡ଼ିଯିବାରୁ

ଉଦ୍ଧାର କରାଯାଇ କୂଳକୁ ଅଣାଯାଇଛି ସେ ଗର୍ବ କରୁଛନ୍ତି, ମୁଁ ଜୀବିତ ଅଛି, କାରଣ ମୋତେ ଉଦ୍ଧାର କରିବା ପାଇଁ ମୁଁ ଉତ୍ତମ ଭାବରେ ଲାଇଫ୍‌ଗାର୍ଡ଼ ମାଗିପାରିଥିଲି, ସେଥିପାଇଁ ଜୀବିତ ଅଛି । ପ୍ରତ୍ୟେକେ ଜାଣିବେ ଯେ ଉଦ୍ଧାରପ୍ରାପ୍ତ ସନ୍ତରଣକାରୀଙ୍କର ଗର୍ବ କରିବା ପାଇଁ କୌଣସି କାରଣ ହିଁ ନ ଥିଲା । ତାଙ୍କର ଉଦ୍ଧାରପ୍ରାପ୍ତ ହେବା ସମ୍ପୂର୍ଣ୍ଣରୂପେ ଲାଇଫ୍‌ଗାର୍ଡ଼ଙ୍କ ଉତ୍ତମ ଇଚ୍ଛା ଓ ଦକ୍ଷତା ଉପରେ ନିର୍ଭରଶୀଳତାର ଏକ ଫଳ ଅଟେ ।

ଅନ୍ୟ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରିବା ହେଉଛି ଉଦ୍ଧାରକାରୀ ବିଶ୍ୱାସ ବିଷୟରେ ଏକ ଦ୍ୱିତୀୟ ସାଧାରଣ ଭ୍ରାନ୍ତ ଧାରଣାର ସମ୍ପୂର୍ଣ୍ଣ ବିପରୀତ ବିଷୟ ଅଟେ : ଏହାକୁ ଏହାର ଶକ୍ତି ଦ୍ୱାରା ଯଥେଷ୍ଟ ଭାବରେ ତିଆରି କରାଯାଇଛି । ଲୋକମାନେ ଭାବନ୍ତି ଯେ ଯଥେଷ୍ଟ ମନୋବୈଜ୍ଞାନିକ ଉଦ୍ୟମ ବା ଧର୍ମତାତ୍ତ୍ୱିକ ଅଧ୍ୟୟନ ଦ୍ୱାରା ସେମାନେ ସେମାନଙ୍କ ଅନ୍ତର ମଧ୍ୟରେ ଯଥେଷ୍ଟ ବିଶ୍ୱାସ ଆଣିପାରିବେ ଯେପରି ଈଶ୍ୱରଙ୍କ ପ୍ରେମକୁ ନିଶ୍ଚିତ କରିପାରିବେ । ମାତ୍ର ପରିତ୍ରାଣ ଆମର ଉଚ୍ଚତର ବଶ୍ୱାସ ଉପରେ ନିର୍ଭରଶୀଳ ଅଟେ ବୋଲି ଭାବିବା ହିଁ ହେଉଛି ବିଶ୍ୱାସ ତିଆରି କରିବାର ଅନ୍ୟ ଏକ ଉପାୟ ଯାହାକି ଆମେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଉତ୍ତମ ଭାବରେ କରିବା ପାଇଁ ଆବଶ୍ୟକ କରିଥାଉ । ଏହା ସନ୍ତରଣକାରୀ ବେଳାଭୂମି ବିଷୟରେ ଗର୍ବ କରିବା ପରି ଅଟେ, ମୁଁ ଉଦ୍ଧାରପ୍ରାପ୍ତ ହୋଇଛି, କାରଣ ମୁଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଶକ୍ତ ଭାବରେ ଲାଇଫ୍‌ଗାର୍ଡ଼କୁ ଧରିଥିଲି ।

ବାଇବଲସମ୍ମତ ବିଶ୍ୱାସକୁ ବୁଝିବା ପାଇଁ ଆମକୁ ନିଜ ବିଷୟରେ ଭାବିବାକୁ ପଡ଼ିବ ଯେ ଆମେ ଯେପରି ଆତ୍ମିକରୂପେ ବଞ୍ଚିବା ପାଇଁ ଚେଷ୍ଟା କରି କ୍ଲାନ୍ତ ହୋଇପଡ଼ିଛୁ ଓ ଆମକୁ ଉଦ୍ଧାର କରିବା ପାଇଁ ଲାଇଫ୍‌ଗାର୍ଡ଼ (ଯୀଶୁ)ଙ୍କ ଶକ୍ତି ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ ହେଉଛୁ । ଆମର ଆଶା ଆମର ବିଶ୍ୱାସର ଶକ୍ତି ଉପରେ ଆଧାରିତ ହୋଇପାରିବ ନାହିଁ – ସେଥିପାଇଁ ଦୁର୍ବଳତା ଓ ସନ୍ଦେହ ହିଁ ବହୁତ ବେଶୀ ଅଟେ – ମାତ୍ର ବରଂ କେବଳ ଯୀଶୁଙ୍କ ଯୋଗାଣ ଉପରେ ଆଧାରିତ ହୋଇପାରିବ ।

ମୋର ଭାଇ ଏକ କାରାଗାର କୋଠରୀରେ ସୀମିତ ମାନସିକ ଦକ୍ଷତା ସହିତ, କ୍ଳାନ୍ତ ଆବେଗରେ ଓ ବହୁତ ଦୋଷୀକୃତ ହୋଇ ରହିବା ବିଷୟ ଚିନ୍ତା କରି ମୁଁ ଇଚ୍ଛା କରେ ନାହିଁ ଯେ ତାର ଆଶାର ଆଧାର ତାର ବିଶ୍ୱାସର ଶକ୍ତି ହେଉ । ମୁଁ ଇଚ୍ଛା କରେ ଯେ ତା'ର ଆଶା ଯୀଶୁଙ୍କ ପ୍ରେମର ଶକ୍ତି ଉପରେ ଆଧାରିତ ହେଉ । ଡ଼େଭିଡ଼୍‌ର ଅନ୍ୟ କୌଣସି ବିଷୟ ପାଇଁ ମନ ବା ଅନ୍ତରରେ ଶକ୍ତି ନାହିଁ । ତା'ର ଆଶା ପ୍ରେରିତ ପାଉଲଙ୍କ ପରି ସମାନ୍ ହେବାକୁ ପଡ଼ିବ, ଯେ କି ଜାଣିଥିଲେ ଈଶ୍ୱରଙ୍କ ଅନୁମୋଦନ ଆଧାରରେ ତାଙ୍କ ଜ୍ଞାନ, ଆଗ୍ରହ ଓ ଶକ୍ତିକୁ ଅନ୍ତ ହେବାର ଅର୍ଥ କ'ଣ ଅଟେ । ପାଉଲ ଲେଖିଥିଲେ, କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇ ନାହିଁ, ତାହା ଈଶ୍ୱରଙ୍କ ଦାନ, କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନ କରେ (ଏଫି. ୨:୮-୯) ।

ବିଶ୍ୱାସ ଏକ କାର୍ଯ୍ୟ କିମ୍ବା ମାନସିକ ବ୍ୟାୟାମ୍ କିମ୍ବା ଏକ ଆବେଗପୂର୍ଣ୍ଣ ଅନୁଭୂତି ନୁହେଁ । ଆମ୍ଭେମାନେ ଦର୍ପ କରିପାରିବା ନାହିଁ ଯେ ଈଶ୍ୱରଙ୍କ ପ୍ରେମକୁ ଗୌରବାନ୍ୱିତ କରିବା

ପାଇଁ ଆମର ଯଥେଷ୍ଟ ବିଶ୍ୱାସ ଅଛି ବୋଲି। ଉଦ୍ଧାରକାରୀ ବିଶ୍ୱାସ ମାନବିକ ଫଳକୁ ପ୍ରକାଶ କରିଥାଏ ଓ ସ୍ୱୀକାର କରେ ଯେ ଆମ ବିଷୟରେ ଏପରି କିଛି ନାହିଁ ଯାହାକି ଆମକୁ ପ୍ରେମ କରିବାକୁ ଈଶ୍ୱରଙ୍କୁ ସେହିପରି କରିବା ଉଚିତ୍ । ଆମକୁ ଆମ ପାପରୁ ଉଦ୍ଧାର କରିବା ପାଇଁ ଆମେ କେବଳ ଯୀଶୁଙ୍କ ଉପରେ ହିଁ ଆସ୍ଥା ସ୍ଥାପନ କରିଥାଉ । ଆମେ ଆସ୍ଥା ସ୍ଥାପନ କରି ନ ଥାଉ ଯେ ଆମେ କରୁଥିବା ଯେକୌଣସି ବିଷୟ ଈଶ୍ୱରଙ୍କୁ ଆମକୁ ପ୍ରେମ କରିବାକୁ ଦେବା ପାଇଁ ଯଥେଷ୍ଟ ଅଟେ ବୋଲି – ଆମର ଉତ୍ତମ କାର୍ଯ୍ୟ ନୁହେଁ, ଆମର ଜ୍ଞାନପୂର୍ଣ୍ଣ ଚିନ୍ତାଧାରା ନୁହେଁ, ଆମ ବିଶ୍ୱାସର ଶକ୍ତି ମଧ୍ୟ ନୁହେଁ । ଆମେ କେବଳ ଆସ୍ଥା ସ୍ଥାପନ କରିଥାଉ ଯେ ଯୀଶୁ ଉଦ୍ଧାର କରନ୍ତି ।

କେବଳ ଖ୍ରୀଷ୍ଟଙ୍କଠାରେ ହିଁ ବିଶ୍ୱାସ କରିବା – ସ୍ୱର୍ଗୀୟ ଅନୁମୋଦନର ଆଧାର ଭାବରେ ନିଜକୁ ପରିତ୍ୟାଗ କରିବା – ହିଁ ପ୍ରଭାବ ଅଟେ ଯାହାକି ଈଶ୍ୱର ଆମ ଅନ୍ତରରେ କାର୍ଯ୍ୟ କରନ୍ତି ଯେତେବେଳେ ସେ ଆମର ସମସ୍ତ ନୈରାଶ୍ୟ ଓ ହତାଶକୁ ବ୍ୟବହାର କରି ଆମକୁ ତାହାଙ୍କ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳତାକୁ ନେଇ ଆସନ୍ତି । ଆମର ଯେତେବେଳେ ଆଶାର କୌଣସି ଆଧାର ନ ଥାଏ ମାତ୍ର ଯୀଶୁ ଥାଆନ୍ତି, ସେତେବେଳେ ଆମେ ଅନ୍ୟ ପ୍ରତ୍ୟେକ ବିଷୟରୁ ବୁଲିପଡ଼ି ତାହାଙ୍କ ନିକଟକୁ ଆସିଥାଉ । କେବଳ ସେହି କାରଣରୁ ପାଉଲ କହନ୍ତି ଯେ ଏପରିକି ଆମର ଥିବା ବିଶ୍ୱାସ ବି ଈଶ୍ୱରଙ୍କ ଏକ ଦାନ ଅଟେ (ଏଫି. ୨:୮–୯) । ଉଦ୍ଧାରକାରୀ ବିଶ୍ୱାସ କେବେ ବି ଏପରି କିଛି ବିଷୟ ହୋଇପାରିବ ନାହିଁ ଯାହାକି ଆମେ ଆମ ଉଦ୍ୟମ ଦ୍ୱାରା ପ୍ରଦର୍ଶନ କରିଦେଇପାରିବା । ଈଶ୍ୱର ଯଦି ଆମ ଅନ୍ତରକୁ ତାହାଙ୍କ ପାଇଁ ସ୍ପନ୍ଦିତ କରିବେ ନାହିଁ, ତେବେ ଆତ୍ମିକରୂପେ ଆମ୍ଭେମାନେ ମୃତ୍ୟୁବରଣ କରିବା (ଯିହି. ୩୬:୨୬ ଏଫି. ୨:୧) ।

*ଖ୍ରୀଷ୍ଟଙ୍କଠାରେ ବିଶ୍ରାମ*

ବାଇବଲସମ୍ମତ ବିଶ୍ୱାସ ଆମର ଜ୍ଞାନ, ଉତ୍ସାହର ମାତ୍ରା ଉପରେ କିମ୍ବା ଆତ୍ମ–ଭର୍ତ୍ସନା ଉପରେ ଏତେ ଆସ୍ଥା ସ୍ଥାପନ କରୁ ନାହିଁ ଯେତେ ସରଳ ଭାବରେ ଖ୍ରୀଷ୍ଟଙ୍କ କାର୍ଯ୍ୟ ଉପରେ ଆସ୍ଥା ସ୍ଥାପନ କରିବା ଦ୍ୱାରା ହୋଇଥାଏ । ଆମେ ନିଜକୁ ତାହାଙ୍କ ପ୍ରତି ଲାଗି ରହିବା ପାଇଁ ଆମର ବିଶ୍ୱାସର ଶକ୍ତି ଉପରେ ନିର୍ଭର କରି ନ ଥାଉ ବରଂ ଆମକୁ ତାହାଙ୍କ ପ୍ରତି ଉତ୍ଥାପିତ କରିବା ପାଇଁ ତାହାଙ୍କ ପ୍ରେମର ଶକ୍ତି ଉପରେ ନିର୍ଭର କରିଥାଉ । ଯେପରି ଜଣେ ବଳିଷ୍ଠ ବ୍ୟକ୍ତି ଏକ ଉତ୍ତୋଳକ ଯନ୍ତ୍ର ଭିତରେ ପ୍ରବେଶ କରିବା ବେଳେ ଯେପରି ନିଜର ମାଂସପେଶୀ ଉପରେ ନିର୍ଭର କରି ନ ଥା'ନ୍ତି ମାତ୍ର ଯେଉଁ ଯାନ୍ତ୍ରିକ ତାର ତାଙ୍କୁ ଟେକି ନେବ ତହିଁ ଉପରେ ନିର୍ଭର କରିଥା'ନ୍ତି, ସେହିପରି ବାଇବଲସମ୍ମତ ବିଶ୍ୱାସ ମଧ୍ୟ ଆମେ ଆଶା କରୁଥିବା ଆତ୍ମିକ ଉଦ୍ୟମ ବିଷୟରେ ନୁହେଁ, ମାତ୍ର ଆମେ ପ୍ରଦର୍ଶନ କରୁଥିବା ଆତ୍ମିକ ନିର୍ଭରଶୀଳତା ଅଟେ । ଆମେ ଆମ ପାଇଁ ଈଶ୍ୱରଙ୍କ ମହାନ୍ ପ୍ରେମରେ ବିଶ୍ରାମ ନେଲା ବେଳେ ଯୀଶୁଙ୍କଠାରେ ଆମର ମହାନ୍ ବିଶ୍ୱାସ ଉପରେ ଏତେ ଆସ୍ଥା ସ୍ଥାପନ କରି ନ ଥାଉ (ଯିଶା. ୩୦:୧୫ ଏବ୍ରୀ

୪:୯-୧୧) । ଆମେ ଆମର ମାନବିକ ନିକୃଷ୍ଟ ଗୁଣ ଓ ସମ୍ମିଳିତ ଉଦ୍ୟମ ଅପେକ୍ଷା ଜଣେ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଅସୀମ ଓ ଅବିଚଳିତ ଅନୁଗ୍ରହ ଉପରେ ଆସ୍ଥା ସ୍ଥାପନ କରିଥାଉ ।

ଆମେ ଯେତେବେଳେ ଆମର ହୃଦୟକୁ ଈଶ୍ୱରଙ୍କ ନିଃସର୍ତ୍ତ ପ୍ରେମର ବାସ୍ତବତା ପ୍ରତି ଖୋଲିଦେଉ, ସେତେବେଳେ ଆମେ ଏକ ମଧୁର ଓ ଆଶ୍ଚର୍ଯ୍ୟଜନକ ଶାନ୍ତି ଆବିଷ୍କାର କରିଥାଉ (ରୋମୀ. ୫:୧-୨) । ଈଶ୍ୱରଙ୍କ ଆଶା ପୂରଣ କରିବା ପାଇଁ କିମ୍ବା ତାହାଙ୍କ କ୍ରୋଧକୁ ଶାନ୍ତ କରିବାକୁ ଅସୀମ ଭାବରେ ବ୍ୟତିବ୍ୟସ୍ତ ହେବା ଅପେକ୍ଷା ବରଂ ଆମେ ଅସୀମ ସ୍ୱର୍ଗୀୟ ଗ୍ରହଣୀୟତା ପାଇଥାଉ (ଏଫି. ୨:୧୭-୧୯) ।  ଆମେ ମଧ୍ୟ ଆବିଷ୍କାର କରିଥାଉ ଯେ ଆମ ପ୍ରାଣକୁ ଯୀଶୁଙ୍କ ଉପରେ ଛାଡ଼ି ଦେବା ହେଉଛି ଈଶ୍ୱରଙ୍କ ଅସନ୍ତୋଷର ଦୈନନ୍ଦିନ ଶଙ୍କାରେ ଜୀବନଯାପନ କରିବା ନୁହେଁ।  ଆମର ବିଶ୍ୱାସ କେବଳ ଖ୍ରୀଷ୍ଟଙ୍କର ଉଦ୍ଧାରକାରୀ କାର୍ଯ୍ୟରେ ଥିବା ଯୋଗୁଁ ଖ୍ରୀଷ୍ଟୀୟ ଜୀବନ ଈଶ୍ୱରଙ୍କ ଉତ୍ତମ ପକ୍ଷରେ ରହିବା ପାଇଁ ଚେଷ୍ଟା କରୁଥିବା ଏକ ବିରକ୍ତିକର ଯନ୍ତ୍ର ନୁହେଁ । ଆମେ ସେହି ଅନୁଗ୍ରହ ଉପରେ ବିଶ୍ରାମ କରିଥାଉ ଯାହାକି ଆମର ପାପ ଘୋଡ଼ାଇ ଦେଇଥାଏ, ଆମର ବିଫଳତାଗୁଡ଼ିକ ଉପରେ ଜୟଲାଭ କରିଥାଏ, ଓ ଆମକୁ ଯୀଶୁଙ୍କ ଧାର୍ମିକତା ଅନୁମୋଦନ କରିଥାଏ ।

ଈଶ୍ୱର ଯେପରି ଆମକୁ ପ୍ରେମ କରିବେ ସେଥିପାଇଁ ଆମେ ଆଉ ପ୍ରାଣପଣ କରୁ ନାହୁଁ ଓ ବ୍ୟତିବ୍ୟସ୍ତ ହେଉ ନାହୁଁ । ସେ ଆମକୁ ପ୍ରେମ କରନ୍ତି!  ପୁଣି ଯଦି ସ୍ୱର୍ଗର ରାଜା ଆମକୁ ଦେଖି ଖୁସି ହୁଅନ୍ତି, ତେବେ ତାହାଙ୍କର କେତେକ ପ୍ରାଣୀ ଖୁସି ନ ହେବାରୁ କିମ୍ବା ଆମର ପରିସ୍ଥିତି ନୈରାଶ୍ୟଜନକ ଜଣାଗଲା ବେଳେ ଆମର ହତାଶ ହେବା ଅନାବଶ୍ୟକ । ଆମର ପାପ ଭୟଙ୍କର ହେଉ ବା ସାଧାରଣ ହେଉ, ଆମର ଜୀବନ ନିରର୍ଥକ କିମ୍ବା ଅତି ପରିପୂର୍ଣ୍ଣ ବୋଲି ଆମେ ବିଶ୍ୱାସ କରିଥାଉ ପଛେ, ଆମେ ଏକ ଉତ୍ତମ ଘରେ କିମ୍ବା ଏକ କାରାଗାର କୋଠରୀରେ ବାସ କରୁ – ଈଶ୍ୱରଙ୍କ ଅନୁଗ୍ରହ ଆମକୁ ଈଶ୍ୱରଙ୍କ ସମ୍ମୁଖରେ ଯୀଶୁଙ୍କ ପରି ଧାର୍ମିକ କରିଥାଏ । ସେ ଯୀଶୁଙ୍କୁ ଯେତେ ପ୍ରେମ କରନ୍ତି ଆମକୁ ସେତେ ପ୍ରେମ କରନ୍ତି । ଯେଉଁମାନେ ସେମାନଙ୍କ ଦୋଷ ହେତୁ ଶୋକ କରିଛନ୍ତି, ସେମାନଙ୍କ ବିଫଳତା ହେତୁ ଦୁଃଖ କରିଛନ୍ତି, ଓ ସେମାନଙ୍କ ଭବିଷ୍ୟତ୍ ହେତୁ ଭୟ କରିଛନ୍ତି, ସେମାନଙ୍କ ପାଇଁ ଏହି ପ୍ରେମ ଚମତ୍କାର ସାନ୍ତ୍ୱନା ଅଟେ ଯେଉଁଥିରେ ସେମାନେ ବିଶ୍ରାମ ପ୍ରାପ୍ତ ହୋଇପାରିବେ । ମାତ୍ର ଏପରିକି ସୁସମାଚାରରେ ଅଧିକ ମଙ୍ଗଳ ସମାଚାର ଅଛି ।

## ଈଶ୍ୱର ଯାହା ଯୋଗାଇ ଦିଅନ୍ତି, ସେ ତାହା ସିଦ୍ଧ କରନ୍ତି[୩]

ଅନୁଗ୍ରହ ଦ୍ୱାରା ଧାର୍ମିକ ଗଣିତ ହେବା ଚମତ୍କାର ବିଷୟ ଅଟେ, ମାତ୍ର ଈଶ୍ୱରଙ୍କ ଯୋଜନା ପ୍ରତି ତାହା ଯଥେଷ୍ଟ ନୁହେଁ । ଯୀଶୁ ଖ୍ରୀଷ୍ଟ ଆମକୁ କେବଳ ଅତୀତର ପାପରୁ ଉଦ୍ଧାର କରନ୍ତି ନାହିଁ, ମାତ୍ର ତାହାଙ୍କ ସହିତ ଆମର ଅନନ୍ତକାଳକୁ ବି ସୁରକ୍ଷିତ ରଖନ୍ତି । ସେଥିପାଇଁ ଯୀଶୁ କହିଥିଲେ ଯେ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବ (ଯୋହନ ୩:୧୬) । ଈଶ୍ୱରଙ୍କ ପରିତ୍ରାଣ କେବଳ ଗୋଟିଏ ଦିନ ଏକ

ବାଘର ଆକ୍ରମଣରୁ ଉଦ୍ଧାରପ୍ରାପ୍ତ ହୋଇ ପରଦିନ ଜଙ୍ଗଲ୍ ମଧ୍ୟକୁ ଫେରିଯିବା ନୁହେଁ । ସୁସମାଚାରରେ ସେହିପରି ଉପାୟଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଥାଏ ଯେ ଈଶ୍ୱର ଆମକୁ ଚିରକାଳ ଆତ୍ମିକରୂପେ ସୁରକ୍ଷିତ ରଖନ୍ତି ।

*ଖ୍ରୀଷ୍ଟଙ୍କ ସହିତ ଏକତ୍ୱ*

ଈଶ୍ୱର ଯୀଶୁଙ୍କୁ ଯେତେ ପ୍ରେମ କରନ୍ତି ଆମକୁ କେବଳ ସେତେ ପ୍ରେମ କରନ୍ତି ନାହିଁ, ମାତ୍ର ଈଶ୍ୱରଙ୍କ ଅନୁଗ୍ରହ ପ୍ରକୃତରେ ଆମକୁ ତାହାଙ୍କ ସନ୍ତାନ କରିଥାଏ । ପ୍ରେରିତ ଯୋହନ ଲେଖନ୍ତି, ଦେଖ, ପିତା ଆମ୍ଭମାନଙ୍କୁ କିପ୍ରକାର ପ୍ରେମ ପ୍ରଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁଁ, ଆଉ ଆମ୍ଭେମାନେ ତାହାହିଁ ଅଟୁ । ଏଥିସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନେ ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନ ଥିଲା (୧ମ ଯୋହନ ୩:୧) । ମାତ୍ର ଆମ ମଧ୍ୟରୁ କେହି କେହି କିପରି ଭାବରେ ଈଶ୍ୱରଙ୍କର ଜଣେ ସନ୍ତାନ ହୋଇପାରିବେ, ଯେତେବେଳେ ଆମ୍ଭେମାନେ ସ୍ୱାଭାବିକ ପିତାମାତାଙ୍କଠାରୁ ଜନ୍ମଗ୍ରହଣ କରିଛୁ ? ଅନୁଗ୍ରହର ପ୍ରଚୁର ପ୍ରୟୋଗ ଏହି ଉତ୍ତର ମଧ୍ୟରେ ରହିଛି : ଆମକୁ ସ୍ୱର୍ଗସ୍ଥ ପିତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି (ଏଫି. ୧:୫-୬) ।

ଏହି ଗ୍ରହଣ ପ୍ରକ୍ରିୟା କିପରି ଭାବରେ କାର୍ଯ୍ୟ କରିଥାଏ ? ଏହି ପ୍ରକ୍ରିୟାର ସାରାଂଶ ଆମ୍ଭେମାନେ ବର୍ଣ୍ଣନା କରିସାରିଛୁ : ଈଶ୍ୱରଙ୍କ ସହିତ ଆମର ଆତ୍ମିକ ଜୀବନ ନିମନ୍ତେ ଆମେ ଖ୍ରୀଷ୍ଟଙ୍କ ଉପରେ ଆସ୍ଥା ସ୍ଥାପନ କରିଥାଉ । ଆମକୁ ପବିତ୍ର କରିବା ପାଇଁ ଆମେ ଯୀଶୁଙ୍କୁ ଆବଶ୍ୟକ କରିଥାଉ ବୋଲି ସ୍ୱୀକାର କରିବା ଦ୍ୱାରା, ଆମର ପାପ ଏବଂ ଈଶ୍ୱରଙ୍କ ନିକଟରେ ଆମକୁ ଧାର୍ମିକ ଗଣିତ କରିବା ପାଇଁ ଆମର ଚିନ୍ତା, ବାକ୍ୟ କିମ୍ବା କାର୍ଯ୍ୟର ଅପ୍ରାଚୁର୍ଯ୍ୟତା ସ୍ୱୀକାର କରିବା ଦ୍ୱାରା ଆମେ ଏହା କରିଥାଉ । ତା'ପରେ ଈଶ୍ୱର କେବଳ ଆପଣା ଅନୁଗ୍ରହରେ ହିଁ ଆମକୁ ଧାର୍ମିକ ଗଣିତ କରନ୍ତି, ପୁଣି ତାହାଙ୍କ ପ୍ରତି ଆମେ ଯୀଶୁଙ୍କ ପରି ଧାର୍ମିକ ଓ ପ୍ରିୟ ହୋଇଯାଉ ।

ଆମ୍ଭେମାନେ ଏପର୍ଯ୍ୟନ୍ତ ଏହିପରି ସମ୍ପୂର୍ଣ୍ଣ ଆତ୍ମିକ ନିର୍ଭରଶୀଳତାର ସମ୍ପୂର୍ଣ୍ଣ ପ୍ରୟୋଗକୁ ଆଲୋଚନା କରି ନାହୁଁ । ଆମର ସମସ୍ତ ପ୍ରଚେଷ୍ଟା ଯଦି ଈଶ୍ୱରଙ୍କଠାରେ ଆତ୍ମିକ ଜୀବନ ଉତ୍ପାଦନ କରେ ନାହିଁ, ତେବେ ମାନବିକ ସଫଳତାର ମାନଗୁଡ଼ିକ ଦ୍ୱାରା ଆମ୍ଭେମାନେ ମୃତ ପରି ଅଟୁ । ଏହା ଯେତେ ଆଶ୍ଚର୍ଯ୍ୟଜନକ ଦେଖାଯାଉ ପଛେ ସୁସମାଚାର କହେ ଯେ ଏହି ସିଦ୍ଧାନ୍ତ ସମ୍ପୂର୍ଣ୍ଣରୂପେ ଯଥାର୍ଥ ଅଟେ । ପୁଣି ଏହି ମୃତ୍ୟୁ ପ୍ରକୃତରେ ଈଶ୍ୱରଙ୍କ ପରିବାରରେ ଏକ ନୂତନ ଜୀବନ ପ୍ରତି ଦ୍ୱାର ଅଟେ ।

ଖ୍ରୀଷ୍ଟଙ୍କ ମୃତ୍ୟୁରେ ଏକତା । ପ୍ରେରିତ ପାଉଲ ଏହି ସିଦ୍ଧାନ୍ତରେ ଉପନୀତ ହେଲା ପରେ ଯେ ଉତ୍ତମ କାର୍ଯ୍ୟ କରିବାର କୌଣସି ପରିମାଣ ଜଣେ ପବିତ୍ର ଈଶ୍ୱରଙ୍କ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ଧାର୍ମିକ ଗଣିତ କରିପାରିବ ନାହିଁ, ସେ ଆହୁରି କହନ୍ତି, ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି ମୁଁ ଆଉ ଜୀବିତ ନୁହେଁ (ଗାଲା. ୨:୨୦) । ଏହି ବାକ୍ୟଗୁଡ଼ିକ ଯେତେ

ଭୟଙ୍କର ଶୁଣାଯାଉ ପଛେ ଆମର ସାଧୁତା ଅପେକ୍ଷା ଯୀଶୁଙ୍କ ବଳିଦାନର ଆଧାରରେ ଈଶ୍ୱରଙ୍କ ସମ୍ମୁଖରେ ଛିଡ଼ା ହେବା ଯେ କ'ଣ ତାହା ସେଗୁଡ଼ିକୁ ଦୃଶ୍ୟ ଭାବରେ ସିଦ୍ଧାନ୍ତରେ ଉପନୀତ କରାଇଥାଏ । ଆମେ ଯାହା କରୁ ତାହା ଅପେକ୍ଷା ସେ ଯାହା କରିଥିଲେ ତାହା ହିଁ ଆମର ଆଶା ଅଟେ । ଆମର ଆତ୍ମିକ ଦଣ୍ଡାୟମାନ – ଆମର ପରିଚୟ ତାହାଙ୍କଠାରେ ଗୁଡ଼ା ହୋଇଛି ।

ଖ୍ରୀଷ୍ଟଙ୍କ ମୃତ୍ୟୁ ସହିତ ଏକ ହେବା ହୁଏତ ଭୀତିପ୍ରଦ ମନେ ହୋଇପାରେ, ମାତ୍ର ଏହା ପ୍ରକୃତରେ ଏକ ଉତ୍ତମ ବିଷୟ ଅଟେ । ଯଦି ଆମଠାରେ ଥିବା ସମସ୍ତ ସତ୍ୟ ବିଷୟ କ୍ରୁଶ ଉପରେ କଣ୍ଟାବିଦ୍ଧ ହୋଇଛି, ତଥାପି ତା'ର ଅର୍ଥ ହେଉଛି ଆମର ସମସ୍ତ ପାପ, ବିଫଳତା ଓ ତ୍ରୁଟି ସେହି କ୍ରୁଶ ଉପରେ ମଧ୍ୟ ଅଛି । କାରଣ ଆମକୁ ଆତ୍ମିକରୂପେ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରୁଥିବା ପ୍ରତ୍ୟେକ ବିଷୟ କ୍ରୁଶ ଉପରେ ଥିବାରୁ ସେ ଆମକୁ ତାହାଙ୍କ ନିକଟକୁ ଆକର୍ଷିତ କରିପାରିବେ । ମାତ୍ର ଆମ୍ଭେମାନେ ଯଦି ଆତ୍ମିକରୂପେ ମୃତ ଅଟୁ, ତେବେ ଏହିପରି ଘନିଷ୍ଠତାରେ କ'ଣ ଲାଭ ? ପାଉଲ ଆମକୁ ସ୍ମରଣ କରିଦେଇ ଉତ୍ତର ଦିଅନ୍ତି ଯେ ଆମର ଆତ୍ମିକ ଜୀବନ – ଈଶ୍ୱରଙ୍କ ସମ୍ମୁଖରେ ଆମର ପରିଚୟ – ବର୍ତ୍ତମାନ ବିଭିନ୍ନ ଉତ୍ସରୁ ଆସିଥାଏ ।

ଖ୍ରୀଷ୍ଟଙ୍କ ଜୀବନ ସହିତ ଏକତା । ଆମ୍ଭେମାନେ କେବଳ ଖ୍ରୀଷ୍ଟଙ୍କ ମୃତ୍ୟୁ ସହିତ ଏକତାରେ ରହି ନାହୁଁ, ମାତ୍ର ଆମ୍ଭେମାନେ ମଧ୍ୟ ଖ୍ରୀଷ୍ଟଙ୍କ ଜୀବନ ସହିତ ଏକତାରେ ରହିଛୁ। ପାଉଲ ଲେଖନ୍ତି, ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି ମୁଁ ଆଉ ଜୀବିତ ନୁହେଁ (ଗାଲା. ୨:୨୦) । ଏହି ବାକ୍ୟଗୁଡ଼ିକ ଆମକୁ ଖ୍ରୀଷ୍ଟଙ୍କ ସହିତ ନୂତନ ଜୀବନ ବିଷୟରେ କେବଳ ନିଶ୍ଚୟତା ଦେଇ ନ ଥାଏ, ମାତ୍ର ଆହୁରିମଧ୍ୟ ଆମ୍ଭେମାନେ ଏପର୍ଯ୍ୟନ୍ତ ଅତି ଅଳ୍ପ ଉଲ୍ଲେଖ କରିଥିବା ସୁସମାଚାରର ଏକ ମୂଳ ଦିଗକୁ ମଧ୍ୟ ସ୍ପର୍ଶ କରିଥାଏ : ତାହା ହେଉଛି ପୁନରୁତ୍ଥାନ ।

ଆମ ପାପ ପାଇଁ ଯୀଶୁ ଯେତେବେଳେ କ୍ରୁଶ ଉପରେ ଦୁଃଖଭୋଗ କଲେ, ସେତେବେଳେ ସେ ମଧ୍ୟ ସେହି ଜୋରିମାନାକୁ ରଦ୍ଦ କରିଥିଲେ ଯାହାକି ମାନବ ଜାତି ପ୍ରଥମେ ଈଶ୍ୱରଙ୍କ ଉପାୟକୁ ପରିତ୍ୟାଗ କରିବା ବେଳେ ଆସିଥିଲା । ଈଶ୍ୱର ଆଦମକୁ କହିଥିଲେ ଯେ ସେ ଯଦି ଅନାଜ୍ଞାବହ ହେବେ, ତେବେ ସେ ନିଶ୍ଚିତରୂପେ ମୃତ୍ୟୁବରଣ କରିବେ (ଆଦି. ୨:୧୭) । ଆଦମଙ୍କ ପାପ ଜଣେ ପବିତ୍ର ଈଶ୍ୱର ଓ ମନୁଷ୍ୟର ଅନ୍ତର ମଧ୍ୟରେ ଜୀବନର ଘନିଷ୍ଠ ବନ୍ଧନକୁ ଭାଙ୍ଗି ଦେଇଥିଲା । ଖ୍ରୀଷ୍ଟଙ୍କ ବଳିଦାନ ଦ୍ୱାରା ମୂଳ ପାପର ପ୍ରଭାବ ବାସ୍ତବରେ ରଦ୍ଦ ହୋଇଥିଲା ବୋଲି ଦର୍ଶାଇବା ପାଇଁ ପବିତ୍ର ଆତ୍ମାଙ୍କ ଶକ୍ତିରେ ଯୀଶୁଙ୍କୁ ମୃତ୍ୟୁରୁ ଉଠାଇବା ଦ୍ୱାରା ଈଶ୍ୱର ପ୍ରତିକ୍ରିୟା ପ୍ରକାଶ କରିଥିଲେ (ରୋମୀ. ୮:୧୧ ୧ମ କରି. ୧୫:୧୫-୨୦) ।

ମୃତ୍ୟୁ ପରେ ଯୀଶୁଙ୍କ ଜୀବନ ପ୍ରମାଣ କରିଥାଏ ଯେ ପାପରୁ ରଦ୍ଦ କରିବା ପାଇଁ ଓ ଅନନ୍ତ ଜୀବନ ବିଷୟରେ ଈଶ୍ୱର ଯେଉଁ ପ୍ରତିଜ୍ଞା କରିଥିଲେ ଆମ ପାଇଁ ତାହା ବାସ୍ତବ ଅଟେ । ଆମର ପାପ ଈଶ୍ୱରଙ୍କ ସହିତ ଆମର ସମ୍ପର୍କକୁ ରଦ୍ଦ କରି ନ ଥାଏ, ଏବଂ ପୃଥିବୀ ଉପରେ ଆମ ଜୀବନ ଶେଷ ହେବାଦ୍ୱାରା ତାହା ଈଶ୍ୱରଙ୍କ ସହିତ ଆମର ସମ୍ପର୍କକୁ ରଦ୍ଦ କରି

ନ ଥାଏ । ଆମର ମରଣଶୀଳ ଶରୀର ଯେତେବେଳେ କ୍ଷୟ ପାଏ, ସେତେବେଳେ ଆମର ଆତ୍ମା ପ୍ରଭୁଙ୍କ ସହିତ ଚିରକାଳ ସହଭାଗିତାରେ ଲାଗି ରହିଥାଏ । ଏପରି ମଧ୍ୟ ଏକ ସମୟ ଆସିବ, ଯେତେବେଳେ ଈଶ୍ୱର ଆମର ଶରୀରକୁ ଉଠାଇବେ, ଠିକ୍ ଯେପରି ସେ ଯୀଶୁଙ୍କୁ ଉଠାଇଥିଲେ, ଯେପରି ଆମେ ଯୀଶୁଙ୍କ ସହିତ ଶରୀରରେ ଓ ଆତ୍ମାରେ ପୁନର୍ମିଳିତ ହୋଇପାରିବା, ମାତ୍ର ତାହା ହିଁ ଅଧିକରୂପେ ସୁସମାଚାରର ଅଟେ ଯେଉଁ ବିଷୟରେ ପରେ ଆମେ ଆଲୋଚନା କରିବା ।

ବର୍ତ୍ତମାନ ପାଇଁ ଏହା ହୃଦୟଙ୍ଗମ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଯୀଶୁଙ୍କ ପୁନରୁତ୍ଥାନର ଫଳସ୍ୱରୂପ ପ୍ରତ୍ୟେକ ବିଶ୍ୱାସୀଙ୍କ ଆତ୍ମା ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇସାରିଛି । ସେ ଯଦିଚ ମୃତ୍ୟୁବରଣ କରିଥିଲେ, ତଥାପି ଆମ ମଧ୍ୟରେ ସେ ପୁନର୍ବାର ଜୀବିତ ହୋଇଅଛନ୍ତି – ଆମ ଆତ୍ମା ସହିତ ଆତ୍ମିକ ଏକତାରେ । ମନେରଖନ୍ତୁ ଯେ ପ୍ରେରିତ ପାଉଲ କହନ୍ତି, ଖ୍ରୀଷ୍ଟ ମୋଠାରେ ବାସ କରନ୍ତି । ଆମ୍ଭେମାନେ ଯଦି ମୃତ ବ୍ୟକ୍ତି ପରି ଉତ୍ତମ ଅଟୁ (କାରଣ ଆମର କୌଣସି କାର୍ଯ୍ୟ ଆମକୁ ଈଶ୍ୱରଙ୍କ ସହିତ ଆତ୍ମିକରୂପେ ଛିଡ଼ା ହେବାକୁ ଦେଇ ନ ଥାଏ) ପୁଣି ଯୀଶୁ ଆମଠାରେ ଜୀବିତ ଅଛନ୍ତି (କାରଣ ତାହାଙ୍କ ଆତ୍ମା ଆମ ସହିତ ସଂଯୁକ୍ତ ହୋଇଅଛନ୍ତି), ତେବେ ଆମ ପାଖରେ ଯୀଶୁଙ୍କର ପରିଚୟ ଅଛି । ତାହାଙ୍କ ବିଷୟରେ ସମସ୍ତ ସତ୍ୟ କଥା – ତାହାଙ୍କ ଜ୍ଞାନ, ପବିତ୍ରତା, ଓ ଧାର୍ମିକତା – ଆମର ନିର୍ବୋଧତା, ପାପ ଓ ବିଦ୍ରୋହର ସ୍ଥାନ ନେଇଥାଏ (୧ମ କରି. ୧:୩୧) । ପ୍ରେରିତ ଯଥାର୍ଥରୂପେ ଆନନ୍ଦ କରନ୍ତି ଯେ ଖ୍ରୀଷ୍ଟ ହିଁ ଆମର ଜୀବନ ଅଟନ୍ତି (କଲ. ୩:୪) ଓ ମୋ ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ (ଫିଲି. ୧:୨୧) । ଖ୍ରୀଷ୍ଟଙ୍କ ସହିତ ଆମର ଏକତା ଦ୍ୱାରା ଆମକୁ ଲଜ୍ଜା ଦେଉଥିବା ସମସ୍ତ ବିଷୟ ମୃତ ହୋଇଛି, ପୁଣି ତାହାଙ୍କୁ ଗୌରବାନ୍ୱିତ କରୁଥିବା ସମସ୍ତ ବିଷୟ ଆମର ଅଟେ ।

### *ପରିବାରର ସୁଯୋଗଗୁଡ଼ିକ*

ଆମ୍ଭେମାନେ ଖ୍ରୀଷ୍ଟଙ୍କ ପରିଚୟର ଅଂଶୀ ହୋଇଥିବାରୁ ଆମ୍ଭେମାନେ ଈଶ୍ୱରଙ୍କ ପରିବାରର ସଦସ୍ୟ ଅଟୁ (ଏବ୍ରୀ ୨:୧୧) । ଆମର ପୃଷ୍ଠଭୂମି ଭୟଙ୍କର ହୋଇଥିଲେ ତାହା ବଡ଼କଥା ନୁହେଁ । ପୁରାତନ ଲୋପ ପାଇଛି ଖ୍ରୀଷ୍ଟଙ୍କଠାରେ ଆମର ନୂତନ ଜୀବନ ଅଛି (୨ୟ କରି. ୫:୧୭) । ପ୍ରତ୍ୟେକେ ଯେଉଁମାନେ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇଛନ୍ତି, ସେ ତାହାଙ୍କ ପରି ଈଶ୍ୱରଙ୍କ ସନ୍ତାନ ଅଟନ୍ତି । ଏହି ଗ୍ରହଣ ମାଧ୍ୟମରେ ଈଶ୍ୱର ଆମକୁ ବିଶେଷ ନିଶ୍ଚୟତା ଦିଅନ୍ତି ଯେପରି ଆମେ ଯେଉଁ ଖ୍ରୀଷ୍ଟଙ୍କର ପରିଚୟର ଅଂଶୀ ହେଉ ତାହାଙ୍କୁ ଗୌରବାନ୍ୱିତ କରିପାରିବା ।

*ଅପରିବର୍ତ୍ତନୀୟ ସାମାଜିକ ସ୍ଥିତି ।* ପ୍ରଥମ ନିଶ୍ଚୟତା ହେଉଛି ଅପରିବର୍ତ୍ତନୀୟ ସ୍ଥିତି ବିଷୟରେ । ମୋର ଭାଇକୁ ତା'ର ଅପରାଧ ପାଇଁ ଯେତେବେଳେ ଦଣ୍ଡବିଧାନ କରାଗଲା, ସେତେବେଳେ ତାକୁ କାରାଗାର ମଧ୍ୟକୁ ନେଇ ନିଆଯିବା ପୂର୍ବରୁ ମୋର ପରିବାରକୁ ତା' ସହିତ ଏକ କୋଠରୀ ମଧ୍ୟରେ ଏକତ୍ରିତ ହେବା ପାଇଁ ଅନୁମତି ଦିଆଗଲା । କାନ୍ଦି କାନ୍ଦି ମୋର ବାପା ସଦ୍ୟ ଉଦ୍ଧାରପ୍ରାପ୍ତ ହୋଇଥିବା ମାତ୍ର କାରାଗାରରେ ବନ୍ଦୀ ହେବାକୁ ଯାଉଥିବା ମୋର ଭାଇକୁ ଏକ ପୁରାତନ ସ୍ତୋତ୍ର ଉଲ୍ଲେଖ କରିଥିଲେ :

ପୁଣି କାରାଗାର ରାଜଉଆସ ପ୍ରମାଣିତ ହେବ,
ଯଦି ଯୀଶୁ ସେଠାରେ ମୋ ସହିତ ବାସ କରିବେ। [୪]

ଏହି ବାକ୍ୟଗୁଡ଼ିକର କୋମଳ ପ୍ରକାଶନ ସହିତ ମୋର ବାପା ଡ଼େଭିଡ୍ ପାଇଁ ତାଙ୍କର ପ୍ରେମକୁ ତଥା ପ୍ରଭୁଙ୍କ ପ୍ରେମର ସାନ୍ତ୍ୱନାକୁ ନିଶ୍ଚିତ କରିଥିଲେ । ସେ ଯଦିଚ ମୋର ବାପାଙ୍କୁ ଭୟଙ୍କର ଭାବରେ ନ୍ୟୁନ ଓ ପ୍ରତାରଣା କରିଥିଲା, ତଥାପି ମଧ ଡ଼େଭିଡ୍ ସେତେବେଳେ ବି ତାଙ୍କର ପୁତ୍ର ଥିଲା । ଡ଼େଭିଡ୍ କରିଥିବା କୌଣସି ବିଷୟ ସେହି ସମ୍ପର୍କକୁ ପରିବର୍ତ୍ତନ କରିପାରି ନ ଥିଲା ।

ଠିକ୍ ସେହିପରି ଭାବରେ ଆମର କାର୍ଯ୍ୟକଳାପ ଈଶ୍ୱରଙ୍କ ପ୍ରତି ଆମର ସମ୍ପର୍କକୁ ପରିବର୍ତ୍ତନ କରି ନ ଥାଏ (ଏବ୍ରୀ ୧୦:୧୪) । ଏପରିକି ଆମେ ପାପ କରି ତାହାଙ୍କ ପ୍ରେମକୁ ପ୍ରତାରଣା କଲା ବେଳେ ଆମେ ତାହାଙ୍କର ସନ୍ତାନ ହେବାରୁ କ୍ଷାନ୍ତ ହୋଇ ନ ଥାଉ । ଆମର ଆତ୍ମିକ ସ୍ଥିତି ଆମର କାର୍ଯ୍ୟ ଦ୍ୱାରା ସ୍ଥିରୀକୃତ ହୋଇ ନାହିଁ, ମାତ୍ର ଖ୍ରୀଷ୍ଟ କରିଥିବା କାର୍ଯ୍ୟ ଦ୍ୱାରା ସ୍ଥିରୀକୃତ ହୋଇଛି । ଖ୍ରୀଷ୍ଟ ଆମ ମଧ୍ୟରେ ବାସ କରୁଥିବାରୁ ଈଶ୍ୱର ଆମକୁ ପ୍ରେମ କରନ୍ତି । ତାହାଙ୍କ ଅସୀମ ଦୟାର ନିଶ୍ଚୟତା ଆମକୁ ତାହାଙ୍କୁ ଗୌରବାନ୍ୱିତ କରିବାକୁ ଅଭିଳାଷ ଦେଇଥାଏ, ପୁଣି ଆମେ ପାପ କରିବା ପରେ ତାହାଙ୍କ ନିକଟକୁ ଫେରିଯିବାକୁ ଇଚ୍ଛା ଦେଇଥାଏ (ରୋମୀ. ୨:୪) ।

ଈଶ୍ୱର ହୁଏତ ଆମକୁ ଶୃଙ୍ଖଳିତ କରିପାରିବେ ଯେପରି ଆମେ ଆମ ବିଦ୍ରୋହ ଦ୍ୱାରା ଅଧିକ କ୍ଷତିକାରକ ଫଳାଫଳରୁ ବିମୁଖ ହେବା, ମାତ୍ର ଏହି ଆତ୍ମିକ ସଂଶୋଧନ ସେ ଆମକୁ କମ୍ ପ୍ରେମ କରୁଥିବାରୁ ହୋଇ ନ ଥାଏ । ସ୍ୱର୍ଗସ୍ଥ ପିତାଙ୍କ ଶୃଙ୍ଖଳାର ଲକ୍ଷ୍ୟ ହେଉଛି ଆମକୁ ସାହାଯ୍ୟ କରିବା, କେବେ ବି ଆମର କ୍ଷତି କରିବା ନୁହେଁ । ଆମ୍ଭେମାନେ ଈଶ୍ୱରଙ୍କ ଦ୍ୱାରା ଶାସିତ ସବୁଠାରୁ ବେଶୀ ଶୃଙ୍ଖଳିତ ଭାବରେ ରହି ଯନ୍ତ୍ରଣା ପାଇଥିଲେ ବି ଆମକୁ ଅସୀମ ଭାବରେ ପ୍ରେମ କରାଯାଇଛି ଓ ଆତ୍ମିକରୂପେ ସୁରକ୍ଷା ଦିଆଯାଉଛି (ଏବ୍ରୀ ୧୨:୫-୧୧) । ଈଶ୍ୱରଙ୍କ ସନ୍ତାନ ଭାବରେ ଆମର ସ୍ଥିତି କେବେ ବି ପରିବର୍ତ୍ତନ ହୁଏ ନାହିଁ ।

ଚିରସ୍ଥାୟୀ ସୁରକ୍ଷା । ଆମର ଅପରିବର୍ତ୍ତନୀୟ ସ୍ଥିତି ଯୋଗୁ ଆମ ପାଖରେ ମଧ ଈଶ୍ୱରଙ୍କ ଚିରସ୍ଥାୟୀ ସୁରକ୍ଷା ବିଷୟରେ ଈଶ୍ୱରଙ୍କ ନିଶ୍ଚୟତା ଅଛି । ଯଦିଚ ଚିରସ୍ଥାୟୀ ସୁରକ୍ଷାର ଏହି ପ୍ରତିଜ୍ଞା ସେହିମାନଙ୍କୁ ଅଟ୍ଟହାସ୍ୟ କରିବାକୁ ଦେଇଥାଏ, ଯେଉଁମାନେ ଖ୍ରୀଷ୍ଟିୟାନ ସାକ୍ଷ୍ୟମରଙ୍କ ବିଷୟରେ ଜାଣନ୍ତି କିମ୍ୱା ଯନ୍ତ୍ରଣା ଓ ଦୁଃଖର ଅନୁଭୂତି ଲାଭ କରିଥିବା ସାଧାରଣ ବିଶ୍ୱାସୀମାନଙ୍କ ବିଷୟରେ ଜାଣନ୍ତି, ତଥାପି ଈଶ୍ୱରଙ୍କ ସୁରକ୍ଷା ବାସ୍ତବ ଓ ନିର୍ଭରଯୋଗ୍ୟ ଅଟେ ।

ଯେଉଁମାନେ ନିରବଚ୍ଛିନ୍ନ ଭାବରେ ଜୀବନର ପରୀକ୍ଷାଗୁଡ଼ିକର ଅନୁଭୂତି ଲାଭ କରନ୍ତି ସେମାନଙ୍କର କିପରି ଭାବରେ ଈଶ୍ୱରଙ୍କ ସ୍ଥାୟୀ ସୁରକ୍ଷା ବିଷୟରେ ବିଶ୍ୱାସ କରିବାର ସମ୍ଭାବନା ଅଛି ? ଉତ୍ତରଟି ସେହି ବିଷୟକୁ ସ୍ମରଣ କରିବାରେ ଅଛି ଯେ ଏହି ଜୀବନ ଆମର ସ୍ଥିତିର ଅନ୍ତ କିମ୍ୱା ଏହାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ । ଯୀଶୁ କହିଲେ, ଯେଉଁମାନେ ଶରୀରକୁ ବଧ କରନ୍ତି, କିନ୍ତୁ ଆତ୍ମାକୁ ବଧ କରି ପାରନ୍ତି ନାହିଁ, ସେମାନଙ୍କୁ ଭୟ କର ନାହିଁ

ବରଂ ଯେ ଶରୀର ଓ ଆତ୍ମା ଉଭୟକୁ ନରକରେ ବିନଷ୍ଟ କରି ପାରନ୍ତି, ତାହାଙ୍କୁ ହିଁ ଭୟ କର (ମାଥି. ୧୦:୨୮) ।

ଆମର ସାମୟିକ ସ୍ଥିତିକୁ ସହଜ କରିବା ଅପେକ୍ଷା ଅନନ୍ତ ସ୍ଥିତିକୁ ସୁରକ୍ଷିତ କରିବା ପାଇଁ ଈଶ୍ୱର ବହୁତ ଅଧିକ ଭାବରେ ମନୋଯୋଗୀ ଅଟନ୍ତି । ଏହି କାରଣରୁ ସେ ଆମ ଜୀବନର ଚତୁର୍ଦ୍ଦିଗରେ ଏକ ଆତ୍ମିକ ବାଡ଼ ରଖନ୍ତି, ଯେପରି କୌଣସି ବିଷୟ ପ୍ରବେଶ କରିପାରିବ ନାହିଁ ଯାହାକି ତାହାଙ୍କ ସହିତ ଆମର ଅନନ୍ତ ସ୍ଥିତିକୁ ଧ୍ୱଂସ କରିବ । ସର୍ବୋପରି ଈଶ୍ୱର ଯୀଶୁଙ୍କୁ ଯେପରି ପ୍ରେମ କରନ୍ତି ଆମକୁ କିପରି ଭାବରେ ସେହିପରି ପ୍ରେମ କରିପାରିବେ, ଯଦି ସେ ଆମକୁ ନର୍କ ମଧ୍ୟରେ ଅନନ୍ତକାଳ କ୍ଷେପଣ କରିବା ପାଇଁ କିମ୍ବା ସେହିପରି ଅନୁଭୂତି ଲାଭ କରିବା ପାଇଁ ଆମକୁ ଅନୁମତି ପ୍ରଦାନ କରନ୍ତି ? ଏହି ପତିତ ଜଗତରେ ଆମେ ଅନେକ ସମସ୍ୟାର ସମ୍ମୁଖୀନ ହେବା (ଆଦି. ୩:୧୭-୧୯), ମାତ୍ର ଈଶ୍ୱର କୌଣସି ବିଷୟକୁ ଅନୁମତି ପ୍ରଦାନ କରବେ ନାହିଁ ଯାହାକି ତାହାଙ୍କ ସହିତ ଆମର ସମ୍ପର୍କକୁ ଅତି ଖରାପ କରିଦେବ (ରୋମୀ. ୮:୩୫-୩୯) ।

ଆମର ପ୍ରଭୁ ସ୍ୱର୍ଗରେ ସେଗୁଡ଼ିକୁ ବର୍ଣ୍ଣନା ନ କରିବା ପର୍ଯ୍ୟନ୍ତ ଆମେ କୌଣସି ନିର୍ଦ୍ଦିଷ୍ଟ ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ କାରଣଗୁଡ଼ିକ ଜାଣିପାରିବା ନାହିଁ, ମାତ୍ର ଆମ୍ଭେମାନେ ଈଶ୍ୱରଙ୍କ ସାଧାରଣ ଉଦ୍ଦେଶ୍ୟଗୁଡ଼ିକ ଜାଣୁ । ପ୍ରେରିତ ପାଉଲ ଲେଖନ୍ତି, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ..... ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି (ରୋମୀ. ୮:୨୮) । ଏହା ଏକ ଚମତ୍କାର ପ୍ରତିଜ୍ଞା ଅଟେ : ବିଶ୍ୱବ୍ରହ୍ମାଣ୍ଡର ଘଟଣାଗୁଡ଼ିକ ଅନିୟମିତ ଭାବରେ ହୁଏ ନାହିଁ । ଈଶ୍ୱର ଆପଣା ଲୋକମାନଙ୍କର ମଙ୍ଗଳ ନିମନ୍ତେ ସମସ୍ତ ବିଷୟ କରନ୍ତି। ପାଉଲ ସେହି ଉତ୍ତମ କ'ଣ ଅଟେ ତାହା ବର୍ଣ୍ଣନା କରନ୍ତି । ସେ କହନ୍ତି ଯେ ଆମକୁ ଈଶ୍ୱରଙ୍କ ପୁତ୍ର ଭାବରେ ଅଧିକରୂପେ କରିବା ପାଇଁ ସମସ୍ତ ବିଷୟ ଏକତ୍ର କାର୍ଯ୍ୟ କରିଥାଏ ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି (ରୋମୀ. ୮:୨୯) ।

ଈଶ୍ୱର ଆପଣା ପରିବାରକୁ ପରିପକ୍ୱ କରିବା ପାଇଁ ଓ ବୃଦ୍ଧି କରିବା ପାଇଁ ଦୈନନ୍ଦିନ କାର୍ଯ୍ୟ କରୁଅଛନ୍ତି ଯେପରି ସ୍ୱର୍ଗ ଯୀଶୁଙ୍କ ସଦୃଶ ସନ୍ତାନରେ ପରିପୂର୍ଣ୍ଣ ହୋଇଯିବ । ଆମ ମଧ୍ୟରେ (ଓ ଅନ୍ୟମାନଙ୍କୁ ପ୍ରଦର୍ଶନ କରିବା ପାଇଁ) ଖ୍ରୀଷ୍ଟଙ୍କ ସଦୃଶ ସ୍ୱଭାବ ଓ ସମ୍ବେଦନଶୀଳତା ଗଠନ କରିବା ପାଇଁ ଆମର ଈଶ୍ୱର ଏହି ଜଗତର ପରୀକ୍ଷାଗୁଡ଼ିକର ଅନୁଭୂତି ଲାଭ କରିବାକୁ ଆମକୁ ଅନୁମତି ପ୍ରଦାନ କରନ୍ତି । ଏହି ପରୀକ୍ଷାଗୁଡ଼ିକ ଆମକୁ ସାମୟିକ ବିଷୟଗୁଡ଼ିକ ପାଇଁ ପ୍ରଚୁର ପ୍ରେମ କରିବା ବିଷୟରୁ ଆମକୁ ନିବୃତ୍ତ କରିଥାଏ ପୁଣି ଈଶ୍ୱରଙ୍କ ଅନନ୍ତ ଅଗ୍ରାଧିକାରର ମହାନ୍ ମୂଲ୍ୟକୁ ବୁଝିବା ପାଇଁ ଓ ସେଥିରେ ଜୀବନଯାପନ କରିବା ପାଇଁ ସାହାଯ୍ୟ କରିଥାଏ (୨ୟ କରି. ୪:୧୭) । ତଥାପିମଧ୍ୟ ସେ କେବେ ବି ଆମକୁ ଅସହନୀୟ ବିଷୟରେ ପଡ଼ିବାକୁ ଅନୁମତି ଦିଅନ୍ତି ନାହିଁ (୧ମ କରି. ୧୦:୧୩), କେବେ ବି ଆପଣାର ପ୍ରେମମୟ ଉପସ୍ଥିତି ଦୂର କରନ୍ତି ନାହିଁ (ଏବ୍ରୀ ୧୩:୫), ପୁଣି ପରୀକ୍ଷାରେ ପଡ଼ିବାକୁ ଦିଅନ୍ତି ଯାହାକି ଆମର ବିଶ୍ୱାସ ବୃଦ୍ଧି କରିଥାଏ, ଅନେକ ସମୟରେ ଆମର ଅନ୍ତଃକରଣକୁ ଶକ୍ତିଯୁକ୍ତ କରିବା ପାଇଁ ଆଶୀର୍ବାଦ ପ୍ରଦାନ କରନ୍ତି (ବିଳା. ୩:୨୩) ।

ଈଶ୍ୱର ଉଭୟ ଲୁହ ଓ ହସକୁ ମାପ କରନ୍ତି ଯାହାକି ଆମର (ଓ ଆମର ପ୍ରତିବାସୀମାନଙ୍କର) ଅନନ୍ତ ମଙ୍ଗଳର ଉଦ୍ଦେଶ୍ୟ ସାଧନର ମାର୍ଗରେ ଅନନ୍ତ ଉତ୍ତମ ବିଷୟ ଅଟେ । ସେଥିପାଇଁ ମୋର ଭାଇ ଡ଼େଭିଡ୍ ଦିନେ ରାତିରେ କାରାଗାରରୁ ଯାହା ଲେଖିଥିଲା ତାହା ଅନଭିଜ୍ଞ ବିଷୟ ନୁହେଁ, ମୁଁ ମାଆ ଓ ବାପାଙ୍କ ବିଷୟରେ ଭାବି ବହୁତ ଦୁଃଖିତ ଅଟେ (ଆଘାତପ୍ରାପ୍ତ ହେଉଛି) । ମୁଁ ପ୍ରାର୍ଥନା କରି ଶୋଇବାକୁ ଯିବା ପୂର୍ବରୁ କିଛି ସମୟ ପ୍ରାର୍ଥନା କରିବି। ଏହିପରି କାନ୍ଦିବାକୁ ଅନୁମତି ଦେଉଥିବା ଜଣେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ବିଷୟକୁ ଜଣେ ମାର୍ଜିତ ବ୍ୟକ୍ତି ହୁଏତ ବିଦ୍ରୂପ କରିପାରନ୍ତି । ତଥାପି ଡ଼େଭିଡ୍‌ର କ୍ରନ୍ଦନ ତା'ର ଜୀବନରେ ଈଶ୍ୱରଙ୍କ ହସ୍ତକ୍ଷେପକୁ ଅସ୍ୱୀକାର କରି ନ ଥିଲା, ବରଂ ତା'ର ପ୍ରାର୍ଥନା କରିବାର ଆବଶ୍ୟକତାର କାରଣ ଥିଲା । ଡ଼େଭିଡ୍ ବିଶ୍ୱାସ କରିଥିଲା ଯେ ଅଧିକ ମହାନ୍ ଉତ୍ତମତା ସମ୍ପନ୍ନ କରିବା ପାଇଁ ଈଶ୍ୱର ତା'ର ବିଦ୍ରୋହ ଓ ଯନ୍ତ୍ରଣା ଦୂର କରିବାକୁ କାର୍ଯ୍ୟ କରିବେ । ସେହି ସମୟରେ ଡ଼େଭିଡ୍ ଅଧିକ ମହାନ୍ ଉତ୍ତମତା ବିଷୟରେ ଜାଣିପାରି ନ ଥିଲା ଯାହାକି ଈଶ୍ୱର ସମ୍ପାଦନ କରୁଥିଲେ, ମାତ୍ର ଈଶ୍ୱର ସେହିପରି ପ୍ରାର୍ଥନାଗୁଡ଼ିକର ଶକ୍ତି ମଧ୍ୟ ପ୍ରଦର୍ଶନ କରିବା ବେଳେ ସେ ଏହାକୁ ଅତି ଶୀଘ୍ର ଜାଣିଯିବେ ।

ବ୍ୟକ୍ତିଗତ ଶକ୍ତି । ଆମର ଗ୍ରହଣୀୟତାର ତୃତୀୟ ନିଶ୍ଚୟତା ହେଉଛି ବ୍ୟକ୍ତିଗତ ଶକ୍ତି । ଉତ୍ତମତା ନିମନ୍ତେ ଏକତ୍ର ସମସ୍ତ ବିଷୟ କରିବା ପାଇଁ ଈଶ୍ୱରଙ୍କ ପ୍ରତିଜ୍ଞା ଅପେକ୍ଷା ଅଧିକ ଚମତ୍କାର ବିଷୟ ହେଉଛି ସେ ବ୍ୟବହାର କରୁଥିବା ମାଧ୍ୟମଗୁଡ଼ିକ । ଉଦାହରଣସ୍ୱରୂପ, ଆମର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଥିବା ସମସ୍ତ ବିଷୟର ପ୍ରତିଜ୍ଞା ପ୍ରାର୍ଥନାର ଏକ ଆଲୋଚନାରୁ ଆସିଥାଏ । ପ୍ରେରିତ ପ୍ରଥମେ ସ୍ୱୀକାର କରନ୍ତି, ଆମେ କେଉଁ ବିଷୟ ପାଇଁ ପ୍ରାର୍ଥନା କରିବା ଉଚିତ୍ ଆମେ ତାହା ଜାଣି ନାହୁଁ (କେତେଜଣ ସମସାମୟିକ ଲୋକମାନେ ଯେଉଁମାନେ ସଠିକ୍ ବିଷୟ ଜାଣନ୍ତି ବୋଲି ଛଳନା କରନ୍ତି ସେମାନଙ୍କ ପ୍ରତି ସୁସ୍ପଷ୍ଟ ଭାବରେ ବିରୋଧ କରିବା ଦ୍ୱାରା) । ତା'ପରେ ପାଉଲ ଆହୁରି କହନ୍ତି, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି ..... କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି (ରୋମୀ. ୮:୨୬-୨୭) । ବାଃ! ଆମ୍ଭେମାନେ ଯାହା ସର୍ବୋତ୍ତମ ତାହା କରିବା ପାଇଁ ଈଶ୍ୱରଙ୍କୁ ନିର୍ଦ୍ଦେଶ ଦେଇପାରିବା ନାହିଁ, ତଥାପି ଈଶ୍ୱରଙ୍କ ଇଚ୍ଛା ସମ୍ପାଦିତ ହେବା ପାଇଁ ପବିତ୍ର ଆତ୍ମା ଆମର ପ୍ରାର୍ଥନାକୁ ସିଦ୍ଧ ନିବେଦନରେ ପରିବର୍ତ୍ତନ କରନ୍ତି ।

ଈଶ୍ୱରଙ୍କ ଇଚ୍ଛା ସାଧନ ହେବା ପାଇଁ ବଡ଼ ଅଭିଳାଷ କରିବା ପରିପ୍ରେକ୍ଷୀରେ ଆମେ ଯେତେବେଳେ ଆମର ନିବେଦନସବୁ କରିଥାଉ (ମାଥି. ୬:୧୦), ସେତେବେଳେ ଆମର ମଙ୍ଗଳ ନିମନ୍ତେ ସମସ୍ତ ବିଷୟକୁ ଏକତ୍ର କାର୍ଯ୍ୟ କରିବା ଦ୍ୱାରା ସେ ଉତ୍ତର ଦିଅନ୍ତି। ଈଶ୍ୱର ଆମ ବିଷୟରେ ଜଗତକୁ ପୁନର୍ବାର ଆକାର ଦିଅନ୍ତି ଯେପରି ଆମ ପାଇଁ ଆତ୍ମିକରୂପେ ସର୍ବୋତ୍ତମ ବିଷୟ ଯେପରି ଘଟିବ । ଆମର ପ୍ରାର୍ଥନାଗୁଡ଼ିକ ମାଧ୍ୟମରେ ଏକ ନୂତନ ବାସ୍ତବତା ପ୍ରତି ଈଶ୍ୱରଙ୍କ ସହିତ ଆମ୍ଭେମାନେ ଏକତ୍ର ସୃଷ୍ଟିକର୍ତ୍ତା ଅଟୁ। ଆମ୍ଭେମାନେ ପ୍ରାର୍ଥନା କରୁଥିବାରୁ ପ୍ରତ୍ୟେକ ବିଷୟ ପରିବର୍ତ୍ତିତ ହୋଇଥାଏ - ଆମର ପ୍ରାର୍ଥନାଗୁଡ଼ିକ ବହୁତ ଶକ୍ତିଶାଳୀ ବା

ଉତ୍ତମ ହୋଇଥିବାରୁ ନୁହେଁ, ମାତ୍ର ଆମେ ଯେଉଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଉ ସେଥିପାଇଁ ତାହା ହୋଇଥାଏ ।

ନୂତନ ନିୟମର ଲେଖକମାନେ ବାରମ୍ବାର ଯେଉଁ ସୁସମାଚାରକୁ ଦାବି କରନ୍ତି ସରଳ ଭାବରେ ତାହା ଥିଲା ଯେ ଯୀଶୁ ପ୍ରଭୁ ଅଟନ୍ତି । ଏହା କେବଳ ଆଳଙ୍କାରିକ ନ ଥିଲା, ମାତ୍ର ପ୍ରକୃତ ଘୋଷଣା ଥିଲା ଯେ ସମସ୍ତ ବିଷୟ ସୃଷ୍ଟି କରିଥିବା ବ୍ୟକ୍ତି ଈଶ୍ୱର ଭାବରେ ଆସିଥିଲେ, ସେ ସ୍ୱର୍ଗୀୟ ଶକ୍ତିରେ ତାହାଙ୍କ ଲୋକମାନଙ୍କୁ ମୁକ୍ତ କରିବାକୁ ପ୍ରତିଜ୍ଞା କରିଥିଲେ (ମାର୍କ ୧:୧୫ ପ୍ରେରିତ ୨:୩୬ ୧୦:୩୬) । ସମସ୍ତ ବିଷୟକୁ ଖର୍ଚ୍ଚ କରିବା ପରେ ସେହି ଶକ୍ତି ଏହାର ସମ୍ପୂର୍ଣ୍ଣ ପ୍ରକାଶନକୁ ଜାଣିବ, ମାତ୍ର ଏହା ବର୍ତ୍ତମାନ ମଧ୍ୟ ଆମର ପ୍ରାର୍ଥନା ଦ୍ୱାରା ସମସ୍ତ ବାସ୍ତବତାକୁ ପରିବର୍ତ୍ତନ କରୁଛି ।

ମୋର ପରିବାର ଆବିଷ୍କାର କରିଛନ୍ତି ଯେ ସେହିପରି ସୁସମାଚାର ପ୍ରତିଜ୍ଞାଗୁଡ଼ିକ ବ୍ୟର୍ଥ ନୁହେଁ (ଯିଶା. ୬୫:୨୪ ଏଫି. ୩:୨୦) । ମୋର ଭାଇ ଡ଼େଭିଡ୍ ମୋର ବାଆ ଓ ବାପାଙ୍କ ପାଇଁ କ୍ରନ୍ଦନ କରିବାର କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ପରସ୍ପରଠାରୁ ସେମାନଙ୍କର ବିଚ୍ଛିନ୍ନ ହେବା । ବର୍ଷ ବର୍ଷ ଧରି ଚିନ୍ତା ସେମାନଙ୍କୁ ପରସ୍ପରଠାରୁ ଦୂରକୁ ଠେଲି ଦେଇଥିଲା ଓ ଏପରିକି ମୋର ଭାଇର ବିଚାରକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ କଷ୍ଟ କରିଦେଇଥିଲା । ତେଣୁ ଡ଼େଭିଡ୍ ତା'ର ମନ ପରିବର୍ତ୍ତନ ପରେ ମୋର ପ୍ରାୟ ପନ୍ଦର ବର୍ଷ ଧରି ବିଚ୍ଛିନ୍ନ ହୋଇ ରହିଥିବା ମୋର ବୟସ୍କ ପିତାମାତାଙ୍କୁ ଏକତ୍ର କରିବା ପାଇଁ ପ୍ରାର୍ଥନା କରିବାକୁ ଆରମ୍ଭ କଲା । ତା'ର ପ୍ରାର୍ଥନା ଯେ କେତେ ବ୍ୟର୍ଥ ହେବ ତାକୁ ତାହା କହିବା ପାଇଁ ମୋର ସାହସ ନ ଥିଲା । ମାତ୍ର ମୋର ଅନ୍ତଃକରଣ ସେହି ବାଇବଲସମ୍ମତ ସତ୍ୟଗୁଡ଼ିକ ବିଷୟରେ ସ୍ମରଣ କରୁଥିଲା ଯାହାକୁ ଦାବି କରିବା ଆବଶ୍ୟକ ଥିଲା ।

ମୋର ବଡ଼ ଝିଅର ବିବାହର ଅଳ୍ପ କିଛି ବର୍ଷ ପୂର୍ବରୁ ମୋର ମାଆ ଏହି କଥା କହିଥିଲେ ଯେ ସେ ଓ ମୋର ବାପା ଆସିବା ପାଇଁ ବନ୍ଦୋବସ୍ତ କରିଥିଲେ । ସେ ଆହୁରିମଧ୍ୟ କହିଲେ, ଆମେ ସମାନ୍ ହୋଟେଲ୍‌ରେ – ସମାନ୍ କୋଠରୀରେ ରହିବା । ମୁଁ ଚମକି ପଡ଼ି ନୀରବତା ଅବଲମ୍ବନ କରିବାରୁ ସେ ଫୁସ୍‌ଫୁସ୍ ହୋଇ କହିଲେ, ଏହା ଏକ ଅପବାଦଜନକ ଘଟଣା ନୁହେଁ, ଆମେ ଏବେ ବି ବିବାହିତ ଅଟୁ ।

ମୁଁ ପଚାରିଲି, ମାଆ ତୋର ଓ ବାପାଙ୍କ ଭିତରେ ଭଲ ପଡ଼ିଲାଣି କି ?

ସେ କାନ୍ଦି ପକାଇ ଉତ୍ତର ଦେଲା, ତୋର ଭାଇର ସମସ୍ୟାଗୁଡ଼ିକର ମୁକାବିଲା କରୁ କରୁ ତୋର ବାପା ଓ ମୁଁ ପରସ୍ପର ଉପରେ ପୁନର୍ବାର ଆଉଜି ପଡ଼ିବାକୁ ଶିକ୍ଷା କରିଥିଲୁ । ତା'ପରେ ମୁଁ କାନ୍ଦିଥିଲି – ଈଶ୍ୱରଙ୍କ ପ୍ରତି ବିସ୍ମିତ ହୋଇଥିଲି ଯେ କି ମଙ୍ଗଳ ନିମନ୍ତେ ହିଁ ସମସ୍ତ ବିଷୟ କରନ୍ତି ଏବଂ ଜ୍ଞାନୀକୁ ଲଜ୍ଜିତ କରିବା ପାଇଁ ଜଗତର ସରଳ ବିଷୟଗୁଡ଼ିକ ବ୍ୟବହାର କରନ୍ତି (୧ମ କରି. ୧:୨୭) । ମୁଁ ମୋର ପ୍ରଭୁଙ୍କଠାରୁ ଯେତିକି ଆଶା କରିଥିଲି ତହିଁ ଅପେକ୍ଷା ଅଧିକ ଆଶା କରିବା ଉଚିତ୍ ହୋଇଥା'ନ୍ତା । ମାତ୍ର ମୋର ସୀମିତ ମାନସିକ ଶକ୍ତିବିଶିଷ୍ଟ, ଅପରାଧୀ ଭାବ ବିଶିଷ୍ଟ, କାରାଗାର ମଧ୍ୟରେ ଆବଦ୍ଧ, ସାନ ଭାଇ ଈଶ୍ୱରଙ୍କ

ବାକ୍ୟକୁ ସରଳ ଭାବରେ ବିଶ୍ୱାସ କରିଥିଲା ଓ ଈଶ୍ୱରଙ୍କ ସାହାଯ୍ୟ ପାଇବା ପାଇଁ ପ୍ରାର୍ଥନା କରିଥିଲା, ପୁଣି ଈଶ୍ୱର ଉତ୍ତର ଦେଇଥିଲେ ଯାହାକୁ କି ସେ ସର୍ବୋତ୍ତମ ବୋଲି ଜାଣିଥିଲା ।

ବର୍ତ୍ତମାନ ଯେତେବେଳେ ମୋର ଅଣାଅଶୀ ଓ ବୟାଅଶୀ ବର୍ଷ ବୟସ୍କ ବୃଦ୍ଧ ପିତାମାତା କାରାଗାରରେ ମୋର ଭାଇକୁ ପରିଦର୍ଶନ କଲେ, ସେତେବେଳେ ସେମାନେ ହାତ ଧରାଧରି ହୋଇ କଣ୍ଟାତାର ବିଶିଷ୍ଟ ଦ୍ୱାର ଦେଇ ଚାଲିଥିଲେ । ପୁଣି ମୋର କଥା ବିଶ୍ୱାସ କରିବାକୁ ଥିବା ସମସ୍ତଙ୍କୁ ମୁଁ କହିଥାଏ, ସୁସମାଚାର ବାସ୍ତବ ଅଟେ ଏହା ଜଗତକୁ ପରିବର୍ତ୍ତନ କରିଦିଏ । ମୁଁ ପ୍ରତିଜ୍ଞା କରିବି ନାହିଁ ଯେ ଆମେ ମାଗିଲେ ଈଶ୍ୱର ଠିକ୍ ସେହିପରି ଉତ୍ତର ଦେବେ କିମ୍ବା ଆମେ ଆମର ଜୀବନ ତମାମ୍ ଆମ ପ୍ରାର୍ଥନାର ଫଳଗୁଡ଼ିକ ସର୍ବଦା ଦେଖିବା, ମାତ୍ର ମୁଁ ନିଶ୍ଚିତରୂପେ ପ୍ରତିଜ୍ଞା କରିବି – ଶାସ୍ତ୍ର ଠିକ୍ ତାହା କରୁଥିବାରୁ – ଯେ ଈଶ୍ୱର ତାହାଙ୍କ ପ୍ରେମକାରୀମାନଙ୍କ ମଙ୍ଗଳ ନିମନ୍ତେ ସବୁ କାର୍ଯ୍ୟ କରିବେ ।

ଆତ୍ମିକ ଅଭିବୃଦ୍ଧି । ଆମର ଗ୍ରହଣ ଦ୍ୱାରା ନିଶ୍ଚିତ ହୋଇଥିବା ବ୍ୟକ୍ତି ଶକ୍ତି କେବଳ ଆମ ବାହାରେ ଥିବା ଜଗତ ପ୍ରତି ପ୍ରଯୁଜ୍ୟ ନୁହେଁ, ମାତ୍ର ଆମର ଆନ୍ତରିକ ସତ୍ତା ପ୍ରତି ମଧ୍ୟ ପ୍ରଯୁଜ୍ୟ । ବିଶ୍ୱାସୀମାନଙ୍କ ଜୀବନ ସେମାନଙ୍କ ଉଦ୍ଧାରକର୍ତ୍ତାଙ୍କ ପ୍ରତି ଗୌରବ ଆଣି ଦେବା ଅପେକ୍ଷା ଅଧିକ ପ୍ରାଣପଣ କରି ବିଶ୍ୱାସୀମାନେ କୌଣସି ବିଷୟ ପାଇଁ ପ୍ରାର୍ଥନା କରନ୍ତି ନାହିଁ । ତଥାପିମଧ୍ୟ ଆମ୍ଭେମାନେ ପ୍ରଲୋଭନ ଦ୍ୱାରା ଅବରୋଧ ହୋଇଥାଉ ଓ ଅନେକ ସମୟରେ ମଧ୍ୟ ଆମର ଆତ୍ମିକ ଦୁର୍ବଳତା ଦ୍ୱାରା ପରାଜିତ ହୋଇଥାଉ । ଏହିସବୁ ସଂଘର୍ଷ ପାଇଁ ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରତି ସୁସମାଚାର ଏକ ଚତୁର୍ଥ ନିଶ୍ଚୟତା ଆଣିଦେଇଥାଏ : ପାପ ସହିତ ଯୁଦ୍ଧ କରିବା ପାଇଁ ଈଶ୍ୱର ଆମକୁ ଆନ୍ତରିକ ଉତ୍ସଗୁଡ଼ିକ ଦିଅନ୍ତି ।

ଆମ୍ଭେମାନେ ଯେଉଁ ପ୍ରକ୍ରିୟା ଦ୍ୱାରା ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ବୃଦ୍ଧି ପାଇଥାଉ ତାକୁ କୁହାଯାଏ ପବିତ୍ରତା । ଏହିପରି ଭାବରେ ପରିପକ୍ୱ ହେବା ପାଇଁ ଈଶ୍ୱରଙ୍କ ବାକ୍ୟ ଆମକୁ ସାହାଯ୍ୟ କରିବାକୁ ଅନେକ ବ୍ୟାବହାରିକ ଉପାୟ ଅଛି । ପ୍ରଥମେ ଈଶ୍ୱର ଯାହା ଆଶା କରନ୍ତି ବାଇବଲ ଆମକୁ ତାହା କହିଥାଏ।  ଈଶ୍ୱର ଆମକୁ ଅନୁମାନ କରିବାକୁ ଦିଅନ୍ତି ନାହିଁ । ତା' ବଦଳରେ ଈଶ୍ୱର ଆମକୁ ନିର୍ଦ୍ଦେଶନା ଦିଅନ୍ତି ଯାହାକି ଆମକୁ ଆତ୍ମିକରୂପେ ସୁରକ୍ଷିତ ରଖିଥାଏ ଓ ତାହାଙ୍କୁ ଗୌରବାନ୍ୱିତ କରିବା ବିଷୟରେ ଆମର ଅଭିଳାଷ ପୂରଣ କରିଥାଏ । ଜଗତ ଈଶ୍ୱରଙ୍କ ବ୍ୟବସ୍ଥାକୁ ଖୁସି ହରଣକାରୀ ଭାବରେ ଭାବୁଥିଲା ବେଳେ ଖ୍ରୀଷ୍ଟିୟାନମାନେ ବୁଝନ୍ତି ଯେ ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ପ୍ରକୃତରେ ଆମକୁ ସେହି ପଥଗୁଡ଼ିକୁ କଢ଼ାଇ ନେଇଥାଏ ଯାହାକି ତାହାଙ୍କୁ ସବୁଠାରୁ ବେଶୀ ଖୁସି କରୁଛି ଓ ଆମକୁ ସନ୍ତୁଷ୍ଟ କରୁଛି ।

ଆମେ ଯେପରି ଆଉ ଜଗତର ପ୍ରତାରଣା ମଧ୍ୟରେ ପ୍ରବେଶ କରିବା ନାହିଁ, ସେଥିପାଇଁ ଈଶ୍ୱର ମଧ୍ୟ ଆମକୁ ତାହାଙ୍କ ବାକ୍ୟରୁ ଶିକ୍ଷା କରିବାକୁ କହନ୍ତି, ଯେପରି ଆମେ ପ୍ରାର୍ଥନାରେ ତାହାଙ୍କ ସହିତ ଯୋଗାଯୋଗ ରକ୍ଷା କରିପାରିବା, ତାହାଙ୍କ ଲୋକମାନଙ୍କ ସହିତ ଉପାସନା କରିପାରିବା, ଓ ତାହାଙ୍କ ଉପାୟରେ ସେହି ପରିପକ୍ୱ ଲୋକମାନଙ୍କଠାରୁ ପରାମର୍ଶ ଅନ୍ୱେଷଣ

କରିବା । ଏହିସବୁ ଅନୁଗ୍ରହର ମାଧ୍ୟମର ନିୟମିତ ବ୍ୟବହାର ମାଧ୍ୟମରେ ଆମେ ଈଶ୍ୱରପରାୟଣତାରେ ବୃଦ୍ଧିଲାଭ କରିଥାଉ । କେତେକ ମାତ୍ରାରେ ଅନୁଗ୍ରହର ଏହି ମାଧ୍ୟମଗୁଡ଼ିକ ଫଳପ୍ରଦ ଅଟେ, ତା'ର ସରଳ କାରଣ ହେଉଛି ଆମ୍ଭେମାନେ ପ୍ରାକୃତିକ ସତ୍ତା ଅଟୁ ଯେଉଁମାନେ ଶିକ୍ଷା କରିବା ଓ ବ୍ୟବହାର ପ୍ରଦର୍ଶନ କରିବାର ପ୍ରାକୃତିକ ପ୍ରକ୍ରିୟା ପ୍ରତି ପ୍ରତିକ୍ରିୟା ପ୍ରକାଶ କରିଥାଉ । ଆମ୍ଭେମାନେ ଯଦି ତୃଷିତ, ତେବେ ପାଣି ପିଇ ଆମେ ସାହାଯ୍ୟ ପ୍ରାପ୍ତ ହୋଇଥାଉ ପୁଣି ଆମେ ଯଦି ପ୍ରଲୋଭନ ସହିତ ସଂଘର୍ଷ କରୁଛୁ, ତେବେ ବାଇବଲସମ୍ମତ ପରାମର୍ଶ ଆମକୁ ଏଥିରୁ ଦୂରରେ ରହିବା ପାଇଁ ସାହାଯ୍ୟ କରିଥାଏ ।

ମାତ୍ର ଆମର ପବିତ୍ରତା ସରଳ ଭାବରେ ଏକ ପ୍ରାକୃତିକ ପ୍ରକ୍ରିୟା ନୁହେଁ । ବାଇବଲ କହେ ଆମର ଆତ୍ମିକ ସଂଘର୍ଷ ଶରୀର ଓ ରକ୍ତ ବିରୁଦ୍ଧରେ ନୁହେଁ, ମାତ୍ର ଆତ୍ମିକ ମନ୍ଦତା ବିରୁଦ୍ଧରେ – ଆମ ମଧ୍ୟରେ ଓ ଆମ ବିନା (ଏଫି. ୬:୧୨) । ମାନବିକ ନିଷ୍ପତ୍ତି ଯୋଗାଇ ପାରିବା ଅପେକ୍ଷା ଏଗୁଡ଼ିକ ଅଧିକ ପ୍ରତିରୋଧ ଆବଶ୍ୟକ କରିଥାଏ । ତେଣୁ ଆମେ ଆବଶ୍ୟକ କରୁଥିବା ଆତ୍ମିକ ବିଜୟ ପାଇଁ ଆମକୁ ଅଲୌକିକ ଶକ୍ତି ପ୍ରଦାନ କରିବାକୁ ମଧ୍ୟ ସଦାପ୍ରଭୁ ଅନୁଗ୍ରହର ମାଧ୍ୟମ ବ୍ୟବହାର କରନ୍ତି ।

ଆତ୍ମିକ ଶକ୍ତି ଆମ ଜୀବନ ମଧ୍ୟରେ ସେହି ବିଶ୍ୱାସର ସହିତ ପ୍ରବେଶ କରିଥାଏ ଯେ ଈଶ୍ୱରଙ୍କ ବାକ୍ୟ ଯାହା କହେ ଆମ୍ଭେମାନେ ତାହା ହିଁ ଅଟୁ : ଖ୍ରୀଷ୍ଟ ଯୀଶୁଙ୍କଠାରେ ନୂତନ ସୃଷ୍ଟି । ଆମ ଅନ୍ତରରେ ଖ୍ରୀଷ୍ଟଙ୍କ ଉପସ୍ଥିତି ପୂର୍ବରୁ ପାପ ନ କରିବା ପାଇଁ ଆମେ ସକ୍ଷମ ନ ଥିଲୁ । ମାତ୍ର ଯୀଶୁ ଆମକୁ ପରିବର୍ତ୍ତନ କରନ୍ତି । ଆମକୁ ପାପ ବିଷୟରେ ବୋଧ ଦେବା ପାଇଁ (ଅର୍ଥାତ୍ ଏହା ବାସ୍ତବରେ ଭୁଲ୍ ଅଟେ ବୋଲି ବୋଧ ଦେବା ପାଇଁ) ଓ ଆମର ପ୍ରତିରୋଧକୁ ଶକ୍ତିଯୁକ୍ତ କରିବା ପାଇଁ ସେ ଆପଣା ପବିତ୍ର ଆତ୍ମାଙ୍କୁ ଆମ ଅନ୍ତରରେ ହୃଦ୍‌ବୋଧ ଦେବା ପାଇଁ ଯୋଗାଇ ଦିଅନ୍ତି । ଶୟତାନ ବିରୁଦ୍ଧରେ ଆମ୍ଭେମାନେ ଅସହାୟ ନୋହୁଁ (କଲ. ୧:୧୩) । ପ୍ରେରିତ ଯୋହନ ଲେଖନ୍ତି, ତୁମ୍ଭମାନଙ୍କଠାରେ ଯେ ଅଛନ୍ତି (ପବିତ୍ର ଆତ୍ମା), ସେ ଜଗତରେ ଯେ ଅଛି (ଶୟତାନ), ତାହାଠାରୁ ମହାନ୍ (୧ମ ଯୋହନ ୪:୪) । ଯେଉଁ ଆତ୍ମା ଯୀଶୁଙ୍କୁ ମୃତ୍ୟୁରୁ ଉଠାଇଥିଲେ ସେ ଆମ ମଧ୍ୟରେ ବାସ କରନ୍ତି ଓ ଆମକୁ ପାପ ଉପରେ ଜୟ କରିବାର ଶକ୍ତି ପ୍ରଦାନ କରନ୍ତି ।

ଶୟତାନ ଆମକୁ ଏବେସୁଦ୍ଧା ହୃଦ୍‌ବୋଧ ଦେବାକୁ ଚେଷ୍ଟା କରିବ ଯେ ବିଫଳ ହେବା କେବଳ ପ୍ରାକୃତିକ ବିଷୟ ଅଟେ ଓ ଆମେ ପାପକୁ ପ୍ରତିରୋଧ କରିପାରିବା ନାହିଁ । ତଥାପିମଧ୍ୟ ଈଶ୍ୱରଙ୍କ ବାକ୍ୟ କହେ ଆମେ ପ୍ରତିରୋଧ କରିପାରିବା କାରଣ ଆମେ ଆଉ କେବଳ ପ୍ରାକୃତିକ ଶକ୍ତି ଉପରେ ନିର୍ଭରଶୀଳ ନୋହୁଁ (ରୋମୀ. ୮:୧୧) । ଅବଶ୍ୟ, ବିଜୟ ସମ୍ଭବ ଅଟେ ବୋଲି ଆମେ ଯଦି ବିଶ୍ୱାସ କରୁ ନାହୁଁ, ତେବେ ଆମ୍ଭେମାନେ ଯୁଦ୍ଧରେ ହରିସାରିଛୁ । ସେଥିପାଇଁ ଈଶ୍ୱରଙ୍କ ବାକ୍ୟର ସତ୍ୟରେ ସରଳ ବିଶ୍ୱାସ କରିବା ହେଉଛି ଆତ୍ମିକ ବିଜୟର ଆରମ୍ଭ । ଅନୁଗ୍ରହର ମାଧ୍ୟମକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତାହା ବିଶ୍ୱାସକୁ ଆଶ୍ରୟ ଦେଇଥାଏ ଯାହା ଦ୍ୱାରା ଆମେ ଆମ ଶକ୍ତିର ବାସ୍ତବତାରେ କାର୍ଯ୍ୟ କରିଥାଉ ।

ଆତ୍ମିକ ସୁରକ୍ଷା । ଅନୁଗ୍ରହର ମାଧ୍ୟମର ମଧ୍ୟ ଅର୍ଥ ହେଉଛି ଆମ ମଧ୍ୟରେ ଗଭୀର ହୃଦ୍‌ବୋଧ ସ୍ଥାପନ କରିବା ଯେପରି ଆମେ ଯଦିଚ ପ୍ରତ୍ୟେକ ଯୁଦ୍ଧରେ ଜୟଲାଭ କରିବା ନାହିଁ, ତଥାପି ଆମକୁ କମ୍ ପ୍ରେମ କରାଯାଉ ନାହିଁ । ବହୁତ ଜ୍ଞାନର ସହିତ ମୋର ଜଣେ ସାଙ୍ଗ ଲେଖନ୍ତି, ଯେଉଁ ଲୋକମାନେ ଆତ୍ମିକରୂପେ ଅଧିକ ଉତ୍ତମ କାର୍ଯ୍ୟ କରନ୍ତି, ସେମାନେ ଯଦି କେବେ ବି ଉତ୍ତମ ହେବେ ନାହିଁ, ତଥାପି ସେମାନଙ୍କୁ କମ୍ ପ୍ରେମ କରାଯିବ ନାହିଁ । ଏହା ଅସମ୍ଭବ ଓ ପଚ୍ଛୁଆ ବୋଲି ଜଣାଯାଏ । ଯଦି ଲୋକମାନେ ଜାଣନ୍ତି ଯେ ସେମାନଙ୍କର ବିଫଳତା ଈଶ୍ୱରଙ୍କ ପ୍ରେମ ହ୍ରାସ କରେ ନାହିଁ, ତେବେ ସେମାନେ କ'ଣ ସେମାନଙ୍କ ପାପ କରିଚାଲିବେ ନାହିଁ ? ହଁ, କେତେକ ବିଦ୍ରୋହୀ କିମ୍ବା ନିର୍ବୁଦ୍ଧିଆ ବ୍ୟକ୍ତି ଅନୁଗ୍ରହ ପାଇ ତା'ର ଅସଦ୍‌ବ୍ୟବହାର କରିବେ, ମାତ୍ର ଈଶ୍ୱରଙ୍କ ଆଜ୍ଞା ପ୍ରତି ସମର୍ପିତ ହୋଇଥିବା ଲୋକମାନେ ସେପରି କରିବେ ନାହିଁ ।

ଈଶ୍ୱରଙ୍କ ସ୍ଥିର ପ୍ରେମ କିପରି ପ୍ରକୃତରେ ପବିତ୍ରତା ବୃଦ୍ଧି କରିଥାଏ ଆମେ ତାହା ବୁଝିପାରିବା ପୂର୍ବରୁ ଆମେ ଏକ ମୂଳ ପ୍ରଶ୍ନ ବିବେଚନା କରିବା ଆବଶ୍ୟକ : ଆପଣଙ୍କ ଜୀବନରେ କେଉଁ ବିଷୟ ପାପର ଶକ୍ତି ପ୍ରଦାନ କରିଥାଏ ? ଉତ୍ତର ହେଉଛି, ଆପଣଙ୍କ ଜୀବନରେ ପାପର ଶକ୍ତି ଅଛି, କାରଣ ଆପଣ ଏହାକୁ ପ୍ରେମ କରନ୍ତି । ପାପ ଯଦି ଆପଣଙ୍କୁ ଆକର୍ଷିତ କରି ନ ଥା'ନ୍ତା, ତେବେ ଆପଣଙ୍କୁ ପ୍ରଲୋଭିତ କରିବା ପାଇଁ ଏହାର କୌଣସି ଶକ୍ତି ନ ଥା'ନ୍ତା । ଏବେ ଆଉ ଗୋଟିଏ ପ୍ରଶ୍ନ : ପାପ ବଦଳରେ ପ୍ରେମ କରିବାର ଏକମାତ୍ର ଉପାୟ କ'ଣ ଅଟେ? ଉତ୍ତର ହେଉଛି, ଏକ ଅଧିକ ମହାନ୍ ପ୍ରେମ । ଆମେ ଯେତେବେଳେ ପାପ ଅପେକ୍ଷା ଯୀଶୁଙ୍କୁ ଅଧିକ ପ୍ରେମ କରୁ, ସେତେବେଳେ ଆମେ ଭୁଲ୍ ବିଷୟରେ ସନ୍ତୁଷ୍ଟ ହେବାକୁ ଇଚ୍ଛା କରିବା ଅପେକ୍ଷା ତାହାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଇଚ୍ଛା କରିବା (ଯୋହନ ୧୪:୧୫) । ଯୀଶୁଙ୍କ ପାଇଁ ପ୍ରେମ ମନ୍ଦ ବଦଳରେ ପ୍ରେମ କରିବାକୁ କଢ଼ାଇ ନେଇଥାଏ, ଯାହାକି ଆମ ଜୀବନରେ ପାପକୁ ଏହାର ଶକ୍ତି ପ୍ରଦାନ କରିଥାଏ ।

ପୁଣି ବର୍ତ୍ତମାନ ଗୋଟିଏ ଶେଷ ପ୍ରଶ୍ନ ହେଉଛି : କେଉଁ ବିଷୟ ଆପଣଙ୍କୁ ଯୀଶୁଙ୍କୁ ପ୍ରେମ କରିବାକୁ ଦେଇଥାଏ ? ବାଇବଲ ପୁନର୍ବାର ସରଳ ଭାବରେ ଉତ୍ତର ଦିଏ : ଆମ୍ଭେମାନେ ପ୍ରେମ କରୁ, କାରଣ ସେ ପ୍ରଥମରେ ଆମକୁ ପ୍ରେମ କଲେ (୧ମ ଯୋହନ ୪:୧୯) । ଏବେ ଶେଷରେ ଆମେ ବୁଝିପାରୁ କାହିଁକି ବାସ୍ତବରେ ଏହା ସତ୍ୟ ନୁହେଁ ଯେ ଆମ ପାପ ସତ୍ତ୍ୱେ ଈଶ୍ୱର ଯଦି ଆମକୁ ପ୍ରେମ କରନ୍ତି, ତେବେ ଆମର 'ଆନନ୍ଦ କରିବାର ମନ' ହୋଇଯିବ । ଆମେ ଯେତେବେଳେ ପ୍ରକୃତରେ ତାହାଙ୍କୁ ପ୍ରେମ କରୁ, ସେତେବେଳେ ଆମେ ତାହାଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରିଥାଉ । ପୁଣି କେଉଁ ବିଷୟ ଆମକୁ ତାହାଙ୍କୁ ସନ୍ତୁଷ୍ଟ କରିବାକୁ ଦେଇଥାଏ ତାହା ହେଉଛି ପ୍ରଭୁଙ୍କର ସ୍ଥିର ପ୍ରେମ ଯାହାକି କେବେ ବି ଶେଷ ହୁଏ ନାହିଁ ବୋଲି ଜାଣିବା (ବିଳା. ୩:୨୨-୨୩) । ଆପଣା ସନ୍ତାନମାନଙ୍କ ପ୍ରତି ତାହାଙ୍କର କଠିନ ପରିଶ୍ରମମୂଳକ ଅନୁଗ୍ରହ ଆମ ଅନ୍ତରରେ ପବିତ୍ରତା ପାଇଁ ଅନୁପ୍ରାଣିତ ଶକ୍ତି ଅଟେ (ରୋମୀ. ୧୨:୧-୩) ।

ସେ କାରାଗାରରେ ରହିବାର ଅଳ୍ପ ସମୟ ପରେ ପରେ ଡ଼େଭିଡ୍ ଆମକୁ ବାଇବଲ ପଦଗୁଡ଼ିକର ତରବରିଆ ଭାବରେ ଲେଖାଯାଇଥିବା ପ୍ରତିଲିପିଗୁଡ଼ିକ ଓ ତା'ର ପ୍ରାର୍ଥନା ଦଳ ଗାଉଥିବା ଉପାସନା ସଙ୍ଗୀତଗୁଡ଼ିକର ଶବ୍ଦଗୁଡ଼ିକ ଡ଼ାକରେ ପଠାଇବାକୁ ଲାଗିଲା । ସେ ମଧ୍ୟ ତା'ର ପ୍ରତି ଚିଠିରେ ଲେଖିବାକୁ ଲାଗିଲା, ଈଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ । ସେ ଯଦିଚ କାରାଗାରରେ ଥିଲା – ମୁଁ ଯେପରି ଜାଣିପାରିବି ତାକୁ ଅତିକ୍ରମ କରି ପ୍ରଲୋଭନ ଓ ପରୀକ୍ଷା ସତ୍ତ୍ୱେ ଈଶ୍ୱରଙ୍କ ଗୌରବ ଘୋଷଣା କରିବା ପାଇଁ ସେ ନିଜକୁ ଜଣେ ଉପକରଣ ଭାବରେ ମନେ କରୁଥିଲା । ସେ ଇଚ୍ଛା କରେ ଯେ ତା'ର ଜୀବନ ସେ ଅନୁଭୂତି ଲାଭ କରିଥିବା ଅନୁଗ୍ରହ ପ୍ରତିଫଳନ କରୁ । କେହି ମଧ୍ୟ ତାକୁ ସେହି ବାକ୍ୟଗୁଡ଼ିକ ଲେଖିବାକୁ ବାଧ୍ୟ କରନ୍ତି ନାହିଁ କେହି ମଧ୍ୟ ବାଧ୍ୟ କରିପାରି ନ ଥିଲେ । ମାତ୍ର ତା'ର ଜୀବନରେ ଯୀଶୁଙ୍କ ପାଇଁ ପ୍ରେମ ବାଧ୍ୟ କରୁଥିବା ଶକ୍ତି ହୋଇଛି, ଯାହାକି ଖ୍ରୀଷ୍ଟଙ୍କ ନିଃସର୍ତ୍ତ ପ୍ରେମ ଓ ଅସୀମ ଅନୁଗ୍ରହ ବିଷୟରେ ଜାଣିଥିବା ଲୋକମାନଙ୍କ ପ୍ରତି ଏହା ସର୍ବଦା ସତ୍ୟ ଅଟେ ।

ଅନନ୍ତ ଉତ୍ତରାଧିକାର । ଈଶ୍ୱରଙ୍କ ସନ୍ତାନମାନଙ୍କର ଏକ ପଞ୍ଚମ ନିଶ୍ଚୟତା ହେଉଛି ସେମାନଙ୍କ ଉତ୍ତରାଧିକାର (ଏଫି. ୧:୧୪ ୨:୭) । ବାଇବଲ କହେ ଯେ ଈଶ୍ୱର ଗ୍ରହଣ କରିଥିବା ସନ୍ତାନମାନେ ଖ୍ରୀଷ୍ଟଙ୍କର ସହ-ଉତ୍ତରାଧିକାରୀ ଅଟନ୍ତି (ରୋମୀ. ୮:୧୭) । ଏହି ସୁସମାଚାରର କେବଳ ଅଳ୍ପ କିଛି ଆବଶ୍ୟକୀୟ ବିଷୟ ହିଁ ଏହି ଅଳ୍ପ ସ୍ଥାନରେ ଉଲ୍ଲେଖ କରାଯାଇପାରିବ । ପ୍ରଥମ ହେଉଛି ଅନନ୍ତ ଜୀବନ, ଯାହାକି ମେଘମାଳାରେ ବର୍ଷ ବର୍ଷ ଧରି ବୀଣା ବଜାଇବା ନୁହେଁ । ବିଶ୍ୱାସୀମାନେ ଯେତେବେଳେ ମୃତ୍ୟୁବରଣ କରନ୍ତି, ସେତେବେଳେ ସେମାନଙ୍କ ପ୍ରାଣ ତତ୍କ୍ଷଣାତ୍ ଆମର ସ୍ୱର୍ଗସ୍ଥ ପିତାଙ୍କ ଗୌରବମୟ ଉପସ୍ଥିତି ମଧ୍ୟରେ ପ୍ରବେଶ କରିଥାଏ (୧ମ କରି. ୫:୮ ଫିଲି. ୧:୨୧-୨୪) । ସମ୍ପୂର୍ଣ୍ଣ ଗ୍ରହଣ, ସମ୍ପୂର୍ଣ୍ଣ ଆନନ୍ଦ, ଓ ସମ୍ପୂର୍ଣ୍ଣ ଶାନ୍ତି ତତ୍କ୍ଷଣାତ୍ ଆମର ଅଟେ, ମାତ୍ର ତାହା ସମ୍ପୂର୍ଣ୍ଣ କାହାଣୀ ନୁହେଁ (ଲୂକ ୨୩:୪୩) । ଦିନେ ଖ୍ରୀଷ୍ଟ ଆସିବେ ଓ ପୃଥିବୀକୁ ନୂତନୀକୃତ କରିବେ ଯାହାକୁ କି ସେ ମୂଳତଃ ବହୁତ ଉତ୍ତମ କରିଥିଲେ (ଯିଶା. ୬୫:୧୭-୧୯ ରୋମୀ. ୮:୨୧-୨୩) । ମାନବ ଜାତି ମୌଳିକ ଭାବରେ ଏଦନରେ ଉପଭୋଗ କରିଥିବା ସମସ୍ତ ସୁବିଧା ପୁନଃସଂସ୍ଥାପିତ ହେବ – ଈଶ୍ୱରଙ୍କ ସୁବିଧା ପୂର୍ଣ୍ଣ ହୋଇଥିବା ଓ ଦୁଃଖ ନ ଥିବା ଏକ ଜଗତ (ପ୍ରକା. ୨୧:୪) ।

ସୃଷ୍ଟି ପୁନଃସଂସ୍ଥାପିତ ହେବ, ପୁଣି ଆତ୍ମାରେ, ଶରୀରରେ, ଓ ମନରେ ଆମ୍ଭେମାନେ ନୂତନୀକୃତ ହେବା (୧ମ କରି. ୧୫:୫୨-୫୪) । କାରାଗାରରେ ରହିଥିବା ମୋର ଭାଇ ଡ଼େଭିଡ୍ କେବଳ ଈଶ୍ୱରଙ୍କ ପାପକ୍ଷମା ବିଷୟରେ ଜାଣିବ ସେପରି ନହେଁ, ମାତ୍ର ତା'ର ଶରୀର ପୁନର୍ବାର ପବିତ୍ର ହେବ ପୁଣି ପ୍ରଥମ ଥର ପାଇଁ ତା'ର ମନ ସୁସ୍ଥସବଳ ହେବ। ମୋର ଭାଇ ଦୂତମାନଙ୍କ ଅପେକ୍ଷା ଅଧିକ ଗୌରବାନ୍ୱିତ ହେବ (୧ମ ଯୋହନ ୩:୨-୩) । ସେ ତା'ର ମୁଣ୍ଡ ଉପରକୁ ଉଠାଇ, ନୂତନ ସୃଷ୍ଟିରେ ପ୍ରାୟ ମୁକ୍ତ ଭାବରେ ଗମନାଗମନ କରିବ, ତା'ର ଆଖି ଉଜ୍ଜ୍ୱଳ କରିବ, ଓ ତା'ର ହୃଦୟ ତା'ର ଚତୁର୍ଦ୍ଦିଗର ସୌନ୍ଦର୍ଯ୍ୟ ଦେଖି ଆନନ୍ଦ କରିବ । ମୋର ପରିବାର, ଯେଉଁମାନେ ବିଚ୍ଛିନ୍ନ ହୋଇଯାଇଛନ୍ତି ଓ ଯେଉଁମାନେ

ଏପର୍ଯ୍ୟନ୍ତ ସ୍ୱର୍ଗରେ ପ୍ରବେଶ କରିବାକୁ ବାକି ଅଛନ୍ତି, ସେମାନେ ତା’ ସହିତ ଓ ଯୀଶୁଙ୍କୁ ପ୍ରେମ କରୁଥିବା ସମସ୍ତଙ୍କ ସହିତ ପୁନର୍ମିଳତ ହେବେ (୧ମ ଥେସ. ୪:୧୪-୧୮) । ଆମର ପ୍ରଭୁଙ୍କ ମେଜରେ ଆମେ ଭୋଜି କରିବା, ତାହାଙ୍କ ଉତ୍ତମତାରେ ଆନନ୍ଦ କରିବା, ଓ ଆମର ଈଶ୍ୱରଙ୍କ ଅନୁଗ୍ରହରେ ସିଦ୍ଧ ଏକ ଜଗତକୁ ଚିରକାଳ ଉପଭୋଗ କରିବା। ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଥିବା ବ୍ୟକ୍ତି ଏପରି ଏକ ସୁନ୍ଦର ପରିତ୍ରାଣ ଯୋଗାଇ ଦିଅନ୍ତି ଯେ ଏହା ସମଗ୍ର ପୃଥିବୀକୁ ପୁନଃସଂସ୍ଥାପିତ କରିଥାଏ, ଆମର ସମସ୍ତ ସତ୍ତାକୁ ସମ୍ପୃକ୍ତ କରିଥାଏ, ଓ ଅନନ୍ତକାଳ ପର୍ଯ୍ୟନ୍ତ ସ୍ଥାୟୀ ରହିଥାଏ (ପ୍ରକା. ୨୧:୧) ।

## ଈଶ୍ୱର ଯେଉଁମାନଙ୍କୁ ସିଦ୍ଧ କରନ୍ତି, ସେମାନଙ୍କୁ ସେ ବ୍ୟବହାର କରନ୍ତି[୫]

*ବ୍ୟକ୍ତିଗତ ଉଦ୍ଦେଶ୍ୟ*

ଖ୍ରୀଷ୍ଟଙ୍କର ଆପଣା ଲୋକମାନଙ୍କର ଓ ସେମାନଙ୍କ ଜଗତ ପାଇଁ ଅଭିବୃଦ୍ଧିଶୀଳ ପ୍ରେମ - ଯାହାକି ତାହାଙ୍କର ଉଭୟ ବିଷୟର ମୁକ୍ତି ଦ୍ୱାରା ଦୃଶ୍ୟମାନ ହୋଇଥିଲା - ତାହା ତାହାଙ୍କୁ ପ୍ରେମ କରୁଥିବା ସମସ୍ତଙ୍କ ଉପରେ ବହୁଳ ପ୍ରଭାବ ପକାଇଛି । ଆମେ ତାହାଙ୍କୁ ପ୍ରେମ କରୁଥିବାରୁ ଆମେ ମଧ୍ୟ ସେ *ଯେଉଁ ବିଷୟକୁ* ଓ *ଯେଉଁମାନଙ୍କୁ* ପ୍ରେମ କରନ୍ତି ସେମାନଙ୍କୁ ପ୍ରେମ କରିଥାଉ । ଖ୍ରୀଷ୍ଟଙ୍କ ପ୍ରତି ତାହାଙ୍କର ପ୍ରତିବଦ୍ଧତା ପରେ ପରେ ମୋର ଭାଇ ଡ଼େଭିଡ୍ - ଯେ କି ପୂର୍ବରୁ ବାକ୍ୟରେ ଓ କାର୍ଯ୍ୟରେ ହେୟଜ୍ଞାନ କରୁଥିଲା - ସେ ଲେଖିଲା, ମୁଁ ଯୀଶୁଙ୍କୁ ଏତେ ପ୍ରେମ କରେ (ଯେ ବର୍ତ୍ତମାନ) ଲୋକମାନେ ତାହାଙ୍କ ନାମକୁ ବ୍ୟର୍ଥରେ ନେଲା ବେଳେ ମୁଁ ସହ୍ୟ କରିପାରେ ନାହିଁ । ମୁଁ ଇଚ୍ଛା କରେ ଯେ ସେମାନେ ଜାଣନ୍ତୁ ଯେ ସେ କେତେ ଉତ୍ତମ ଅଟନ୍ତି । ଯୀଶୁ ଯେତେବେଳେ ଆମ ଅନ୍ତରରେ ବାସ କରନ୍ତି, ସେତେବେଳେ ତାହାଙ୍କ ଅନ୍ତଃକରଣ ଆମ ନିଜର ହୋଇଯାଏ (ରୋମୀ. ୬:୪-୧୧) ।

ଯେଉଁ ଲୋକମାନେ ତାହାଙ୍କୁ ପ୍ରେମ କରନ୍ତି ସେମାନେ ସେ ପ୍ରେମ କରୁଥିବା ଲୋକମାନଙ୍କୁ ପ୍ରେମ କରି ତାହାଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରନ୍ତି । ଆମ୍ଭେମାନେ ବିନାଶପ୍ରାପ୍ତ ଲୋକମାନଙ୍କ ପ୍ରତି ତାହାଙ୍କର ଦୂତ ହୋଇ, ଅଭାବଗ୍ରସ୍ତ ଲୋକମାନଙ୍କ ପ୍ରତି ତାହାଙ୍କର ହସ୍ତ ହୋଇ, ତାଡ଼ନାପ୍ରାପ୍ତ ଲୋକମାନଙ୍କ ନିମନ୍ତେ ତାହାଙ୍କର ରବ ହୋଇ ଓ ସମସ୍ତ ଲୋକଙ୍କ ପାଇଁ ସେ ଯେଗାଇ ଦେଇଥିବା ସୃଷ୍ଟିର ଭଣ୍ଡାରଘରିଆ ହୋଇ ଆନନ୍ଦିତ ହୋଇଥାଉ। ଆମ୍ଭେମାନେ ଆନନ୍ଦ କରିଥାଉ ଯେ ତାହାଙ୍କ ପରିବାର ମନୁଷ୍ୟର ଜାତି, ଧର୍ମ, ଶ୍ରେଣୀ ଓ ସଂସ୍କୃତିର ସୀମା ଅତିକ୍ରମ କରି ବଢ଼ିଯାଇଥାଏ, ପୁଣି ଆମେ ତଦନୁସାରେ ପ୍ରେମ କରିବାକୁ ଆନନ୍ଦିତ ହୋଇଥାଉ । ପୁଣି ଆମେ ଆମଠାରେ ଖ୍ରୀଷ୍ଟଙ୍କ ପ୍ରେମ ପ୍ରକାଶ କରିବା ବେଳେ ଥରେ ଆମେ ନିଜେ ଯେତେବେଳେ ଅଭାବଗ୍ରସ୍ତ ଥିଲୁ ଆମେ ଶେଷରେ ଖ୍ରୀଷ୍ଟଙ୍କ ପରିତ୍ରାଣର ଅନ୍ତିମ ଦିଗକୁ ଆବିଷ୍କାର କରିଥାଉ : ଏକ ସ୍ୱର୍ଗୀୟ ଉଦ୍ଦେଶ୍ୟ ।

ଆମ୍ଭେମାନେ ଶୂନ୍ୟ ଜୀବନରୁ, ତଥା ପାପପୂର୍ଣ୍ଣ ଜୀବନରୁ ଉଦ୍ଧାରପ୍ରାପ୍ତ ହୋଇଛୁ (୧ମ ପିତ. ୧:୧୮) । ଯୀଶୁ ଭାଙ୍ଗି ଯାଇଥିବା ବିଷୟକୁ ଉପଯୋଗୀ କରନ୍ତି । ଯୀଶୁ ଜଣେ

ବ୍ୟକ୍ତିଙ୍କ ସହିତ କାର୍ଯ୍ୟ କରି ନ ଥିଲେ ଯାହାର ବିଫଳତା ତାଙ୍କୁ ମୋର ଭାଇ ସହିତ କାରାଗାର କୋଠରୀରେ ରଖିଥିଲା । ସେହି ବ୍ୟକ୍ତି ମୋର ଭାଇକୁ – ଅର୍ଥାତ୍ ଅନ୍ୟ ଜାତିର ଜଣେ ବ୍ୟକ୍ତିକୁ – ତାଙ୍କର ବିଶ୍ୱାସ ବିଷୟରେ କହିବା ପରେ ଉଭୟେ ଖ୍ରୀଷ୍ଟଙ୍କ ପ୍ରେମ ଜାଣିଥିଲେ ଓ ଅନନ୍ତକାଳ ପର୍ଯ୍ୟନ୍ତ ଆତ୍ମିକ ଭାଇ ହୋଇଯାଇଥିଲେ ।

ଅନେକ ସମୟରେ ଅଭିବୃଦ୍ଧି ପାଇଁ ଅକ୍ଷମ ମୋର ଭାଇ କାରାଗାରରେ ସେହି ଜାତି ବା ପୃଷ୍ଠଭୂମିର ଲୋକମାନଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ହୋଇଥିଲା ଯେଉଁମାନେ ସାଧାରଣ ସମାଜରେ ନିଜ ନିଜକୁ ପୃଥକ୍ କରିଅଛନ୍ତି, ପୁଣି ଡ଼େଭିଡ୍ ତା'ର ଅନ୍ଧବିଶ୍ୱାସ ଅପେକ୍ଷା ମହାନ୍ ସେହି ପ୍ରେମ ବିଷୟରେ ଶିକ୍ଷା କରି ସେ ଖୀଷ୍ଟଙ୍କ ପ୍ରେମର ଏକ ଉପକରଣ ମଧ୍ୟ ହୋଇଛି । ତା' ପରି ହୋଇ ନ ଥିବା ଲୋକମାନଙ୍କ ଉପରେ ତା'ର ସରଳ ଆସ୍ଥା ସ୍ଥାପନ ଓ ବନ୍ଧୁତା କାରାଗାର କାନ୍ଥ ମଧ୍ୟରେ ସ୍ୱର୍ଗରେ ଏକ ଅନନ୍ତ ଭ୍ରାତୃତ୍ୱର ଗୌରବ ପ୍ରସ୍ତୁତ କରିଥାଏ ।

*ନିଗମ ଉଦ୍ଦେଶ୍ୟ*

ବ୍ୟକ୍ତିବିଶେଷରୂପେ ମାତ୍ର ସମ୍ମିଳିତ ଲୋକମାନଙ୍କ ସହିତ ମଧ୍ୟ ଆମେ ଖ୍ରୀଷ୍ଟଙ୍କର ପରିବର୍ତ୍ତିତ ଉଦ୍ଦେଶ୍ୟ ସହିତ ସହଯୋଗ କରିଥାଉ । ମଣ୍ଡଳୀ ମାଧ୍ୟମରେ ଆମେ ବାକ୍ୟରେ ଓ କାର୍ଯ୍ୟରେ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା କରିଥାଉ, ଯେପରି ତାହାଙ୍କର ଶାସନ ସମସ୍ତ ଜାତି ମଧ୍ୟରେ ହୃଦୟରୁ ହୃଦୟକୁ ବ୍ୟାପିଯିବ (କଲ. ୧:୨୨-୨:୪) । ତାହାଙ୍କର ଚରମ ରାଜ୍ୟ ହେଉଛି ସେହି କାହାଣୀ ଯାହାକି ଶାସ୍ତ୍ର ପ୍ରଥମ ପୃଷ୍ଠାରୁ ପ୍ରକାଶ କରିଥାଏ । ଆମର ଈଶ୍ୱର ଯନ୍ତ୍ରଣାରେ ଆଘାତପ୍ରାପ୍ତ ସୃଷ୍ଟିକୁ ଛାଡ଼ିବେ ନାହିଁ । ଜଗତ ଓ ଏହାର ବାସିନ୍ଦାଙ୍କୁ ଭାଙ୍ଗି ଦେଉଥିବା ବିଶ୍ୱାସଘାତକତା ସତ୍ତ୍ୱେ ଆମର ଈଶ୍ୱର ଆମକୁ କେବେମଧ୍ୟ ପରିତ୍ୟାଗ କରି ନାହାନ୍ତି । ସେ ଲୋକମାଙ୍କୁ ମୂଲ୍ୟଦେଇ ମୁକ୍ତ କରନ୍ତି ଯେପରି ସେମାନେ ତାହାଙ୍କର ଅନୁଗ୍ରହକୁ ଜାଣିବେ ଓ ବୃଦ୍ଧି କରିବେ । ତେଣୁ ସେ ଯେଉଁ ପରିତ୍ରାଣ ଆଣନ୍ତି ତାହା ଉଭୟ ପାପୀମାନଙ୍କ ପାଇଁ ଓ ପାପୀମାନଙ୍କ ମାଧ୍ୟମରେ ଆସିଥାଏ । ମଣ୍ଡଳୀରେ ଏହି ଉତ୍ତମତା ନିମନ୍ତେ ତାହାଙ୍କ ପ୍ରଶଂସା କରିବା ପାଇଁ, ତାହାଙ୍କ ପାଇଁ ବାସ କରିବାକୁ ପରସ୍ପରକୁ ଉତ୍ସାହିତ କରିବାକୁ ପୁଣି ତାହାଙ୍କ ପରିବର୍ତ୍ତନକାରୀ ପ୍ରେମକୁ ବୁଝିବାକୁ ଓ ଅନୁଭୂତି ଲାଭ କରିବାକୁ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆମେ ଏକତ୍ରିତ ହୋଇଥାଉ ।

ପରିତ୍ରାଣର ପ୍ରାଚୀନ, ଉନ୍ମୁକ୍ତ କାହାଣୀ ଆମ ପାଇଁ ପ୍ରଯୁଜ୍ୟ, ତାହା ଆମକୁ ଅନ୍ତର୍ଭୁକ୍ତ କରିଥାଏ, ପୁଣି ବହୁଳ ଭାବରେ ଆପଣେଇବା ଦ୍ୱାରା ଆମକୁ ଆବୃତ କରିଥାଏ । ଆମ ନିଜ ଅପେକ୍ଷା ଆମର ଅଧିକ ଉଦ୍ଦେଶ୍ୟ ଅଛି ପୁଣି ଅନ୍ୟମାନଙ୍କ ସହିତ ଏହା ସଫଳ କରିବାରେ ଆମେ ଖ୍ରୀଷ୍ଟଙ୍କ ଶରୀର ସହିତ ଆମର ଏକୀଭୂତ ପରିଚୟକୁ ପାଳନ କରିଥାଉ । ସର୍ବତୋଭାବେ ସେ ଆପଣା ରାଜ୍ୟ ବୃଦ୍ଧି କରିବା ପାଇଁ ଆମକୁ ସମ୍ପନ୍ନତା ଓ ସହଯୋଗିତାର ଅନୁମୋଦନ କରନ୍ତି ଯାହାକି ସମସ୍ତ ବିଷୟକୁ ତାହାଙ୍କ ଗୌରବ ପାଇଁ ପରିବର୍ତ୍ତନ କରିଥାଏ (ଏଫି.

୧:୨୧) । ଆମେ ଏପରି ଏକ ସମ୍ପ୍ରଦାୟ ମଧ୍ୟରେ ବାସ କରୁ ଯାହାକି ପରସ୍ପରକୁ ଉତ୍ସାହିତ କରୁଛି, ନିର୍ଦ୍ଦେଶନା ଦେଉଛି, ଶକ୍ତିଯୁକ୍ତ କରୁଛି, ଓ କ୍ଷମା କରୁଛି, ସେହି ସମୟରେ ଆମେ ବାସ କରୁଥିବା ଜଗତ ପାଇଁ ପରିବର୍ତ୍ତନକାରୀ ଲବଣ ହୋଇ ଆଲୋକ ହୋଇଯାଇଥାଉ (ମାଥି. ୫:୧୩-୧୬; ଏଫି. ୩:୧୦-୨୧) ।

*ମୁକ୍ତିଦାୟୀ ଉଦ୍ଦେଶ୍ୟ*

ଖ୍ରୀଷ୍ଟଙ୍କ ପରିବର୍ତ୍ତନକାରୀ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ବଡ଼ ସୁଯୋଗ ପାଇବା ପାଇଁ ଆମ୍ଭେମାନେ ଉଦ୍ଧାରପ୍ରାପ୍ତ ହୋଇଛୁ, ପୁଣି ଏହି ମହାନ୍ ଉଦ୍ଦେଶ୍ୟ ନିମନ୍ତେ ଆମେ ଆମର ରାଜାଙ୍କୁ ଗୌରବାନ୍ୱିତ କରିଥାଉ ଓ ଆମ ଜୀବନର ପ୍ରତ୍ୟେକ ଦିଗରେ - ଅର୍ଥାତ୍ ଆମର ସମ୍ପର୍କରେ, ଆମର ବୃତ୍ତିରେ, ଆମର ଚିତ୍ତବିନୋଦନରେ, ଓ ଆମର ଉପାସନାରେ ତାହାଙ୍କ ଅନୁଗ୍ରହ ପ୍ରତିଫଳିତ କରିଥାଉ । ସେ ଜୀବନର ସମ୍ପୂର୍ଣ୍ଣ ବିଷୟ ଉପରେ ତାଙ୍କର ରାଜତ୍ୱ ବୃଦ୍ଧି କରିବା ବେଳେ ଆମେ ଆମ ଜୀବନର କୌଣସି ଦିଗକୁ ତାହାଙ୍କ ଗୌରବ ପ୍ରତିଫଳିତ ହେବାରୁ ବଞ୍ଚିତ କରି ନ ଥାଉ ।

ଜୀବନର କୌଣସି ଦିଗରୁ ଖ୍ରୀଷ୍ଟଙ୍କ ମନୋଯୋଗିତାକୁ ପୃଥକ୍ କରିବା ପାଇଁ ପବିତ୍ର ଓ ଧର୍ମନିରପେକ୍ଷ ପାର୍ଥକ୍ୟଗୁଡ଼ିକୁ ବ୍ୟବହାର କରାଯାଇପାରିବ ନାହିଁ । ସେ ହିଁ ପ୍ରଭୁ ଅଟନ୍ତି ଯେ କି ଆସିଅଛନ୍ତି ଓ ସମସ୍ତଙ୍କ ଉପରେ ଆପଣାର ଅନୁଗ୍ରହ ବୃଦ୍ଧି କରିବାକୁ ଆସିବେ । ସେ ଆମକୁ ଉଦ୍ଧାର କରନ୍ତି ଯେପରି ଆମ ଉପରେ ସେ ଆପଣାର ଦାବି କରିପାରିବେ । ଆମେ ଆମ ଜୀବନର ପ୍ରତ୍ୟେକ ଦିଗକୁ ତାହାଙ୍କ ପ୍ରତି ସମର୍ପଣ କରି ଆମର ସର୍ବୋଚ୍ଚ ସନ୍ତୁଷ୍ଟି ପାଇବା ବେଳେ ସେ ଆମକୁ ଅନନ୍ତ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବାକୁ ପୁଣି ଆମର ବ୍ୟକ୍ତିଗତ ଓ ସଂଘୀୟ ଉଦ୍ୟମ ମାଧ୍ୟମରେ ଜଗତକୁ ମୁକ୍ତ କରିବାକୁ ଆନନ୍ଦ ଲାଭ କରନ୍ତି ।

ସୁସମାଚାର ଲେଖକ ଯେତେବେଳେ ଯୀଶୁଙ୍କ ସୁସମାଚାର ଘୋଷଣା କଲେ ସେତେବେଳେ ଏହା ଅଦ୍ଭୁତ ଭାବରେ ଘୋଷଣା ଥିଲା ଯେ ସମସ୍ତଙ୍କ ପ୍ରଭୁ ଆସିଥିଲେ। ଏହା ଯଦି ଏକ ସ୍ୱେଚ୍ଛାଚାରୀ ଶାସନର ଆରମ୍ଭକୁ ଚିହ୍ନଟ କରିଥା'ନ୍ତା, ତେବେ ଏଥିରେ କୌଣସି ଆନନ୍ଦ ନ ଥା'ନ୍ତା । ମାତ୍ର ରାଜା ଯଦି ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସନ୍ତି ଓ ସେମାନଙ୍କ ପରିତ୍ରାଣ ଯଦି ଏକ ନୂତନୀକୃତ ହୃଦୟ, ଶକ୍ତିଯୁକ୍ତ ଜୀବନ ଓ ପରିବର୍ତ୍ତିତ ଜଗତକୁ ଅନ୍ତର୍ଭୁକ୍ତ କରେ, ତେବେ ତାହାଙ୍କ ଉଦ୍ଦେଶ୍ୟ ଓ ସେମାନଙ୍କ ପରିତ୍ରାଣ ପ୍ରକୃତରେ ସୁସମାଚାର ଅଟେ । ଏହି ସମ୍ବାଦ ଏତେ ଉତ୍ତମ ଅଟେ ଯେ ଏପରିକି ଦୂତଗଣ ଏଥିପାଇଁ ଆଶା କରନ୍ତି, ପୁଣି ଏହି ସୁସମାଚାର ଯେ ପ୍ରଦାନ କରନ୍ତି ଓ ଏହାର ଘୋଷଣାକୁ ଆଦର କରନ୍ତି, ଆମ୍ଭେମାନ ତାହାଙ୍କୁ ପ୍ରେମ କରିଥାଉ (୧ମ ପିତ. ୧:୧୦-୧୨) । ଆମ୍ଭେମାନେ ଶରୀର, ମନ, ଅଭ୍ୟାସ, ଦୋଷ, ସମ୍ପର୍କ କିମ୍ବା ପରିସ୍ଥିତିର ବନ୍ଦୀତ୍ୱକୁ ଜାଣିଛୁ ବା ନ ଜାଣିଛୁ, ଯୀଶୁ ଖ୍ରୀଷ୍ଟ ଆମକୁ ଏଥିରୁ ଅନନ୍ତକାଳ ପର୍ଯ୍ୟନ୍ତ ଉଦ୍ଧାର କରିବାକୁ ଆସନ୍ତି । ଏହା ହିଁ ବଡ଼ ସମ୍ବାଦ ଅଟେ - ପୁଣି ଏହା ହିଁ ହେଉଛି ସୁସମାଚାର !

# ଖ୍ରୀଷ୍ଟଙ୍କ ମୁକ୍ତି

*ସାଣ୍ଡି ୱିଲସନ୍*

ମୋର ପୁଅମାନଙ୍କ ମଧ୍ୟରୁ ଜଣେ ଯେତେବେଳେ ମହାବିଦ୍ୟାଳୟରୁ ସ୍ନାତକ ହେଲା, ସେତେବେଳେ ତା'ର ମହାବିଦ୍ୟାଳୟରେ ପ୍ରଥା ଥିଲା ଯେ ପୂର୍ବ ରାତିରେ ଏକ ସମ୍ମାନ ସେବାକାର୍ଯ୍ୟ କରାଯିବ । ଅବଶ୍ୟ, ଐତିହାସିକ ଭାବରେ, ଏହି ସମ୍ମାନ ସେବାକାର୍ଯ୍ୟ ଏକ ବାର୍ତ୍ତା ପରିବେଷଣ କରିବା ପାଇଁ ସୁସମାଚାରର ଜଣେ ସେବକଙ୍କ ପାଇଁ ପ୍ରତିଷ୍ଠା କରାଯାଇଥିଲା । ମାତ୍ର ଆଜି ଯଦି ଗୋଟିଏ ଅନୁଷ୍ଠାନ ଏହି ସମ୍ମାନ ସେବାକାର୍ଯ୍ୟକୁ ସୁସମାଚାରୀୟ କରି ଆବାହକ ନ ହେଉଥାଏ, ତେବେ ସେଠାରେ ଏକ ଖ୍ରୀଷ୍ଟିୟାନ୍ ଧର୍ମଶିକ୍ଷା ଯେ ପ୍ରଚାରିତ ହେବ ତାହା କେହି ଆଶା କରିପାରିବେ ନାହିଁ, ପୁଣି ଏହି କ୍ଷେତ୍ରରେ ମୁଁ ନିଶ୍ଚିତରୂପେ ଏହିପରି ଏକ ଧର୍ମଶିକ୍ଷା ଆଶା କରୁ ନ ଥିଲି । ଘଟଣା ହେଉଛି ଜଣେ ଯିହୁଦୀୟ ଗୁରୁଙ୍କୁ ସେହି ସମ୍ମାନ ମହୋତ୍ସବରେ ଉଦ୍‌ବୋଧନ ଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା, ସେହି ଗୁରୁଙ୍କୁ ମୁଁ ଜାଣିଥିଲି । ସେ ଉଜ୍ଜ୍ୱଳ, ଚିତ୍ତାକର୍ଷକ ଓ ଉତ୍ସାହଜନକ ଅଟନ୍ତି, ତେଣୁ ମୁଁ ତାଙ୍କୁ ମଞ୍ଚ ଉପରେ ଉନ୍ନତ, ବ୍ୟାବହାରିକ ଓ ଚିନ୍ତାଗର୍ଭକ ବିଷୟ ଉଦ୍‌ବୋଧନ ଦେବାର ଦେଖି ଆଶ୍ଚର୍ଯ୍ୟ ହୋଇ ନ ଥିଲି । ପ୍ରକୃତରେ, ଏହି ସର୍ବୋତ୍ତମ ବିଷୟ ମୁଁ ମନେ ରଖିଛି, ମୁଁ ଜାଣିବାକୁ ପାଇଲି ଯେ ମୁଁ ସେ କହିଥିବା ପ୍ରତ୍ୟେକ ବିଷୟ ସହିତ ସମ୍ମତ ହୋଇଥିଲି ସେଥିରେ କୌଣସି ବ୍ୟତିକ୍ରମ ନ ଥିଲା ।

ମୁଁ ସେହି ଅନୁଭୂତିରୁ ଦୂରକୁ ଚାଲିଯିବା ବେଳେ ମୁଁ ଆଜି ଅଧିକ ଖ୍ରୀଷ୍ଟୀୟ ପ୍ରଚାରର ଅବସ୍ଥା ଉପରେ ପ୍ରତିଫଳିତ ନ କରି ରହିପାରୁ ନ ଥିଲି । ଏହା ସାଧାରଣତଃ ଗୁରୁଙ୍କ ପ୍ରଚାର ଅପେକ୍ଷା ବହୁତ କମ୍ ଉତ୍ସାହଜନକ ଅଟେ, ପୁଣି ଏଥିରେ ଅନେକ ସମୟରେ ଆଉ କିଛି ନ ଥାଏ ଯାହାକୁ ନେଇ ସ୍ୱୟଂ ରାବ୍‌ବି ଅସମ୍ମତ ହେବେ । ଦୁଃଖର ବିଷୟ ଯେ ଟିଭି ଓ ରେଡ଼ିଓରେ ଓ ଗୀର୍ଜାର ମଞ୍ଚରେ ପ୍ରଚାର ହେଉଥିବା ଅନେକ ଧର୍ମଶିକ୍ଷା ସ୍ୱତନ୍ତ୍ର ଭାବରେ ଖ୍ରୀଷ୍ଟିୟାନ୍‌ର ନୁହେଁ । ସେଗୁଡ଼ିକରେ ଅନେକ ସମୟରେ ସାଧାରଣ ଜ୍ଞାନର ବିଷୟଗୁଡ଼ିକ ଥାଏ ଯାହା ସହିତ ଉତ୍ତମ ଇଚ୍ଛା ବିଶିଷ୍ଟ ଲୋକମାନେ ସାଧାରଣତଃ ସମ୍ମତ ହୋଇଥା'ନ୍ତି । ଆମ୍ଭେମାନେ ଅନେକ ସମୟରେ ସରଳ ଭାବରେ ସେହି ସମାନ୍ ବ୍ୟାବହାରିକ କିପରି ଜ୍ଞାନକୁ କହିଥାଉ ଯାହକି ଦାନ କରିଥାଏ, ତା' ବ୍ୟତୀତ ଆମେ ଏକ ବାଇବଲ କାହାଣୀକୁ କିମ୍ବା ବାଇବଲର ସତ୍ୟକୁ ଉଲ୍ଲେଖ କରିଥାଉ । ମୋର ସାଙ୍ଗ ରାବ୍‌ବି ମଧ୍ୟ ଉଭୟ ପୁରାତନ

ନିୟମ ଓ ନୂତନ ନିୟମରୁ କାହାଣୀ ଓ ନିୟମଗୁଡ଼ିକ ବ୍ୟବହାର କରିଥାଏ, ପୁଣି ସେ ଏହାକୁ ବହୁଳ ଭାବରେ ଉତ୍ତମ କରିଥାଏ । ତେଣୁ ଖ୍ରୀଷ୍ଟିୟାନ୍ ପ୍ରଚାର ବିଷୟରେ କେଉଁ ବିଷୟ ପୃଥକ୍ ହେବା ଉଚିତ୍ ?

ଖ୍ରୀଷ୍ଟିୟାନ୍ ପ୍ରଚାର ମୌଳିକ ଭାବରେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଓ ସେ ତାଙ୍କ ଲୋକମାନଙ୍କୁ ମୁକ୍ତ କରିବା ପାଇଁ ସେ ଯାହା କରିଅଛନ୍ତି ସେ ବିଷୟରେ ଅଟେ । ସୁସମାଚାର ତାହାଙ୍କୁ ଘୋଷଣା କରିଥାଏ । ସୁସମାଚାର ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବା ଦ୍ୱାରା ପିତା ଈଶ୍ୱରଙ୍କୁ ଗୌରବାନ୍ୱିତ କରିଥାଏ । ଆମେ ଯଦି ଖ୍ରୀଷ୍ଟ କିଏ ଅଟନ୍ତି ଓ ଖ୍ରୀଷ୍ଟ କ'ଣ କରିଥିଲେ ସେ ବିଷୟରେ ଭୁଲ୍ ବୁଝିଥାଉ କିମ୍ବା ଭୁଲ୍ ଅର୍ଥ କରିଥାଉ, ତେବେ ଆମେ ଆମର ଅନନ୍ତ ପରିତ୍ରାଣକୁ ବିପଦରେ ପକାଇଥାଉ । ସେଥିପାଇଁ ଗସ୍‌ପେଲ୍ କୋଆଲିସନ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟର ମଧ୍ୟଭାଗରେ ଯୀଶୁ ଖ୍ରୀଷ୍ଟ ଓ ତାହାଙ୍କ ମହାନ୍ ମୁକ୍ତିଦାୟୀ କାର୍ଯ୍ୟ ବିଷୟରେ ଆମର ଘୋଷଣା ରହିଛି । ଆମେ ଯାହା ଶିକ୍ଷା ଦେଉ, ପ୍ରଚାର କରୁ ଓ ପରାମର୍ଶ ଦେଉ ଏହା ତା'ର ମଧ୍ୟଭାଗ ଅଟେ ।

## ଖ୍ରୀଷ୍ଟ, ଅନନ୍ତ ପୁତ୍ର

*''ପ୍ରେମରେ ବିଗଳିତ ହୋଇ ଓ ତାହାଙ୍କ ପିତାଙ୍କ ପ୍ରତି ଆଜ୍ଞାବହ ହୋଇ ଆମେ ତାହା ବିଶ୍ୱାସ କରିଥାଉ .....।''* [୧] ଆରମ୍ଭରୁ ଆମର ସ୍ୱୀକାରୋକ୍ତି ଏହି ପ୍ରଶ୍ନ କହିଥାଏ : ଯୀଶୁ ଖ୍ରୀଷ୍ଟ ଯାହା କରିଥିଲେ ତାହା ସେ କାହିଁକି କରିବେ ? ବାଇବଲରୁ ଆମେ ଯାହା ଶିକ୍ଷା କରିଥାଉ ତାହା ହେଉଛି ଯେ କେବଳ ଗୋଟିଏ ବର୍ଣ୍ଣନା ଅଛି : ଯୀଶୁ ଖ୍ରୀଷ୍ଟ ଆମକୁ ପ୍ରେମ କରନ୍ତି, ଆମେ ଯାହା ଅଟୁ ସେଥିପାଇଁ ନୁହେଁ, ମାତ୍ର ସେ ଯେ ଅଟନ୍ତି ସେଥିପାଇଁ । ପ୍ରେମ ବିନା ଯୀଶୁ ଖ୍ରୀଷ୍ଟଙ୍କୁ ବୁଝିବାର କୌଣସି ଉପାୟ ହିଁ ନାହିଁ । ପ୍ରେମ ସେ କରିଥିବା ପ୍ରତ୍ୟେକ ବିଷୟକୁ ଅନୁପ୍ରେରିତ କରିଥିଲା । ଆମେ ଯଦି ପ୍ରେମ ଗ୍ରହଣ କରିପାରିବା ନାହିଁ, ତେବେ ଆମେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିପାରିବା ନାହିଁ । ଆମେ ଯଦି ପ୍ରେମ ଦାନ କରିପାରିବା ନାହିଁ, ତେବେ ଆମେ ଖ୍ରୀଷ୍ଟଙ୍କୁ ସେବା କରିପାରିବା ନାହିଁ । ତାହାଙ୍କର ସମସ୍ତ ବାକ୍ୟ ଓ କାର୍ଯ୍ୟ ପୃଷ୍ଠଭୂମିରେ, ଆମ ପାଇଁ ତାହାଙ୍କର ମହାନ୍ ବଳିଦାନର ପୃଷ୍ଠଭୂମିରେ ଥିବା ସର୍ବୋତ୍ତମ ମନୋବୃତ୍ତି ହେଉଛି ଆମ ପାଇଁ ଅନୁପଯୁକ୍ତ, ଅଯୋଗ୍ୟ, ଚରମ ପ୍ରେମ ।

ଯେଉଁ ବିଷୟ ଏହି ପ୍ରେମକୁ ବହୁଳ ଭାବରେ ଚମତ୍କାର କରିଦିଏ ତାହା ହେଉଛି ଯେ ଯୀଶୁ ଖ୍ରୀଷ୍ଟ ଏହି ପୃଥିବୀକୁ ଆସିବା ପୂର୍ବରୁ ଈଶ୍ୱରତ୍ୱର ଦ୍ୱିତୀୟ ବ୍ୟକ୍ତି ଭାବରେ, ଈଶ୍ୱରଙ୍କ ଅନନ୍ତ ପୁତ୍ର ଭାବରେ ତାହାଙ୍କର ସ୍ଥିତି ଥିଲା । ଯୋହନ କହନ୍ତି, ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ (ଯୋହନ ୧:୧) । ଯୋହନ ମଧ୍ୟ ତାହାଙ୍କୁ ଅଦ୍ୱିତୀୟ ପୁତ୍ର ବୋଲି କହନ୍ତି (ଯୋହନ ୧:୪) ।[୨] ସେ ସମସ୍ତ ଜଗତ ପୂର୍ବରୁ, ଈଶ୍ୱରଙ୍କ ଈଶ୍ୱର, ଆଲୋକର ଆଲୋକ ଥିଲେ(ନିସିନ୍ କ୍ରୀଡ୍) । ଅନନ୍ତକାଳରୁ ସେ ପିତା ଈଶ୍ୱର ଓ ପବିତ୍ର ଆତ୍ମା ଈଶ୍ୱରଙ୍କ ସହିତ ସମାନ୍ ହୋଇ ସିଦ୍ଧରୂପେ ଖୁସି ଥିଲେ । ତାହାଙ୍କର

ସାଙ୍ଗ ଆବଶ୍ୟକ ନ ଥିଲା, କାରଣ ତାହାଙ୍କର ତାହାଙ୍କ ପିତାଙ୍କ ସହିତ ଘନିଷ୍ଠ, ଅସୀମ ସନ୍ତୋଷଜନକ ଯୋଗାଯୋଗ ଥିଲା ପୁଣି ସେଥିପାଇଁ ଅନନ୍ତ ଶାନ୍ତିର ସମସ୍ତ ଆନନ୍ଦକୁ ଉପଭୋଗ କରିଥିଲେ ।

ଯେଉଁ ପ୍ରେମ ତାହାଙ୍କୁ ତାହାଙ୍କର ପବିତ୍ର ବାତାବରଣକୁ ପରିତ୍ୟାଗ କରିବାକୁ ଓ ଏହି ପୃଥିବୀକୁ ଆସିବାକୁ ଦେଇଥିଲା ତାହା ହେଉଛି ଏକ ପ୍ରେମ ଯାହାକି ସେ ଅନନ୍ତ ଅତୀତରୁ ତାହାଙ୍କ ପିତାଙ୍କ ସହିତ ଅଂଶୀ ହୁଅନ୍ତି – ଆମ ପାଇଁ ! ଯୀଶୁ କହିଲେ ଯେ ସେ ଆପଣା ପିତାଙ୍କ ଇଚ୍ଛା ସାଧନ କରିବାକୁ ଆସିଥିଲେ, ପୁଣି ତାହାଙ୍କ ପିତାଙ୍କ ଇଚ୍ଛା ହେଉଛି ଯେ ତାହାଙ୍କ ଲୋକମାନେ ଉଦ୍ଧାରପ୍ରାପ୍ତ ହେବେ । ଈଶ୍ୱରଙ୍କ ପୁତ୍ର ସମ୍ପୂର୍ଣ୍ଣରୂପେ ସେହି ପ୍ରେମମୟ ଉଦ୍ଦେଶ୍ୟର ଅଂଶୀ ହୁଅନ୍ତି – ତାହା ଅତି ପବିତ୍ର, ବହୁତ ଶକ୍ତିଶାଳୀ ଓ ଅତି ଅନୁଗ୍ରହଶୀଳ ପ୍ରେମ ଅଟେ, ଯାହାକି ମନୁଷ୍ୟମାନେ ଓ ଦୂତଗଣ କେବେ ବି ଏହାକୁ ବୁଝିପାରିବେ ନାହିଁ ।

## ଆମର ନମ୍ର ଉଦ୍ଧାରକର୍ତ୍ତା, ଖ୍ରୀଷ୍ଟ

*‘‘..... ଅନନ୍ତ ପୁତ୍ର ମନୁଷ୍ୟ ହୋଇଥିଲେ .....।’’* ଯୀଶୁ ଖ୍ରୀଷ୍ଟଙ୍କର ସର୍ବାଧିକ ଉଲ୍ଲେଖନୀୟ ଗୁଣାବଳୀ ମଧ୍ୟରୁ ଗୋଟିଏ ହେଉଛି ତାହାଙ୍କର ନମ୍ରତା । ସ୍ୱର୍ଗର ସିଂହାସନ ପରିତ୍ୟାଗ କରି ପୃଥିବୀରେ ଜଣେ ଦରିଦ୍ର କୃଷକ ଶ୍ରେଣୀୟ ମହିଳାଙ୍କ ଗର୍ଭରୁ ଜନ୍ମ ହେବା ପାଇଁ କେତେ ଯେ ଗଭୀର ନମ୍ରତା ଆବଶ୍ୟକ ତାହା କେହି ବି କଳନା କରିପାରିବେ ନାହିଁ । ଏହି ଚମତ୍କାର ବାସ୍ତବତାକୁ ଧରି ରଖିବା ପାଇଁ ହଜାର ହଜାର ସ୍ତୋତ୍ର ଓ କବିତା ଲେଖାଯାଇଛି ।

ସମସ୍ତ ଆଶ୍ଚର୍ଯ୍ୟ ଅତିକ୍ରମ କରି ତୁମେ ଧନୀ ଥିଲ,
ପ୍ରେମ ପାଇଁ ସମସ୍ତେ ଦରିଦ୍ର ହୋଇଥିଲ
ଗୁହାଳ ବଦଳରେ ସିଂହାସନ ସମର୍ପିତ ହୋଇଥିଲା,
ଗୋଶାଳା ପାଇଁ ନୀଳ ମଣି ପ୍ରସ୍ତର ପ୍ରସ୍ତୁତ କରିବା।
ତୁମେ ଯେ କି ସମସ୍ତ ଆଶ୍ଚର୍ଯ୍ୟକୁ ଅତିକ୍ରମ କରି ଧନୀ ଥିଲ,
ପ୍ରେମ ପାଇଁ ତୁମେ ଦରିଦ୍ର ହେଲ।[୩]

ପାଉଲ ସେହି ଗାୟକ ଦଳ ସହିତ ଯୋଗ ଦେଇ କହନ୍ତି ସେ ଈଶ୍ୱରରୂପୀ ହେଲେହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ ପୁଣି ମନୁଷ୍ୟଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ (ଫିଲି. ୨:୬-୮) ।

ଆମର ଦୁର୍ଦ୍ଦଶାରୁ ଉଦ୍ଧାରପ୍ରାପ୍ତ ହେବା ପାଇଁ ମାନବ ଜାତି ପାଇଁ ଏହି ନମ୍ରତା ଆବଶ୍ୟକ ଥିଲା । ଆମର ପରିସ୍ଥିତି ଏପରି ଥିଲା ଯେ ମନୁଷ୍ୟର ଉଦ୍ୟମ ଦ୍ୱାରା ଆମ୍ଭେମାନେ ଉଦ୍ଧାରପ୍ରାପ୍ତ ହୋଇପାରି ନ ଥିଲୁ । ଯୀଶୁ ଖ୍ରୀଷ୍ଟ ଆମ ପାଇଁ ଯାହା କରିଥିଲେ ଆମେ ଆମ

ନିଜ ପାଇଁ କେବେ ବି ତାହା କରିପାରି ନ ଥା'ନ୍ତୁ । ଆମ୍ଭେମାନେ ଯଦି କେବେ କୌଣସି ଗୋଟିଏ ଉପାୟରେ ଉଦ୍ଧାରପ୍ରାପ୍ତ ହୋଇପାରିଥା'ନ୍ତୁ ତାହା ହେଉଛି ଆମର ଭଙ୍ଗା ଜଗତରେ ଈଶ୍ୱର ଆମର ଦୁଷ୍ଟ ଅବସ୍ଥାକୁ ଦେଖି ଦୟା ପ୍ରଦର୍ଶନ କରିବେ । ତାହାଙ୍କୁ ଆସି ଆମକୁ ପାଇବାକୁ ପଡ଼ିଥିଲା । ପୁଣି ସେ ଠିକ୍ ତାହା ହିଁ କରିଥିଲେ ।

ଯୀଶୁ ଖ୍ରୀଷ୍ଟଙ୍କର ଜୀବନ ଦୁଇଟି ଐତିହାସିକ କ୍ରମରେ ବିଭକ୍ତ ହୋଇପାରିବ : ତାହାଙ୍କର ନମ୍ରତା ଓ ତାହାଙ୍କର ଉଚ୍ଚୀକୃତ । ଆମେ ଯେତେବେଳେ ତାହାଙ୍କର ନମ୍ରତା ବିଷୟରେ କଥାବାର୍ତ୍ତା କରିଥାଉ, ସେତେବେଳେ ଆମେ ସାଧାରଣତଃ ତାହାଙ୍କର ଅବତାରକୁ, ଈଶ୍ୱରଙ୍କ ବ୍ୟବସ୍ଥା ପ୍ରତି ତାହାଙ୍କର ସିଦ୍ଧ ସମର୍ପଣକୁ, ଓ ତାହାଙ୍କର ଦୁଃଖଭୋଗ, ମୃତ୍ୟୁ ଓ କବରପ୍ରାପ୍ତ ବିଷୟକୁ ଅନ୍ତର୍ଭୁକ୍ତ କରିଥାଉ । ଆମର ସ୍ୱୀକାରୋକ୍ତି ମଧ୍ୟରେ କେହି ବି ଏହି କ୍ରମ ଦେଖିପାରିବେ । ତାହାଙ୍କର ନମ୍ରତାର ଏହିସବୁ ଦିଗଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଈଶ୍ୱରଙ୍କ ଲୋକମାନଙ୍କର ମୁକ୍ତି ନିମନ୍ତେ ଆବଶ୍ୟକ ଅଟେ, ପୁଣି ସେଥିପାଇଁ ଏହିସବୁ ବିଷୟ ବିଶ୍ୱାସ କରିବା, ସେଗୁଡ଼ିକ ବିଚାର କରିବା, ସେଗୁଡ଼ିକ ପାଳନ କରିବା, ଓ ସେଗୁଡ଼ିକର ଆଲୋକରେ ବାସ କରିବା ଆମ ପାଇଁ ଯଥାର୍ଥ ଓ ଉତ୍ତମ ଅଟେ ।

*ତାହାଙ୍କ ଅବତାର*

*''..... ବାକ୍ୟ ଶରୀରରୂପୀ, ସମ୍ପୂର୍ଣ୍ଣ ଈଶ୍ୱର ଓ ସମ୍ପୂର୍ଣ୍ଣ ମନୁଷ୍ୟ ହୋଇଥିଲା, ଦୁଇଟି ସ୍ୱଭାବ ବିଶିଷ୍ଟ ଜଣେ ବ୍ୟକ୍ତି ହୋଇଥିଲେ । ମନୁଷ୍ୟରୂପୀ ଯୀଶୁ, ଇସ୍ରାୟେଲର ପ୍ରତିଜ୍ଞାତ ମସୀହ ପବିତ୍ର ଆତ୍ମାଙ୍କର ଆଶ୍ଚର୍ଯ୍ୟ ପ୍ରତିନିଧି ମାଧ୍ୟମରେ ଗର୍ଭରେ ସଞ୍ଚରିତ ହୋଇଥିଲେ, ପୁଣି କୁମାରୀ ମରିୟମଙ୍କଠାରୁ ଜନ୍ମଗ୍ରହଣ କରିଥିଲେ ।''* ଯୀଶୁ ଖ୍ରୀଷ୍ଟଙ୍କ ଗର୍ଭସଞ୍ଚାର ଓ ଜନ୍ମ କେବଳ ଅସ୍ୱାଭାବିକ ବା ଆଶ୍ଚର୍ଯ୍ୟଜନକ ନୁହେଁ, ମାତ୍ର ସୁଇ ଜେନେରିସ୍ (ଏହାର ନିଜର ପ୍ରକାରଭେଦ ଅନନ୍ୟ) ଅଟେ । ନିଶ୍ଚିତ ହେବା ପାଇଁ ପୁରାତନ ନିୟମରେ କିଛି ଉଚ୍ଚ ଅସ୍ୱାଭାବିକ ଗର୍ଭ ସଞ୍ଚାର ଓ ଜନ୍ମ ବିଷୟରେ ଦିଆଯାଇଛି, ସେମାନଙ୍କ ମଧ୍ୟରେ ଥିଲେ ଅବ୍ରାହାମ୍ (ଅନେଶ୍ୱତ ବର୍ଷ ବୟସ୍କ) ଓ ସାରା (ନବେ ବର୍ଷ ବୟସ୍କ) ଇସ୍ହାକ୍‌ଙ୍କୁ ଜନ୍ମ ଦେଉଥିଲେ। ଶାମୁୟେଲ (୧ମ ଶାମୁୟେଲ୍ ୧), ଶାମ୍‌ଶୋନ୍ (ବିଚାରକର୍ତ୍ତା ୧୩), ଓ ଯୋହନ ଡୁବକ (ଲୂକ ୧)ଙ୍କ ଜନ୍ମ ମଧ୍ୟ ଅଦ୍ଭୁତ ଥିଲା, ମାତ୍ର ଏସବୁ, ତଥା ଅନ୍ୟ ପ୍ରତ୍ୟେକ ଜନ୍ମ ଯାହାକି କେବେ ଘଟିଥିଲା, ସେଥିରେ ଜଣେ ମନୁଷ୍ୟ ପିତା ଓ ଜଣେ ମନୁଷ୍ୟ ମାତା ଅନ୍ତର୍ଭୁକ୍ତ ଥିଲେ ।

କେବଳ ନାଜରୀତର ଯୀଶୁଙ୍କ କ୍ଷେତ୍ରରେ ଜଣେ ମନୁଷ୍ୟ ଓ ଈଶ୍ୱରଙ୍କଠାରୁ ଜଣେ ମନୁଷ୍ୟ ଗର୍ଭସଞ୍ଚାର ହୋଇ ଜନ୍ମଗ୍ରହଣ କରିଥିଲେ । ବର୍ଷ ବର୍ଷ ଧରି ଓ ଏପରିକି ଆଜି ମଧ୍ୟ କେହି କେହି କହିଛନ୍ତି ଯେ କୁମାରୀ ଜନ୍ମର ଧର୍ମତତ୍ତ୍ୱ ଉତ୍ତମ ଅଟେ, ମାତ୍ର ଆବଶ୍ୟକ ନାହିଁ, ଏ ବିଷୟରେ ଆମ୍ଭେମାନେ ଯୁଦ୍ଧ କରିବା ଉଚିତ୍ ନୁହେଁ କିମ୍ବା ଏ ବିଷୟକୁ ଆମେ ଏତେ ଅଧିକ ବ୍ୟବହାର କରିବା ଉଚିତ୍ ନୁହେଁ । ଏହାର ବିପରୀତରେ, ମହାନ୍ ଧର୍ମତତ୍ତ୍ୱବିଦ୍ ଆଥାନାସିଅସ୍ (୨୯୬-୩୭୩ ଖ୍ରୀଷ୍ଟାବ୍ଦ) ଶିକ୍ଷା ଦେଇଥିଲେ ଯେ ଖ୍ରୀଷ୍ଟଙ୍କର ସମ୍ପୂର୍ଣ୍ଣ ମାନବତ୍ତ୍ୱ

ଆବଶ୍ୟକ ଥିଲା, କାରଣ ଖ୍ରୀଷ୍ଟ ଯେପରି ହୋଇଥିଲେ ଈଶ୍ୱର କେବଳ ତାହା ହିଁ ରକ୍ଷା କରିପାରିଥିଲେ, ତେଣୁ ଖ୍ରୀଷ୍ଟ ଯଦି ସମ୍ପୂର୍ଣ୍ଣ ମନୁଷ୍ୟ ନ ହୋଇଥା'ନ୍ତେ, ତେବେ ମନୁଷ୍ୟମାନେ ସମ୍ପୂର୍ଣ୍ଣରୂପେ ଉଦ୍ଧାରପ୍ରାପ୍ତ ହୋଇପାରି ନ ଥା'ନ୍ତେ । ଆନ୍‌ସେଲ୍‌ମ୍ (୧୦୩୩-୧୧୦୯ ଖ୍ରୀଷ୍ଟାବ୍ଦ) ଶିକ୍ଷା ଦେଇଥିଲେ ଯେ ଈଶ୍ୱରଙ୍କ ସମସ୍ତ ଲୋକଙ୍କ ନିମନ୍ତେ ଆପଣାର ବଳିକୃତରେ ଯଥେଷ୍ଟ ହେବା ପାଇଁ ଖ୍ରୀଷ୍ଟଙ୍କୁ ସମ୍ପୂର୍ଣ୍ଣ ଈଶ୍ୱର ହେବାକୁ ପଡ଼ିବ ନଚେତ୍ ଜଣେ ବ୍ୟକ୍ତି କେବଳ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ହିଁ ପ୍ରତିବଦଳ ହୋଇପାରିଥା'ନ୍ତା ।

ଆମେ ଆଜି ମଧ୍ୟ ଏହା ବିଶ୍ୱାସ କରୁଛୁ, ଆନ୍‌ସେଲ୍‌ମ୍ ଓ ଆଥେନାସିଅସ୍ ଏହା ଶିକ୍ଷା ଦେଇଥିବାରୁ ନୁହେଁ, ମାତ୍ର ମାଥିଉ ଓ ଲୂକଲିଖିତ ଈଶ୍ୱର ଅନୁପ୍ରାଣିତ ସୁସମାଚାର ଏହା ଶିକ୍ଷା ଦେଉଥିବାରୁ (ମାଥିଉ ୧ ଲୂକ ୧-୨) ଆମେ ଏହା ବଶ୍ୱାସ କରିଥାଉ । ଅବତାର ମଧ୍ୟରେ ଆମ୍ଭେମାନେ କିପରି ଭାବରେ ଖ୍ରୀଷ୍ଟଙ୍କ ନମ୍ରତାର ଗଭୀରତାକୁ ବୁଝିପାରିବା ? ଯଦି ବିଲ୍ ଗେଟ୍‌ସ୍ ଓ ମେଲିଣ୍ଡା ଗେଟ୍‌ସ୍ ୱେଷ୍ଟ କୋଷ୍ଟରେ ଥିବା ସେମାନଙ୍କର ରାଜଉଆସ ପରିତ୍ୟାଗ କରି କେନିଆର ନାଇରୋବିର କିବେରା ବସ୍ତିରେ ବାସ କରିବେ, ତେବେ ବି ସେମାନେ ଆତ୍ମ-ଅସ୍ୱୀକାରର ସେହି ସ୍ତରକୁ ସ୍ପର୍ଶ କରିପାରିବେ ନାହିଁ ଯାହାକି ଯୀଶୁ ଆମର ଶରୀର ଧାରଣ କରିବା ବେଳେ ସହ୍ୟ କରିଥିଲେ । ଅବଶ୍ୟ, ସେ କେତେ ପ୍ରେମମୟ ଉଦ୍ଧାରକର୍ତ୍ତା ଅଟନ୍ତି !

*ପିତାଙ୍କ ପ୍ରତି ତାହାଙ୍କର ସିଦ୍ଧ ସମର୍ପଣ*

*''ସେ ସିଦ୍ଧ ଭାବରେ ତାହାଙ୍କର ସ୍ୱର୍ଗସ୍ଥ ପିତାଙ୍କ ଆଜ୍ଞାବହ ହୋଇଥିଲେ, ଏକ ନିଷ୍ପାପ ଜୀବନଯାପନ କରିଥିଲେ, ଚମତ୍କାର ଚିହ୍ନଗୁଡ଼ିକ ଦର୍ଶାଇଥିଲେ .....।''* ଦୀର୍ଘ ଦିନ ପୂର୍ବରୁ ନୁହେଁ, ଟେନେସି, ମେମ୍ଫିସ୍‌ରେ ଥିବା ସେକେଣ୍ଡ ପ୍ରେସ୍‌ବିଟାରିଆନ୍, ମୋର ମଣ୍ଡଳୀ ମୋର ସ୍ତ୍ରୀଙ୍କୁ ଓ ମୋତେ ଏକ ଛୁଟି ମଞ୍ଜୁର କରିଥିଲେ, ପୁଣି ଆମେ ପ୍ରାୟ ଚାରି ସପ୍ତାହ ଯାତ୍ରା କରିଥିଲୁ । ପ୍ରତି ରବିବାର ଦିନ ଆମେ ଭିନ୍ନ ଭିନ୍ନ ମଣ୍ଡଳୀ ପରିଦର୍ଶନ କରିଥିଲୁ, ପୁଣି ଲଗାତର ଦୁଇଟି ରବିବାର ପ୍ରଚାରକଗଣଙ୍କ କଥା ଶୁଣି ମୁଁ ଆଘାତପ୍ରାପ୍ତ ହୋଇଥିଲି, ଯାହାକି ଶହ ଶହ ମାଇଲ୍ ଦୂରବର୍ତ୍ତୀ ଗୀର୍ଜା ଥିଲା, ସେମାନେ ସେମାନଙ୍କ ଉପାସକ ମଣ୍ଡଳୀକୁ ଖ୍ରୀଷ୍ଟଙ୍କର ଅଧୈର୍ଯ୍ୟ, ପ୍ରୟୋଗାତ୍ମକ ପରୀକ୍ଷା ଓ ସୂକ୍ଷ୍ମାନୁଭବ ନ ଥିବା ଅବସ୍ଥା ପାଇଁ କ୍ଷମା ମାଗୁଥିଲେ। ମୁଁ ଯାହା ଶୁଣୁଥିଲି ତାହା ବିଶ୍ୱାସ କରିପାରି ନ ଥିଲି । ଏହି ପ୍ରଚାରକମାନେ ନିଜକୁ କ'ଣ ବୋଲି ଭାବୁଥିଲେ ? ସୋମନେ ସେମାନଙ୍କ ଈଶ୍ୱରନିନ୍ଦାର ଫଳ ବିଷୟରେ ବୁଝିପାରନ୍ତି କି ? ସେମାନେ କ'ଣ ହୃଦୟଙ୍ଗମ କରନ୍ତି ଯେ ଖ୍ରୀଷ୍ଟ ଯଦି କୌଣସି ପ୍ରକାରେ କିମ୍ବା କୌଣସି ମାତ୍ରାରେ ଜଣେ ପାପୀ ହୋଇଥା'ନ୍ତେ, ତେବେ ସେ ଜଣେ କଳଙ୍କିତ ବଳି, ଆମ ପାପ ପାଇଁ ପ୍ରାୟଶ୍ଚିତ କରିବାକୁ ଅଯୋଗ୍ୟ ହୋଇଥା'ନ୍ତେ ।

ମାତ୍ର ଈଶ୍ୱରଙ୍କ ପ୍ରଶଂସା ହେଉ, ବାଇବଲ ଘୋଷଣା କରେ ଯେ ଆମ ପାଇଁ ସେ ଜଣେ ଯୋଗ୍ୟ ବଳି ଅଟନ୍ତି, କାରଣ ଆମ ପରି ସେ ଯଦିଚ ପ୍ରତ୍ୟେକ ଉପାୟରେ ପ୍ରଲୋଭିତ

ହୋଇଥିଲେ, ତଥାପି ସେ କେବେ ବି ଚିନ୍ତାରେ, ବାକ୍ୟରେ କିମ୍ବା କାର୍ଯ୍ୟରେ ପାପ କରି ନ ଥିଲେ । ତାହାଙ୍କ ଜୀବନ ଆମ ପାପ ପାଇଁ ଗୋଟିଏ ଯୋଗ୍ୟ ବଳିଦାନ କେବଳ ନ ଥିଲା, ମାତ୍ର ଆହୁରିମଧ୍ୟ ବାଇବଲ ଶିକ୍ଷା ଦିଏ ଯେ ସେ ଇଚ୍ଛା କରି ନିଜକୁ ବ୍ୟବସ୍ଥାର ଅଧୀନସ୍ଥ କରିଥିଲେ, ଯେପରି ସେ ଆମ ସମସ୍ତଙ୍କ ପାଇଁ ତାହା ସମ୍ପନ୍ନ କରିପାରିବେ ଯାହାକି ଆମର ପ୍ରଥମ ପିତା, ଆଦମ କରିବାକୁ ବିଫଳ ହୋଇଥିଲେ । ଆମ ପକ୍ଷରୁ ସମସ୍ତ ଧର୍ମକର୍ମ ସାଧନ କରିବା ପାଇଁ ଯୀଶୁ ବ୍ୟବସ୍ଥାର ଅଧୀନରେ ଜନ୍ମଗ୍ରହଣ କରିଥିଲେ (ଗାଲା. ୪:୪-୭), ସୁନ୍ନତ ହୋଇଥିଲେ (ଲୂକ ୨), ପିତାମାତାଙ୍କ ଅଧୀନସ୍ଥ ଥିଲେ (ଲୂକ ୨), ଓ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇଥିଲେ (ଯୋହନ ୧) ।

*ତାହାଙ୍କ ଦୁଃଖଭୋଗ, ମୃତ୍ୟୁ ଓ କବରପ୍ରାପ୍ତ ହେବା*

*"..... ପନ୍ତିୟ ପିଲାତଙ୍କ ଅଧୀନରେ କ୍ରୁଶବିଦ୍ଧ ହୋଇଥିଲେ .....।"* ଯୀଶୁ ତାହାଙ୍କର ତିନିବର୍ଷର ସର୍ବସାଧାରଣ ସେବାକାର୍ଯ୍ୟ ସମୟରେ ଅନେକ ବିଷୟରେ ଦୁଃଖଭୋଗ କରିଥିଲେ : ଦରିଦ୍ରମାନଙ୍କର ଓ ଛୋଟା ଓ ଶୋକସନ୍ତପ୍ତ ଲୋକମାନଙ୍କର ଦାବି, ଧାର୍ମିକ ନେତାମାନଙ୍କର ଅବମାନନା, ଆପଣାର ଶିଷ୍ୟମାନଙ୍କର ଅବିଶ୍ୱାସ ଓ ଇସ୍ରାୟେଲରେ ରୋମୀୟ ବାସିନ୍ଦାମାନଙ୍କର କ୍ରୁରତା । ମାତ୍ର ତାଙ୍କର ସବୁଠାରୁ ବଡ଼ ଦୁଃଖ ତାହାଙ୍କ ନିଜ ପିତାଙ୍କ ହସ୍ତାଧୀନ ଥିଲା । ତାହାଙ୍କ କ୍ରୁଶାର୍ପଣର ପୂର୍ବ ରାତିରେ ଗେଥ୍ସିମାନୀ ବଗିଚାରେ ବହୁତ ଚାପ ଓ ଦୁଃଖର ସହିତ ସେ ପ୍ରାର୍ଥନା କରିଥିଲେ, ହେ ପିତା, ଯଦି ତୁମ୍ଭର ଇଚ୍ଛା ଥାଏ, ତେବେ ଏହି ପାନପାତ୍ର ମୋଠାରୁ ଦୂର କର ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ (ଲୂକ ୨୨:୪୨) । ପୁଣି ତା'ପରେ କ୍ରୁଶ ଉପରୁ ମସୀହଙ୍କ ଗୀତସଂହିତା ସଫଳ କରିବା ପାଇଁ (ଗୀତସଂହିତା ୨୨), ଯୀଶୁ ତାହାଙ୍କ ପିତାଙ୍କୁ ଚିତ୍କାର କରି କହିଥିଲେ, ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ? (ମାଥି. ୨୭:୪୬) ।

ନ୍ୟାୟର ଏପରି ଜଣାଶୁଣା ଏକ ହାସ୍ୟାସ୍ପଦ ବିଷୟକୁ ଈଶ୍ୱର କାହିଁକି ଅନୁମତି ଦେଇଥିଲେ, ଏପରିକି ପୂର୍ବନିରୂପିତ କରିଥିଲେ? (ପ୍ରେରିତ ୨:୨୨-୨୩) । କୋରାନ୍ ସେହି ପ୍ରଶ୍ନର ଏକ ଉତ୍ତର ଦେଇଥାଏ : ଯୀଶୁ ପ୍ରକୃତରେ ମୃତ୍ୟୁବରଣ କରି ନ ଥିଲେ । ଅନ୍ୟ ଜଣେ ମୃତ୍ୟୁବରଣ କରିଥିଲେ (ଯିହୁଦା) ଯେ କି ଯୀଶୁଙ୍କ ପରି ଦେଖିବାକୁ ଥିଲେ । କୋରାନ୍ କହିଥାଏ ଯେ ଯୀଶୁଙ୍କ ପରି ଜଣେ ଧାର୍ମିକ ଭାବବାଦୀ କେବେ ବି ଏତେ ପରିମାଣରେ ନ୍ୟୁନ ହୋଇପାରିବେ ନାହିଁ ଈଶ୍ୱର ଏହା ଅନୁମତି ଦେବେ ନାହିଁ । ମାତ୍ର – ଆଶ୍ଚର୍ଯ୍ୟର ବିଷୟ ହେଉଛି – ଈଶ୍ୱର କେବଳ ଏହାକୁ ଅନୁମତି ପ୍ରଦାନ କରି ନ ଥିଲେ, ମାତ୍ର ଅନନ୍ତ ଅତୀତରୁ ଏହାକୁ ଚୁକ୍ତି କରିଥିଲେ (୧ମ ପିତ. ୧:୧୯-୨୦) । ଯୀଶୁ, ଆମ ପ୍ରତି ପ୍ରେମ ହେତୁ କୋରଡ଼ା ପ୍ରହାର ଖାଇ ଓ ଜଣେ ସାଧାରଣ ଅପରାଧୀ ପରି କ୍ରୁଶବିଦ୍ଧ ହୋଇ ଚରମ ହତାଦର ହୋଇଥିଲେ । *ଚମତ୍କାର ପ୍ରେମ! ଏହା କିପରି ହୋଇପାରିବ ଯେ ମୋର ଈଶ୍ୱର, ତୁମେ ମୋ ପାଇଁ ମୃତ୍ୟୁଭୋଗ କରିବ ?*

## ଖ୍ରୀଷ୍ଟ, ଆମର ଉଚ୍ଚୀକୃତ ପ୍ରଭୁ

ଯୀଶୁ କ୍ରୁଶବିଦ୍ଧ ହେବାର ପରଦିନ ଶନିବାର ଦିନ ଶିଷ୍ୟମାନଙ୍କର ନୈରାଶ୍ୟକୁ କେହି ଜଣେ ବି କଳ୍ପନା କରିପାରିବେ । ସେମାନେ ବିଶ୍ୱାସ କରିଥିଲେ ଯେ ସେ ହିଁ ଦୀର୍ଘ-ଇପ୍ସିତ ମସୀହ ଥିଲେ । ମାତ୍ର ପ୍ରତ୍ୟେକେ ଜାଣନ୍ତି ଯେ ମସୀହଙ୍କ ରାଜତ୍ୱ ଓ ରାଜତ୍ୱ କରିବା ପାଇଁ ସେମାନଙ୍କୁ ଜୀବିତ ରହିବାକୁ ପଡ଼ିବ । ଯୀଶୁ ବର୍ତ୍ତମାନ ମୃତ ଥିଲେ। ସେମାନେ ତିନିବର୍ଷ କାଳ ତାହାଙ୍କ ସହିତ ଯାତ୍ରା କରି କରି ଯାହା ଶୁଣିଥିଲେ ଓ ତାହାଙ୍କଠାରେ ଦେଖିଥିଲେ ତାହାଙ୍କ ମୃତ୍ୟୁ ସେସବୁ ବିଷୟର ବିରୋଧାଭାସ ଥିଲା ।

ସେମାନେ ତାହାଙ୍କ ସହିତ ସେବା କରିଥିଲେ, ତାହାଙ୍କ ସହିତ ଭୋଜନ କରିଥିଲେ, ତାହାଙ୍କ ସହିତ ଶୟନ କରିଥିଲେ, ଓ ତାହାଙ୍କ ସହିତ ପ୍ରାର୍ଥନା କରିଥିଲେ, ପୁଣି ସେମାନେ କେବେ ବି ଏକ ପାପପୂର୍ଣ୍ଣ ଶବ୍ଦ ଶୁଣି ନ ଥିଲେ, ମନ୍ଦ ମନୋବୃତ୍ତି ଦେଖି ନ ଥିଲେ, କିମ୍ବା ଅଭାବଗ୍ରସ୍ତ ଲୋକମାନଙ୍କ ପ୍ରତି ପ୍ରେମର ଅଭାବ କରି ନ ଥିଲେ, ପୁଣି ସେମାନେ କେବେ ବି ତାହାଙ୍କୁ ଧର୍ମଯାଜକ ଓ ପଣ୍ଡିତମାନଙ୍କ ଦ୍ୱାରା ହତବୁଦ୍ଧି ହେବାର ଦେଖି ନ ଥିଲେ । ସେମାନେ ତାହାଙ୍କୁ ପବନ ଓ ଝଡ଼କୁ ସୁସ୍ଥିର କରିବାର, ମନ୍ଦାତ୍ମାଗଣଙ୍କୁ ବାହାର କରିଦେବାର, ଅନ୍ଧକୁ ସୁସ୍ଥ କରିବାର, ପୁଣି ଏପରିକି ମୃତକୁ ଉଠାଇବାର ଦେଖିଥିଲେ । ସେମାନେ ତାହାଙ୍କୁ ଖ୍ରୀଷ୍ଟ ବୋଲି ଡ଼ାକିଥିଲେ, ପୁଣି ସେ ସେମାନଙ୍କୁ ନିଶ୍ଚୟତା ଦେଇଥିଲେ ଯେ ପବିତ୍ର ଆତ୍ମା ସେମାନଙ୍କୁ ସେହି ସତ୍ୟ ପ୍ରକାଶ କରିଥିଲେ । ପ୍ରତ୍ୟେକ ବିଷୟ ତାହାଙ୍କ ମସୀହତ୍ୱକୁ ସୂଚୀତ କରିଥିଲା । ସେ କିପରି ଭାବରେ ମୃତ୍ୟୁବରଣ କରିପାରିଥିଲେ ? ଜଣେ ମୃତ ମସୀହ ଭଜା ବରଫ ପରି ଗୋଟିଏ ବିରୋଧାଳଙ୍କାର ଅଟନ୍ତି ।

ଶୁକ୍ରବାର ଦିନ ତାହାଙ୍କର କ୍ରୁଶବିଦ୍ଧ ହେବାର ପରବର୍ତ୍ତୀ ରବିବାର ସକାଳେ କେତେକ ମହିଳା ଯୀଶୁଙ୍କର କବରକୁ ଯାଇଥିଲେ ଯେପରି ତାହାଙ୍କର ଯତ୍ନ ନେଇପାରିବେ ଓ ତାହାଙ୍କର ମୃତ ଶରୀରରେ ମସଲା ଲଗାଇ ପାରିବେ । ସେମାନେ ପ୍ରଥମେ ଜଣାଶୁଣା ମାନବ ଥିଲେ ଯେଉଁମାନେ ମାନବ ଜାତି ଦ୍ୱାରା ଅନୁଭୂତ ସର୍ବୋଚ୍ଚ ପ୍ରକାଶିତ ଭାଗ୍ୟ ବିଷୟରେ ସାକ୍ଷୀ ହୋଇଥିଲେ । ବର୍ତ୍ତମାନ ସେ ଜୀବିତ ଥିଲେ ! ଧର୍ମତତ୍ତ୍ୱ ବିଦ୍‌ଗଣ ଯେଉଁ ବିଷୟକୁ ଖ୍ରୀଷ୍ଟଙ୍କର ଉଚ୍ଚୀକୃତ ହେବା ବୋଲି କହନ୍ତି ତାହା ହୋଇଥିଲା । ଖ୍ରୀଷ୍ଟଙ୍କର ଉଚ୍ଚୀକୃତ ହେବାରେ ତାହାଙ୍କର ପୁନରୁତ୍ଥାନ, ତାହାଙ୍କର ସ୍ୱର୍ଗାରୋହଣ, ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ତାହାଙ୍କର ଉପବେଶନ ଓ ତାହାଙ୍କର ଗୌରବମୟ ପୁନର୍ମିଳନ ଅନ୍ତର୍ଭୁକ୍ତ ଅଛି ।

### *ତାହାଙ୍କ ପୁନରୁତ୍ଥାନ*

*''..... ତୃତୀୟ ଦିବସରେ ଶାରୀରିକ ଭାବରେ ମୃତ୍ୟୁରୁ ଉଠିଥିଲେ .....।''* ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ମୁକ୍ତି ଦେବା ବିଷୟରେ ଈଶ୍ୱରଙ୍କର ସମସ୍ତ ଶକ୍ତିଶାଳୀ କାର୍ଯ୍ୟର ଗୌରବମୟ ଘଟଣା ଅଟେ - ତାହା ସୂଫ ସାଗର ବିଭକ୍ତ ହେବା ଅପେକ୍ଷା ଅଧିକ ଚମତ୍କାର ଅଟେ, ସୀନୟ ପର୍ବତ କମ୍ପିଯିବା ଅପେକ୍ଷା ଅଧିକ ଭୀତିପ୍ରଦ ବିଷୟ ଅଟେ, ଯିରୀହୋ ପ୍ରାଚୀର

ଥରହର ହେବା ଅପେକ୍ଷା ଅଧିକ ପ୍ରକାଣ୍ଡ ବିଷୟ ଅଟେ, ଗଲିୟାତ୍ ଉପରେ ଦାଉଦଙ୍କର ବିଜୟ ଅପେକ୍ଷା ଅଧିକ ଚିତ୍ତାକର୍ଷକ ଅଟେ । ସୃଷ୍ଟିକ୍ରମର ଭବିଷ୍ୟତ୍ ଈଶ୍ୱରଙ୍କର ଏହି ଗୋଟିଏ ମହାନ୍ କାର୍ଯ୍ୟ ଉପରେ ପର୍ଯ୍ୟବସିତ ଅଟେ । ପ୍ରତ୍ୟେକ ପ୍ରକୃତ ବିଶ୍ୱାସୀଙ୍କର ଆଶା ଏହି ଘଟଣାର ଐତିହାସିକ ବାସ୍ତବତା ଉପରେ ସୁଦୃଢ଼ ଭାବରେ ଅଛି ।

କେହି କେହି ଯେପରି ଦାବି କରନ୍ତି, ସେହିପରି ଖ୍ରୀଷ୍ଟଙ୍କର ପୁନରୁତ୍ଥାନ କେବଳ ଏକ ଧାରଣା ନୁହେଁ, କୌଣସି ପ୍ରକାର ଏକ ଆତ୍ମିକ ପୁନରୁତ୍ଥାନ ନୁହେଁ, ମାତ୍ର ସମାନ୍ ଶରୀରର ଏକ ଶାରୀରିକ ପୁନରୁତ୍ଥାନ ଯାହାକି କାଲ୍‌ବରୀ କ୍ରୁଶ ଉପରେ ଦୁଃଖଭୋଗ କରିଥିଲା ଓ ମୃତ୍ୟୁଭୋଗ କରିଥିଲା । ଆଦ୍ୟ ଶିଷ୍ୟଗଣ ଶକ୍ତିଯୁକ୍ତ ଭାବରେ, ସାହସଯୁକ୍ତ ଭାବରେ ଓ ନିର୍ଦ୍ଦୟ ଭାବରେ ଏହା ହିଁ ଘୋଷଣା କରିଥିଲେ : ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି (ପ୍ରେରିତ ୨:୩୬) । ଶିଷ୍ୟଗଣ ପ୍ରକୃତରେ ମହାନ୍ ଆନନ୍ଦ କରିଥିଲେ ଯେ ସେମାନଙ୍କ ପ୍ରଭୁ ଯୀଶୁ ସମ୍ପୂର୍ଣ୍ଣରୂପେ ନ୍ୟାୟସଙ୍ଗତ ବୋଲି ପ୍ରମାଣିତ ହୋଇଥିଲେ ଓ ସର୍ବୋଚ୍ଚ ସ୍ଥାନକୁ ଉଚ୍ଚୀକୃତ ହୋଇଥିଲେ, କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ (ରୋମୀ. ୧:୪) ।

*ତାହାଙ୍କ ସ୍ୱର୍ଗାରୋହଣ*

*‘‘..... ପୁଣି ସ୍ୱର୍ଗକୁ ନୀତ ହେଲେ .....।’’* ଶିଷ୍ୟଗଣ ଯୀଶୁ ଜୀବିତ ଥିଲେ ବୋଲି କେବଳ ଜାଣିଥିଲେ ବୋଲି ନୁହେଁ, ମାତ୍ର ସେମାନେ ତାହାଙ୍କୁ ସ୍ୱର୍ଗକୁ ନୀତ ହେବାର ଦେଖିଥିଲେ ବୋଲି ଆନନ୍ଦ କରିଥିଲେ (ଲୂକ ୨୪ ପ୍ରେରିତ ୧) । କ୍ରୁଶ ଓ ଶୂନ୍ୟ କବର ଦ୍ୱାରା ସେ ତାହାଙ୍କର ଓ ଆମର ସମସ୍ତ ଶତ୍ରୁଙ୍କ ଉପରେ ଜୟଲାଭ କରିଥିଲେ, ପୁଣି ବର୍ତ୍ତମାନ ସେମାନଙ୍କ ସମ୍ମୁଖରେ ଜଣେ ରାଜା ଭାବରେ ଘରକୁ ଫେରୁଅଛନ୍ତି ସେ ଆଉ ଫାରୂଶୀମାନଙ୍କର ଅହଙ୍କାରର ଅଧୀନସ୍ଥ ହେବେ ନାହିଁ, ସାଦ୍ଦୁକୀମାନଙ୍କ ଯୋଜନାଧୀନ ହେବେ ନାହିଁ, କିମ୍ବା ରୋମୀୟମାନଙ୍କର ନିଷ୍ଠୁରତାର ଅଧୀନ ହେବେ ନାହିଁ । ସେ ଆଉ କୟଫା, ପୀଲାତ ଓ ସେମାନଙ୍କ ସହକାରୀମାନଙ୍କ ଦ୍ୱାରା – କିମ୍ବା ନିଜେ ଶୟତାନ ଦ୍ୱାରା ମାଡ଼୍‌ଧର୍ କରାଯିବେ ନାହିଁ । ସେ ଈଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ଚିରଦିନ ପାଇଁ ସୁରକ୍ଷିତ ଭାବରେ, ଚିରକାଳ ନିରାପଦ ଭାବରେ, ଚିରକାଳ ଖୁସିରେ, ଚିରକାଳ ରାଜା ହୋଇ ସ୍ୱର୍ଗାରୋହଣ କରିଥିଲେ ।

ହେ ସାଧୁଗଣ, ଦେଖ, ଏହି ଦୃଶ୍ୟ ଅଟେ ଗୌରବମୟ
ଦୁଃଖର ମନୁଷ୍ୟକୁ ଦେଖନ୍ତୁ ବର୍ତ୍ତମାନ
ଯୁଦ୍ଧରୁ ବିଜୟୀ ହୋଇ ଫେରିଲେ,
ତାହାଙ୍କ ପ୍ରତି ପ୍ରତ୍ୟେକ ଆଣ୍ଠୁ ନଇଁଯିବ
ତାହାଙ୍କୁ ଗୌରବ ଦିଅ, ତାହାଙ୍କୁ ଗୌରବ ଦିଅ,
ତାହାଙ୍କୁ ଗୌରବ ଦିଅ, ତାହାଙ୍କୁ ଗୌରବ ଦିଅ,

ଗୌରବ ବିଜୟୀର କପାଳରେ ଥାଏ,
ଗୌରବ ବିଜୟୀର କପାଳରେ ଥାଏ .....

ସେହି ସାଦର ଅଭିନନ୍ଦନ ଶୁଣନ୍ତୁ!
ସେହି ଉଚ୍ଚ ରବର ବିଜୟୀ ଧ୍ୱନି ଶୁଣନ୍ତୁ!
ଯୀଶୁ ସର୍ବୋଚ୍ଚ ସ୍ଥାନରେ ବସନ୍ତି
ଓଃ ସେହି ଦୃଶ୍ୟ କିପରି ଆନନ୍ଦଦାୟକ ଅଟେ!
ତାହାଙ୍କୁ ଗୌରବ ଦିଅ!  ତାହାଙ୍କୁ ଗୌରବ ଦିଅ,
ତାହାଙ୍କୁ ଗୌରବ ଦିଅ!  ତାହାଙ୍କୁ ଗୌରବ ଦିଅ,
ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ!
ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ! [୪]

*ତାହାଙ୍କ ଅଧିବେଶନ*

*''ମୀମାଂସାକାରୀ ରାଜା ଭାବରେ, ସେ ପିତା ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି, ସ୍ୱର୍ଗରେ ଓ ପୃଥିବୀରେ ଈଶ୍ୱରଙ୍କ ସାର୍ବଭୌମତ୍ୱକୁ କାର୍ଯ୍ୟକାରୀ କରୁଅଛନ୍ତି, ପୁଣି ଆମର ସର୍ବୋଚ୍ଚ ଯାଜକ ଓ ଧାର୍ମିକ ସହାୟକ ଅଟନ୍ତି ।''* କିଛି ବର୍ଷ ପୂର୍ବରୁ ମୁଁ ପାଳକ, ମିଶନାରୀ ଓ ସେମାନଙ୍କ ସ୍ତ୍ରୀମାନଙ୍କର ଏକ ପ୍ରାର୍ଥନା ଦଳକୁ ପରିଚାଳନା କରୁଥିଲି । ଆମ୍ଭେମାନେ ପ୍ରାର୍ଥନା କରିବା ପୂର୍ବରୁ ମୁଁ ସେମାନଙ୍କୁ ସେମାନଙ୍କ ଆଖି ବନ୍ଦ କରିବାକୁ ଓ କେବଳ ଯୀଶୁ ଖ୍ରୀଷ୍ଟଙ୍କୁ କଳ୍ପନା କରିବାକୁ ଅନୁରୋଧ କଲି । କିଛି ମୁହୂର୍ତ୍ତ ପରେ ମୁଁ ସେମାନଙ୍କୁ ଦଳକୁ ସେମାନେ କଳ୍ପନାରେ ଯାହା ଦେଖିଲେ ତାହା କହିବାକୁ ଅନୁରୋଧ କଲି । ଜଣେ ବ୍ୟକ୍ତି ତାହାଙ୍କୁ ସାନ ପିଲାମାନଙ୍କୁ ପ୍ରେମ କରୁଥିବାର ଓ ଆଶୀର୍ବାଦ କରୁଥିବାର ଦେଖିଲେ ଆଉ ଜଣେ ଦେଖିଲେ ଯେ ସେ ଅନେକ ସଂଖ୍ୟକ ଲୋକଙ୍କୁ ଶିକ୍ଷା ଦେଉଥିଲେ ଆଉ ଜଣେ ଦେଖିଲେ ଯେ ସେ ରୋଟୀ ଓ ମାଛଗୁଡ଼ିକୁ ବହୁଗୁଣିତ କରୁଥିଲେ ଆଉ ଜଣେ ଦେଖିଲେ ଯେ ସେ ଗେଥ୍‌ସିମାନୀ ବଗିଚାରେ ପ୍ରାର୍ଥନା କରୁଥିଲେ ।

ତାହା ପ୍ରତିଫଳିତ ହେଲା ପରେ ଆମେ କିଛି ଉଲ୍ଲେଖନୀୟ ବିଷୟ ହୃଦୟଙ୍ଗମ କରିଥିଲୁ (ଆମର ଅଧିକାଂଶ ଚିତ୍ର ପୁରାତନ ରାଜା ଜେମ୍‌ସ୍ ପରିବାରର ଏକ ବାଇବଲରୁ ଆସିଥିଲା ବୋଲି ଆମେ କଳ୍ପନା କରିଥିଲୁ : ତାହାଙ୍କର ସମସ୍ତ ଚିତ୍ର ସ୍ୱର୍ଗାରୋହଣର ପୂର୍ବର ଥିଲା । ଆମ୍ଭେମାନେ ଯୀଶୁ ଯେପରି ଅଟନ୍ତି ତାହାଙ୍କ ବିଷୟରେ ଚିନ୍ତା କରୁ ନ ଥିଲୁ, ମାତ୍ର ସେ ଥରେ ଯେପରି ଥିଲେ ସେ ବିଷୟରେ ଚିନ୍ତା କରୁଥିଲୁ । ଯୀଶୁ ଖ୍ରୀଷ୍ଟଙ୍କର ସମ୍ମାନ ବୃଦ୍ଧି କରିବା କେବଳ ଏକ ଐତିହାସିକ ଘଟଣା ନୁହେଁ, ମାତ୍ର ଏକ ସାମ୍ପ୍ରତିକ ବାସ୍ତବତା ମଧ୍ୟ ଅଟେ । ଯୀଶୁ ଆଉ କ୍ଷୟଣୀୟ ବସ୍ତ୍ରରେ ବସ୍ତ୍ରାନ୍ୱିତ ନୁହଁନ୍ତି, ମାତ୍ର ଅକ୍ଷୟଣୀୟ ଗୌରବରେ ବସ୍ତ୍ରାନ୍ୱିତ ଅଟନ୍ତି । ପ୍ରେରିତ ଯୋହନ ଯେତେବେଳେ ଏକ ଦର୍ଶନରେ ଯୀଶୁଙ୍କୁ ସେ ଯେପରି ଅଟନ୍ତି ସେପରି ଦେଖନ୍ତି, ସେତେବେଳେ ଯୋହନ ମୃତବତ୍ ପଡ଼ିଗଲେ । କେବଳ ଈଶ୍ୱର ହିଁ ତାଙ୍କୁ ପୁନରୁଜୀବିତ କରିପାରିବେ(ପ୍ରକା. ୧:୧୭) ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ବହୁସଂଖ୍ୟକ ଉଜ୍ଜ୍ୱଳ, ଉଚ୍ଚୀକୃତ ଖ୍ରୀଷ୍ଟ ସେହି ଖ୍ରୀଷ୍ଟ ଅଟନ୍ତି ଯାହାଙ୍କୁ କି ଯୋହନ ଜାଣିବାକୁ ପାଇଲେ, ପ୍ରେମ, ଉପସନା ଓ ସେବା କଲେ । ବର୍ତ୍ତମାନ ଖ୍ରୀଷ୍ଟ ମଧ୍ୟସ୍ଥ ରାଜା ପରି ରାଜତ୍ୱ କରନ୍ତି, ଆମ ପାଇଁ ମଧ୍ୟସ୍ଥ ପ୍ରାର୍ଥନା କରୁଥିବା, ଆମ ଉପରେ ଶାସନ କରୁଥିବା ଓ ଆମ ସପକ୍ଷରେ କହୁଥିବା ବ୍ୟକ୍ତି ପରି ଶାସନ କରନ୍ତି । ସେ ଆମର ଶରୀରକୁ ତ୍ରିତ୍ତ୍ୱ ପରମେଶ୍ୱରଙ୍କ ସଭାଗୁଡ଼ିକୁ ନେଇଅଛନ୍ତି ଯେଉଁଠାରେ ଆମକୁ ସିଦ୍ଧ ଭାବରେ ପ୍ରତିନିଧିତ୍ୱ କରାଯାଇଛି ଓ ନିରବଚ୍ଛିନ୍ନ ଭାବରେ ସୁରକ୍ଷା ଦିଆଯାଇଛି । ଅତଏବ ଆମ୍ଭେମାନଙ୍କର ଆଉ କୌଣସି ବିଷୟ ପ୍ରତି ଭୟ କରିବାକୁ ପଡ଼ିବ ନାହିଁ, ମାତ୍ର ସ୍ୱୟଂ ଈଶ୍ୱରଙ୍କୁ ଭୟ କରିବାକୁ ପଡ଼ିବ (ମାଥି. ୧୦:୨୮) ।

*ତାହାଙ୍କର ଗୌରବମୟ ପ୍ରତ୍ୟାବର୍ତ୍ତନ*

ସମସ୍ତ ବିଷୟକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ପୁଣି ରାଜା ଓ ଉଚ୍ଚୀକୃତ ପ୍ରଭୁ ଭାବରେ ଆପଣାର ଯଥାର୍ଥ ସ୍ଥାନ ଗ୍ରହଣ କରିବା ପାଇଁ ଖ୍ରୀଷ୍ଟ ଗୌରବରେ ପ୍ରତ୍ୟାବର୍ତ୍ତନ କରିବେ, ଯେଉଁଥିରେ ଓ ଯାହା ଅଧୀନରେ ସମଗ୍ର ଜଗତ ଅସୀମ ପ୍ରଶଂସାରେ ଏକୀଭୂତ ହୋଇଛି (ଏଫି. ୧:୧୦) ।

## ଖ୍ରୀଷ୍ଟ, ଆମର ପ୍ରତିନିଧି ଓ ବଦଳ

*''ଆମ୍ଭେମାନେ ବିଶ୍ୱାସ କରିଥାଉ ଯେ ତାହାଙ୍କର ଅବତାର, ଜୀବନ, ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟ ଆମର ପ୍ରତିନିଧି ଓ ବଦଳ ଭାବରେ କାର୍ଯ୍ୟ କରିଥିଲେ । ସେ ତାହା କରିଥିଲେ ଯେପରି ତାହାଙ୍କଠାରେ ଆମ୍ଭେମାନେ ଯେପରି ଈଶ୍ୱରଙ୍କର ଧାର୍ମିକ ବ୍ୟକ୍ତି ହୋଇପାରିବା .....।''* ଏହି ଅଧ୍ୟାୟରେ ଆଲୋଚନା ହୋଇଥିବା ତାହାଙ୍କ ବିଷୟରେ ବିଷୟଗୁଡ଼ିକୁ ଯଦି ଆମେ ଜାଣିପାରିବା, ତେବେ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଶଂସା ଓ ଆଦର କରିବା ପାଇଁ ଆମେ ଯଥେଷ୍ଟ କାରଣ ପାଇଯିବା : ତାହାଙ୍କର ଅନନ୍ତ ପ୍ରଭୁତ୍ୱ, ତାହାଙ୍କ ପିତାଙ୍କ ପ୍ରତି ତାହାଙ୍କର ପ୍ରେମମୟ ଆଜ୍ଞାବହତା, ତାହାଙ୍କର ନମ୍ରତା, ଓ ଈଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ତାହାଙ୍କର ଅନୁପମ ଗୌରବ । ମାତ୍ର ତାହାଙ୍କୁ ପ୍ରେମ ଓ ସେବା କରିବାକୁ ବାଇବଲ ଆମକୁ ଏପରିକି ଅଧିକ ବ୍ୟକ୍ତିଗତ କାରଣ ଦିଏ । ସେ ଯାହାକିଛି କରିଥିଲେ, ସେସବୁ ଆମ ପାଇଁ କରିଥିଲେ ।

ଆମ ପାଇଁ ହିଁ ସେ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ (ଗାଲା. ୪:୪-୭) ଆମ ପାପ ପାଇଁ ସେ କ୍ରୁଶବିଦ୍ଧ ହୋଇଥିଲେ (ଗାଲା. ୩:୧୩) ଆମର ଧାର୍ମିକତା ନିମନ୍ତେ ସେ ଉଠିଥିଲେ (ରୋମୀ. ୪:୨୫) ଆମ ପାଇଁ ଏକ ସ୍ଥାନ ପ୍ରସ୍ତୁତ କରିବାକୁ ସେ ସ୍ୱର୍ଗାରୋହଣ କରିଥିଲେ (ଯୋହନ ୧୪:୧୨) । ଶାସ୍ତ୍ରଗୁଡ଼ିକରୁ ଆମେ ଶିକ୍ଷା କରିଥାଉ ଯେ ଖ୍ରୀଷ୍ଟ ଏହାକୁ ଯେପରି ଭାବରେ କରିଥିଲେ ତାହା ଥିଲା ଆମର ବଦଳ ହେବା ଯେପରି ଆମେ ଆମ ନିଜ ପାଇଁ ଯାହା କରିପାରି ନ ଥା'ନ୍ତୁ ଆମ ସ୍ଥାନରେ ସେ ତାହା କରିପାରିଥା'ନ୍ତେ । ଏହି ବିଷୟଟି ଖ୍ରୀଷ୍ଟୀୟ ବିଶ୍ୱାସର ଅତି କେନ୍ଦ୍ରରେ ଅଛି, ପୁଣି ଏହା ବିନା ସୁସମାଚାର ଏହାର ଅନନ୍ୟ ଶକ୍ତି ହରାଇଥାଏ ।

ଅନେକ ଧର୍ମ ଆମକୁ ଶିକ୍ଷା ଦିଏ ଯେ ଆମେ ସଂସ୍କାର ଆବଶ୍ୟକ କରିଥାଉ, ପୁଣି ସେଗୁଡ଼ିକ ମଧ୍ୟରୁ କେତେକ ଆମକୁ ମହାନ୍ ଆଦ୍ୟନମୁନା ପ୍ରଦାନ କରିଥାଏ ଯାହାକି ଆମେ ଅନୁକରଣ କରିବା ଉଚିତ୍ : ଅବ୍ରାହାମ୍ ଓ ମୋଶା (ଯିହୁଦୀ ଧର୍ମ), ଯୀଶୁ (ଖ୍ରୀଷ୍ଟ ଧର୍ମ), ମହମ୍ମଦ (ମୁସଲମାନ୍ ଧର୍ମ), ବୁଦ୍ଧ ଓ ଦଲାଇଲାମା (ବୌଦ୍ଧ ଧର୍ମ), କନ୍‌ଫୁସିଅସ୍ (କନ୍‌ଫୁସୀୟବାଦ), ଇତ୍ୟାଦି। ମାତ୍ର କେବଳ ଗୋଟିଏ ଧର୍ମ (ସୁସମାଚାରୀୟ ଖ୍ରୀଷ୍ଟଧର୍ମ) ଆମକୁ ଶିକ୍ଷା ଦିଏ ଯେ ଆମ ସ୍ଥାନରେ ଆଉ ଜଣେ ଥାଇ (୧) ସେହି ଜୀବନଯାପନ କରିଥିଲେ (୨) ଆମର ସମସ୍ତ ପାପ ପାଇଁ ଆମେ ଯୋଗ୍ୟ ଥିବା ଦଣ୍ଡଭୋଗ କରିଥିଲେ ଓ (୩) ପୁନରୁତ୍ଥିତ ଜୀବନ ଓ ଉଚ୍ଚୀକୃତ ସ୍ଥିତି ପାଇଥିଲେ, ଯେପରି ଆତ୍ମିକ ଭାବରେ କହିଲେ, ଆମ୍ଭେମାନେ ଈଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ବସିବା । ଏହା ହିଁ ଖ୍ରୀଷ୍ଟୀୟ ବିଶ୍ୱାସର ଗଭୀର ରହସ୍ୟ ଅଟେ (କଲ. ୧:୨୫ ୧ମ ତୀମ. ୩:୧୬) : ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରତିବଦଳ ଜୀବନ ଓ ମୃତ୍ୟୁ ମାଧ୍ୟମରେ ଆମ୍ଭେମାନେ ଈଶ୍ୱରଙ୍କ ଧାର୍ମିକ ବ୍ୟକ୍ତି ହୋଇଥାଉ (୨ୟ କରି. ୫:୨୧) ।

*ଆମ ପାଇଁ ଜଣେ ପାପଶୂନ୍ୟ ଜୀବନ*

ବାଇବଲ ଶିକ୍ଷା ଦିଏ ଯେ ପ୍ରଥମ ପୁରୁଷ, ଆଦମ ପ୍ରକୃତରେ ଆମର ପ୍ରଥମ ପ୍ରତିନିଧି ଥିଲେ (ରୋମୀ. ୫:୧୨) । ଆମର ପ୍ରତିନିଧିରୂପେ ସେ ଯଦି ସଫଳ ହୋଇଥା'ନ୍ତେ, ତେବେ ଆମ୍ଭେମାନେ ସଫଳ ହୋଇଥା'ନ୍ତୁ ମାତ୍ର ସେ ଯଦି ବିଫଳ ହୋଇଥା'ନ୍ତେ, ତେବେ ଆମ୍ଭେମାନେ ବିଫଳ ହୋଇଥା'ନ୍ତୁ । ସେ ବିଫଳ ହୋଇଥିଲେ । ଆମ୍ଭେମାନେ ବିଫଳ ହୋଇଥିଲୁ । ସେ ପାପ କରିଥିଲେ, ତେଣୁ ଆମ୍ଭେମାନେ ପାପ କରିଥାଉ । ସେ ଜଣେ ପାପୀ ହୋଇଥିଲେ, ତେଣୁ ଆମ୍ଭେମାନେ ପାପୀ ଅଟୁ । ତାହା ଅନ୍ୟାୟ ମନେ ହୋଇଥାଏ କି ? ଚିନ୍ତା କରନ୍ତୁ ଯେ ଆପଣ ତାଙ୍କ ଅପେକ୍ଷା ଅଧିକ ଉତ୍ତମ କାର୍ଯ୍ୟ କରିପାରିଥା'ନ୍ତେ ? ଆପଣ ଗର୍ବ କରୁଛନ୍ତି, ଆପଣ ଜଣେ ପାପୀ ଅଟନ୍ତି ବୋଲି ଆଉଥରେ ତାହା କହୁଛନ୍ତି ।

ମାତ୍ର କାହାଣୀଟିର ସୁନ୍ଦରତା ହେଉଛି ଯେ ମନୁଷ୍ୟର ପତନ ପରେ ଈଶ୍ୱର ତତ୍‌କ୍ଷଣାତ୍ ଜଣେ ନୂତନ ପ୍ରତିନିଧି, ହବାଙ୍କ ବଂଶ ଯୋଗାଇ ଦେବା ପାଇଁ ପ୍ରତିଜ୍ଞା କରିଥିଲେ, ଯେ କି ଦିନେ ଆମର ଶତ୍ରୁ, ଶୟତାନକୁ ଚୂର୍ଣ୍ଣ କରିବ (ଆଦି. ୩:୧୫) । ଯୀଶୁ ସେହି ବୀଜ, ଦ୍ୱିତୀୟ ଆଦମ ଅଟନ୍ତି, ପୁଣି ସେ ଆମ ପାଇଁ ସିଦ୍ଧ ଭାବରେ ବାସ କରିଥିଲେ, ଯେପରି ଆମେ ଯେତେବେଳେ ତାହାଙ୍କଠାରେ ଆମର ଆସ୍ଥା ସ୍ଥାପନ କରିବା, ସେତେବେଳେ ଆମେ ତାହାଙ୍କର ସିଦ୍ଧ କାର୍ଯ୍ୟର, ପିତାଙ୍କ ପ୍ରତି ତାହାଙ୍କର ସିଦ୍ଧ ଆଜ୍ଞାବହତାର ସମସ୍ତ ଲାଭ ଗ୍ରହଣ କରିବା । ସେ କରିଥିବା ସମସ୍ତ କାର୍ଯ୍ୟ ଆମର ବିବରଣୀକୁ ଆସିଥାଏ । ଈଶ୍ୱର ଯେତେବେଳେ ଖ୍ରୀଷ୍ଟିୟାନମାନଙ୍କର କାର୍ଯ୍ୟ କରିବା ବିବରଣୀ ଦେଖନ୍ତି, ସେତେବେଳେ ସେ ତାହାଙ୍କ ପ୍ରିୟ ପୁତ୍ର ଯୀଶୁଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ବିଷୟର ବିବରଣୀ ଦେଖନ୍ତି । ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ବସ୍ତ୍ରାନ୍ୱିତ ହୋଇଛୁ, ପୁଣି ଈଶ୍ୱର ଆମଠାରେ ଆପଣା ପୁତ୍ରଙ୍କର ସିଦ୍ଧ ଜୀବନ

ଦେଇଅଛନ୍ତି । ଏହା ଆଶୀର୍ବାଦଯୁକ୍ତ ସତ୍ୟ ଅଟେ ଯେ ଯୀଶୁ ଆମ ପାଇଁ ଏକ ପାପରହିତ ଜୀବନଯାପନ କରିଥିଲେ ।

*ଆମ ପାଇଁ ଏକ ଯନ୍ତ୍ରଣାଦାୟକ ମୃତ୍ୟୁ*

ଆମ୍ଭେମାନେ ଅନେକ ସମୟରେ ଆମର ନୈତିକ ଓ ଆତ୍ମିକ ସମସ୍ୟାକୁ ନ୍ୟୁନ ଦୃଷ୍ଟିରେ ଦେଖିଥାଉ । ଆଦମଙ୍କ ପତନର ଫଳସ୍ୱରୂପ, ଆମ୍ଭେମାନେ ଦୋଷୀକୃତ ପାପୀ ଅଟୁ ଯେଉଁମାନେ ଈଶ୍ୱରଙ୍କ କ୍ରୋଧର ଅଧୀନ ଅଟୁ ଆମ୍ଭେମାନେ ଆମର ମାନବ ସ୍ୱଭାବର ସମସ୍ତ ଦିଗରେ ଦୁର୍ନୀତିଗ୍ରସ୍ତ ଅଟୁ ଈଶ୍ୱରଙ୍କଠାରୁ ଆମ୍ଭେମାନେ ଶତ୍ରୁ ହୋଇଯାଇଛୁ, ତାହାଙ୍କର ଶତ୍ରୁ ହୋଇଯାଇଛୁ ପୁଣି ଆମ୍ଭେମାନେ ନୈତିକ ଭାବରେ ଓ ଆତ୍ମିକ ଭାବରେ ଏତେ ଅସହାୟ ଅଟୁ ଯେ ନିଜକୁ ପରିବର୍ତ୍ତନ ବା ଉଦ୍ଧାର କରିପାରିବା ନାହିଁ । କେବଳ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବଦଳ ମୃତ୍ୟୁ ହିଁ ଏହି ବହୁଳ ସମସ୍ୟାଗୁଡ଼ିକୁ ସମାଧାନ କରିପାରିବ ।

ଯୀଶୁ ଆମ ସ୍ଥାନରେ ମୃତ୍ୟୁବରଣ କରିଥିଲେ । ସେ ମୃତ୍ୟୁବରଣ କରିବା ପାଇଁ ଯୋଗ୍ୟ ନ ଥିଲେ। ଆମେ ଅଟୁ । ସେ ମୃତ୍ୟୁବରଣ କରିଥିଲେ, କାରଣ ଈଶ୍ୱର ଆପଣାର ନିଜର ଗୌରବ ନିମନ୍ତେ ଓ ଆମ ପ୍ରତି ଆପଣାର ଅସୀମ ଅନୁଗ୍ରହ ହେତୁ ଆମର ପାପସବୁକୁ ତାହାଙ୍କର ନିଜର ପ୍ରିୟ ପୁତ୍ର ଉପରେ ସ୍ଥାପନ କରିଥିଲେ । ପୁଣି ଯୀଶୁ ଖ୍ରୀଷ୍ଟ ଆପଣାର ଉତ୍ସର୍ଗୀକୃତ ମୃତ୍ୟୁ ଦ୍ୱାରା (ଆପଣାର ନିଜର ରକ୍ତରେ) ଆମର ପାପସବୁକୁ ତାହାଙ୍କ ଶରୀରରେ ବହନ କରି ଆମଠାରୁ ସେସବୁ ଦୂର କରିଥିଲେ । ଯୋହନ ଡୁବକ ଯୀଶୁଙ୍କୁ ସୂଚୀତ କରି କହୁଅଛନ୍ତି, ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହିନେଇଯାଆନ୍ତି (ଯୋହନ ୧:୨୯, ୩୬) । ଯୀଶୁ ଖ୍ରୀଷ୍ଟ ଆମର ପାପକୁ ତାହାଙ୍କ ଉପରେ ବହନ କରିବା ଦ୍ୱାରା ତାହା ପ୍ରାୟଶ୍ଚିତ କରିଥିଲେ (ଦୂର କରିଥିଲେ) । ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତାସ୍ୱରୂପ ହେଉଁ (୨ୟ କରି. ୫:୨୧) ।

ପାଉଲ ବର୍ଣ୍ଣନା କରନ୍ତି ଯେ ଯୀଶୁ କାହିଁକି କାଠ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ : ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ମୂଲ୍ୟ ଦେଇ ଆମ୍ଭମାନଙ୍କ ମୁକ୍ତ କଲେ କାରଣ ଲେଖା ଅଛି, ଯେକେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ (ଗାଲା ୩:୧୩) । ଆମ ପାଇଁ ଅଭିଶପ୍ତ ହେବା ଦ୍ୱାରା ଯୀଶୁ ଖ୍ରୀଷ୍ଟ ପାପ କରିଥିବା ସମସ୍ତଙ୍କ ବିରୁଦ୍ଧରେ ଈଶ୍ୱରଙ୍କ ଧାର୍ମିକ କ୍ରୋଧକୁ ଶାନ୍ତ କରିଥିଲେ ଅର୍ଥାତ୍ ଖ୍ରୀଷ୍ଟ ଈଶ୍ୱରଙ୍କୁ ଶାନ୍ତ କରିଥିଲେ । ସେ ଆମଠାରୁ ଈଶ୍ୱରଙ୍କ କ୍ରୋଧ ଦୂର କରିଦେଇଥିଲେ । ସେ ଈଶ୍ୱରଙ୍କ ନ୍ୟାୟର ନ୍ୟାୟୋଚିତ ଦାବିଗୁଡ଼ିକ ପୂରଣ କରିଥିଲେ । ଆମର ପରିତ୍ରାଣ ନିମନ୍ତେ ଏହି ପ୍ରତିବଦଳ ବଳିଦାନ ଆବଶ୍ୟକ, କାରଣ ଯେ ପୁତ୍ରଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ, କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇ ରହିଥାଏ (ଯୋହନ ୩:୩୬) ।

ପାଉଲ ଆମର ସ୍ୱାଭାବିକ, ପତିତ ଅବସ୍ଥାକୁ ଅପରାଧ ଓ ପାପରେ ମୃତ ..... କ୍ରୋଧର ପାତ୍ର ଥିଲୁ (ଏଫି. ୨:୧, ୩) । ମାତ୍ର ଆମେ ପାପୀ ଥିଲା ବେଳେ, ଈଶ୍ୱରଙ୍କ ଶତ୍ରୁ ଥିଲା ବେଳେ ଖ୍ରୀଷ୍ଟ ଆମ ପାଇଁ ମୃତ୍ୟୁବରଣ କରିଥିଲେ (ରୋମୀ. ୫:୮) । ଶେଷରେ, ଖ୍ରୀଷ୍ଟଙ୍କ ରକ୍ତ, ଆମ ପାଇଁ ତାହାଙ୍କର ଉତ୍ସର୍ଗୀକୃତ ମୃତ୍ୟୁ ଆମକୁ ଈଶ୍ୱରଙ୍କ ସହିତ ପୁନର୍ମିଳିତ କରିଥାଏ, ଯେପରି ଆମ୍ଭେମାନେ ତାହାଙ୍କ ସହିତ ଘନିଷ୍ଠ ହୋଇପାରିବା ଯାହାକି ଆମେ ପାପ କରିବା ଦ୍ୱାରା ଏଦନ ଉଦ୍ୟାନରେ ହରାଇଥିଲୁ । ପାଉଲ ଏହାକୁ ଏହିପରି ଭାବରେ କହନ୍ତି : କିନ୍ତୁ ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ହୋଇଅଛି ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ଆମ୍ଭମାନଙ୍କୁ ସମ୍ମିଳିତ କରିଅଛନ୍ତି ଓ ସେହି ସମ୍ମିଳନର ସେବକପଦ ଆମ୍ଭମାନଙ୍କୁ ଦେଇଅଛନ୍ତି ସେହି ସମ୍ମିଳନର ବାକ୍ୟ ଏହି, ଈଶ୍ୱର ଖ୍ରୀଷ୍ଟଙ୍କଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ ସେ ଜଗତବାସୀଙ୍କର ଅପରାଧ ଗଣନା ନ କରି ସେହି ସମ୍ମିଳନର ବାକ୍ୟ ଆମ୍ଭମାନଙ୍କ ନିକଟରେ ସମର୍ପଣ କରିଅଛନ୍ତି (୨ୟ କରି. ୫:୧୮-୧୯) । ତାହାଙ୍କର ଯନ୍ତ୍ରଣାଦାୟକ ମୃତ୍ୟୁ *ଆମ ପାଇଁ* ଥିଲା ।

*ଆମ ପାଇଁ ଏକ ବିଜୟ ପୁନରୁତ୍ଥାନ*

ଆମ ପାପ ହେତୁ ଆମେ ଏହି ଜୀବନର, ମୃତ୍ୟୁର ଓ ଚିରସ୍ଥାୟୀ ନର୍କର ଅଧୀନ ହୋଇଥିଲୁ । ତାହାଙ୍କର ବଦଳ, ମୁକ୍ତିଦାୟୀ କାର୍ଯ୍ୟ ଦ୍ୱାରା ଯୀଶୁ ପାପକୁ, ମୃତ୍ୟୁକୁ ଏବଂ ଆମକୁ ଧ୍ୱଂସ କରିବାକୁ ଅନ୍ୱେଷଣ କରୁଥିବା ସମସ୍ତ ନିୟମ ଓ ଶକ୍ତିଗୁଡ଼ିକୁ ପରାଜିତ କରିଥିଲେ।  ସେ କବରରୁ ପୁନରୁତ୍ଥିତ ହେବା ଦ୍ୱାରା ଆମ୍ଭେମାନେ ଶେଷରେ ଓ ଚିରକାଳ ପର୍ଯ୍ୟନ୍ତ ଈଶ୍ୱରଙ୍କ ସମ୍ମୁଖରେ ଧାର୍ମିକଗଣିତ ହୋଇଛୁ ପୁଣି ଚିରସ୍ଥାୟୀ ଜୀବନ ପ୍ରତି ପୁନରୁତ୍ଥିତ ହୋଇଛୁ । ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ମାଧ୍ୟମରେ ଆମ୍ଭେମାନେ ଆତ୍ମିକରୂପେ ତାହାଙ୍କ ସହିତ ଉତ୍ଥିତ ହୋଇଛୁ, ପୁଣି ଦିନେ ଆମ୍ଭେମାନେ ତାହାଙ୍କ ପରି ନୂତନ, ପୁନରୁତ୍ଥିତ ଶରୀର ଧାରଣ କରିବା । ଆମର ଭବିଷ୍ୟତ୍ ତାହାଙ୍କଠାରେ ବାନ୍ଧି ହୋଇ ରହିଛି : ଠିକ୍ ଯେପରି ଆମର ନମ୍ରତା ତାହାଙ୍କର ନମ୍ରତା ହୋଇଥିଲା, ତେଣୁ ତାହାଙ୍କର ଉଚ୍ଚୀକୃତ ହେବା ଆମର ଉଚ୍ଚୀକୃତ ହେବା ହୋଇଥାଏ । ଆମ୍ଭେମାନେ ପୁନରୁତ୍ଥିତ ହୋଇଛୁ ଆମ୍ଭେମାନେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଉନ୍ନତ ହୋଇଛୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ଶାସନ କରିଥାଉ ପୁଣି ଦିନେ ଆମ୍ଭେମାନେ ଗୌରବମୟ ଶରୀରରେ ତାହାଙ୍କ ସଦୃଶ ହୋଇଯିବୁ । ତାହାଙ୍କର ବିଜୟ ପୁନରୁତ୍ଥାନ ଆମ ପାଇଁ ଉଦ୍ଦିଷ୍ଟ ଥିଲା ।

*ଏକ ଗୌରବମୟ ସ୍ୱର୍ଗାରୋହଣ ଆମ ପାଇଁ ଉଦ୍ଦିଷ୍ଟ*

ଯୀଶୁ ଯେତେବେଳେ ଆପଣା ଶିଷ୍ୟମାନଙ୍କ ସହିତ ଉପର କୋଠରୀରେ ଥିଲେ, ସେତେବେଳେ ସେ ଭବିଷ୍ୟତ୍‌ରେ ତାହାଙ୍କର ବିଦାୟ ନେବା ବିଷୟକୁ ନେଇ ସେମାନଙ୍କ ଚିନ୍ତାକୁ ଅନୁମାନ କରିଥିଲେ । ସେ ସେମାନଙ୍କୁ ବର୍ଣ୍ଣନା କରିଥିଲେ ଯେ ତାହାଙ୍କର ଦୂରକୁ ଚାଲିଯିବା ଦୁଇଟି

କାରଣରୁ ପ୍ରକୃତରେ ଏକ ଉତ୍ତମ ବିଷୟ ଥିଲା । ପ୍ରଥମେ, ସେ ସେମାନଙ୍କ ପାଇଁ ପରାମର୍ଶଦାତା, ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିବେ, ଯେ କି ସୋମନଙ୍କୁ ପରିଚାଳନା, ଉତ୍ସାହ ଓ ଶିକ୍ଷା ଦେବେ । ଦ୍ୱିତୀୟରେ, ସେମାନଙ୍କ ପାଇଁ ସେଠାରେ ଏକ ସ୍ଥାନ ପ୍ରସ୍ତୁତ କରିବା ପାଇଁ ସେ ତାହାଙ୍କ ପିତାଙ୍କ ଗୃହକୁ ଯିବେ ।

ମୁଁ ଯେତେବେଳେ ଜଣେ ପିଲା ଥିଲି, ସେତେବେଳେ ମୋର ଅବସ୍ଥିତିର ପ୍ରମୁଖ ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ସାଧାରଣତଃ ବର୍ଷକୁ ଥରେ ମୋର ଆଈ ଘରକୁ ବୁଲିଯିବା, ପୁଣି ଆମେ ତାଙ୍କର ଛୋଟ ଘରେ ଅନେକ ଦିନ ଧରି ରହିବା।  ସେ ଜଣେ ସରଳ ମହିଳା ଥିଲେ ଯେ କି ପାହାଡ଼ତଳି ଅଞ୍ଚଳର ଏକ ଛୋଟ, ଅନୁନ୍ନତ ଗ୍ରାମରେ ବାସ କରୁଥିଲେ।  କେହି ବି ଆଶ୍ଚର୍ଯ୍ୟ ହୋଇପାରନ୍ତି ଯେ ଜଣେ ଆଠ ବର୍ଷର ବାଳକ କାହିଁକି ବା ଟିଭି, ବାସ୍କେଟ୍‌ବଲ୍ ଖେଳ ପଡ଼ିଆ, କିମ୍ବା ଆଧୁନିକ ଖେଳନା ନ ଥିବା, ଓ ରାସ୍ତା ପାଖରେ କେବଳ ଏକ ଛୋଟ ସାଧାରଣ ଦୋକାନ ଥିବା ସ୍ଥାନକୁ ପରିଦର୍ଶନ କରି ଉତ୍ସାହିତ ହେଉଥିଲା । ଏହାର କାରଣ ଥିଲା ଯେ ଆଈ ଆମକୁ ମାସ ମାସ ଧରି ଅପେକ୍ଷା କରି ରହୁଥିଲେ । ଆମ୍ଭେମାନେ ସେଠାରେ ପହଞ୍ଚିବା ସମୟରେ ସେ ତାଙ୍କ ଘରର ପଛ ପାଖରେ ଥିବା ଛୋଟ ବାରଣ୍ଡାରେ ଛିଡ଼ା ହୋଇ ଅପେକ୍ଷା କରି ରହୁଥିଲେ । ଆମ୍ଭେମାନେ ଦୌଡ଼ିଯାଇ ସ୍ନେହପୂର୍ଣ୍ଣ ଭାବରେ କୁଣ୍ଢାଇ ପକାଇଥିଲୁ । ଆମ ପ୍ରତ୍ୟେକଙ୍କ ପାଇଁ ସେ ଏକ ଡ଼ାକନାମ ଦେଇଥିଲେ । ଆମେ ଉପର କୋଠରୀକୁ ଯାଉଥିଲୁ, ଯାହାର ଛାତ ଟିଣର ଥିଲା, ତାହା ଆମର ଶୋଇବା ଘର ଥିଲା, ରାତିରେ ବର୍ଷା ହେଲେ ତାହା ବହୁତ ସୁନ୍ଦର ଶୁଣାଯାଉଥିଲା, ପୁଣି ପରେ ଆମକୁ ସମସ୍ତଙ୍କୁ ସୁସ୍ୱାଦୁ ଖାଦ୍ୟ ଓ ଆଇସକ୍ରିମ୍ ପରଷା ଯାଉଥିଲା, ଯାହାକି ଆଈ ଆମ ପାଇଁ ତିଆରି କରିଥା'ନ୍ତି । ଆମେ ଆନନ୍ଦ କରିବା ପାଇଁ ଗାଁ ଗଣ୍ଡା ଦେଇ ଅନେକ ଦୂର ଯାଉଥିଲୁ ଓ ଯାତ୍ରା କରୁଥିଲୁ ପୁଣି ଆଈ ଯୋଜନା କରିଥିବା ସରଳ କାର୍ଯ୍ୟଗୁଡ଼ିକ କରିଥିଲୁ । ଆମ୍ଭେମାନେ ଅନେକେ, ଆମେ ସରଳ ଭାବରେ ବହୁତ, ଉତ୍‌ଫୁଲ୍ଲିତ ହୋଇ, ଅବିରତ ପ୍ରେମ ଉପଭୋଗ କରୁଥିଲୁ ଯାହାକି ଆମର ଆଈ ଆମ ପାଇଁ ପ୍ରସ୍ତୁତ କରିଥିଲେ ।

ବର୍ତ୍ତମାନ ମୋର ପଞ୍ଚସ୍ତରୀ ବର୍ଷ ବୟସ୍କା ଆଈ ତାଙ୍କର ଅତି ସୀମିତ ସମ୍ବଳରେ ଓ ସୀମିତ କଳ୍ପନାରେ ଯଦି ମୋ ପାଇଁ ଏକ ଉତ୍ସାହପୂର୍ଣ୍ଣ ସ୍ଥାନ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇପାରୁଥିଲେ, ତେବେ ଆପଣ କ'ଣ କଳ୍ପନା କରିପାରିବେ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାହାଙ୍କର ପ୍ରଚୁର ସମ୍ବଳ, ତାହାଙ୍କର ଅସୀମ ଶକ୍ତି ଓ କଳ୍ପନା, ଓ ତାହାଙ୍କର ସୀମାହୀନ ପ୍ରେମରେ ଆମ ପାଇଁ କ'ଣ କରିପାରିବେ ? ଆମେ ପହଞ୍ଚିବା ବୋଲି ସେ ବ୍ୟଗ୍ର ଭାବରେ ଅପେକ୍ଷା କରିଥାଆନ୍ତି ତାହାଙ୍କର ପ୍ରତ୍ୟେକ ଲୋକଙ୍କ ପାଇଁ ସେ ଏକ ଡ଼ାକନାମ ପ୍ରସ୍ତୁତ କରିଅଛନ୍ତି ଆମକୁ ନିରବଚ୍ଛିନ୍ନ ଆନନ୍ଦ ଦେବା ପାଇଁ ସେ ଏକ ସ୍ଥାବର ସମ୍ପତ୍ତି ରଖିଅଛନ୍ତି । ଆମ ପାଇଁ ତାହାଙ୍କର ସ୍ନେହର ସମୁଦ୍ରରେ ଆମେ ପହଁରିବା । ତାହାଙ୍କର ଗୌରବମୟ ସ୍ୱର୍ଗାରୋହଣ *ଆମ ପାଇଁ* ଥିଲା ।

## ଆମର ଏକମାତ୍ର ଆଶା, ଖ୍ରୀଷ୍ଟ

*‘‘ଆମ୍ଭେମାନେ ବିଶ୍ୱାସ କରୁ ଯେ ପରିତ୍ରାଣ ଆଉ କାହାଠାରେ ଦେଖିବାକୁ ମିଳେ ନାହିଁ, କାରଣ ଆକାଶତଳେ ଅନ୍ୟ କୌଣସି ନାମ ନାହିଁ, ଯାହାଦ୍ୱାରା ଆମ୍ଭେମାନେ ଉଦ୍ଧାରପ୍ରାପ୍ତ ହୋଇପାରିବା ।’’* ଖ୍ରୀଷ୍ଟିୟାନ୍ ବିଶ୍ୱାସର ଅନେକ ଦିଗ ଅଛି, ଅବିଶ୍ୱାସୀଗଣ ଶହ ଶହ ବର୍ଷ ଧରି ତାକୁ ଅପମାନଜନକ ବୋଲି ଦେଖିବାକୁ ପାଇଛନ୍ତି । ଏହିଗୁଡ଼ିକରେ ମନୁଷ୍ୟ ହୃଦୟର ପ୍ରାକୃତିକ ଅବନତି, ତା’ର ବିନାଶପ୍ରାପ୍ତ ଅବସ୍ଥାରୁ ନିଜକୁ ଉଦ୍ଧାର କରିବାକୁ ଚେଷ୍ଟା କରିବାରେ ମନୁଷ୍ୟର ଅସହାୟତା, ଓ ନର୍କର ବାସ୍ତବତା ଅନ୍ତର୍ଭୁକ୍ତ ହୋଇଥାଏ । ପ୍ରେରିତ ପାଉଲଙ୍କ ସମୟରେ ଅନ୍ୟାନ୍ୟ ଶିକ୍ଷାଗୁଡ଼ିକ ଥିଲା, ତାହା ମଧ୍ୟ ବରୋଧ ଉତ୍ତରଗୁଡ଼ିକ ଉଦ୍ରେକ କରିଥିଲା : ଇସ୍ରାୟେଲ ଉପରେ ଈଶ୍ୱରଙ୍କ ବିଚାର, ବିଜାତୀୟମାନଙ୍କୁ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିବା, ଓ ପୁରାତନ ନିୟମର ଧର୍ମକର୍ମ ବ୍ୟବସ୍ଥାଗୁଡ଼ିକଠାରୁ ଆମର ମୁକ୍ତି ।

ବୋଧହୁଏ ଆମ ଦିନଗୁଡ଼ିକରେ ସର୍ବାଧିକ ଅପମାନଜନକ ଧର୍ମତତ୍ତ୍ୱ ଗୁଡ଼ିକ ମଧ୍ୟରୁ ଗୋଟିଏ, ସମସାମୟିକ ଗଣମାଧ୍ୟମ ସୁସମାଚାରୀୟ ଖ୍ରୀଷ୍ଟିୟାନମାନଙ୍କ ସହିତ ଧର୍ମ ସମ୍ବନ୍ଧୀୟ ଯେଉଁ ସାକ୍ଷାତକାର କରିବା ନିଶ୍ଚିତ ଅଟେ, ତାହା ହେଉଛି ଅନନ୍ତ ଜୀବନ ପ୍ରତି ଯୀଶୁ ଖ୍ରୀଷ୍ଟଙ୍କ ପଥର ଅନନ୍ୟତା ବିଷୟରେ ବାଇବଲର ଶିକ୍ଷାଦାନ । ଏହି ଅପମାନର କାରଣ ସ୍ପଷ୍ଟ ଅଟେ : ଖ୍ରୀଷ୍ଟିୟାନମାନେ ଦାବି କରୁଛନ୍ତି ଯେ କେବଳ ସେମାନେ ହିଁ ଏକମାତ୍ର, ସତ୍ୟ ଓ ଜୀବିତ ଈଶ୍ୱରଙ୍କୁ ଜାଣନ୍ତି ଓ ଘୋଷଣା କରନ୍ତି, ଯେ ଅନ୍ୟମାନେ ପ୍ରତ୍ୟେକେ ପ୍ରକୃତରେ ଭୁଲ୍ କରୁଛନ୍ତି, ପୁଣି ସେହି ଭୁଲ୍‌ର ଫଳ ହେଉଛି ଭୟଙ୍କର ଭାବରେ କଠିନ ଅଟେ ।

ଆହୁରିମଧ୍ୟ କିଛି ଖ୍ରୀଷ୍ଟିୟାନ ଏହି ବିଷୟକୁ ଅସହ୍ୟ ଦାମ୍ଭିକ ଭାବରେ କହିଥା’ନ୍ତି ପୁଣି ପ୍ରତ୍ୟେକ ଅଖ୍ରୀଷ୍ଟିୟାନ୍‌ଙ୍କ ଉପରେ ଓ ପଅତ୍ୟେକ ଅନ୍ୟ ଧର୍ମ ଦଳ ଉପରେ ବିଚାର ଆସିବା ବିଷୟକୁ ସମ୍ବେଦନହୀନ ଭାବରେ ସୂଚୀତ କରନ୍ତି । ତେବେ, କାହିଁକି ଆମେ ଦି ଗସ୍‌ପେଲ୍ କୋଆଲିସନ୍‌ରେ ଏହି ଧର୍ମତତ୍ତ୍ୱ କୁ ଆମର ଅପରିବର୍ତ୍ତନୀୟ ଧର୍ମତାତ୍ତ୍ୱିକ ପ୍ରତିବଦ୍ଧ କରିବା ? ଏଠାରେ ତା’ର କାରଣ ଅଛି :

୧) ଯଦି କେହି ଏହି ସତ୍ୟକୁ ସର୍ବାନ୍ତଃକରଣରେ ଗ୍ରହଣ କରିବ ନାହିଁ, ତେବେ ଖ୍ରୀଷ୍ଟଙ୍କ ସୁସମାଚାରକୁ ମୋଟେ ବୁଝିପାରିବ ନାହିଁ । ଆମେ ଯଦି ପତିତ ମନୁଷ୍ୟର ଦୁର୍ଦ୍ଦଶା ବିଷୟରେ ବାଇବଲ ଯାହା ଶିକ୍ଷା ଦିଏ ତାହା ବିଶ୍ୱାସ କରୁ (ଆମର ନୈତିକ ଦୁର୍ଦ୍ଦଶା, ଆମର ଆତ୍ମିକ ମୃତ୍ୟୁ, ଅନନ୍ତ ନର୍କରେ ଆମର ନ୍ୟାୟ ବିଚାର), ତେବେ କେବଳ ତା’ପରେ ଯାଇ ଈଶ୍ୱର ଦେଉଥିବା ଅନନ୍ୟ ପ୍ରତିକାର ବିଷୟରେ, ସେହି ଏକମାତ୍ର ପ୍ରତିକାର ଯହାକି ଆମକୁ ଆମର ଅବସ୍ଥାରୁ ମୁକ୍ତ କରିବାର ସମ୍ଭାବନା ଅଛି ବୋଲି ଆମେ ସମ୍ପୂର୍ଣ୍ଣରୂପେ ବୁଝିପାରିବା ଓ ତାକୁ ଗ୍ରହଣ କରିପାରିବା । ଆମ ନିଜର କୌଣସି ଧାର୍ମିକତା ନ ଥିବାରୁ, ଆମକୁ କେବଳ ଖ୍ରୀଷ୍ଟଙ୍କର ଧାର୍ମିକତାରେ ଆସ୍ଥା ସ୍ଥାପନ କରିବାକୁ ପଡ଼ିବ ।

ଆମେ ଆମର ଅଧର୍ମ ଓ ପାପ ହେତୁ ପ୍ରାକୃତିକ ଭାବରେ ମୃତ ହୋଇଥିବାରୁ, ଆମକୁ ଖ୍ରୀଷ୍ଟଙ୍କଠାରୁ ପୁନରୁତ୍ଥିତ ଜୀବନର ଆଶ୍ଚର୍ଯ୍ୟକର୍ମ ଗ୍ରହଣ କରିବାକୁ ପଡ଼ିବ । ଆମ ପାପ ବିରୁଦ୍ଧରେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ କରିବାକୁ ପଡୁଥିବାରୁ ଆମକୁ ଖ୍ରୀଷ୍ଟଙ୍କର ସିଦ୍ଧ, ବଦଳ ପ୍ରାୟଶ୍ଚିତ ଗ୍ରହଣ କରିବାକୁ ପଡ଼ିବ । ଆମେ ଆମ ନିଜର ଯୋଗ୍ୟତାରେ ଈଶ୍ୱରଙ୍କ ନିକଟକୁ ଆସିପାରୁ ନ ଥିବାରୁ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ଆମ ସପକ୍ଷରେ କହିବାକୁ ଆମକୁ ଖ୍ରୀଷ୍ଟଙ୍କ ଉପରେ ଆସ୍ଥା ସ୍ଥାପନ କରିବାକୁ ପଡ଼ିବ । ଏଗୁଡ଼ିକ ହେଉଛି ଖ୍ରୀଷ୍ଟଙ୍କର ମୁକ୍ତିଦାୟୀ କାର୍ଯ୍ୟର ଅନନ୍ୟ ସମ୍ପନ୍ନତା ଯାହାକି ଅନନ୍ୟ ଭାବରେ ଆମର ପାପ ସମସ୍ୟାକୁ ସମାଧାନ କରିଥାଏ । ଯୀଶୁ କହିଲେ, ମୁଁ ପଥ, ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ (ଯୋହନ ୧୪:୬) ।

୨) ଅନନ୍ତ ଜୀବନ ପାଇବା ପାଇଁ ଯଦି ଅନ୍ୟ କୌଣସି ଉପାୟ ଥା'ନ୍ତା, ତେବେ ଜଗତର ଇତିହାସରେ ନ୍ୟାୟକୁ ଏତେ ପରିମାଣରେ ଭଙ୍ଗ କରିବାର ଦୋଷରେ ଈଶ୍ୱର ଦୋଷାରୋପ ହୋଇଥାଆନ୍ତେ । କେବଳ ମନୁଷ୍ୟ ସ୍ତରକୁ ଆସି ଖ୍ରୀଷ୍ଟଙ୍କର କ୍ରୁଶବିଦ୍ଧ ହେବା, ମନୁଷ୍ୟର ସମସ୍ତ ଇତିହାସରେ ନ୍ୟାୟର ସର୍ବୋଚ୍ଚ ହାସ୍ୟାସ୍ପଦ ବିଷୟ ଅଟେ । ଆମ୍ଭେମାନେ ଯେପରି ଦେଖିଛୁ, ସେହିପରି ଯୀଶୁ ଏକମାତ୍ର ମନୁଷ୍ୟ ଅଟନ୍ତି ଯେ କି କେବେ ବି ଗୋଟିଏ ବି ମନ୍ଦ ଶବ୍ଦ କହି ନ ଥିଲେ, ମନ୍ଦ ଚିନ୍ତା କରି ନ ଥିଲେ, କିମ୍ବା ପାପପୂର୍ଣ୍ଣ କାର୍ଯ୍ୟ କରିବାକୁ ଆଜ୍ଞା ଦେଇ ନ ଥିଲେ । ସେ ପ୍ରେମରେ ଦରିଦ୍ରମାନଙ୍କ ସେବା କରିଥିଲେ, ଦୁର୍ବଳ ଓ ନିଃସଙ୍ଗ ଲୋକମାନଙ୍କ ଉପରେ ତାହାଙ୍କର ସମ୍ବେଦନା ଥିଲା, ପୁଣି ସେ ଅସୁସ୍ଥ ଲୋକମାନଙ୍କୁ ସୁସ୍ଥ କରିଥିଲେ । ସେ ଜୀବନଯାପନ କରିଥିବା ସର୍ବଶ୍ରେଷ୍ଠ ମନୁଷ୍ୟ ଥିଲେ, ପୁଣି ତଥାପିମଧ୍ୟ ସେ ଇତିହାସରେ ଯେକୌଣସି ଅପରାଧ ଅପେକ୍ଷା ଭୟଙ୍କର ଦଣ୍ଡ ଭୋଗ କରିଥିଲେ । ଅଧିକ ଚମତ୍କାର ବିଷୟ ହେଉଛି ଯେ ଈଶ୍ୱର ଏହି ପରାଜୟକୁ ହସ୍ତାର୍ପଣ କରିଥିଲେ ଏକ କାଠର କ୍ରୁଶ ଉପରେ ଦୁଃଖ ଯନ୍ତ୍ରଣାରେ ମୃତ୍ୟୁଭୋଗ କରିବାକୁ ସେ ଆପଣା ପୁତ୍ରଙ୍କୁ ଦୁଷ୍ଟ ଲୋକମାନଙ୍କ ହସ୍ତରେ ସମର୍ପଣ କରିଥିଲେ (ପ୍ରେରିତ ୨:୨୩) । ଲୋକମାନେ ସେମାନଙ୍କ ପାପପୂର୍ଣ୍ଣ ଦୁର୍ଦ୍ଦଶାରୁ ଉଦ୍ଧାରପ୍ରାପ୍ତ ହେବା ପାଇଁ ଯଦି ଅନ୍ୟ କୌଣସି ଉପାୟ ଥା'ନ୍ତା, ଈଶ୍ୱରଙ୍କର ଯଦି ଅନ୍ୟ ଏକ ଯୋଜନା ଥା'ନ୍ତା ଯାହାକି ଯୀଶୁଙ୍କ ଉପାୟରେ ସମାନ୍ ଭାବରେ କାର୍ଯ୍ୟ କରୁଥା'ନ୍ତା, ତେବେ କେହି ବି ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ଯେ ପାପୀମାନଙ୍କର ପରିତ୍ରାଣ ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କର ମୃତ୍ୟୁ ବାସ୍ତବରେ ଆବଶ୍ୟକ ନ ଥିଲା । ସେ ଆହୁରିମଧ୍ୟ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ଯେ ଈଶ୍ୱର ହିଁ ତାହାଙ୍କ ନ୍ୟାୟର ଅଜ୍ଞାନ ଓ ଅଦ୍ଭୁତ ଉଲଙ୍ଘନ କରିଥିଲେ । ମାତ୍ର ଯୀଶୁ ହିଁ ଏକମାତ୍ର ପଥ ଅଟନ୍ତି, ପୁଣି

ସେଥିପାଇଁ ଈଶ୍ୱର ଆପଣାର ଏକମାତ୍ର ପୁତ୍ରଙ୍କୁ ବଳି ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ହେଉଛି ଜଗତର ସର୍ବାଧିକ ଅନ୍ୟାୟ କାର୍ଯ୍ୟ ନୁହେଁ, ବରଂ ସର୍ବକାଳୀନ ସମ୍ପାଦିତ ପ୍ରେମର ସର୍ବଶ୍ରେଷ୍ଠ କାର୍ଯ୍ୟ ଅଟେ ।

୩) ଉଦ୍ଧାରପ୍ରାପ୍ତ ହେବା ପାଇଁ ଯଦି ଅନ୍ୟ କୌଣସି ଉପାୟ ଥା'ନ୍ତା, ତେବେ ଏହାକୁ ମାନବିକ ନୈତିକ କାର୍ଯ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥା'ନ୍ତା, କାରଣ କେବଳ ଅନୁଗ୍ରହ ଦ୍ୱାରା ହିଁ ଖ୍ରୀଷ୍ଟିୟାନ୍ ସୁସମାଚାର ଉଦ୍ଧାରପ୍ରାପ୍ତ ହୋଇଥାଏ ଅତଏବ, ପରିତ୍ରାଣର ଅନ୍ୟ ଯେକୌଣସି ଉପାୟ ପ୍ରତ୍ୟକ୍ଷରୂପେ କେବଳ ଅନୁଗ୍ରହ ଦ୍ୱାରା ପରିତ୍ରାଣକୁ ବିରୋଧାଚରଣ କରେ, ବିଶେଷତଃ ପାଉଲ ତାହାଙ୍କ ପତ୍ରଗୁଡ଼ିକରେ ଯେପରି ଶିକ୍ଷା ଦିଅନ୍ତି । ଯଦି ପରିତ୍ରାଣର ଅନ୍ୟ କୌଣସି ଉପାୟ ଥା'ନ୍ତା, ତେବେ ଅନୁଗ୍ରହର ଧାରଣା ବ୍ୟର୍ଥ ଓ ଅଦରକାରୀ ହୋଇଥା'ନ୍ତା, ପୁଣି ସେଥିପାଇଁ ଖୀଷ୍ଟିୟାନ୍ ସୁସମାଚାର ବୋଲି ମୋଟେ କିଛି ନ ଥା'ନ୍ତା ।

୪) ଯଦି ପରିତ୍ରାଣର ଅନ୍ୟ କୌଣସି ପ୍ରତିବଦଳ ଥା'ନ୍ତା, ତେବେ ସେହି ବିଷୟକୁ ଶାସ୍ତ୍ରର ସ୍ପଷ୍ଟ ଉକ୍ତି ସହିତ ସଂଯୁକ୍ତ କରିବା ଅସମ୍ଭବ ହୋଇଥା'ନ୍ତା (ଯୋହନ ୧୪:୬; ପ୍ରେରିତ ୪:୧୨; ରୋମୀ. ୩:୧୯-୨୦; ୧ମ ତୀମ. ୨:୫-୬) । ଏହି ମୌଳିକ ଧର୍ମତତ୍ତ୍ୱ ର ପ୍ରକୃତ ବିବରଣୀ ଦେବ ବୋଲି ଯଦି ଶାସ୍ତ୍ର ଉପରେ ଆସ୍ଥା ସ୍ଥାପନ କରାଯାଇପାରିବ ନାହିଁ, ତେବେ ଅନ୍ୟ କୌଣସି କ୍ଷେତ୍ରରେ ଆମ୍ଭେମାନେ କିପରି ଭାବରେ ବାଇବଲର ଯଥାର୍ଥତା ଉପରେ ଆସ୍ଥା ସ୍ଥାପନ କରିପାରିବା ?

୫) ପରିତ୍ରାଣର ଯଦି କିଛି ବଦଳ ଉପାୟ ଥା'ନ୍ତା, ତେବେ ଆନୁମାନିକ ଭାବରେ ଏହା ସେହିମାନଙ୍କ ପାଇଁ ପରିକଳ୍ପିତ ହୋଇଥା'ନ୍ତା ଯେଉଁମାନେ କେବେ ବି ସୁସମାଚାର ଶୁଣି ନାହାନ୍ତି, ମାତ୍ର ସ୍ୱର୍ଗ ଯିବାକୁ ଇଚ୍ଛା କରନ୍ତି । ମାତ୍ର କେଉଁ ବିଷୟ ଲୋକମାନଙ୍କୁ ଏହା ଭାବିବାକୁ ଦେଇଥାଏ ଯେ ବ୍ୟକ୍ତି ସ୍ୱାଭାବିକ ଭାବରେ ସ୍ୱର୍ଗ ଯିବାକୁ ଇଚ୍ଛା କରେ ? ବାଇବଲ ଆମକୁ ଶିକ୍ଷା ଦିଏ ଯେ ସ୍ୱର୍ଗର ନାଗରିକଗଣ ଯୀଶୁ ଖ୍ରୀଷ୍ଟଙ୍କର ପ୍ରଶଂସା କରିବାକୁ ପ୍ରଭାବିତ ହୋଇଛନ୍ତି - ଏହି ଯେଉଁ ବିଷୟକୁ ପ୍ରାକୃତିକ ବ୍ୟକ୍ତି ନିବୃତ୍ତ ରହିଥାଏ । ଖ୍ରୀଷ୍ଟଙ୍କୁ ପ୍ରେମ କରୁ ନ ଥିବା ଯେକୌଣସି ବ୍ୟକ୍ତି ସ୍ୱର୍ଗକୁ ତୁଚ୍ଛ କରିପାରିବେ । ଅପରପକ୍ଷରେ, ପ୍ରକୃତ ପକ୍ଷରେ କୁହାଯାଇପାରିବ ଯେ ଯେକେହି ପ୍ରକୃତରେ ସ୍ୱର୍ଗ ଯିବା ପାଇଁ ଅଭିଳାଷ କରନ୍ତି ନାହିଁ ତାଙ୍କୁ ସର୍ବଦା ବାଦ୍ ଦିଆଯିବ । ପାପପୂର୍ଣ୍ଣ ମନୁଷ୍ୟର ହୃଦୟରେ କେବଳ ସୁସମାଚାର ଶୁଣିବା ଓ ବିଶ୍ୱାସ କରିବା ଦ୍ୱାରା ସ୍ୱର୍ଗ ଯିବା ପାଇଁ ଏକ ଅଭିଳାଷ ଦିଆଯାଇଛି, ଯାହାର କି ଅବଶ୍ୟ ଅର୍ଥ ହେଉଛି ଯେ ମହାଆଜ୍ଞା ପ୍ରତି ମଣ୍ଡଳୀର ଆଜ୍ଞାବହତା ହେଉଛି ସର୍ବୋଚ୍ଚ ଗୁରୁତ୍ୱପୂର୍ଣ୍ଣ ଅଟେ ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

କେବଳ ଯେଉଁ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କର ମୁକ୍ତିଦାୟୀ କାର୍ଯ୍ୟରେ ଈଶ୍ୱରଙ୍କ ପ୍ରେମ ଆବିଷ୍କାର କରିଅଛନ୍ତି, ସେ ପ୍ରକୃତରେ ଚମତ୍କୃତ ନୁହଁନ୍ତି ଯେ ଉଦ୍ଧାରପ୍ରାପ୍ତ ହେବା ପାଇଁ ଈଶ୍ୱର କେବଳ ଏକମାତ୍ର ଉପାୟ ଯୋଗାଇ ଦେଇଅଛନ୍ତି ବରଂ ସେ ଈଶ୍ୱର ଯୋଗାଇଥିବା କୌଣସି ଉପାୟ ହେତୁ ଅଧିକରୁ ଅଧିକ ଅଭିଶପ୍ତ ଓ ହତବୁଦ୍ଧି ହୋଇଅଛନ୍ତି । ଖ୍ରୀଷ୍ଟିୟାନ୍ ଶିଷ୍ୟ ଯେପରି ତାଙ୍କର ଆତ୍ମ-ଜ୍ଞାନରେ ବୃଦ୍ଧି ପାଆନ୍ତି, ତାଙ୍କର ଗଭୀର ସ୍ୱାର୍ଥପରତା, ତାଙ୍କର ପ୍ରଚୁର ଗର୍ବ, ଅନ୍ୟମାନଙ୍କର ଆବଶ୍ୟକତାକୁ ତାଙ୍କର ସ୍ୱେଚ୍ଛାରେ ଅବହେଳା ପୁଣି ସର୍ବଶକ୍ତିମାନ୍ ଈଶ୍ୱରଙ୍କ ପବିତ୍ର ଆତ୍ମା ବିରୁଦ୍ଧରେ ତାଙ୍କର ଅକ୍ଷମଣୀୟ ବିଦ୍ରୋହ ବିଷୟରେ ସଚେତନ ହେବା ବେଳେ ସେ ଈଶ୍ୱରଙ୍କ ଅକଥନୀୟ ଦୟା, ଧୈର୍ଯ୍ୟ, ଅନୁଗ୍ରହ, ଓ ବିଶ୍ୱସ୍ତତା ହେତୁ ଚମତ୍କୃତ ହୋଇଥା'ନ୍ତି ।

ଈଶ୍ୱର ବା କାହିଁକି କାହାକୁ ଉଦ୍ଧାର କରିବେ ? ଆପଣାର ଗୌରବ ନିମନ୍ତେ। ସେଥିପାଇଁ ସେ ଅଯୋଗ୍ୟ ପାପୀମାନଙ୍କ ପ୍ରତି ଆପଣାର ଅନୁଗ୍ରହ ପ୍ରଦର୍ଶନ କରିବାକୁ ମନୋନୀତ କରିଥିଲେ । ଖ୍ରୀଷ୍ଟିୟାନମାନେ କେବେ ବି ଚମତ୍କାର ନ୍ୟାୟ କମ୍ବା ଚମତ୍କାର ଯୋଗ୍ୟତା ଶୀର୍ଷକ ସ୍ତୋତ୍ର ଲେଖି ନାହାନ୍ତି – ତାହାଙ୍କର କ୍ରୋଧ ଓ ନ୍ୟାୟ ଆମକୁ ଆଶ୍ଚର୍ଯ୍ୟାନ୍ୱିତ କରିଦିଏ ନାହିଁ । ଏଦନ ଉଦ୍ୟାନରେ ଆମ୍ଭେମାନେ ତାହାଙ୍କର କ୍ରୋଧ ବିଷୟରେ ପ୍ରକୃତ ଭାବରେ ସଚେତନ କରାଯାଇଥିଲୁ। ନାହିଁ, ଖ୍ରୀଷ୍ଟିୟାନମାନେ ଲେଖିଛନ୍ତି ଚମତ୍କାର ଅନୁଗ୍ରହ (ଜନ୍ ନିଉଟନ୍) ଓ ପୁଣି ଏହା ହୋଇପାରିବ (ଚାର୍ଲସ୍ ୱେସ୍ଲି) ।

ସେହି ସମସ୍ତ ଧର୍ମ ନେତାମାନଙ୍କ ଗହଣରେ ଯେଉଁମାନେ ସାହାଯ୍ୟ କରୁଛନ୍ତି, ପରିଚାଳନା ଦେଉଛନ୍ତି, ଓ ଲୋକମାନଙ୍କୁ ଉଦ୍ଧାର କରୁଛନ୍ତି ବୋଲି ଦାବି କରିଛନ୍ତି, କେବଳ ଯୀଶୁ ଖ୍ରୀଷ୍ଟ ହିଁ ଏହା କରିଅଛନ୍ତି, ପୁଣି ସେ ତାଙ୍କ ନିଜର ରକ୍ତ ଦେଇ ହିଁ ଏହା କରିଥିଲେ।

## ଖ୍ରୀଷ୍ଟ, ଆମର ସବୁରେ ସବୁ

ଦି ଗସ୍‌ପେଲ୍ କୋଆଲିସନ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍ କହେ, ଈଶ୍ୱର ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟସବୁ ମନୋନୀତ କଲେ, ପୁଣି ବଳବାନ୍ ବିଷୟସବୁକୁ ଲଜ୍ଜା ଦେବା ନିମନ୍ତେ ଈଶ୍ୱର ଜଗତର ଦୁର୍ବଳ ବିଷୟସବୁ ମନୋନୀତ କଲେ, ଆଉ ଯାହା ଜଗତ ଚକ୍ଷୁରେ ମାନ୍ୟଗଣ୍ୟ, ସେସବୁକୁ ବ୍ୟର୍ଥ କରିବା ନିମନ୍ତେ ଈଶ୍ୱର ଜଗତର ନୀଚ ଓ ତୁଚ୍ଛ ବିଷୟଗୁଡ଼ିକ, ହଁ, ନଗଣ୍ୟ ବିଷୟଗୁଡ଼ିକ ମନୋନୀତ କଲେ । କିନ୍ତୁ ତାହାଙ୍କ ହେତୁ ତୁମ୍ଭେମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛ, ସେ ଈଶ୍ୱରଙ୍କଠାରୁ ଆମ୍ଭମାନଙ୍କ ନିମନ୍ତେ ଜ୍ଞାନ, ଅର୍ଥାତ୍ ଧାର୍ମିକତା, ପବିତ୍ରତା ଓ ମୁକ୍ତିସ୍ୱରୂପ ହୋଇଅଛନ୍ତି (୧ମ କରି. ୧:୨୮-୩୦ ପଦ ଦେଖନ୍ତୁ) ।

ପ୍ରାୟ କୋଡ଼ିଏ ବର୍ଷ ପୂର୍ବରୁ ରବିବାର ସକାଳର ଉପାସନା ପରେ ପରେ ମୁଁ ଭାବିଥିଲି ଯେ ମୁଁ ଏକ ନିର୍ଦ୍ଦିଷ୍ଟ ଉତ୍ତମ ଧର୍ମଶିକ୍ଷା ପରିବେଷଣ କରିଥିଲି (ଧର୍ମତାତ୍ତ୍ୱିକ ଭାବରେ ଉତ୍ତମ, ବ୍ୟାଖ୍ୟାମୂଳକ ଭାବରେ ଅନ୍ତର୍ଦୃଷ୍ଟିସମ୍ପନ୍ନ, ସାହାଯ୍ୟକାରୀ ଭାବରେ ପ୍ରମାଣିତ) ପୁଣି ଗୀର୍ଜା ଅଞ୍ଚଳର ଅଧିବାସୀଙ୍କଠାରୁ ଅନେକ ପ୍ରଶଂସା ପାଇଥିଲି ତାହା ମୋର ଆଶାନ୍ୱିତ କାର୍ଯ୍ୟଭାରକୁ

ନିଶ୍ଚିତ କରିପାରିଥିଲା । ତା'ପରେ ଆମର ପ୍ରିୟ ବୃଦ୍ଧା ମହିଳାମାନଙ୍କ ମଧ୍ୟରୁ ଜଣେ ସେବାକାର୍ଯ୍ୟ ପରେ ମୋ ସହିତ କଥାବାର୍ତ୍ତା କରିବା ପାଇଁ ପଛରେ ରହିଗଲେ । ଅନ୍ୟାନ୍ୟ କୃତଜ୍ଞ ଉପାସକମାନଙ୍କର ଧାଡ଼ିରେ ସେ କାଳେ ପଛୁଆ ରହିଯିବେ ସେଥିପାଇଁ ସେ କଥା କହିବା ବେଳେ ମୁଁ ନମ୍ର ଭାବରେ ତାଙ୍କର କଥା ଶୁଣିଥିଲି, ସେ କହିଲେ, ପାଳକ ମହାଶୟ, ଆପଣଙ୍କର ଚମତ୍କାର ଧର୍ମଶିକ୍ଷା ପାଇଁ ଆପଣଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ମାତ୍ର ପରବର୍ତ୍ତୀ ସପ୍ତାହରେ ଆପଣ କ'ଣ ଆମକୁ ଯୀଶୁଙ୍କ ବିଷୟରେ କହିବେ ? ସେହି ମୁହୂର୍ତ୍ତରେ ମୁଁ ହୃଦୟଙ୍ଗମ କରିଥିଲି ଯେ ମୁଁ ମୋର ପ୍ରଚାରରେ ଓ କେତେକାଂଶରେ ମୋର ଜୀବନରେ ଯୀଶୁଙ୍କୁ ସର୍ବେସର୍ବା କରିପାରି ନ ଥିଲି ।

ଖ୍ରୀଷ୍ଟଙ୍କୁ ମୋର ସର୍ବେସର୍ବା କରିବା ପାଇଁ ଆମକୁ ଦୁଇଟି ବିଷୟ କରିବାକୁ ପଡ଼ିବ । ପ୍ରଥମେ, ଆମକୁ ନିଜ ନିଜକୁ ଶୂନ୍ୟ କରିବାକୁ ପଡ଼ିବ । ଆମେ କେତେ ବହୁଳ ଭାବରେ ତାହାଙ୍କୁ ଆବଶ୍ୟକ କରିଥାଉ ତାହା ଯେତେବେଳେ ଜାଣୁ କେବଳ ସେତେବେଳେ ଯାଇ ଆମେ ଅନ୍ୟମାନଙ୍କ ସମ୍ମୁଖରେ ତାହାଙ୍କୁ ଘୋଷଣା କରିଥାଉ । ପ୍ରେରିତ ପାଉଲ କହନ୍ତି ଯେ ନିର୍ଦ୍ଦିଷ୍ଟ ଲୋକମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ : ଯୌନଗତ ଭାବରେ ଅନୈତିକ, ପ୍ରତିମାପୂଜକ, ବ୍ୟଭିଚାରୀ, ସମଲିଙ୍ଗୀ ଅଭ୍ୟାସ କରୁଥିବା ଲୋକମାନେ, ଚୋରମାନେ, ଲୋଭୀଗଣ, ମଦୁଆଗଣ, ଗାଳି ଦେଉଥିବା ଲୋକମାନେ, ପ୍ରତାରକଗଣ। ତା'ପରେ ସେ କହନ୍ତି, ଆଉ ତୁମ୍ଭମାନଙ୍କ ମଧ୍ୟରୁ କେହି କେହି ଏହିପ୍ରକାର ଥିଲ (୧ମ କରି. ୬:୯-୧୧) ।

କରିନ୍ଥୀୟ ଖ୍ରୀଷ୍ଟିୟାନ୍‌ମାନଙ୍କର ପ୍ରାକୃତିକ ପୃଷ୍ଠଭୂମି ବିଷୟରେ ବର୍ଣ୍ଣନା କରି ପାଉଲ ଲେଖନ୍ତି, ସାଂସାରିକ ମତାନୁସାରେ ଅନେକ ଜ୍ଞାନୀ, ଅନେକ କ୍ଷମତାପନ୍ନ ବା ଅନେକ କୁଳୀନ ଆହୂତ ହୋଇ ନାହାନ୍ତି କିନ୍ତୁ ଯେପରି କୌଣସି ମର୍ତ୍ତ୍ୟ ଈଶ୍ୱରଙ୍କ ଛାମୁରେ ଗର୍ବ ନ କରେ (୧ମ କରି. ୧:୨୬-୨୭) । ଆମେ କିଛି କାର୍ଯ୍ୟ କରିଥିବାରୁ କିମ୍ବା କିଛି ବିଷୟ କରିବା ଯାହାକି ସବୁଠାରୁ ନ୍ୟୁନ ଭାବରେ ତାହାଙ୍କ ଦୟାର ପାତ୍ର ହେବାକୁ ଦେଇଥାଏ ସେଥିପାଇଁ ଈଶ୍ୱର ଆମକୁ ମନୋନୀତ କରି ନ ଥିଲେ । ବରଂ ଆମ ବିଷୟରେ ତାହାଙ୍କର ମନୋନୟନ ସମ୍ପୂର୍ଣ୍ଣରୂପେ ଅଯାଚିତ ଥିଲା । ଆମର ଅଯୋଗ୍ୟତା ସତ୍ତ୍ୱେ ସେ ଆମକୁ ମନୋନୟନ କରିଥିଲେ । ଆମର ଆତ୍ମ-ମୂଲ୍ୟ ନିର୍ଦ୍ଧାରଣ ଉପରେ ଏହି ବାସ୍ତବତାର ଫଳାଫଳକୁ ପାଉଲ ବର୍ଣ୍ଣନା କରନ୍ତି : ତେବେ ଗର୍ବ କେଉଁଠାରେ? ତାହା ଦୂରୀଭୂତ ହେଲା (ରୋମୀ. ୩:୨୭) । ଆମ୍ଭେମାନେ ଯଦି ସୁସମାଚାର ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଛୁ, ତେବେ ଆମେ ସ୍ୱୀକାର କରୁ ଯେ ମୋଠାରେ, ଅର୍ଥାତ୍ ମୋ ଶରୀରରେ ଯେ କୌଣସି ଉତ୍ତମ ବିଷୟ ବାସ କରେ ନାହିଁ (ରୋମୀ. ୭:୧୮) ।

ଦ୍ୱିତୀୟରେ, ଆମକୁ ଖ୍ରୀଷ୍ଟଙ୍କ ନିକଟକୁ ଆସି ଯଦି ନିଜଠାରେ ଥିବା ଅହଙ୍କାର ଦୂର କରିବାକୁ ପଡ଼ିବ, ତେବେ ଆମକୁ ମଧ୍ୟ ଖ୍ରୀଷ୍ଟଙ୍କଠାରେ ଗର୍ବ କରିବାକୁ ଆରମ୍ଭ କରିବାକୁ ପଡ଼ିବ । କିନ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶ ବ୍ୟତୀତ ଅଉ କାହିଁରେ ଦର୍ପ କରିବା

ମୋ'ଠାରୁ ଦୂରେ ଥାଉ ତାହାଙ୍କ ଦ୍ୱାରା ଜଗତ ମୋ ପ୍ରତି ଓ ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଅଛି (ଗାଲା. ୬:୧୪) । ବର୍ତ୍ତମାନ ଆମର ଗର୍ବ କରିବା ପାଇଁ ଜଣେ ଅଛନ୍ତି : ସେ ହେଉଅଛନ୍ତି ସ୍ୱୟଂ ଈଶ୍ୱର । ରାଜା ଦାଉଦ ହଠାତ୍ ଚିତ୍କାର କରନ୍ତି, ମୋହର ପ୍ରାଣ ସଦାପ୍ରଭୁଙ୍କଠାରେ ଦର୍ପ କରିବ ..... ଆହେ, ମୋ ସଙ୍ଗେ ସଦାପ୍ରଭୁଙ୍କ ମାହାତ୍ମ୍ୟ ପ୍ରକାଶ କର, ଆସ (ଗୀତ. ୩୪:୨-୩) । ଆମ୍ଭେମାନେ ତାହାଙ୍କ ବିଷୟରେ କାହିଁକି ଗର୍ବ କରୁ ? କାରଣ କେବଳ ସେ ହିଁ ଆମ ପାଇଁ ସହ୍ୟ କରିବାର ସବୁ ବିଷୟ ସମ୍ପନ୍ନ କରିଅଛନ୍ତି : ଈଶ୍ୱରଙ୍କ ସମ୍ମୁଖରେ ଆମର ଗ୍ରହଣୀୟତା, ଜୀବନରେ ଆମର ଆନନ୍ଦ, ଜୀବନଯାପନ କରିବା ପାଇଁ ଆମର ଜ୍ଞାନ ଓ ଭବିଷ୍ୟତ୍ ପାଇଁ ଆମର ଆଶା । ସେ ହିଁ ଆମର ସର୍ବେସର୍ବା ଅଟନ୍ତି । ପାପୀମାନଙ୍କର ଗୌରବମୟ ମୁକ୍ତି ହେତୁ ଖ୍ରୀଷ୍ଟ ଆମ ଜୀବନର କେନ୍ଦ୍ର ହୋଇଅଛନ୍ତି ।

ଜଣଙ୍କ ଜୀବନର କେନ୍ଦ୍ର ଭାବରେ ଖ୍ରୀଷ୍ଟଙ୍କୁ ପାଇବାର ଅର୍ଥ ଜାଣିବା ପାଇଁ ଆମେ ସୁସମାଚାର ବିବରଣୀକୁ ସର୍ବେକ୍ଷଣ କରିପାରିବା । ଉଦାହରଣସ୍ୱରୂପ, ମାଥିଉଲିଖିତ ସୁସମାଚାରରେ ଆମ୍ଭେମାନେ ଶିକ୍ଷା କରିଥାଉ ଯେ ଆମର ଯଦି ଖ୍ରୀଷ୍ଟ-କୈନ୍ଦ୍ରିକ ଜୀବନ ଅଛି, ତେବେ ଆମେ ତାହାଙ୍କ ମହିମାକୁ ଉପାସନା କରିଥାଉ (ମାଥିଉ ୨) ଆମେ ତାହାଙ୍କ ବାର୍ତ୍ତାକୁ ବିଶ୍ୱାସ କରିଥାଉ (ମାଥିଉ ୪) ଆମେ ତାହାଙ୍କ ଶିକ୍ଷାର ଆଜ୍ଞାବହ ହୋଇଥାଉ (ମାଥିଉ ୫-୭) ଆମେ ଈଶ୍ୱରଙ୍କୁ ପିତା ବୋଲି ଡ଼ାକିଥାଉ (ମାଥିଉ ୬) ଆମେ ତାହାଙ୍କ ସୁସ୍ଥତାର ଅନୁଭୂତି ଲାଭ କରିଥାଉ (ମାଥିଉ ୮-୯) ଆମେ ତାହାଙ୍କ ମିଶନ୍‌ରେ ଲାଗି ରହିଥାଉ (ମାଥିଉ ୧୦) ଆମେ ଆମର କ୍ରୁଶ ବହନ କରିଥାଉ (ମାଥିଉ ୧୬) ଆମେ ତାହାଙ୍କ ମଣ୍ଡଳୀକୁ ପ୍ରେମ କରିଥାଉ (ମାଥିଉ ୧୮) ଆମେ ତାହାଙ୍କ ପ୍ରେମର ପ୍ରତିଦାନ ଦେଇଥାଉ (ମାଥିଉ ୨୬) ଆମେ ତାହାଙ୍କ କ୍ରୁଶରେ ଦର୍ପ କରିଥାଉ (ମାଥିଉ ୨୭) ଆମେ ତାହାଙ୍କ ପୁନରୁତ୍ଥାନର ଉତ୍ସବ ପାଳନ କରିଥାଉ (ମାଥିଉ ୨୮) । ବାସ୍ତବ ଜୀବନ ପ୍ରକୃତରେ ଏହା ହିଁ ଅଟେ ।

ଆମର ଶୂନ୍ୟତା ଓ ତାହାଙ୍କର ପୂର୍ଣ୍ଣତା ଆମର ପାପ ଓ ତାହାଙ୍କ ଧାର୍ମିକତା, ଆମର ନିର୍ବୋଧତା ଓ ତାହାଙ୍କ ଜ୍ଞାନର ଆଲୋକରେ ଯୀଶୁ ଖ୍ରୀଷ୍ଟଙ୍କ ମୁକ୍ତିଦାୟୀ କାର୍ଯ୍ୟ ପ୍ରତି କିଛି ସୁସ୍ପଷ୍ଟ ନିହିତାର୍ଥ ଅଛି :

୧) ଆମକୁ ଆମର ସନ୍ତୁଷ୍ଟି କେବଳ ତାହାଙ୍କଠାରେ ହିଁ ପାଇବାକୁ ପଡ଼ିବ । ଏହି ଜଗତର ଆନନ୍ଦ ନିମନ୍ତେ ଆସନ୍ତୁ ଆମର ଅଭିଯୋଗ ଓ ଆମର ଅକ୍ଳାନ୍ତ ପରିଶ୍ରମ ବନ୍ଦ କରିବା । ସେ କ'ଣ ଆମ ପାଇଁ ଯଥେଷ୍ଟ ନୁହଁନ୍ତି ? ଆପଣ ଯଦି ତାହାଙ୍କୁ ପାଇଛନ୍ତି, ତେବେ ଆପଣ କ'ଣ ଆଉ ଅଧିକ ସନ୍ତୁଷ୍ଟ ହୋଇପାରିବେ ? ଫିଲିପ୍ପୀୟ ୪:୧୦-୨୦ ପଦରେ ପାଉଲଙ୍କର ପରୀକ୍ଷା ନିର୍ବିଶେଷରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟିକୁ ଦେଖନ୍ତୁ ।

୨) ଆମକୁ ଖ୍ରୀଷ୍ଟଙ୍କ ସୁସମାଚାର ନେଇ ଆମର ଖ୍ରୀଷ୍ଟିୟାନ୍ ସେବାକାର୍ଯ୍ୟକୁ ପରିବ୍ୟାପ୍ତ କରିବାକୁ ପଡ଼ିବ । ଆମର ପ୍ରଚାର ଓ ଶିକ୍ଷାଦାନ ତାହାଙ୍କ ଉପରେ

> ଆଲୋକପାତ ହେବାକୁ ପଡ଼ିବ ମଣ୍ଡଳୀ ମଧ୍ୟରେ ଆମର ପରାମର୍ଶ ତାହାଙ୍କ ସହିତ ଆମର ସମ୍ପର୍କ ଉପରେ କେନ୍ଦ୍ରୀଭୂତ ହେବାକୁ ପଡ଼ିବ (ପ୍ରତ୍ୟେକ ପରାମର୍ଶ ଦିଆଯାଇଥିବା ସମସ୍ୟା ପ୍ରତି ଚରମ ଉତ୍ତର) ଆମର ଉପାସନା ସେବାକାର୍ଯ୍ୟ ଓ ପ୍ରାର୍ଥନା ସଭାଗୁଡ଼ିକ ତାହାଙ୍କ ଉପରେ କେନ୍ଦ୍ରୀଭୂତ ହେବାକୁ ପଡ଼ିବ ଆମର ସମସ୍ତ ମଣ୍ଡଳୀ କାର୍ଯ୍ୟକ୍ରମ ଓ ମିଶନ୍ ଉଦ୍ୟମ ତାହାଙ୍କଠାରେ ସମାପ୍ତ ହେବାକୁ ପଡ଼ିବ । ଏଠାରେ ହିଁ କାରଣ ଦିଆଯାଇଛି : ଆମ୍ଭେମାନେ ଯେତେବେଳେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିଥାଉ ଓ ତାହାଙ୍କର ମୁକ୍ତିଦାୟୀ କାର୍ଯ୍ୟ ପ୍ରତି ପ୍ରକାଶିତ ହୋଇଥାଉ, ସେତେବେଳେ ଆମେ ତ୍ରିତ୍ୱ ଈଶ୍ୱରଙ୍କୁ ଗୌରବାନ୍ୱିତ କରିଥାଉ, ଯେ କି ଆପଣାକୁ ସମ୍ପୂର୍ଣ୍ଣରୂପେ ଖ୍ରୀଷ୍ଟଙ୍କଠାରେ ଜ୍ଞାତ କରାଇଅଛନ୍ତି ।

ଖ୍ରୀଷ୍ଟଙ୍କ ମୁକ୍ତି ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ର କେନ୍ଦ୍ର ବିଷୟ ଅଟେ । ଏହା ପ୍ରତ୍ୟେକ ଖ୍ରୀଷ୍ଟିୟାନର ଅନ୍ତରରେ ରହିଥାଉ ।

୯

# ନ୍ୟାୟପରାୟଣତା

*ଫିଲିପ୍ ଗ୍ରାହାମ୍ ରେକେନ୍*

ଏହି ଦୃଶ୍ୟର ଚିତ୍ର ଅଙ୍କନ କରନ୍ତୁ : ଜଣେ ଦୋଷୀକୃତ ଅପରାଧୀ ତା'ର ନ୍ୟାୟ ପରାୟଣ ଦଣ୍ଡ ପାଇବା ପାଇଁ ଜଣେ ନିରପେକ୍ଷ ବିଚାରକର୍ତ୍ତାଙ୍କ ସମ୍ମୁଖରେ ଛିଡ଼ା ହୋଇଛି । ଆଇନଗତ କାର୍ଯ୍ୟାନୁଷ୍ଠାନ ଜଣେ ଅଦାଲତ କର୍ମଚାରୀଙ୍କ ଦ୍ୱାରା ଆରମ୍ଭ ହୋଇଥାଏ ଯାହାକି ରାଜ୍ୟର ବ୍ୟବସ୍ଥାକୁ କହିଥାଏ । ସେ ଶୁଣିବା ପରେ ଅପରାଧୀ ହୃଦୟଙ୍ଗମ କରିବାକୁ ଆରମ୍ଭ କରିଥାଏ ଯେ ସେ ଦୋଷୀକୃତ ହେବାକୁ ଯାଉଛି, କାରଣ ଏପରି ହୋଇଛି ଯେ ସେ ସେହି ପୁସ୍ତକର ପ୍ରତ୍ୟେକ ବ୍ୟବସ୍ଥା ଉଲଙ୍ଘନ କରିଛି । ଅଭିଯୋଗ ଯାହା ବି ହେଉ ନା କାହିଁକି ସେ ଯେ ଦୋଷୀ ହେବାକୁ ଯାଉଛି ତାହା ନିଶ୍ଚିତ । ଶେଷରେ ବିଚାରକର୍ତ୍ତା ଯେତେବେଳେ ଅଭିଯୁକ୍ତ ପ୍ରତି ବୁଲିପଡ଼ନ୍ତି ଓ ତାଙ୍କର ଯୁକ୍ତି ଉପସ୍ଥାପନ କରିବାକୁ କହନ୍ତି, ସେତେବେଳେ ସେହି ବ୍ୟକ୍ତି କିଛି କଥା କହିପାରେ ନାହିଁ । ବିଚାରକର୍ତ୍ତାଙ୍କ ସମ୍ମୁଖରେ ସେ ଆତଙ୍କିତ ହୋଇ ନୀରବ ରହିଥାଏ, ତା'ର ନିଜର ପ୍ରତିରକ୍ଷା ପାଇଁ ସେ କିଛି ବି କହିପାରେ ନାହିଁ ।

## ନ୍ୟାୟପରାୟଣତା ପାଇଁ ଆବଶ୍ୟକତା : ସର୍ବସାଧାରଣ ଓ ହତାଶ

ଏହା ହିଁ ହତାଶ ଆଇନଗତ ଅପ୍ରୀତିକର ଅବସ୍ଥା ଯାହାକି ରୋମୀୟ ପୁସ୍ତକର ପ୍ରାରମ୍ଭିକ ଅଧ୍ୟାୟଗୁଡ଼ିକରେ ବର୍ଣ୍ଣନା କରାଯାଇଛି।  ମାନବିକତା କାଠଗଡ଼ାରେ ରହିଥାଏ । ଧାର୍ମିକ ଓ ଅଧାର୍ମିକ, ଯିହୁଦୀ ଓ ବିଜାତୀୟ, ବିଶ୍ୱାସୀ ଓ ନାସ୍ତିକ – ପ୍ରତ୍ୟେକଙ୍କୁ ଈଶ୍ୱରଙ୍କ ବିଚାର ସିଂହାସନର ସମ୍ମୁଖୀନ ହେବାକୁ ପଡ଼ିବ।  ନ୍ୟାୟ ପାଇଁ ମାନ ହେଉଛି ଈଶ୍ୱରଙ୍କ ସିଦ୍ଧ ଆଇନ । ସେହି ମାନ ଦ୍ୱାରା ପ୍ରତ୍ୟେକେ ଦୋଷୀକୃତ ହେବା ପାଇଁ ଯୋଗ୍ୟ ଅଟନ୍ତି, ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି (ରୋମୀ. ୩:୨୩)[୧] ଧାର୍ମିକ କେହି ନାହିଁ, ନା, ଜଣେ ସୁଦ୍ଧା ନାହିଁ (ରୋମୀ. ୩:୧୦; ଗୀତ. ୧୪:୩) ।

ଅତଏବ, ବ୍ୟବସ୍ଥା ପଢ଼ାଯିବା ବେଳେ ପ୍ରତ୍ୟେକ ଆଜ୍ଞା ଏକ ଦୋଷାରୋପ ଅଟେ । ଆମର ପ୍ରତିରକ୍ଷା ପାଇଁ ଆମର କିଛି ବି କହିବା ପାଇଁ ନାହିଁ : ବ୍ୟବସ୍ଥା ଯାହା ଯାହା କୁହେ, ସେହିସବୁ ବ୍ୟବସ୍ଥାଧୀନ ଲୋକମାନଙ୍କୁ କୁହେ, ଯେପରି ପ୍ରତ୍ୟେକ ମୁଖ ବନ୍ଦ କରାଯିବ ଓ ସମସ୍ତ ଜଗତ ଈଶ୍ୱରଙ୍କ ବିଚାରରେ ଦଣ୍ଡନୀୟ ହେବ କାରଣ ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା କୌଣସି ପ୍ରାଣୀ ତାହାଙ୍କ ଛାମୁରେ ଧାର୍ମିକ ଗଣିତ ହେବେ ନାହିଁ, ଯେହେତୁ ବ୍ୟବସ୍ଥ ଦ୍ୱାରା ପାପର ଜ୍ଞାନ ଜନ୍ମେ (ରୋମୀ. ୩:୧୯–୨୦) ।

ମାନବିକତାର ସମସ୍ୟା ହେଉଛି ପାପ, ସାଧାସିଧା ଓ ସରଳ । ଆମ୍ଭେମାନେ ଦୋଷୀକୃତ ପାପୀ ଅଟୁ, ଆମ୍ଭେମାନେ ଈଶ୍ୱରଙ୍କ କ୍ରୋଧ ବିନା ଆଉ କିଛିର ଯୋଗ୍ୟ ନୋହୁଁ। ନିଜକୁ ରକ୍ଷା କରିବା ପାଇଁ ଆମେ କିଛି ବି କରିପାରିବା ନାହିଁ । ଈଶ୍ୱରଙ୍କ ଧାର୍ମିକ ଆବଶ୍ୟକତାଗୁଡ଼ିକ ଆମକୁ ରକ୍ଷା କରିପାରିବ ନାହିଁ ସେଗୁଡ଼ିକ କେବଳ ଆମକୁ ଦୋଷୀକୃତ କରିପାରିବ, କାରଣ ଆମେ ସେମାନଙ୍କୁ ଧରି ରଖିପାରିବା ନାହିଁ । ଅତଏବ, ବିଚାର ନିମନ୍ତେ ଆମେ ଯେତେବେଳେ ଈଶ୍ୱରଙ୍କ ସମ୍ମୁଖରେ ଛିଡ଼ା ହୋଇଥାଉ, ସେତେବେଳେ ଏପରି ଟିକିଏ ବି ସୁଯୋଗ ନ ଥାଏ ଯେ ଆମେ କରିଥିବା କୌଣସି କାର୍ଯ୍ୟର ଆଧାରରେ ଗ୍ରହଣୀୟ ହୋଇପାରିବା । ଏହା ଏକ ପରୀକ୍ଷା ନୁହେଁ ଯେଉଁଥିରେ ଆମେ ଦୋଷୀକୃତ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ ହେବା ବରଂ ଏହା ଏକ ପରୀକ୍ଷା ଅଟେ ଯେଉଁଥିରେ ଆମେ ଦୋଷୀକୃତ ବୋଲି ପ୍ରମାଣିତ ହୋଇଛୁ ଓ ଆମକୁ ଧାର୍ମିକ ଘୋଷିତ କରାଯିବା ପର୍ଯ୍ୟନ୍ତ ଆମକୁ ଦୋଷୀକୃତ ହୋଇ ରହିବାକୁ ପଡ଼ିବ ।

ଆଇନଗତ ଦୃଷ୍ଟିକୋଣରୁ ଆମର ପରିସ୍ଥିତି କେତେ ନୈରାଶ୍ୟଜନକ ଆମେ କେବଳ ତାହା ଜାଣିବା ପରେ ଯାଇ ଆମେ ନ୍ୟାୟପରାୟଣତାର ବାଇବଲସମ୍ମତ ଧର୍ମତତ୍ତ୍ୱ ବୁଝିବାକୁ ସକ୍ଷମ ହେବା । ଜଣେ ପାପୀର ନୈରାଶ୍ୟର ଏକ ଶକ୍ତିଶାଳୀ ଉଦାହରଣ ଡ଼ୋନାଲ୍ଡ଼୍ ସ୍ମାର୍ଟୋଙ୍କ ଜୀବନରୁ ମିଳିଥାଏ । ଯାଜକତ୍ୱ ବିଷୟରେ ଅଧ୍ୟୟନ କରିବା ବେଳେ ସ୍ମାର୍ଟୋ ଏକ ଧର୍ମ ବିଷୟକ ନାଟକରେ ଏକ ଧର୍ମଯାଜକର ଭୂମିକା ଅଭିନୟ କରିଥିଲେ । ତାଙ୍କୁ ଏହି ଅଂଶଟି ଦେଖିବାକୁ ସାହାଯ୍ୟ କରିବା ପାଇଁ ତାଙ୍କର ମଠ ତାଙ୍କ ପାଇଁ ତାଙ୍କର ଡ଼ାୟୋସିସ୍‌ରୁ ଆଳଙ୍କାରିକ ପୋଷାକ ଧାର କରିଥିଲେ । ସ୍ମାର୍ଟୋ ତାଙ୍କର ଆତ୍ମଜୀବନୀ ପୁସ୍ତକରେ ଲେଖନ୍ତି, ଏହାଦ୍ୱାରା ମୁଁ ବହୁତ ଉତ୍ସାହିତ ହୋଇଥିଲି, ପୁଣି ସେମାନେ ପହଞ୍ଚିବା ପରେ ମୁଁ ମୋର କୋଠରୀକୁ ଗଲି, ଦ୍ୱାର ବନ୍ଦ କଲି ଏବଂ ପୋଷାକ ମୁଣିରୁ ଯତ୍ନସହକାରେ ଗାଢ଼ ଲାଲ୍‌ରଙ୍ଗର ପୋଷାକ ଓ ପଟି ଓ ହାତ ନ ଥିବା ପୋଷାକ ବାହାର କଲି ।[୨]

ପ୍ରତି ରାତିର କାର୍ଯ୍ୟକଳାପ ପୂର୍ବରୁ ସ୍ମାର୍ଟୋ ଏହି ପୋଷାକଗୁଡ଼ିକ ପିନ୍ଧୁଥିବାରୁ ସେଗୁଡ଼ିକ ମନରେ ବାରମ୍ବାର ଲାଗି ରହୁଥିଲା :

> ଯଦିଚ ନାଟକଟି ଆଠଟା ବେଳେ ଆରମ୍ଭ ହୋଇଥିଲା, ତଥାପି ମୁଁ ଏହାକୁ ଅଧିକରୁ ଅଧିକ ଶୀଘ୍ର ପୋଷାକ ପିନ୍ଧୁଥିଲି । ସବୁ ପୋଷାକରେ ବୋତାମ୍ ଲଗାଇବା ପାଇଁ ପ୍ରାୟ ଅଧଘଣ୍ଟା ସମୟ ଲାଗିଯାଉଥିଲା, ମାତ୍ର ଅଭିନୟର ଶେଷ ଦିନଗୁଡ଼ିକରେ ମୁଁ ଦ୍ୱିପ୍ରହର ଦୁଇଟା ବେଳେ ପୋଷାକ ପିନ୍ଧି ଦେଉଥିଲି, ତାହା ନାଟକ ଆରମ୍ଭ ହେବାର ପାଞ୍ଚଘଣ୍ଟା ପୂର୍ବ ସମୟ ଥିଲା । ପୁରା ଅଇନା ସମ୍ମୁଖରେ ମୁଁ ଆଗକୁ ଓ ପଛକୁ ହେଉଥିଲି, ପୁଣି ଏହା କରିବା ବେଳେ ମୋଠାରେ ଏକ ଅନୁଭବ ଆସୁଥିଲା । ମୁଁ ଦୀର୍ଘ ସମୟ ଧରି ମୋର ପ୍ରତିଫଳନକୁ ଅନାଇ ରହୁଥିଲି, ପୁଣି ମୁଁ ଯାହା ଦେଖିଥିଲି ତାହା ପସନ୍ଦ କରିଥିଲି ..... । ମୋର ଏପରି ଧାରଣା ଥିଲା ଯେ ମୁଁ ପବିତ୍ର ଥିଲି । ମୁଁ ଜଣେ ପାପୀ ଥିଲି ବୋଲି ଭାବିପାରି ନ ଥିଲି ମୋର ଆତ୍ମବିଶ୍ୱାସ ଆସିଯାଇଥିଲା ଯେ ମୋର କାର୍ଯ୍ୟକଳାପ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିଥିଲା ।[୩]

ସ୍ମାର୍ଟୋ ସେହି ପୋଷାକରେ ଥିବା ବ୍ୟକ୍ତି ବାସ୍ତବରେ କିପରି ଥିଲେ ତାହ ଦେଖିବା ପରେ ତାଙ୍କର ଭ୍ରାନ୍ତ ଆତ୍ମବିଶ୍ୱାସ ଭାଙ୍ଗି ଯାଇଥିଲା । ଚଳଚିତ୍ରରେ ଏହା ଘଟିଥାଏ :

> ଚଳଚିତ୍ରରେ ଜଣେ ବିଶପ୍ ମଞ୍ଚ ଉପରକୁ ଆସିଥିଲେ । ଚକ୍‌ମକ୍ ମଣିଖଚିତ ଏକ ସୁନ୍ଦର ପୋଷାକରେ ସଜ୍ଜିତ ହୋଇ ସେ ଏକ ପରଦା ପଛପାଖରୁ ଧୀରେ ଧୀରେ ବାହାରି ଯାଇଥିଲେ । ମାତ୍ର ସେ ଚାଲି ଚାଲି ଗଲା ବେଳେ ଜୋର୍‌ରେ ପବନ ବହିବାରୁ ତାଙ୍କର ପୋଷାକ ଖୋଲିଗଲା, ତା' ତଳେ ତାଙ୍କର ବିକୃତ କଙ୍କାଳ ଦେଖାଗଲା ।
>
> ଗୋଟିଏ ମୁହୂର୍ତ୍ତରେ, ମୋର ମନ କହିଲା, *ସେ ଯେ ମୁଁ ..... ।* ମୁଁ ତତ୍‌କ୍ଷଣାତ୍ ମୋର ଚିନ୍ତାଧାରାକୁ ବନ୍ଦ କରିଦେଇଥିଲି ..... । ମୁଁ କହିଲି, ସେ ମୁଁ ନୁହେଁ ! ..... ମୁଁ ମୋର ମନରୁ ଚଳଚିତ୍ର ପ୍ରତିମୂର୍ତ୍ତିଗୁଡ଼ିକ ବାହାର କରିଦେବାକୁ ଇଚ୍ଛା କଲି, ମାତ୍ର ଏହା କାର୍ଯ୍ୟ କରି ନ ଥିଲା । ..... ମୁଁ ନିଜକୁ ଅଧିକ ଉତ୍ତମ ଅନୁଭବ କରିବାକୁ ଚେଷ୍ଟା କରିବାକୁ ଲାଗିଲି । ମୁଁ ଈଶ୍ୱରଙ୍କୁ କହିଲି, ଏହି ଅନୁଭବକୁ ଚାଲିଯିବାକୁ ଦିଅ, ମୁଁ ଜଣେ ପ୍ରତାରକ ନୁହେଁ । ମୁଁ ଜଣେ ଅଭିନେତା ଅଟେ । ମୁଁ ଜଣେ ଉତ୍ତମ ବ୍ୟକ୍ତି ଅଟେ ! ମୁଁ କରିଥିବା ସମସ୍ତ ଉତ୍ତମ ବିଷୟ ଚିନ୍ତା କରିବାକୁ ଲାଗିଲି ..... । ତଥାପିମଧ୍ଧ ଏହି ଚିନ୍ତାଧାରା କୌଣସି ସାନ୍ତ୍ୱନା ଆଣିଦେଇ ନ ଥିଲା ।[୪]

ଏହା ସେତେବେଳେ ହୋଇଥାଏ, ଯେତେବେଳେ ଆମେ ଆମ ପାପର କଠୋର ଓ କଦର୍ଯ୍ୟ ବାସ୍ତବତା ଦେଖିଥାଉ ଯେ ଆମେ ବାସ୍ତବରେ ସାହାଯ୍ୟ ପାଇବା ପାଇଁ ଈଶ୍ୱରଙ୍କ ପ୍ରତି ଫେରିବାକୁ ପ୍ରକୃତରେ ପ୍ରସ୍ତୁତ ଅଟୁ – ବିଶେଷତଃ ଯୀଶୁ ଖ୍ରୀଷ୍ଟଙ୍କର ପାପକ୍ଷମା ଓ ଧାର୍ମିକତା ନିମନ୍ତେ । ଜେମ୍ସ ବୁକାନାନ୍ ନ୍ୟାୟପରାୟଣତା ଉପରେ ଲିଖିତ ତାଙ୍କର ବିଖ୍ୟାତ ପୁସ୍ତକରେ ଯେପରି ଲେଖିଥିଲେ, ଏହି ଧର୍ମତତ୍ତ୍ୱର ଅଧ୍ୟୟନ ନିମନ୍ତେ ସର୍ବୋତ୍ତମ ପ୍ରସ୍ତୁତି ବଡ଼ ବୌଦ୍ଧିକ ଦକ୍ଷତା ନୁହେଁ, କିମ୍ବା ବହୁତ ଜ୍ଞାନପୂର୍ଣ୍ଣ ଶିକ୍ଷା ନୁହେଁ, ମାତ୍ର ଏକ ବିବେକ ଅଟେ, ଯାହାକି ଈଶ୍ୱରଙ୍କ ଦୃଷ୍ଟିରେ ପାପୀ ଭାବରେ ଆମର ପ୍ରକୃତ ଅବସ୍ଥାର ଏକ ଜ୍ଞାନ ଅଟେ ।

## ନ୍ୟାୟପରାୟଣତାର ନିଶ୍ଚୟତା : କବ୍‌ଜା, ଭିତ୍ତିମୂଳ, ମୁଖ୍ୟ ଲେଖା

ଆମର ଅପ୍ରୀତିକର ଅବସ୍ଥାକୁ ଏହାର ସମସ୍ତ ଦୁଷ୍ଟ ପୁଙ୍ଖାନୁପୁଙ୍ଖ ବିବରଣୀରେ ବର୍ଣ୍ଣନା କରିବା ଦ୍ୱାରା ପ୍ରେରିତ ପାଉଲ ଘୋଷଣା କରନ୍ତି ଯେ ଏକ ଆଇନ୍‌ଗତ ପ୍ରତିକାର ଉପଲବ୍ଧ ହୋଇଛି : କିନ୍ତୁ ଏବେ ବ୍ୟବସ୍ଥା ବ୍ୟତୀତ ଈଶ୍ୱରଙ୍କର ଧାର୍ମିକତା ପ୍ରକାଶିତ ହୋଇଅଛି, ଆଉ ତାହା ବିଷୟରେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ସାକ୍ଷ୍ୟ ଦେଉଅଛି (ରୋମୀ. ୩:୨୧) । କିନ୍ତୁ ବର୍ତ୍ତମାନ କଥା ପାଉଲଙ୍କ ଯୁକ୍ତିରେ ଏକ ମୁଖ୍ୟ ପରିବର୍ତ୍ତନ ଆଣି ଦେଇଥାଏ । ତା' ଅପେକ୍ଷା ଅଧିକରୂପେ ପରିତ୍ରାଣର ଇତିହାସରେ ସେଗୁଡ଼ିକ ବଡ଼ ପରିବର୍ତ୍ତନ ବିଷୟରେ

କହିଥା'ନ୍ତି।  ଏପର୍ଯ୍ୟନ୍ତ ଆମକୁ ଦୋଷାରୋପ କରାଯାଇଛି । ଈଶ୍ୱରଙ୍କ ସିଦ୍ଧ ବ୍ୟବସ୍ଥା ଆମକୁ କହେ ଯେ ଈଶ୍ୱରଙ୍କ ନ୍ୟାୟାଳୟରେ ଆମକୁ ଧାର୍ମିକ ଘୋଷଣା କରାଯାଇପାରିବ ନାହିଁ । ମାତ୍ର ବର୍ତ୍ତମାନ ଈଶ୍ୱରଙ୍କଠାରୁ ଏକ ଧାର୍ମିକତା ପ୍ରକାଶିତ ହୋଇଛି । ଆମକୁ ଧାର୍ମିକ ଘୋଷଣା କରାଯିବା ପାଇଁ ଈଶ୍ୱର ଉପାୟ ଯୋଗାଇ ଦେଇଅଛନ୍ତି । କିମ୍ବା ବାଇବଲସମ୍ମତ ଉପାୟରେ କହିଲେ, *ଧାର୍ମିକଗଣିତ* ହେବା ପାଇଁ ସେ ଆମକୁ ଏକ ଉପାୟ ଯୋଗାଇ ଦେଇଅଛନ୍ତି ।

ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବା ଅପେକ୍ଷା ପରିତ୍ରାଣପ୍ରାପ୍ତ ହେବା ପାଇଁ ବହୁତ ବିଷୟ ଅଛି । ତଥାପି ଏହାର ଗୁରୁତ୍ୱକୁ ଅତିରଞ୍ଜିତ ନ କରି, ଏହା କୁହାଯାଇପାରିବ ଯେ ଏହି ଧର୍ମତତ୍ତ୍ୱର ସୁସମାଚାରର କେନ୍ଦ୍ରରେ ଏକ ସ୍ଥାନ ଅଛି । ନ୍ୟାୟପରାୟଣତା ଶାସ୍ତ୍ରର, ବିଶେଷତଃ ନୂତନ ନିୟମର କେନ୍ଦ୍ରୀୟ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ, ଯେଉଁଠାରେ ନ୍ୟାୟପରାୟଣ (ଡ଼ିକାଇଉ) ଶବ୍ଦର ବିଭିନ୍ନ ପ୍ରକାରଭେଦ ଦୁଇଶହରୁ ଊର୍ଦ୍ଧ୍ୱ ଥର ଦେଖାଯାଇଛି ।[୬] ଏହି ଶବ୍ଦର ପ୍ରଚଳନ ବାଇବଲସମ୍ମତ ଧର୍ମତତ୍ତ୍ୱରେ ନ୍ୟାୟପରାୟଣତାର ଗୁରୁତ୍ୱ ପ୍ରତି ଏକ ସୂଚନା ଭାବରେ କାର୍ଯ୍ୟ କରିଥାଏ ।

ନ୍ୟାୟପରାୟଣତାର କେନ୍ଦ୍ରୀୟ ବିଷୟ ଖ୍ରୀଷ୍ଟିୟାନ୍ ମଣ୍ଡଳୀର ଇତିହାସରେ ଅନେକ ଧର୍ମତତ୍ତ୍ୱ ଦ୍ୱାରା ଜଣାଯାଇଛି । ଜନ୍ କାଲ୍‌ଭିନ୍ ଏହାକୁ ପରିତ୍ରାଣ ଯାହା ଉପରେ ବୁଲୁଥାଏ ସେହି ମୁଖ୍ୟ କବଜା ବୋଲି କହନ୍ତି ।[୭] ଇଂରାଜୀ ସଂସ୍କାରକ ଥୋମାସ୍ କ୍ରାନ୍‌ମର୍ ଏହାକୁ ଖ୍ରୀଷ୍ଟିୟାନ ଧର୍ମର ସୁଦୃଢ଼ ପ୍ରସ୍ତର ଓ ଭିତ୍ତିମୂଳ ବୋଲି ବର୍ଣ୍ଣନା କରିଥିଲେ ।[୮] ବୋଧହୁଏ ସବୁଠାରୁ ବିଖ୍ୟାତ ଭାବରେ ମାର୍ଟିନ୍ ଲୁଥର୍ ନ୍ୟାୟପରାୟଣତାକୁ ଡ଼ାକିଥିଲେ, ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱର ମୁଖ୍ୟ ଲେଖା ଯେପରି ନ୍ୟାୟପରାୟଣତାର ପତନ ହେଲା ପରେ ପ୍ରତ୍ୟେକ ବିଷୟ ପତନ ହୋଇଥାଏ ।[୯] ଆମେ ନ୍ୟାୟପରାୟଣତାକୁ ଏକ କବଜା, ଭିତ୍ତିମୂଳ, କିମ୍ବା ପରିତ୍ରାଣର ଛିଡ଼ା ହୋଇଥିବା – ଓ – ପତିତ ହୋଇଥିବା ଲେଖା ଭାବରେ ଭାବିଥାଉ, ଏହା ବିନା ପରିତ୍ରାଣର କୌଣସି ଆଶା ହିଁ ନାହିଁ । ଅନ୍ୟ ଏକ କାର୍ଯ୍ୟକ୍ରମରେ ଲୁଥର କହିଥିଲେ, ଏହା ଧର୍ମତତ୍ତ୍ୱ ଅଟେ, ଯାହାକି ଈଶ୍ୱରଙ୍କ ମଣ୍ଡଳୀକୁ ସୃଷ୍ଟି କରିଥାଏ, ପୁଷ୍ଟିକର କରିଥାଏ, ଗଠନ କରିଥାଏ, ସଂରକ୍ଷିତ କରିଥାଏ, ଓ ଈଶ୍ୱରଙ୍କ ମଣ୍ଡଳୀକୁ ସୁରକ୍ଷା ଦେଇଥାଏ ପୁଣି ଏହା ବିନା ଈଶ୍ୱରଙ୍କ ମଣ୍ଡଳୀ ଗୋଟିଏ ଘଣ୍ଟା ବି ରହିପାରିବ ନାହିଁ ।[୧୦]

## ନ୍ୟାୟପରାୟଣତାର ଅର୍ଥ : ଧାର୍ମିକତା ଘୋଷଣା କରିବା

ନ୍ୟାୟପରାୟଣତା ଖ୍ରୀଷ୍ଟିୟାନ୍ ସୁସମାଚାରର କେନ୍ଦ୍ରୀୟ ବିଷୟ ଅଟେ, କାରଣ ଏହା ମୌଳିକ ପ୍ରଶ୍ନର ଉତ୍ତରଗୁଡ଼ିକ ଦେଇଥାଏ, ଜଣେ ପାପୀ ମନୁଷ୍ୟ କିପରି ଭାବରେ ଜଣେ ପବିତ୍ର ଈଶ୍ୱରଙ୍କ ସମ୍ମୁଖରେ ଧାର୍ମିକ ହୋଇପାରିବ ? ଉତ୍ତରଟି ନ୍ୟାୟପରାୟଣତା ବିଷୟରେ ବାଇବଲସମ୍ମତ ଶିକ୍ଷାଦାନରେ ରହିଥାଏ, ଯାହାକି ଦି ଗସ୍‌ପେଲ୍ କୋଆଲିସନ୍‌ସ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍ ନିମ୍ନୋକ୍ତମତେ ଅର୍ଥ କରିଥାଏ :

> ଆମେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟ ଆପଣାର ଆଜ୍ଞାବହତା ଓ ମୃତ୍ୟୁ ଦ୍ୱାରା ଧାର୍ମିକ ହୋଇଥିବା ସମସ୍ତଙ୍କ ଋଣ ସମ୍ପୂର୍ଣ୍ଣରୂପେ ପରିଶୋଧ କରିଦେଇଥିଲେ । ତାହାଙ୍କ ବଳିଦାନ ଦ୍ୱାରା ସେ ଆମର ପାପ ପାଇଁ ଆମ ପକ୍ଷରୁ ଦଣ୍ଡଭୋଗ କରିଥିଲେ, ଏବଂ ଆମ ପକ୍ଷରୁ ଈଶ୍ୱରଙ୍କ ନ୍ୟାୟ ଅନୁଯାୟୀ ଏକ ସିଦ୍ଧ, ବାସ୍ତବ ଓ ସମ୍ପୂର୍ଣ୍ଣ ସନ୍ତୋଷ ଲାଭ କରିଥିଲେ । ତାହାଙ୍କର ସିଦ୍ଧ ଆଜ୍ଞାବହତା ଦ୍ୱାରା ସେ ଆମ ପକ୍ଷରୁ ଈଶ୍ୱରଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ କରିଥିଲେ, କାରଣ କେବଳ ବିଶ୍ୱାସ ଦ୍ୱାରା ହିଁ ସେହି ସିଦ୍ଧ ଆଜ୍ଞାବହତା ସେହି ସମସ୍ତଙ୍କ ପ୍ରତି ଆସିଛି, ଯେଉଁମାନେ ଈଶ୍ୱରଙ୍କୁ ଗ୍ରହଣ କରିବା ପାଇଁ କେବଳ ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରିଥା'ନ୍ତି ।

ନ୍ୟାୟପରାୟଣତା ଶବ୍ଦଟି ଆଇନ୍ ଅଦାଲତରୁ ଆସିଥାଏ, ଯେଉଁଠାରେ ଧାର୍ମିକ ଗଣିତ ହେବା ଏକ ଘୋଷଣାତ୍ମକ କ୍ରିୟା ଅଟେ । ଏହାର ନାମବାଚକ ପ୍ରକାରରେ ନ୍ୟାୟପରାୟଣତା ଏକ ଆଇନ୍‌ଗତ ଶବ୍ଦ ଅଟେ, ଯାହାକି ଜଣେ ବ୍ୟକ୍ତିଙ୍କର ଆଇନଗତ ପଦବୀକୁ ଉଲ୍ଲେଖ କରିଥାଏ । ନ୍ୟାୟପରାୟଣତାର ଚତୁର୍ଦ୍ଦିଗରେ ଥିବା ବାଇବଲସମ୍ମତ ଶବ୍ଦଗୁଡ଼ିକ ସେଗୁଡ଼ିକର ମୂଳକୁ ଆଇନଗତ ସମ୍ପର୍କଗୁଡ଼ିକରେ ଦେଖିବାକୁ ମିଳିଥାଏ । ଗ୍ରୀକ୍ ଶବ୍ଦ *ଡିକାଉ*, ଯାହାର ଅର୍ଥ ହେଉଛି ଧାର୍ମିକ ଗଣିତ ହେବା, ତାହା ହେଉଛି ଏକ ଅଦାଲତ ସମ୍ବନ୍ଧୀୟ ଶବ୍ଦ ଯାହାକି ମୂଳତଃ ଦୋଷମୁକ୍ତ କରିବା ନିଷ୍ପତ୍ତି ଉପରେ ସ୍ଥାପିତ ହୋଇଥାଏ ।[୧୧] ଧାର୍ମିକ ଗଣିତ କରିବା ହେଉଛି ଏକ ପ୍ରିୟ ନିଷ୍ପତ୍ତି ନେବା, ଜଣେ ବ୍ୟକ୍ତିକୁ ଯଥାର୍ଥ ଘୋଷଣା କରିବା, ଆଇନ୍‌ଗତ ଶବ୍ଦରେ କ୍ଷମା ଘୋଷଣା କରିବା । ନ୍ୟାୟପରାୟଣତା ହେଉଛି ପ୍ରତିପାଦନ । ଏହା ବିଚାରାଳୟର ଏକ ସିଦ୍ଧାନ୍ତ ଅଟେ, ଯାହାକି ବ୍ୟକ୍ତ କରୁଛି ଯେ ଈଶ୍ୱରଙ୍କ ସହିତ ଓ ତାହାଙ୍କ ବ୍ୟବସ୍ଥା ସହିତ ଜଣଙ୍କର ଏକ ଯଥାର୍ଥ ସମ୍ପର୍କ ଅଛି । ଏହା ସେହି ଘୋଷଣା ଅଟେ ଯେ – ବ୍ୟବସ୍ଥା ଅନୁଯାୟୀ – ପ୍ରତିବାସୀ ଦୋଷୀ ନୁହେଁ, ମାତ୍ର ନିର୍ଦ୍ଦୋଷ ଅଟେ ।

ନ୍ୟାୟପରାୟଣତାକୁ ଅର୍ଥ କରିବା ପାଇଁ ଏକ ଉତ୍ତମ ଉପାୟ ହେଉଛି ଏହାକୁ ଏହାର ବିପରୀତ : ଅର୍ଥାତ୍ ଦୋଷାରୋପ ସହିତ ତୁଳନା କରିବା । ଦୋଷାରୋପ କରିବା ଅର୍ଥ ଜଣେ ବ୍ୟକ୍ତିକୁ ଅଧାର୍ମିକ ବୋଲି ଘୋଷଣା କରିବା । ଏହା ହେଉଛି ନ୍ୟାୟିକ ନିଷ୍ପତ୍ତି, ଯେ – ଆଇନ୍ ଅନୁଯାୟୀ ସେ ଦୋଷୀ ଅଟନ୍ତି । ଦୋଷାରୋପର ଏହା କାର୍ଯ୍ୟ ନୁହେଁ, ଯାହାକି ଜଣେ ଅପରାଧୀକୁ ଦୋଷୀକୃତ କରିଥାଏ, ଅବଶ୍ୟ । ତାଙ୍କର ନିଜର କାର୍ଯ୍ୟକଳାପ ତାଙ୍କୁ ଦୋଷୀକୃତ କରିଥାଏ, ପୁଣି ସେ ଯେଉଁ ମୁହୂର୍ତ୍ତରେ ଆଇନ୍ ଉଲଙ୍ଘନ କରିଥାଏ, ସେହି ମୁହୂର୍ତ୍ତରେ ସେ ଦୋଷୀକୃତ ହୋଇଥାଏ । ଅତଏବ, ସେ ଯେତେବେଳେ ଶେଷରେ ଦୋଷୀକୃତ ହୋଇଥାଏ, ସେତେବେଳେ ନ୍ୟାୟାଳୟ ତାକୁ କେବଳ ସେ ଯେ ଅଟେ ତାହା ଘୋଷଣା କରିଥାଏ : ଜଣେ ଦୋଷୀକୃତ ପାପୀ ।

ନ୍ୟାୟପରାୟଣତା ଦୋଷାରୋପର ବିପରୀତ ବିଷୟ ଅଟେ । ଧାର୍ମିକ ଗଣିତ ହେବା ହେଉଛି ନିର୍ଦ୍ଦୋଷ ହେବାର ନିଷ୍ପତ୍ତି ଘୋଷଣା କରିବା । ନ୍ୟାୟପରାୟଣତାରେ ଜଣେ ବ୍ୟକ୍ତି

ଧାର୍ମିକ କରାଯାଆନ୍ତି ନାହିଁ, ମାତ୍ର ଧାର୍ମିକ ଘୋଷିତ ହୁଅନ୍ତି । ଅତଏବ, ନ୍ୟାୟପରାୟଣତା ଏକ ପ୍ରକ୍ରିୟା ନୁହେଁ, ମାତ୍ର ଏକ କାର୍ଯ୍ୟ ଅଟେ । ଏହା ବିଶ୍ୱାସ ସହିତ କାର୍ଯ୍ୟ ଓ ପବିତ୍ରତା ମାଧ୍ୟମରେ ଧାର୍ମିକତାର ଅଂଶ ନୁହେଁ, ଯେପରି କେତେକ ଧର୍ମତତ୍ତ୍ୱବିଦ୍ ଦାବି କରିବାକୁ ଚେଷ୍ଟା କରନ୍ତି, ମାତ୍ର କେବଳ ବିଶ୍ୱାସ ଦ୍ୱାରା ହିଁ ଧାର୍ମିକତାକୁ ଦୋଷାରୋପ କରାଯାଇଥାଏ ।

ନ୍ୟାୟପରାୟଣତାର ପ୍ରକୃତ ଅର୍ଥ – ଯାହା ହେଉଛି ଆଇନ୍‌ଗତ ଭାବରେ ଧାର୍ମିକ ଘୋଷିତ ହେବା, ମାତ୍ର ପ୍ରକୃତରେ ଧାର୍ମିକ କରିବା ବିଷୟ – ଶାସ୍ତ୍ରରୁ ପ୍ରଦର୍ଶନ କରାଯାଇପାରିବ । ଉଦାହରଣସ୍ୱରୂପ, ଦ୍ୱିତୀୟ ବିବରଣୀ ୨୫:୧ ପଦରେ ବାଇବଲ ଶିକ୍ଷା ଦିଏ ଯେ ମନୁଷ୍ୟମାନଙ୍କ ମଧ୍ୟରେ ବିବାଦ ଉପସ୍ଥିତ ହେଲେ ଯେବେ ସେମାନେ ବିଚାରାର୍ଥେ ଆସନ୍ତି, ଓ ବିଚାରକର୍ତ୍ତାମାନେ ସେମାନଙ୍କ ବିଚାର କରନ୍ତି ତେବେ ସେମାନେ ନିର୍ଦ୍ଦୋଷକୁ ନିର୍ଦ୍ଦୋଷ, ଓ ଦୋଷୀକି ଦୋଷୀ କରିବେ । ଅବଶ୍ୟ ଜଣେ ବିଚାରକର୍ତ୍ତା ଜଣେ ବ୍ୟକ୍ତିଙ୍କୁ ଦୋଷୀ କରନ୍ତି ନାହିଁ ସେ କେବଳ ତାଙ୍କୁ ଦୋଷୀ ବୋଲି ଘୋଷଣା କରନ୍ତି, ଅର୍ଥାତ୍ ତାଙ୍କୁ ଦୋଷାରୋପ କରି ଦଣ୍ଡ ଦିଅନ୍ତି । ସେହିପରି ଭାବରେ, ନିର୍ଦ୍ଦୋଷ (ଯାହାକି ବାସ୍ତବରେ ଏବ୍ରୀ ଭାଷାର କ୍ରିୟା *ହାଟ୍‌ସ୍ଦିକ୍*, ଧାର୍ମିକଗଣିତ କରିବା ଅଟେ) ଅର୍ଥାତ୍ ଧାର୍ମିକ ଘୋଷିତ ହେବା ।

ନଚେତ୍ ହିତୋପଦେଶ ୧୭:୧୫ ପଦଟିକୁ ବିବେଚନା କରନ୍ତୁ : ଯେ ଦୁଷ୍ଟକୁ ନିର୍ଦ୍ଦୋଷ କରେ ଓ ଯେ ଧାର୍ମିକକୁ ଦୋଷୀ କରେ, ସେ ଦୁହେଁ ସଦାପ୍ରଭୁଙ୍କଠାରେ ସମାନରୂପେ ଘୃଣିତ । ଏଠାରେ ଆଉଥରେ, ଧାର୍ମିକ ଗଣିତ, କିମ୍ବା ନ୍ୟାୟୋଚିତ (*ହାଟ୍‌ସ୍ଦିକ୍*) ଶବ୍ଦ ଏକ ଆଇନଗତ ଘୋଷଣାକୁ ଉଲ୍ଲେଖ କରିଥାଏ । ଦୋଷୀକୁ ନ୍ୟାୟପରାୟଣ କରିବା ଦ୍ୱାରା ଈଶ୍ୱର କୌଣସି ଦୋଷୀକୁ ଉତ୍ତମ ହେବାରୁ, ଉତ୍ତମ ନାଗରିକ ହେବାରୁ ନିବୃତ୍ତ କରିବାକୁ ଚେଷ୍ଟା କରୁନାହାନ୍ତି । ଦୋଷୀକୁ ନିର୍ଦ୍ଦୋଷ କରିବା ଅର୍ଥ ଯଦି ହେଉଛି ସେମାନଙ୍କୁ ଧାର୍ମିକ କରିବା, ତେବେ ଈଶ୍ୱର ନିଶ୍ଚିତରୂପେ ଏହାର ସମର୍ଥନ କରୁଅଛନ୍ତି ! ତାହାଙ୍କର ଅଭିଯୋଗ ବରଂ ହେଉଛି ଯେ ଦୋଷୀକୁ ନିର୍ଦ୍ଦୋଷ ବୋଲି ଘୋଷଣା କରିବା, ଯାହାକି ଭ୍ରାନ୍ତ ଓ ଅନିଷ୍ଟକର ହେବ ।

ଆମେ ଯେତେବେଳେ ନୂତନ ନିୟମ ଖୋଲୁ, ସେତେବେଳେ ଆମେ ଦେଖିବାକୁ ପାଉ ଯେ ନ୍ୟାୟପରାୟଣତା ବହୁଳ ଭାବରେ ଠିକ୍ ସେହିପରି ଭାବରେ ବ୍ୟବହୃତ ହୋଇଥାଏ । ପୁରାତନ ନିୟମରେ ଯେପରି ଧାର୍ମିକ ଗଣିତ କରିବା ହେଉଛି ଦୋଷାରୋପ କରିବାର ବିପରୀତ ବିଷୟ ଅଟେ । ଉଦାହରଣସ୍ୱରୂପ, ପାଉଲ ଆଦମଙ୍କ ପାପ ଓ ଖ୍ରୀଷ୍ଟଙ୍କ ଦାନ ମଧ୍ୟରେ ଥିବା ପ୍ରଭେଦରୁ ଏହା ସ୍ପଷ୍ଟ ହୋଇଛି : କାରଣ ଜଣକ ହେତୁ ଯେଉଁ ବିଚାର, ସେଥିର ଫଳ ଦଣ୍ଡାଜ୍ଞା ହେଲା, କିନ୍ତୁ ଅନେକଙ୍କ ଅପରାଧ ସ୍ଥଳେ ଯେଉଁ ଅନୁଗ୍ରହଦାନ, ସେଥିରେ ଫଳ ଧାର୍ମିକଗଣନା ହେଲା (ରୋମୀ. ୫:୧୬) । ତା'ପରେ ଧାର୍ମିକ ଗଣିତ କରିବା ଅର୍ଥ ହେଲା ଘୋଷଣା କରିବା ଯେ ପ୍ରତିବାଦୀ ତାଙ୍କର ଅପରାଧରେ ନିର୍ଦ୍ଦୋଷ ଅଟନ୍ତି । ପରିତ୍ରାଣ କରିବା ପରିପ୍ରେକ୍ଷୀରେ ଈଶ୍ୱର ଘୋଷଣା କରନ୍ତି ଯେ ଜଣେ ବ୍ୟକ୍ତି ତାହାଙ୍କ ଦୃଷ୍ଟିରେ ଗ୍ରହଣୀୟ ଅଟେ ପୁଣି ବର୍ତ୍ତମାନ ତାଙ୍କ ସମ୍ମୁଖରେ ଧାର୍ମିକ ଭାବରେ ଛିଡ଼ା ହୋଇଛି ।

ଲକ୍ଷ୍ୟ କରନ୍ତୁ ଯେ ଧାର୍ମିକ ଗଣିତ ହେବାର ଅର୍ଥ ହେଉଛି ଯଥାର୍ଥ ହେବା ଅପେକ୍ଷା ଅଧିକ ବିଷୟ ଅଟେ । ଯଥାର୍ଥ ହେବାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା। ମାତ୍ର ନ୍ୟାୟପରାୟଣତାରେ ଈଶ୍ୱର ସରଳ ଭାବରେ ଜଣେ ପାପୀକୁ ସମସ୍ତ ଦୋଷରୁ ଶୁଚି କରନ୍ତି ନାହିଁ ସେ ଜଣେ ପାପୀକୁ ସକାରାତ୍ମକ ଭାବରେ ଧାର୍ମିକ ଘୋଷଣା କରନ୍ତି । ଧାର୍ମିକତା ହେଉଛି ଈଶ୍ୱରଙ୍କ ନୈତିକ ଘୋଷଣା ଅଟେ, ଯାହାକି ସିଦ୍ଧ ଜୀବନ ଉପରେ ଓ ଯୀଶୁ ଖ୍ରୀଷ୍ଟଙ୍କ ଉତ୍ସର୍ଗୀକୃତ ମୃତ୍ୟୁ ଉପରେ ପର୍ଯ୍ୟବସିତ, ଯାହାକି ବିଶ୍ୱାସ ଦ୍ୱାରା ମିଳିଥାଏ, ଜଣେ ପାପୀ ତାହାଙ୍କର ନିଜର ପ୍ରିୟ ପୁତ୍ରଙ୍କ ପରି ଧାର୍ମିକ ଅଟନ୍ତି ।

କେତେକ ଧର୍ମତତ୍ତ୍ୱବିଦ୍ ଅଭିଯୋଗ କରନ୍ତି ଯେ ଏହା ବିଚାର ବିଭାଗ ଉପରେ ବହୁତ ଅଧିକ ଗୁରୁତ୍ୱ ଦେଇଥାଏ । ସେମାନେ ସେହି ଧାରଣା ବିଷୟରେ ଅଭିଯୋଗ କରନ୍ତି ଯେ କ୍ରୁଶ ଏକ ଆଇନଗତ କାର୍ଯ୍ୟନିର୍ବାହ ଥିଲା, ଯେଉଁଥିରେ ଜଣେ ନିର୍ଦ୍ଦୋଷ ଶିକାରକୁ ଅନ୍ୟମାନଙ୍କ ଅପରାଧର ଜୋରିମାନା ଦେବାକୁ ପଡୁଥିଲା । ତଥାପି ବାଇବଲ ନ୍ୟାୟିକ ଧାର୍ମିକ ହେବା – ଓ ଉତ୍ତମ କାରଣ ଦ୍ୱାରା ତାହା ହେବା ବିଷୟ ଶିକ୍ଷା ଦିଏ । ଈଶ୍ୱରଙ୍କ ଉଦ୍ଧାରକାରୀ ଅନୁଗ୍ରହ ଘୋଷଣା କରିବା ପାଇଁ ଅନେକ ଉପାୟ ଥିଲା ବେଳେ ଧାର୍ମିକ ଗଣିତ ହେବାର ଆଇନଗତ ବିଭାଗ ହେଉଛି ସୁସମାଚାରର ମୌଳିକ ବିଷୟ । ଈଶ୍ୱର ଜଣେ ବିଚାରକର୍ତ୍ତା ତଥା ପିତା ହୋଇଥିବାରୁ, ତାହାଙ୍କ ସହିତ ଆମର ସମ୍ପର୍କ ନିଶ୍ଚିତରୂପେ ଏକ *ଯଥାର୍ଥ* ସମ୍ପର୍କ ହେବାକୁ ପଡ଼ିବ । ଏହି ଧାର୍ମିକତା (ଅର୍ଥାତ୍ ନ୍ୟାୟପରାୟଣତା) ପାଇଁ ଆଇନଗତ ଭିତ୍ତିଭୂମିକୁ ଛାଡ଼ କରିବା ହେଉଛି ଜଣେ ପାପୀକୁ ଈଶ୍ୱରଙ୍କୁ ଏକ ଉଦ୍ଧାରକାରୀ ଉପାୟରେ ଜାଣିବାକୁ ଅସମ୍ଭବ କରିଦେବା । ଏପରିକି ଅଧିକ ଖରାପ ବିଷୟ ହେଉଛି ଅଧାର୍ମିକକୁ ପ୍ରେମ କରୁଥିବା ଜଣେ ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ଯେ କି ଅଧିକାର ନ ଥିଲେ ବି ଲୋକମାନଙ୍କୁ କ୍ଷମା କରନ୍ତି ।

## ଧାର୍ମିକତାର ଉତ୍ସ : ଈଶ୍ୱରଙ୍କ ବିନାମୂଲ୍ୟର ଅନୁଗ୍ରହ

ଧାର୍ମିକତା ନ୍ୟାୟପରାୟଣତା ପାଇ ଆବଶ୍ୟକ ଅଟେ, ଏହା କେଉଁଠାରୁ ଆସିଥାଏ ? ଆମ ଯେପରି ଦେଖିଛୁ, ଆମର ସମସ୍ୟା ହେଉଛି ଯେ ଆମର ନିଜର କୌଣସି ଧାର୍ମିକତା ନାହିଁ । ତେଣୁ ଧାର୍ମିକତାକୁ ନ୍ୟାୟୋଚିତ କରିବାର ଉତ୍ସ କ'ଣ ଅଟେ ?

ଆମର ଧାର୍ମିକ ଗଣିତ ହେବାର ଉତ୍ସ ହେଉଛି ଈଶ୍ୱର ବିନାମୂଲ୍ୟରେ ଅନୁଗ୍ରହ କରିବା। ପ୍ରେରିତ ପାଉଲ ଅତି ସରଳ ଭାବରେ କହନ୍ତି : ଆମ୍ଭେମାନେ ତାହାଙ୍କ ଅନୁଗ୍ରହରେ ବିନାମୂଲ୍ୟରେ ଧାର୍ମିକ ଗଣିତ ହୋଇଛୁ (ରୋମୀ. ୩:୨୪) । ଦି ଗସ୍‌ପେଲ୍ କୋଆଲିସନ୍‌ସ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍ ଏକ ଅଧିକ ପରିବର୍ଦ୍ଧିତ ଉତ୍ତର ଦିଏ :

> ଯେପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କୁ ଆମକୁ ପିତାଙ୍କ ଦ୍ୱାରା ଦିଆଯାଇଥିଲା, ପୁଣି ଆମ ନିଜ ସ୍ଥାନରେ, ବିନାମୂଲ୍ୟରେ ଓ ଆମଠାରେ ଅନ୍ୟ କୌଣସି ବିଷୟ ପାଇଁ ନୁହେଁ, ତାହାଙ୍କ ଆଜ୍ଞାବହତା ଓ ଦଣ୍ଡକୁ ଗ୍ରହଣ କରାଯାଇଥିଲା, ସେପର୍ଯ୍ୟନ୍ତ ଏହି ନ୍ୟାୟପରାୟଣତା

ସମ୍ପୂର୍ଣ୍ଣରୂପେ ବିନାମୂଲ୍ୟର ଅନୁଗ୍ରହ ଅଟେ, ଯେପରି ଉଭୟ ଠିକ୍ ନ୍ୟାୟ ଓ ଈଶ୍ୱରଙ୍କ ବହୁମୂଲ୍ୟ ଅନୁଗ୍ରହ ପାପୀମାନଙ୍କର ନ୍ୟାୟପରାୟଣତାରେ ଗୌରବାନ୍ୱିତ ହୋଇପାରିବ ।

ଆମ୍ଭେମାନେ ଅନୁଗ୍ରହ ଦ୍ୱାରା ଧାର୍ମିକଗଣିତ ହୋଇଛୁ ବୋଲି କହିବା ହେଉଛି ଧାର୍ମିକଗଣିତ ହେବା ଆମର ଯୋଗ୍ୟତାଠାରୁ ବହୁତ ଦୂର ଅଟେ ବୋଲି କହିବା । ଏହା ଈଶ୍ୱର ଅଯୋଗ୍ୟ ଭାବରେ ଅନୁଗ୍ରହ କରିବାର ଏକ କାର୍ଯ୍ୟ ଅଟେ । ଥୋମାସ୍ କ୍ରାନ୍‌ମୋର୍ ତାଙ୍କର *ହୋମିଲି ଅନ୍ ସାଲ୍‌ଭେସନ୍* ପୁସ୍ତକରେ ଯେପରି ଲେଖିଥିଲେ, କେହି ଜଣେ ବି ଆପଣାର ନିଜର କାର୍ଯ୍ୟ ଦ୍ୱାରା ନ୍ୟାୟପରାୟଣ ହୋଇପାରିବେ ନାହିଁ ଓ ଈଶ୍ୱରଙ୍କ ସମ୍ମୁଖରେ ଧାର୍ମିକଗଣିତ ହୋଇପାରିବେ ନାହିଁ : ମାତ୍ର ପ୍ରତ୍ୟେକ ମନୁଷ୍ୟ ନିଶ୍ଚିତରୂପେ ଅନ୍ୟ ଏକ ଧାର୍ମିକତା ବା ନ୍ୟାୟପରାୟଣତା ଅନ୍ୱେଷଣ କରିବା ପାଇଁ, ଈଶ୍ୱରଙ୍କ ଆପଣା ହାତରେ ଗ୍ରହଣୀୟ ହେବା ପାଇଁ ବାଧ୍ୟ ଅଟନ୍ତି ।[୧୨] ସୁସମାଚାରର ବାର୍ତ୍ତା ହେଉଛି ଯେ ଈଶ୍ୱର ପାପୀମାନଙ୍କୁ ଏକ ଉପହାରସ୍ୱରୂପ ଏହି ଧାର୍ମିକତା ଅର୍ପଣ କରନ୍ତି : ଈଶ୍ୱର ହିଁ ଧାର୍ମିକଗଣିତ କରନ୍ତି (ରୋମୀ. ୮:୩୩) ।

ଏହା ଆମକୁ ନୂତନ ନିୟମର ଅର୍ଥର ଏକ ବିବାଦୀୟ ବିଷୟ ପ୍ରତି କଢ଼ାଇ ନେଇଥାଏ । ଈଶ୍ୱରଙ୍କ ନ୍ୟାୟପରାୟଣ ଧାର୍ମିକତାର ଉପହାର ରୋମୀୟ ୩ ଅଧ୍ୟାୟରେ, ଉଭୟ ୨୧ ପଦରେ (କିନ୍ତୁ ଏବେ ବ୍ୟବସ୍ଥା ବ୍ୟତୀତ ଈଶ୍ୱରଙ୍କର ଧାର୍ମିକତା ପ୍ରକାଶିତ ହୋଇଅଛି, ଆଉ ତାହା ବିଷୟରେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ସାକ୍ଷ୍ୟ ଦେଉଅଛି) ଓ ୨୨ ପଦରେ (ଈଶ୍ୱରଙ୍କର ଯେଉଁ ଧାର୍ମିକତା) ଉଲ୍ଲେଖ ହୋଇଛି । କୌଶଳାତ୍ମକ ଭାବରେ କହିଲେ, ମାତ୍ର ଏହି ପଦଗୁଡ଼ିକ ଈଶ୍ୱରଙ୍କଠାରୁ ଧାର୍ମିକତା ବିଷୟରେ କହେ ନାହିଁ, ଯେପରି ନିଉ ଇଣ୍ଟର୍‌ନ୍ୟାସନାଲ୍ ଭର୍ସନ୍‌ରେ ଏହା ଅଛି, ମାତ୍ର ଈଶ୍ୱରଙ୍କ ଧାର୍ମିକତା ବିଷୟରେ କହିଥାଏ ।

ଏହି ଖଣ୍ଡବାକ୍ୟର ଅର୍ଥ କରିବା ପାଇଁ ଏକାଧିକ ଉପାୟ ଅଛି । ବୋଧହୁଏ ଈଶ୍ୱରଙ୍କ ଧାର୍ମିକତା ଖଣ୍ଡବାକ୍ୟରେ ଥିବା ର ଶବ୍ଦଟିକୁ ବ୍ୟାକରଣବିଦ୍‌ଗଣ ଏକ ଅଧିକାର ସୂଚକ ସମ୍ବନ୍ଧୀୟ ଶବ୍ଦ କହନ୍ତି । ଏକ ଉଦାହରଣ ହେଉଛି ଏକ ଖଣ୍ଡବାକ୍ୟ ଈଶ୍ୱରଙ୍କ ଲୋକମାନେ ଯେଉଁଠାରେ ପ୍ରଶ୍ନରେ ଥିବା ଲୋକମାନେ ଈଶ୍ୱରଙ୍କର ଅଧିକାରଭୁକ୍ତ ଅଟନ୍ତି, ପୁଣି ସେମାନେ ଈଶ୍ୱରଙ୍କର ହିଁ ଅଧିକାରଭୁକ୍ତ ଅଟନ୍ତି । ତେଣୁ ବୋଧହୁଏ ଈଶ୍ୱରଙ୍କ ଧାର୍ମିକତା ସରଳ ଭାବରେ ଈଶ୍ୱରଙ୍କର ଧାର୍ମିକତା ଅଟେ, ଯାହାକି ତାହାଙ୍କର ଅଧିକାରଭୁକ୍ତ ଅଟେ ପୁଣି ଯାହାକି ସେ ପରିତ୍ରାଣରେ ପ୍ରଦର୍ଶନ କରନ୍ତି । ଅନ୍ୟ ସ୍ଥାନଗୁଡ଼ିକ ମଧ୍ୟରୁ ଗୀତସଂହିତା ୯୮:୨ ପଦରେ ଆମେ ଏହି ଧାରଣାର ସମ୍ମୁଖୀନ ହୋଇଥାଉ : ସଦାପ୍ରଭୁ ଆପଣା ପରିତ୍ରାଣ ଜଣାଇଅଛନ୍ତି ସେ ଅନ୍ୟଦେଶୀୟମାନଙ୍କ ଦୃଷ୍ଟିଗୋଚରରେ ଆପଣା ଧର୍ମ ପ୍ରକାଶ କରିଅଛନ୍ତି ।

ମାତ୍ର ଅନ୍ୟ ଏକ ସମ୍ଭାବନା ଅଛି । ଈଶ୍ୱରଙ୍କର ଶବ୍ଦଗୁଡ଼ିକ ହୁଏତ ବର୍ଣ୍ଣନା କରାଯାଇପାରିବ ଯେଉଁଠାରୁ ଧାର୍ମିକତା ଆସିଥାଏ – ଯାହାକୁ କି ବ୍ୟାକରଣବିଦ୍‌ଗଣ ଏକ ମୂଳ ଶବ୍ଦ ବୋଲି କହନ୍ତି । ଏକ ଉଦାହରଣ ହେଉଛି ବିଥୋଭେନ୍‌ଙ୍କ ବାଦ୍ୟଯନ୍ତ୍ର ଖଣ୍ଡବାକ୍ୟ,

ଯେଉଁଠାରେ ପ୍ରଶ୍ନରେ ଥିବା ବାଦ୍ୟ ବିଥୋଭେନ୍‌ଙ୍କଠାରେ ଏହାର ମୂଳ ଦେଖିବାକୁ ପାଇଥାଏ । ଈଶ୍ୱରଙ୍କ ଧାର୍ମିକତା ଯଦି ଏକ ମୂଳ ଶବ୍ଦ ଅଟେ, ତେବେ ଈଶ୍ୱର ହିଁ ଧାର୍ମିକତାର ମୂଳ ଅଟନ୍ତି । ସ୍ପଷ୍ଟରୂପେ କହିଲେ, ଏହା ହିଁ ସେହି ଅର୍ଥ ଅଟେ ଯାହାକି ନିଉ ଇଣ୍ଟର୍‌ନ୍ୟାସନାଲ୍ ଭର୍ସନ୍ ଈଶ୍ୱରଙ୍କଠାରୁ ଏକ ଧାର୍ମିକତା ବୋଲି କହିବା ବେଳେ କହିଥାଏ । ଏହି ପାଠରେ, ଈଶ୍ୱର ହିଁ ସେହି ଧାର୍ମିକତାର ଉତ୍ସ ଅଟନ୍ତି ଯାହାକି ସେ ପାପୀମାନଙ୍କୁ ଦିଅନ୍ତି ।

କେଉଁ ଅର୍ଥ ଯଥାର୍ଥ ଅଟେ ? ଧାର୍ମିକତା କ'ଣ ଈଶ୍ୱରଙ୍କର ଅଧିକାରଭୁକ୍ତ ଅଟେ, ନା ଏହା ଈଶ୍ୱରଙ୍କଠାରୁ ଏକ ଉପହାରସ୍ୱରୂପ ଆସିଥାଏ ? ନିଶ୍ଚିତରୂପେ ଉଭୟ ଉକ୍ତି ସତ୍ୟ ଅଟେ । ଧାର୍ମିକତା ଈଶ୍ୱରଙ୍କର ଏକ ଉପଯୋଗୀ ଗୁଣାବଳୀ ମଧ୍ୟରୁ ଗୋଟିଏ ଭାବରେ ତାହାଙ୍କର ଅଧିକାରଭୁକ୍ତ ଅଟେ । ଅବଶ୍ୟ ରୋମୀୟ ୩ ଅଧ୍ୟାୟରେ ଥିବା ପାଉଲଙ୍କ ଯୁକ୍ତିର ନାଟକୀୟ ଉପସଂହାର ହେଉଛି ଯେ ସେ ଯେତେବେଳେ ସମସ୍ତ ଲୋକଙ୍କ ପାପୀମାନଙ୍କୁ ଧାର୍ମିକଗଣିତ କରନ୍ତି, ସେତେବେଳେ ବି ଈଶ୍ୱର ଆପଣାର ଧାର୍ମିକତା ସଂରକ୍ଷିତ କରି ରଖିଥାଆନ୍ତି! ଧାର୍ମିକତାରେ, ଈଶ୍ୱର ବର୍ତ୍ତମାନ କାଳରେ ଆପଣା ଧାର୍ମିକତା ପ୍ରକାଶ କରିବା ନିମନ୍ତେ ସେ ଏହା କରିଅଛନ୍ତି, ଯେପରି ସେ ସ୍ୱୟଂ ଧାର୍ମିକ ଓ ଯୀଶୁଙ୍କଠାରେ ବିଶ୍ୱାସୀକୁ ଧାର୍ମିକ ଗଣନାକାରୀ ବୋଲି ପ୍ରକାଶିତ ହୁଅନ୍ତି (ରୋମୀ. ୩:୨୬) ।

ତଥାପିମଧ୍ୟ ଈଶ୍ୱରଙ୍କ ଧାର୍ମିକତା ମଧ୍ୟ ହେଉଛି ଯେ ଧାର୍ମିକତା ଯାହାକି ତାହାଙ୍କ ଧାର୍ମିକତା ଆବଶ୍ୟକ କରିଥାଏ ତାହା ତାହାଙ୍କର ଆବଶ୍ୟକ ଅଟେ,[୧୩] ପୁଣି ଯାହାକି ସେ ଅନୁଗ୍ରହ କରି ଏକ ଉପହାରସ୍ୱରୂପ ପ୍ରତ୍ୟେକ ବିଶ୍ୱାସୀଙ୍କୁ ଦାନ କରନ୍ତି । ଈଶ୍ୱରଙ୍କଠାରୁ ଆମ ପାଇଁ ଧାର୍ମିକତା ଅଛି, ଅତଏବ – ଧାର୍ମିକତା ଯାହାକି ଈଶ୍ୱର କେବଳ ଲାଭ କରନ୍ତି ଓ ପ୍ରଦର୍ଶନ କରନ୍ତି ତାହା ନୁହେଁ, ମାତ୍ର ଦାନ ମଧ୍ୟ କରନ୍ତି । ଯେଉଁ ବିଷୟ ଧାର୍ମିକଗଣିତ ହେବାରେ ଅଛି ତାହା କେବଳ ଈଶ୍ୱର ଧାର୍ମିକ ଅଟନ୍ତି କି ନାହିଁ ସେଥିରେ ନାହିଁ, ମାତ୍ର ଆମେ କେଉଁଠାରେ ଧାର୍ମିକ ଦେଖାଯାଇପାରିବା ସେଥିରେ ଅଛି । ମନେ ହୋଇଥାଏ ପାଉଲ ୨୦ ପଦରେ ଏହି ବିଷୟ ଉପରେ ସନ୍ଦେହ କରନ୍ତି, ଯେଉଁଠାରେ ସେ ଉଲ୍ଲେଖନୀୟ ଉପସଂହାରରେ ଉପନୀତ ହୁଅନ୍ତି ଯେ ତାହାଙ୍କ ଦୃଷ୍ଟିରେ କେହି ଜଣେ ବି ଧାର୍ମିକ ନୁହଁନ୍ତି ।

ବର୍ତ୍ତମାନ ୨୧ ପଦରେ ସେ ସୁସମାଚାର ଘୋଷଣା କରନ୍ତି ଯେ ଈଶ୍ୱରଙ୍କ ସମ୍ମୁଖରେ ଆମକୁ ଧାର୍ମିକ ଘୋଷଣା କରାଯାଇପାରିବ, ତାହା ଆମ ନିଜର ଧାର୍ମିକତା ହେତୁ ନୁହେଁ, ମାତ୍ର ଈଶ୍ୱରଙ୍କଠାରୁ ଆସିଥିବା ଧାର୍ମିକତା ହେତୁ ହୋଇଥାଏ । ଏହି ଅର୍ଥ ୨୨ ପଦରେ ନିଶ୍ଚିତ ହୋଇଛି, ଯାହାକି ଏହାକୁ ସ୍ପଷ୍ଟ କରିଥାଏ ଯେ ଈଶ୍ୱରଙ୍କ ଧାର୍ମିକତା ସମସ୍ତ ବିଶ୍ୱାସୀଙ୍କ ପ୍ରତି ଆସିଥାଏ । ରୋମୀୟ ୫:୧୭ ପଦରେ ଆହୁରିମଧ୍ୟ ନିଶ୍ଚିତ ହୋଇଛି, ଯାହାକି ସେହିମାନଙ୍କ ବିଷୟରେ କହିଥାଏ ଯେଉଁମାନେ ଈଶ୍ୱରଙ୍କ ପ୍ରଚୁର ଅନୁଗ୍ରହ ଓ ଧାର୍ମିକତାର *ଉପହାର* ପାଆନ୍ତି ।

ଅତଏବ, ଧାର୍ମିକତା କେବଳ ଏକ ଗୁଣ ନୁହେଁ ଯାହାକି ଈଶ୍ୱର ଦର୍ଶାନ୍ତି, କିନ୍ତୁ ଏକ ଉପହାର ଅଟେ ଯାହାକି ସେ ପ୍ରଦାନ କରନ୍ତି । ଜନ୍ ଷ୍ଟଟ୍‌ଙ୍କଠାରୁ ଏକ ମୁଖସ୍ଥ ଖଣ୍ଡବାକ୍ୟ

ବ୍ୟବହାର କଲେ ହେବ, ନ୍ୟାୟପରାୟଣତା ହେଉଛି ଈଶ୍ୱରଙ୍କର ଅଧାର୍ମିକକୁ 'ଧାର୍ମିକ କରିବା'ର ଧାର୍ମିକ ଉପାୟ ଅଟେ ।[୧୪]

ଏକ ଉପହାର ଆଧାରରେ ଯଦି ଆମକୁ ଧାର୍ମିକ ଘୋଷଣା କରାଯାଇଛି, ତେବେ ଆମ ଧାର୍ମିକତାର ଉତ୍ସ ହେବାକୁ ପଡ଼ିବ ଈଶ୍ୱରଙ୍କ ଅନୁଗ୍ରହ । କାରଣ ତାହା ହିଁ ହେଉଛି ଅନୁଗ୍ରହ : ଭୟଙ୍କର ଅଯୋଗ୍ୟ ପାପୀ ପାଇଁ ଈଶ୍ୱରଙ୍କ ବିନାମୂଲ୍ୟର ଉପହାର । ଧାର୍ମିକ ପାଉଲଙ୍କ ମନରେ ଏହି ଉପହାର ହିଁ ଅଛି, ଯେତେବେଳେ ସେ ଫିଲିପ୍ପୀୟମାନଙ୍କୁ ସାକ୍ଷ୍ୟ ଦିଅନ୍ତି ଯେ ସେ ଇଚ୍ଛା କରନ୍ତି ବ୍ୟବସ୍ଥା ପାଳନ ହେତୁ ନିଜର ଧାର୍ମିକତା ପ୍ରାପ୍ତ ନ ହୋଇ ବରଂ ଯେପରି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଦତ୍ତ ବିଶ୍ୱାସମୂଳକ ଧାର୍ମିକତା ପ୍ରାପ୍ତ ହୁଏ (ଫିଲି. ୩:୯ ; ଏବ୍ରୀ ୧୧:୭) ।

ଏହା ମଧ୍ୟ ତାହା ଯାହା ମାର୍ଟିନ୍ ଲୁଥର୍ କହିଥିଲେ, ଯେତେବେଳେ ସେ ଏକ ଅପରିଚିତ ଧାର୍ମିକତା ବିଷୟରେ କହିଲେ । ଆମଠାରେ କୌଣସି ଧାର୍ମିକତା ନ ଥିବାରୁ ଆମ୍ଭେମାନେ କେବଳ ସେହି ଧାର୍ମିକତା ଦ୍ୱାରା ଧାର୍ମିକଗଣିତ ହୋଇପାରିବା ଯାହାକି ଆମଠାରୁ ବାହାରେ ଆଉ ଜଣଙ୍କଠାରୁ ଆସିଥାଏ । ଏହି ଧାର୍ମିକତା ଈଶ୍ୱରଙ୍କ ନିଜର ଧାର୍ମିକତା ଅଟେ, ଯାହାକି ସେ ଆମକୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ମାଧ୍ୟମରେ ଅନୁମୋଦନ କରନ୍ତି ।

## ନ୍ୟାୟପରାୟଣତାର ଆଧାର : ଯୀଶୁଙ୍କର ସିଦ୍ଧ ଜୀବନ ଓ ଉତ୍ସର୍ଗୀକୃତ ମୃତ୍ୟୁ

କେଉଁ ଆଇନ୍‌ଗତ ଆଧାରରେ ଈଶ୍ୱର ଆପଣା ଧାର୍ମିକତାର ଦାନ ଅନୁମୋଦନ କରନ୍ତି ? ବାଇବଲ ଶିକ୍ଷା ଦିଏ ଯେ ଈଶ୍ୱର ଦୁଷ୍ଟକୁ ଧାର୍ମିକଗଣିତ କରନ୍ତି (ରୋମୀ. ୪:୫) । ମାତ୍ର ଆମ୍ଭେମାନେ ଯଦି ପ୍ରକୃତରେ ଦୁଷ୍ଟ ଅଟୁ, ତେବେ ସେ କିପରି ଆମକୁ ସେହିପରି ଅଟୁ ବୋଲି ଘୋଷଣା କରିପାରିବେ ଯାହାକି ଆମେ ନୋହୁଁ ? ପୁଣି ସେ କିପରି ଭାବରେ ଦୁଷ୍ଟକୁ ବିବେଚନା ନ କରି ଧାର୍ମିକ ଗଣିତ କରିପାରିବେ ? ଜଣେ ଧାର୍ମିକ ଈଶ୍ୱର ପାପକୁ ଅଣଦେଖା କରିବା ବା କ୍ଷମା କରିଦେବା ଏକ ଅତ୍ୟାଚାର ହେବ । ସେ ଯଦି ପାପୀମାନଙ୍କୁ ଧାର୍ମିକ ଗଣିତ କରିବେ ବୋଲି ଇଚ୍ଛା କରନ୍ତି, ତେବେ ତାହା କରିବା ପାଇଁ ତାହାଙ୍କର ନିଶ୍ଚିତରୂପେ କିଛି ଆଇନଗତ ଭିତ୍ତିଭୂମି ରହିବାକୁ ପଡ଼ିବ । ଜନ୍ ଷ୍ଟଟ୍ ଲେଖନ୍ତି, ନ୍ୟାୟପରାୟଣତା କ୍ଷମା ପ୍ରଦାନର ପ୍ରତିଶବ୍ଦ ନୁହେଁ ।

> ଯାହାକି କଠୋର ଭାବରେ ବେନିୟମ ଭାବରେ କ୍ଷମା କରାଯାଇଛି, ଏକ କ୍ଷମା ଯାହାକୁ କି ଅଣଦେଖା କରାଯାଇଛି – ଏପରିକି ବିସ୍ମରଣ କରାଯାଇଛି – ଭୁଲ୍ କାର୍ଯ୍ୟ ଓ ଏହାକୁ ନ୍ୟାୟୋଚିତ କରିବା ପାଇଁ ଗ୍ରହଣ କରାଯାଇ ନାହିଁ । ନାହିଁ, ନ୍ୟାୟକରଣ ନ୍ୟାୟର ଏକ କାର୍ଯ୍ୟ ଅଟେ, ଅନୁଗ୍ରହପୂର୍ଣ୍ଣ ନ୍ୟାୟର କାର୍ଯ୍ୟ ଅଟେ ..... । ଈଶ୍ୱର ଯେତେବେଳେ ପାପୀମାନଙ୍କୁ ଧାର୍ମିକଗଣନା କରନ୍ତି, ସେତେବେଳେ ସେ ମନ୍ଦ ଲୋକମାନଙ୍କୁ ଉତ୍ତମ ବୋଲି ଘୋଷଣା କରୁ ନାହାନ୍ତି, କିମ୍ବା କହୁ ନାହାନ୍ତି ଯେ

> ସେମାନେ ମୋଟେ ପାପୀ ନୁହଁନ୍ତି ବୋଲି । ସେ ସେମାନଙ୍କୁ ଆଇନ୍‌ଗତ ଭାବରେ ଧାର୍ମିକ, ବ୍ୟବସ୍ଥା ଭଙ୍ଗକାରୀ ହେବାରୁ ମୁକ୍ତ ବୋଲି ଗଣନା କରୁଅଛନ୍ତି, କାରଣ ସ୍ୱୟଂ ସେ ହିଁ ଆପଣା ପୁତ୍ରଙ୍କଠାରେ ସେମାନଙ୍କର ବ୍ୟବସ୍ଥା ଭଙ୍ଗ ହେବା ବିଷୟକୁ ବହନ କରିଅଛନ୍ତି ।[୧୫]

ତେବେ ଈଶ୍ୱର ଈଶ୍ୱରବିହୂନ ଲୋକମାନଙ୍କୁ ଧାର୍ମିକ ଗଣନା କରିବା ବେଳେ ସେହି ସମୟରେ ଆପଣା ଧାର୍ମିକତାକୁ କିପରି ଭାବରେ ବଜାୟ ରଖିଥାଆନ୍ତି ? ଏହି ଧର୍ମତାତ୍ତ୍ୱିକ ସମସ୍ୟାର ଉତ୍ତର ହେଉଛି ଯେ ସିଦ୍ଧ ଜୀବନ ଓ ଯୀଶୁ ଖ୍ରୀଷ୍ଟଙ୍କ ଉତ୍ସର୍ଗୀକୃତ ମୃତ୍ୟୁ ଆଧାରରେ ଈଶ୍ୱର ପାପୀମାନଙ୍କୁ ଧାର୍ମିକ ଗଣିତ କରନ୍ତି । ଯୀଶୁ ଏକ ସିଦ୍ଧ ଜୀବନଯାପନ କରିଥିଲେ ବୋଲି କହିବା ହେଉଛି ସେ ଈଶ୍ୱରଙ୍କ ବ୍ୟବସ୍ଥାକୁ ଏହାର ସମସ୍ତ ସିଦ୍ଧତାରେ ପାଳନ କରିଥିଲେ, କେବେ ଟିକିଏ ବି ଉଲଙ୍ଘନ କରି ନ ଥିଲେ । ଦି ଗସ୍‌ପେଲ୍ କୋଆଲିସନ୍ ଏହାର ଧର୍ମତାତ୍ତ୍ୱିକ ଉକ୍ତି ଖ୍ରୀଷ୍ଟଙ୍କର ମୁକ୍ତିରେ ଲେଖିଥାଏ, ସେ ସିଦ୍ଧରୂପେ ଆପଣାର ସ୍ୱର୍ଗସ୍ଥ ପିତାଙ୍କ ଆଜ୍ଞାବହ ହୋଇଥିଲେ । ଏହା ଶାସ୍ତ୍ର ପାଳନରେ ଅଛି, ଯାହାକି କହିଥାଏ, ସେ କୌଣସି ପାପ କରି ନ ଥିଲେ (୧ମ ପିତ. ୨:୨୨) । ଯୀଶୁ ସେହିପରି ଧାର୍ମିକ ଜୀବନଯାପନ କରିଥିଲେ ଯାହାକି ଈଶ୍ୱର ଆବଶ୍ୟକ କରନ୍ତି ।

ଆହୁରିମଧ୍ୟ, ଆମେ ଯେତେବେଳେ ଯୀଶୁଙ୍କୁ ବିଶ୍ୱାସରେ ଗ୍ରହଣ କରିଥାଉ, ସେତେବେଳେ ତାହାଙ୍କ ଧାର୍ମିକତା ଆମ ପକ୍ଷରେ ଗଣନା କରାଯାଇଥାଏ, ଯେପରି ଆମେ ସେହିପରି ଧାର୍ମିକ ଜୀବନଯାପନ କରିଛୁ ଯାହାକି ଈଶ୍ୱର ଆବଶ୍ୟକ କରନ୍ତି । ଦି ଗସ୍‌ପେଲ୍ କୋଆଲିସନ୍‌କୁ ଏହାର ସ୍ୱୀକାରୋକ୍ତି ଉକ୍ତିରେ ଆଉଥରେ ଉଦ୍ଧୃତ କରିବା, ଆପଣାର ସିଦ୍ଧ ଆଜ୍ଞାବହତାରେ (ଯୀଶୁ) ଆମ ପକ୍ଷରୁ ଈଶ୍ୱରଙ୍କର ନ୍ୟାଯ୍ୟ ଦାବିଗୁଡ଼ିକ ପାଳନ କରିଥିଲେ, କେବଳ ସେହି ବିଶ୍ୱାସ ଦ୍ୱାରା ସେହି ସିଦ୍ଧ ଆଜ୍ଞାବହତା ସେହି ସମସ୍ତଙ୍କ ପ୍ରତି ଗଣନା କରାଯାଇଛି ଯେଉଁମାନେ ଈଶ୍ୱରଙ୍କ ଦ୍ୱାରା ଗ୍ରହଣୀୟ ହେବା ପାଇଁ କେବଳ ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରନ୍ତି ।

ଆପଣାର ସିଦ୍ଧ ଜୀବନଯାପନ କରିବା ଦ୍ୱାରା, ଯୀଶୁ ଯେତେବେଳେ କ୍ରୁଶ ଉପରେ ମୃତ୍ୟୁବରଣ କଲେ, ସେତେବେଳେ ସେ ଆମ ପାପ ପାଇଁ ଏକ ସିଦ୍ଧ ବଳିଦାନ ଉତ୍ସର୍ଗ କରିଥିଲେ, ପୁଣି ଏହା ମଧ୍ୟ ଆମର ଧାର୍ମିକତା ପାଇଁ ଆଧାରର ଅଂଶବିଶେଷ ଅଟେ : ଆମେ ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହରେ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି, ତଦ୍ଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି । ଈଶ୍ୱର ଆପଣା ସହିଷ୍ଣୁତାରେ ପୂର୍ବକୃତ ପାପସବୁ ଉପେକ୍ଷା କରିଥିବାରୁ ନିଜ ଧାର୍ମିକତା ପ୍ରକାଶ କରିବା ନିମନ୍ତେ ତାହାଙ୍କୁ, ତାହାଙ୍କ ରକ୍ତରେ ବିଶ୍ୱାସ ଦ୍ୱାରା, ପ୍ରାୟଶ୍ଚିତ୍ତବଳିରୂପେ ପ୍ରଦର୍ଶନ କରିଅଛନ୍ତି (ରୋମୀ. ୩:୨୪-୨୫) । ତାହାଙ୍କ ଜୀବନ-ରକ୍ତରେ ଯୀଶୁ ଆମର ଧାର୍ମିକତାକୁ ସୁରକ୍ଷିତ କରି ରଖିଥିଲେ । ପାଉଲ ଯେପରି ରୋମୀୟ ୫:୯ ପଦରେ କହିଚାଲନ୍ତି, ଆମ୍ଭେମାନେ ଏବେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହେବାରୁ । କ୍ରୁଶବିଦ୍ଧ ହେବା ବିନା ନ୍ୟାୟପରାୟଣତା ନାହିଁ । ତେଣୁ ଯୀଶୁ ଖ୍ରୀଷ୍ଟଙ୍କର ଦୁଃଖଭୋଗକାରୀ

ମୃତ୍ୟୁରେ ସୁସମାଚାରର ଉଦ୍ଧାରକାରୀ ଧାର୍ମିକତାର ଉପହାରକୁ ସ୍ଥାପନ କରିଥାଏ । ଜନ୍ ଷ୍ଟଟ୍ ଲେଖନ୍ତି :

> ଈଶ୍ୱରଙ୍କ ଉଦ୍ଧାରକାରୀ କାର୍ଯ୍ୟ ରକ୍ତପାତ ମାଧ୍ୟମରେ, ଅର୍ଥାତ୍ ଖ୍ରୀଷ୍ଟଙ୍କର ବଦଳ ବଳିଦାନ ମାଧ୍ୟମରେ ହାସଲ କରାଯାଇଥିଲା । ..... ଯୀଶୁଙ୍କ ମୃତ୍ୟୁ ହିଁ ପ୍ରାୟଶ୍ଚିତ୍ତକାରୀ ଉତ୍ସର୍ଗ ଥିଲା, ସେଥିପାଇଁ ଈଶ୍ୱର ଆପଣା କ୍ରୋଧକୁ ଆମଠାରୁ ଦୂରରେ ରଖିଥିଲେ, ତାହା ସେହି ମୁକ୍ତିର ମୂଲ୍ୟ ଥିଲା ଯାହା ମାଧ୍ୟମରେ ଆମ୍ଭେମାନେ ମୁକ୍ତିପ୍ରାପ୍ତ ହୋଇଛୁ, ଦୋଷୀକୃତ ବ୍ୟକ୍ତି ଯେପରି ଧାର୍ମିକ ଗଣିତ ହେବ ସେଥିପାଇଁ ନିର୍ଦ୍ଦୋଷକୁ ଦୋଷାରୋପ କରାଯାଇଥିଲା, ପୁଣି ଆମ ପାଇଁ ନିଷ୍ପାପ ବ୍ୟକ୍ତି ପାପୀ ହୋଇଥିଲେ ।[୧୬]

ପୂର୍ବରୁ ଆମେ ଡ଼ନ୍ ସ୍ମାର୍ଟୋଙ୍କର ଥିବା ଆଘାତପ୍ରାପ୍ତ ଅନୁଭୂତି ବିଷୟରେ ବିବେଚନା କରିଥିଲୁ, ଯେଉଁଠାରେ ସେ ଆବିଷ୍କାର କରିଥିଲେ ଯେ ତାଙ୍କର ବାହ୍ୟ ଧାର୍ମିକତା ବିଶିଷ୍ଟ ଅହଙ୍କାରର ପୋଷାକ ତଳେ ପାପର ଏକ କଙ୍କାଳ ଥିଲା । ସେହି କାହାଣୀରେ ଅଧିକ ବିଷୟ ଅଛି । ସେହି ରାତିରେ ସ୍ମାର୍ଟୋ ଯେତେବେଳେ ତାଙ୍କର ମଠକୁ ଫେରିଥିଲେ, ସେତେବେଳେ ସେ ଈଶ୍ୱରଙ୍କ ସମ୍ମୁଖରେ ନିଜକୁ ଧାର୍ମିକ କରିପାରିଲେ ନାହିଁ । ସେ ନିଜକୁ କହିଚାଲିଲେ ଯେ ଈଶ୍ୱରଙ୍କ ପାଇଁ ସେ ଯଥେଷ୍ଟ ଉତ୍ତମ ଥିଲେ । ସେ ଚାରିପାଖରେ ଥିବା ଶସ୍ୟକ୍ଷେତ୍ରରେ ଚନ୍ଦ୍ରାଲୋକରେ ବୁଲିଲେ । ତଥାପି ଚନ୍ଦ୍ର ଶୀଘ୍ର ମେଘମାଳାରେ ଘୋଡ଼ାଇ ହୋଇଗଲା ରାତି ଅନ୍ଧକାର ହୋଇଗଲା । ସ୍ମାର୍ଟୋ ଅନ୍ଧକାରରେ ଚାରିଆଡ଼େ ବୁଲୁଥିଲା ବେଳେ ତାଙ୍କର ହୃଦୟ ଧଡ଼ଧଡ଼ ହେଉଥିଲା, ସେ ଈଶ୍ୱରଙ୍କ ପ୍ରତି ଚିତ୍କାର କଲେ : ମୋତେ କୁହ ମୁଁ ଠିକ୍ ବିଷୟ କରୁଛି । ମୋତେ କୁହ ଯେ ମୁଁ କରୁଥିବା ସବୁ ବିଷୟ ତୁମକୁ ସନ୍ତୁଷ୍ଟ କରିଥାଏ । ମୋତେ ସ୍ପଷ୍ଟରୂପେ କଥା କୁହ!

ସେ ସମ୍ପୂର୍ଣ୍ଣରୂପେ ନିରାଶ ଥିଲା ବେଳେ, ସ୍ମାର୍ଟୋ ଏକ ଆଶ୍ଚର୍ଯ୍ୟ ଗୁଣୁଗୁଣୁ ଶବ୍ଦ ଶୁଣିଲେ ଓ ସେ ଆଡ଼କୁ ଗଲେ । ସେ ଅନ୍ଧକାର ମଧ୍ୟକୁ ଗଲେ ଓ ଏକ ଦୃଢ଼ କାଠ ଖଣ୍ଡ ଧରିଲେ । ଅବଶ୍ୟ! ଏହା କେବଳ ଏକ ଟେଲିଫୋନ୍ ଖୁଣ୍ଟ ଥିଲା । କିନ୍ତୁ ସେ ଉପରକୁ ଅନାଇବା ପରେ ମେଘମାଳା ଖଣ୍ଡ ଖଣ୍ଡ ହେବାକୁ ଲାଗିଲା ଓ ସେ ଛନ୍ଦି ହୋଇଥିବା ଖୁଣ୍ଟ ଦେଖିପାରିଥିଲେ ଯାହାକି ଫୋନ୍ ତାରକୁ ଧରି ରଖିଥିଲା । ସେଠାରେ ଚନ୍ଦ୍ରାଲୋକରେ ଏକ ଛାୟାମୂର୍ତ୍ତି ଥିଲା, ତାହା ଏକ କ୍ରୁଶ ପରି ଆକାର ଥିଲା । ଡ଼ନ୍ ସ୍ମାର୍ଟୋ ସେହି କ୍ରୁଶର ପାଦ ନିକଟରେ ଛିଡ଼ା ହୋଇଥିଲେ, କହିବାକୁ ଦେଲେ, ସେ ତାଙ୍କର ପରିତ୍ରାଣ ପାଇବା ପାଇଁ ଯୀଶୁଙ୍କୁ ଅନାଇଛନ୍ତି । ଏଠାରେ ସ୍ମାର୍ଟୋ ଯୀଶୁ ଓ କ୍ରୁଶକୁ କିପରି ସମ୍ମୁଖୀନ ହୋଇଥିଲେ ସେ ବିଷୟରେ ଲେଖିଥିଲେ :

> ବର୍ତ୍ତମାନ ମୁଁ ଜାଣିପାରିଲି, ମୁଁ ବାସ୍ତବରେ ଜାଣିପାରିଲି ଯେ ଖ୍ରୀଷ୍ଟ ମୋ ପାଇଁ ମୃତ୍ୟୁବରଣ କରିଥିଲେ । ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ ସହିତ ରହିଥିଲା ଯେ ମୁଁ ଜଣେ ପାପୀ ଥିଲି, ମୁଁ ଗୋଟିଏ ମୁହୂର୍ତ୍ତ ପୂର୍ବରୁ ଯେପରି ଚିନ୍ତା କରିଥିଲି ସେହିପରି ଉତ୍ତମ ବ୍ୟକ୍ତି ନ ଥିଲି । ହଠାତ୍ ମୁଁ ଟେଲିଫୋନ୍ ଖୁଣ୍ଟକୁ କୁଣ୍ଢାଇ ଧରିଥିଲି ଓ

କାନ୍ଦିବାକୁ ଲାଗିଲି । ମୁଁ ନିଶ୍ଚିତରୂପେ ସେହି କାଠ ଖଣ୍ଡଟିକୁ ପ୍ରାୟ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ କୁଣ୍ଢାଇ ରହିଥିବି । ମୁଁ କଳ୍ପନା କରିଥିଲି ଯେ ଏହି ଖୁଣ୍ଟରେ ଯୀଶୁଙ୍କୁ କଣ୍ଟାବିଦ୍ଧ କରାଯାଇଥିଲା, ତାହାଙ୍କ କ୍ଷତରୁ ରକ୍ତ ଠୋପା ଝରି ପଡୁଥିଲା । ମୁଁ ଅନୁଭବ କଲି ଯେପରି ରକ୍ତ ଠୋପା ମୋ ଉପରେ ଠପ୍ ଠପ୍ ହୋଇ ପଡୁଥିଲା, ତାହା ମୋର ପାପ ଓ ଅଯୋଗ୍ୟତାକୁ ଶୁଚି କରିଦେଉଥିଲା ।[୧୭]

ନାଟକୀୟ ଭାବରେ ଏହିପରି ସମ୍ମୁଖୀନ ହେବାଦ୍ୱାରା ଡ଼ନ୍ ସ୍ମାର୍ଟୋ ଯାହା ପାଇଥିଲେ ତାହା ବାସ୍ତବରେ ହେଉଛି ପ୍ରତ୍ୟେକ ଅନୁତପ୍ତ ବ୍ୟକ୍ତି କ୍ରୁଶର ଦ୍ୱାର ନିକଟରେ ଯାହା ଗ୍ରହଣ କରନ୍ତି : ଶୁଚି ରକ୍ତ-ବଳିଦାନ ଯାହାକି ପାପ ପାଇଁ ପ୍ରାୟଶ୍ଚିତ କରିଥାଏ ଓ ପାପୀମାନଙ୍କୁ ଈଶ୍ୱରଙ୍କ ସମ୍ମୁଖରେ ଧାର୍ମିକଗଣିତ କରିଥାଏ ।

## ନ୍ୟାୟପରାୟଣତାର ଧାର୍ମିକତା : ତିନିଗୁଣ ଦୋଷାରୋପଣ

ଯୀଶୁ ଯେତେବେଳେ କ୍ରୁଶ ଉପରେ ମୃତ୍ୟୁବରଣ କଲେ, ସେତେବେଳେ ତାହାଙ୍କୁ ଦୋଷୀକୃତ ଅପରାଧୀ ଭାବରେ ବ୍ୟବହାର କରାଯାଇଥିଲା । ରୋମୀୟମାନେ ସବୁଠାରୁ ନିମ୍ନ ସ୍ତରର ଅପରାଧୀମାନଙ୍କ ପାଇଁ କ୍ରୁଶବିଦ୍ଧ ହେବା ବିଷୟକୁ ସଂରକ୍ଷିତ କରି ରଖିଥିଲେ – ବିଶ୍ୱାସଘାତକ, ହତ୍ୟାକାରୀ, ଓ ଅନ୍ୟାନ୍ୟ ଜଘନ୍ୟ ଅପରାଧୀଙ୍କ ପାଇଁ । ଯୀଶୁ ଜଣେ ବିଶ୍ୱାସଘାତକ ନ ଥିଲେ, କିମ୍ବା ଜଣେ ହତ୍ୟାକାରୀ ନ ଥିଲେ ପ୍ରକୃତରେ ଆମ୍ଭେମାନେ ଯେପରି ଦେଖିଛୁ ସେ କେବେ ଗୋଟିଏ ବି ପାପ କରି ନ ଥିଲେ (ଏବ୍ରୀ ୪:୧୫ ପଦ ଦେଖନ୍ତୁ) । ତଥାପିମଧ୍ୟ ଆମର ପାପ ନେଇଯିବା ପାଇଁ ଈଶ୍ୱର ତାହାଙ୍କୁ କ୍ରୁଶବିଦ୍ଧ ହେବା ପାଇଁ ଅନୁମତି ଦେଇଥିଲେ । ଏଥିପାଇଁ ବୈଷୟିକ ଶବ୍ଦ ବ୍ୟବହାର କରିବା ପାଇଁ ଈଶ୍ୱର ଆମର ପାପକୁ ଖ୍ରୀଷ୍ଟଙ୍କ ଉପରେ ନ୍ୟସ୍ତ କରିଥିଲେ । ନ୍ୟସ୍ତ କରିବା ହେଉଛି କିଛି ବିଷୟକୁ ଜଣଙ୍କର ଆକାଉଣ୍ଟ୍‌ରେ ରଖିବା, ଯାହାକି ଆମେ ପ୍ରଥମ ସ୍ଥାନରେ କିପରି ପାପୀ ହୋଇଥିଲୁ ସେ ବିଷୟରେ କହିଥାଏ : ଆଦମଙ୍କ ପାପ ଆମ ଆକାଉଣ୍ଟରେ ଯୋଗ ହୋଇଥିଲା (ରୋମୀ. ୫:୧୨-୧୯ ପଦ ଦେଖନ୍ତୁ) । ଆଦମଙ୍କ ପାପ ନ୍ୟସ୍ତ ହେବା ଦ୍ୱାରା ଆମକୁ ମଧ୍ୟ ପାପୀ ଭାବରେ ଗଣନା କରାଯାଇଛି ।

ସୁଖର ବିଷୟ, ଏକ ଦ୍ୱିତୀୟ ନ୍ୟସ୍ତ ବିଷୟ ମଧ୍ୟ ଅଛି – ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆମ ପାପ ନ୍ୟସ୍ତ ହେବା । ଯୀଶୁ ସିଦ୍ଧ ଭାବରେ ଧାର୍ମିକ ଥିଲେ, ତଥାପିମଧ୍ୟ ସେ ଜଣେ ପାପୀରୂପେ ମୃତ୍ୟୁବରଣ କଲେ । ଈଶ୍ୱର କିପରି ଭାବରେ ଏହି ପ୍ରକାର ଏକ ବିଷୟ ଘଟିବାକୁ ଦେଇଥିଲେ ? ଉତ୍ତରଟି ନ୍ୟସ୍ତ ହେବା ସହିତ ସମ୍ପର୍କିତ । ଈଶ୍ୱର ଆମର ପାପ ଦୂର କରିଥିଲେ ପୁଣି ଏହାକୁ ଖ୍ରୀଷ୍ଟଙ୍କ ଆକାଉଣ୍ଟ୍‌ରେ ଯୋଗ କରିଥିଲେ, ଠିକ୍ ଯେପରି ସେ ତାଙ୍କର ଦାସ ଯିଶାଇୟଙ୍କ ମାଧ୍ୟମରେ ପ୍ରତିଜ୍ଞା କରିଥିଲେ : ଆମ୍ଭର ଧାର୍ମିକ ଦାସ ଆପଣାର ଜ୍ଞାନ ଦ୍ୱାରା ଅନେକଙ୍କୁ ଧାର୍ମିକ କରିବେ ଓ ସେ ସେମାନଙ୍କର ଅପରାଧ ବହିବେ (ଯିଶା. ୫୩:୧୧) । ଆମର ପାପ ଥରେ ଏହିପରି ଭାବରେ ଖ୍ରୀଷ୍ଟଙ୍କ ଉପରେ ନ୍ୟସ୍ତ ହେବା ପରେ ସେ ମୃତ୍ୟୁବରଣ

କରିବା ପାଇଁ ଦୋଷୀକୃତ ହୋଇଥିଲେ – ତାହା ତାହାଙ୍କର ଆପଣାର ପାପ ହେତୁ ନୁହେଁ, ମାତ୍ର ଆମର ପାପ ହେତୁ ହୋଇଥିଲା । ଯୀଶୁ କ୍ରୁଶ ଉପରେ ଅଧାର୍ମିକ ଭାବରେ ଗଣନା କରାଯାଇଥିଲେ । ସେ ଆମ ପାପର ଦୋଷ ବହନ କରୁଥିବାର ଦେଖି ଈଶ୍ୱର ଆମର ପାପକୁ ତାହାଙ୍କ ଶରୀର ଉପରେ ଲଦି ଦେଇଥିଲେ (ରୋମୀ. ୮:୩ ପଦ ଦେଖନ୍ତୁ) । ଶାସ୍ତ୍ର ଯେପରି କହେ, ଯାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା, ତାହାଙ୍କୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପାପସ୍ୱରୂପ କଲେ (୨ୟ କରି. ୫:୨୧) । କିମ୍ବା ପୁନର୍ବାର, ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ (୧ମ ପିତ. ୩:୧୮) ।

ମାତ୍ର ଖ୍ରୀଷ୍ଟଙ୍କ ମୃତ୍ୟୁ ଏହି କାହାଣୀର ଅନ୍ତ ନୁହେଁ । ଶାସ୍ତ୍ର ମଧ୍ୟ ଏକ ତୃତୀୟ ନ୍ୟସ୍ତ ହେବା ବିଷୟ ଉଲ୍ଲେଖ କରିଥାଏ : ଯାହାଙ୍କଠାରେ ପାପର ଶେଷମାତ୍ର ନ ଥିଲା, ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତାସ୍ୱରୂପ ହେଉଁ (୨ୟ କରି. ୫:୨୧) । ଯଦି ଆମକୁ ଧାର୍ମିକ ଗଣିତ ହେବାକୁ ପଡ଼ିବ, ତେବେ ଆମର ପାପ ଖ୍ରୀଷ୍ଟଙ୍କ ଉପରେ ନ୍ୟସ୍ତ ହେବା ଯଥେଷ୍ଟ ନୁହେଁ ତାହାଙ୍କ ଧାର୍ମିକତା ମଧ୍ୟ ଆମ ଉପରେ ନ୍ୟସ୍ତ ହେବାକୁ ପଡ଼ିବ । ତ'ପରେ ଓ କେବଳ ତା'ପରେ ଯାଇ ଆମକୁ ଧାର୍ମିକ ଘୋଷିତ କରାଯାଇପାରିବ । ଈଶ୍ୱର ଠିକ୍ ଏହା ହିଁ କରିଅଛନ୍ତି । ତେଣୁ ଆମକୁ ଈଶ୍ୱରଙ୍କଠାରୁ ଧାର୍ମିକତା ଦତ୍ତ ହୋଇଛି, ଯାହାକି ଖ୍ରୀଷ୍ଟଙ୍କ ସିଦ୍ଧ ଜୀବନ ଓ ଉତ୍ସର୍ଗୀକୃତ ମୃତ୍ୟୁର ଆଧାରରେ ଆମ ଉପରେ ନ୍ୟସ୍ତ କରାଯାଇଥିଲା ।

ଏଠାରେ ଏହା ହୁଏତ ସକ୍ରିୟ ଓ ନିଷ୍କ୍ରିୟ ଧାର୍ମିକତା ମଧ୍ୟରେ ଏକ ପାର୍ଥକ୍ୟ କରିବାରେ ସହାୟକ ହୋଇପାରିବ । ଯୀଶୁ ବ୍ୟବସ୍ଥାର ଆଚରଣ ବିଧି ପାଳନ କରିବା ଦ୍ୱାରା ଆପଣାର ସକ୍ରିୟ ଧାର୍ମିକତା ପ୍ରଦର୍ଶନ କରିଥିଲେ, ଓ ପାପ ପାଇଁ ଜୋରିମାନା ଦେବା ଦ୍ୱାରା ଆପଣାର ନିଷ୍କ୍ରିୟ ଧାର୍ମିକତା ପ୍ରଦର୍ଶନ କରିଥିଲେ । ଖ୍ରୀଷ୍ଟ ଆମ ପକ୍ଷରୁ ଈଶ୍ୱରଙ୍କ ବ୍ୟବସ୍ଥାର ଆଜ୍ଞାବହ ହୋଇଥିଲେ (ସକ୍ରିୟ ଧାର୍ମିକତା) ଓ ଆମର ଅନାଜ୍ଞାବହତା ହେତୁ ଜୋରିମାନା ଦେଇଥିଲେ (ନିଷ୍କ୍ରିୟ ଧାର୍ମିକତା) ।

ସକ୍ରିୟ ଓ ନିଷ୍କ୍ରିୟ ଧାର୍ମିକତା ଯୀଶୁ ଖ୍ରୀଷ୍ଟଙ୍କର ଗୋଟିଏ ସମ୍ପୂର୍ଣ୍ଣ ଓ ମୋଟ୍ ଧାର୍ମିକତାର ଦୁଇଟି ଭିନ୍ନ ଭିନ୍ନ ଦିଗ ଅଟେ ସମ୍ପୂର୍ଣ୍ଣ ନ୍ୟାୟପରାୟଣତା ପାଇଁ ଉଭୟ ଆବଶ୍ୟକ ଅଟେ । ଆମର ଦୋଷୀକୃତ ନ ହେବା ଘୋଷିତ ହେବା ପାଇଁ ଆମକୁ ଖ୍ରୀଷ୍ଟଙ୍କର ପ୍ରାୟଶ୍ଚିତକାରୀ ମୃତ୍ୟୁ ମାଧ୍ୟମରେ ନିଷ୍କ୍ରିୟ ଧାର୍ମିକତା ଗ୍ରହଣ କରିବା ଆବଶ୍ୟକ । ଆମ ପାଇଁ ନ୍ୟସ୍ତ ହେବା ହେଉଛି ସକାରାତ୍ମକ ଭାବରେ ଧାର୍ମିକତା, ମାତ୍ର ଆମର ମଧ୍ୟ ଖ୍ରୀଷ୍ଟଙ୍କ ସକ୍ରିୟ ଧାର୍ମିକତା ଆମର ଆକାଉଣ୍ଟରେ ଯୋଗ ହେବା ଆବଶ୍ୟକ । ଅତଏବ, ଏହା କେବଳ ତାହାଙ୍କର ପ୍ରାୟଶ୍ଚିତକାରୀ ମୃତ୍ୟୁ ନୁହେଁ ଯାହାକି ଆମକୁ ଉଦ୍ଧାର କରିଥାଏ, ମାତ୍ର ତାହାଙ୍କର ଆଜ୍ଞାବହ ଜୀବନ ମଧ୍ୟ ଅଟେ ।

ଏହି ଧାର୍ମିକତାର ନ୍ୟସ୍ତକରଣ କେବଳ ଏକ ନୈତିକ ଗଳ୍ପ ନୁହେଁ, ଯେପରି କାହାକୁ ଦୋଷାରୋପ କରାଯାଇଛି, ମାତ୍ର ଏକ ନୈତିକ ବାସ୍ତବତା ଅଟେ ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ସହିତ ଆମର ପ୍ରକୃତ ଆତ୍ମିକ ସଂଯୋଗ ଉପରେ ଆଧାରିତ ଅଟେ । ପରିତ୍ରାଣର ଅନ୍ୟ ପ୍ରତ୍ୟେକ ଲାଭଗୁଡ଼ିକ ପରି ନ୍ୟାୟପରାୟଣତା ଖ୍ରୀଷ୍ଟଙ୍କ ସହିତ ଆମର ସଂଯୁକ୍ତ ହେବା ବିଷୟରୁ ଆସିଥାଏ । ଯୀଶୁ ଆମର ଧାର୍ମିକତା ଅଟନ୍ତି (୧ମ କରି. ୧:୩୦), ପୁଣି ସେଥିପାଇଁ ତାହାଙ୍କଠାରେ ଆମର ଯୋଗଦାନ କରିବା ଦ୍ୱାରା ଆମକୁ ଧାର୍ମିକ ବୋଲି ବିବେଚନା କରାଯାଇଛି । କାଲ୍‌ଭିନ୍ ଏହାକୁ ଯେପରି ବର୍ଣ୍ଣନା କରିଥିଲେ, ଖ୍ରୀଷ୍ଟଙ୍କୁ ଆମ ପରି ହେବା ଦ୍ୱାରା ଆମକୁ ତାହାଙ୍କ ଦାନଗୁଡ଼ିକ ସହିତ ଅଂଶୀ କରନ୍ତି ଯେଉଁ ବିଷୟରେ ସେ ସମର୍ଥ ଅଟନ୍ତି । ଅତଏବ ଆମ୍ଭେମାନେ ତାହାଙ୍କୁ ଆମଠାରୁ ଦୂରରେ ଥିବା ଭିନ୍ନ ବ୍ୟକ୍ତି ବୋଲି ବିଚାର କରି ନାହୁଁ ଯେ ତାହାଙ୍କର ଧାର୍ମିକତା ଆମ ପ୍ରତି ନ୍ୟସ୍ତ ହୋଇପାରିବ, ମାତ୍ର ଆମେ ଖ୍ରୀଷ୍ଟଙ୍କ ଉପରେ ରହିଛୁ ଓ ତାହାଙ୍କ ଶରୀର ମଧ୍ୟରେ ସ୍ଥାପିତ ହୋଇଛୁ – ସଂକ୍ଷିପ୍ତରେ କହିଲେ, ସେ ଆମକୁ ତାହାଙ୍କ ସହିତ ଜଣେ ହେବା ପାଇଁ ପରିକଳ୍ପନା କରିଥିବାରୁ । ଏହି କାରଣରୁ ଆମ୍ଭେମାନେ ଗୌରବ ଦେଇଥାଉ ଯେ ତାହାଙ୍କ ସହିତ ଆମର ଧାର୍ମିକତାର ସହଭାଗିତା ଅଛି ।[୮]

ଅତଏବ ପରିତ୍ରାଣ ଏକ ତିନୋଟି ନ୍ୟସ୍ତ ଉପରେ ନିର୍ଭରଶୀଳ ଅଟେ : ପ୍ରଥମେ, ଆଦମଙ୍କ ପତନ ଦ୍ୱାରା ପାପ ମାନବ ଜାତି ଉପରେ ନ୍ୟସ୍ତ କରାଯାଇଛି ଦ୍ୱିତୀୟରେ, ଅନୁତାପରେ, ଜଣେ ବିଶ୍ୱାସୀର ପାପ ଖ୍ରୀଷ୍ଟଙ୍କ ଉପରେ ନ୍ୟସ୍ତ କରାଯାଇଛି ତୃତୀୟରେ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କ ଧାର୍ମିକତା ବିଶ୍ୱାସୀ ପାପୀ ଉପରେ ନ୍ୟସ୍ତ କରାଯାଇଛି । ପାଉଲ ଏହିସବୁ ବିଷୟକୁ ରୋମୀୟ ୫ ଅଧ୍ୟାୟରେ ଏକତ୍ର କରି ରଖିଅଛନ୍ତି, ସେଠାରେ ସେ ଲେଖନ୍ତି :

> ଅତଏବ ଜଣଙ୍କର ଅପରାଧର ଫଳସ୍ୱରୂପେ ଯେପରି ସମସ୍ତ ମନୁଷ୍ୟଙ୍କ ପ୍ରତି ଦଣ୍ଡାଜ୍ଞା ଘଟିଲା, ସେହିପରି ମଧ୍ୟ ଜଣକର ଧାର୍ମିକତାର କର୍ମର ଫଳସ୍ୱରୂପେ ସମସ୍ତ ମନୁଷ୍ୟଙ୍କ ପ୍ରତି ଜୀବନଦାୟକ ଧାର୍ମିକଗଣନା ଘଟିଲା । କାରଣ ଯେପରି ଜଣକର ଅନାଜ୍ଞାବହତା ଦ୍ୱାରା ଅନେକେ ପାପୀ ହେଲେ, ସେହିପରି ମଧ୍ୟ ଜଣକର ଆଜ୍ଞାବହତା ଦ୍ୱାରା ଅନେକେ ଧାର୍ମିକ ହେବେ। (ରୋମୀ. ୫:୧୮–୧୯)

ଧାର୍ମିକତାକୁ ନ୍ୟାୟୋଚିତ କରିବା ବିଷୟକୁ ନ୍ୟସ୍ତ କରିବା ବିଷୟ ସେହି ଧାର୍ମିକତାକୁ ପୁନଃସଂସ୍ଥାପିତ କରିଥାଏ ଯାହାକି ମାନବତା ମୂଳ ପାପ ମାଧ୍ୟମରେ ହରାଇଥିଲା । ଏହା କହିବା ଚମତ୍କାର ବିଷୟ ଅଟେ, ଈଶ୍ୱରଙ୍କ ଆପଣାର ଚରିତ୍ରର ଧାର୍ମିକତା ପ୍ରତି କୌଣସି ଅନ୍ୟାୟ ନ କରି ଏହି ଧାର୍ମିକତାକୁ ପୁନଃସଂସ୍ଥାପିତ କରାଯାଇଛି । ଈଶ୍ୱର କ୍ରୁଶବିଦ୍ଧ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱରେ ଏହାକୁ ଦଣ୍ଡ ଦେବା ଦ୍ୱାରା ଈଶ୍ୱର ଆମ ପାପ ବିଷୟରେ ଯଥାର୍ଥ ମୁକାବିଲା କରିଅଛନ୍ତି । ସେ ମଧ୍ୟ ଆମକୁ ଖ୍ରୀଷ୍ଟଙ୍କଠାରେ ଧାର୍ମିକ ହେବା ପାଇଁ ଘୋଷଣା କରିବା ଦ୍ୱାରା ଆମ ପ୍ରତି ନ୍ୟାୟ କରିଅଛନ୍ତି । ଈଶ୍ୱର କ୍ରୁଶ ମାଧ୍ୟମରେ ଏହି ନ୍ୟାୟୋଚିତ କରିବା କାର୍ଯ୍ୟକୁ ସମ୍ପନ୍ନ କରିଥିଲେ ଯେପରି ପୁଣି ବର୍ତ୍ତମାନ କାଳରେ ଆପଣା ଧାର୍ମିକତା ପ୍ରକାଶ କରିବା

ନିମନ୍ତେ ସେ ଏହା କରିଅଛନ୍ତି, ଯେପରି ସେ ସ୍ୱୟଂ ଧାର୍ମିକ ଓ ଯୀଶୁଙ୍କଠାରେ ବିଶ୍ୱାସୀକୁ ଧାର୍ମିକ ଗଣନାକାରୀ ବୋଲି ପ୍ରକାଶିତ ହୁଅନ୍ତି (ରୋମୀ. ୩:୨୬) ।

ତେଣୁ ପାପୀମାନଙ୍କର ଧାର୍ମିକତା ଈଶ୍ୱରଙ୍କର ଧାର୍ମିକତା ବା ନ୍ୟାୟସଙ୍ଗତ ମଧ୍ୟ ଅଟେ । ନ୍ୟାୟପରାୟଣତାରେ ଈଶ୍ୱର କ୍ରୁଶ ମାଧ୍ୟମରେ ପାପୀମାନଙ୍କ ସହିତ ନ୍ୟାୟ ଭାବରେ ତଥା ଅନୁଗ୍ରହଶୀଳ ହୋଇ ଆପଣାର ନ୍ୟାୟ ପ୍ରମାଣ କରନ୍ତି । ଏକ କାର୍ଯ୍ୟନିର୍ବାହ କରାଯାଇଛି : ଆମର ପାପ ଖ୍ରୀଷ୍ଟଙ୍କ ଉପରେ ନ୍ୟସ୍ତ ହୋଇଥିଲା, ପୁଣି ତାହାଙ୍କୁ ଦୋଷାରୋପ କରାଯାଇଥିଲା ତାହାଙ୍କର ଧାର୍ମିକତା ଆମ ଉପରେ ନ୍ୟସ୍ତ କରାଯାଇଛି, ପୁଣି ଆମ୍ଭେମାନେ ଧାର୍ମିକ ଗଣିତ ହୋଇଛୁ ।

## ନ୍ୟାୟପରାୟଣତାର ମାଧ୍ୟମ : ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ

ପୂର୍ବରୁ ଆମେ ନ୍ୟାୟପରାୟଣତାକୁ ଅର୍ଥ କରିଥିଲୁ । ବର୍ତ୍ତମାନ ଆମେ ଏପରି ଏକ ସ୍ଥିତିରେ ଅଛୁ ଯେପରି ଧର୍ମତାତ୍ତ୍ୱିକ ପ୍ରତିଫଳନ ଦ୍ୱାରା ଆମର ବୋଧଗମ୍ୟତାକୁ ଉନ୍ନତ କରିପାରିବା :

> ନ୍ୟାୟପରାୟଣତାର ଅର୍ଥ ହେଉଛି ଈଶ୍ୱରଙ୍କ ସହିତ ଆମର ଆଇନଗତ ସମ୍ପର୍କରେ ଏକ ସ୍ଥାୟୀ ପରିବର୍ତ୍ତନ, ଯେଉଁଠାରେ ଆମକୁ ଦୋଷୀକୃତ ହେବାରୁ ମୁକ୍ତ କରାଯାଇଛି, ପୁଣି ଯେଉଁଠାରେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟ ଆଧାରରେ ଈଶ୍ୱର ଆମର ସମସ୍ତ ପାପ କ୍ଷମା କରନ୍ତି । ଖ୍ରୀଷ୍ଟଙ୍କ ବ୍ୟତୀତ ଈଶ୍ୱରଙ୍କ ସହିତ ଆମର ନ୍ୟାୟିକ ସମ୍ପର୍କ ହେଉଛି ଦୋଷାରୋପର ଗୋଟିଏ ବିଷୟ – ଆମ ପାପ ହେତୁ ଆମେ ଦୋଷୀକୃତ ହୋଇଛୁ, ଉଭୟ ମୌଳିକ ଓ ପ୍ରକୃତ । ଆମ ପ୍ରତି ଯେତେବେଳେ ନ୍ୟାୟ କରାଯାଇଛି, ସେତେବେଳେ ଈଶ୍ୱରଙ୍କ ସହିତ ଆମର ନ୍ୟାୟିକ ସମ୍ପର୍କ ଗୋଟିଏ ଦୋଷାରୋପରୁ ପରିବର୍ତ୍ତନ ହୋଇ ଏକ ଦୋଷମୁକ୍ତ ନିଷ୍ପତ୍ତିରେ ପରିବର୍ତ୍ତନ ହୋଇଛି ।[୧୯]

ୱେଷ୍ଟମିନିଷ୍ଟର୍ ଶର୍ଟର୍ କାଟେଚିଜିମ୍ ଏକ ଅଧିକ ସଂକ୍ଷିପ୍ତ ତଥ୍ୟପୂର୍ଣ୍ଣ ସଂଜ୍ଞା ଦିଅନ୍ତି : ନ୍ୟାୟପରାୟଣତା ହେଉଛି ଈଶ୍ୱରଙ୍କର ବିନାମୂଲ୍ୟରେ ଦିଆଯାଇଥିବା ଅନୁଗ୍ରହ ଅଟେ, ଯେଉଁଠାରେ ସେ ଆମର ସମସ୍ତ ପାପକ୍ଷମା କରିଅଛନ୍ତି ଓ ତାହାଙ୍କ ଦୃଷ୍ଟିରେ ଆମକୁ ଧାର୍ମିକ ଭାବରେ ଗ୍ରହଣ କରିଅଛନ୍ତି, ତାହା କେବଳ ଖ୍ରୀଷ୍ଟଙ୍କ ଧାର୍ମିକତା ପାଇଁ, ଆମ ଉପରେ ନ୍ୟସ୍ତ କରାଯାଇଛି, ପୁଣି କେବଳ ବିଶ୍ୱାସ ଦ୍ୱାରା ଗ୍ରହଣ କରାଯାଇଥିଲା (କ. ୩୩) ।

ଧର୍ମଶିକ୍ଷାରୁ ସଂଜ୍ଞାରେ ଥିବା ଅନ୍ତିମ ଖଣ୍ଡବାକ୍ୟ ଆବଶ୍ୟକ ଅଟେ, କାରଣ ଏହା ବିଶ୍ୱାସକୁ ନ୍ୟାୟପରାୟଣତାର କେବଳ ଏକମାତ୍ର ଉପକରଣ ଭାବରେ ଚିହ୍ନଟ କରିଥାଏ । ରୋମୀୟ ୩ ଅଧ୍ୟାୟରେ ବିଶ୍ୱାସକୁ ଅନ୍ତତଃପକ୍ଷେ ଛଅଥର ଉଲ୍ଲେଖ କରାଯାଇଛି : ଈଶ୍ୱରଙ୍କର ଯେଉଁ ଧାର୍ମିକତା ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ସମସ୍ତ ବିଶ୍ୱାସୀମଙ୍କ ପ୍ରତି ବର୍ତ୍ତେ (ରୋମୀ. ୩:୨୨) । ଈଶ୍ୱର ତାହାଙ୍କ ରକ୍ତରେ ବିଶ୍ୱାସ ଦ୍ୱାରା, ପ୍ରାୟଶ୍ଚିତ୍ତବଳିସ୍ୱରୂପେ ପ୍ରଦର୍ଶନ କରିଅଛନ୍ତି (ରୋମୀ. ୩:୨୫) । ୨୬ ପଦରେ ଈଶ୍ୱରଙ୍କୁ ଏପରି ବର୍ଣ୍ଣନା କରାଯାଇଛି, ଯୀଶୁଙ୍କଠାରେ ବିଶ୍ୱାସୀକୁ ଧାର୍ମିକ ବୋଲି ଗଣନା କରନ୍ତି । ୨୭ ପଦରେ ଗର୍ବ କରିବା

ବିଷୟଟି ବିଶ୍ୱାସୀର ନିୟମରୁ ବାଦ୍ ଦିଆଯାଇଛି : ତେବେ ଆସ୍ମମାନଙ୍କ ମୀମାଂସା ଏହି, ମନୁଷ୍ୟ ବ୍ୟବସ୍ଥାର କ୍ରିୟାକର୍ମ ବ୍ୟତୀତ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୁଏ (ରୋମୀ. ୩:୨୮; ୫:୧) । ଏହି ପରିଚ୍ଛେଦଟି ବାରମ୍ବାର ଯେଉଁ ବିଷୟକୁ ଗୁରୁତ୍ୱ ଦିଏ ତାହା ସୁସମାଚାର ପ୍ରତି ଜରୁରୀ ଅଟେ : ଆମକୁ *ବିଶ୍ୱାସ ଦ୍ୱାରା* ଧାର୍ମିକ ଗଣିତ କରାଯାଇଛି ।

ଲୋକମାନେ ବେଳେବେଳେ ଜାଣିପାରନ୍ତି ନାହିଁ ଯେ ଈଶ୍ୱରଙ୍କ ସମ୍ମୁଖରେ ନିଜ ନିଜକୁ ଧାର୍ମିକ ଗଣିତ କରିବା ପାଇଁ ସେମାନଙ୍କୁ କ'ଣ କରିବାକୁ ପଡ଼ିବ । ଉତ୍ତର ହେଉଛି କେବଳ ବିଶ୍ୱାସ କରିବା ବ୍ୟତୀତ ଆମର ଆଉ କିଛି କରିପାରିବା ନାହିଁ । ଏହିଠାରେ ହିଁ ଖ୍ରୀଷ୍ଟଧର୍ମ ଅନ୍ୟ ପ୍ରତ୍ୟେକ ଧର୍ମରୁ ଭିନ୍ନ ଅଟେ, ଧାର୍ମିକତା ଲାଭ କରିବା ପାଇଁ ମନୁଷ୍ୟର କେବଳ ଚେଷ୍ଟାରୁ ଭିନ୍ନ ଅଟେ।  ଅନ୍ୟ ଯେକୌଣସି ବିଷୟ ଅପେକ୍ଷା ଏହା ହିଁ ଏହି ପାର୍ଥକ୍ୟ ଅଟେ ଯାହାକି ଅବିଶ୍ୱାସୀମାନଙ୍କୁ ବିଶ୍ୱାସ କରିବା ପାଇଁ ବହୁତ କଷ୍ଟ ଅଟେ : ଈଶ୍ୱରଙ୍କ ପାଇଁ ଆମେ ନିଜ ନିଜକୁ ଉତ୍ତମ କରିବାକୁ ଆମେ କ'ଣ କିଛି କରିପାରିବା ନାହିଁ ?

ମାନବିକତାର ଏକ ଉଲ୍ଲେଖନୀୟ ଉଦାହରଣ କାର୍ଯ୍ୟରେ ଏହାର ଆତ୍ମବିଶ୍ୱାସ ହରାଇଥିବା ବିଷୟ ପ୍ରଥମ-ଶତାବ୍ଦୀ ସମାଧି ସ୍ତମ୍ଭର ଲିପିରୁ ଆସିଥାଏ :

> ଏଠାରେ ଶୋଇଛି ରେଗିନା ..... । ସେ ପୁନର୍ବାର ଜୀବନଯାପନ କରିବ, ପୁନର୍ବାର ଆଲୋକକୁ ଫେରିବ, କାରଣ ସେ ଆଶା କରିପାରିବ ଯେ ସେ ପ୍ରତିଜ୍ଞାତ ଜୀବନକୁ ଫେରିବ, ଏକ ବାସ୍ତବ ନିଶ୍ଚୟତା ଭାବରେ, ଯୋଗ୍ୟ ଓ ପବିତ୍ର ଅଟେ ଯେ ସେ ପବିତ୍ର ଦେଶରେ ଏକ ବାସସ୍ଥାନ ଅକ୍ତିଆର କରିବ । ଆପଣଙ୍କର ଏହି ଈଶ୍ୱରଭକ୍ତି ଆପଣଙ୍କୁ ନିଶ୍ଚୟତା ଦେଇଛି, ଆପଣଙ୍କର ଏହି ବିଶୁଦ୍ଧ ଜୀବନଯାପନ, ଆପଣଙ୍କ ଲୋକମାନଙ୍କ ନିମନ୍ତେ ଆପଣଙ୍କର ଏହି ପ୍ରେମ, ଆପଣଙ୍କର ଏହି ବ୍ୟବସ୍ଥା ପାଳନ, ଆପଣଙ୍କ ବିବାହବନ୍ଧନ ପ୍ରତି ଆପଣଙ୍କ ଭକ୍ତି, ଯେଉଁ ଗୌରବ ଆପଣଙ୍କର ଅତି ପ୍ରିୟ ଥିଲା । ଏହିସବୁ କାର୍ଯ୍ୟ ନିମନ୍ତେ ଆପଣଙ୍କର ଭବିଷ୍ୟତ୍‌ର ଆଶା ନିଶ୍ଚିତ ହୋଇଛି ।[୨୦]

ରେଗିନାର ସମାଧି ଲିପି ଅଦ୍ଭୁତ ଅଟେ, ବିଶେଷରୂପେ ଧାର୍ମିକ ଲୋକମାନଙ୍କ ପାଇଁ । ଏହା ଅନୁମାନ କରିଥାଏ ଯେ ଧାର୍ମିକ କାର୍ଯ୍ୟକଳାପଗୁଡ଼ିକ ସର୍ବୋତ୍ତମ ଅଟେ ପୁଣି କେବଳ ନିଶ୍ଚୟତା ଦେଇଥାଏ ଯେ କେହି ଜଣେ ଏହାକୁ ସ୍ୱର୍ଗକୁ ନେବେ । ତଥାପିମଧ ଯେକେହି ବ୍ୟବସ୍ଥା ପାଳନ କରି ଈଶ୍ୱରଙ୍କଠାରୁ ଗ୍ରହଣୀୟ ହେବା ପାଇଁ ଆଶା କରନ୍ତି ସେ ଆତ୍ମା-ଧ୍ୱଂସକାରୀ ନୈତିକତାରେ ପତିତ ହୋଇଛନ୍ତି । ମାର୍ଟିନ୍ ଲୁଥର୍ ତାଙ୍କର ସ୍ୱାଭାବିକ ସ୍ପୃହାରେ ଏହି ବିଷୟ କହିଥିଲେ, ସେ ଯେତେବେଳେ କହିଲେ ଯେ ଆମର କାର୍ଯ୍ୟ ଦ୍ୱାରା ଆମେ ଅନୁଗ୍ରହ ପାଇପାରିବା ବୋଲି ଭାବିବା ହେଉଛି ବାସ୍ତବରେ ଈଶ୍ୱରଙ୍କୁ ପାପ କରିବା ପାଇଁ ଦେବାର ଏକ ଉପାୟ ।[୨୧]

ଯୀଶୁ ଯେତେବେଳେ ଆପଣା ଶିଷ୍ୟମାନଙ୍କୁ ନ୍ୟାୟପରାୟଣତାର ପ୍ରକୃତ ଉପାୟ ବର୍ଣ୍ଣନା କଲେ, ସେତେବେଳେ ସେ ଯତ୍ନସହକାରେ ବିଶ୍ୱାସ ଓ ଆଜ୍ଞାବହତା ମଧ୍ୟରେ ପାର୍ଥକ୍ୟ

କରିଥିଲେ । ଶିଷ୍ୟଗଣ ପଚାରିଲେ, ଈଶ୍ୱରଙ୍କ କାର୍ଯ୍ୟସବୁ କରିବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ? ସେତେବେଳେ ଯୀଶୁ ଉତ୍ତର ଦେଲେ, ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ତାହାଙ୍କଠାରେ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ ଅଟେ (ଯୋହନ ୬:୨୮–୨୯) । ଫିଲିପ୍ପୀୟ କାରାରକ୍ଷକ ପ୍ରେରିତ ପାଉଲଙ୍କୁ ସେହି ସମାନ୍ ମୂଳ ପ୍ରଶ୍ନ ପଚାରିଥିଲେ : ଉଦ୍ଧାରପ୍ରାପ୍ତ ହେବା ପାଇଁ ମୋତେ କ'ଣ କରିବାକୁ ପଡ଼ିବ ? ପାଉଲ ଯୀଶୁ ଦେଇଥିବା ସେହି ସମାନ୍ ଉତ୍ତର ଦେଇଥିଲେ : ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ଓ ତୁମେ ଉଦ୍ଧାରପ୍ରାପ୍ତ ହେବ (ପ୍ରେରିତ ୧୬:୩୦–୩୧) । ଅନ୍ୟ ବାକ୍ୟରେ, ଈଶ୍ୱରଙ୍କ ପ୍ରତି ନ୍ୟାୟପରାୟଣ ହେବା ପାଇଁ ଆମେ କିଛି ବି କରିପାରିବା ନାହିଁ। ଯେଉଁ ଏକମାତ୍ର ଧାର୍ମିକତା ସେ ଗ୍ରହଣ କରନ୍ତି ତାହା ବ୍ୟବସ୍ଥାଠାରୁ ଭିନ୍ନ ବିଷୟରୁ ଆସିଥାଏ (ରୋମୀ. ୩:୨୧) ।

ତେଣୁ ଆମେ ଯେଉଁ ଏକମାତ୍ର ବିଷୟ କରିପାରିବା ତାହା ହେଉଛି ପରିତ୍ରାଣ ନିମନ୍ତେ ଆମର ବିଶ୍ୱାସକୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ସ୍ଥାପନ କରିବା । ଆମେ ଯଦି ତାହାଙ୍କଠାରେ ଓ କ୍ରୁଶ ଉପରେ ତାହାଙ୍କର ନ୍ୟାୟପରାୟଣ କାର୍ଯ୍ୟ ଉପରେ ଆସ୍ଥା ସ୍ଥାପନ କରିବା, ତେବେ ଈଶ୍ୱର ଆମକୁ ଧାର୍ମିକ ଘୋଷିତ କରିବେ । ଆମ୍ଭେମାନେ ଈଶ୍ୱରଙ୍କ ପ୍ରତି ଗ୍ରହଣୀୟ ଅଟୁ, ତାହାଙ୍କ ବ୍ୟବସ୍ଥା ପାଳନ କରିବା ଦ୍ୱାରା ନୁହେଁ, ମାତ୍ର ଏକମାତ୍ର ବ୍ୟକ୍ତି – ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଆସ୍ଥା ସ୍ଥାପନ କରିବା ଦ୍ୱାରା କରିପାରିବା ।

କାର୍ଯ୍ୟ କରିବା ଦ୍ୱାରା ନ୍ୟାୟବାନ୍ ବିବେଚିତ ହେବା ଓ ବିଶ୍ୱାସ କରିବା ଦ୍ୱାରା ନ୍ୟାୟବାନ୍ ବିବେଚିତ ହେବା ମଧ୍ୟରେ ପାର୍ଥକ୍ୟ ମାର୍ଟିନ୍ ଲୁଥର୍‌ଙ୍କ ପରିବର୍ତ୍ତନରେ ସୁନ୍ଦର ଭାବରେ ଦୃଷ୍ଟାନ୍ତ ଦିଆଯାଇଛି । ଯେଉଁ ଦିନଗୁଡ଼ିକରେ ସେ ସାଧୁ ଥିଲା ବେଳେ ବି ସେହି ବିଖ୍ୟାତ ଧର୍ମତତ୍ତ୍ୱ ବିଦ୍ ଗଭୀର ଭାବରେ ହବକ୍‌କୂକ ଭାବବାଦୀଙ୍କ ଏକ ପଦ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ, ଯାହାକି ପ୍ରେରିତ ପାଉଲଙ୍କ ଦ୍ୱାରା ଗାଲାତୀୟମାନଙ୍କ ନିକଟକୁ ତାଙ୍କର ପତ୍ରରେ ଉଲ୍ଲେଖ ହୋଇଥିଲା : ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ (ଗାଲା. ୩:୧୧ ; ହବ. ୨:୪) ।

ଲୁଥର୍ ଏର୍‌ଫର୍ଟରେ ଥିବା ମଠରେ ଏହି ପଦ ପାଇଥିଲେ, ଯଦିଚ ପ୍ରଥମେ ସେ ଏହାର ଅର୍ଥ ବିଷୟରେ ଅନିଶ୍ଚିତ ଥିଲେ । ପରେ ସେ ଭୟଙ୍କର ଅସୁସ୍ଥ ଓ ନୈରାଶ୍ୟ ଦେଇ ଗତି କଲେ, ଯେଉଁ ସମୟରେ ସେ କଳ୍ପନା କଲେ ଯେ ସେ ଈଶ୍ୱରଙ୍କ କ୍ରୋଧର ଅଧୀନସ୍ଥ ଥିଲେ । ଇଟାଲିରେ ବିଛଣାରେ ପଡ଼ି ପଡ଼ି ଓ ସେ କାଳେ ଶୀଘ୍ର ମରିଯିବେ ଏହି ଭୟରେ ଲୁଥର୍ ନିଜକୁ ସେହି ଶବ୍ଦଗୁଡ଼ିକ ବାରମ୍ବାର ପୁନରାବୃତ୍ତି କରୁଥିବାର ଦେଖିବାକୁ ପାଇଲେ : ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ। ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ।

ଅନୁଗୃହୀତ ଭାବରେ ଲୁଥର୍ ଆରୋଗ୍ୟଲାଭ କରିଥିଲେ, ପୁଣି ତା'ପରେ ଅଧିକ ସମୟ ହୋଇ ନ ଥିଲା ସେ ରୋମ୍‌କୁ ଯାଇଥିଲେ, ଯେଉଁଠାରେ ସେ ସେଣ୍ଟ୍ ଜନ୍ ଲାଟେରାନ୍‌ଙ୍କର ମଣ୍ଡଳୀ ପରିଦର୍ଶନ କରିଥିଲେ । ପୋପ୍ ମଣ୍ଡଳୀର ସିଡ଼ି ଚଢ଼ୁଥିବା ଯେକୌଣସି ପରିବ୍ରାଜକଙ୍କ ପାପ କ୍ଷମା ନିମନ୍ତେ ଏକ ବିଶେଷ ସୁବିଧା ଦେବା ପାଇଁ ପ୍ରତିଜ୍ଞା କରିଥିଲେ, ଯାହାକି ପନ୍ତିୟ ପିଲାତଙ୍କ ବିଚାର କୋଠରୀରୁ ଆସିଛି ବୋଲି ଦୋଷ ଦିଆଯାଇଥିଲା ।

ସୋପାନଗୁଡ଼ିକରେ ଖ୍ରୀଷ୍ଟଙ୍କ ରକ୍ତ ଦାଗ ଲାଗିଥିଲା ବୋଲି ବିଶ୍ୱାସ କରି ପରିବ୍ରାଜକଗଣ ଆଣ୍ଠେଇ ଆଣ୍ଠେଇ ସିଡ଼ି ଚଢ଼ୁଥିଲେ, ପ୍ରାର୍ଥନା କରିବାକୁ ଓ ପବିତ୍ର ସିଡ଼ିକୁ ଚୁମ୍ବନ ଦେବା ପାଇଁ ବାରମ୍ବାର ଅଟକି ରହୁଥିଲେ ।

ଲୁଥର୍‌ଙ୍କ କାହାଣୀ ତାଙ୍କ ପୁତ୍ରଙ୍କ ବାକ୍ୟରେ ଜାରି ରହିଥାଏ (ସେହି ପାଣ୍ଡୁଲିପିଟି ରୁଡ଼ୋଲ୍‌ସ୍‌ଟାଡ୍‌ର ପୁସ୍ତକାଳୟରେ ସଂରକ୍ଷିତ ରହିଥିଲା) : ଲାଟେରାନ୍ ସିଡ଼ିରେ ସେ ତାଙ୍କର ପ୍ରାର୍ଥନାଗୁଡ଼ିକ ପୁନରାବୃତ୍ତି କରିବା ବେଳେ ହବକ୍‌କୁକ ଭାବବାଦୀଙ୍କ କଥାଗୁଡ଼ିକ ହଠାତ୍ ତାଙ୍କ ମନକୁ ଆସିଯାଇଥିଲା : 'ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ।' ତା'ପରେ ସେ ତାଙ୍କର ପ୍ରାର୍ଥନା ବନ୍ଦ କରି ଉ୍ୱିଟେନ୍‌ବର୍ଗକୁ ଫେରିଆସିଥିଲେ, ଓ ତାଙ୍କର ସମସ୍ତ ଧର୍ମତତ୍ତ୍ୱର ମୁଖ୍ୟ ଭିତ୍ତିମୂଳ ଭାବରେ ଏହାକୁ ଗ୍ରହଣ କରିଥିଲେ । ଲୁଥର୍ ଆଉ ବିଶ୍ୱାସ କରି ନ ଥିଲେ ଯେ ଈଶ୍ୱରଙ୍କ ଆଦର ଲାଭ କରିବା ପାଇଁ ସେ କିଛି କରିପାରିବେ ନାହିଁ, ପୁଣି ସେ ବରଂ ଈଶ୍ୱରଙ୍କ ପୁତ୍ରଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଜୀବନଯାପନ କରିବାକୁ ଲାଗିଲେ । ପରେ ସେ କହିଲେ :

> ସେହି କଥାଗୁଡ଼ିକ ମୋ ମନକୁ ଆସିବା ପୂର୍ବରୁ ମୁଁ ଈଶ୍ୱରଙ୍କୁ ଘୃଣା କରିଥିଲି ଓ ତାହାଙ୍କ ଉପରେ କ୍ରୋଧ କରିଥିଲି ..... । ମାତ୍ର ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଯେତେବେଳେ ମୁଁ ସେହି ବାକ୍ୟଗୁଡ଼ିକ – ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ! ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ! ବୁଝିଲି, ସେତେବେଳେ ମୁଁ ଜଣେ ନୂତନ ବ୍ୟକ୍ତିଙ୍କ ପରି ପୁନର୍ଜନ୍ମପ୍ରାପ୍ତ ହେବା ପରି ଅନୁଭବ କଲି ମୁଁ ଉନ୍ମୁକ୍ତ ଦ୍ୱାର ମଧଦେଇ ଈଶ୍ୱରଙ୍କ ପାରଦୀଶ ମଧରେ ପ୍ରବେଶ କଲି ।[୨୨]

ବାଇବଲ ଯେତେବେଳେ କହେ ଯେ ବିଶ୍ୱାସ ଦ୍ୱାରା କିମ୍ବା ବିଶ୍ୱାସ ମାଧମରେ ଆମ୍ଭେମାନେ ଧାର୍ମିକ ଗଣିତ ହୋଇଛୁ, ଏହା ହେଉଛି ସାବ୍ୟସ୍ତ କରିବା ଯେ ବିଶ୍ୱାସ ହିଁ ଆମର ଧାର୍ମିକଗଣିତ ହେବାର ଉପକରଣ ଅଟେ, ସେହି ପଥ ମଧ ଦେଇ ଆମ୍ଭେମାନେ ଯୀଶୁ ଖ୍ରୀଷ୍ଟଙ୍କର ଧାର୍ମିକତା ଗ୍ରହଣ କରିଥାଉ । ଜେ.ଆଇ. ପ୍ୟାକର୍‌ଙ୍କ ଭାଷାରେ ବିଶ୍ୱାସ ହେଉଛି ଲମ୍ବି ଯାଇଥିବା ଶୂନ୍ୟ ହସ୍ତ ଯାହାକି ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଦ୍ୱାରା ଧାର୍ମିକତା ଗ୍ରହଣ କରିଥାଏ ।[୨୩] ସେହିପରି ଭାବରେ ଜେ.ସି. ରାଇଲ୍ ପ୍ରକୃତ ସତ୍ୟକୁ ଏହିପରି ଅର୍ଥ କରିଥିଲେ ଯେପରି

> ଜଣେ ଉଦ୍ଧାରକର୍ତ୍ତାଙ୍କ ହାତ ଧରିବା, ଜଣେ ସ୍ୱାମୀର ବାହୁ ଉପରେ ନଇଁ ପଡ଼ିବା, ଓ ଜଣେ ଡ଼ାକ୍ତରଙ୍କ ଔଷଧ ଗ୍ରହଣ କରିବା । (ବିଶ୍ୱାସ) ଏହା ସହିତ ଖ୍ରୀଷ୍ଟଙ୍କ ପ୍ରତି କୌଣସି ବିଷୟ ନୁହେଁ, ମାତ୍ର ଜଣେ ପାପୀ ମନୁଷ୍ୟର ପ୍ରାଣକୁ ଆଣିଥାଏ । ଏହା କିଛି ଦାନ କରେ ନାହିଁ, କୌଣସି ଅବଦାନ ଦିଏ ନାହିଁ, କୌଣସି ମୂଲ୍ୟ ଦିଏ ନାହିଁ, କୌଣସି କାର୍ଯ୍ୟ କରେ ନାହିଁ । ଏହା କେବଳ ଗ୍ରହଣ କରିଥାଏ, ନେଇଥାଏ, ଗ୍ରହଣ କରିଥାଏ, ଆହରଣ କରିଥାଏ, ପୁଣି ଖ୍ରୀଷ୍ଟ ନ୍ୟସ୍ତ କରୁଥିବା ନ୍ୟାୟୋଚିତ ଗୌରବମୟ ଉପହାର ଗ୍ରହଣ କରିଥାଏ ।[୨୪]

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଏହାର ଅର୍ଥ ହେଉଛି ଯେ ଯଥାର୍ଥରୂପେ କହିଲେ, ନିଜେ ବିଶ୍ୱାସ (କିମ୍ବା ଏପରିକି ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହେବାର ଧର୍ମତତ୍ତ୍ୱ ) ଆମକୁ ଉଦ୍ଧାର କରେ ନାହିଁ । ବରଂ ଖ୍ରୀଷ୍ଟ ହିଁ ଆମକୁ ଉଦ୍ଧାର କରନ୍ତି, ବିଶ୍ୱାସରେ କେବଳ ମାଧ୍ୟମରୂପେ କାର୍ଯ୍ୟ କରୁଅଛନ୍ତି ଯାହା ଦ୍ୱାରା ଆମେ ଖ୍ରୀଷ୍ଟଙ୍କୁ ଉପଯୁକ୍ତ କରିଥାଉ । କାଲ୍‌ଭିନ୍‌ଙ୍କ ଭାଷାରେ, ବିଶ୍ୱାସ ଦ୍ୱାରା ସେ ଧାର୍ମିକଗଣିତ ହୁଅନ୍ତି, ଯେ କି କାର୍ଯ୍ୟ କରି ଧାର୍ମିକଗଣିତ ହେବାରୁ ବାଦ୍ ହୋଇଥିଲେ, ବିଶ୍ୱାସ ମାଧ୍ୟମରେ ଖ୍ରୀଷ୍ଟଙ୍କ ଧାର୍ମିକତା ଗ୍ରହଣ କରନ୍ତି, ଓ ଏଥିରେ ବସ୍ତ୍ରାନ୍ୱିତ ହୋଇଥିଲେ, ଈଶ୍ୱରଙ୍କ ଦୃଷ୍ଟିରେ ଜଣେ ପାପୀସ୍ୱରୂପ ଦେଖାଯାଇ ନ ଥିଲେ, ମାତ୍ର ଜଣେ ଧାର୍ମିକ ବ୍ୟକ୍ତି ଭାବରେ ଦେଖାଯାଇଥିଲେ ।[୨୫]

ଯଦିଚ ରୋମୀୟ ୩ ଅଧ୍ୟାୟ କହେ ନାହିଁ ଯେ କେବଳ ବିଶ୍ୱାସ ଦ୍ୱାରା ହିଁ ଧାର୍ମିକଗଣିତ ହୁଅନ୍ତି (ଅନ୍ତତଃପକ୍ଷେ ଅନେକ ଶବ୍ଦରେ), ତଥାପି ପରିଚ୍ଛେଦଟି ସ୍ପଷ୍ଟରୂପେ ଏହା ହିଁ ବ୍ୟକ୍ତ କରିଥାଏ, ନିର୍ଦ୍ଦିଷ୍ଟରୂପେ ଏହାର ଶେଷାଂଶରେ : ତେବେ ଗର୍ବ କେଉଁଠାରେ ? ତାହା ଦୂରୀକୃତ ହେଲା । କିପ୍ରକାର ବ୍ୟବସ୍ଥା ଦ୍ୱାରା ? କଅଣ କ୍ରିୟାକର୍ମର ବ୍ୟବସ୍ଥା ଦ୍ୱାରା ? ନା, ବିଶ୍ୱାସର ବ୍ୟବସ୍ଥା ଦ୍ୱାରା । ତେବେ ଆମ୍ଭମାନଙ୍କ ମୀମାଂସା ଏହି, ମନୁଷ୍ୟ ବ୍ୟବସ୍ଥାର କ୍ରିୟାକର୍ମ ବ୍ୟତୀତ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୁଏ (ରୋମୀ. ୩:୨୭-୨୮ ; ଗାଲା. ୨:୧୬) ।

ଆମ୍ଭେମାନେ ଯଦି କାର୍ଯ୍ୟ ଦ୍ୱାରା ଧାର୍ମିକ ଗଣିତ ହୋଇଥା'ନ୍ତୁ, କିମ୍ବା ଏପରିକି ବିଶ୍ୱାସ ଓ କାର୍ଯ୍ୟ ଦ୍ୱାରା ଧାର୍ମିକ ଗଣିତ ହୋଇଥା'ନ୍ତୁ, ତେବେ ପରିତ୍ରାଣ ବିଷୟରେ ଗର୍ବ କରିବାର ବିଷୟ ଥା'ନ୍ତା (ଏଫି. ୨:୯ ପଦ ଦେଖନ୍ତୁ) । ମାତ୍ର ଏହା ଯେପରି ଅଟେ, କେହି ଜଣେ ବି ନିଜର ଶକ୍ତିରେ ବା ନିଜର ଯୋଗ୍ୟତାରେ ସ୍ୱର୍ଗ ଯାଇଛନ୍ତି ବୋଲି ଗର୍ବ କରିପାରିବେ ନାହିଁ । ଆମ୍ଭେମାନେ ସିଦ୍ଧ ଜୀବନ ଓ ଯୀଶୁ ଖ୍ରୀଷ୍ଟଙ୍କ ଉତ୍ସର୍ଗୀକୃତ ମୃତ୍ୟୁ ଆଧାରରେ ଧାର୍ମିକ ଗଣିତ ହୋଇଛୁ, ପୁଣି ବିଶ୍ୱାସ କରିବା ବ୍ୟତୀତ ଆଉ ଅଧିକ କିଛି କରାଯିବାର ଆବଶ୍ୟକ ହିଁ ନାହିଁ । ଦି ଗସ୍‌ପେଲ୍ କୋଆଲିସନ୍‌ସ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍‌ରୁ ଉଦ୍ଧୃତ କଲେ, ଆମ୍ଭେମାନେ ବିଶ୍ୱାସ କରୁ ଯେ ଈଶ୍ୱର ସେହିମାନଙ୍କୁ ଧାର୍ମିକଗଣିତ କରନ୍ତି ଓ ଶୁଚି କରନ୍ତି ଯେଉଁମାନଙ୍କର ଅନୁଗ୍ରହରେ ଯୀଶୁଙ୍କଠାରେ ବିଶ୍ୱାସ ଅଛି ।

## ନ୍ୟାୟପରାୟଣତାର ଲକ୍ଷ୍ୟ : ଈଶ୍ୱରଙ୍କ ଗୌରବ ନିମନ୍ତେ ଉତ୍ତମ କାର୍ଯ୍ୟ

କେହି କେହି ଭାବନ୍ତି ଯେ କେବଳ ବିଶ୍ୱାସ ଦ୍ୱାରା ହିଁ ପ୍ରେରିତ ଯାକୁବ ଧାର୍ମିକତାର ଧର୍ମତତ୍ତ୍ୱକୁ ଖଣ୍ଡନ କରନ୍ତି । କାରଣ ଯାକୁବ ଯୁକ୍ତି କରନ୍ତି ଯେ କେବଳ ବିଶ୍ୱାସ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ନ ହୋଇ କର୍ମ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ, ଏହା ତୁମ୍ଭେମାନେ ଦେଖୁଅଛ (ଯାକୁବ ୨:୨୪) । ମାତ୍ର ଯାକୁବ ବାସ୍ତବରେ ଯାହା କହୁଅଛନ୍ତି, ତାହା ଏହିପରି କିଛି ବିଷୟ ଅଟେ : ଜଣେ ବ୍ୟକ୍ତି କେବଳ ତାଙ୍କର ବିଶ୍ୱାସ ଦ୍ୱାରା ନୁହେଁ, ମାତ୍ର ତାଙ୍କର କାର୍ଯ୍ୟ ଦ୍ୱାରା ଧାର୍ମିକ ଗଣିତ ହୋଇଥିଲେ। ପାଉଲଙ୍କ ପରି ନ ହୋଇ ଯେ କି ଲୋକପ୍ରିୟ ଧାରଣାକୁ

ବିରୋଧ କରିବା ଆବଶ୍ୟକ କରିଥିଲେ ଯେ ପାପୀମାନେ ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇପାରିଥିଲେ, ଯାକୁବ ଏହି ଭ୍ରାନ୍ତ ଧାରଣା ସହିତ ସଂଘର୍ଷ କରୁଥିଲେ ଯେ ବିଶ୍ୱାସୀମାନଙ୍କୁ କାର୍ଯ୍ୟ ଦ୍ୱାରା ସମ୍ପୂର୍ଣ୍ଣରୂପେ ପରିହାର କରାଯାଇପାରିବ । ଧର୍ମତାତ୍ତ୍ୱିକ ଶବ୍ଦଗୁଡ଼ିକରେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ରଖିବା ପାଇଁ ପାଉଲ ସେହି ଲୋକମାନଙ୍କର ମୁକାବିଲା କରୁଥିଲେ ଯେଉଁମାନେ ପବିତ୍ରୀକରଣକୁ ସେମାନଙ୍କ ଧାର୍ମିକତା ନିମନ୍ତେ ଆଧାରର ଅଂଶବିଶେଷ କରିବାକୁ ଇଚ୍ଛା କରିଥିଲେ, ଯେଉଁଠାରେ ଯାକୁବ ସେହି ଲୋକମାନଙ୍କ ସହିତ କାର୍ଯ୍ୟ କରୁଥିଲେ ଯେଉଁମାନେ ପବିତ୍ର ନ ହୋଇ ଧାର୍ମିକ ଗଣିତ ହେବାକୁ ଇଚ୍ଛା କରିଥିଲେ !

ଯାକୁବଙ୍କ ପାଇଁ ତଥା ପାଉଲଙ୍କ ପାଇଁ ଧାର୍ମିକ ଗଣିତ ହେବାର ଅର୍ଥ ହେଉଛି ଧାର୍ମିକ ଘୋଷିତ ହେବା । ପାର୍ଥକ୍ୟଟି ହେଉଛି ଯେ ପାଉଲଙ୍କ କ୍ଷେତ୍ରରେ ଈଶ୍ୱର ହିଁ ବିଶ୍ୱାସୀକୁ ଧାର୍ମିକ ଘୋଷଣା କରନ୍ତି, ସେହି ସମୟରେ ଯାକୁବଙ୍କ କ୍ଷେତ୍ରରେ ବିଶ୍ୱାସୀର କାର୍ଯ୍ୟ ହିଁ ତାକୁ ଧାର୍ମିକ ଘୋଷିତ କରିଥାଏ ସେ ତା'ର ବିଶ୍ୱାସକୁ ସିଦ୍ଧ ବୋଲି ପ୍ରମାଣିତ କରିଥାଏ । ପ୍ରାୟ ନିର୍ଦ୍ଦିଷ୍ଟରୂପେ ଉଭୟ ପ୍ରେରିତ କାଲ୍‌ଭିନ୍‌ଙ୍କ ସହିତ ସମ୍ମତ ହେବେ ଯେ କେବଳ ବିଶ୍ୱାସ ହିଁ ଧାର୍ମିକ ଗଣିତ ହୋଇଥାଏ ପୁଣି ତଥାପିମଧ୍ୟ ବିଶ୍ୱାସ ଯହାକି ଧାର୍ମିକ ଗଣିତ ହୋଇଥାଏ ତାହା ଏକାକୀ ନୁହେଁ ।[୨୬] ବିଶ୍ୱାସ ଓ କାର୍ଯ୍ୟ ଏକତ୍ର ମିଶି ଧାର୍ମିକ (ବିଶ୍ୱାସ+କାର୍ଯ୍ୟ>>ଧାର୍ମିକ) କରି ନ ଥା'ନ୍ତି । ବରଂ ବିଶ୍ୱାସ ଧାର୍ମିକ କରିଥାଏ ଓ ଉତ୍ତମ କାର୍ଯ୍ୟ ଉତ୍ପନ୍ନ କରିଥାଏ (ବିଶ୍ୱାସ>>ଧାର୍ମିକ+କାର୍ଯ୍ୟ) ।

ଏହାକୁ ତଥାପିମଧ୍ୟ ଅନ୍ୟ ଏକ ଉପାୟରେ ପ୍ରକାଶ କଲେ ହେବ, ଯେଉଁ ବିଶ୍ୱାସ ଏକାକୀ ଧାର୍ମିକ ଗଣିତ ହୋଇଥାଏ ତାହା ହେଉଛି *ଏକ ବିଶ୍ୱାସ ଯାହାକି କାର୍ଯ୍ୟ କରେ* । ଏହା ବର୍ଣ୍ଣନା କରେ କାହିଁକି ଦି ଗସ୍‌ପେଲ୍ କୋଆଲିସନ୍ ଏହା କହିବା ଦ୍ୱାରା ଧାର୍ମିକ ହେବା ବିଷୟରେ ଏହାର ଉକ୍ତି ସମାପ୍ତ କରିଥାଏ, ଆମେ ବିଶ୍ୱାସ କରୁ ଯେ ବ୍ୟକ୍ତିଗତ ଓ ସର୍ବସାଧାରଣ ଆଜ୍ଞାବହ ହେବାର ଏକ ଆଗ୍ରହ ବିନା ମୂଲ୍ୟର ଏହି ଧାର୍ମିକତାରୁ ପ୍ରବାହିତ ହୋଇଥାଏ । ଧାର୍ମିକ ଗଣିତ ହେବା ପାଇଁ ପ୍ରକୃତ ବାଇବଲସମ୍ମତ ଧର୍ମତତ୍ତ୍ୱ ଉତ୍ତମ କାର୍ଯ୍ୟକୁ ବିରୋଧ କରି ନ ଥାଏ, ମାତ୍ର ପ୍ରକୃତରେ ସେଗୁଡ଼ିକୁ ଉତ୍ପନ୍ନ କରିଥାଏ । ଆମର ଧାର୍ମିକତା ବହୁଳ ଭାବରେ ଆମର ପବିତ୍ରୀକରଣ ସହିତ ସଂଯୁକ୍ତ ଅଟେ ।

କେବଳ ନ୍ୟାୟପରାୟଣତା ବିଷୟରେ କହିଲେ, ଖ୍ରୀଷ୍ଟଙ୍କର କାର୍ଯ୍ୟ ଓ ଆମର କାର୍ଯ୍ୟ ପାରସ୍ପରିକ ଭାବରେ ଅନନ୍ୟ ଅଟେ । ପାଉଲ ଗାଲାତୀୟ ପୁସ୍ତକରେ ଯେପରି କହନ୍ତି : ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ନ ହୋଇ କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ (ଗାଲା. ୨:୧୬) । ତେଣୁ ନ୍ୟାୟପରାୟଣତା କାର୍ଯ୍ୟ କରିବା ଅପେକ୍ଷା ଆସ୍ଥା ସ୍ଥାପନ କରିବା ଦ୍ୱାରା ଆସିଥାଏ : ଯେ କର୍ମ ଉପରେ ନିର୍ଭର କରେ ନାହିଁ, ମାତ୍ର ଅଧାର୍ମିକକୁ ଧାର୍ମିକ ବୋଲି ଯେ ଗଣନା କରନ୍ତି, ତାହାଙ୍କଠାରେ ବିଶ୍ୱାସ କରେ, ତାହା ପକ୍ଷରେ ତାହାର ବିଶ୍ୱାସ ଧାର୍ମିକତା ବୋଲି ଗଣିତ ହୁଏ (ରୋମୀ. ୪:୫) । ଧାର୍ମିକତା ବିଷୟରେ କହିଲେ, ବାଇବଲ ବିଶ୍ୱାସ ଓ କାର୍ଯ୍ୟକୁ ପରସ୍ପରର ବିରୋଧ ବୋଲି

କହିଥାଏ । ଯଦି ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇଥା'ନ୍ତି, ତେବେ ଏହା କାର୍ଯ୍ୟ ଦ୍ୱାରା ହୋଇ ନ ଥାଏ । ଏହିପରି ଭାବରେ କାର୍ଯ୍ୟ କରିବା ଦ୍ୱାରା ବାଇବଲ ବାସ୍ତବରେ କହୁଛି ଯେ ଧାର୍ମିକ ଗଣିତ ହେବା କେବଳ ବିଶ୍ୱାସ ଦ୍ୱାରା ହିଁ ହୋଇଥାଏ । କାରଣ ଧାର୍ମିକ ଗଣିତ ହେବା ଯଦି କାର୍ଯ୍ୟ ଦ୍ୱାରା ହୋଇ ନ ଥାଏ, ତେବେ ଏହାକୁ ନିଶ୍ଚିତରୂପେ କେବଳ ବିଶ୍ୱାସ ଦ୍ୱାରା ହିଁ ଆସିବାକୁ ପଡ଼ିବ ।

ବିଶ୍ୱାସ ଓ କାର୍ଯ୍ୟ ମଧ୍ୟରେ ଏହି ପାର୍ଥକ୍ୟ ଥିବାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଅଛି – ଈଶ୍ୱରଙ୍କ ଯୋଜନାରେ ଆମର ଧାର୍ମିକଗଣିତ ହେବାର ଉଦ୍ଦେଶ୍ୟ ବୁଝିବାରେ ଆମକୁ ସାହାଯ୍ୟ କରିବା ଏକ କାରଣ ଅଟେ । ଧାର୍ମିକ ଗଣିତ ହେବା ଯଦି କେବଳ ବିଶ୍ୱାସ ଦ୍ୱାରା ଆସିଥାଏ, ତେବେ ଧାର୍ମିକ ଗଣିତ ହେବାର ବାଇବଲସମ୍ମତ ଉପାୟ ନିଶ୍ଚିତ କରିଥାଏ ଯେ ସମସ୍ତ ଗୌରବ କେବଳ ଈଶ୍ୱରଙ୍କ ପ୍ରତି ହିଁ ଯାଇଥାଏ । ଆମେ ଯଦି ଆମର କାର୍ଯ୍ୟ ବିନା ଯୀଶୁଙ୍କର ଉଦ୍ଧାରକାରୀ କାର୍ଯ୍ୟ ଦ୍ୱାରା ଧାର୍ମିକଗଣିତ ହୋଇଛୁ, ତେବେ ଆମ ପରିତ୍ରାଣର ସମସ୍ତ ପ୍ରଶଂସା ଆମ ପ୍ରତି ନୁହେଁ, ମାତ୍ର ତାହାଙ୍କ ପ୍ରତି ହିଁ ଯାଇଥାଏ । ତେଣୁ ନ୍ୟାୟପରାୟଣତାର ଲକ୍ଷ୍ୟ ହେଉଛି – ସୁସମାଚାରର ଅନ୍ୟାନ୍ୟ ଦିଗଗୁଡ଼ିକ ପରି – ଈଶ୍ୱରଙ୍କର ଗୌରବ ଅଟେ ।

## ଧାର୍ମିକଗଣିତ ହେଉଥିବା ଲୋକମାନେ : ଆମ ପରି ଲୋକ ଅଟନ୍ତି

ଧାର୍ମିକଗଣିତ ହେବାର ବାଇବଲସମ୍ମତ ଧର୍ମତତ୍ତ୍ୱ ର ସର୍ବାଧିକ ସୁନ୍ଦର ନିଶ୍ଚୟତାଗୁଡ଼ିକ ମଧ୍ୟରୁ ଗୋଟିଏ ହେଡ଼େଲ୍‌ବର୍ଗ କାଟେଚିସିମ୍‌ରୁ ଆସିଥାଏ, ଯାହାକି ପ୍ରଶ୍ନ କରେ, ତୁମ୍ଭେମାନେ ଈଶ୍ୱରଙ୍କ ସମ୍ମୁଖରେ କିପରି ଭାବରେ ଧାର୍ମିକ ଗଣିତ ହୋଇଛ? (ପ୍ରଶ୍ନ ୬୦) । ଉତ୍ତର ହେଉଛି ଏହା :

> କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା । ମୋର ବିବେକ ମୋତେ ଦୋଷାରୋପ କରିଥାଏ ଯେ ମୁଁ ଈଶ୍ୱରଙ୍କର ସମସ୍ତ ଆଜ୍ଞା ବିରୁଦ୍ଧରେ ଭୟଙ୍କର ଭାବରେ ପାପ କରିଛି, ଓ ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ବି ପାଳନ କରି ନାହିଁ, ପୁଣି ଏବେସୁଦ୍ଧା ମୁଁ ସେହିସବୁ ମନ୍ଦତା ପ୍ରତି ସର୍ବଦା ଅନୁରକ୍ତ ହୋଇଛି, ଏହା ସତ୍ତ୍ୱେ ମୋର କୌଣସି ଯୋଗ୍ୟତା ନ ଥାଇ ବି ଈଶ୍ୱର ପବିତ୍ର ଅନୁଗ୍ରହରେ ମୋତେ ଖ୍ରୀଷ୍ଟଙ୍କର ସିଦ୍ଧ ପ୍ରାୟଶ୍ଚିତର ପରିଣାମ ମୋତେ ହିଁ ଦିଅନ୍ତି, ମୋ ଉପରେ ତାହାଙ୍କର ଧାର୍ମିକତା ଓ ପବିତ୍ରତାକୁ ନ୍ୟସ୍ତ କରୁଅଛନ୍ତି, ଯେପରି ମୁଁ କେବେ ଗୋଟିଏ ବି ପାପ କରି ନାହିଁ କିମ୍ବା କେବେ ପାପପୂର୍ଣ୍ଣ ନ ଥିଲି, ଯେପରି ମୁଁ ସମସ୍ତ ଆଜ୍ଞାକୁ ପାଳନ କରିଥିଲି ଯାହାକି ଖ୍ରୀଷ୍ଟ ମୋ ପାଇଁ ବହନ କରିଥିଲେ, ଯଦି କେବଳ ଏକ ଆସ୍ଥା ସ୍ଥାପନକାରୀ ହୃଦୟରେ ମୁଁ ସେହିପରି ଦୟାକୁ ଗ୍ରହଣ କରିବି ।

ଲକ୍ଷ୍ୟ କରନ୍ତୁ ଯେ ଏହି ଧର୍ମଶିକ୍ଷା ପ୍ରଥମ ବ୍ୟକ୍ତିର ଭାଷାରେ ଧାର୍ମିକତାକୁ ପ୍ରକାଶ କରିଥାଏ । ଏହା ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟକୁ ସୂଚୀତ କରିଥାଏ : ଯଦି ଧାର୍ମିକତା ବିଶ୍ୱାସ ମାଧ୍ୟମରେ ଆସେ, ତେବେ ଆମ୍ଭମାନଙ୍କୁ ନିଜ ନିଜକୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ

କରିବାକୁ ପଡ଼ିବ – ବ୍ୟକ୍ତିଗତ ଭାବରେ ଓ ଜଣ ଜଣ କରି – ଯେପରି ଧାର୍ମିକଗଣିତ ହୋଇପାରିବା । ଧାର୍ମିକଗଣିତ ହେବା ସାଧାରଣ ଭାବରେ ପରିତ୍ରାଣର ଏକ ଉପାୟ ବିଷୟରେ କେବଳ ଏକ ନିୟମ ନୁହେଁ ଏହା ଏକ ଆହ୍ୱାନ ଯେପରି ଖ୍ରୀଷ୍ଟଙ୍କ ପ୍ରତି ଏକ ବ୍ୟକ୍ତିଗତ ବିଶ୍ୱାସ ସ୍ଥାପନ କରାଯାଇପାରିବ, କାରଣ ତାହାଙ୍କ ବିନା ଆମକୁ ଦୋଷାରୋପ କରାଯିବ । ଅବଶ୍ୟ ବାଇବଲ ସତର୍କ କରିଦିଏ ଯେ ଯେ ତାହାଙ୍କଠାରେ ବିଶ୍ୱାସ କରେ, ସେ ବିଚାରିତ ହୁଏ ନାହିଁ ଯେ ବିଶ୍ୱାସ କରେ ନାହିଁ, ସେ ବିଚାରିତ ହୋଇସାରିଲାଣି, କାରଣ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ନାମରେ ବିଶ୍ୱାସ କରି ନାହିଁ (ଯୋହନ ୩:୧୮) । ତଥାପିମଧ୍ୟ ସେହି ସମାନ୍ ପଦ ମଧ୍ୟ ପ୍ରତିଜ୍ଞା କରିଥାଏ ଯେ ଯେକେହି ତାହାଙ୍କଠାରେ ବିଶ୍ୱାସ କରେ ତାକୁ ଦୋଷାରୋପ କରାଯାଏ ନାହିଁ । ଅତଏବ, ଆମ୍ଭମାନଙ୍କୁ ଯଦି ଧାର୍ମିକଗଣିତ କରାଯାଇଛି ଓ ଦୋଷାରୋପ କରାଯାଇ ନାହିଁ, ତେବେ ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଆମର ବିଶ୍ୱାସ ସ୍ଥାପନ କରାଯିବାକୁ ପଡ଼ିବ ।

କାରଣ ଯେଉଁମାନେ ବିଶ୍ୱାସ କରନ୍ତି, ଈଶ୍ୱରଙ୍କ ଅନ୍ତିମ ସିଦ୍ଧାନ୍ତ – ଅନନ୍ତକାଳ ପର୍ଯ୍ୟନ୍ତ ଧାର୍ମିକଗଣିତ ହେବା – ଆମର ସାମ୍ପ୍ରତିକ ଅନୁଭୂତି ମଧ୍ୟକୁ ଅଣାଯାଇଛି । ଶାସ୍ତ୍ର କହେ, ଅତଏବ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବାରୁ ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁଁ (ରୋମୀ. ୫:୧) । ଆମର ଆଇନଗତ ସ୍ଥିତି ସ୍ଥିର କରାଯାଇସାରିଛି । ଆମ୍ଭେମାନେ କେବେ ବି ଅଧାର୍ମିକ ହୋଇପାରିବା ନାହିଁ । ଆମ୍ଭେମାନେ ବର୍ତ୍ତମାନ ଓ ଚିରକାଳ ପାଇଁ ଈଶ୍ୱରଙ୍କ ପ୍ରତି, ଈଶ୍ୱରଙ୍କର ଗୌରବ ପ୍ରତି ଗ୍ରହଣୀୟ ଅଟୁ । ଈଶ୍ୱର ଯାହା ଘୋଷଣା କରିସାରିଅଛନ୍ତି ବିଚାର ଦିନ ତାହା ନିଶ୍ଚିତ କରିବ : ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ (ରୋମୀ. ୮:୧) ।

ବିଶ୍ୱାସକୁ ନ୍ୟାୟୋଚିତ କରିବା ପାଇଁ ଯେଉଁ ଜଣେ ବ୍ୟକ୍ତି ଅନୁଭୂତି ଲାଭ କରିଥିଲେ ସେ ଥିଲେ କବି ୱିଲିୟମ୍ କାଉପର୍ । କାଉପର୍ ନୈରାଶ୍ୟବାଦ ହୋଇ ଦୀର୍ଘକାଳ ଦୁଃଖଭୋଗ କରିଥିଲେ, ପୁଣି କିଛି ସମୟ ପାଇଁ ସେ ଏକ ପାଗଳଖାନାରେ ବାସ କରିଥିଲେ, ଯେଉଁଠାରେ ଅବସ୍ଥା ଅତି ଅପ୍ରୀତିକର ଥିଲା । ମାତ୍ର ତାଙ୍କର ସମସ୍ତ ଶାରୀରିକ ଓ ମାନସିକ କ୍ଳେଶ ସତ୍ତ୍ୱେ ତାଙ୍କର ସର୍ବାଧିକ ଭୟଙ୍କର ଦୁଃଖଭୋଗ ଥିଲା ଆତ୍ମିକ, କାରଣ ସେ ନିଜକୁ ଅପରାଧୀ ପାପୀ ଭାବରେ ବିବେଚନା କରୁଥିଲେ । ତଥାପିମଧ୍ୟ ଏପରି ଦିନ ଆସିଲା, ଯେତେବେଳେ କାଉପର୍ ତାଙ୍କର ନୈତିକ ଉପଚାର କେବଳ ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହେବାର ବାର୍ତ୍ତାରେ ପାଇଥିଲେ । ସେ ଏହି କାହାଣୀ କହିଥିଲେ :

> ଯେଉଁ ଖୁସି ସମୟ ଯାହାକି ମୋର ବନ୍ଧନ ଖୋଳି ଦେଇଥିଲା ଓ ମୋତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ବିନାମୂଲ୍ୟର ଅନୁଗ୍ରହ ପ୍ରତି ସ୍ପଷ୍ଟରୂପେ ଉନ୍ମୋଚିତ ହେବାକୁ ଦେଇଥିଲା । ମୁଁ ଝରକା ନିକଟରେ ଥିବା ଏକ ଚଉକିରେ ବସିପଡ଼ିଲି, ପୁଣି ସେଠାରେ ଏକ ବାଇବଲ ଦେଖି, ସାନ୍ତ୍ୱନା ଓ ନିର୍ଦ୍ଦେଶ ପାଇବା ପାଇଁ ଏହାକୁ ପ୍ରୟୋଗ କରିବା

> ପାଇଁ ଆଉଥରେ ଚେଷ୍ଟା କଲି । ଯେଉଁ ପ୍ରଥମ ପଦଗୁଡ଼ିକ ମୁଁ ଦେଖିଥିଲି ତାହା ରୋମୀୟ ତୃତୀୟ ଅଧ୍ୟାୟରେ ଥିଲା : ସେମାନେ ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହରେ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି, ତଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି । ଈଶ୍ୱର ଆପଣା ସହିଷ୍ଣୁତାରେ ପୂର୍ବକୃତ ପାପସବୁ ଉପେକ୍ଷା କରିଥିବାରୁ ନିଜ ଧାର୍ମିକତା ପ୍ରକାଶ କରିବା ନିମନ୍ତେ ତାହାଙ୍କୁ, ତାହାଙ୍କ ରକ୍ତରେ ବିଶ୍ୱାସ ଦ୍ୱାରା, ପ୍ରାୟଶ୍ଚିତ୍ତବଳିରୂପେ ପ୍ରଦର୍ଶନ କରିଅଛନ୍ତି । ତତ୍‌କ୍ଷଣାତ୍ ବିଶ୍ୱାସ କରିବା ପାଇଁ ମୁଁ ଶକ୍ତି ପ୍ରାପ୍ତ ହେଲି, ପୁଣି ଧାର୍ମିକତା ସୂର୍ଯ୍ୟର ସମ୍ପୂର୍ଣ୍ଣ ସ୍ତମ୍ଭ ମୋ ଉପରେ ପଡ଼ିଲା । ସେ କରିଥିବା ଯଥେଷ୍ଟ ପ୍ରାୟଶ୍ଚିତ୍ତକୁ, ତାହାଙ୍କ ରକ୍ତରେ ମୋର କ୍ଷମା ଓ ତାହାଙ୍କ ଧାର୍ମିକତାର ପୂର୍ଣ୍ଣତା ଓ ସମ୍ପୂର୍ଣ୍ଣତାରେ ମୋର କ୍ଷମା ମୁଁ ଦେଖିଲି । ଗୋଟିଏ ମୁହୂର୍ତ୍ତରେ ମୁଁ ବିଶ୍ୱାସ କରିଥିଲି ଓ ସୁସମାଚାର ଗ୍ରହଣ କରିଥିଲି ।[୨୭]

ଧାର୍ମିକତାର ଏହି ଉପହାର ସୁସମାଚାରକୁ ବିଶ୍ୱାସ କରିଥିବା ଓ ଗ୍ରହଣ କରିଥିବା ପ୍ରତ୍ୟେକଙ୍କ ପ୍ରତି ଉପଲବ୍ଧ ଅଟେ । ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ କାର୍ଯ୍ୟ ଆଧାରରେ ଈଶ୍ୱର ପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ନ୍ୟାୟପରାୟଣତା ଅର୍ପଣ କରନ୍ତି । ଯୀଶୁଖ୍ରୀଷ୍ଟଙ୍କଠାରେ ଯେଉଁ ପ୍ରତ୍ୟେକଙ୍କର ବିଶ୍ୱାସ ଅଛି ସେମାନେ ପ୍ରତ୍ୟେକଙ୍କୁ ଈଶ୍ୱରଙ୍କ ଅନନ୍ତ ନ୍ୟାୟର ଆଧାରରେ ଚିରକାଳ ଧାର୍ମିକ ବୋଲି ଘୋଷଣା କରାଯିବ ।

## ଅଧିକ ପଠନ ନିମନ୍ତେ

Buchanan, James. *The Dotrine of Justification.* Reprint, Grand Rapids, Mt : Baker, 1955.

Carson, D.A., ed. *Right with God : Justification in the Bible and the World.* Exeter : Paternoster ; Grand Rapids, Mt : Baker, 1992.

Piper, John. *The Future of Justification : A Response to N.T. Wright.* Wheaton, IL : Crossway, 2007.

Sproul, R.C. *Faith Alone : The Evangelical Doctrine of Justification.* Grand Rapids, Mt : Baker, 1955.

Vickers, Brian. *Jesus' Blood and Righteousness : Paul's Theology of Imputation.* Wheaton, IL : Crossway, 2006.

୧୦

# ପବିତ୍ର ଆତ୍ମା

*କେଭିନ୍ ଡ଼ିୟଙ୍ଗ*

ବିଶ୍ୱସ୍ତ ହୁଅନ୍ତୁ : ବଡ଼ଦିନ ବିଷୟରେ କୌତୁକଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଉପହାରଗୁଡ଼ିକ ପାଇବା । କେତେକ ଲୋକ ଅତି ଅଳ୍ପ ପାଆନ୍ତି, କେହି କେହି ବହୁତ ଅଧିକ ପାଆନ୍ତି । ମାତ୍ର ଅଧିକାଂଶ ଲୋକ କିଛି ବିଷୟ ପାଆନ୍ତି। ଗତ ବର୍ଷ ମୁଁ କିଛି ପାଇଲି କିଛି ପୁସ୍ତକ (ୟା), ପୋଷାକ (ମେହ୍), ଏକ ନିଣ୍ଟେଡ଼ୋ ୱି (ଏହା ଥିଲା, ଏର୍, ପିଲାମାନଙ୍କ ପାଇଁ), ପୁଣି ଏକ ଜନ୍ କାଲ୍‌ଭିନ୍ ବବଲ୍‌ହେଡ୍ କଣ୍ଢେଇ (ଅମୂଲ୍ୟ) । ସବୁ ବିଷୟ ସବୁ ବିଷୟରେ ଅଛି, ଏକ ରୁଚିସମ୍ପନ୍ନ ଗତି ପରିବର୍ତ୍ତନ ।

କେବଳ ବଡ଼ଦିନରୁ ନୁହେଁ, ମାତ୍ର ସର୍ବୋତ୍ତମ ଭାବରେ ଆପଣଙ୍କର ପ୍ରିୟ ଉପହାର ବିଷୟରେ ଚିନ୍ତା କରନ୍ତୁ । ଦୀର୍ଘ ସମୟର ପ୍ରଭାବ ପକାଇବା ପାଇଁ ଏକ ନିର୍ବନ୍ଧ ମୁଦ୍ରିକାକୁ ବାରମ୍ବାର ଆଘାତ କରିବା କଷ୍ଟକର ଅଟେ । ମାତ୍ର ମୁଁ ଯଦି ଆପଣଙ୍କୁ ଏକ ଉପହାର ବିଷୟରେ କହେ ଯାହାକି ଅଧିକ ଜୀବନ-ପରିବର୍ତ୍ତନକାରୀ ଶକ୍ତି ଯୋଗାଇବା ବିଷୟରେ, ଧନ ଅପେକ୍ଷା ଅଧିକ ଜଗତ-ପରିବର୍ତ୍ତନକାରୀ ପ୍ରଭାବ ବିଷୟରେ କହେ, ତେବେ କ'ଣ ହେବ ? ଆପଣ ହୁଏତ ଭାବପ୍ରବଣ ଅଟନ୍ତି ପୁଣି ଆପଣଙ୍କ ସର୍ବାଧିକ ମୂଲ୍ୟବାନ୍ ଉପହାର ହେଉଛି ସାଙ୍ଗ ଓ ପରିବାର ଦ୍ୱାରା ଦିଆଯାଇଥିବା ପୁରୁଣା ଫଟୋଗୁଡ଼ିକ । ଠିକ୍ ଅଛି, ମୁଁ ଯଦି ଆପଣଙ୍କୁ ଆପଣଙ୍କ ପ୍ରିୟତମାଙ୍କ ଚିତ୍ର ଅପେକ୍ଷା ଅଧିକ ଭାବରେ ଏକ ଉପହାର ବିଷୟରେ କହେ, ତେବେ କ'ଣ ହେବ ଏହା ଆପଣଙ୍କୁ ସର୍ବଦା ଆପଣଙ୍କ ସହିତ ତାହାଙ୍କ ଉପସ୍ଥିତି ବିଷୟରେ କହିଥିଲା ?

ଏହା କିଛି ଉପହାର ହେବ – ପ୍ରତିଜ୍ଞାର, ଶକ୍ତିର, ଉପସ୍ଥିତିର ଏକ ଉପହାର ହେବ । ପୁଣି ସାରା ଜଗତରେ ଲକ୍ଷ ଲକ୍ଷ ଲୋକ ଏହାକୁ ଗ୍ରହଣ କରିଛନ୍ତି । କିମ୍ବା ମୁଁ କହିବା ଉଚିତ୍ ତାହାଙ୍କୁ ଗ୍ରହଣ କରିଛନ୍ତି । କାରଣ ଆପଣ ଯେପରି ଅନୁମାନ କରିଛନ୍ତି, ଉପହାର ହେଉଛି ପବିତ୍ର ଆତ୍ମା । ଅନ୍ୟ କୌଣସି ସମ୍ପତ୍ତି ଏତେ ବହୁମୂଲ୍ୟ, ସହାୟକ, ଗତିଶୀଳ, ବଳିଷ୍ଠ ଓ ପ୍ରେମମୟ ନୁହେଁ, ଯେପରି ଆତ୍ମା ସେମାନଙ୍କ ମଧ୍ୟରେ ବାସ କରନ୍ତି, ଯେଉଁମାନେ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କର ଅଧିକାରଭୁକ୍ତ ଅଟନ୍ତି (୧ମ କରି. ୩:୧୬) ।

## ସମଗ୍ର ବାଇବଲରେ ପବିତ୍ର ଆତ୍ମା

''ଆତ୍ମା'' ପାଇଁ ଯେଉଁ ଶବ୍ଦ ଅଛି ଏବ୍ରୀ ଭାଷାରେ ସେହି ଶବ୍ଦ ହେଉଛି ରତ୍ ଓ ଗ୍ରୀକ୍ ଭାଷାରେ ସେହି ଶବ୍ଦ ହେଉଛି *ନିଉମା* । ପୁରାତନ ନିୟମରେ ପବିତ୍ର ଆତ୍ମାଙ୍କ ନିମନ୍ତେ

ପୂର୍ବଟି ସାଧାରଣତଃ ନବେ ଥର ବ୍ୟବହୃତ ହୋଇଛି । ପରବର୍ତ୍ତୀଟି ନୂତନ ନିୟମରେ ଆତ୍ମା ପ୍ରତି ୨୫୦ରୁ ଉର୍ଦ୍ଧ୍ୱ ଥର ବ୍ୟବହୃତ ହୋଇଛି । ଉଭୟ ଶବ୍ଦ ବାୟୁ ବା ପ୍ରଶ୍ୱାସ ପାଇଁ ଉଲ୍ଲେଖ କରାଯାଇପାରିବ । ସାଧାରଣ ଧାରଣା ସମାନ୍ ଅଟେ: *ରଚ୍* ଓ *ନିଉମା* କ୍ରୋଧ, ଗତି, ଜୀବନ, ସକ୍ରିୟତାକୁ ପ୍ରକାଶ କରିଥାଏ । ପବିତ୍ର ଆତ୍ମା ହେଉଛନ୍ତି ପୃଥକ୍ ହୋଇ ରହିଥିବା ଆତ୍ମା ଅଟନ୍ତି, ସେମାନେ ଈଶ୍ୱରଙ୍କର ଅଧିକାରଭୁକ୍ତ ଅଟନ୍ତି । ଆପଣା ଲୋକମାନଙ୍କ ଗହଣରେ ସେ ଈଶ୍ୱରଙ୍କ ଶକ୍ତି ଓ ଉପସ୍ଥିତି ଅଟନ୍ତି ।

ନୂତନ ନିୟମରେ ଅଧିକ ଦୃଶ୍ୟମାନ ମାଧ୍ୟମରେ ପବିତ୍ର ଆତ୍ମା ପୁରାତନ ନିୟମରେ ମଧ୍ୟ କାର୍ଯ୍ୟ କରୁଅଛନ୍ତି । ସୃଷ୍ଟି ସମୟରେ ସେ ଉପସ୍ଥିତ ଥିଲେ, ପାଣିସ୍ତର ଉପରେ ଘୁରି ବୁଲୁଥିଲେ, ପିତା ଯେଉଁ ଉଦ୍ଦେଶ୍ୟ ରଖିଥିଲେ ଓ ଯୋଜନା କରିଥିଲେ ତା'ର ଭାରସାମ୍ୟ ରକ୍ଷା କରିଥିଲେ (ଆଦି. ୧:୨) । ପବିତ୍ର ଆତ୍ମା ଯାତ୍ରାରେ ସାହାଯ୍ୟକାରୀ ଥିଲେ (ଯିଶା. ୬୪:୭-୧୪) । ସେ ଈଶ୍ୱରଙ୍କ ଲୋକମାନଙ୍କୁ ସେବାକାର୍ଯ୍ୟ କରିବା ପାଇଁ ଦାନ ଦେଇଥିଲେ, ବେଜାଲେଲ୍ ଓ ଓହୋଲିଆବ୍‌ଙ୍କୁ କେବଳ କଳାତ୍ମକ ଦକ୍ଷତାରେ ନୁହେଁ ମାତ୍ର ପୃଥିବୀରେ ଗୋଟିଏ ପ୍ରକାର ସ୍ୱର୍ଗକୁ ପୁନଃ ଆକାରବିଶିଷ୍ଟ କରିବା ପାଇଁ ଆତ୍ମାଙ୍କ ଶକ୍ତି ଦେଇଥିଲେ (ଯାତ୍ରା. ୩୫:୩୦-୩୫) । ଆମ୍ଭେମାନେ ବାରମ୍ବାର ଦେଖୁ ଯେ ପୁରାତନ ନିୟମରେ ଆତ୍ମା କିପରି ଭାବରେ ବାଲାମ୍, ଗିଦିୟନ୍, ଯିପ୍ତହ, ଶାମ୍‌ଶୋନ୍, ଓ ଆସରିୟ ପରି ଲୋକମାନଙ୍କ ଉପରେ ଅବସ୍ଥାନ କରିଥିଲେ, ବିଶେଷ ଭାବରେ କଥାବାର୍ତ୍ତା କରିବା ପାଇଁ ଓ କାର୍ଯ୍ୟ କରିବା ପାଇଁ (ଗଣ. ୨୪:୨; ବିଚା. ୬:୩୪; ୧୧:୨୯; ୧୩:୨୫; ୧୪:୬, ୧୯; ୧୫:୧୪; ୨ୟ ବଂଶା. ୧୫:୧) । ଆତ୍ମା ମଧ୍ୟ ଲୋକମାନଙ୍କ ଉପରକୁ କିଛି ସମୟ ପାଇଁ ଆସିପାରିଥିଲେ ଓ ତା'ପରେ ଚାଲିଯାଇଥିଲେ, ଯେପରି ଶାଉଲ ଅନୁଭୂତି ଲାଭ କରିଥିଲେ (୧ମ ଶାମୁ. ୧୬:୧୪) ଓ ଦାଉଦ ଭୟ କରିଥିଲେ (ଗୀତ. ୫୧:୧୧) ।

ପୁରାତନ ନିୟମରେ ଆତ୍ମାଙ୍କ କାର୍ଯ୍ୟକଳାପ ଶକ୍ତିଶାଳୀ ଅଟେ, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ । ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ, ତା'ପରେ ପୁରାତନ ନିୟମ ଆତ୍ମାଙ୍କର ଆଗାମୀ ଯୁଗ ପ୍ରତି ଆଗକୁ ଦେଖିଥାଏ । ନିର୍ଦ୍ଦିଷ୍ଟରୂପେ ତିନିଜଣ ଭାବବାଦୀ ଏହି ନୂତନ ଦିନ ବିଷୟରେ ଭବିଷ୍ୟତ୍‌ବାଣୀ ଦେଇଥିଲେ । ଯୋୟେଲ୍ ୨:୨୮-୩୨ ପଦ ଆଗକୁ ଦେଖିଥାଏ ଯେ ଆତ୍ମା ଈଶ୍ୱରଙ୍କର ସମସ୍ତ ଲୋକଙ୍କ ଉପରକୁ ଆସୁଅଛନ୍ତି । ଯିହିଜିକଲ ୩୬:୨୨-୩୭:୧୪ ପଦ ସେହି ଦିନକୁ ଅପେକ୍ଷା କରିଥାଏ ଯେତେବେଳେ ଆତ୍ମା ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ବ୍ୟକ୍ତିଗତରୂପେ ଓ ସ୍ଥାୟୀ ଭାବରେ ବାସ କରିବେ । ପୁଣି ଯିଶାଇୟ ୧୧:୧-୫ ପଦ ଯିଶିଙ୍କ ମୂଳରୁ ଜଣେ ଆତ୍ମା-ଅଭିଷିକ୍ତ ଶାଖା ବିଷୟରେ ପ୍ରତିଜ୍ଞା ଦେଇଥାଏ ଯେ କି ଇସ୍ରାୟେଲ ପାଇଁ ପରିତ୍ରାଣର ଦିନରେ ପ୍ରଦର୍ଶକ ହେବେ । ଏକ ସର୍ବସାଧାରଣ ଆତ୍ମା, ବାସ କରୁଥିବା ଏକ ଆତ୍ମା, ଓ ଜଣେ ଆତ୍ମାରେ ଶକ୍ତିଯୁକ୍ତ ଉଦ୍ଧାରକର୍ତ୍ତା : ଏହା ହିଁ ଆତ୍ମାଙ୍କ ଯୁଗ ଯାହାକି ପୁରାତନ ନିୟମ ଅଗ୍ରୀମ ପଦକ୍ଷେପ ନେଇଥାଏ । ନୂତନ ଚୁକ୍ତି ଅଧୀନରେ ଏହି ଢ଼ାଳି ହେବା ବିଷୟ ହୃଦୟଙ୍ଗମ କରାଯାଇଛି (୨ୟ କରି. ୩:୧-୧୧) । ଆତ୍ମା ସମସ୍ତ ଶରୀର ଉପରେ

ଢ଼ଳା ଯାଇଛନ୍ତି (ପ୍ରେରିତ ୨:୧୪-୨୧), ସମସ୍ତ ବିଶ୍ୱାସୀଙ୍କ ମଧ୍ୟରେ ବାସ କରନ୍ତି (ରୋମୀ. ୮:୯), ଓ ଆତ୍ମା-ଅଭିଷିକ୍ତ ମସୀହଙ୍କୁ ତାହାଙ୍କର ପାର୍ଥିବ ସେବାକାର୍ଯ୍ୟ ଓ ଉଦ୍ଧାରକାରୀ କାର୍ଯ୍ୟରେ ଶକ୍ତିଯୁକ୍ତ ଓ ଗୌରବାନ୍ୱିତ କରନ୍ତି ।

ନୂତନ ନିୟମ ଆମେ ଅନେକ ସମୟରେ ହୃଦୟଙ୍ଗମ କରୁଥିବା ସେହି ଅନ୍ତିମ ବିଷୟକୁ ଗୁରୁତ୍ୱ ଦିଏ । ଆତ୍ମା ଆପଣା ସେବାକାର୍ଯ୍ୟର ପ୍ରତ୍ୟେକ ସ୍ତର ମାଧ୍ୟରେ ପୁତ୍ରଙ୍କୁ ଶକ୍ତିଯୁକ୍ତ କରିଥିଲେ । ପବିତ୍ର ଆତ୍ମା କୁମାରୀ ଗର୍ଭ ସଞ୍ଚାର ସମୟରେ ମରିୟମଙ୍କୁ ଆବୋରି ଥିଲେ (ମାଥି. ୧:୧୮; ୨୦ ଲୂକ ୧:୩୫) । ପବିତ୍ର ଆତ୍ମା ଶିମିୟୋନଙ୍କ ଉପରେ ଥିଲେ ଯେତେବେଳେ ସେ ମନ୍ଦିରରେ ଯୀଶୁଙ୍କ ବିଷୟରେ କହୁଥିଲେ (ଲୂକ ୨:୨୫) । ବାପ୍ତିସ୍ମ ସମୟରେ ଆତ୍ମା ଯୀଶୁଙ୍କ ଉପରେ ଅବତରଣ କରିଥିଲେ (ମାଥି. ୩:୧୬) । ତା'ପରେ ଆତ୍ମା ଯୀଶୁଙ୍କୁ ପରିଚାଳିତ କରିଥିଲେ, ଯାହାଙ୍କ ବିଷୟରେ ଲୂକ କହନ୍ତି ଯେ ସେ ପ୍ରାନ୍ତରରେ ଶୟତାନ ଦ୍ୱାରା ପ୍ରଲୋଭିତ ହେବା ପାଇଁ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲେ (ମାଥି. ୪:୧ ଲୂକ ୪୧) । ପ୍ରଲୋଭନ ପରେ ଯୀଶୁ ଆତ୍ମାଙ୍କ ଶକ୍ତିରେ ଗାଲୀଲୀକୁ ଫେରିଆସିଥିଲେ (୪:୧୪) ଓ ପ୍ରାର୍ଥନାଗୃହରେ ଘୋଷଣା କରିଥିଲେ ଯେ ଦରିଦ୍ରମାନଙ୍କ ନିକଟରେ ସୁସମାଚାର ଘୋଷଣା କରିବା ପାଇଁ ପ୍ରଭୁଙ୍କ ଆତ୍ମା ତାଙ୍କ ଉପରେ ଅବତରଣ କରିଥିଲେ (୪:୧୮) ।

ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ହିଁ ଯୀଶୁ ମନ୍ଦାତ୍ମାଗଣକୁ ବାହାର କରିଦେଇଥିଲେ (ମାଥି. ୧୨:୨୮) । ଏବ୍ରୀ ୯:୧୪ ପଦ କହେ ଅନନ୍ତ ଆତ୍ମାଙ୍କ ମାଧ୍ୟମରେ ହିଁ ଖ୍ରୀଷ୍ଟ ଈଶ୍ୱରଙ୍କ ପ୍ରତି ଏକ ବଳିଦାନସ୍ୱରୂପ ଆପଣାକୁ ଅର୍ପଣ କରିଥିଲେ । ରୋମୀୟ ୧:୪ ପଦ ଅନୁଯାୟୀ ଯୀଶୁଙ୍କୁ ପବିତ୍ରତାର ଆତ୍ମାଙ୍କ ମାଧ୍ୟମରେ ମୃତ୍ୟୁରୁ ତାହାଙ୍କ ପୁନରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ହେବା ପାଇଁ ଶକ୍ତିର ସହିତ ଘୋଷଣା କରାଯାଇଥିଲା । ଜୀବନ, ସେବାକାର୍ଯ୍ୟ, ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ ଗର୍ଭସଞ୍ଚାରରୁ ଜନ୍ମ ପର୍ଯ୍ୟନ୍ତ ଆତ୍ମା ଖ୍ରୀଷ୍ଟଙ୍କ ଉପରେ ଓ ତାହାଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିଲେ ।

## ପବିତ୍ର ଆତ୍ମା କିଏ ଅଟନ୍ତି?

*ଜଣେ ବ୍ୟକ୍ତି*

ପବିତ୍ର ଆତ୍ମା ଜଣେ ବ୍ୟକ୍ତି ଅଟନ୍ତି।  ସେ ଶୋକ କରନ୍ତି (ଏଫି. ୪:୩୦) ମଧ୍ୟସ୍ଥ ପ୍ରାର୍ଥନା କରନ୍ତି (ରୋମୀ. ୮:୨୬-୨୭) ସାକ୍ଷ୍ୟ ଦିଅନ୍ତି (ଯୋହନ ୧୬:୧୨-୧୫) କଥା କହନ୍ତି (ମାର୍କ ୧୩:୧୧) ସୃଷ୍ଟି କରନ୍ତି (ଆଦି. ୧:୨; ଲୂକ ୧:୩୫) ଏକ ମନ ଅଛି (ରୋମୀ. ୮:୨୭) ପୁଣି ତାହାଙ୍କର ନିନ୍ଦା କରାଯାଇପାରିବ (ମାର୍କ ୩:୨୮-୨୯) ।[2] (ଅବଶ୍ୟ ଶାସ୍ତ୍ରଗୁଡ଼ିକୁ ମଧ୍ୟ ସାକ୍ଷ୍ୟ ଦେବାକୁ ଓ କହିବାକୁ କୁହାଯାଇଛି, ପୁଣି କେହି ମଧ୍ୟ ଭାବନ୍ତି ନାହିଁ ଯେ ଶାସ୍ତ୍ରଗୁଡ଼ିକ ହେଉଛନ୍ତି ମନୁଷ୍ୟ ଜାତି । ତଥାପିମଧ୍ୟ ଏହିପରି କ୍ଷେତ୍ରରେ ପୂର୍ବାପର ପ୍ରସଙ୍ଗ ଦର୍ଶାଏ ଯେ ଏହା ହେଉଛି ଶାସ୍ତ୍ରକୁ ବ୍ୟକ୍ତିତ୍ୱଆରୋପ କରିବା, ସଙ୍କେତ ଦେବା, ପ୍ରକୃତ କଥା ହେଉଛି, ଯେ ଈଶ୍ୱର ଶାସ୍ତ୍ରଗୁଡ଼ିକ ମାଧ୍ୟମରେ କଥା କହନ୍ତି ଓ ସାକ୍ଷ୍ୟ ଦିଅନ୍ତି ।)

ବିଦାୟକାଳୀନ କଥାବାର୍ତ୍ତାରେ (ଯୋହନ ୧୪-୧୬), ଯୀଶୁ ଯୀଶୁ ପ୍ରେରଣ କରିବାକୁ ପ୍ରତିଜ୍ଞା କରନ୍ତି ଆଉ ଜଣେ ପାରାକ୍ଲିତ (ବହୁଳ ଭାବରେ ବର୍ଣ୍ଣିତ ସାହାଯ୍ୟକାରୀ, ଉପଦେଷ୍ଟା, ସମର୍ଥନକାରୀ), ଯାହାଙ୍କର ନାମ ହେଉଛ ପବିତ୍ର ଆତ୍ମା, ଯେ କି ପାର୍ଥିବ ସେବାକାର୍ଯ୍ୟରେ ଯୀଶୁଙ୍କର ଉତ୍ତରାଧିକାରୀ ଅଟନ୍ତି ଓ କେତେକ କ୍ଷେତ୍ରରେ ଯୀଶୁଙ୍କର ବଦଳ ଅଟନ୍ତି ପୁଣି ଏକ ଅମାନବ ଶକ୍ତି ବା ସେହିପରି କିଛି ବିଷୟ ସରଳ ଭାବରେ ସେହି ବର୍ଣ୍ଣନାଗୁଡ଼ିକ ସହିତ ଖାପ ଖାଇବ ନାହିଁ ଯାହାକି ଯୀଶୁଙ୍କର ଅର୍ପିତ ଆତ୍ମା କରିବେ ।

*ଈଶ୍ୱର*

ପବିତ୍ର ଆତ୍ମା କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ମାତ୍ର ସେ ଜଣେ ସ୍ୱର୍ଗୀୟ ବ୍ୟକ୍ତି ଅଟନ୍ତି । ଗୀତସଂହିତା ୧୩୯:୭ ପଦ ତାହାଙ୍କର ସର୍ବବିଦ୍ୟମାନତା ବିଷୟକୁ ସୂଚନା ଦେଇଥାଏ। ସେ ହିଁ ଅନନ୍ତ ଆତ୍ମା ଅଟନ୍ତି (ଏବ୍ରୀ ୯:୧୪) ।[୩] ପବିତ୍ର ଆତ୍ମାଙ୍କୁ ମିଛ କହିବା ଅର୍ଥ ଈଶ୍ୱରଙ୍କୁ ମିଛ କହିବା (ପ୍ରେରିତ ୫:୩-୪) । ପାଉଲ ଈଶ୍ୱରଙ୍କ ମନ୍ଦିର ଖଣ୍ଡବାକ୍ୟଟିକୁ ବଦଳ କରି ପବିତ୍ର ଆତ୍ମାଙ୍କ ମନ୍ଦିର ଭାବରେ ବ୍ୟବହାର କରନ୍ତି, ତେଣୁ ସେ ଏହି ଦୁଇ ଜଣଙ୍କୁ ସମାନ୍ କରନ୍ତି (୧ମ କରି. ୩:୧୬; ୬:୧୯) ।

*ପିତା ଓ ପୁତ୍ରଙ୍କଠାରୁ ପୃଥକ୍*

ପବିତ୍ର ଆତ୍ମା ପିତା ଓ ପୁତ୍ରଙ୍କ ସହିତ ସମାନ୍ ବିଷୟର ଅଂଶୀ ହୁଅନ୍ତି, ପୁଣି ତଥାପିମଧ୍ୟ ସେ ସେମାନଙ୍କଠାରୁ ପୃଥକ୍ ଅଟନ୍ତି (ମାଥି. ୨୮:୧୯; ୧ମ କରି. ୧୨:୪-୬; ୨ୟ କରି. ୧:୨୧-୨୨; ୧୩:୧୪; ୧ମ ପିତ. ୧:୨) । ସରଳ ଭାବରେ କହିଲେ, ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି, ମାତ୍ର ପବିତ୍ର ଆତ୍ମା ପିତା ବା ପୁତ୍ର ନୁହଁନ୍ତି । ସେ ଆପଣାର ହିଁ ସ୍ୱର୍ଗୀୟ ବ୍ୟକ୍ତି ଅଟନ୍ତି ।

ସେ ପିତା ଓ ପୁତ୍ରଙ୍କଠାରୁ ପୃଥକ୍ ହେଲେ ବି ପବିତ୍ର ଆତ୍ମା ଈଶରଙ୍କ ଆତ୍ମା ଓ ଖ୍ରୀଷ୍ଟଙ୍କ ଆତ୍ମା ଅଟନ୍ତି (ରୋମୀ. ୮:୯) । ଈଶ୍ୱରଙ୍କ ଆତ୍ମା ଆପଣଙ୍କଠାରେ ବାସ କରନ୍ତି, କିମ୍ବା ଖ୍ରୀଷ୍ଟଙ୍କ ଆତ୍ମା ଆପଣଙ୍କଠାରେ ଅଛନ୍ତି, କିମ୍ବା ଖ୍ରୀଷ୍ଟ ଆପଣଙ୍କଠାରେ ବାସ କରନ୍ତି, ବୋଲି କହିବା ହେଉଛି ସମାନ୍ ବିଷୟକୁ ତିନୋଟି ଉପାୟରେ କହିବା (ରୋମୀ. ୮:୧୦) ।[୪] ଆତ୍ମାଙ୍କୁ ପିତାଙ୍କଠାରୁ (ଯୋହନ ୧୪:୨୬) ଓ ପୁତ୍ରଙ୍କଠାରୁ (୧୬:୭; ୨୦:୨୨) [୫] ପ୍ରେରଣ କରାଯାଇଛି। ପ୍ରକୃତରେ ପୁତ୍ର ଓ ଆତ୍ମାଙ୍କର ପରିଚୟ ଏତେ ବହୁଳ ଭାବରେ ମେଳ ଖାଇଯାଏ ଯେ ପାଉଲ କହିପାରିଥିଲେ ପ୍ରଭୁ ଆତ୍ମା ଅଟନ୍ତି (୨ୟ କରି. ୩:୧୭-୧୮) ।

ଏହାର ଅର୍ଥ ନୁହେଁ ଯେ ପୁତ୍ର ଓ ଆତ୍ମା ସେମାନଙ୍କ ସତ୍ତାରେ ଏକ ଅଟନ୍ତି, ବରଂ ଏହାର ଅର୍ଥ ହେଉଛି ଯେ ସେମାନଙ୍କ ମିଶନ୍ ଏତେ ସମ୍ମିଳିତ ହୋଇ ରହିଛି ଯେ ସେମାନେ ସେମାନଙ୍କ ଅଂଶର ମୁକ୍ତିଦାୟୀ କାର୍ଯ୍ୟକଳାପରେ ଏକ ଅଟନ୍ତି । ଯୀଶୁ ସତ୍ୟ ଅଟନ୍ତି (ଯୋହନ ୧୪:୬), ପୁଣି ଆତ୍ମା ଶିଷ୍ୟମାନଙ୍କୁ ସମସ୍ତ ସତ୍ୟରେ ପରିଚାଳିତ କରିବେ (ଯୋହନ

୧୬:୧୩) । ଯୀଶୁ ପିତା ଈଶ୍ୱରଙ୍କ ସାକ୍ଷ୍ୟ ବହନ କରିବା ପାଇଁ ଆସିଥିଲେ (ଯୋହନ ୧:୧୪-୧୮), ପୁଣି ଆତ୍ମା ଖ୍ରୀଷ୍ଟଙ୍କର ସାକ୍ଷ୍ୟ ବହନ କରିବାକୁ ଆସନ୍ତି (ଯୋହନ ୧୫:୨୬) । ପାପପୂର୍ଣ୍ଣ ଜଗତ ଖ୍ରୀଷ୍ଟଙ୍କୁ ଗ୍ରହଣ କରି ନ ଥିଲେ (ଯୋହନ ୧:୧୧; ୫:୪୩), ପୁଣି ପାପପୂର୍ଣ୍ଣ ଜଗତ ଆତ୍ମାଙ୍କୁ ଗ୍ରହଣ କରିବେ ନାହିଁ (ଯୋହନ ୧୪:୧୭) । ପବିତ୍ର ଆତ୍ମା ସରଳ ଭାବରେ ଓ ଗୌରବମୟ ଭାବରେ ଆଉ ଜଣେ ସାହାଯ୍ୟକାରୀ (ଯୋହନ ୧୪:୧୬), ପୁନରୁତ୍ଥିତ ଓ ସ୍ୱର୍ଗାରୋହଣ କରିଥିବା ଖ୍ରୀଷ୍ଟଙ୍କର ପୃଥିବୀରେ ଥିବା ଶକ୍ତି ଓ ଉପସ୍ଥିତି ।

## ପବିତ୍ର ଆତ୍ମାଙ୍କର କାର୍ଯ୍ୟ

ପବିତ୍ର ଆତ୍ମାଙ୍କ କିଏକୁ ପରୀକ୍ଷା କରି ବର୍ତ୍ତମାନ ଆମେ କ'ଣକୁ ପରୀକ୍ଷା କରିବାକୁ ଯାଉଛୁ, ଯେପରି ଏଥିରେ ଅଛି : ପବିତ୍ର ଆତ୍ମା ପ୍ରକୃତରେ କ'ଣ କରନ୍ତି ? ବାଇବଲରେ ଆତ୍ମାଙ୍କୁ ଦେଖାଯାଇ ନ ଥିବାରୁ, ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ବିଷୟ ଅପେକ୍ଷା କାର୍ଯ୍ୟ ବିଷୟରେ ଅଧିକରୂପେ କହିବା ପାଇଁ ଅଛି । ଆତ୍ମାଙ୍କୁ ଜାଣିବାର ସର୍ବୋତ୍ତମ ଉପାୟ ହେଉଛି ତାହାଙ୍କର ପ୍ରଭାବକୁ ବୁଝିବା ଓ ଅନୁଭୂତି ଲାଭ କରିବା । ମୁଁ ଆତ୍ମାଙ୍କର କାର୍ଯ୍ୟକୁ ସାତୋଟି ବର୍ଗରେ ବିଭକ୍ତ କରିଛି : ପବିତ୍ର ଆତ୍ମା ବୋଧ ଦିଅନ୍ତି, ପରିବର୍ତ୍ତନ କରନ୍ତି, ପ୍ରୟୋଗ କରନ୍ତି, ଗୌରବାନ୍ୱିତ କରନ୍ତି, ପବିତ୍ରୀକୃତ କରନ୍ତି, ସୁସଜ୍ଜିତ କରନ୍ତି ଓ ପ୍ରତିଜ୍ଞା କରନ୍ତି ।

### *ପବିତ୍ର ଆତ୍ମା ବୋଧ ଦିଅନ୍ତି*

ଆପଣ ଯଦି ଏ ବିଷୟରେ ଭାବନ୍ତି ତେବେ ଏହା ଉଲ୍ଲେଖନୀୟ ଅଟେ । ଯୀଶୁ ମୃତ୍ୟୁବରଣ କରିବା ପୂର୍ବରୁ ତାହାଙ୍କର ଅନ୍ତିମ କିଛି ଘଣ୍ଟା ଆପଣା ଶିଷ୍ୟମାନଙ୍କୁ ତ୍ରିତ୍ତ୍ୱ ପରମେଶ୍ୱରଙ୍କ ବିଷୟରେ ଶିକ୍ଷା ଦେଇଥିଲେ । ସେ କହିଥିବା ସମସ୍ତ ବିଷୟ ମଧ୍ୟରେ ସେ ପିତାଙ୍କ ସହିତ ଆପଣାର ଏକତ୍ୱ ଓ ଆଗାମୀ ପବିତ୍ର ଆତ୍ମାଙ୍କ ସହିତ ତାହାଙ୍କର ଏକତ୍ୱ ବିଷୟରେ କହିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଥିଲେ । ଉପର କୋଠରୀର ଆଲୋଚନାରେ ପାଞ୍ଚଥର ଯୀଶୁ ପବିତ୍ର ଆତ୍ମାଙ୍କ ବିଷୟରେ ପ୍ରତିଜ୍ଞା କରନ୍ତି (ଯୋହନ ୧୪:୧୬-୧୭, ୨୬; ୧୫:୨୬-୨୭; ୧୬:୪ଖ-୧୧, ୧୨-୧୫) । ଏହି ଉକ୍ତିଗୁଡ଼ିକର ଚତୁର୍ଥରେ ଯୀଶୁ ଆତ୍ମା ହୃଦ୍‌ବୋଧ ଦେଉଥିବା ଶକ୍ତି ବିଷୟରେ କହନ୍ତି :

> କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ମୋହର ପ୍ରସ୍ଥାନ କରିବାରେ ତୁମ୍ଭମାନଙ୍କର ମଙ୍ଗଳ, କାରଣ ମୁଁ ପ୍ରସ୍ଥାନ ନ କଲେ ସେହି ସାହାଯ୍ୟକାରୀ ତୁମ୍ଭମାନଙ୍କ ନିକଟକୁ ଆସିବେ ନାହିଁ, ମାତ୍ର ମୁଁ ଗଲେ ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇଦେବି । ସେ ଆସି ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ ପାପ ବିଷୟରେ - କାରଣ ସେମାନେ ମୋଠାରେ ବିଶ୍ୱାସ କରନ୍ତି ନାହିଁ ଧାର୍ମିକତା ବିଷୟରେ - କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି ଓ ତୁମ୍ଭେମାନେ ମୋତେ ଆଉ ଦେଖିବ ନାହିଁ ବିଚାର ବିଷୟରେ - କାରଣ ଏହି ଜଗତର ଅଧିପତି ବିଚାରିତ ହୋଇଅଛି । (ଯୋହନ ୧୬:୭-୧୧)

ବୁଝାପଡୁଛି, ଶିଷ୍ୟମାନେ ନିରାଶ ଅଟନ୍ତି ଯେ ଯୀଶୁ ଚାଲିଯାଉଅଛନ୍ତି (ଯୋହନ ୧୬:୬) । ମାତ୍ର ଯୀଶୁ ସେମାନଙ୍କୁ ନିଶ୍ଚୟତା ଦିଅନ୍ତି ଯେ ଏହା ସେମାନଙ୍କ ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ, କାରଣ ସେ ଯଦି ଯିବେ ନାହିଁ, ତେବେ ପାରାକ୍ଲିତ ଆସିବେ ନାହିଁ । ଆସିବେ ନାହିଁର ଅର୍ଥ ନୁହେଁ ଯେ ଆତ୍ମା ଓ ପୁତ୍ର ସମାନ୍ ସ୍ଥାନ ଧାରଣ କରିପାରିବେ ନାହିଁ, ମାତ୍ର ଆତ୍ମା କେବଳ ପୁତ୍ରଙ୍କ ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ପରେ ଆସିପାରୁଥିବାରୁ ସେ ଆସିବେ । ଖ୍ରୀଷ୍ଟଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଈଶ୍ୱରଙ୍କ ରାଜତ୍ୱର ପ୍ରାରମ୍ଭ ଆତ୍ମାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହେବ, ମାତ୍ର ତାହା କେବଳ ଖ୍ରୀଷ୍ଟଙ୍କ କାର୍ଯ୍ୟ ସମ୍ପନ୍ନ ହେଲା ପରେ ହେବ ।

ତା'ପରେ ମଣ୍ଡଳୀ ଏକ ଦ୍ୱନ୍ଦାତ୍ମକ ଉପାୟରେ ଅଧିକ ଉତ୍ତମ ଅଟେ, କାରଣ ଯୀଶୁ ଆଉ ଶାରୀରିକ ଭାବରେ ଏହିଠାରେ ନାହାନ୍ତି । ପ୍ରଥମ ଶତାବ୍ଦୀକୁ ଫେରିଯିବା ପରେ ଜଣଙ୍କୁ ପାଲେଷ୍ଟାଇନ୍‌କୁ ଯିବାକୁ ପଡ଼ିଥିଲା ଯେପରି ଯୀଶୁଙ୍କ ସହିତ ରହିପାରିବେ । ମାତ୍ର ବର୍ତ୍ତମାନ ପେଣ୍ଟିକଷ୍ଟର ଅନ୍ୟ ପାର୍ଶ୍ୱରେ ଖ୍ରୀଷ୍ଟ ଆତ୍ମାଙ୍କ ଦ୍ୱାରା ସର୍ବତ୍ର ରହିପାରିବେ । ତାହାଙ୍କ ସହିତ ରହିବା ପାଇଁ ଆମକୁ ଇସ୍ରାୟେଲକୁ ଯାତ୍ରା  କରିବାକୁ ପଡ଼ିବ ନାହିଁ କିମ୍ବା ପର୍ବତରେ ବାସ କରିବାକୁ କିମ୍ବା ଏକ ମହମବତୀ ଜାଳିବାକୁ ପଡ଼ିବ ନାହିଁ । ଆମ୍ଭେମାନେ ତାହାଙ୍କ ସହିତ ଗମନାଗମନ କରିବା କିମ୍ବା ତାହାଙ୍କୁ ଦେଖିବା ଅପେକ୍ଷା ଅଧିକ ଉତ୍ତମ ବିଷୟ କରିପାରିବା । ସେ ଆମ ସହିତ ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ବାସ କରିପାରିବେ ।

କାରଣ ଶିଷ୍ୟଗଣଙ୍କ ପାଇଁ ଆତ୍ମାଙ୍କ ଉପସ୍ଥିତି ସୁସମାଚାର ଥିଲା।  ସେ ସେମାନଙ୍କ ସାହାଯ୍ୟକାରୀ-ସାନ୍ତ୍ୱନାଦାତା-ସମର୍ଥକ ହେବେ।  ମାତ୍ର ଜଗତ ପାଇଁ ଯେଉଁମାନେ ପାପପଙ୍କରେ ରହିଛନ୍ତି ସେମାନଙ୍କ ପାଇଁ ଆତ୍ମା ଏକ ହୃଦ୍‌ବୋଧକାରୀ କିମ୍ବା ପ୍ରକାଶକ ଶକ୍ତି ବିସ୍ତାର କରିଥିବେ (ଯୋହନ ୩:୨୦ ପଦ ଦେଖନ୍ତୁ, ଯେଉଁଠାରେ ସମାନ୍ ଶବ୍ଦ, *ଏଲିଗ୍‌ଚୋ*, ବ୍ୟବହୃତ ହୋଇଛି) । ପବିତ୍ର ଆତ୍ମା ଏକ ବଡ଼ ଅନୁସନ୍ଧାନ ଆଲୋକ ପରି କାର୍ଯ୍ୟ କରନ୍ତି, ଜଗତର ଦୁଷ୍ଟତାକୁ ପ୍ରକାଶ କରୁଅଛନ୍ତି ଓ ଲୋକମାନଙ୍କୁ ସର୍ବତ୍ର ଅନୁତାପ କରିବାକୁ ଆହ୍ୱାନ କରୁଅଛନ୍ତି । ଏହା ଏପରି ଏକ ବିଷୟ ଅଟେ ଯେପରି ଜଗତ ଏକ ଉତ୍ତମ ପ୍ରେମ ଭୋଜି କରୁଛି, ପ୍ରତ୍ୟେକ ବିଷୟ ଉତ୍ତମ ବୋଲି ଭାବୁଛି! ଆତ୍ମା ଆଲୋକ ପକାନ୍ତି ଯେପରି ପ୍ରକାଶ କରିଦେବେ ଯେ ଅସରପାଗୁଡ଼ିକ ପାଚେରି ଉପରେ ଚଢ଼ି ଚାଲିଯାଉଛନ୍ତି ଓ ଆବର୍ଜନାଗୁଡ଼ିକ ତଳେ ବିକ୍ଷିପ୍ତ ହୋଇଯାଉଛି । ଆମ୍ଭେମାନେ ଯେପରି କଳ୍ପନା କରିଥିଲୁ ସେପରି ଉତ୍ତମ ନୋହୁଁ, ପୁଣି ଆତ୍ମା ଆମକୁ ଏହା ପ୍ରମାଣ କରିପାରିବେ ।

ନିର୍ଦ୍ଦିଷ୍ଟରୂପେ, ଯୀଶୁ କହନ୍ତି ଆତ୍ମା ତିନୋଟି ବିଷୟର ଜଗତକୁ ହୃଦ୍‌ବୋଧ ଦେବେ:[୬]

୧) ପାପ ବିଷୟରେ, କାରଣ ଏହା ଯୀଶୁଙ୍କଠାରେ ବିଶ୍ୱାସ କରେ ନାହିଁ । ପାପର ମଧ୍ୟସ୍ଥାନରେ ଅଛି ଅବିଶ୍ୱାସ । ଆଉ ଯୀଶୁ କିଏ ଅଟନ୍ତି ତାକୁ ଜାଣିବାକୁ ଅସ୍ୱୀକାର କରିବା ଅପେକ୍ଷା ଅବିଶ୍ୱାସର ଅନ୍ୟ କୌଣସି ଉତ୍ତମ ଚିହ୍ନ (ଅଧିକ ଖରାପ?) ହିଁ ନାହିଁ ।

୨) ଧାର୍ମିକତା ବିଷୟରେ, କାରଣ ଯୀଶୁ ପିତାଙ୍କ ନିକଟକୁ ଯାଇଥିଲେ । ଜଗତ ଏହାର ନିଜର ଆନୁମାନିକ ଉତ୍ତମତା ବିଷୟରେ ପ୍ରଭାବିତ ହୋଇଛି (ଯିଶା. ୬୪:୬), ଯେତେବେଳେ ଏହା ଯୀଶୁଙ୍କ ଉପରେ ପ୍ରଭାବିତ ହେବା ଉଚିତ୍ । ଆମେ ଯୀଶୁ କିଏ ସେ ବିଷୟରେ ସ୍ଥିର ନିଶ୍ଚିତ ହେବାକୁ ଇଚ୍ଛା କରୁ ଓ ସ୍ଥିର କରୁ ଯେ ସେ ବାସ୍ତବରେ କ'ଣ ସମ୍ପାଦନ କରିଥିଲେ । ମାତ୍ର ତାହାଙ୍କର ସ୍ୱର୍ଗାରୋହଣ ହିଁ ଈଶ୍ୱରଙ୍କ ପବିତ୍ର ପୁତ୍ରରୂପେ, ପିତାଙ୍କ ସହିତ ଏକମାତ୍ର ବ୍ୟକ୍ତିରୂପେ ତାହାଙ୍କ ପରିଚୟ ପ୍ରଦର୍ଶନ କରିବାକୁ ଯଥେଷ୍ଟ ଅଟେ ।

୩) ବିଚାର ବିଷୟରେ, କାରଣ ଏହି ଜଗତର ଶାସକର ବିଚାର କରାଯାଇଛି। ଏହା ହିଁ ସର୍ବାଧିକ ଦୋଷାରୋପକାରୀ ପ୍ରମାଣ ଅଟେ ଯାହାକି ଆତ୍ମା ଯିହୁଦୀମାନଙ୍କ ବିରୁଦ୍ଧରେ ଆଣିପାରିଥିଲେ : ସେମାନେ ଭୁଲ୍ ବ୍ୟକ୍ତିଙ୍କୁ ବଧ କରିଥିଲେ ଓ ଭୁଲ୍ ଶାସକଙ୍କ ଉପାସନା କରିଥିଲେ । ମାତ୍ର ଆତ୍ମା ଆସିବେ ଓ ପୁନରୁତ୍ଥିତ ଖ୍ରୀଷ୍ଟଙ୍କର ସାକ୍ଷ୍ୟ ବହନ କରିବେ, ଯେପରି ସେମାନେ ଦେଖିପାରିବେ ଯେ ସେମାନେ ଅନୁସରଣ କରୁଥିବା ବ୍ୟକ୍ତି ପରାଜିତ ହୋଇଛି ପୁଣି ସେ ଯେଉଁ ବ୍ୟକ୍ତିଙ୍କୁ ବଧ କରିଥିଲେ ସେ ବିଜୟୀ ପ୍ରମାଣିତ ହୋଇଅଛନ୍ତି । କ୍ରୁଶ ଉପରେ ଶୟତାନକୁ ଯେଉଁ ଆଘାତ ଦିଆଯାଇଥିଲା ତାହା ଅନ୍ତିମ ପରାଜୟର ଏକ ପୂର୍ବାଭାସ ଥିଲା ଯାହାକି ତାହାଙ୍କ ପାଇଁ ଓ ତାହାଙ୍କ ଆତ୍ମିକ ସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ରହିଥିଲା । ଶୟତାନ ଏବେସୁଦ୍ଧା ଚିତ୍କାର କରି ଆଘାତ ଦେଇପାରିବ, ମାତ୍ର ତା'ର ମୁଣ୍ଡରେ ଛୋଟ ଦଉଡ଼ି ବନ୍ଧା ଯାଇଛି ଯାହାକି ଅଳ୍ପ ଦୂର ଯାଇପାରିବ ।

ଏହି ତିନିଗୁଣ ପ୍ରତିଜ୍ଞାର ପ୍ରମୁଖ ସମ୍ପନ୍ନତା ପେଣ୍ଟିକଷ୍ଟ ଦିବସରେ ହୋଇଥିଲା (ପ୍ରେରିତ ୨:୨୨-୨୪, ୩୭), ମାତ୍ର ଆତ୍ମାଙ୍କ ଅନୁପ୍ରାଣିତ ହୃଦ୍‌ବୋଧରେ ହେଉଥିବା କାର୍ଯ୍ୟ ଜାରି ରହିଥାଏ ଯେଉଁଠାରେ ପାପ ପ୍ରକାଶିତ ଓ କ୍ଷମାପ୍ରାପ୍ତ ହେବାକୁ ଥିବ । ଆତ୍ମାଙ୍କର ହୃଦ୍‌ବୋଧଜନକ କାର୍ଯ୍ୟ ପୁନର୍ଗଠନରେ ପ୍ରଥମ ଉପାଦାନ ଅଟେ । ପବିତ୍ର ଆତ୍ମା ଈଶ୍ୱର ଆମକୁ ଆମର ସ୍ୱାର୍ଥପରତା ପ୍ରତି, ଈଶ୍ୱରପରାୟଣତା ପ୍ରତି ଆମର ବିଦ୍ୱେଷକୁ ଓ ଖ୍ରୀଷ୍ଟଙ୍କ ପ୍ରତି ଆମର ଅପରିବର୍ତ୍ତନିୟତାକୁ ସଚେତନ କରିବାକୁ ପଡ଼ିବ । ଯୋନାଥନ୍ ଏଡ଼୍‌ୱାର୍ଡ଼ ଲକ୍ଷ୍ୟ କରିଥିଲେ :

> ଯେଉଁ ଆତ୍ମା କାର୍ଯ୍ୟ କରନ୍ତି ସେ ବ୍ୟକ୍ତି ବିଶେଷଙ୍କ ମନକୁ ଜଗତର ବୃଥା ଗର୍ବରୁ ନେଇଯାଆନ୍ତି, ପୁଣି ସେମାନଙ୍କୁ ଅନନ୍ତ ସୁଖ ବିଷୟରେ ଗଭୀର ମନୋଯୋଗ କରିବାରେ ଲଗାଇ ରଖନ୍ତି, ଏବଂ ସେମାନଙ୍କୁ ବିଶ୍ୱସ୍ତ ସହକାରେ ସେମାନଙ୍କ ପରିତ୍ରାଣ ଅନ୍ୱେଷଣ କରିବାକୁ ଦିଅନ୍ତି, ପୁଣି ସେମାନଙ୍କୁ ପାପର, ଓ ସେମାନଙ୍କ ନିଜର ଦୋଷ ଓ ଦୁଃସ୍ଥ ଅବସ୍ଥାର ଭୟଙ୍କରତା ବିଷୟରେ ହୃଦ୍‌ବୋଧ ଦିଅନ୍ତି, କାରଣ ସେଗୁଡ଼ିକର ପ୍ରକୃତି ସେହିପରି ଅଟେ । ଏହା ଲୋକମାନଙ୍କର ସଚେତନତାକୁ ଜାଗ୍ରତ କରନ୍ତି, ଓ

> ସେମାନଙ୍କୁ ଈଶ୍ୱରଙ୍କ କ୍ରୋଧର ଭୟଙ୍କରତା ବିଷୟରେ ଜାଗ୍ରତ କରନ୍ତି, ପୁଣି ସେମାନଙ୍କ ମଧ୍ୟରେ ଗଭୀର ଅଭିଳାଷ ଓ ବଡ଼ ଯତ୍ନ ଜାଗ୍ରତ କରନ୍ତି ଓ ତାହାଙ୍କ ଅନୁଗ୍ରହ ଲାଭ କରିବାକୁ ଉଦ୍‌ଯୋଗ କରନ୍ତି ।[୭]

ଆତ୍ମା ଯେତେବେଳେ କାର୍ଯ୍ୟ କରନ୍ତି, ସେତେବେଳେ ଆମେ ଆମର ବିଫଳତା ବିଷୟରେ କେବଳ ହତାଶ ହେବା ନାହିଁ କିମ୍ବା ଆମର ଭୁଲ୍‌ଗୁଡ଼ିକ ବିଷୟରେ ଦୁଃଖପ୍ରକାଶ କରିବା ନାହିଁ ଆମେ ଆମ ପାପକୁ ଈଶ୍ୱରଙ୍କ ପ୍ରତି ସମ୍ପର୍କରେ ଦେଖିଥାଉ ଓ ଦାଉଦ କ୍ରନ୍ଦନ କରିବା ବେଳେ ଯେପରି ଅନୁଭବ କରିଥିଲେ ସେହି ଅନୁଭୂତି ଲାଭ କରିଥାଉ, ମୁଁ ତୁମ୍ଭ ବିରୁଦ୍ଧରେ, କେବଳ ତୁମ୍ଭ ବିରୁଦ୍ଧରେ ପାପ କରିଅଛି, ଆଉ ତୁମ୍ଭ ଦୃଷ୍ଟିରେ ଯାହା ମନ୍ଦ, ତାହାହିଁ କରିଅଛି ତେଣୁ ତମ୍ଭେ କଥା କହିବା ବେଳେ ଧାର୍ମିକ ଓ ବିଚାର କରିବା ବେଳେ ନିର୍ଦ୍ଦୋଷ ହେବ (ଗୀତ. ୫୧:୪) । ଅନୁଭବ ନ ଥିବା କୌଣସି ପୁରୁଷ ବା ମହିଳା ଖ୍ରୀଷ୍ଟିୟାନ୍ ନୁହଁନ୍ତି, ଯେ କି ଖ୍ରୀଷ୍ଟଙ୍କ ହୃଦ୍‌ବୋଧଜନକ କାର୍ଯ୍ୟରେ ଆତ୍ମାଙ୍କର ଆଲୋକରେ ତାଙ୍କ ପାପ ଦେଖି ନାହାନ୍ତି ଓ ଏହାକୁ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ବିରୁଦ୍ଧରେ ଏକ ଅପମାନ ଭାବରେ ଦେଖିଛନ୍ତି ।

*ପବିତ୍ର ଆତ୍ମା ପରିବର୍ତ୍ତନ କରନ୍ତି*

ପରିବର୍ତ୍ତନ ବିଷୟରେ ଶାସ୍ତ୍ରୀୟ ପରିଚ୍ଛେଦ ହେଉଛି ଯୋହନ ୩ ଅଧ୍ୟାୟ, ଯେଉଁଠାରେ ଯୀଶୁ ନିକଦିମଙ୍କ ସହିତ କଥାବାର୍ତ୍ତା କରନ୍ତି, ସେ ଜଣେ ଫାରୁଶୀ ଓ ଯିହୁଦୀମାନଙ୍କର ଶାସକ ଅଟନ୍ତି (୧ ପଦ) । ଶାସ୍ତ୍ରରେ ଥିବା ଅନ୍ୟ ଅନେକ ଫାରୁଶୀମାନଙ୍କ ପରି ନ ହୋଇ ନୀକଦୀମ ଜଣେ ବିଶ୍ୱସ୍ତ ଅନ୍ୱେଷଣକାରୀ ଭାବରେ ଦେଖାଯାଆନ୍ତି, ଯଦିଚ ସେ ଟିକିଏ ଭୀରୁ ଥିଲେ। ସେ ଯୀଶୁଙ୍କ ପ୍ରତି ବିରୋଧୀ ବୋଲି ଜଣାଯାଆନ୍ତି ନାହିଁ । ପ୍ରକୃତରେ, ସେ ମୋତେ ଜଣେ ବିଶ୍ୱସ୍ତ ଧାର୍ମିକ ବ୍ୟକ୍ତି ଯେ କି ସିଦ୍ଧ ଭାବରେ ଯୀଶୁଙ୍କଠାରୁ ଶିକ୍ଷା କରିବାକୁ ଆଗ୍ରହୀ ପରି ଆଘାତ କରନ୍ତି । ନୀକଦିମଙ୍କର କେବଳ ଗୋଟିଏ ବଡ଼ ସମସ୍ୟା ଅଛି : ସେ ସ୍ୱର୍ଗରୁ ଜନ୍ମ ହୋଇ ନାହାନ୍ତି । ସେ ଜାଣିଛନ୍ତି ଯେ ଯୀଶୁ ଜଣେ ଗୁରୁ ଅଟନ୍ତି ଯେ କି ଈଶ୍ୱରଙ୍କଠାରୁ ଆସିଅଛନ୍ତି।  ସେ ନିଶ୍ଚିତବୋଧ ଦିଅନ୍ତି ଯେ ଯୀଶୁ ଈଶ୍ୱରଙ୍କ ବଳରେ ଆଶ୍ଚର୍ଯ୍ୟକର୍ମ ସାଧନ କରିଅଛନ୍ତି (୨ ପଦ) । ମାତ୍ର ଏହା ଯଥେଷ୍ଟ ନୁହେଁ । ଯୀଶୁ ତାହାଙ୍କୁ ଫଳପ୍ରଦ ଭାବରେ କହନ୍ତି, ତୁମେ ଚକ୍ଷୁରେ ଆଶ୍ଚର୍ଯ୍ୟକର୍ମ ଦେଖିବାରୁ ମୁଁ ସେଥିରେ ଆଶ୍ଚର୍ଯ୍ୟ ନୁହେଁ । ମୁଁ ଇଚ୍ଛା କରେ ଯେ ତୁମେ ତୁମ ହୃଦୟରେ ଆଶ୍ଚର୍ଯ୍ୟକର୍ମର *ଅନୁଭୂତି* ଲାଭ କରିବ ।[୮]

ନିକଦିମଙ୍କୁ ଆମର ଅବଶିଷ୍ଟ ବ୍ୟକ୍ତିଙ୍କ ପରି ପୁନର୍ଜନ୍ମ ଲାଭ କରିବାକୁ ପଡ଼ିବ (ଯୋହନ ୩:୩) । ନଚେତ୍ ଏହାକୁ ଅନ୍ୟ ଏକ ଉପାୟରେ କରିବାକୁ ପଡ଼ିବ, ଆମକୁ ଜଳ ଓ ଆତ୍ମାରେ ଜନ୍ମଗ୍ରହଣ କରିବାକୁ ପଡ଼ିବ (୫ ପଦ) । ନୀକଦୀମଙ୍କୁ ଏହି ଉତ୍ସାହପ୍ରଦ କଳ୍ପନାକୁ ଜାଣିବା ଉଚିତ୍, କାରଣ ଏହା ପୁରାତନ ନିୟମରୁ ଆସିଥାଏ (୩:୧୦) । ନିଃସନ୍ଦେହରେ ଯୀଶୁ ଯିହିଜିକଲ ୩୬ ଅଧ୍ୟାୟ ବିଷୟରେ ଚିନ୍ତା କରୁଅଛନ୍ତି, ନିର୍ଦ୍ଦିଷ୍ଟରୂପେ ଜଳ ଓ ଆତ୍ମାଙ୍କ ବିଷୟରେ (ଯିହି. ୩୬:୨୫, ୨୭) । ଯିହିଜିକଲ୍‌ଙ୍କ ଭାବବାଣୀରେ ଜଳ ଶୁଚି ହେବା ବିଷୟକୁ ସୂଚୀତ

କରିଥାଏ, ପୁଣି ଆତ୍ମାଙ୍କର ବାସ କରିବା ବିଷୟ ଏକ ନୂତନ ହୃଦୟର ପ୍ରସ୍ତାବ ଦେଇଥାଏ (୩୬:୨୫-୨୬) । ତେଣୁ ଯୋହନ ୩ ଅଧ୍ୟାୟରେ ଯୀଶୁ ବାପ୍ତିସ୍ମର ପବିତ୍ରତା ବିଷୟରେ କହୁ ନାହାନ୍ତି, ମାତ୍ର ଅଲୌକିକ କାର୍ଯ୍ୟ ବିଷୟରେ କହୁଅଛନ୍ତି, ଯାହାକି ପାପର କଳଙ୍କ ଦୂରୀଭୂତ କରିଥାଏ ଓ ଆମକୁ ନୂତନୀକୃତ କରିଥାଏ ।[୯]

ବାଇବଲ ନୂତନ ଜନ୍ମ, ପରିବର୍ତ୍ତନ, ପୁନରୁଜ୍ଜୀବନ, କିମ୍ବା ପୁନର୍ଜନ୍ମ ବିଷୟରେ ଏହା ହିଁ ଅର୍ଥ କରିଥାଏ । ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ ମଧ୍ୟରେ ପରିବର୍ତ୍ତନ ଆସିଛି । ତିତସ ୩:୫ ପଦ ଏହାକୁ କହିଥାଏ ପୁନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ବୋଲି କହିଥାଏ । ଠିକ୍ ଯେପରି ପବନ (ନିଉମା) ଯେଉଁ ଦିଗକୁ ଇଚ୍ଛା କରେ ସେହି ଦିଗକୁ ବୋହିଥାଏ, ଠିକ୍ ସେହିପରି ଆତ୍ମାରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକେ (ନିଉମା) ସେହିପରି ଅଟନ୍ତି । ପବିତ୍ର ଆତ୍ମା ଈଶ୍ୱରଙ୍କୁ ଆମର ହୃଦୟକୁ ତଦାରଖ କରିବାକୁ ପଡ଼ିବ ଓ ଆମକୁ ପାପର ମନ୍ଦତା, ଈଶ୍ୱରଙ୍କ ଜଗତର ସତ୍ୟତା, ଓ ଖ୍ରୀଷ୍ଟଙ୍କର ବହୁମୂଲ୍ୟତା ବିଷୟରେ ସଚେତନ କରିବାକୁ ପଡ଼ିବ ।

ଯୀଶୁ କୌଣସିମତେ ସତ୍ୟ କଥା କହିପାରି ନ ଥିଲେ : ଆତ୍ମାଙ୍କର ପରିବର୍ତ୍ତନକାରୀ କାର୍ଯ୍ୟ ବିନା କୌଣସି ଖ୍ରୀଷ୍ଟୀୟ ଜୀବନ ହିଁ ନାହିଁ । ସେ ଆମକୁ ବୁଝିବାକୁ ଓ ଆତ୍ମିକରୂପେ ଈଶ୍ୱରଙ୍କ ବିଷୟଗୁଡ଼ିକର ଅନ୍ତର୍ଦୃଷ୍ଟି ଲାଭ କରିବାକୁ ସକ୍ଷମ କରନ୍ତି (୧ମ କରି. ୨:୧୨-୧୪) । ସେ ଆମକୁ ଅନୁତାପ କରିବାକୁ ଅନୁମୋଦନ କରନ୍ତି ଯାହାକି ଆମକୁ ଜୀବନ ପ୍ରତି କଢ଼ାଇ ନେଇଥାଏ (ପ୍ରେରିତ ୧୧:୧୮) । ସେ ଆମ ଅନ୍ତରରେ ଈଶ୍ୱରଙ୍କ ପ୍ରେମ ଢ଼ାଳି ଦିଅନ୍ତି (ଯୋହନ ୧:୧୨-୧୩) । ଯୋହନ ୬:୬୫ ପଦରେ ଯୀଶୁ କହନ୍ତି, ପିତାଙ୍କଠାରୁ ଅନୁଗ୍ରହ ଦତ୍ତ ନ ହେଲେ କେହି ମୋ ନିକଟକୁ ଆସି ପାରେ ନାହିଁ ।

ପୁଣି ନିର୍ବାଚିତ ଲୋକମାନେ ଈଶ୍ୱରଙ୍କ ନିକଟକୁ କିପରି ଭାବରେ ଆସନ୍ତି ? ଆତ୍ମା ଜୀବନଦାୟକ ମାଂସ କୌଣସି ଉପକାର କରେ ନାହିଁ ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ (ଯୋହନ ୬:୬୩) । ତେଣୁ ଆମେ ପିତାଙ୍କ ନିଯୁକ୍ତି ଓ ଆତ୍ମାଙ୍କ ଅଂଶଗ୍ରହଣ ଦ୍ୱାରା ପୁତ୍ରଙ୍କଠାରେ ବିଶ୍ୱାସ ସ୍ଥାପନ କରିଛୁ । ତା'ପରେ ବିଶ୍ୱାସ ନିଜେ ଏକ ଦାନ ଅଟେ, ଏକ ଦାନ ଯାହାକି ପରିବର୍ତ୍ତନରେ ଆସିଥାଏ ଯେତେବେଳେ ଆମ୍ଭେମାନେ ଆତ୍ମାଙ୍କ ଦ୍ୱାରା ପୁନର୍ଜନ୍ମପ୍ରାପ୍ତ ହୋଇଛୁ, ଯେ କି ଈଶ୍ୱରଙ୍କ ବାକ୍ୟ ଦ୍ୱାରା କାର୍ଯ୍ୟ କରୁଅଛନ୍ତି (୧ମ ପିତ. ୧:୨୩-୨୫) ।

*ପବିତ୍ର ଆତ୍ମା ପ୍ରୟୋଗ କରନ୍ତି*

ଖ୍ରୀଷ୍ଟ ସମ୍ପନ୍ନ କରିଥିବା ସବୁ ବିଷୟ ଚିନ୍ତା କରନ୍ତୁ । ସେ ବ୍ୟବସ୍ଥାର ବିଧି ନିର୍ଦ୍ଧାରିତ ଓ ଆବଶ୍ୟକୀୟ ଦଣ୍ଡ ପାଳନ କରିଥିଲେ । ସେ ମନୁଷ୍ୟ ଶରୀର ଧାରଣ କରିଥିଲେ ଓ ସ୍ୱର୍ଗୀୟ ନ୍ୟାୟ ପ୍ରଦାନ କରିଥିଲେ । ସେ ମୃତ୍ୟୁ, ପାପ ଓ ମନ୍ଦତା ଉପରେ ଜୟଲାଭ କରିଥିଲେ । ନିୟମ-ରକ୍ଷାକାରୀ ମସୀହ ଭାବରେ ସେ ଆପଣା ଲୋକମାନଙ୍କ ପାଇଁ ସମସ୍ତ ଆତ୍ମିକ

ଆଶୀର୍ବାଦ ଲାଭ କରିଥିଲେ (ଏଫି. ୧:୩) । ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ଜ୍ଞାନ, ଧାର୍ମିକତା, ପବିତ୍ରତା ଓ ମୁକ୍ତି (୧ମ କରି. ୧:୩୦) ।

**ଖ୍ରୀଷ୍ଟଙ୍କ ସହିତ ଏକତା ।** ମାତ୍ର ଖ୍ରୀଷ୍ଟ ସମ୍ପନ୍ନ କରିଥିବା ସବୁ ବିଷୟ କିପରି ଭାବରେ ଆମର ହୋଇପାରିବ ? ସେହି ଗୋଟିଏ ପ୍ରଶ୍ନକୁ ଆମ ମଧ୍ୟରୁ ଅଧିକାଂଶ କେବେ ବି ବିବେଚନା କରି ନାହାନ୍ତି । ଜନ୍ କାଲ୍‌ଭିନ୍ ପ୍ରଶ୍ନ କରନ୍ତି :

> ପିତା ଆପଣାର ଏକମାତ୍ର ଜନ୍ମିତ ପୁତ୍ରଙ୍କ ଉପରେ ନ୍ୟସ୍ତ କରିଥିବା ଲାଭଗୁଡ଼ିକୁ ଆମ୍ଭେମାନେ କିପରି ପାଇପାରିବା – ତାହା ଖ୍ରୀଷ୍ଟଙ୍କର ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ନୁହେଁ, ମାତ୍ର ସେ ଯେପରି ଦରିଦ୍ର ଓ ଅଭାବଗ୍ରସ୍ତ ଲୋକମାନଙ୍କୁ ଧନୀ କରିପାରିବା ? ପ୍ରଥମେ, ଆମକୁ ବୁଝିବାକୁ ପଡ଼ିବ, ଯେ ଖ୍ରୀଷ୍ଟ ଯେପର୍ଯ୍ୟନ୍ତ ଆମଠାରୁ ବାହାରେ ଥାଆନ୍ତି, ଓ ଆମ୍ଭେମାନେ ତାହାଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ସେପର୍ଯ୍ୟନ୍ତ ସେ ଦୁଃଖଭୋଗ କରିଥିବା ସମସ୍ତ ବିଷୟ ଓ ମାନବ ଜାତିର ପରିତ୍ରାଣ ପାଇଁ କରିଥିବା ସବୁ ବିଷୟ ଆମ ପାଇଁ ଅଦରକାରୀ ଓ ମୂଲ୍ୟହୀନ ହୋଇ ରହିଥାଏ ।[୧୦]

ଆମ୍ଭେମାନେ ଖ୍ରୀଷ୍ଟଙ୍କ ଲାଭଗୁଡ଼ିକର କିପରି ଅଂଶୀ ହୋଇଥାଉ ତାହା ଦର୍ଶାନ୍ତୁ । କାଲ୍‌ଭିନ୍‌ଙ୍କର ଉତ୍ତର : ପବିତ୍ର ଆତ୍ମା ଏକ ବନ୍ଧନ ଅଟନ୍ତି ଯାହାଙ୍କ ଦ୍ୱାରା ଖ୍ରୀଷ୍ଟ ଫଳପ୍ରଦ ଭାବରେ ଆମକୁ ଆପଣା ସହିତ ଏକତ୍ର କରନ୍ତି ।[୧୧]

ରୋମୀୟ ୮:୯-୧୧ ପଦରେ ପାଉଲ ସମାନ୍ ଧାଡ଼ିଗୁଡ଼ିକରେ ଯୁକ୍ତି କରନ୍ତି । ଆତ୍ମା ଯେତେବେଳେ ଆମଠାରେ ବାସ କରନ୍ତି, ସେତେବେଳେ ଆମର ଖ୍ରୀଷ୍ଟଙ୍କର ଆତ୍ମା ଥାଏ (୧୦ ପଦ), ଆପଣଙ୍କର ଯେତେବେଳେ ଆତ୍ମା ଅଛି, ସେତେବେଳେ ଆପଣଙ୍କର ଖ୍ରୀଷ୍ଟ ଅଛନ୍ତି ପୁଣି ଆପଣଙ୍କର ଯେତେବେଳେ ଖ୍ରୀଷ୍ଟ ଅଛନ୍ତି, ସେତେବେଳେ ଆପଣଙ୍କର ଆତ୍ମା ଅଛି । ପବିତ୍ର ଆତ୍ମା  ଆମକୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରନ୍ତି, କାରଣ ସେହି ଆତ୍ମା ହେଉଛନ୍ତି ଖ୍ରୀଷ୍ଟଙ୍କର ଆତ୍ମା । ସେ ହେଉଅଛନ୍ତି ଗ୍ରହଣୀୟତାର ଆତ୍ମା, ସେ ଆମକୁ ଆମର ଭାଇ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରିବା ଦ୍ୱାରା ପିତା ଈଶ୍ୱରଙ୍କ ସନ୍ତାନ କରୁଅଛନ୍ତି (ରୋମୀ. ୮:୧୫; ଗାଲା. ୪:୬; ଏବ୍ରୀ ୨:୧୭) । ଈଶ୍ୱର ଆତ୍ମାଙ୍କ ଦ୍ୱାରା ପ୍ରଥମ ଆଦମଙ୍କ ଲୁଗାକୁ ଆମ ପଛରୁ ଚିରି ଦେଇଛନ୍ତି ଓ ଆମକୁ ଦ୍ୱିତୀୟ ଆଦମଙ୍କ ଦଳରେ ରଖିଅଛନ୍ତି ।

ଆମ୍ଭେମାନେ ମୁକ୍ତିର ଏହି ଦିଗ ବିଷୟରେ ଚିନ୍ତା କରୁ ନାହୁଁ, ମାତ୍ର ଯୋହନ ମରେ କହନ୍ତି ଯେ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହେବା ବିଷୟ ହିଁ ହେଉଛି ପରିତ୍ରାଣର ସମ୍ପୂର୍ଣ୍ଣ ଧର୍ମତତ୍ତ୍ୱ ର କେନ୍ଦ୍ରୀ ସତ୍ୟ ଅଟେ ।[୧୨] ତେଣୁ ଖ୍ରୀଷ୍ଟଙ୍କ ସହିତ ଆମର ସଂଯୁକ୍ତ ହେବା ବିଷୟ ଜଟିଳ ଅଟେ ଯାହାକି ପାଉଲ ଏହାକୁ ଖ୍ରୀଷ୍ଟଙ୍କଠାରେ ଭାଷାରେ ପ୍ରାୟ ୧୬୦ ଥର ବ୍ୟବହାର କରନ୍ତି ।[୧୩] ନ୍ୟାୟପରାୟଣତା, ପୁନର୍ମିଳନ, ମୁକ୍ତି, ଗ୍ରହଣୀୟତା, ପବିତ୍ରତା, ଗୌରବାନ୍ୱିତ – ଖ୍ରୀଷ୍ଟଙ୍କ ସହିତ ଆମର ଏକତା ହେତୁ ଏହିସବୁ ଆମର ଅଧିକାରଭୁକ୍ତ ଅଟେ । ରହସ୍ୟମୟ ଭାବରେ, ଅଲୌକିକ ଉପାୟରେ ତାହା ଅତିକ୍ରମ କରିଥାଏ ବିଭିନ୍ନ ସ୍ଥାନର ବର୍ଗକୁ, ଆତ୍ମାଙ୍କ ଦ୍ୱାରା

ଖ୍ରୀଷ୍ଟ ଆମ ମଧ୍ୟରେ ଅଛନ୍ତି ଯେପରି ଆମେ ଖ୍ରୀଷ୍ଟଙ୍କ ସହିତ ସହଯୋଗ କରିପାରିବା ଓ ତାହାଙ୍କର ସମସ୍ତ ଲାଭରେ ଅଂଶୀ ହୋଇପାରିବା ।

**ଖ୍ରୀଷ୍ଟଙ୍କ ସହିତ ଆମର ଏକତା ଭାବରେ ଆତ୍ମାରେ ବାପ୍ତିସ୍ମ ।** ଆଉ ଗୋଟିଏ ପରିଚ୍ଛେଦ ବିଶେଷ ଉଲ୍ଲେଖନୀୟତା ବହନ କରିଥାଏ : ଯେଣୁ ଆମ୍ଭେମାନେ ଯିହୂଦୀ ହେଉଁ ବା ଗ୍ରୀକ୍ ହେଉଁ, ଦାସ ହେଉଁ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ତ ଏକ ଆତ୍ମାରୁ ପାନ କରିଅଛୁ (୧ମ କରି. ୧୨:୧୩) । ଖ୍ରୀଷ୍ଟିୟାନମାନେ ଏହି ପଦର ଅର୍ଥ ବିଷୟରେ ତର୍କ କରିଚାଲନ୍ତି । ଏହି ବାପ୍ତିସ୍ମ କ'ଣ ଏହିପରି କିଛି ବିଷୟ ଅଟେ ଯାହାକି ସମସ୍ତ ଖ୍ରୀଷ୍ଟିୟାନ୍ ଅନୁଭୂତିରେ ଆସନ୍ତି କିମ୍ବା ଏକ ବିଶେଷ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି ଯାହାକି କେବଳ କେତେକ ଖ୍ରୀଷ୍ଟିୟାନ ଗ୍ରହଣ କରନ୍ତି ? ଉତ୍ତରଟି ଭଲରୂପେ ସିଧାସଳଖ ଅଟେ ।

ଆତ୍ମାଙ୍କ ଦ୍ୱାରା ବାପ୍ତିସ୍ମ ଠାରେ/ସହିତ/ଦ୍ୱାରା ଖଣ୍ଡବାକ୍ୟଟି (*ଏନ୍ ନିଉମାଟି*) ନୂତନ ନିୟମରେ ସାତଥର ଅଛି । ସୁସମାଚାରରେ ଚାରିଟି ଘଟଣା ଅଛି, ଯେଉଁଠାରେ ଯୋହନ ଡୁବକ ଭାବବାଣୀ ଦିଅନ୍ତି ଯେ ପ୍ରଭୁ ଯୀଶୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ (ମାଥି. ୩:୧୧; ମାର୍କ ୧:୮; ଲୂକ ୩:୧୬; ଯୋହନ ୧:୩୩) । ପଞ୍ଚମଟି ଅଛି ପ୍ରେରିତ ୧:୫ ପଦରେ, ଯେଉଁଠାରେ ଯୀଶୁ ଯୋହନଙ୍କ ପୂର୍ବାନୁମାନକୁ ଉଲ୍ଲେଖ କରନ୍ତି । ପ୍ରେରିତ ୧୧:୧୬ ପଦରେ ଥିବା ଷଷ୍ଠ ଘଟଣା ଯେଉଁଠାରେ ପିତର ଯୀଶୁଙ୍କ ବାକ୍ୟକୁ ପ୍ରେରିତ ୧:୫ ପଦରେ ସେ ସ୍ୱର୍ଗାରୋହଣ କରିବା ପୂର୍ବରୁ ସ୍ମରଣ କରନ୍ତି । ତେଣୁ ବାପ୍ତିସ୍ମ ବିଷୟରେ ଏହି ସମସ୍ତ ଛଅଟି ଉଲ୍ଲେଖ ବିଷୟ ଆତ୍ମାଙ୍କ ଠାରେ/ସହିତ/ଦ୍ୱାରା ଆଗକୁ ଅନାନ୍ତି ବା ପଛକୁ ଅନାନ୍ତି ସମାନ୍ ବିଷୟ ପ୍ରତି : ତାହା ହେଉଛି ପେଣ୍ଟିକଷ୍ଟରେ ଆତ୍ମା ଢ଼ାଳି ହେବା ।

ସପ୍ତମ ପରିଚ୍ଛେଦଟି, ୧ମ କରିନ୍ଥୀୟ ୧୨:୧୩, ଅନନ୍ୟ ଅଟେ, କାରଣ ଏହା ସିଧାସଳଖ ଭାବରେ ପେଣ୍ଟିକଷ୍ଟକୁ ଉଲ୍ଲେଖ କରେ ନାହିଁ (କରିନ୍ଥୀୟଗଣ ଓ ପାଉଲ ସେଠାରେ ଯିରୂଶାଲମରେ ଆତ୍ମାରେ ବାପ୍ତିସ୍ମ ଗ୍ରହଣ କରିବାକୁ ନ ଥିଲେ) । ଅତଏବ, କେତେକ ଖ୍ରୀଷ୍ଟିୟାନ୍ ଶିକ୍ଷା ଦେଇଛନ୍ତି ଯେ ୧ମ କରିନ୍ଥୀୟ ୧୨:୧୩ ପଦ ଏକ ଦ୍ୱିତୀୟ-ଆଶୀର୍ବାଦ ଅନୁଭୂତି ବିଷୟରେ କହନ୍ତି, ଯାହାକି ପରିବର୍ତ୍ତନ ପ୍ରତି ପରବର୍ତ୍ତୀ ଅବସ୍ଥାରେ ଆସିଥାଏ ପୁଣି ତାହାକୁ କେବଳ ଅଳ୍ପ କିଛି ଖ୍ରୀଷ୍ଟିୟାନ୍ ଉପଭୋଗ କରନ୍ତି । ମାତ୍ର ଦ୍ୱିତୀୟ-ଆଶୀର୍ବାଦ ବର୍ଣ୍ଣନା କାର୍ଯ୍ୟ କରିବ ନାହିଁ । ଆରମ୍ଭ କରିଥିବା ଲୋକମାନଙ୍କ ପାଇଁ ଏହି ପଦଟି ଗୁରୁତ୍ୱ ଦେଇଥାଏ ଯେ ସମସ୍ତେ ଆତ୍ମାରେ ବାପ୍ତିଜିତ ହୋଇଥିଲେ ପୁଣି ସମସ୍ତଙ୍କୁ ଆତ୍ମାଙ୍କୁ ପାନ କରିବାକୁ ଦିଆଯାଇଥିଲା ।

ପାଉଲ ଯେଉଁ ବିଷୟ ବି କହୁଅଛନ୍ତି, ଏହା ସ୍ପଷ୍ଟ ଅଟେ ଯେ ସେ କରିନ୍ଥରେ ଯେଉଁ ପ୍ରତ୍ୟେକଙ୍କ ବିଷୟରେ ଅନୁମାନ କରନ୍ତି ସେ ବିଷୟରେ ଅନୁଭୂତିରେ ଆସିଥିଲେ । ଆହୁରିମଧ୍ୟ ଦଉ ଅଧିକ ବଡ଼ ପୂର୍ବାପର ପ୍ରସଙ୍ଗରେ, ପାଉଲ କେତେକ ଖ୍ରୀଷ୍ଟିୟାନଙ୍କ ଦ୍ୱାରା ଏକ ଅନନ୍ୟ ଦ୍ୱିତୀୟ ଆଶୀର୍ବାଦ ଅନୁଭୂତି ବିଷୟରେ କଥାବାର୍ତ୍ତା କରୁ ନାହାନ୍ତି । ଶରୀରରେ ଦାନଗୁଡ଼ିକର

ବିଭିନ୍ନତା ବିଷୟରେ ଗୁରୁତ୍ୱ ଦେବା ପରେ ପାଉଲ ଆପଣା ଦୃଷ୍ଟିକେନ୍ଦ୍ରକୁ କରିନ୍ଥୀୟମାନେ ଅଂଶୀ ହେଉଥିବା ଏକତା ପ୍ରତି ବୁଲି ପଡ଼ନ୍ତି । ସେମାନଙ୍କର ସମସ୍ତଙ୍କର ହୁଏତ ଭିନ୍ନ ଭିନ୍ନ ଉପହାର ଥିବ, ମାତ୍ର ସେମାନେ ସମସ୍ତେ ଗୋଟିଏ ଆତ୍ମାରେ ବାପ୍ତିଜିତ ହୋଇଛନ୍ତି ।

ଆତ୍ମାରେ ବାପ୍ତିସ୍ମଲାଭ କରିବା କିଛି ବିଷୟ ଅଟେ, ଯାହାକି ପ୍ରତ୍ୟେକ ଖ୍ରୀଷ୍ଟିୟାନ୍ ଅନୁଭୂତିରେ ଆସିଛନ୍ତି, କାରଣ ପ୍ରତ୍ୟେକ ଖ୍ରୀଷ୍ଟିୟାନ୍ ପୁନର୍ଜନ୍ମ ଲାଭ କରିଛନ୍ତି ଓ ପବିତ୍ର ଆତ୍ମା ବାସ କରିବା ମାଧ୍ୟମରେ ଖ୍ରୀଷ୍ଟଙ୍କ ସହିତ ଯୋଗ ଦେଇଅଛନ୍ତି । ଆତ୍ମାରେ ବାପ୍ତିସ୍ମ ଗ୍ରହଣ କରିବା ବିଷୟ ଖ୍ରୀଷ୍ଟଙ୍କ ସହିତ ଆମର ଏକତା ଅପେକ୍ଷା କୌଣସିମତେ କମ୍ ନୁହେଁ । ସେହି ସମାନ୍ ଆତ୍ମା ପ୍ରଥମେ ପେଣ୍ଟିକଷ୍ଟରେ ଢ଼ଳା ଯାଇଥିଲେ, ବର୍ତ୍ତମାନ ପ୍ରତ୍ୟେକ ବିଶ୍ୱାସୀଙ୍କଠାରେ ବାସ କରନ୍ତି, ଆମ ସହିତ ଖ୍ରୀଷ୍ଟଙ୍କ ପ୍ରତି ଯୋଗ ଦେଉଅଛନ୍ତି ଓ ଆମକୁ ତାହାଙ୍କର ସମସ୍ତ ଲାଭଗୁଡ଼ିକରେ ବୁଡ଼ାଇ ଦେଉଅଛନ୍ତି ।

ଆପଣ ଯଦି ଏକ ଘରୋଇ ଦୃଷ୍ଟାନ୍ତ ଦେବାକୁ ଅନୁମତି ଦିଅନ୍ତି, ତେବେ ଆତ୍ମାରେ ବାପ୍ତିସ୍ମ ହେଉଛି ସେହି ଚକ୍ଚକ୍ କରୁଥିବା ଚମତ୍କାର ଜଳପ୍ରପାତ ଅଟେ ଯାହାକି ଏକ ସ୍ୱାଦିଷ୍ଟ ଡ଼ୋନଟ୍ ଢ଼ଳାଯିବା ପରି ଅଟେ ଯାହାକି ପରିବହନକାରୀ ବେଲ୍‌ଟ୍‌କୁ ତଳକୁ କରିଦେଉଛି । ପ୍ରତ୍ୟେକ ଡ଼ୋନଟ୍ ଏହା ପାଆନ୍ତି, ପୁଣି ପ୍ରତି ଡ଼ୋନଟ୍ ଏହା ପାଇଁ ବହୁତ ଅଧିକ ଉତ୍ତମ ଅଟେ । ଠିକ୍ ସେହିପରି ଏକ ଉପାୟରେ, ଯୀଶୁ ଆମକୁ ଆତ୍ମାରେ ବାପ୍ତିସ୍ମ ଦିଅନ୍ତି ଯେପରି ଆମେ ତାହାଙ୍କ ଶକ୍ତି ଜାଣିପାରିବା ଓ ତାହାଙ୍କ ଆଶୀର୍ବାଦ ବିଷୟରେ ସଚେତନ ହୋଇପାରିବା । ନଚେତ୍ ଜନ୍ ଷ୍ଟଟ୍ ଯେପରି ଏହାର ସାରାଂଶ କରିଥିଲେ : ଆତ୍ମାରେ ବାପ୍ତିଜିତ ହେବା ଏକ ଉଲ୍ଲେଖନୀୟ ଆଶୀର୍ବାଦ ଅଟେ (କେବଳ ନୂତନ ନିୟମରେ ହିଁ ହୃଦୟଙ୍ଗମ କରାଯାଇଥିଲା), ଏକ ପ୍ରାରମ୍ଭିକ ଆଶୀର୍ବାଦ ଅଟେ (କଥାବାର୍ତ୍ତାରେ ଦିଆଯାଇଛି), ପୁଣି ଏକ ସର୍ବସାଧାରଣ ଆଶୀର୍ବାଦ ଅଟେ (ପ୍ରତ୍ୟେକ ସିଦ୍ଧ ବିଶ୍ୱାସୀଙ୍କ ଉପରେ ଢ଼ଳା ଯାଇଥିଲା) ।[୧୪]

*ପବିତ୍ର ଆତ୍ମା ଗୌରବାନ୍ୱିତ ହୁଅନ୍ତି*

ଏହି ଉପଶୀର୍ଷକକୁ ଦେଖି ଆପଣ ହୁଏତ ଭାବିବେ ଯେ ମୁଁ ପରିତ୍ରାଣର କ୍ରମ ମାଧ୍ୟମରେ କହିବାକୁ ଯାଉଛି ଓ ଆତ୍ମା କିପରି ଭାବରେ ଖ୍ରୀଷ୍ଟିୟାନ୍‌କୁ ଅନ୍ତିମ ଗୌରବ ପ୍ରତି କଢ଼ାଇ ନେଉଛି ତାହା ବର୍ଣ୍ଣନା କରୁଛି । ମାତ୍ର ତାହା ବିଷୟ ନୁହେଁ, କାରଣ ଯୀଶୁ ଉପର କୋଠରୀରେ ସେ ବିଷୟରେ କହନ୍ତି ନାହିଁ । ପବିତ୍ର ଆତ୍ମାଙ୍କ ବିଷୟରେ ଯୀଶୁଙ୍କର ପଞ୍ଚମ ପ୍ରତିଜ୍ଞାରେ ସେ ଏକ ଭିନ୍ନ ପ୍ରକାର ଗୌରବ ବିଷୟରେ କହନ୍ତି :

> କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ । ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ । ଯାହା ଯାହା ପିତାଙ୍କର, ସେହିସବୁ ମୋହର

ଏହି ହେତୁ ମୁଁ କହିଲି, ସେ ମୋହର ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ ।
(ଯୋହନ ୧୬:୧୩-୧୫)

ଏଠାରେ ଆମ ପାଖରେ ପବିତ୍ର ଆତ୍ମାଙ୍କ ବିଷୟରେ ଯୀଶୁଙ୍କର ଅନ୍ତିମ ବାକ୍ୟ ଅଛି । ପୁଣି ସେ କ୍ରୁଶ ନିକଟକୁ ଆସିଲା ବେଳେ ଯେଉଁ ବିଷୟକୁ ଗୁରୁତ୍ୱ ଦିଅନ୍ତି, ତାହା ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବା ପାଇଁ ଆତ୍ମାଙ୍କ କାର୍ଯ୍ୟକୁ ଅନେକ ସମୟରେ ଅଣଦେଖା କରନ୍ତି କି ? ଯୀଶୁ ବାରଶିଷ୍ୟଙ୍କୁ ଆତ୍ମାଙ୍କ କାର୍ଯ୍ୟ ବିଷୟରେ ଯେତେବେଳେ ବି କହିଥା'ନ୍ତି, ସେତେବେଳେ ଆତ୍ମା ଅନେକ ଦିନ ପୂର୍ବରୁ ଖ୍ରୀଷ୍ଟଙ୍କ ଗୌରବ ସେମାନଙ୍କ ପ୍ରତି ପ୍ରକାଶିତ ହେବା ପାଇଁ କାର୍ଯ୍ୟ କରିବେ ବୋଲି ଯୀଶୁ କହୁଅଛନ୍ତି (ଯୋହନ ୭:୩୫) । ମାତ୍ର ଏହି ଉପରୁ ଯେପରି ଆସିଛି, ଯୀଶୁଙ୍କ ପ୍ରତିଜ୍ଞା ସେହିପରି ଆତ୍ମାଙ୍କ କାର୍ଯ୍ୟ ବିଷୟରେ କହୁଛି ଯେପରି ଆମ ହୃଦୟରେ ସତ୍ୟ ମାଧ୍ୟମରେ ଖ୍ରୀଷ୍ଟ ଗୌରବାନ୍ୱିତ ହେବେ, ଯେଉଁ ସତ୍ୟକୁ ଶିଷ୍ୟମାନେ ଶୀଘ୍ର ଦେଖିବେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପରିଚ୍ଛେଦ ଅଟେ, କାରଣ ଏହା ଆମକୁ ଦୁଇଟି ସାଧାରଣ ଭୁଲ୍ ଏଡ଼ାଇ ଯିବା ପାଇଁ ସାହାଯ୍ୟ କରିଥାଏ ।

*ପ୍ରଥମ ଭୁଲ୍ ହେଉଛି ଆତ୍ମାଙ୍କୁ ଶାସ୍ତ୍ର ବିରୁଦ୍ଧରେ କହିବା ।* ଯୀଶୁଙ୍କର ପ୍ରତିଜ୍ଞା ସହିତ ଆତ୍ମା ମୋତେ ମୁଁ କାହାକୁ ବିବାହ କରିବି କିମ୍ବା କେଉଁ ଚାକିରୀ କରିବି ସେ ବିଷୟରେ କହିବାର କୌଣସି ସମ୍ପର୍କ ହିଁ ନାହିଁ । ସେ ଯେତେବେଳେ କହନ୍ତି ଆତ୍ମା ତୁମକୁ ସମସ୍ତ ସତ୍ୟ ମଧ୍ୟକୁ କଢ଼ାଇ ନେବେ ସେତେବେଳେ ତାହା ତାହାଙ୍କ ମନରେ ନାହିଁ (ଯୋହନ ୧୬:୧୩) । ଯୀଶୁ ପ୍ରେରିତମାନଙ୍କୁ କଥା କହୁଅଛନ୍ତି (୧୨ ପଦ) । ସୋମନଙ୍କୁ ହିଁ ସମସ୍ତ ସତ୍ୟ ମଧ୍ୟକୁ କଢ଼ାଇ ନିଆଯିବ ।

ସେହି ସମସ୍ତ ସତ୍ୟ ଯାହାକି ସେମାନେ ଗ୍ରହଣ କରିବେ ତାହା ସୁପର୍‌ନୋଭାରୁ ଡ଼ିଏନ୍‌ଏ ପର୍ଯ୍ୟନ୍ତ ବିଶ୍ୱବ୍ରହ୍ମାଣ୍ଡରେ ଜ୍ଞାନର ପ୍ରତ୍ୟେକ ଅଂଶର ସେହି ସତ୍ୟ ନ ଥିଲା । ସେହି ସତ୍ୟ ସମସ୍ତ ସତ୍ୟକୁ ଉଲ୍ଲେଖ କରିଥାଏ ଯେଉଁଗୁଡ଼ିକ ଯୀଶୁ ଖ୍ରୀଷ୍ଟଙ୍କଠାରେ, ପଥରେ, ସତ୍ୟରେ ଓ ଜୀବନରେ ବାନ୍ଧି ଦେଉଥିବା ପ୍ରତ୍ୟେକ ବିଷୟରେ ଅଟେ । ଆତ୍ମା ସେହି ବିଷୟଗୁଡ଼ିକୁ ଆଲୋକିତ କରିବ ଯାହାକି ଆସିବାକୁ ଅଛି (ଯୋହନ ୧୬:୧୩), ଏକ ଭବିଷ୍ୟତ୍ ଅର୍ଥରେ ନୁହେଁ, ମାତ୍ର ଏପର୍ଯ୍ୟନ୍ତ ସେ ଆଗାମୀ ଘଟଣାଗୁଡ଼ିକର ଉଲ୍ଲେଖନୀୟ ବିଷୟକୁ ଖୋଲି ବାହାର କରିଦେବେ, ଯେପରି ଯୀଶୁଙ୍କର ମୃତ୍ୟୁ, ପୁନରୁତ୍ଥାନ, ଓ ସ୍ୱର୍ଗାରୋହଣ । ଆତ୍ମା, ଯେଉଁ ପିତା ଓ ପୁତ୍ରଙ୍କ ବିଷୟରେ କହୁଅଛନ୍ତି, ସେ ପ୍ରେରିତମାନଙ୍କୁ ଏହା ମନେ ରଖିବାରେ ସାହାଯ୍ୟ କରିବେ ଯାହାକି ଯୀଶୁ କହିଥିଲେ ଓ ଯୀଶୁ କିଏ ଓ ସେ ଯାହା ସମ୍ପନ୍ନ କରିଥିଲେ ତାହା ବୁଝନ୍ତି (ଯୋହନ ୧୪:୨୬) ।

ଏହାର ଅର୍ଥ ହେଉଛି ଯେ ଆତ୍ମା ସେହି ସତ୍ୟ ବିଷୟରେ ଦାୟୀ ଅଟନ୍ତି ଯାହାକି ପ୍ରେରିତଗଣ ପ୍ରଚାର କରିଥିଲେ ଓ ଯାହାକି ପ୍ରତିବଦଳରେ ଆମେ ବର୍ତ୍ତମାନ ଯେଉଁ ନୂତନ ନିୟମ ବୋଲି କହୁ, ସେଥିରେ ଲେଖାଯାଇଥିଲା । ଆମ୍ଭେମାନଙ୍କୁ ବାଇବଲ ଉପରେ ଆସ୍ଥା ସ୍ଥାପନ କରିବାକୁ ପଡ଼ିବ, ପୁଣି ଯେଉଁମାନେ ସେମାନଙ୍କ ଦକ୍ଷତାର ଅଧୀନରେ ଥିବା

ଲୋକମାନେ ଆତ୍ମାଙ୍କ ପ୍ରକାଶନ ମାଧ୍ୟମରେ ଏହା ଲେଖିଥିଲେ । ବାଇବଲ ହେଉଛି ଆତ୍ମାଙ୍କର ପୁସ୍ତକ । ସେ ପୁରାତନ ନିୟମକୁ ଅନୁପ୍ରାଣିତ କରିଥିଲେ, ଯେପରି ପ୍ରେରିତମାନେ ଅନୁମାନ କରନ୍ତି (ପ୍ରେରିତ ୪:୨୫; ୨୮:୨୫; ଏବ୍ରୀ ୩:୭; ୨ୟ ପିତ. ୧:୨୧), ପୁଣି ଯୋହନ ୧୬ ଅଧ୍ୟାୟରେ ପ୍ରତିଜ୍ଞାତ ହେବା ପରି ଯୀଶୁ ଯେପରି ପରୋକ୍ଷ ଭାବରେ ପ୍ରତିଜ୍ଞା କରିଥିଲେ, ନୂତନ ନିୟମ ସେହିପରି ଭାବରେ ଅନୁପ୍ରାଣିତ ହୋଇଥିଲା ।

ଅତଏବ, ଆମ୍ଭେମାନେ ସେହିମାନଙ୍କୁ କୌଣସି ସୁଯୋଗ ଦେବା ନାହିଁ, ଯେଉଁମାନେ ମର୍ମନ୍‌ମାନଙ୍କ ପରି ହେଉଥିବା ପ୍ରକାଶନ ପାଇଁ ଯୁକ୍ତି କରିଥିଲେ ଯାହାକି ନୂତନ ନିୟମର ଧର୍ମତାତ୍ତ୍ୱିକ ବିଷୟବସ୍ତୁ ସହିତ ଯୋଗ ହୋଇଥାଏ । କିମ୍ବା ଆମ୍ଭେମାନେ ସେହି ପ୍ରସ୍ତାବଗୁଡ଼ିକୁ ସହ୍ୟ କରିବା ନାହିଁ ଯେଉଁଗୁଡ଼ିକ ଧର୍ମତାତ୍ତ୍ୱିକ ଭାବରେ ଉଦାର ଅଟେ, ଯାହାକି ଅନେକ ସମୟରେ ଶାସ୍ତ୍ରଗୁଡ଼ିକ ସହିତ ଅତି ସତର୍କ ଭାବରେ ଲାଗି ରହିଥାଏ ତାହା କୌଣସିମତେ ପବିତ୍ର ଆତ୍ମାଙ୍କ ପ୍ରତି ଏକ ଅପମାନ ଅଟେ । ବାକ୍ୟ ଓ ଆତ୍ମା ପରସ୍ପର ଏକାଠି ଲାଗି ରହିଥାଏ । ଆମ୍ଭେମାନେ ଶାସ୍ତ୍ର ଅନୁସନ୍ଧାନ କରିବା ବେଳେ ଆତ୍ମାଙ୍କଠାରୁ ଶୁଣିଥାଉ । ପୁଣି ଶାସ୍ତ୍ର ଅନୁସନ୍ଧାନ କଲାବେଳେ ଆମ୍ଭମାନଙ୍କୁ ଆତ୍ମାଙ୍କ ଆଲୋକ ପ୍ରଦର୍ଶନ କରିବାକୁ ପ୍ରାର୍ଥନା କରିବାକୁ ପଡ଼ିବ ।

*ଏହି ପରିଚ୍ଛେଦ ଆମକୁ ଖ୍ରୀଷ୍ଟଙ୍କ ବିରୁଦ୍ଧରେ ଆତ୍ମାଙ୍କୁ କରିବାର ଭୁଲ୍ କରିବାରୁ ଏଡ଼ାଇବାକୁ ସାହାଯ୍ୟ କରିପାରିବ ।* ପବିତ୍ର ଆତ୍ମା ଏକ ସେବାକାରୀ ଆତ୍ମା ଅଟନ୍ତି । ସେ ଯାହା ଶୁଣନ୍ତି କେବଳ ତାହା ହିଁ କହନ୍ତି (ଯୋହନ ୧୬:୧୩) । ତାହାଙ୍କୁ ଯାହା ଦିଆଯାଇଛି ସେ ତାହା ଘୋଷଣା କରନ୍ତି ଅନ୍ୟ ଜଣଙ୍କୁ ଗୌରବାନ୍ୱିତ କରିବା ହେଉଛି ତାହାଙ୍କ ମିଶନ୍ (୧୪ ପଦ) । ତ୍ରିତ୍ୱ ର ଏହି ତିନି ବ୍ୟକ୍ତି ହେଉଛନ୍ତି ସମ୍ପୂର୍ଣ୍ଣ ଈଶ୍ୱର, ତଥାପିମଧ୍ୟ ସ୍ୱର୍ଗୀୟ ଅର୍ଥନୀତିରେ ପୁତ୍ର ପିତାଙ୍କୁ ପ୍ରକାଶ କରନ୍ତି ଓ ଆତ୍ମା ପୁତ୍ରଙ୍କୁ ଗୌରବାନ୍ୱିତ କରନ୍ତି । ତଥାପି ପବିତ୍ର ଆତ୍ମାଙ୍କୁ ଉପେକ୍ଷା କରିବା ଓ ଆମ ଜୀବନରେ ତାହାଙ୍କ ଅପରିହାର୍ଯ୍ୟ ଭୂମିକାକୁ ଉପେକ୍ଷା କରିବା ଦୁଃଖଦାୟକ ବିଷୟ ଅଟେ । ମାତ୍ର ଆମେ ଚିନ୍ତା କରିବା ଉଚିତ୍ ନୁହେଁ ଯେ ଆମେ ଖ୍ରୀଷ୍ଟଙ୍କ ଉପରେ ବହୁଳ ଭାବରେ ଆଲୋକପାତ କରିପାରିବା ବୋଲି । ଆମ୍ଭେମାନେ ଯେତେବେଳେ ଖ୍ରୀଷ୍ଟଙ୍କ ଉପରେ ଆମର ମନୋଯୋଗ ସ୍ଥାପନ କରିଥାଉ, ସେତେବେଳେ ଆତ୍ମା ଆଘାତପ୍ରାପ୍ତ ହୋଇ ନାହାନ୍ତି ।

ଖ୍ରୀଷ୍ଟଙ୍କଠାରେ ଉତ୍ସାହିତ ହେବା ହିଁ ଆତ୍ମାଙ୍କ କାର୍ଯ୍ୟର ପ୍ରମାଣ ଅଟେ ! ମଣ୍ଡଳୀର ଆଲୋକପାତ କପୋତ ଉପରେ ନୁହେଁ, ମାତ୍ର କ୍ରୁଶ ଉପରେ ଅଟେ, ପୁଣି ଆତ୍ମାଙ୍କ ଉପରେ ମଧ୍ୟ ସେହିପରି ଭାବରେ ଆଲୋକପାତ କରାଯିବ । ଜେ.ଆଇ. ପ୍ୟାକର୍ ଯେପରି ଏହାକୁ ଲେଖନ୍ତି, ଆତ୍ମାଙ୍କ ବାର୍ତ୍ତା ଆମ ପ୍ରତି କେବେ ନୁହେଁ, 'ମୋତେ ଅନାଅ ମୋ କଥା ଶୁଣ ମୋ ନିକଟକୁ ଆସ ମୋତେ ଜାଣ,' ମାତ୍ର ସର୍ବଦା, 'ତାହାଙ୍କୁ ଅନାଅ, ଓ ତାହାଙ୍କୁ ଗୌରବାନ୍ୱିତ କର ତାହାଙ୍କ କଥା ଶୁଣ, ଓ ତାହାଙ୍କ ବାକ୍ୟ ଶୁଣ ତାହାଙ୍କ ନିକଟକୁ ଯାଅ, ଓ ଜୀବନ ପ୍ରାପ୍ତ ହୁଅ ତାହାଙ୍କୁ ଜାଣ, ଏବଂ ତାହାଙ୍କ ଆନନ୍ଦ ଓ ଶାନ୍ତିର ଦାନର ସ୍ୱାଦ ଜାଣ ।'[୧୫]

ପୁତ୍ରଙ୍କୁ ପ୍ରକାଶ ଓ ଗୌରବାନ୍ୱିତ କରିବା ପାଇଁ ଆତ୍ମାଙ୍କ କାର୍ଯ୍ୟ ବିଷୟରେ ଏହିସବୁ କାର୍ଯ୍ୟ ବିଷୟରେ ଅଜ୍ଞାତ ଖ୍ରୀଷ୍ଟିୟାନମାନଙ୍କ ଧାରଣା ଏତେ ଭୟଙ୍କର ଭାବରେ ଭୁଲ୍ ଅଟେ । ମୋର ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ବିଷୟରେ ମନେ ଅଛି ଯେ କି ଯୁକ୍ତି କରିଥିଲେ ଯେ ଈଶ୍ୱର ସାର୍ବଭୌମ ହୋଇଥିବାରୁ ଓ ଆତ୍ମା ଯେଉଁଠାକୁ ଇଚ୍ଛା ସେହିଠାକୁ ଯାଇପାରୁଥିବାରୁ, ଆତ୍ମା ସମସ୍ତ ଧର୍ମରେ ଉଦ୍ଧାର କାର୍ଯ୍ୟ କରୁଅଛନ୍ତି, ସେ ଲୋକମାନଙ୍କୁ ପୁନର୍ଜନ୍ମପ୍ରାପ୍ତ ହେବାକୁ ଦେଉଅଛନ୍ତି ଓ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରୁଅଛନ୍ତି, ଯାହାକି ସେମାନେ ଜାଣିପାରନ୍ତି ନାହିଁ । ସେ ବିଶ୍ୱାସ କରିଥିଲେ ଯେ ଲୋକମାନେ ଖ୍ରୀଷ୍ଟଙ୍କ ବିଷୟରେ ନ ଶୁଣି କିମ୍ବା ତାହାଙ୍କଠାରେ ବିଶ୍ୱାସମତ ପ୍ରକାଶ ନ କରି ମଧ୍ୟ ସେମାନଙ୍କୁ ଖ୍ରୀଷ୍ଟଙ୍କଠାରେ ଉଦ୍ଧାର କରାଯାଇପାରିଥିଲା । ଚିନ୍ତା କରିବାର ଏହି ଉପାୟର ଅନ୍ତର୍ଭୁକ୍ତୀକରଣ ଲୋକପ୍ରିୟ ଅଟେ । ଏପରିକି ପ୍ରିୟ ସି.ଏସ୍. ଲୁଇ ଏହାକୁ ସମର୍ଥନ କରିଥିଲେ :

> ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଖ୍ରୀଷ୍ଟଙ୍କ ବିଷୟରେ ସମ୍ପୂର୍ଣ୍ଣ ଖ୍ରୀଷ୍ଟୀୟ ଧର୍ମତତ୍ତ୍ୱ ଗ୍ରହଣ କରନ୍ତି ନାହିଁ, ମାତ୍ର ସେମାନେ ତାହାଙ୍କ ଦ୍ୱାରା ଏତେ ସୁଦୃଢ଼ ଭାବରେ ଆକର୍ଷିତ ଅଟନ୍ତି ଯେ ସେମାନେ ନିଜ ନିଜକୁ ବୁଝିବା ଅପେକ୍ଷା ଅଧିକ ଗଭୀର ଅର୍ଥରେ ତାହାଙ୍କର ଅଟନ୍ତି । ଅନ୍ୟ ଧର୍ମରେ ଏପରି ଲୋକମାନେ ଅଛନ୍ତି ଯେଉଁମାନଙ୍କୁ ଈଶ୍ୱରଙ୍କ ଗୁପ୍ତ ପ୍ରଭାବ ଦ୍ୱାରା ପରିଚାଳନା ଦିଆଯାଉଛି ଯେପରି ସେମାନେ ସେମାନଙ୍କ ଧର୍ମର ସେହି ଅଂଶଗୁଡ଼ିକ ଉପରେ ମନୋନିବେଶ କରିବେ ଯାହାକି ଖ୍ରୀଷ୍ଟଧର୍ମ ସହିତ ସମ୍ମତରେ ଅଛି, ପୁଣି ଯେଉଁମାନେ ନ ଜାଣି ମଧ୍ୟ ଖ୍ରୀଷ୍ଟଙ୍କର ଅଟନ୍ତି । ଉଦାହରଣସ୍ୱରୂପ, ଉତ୍ତମ ଇଚ୍ଛା ବିଶିଷ୍ଟ ଜଣେ ବୌଦ୍ଧଧର୍ମାବଲମ୍ବୀଙ୍କୁ ହୁଏତ ଦୟା ବିଷୟରେ ଅଧିକରୁ ଅଧିକ ବୌଦ୍ଧଧର୍ମର ଶିକ୍ଷା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ପରିଚାଳିତ କରାଯାଇପାରେ ପୁଣି ଅନ୍ୟ କେତେକ ନିର୍ଦ୍ଦିଷ୍ଟ ବିଷୟ ଉପରେ ବୌଦ୍ଧଧର୍ମ ଦେଉଥିବା ଶିକ୍ଷାର ପୃଷ୍ଠଭୂମିରେ ଛାଡ଼ି ଦିଆଯାଇପାରେ (ଯଦିଚ ସେ ହୁଏତ କହିପାରିବ ଯେ ସେ ବିଶ୍ୱାସ କରୁଥିଲେ) ।[୬]

ଅନେକ ସମୟରେ ମୁଁ ଲୁଇଙ୍କ ଦ୍ୱାରା ଲାଭବାନ୍ ହୋଇଛି, ମାତ୍ର ଏହିପରି ଭାବରେ ଚିନ୍ତା କରିବା ହେଉଛି ପେଣ୍ଟିକଷ୍ଟରେ ଓ ପେଣ୍ଟିକଷ୍ଟ ଯୁଗରେ ଆତ୍ମାଙ୍କ ମିଶନ୍‌କୁ ଭୁଲ୍ ବୁଝିବା । ପବିତ୍ର ଆତ୍ମାଙ୍କ କାର୍ଯ୍ୟ ହେଉଛି ଖ୍ରୀଷ୍ଟଙ୍କର ଯାହା ଅଟେ ତାହା ନେବା ଦ୍ୱାରା ତାହାଙ୍କ ପ୍ରତି ଗୌରବ ଆଣିଦେବା – ତାହାଙ୍କ ଶିକ୍ଷା, ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ ସତ୍ୟ – ଓ ଏହାକୁ ଜଣାଇଦେବା । ଦୃଶ୍ୟ ଭାବରେ ଖ୍ରୀଷ୍ଟଙ୍କର ପ୍ରକାଶନ ବିନା ଆତ୍ମା ବିଚାରଶୂନ୍ୟ ଭାବରେ କାର୍ଯ୍ୟ କରନ୍ତି ନାହିଁ । ଯୁକ୍ତିତର୍କ ଭାବରେ, ପବିତ୍ର ଆତ୍ମାଙ୍କର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବା, ପୁଣି ସେ ଖ୍ରୀଷ୍ଟଙ୍କ ଉପରେ ଆଲୋକପାତ କରିବା ବ୍ୟତୀତ ଏହା କରନ୍ତି ନାହିଁ, କାରଣ ମନୋନୀତ ଲୋକମାନେ ଦେଖିବେ ଓ ଜାଣିବେ ।

*ପବିତ୍ର ଆତ୍ମା ଶୁଚିକୃତ କରନ୍ତି*

ପିତରଙ୍କ ପ୍ରଥମ ପତ୍ରର ପ୍ରାରମ୍ଭିକ ଅଭିନନ୍ଦନ ଆମର ପରିତ୍ରାଣର ତ୍ରିତ୍ୱ ପ୍ରକୃତିର ଏକ ସ୍ପଷ୍ଟ ଉଦାହରଣ ପ୍ରଦାନ କରିଥାଏ । ପିତା ଈଶ୍ୱରଙ୍କ ପୂର୍ବଜ୍ଞାନ ଅନୁଯାୟୀ ଆତ୍ମାରେ ପବିତ୍ରୀକୃତ ହେବାରେ ମନୋନୀତ ନିର୍ବାସନ ମନୋନୀତ ହୋଇଛି, ଯାହାକି ସେମାନେ ହୁଏତ ଯୀଶୁ ଖ୍ରୀଷ୍ଟଙ୍କର ଆଜ୍ଞାବହ ହୋଇପାରିବେ ଓ ତାହାଙ୍କ ରକ୍ତ ଛିଟା ପାଇପାରିବେ (୧ମ ପିତ. ୧:୨) । ପବିତ୍ର ଆତ୍ମା ଦୁଇଟି ଉପାୟରେ ପବିତ୍ରୀକୃତ କରିଥାଆନ୍ତି । ପ୍ରଥମେ, ସେ ଆମକୁ ଖ୍ରୀଷ୍ଟଙ୍କଠାରେ ବିଚ୍ଛିନ୍ନ କରନ୍ତି ଯେପରି ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ଶୁଚି ହୋଇପାରିବା । ଦ୍ୱିତୀୟରେ, ସେ ଆମଠାରେ କାର୍ଯ୍ୟ କରନ୍ତି ଯେପରି ଆମ୍ଭେମାନେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆଜ୍ଞାବହ ହୋଇପାରିବା । ଆତ୍ମାଙ୍କର ପବିତ୍ରୀକରଣ ମାଧ୍ୟମରେ ଆମକୁ ଏକ ନୂତନ ପଦବୀ ପ୍ରଦାନ କରାଯାଇଛି ଓ ଆମକୁ ଏକ ନୂତନ ଶକ୍ତିରେ ପରିପୂର୍ଣ୍ଣ କରାଯାଇଛି ।

ଏହା ହିଁ ଦ୍ୱିତୀୟ ଉପାଦାନ, ନୂତନ ଶକ୍ତି ଅଟେ, ଆମ୍ଭେମାନେ ପବିତ୍ରୀକରଣ ବିଷୟରେ ଆଲୋଚନା କରିବା ବେଳେ ସେହି ବିଷୟରେ ଆମ୍ଭେମାନେ ସାଧାରଣତଃ ଚିନ୍ତା କରିଥାଉ। ଯଦିଚ ଧର୍ମତାତ୍ତ୍ୱିକ ଶବ୍ଦ ଭାବରେ ପବିତ୍ରୀକରଣ ମଧ୍ୟ ପରିସ୍ଥିତି ସମ୍ବନ୍ଧୀୟ ଅଟେ, ଏହା ସାଧାରଣତଃ ଆମର ଅଭିବୃଦ୍ଧିମୂଳକ ପବିତ୍ରୀକରଣକୁ ଉଲ୍ଲେଖ କରିଥାଏ, ଈଶ୍ୱର ଏହିପରି ଉପାୟରେ ଆମଠାରେ କାର୍ଯ୍ୟ କରନ୍ତି, କାରଣ ତାହାଙ୍କ ଉତ୍ତମ ସନ୍ତୁଷ୍ଟି ନିମନ୍ତେ ଆମେ ଯେତେବେଳେ ଭୟ ଓ ଥରହର ହୋଇ ଆମର ପରିତ୍ରାଣର ଜୀବନଯାପନ କରିଥାଉ (ଫିଲି. ୨:୧୨-୧୩) । ନଚେତ୍, ରୋମୀୟ ୮:୯-୧୩ ପଦ ଏହାକୁ ଯେପରି କହିଥାଏ, ଆମ୍ଭେମାନେ ଆଉ ଶରୀରର ନୋହୁଁ, ମାତ୍ର ଆତ୍ମାର (ପରିସ୍ଥିତିରେ) ଅଟୁ ଅତଏବ, ଆତ୍ମାରେ ଆମ୍ଭମାନଙ୍କୁ ଶରୀରର କାର୍ଯ୍ୟକୁ ମୃତ କରିବା ଉଚିତ୍ (ଶକ୍ତି) ।

ଆମ୍ଭମାନଙ୍କୁ ଯଦିଚ ଈଶ୍ୱରପରାୟଣତାରେ ଆମ୍ଭମାନଙ୍କ ଅଭିବୃଦ୍ଧିରେ ଉଦ୍ୟମ କରିବାକୁ ପଡ଼ିବ (୨ୟ ପିତ. ୧:୫), ତଥାପି ଆତ୍ମା ଆମକୁ ବାରମ୍ବାର ଶକ୍ତିଯୁକ୍ତ କରନ୍ତି । ବାଇବଲ ଅତି ନ୍ୟୁନ ସୂଚନାତ୍ମକ ନୁହେଁ, ଯାହାକି ଆମକୁ ପରିବର୍ତ୍ତିତ ହେବା ପାଇଁ କହୁଛି ଓ ତା'ପରେ ଜଣେ ଉତ୍ସାହୀ ନେତା ଭାବରେ ସେବା କରୁଛି : ଆପଣ ଏହା କରିପାରିବେ! ଆମ୍ଭେମାନେ ପରିବର୍ତ୍ତିତ ହୋଇସାରିଛୁ । ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି ହୋଇସାରିଛୁ (୨ୟ କରି. ୫:୧୭) ପୁଣି ଆମର ଅନ୍ତରର କାର୍ଯ୍ୟରେ ଏକ ନୂତନ ଶକ୍ତିଲାଭ କରିଛୁ (ଏଫି. ୩:୧୬), ଆତ୍ମାଙ୍କ ଦ୍ୱାରା ଆମଠାରେ ସୁସମାଚାର ଫଳ ଉତ୍ପନ୍ନ କରୁଛୁ (ଗାଲା. ୫:୨୨-୨୩) । ବାଇବଲ ଆଶା କରେ ଯେ ଈଶ୍ୱର ଆମଠାରେ ଆତ୍ମାଙ୍କ ଦ୍ୱାରା ବାସ କରୁଥିବାରୁ, ସେହି ସମାନ୍ ଆତ୍ମାଙ୍କ ଦ୍ୱାରା ଆମ୍ଭେମାନେ କରିପାରିବା, ସେହି ଗୁଣାବଳୀରେ ଅଂଶୀ ହୋଇ ଆରମ୍ଭ କରିପାରିବା ଯାହାକି ସ୍ୱୟଂ ଈଶ୍ୱରଙ୍କର ଗୁଣାବଳୀ ଅଟେ (୨ୟ ପିତ. ୧:୪) । ଅବଶ୍ୟ ଏବେସୁଦ୍ଧା ଆମ ମଧ୍ୟରେ ଏକ ସଂଘର୍ଷ ହେଉଛି । ମାତ୍ର ଆତ୍ମାଙ୍କ ଦ୍ୱାରା ସିଦ୍ଧ ଅଭିବୃଦ୍ଧି ଓ ବିଜୟ ସାଧିତ ହୋଇପାରିବ । ନୂତନ ନିୟମ ସରଳ ଭାବରେ ଆମକୁ କେବଳ ଆମେ କିଏ ତାହା କହିଥାଏ ।

ତେବେ କେତେ ସଠିକ୍ ଭାବରେ ଆତ୍ମା ଆମକୁ ଈଶ୍ୱରପରାୟଣତାରେ ଅଭିବୃଦ୍ଧି ଲାଭ କରିବାକୁ ଶକ୍ତିଯୁକ୍ତ କରିଥାଏ ? ଆଲୋକର ରୂପକ ବିଷୟରେ ପୁନର୍ବାର ଚିନ୍ତା କରନ୍ତୁ । ଆମ୍ଭେମାନେ ଯେପରି ଦେଖିଛୁ ପବିତ୍ର ଆତ୍ମା ସେହିପରି ଏକ ଆଲୋକ ପରି ଅଟନ୍ତି ଯେ କି ଆମର ଅନ୍ଧକାର ସ୍ଥାନଗୁଡ଼ିକରେ ଚକ୍‌ଚକ୍ କରୁଅଛନ୍ତି, ସେ ଆମର ପାପ ପ୍ରକାଶ କରୁଅଛନ୍ତି ଓ ଆମକୁ ଅନୁତାପ କରିବା ପାଇଁ ପରିଚାଳିତ କରୁଅଛନ୍ତି । ଆତ୍ମା ମଧ୍ୟ ଏକ ଦୀପ ପରି ଅଟନ୍ତି ଯେ କି ଈଶ୍ୱରଙ୍କ ବାକ୍ୟକୁ ଆଲୋକିତ କରନ୍ତି, ଯାହା ସତ୍ୟ ତାହା ଶିକ୍ଷା ଦେଉଅଛନ୍ତି ଓ ଏହା ବହୁମୂଲ୍ୟ ଅଟେ ବୋଲି ପ୍ରକାଶ କରୁଅଛନ୍ତି (୧ମ କରି. ୨:୬–୧୬) । ପୁଣି ଯୋହନ ୧୬ ଅଧ୍ୟାୟରେ ଆମ୍ଭେମାନେ ଯେପରି ଦେଖିଥାଉ, ଆତ୍ମା ଖ୍ରୀଷ୍ଟଙ୍କ ଉପରେ ଆଲୋକପାତ କରୁଅଛନ୍ତି, ତେଣୁ ଆମ୍ଭେମାନେ ତାହାଙ୍କ ଗୌରବ ଓ ସୁନ୍ଦରତା ଦେଖିପାରିବା ଓ ତଦନୁଯାୟୀ ପରିବର୍ତ୍ତିତ ହୋଇପାରିବା ।

୨ୟ କରିନ୍ଥୀୟ ୩:୧୮ ପଦରେ ପାଉଲ ଏହି ଅତି ମନୋହର ଯୁକ୍ତି କରନ୍ତି : କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁଁ ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି । ଠିକ୍ ଯେପରି ମୋଶା ସୀନୟ ପର୍ବତ ଉପରେ ପ୍ରଭୁଙ୍କର ଗୌରବ ଦେଖିବା ପରେ ତାଙ୍କ ମୁଖ ପରିବର୍ତ୍ତିତ ହୋଇଥିଲା, ସେହିପରି ଆମ୍ଭେମାନେ ପରିବର୍ତ୍ତିତ ହେବା, ଯେତେବେଳେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମୁଖରେ ଈଶ୍ୱରଙ୍କ ଗୌରବ ଦେଖିବା । ତା' ବଦଳରେ ଆମ୍ଭେମାନେ କେବେ ବି ଏକ ଚକ୍‌ଚକ୍, ବାଦାମୀ ମୁହଁ ପାଇବା ନାହିଁ ଆମ୍ଭେମାନେ ଦେଖୁଥିବା ଜଣଙ୍କର ପ୍ରତିମୂର୍ତ୍ତିରେ ଅଧିକରୁ ଅଧିକ ବୃଦ୍ଧି ପାଇବା । ଆମ୍ଭେମାନେ ଯାହା ଦେଖିଥାଉ ତାହା ହିଁ ହୋଇଥାଉ ।

ମୋର ସ୍ତ୍ରୀ ଫିଗର୍ ସ୍କେଟିଂ ଖେଳ ଦେଖିବାକୁ ଭଲ ପାଆନ୍ତି । ସେ ଏହାର କଳା ଓ ସୁନ୍ଦରତାକୁ ଭଲ ପାଆନ୍ତି । ସେ ମଧ୍ୟ ଯୁବତୀମାନଙ୍କଠାରେ ଏହା ଉଠିଥିବା ଅବସ୍ଥାକୁ ଦେଖି ଉପଭୋଗ କରନ୍ତି । ମୋତେ ସେଗୁଡ଼ିକ ଅସହ୍ୟ ହୋଇଥାଏ, ମାତ୍ର ମୋତେ ସ୍ୱୀକାର କରିବାକୁ ପଡ଼ିବ ଯେ ସେମାନେ ଯାହା କରିପାରିବେ ତାହା ବହୁତ ଉଲ୍ଲେଖନୀୟ ଅଟେ । ମୁଁ କଳ୍ପନା କରିଥାଏ ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫିଗର୍ ସ୍କେଟିଂ ଦେଖି ଦେଖି ବଢ଼ିଥିଲେ । ସେମାନେ ବୋଧହୁଏ ସେଥିରେ ହେଉଥିବା ବିଭିନ୍ନ ଶୈଳୀରେ ଚମତ୍କୃତ ହୋଇଥିବେ । ମୁଁ ନିଶ୍ଚିତ ଯେ ସେମାନଙ୍କ ମନୋହରଣ ହୋଇଥିବ, ଯେତେବେଳେ ସେମାନେ କ୍ରିଷ୍ଟି ୟାମାଗୁଚି ବା ମାଇକେଲ୍ କ୍ୱାନ୍‌ଙ୍କ ପରି ସାନ ସାନ ଝିଅମାନଙ୍କୁ ଦେଖିଥିବେ । ସେମାନେ ବୋଧହୁଏ ଭାବିଥିଲେ, ମୁଁ ତାହା କରିବାକୁ ଇଚ୍ଛା କରେ । ତାହା ଚମତ୍କାର ଅଟେ! ତାହା ଅନନ୍ୟ ଅଟେ ! ମୁଁ କିପରି ତା' ପରି ହୋଇପାରିବି ? ଅବଶ୍ୟ, ଜଣେ ବିଶ୍ୱସ୍ତରୀୟ ଫିଗର୍ ସ୍କେଟର୍ ହେବା ପାଇଁ ଅଭ୍ୟାସ ଆବଶ୍ୟକ ହୋଇଥାଏ, ଠିକ୍ ଯେପରି ପବିତ୍ରୀକରଣ ଆମ ପକ୍ଷରେ ଉଦ୍ୟମ କରିଥାଏ । ମାତ୍ର ଉଭୟ କ୍ଷେତ୍ରରେ ହେଉଥିବା ଉଦ୍ୟମ ଅନୁପ୍ରାଣିତ ହୋଇଛି ପୁଣି

ହୃଦ୍‌ବୋଧ ହୋଇଛି ଓ ଗୌରବଯୁକ୍ତ କରାଯାଇଛି । ଅସାଧାରଣ ବୁଦ୍ଧିମତା ଓ ସାର୍ବଭୌମ ଶକ୍ତିର ଦୃଶ୍ୟ ଏଥିରେ ପରିବର୍ତ୍ତନଶୀଳ ଅଟେ ।

ସେଥିପାଇଁ ଆତ୍ମା ଯେତେବେଳେ ଆମକୁ ପବିତ୍ରୀକୃତ କରିବାକୁ କାର୍ଯ୍ୟ କରନ୍ତି – ପାପ ପ୍ରକାଶ କରିବା ଦ୍ୱାରା, ସତ୍ୟ ପ୍ରକାଶ କରିବା ଦ୍ୱାରା, ଓ ଖ୍ରୀଷ୍ଟଙ୍କ ଗୌରବ ପ୍ରକାଶ କରିବା ଦ୍ୱାରା – ପୁଣି ଆମ୍ଭେମାନେ ଅନ୍ୟ ଉପାୟରେ ଦେଖିଥାଉ, ସେତେବେଳେ ଏହା ଏକ ଭୟଙ୍କର ଅପମାନ ଅଟେ । ବାଇବଲ ଏହାକୁ ପ୍ରତିରୋଧ କରିବା ପରି (ପ୍ରେରିତ ୭:୫୧), ନିର୍ବାପିତ କରିବା ପରି (୧ମ ଥେସ. ୫:୧୯), କିମ୍ବା ପବିତ୍ର ଆତ୍ମାଙ୍କୁ ଦୁଃଖ ଦେବା ପରି (ଏଫି. ୪:୩୦) ଉଲ୍ଲେଖ କରିଥାଏ । ଏହି ତିନୋଟି ଶବ୍ଦ ମଧ୍ୟରେ ସେଗୁଡ଼ିକରେ ହୁଏତ ଟିକିଏ ସୂକ୍ଷ୍ମ ପାର୍ଥକ୍ୟ ଥାଇପାରେ, ମାତ୍ର ସେସବୁଗୁଡ଼ିକ ସେହି ପରିସ୍ଥିତିଗୁଡ଼ିକ ବିଷୟରେ କହିଥା'ନ୍ତି, ଯେଉଁଠାରେ ଆମ୍ଭେମାନେ ଆମ୍ଭମାନଙ୍କ ଜୀବନରେ ଆତ୍ମାଙ୍କ କାର୍ଯ୍ୟକୁ ଗ୍ରହଣ କରି ନ ଥାଉ। ଈଶ୍ୱରଙ୍କ ବାକ୍ୟ ଆମକୁ ଯାହା କହିଥାଏ ଆମ୍ଭେମାନେ ଯେତେବେଳେ ତାହା ପ୍ରତ୍ୟାଖ୍ୟାନ କରିଥାଉ, ଆମ୍ଭେମାନେ ଯେତେବେଳେ ପାପ ପ୍ରତି ଆତ୍ମାଙ୍କ ପରିପ୍ରକାଶଠାରୁ ଆମ ଆଖି ଫେରାଇ ଦେଇଥାଉ, ଆମ୍ଭେମାନେ ଯେତେବେଳେ ଖ୍ରୀଷ୍ଟିୟାନ୍ ଭାବରେ ଗୋଟିଏ କଥା କହିଥାଉ ଓ ଆଉ ଗୋଟିଏ କରିଥାଉ, ସେତେବେଳେ ଆମ୍ଭେମାନେ ଆତ୍ମାଙ୍କ ବିରୁଦ୍ଧରେ ପାପ କରିଥାଉ ।[୧୭]

*ପବିତ୍ର ଆତ୍ମା ସୁସଜ୍ଜିତ କରନ୍ତି*

ପବିତ୍ର ଆତ୍ମା ଆମକୁ କେବଳ ଖ୍ରୀଷ୍ଟ ସଦୃଶ ଜୀବନଯାପନ କରିବା ପାଇଁ ଆମକୁ ଶକ୍ତିଯୁକ୍ତ କରନ୍ତି ନାହିଁ ସେ ଆମକୁ ଖ୍ରୀଷ୍ଟଙ୍କ ସଦୃଶ୍ୟ ସେବା କରିବା ପାଇଁ ସୁସଜ୍ଜିତ ମଧ୍ୟ କରନ୍ତି । ପୂର୍ଣ୍ଣତା ଏକ ଉପାୟ ଅଟେ ତାହାଙ୍କ ସୁସଜ୍ଜିତକରଣକୁ ବର୍ଣ୍ଣନା କରିବା ପାଇଁ । ଆତ୍ମା ସାହସ, ଦୃଢ଼ତା, ଜ୍ଞାନ, ବିଶ୍ୱାସ ଓ ଆନନ୍ଦରେ ପରିପୂର୍ଣ୍ଣ କରନ୍ତି (ପ୍ରେରିତ ୬:୩; ୧୧:୨୪ ୧୩:୫୨) । ଏପରିକି ଯଦିଚ ଆତ୍ମା ଆମ ମଧ୍ୟରେ ବାସ କରନ୍ତି, ତଥାପି ସେ ଆମକୁ ଏବେସୁଦ୍ଧା ଅଧିକ ବଡ଼ ବା କମ୍ ମାତ୍ରାରେ ପରିପୂର୍ଣ୍ଣ କରିପାରିବେ, ଠିକ୍ ଯେପରି ଏକ ବେଲୁନ୍‌ରେ ପବନ ପୂର୍ଣ୍ଣ ହୋଇପାରିବ – ଯଦି ଆପଣ ଏହା ମଧ୍ୟକୁ ଫୁଙ୍କିବେ, ଏହା ବଢ଼ିଥାଏ ଓ ସମ୍ପୂର୍ଣ୍ଣରୂପେ ଫୁଲିଯାଇଥାଏ । ଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣ ହେବା ଆପଣଙ୍କୁ ଜଣେ ଆବେଗପୂର୍ଣ୍ଣ ବ୍ୟକ୍ତି କରିପାରେ କିମ୍ବା ନ କରିପାରେ । ଏହା ଆପଣଙ୍କୁ ହୁଏତ ଜଣେ ସ୍ୱତଃପ୍ରବୃତ୍ତ ବ୍ୟକ୍ତି କରିପାରେ କିମ୍ବା ନ କରିପାରେ । ମାତ୍ର ଆପଣ ଯେତେବେଳେ ବି ଉପାସନା କରିବାକୁ, ଧନ୍ୟବାଦ କରିବାକୁ ଓ ଯଥାର୍ଥରୂପେ ସମର୍ପିତ ହେବାକୁ ଲାଗି ରହିଥିବେ, ସେତେବେଳେ ଆପଣ ନିଶ୍ଚିତ ହୋଇପାରିବେ ଯେ ଆତ୍ମା ହିଁ ଆପଣଙ୍କୁ ପରିପୂର୍ଣ୍ଣ କରୁଅଛନ୍ତି (ଏଫି. ୫:୧୮–୨୧) ।

**ଆତ୍ମିକ ଦାନଗୁଡ଼ିକ ।** ''ଦାନ'' ହେଉଛି ଅନ୍ୟ ଏକ ଉପାୟ ଆତ୍ମାଙ୍କ ସୁସଜ୍ଜିତ କାର୍ଯ୍ୟ ବିଷୟରେ କହିବା ପାଇଁ । ଦାନ (କାରିସ୍ମା) ଶବ୍ଦଟି ଏକ ନମନୀୟ ଶବ୍ଦ ଅଟେ ।[୧୮]

ସବୁଠାରୁ ବ୍ୟାପକ ଭାବରେ, ଏକ ଦାନ କେବଳ ଈଶ୍ୱରଙ୍କ ଲୋକମାନଙ୍କଠାରେ ଓ ସେମାନଙ୍କ ମାଧ୍ୟମରେ ତାହାଙ୍କ ଦୟାର ପ୍ରଦର୍ଶନ ଅଟେ ।[୯] ୧ମ କରିନ୍ଥୀୟ ୧୨:୪-୬ ପଦରେ ଏକ ଦାନ ସେବା ବା କାର୍ଯ୍ୟକଳାପ ସହିତ ସମାନ୍ ଅଟେ । ନୂତନ ନିୟମରେ ମୁଖ୍ୟ ଦାନର ତାଲିକାଗୁଡ଼ିକ ଆତ୍ମାଙ୍କ ସୁସଜ୍ଜିତ ହେବାର ବର୍ଣ୍ଣନାରେ ବ୍ୟାପକ ଭାବରେ ବର୍ଣ୍ଣନା କରାଯିବା ଅର୍ଥରେ ନାହିଁ (ରୋମୀ. ୧୨:୬-୮; ୧ମ କରି. ୧୨:୮-୧୦, ୨୮; ଏଫି. ୪:୧୧ ପଦ ଦେଖନ୍ତୁ) । ତାଲିକାଗୁଡ଼ିକରେ ପୁନରାବୃତ୍ତି ହୋଇଛି, ଅନିର୍ଦ୍ଦିଷ୍ଟ ଭାବରେ ରହିଛି, ଓ ବେଳେବେଳେ ପ୍ରକୃତିରେ ରହିଛି । ପାଉଲ ସରଳ ଭାବରେ କହୁଛନ୍ତି, ମଣ୍ଡଳୀ ସମସ୍ତ ପ୍ରକାର ଲୋକଙ୍କୁ ନେଇ ଗଠିତ, ଯେଉଁମାନେ ଈଶ୍ୱରଙ୍କ ହସ୍ତ ଦ୍ୱାରା ସମସ୍ତ ପ୍ରକାର କାର୍ଯ୍ୟ କରୁଛନ୍ତି । ଉଦାହରଣସ୍ୱରୂପ, ଅନ୍ୟ ଭାଷାରେ, ସାଧାରଣ ମଙ୍ଗଳ ନିମନ୍ତେ ଯେତେବେଳେ ବି ଈଶ୍ୱରଙ୍କ ଅନୁଗ୍ରହ ତାହାଙ୍କ ଲୋକମାନଙ୍କଠାରେ ପ୍ରମାଣିତ, ସେତେବେଳେ ଆମ୍ଭେମାନେ ଆତ୍ମିକ ଦାନଗୁଡ଼ିକ କାର୍ଯ୍ୟ କରିବାର ଦେଖିଥାଉ ।

ଆତ୍ମିକ ଦାନଗୁଡ଼ିକର ଉଦ୍ଦେଶ୍ୟ ନୁହେଁ ପ୍ରଭାବ ପକାଇବା କିମ୍ବା ଏପରିକି ଏକ ଶକ୍ତିଶାଳୀ ବ୍ୟକ୍ତିଗତ ଅନୁଭୂତି ଦେବା । ଆତ୍ମାଙ୍କର ପ୍ରଦର୍ଶନ ମଣ୍ଡଳୀର ସାଧାରଣ ମଙ୍ଗଳ ଓ ସଂଶୋଧନ ନିମନ୍ତେ ଉଦ୍ଦିଷ୍ଟ (୧ମ କରି. ୧୨:୭ ୧୪:୧୨, ୨୬) ।

ଅଧିକନ୍ତୁ, ପବିତ୍ର ଆତ୍ମା ଉପହାରଗୁଡ଼ିକୁ ବ୍ୟକ୍ତିଗତ ଖ୍ରୀଷ୍ଟିୟାନ୍‌ମାନଙ୍କୁ ଆପଣା ଇଚ୍ଛାନୁଯାୟୀ ବଣ୍ଟନ କରନ୍ତି (୧୨:୧୧) । ଏହା ସେହିପରି ବିଷୟ ନୁହେଁ ଯେପରି ପବିତ୍ର ଆତ୍ମା ଏକ ବଡ଼ ଟ୍ରକ୍‌ର ଉପହାରଗୁଡ଼ିକୁ ଫେରାଇ ନେଉଛନ୍ତି ଓ ସେଗୁଡ଼ିକୁ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ସମାନ୍ ଭାବରେ ଦେଉଅଛନ୍ତି । ସେ ଚାରିଆଡ଼େ ଉଡୁଥିବା ଆତ୍ମିକ ଉପହାରଗୁଡ଼ିକ ଆମକୁ ଦେଇ ଆମକୁ ଏକ ଅର୍ଥ ପ୍ରକୋଷ୍ଠରେ ରଖିବା ଦ୍ୱାରା ଉପହାରଗୁଡ଼ିକ ବିତରଣ କରି ନ ଥିଲେ (ପୁଣି କେତେଜଣ ଦରିଦ୍ର ଲୋକ ପ୍ରଶାସନରେ ଲାଗି ରହିଥା'ନ୍ତି) । ନାହିଁ, ପବିତ୍ର ଆତ୍ମା ସେହି ଉପହାରଗୁଡ଼ିକୁ ଯତ୍ନ ସହକାରେ ଓ ବ୍ୟକ୍ତିଗତ ଭାବରେ ବିତରଣ କରିଥିଲେ । ସେବା କରିବା ପାଇଁ ପ୍ରତ୍ୟେକଙ୍କୁ ଆତ୍ମାଙ୍କ ଦ୍ୱାରା ଉପହାର ଦିଆଯାଇଛି । ଏହାର ଅର୍ଥ ହେଉଛି ଆମ୍ଭେମାନେ ସେବା କରିପାରିବା । ଏହାର ଆହୁରିମଧ୍ୟ ଅର୍ଥ ହେଉଛି ଯେ ଆମକୁ ସେବା କରିବାକୁ ପଡ଼ିବ । ଏହା ମଣ୍ଡଳୀ ଘରର କାନ୍ଥଗୁଡ଼ିକ ମଧ୍ୟରେ ଥାଉ ବା ନ ଥାଉ, ଆମ୍ଭେମାନେ ପ୍ରତ୍ୟେକଙ୍କୁ ସାଧାରଣ ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ ପଡ଼ିବ। ମଣ୍ଡଳୀ ଚଳଚିତ୍ର ଦେଖିବାକୁ ଯିବା ପରି ସ୍ଥାନ ନୁହେଁ । ଏହା ଏକ ସୈନ୍ୟବାହିନୀରେ ଜଣେ ସୈନ୍ୟ ହେବା ପରି ବିଷୟ ଅଟେ । ପ୍ରତ୍ୟେକ ସୈନିକ ସେହି ତାଙ୍କର ଭୂମିକା ବହନ କରିବା ଆବଶ୍ୟକ, ପୁଣି ତାଙ୍କର ସାଥୀ ସୈନ୍ୟମାନେ କାର୍ଯ୍ୟ କରିବା ବେଳେ ସେ ଆରାମ୍‌ରେ ସମୟ ନଷ୍ଟ କରିବା ବିଷୟକୁ ଗଣନା କରାଯାଏ ନାହିଁ ।

**ସେହିସବୁ ବିବାଦୀୟ ଉପହାଗୁଡ଼ିକ ।** ମୁଁ ଯଦି ଆଶ୍ଚର୍ଯ୍ୟକର ଉପହାରଗୁଡ଼ିକ ବିଷୟରେ ଯୁକ୍ତି କରି କିଛି ବିଷୟ କହିବି ନାହିଁ, ତେବେ ମୁଁ ଆତ୍ମିକ ଦାନଗୁଡ଼ିକ ବିଷୟରେ କଥାବାର୍ତ୍ତା କରିବା ବିଷୟକୁ ପୁନର୍ବାର ହରାଇବି । ଗୋଟିଏ ପାର୍ଶ୍ୱରେ ଅଛନ୍ତି ବନ୍ଦ ହେବା

ଲୋକମାନେ, ଯେଉଁମାନେ ଦାବି କରନ୍ତି ଯେ କେତେକ ଉପହାର, ଯେପରି ପରଭାଷା ଓ ଭାବବାଣୀ, ପ୍ରେରିତିକ ଯୁଗ ପରେ ବନ୍ଦ ହୋଇଯାଇଥିଲା ।  ସେଗୁଡ଼ିକରେ ଅଛି :

୧) ସୁସମାଚାରର ଆଦ୍ୟ ପ୍ରତିଷ୍ଠା ଓ ମଣ୍ଡଳୀ ପାଇଁ ସତ୍ୟ ପ୍ରତିପାଦିତ ଚିହ୍ନଗୁଡ଼ିକ ଭାବରେ ଆଶ୍ଚର୍ଯ୍ୟକର ଉପହାରଗୁଡ଼ିକ ଆବଶ୍ୟକ ଥିଲା ।

୨) ପ୍ରଥମେ କରିନ୍ଥୀୟ ୧୩:୮-୧୦ ପଦ କହେ ଯେ ଭାବବାଣୀ, ପରଭାଷା, ଓ ଜ୍ଞାନ ବନ୍ଦ ହୋଇଯିବ ଯେତେବେଳେ ସିଦ୍ଧତା ଆସିବ । ଅଳ୍ପ ସଂଖ୍ୟକ ବନ୍ଦ ହେବା ଲୋକମାନେ ସନ୍ତୁଷ୍ଟ ହୁଅନ୍ତି ଯେ ବାଇବଲର ସମ୍ପନ୍ନତା ସହିତ ସିଦ୍ଧତା ଆସିବ ।

୩) ପ୍ରକାଶିତ ଉପହାରଗୁଡ଼ିକ ଯେପରି ପରଭାଷା ଓ ଭାବବାଣୀ ଶାସ୍ତ୍ରର ଅଧିକାର ଓ ଯଥେଷ୍ଟତାକୁ ଗୁପ୍ତରେ କ୍ଷତିସାଧନ କରିଥାଏ ।

୪) ଆମ୍ଭେମାନେ ଆଜି ଦେଖୁଥିବା ଆଶ୍ଚର୍ଯ୍ୟକର ଉପହାରଗୁଡ଼ିକ ହେଉଛି ନୂତନ ନିୟମରେ ଦିଆଯାଇଥିବା ଉପହାରଗୁଡ଼ିକ ପ୍ରତି ଅନୁରୂପ ନୁହେଁ ।

ଅପରପକ୍ଷରେ ଅଛନ୍ତି କ୍ରମାନୁବୃତ୍ତିଗଣ, ଯେଉଁମାନେ ଦାବି କରନ୍ତି ଯେ ଆଜି ସମସ୍ତ ଉପହାର ଉପଲବ୍ଧ ଅଛି । ସେମାନେ ଯୁକ୍ତି କରନ୍ତି :

୧) ବିପରୀତ ବିଷୟ ପ୍ରତି ଏକ ସ୍ପଷ୍ଟ ବାକ୍ୟ ବିନା, ଆମ୍ଭେମାନେ କଳ୍ପନା କରିପାରିବା ଯେ ସମସ୍ତ ଉପହାର ଏବେସୁଦ୍ଧା ଫଳପ୍ରଦ ଭାବରେ କାର୍ଯ୍ୟ କରୁଛି ଓ ପ୍ରାଣପଣ କରି ସେଗୁଡ଼ିକୁ ଅଭିଳାଷ କରନ୍ତି (୧ମ କରି. ୧୪:୧) ।

୨) ୧ମ କରିନ୍ଥୀୟ ୧୩ ଅଧ୍ୟାୟରେ ସିଦ୍ଧତା ଖ୍ରୀଷ୍ଟଙ୍କର ପୁନରାଗମନକୁ ଉଲ୍ଲେଖ କରିଥାଏ ଚୁକ୍ତି ବନ୍ଦ ହେବାକୁ ନୁହେଁ (ପୁଣି, ଏହାକୁ ସୂଚୀତ କରାଯିବାକୁ ପଡ଼ିବ, ଅନେକ ବିତରକ ଏହି ବ୍ୟାଖ୍ୟାମୂଳକ ବିଷୟକୁ ଗ୍ରହଣ କରନ୍ତି, ମଧ୍ୟ ମାତ୍ର ଭିନ୍ନ ସିଦ୍ଧାନ୍ତ ଅଙ୍କନ କରନ୍ତି) ।

୩) ପ୍ରକାଶକ ଉପହାରଗୁଡ଼ିକ ଶାସ୍ତ୍ର ପରି ସମାନ୍ ଅଧିକାର ନାହିଁ । ସେଗୁଡ଼ିକୁ ସର୍ବଦା ପରୀକ୍ଷା କରାଯିବାକୁ ପଡ଼ିବ ।

୪) ହୋଇଥାଉ ବା ନ ହୋଇଥାଉ ଉପହାରଗୁଡ଼ିକ ପ୍ରଥମ ଶତାବ୍ଦୀ ସହିତ ସାମ୍ୟ ଅଟେ, ଆମେ ଆମ ମଧ୍ୟକୁ ଆତ୍ମାଙ୍କ କାର୍ଯ୍ୟକୁ ସ୍ୱାଗତ କରିବା ଉଚିତ୍ ।

ମୁଁ ବିଶ୍ୱାସ କରିଥାଏ ଯେ ଉଭୟ ପାଖ ଦେଖିଛନ୍ତି ଯେ ସେମାନେ ଥରେ ଯାହା ଭାବିଥିଲେ ତହିଁ ଅପେକ୍ଷା ଅଧିକ ଭାବରେ ସମ୍ମତ ହୋଇଛନ୍ତି । ସେମାନେ ସମ୍ମତ ହୁଅନ୍ତି :

୧) ପ୍ରତ୍ୟେକ ଘୋଷଣାକୁ ଶାସ୍ତ୍ର ବିରୁଦ୍ଧରେ ପରୀକ୍ଷିତ ହେବାକୁ ପଡ଼ିବ ।

୨) ଶାସ୍ତ୍ରରେ ଅନ୍ୟ କୌଣସି ବିଷୟ ଯୋଗ କରାଯାଇପାରିବ ନାହିଁ ।

୩) ଅନ୍ୟ କୌଣସି ବିଷୟ ପାଇଁ ପ୍ରଭୁଙ୍କଠାରୁ ବ୍ୟକ୍ତିଗତ ବାକ୍ୟକୁ ଦାବି କରିବା ଅଜ୍ଞାନର ବିଷୟ ଅଟେ ।

୪) ଆମେ ପ୍ରାସଙ୍ଗିକ ଉପାୟରେ ଆତ୍ମାଙ୍କ କାର୍ଯ୍ୟ ପ୍ରତି ଉନ୍ମୁକ୍ତ ହେବା ଉଚିତ୍, ତାକୁ ଭାବବାଣୀ, ଆଲୋକନ ବା ଅନ୍ୟ କିଛି କୁହାଯାଉ ନା କାହିଁକି ।

ସୁସମାଚାର ଜଗତରେ ଉତ୍ସାହପ୍ରଦ ଚିହ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି କିପରି ଭାବରେ ବନ୍ଦ କରୁଥିବା ଲୋକମାନେ ଓ ଜାରି ରଖୁଥିବା ଲୋକମାନେ ସାଥୀ ହେବାକୁ ସକ୍ଷମ ହୋଇଛନ୍ତି ଓ ସାମ୍ପ୍ରତିକ ବର୍ଷରେ ଏକତ୍ର ମିଶି ଉପାସନା କରିଛନ୍ତି, ସେମାନେ ହୃଦୟଙ୍ଗମ କରୁଛନ୍ତି ଯେ ସୁସମାଚାରରେ ସେମାନଙ୍କ ସାଧାରଣ ବିଷୟଗୁଡ଼ିକ ସେହି ବିଷୟଗୁଡ଼ିକ ଅପେକ୍ଷା ବହୁତ ଅଧିକ ଉତ୍ତମ ଅଟେ ଯାହାକି ସେମାନଙ୍କୁ ଆତ୍ମିକ ଉପହାର ବିଷୟରେ ପୃଥକ୍ କରିଥାଏ ।

*ପବିତ୍ର ଆତ୍ମା ପ୍ରତିଜ୍ଞା କରନ୍ତି*

ଏଫିସୀୟ ୧:୩ ପଦରେ ପାଉଲ ତାଙ୍କର ପ୍ରଶଂସାର ଗୌରବମୟ ଶବ୍ଦ ଆରମ୍ଭ କରନ୍ତି, ସେହି ଆଶୀର୍ବାଦ କରନ୍ତି ଯାହାକି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମର ଅଟେ। ଆଶୀର୍ବାଦର ବାଦ୍ୟ ଆତ୍ମାରେ ମୁଦ୍ରାଙ୍କିତ ହୋଇ ଅନ୍ତିମ କ୍ରମବୃଦ୍ଧି ସହିତ ଆସିଥାଏ : ତାହାଙ୍କଠାରେ ତୁମ୍ଭେମାନେ ସୁଦ୍ଧା ସତ୍ୟ ବାକ୍ୟ, ଅର୍ଥାତ୍ ତୁମ୍ଭମାନଙ୍କ ପରିତ୍ରାଣର ସୁସମାଚାର ଶୁଣି ବିଶ୍ୱାସ କରି ପ୍ରତିଜ୍ଞାତ ପବିତ୍ର ଆତ୍ମାଙ୍କ ଦ୍ୱାରା ମଧ୍ୟ ମୁଦ୍ରାଙ୍କିତ ହୋଇଅଛ ଈଶ୍ୱରଙ୍କ ଗୌରବର ପ୍ରଶଂସା ନିମନ୍ତେ ତାହାଙ୍କ ନିଜସ୍ୱର ମୁକ୍ତି ଉଦ୍ଦେଶ୍ୟରେ ସେ ଆମ୍ଭମାନଙ୍କ ଅଧିକାରର ବଇନାସ୍ୱରୂପ (ଏଫି. ୧:୧୩-୧୪) ।

**ମୁଦ୍ରାଙ୍କିତ କରିବା ।** ପ୍ରତିଜ୍ଞାତ ପବିତ୍ର ଆତ୍ମାଙ୍କ ସହିତ ମୁଦ୍ରାଙ୍କିତ ହେବାର ଅର୍ଥ କ'ଣ ଅଟେ ? ଏହି ଭାଷା ହୁଏତ ଆମକୁ ଅବୋଧ ଲାଗୁଥିବ, ମାତ୍ର ଏହା ବୋଧହୁଏ ଏଫିସୀୟମାନଙ୍କ ପ୍ରତି ପ୍ରଯୁଜ୍ୟ ନ ଥିଲା । ପ୍ରାଚୀନ ଜଗତରେ ଏକ ମୁଦ୍ରାଙ୍କ ତିନୋଟି ବିଷୟ କରିଥିଲା । (୧) ଏକ ବିଶ୍ୱାସଯୋଗ୍ୟ ମୁଦ୍ରାଙ୍କ – ଏକ ପତ୍ର ବିଷୟରେ ଚିନ୍ତା କରନ୍ତୁ ଯାହାକି ରାଜାଙ୍କର କାର୍ଯ୍ୟାଳୟର ମୁଦ୍ରାଙ୍କ ଅଟେ ତାହା ମହମରେ ଚାପ ଦିଆଯାଇଥଲା । (୨) ଏକ ସୁରକ୍ଷିତ ମୁଦ୍ରାଙ୍କ – ଲୁହାରେ ଗୋରୁଗୁଡ଼ିକୁ ଚିହ୍ନ ଦିଆଯାଇଥିବା ବିଷୟରେ ଚିନ୍ତା କରନ୍ତୁ ଯାହାକି ସେମାନଙ୍କୁ ଚୋରମାନଙ୍କଠାରୁ ସୁରକ୍ଷିତ ରଖିଥାଏ । (୩) ମାଲିକାନାକୁ ଚିହ୍ନିତ କରୁଥିବା ଏକ ମୁଦ୍ରାଙ୍କ – ସେହି ଅଧିକ ମୂଲ୍ୟ ବିଶିଷ୍ଟ ମୂର୍ତ୍ତି ଖୋଦନକାରୀ ଯାହାକି ଆପଣଙ୍କ ପୁସ୍ତକଗୁଡ଼ିକର ପ୍ରାରମ୍ଭିକ ପୃଷ୍ଠା ଉପରେ ଏକ ଆକ୍ଷରିକ ପ୍ରଭାବ ପକାଇଥାଏ । ସେହି ସମାନ୍ ଚିନ୍ତାଧାରା ଧରି ରଖିବା ପାଇଁ ପାଉଲ ଏକ ମୁଦ୍ରାଙ୍କର କାଳ୍ପନିକ ବିଷୟକୁ ବ୍ୟବହାର କରନ୍ତି ।

ଆତ୍ମାଙ୍କର ମୁଦ୍ରାଙ୍କ ଆମକୁ ପ୍ରକୃତ ବିଶ୍ୱାସୀରୂପେ ମାନ୍ୟତା ଦେଇଥାଏ, ଆମର ଅନନ୍ତ ସୁରକ୍ଷାକୁ ସୁରକ୍ଷିତ ରଖିଥାଏ, ପୁଣି ଆମକୁ ଈଶ୍ୱରଙ୍କ ସମ୍ପତ୍ତି ଭାବରେ ଚିହ୍ନଟ କରିଥାଏ । ଏହା ସେହିପରି ବିଷୟ ଅଟେ ଯେପରି ଈଶ୍ୱର ଆପଣାର ଆତ୍ମିକ ମୂର୍ତ୍ତି ଖୋଦନକାରୀକୁ ନେଇଥିଲେ ଓ ଆମକୁ ତାହାଙ୍କ ଆପଣାର ଭାବରେ ମୁଦ୍ରାଙ୍କିତ କରିଥିଲେ ।

ଯଦିଚ କେତେକ ଖ୍ରୀଷ୍ଟିୟାନ୍ ଅସମ୍ମତ ହେବେ, ତଥାପି ମୁଁ ବିଶ୍ୱାସ କରେ ଯେ ଆତ୍ମାଙ୍କ ମୁଦ୍ରାଙ୍କ ପରିବର୍ତ୍ତନରେ ହୋଇଥାଏ । ପିଟର୍ ଓବ୍ରିଏନ୍ ଯେପରି କହନ୍ତି, ପାଠକମାନଙ୍କ ଦ୍ୱାରା ଆତ୍ମାଙ୍କ ପ୍ରକୃତ ଗ୍ରହଣୀୟତା ପ୍ରତି ମୁଦ୍ରାଙ୍କ ଏକ ଉଲ୍ଲେଖନୀୟ ବିଷୟ ଅଟେ । ସୁସମାଚାର ଶୁଣିବା, ବିଶ୍ୱାସ କରିବା, ଓ ଆତ୍ମାଙ୍କୁ ଗ୍ରହଣ କରିବା ବିଷୟରେ ପାଉଲଙ୍କ ସଂଯୋଗ ଅଛି, ପୁଣି ଏଗୁଡ଼ିକ ପରିବର୍ତ୍ତନ-ପ୍ରାରମ୍ଭର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ।[୨୦]

ଏହି କ୍ରମଗୁଡ଼ିକ ସହିତ ଇଏସ୍‌ଭି କେତେବେଳେ ଶବ୍ଦ ସହିତ ଏକାଧିକ କୃଦନ୍ତ ବିଶେଷଣ ଅନୁବାଦ କରିଥାଏ । ଆମ୍ଭେମାନେ ଯେତେବେଳେ ସେହି ଶବ୍ଦକୁ ଶୁଣିଲୁ ଓ ବିଶ୍ୱାସ କଲୁ, ସେତେବେଳେ ଆମ୍ଭେମାନେ ମୁଦ୍ରାଙ୍କିତ ହୋଇଥିଲୁ । ଏହି ବିଷୟଗୁଡ଼ିକ – ବିଶ୍ୱାସ କରିବା ଓ ମୁଦ୍ରାଙ୍କିତ ହେବା – ସମାନ୍ ସମୟରେ ଘଟିଥିଲା, ଯାହାକି ସେଥିପାଇଁ ପାଉଲ କିଛି ଦୂରରୁ ଏଫିସୀୟମାନଙ୍କୁ ପତ୍ର ଲେଖିଥିଲେ ପୁଣି ନିଶ୍ଚିତ ହୋଇଥିଲେ ଯେ ସେମାନେ ସମସ୍ତେ ପ୍ରତିଜ୍ଞାତ ପବିତ୍ର ଆତ୍ମାଙ୍କ ସହିତ ମୁଦ୍ରାଙ୍କିତ ହୋଇଛନ୍ତି । ମୁଦ୍ରାଙ୍କିତ ହେବା ଏକ ବସ୍ତୁନିଷ୍ଠ କାର୍ଯ୍ୟ ଅଟେ, ଯାହାକି ଆମଠାରେ ପୁନରୁଜ୍ଜୀବନ ଓ ପବିତ୍ର ଆତ୍ମାଙ୍କର ବାସ କରିବା ସହିତ ଏକା ସମୟରେ ହୋଇଛି ।

ମାତ୍ର ସେହି କାର୍ଯ୍ୟ ବସ୍ତୁନିଷ୍ଠ କାର୍ଯ୍ୟ ହୋଇଥିବାରୁ ତା'ର ଅର୍ଥ ନୁହେଁ ଯେ ଆମର ଏ ବିଷୟରେ କୌଣସି କଳ୍ପନାପ୍ରସୂତ ଅନୁଭୂତି ଲାଭ ହୋଇପାରିବ ନାହିଁ । ଆମେ ଆମ ହୃଦୟରେ ଈଶ୍ୱରଙ୍କ ପ୍ରେମର ଏକ ଅନୁଭୂତି ଲାଭ କରିବା ପାଇଁ ପ୍ରାର୍ଥନା କରିବା ଆବଶ୍ୟକ (ରୋମୀ. ୫:୫) । ଆମେ ଆଶା କରିବା ଉଚିତ୍ ଆମେ କେବଳ ଜାଣିବା ନାହିଁ ଯେ ଆତ୍ମା ଆମର ନିଶ୍ଚୟତା ଅଟନ୍ତି, ମାତ୍ର ଏହି ସୁସମାଚାରକୁ ଗଭୀର ଭାବରେ ଅନୁଭବ କରିବା ଯେ ସେ ହିଁ ଆମର ଉତ୍ତରାଧିକାରର ଆଂଶିକ ମୂଲ୍ୟ ଅଟନ୍ତି (୨ୟ କରି. ୫:୫ ଏଫି. ୪:୩୦) । ସେଠାରେ ଆତ୍ମାଙ୍କ ମୁଦ୍ରାଙ୍କ ଅଛି ଯଦିଚ ସମ୍ପୂର୍ଣ୍ଣ ନିଶ୍ଚୟତା ନାହିଁ, ଠିକ୍ ଯେପରି ଦୁଇଫୁଟର ବରଫ ଆମକୁ ଉପରକୁ ଧରି ରଖିଥାଏ, ଯଦିଚ ଆମେ ଭୟ କରିଥାଉ ଯେ ଏହା କେବଳ ଦୁଇଞ୍ଚ ବୋଲି । ମାତ୍ର ପୋଖରୀ ଉପରେ ମୁକ୍ତ ଭାବରେ ସ୍କେଟ୍ କରିବା କେତେ ଅଧିକ ଉତ୍ତମ ଅଟେ, ଅବଶିଷ୍ଟ ବିଷୟ ନିଶ୍ଚୟତା ଦେଇଥାଏ ଯେ ଆମ୍ଭେମାନେ ବିପଦରୁ ମୁକ୍ତ ଅଟୁ ।

ପ୍ରତିଜ୍ଞାତ ପବିତ୍ର ଆତ୍ମାଙ୍କ ମୁଦ୍ରାଙ୍କ, ଆମକୁ ମୁକ୍ତିର ଅନ୍ତିମ ଦିନ ପାଇଁ ସୁରକ୍ଷିତ ରଖୁଛି, ତାହା ଏକ ଉପହାର ଅଟେ ଯାହାକି ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କଠାରେ ଅଛି, ପୁଣି ପ୍ରତ୍ୟେକ ଖ୍ରୀଷ୍ଟିୟାନ୍ ଏହାକୁ ଉପଭୋଗ କରିବା ଉଚିତ୍ (ଏଫି. ୧:୧୮) । ଆତ୍ମା ଈଶ୍ୱରଙ୍କ ନିର୍ବନ୍ଧ ମୁଦ୍ରିକା ଅଟେ, ଯାହାକି ଆମକୁ କହୁଛି, ପ୍ରତିଜ୍ଞା କେବଳ ଆରମ୍ଭ ହେଉଛି। ମୁଁ ତୁମକୁ କେତେ ଆଶୀର୍ବାଦ କରିବି ସେ ବିଷୟରେ ତୁମର କୌଣସି ଧାରଣା ହିଁ ନାହିଁ । ବିବାହ ବିଷୟରେ ତୁମ ମନରେ ଏକ ଭୟ ଆସୁଥିବାରୁ ତୁମେ ବିଶ୍ୱାସ କରିବ ନାହିଁ । ମାତ୍ର ମୁଁ ତୁମକୁ ମୋର ଆତ୍ମା ପ୍ରଦାନ କରିଅଛି ଯେପରି ତୁମେ ବିଶ୍ୱାସ କରିବ ଯେ ଏହା ଆସୁଛି ।

**ଆଗ ବଢ଼ନ୍ତୁ ଓ ଆଘାତ କରନ୍ତୁ ।** ପବିତ୍ର ଆତ୍ମାଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟ ବିଷୟରେ ଏହି ସତ୍ୟକୁ ନେଇ ଆମେ କ'ଣ କରିବା ଉଚିତ୍ ? ଆମ ପାଇଁ ଯୀଶୁଙ୍କର କିଛି ଉତ୍ତମ ଉପଦେଶ ଅଛି। ମାତ୍ର ପ୍ରଥମେ, ଏକ କାହାଣୀ ।

ଏହା ଶନିବାର ସକାଳର ବଡ଼ି ଭୋର୍ ସମୟ, ବୋଧହୁଏ ସକାଳ ୭:୦୦, ଯାହାର ଅର୍ଥ ହେଉଛି, ଯଦି ଶୀତଦିନ ହୋଇଥିବ ପୁଣି ମୁଁ ଯେଉଁଠାରେ ବାସ କରେ ଆପଣ ଯଦି ସେଠାରେ ବାସ କରନ୍ତି, ତେବେ ସେତେବେଳେ ବି ସୂର୍ଯ୍ୟ ଶୋଇ ରହିଥିବ । ଅନ୍ଧକାର ହେତୁ ଜାଣି ନ ପାରି ଓ ଭୋକ ହେତୁ ଆପଣ ପ୍ୟାନ୍ କେକ୍ ତିଆରି କରିବା ପାଇଁ ବାହାରି ଯାଆନ୍ତି । ଆପଣ କିଛି ମଇଦା ଓ ଟିକିଏ ତେଲ ଆଣନ୍ତି । ତା'ପରେ ଆପଣ ରେଫ୍ରିଜେରେଟର୍ ଖୋଲି ଗୋଟିଏ ଅଣ୍ଡା ବାହାର କରନ୍ତି । ଆପଣଙ୍କ ଓ ଆପଣଙ୍କ ପରିବାରର ଭୋକ ଶାନ୍ତ କରିବା ପାଇଁ କେବଳ ଗୋଟିଏ ଅଣ୍ଡା ହିଁ ଆବଶ୍ୟକ । ଓହୋ, ଅଣ୍ଡା ତ ନାହିଁ ।

ଆପଣ ଆପଣଙ୍କ ପଡ଼ୋଶୀଙ୍କ ଘରକୁ ଦୌଡ଼ିଯା'ନ୍ତି ଓ ସତର୍କ ଭାବରେ ଦ୍ୱାରରେ ଆଘାତ କରନ୍ତି । ଗୋଟିଏ ମିନିଟ୍‌ର ନୀରବତା ପରେ ଦ୍ୱାର ଖୋଲିଯାଏ ।

ଆପଣ କ'ଣ ଲୋଡ଼ନ୍ତି ? ଶନିବାର ସକାଳ ହୋଇଛି । ପିଲାମାନେ ଏବେ ବି ଶୋଇଛନ୍ତି । ମୁଁ ମଧ୍ୟ ଶୋଇବା ଉଚିତ୍ ।

ଆପଣ ଉତ୍ତର ଦିଅନ୍ତି, ଆପଣଙ୍କୁ କଷ୍ଟ ଦେଇ ମୁଁ ଦୁଃଖିତ ମୋର କେବଳ ଗୋଟି ଅଣ୍ଡା ହିଁ ଆବଶ୍ୟକ ।

୯:୩୦ ମିନିଟ୍‌ରେ ଆସନ୍ତୁ ।

ମାତ୍ର ବନ୍ଦ ଦ୍ୱାରରେ ଆପଣ ଆପଣଙ୍କ ପାଦ ବାଡ଼େଇ ଆଉଥରେ ଅନୁରୋଧ କରନ୍ତି । ଦୟା କରନ୍ତୁ, ମୁଁ ଏଠାରେ ଥାଇ ଆପଣଙ୍କ ରେଫ୍ରିଜେରେଟର୍ ଦେଖିପାରୁଛି । ଏଥିପାଇଁ ଆପଣଙ୍କୁ ଦଶ ସେକେଣ୍ଡରୁ ଅଧିକ ସମୟ ଲାଗିବ ନାହିଁ । କେବଳ ଗୋଟିଏ ଅଣ୍ଡା । ତା'ପରେ ଆପଣ ଶୋଇବାକୁ ଚାଲିଯାଇପାରିବେ । ପୁଣି ନିଶ୍ଚିତ ହୁଅନ୍ତୁ, ଟିକିଏ ବଳାଇଲେ, ଆପଣ ଗୋଟିଏ ଅଣ୍ଡା ପାଇଯିବେ, ପୁଣି ଆପଣଙ୍କ ପରିବାର ପାନ୍‌କେକ୍ ପାଇଯିବେ ।

ଥରେ ଯୀଶୁ ଆମକୁ ଏହିପରି ଏକ କାହାଣୀ କହିଥିଲେ । ଏଠାରେ ସେ ଶେଷରେ ଯାହା କହିଥିଲେ ତାହା ଦିଆଯାଇଛି :

> ମୁଁ ମଧ୍ୟ ତୁମ୍ଭମାନଙ୍କୁ କହୁଅଛି, ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ ଯେ ଖୋଜେ, ସେ ସନ୍ଧାନ ପାଏ ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯିବ । ଆଉ ତୁମ୍ଭମାନଙ୍କ ମଧ୍ୟରେ ଏପରି ପିତା କିଏ ଅଛି, ଯାହାକୁ ତାହାର ପୁଅ ମାଛ ମାଗିଲେ ସେ ତାହାକୁ ମାଛ ବଦଳରେ ସାପ ଦେବ ? କିମ୍ବା ଡ଼ିମ୍ବ ମାଗିଲେ ସେ ତାହାକୁ ବିଛା ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା

> ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକରୂପେ ପବିତ୍ର ଆତ୍ମା ଦେବେ ।

ଆପଣ ଆପଣଙ୍କ ନିଜ ପରିବାରକୁ ଯେତେ ପ୍ରେମ କରନ୍ତି ଆପଣଙ୍କ ସ୍ୱର୍ଗସ୍ଥ ପିତା ଆପଣଙ୍କୁ ତା'ଠାରୁ ଅଧିକ ପ୍ରେମ କରନ୍ତି । ବଡ଼ଦିନ ସକାଳେ ଆମର କୌଣସି ସାନ ପିଲା ସର୍ପପେଡ଼ି ଖୋଲି ନ ଥିଲେ, କାରଣ ଯଦିଚ ଆମେ ମନ୍ଦ ଅଟୁ, ତଥାପି ଆମେ ଆମର ସନ୍ତାନମାନଙ୍କୁ ଓ ନାତିମାନଙ୍କୁ ଉତ୍ତମ ଉପହାର ଦେବାକୁ ଭଲ ପାଇଥାଉ । ତେବେ ଈଶ୍ୱର ଆମକୁ ଉତ୍ତମ ଉପହାରଗୁଡ଼ିକ ଦେଇ କେତେ ଅଧିକ ଆନନ୍ଦିତ ନ ହେବେ ?

ତେଣୁ ଆଗ ବଢ଼ନ୍ତୁ ଓ ଆଘାତ କରନ୍ତୁ । ତାହାଙ୍କୁ ସବୁଠାରୁ ସର୍ବୋତ୍ତମ ଉପହାର ମାଗନ୍ତୁ । ତାହାଙ୍କୁ ଆପଣଙ୍କ ଜୀବନରେ ପବିତ୍ର ଆତ୍ମାଙ୍କର ଅଧିକ ଉପସ୍ଥିତି ମାଗନ୍ତୁ । ଈଶ୍ୱରଙ୍କୁ ଅନୁରୋଧ କରନ୍ତୁ ଯେପରି ସେ ଆପଣଙ୍କ ମଣ୍ଡଳୀକୁ ଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ କରିଦେବେ । ଆପଣ କ'ଣ ଆପଣଙ୍କ ଜୀବନରେ ଅଧିକରୂପେ ଖ୍ରୀଷ୍ଟଙ୍କୁ, ଅଧିକ ଅନୁତାପ, ଅଧିକ ଈଶ୍ୱରପରାୟଣତା ଲୋଡ଼ିବେ ନାହିଁ ? ଆପଣ କ'ଣ ପସନ୍ଦ କରିବେ ନାହିଁ ଯେ ଆପଣଙ୍କ ମଣ୍ଡଳୀ ଅଧିକ ପ୍ରେମମୟ, ଅଧିକ ବିଶ୍ୱସ୍ତ, ଅଧିକ ସାହସିକ ହେଉ, ଈଶ୍ୱରଙ୍କୁ ଅଧିକ ଗୌରବ ଦେଉ ବୋଲି ? ଆପଣ କ'ଣ ଜଣେ ସମ୍ପୂର୍ଣ୍ଣ ବ୍ୟକ୍ତି ହେବାକୁ ପସନ୍ଦ କରିବେ ନାହିଁ ?

ଆମକୁ କେବଳ ପଚାରିବାକୁ ପଡ଼ିବ । ସ୍ୱୟଂ ଯୀଶୁ ହିଁ ଏକ ପ୍ରିୟ ଉତ୍ତର ଦେବା ପାଇଁ ପ୍ରତିଜ୍ଞା କରନ୍ତି । ପବିତ୍ର ଆତ୍ମାଙ୍କ ପାଇଁ ଅନୁରୋଧ କରନ୍ତୁ ପୁଣି ଆପଣଙ୍କୁ ସେ ଦତ୍ତ ହେବେ ଅନ୍ୱେଷଣ କରନ୍ତୁ, ପୁଣି ଆପଣ ପାଇବେ ଆଘାତ କରନ୍ତୁ ଓ ଦ୍ୱାର ଖୋଲି ଦିଆଯିବ ।

୧୧

# ଈଶ୍ୱରଙ୍କ ରାଜ୍ୟ

**ଷ୍ଟିଫେନ୍ ଉମ୍**

ସମସାମୟିକ ଲୋକମାନଙ୍କର ଅଧିକାର ବିଷୟରେ ସମସ୍ୟା ଅଛି । ଆତ୍ମ–ଘୋଷିତ ଲମ୍ପଟ କୌଣସି ଶାସନକୁ ଅସ୍ୱୀକାର କରିଥାଏ – ସେ କେବଳ ନିଜର ଅନ୍ତର୍ନିହିତ ଆତ୍ମ–ଅଧିକାର ବିଷୟରେ ଆଶା ରଖିଥାଏ – କାରଣ ସେ ବିଶ୍ୱାସ କରିଥାଏ ଯେ କୌଣସି ଅଧିକାର ଶକ୍ତିର ମୁକ୍ତ କରିବା ପାଇଁ କ୍ଷମତା ନାହିଁ । ବାହ୍ୟ ଅଧିକାରୀଙ୍କୁ ଅନ୍ତର୍ନିହିତ ତାଡ଼ନାପ୍ରାପ୍ତ ଭାବରେ ଦେଖାଯାଇଛି । ସେହି ସିଦ୍ଧାନ୍ତରେ ଉପନୀତ ହେଉନ୍ତୁ, ପୁଣି ସେହି ଭ୍ରାନ୍ତ ଧାରଣାକୁ ଧରି ରଖିବା ସହଜ ବିଷୟ ଅଟେ ଯେ ଆମ୍ଭେମାନେ ମନୁଷ୍ୟମାନେ କୌଣସି ବାହ୍ୟ ଅଧିକାର ଆବଶ୍ୟକ କରୁ ନାହୁଁ । ମଣ୍ଟି ପାଇଥନ୍‌ଙ୍କର *ଦି ହୋଲି ଗ୍ରେଲ୍*‌ର ଏକ ଦୃଶ୍ୟ ଏହି ଅଧିକାର–ବିରୋଧୀ ଭାବକୁ ଭଲରୂପେ ଦର୍ଶାଉଥିଲା ବେଳେ କୌତୁକ ଭାବରେ ପ୍ରସ୍ତାବ ଦେଉଛି ଯେ ପ୍ରଭୁତ୍ୱର ନିର୍ଦ୍ଦିଷ୍ଟ ପ୍ରକାରଗୁଡ଼ିକୁ ଦମନ କରାଯାଇପାରିବ ଓ ବଳପ୍ରୟୋଗ କରାଯାଇପାରିବ।

ରାଜା ଆର୍ଥର୍ : ବୃଦ୍ଧା ମହିଳା ।
ଡ଼େନିସ୍ : ମନୁଷ୍ୟ ।
ରାଜା ଆର୍ଥର୍ : ମନୁଷ୍ୟ, ଦୁଃଖିତ । କ'ଣ ସେଠାରେ ଥିବା ଉଆସରେ ନାଇଟ୍ ବାସ କରନ୍ତି ?
ଡ଼େନିସ୍ : ମୋର ବୟସ ୩୭ ।
ରାଜା ଆର୍ଥର୍ : କ'ଣ ?
ଡ଼େନିସ୍ : ମୋର ବୟସ ୩୭ । ମୁଁ ବୃଦ୍ଧ ନୁହେଁ ।
ରାଜା ଆର୍ଥର୍ : ଠିକ୍ ଅଛି, ମୁଁ ତୁମକୁ କେବଳ ମନୁଷ୍ୟ ବୋଲି ଡ଼ାକି ପାରିବି ନାହିଁ ।
ଡ଼େନିସ୍ : ଠିକ୍ ଅଛି, ଆପଣ ଡ଼େନିସ୍ ବୋଲି କହିପାରିବେ ।
ରାଜା ଆର୍ଥର୍ : ମୁଁ ଜାଣି ନ ଥିଲି ଯେ ତୁମକୁ ଡ଼େନିସ୍ ବୋଲି ଡ଼ାକନ୍ତି ।
ଡ଼େନିସ୍ : ଠିକ୍ ଅଛି, ଆପଣଙ୍କୁ ଜାଣିବାରେ କଷ୍ଟ ହେଲା ନାହିଁ, ହେଲା କି ?
ରାଜା ଆର୍ଥର୍ : ମୁଁ ସେହି ବୃଦ୍ଧା ମହିଳାଙ୍କ ବିଷୟରେ ଦୁଃଖିତ ବୋଲି କହିଲି, ମାତ୍ର ଆପଣ ପଛରୁ ଅନାଇଲେ ..... ।
ଡ଼େନିସ୍ : ମୁଁ ଯେଉଁ ବିଷୟରେ ଅଭିଯୋଗ କରିଥାଏ ତାହା ହେଉଛି ଆପଣ ସ୍ୱତଃପ୍ରବୃତ୍ତ ଭାବରେ ମୋତେ ଜଣେ ନିକୃଷ୍ଟ ଭାବରେ ବ୍ୟବହାର କଲେ ।

ରାଜା ଆର୍ଥର୍ : ଠିକ୍ ଅଛି, ମୁଁ ରାଜା ଅଟେ ।

ଡ଼େନିସ୍ : ଓଃ, ରାଜା, ଏହ୍ ? ବହୁତ ଭଲ । ପୁଣି ଆପଣ ତାହା କିପରି ପାଇଲେ, ଏହ୍ ? କାର୍ଯ୍ୟକାରୀମାନଙ୍କୁ ତାଡ଼ନା କରିବା ଦ୍ୱାରା । ପୁରାତନ ସାମ୍ରାଜ୍ୟବାଦୀ ମତବାଦରେ ଲାଗି ରହିବା ଦ୍ୱାରା ଯାହାକି ଆମ ସମାଜରେ ଅର୍ଥନୈତିକ ଓ ସାମାଜିକ ପାର୍ଥକ୍ୟଗୁଡ଼ିକୁ ଚିରସ୍ଥାୟୀ କରିଥାଏ ..... ।

ରାଜା ଆର୍ଥର୍ : ମୁଁ ତୁମର ରାଜା ଅଟେ ।

ମହିଳା : ଆମର ଯେ ଜଣେ ରାଜା ଥିଲେ ବୋଲି ମୁଁ ଜାଣି ନ ଥିଲି । ମୁଁ ଭାବିଥିଲି ଯେ ଆମେ ସ୍ୱୟଂଶାସିତ ଲୋକ ଅଟୁ ।

ରାଜା ଆର୍ଥର୍ : ମୁଁ ତୁମର ରାଜା ଅଟେ ।

ମହିଳା : ଠିକ୍ ଅଛି, ମୁଁ ତୁମକୁ ଭୋଟ୍ ଦେଇ ନ ଥିଲି ।

ରାଜା ଆର୍ଥର୍ : ତୁମେ ରାଜାଙ୍କୁ ଭୋଟ୍ ଦେଇ ନ ଥାଅ ।

ମହିଳା : ଠିକ୍ ଅଛି, ତେବେ ତୁମେ କିପରି ଭାବରେ ରାଜା ହୋଇଥାଅ ?

(ଦୂତଗଣଙ୍କ ବାଦ୍ୟ ବାଜିଥାଏ)

ରାଜା ଆର୍ଥର୍ : ହ୍ରଦର ଦେବୀ, ତାଙ୍କର ବାହୁ ଶୁଚି ଆଲୋକିତ ବସ୍ତ୍ରରେ ଭୂଷିତ ହୋଇଥାଏ, ତାହା ଜଳ ମଧ୍ୟରୁ ଉଠିଥାଏ, ସ୍ୱର୍ଗୀୟ ଯୋଗାଣ ଦ୍ୱାରା ଉଲ୍ଲେଖନୀୟ ହେଉଛି ଯେ ମୁଁ, ଆର୍ଥର୍ ଏକ୍ସକାଲିବର୍ ବହନ କରିବି । ସେଥିପାଇଁ ମୁଁ ରାଜା ଅଟେ ।

ଡ଼େନିସ୍ : (ବାଧା ଦେଇ) ଶୁଣନ୍ତୁ, ଆଶ୍ଚର୍ଯ୍ୟ ମହିଳାମାନେ ପୋଖରୀରେ ରହି ଖଣ୍ଡାଗୁଡ଼ିକ ବିତରଣ କରୁଛନ୍ତି, ସେମାନଙ୍କର ସରକାରଙ୍କ ଏକ ପଦ୍ଧତି ନିମନ୍ତେ କୌଣସି ଆଧାର ହିଁ ନାହିଁ । ସର୍ବୋଚ୍ଚ କାର୍ଯ୍ୟକାରୀ ଶକ୍ତି ଲୋକମାନଙ୍କଠାରୁ ଏକ କାର୍ଯ୍ୟ କରିବାର ଅଧିକାରରୁ ଆସିଥାଏ, କୌଣସି ପ୍ରହସନ ସଦୃଶ ଜଳର ଉତ୍ସବରୁ ଆସି ନ ଥାଏ ।

ଆତ୍ମ-ସ୍ଥିରୀକୃତର ଏହି ସାଂସ୍କୃତିକ ଭାବରେ ପ୍ରଭାବପୂର୍ଣ୍ଣ ଅର୍ଥ ଡ଼ନ୍ କୁପିଟ୍‌ଙ୍କ ପରି ଅତ୍ୟାଧୁନିକ ଚିନ୍ତାନାୟକଙ୍କ ଦ୍ୱାରା ସମର୍ଥିତ, ଯେ କି ଘୋଷଣା କରନ୍ତି, ଭଲ ଅନୁଷ୍ଠାନଗୁଡ଼ିକର ଅଧିକାରୀଙ୍କ ବୟସ, ଯୁକ୍ତିଯୁକ୍ତ ଭାବରେ ଗ୍ରହଣୀୟ ପୌରାଣିକ କଥା, ଓ କ୍ୟାପିଟାଲ୍ - ଟି ସତ୍ୟ ସମାପ୍ତ ହୋଇଛି ।[ଂ] କୁପିଟ୍ ତାଙ୍କର ଘୋଷଣାକୁ ଦୃଢ଼ ଅଧିକାରର ସହିତ ଘୋଷଣା କରନ୍ତି - ପୁଣି ତାହା ଅବଶ୍ୟ ତାହାଙ୍କର ଘୋଷଣାକୁ ବିଦ୍ରୁପାତ୍ମକ କରିଦେଇଥାଏ ଏପରିକି ଆତ୍ମ ଅସ୍ୱୀକାର କରିଥାଏ । ଏହା ହିଁ ମନୋନୟନର ବିଦ୍ରୁପ ଓ ସ୍ୱବିରୋଧାଭାସ ଅଟେ । ଆଧୁନିକ ବ୍ୟକ୍ତିବିଶେଷମାନେ ବିଶ୍ୱାସ କରନ୍ତି ଯେ ବହୁତ ମନୋନୟନ ମୁକ୍ତି ଆଣି ଦେଉଛି, ମାତ୍ର ଏହା ପ୍ରକୃତରେ ଦୁର୍ବଳତା ଅଟେ ଓ ଶେଷରେ ପ୍ରଦର୍ଶନ କରୁଛି ଓ ଅତ୍ୟାଚାର ଓ ଉତ୍ପୀଡ଼ନ ଅଟେ, ଓ ଶେଷରେ ଅନୁପ୍ରେରିତ ଓ ଅଭିପ୍ରେରିତ ଓ ଉତ୍ପୀଡ଼କ ଅଟେ ।[୩] ରିଚାର୍ଡ଼ ବକ୍‌ହାମ୍‌ଙ୍କ ଅନୁଯାୟୀ :

> ଅତଏବ ଈଶ୍ୱର ନିଃସନ୍ଦେହରେ ସ୍ୱାଧୀନତାର ସମସାମୟିକ ସଙ୍କଟରେ ଜଡ଼ିତ ହୋଇଅଛନ୍ତି ..... । ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତୁ ..... ଏହା ମାନବ ସ୍ୱାଧୀନତା ସହିତ ଅନେକ ବିରୋଧ ବୋଲି ଜଣାଯାଇଥାଏ ..... । ଅନେକ ସମୟରେ ମଣ୍ଡଳୀ ଇତିହାସରେ ଈଶ୍ୱରଙ୍କୁ ଭୁଲ୍ ଭାବରେ ମୁକ୍ତିକୁ ପ୍ରୋତ୍ସାହିତ କରନ୍ତି ବୋଲି ନ ହୋଇ ତାଡ଼ନା ଦେବା ପରି ପ୍ରତିନିଧିତ୍ୱ କରାଯାଇଛି ।  ସେ ସ୍ୱର୍ଗର ନିରଙ୍କୁଶ ଶାସକ ହୋଇଅଛନ୍ତି, ଯେ କି ପୃଥିବୀରେ ତାଡ଼ନା କରୁଥିବା ଶାସନ ପଦ୍ଧତି ପାଇଁ ନମୁନା ଓ ଅନୁମୋଦନ ଅଟନ୍ତି । ଏହା ସ୍ପଷ୍ଟ ଅଟେ ଯେ ଏ ବାଇବଲସମ୍ମତ ଈଶ୍ୱର ନୁହଁନ୍ତି । ତାହାଙ୍କର ପ୍ରଭୁତ୍ୱ ସମସ୍ତ ମାନବ ପ୍ରଭୁତ୍ୱରୁ ମୁକ୍ତ କରିଥାଏ । ଏହା ହୋଇଥାଏ କାରଣ ସ୍ୱର୍ଗୀୟ ମୁନିବ ସ୍ୱୟଂ କର୍ତ୍ତୃତ୍ୱ କରି ଆପଣାର ପ୍ରଭୁତ୍ୱ ସଫଳ କରନ୍ତି, ମାତ୍ର ଜଣେ ଦାସର ସେବାରେ ତାହା କରନ୍ତି (ଫିଲି. ୨:୬-୧୧) ।[୩]

ତେବେ ଖ୍ରୀଷ୍ଟିୟାନ ବିଶ୍ୱାସରେ ଅଧିକାର ଓ ରାଜତ୍ୱ ବିଷୟରେ କ'ଣ କହିବା ? ଆଧୁନିକ ପରବର୍ତ୍ତୀ ସମୟ ବ୍ୟକ୍ତିବିଶେଷର ଅନ୍ତର୍ନିହିତ ଅଧିକାରକୁ ଶକ୍ତିଯୁକ୍ତ କରିଥାଏ ଓ ଏହାକୁ ଯୁକ୍ତିଯୁକ୍ତ ଭାବରେ ତାହା ବିଜ୍ଞତାର ସହିତ କିମ୍ବା ଆଧୁନିକ ଧର୍ମ ଅଧିକାରୀଙ୍କ ବାହ୍ୟ ଅଧିକାରଯୁକ୍ତ ଦାବିର ବିରୋଧ କରିଥାଏ । ଏହାର ବିପରୀତରେ, ବାଇବଲର ବାର୍ତ୍ତା କେବଳ ଆତ୍ମ ପ୍ରଭୁତ୍ୱକୁ ବୃଦ୍ଧି କରି ନ ଥାଏ, ମାତ୍ର ଅନୁଗ୍ରହର ଅଧିକାରକୁ ବୃଦ୍ଧି କରିଥାଏ । ଅଧିକାର ଈଶ୍ୱରଙ୍କ ପ୍ରତି ପ୍ରଥମ ସ୍ଥାନରେ ରହିଥାଏ ପୁଣି ଆମ ପ୍ରତି ତାହାଙ୍କର ଅନୁଗ୍ରହପୂର୍ଣ୍ଣ ଆତ୍ମ-ଦାନ ଥାଏ ।[୪] ଅନ୍ୟ ଭାଷାରେ, ଏକ ସମ୍ପର୍କରେ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଯେଉଁ ଘନିଷ୍ଠତା ବୃଦ୍ଧି ପାଇଥାଏ, ତାହା ଅପରିହାର୍ଯ୍ୟ ଭାବରେ, ପ୍ରାକୃତିକ ଭାବରେ ଓ ଏକସଙ୍ଗେ ସେମାନଙ୍କ ସ୍ୱାଧୀନତାର ସ୍ତରକୁ ହ୍ରାସ କରିଥାଏ ।

ବାଇବଲ ଈଶ୍ୱରଙ୍କର, ତାହାଙ୍କ ବାକ୍ୟର ଓ ତାହାଙ୍କ ଦ୍ୱାରା ପ୍ରକାଶିତ ସତ୍ୟର ଅଧିକାରର ଅବିବାଦୀୟ ବାସ୍ତବତାର ପରିଚୟ ଦେଇଥାଏ । ଅତଏବ ଈଶ୍ୱରଙ୍କ ରାଜତ୍ୱର ପ୍ରସଙ୍ଗ ସମସ୍ତ ଶାସ୍ତ୍ରରେ କେନ୍ଦ୍ରୀୟ ଓ ମୂଳ ବିଷୟବସ୍ତୁ ମଧ୍ୟରୁ ଗୋଟିଏ ଅଟେ । ଏହି ଅଧ୍ୟାୟ ଏକ ଧର୍ମତତ୍ତ୍ୱକୁ, ଏକ ପରିଚୟକୁ ଓ ଏକ ସମ୍ପ୍ରଦାୟକୁ ପରୀକ୍ଷା କରିଥାଏ, ଯାହାକି ଏହି ରାଜ୍ୟ ଦ୍ୱାରା ଆକାରପ୍ରାପ୍ତ ହୋଇଥିଲା ।

## ରାଜ୍ୟ ଦ୍ୱାରା ଆକାରପ୍ରାପ୍ତ ଏକ ଧର୍ମତତ୍ତ୍ୱ

ଈଶ୍ୱରଙ୍କ ରାଜ୍ୟର ଧାରଣା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଯାହାକି ସମସ୍ତ ଶାସ୍ତ୍ରରେ ଦେଖିବାକୁ ମିଳିଥାଏ । ବାଇବଲ ମଧ୍ୟ ଏହାକୁ ସ୍ୱର୍ଗର ରାଜ୍ୟ, ଖ୍ରୀଷ୍ଟଙ୍କ ରାଜ୍ୟ, ପ୍ରଭୁଙ୍କର ରାଜ୍ୟ, ଓ ରାଜ୍ୟ ବୋଲି କହିଥାଏ । ବାଇବଲ ଗୋଟିଏ ପୁସ୍ତକ ହୋଇଥିବାରୁ, ଅନେକ ଟୀକାକାର ଗୋଟିଏ ଏକକ ବାଇବସମ୍ମତ ପ୍ରସଙ୍ଗ ପାଇବାକୁ ଚେଷ୍ଟା କରିଛନ୍ତି ଯାହାକି ଦୁଇଟି ନିୟମକୁ ଏକତ୍ର ଧରି ରଖିଥାଏ । ସ୍ପଷ୍ଟରୂପେ ଅନେକ ପରିପୂରକ ବାଇବଲସମ୍ମତ ପ୍ରସଙ୍ଗର ବହୁତ ବଡ଼ ଗୁରୁତ୍ୱ ଅଛି, ମାତ୍ର ଏକ ଉତ୍ତମ ବିଷୟ ଦେଖାଯାଇପାରିବ ଯେ ଯେଉଁ ବନ୍ଧନୀ ଯାହାକି

(ନିୟମଗୁଡ଼ିକୁ) ଏକତ୍ର ବାନ୍ଧି ଦେଇଥାଏ ତାହା ଈଶ୍ୱରଙ୍କ ନିୟମଗୁଡ଼ିକର ଗତିଶୀଳ ବିଷୟ ଅଟେ ।[୫]

ବାଇବଲସମ୍ମତ ଅର୍ଥର ପ୍ରାକୃତିକ ଦୃଶ୍ୟରେ ଲକ୍ଷ୍ୟ କରିବା ଅଦ୍‌ଭୁତ ବିଷୟ ଅଟେ ଯେ ବାଇବଲ ଶବ୍ଦ *ରାଜ୍ୟ* ପାଇଁ ପ୍ରଚୁର ବର୍ଣ୍ଣନା ଅଛି । କେହି କେହି ଈଶ୍ୱରଙ୍କ ରାଜ୍ୟକୁ ସାମ୍ପ୍ରତିକ କଳ୍ପନାପ୍ରସୂତ ରାଜ୍ୟକୁ ହ୍ରାସ କରିଅଛନ୍ତି ଓ ମନୁଷ୍ୟ ହୃଦୟରେ ଆତ୍ମାଙ୍କ ଆନ୍ତରିକ ଶକ୍ତିକୁ କାର୍ଯ୍ୟ କରିବାକୁ ଦେଇଥିଲା ବେଳେ ଅନ୍ୟମାନେ ଏହି ଧାରଣାକୁ ଏକ ନୂତନ, ଭବିଷ୍ୟତ୍, ସ୍ୱର୍ଗୀୟ, ଆତ୍ମିକ କ୍ରମ ଭାବରେ ଅର୍ଥ କରିଛନ୍ତି କିମ୍ବା ରାଜ୍ୟକୁ ଦୃଶ୍ୟ ମଣ୍ଡଳୀ ସହିତ ସମାନ୍ କରିଛନ୍ତି ।

ତଥାପିମଧ୍ୟ ଅନ୍ୟମାନେ ରାଜ୍ୟକୁ ବୁଝିବା ପାଇଁ ଏକ ହ୍ରାସ କରୁଥିବା ପଦ୍ଧତିକୁ ମନୁଷ୍ୟ ସଭ୍ୟତା ପାଇଁ ଏକ ଆଦର୍ଶ ସାମାଜିକ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରିଛନ୍ତି ସେଥିରେ ବ୍ୟକ୍ତିଗତ ମୁକ୍ତି ବିଷୟକୁ ଉଲ୍ଲେଖ କରାଯାଇ ନାହିଁ । ଅତଏବ ଏହି ପଦ୍ଧତି ଅନୁଯାୟୀ ରାଜ୍ୟ ଗଠନ କରିବାର ଅର୍ଥ ହେଉଛି ସମସ୍ତ ସାମାଜିକ ସମସ୍ୟାକୁ ଦୂର କରିବା ଯେପରି ଦରିଦ୍ରତା, ସାମାଜିକ ଅନ୍ୟାୟ, ଓ ଅନ୍ୟାୟର ଅନେକ ପ୍ରକାରଗୁଡ଼ିକ ।

ସମଗ୍ର ଇତିହାସରେ ଅର୍ଥର ବିଭିନ୍ନତା ଅଛି କାରଣ ବାଇବଲସମ୍ମତ ଶିକ୍ଷା ଭିନ୍ନ ଭିନ୍ନ ଗୁରୁତ୍ୱ ଗ୍ରହଣ କରିଥାଏ : ରାଜ୍ୟ ଏକ ସାମ୍ପ୍ରତିକ ବାସ୍ତବତା (ମାଥି. ୧୨:୨୮; ୨୧:୩୧; ମାର୍କ ୧୦:୧୫) ଓ ଏକ ଭବିଷ୍ୟତ୍‌ର ଆଶୀର୍ବାଦ ଅଟେ (୧ମ କରି. ୧୫:୫୦; ମାଥି. ୮:୧୧; ଲୂକ ୧୨:୩୨), ଉଭୟ ବିଷୟ ନୂତନ ଜୀବନର ଏକ ଆତ୍ମିକ ଓ ଉଦ୍ଧାରକାରୀ ଆଶୀର୍ବାଦ ଅଟେ (ରୋମୀ. ୧୪:୧୭; ଯୋହନ ୩:୩) ପୁଣି ସମାଜର ଏକ ପରିବର୍ଦ୍ଧିତ ଭବିଷ୍ୟତ୍ ନିୟମ ଅଟେ (ପ୍ରକା. ୧୧:୧୫) ।

ଭିନ୍ନ ଭିନ୍ନ ଗୁରୁତ୍ୱକୁ ବିଶ୍ଳେଷଣ କରିବା ହେଉଛି ବାଇବଲ *ରାଜ୍ୟ*ର ଅର୍ଥକୁ ଯାହା ଅର୍ଥ କରିଥାଏ ତାକୁ ଜାଣିବା । ଈଶ୍ୱରଙ୍କ ରାଜ୍ୟ କ'ଣ ଅଟେ ? ଅଧିକାଂଶ ଆଧୁନିକ ଅଭିଧାନ ଏହି ଶବ୍ଦଟିକୁ ଅର୍ଥ କରିବେ ପରିସର, ରାଷ୍ଟ୍ର, ବା ସ୍ଥାନ ଭାବରେ ଅର୍ଥ କରିବେ । ଏହି ବର୍ଣ୍ଣନାଗୁଡ଼ିକ ଅର୍ଥ କରୁଥିବା ବ୍ୟକ୍ତିମାନଙ୍କୁ ବାଇବଲସମ୍ମତ ବୋଧଗମ୍ୟତାରୁ ବିପଥରେ ନେଇଯାଇଛି ଯାହାକି ଗୁରୁତ୍ୱ ଦେଇଥାଏ ସ୍ତରକୁ, ଶାସନକୁ, ରାଜତ୍ୱକୁ, କର୍ତ୍ତୃତ୍ୱକୁ ଓ ଈଶ୍ୱରଙ୍କ ରାଜକୀୟ ଅଧିକାରକୁ ।[୬]

ଲୂକ ୧୯ ପଦରେ ଥିବା ଯୀଶୁଙ୍କ ନୀତିଗଳ୍ପ ଈଶ୍ୱରଙ୍କ ରାଜ୍ୟର ମୌଳିକ ଅର୍ଥକୁ ସ୍ପଷ୍ଟ କରିଥାଏ । କାହାଣୀଟି ଜଣେ ରାଜକୀୟ ବ୍ୟକ୍ତିଙ୍କ ବିଷୟରେ ବର୍ଣ୍ଣନା କରିଥାଏ ଯେ କି ଏକ ଦୂର ଦେଶକୁ ଯାଇଥିଲେ ନିଜ ପାଇଁ ଏକ ରାଜ୍ୟ ପାଇବାକୁ ଓ ତା'ପରେ ଫେରିଯିବାକୁ (ଲୂକ ୧୯:୧୨) ।[୭] ଏହି ବ୍ୟକ୍ତି ନିଜ ପାଇଁ ଏକ ରାଜ୍ୟ ସୁରକ୍ଷିତ ରଖିବା ପାଇଁ ଯାହା ଉପରେ ସେ ତାଙ୍କର ଶାସନ କରିପାରିବେ ସେଥିପାଇଁ ଅନ୍ୟ ଏକ ଦେଶକୁ ପରିଦର୍ଶନ କରି ନ ଥିଲେ ବରଂ ସେ ତାଙ୍କ ନିଜର ସ୍ଥାନକୁ ପରିତ୍ୟାଗ କରିଥିଲେ ଓ ସେହି ଅଧିକାର, ରାଜତ୍ୱ, ସେହି ସ୍ଥାନରେ ଶାସନ କରିବାର ଅଧିକାର, ଯାହା ପ୍ରତି ସେ ଫେରନ୍ତି (ଲୂକ

୧୯:୧୫ ଅବଶ୍ୟ, ଅନ୍ୟ ବାଇବଲରେ ଅଛି ରାଜକୀୟ ଶକ୍ତି) ଲାଭ କରିବା ପାଇଁ ଅନ୍ୟ ସ୍ଥାନକୁ ଯାଇଥିଲେ । (ଯୀଶୁ ଯେ ହେରୋଦ ବିଷୟରେ ଚିନ୍ତା କରୁଥିଲେ ଏହା ସମ୍ଭବ ଅଟେ, ଯେ କି ରୋମ୍‌କୁ ଯାଇଥିଲେ, କାଇସରଙ୍କ ଆଶୀର୍ବାଦ ପାଇବା ପାଇଁ ଯେପରି ସେ ଯିହୁଦାକୁ ଫେରିପାରିବେ ଓ ରାଜା ହେରୋଦ ଭାବରେ ।)

ଈଶ୍ୱରଙ୍କ ରାଜ୍ୟ ମୌଳିକ ଭାବରେ ଈଶ୍ୱରଙ୍କ ସାର୍ବଭୌମ ଶାସନ ଅଟେ ଯାହାକି ମୁକ୍ତିଦାୟୀ ଇତିହାସର ଭିନ୍ନ ଭିନ୍ନ ସ୍ତରଗୁଡ଼ିକ ମାଧ୍ୟମରେ ପ୍ରକାଶିତ ହୋଇଥିଲା ଓ ହୃଦୟଙ୍ଗମ କରାଯାଇଥିଲା । ଏହି ବାଇବଲସମ୍ମତ ଧର୍ମତତ୍ତ୍ୱ ସେହି ସତ୍ୟରୁ ଆସିଥାଏ ଯେ ଏକମାତ୍ର ସତ୍ୟ, ଜୀବନ୍ତ, ଓ ଅନନ୍ତ ଶାସକ ଭାବରେ ଈଶ୍ୱରଙ୍କର ସର୍ବଦା ସ୍ଥିତି ଥିଲା ଓ ସେଥିପାଇଁ ତାହାଙ୍କ ସୃଷ୍ଟି ଉପରେ ରାଜତ୍ୱ କରନ୍ତି । ଈଶ୍ୱରଙ୍କ ରାଜ୍ୟ, ରହିଅଛି, ମାତ୍ର ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରାଯାଇ ନାହିଁ, ହେଉଛି ସମସ୍ତ ସୃଷ୍ଟିର ଘଟଣାକ୍ରମ ମୁକ୍ତି ପ୍ରତି ଜଗତରେ ଈଶ୍ୱରଙ୍କ ସାର୍ବଭୌମତ୍ୱର କାର୍ଯ୍ୟକାରିତା ଅଟେ ।[୮]

*ସୃଷ୍ଟିରେ ଈଶ୍ୱରଙ୍କ ଶାସନ*

ରାଜତ୍ୱର ଧର୍ମତତ୍ତ୍ୱ ଆଲୋଚନା କରିବା ବେଳେ ଅନେକ ବ୍ୟକ୍ତି ଅପ୍ରଚୁର ଭାବରେ ଜଗତର ସୃଷ୍ଟିକର୍ତ୍ତା ଭାବରେ ଈଶ୍ୱରଙ୍କ ଜାଗତିକ ଶାସନକୁ ଗୁରୁତ୍ୱ ଦେଇଥିଲେ (ଗୀତ. ୨୪:୧; ୪୭:୧-୯; ୮୩:୧୮; ୯୩:୧; ୯୫:୩-୭; ୧୦୩:୧୯; ୧୧୩:୫; ଦାନି. ୪:୨୫-୨୬; ୫:୨୧; ମାଥି. ୫:୩୪; ଏଫି. ୧:୨୦; କଲ. ୧:୧୬; ଏବ୍ରୀ ୧୨:୨; ପ୍ରକା. ୭:୧୫) । ଯାୱେଙ୍କର ରାଜକୀୟ ରାଜତ୍ୱ ଓ ଇସ୍ରାୟେଲୀୟ ରାଜତ୍ୱର ଇତିହାସ ମଧ୍ୟରେ ଏକ ସ୍ପଷ୍ଟ ସଂଯୋଗ ରହିଛି (୧ମ ଶାମୁୟେଲ ୮), ମାତ୍ର ଈଶ୍ୱରଙ୍କ ରାଜକୀୟ ଶାସନ ତାହାଙ୍କର ସାର୍ବଭୌମ ଶାସନରୁ ଓ ଜାଗତିକ କ୍ରମର ସଂରକ୍ଷଣରୁ ଆରମ୍ଭ ହୋଇଥିଲା, ଯାହାକି ସେ ସୃଷ୍ଟି କରିଥିଲେ । ଗୋଲ୍ଡସ୍‌ୱର୍ଦ୍ଦି ବ୍ୟକ୍ତ କରନ୍ତି :

> ଈଶ୍ୱରଙ୍କ ନିଜର ସାର୍ବଭୌମ ଶାସନ ପରୀକ୍ଷାଧୀନ ଜଗତରେ ଆଦର୍ଶ ପ୍ରତୀକ ହୋଇଥିଲା ଯାହାକି ରାଜ୍ୟ ମଧ୍ୟରେ ମାନବ ସ୍ୱାଧୀନତାର ସୀମା ନିର୍ଦ୍ଧାରଣ କରିଥାଏ (ଆଦି. ୨:୧୫-୧୭) । ରାଜ୍ୟ ସ୍ଥିତିର ଆଶୀର୍ବାଦ ଉଭୟ ମନୁଷ୍ୟ ସହିତ ଈଶ୍ୱରଙ୍କ ସମ୍ପର୍କରେ ଓ ମନୁଷ୍ୟର ସୃଷ୍ଟି ପ୍ରତି ସମ୍ପର୍କରେ ଥିଲା । ପ୍ରକୃତି ମନୁଷ୍ୟର କର୍ତ୍ତୃତ୍ୱ ପ୍ରତି ସମର୍ପିତ ଥିଲା ଓ ତା'ର ଆବଶ୍ୟକତା ଯୋଗାଇବାରେ ଫଳପ୍ରଦ ଥିଲା ।[୯]

ଈଶ୍ୱର, ସୃଷ୍ଟିକର୍ତ୍ତା-ପ୍ରଭୁଙ୍କର ରାଜକୀୟ ଶାସନ ମନୁଷ୍ୟକୁ ଜଗତ ଉପରେ କର୍ତ୍ତୃତ୍ୱ କରିବାର ଦାୟିତ୍ୱ ମାଧ୍ୟମରେ ଧ୍ୟାନ କରିବାରେ ଥିଲା, ତାହା ଏଦନିୟ ପରମ ଆନନ୍ଦର ଅବସ୍ଥା ଅଧୀନରେ ଥିଲା (ଆଦି. ୧:୨୮) (ଯାହାକି) ଏକ ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଚୁକ୍ତିବଦ୍ଧ ସମ୍ପର୍କ ଭାବରେ ରହିପାରିବ ।[୧୦]

ଈଶ୍ୱରଙ୍କ ରାଜ୍ୟର ପ୍ରସଙ୍ଗ ପରିବର୍ତ୍ତନ ହେଉଥିବା ଐତିହାସିକ ଅବଧି ମଧ୍ୟରେ ଉତ୍ତମ ଭାବରେ ଅନୁମୋଦିତ ହୋଇଛି ଯାହାକି ଶାସ୍ତ୍ର ଚିତ୍ରଣ କରିଥାଏ । ରାଜା ଭାବରେ ଈଶ୍ୱର

ଯାଯାବର ଲୋକମାନଙ୍କର ଆଧାର ଥିଲେ ଯେଉଁମାନେ ସେମାନଙ୍କ ଈଶ୍ୱରଙ୍କୁ ସାର୍ବଭୌମ ଶାସନ କରୁଥିବା ରାଜା ଭାବରେ ଦେଖିଥିଲେ । ସେ ସେମାନଙ୍କ ଯାତ୍ରାରେ ସେମାନଙ୍କ ସାଥୀ ହୋଇଥିଲେ ପୁଣି ସୁରକ୍ଷା ଓ ଆଶ୍ରୟ ଯୋଗାଇ ଦେଇ ଏକ ଉତ୍ତରାଧିକାରୀମାନଙ୍କର ବଂଶ ବୃଦ୍ଧି କରୁଥିଲେ ଯେଉଁମାନେ ତାହାଙ୍କର ବିଶେଷ ଲୋକ ଭାବରେ ମନୋନୀତ ହେବେ ।

ଈଶ୍ୱରଙ୍କ ରାଜତ୍ୱର ଏହି ବର୍ଣ୍ଣନାର ଆଲୋକପାତ ମୁଖ୍ୟତଃ ଅବ୍ରାହାମ୍‌ଙ୍କ ଓ ଇସ୍ରାୟେଲ ଦେଶର ସନ୍ତାନମାନଙ୍କ ଉପରେ ଅଛି ।[୧୧] ଆଦିପୁସ୍ତକ ୪–୧୧ ଅଧ୍ୟାୟ ଅବ୍ରାହାମ୍‌ଙ୍କ ବଂଶକୁ ବର୍ଣ୍ଣନା କରିଥାଏ ଯାହାଙ୍କୁ ଉଲ୍ଲେଖନୀୟ ଚୁକ୍ତିଭିତ୍ତିକ ପ୍ରତିଜ୍ଞାଗୁଡ଼ିକ ଦିଆଯାଇଥିଲା ଯାହାକି ଏକ ମହାନ୍ ଜାତି ବିଷୟରେ, ଏକ ମହାନ୍ ଦେଶ ବିଷୟରେ ଓ ଏକ ଚୁକ୍ତିଭିତ୍ତିକ ଶାସନ ଓ ସମ୍ପର୍କ ଅଟେ (ଆଦି. ୧୨:୧–୩) । କେହି କେହି ଈଶ୍ୱରଙ୍କ ରାଜ୍ୟର ବାଇବଲସମ୍ମତ ବର୍ଣ୍ଣନାକୁ ଦୃଷ୍ଟିଗୋଚରକୁ ଆଣି ତିନିଗୁଣ ପ୍ରତିଜ୍ଞାକୁ ଅର୍ଥ କରିଛନ୍ତି, ଯେପରି ଈଶ୍ୱରଙ୍କ ଲୋକମାନେ, ଈଶ୍ୱରଙ୍କ ରାଜ୍ୟ, ଓ ଈଶ୍ୱରଙ୍କ ଶାସନ ।[୧୨]

*ଯାତ୍ରାରେ ଈଶ୍ୱରଙ୍କ ଶାସନ*

ମିସରରୁ ଯାତ୍ରା କରିବା ସମୟରେ ଈଶ୍ୱର ଅନେକ ସ୍ୱର୍ଗୀୟ ହସ୍ତକ୍ଷେପ ମାଧ୍ୟମରେ ଓ ପରିତ୍ରାଣ ଶକ୍ତିଶାଳୀ କାର୍ଯ୍ୟ ମାଧ୍ୟମରେ (ଉଦାହରଣସ୍ୱରୂପ, ଦେଖନ୍ତୁ ଯାତ୍ରାପୁସ୍ତକ ୧୫ ଦ୍ୱି.ବି. ୬:୨୦–୨୪; ୨୬:୫–୧୦; ଯିହୋଶୂୟ ୨୪:୫–୧୩; ଗୀତସଂହିତା ୭୮; ୧୦୫; ୧୦୬; ୧୧୪; ୧୩୫; ୧୩୬; ନିହି. ୯:୯–୧୫), ବନ୍ଧନଗ୍ରସ୍ତ ଥିବା ଲୋକମାନଙ୍କୁ ମୁକ୍ତି କରିବା ମାଧ୍ୟମରେ, ମହାମାରୀ ଓ ସମୁଦ୍ର ଦ୍ୱିଭାଗ କରିବା ଆଶ୍ଚର୍ଯ୍ୟକର୍ମକୁ ବିତରଣ କରିବା ମାଧ୍ୟମରେ, ପ୍ରାନ୍ତରରେ ଇସ୍ରାୟେଲୀୟମାନଙ୍କର ସଂରକ୍ଷଣ ମାଧ୍ୟମରେ, ତା' ସହିତ ଈଶ୍ୱରଙ୍କ ବିଷୟକ ଅନୁଭୂତିଗୁଡ଼ିକ ମାଧ୍ୟମରେ ଇସ୍ରାୟେଲର ଇତିହାସ ଉପରେ ଆପଣା ରାଜତ୍ୱକୁ ପ୍ରତିଷ୍ଠା କରିଥିଲେ । ଲୋକମାନେ ଜାଣିପାରିଥିଲେ ଯେ ଯାହେଙ୍କର ସାର୍ବଭୌମତ୍ୱ ତାହାଙ୍କର ସଫଳ ପରିତ୍ରାଣ କାର୍ଯ୍ୟ ଦ୍ୱାରା ହୋଇଥିଲା, ଏକ ଈଶ୍ୱର–ନିୟନ୍ତ୍ରିତ ଅବିଚ୍ଛିନ୍ନତା, ଏକ ଇତିହାସ ଗଠନ କରୁଛି, ପୁଣି ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ଏହି ଇତିହାସ ଭବିଷ୍ୟତ୍‌କୁ ଗତି କରୁଥିଲା ।[୧୩] ଈଶ୍ୱର ଆପଣାର ଶାସନ କାର୍ଯ୍ୟକଳାପକୁ ସ୍ପଷ୍ଟରୂପେ ଘୋଷଣା କରିଥିଲେ ଯେତେବେଳେ ସେ ଆପଣା ଲୋକମାନଙ୍କୁ ଫାରୋଙ୍କ ହସ୍ତରୁ ଉଦ୍ଧାର କରିଥିଲେ ଓ ସେମାନଙ୍କୁ ପ୍ରତିଜ୍ଞାତ ଦେଶ ମଧ୍ୟକୁ କଢ଼ାଇ ନେଇଥିଲେ (ଯାତ୍ରାପୁସ୍ତକ ୧୫; ୧୯:୫–୬) ।

*ରାଜା ଓ ଭାବବାଦୀମାନଙ୍କ ଅବଧିରେ ଈଶ୍ୱରଙ୍କ ଶାସନ*

ରାଜତ୍ୱ ସମୟରେ ପରିତ୍ରାଣର ଇତିହାସରେ ଦୁଃଖାନ୍ତକ ବିଷୟ ଭରପୁର ହୋଇ ରହିଛି । ଇସ୍ରାୟେଲକୁ ଆହ୍ୱାନ ଦିଆଯାଇଥିଲା ଓ ଜଗତ ପ୍ରତି ଏକ ଆଶୀର୍ବାଦ ହେବା ପାଇଁ ଓ ଦେଶକୁ ତଦାରଖ କରିବା ପାଇଁ ଈଶ୍ୱରଙ୍କ ଉପ–ପ୍ରତିନିଧି ହେବା ପାଇଁ ତାକୁ ପୃଥକ୍ କରି ରଖାଯାଇଥିଲା (୧ମ ବଂଶା. ୨୯:୩୩; ୨ୟ ବଂଶାବଳୀ ୬), ମାତ୍ର ଦୁଃଖର ବିଷୟ ହେଉଛି ଯେ ଏହାର ଇତହାସରେ ଅଧିକ ଭାବରେ ବିଶ୍ୱସ୍ତତା ଅପେକ୍ଷା ବିଶ୍ୱାସଘାତକତା

ଥିଲା, ଉପାସନା ଅପେକ୍ଷା ପ୍ରତିମାପୂଜା ଥିଲା, ଓ ଆଜ୍ଞାବହତା ଅପେକ୍ଷା ବିଦ୍ରୋହ ଥିଲା । ସ୍ୱର୍ଗୀୟ ବାହିନୀ ସର୍ବଦା ଉପାସନା କରୁଥିଲେ ଓ ଅଯୋଗ୍ୟ ସ୍ୱେଚ୍ଛାସେବା ସହିତ ଈଶ୍ୱରଙ୍କ ପବିତ୍ରତାକୁ ପ୍ରଶଂସା କରିଚାଲନ୍ତି,[୧୪] ମାତ୍ର ମନୁଷ୍ୟମାନେ ଈଶ୍ୱରଙ୍କୁ ରାଜା ଭାବରେ ମାନ୍ୟତା ଦେବାକୁ ପ୍ରତ୍ୟାଖାନ କରିଛନ୍ତି, ଯାହାକି ପାର୍ଥିବ ରାଜ୍ୟଗୁଡ଼ିକର ଉତ୍ଥାନକୁ ବର୍ଣ୍ଣନା କରିଥାଏ, ଯେଉଁଥିରେ ଈଶ୍ୱରଙ୍କ ମନ୍ଦ ବିରୋଧ ଭାବ ପରିପୂର୍ଣ୍ଣ ହୋଇ ରହିଥିଲା । ଅତଏବ ଭାବବାଦୀୟ ପୁସ୍ତକଗୁଡ଼ିକ ଆଶାର ଏକ ବାର୍ତ୍ତା ବିଷୟରେ କହିଥାଏ ଯାହାକି ମସୀହଙ୍କ ଦ୍ୱାରା ପ୍ରଦର୍ଶିତ ହେବ, ଯେ କି ଦୁଷ୍ଟର ବିଚାର କରିବେ ଓ ମୁକ୍ତିପ୍ରାପ୍ତ ମାନବ ଜାତିକୁ ଏକ ନୂତନ ସୃଷ୍ଟି ପ୍ରତି ନେଇଆସିବେ (ଯିହିଜିକଲ ୩୬; ୪୭; ଯିଶାଇୟ ୩୫; ୫୫; ୬୫; ଯିଖରିୟ ୧୪) ।[୧୫]

ମୁକ୍ତିଦାୟୀ ଇତିହାସରେ ଏହା ହିଁ ସ୍ତର ହେବ, ଭବିଷ୍ୟତ୍‌ରେ ଏକ ମହାନ୍ ଓ ଗୌରବମୟ ଦିନ ହେବ, ଯେତେବେଳେ ସମସ୍ତ ବିଷୟ ପୁନଃସଂସ୍ଥାପିତ ହେବ, ଯେତେବେଳେ ଈଶ୍ୱରଙ୍କ ସାର୍ବଜନୀନ ଶାସନ ଆସିବ (ଯିଶା. ୨୬:୧-୧୫; ୨୮:୫-୬; ୩୩:୫-୨୪, ୧୭-୨୨; ୪୪:୫; ଯିହି. ୧୧:୧୭-୨୧; ୨୦:୩୩-୩୮; ହୋଶେ. ୨:୧୬-୧୭; ଯିଖ. ୮:୧-୮), ରାଜ୍ୟର ଧାର୍ମିକତା (ଯିଶା. ୧୧:୩-୫; ଯିରି. ୨୩:୫-୬), ପୁଣି ଚିରସ୍ଥାୟୀ ଶାନ୍ତି ଓ ସହାବସ୍ଥାନ (ଯିଶା. ୨:୨-୩; ୯:୫-୬; ୧୧:୬-୭; ୩୫:୯; ମୀଖା ୫:୪; ଯିଖ. ୯:୯-୧୦) ସହିତ ।

*ନୂତନ ନିୟମରେ ଈଶ୍ୱରଙ୍କ ମସୀହ ଶାସନ*

ନୂତନ ନିୟମରେ ଯୀଶୁ ଓ ଯୋହନ ଡୁବକ ଘୋଷଣା କରନ୍ତି ଯେ ସ୍ୱର୍ଗରାଜ୍ୟ ଅତି ନିକଟବର୍ତ୍ତୀ (ମାଥି. ୩:୨; ୪:୧୭; ମାର୍କ ୧:୧୫), ଖ୍ରୀଷ୍ଟଙ୍କର ଅବତାର ଓ ସେବାକାର୍ଯ୍ୟ ଦ୍ୱାରା ପୃଥିବୀରେ ରାଜ୍ୟର ଅନ୍ତିମ ସ୍ତରକୁ ହୃଦୟଙ୍ଗମ କରାଯାଉଥିଲା (ମାଥି. ୨:୨; ୪:୨୩; ୯:୩୫; ୨୭:୧୧; ମାର୍କ ୧୫:୨; ଲୂକ ୧୬:୧୬; ୨୩:୩; ଯୋହନ ୧୮:୩୭) । ଯଦିଚ ଏହି ପାର୍ଥିବ ସେବାକାର୍ଯ୍ୟ ଉପସ୍ଥିତ ହୋଇସାରିଛି, ତଥାପି ସମ୍ପୂର୍ଣ୍ଣ ଓ ସର୍ବାଙ୍ଗ ସମ୍ପନ୍ନତା ଖ୍ରୀଷ୍ଟଙ୍କର ଗୌରବରେ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ହୃଦୟଙ୍ଗମ କରାଯାଇପାରିବ ନାହିଁ (୧ମ କରି. ୧୫:୫୦-୫୮; ପ୍ରକା. ୧୧:୫) ।[୧୬]

ରାଜ୍ୟର ଅନ୍ତିମ ସ୍ତରରେ ରହିଥିବା ଏହି କେନ୍ଦ୍ରୀୟ ମିଶନ୍ ଉପସ୍ଥାପିତ କରାଯାଇଛି ମାନବିକତାର ଏକ ଭଗ୍ନ ଓ ପତନକୁ ଅନୁମୋଦନ କରିବା ପାଇଁ ଯେପରି ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରାଯାଇପାରିବ (ମାଥି. ୫:୨୦; ୭:୨୧; ଯୋହନ ୩:୩) । ହୃଦୟଙ୍ଗମ ହୋଇଥିବା ରାଜ୍ୟ, ଈଶ୍ୱରଙ୍କ ଶକ୍ତିଶାଳୀ ଶାସନ, ଏକ ନୂତନ ଜୀବନ ମଧ୍ୟରେ ଐତହାସିକ ଜୀବନ ମଧ୍ୟରେ ପ୍ରବେଶ କରୁଥିଲା, କାରଣ ଏଠାରେ ସ୍ୱୟଂ ରାଜା ଆସୁଥିଲେ ଈଶ୍ୱରଙ୍କ ସିଦ୍ଧାନ୍ତ ମୁତାବକ ମୁକ୍ତିଦାୟୀ କାର୍ଯ୍ୟକୁ ଘୋଷଣା କରିବାକୁ, ଓ ଏହାକୁ କାର୍ଯ୍ୟକାରୀ କରିବାକୁ ।'[୧୭] ଏପରିକି ତାହାଙ୍କ ନୀତିଗଳ୍ପଗୁଡ଼ିକ ଏକ ଶିକ୍ଷାଦାନ ଗାଡ଼ି ଭାବରେ ବ୍ୟବହୃତ ହୋଇଛି ଯେପରି ତାହାଙ୍କ ଅନୁଗାମୀମାନଙ୍କୁ ଦର୍ଶାଯାଇପାରିବ ତାହାଙ୍କ ରାଜ୍ୟର ସତ୍ୟଗୁଡ଼ିକୁ

(ମାଥି. ୧୩:୧୧) । ଯଦିଚ ସୁସମାଚାରର ଲାଭଗୁଡ଼ିକ ଓ ସୁବିଧାଗୁଡ଼ିକ ଆଂଶିକ ଭାବରେ ଉପସ୍ଥାପନ କରାଯାଇଛି (ଏଫି. ୧:୩), ତଥାପି ଗୌରବର ଭବିଷ୍ୟତ୍ ଆଶୀର୍ବାଦଗୁଡ଼ିକ ସେହିମାନଙ୍କ ନିକଟରେ ପ୍ରତିଜ୍ଞା କରାଯାଇଛି ଯେଉଁମାନଙ୍କ ପାଇଁ ଏହା ପ୍ରସ୍ତୁତ ହୋଇଥିଲା (ମାଥି. ୨୫:୩୧, ୩୪) ।[୧୮]

ସମଗ୍ର ପୁରାତନ ନିୟମରେ ପ୍ରଚୁର ଆନ୍ତ-ନିୟମ ପ୍ରସଙ୍ଗ ଅଛି ଯେଉଁଠାରେ କାହାଣୀଗୁଡ଼ିକର ବିଷୟବସ୍ତୁ ନାଟକୀୟ ଚିନ୍ତାରେ ପରିପୂର୍ଣ୍ଣ ହୋଇ ରହିଛି ଓ ଜଣାଯାଏ ତାହା ଖାପ ଖାଉ ନ ଥିବା ପ୍ରତିଜ୍ଞା ବୋଲି ।[୧୯] କେବଳ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱରେ ସେହି ଚିନ୍ତାଗୁଡ଼ିକ ସମାଧାନ ହୋଇପାରିବ ଓ ଜଣେ ସିଦ୍ଧ ଧାର୍ମିକ, ଶାନ୍ତିପୂର୍ଣ୍ଣ, ପରିତ୍ରାଣ ଦେଉଥିବା ନିୟମ ସମ୍ପୂର୍ଣ୍ଣରୂପେ ସମ୍ପନ୍ନ ହେବ । ଉଦ୍ୟାନ ସମୟରୁ ମାନବ ଏହାର ପତନ ମାଧ୍ୟମରେ ଈଶ୍ୱରଙ୍କ ନିୟମର ଗୌରବ ଉପଭୋଗ କରିବାର ସ୍ୱାଧୀନତା ହରାଇଥିଲା ଅତଏବ, ମାନବ ଇତିହାସର ନାଟକ ସିଦ୍ଧ ପ୍ରକୃତ ରାଜାଙ୍କୁ ପାଇବା ପାଇଁ ଏକ ଅତୃପ୍ତ ବୃତ୍ତିରେ ଚିରକାଳ ଲାଗି ରହିଥିବ ।

ବାଇବଲ ଇତିହାସର ଦୁଃଖାନ୍ତକ ବିଷୟ, ବିଶେଷରୂପେ ରାଜତ୍ୱ ସମୟରେ ଈଶ୍ୱରଙ୍କ ଶାସନ ପ୍ରତି କିପରି ସମର୍ପିତ ହେବାକୁ ଶିକ୍ଷା କରିବା ବିଷୟରେ ଲୋକମାନଙ୍କ ବିଫଳ ଚେଷ୍ଟାର ଏକ ଚିତ୍ର ଅଟେ । ସେମାନଙ୍କ ଆତ୍ମ-ସୃଷ୍ଟିକୁ, ଆତ୍ମ-ଅଭିବୃଦ୍ଧିକୁ, ଓ ଆତ୍ମ-ପରିତ୍ରାଣକୁ ଏକ ଈଶ୍ୱରଙ୍କ ପ୍ରତି ସମର୍ପଣ କରିବା ପରିବର୍ତ୍ତେ, ଇସ୍ରାୟେଲୀୟ ଇତିହାସ ମାନବ ଅନ୍ତଃକରଣକୁ ପ୍ରତିମାପୂଜା ପ୍ରତି ଦାସ କରିବା ବିଷୟକୁ ଦର୍ଶାଇଥାଏ । ଈଶ୍ୱରଙ୍କ ଲୋକମାନଙ୍କର ଗୋଷ୍ଠୀଗତ ପ୍ରତିନିଧିଗଣ – ଆଦମ, ନୋହ, ଅବ୍ରାହାମ, ଯାକୁବ, ମୋଶା, ଓ ଦାଉଦଙ୍କଠାରୁ ଅନ୍ୟ ସମସ୍ତ ମହାନ୍ ମୁକ୍ତିଦାୟୀ ଚରିତ୍ରଗୁଡ଼ିକ ପରିତ୍ରାଣରେ ଥିବା ଉଦ୍‌ବେଗ ସମାଧାନ କରିବାକୁ ବିଫଳ ହୋଇଥିଲେ ଯେପରି ଦାସତ୍ୱ ଓ ବନ୍ଧନରୁ ସୁସ୍ଥତା ଓ ମୁକ୍ତି ଯୋଗାଇପାରିବେ । ଈଶ୍ୱରଙ୍କ ଦ୍ୱାରା ଯେଉଁ ପ୍ରତିଜ୍ଞା ଯୋଗାଇ ଦିଆଯାଇଥିଲା ତାହା ଅନପେକ୍ଷିତ ଥିଲା : ସ୍ୱୟଂ ଈଶ୍ୱର ଅବତାର ମାଧ୍ୟମରେ ପତିତ ମାନବକୁ ପରିଦର୍ଶନ କରିଥିଲେ, ପୁଣି ଭଗ୍ନ ହୋଇଥିବା ସମସ୍ତ ବିଷୟର ନୂତନୀକରଣ ଜଣେ ଦୁଃଖଗ୍ରସ୍ତ ମସୀହଙ୍କ କାର୍ଯ୍ୟ ମାଧ୍ୟମରେ ହୋଇଥିଲା । ଚମତ୍କାର ବ୍ୟଙ୍ଗୋକ୍ତିରେ ଈଶ୍ୱର ଆପଣାକୁ ବିଷାଦମୟ ବୋଲି ଚିହ୍ନଟ କରିଥିଲେ ।

ଈଶ୍ୱରଙ୍କର ଆପଣା ମୃତ୍ୟୁ ସହିତ ବିଷାଦମୟ ଲୋକମାନଙ୍କୁ ଚିହ୍ନଟ କରିବାର ଏହି ସ୍ୱବିରୋଧାଭାସି ଚିତ୍ର ଯିଶାଇୟ ୫୨:୧୩-୫୩:୧୨ ପଦରେ ଦୁଃଖଭୋଗକାରୀ ଦାସ ସହିତ ସଂଯୁକ୍ତ ହୋଇଛି, ଏହି ଦାସ ଯେ କି ଅନେକଙ୍କ ପାପ ବହନ କରିଥିଲେ ଓ ଏକ ବଦଳ ଭାବରେ ଦୁଃଖଭୋଗ କରିଥିଲେ ।

> ଏହା ଆବଶ୍ୟକୀୟ ସଂଯୋଗର ଏହି ପୂର୍ବାପର ପ୍ରସଙ୍ଗରେ ଈଶ୍ୱରଙ୍କ ଅନନ୍ୟତା ଓ ଇସ୍ରାୟେଲର ପରିତ୍ରାଣ ପାଇଁ ତାହାଙ୍କର (ଅନ୍ତିମ) କାର୍ଯ୍ୟ ମଧ୍ୟରେ ଥିଲା ପୁଣି ଆଦ୍ୟ ଖ୍ରୀଷ୍ଟିୟାନମାନେ ଯେଉଁ ଜଗତ ବିଷୟରେ ପଢ଼ିଥିଲେ ଯେ ତାହା ପ୍ରଭୁଙ୍କର ଦାସର ରହସ୍ୟମୟ ଚରିତ୍ର ଅଟେ, ଯେ କି ଈଶ୍ୱରଙ୍କର ଅନନ୍ୟ ଈଶ୍ୱରତ୍ୱ ପ୍ରତି ସାକ୍ଷୀ

ଅଟେ ଓ ଯେ କି ୫୨-୫୩ ଅଧ୍ୟାୟରେ ଉଭୟ ଅପମାନିତ ହୋଇଥାଆନ୍ତି ଓ ମୃତ୍ୟୁଭୋଗ କରିଥାଆନ୍ତି ଓ ଆହୁରିମଧ୍ୟ ଉଚ୍ଚୀକୃତ ହୋଇ ଉପରକୁ ଉଠିଅଛନ୍ତି ।[20] ମାନବ ବିଦ୍ରୋହ ପାଇଁ ମୁକ୍ତିର ପ୍ରକାଶିତ ଆଶା ଓ ଏକ ଭଗ୍ନ ସୃଷ୍ଟିର ନୂତନୀକରଣ ଯୀଶୁ ଖ୍ରୀଷ୍ଟଙ୍କ ଶରୀରରେ ଏହାର ପ୍ରକାଶନ ଓ ସମ୍ପନ୍ନତା ପାଇଥାଏ । ବର୍ତ୍ତମାନ ରାଜ୍ୟ ଏହାର ବାସ୍ତବ ଲକ୍ଷ୍ୟକୁ ମସୀହ ରାଜାଙ୍କର ଐତିହାସିକ ଆଗମନ ଓ କାର୍ଯ୍ୟକଳାପରେ ହୃଦୟଙ୍ଗମ କରାଯାଇଛି। ରାଜ୍ୟର ବାଇବଲସମ୍ମତ ବର୍ଣ୍ଣନା ଈଶ୍ୱରଙ୍କ ଲୋକମାନଙ୍କୁ, ତାହାଙ୍କର ସ୍ଥାନକୁ ଦୃଷ୍ଟିଗୋଚରକୁ ଆଣୁଛି ଓ ଯୀଶୁଙ୍କଠାରେ ତାହାଙ୍କର ଶକ୍ତିର ସମ୍ପୂର୍ଣ୍ଣ ଅନ୍ତିମ ପ୍ରତିଜ୍ଞା ଅଛି, ଯେ କି ଈଶ୍ୱରଙ୍କର ପ୍ରକୃତ ଲୋକ, ଉପସ୍ଥିତି ଓ କ୍ଷମତା ଅଟନ୍ତି ।

**ଈଶ୍ୱରଙ୍କ ଲୋକମାନଙ୍କର ସମ୍ପନ୍ନତା ।** ଲୂକ ଆଦମଙ୍କୁ ଈଶ୍ୱରଙ୍କ ପୁତ୍ର ଭାବରେ ବର୍ଣ୍ଣନା କରନ୍ତି (ଲୂକ ୩:୩୮), ଯାତ୍ରାପୁସ୍ତକ ୪:୨୨ ପଦ ଇସ୍ରାୟେଲକୁ ଈଶ୍ୱରଙ୍କ ଲୋକ, ଈଶ୍ୱରଙ୍କ ପ୍ରଥମ ଜାତ ପୁତ୍ର ବୋଲି ଉଲ୍ଲେଖ କରିଥାଏ । ପୁତ୍ରତ୍ୱର ଲକ୍ଷଣ ଯୀଶୁଙ୍କଠାରେ ସଫଳ ହୋଇଥିଲା, ଯେ କି ସିଦ୍ଧ ଦ୍ୱିତୀୟ-ଆଦମ ଭାବରେ, ପ୍ରିୟ ପୁତ୍ର (ଲୂକ ୩:୨୨), ଓ ପ୍ରକୃତ ଇସ୍ରାୟେଲୀୟ ଭାବରେ ସେହି ବିଷୟ ସମ୍ପନ୍ନ କରିଥିଲେ ଯାହାକି ଉଭୟ ପ୍ରଥମ ଆଦମ ଓ ଇସ୍ରାୟେଲ କରିବାକୁ ବିଫଳ ହୋଇଥିଲେ, ଯେପରି ଜାଗତିକ ରାଜାଙ୍କ ପ୍ରତି ସମର୍ପଣ । ତେଣୁ ପ୍ରଲୋଭନ ବର୍ଣ୍ଣନା ଉଦ୍ୟାନରେ ଆଦମ ଉପରେ ଓ ପ୍ରାନ୍ତରରେ ଇସ୍ରାୟେଲ ଉପରେ ଶୟତାନର ବିଜୟର ବିପରୀତ ବିଷୟ ଦର୍ଶାଇଥାଏ, ପୁଣି ସେଥିପାଇଁ ଇସ୍ରାୟେଲର ପୁନଃସଂସ୍ଥାପନ ବିଷୟରେ ସମସ୍ତ ଭାବବାଣୀ (ଭାବରେ) ଈଶ୍ୱରଙ୍କ ଲୋକମାନଙ୍କୁ ତାହାଙ୍କଠାରେ ସମ୍ପନ୍ନତା (ପାଇବାକୁ) ପଡ଼ିବ ।[21]

**ଈଶ୍ୱରଙ୍କ ଉପସ୍ଥିତିର ସମ୍ପନ୍ନତା ।** ''ପତ୍ରକୁଟୀର କଳ୍ପନା ସକ୍ଷମ ଅଟେ ..... ଯୀଶୁଙ୍କ ବ୍ୟକ୍ତିତ୍ୱକୁ ଚିତ୍ରଣ କରିବାକୁ ସକ୍ଷମ ଅଟେ ଈଶ୍ୱରଙ୍କ ବାକ୍ୟର ଅବସ୍ଥିତି ଭାବରେ ଓ ମାନବଜାତି ମଧ୍ୟରେ ଗୌରବ ଭାବରେ ।''[22] ମୋଶାଙ୍କ ପାଇଁ କେଉଁ ବିଷୟ ଅସମ୍ଭବ ଥିଲା, ଈଶ୍ୱରଙ୍କ ଉଜ୍ଜ୍ୱଳ ଗୌରବ ଦେଖିବା (ଯାତ୍ରା. ୩୩:୨୦), ବିଶ୍ୱାସୀମାନଙ୍କ ପାଇଁ ସମ୍ଭବ ହୋଇଛି (ଯୋହନ ୧:୧୪) ବାକ୍ୟ ଅବତାର ହୋଇ ଈଶ୍ୱରତ୍ୱ ହେବା ସମୟରୁ (ଯୋହନ ୧:୧୮; ୩:୧୧) ।

ଅତଏବ, ଯୀଶୁଙ୍କ ବର୍ଣ୍ଣନା ଯାହାକି ଈଶ୍ୱରଙ୍କ ବାସସ୍ଥାନର ଚରମ ପ୍ରକାଶନ ଭାବରେ ପ୍ରତୀକାତ୍ମକ ହେଉଛି ତାହା ଯଥାର୍ଥ ଭାବରେ ଯୋହନଲିଖିତ ସୁସମାଚାରରେ ମନ୍ଦିର ଲକ୍ଷଣ ବିଷୟରେ କହିଥାଏ । ସେ ହିଁ ଈଶ୍ୱରଙ୍କର ଅନନ୍ତ ଜାଗତିକ-ମାନବ ମନ୍ଦିର ଅଟନ୍ତି[23] ଯେ କି ତାହାଙ୍କର ଲୋକମାନଙ୍କ ଗହଣରେ ସମାଗମ ତମ୍ବୁ ମଧ୍ୟରେ ବାସ କରିଥିଲେ ଏହାର ସମ୍ପୂର୍ଣ୍ଣ ଭିନ୍ନ ସାନ୍ନିଧ୍ୟରେ,[24] ଯାହାକି ମସୀହ ଯୁଗରେ ଈଶ୍ୱରଙ୍କ ମନ୍ଦିରର ଅନ୍ତିମ ଉପସ୍ଥିତିରେ ଆବାହକ ଭାବରେ ପ୍ରତୀକାତ୍ମକ ହୋଇଥାଏ । ଏହି ମନ୍ଦିରରେ, ଖ୍ରୀଷ୍ଟଙ୍କ ଶରୀରରେ (ଯୋହନ ୨:୧୯-୨୨), ଚରମ ବଳିଦାନ କରାଯିବ ତଥାପିମଧ୍ୟ ଯୀଶୁ କହନ୍ତି ଯେ ତିନିଦିନ ପରେ ପ୍ରକୃତ, ଆତ୍ମିକ ମନ୍ଦିର ମୃତ୍ୟୁରୁ ଉଠି ଯିରୁଶାଲମ ମନ୍ଦିରକୁ ବଦଳ କରିବ ।[25]

ଈଶ୍ୱରଙ୍କ ରାଜ୍ୟ ଯୀଶୁଙ୍କ ଉପସ୍ଥିତିରୁ ପୃଥକ୍ କରାଯାଇପାରିବ ନାହିଁ (ଏବ୍ରୀ ୧୨:୨୨-୨୩) ।[୨୬] ଈଶ୍ୱରଙ୍କ ଆତ୍ମ-ପରିପ୍ରକାଶ ପ୍ରକୃତ ମନ୍ଦିରରେ ତାହାଙ୍କର ଜୀବନ୍ତ ଉପସ୍ଥାପନର ପରିପ୍ରକାଶ ଦ୍ୱାରା ସମ୍ପାଦିତ ହୋଇଛି । ପ୍ରକୃତ ଉପାସନାର ଏକ ନୂତନ ମନ୍ଦିର ଅଛି ଯୀଶୁ ଅସ୍ଥାୟୀ ଅବସ୍ଥିତିକୁ ବଦଳ କରନ୍ତି । ଈଶ୍ୱରଙ୍କ ଲୋକମାନେ ବର୍ତ୍ତମାନ ଅନନ୍ତ ଜୀବନର ପୂର୍ଣ୍ଣତାର ଅନୁଭୂତି ଲାଭ କରିପାରନ୍ତି ପୁଣି ପୂତନ ସୃଷ୍ଟିର ପ୍ରଚୁର ଆଶୀର୍ବାଦ ଦେଶର ଅଧିକାର ଓ ଏକ ଅସ୍ଥାୟୀ ଉତ୍ତରାଧିକାର ମାଧ୍ୟମରେ ଉପଲବ୍ଧ ହୋଇ ନ ଥାଏ ।

ଶେଷରେ ମଣ୍ଡଳୀ ଜଣେ ପବିତ୍ର ଈଶ୍ୱରଙ୍କ ଦ୍ୱାରା ବହୁଳ ଭାବରେ ବିଦିତ ଅଟେ, ମାତ୍ର ପ୍ରତ୍ୟାଖ୍ୟାତ ନୁହେଁ । ସମାଗମ ତମ୍ବୁ ସେହିଠାରେ ଅଛି ଯେଉଁଠାରେ ସ୍ୱର୍ଗ ଓ ପୃଥିବୀ ଈଶ୍ୱରଙ୍କ ଗୌରବରେ ମିଳିତ ହୋଇଥିଲେ, ଯାହାକି ନିୟମ ସିନ୍ଦୁକର ଅନୁଗ୍ରହ ଆସନ ଉପରେ ଅଦୃଶ୍ୟ ସିଂହାସନ ଉପରେ ବସିଅଛନ୍ତି, ଯାହାକି ମହାପବିତ୍ର ସ୍ଥାନରେ ଥିବା ପୃଥକ୍ କରୁଥିବା ପରଦାର ପଛରେ ଥିଲା । ଆମ ମଧ୍ୟରେ ଯେତେବେଳେ ପ୍ରକୃତ ମନ୍ଦିର ସମାଗମ ତମ୍ବୁ ଆସିଲା ସେତେବେଳେ ଅଧିକ ଭାବରେ ଯିବାଆସିବା ହୋଇପାରିଲା (କଲ. ୨:୧୭) । ଯେତେବେଳେ ଐଶ୍ୱରିକ-ବ୍ୟକ୍ତି, ପ୍ରକୃତ ମନ୍ଦିର କ୍ରୁଶବିଦ୍ଧ ହୋଇଥିଲେ, ସେତେବେଳେ ତାହାଙ୍କ ଶରୀରକୁ ଖଣ୍ଡବିଖଣ୍ଡିତ କରାଯାଇଥିଲା ଓ ଆମ ପାପର ମୂଲ୍ୟ ଦେବା ପାଇଁ ରକ୍ତ ବୋହି ଯାଇଥିଲା, ପୁଣି ସେହି ମୁହୂର୍ତ୍ତରେ ହିଁ ମନ୍ଦିରର ବିଚ୍ଛେଦ ପରଦା ଉପରୁ ତଳ ପର୍ଯ୍ୟନ୍ତ ଦୁଇଖଣ୍ଡ ହୋଇ ଚିରି ଯାଇଥିଲା (ମାଥି. ୨୭:୫୧) ।

ଶେଷରେ ଭିତରେ ଥିବା ବ୍ୟକ୍ତି ଯେ କି ଈଶ୍ୱରତ୍ୱ ମଧ୍ୟରେ ସହଭାଗିତା ଉପଭୋଗ କରିଥିଲେ ସେ ଏକ ଦୂର ଦେଶରୁ ଆସିଥିଲେ ଯେପରି ବିନାଶପ୍ରାପ୍ତ ଲୋକମାନଙ୍କୁ ଅନ୍ୱେଷଣ କରିପାରିବେ, ନିଜେ ଜଣେ ବାହାର ବ୍ୟକ୍ତି ହେବା ଦ୍ୱାରା ବାହାର ଲୋକମାନଙ୍କୁ ଅଦରକାରୀ କରିଦେଇ ପ୍ରତ୍ୟାଖ୍ୟାତ ହୋଇଥିଲେ, ମଣ୍ଡଳୀର ଅନ୍ୟାୟ ହେତୁ ପରିତ୍ୟକ୍ତ ହୋଇଥିଲେ, ହତ୍ୟା କରାଯାଇଥିଲେ, ଚୂର୍ଣ୍ଣବିଚୂର୍ଣ୍ଣ ହୋଇଥିଲେ, ଓ ତୁଚ୍ଛୀକୃତ ହୋଇଥିଲେ (ଏବ୍ରୀ ୧୩:୧୧-୧୨) । ବିଚ୍ଛେଦ ପରଦା ଚିରି ଦିଆଯାଇଥିଲା, ଦୂତଙ୍କର ଜ୍ୱଳନ୍ତ ଖଡ଼୍‌ଗ ସିଦ୍ଧ ବଳିକୁ ଗ୍ରାସ କରିଥିଲା ଯେପରି ଆମ୍ଭେମାନେ, ଅର୍ଥାତ୍ ମଣ୍ଡଳୀ ଆମର ପବିତ୍ର ଈଶ୍ୱରଙ୍କର ଉପସ୍ଥିତି ନିକଟକୁ ଅସୀମ ଭାବରେ ଯାଇପାରିବ । ଯାତ୍ରାପୁସ୍ତକ ୪୦:୩୩ ପଦ ବ୍ୟକ୍ତ କରେ, ପୁଣି ତହିଁରେ ମୋଶା କାର୍ଯ୍ୟ ସମାପ୍ତ କଲେ (ଆଦି. ୨:୨ : ଈଶ୍ୱର ଯେଉଁ କାର୍ଯ୍ୟ କରିଥିଲେ ଆପଣାର ସେହି କାର୍ଯ୍ୟ ସମ୍ପନ୍ନ କଲେ), ଯାହାକି ଯୀଶୁଙ୍କର ଅନ୍ତିମ ବାକ୍ୟଗୁଡ଼ିକର ଓ ମୁକ୍ତିର ସିଦ୍ଧ ସମ୍ପନ୍ନତାର ପୂର୍ବାଭାସ ଦେଇଥାଏ : ସମ୍ପନ୍ନ ହେଲା (ଯୋହନ ୧୯:୩୦) । ମଣ୍ଡଳୀ ବନ୍ଧନରୁ ମୁକ୍ତ ହୋଇଛି ଯେପରି ମୁକ୍ତ ଭାବରେ ଆମର ଈଶ୍ୱରଙ୍କୁ ଉପଭୋଗ କରିପାରିବ, ଯେ କି ଆତ୍ମା ଅଟନ୍ତି, ଯେପରି ତାହାଙ୍କୁ ଆତ୍ମାରେ ଓ ପ୍ରକୃତ ମନ୍ଦିରର ବାସ୍ତବତାରେ ଉପାସନା କରାଯାଇପାରିବ ।

**ଈଶ୍ୱରଙ୍କ ନିୟମର ସମ୍ପନ୍ନତା ।** ଯୀଶୁ କେବଳ ପ୍ରକୃତ ଲୋକ ଓ ଈଶ୍ୱରଙ୍କ ଅନ୍ତିମ ଉପସ୍ଥାନ ନୁହଁନ୍ତି, ମାତ୍ର ଈଶ୍ୱରଙ୍କ ରାଜକୀୟ ଶକ୍ତିର ଅନ୍ତିମ ଅଧିକାରୀ ମଧ୍ୟ ଅଟନ୍ତି ।

ଉଦାହରଣସ୍ୱରୂପ, ଜୀବନ-ପ୍ରଦାୟକ ଜଳ ଅନୁମୋଦନ କରିବାର କାର୍ଯ୍ୟ (କିମ୍ବା ଜୀବନ ନିଜେ) ଏକ ସ୍ୱର୍ଗୀୟ କାର୍ଯ୍ୟକଳାପ ଭାବରେ ଚିହ୍ନଟ ହୋଇଥିଲା ଯାହାକି ଜଣେ ସାର୍ବଭୌମ ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା କରାଯାଇଥିଲା ଯାହାଙ୍କର ଜୀବନ ପ୍ରଦାନ କରିବାର ଅଧିକାର ଅଛି (ଯିଶା. ୪୪:୩ ପଦ ଦେଖନ୍ତୁ), ତାଙ୍କର ଯୀଶୁଙ୍କ ଗୁଣାବଳୀ ଅଛି (ଯୋହନ ୪:୧୩-୧୪ ଆହୁରିମଧ୍ୟ ଦେଖନ୍ତୁ ୪:୧୦) । ଉଭୟ ସୃଷ୍ଟି ଓ ପରିତ୍ରାଣର ପୁରାତନ ନିୟମ ବିବରଣୀଗୁଡ଼ିକ ସ୍ପଷ୍ଟରୂପେ ଈଶ୍ୱରଙ୍କୁ ଏକକ, ଜୀବନର ଅଧିକାରଯୁକ୍ତ ଦାତା ଭାବରେ ବର୍ଣ୍ଣନା କରିଥାଏ (ଆଦି. ୧:୧୧-୧୨, ୨୦-୩୧; ୨:୭; ଆୟୁବ ୩୩:୪; ଯିଶା. ୪୨:୫; ଯିହି. ୩୭:୨୬) । ଜୀବନ ଅନୁମୋଦନର ସ୍ୱର୍ଗୀୟ କାର୍ଯ୍ୟକଳାପ ଈଶ୍ୱରଙ୍କ ନିଜର ପରିଚୟରୁ ପ୍ରବାହିତ ହୋଇଥାଏ ଏବଂ ତାହାଙ୍କ ଅନନ୍ୟତାକୁ ପୃଥକୀକୃତ କରିଥାଏ ।

ଏହି ସ୍ୱର୍ଗୀୟ କାର୍ଯ୍ୟକଳାପଗୁଡ଼ିକ ଯୀଶୁଙ୍କ ଦ୍ୱାରା କରାଯାଇଛି । ଅନ୍ୟ ଭାଷାରେ, ଯୀଶୁ ସୃଷ୍ଟିର ଓ ନୂତନ ସୃଷ୍ଟିର ଈଶ୍ୱରଙ୍କ ଅନନ୍ୟ କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତି ।[୨୭] ଯୋହନ ୪ ଅଧ୍ୟାୟରେ ଯୀଶୁ ସେହି ମହିଳାଙ୍କୁ ଉତ୍ତର ଦେଇ କହନ୍ତି, ମୁଁ ଯେଉଁ ଜଳ ଦେବି, ତାହା ଯେ କେହି ପାନ କରିବ, ସେ କେବେହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝରସ୍ୱରପେ ତାହାଠାରେ ଉଚ୍ଛୁଳି ଉଠୁଥିବ (୪:୧୪) । ଯୀଶୁ ଜୀବନ ପ୍ରଦାନ କରନ୍ତି ଈଶ୍ୱରଙ୍କ ସନ୍ତାନ ହେବା ପାଇଁ ସେ ଅଧିକାର ପ୍ରଦାନ କରନ୍ତି (ଦେଖନ୍ତୁ, ଯୋହନ ୧:୧୨ ପଦ ଦେଖନ୍ତୁ, ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ ପୁଣି ୫:୨୧, ଯେଣୁ ପିତା ଯେପ୍ରକାରେ ମୃତମାନଙ୍କୁ ଉତ୍ଥାପନ କରି ସଜୀବ କରନ୍ତି, ସେହି ପ୍ରକାରେ ପୁତ୍ର ମଧ୍ୟ ଯାହା ଯାହାକୁ ଇଚ୍ଛା, ସେମାନଙ୍କୁ ସଜୀବ କରନ୍ତି) ।

## ଖ୍ରୀଷ୍ଟିୟାନର ପରିଚୟ ରାଜ୍ୟ ଦ୍ୱାରା ଆକୃତି ପ୍ରାପ୍ତ ହୋଇଥିଲା

ଆମର ସ୍ୱୀକାରୋକ୍ତି ନଥିଗୁଡ଼ିକ ବ୍ୟକ୍ତ କରେ ଯେ ବିଶ୍ୱାସ ଦ୍ୱାରା ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ପୁନରୁତ୍ପତ୍ତି ମାଧ୍ୟମରେ ଖ୍ରୀଷ୍ଟଙ୍କ ସହିତ ଏକତା ମାଧ୍ୟମରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଯେଉଁମାନେ ଉଦ୍ଧାରପ୍ରାପ୍ତ ହୋଇଛନ୍ତି ସେମାନେ *ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରନ୍ତି ଓ ନୂତନ* ଚୁକ୍ତିର ଆଶୀର୍ବାଦରେ ଆନନ୍ଦ କରନ୍ତି (ଗୁରୁତ୍ୱ ଦିଆଯାଇଥିଲା) । ଈଶ୍ୱରଙ୍କ ରାଜ୍ୟରେ ଖ୍ରୀଷ୍ଟିୟାନର ସ୍ଥାନ ତା'ର ପରିଚୟର ଆକୃତି ପ୍ରସ୍ତୁତ କରିଥାଏ । ଈଶ୍ୱରଙ୍କ ସାର୍ବଭୌମ ଶାସନର ଉଦ୍ଧାରକାରୀ ଯୋଜନା ଜଣେ ଖ୍ରୀଷ୍ଟିୟାନର ଜୀବନରେ ତିନୋଟି ଭିନ୍ନ ଭିନ୍ନ ଉପାୟରେ ପ୍ରଦର୍ଶିତ ହୋଇଛି : ଅନୁଗ୍ରହର କାର୍ଯ୍ୟରେ, ଅନୁଗ୍ରହର ଲାଭଗୁଡ଼ିକରେ, ଓ ଅନୁଗ୍ରହର ଫଳଗୁଡ଼ିକରେ ।

*ଅନୁଗ୍ରହର କାର୍ଯ୍ୟଗୁଡ଼ିକ*

ପ୍ରଥମେ, ମୁକ୍ତିର କାର୍ଯ୍ୟରେ ଈଶ୍ୱରଙ୍କ ରାଜକୀୟ ଶାସନ ଯାହା ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମଧ୍ୟସ୍ଥତା ଓ ସମ୍ପାଦିତ ହୋଇଥିଲା ତାହା ତାହାଙ୍କର ଅନୁଗ୍ରହ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଯେତେବେଳେ ଜଣେ ବିଚ୍ଛିନ୍ନ ହୋଇଥିବା ପାପୀ ଆଧ୍ୟାତ୍ମିକ ଜୀବନଯାପନ କରିଥାଏ, ପୁନର୍ମିଳିତ ହୋଇଥାଏ, ଓ ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରିବା ପାଇଁ ଅନୁମତି ପ୍ରାପ୍ତ ହୋଇଛି । ଯେଉଁ ମନୁଷ୍ୟମାନେ ଏକ ସ୍ଥିର ଆତ୍ମ–ଆଲୋକପାତକୁ ଗ୍ରହଣ କରନ୍ତି ସେମାନେ ଅନୁଗ୍ରହକୁ ପ୍ରତିରୋଧ କରନ୍ତି କାରଣ ସେମାନେ ସେମାନଙ୍କ ନିଜର ଅପେକ୍ଷା ସେମାନଙ୍କ ଜୀବନରେ ଅନ୍ୟ କୌଣସି ଅଧିକାରରେ ସାନ୍ତ୍ୱନାପ୍ରାପ୍ତ ହୋଇ ନାହାନ୍ତି । ଏହା ବିଶାଳ ଅନୁପାତର ଏକ ଶକ୍ତି ସଂଘର୍ଷ ଅଟେ । ବାଇବଲ ମନୁଷ୍ୟର ଦୁର୍ଦ୍ଦଶାକୁ ଚିତ୍ରଣ କରିଥାଏ ଯେ ସେ ପାପର ଶକ୍ତିର ଅଧୀନରେ ଓ ଶରୀରର ଆବେଗରେ ବାସ କରୁଛି (ଏଫି. ୨:୧–୩) । ସେଥିପାଇଁ ଅନୁଗ୍ରହଶୀଳ ଈଶ୍ୱରଙ୍କ ଉଦ୍ଧାରକାରୀ କାର୍ଯ୍ୟ ଦ୍ୱାରା ଆମର ପାପରୁ ମୁକ୍ତିପ୍ରାପ୍ତ ହେବାର ଆବଶ୍ୟକତା ରହିଛି । ବକ୍‌ହାମ୍ ବ୍ୟକ୍ତ କରନ୍ତି :

> ଆମ୍ଭେମାନେ ପାପର ଅପ୍ରତିହତ ଇଚ୍ଛା ବିଷୟରେ ଚିନ୍ତା କରିବା ଉଚିତ୍, ଯାହାର କବ୍‌ଜାରୁ ଆମ୍ଭେମାନେ ନିଜେ ନିଜେ ମୁକ୍ତିପ୍ରାପ୍ତ ହୋଇପାରିବା ନାହିଁ, ଯେପରି ପତିତ ମାନବ ପ୍ରକୃତିରେ କେବଳ ପାପ ପ୍ରତି ଆଭ୍ୟନ୍ତରୀଣ ଇଚ୍ଛା ନୁହେଁ, ମାତ୍ର ବ୍ୟକ୍ତିଗତ ଲୋକମାନଙ୍କର ବାହାରେ ଶକ୍ତିଗୁଡ଼ିକ ମଧ୍ୟ ଅଟେ, ଯେପରି ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷା, ଯାହାକି ମାନବ ପ୍ରକୃତିର ମୂଳ ଅଭିଳାଷଗୁଡ଼ିକ ବିଷୟରେ କହିଥାଏ ଏବଂ ଲୋଭ, କାମୁକତା, ଘୃଣା ଓ ପ୍ରଚୁରତା ପ୍ରତି ମାନବ ପ୍ରକୃତି ମଧ୍ୟରେ ବୁଝିବା ଦ୍ୱାରା ଲୋକମାନଙ୍କୁ ଶୋଷଣ କରିଥାଏ । ଯାହା କବଳରେ ଅନେକ ସମସାମୟିକ ଲୋକମାନେ ଧରା ପଡ଼ିଛନ୍ତି ତାହା ଆମର ସମାଜକୁ ନିୟନ୍ତ୍ରଣ କରୁଥିବା ଶକ୍ତି ଓ ସେମାନଙ୍କ ଆଭ୍ୟନ୍ତରୀଣ ଖରାପ ଦିଗଗୁଡ଼ିକ ମଧ୍ୟରେ ଏକ ବନ୍ଧୁତାକୁ ଧରି ରଖିଥାଏ ।[୨୮]

ପାଉଲ ବ୍ୟକ୍ତ କରନ୍ତି ଯେ ମନୁଷ୍ୟର ଅନ୍ତଃକରଣ ପତିତ ହୋଇଛି, ମାତ୍ର ସେ କହେ ନାହିଁ ଯେ ଆମେ ଆମର ଅନ୍ତଃକରଣକୁ କଠିନ କରିଛୁ ବୋଲି କାରଣ ଆମର ବୋଧଗମ୍ୟତା ଅନ୍ଧକାର ହୋଇଛି, ବରଂ ଆମର ବୋଧଗମ୍ୟତା ଅନ୍ଧକାର ହୋଇଛି କାରଣ ଆମର ଅନ୍ତଃକରଣର କଠିନତା ଓ କଳୁଷତା ହେତୁ ତାହା ହୋଇଛି (ଏଫି. ୪:୧୮) । ପତିତ ମନୁଷ୍ୟକୁ ମୁକ୍ତ କରିବା ପାଇଁ ଈଶ୍ୱର ପୃଥିବୀରେ ଆପଣାର ରାଜକୀୟ ରାଜତ୍ୱକୁ ପ୍ରକାଶିତ କରିଥିଲେ । ପାପ ଆମ ଅନ୍ତରରେ ଯେକୌଣସି କେନ୍ଦ୍ର ବା ଚରମ ମୂଲ୍ୟ ରଖୁଛି ଯାହାକି ଈଶ୍ୱରଙ୍କୁ ପ୍ରଦର୍ଶନ କରିଥାଏ ଯେପରି ମୌଳିକ ଭାବରେ ଆମର ଖୁସି, ଉଲ୍ଲେଖନୀୟତା ଓ ପରିଚୟର ଆବେଗକୁ ଶାସନ କରିବ (ଯାତ୍ରା. ୨୦:୧–୨ ; ରୋମୀ. ୧:୨୫ ପଦ ଦେଖନ୍ତୁ) । ପାପ ହେଉଛି ଆମର ଅଭିଳାଷ ଯେପରି ନିଜକୁ ଈଶ୍ୱରଙ୍କ ବଦଳରେ ସ୍ଥାନ ଦେଇପାରିବା,

ଯେଉଁଠାରେ ଈଶ୍ୱର ଯୀଶୁଙ୍କଠାରେ ନିଜକୁ ପରିପ୍ରକାଶ କରନ୍ତି ଆମ ସ୍ଥାନରେ ଆପଣାକୁ ବଦଳ କରିବା ଦ୍ୱାରା ।[୨୯] ସେ ସମ୍ପୂର୍ଣ୍ଣ ପ୍ରାୟଶ୍ଚିତ୍ତ କରିବା ଦ୍ୱାରା ଓ ଆମର ପାପ ଯେଉଁ ଦଣ୍ଡର ଯୋଗ୍ୟ ଅଟେ ତାହା ଗ୍ରହଣ କରିବା ଦ୍ୱାରା ଓ ନ୍ୟାୟକୁ ସୁରକ୍ଷା ଦେବା ଦ୍ୱାରା ଓ ଆପଣା ଅନୁଗ୍ରହରେ ମୁକ୍ତ ଭାବରେ ଗ୍ରହଣୀୟତାକୁ ସୁରକ୍ଷା ଦେବା ଦ୍ୱାରା ଆମକୁ ମୂଲ୍ୟଦେଇ ମୁକ୍ତ କରିଥିଲେ ।

ପାପର ଆଭ୍ୟନ୍ତର ଅପ୍ରତିହତ ଇଚ୍ଛା ହେତୁ ବାଇବଲ ବାହ୍ୟ ଜୀବନ ଅପେକ୍ଷା ଆଭ୍ୟନ୍ତର ଜୀବନର ମୌଳିକ ଅଗ୍ରାଧିକାରକୁ ଗୁରୁତ୍ୱ ଦେଇଥାଏ । ପ୍ରତିମାପୂଜାର ଚକ୍ର (ଗାଲା. ୪:୮) ବ୍ୟଭିଚାର ଓ ବ୍ୟକ୍ତିଗତ ସ୍ୱାଧୀନତାର ସ୍ତରଗୁଡ଼ିକ ମାଧ୍ୟମରେ ଏହାର ପ୍ରଭାବିତ କାର୍ଯ୍ୟକୁ ପରିବର୍ଦ୍ଧିତ କରିଥାଏ (ଯାକୁବ ୪:୧୩-୧୬) । ବ୍ୟକ୍ତିଗତ କେନ୍ଦ୍ର ଜଣଙ୍କର ବୃତ୍ତି, ସମ୍ପର୍କ, ଅର୍ଥ, ଶିକ୍ଷାଗତ ଲକ୍ଷ୍ୟସାଧନ ବା ଯୌନତା ହେଉ ପଛେ ଯଦି ଜଣେ ବ୍ୟକ୍ତି ଯୀଶୁଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜୀବନଯାପନ କରନ୍ତି, ତେବେ ସେହି କାର୍ଯ୍ୟକାରୀ ଦେବତା ଜଣଙ୍କର ହୃଦୟକୁ କଳୁଷିତ କରିବ, ଚୂର୍ଣ୍ଣ କରିବ ଓ ଉତ୍ପୀଡ଼ନ କରିବ ।

ଯେଉଁମାନେ ଯୀଶୁଙ୍କ ପାଇଁ ଜୀବନଯାପନ କରନ୍ତି ସେମାନେ ଏହି ରାଜାଙ୍କର ପ୍ରେମମୟ ଅନୁମୋଦନ ଗ୍ରହଣ କରିବେ ଓ ମୁକ୍ତ ହେବେ (ଗାଲା. ୫:୧) । ଜଣଙ୍କର ସ୍ୱାର୍ଥପର ଗର୍ବ ପାଇଁ ଜୀବନଯାପନ କରିବା ଦ୍ୱାରା ତାହା ଜଣେ ବ୍ୟକ୍ତିଙ୍କୁ ଅଭିଶାପର ଅଧୀନରେ ବାସ କରିବାର କାରଣ ହେବ, କାରଣ ଲୋକମାନେ ସେମାନଙ୍କ ଆଶା ଅନୁଯାୟୀ କେବେ ବି ବାସ କରିପାରିବେ ନାହିଁ କିମ୍ବା ସେମାନଙ୍କ ଉଚ୍ଚ ମାନ ପର୍ଯ୍ୟନ୍ତ ଯାଇପାରିବେ ନାହିଁ, ଈଶ୍ୱରଙ୍କ ସିଦ୍ଧ ପବିତ୍ର ନିୟମକୁ କେବେ ବି ମନରେ ଆଣିପାରିବେ ନାହିଁ । ମୋର ପରିଚୟ ତାହା ନୁହେଁ ଯେ ମୁଁ କିଏ ଅଟେ, ମାତ୍ର ମୁଁ କାହାର ଅଟେ ତାହା ଅଟେ । ତେଣୁ ଉଭୟ ଧର୍ମପରାୟଣ ଓ ଧର୍ମପରାୟଣ ହୋଇ ନ ଥିବା ଲୋକେ ଈଶ୍ୱରଙ୍କୁ ସେମାନଙ୍କ ଉଦ୍ଧାରକର୍ତ୍ତା ଓ ପ୍ରଭୁ ଭାବରେ ଏଡ଼ାଇ ଦେଉଛନ୍ତି - ମାତ୍ର ଭିନ୍ନ ଭିନ୍ନ ଉପାୟରେ । ଉଭୟେ ସେମାନଙ୍କ ପରିତ୍ରାଣ ଭାବରେ ଈଶ୍ୱରଙ୍କ ବ୍ୟତୀତ କିଛି ବିଷୟ ପ୍ରତି ଦେଖିବା ଦ୍ୱାରା ସେମାନଙ୍କ ଜୀବନରେ ନିୟନ୍ତ୍ରଣ ରକ୍ଷା କରିବାକୁ ଅନ୍ୱେଷଣ କରୁଛନ୍ତି ।[୩୦]

ବାଇବଲ ଆମକୁ ସୁସମାଚାରର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଥାଏ ଯାହାକି ବହୁମୁଖୀ ଅଟେ। କେହି କେହି ଅନନ୍ତ ଜୀବନ ସୁସମାଚାରକୁ ଖାତରେ ପକାଇବାକୁ ଚେଷ୍ଟା କରିଛନ୍ତି ଯାହାକି ଯୋହନଲିଖିତ ସୁସମାଚାରରେ ସଂକ୍ଷିପ୍ତ ସାର ସୁସମାଚାରର (ମାଥିଉ, ମାର୍କ, ଓ ଲୂକ) ରାଜ୍ୟ ସୁସମାଚାର ସହିତ କର୍ତ୍ତୃତ୍ୱ ହୋଇଛି, ମାତ୍ର ପ୍ରତ୍ୟେକ ସୁସମାଚାର ଲେଖକ ଏକ ପ୍ରକାର ପ୍ରକାଶ କରୁଛନ୍ତି ଯାହାକି କେବଳ ତାଙ୍କର ଧର୍ମତାତ୍ତ୍ୱିକ ଆଲୋକପାତ ପାଇଁ କେବଳ ସହାୟକ ନୁହେଁ, ମାତ୍ର ତାଙ୍କର ନିର୍ଦ୍ଦିଷ୍ଟ ଶ୍ରୋତାମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ।

ଅଧିକନ୍ତୁ ଉଭୟ ଯୋହନ ଓ ସଂକ୍ଷିପ୍ତ ସାର ସୁସମାଚାର ଜୀବନ ଓ ଈଶ୍ୱରଙ୍କ ରାଜ୍ୟକୁ ସଂଯୁକ୍ତ କରିପାରିବେ । ଯୋହନଙ୍କ ସୁସମାଚାରରେ ନିକଦୀମଙ୍କ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା ଦ୍ୱାରା ଯୀଶୁ ଈଶ୍ୱରଙ୍କ ରାଜ୍ୟ ସହିତ ପୁନରୁଜ୍ଜୀବନ ଓ ନୂତନ ଜୀବନର ଧାରଣାକୁ

ସଂଯୁକ୍ତ କରନ୍ତି ଯେପରି ଜଣେ ଫାରୁଶୀଙ୍କୁ ଏହି ନୂତନ ଜୀବନ ବିଷୟରେ ସତ୍ୟଗୁଡ଼ିକର ପରିଚୟ ଦେଇପାରିବେ (ଯୋହନ ୩:୩, ୫) ।

ଠିକ୍ ସେହିପରି, ମାର୍କ ଯୀଶୁ କହୁଛନ୍ତି ବୋଲି ଲିପିବଦ୍ଧ କରନ୍ତି, ପୁଣି ତୁମ୍ଭର ହସ୍ତ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟିପକାଅ ଦୁଇ ହସ୍ତ ଘେନି ନରକ, ଅର୍ଥାତ୍ ଅନିର୍ବାଣ ଅଗ୍ନି ମଧ୍ୟକୁ ଯିବା ଅପେକ୍ଷା ବରଂ ପଙ୍ଗୁ ହୋଇ ଜୀବନରେ ପ୍ରବେଶ କରିବା ତୁମ୍ଭ ପକ୍ଷରେ ଭଲ (ମାର୍କ ୯:୪୩) । ଅପରପକ୍ଷରେ ୪୭ ପଦରେ ଯୀଶୁ ଘୋଷଣା କରନ୍ତି, ପୁଣି ତୁମ୍ଭର ଚକ୍ଷୁ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡ଼ିପକାଅ ଦୁଇ ଚକ୍ଷୁ ଘେନି ନରକରେ ନିକ୍ଷିପ୍ତ ହେବା ଅପେକ୍ଷା ବରଂ ଏକ ଚକ୍ଷୁ ଘେନି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ତୁମ୍ଭ ପକ୍ଷରେ ଭଲ । ଏହିପରି ଭାବରେ ମାର୍କ ଈଶ୍ୱରଙ୍କ ରାଜ୍ୟକୁ ଜୀବନ ବୋଲି ଉଲ୍ଲେଖ କରନ୍ତି ।

ଈଶ୍ୱରଙ୍କ ରାଜ୍ୟକୁ ଉଲ୍ଲେଖ କରିବା ପାଇଁ ଯୋହନ ଜୀବନ ଓ ଅନନ୍ତ ଜୀବନକୁ ବ୍ୟବହାର କରନ୍ତି । ଯୋହନଙ୍କ ପାଇଁ ଅନନ୍ତ ଜୀବନ ହେଉଛି ଈଶ୍ୱରଙ୍କ ରାଜ୍ୟ ସହିତ ସମାନ୍ ବାସ୍ତବତା ଅଟେ । ଅନନ୍ତ ଜୀବନ ଅନୁମୋଦନ କରୁଥିବା ଜଣେ ଉଦ୍ଧାରକର୍ତ୍ତାଙ୍କର ଅଧିକାରଯୁକ୍ତ ଶକ୍ତିକୁ କେବଳ ଉଲ୍ଲେଖ କରିବା ପାଇଁ ସେଗୁଡ଼ିକ ବଦଳ ଭାବରେ ବ୍ୟବହୃତ ହୋଇ ନାହିଁ, ମାତ୍ର ଲୋକମାନଙ୍କ ଅନ୍ତରରେ ଶାସନ କରୁଥିବା ଜଣେ ରାଜାଙ୍କର ସାର୍ବଭୌମ ରାଜତ୍ୱ ପ୍ରତି ମଧ୍ୟ ତାହା ବ୍ୟବହୃତ ହୋଇଛି ।

*ଅନୁଗ୍ରହର ଲାଭଗୁଡ଼ିକ*

ଖ୍ରୀଷ୍ଟଙ୍କ ସହିତ ଏକ ହେବାର ଓ ଅନନ୍ତ ଜୀବନ ପାଇବାର ଓ ପାପକ୍ଷମା ଲାଭ କରିବାର ଲାଭଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଈଶ୍ୱରଙ୍କ ରାଜ୍ୟର ଜଣେ ନୂତନ ନାଗରିକ ହେବା (ଏଫି. ୨:୧୯; ଫିଲି. ୩:୨୦) । ପାଉଲଙ୍କର ଏହି ଭାବମୂର୍ତ୍ତି ଖ୍ରୀଷ୍ଟିୟାନ୍‌କୁ ଉଭୟ ବ୍ୟକ୍ତିଗତ ଅନୁଭୂତିରେ ଓ ସର୍ବସାଧାରଣ ପ୍ରତିକ୍ରିୟାରେ ସ୍ପର୍ଶ କରିଥାଏ । ପାଉଲ ଜଣେ ନାଗରିକଙ୍କର ବିଭିନ୍ନ ପ୍ରକାର ଅଧିକାର ଓ କର୍ତ୍ତବ୍ୟଗୁଡ଼ିକ ବର୍ଣ୍ଣନା କରନ୍ତି ଯେ କି ବିଦେଶରେ ଜଣେ ଅଜ୍ଞାତ ଓ ଅଜଣା ବ୍ୟକ୍ତି ଅଟନ୍ତି । ଖ୍ରୀଷ୍ଟିୟାନ୍‌ମାନେ ସେହିପରି ଭାବରେ ଅନ୍ୟମାନଙ୍କ ସହିତ ସମ୍ପର୍କରେ ଆସନ୍ତି ଯାହାକି ସୁସମାଚାରକୁ ଭକ୍ତି କରିଥାଏ, ଅନ୍ୟମାନଙ୍କ ମଙ୍ଗଳ ଅନ୍ୱେଷଣ କରନ୍ତି, ଓ ଖ୍ରୀଷ୍ଟଙ୍କ ପ୍ରତି ଗୌରବ ଆଣନ୍ତି । ସେମାନେ ସମ୍ପୂର୍ଣ୍ଣରୂପେ ଭିନ୍ନ ସମ୍ପ୍ରଦାୟର, ଈଶ୍ୱରଙ୍କ ରାଜ୍ୟର ସଦସ୍ୟ ହୋଇଥିବାରୁ ଓ ଇତିହାସର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସହିତ ଏକ ହୋଇଥିବାରୁ ଏହା କରନ୍ତି ।

ଏପରିକି ଯେତେବେଳେ ଜଣେ ରୋମୀୟ ନାଗରିକ ତାଙ୍କ ଗୃହ ନଗରରୁ ବାହାରକୁ ଯିବେ, ସେତେବେଳେ ଜଣେ ନାଗରିକ ଭାବରେ ତାଙ୍କର ଅଧିକାର ଓ ଦାୟିତ୍ୱଗୁଡ଼ିକ ସେତେବେଳେ ବି ବନ୍ଧନଯୁକ୍ତ ହୋଇ ରହିଥିବ ଯେତେବେଳେ ସେ ହୁଏତ ସେହି ସାମ୍ରାଜ୍ୟ ମଧ୍ୟରେ ଯାତ୍ରା କରିପାରିବେ । ଠିକ୍ ସେହିପରି ଭାବରେ, ରାଜା ଯୀଶୁଙ୍କ ରାଜ୍ୟ ମଧ୍ୟରେ

ଖ୍ରୀଷ୍ଟିୟାନର ଅଧିକାର ଓ ଦାୟିତ୍ୱଗୁଡ଼ିକ ତାହାଙ୍କ ରାଜତ୍ୱର ସର୍ବାଧିକ ଦୂରତାକୁ ପରିବ୍ୟାପ୍ତ ହୋଇଥାଏ । ପୁନର୍ବାର ପାଉଲଙ୍କର ଯେପରି ରୋମୀୟ ଶାସକଙ୍କ ପ୍ରତି ନିବେଦନ କରିବା ପାଇଁ ଅଧିକାର ଥିଲା, ସେହିପରି ଈଶ୍ୱରଙ୍କ ରାଜ୍ୟର ଜଣେ ନାଗରିକ ରାଜା ଯୀଶୁଙ୍କ ଅନ୍ତିମ ଅଧିକାର ପ୍ରତି ନିବେଦନ କରିପାରିବେ ।

ମାତ୍ର ଖ୍ରୀଷ୍ଟିୟାନ ଜାଣିବାକୁ ଉତ୍ସାହିତ ହେବା ଉଚିତ୍ ଯେ ଯୀଶୁ ଜଣେ ଭିନ୍ନ ପ୍ରକାର ଶାସକ ଅଟନ୍ତି ସେ ସର୍ବଦା ଯେକୌଣସି ବିଷୟକୁ ଆଗ୍ରହର ସହିତ ପ୍ରତ୍ୟୁତ୍ତର ଦିଅନ୍ତି କିମ୍ବା ତାହାଙ୍କ ନାଗରିକମାନଙ୍କ ବିଷୟରେ ମନୋଯୋଗ କରନ୍ତି । ସୁସମାଚାର ଖ୍ରୀଷ୍ଟିୟାନମାନଙ୍କୁ ତାହାଙ୍କର ନୈତିକ ସ୍ଥିତି ଓ ସ୍ଥାୟୀ ମାନ୍ୟତା ବିଷୟରେ ନିଶ୍ଚୟତା ଦେଉଥିବାରୁ ସେ ଏହି ସତ୍ୟ ଜାଣିବା ପରେ ଆତ୍ମବିଶ୍ୱାସ ଲାଭ କରିପାରିବେ ଯେ ନାଗରିକତ୍ୱରେ ଡ଼ିଗ୍ରୀର କୌଣସି ସ୍ଥିତି ହିଁ ନାହିଁ ।

ଅନ୍ୟ ଭାଷାରେ, ଆପଣ ଜଣେ ନାଗରିକ ହୋଇଥା'ନ୍ତୁ କିମ୍ବା ନ ହୋଇଥା'ନ୍ତୁ ଆପଣ ଜଣେ ସନ୍ତାନ ହୋଇଥା'ନ୍ତୁ ବା ନ ହୋଇଥା'ନ୍ତୁ । ଏହି ସତ୍ୟ ଯେକୌଣସି ଭ୍ରାନ୍ତ ଧାରଣାକୁ ଓ ଜଣେ ନାଗରିକ ଭାବରେ ଜଣଙ୍କର ସ୍ଥିତିକୁ ସ୍ଥିର କରିବା ପାଇଁ କାର୍ଯ୍ୟକଳାପର ଅସୁରକ୍ଷାକୁ ପ୍ରତ୍ୟାଖ୍ୟାନ କରିବ । ଅନ୍ୟ ଭାଷାରେ, ଜଣେ ଅଳ୍ପ ଆଜ୍ଞାବହ ହେଲେ ଦ୍ୱିତୀୟ-ଶ୍ରେଣୀ ନାଗରିକ ହୋଇପାରିବେ ନାହିଁ ଓ ଅଧିକ ଆଜ୍ଞାବହ ହେଲେ ପ୍ରଥମ-ଶ୍ରେଣୀ ନାଗରିକ ହୋଇପାରିବେ ନାହିଁ ।

ପୁଣି ଜଣେ ବ୍ୟକ୍ତିଙ୍କୁ ଏକ ଦେଶର ଜଣେ ନାଗରିକ ହେବାର ମୌଳିକ ନିୟମଗୁଡ଼ିକ କ'ଣ ଅଟେ ? ଏହା ତାଙ୍କର ଜାତି, ଉପଜାତି, ଭାଷା, ଶୈଳୀ ବା ସାଂସ୍କୃତିକ ବା ସାମାଜିକ ଅର୍ଥନୈତିକ ପୃଷ୍ଠଭୂମି ନୁହେଁ । ଏହା ହୁଏତ ବ୍ୟକ୍ତିବିଶେଷ ନାଗରିକ ଭାବରେ ଦେଶ ମଧ୍ୟରେ ପୂର୍ଣ୍ଣ ନାଗରିକ ଅଧିକାର ପ୍ରାପ୍ତ ହୋଇଛନ୍ତି । କେହି ଜଣେ ଖ୍ରୀଷ୍ଟିୟାନ ହେବାର ମାନଦଣ୍ଡ କ'ଣ ଅଟେ ? ଏହା ହିଁ ସେହି ଘଟଣା ଅଟେ ଯାହାକି ସେ ନାଗରିକତ୍ୱ ଗ୍ରହଣ କରିଛନ୍ତି ସାମାଜିକ, ସାଂସ୍କୃତିକ, ଜାତିଗତ ବା ନୈତିକ ଅବସ୍ଥିତି ହେତୁ ନୁହେଁ, ମାତ୍ର ରାଜାଙ୍କର ଅନୁଗ୍ରହ ହେତୁ ହୋଇଛି । ଥରେ ଯେ ଜଣେ ବିଦେଶୀ (ଏଫି. ୨:୧୯) ଥିଲେ, ସେ ବର୍ତ୍ତମାନ ଏକ ନୂତନ ସମ୍ପ୍ରଦାୟରେ ପୂର୍ଣ୍ଣ ଅଧିକାର ଓ ସୁବିଧାସୁଯୋଗ ସହିତ ଜଣେ ନାଗରିକ ଅଟନ୍ତି ।

*ଅନୁଗ୍ରହର ଫଳାଫଳ*

ଏହିସବୁ ଅଧିକାର ଓ ସୁବିଧା ସମେତ ଜଣେ ନାଗରିକର ଏକ ଦାୟିତ୍ୱ ଅଛି ଯେପରି ସେ ଏହି ରାଜ୍ୟର ରାଜାଙ୍କର ଉତ୍ତମ ଭାବରେ ପ୍ରତିନିଧିତ୍ୱ କରିବେ । ଯେପରି ସାଧୁମାନଙ୍କ ସହିତ ସହନାଗରିକତ୍ୱ (ଅତି ସମ୍ପୂର୍ଣ୍ଣ ନାଗରିକତା ପ୍ରାପ୍ତ) (ଏଫି. ୨:୧୯) ହୋଇ ଈଶ୍ୱରଙ୍କ ଲୋକମାନେ ସମ୍ପୂର୍ଣ୍ଣରୂପେ ପୃଥକ୍, ସଂସ୍କୃତିବିରୋଧୀ, ଜଗତର ବହୁ ଅଂଶରୁ ଆନୀତ ବା ଆହ୍ୱାନପ୍ରାପ୍ତ ସମ୍ପ୍ରଦାୟର ଅଟନ୍ତି । ସେମାନେ ଏକ ସାଧାରଣ ଆତ୍ମିକ ଭାଷାର ଅଂଶୀ

ହୋଇଥା'ନ୍ତି ଓ ଏକ ଆନୁଗତ୍ୟ ଅଟନ୍ତି ଯାହାକି ଅନ୍ୟ ସମସ୍ତ ଅନୁରକ୍ତକୁ ଅତିକ୍ରମ କରିଥାଏ । ସେମାନେ ଏକ ସାଧାରଣ କର୍ତ୍ତବ୍ୟ ଓ ଦାୟିତ୍ୱର କେବଳ ଅଂଶୀ ହୋଇ ନ ଥା'ନ୍ତି, ମାତ୍ର ଜଣେ ପ୍ରକୃତ ରାଜାଙ୍କୁ ଗୌରବ ଦେବାରେ, ସମ୍ମାନ ଦେବାରେ ଓ ଆଜ୍ଞାବହ ହେବାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ଏକ ସାଧାରଣ ଲକ୍ଷ୍ୟ ରଖିଥା'ନ୍ତି ଓ ଆନନ୍ଦିତ ହୋଇଥା'ନ୍ତି ।

ମାତ୍ର ଆମର ଈଶ୍ୱରଙ୍କୁ ଆଦର କରିବା ପରିବର୍ତ୍ତେ ଆମେ ଅନେକ ସମୟରେ ଆତ୍ମ-ଅଭିନନ୍ଦନ ପ୍ରଶଂସାରେ ଲାଗି ରହିଥାଉ । ମାତ୍ର ଉଦ୍ଧାରକାରୀ ଅନୁଗ୍ରହର ଫଳାଫଳ ଆମକୁ ସଚେତନ କରିଛି ଯେପରି ଯୀଶୁଙ୍କୁ ବହୁଳ ଭାବରେ ଗରିମାସମ୍ପନ୍ନ ବୋଲି ଦେଖିବା ପାଇଁ । ତାହାଙ୍କର ବିଜୟୀ ପ୍ରବେଶରେ ତାହାଙ୍କର ରାଜତ୍ୱର ଚିତ୍ର (ଯୋହନ ୧୨:୧୨-୧୯) ଗୌରବ ଓ ନମ୍ରତା, ପବିତ୍ରତା ଓ ମାନବିକତାର ଏକ ବ୍ୟଙ୍ଗସୂଚକ ସମିଶ୍ରଣ ଅଟେ । ଏହା ହିଁ ଯୀଶୁଙ୍କ ରାଜତ୍ୱର ବିରୋଧାଭାବ ଅଟେ । ଏହା ଏକ ଓଲଟପାଲଟ ବିଷୟ ଅଟେ, ଦାସ-ରାଜା କିପରି ଭାବରେ ନମ୍ର ହୋଇଥିଲେ ତା'ର ଅନ୍ତର୍ଘାତୀ ଚିତ୍ର ଅଟେ । ଆମେ ସମସ୍ତେ ବାସ୍ତବରେ ଯେଉଁ ବିଷୟକୁ ଆଶା କରିଥାଉ ତାହା ହେଉଛି ଜଣେ ସିଦ୍ଧ ରାଜା ଯେ କି ଆମକୁ ଏକ ରାଜକତ୍ୱ ଦାନ କରିବା ପାଇଁ ଆସିବେ ଯାହାକି ବହୁଳ ଭାବରେ ଆମେ ଲୋଡ଼ିଥାଉ । ଆମେ ଜଣେ ଆଦର୍ଶ ରାଜାଙ୍କୁ ଲୋଡ଼ିଥାଉ ଯେ କି ସାହସୀ ଓ ମଧୁର, କଠିନ ଓ ନମ୍ର, ସବୁବେଳେ ସମାନ୍ ଅଟନ୍ତି ।

ଯୋହନଲିଖିତ ସୁସମାଚାରରେ ଯେତେବେଳେ ଯୋହନ ଗୌରବାନ୍ୱିତ ହେବା ବା ଉଚ୍ଚୀକୃତ ହେବା କ୍ରିୟା ବ୍ୟବହାର କରନ୍ତି, ସେତେବେଳେ ସେ ବାରମ୍ବାର କ୍ରୁଶକୁ ଉଲ୍ଲେଖ କରୁଛନ୍ତି । ତେଣୁ ଯୋହନ କ'ଣ କହିବାକୁ ଚେଷ୍ଟା କରୁଛନ୍ତି ତାହା ହେଉଛି ଯେ ଆପଣ ଯଦି ଈଶ୍ୱରଙ୍କ ଗୌରବର ପୂର୍ଣ୍ଣତାକୁ ଜାଣିବାକୁ ଇଚ୍ଛା କରନ୍ତି, ତେବେ ଏହା ଆଶ୍ଚର୍ଯ୍ୟକର୍ମର ବିଜୟରେ ଦେଖିବାକୁ ମିଳିବ ନାହିଁ, ମାତ୍ର କ୍ରୁଶରେ ଦେଖିବାକୁ ମିଳିବ । ଯୀଶୁ ଖ୍ରୀଷ୍ଟ ଜଗତ ମଧ୍ୟକୁ ଏକ ବିରୋଧ ଭାବରେ ଆସିଥିଲେ ଓ ଗୌରବାନ୍ୱିତ ହୋଇଥିଲେ । ଫଳପ୍ରଦ ଭାବରେ ସେ କହିଲେ, ମୁଁ କେତେ ମହାନ୍ ରାଜା ତାହା ତୁମକୁ ଦେଖାଇବା ପାଇଁ ମୁଁ ଯେଉଁ ଉପାୟ ଅବଲମ୍ବନ କରୁଛି ତାହା ହେଉଛି ମୁଁ ମୋର ଉଚ୍ଚ ସ୍ୱର୍ଗୀୟ ସ୍ଥାନକୁ ପରିତ୍ୟାଗ କରିଥିଲି, ଏହି ଜଗତକୁ ଆସିଥିଲି, ନିଃସ୍ୱ ହୋଇଥିଲି, ଓ ତୁମକୁ ତିଆରି କରିଥିଲି, ଯେ କି ଶକ୍ତିହୀନ, ଧନୀ ଅଟେ ।

ଲୋକମାନଙ୍କର ସେମାନଙ୍କ ମସୀହ ରାଜାଙ୍କ ବିଷୟରେ ଭ୍ରାନ୍ତ ଆଶା ଅଛି, ପୁଣି ଏକ କ୍ରୁଶ ମାଧ୍ୟମରେ ଆସୁଥିବା ସେମାନଙ୍କ ରାଜାଙ୍କ ଅଭିଷେକକୁ ସେମାନେ ବ୍ୟଗ୍ର ଭାବରେ ଅପେକ୍ଷା କରି ନ ଥିଲେ । ଆମେ ଯେତେବେଳେ ଏହି ଓଲଟପାଲଟ ବିଷୟରେ, ଯୀଶୁଙ୍କର ରାଜତ୍ୱର ବିରୋଧ ବିଷୟରେ ଚିନ୍ତା କରିଥାଉ, ଯେ କି ଗୌରବମୟ ଓ ନମ୍ର ଅଟନ୍ତି, ପବିତ୍ର ଓ ନମ୍ର ଅଟନ୍ତି, ସେତେବେଳେ ଆମେ ସେହି ସମାନ୍ ରାଜକତ୍ୱର ଅଭିଳାଷ କରିଥାଉ ଯାହାକି ଆମର ଅନ୍ତକରଣକୁ ଉଭୟ ମେଷଶାବକ ସଦୃଶ ଓ ସିଂହ ଅନ୍ତଃକରଣ ବିଶିଷ୍ଟ ହେବା ପାଇଁ ସୃଷ୍ଟି କରିଥାଏ ଓ ତତ୍‌ସଙ୍ଗେ ସଙ୍ଗେ ସାହସୀ ଓ ସମ୍ବେଦନଶୀଳ କରିଥାଏ । କେଲେର୍ ଏହି ସ୍ୱର୍ଗୀୟ ଚମତ୍କାରିତାକୁ ଉତ୍ତମ ଭାବରେ ଅର୍ଥ କରିଥା'ନ୍ତି :

ଏହା ଜଗତ ପ୍ରତି କେବଳ ଦ୍ୱନ୍ଦାତ୍ମକ ବିଷୟ ଅଟେ । ମାତ୍ର ଏହା ଆମ ପ୍ରତି ବାସ୍ତବରେ ରାଜକୀୟ ଅଟେ । ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମେ ଦେଖୁ ଅସୀମ ଶକ୍ତି ଓ ସମ୍ପୂର୍ଣ୍ଣ ଅସୁରକ୍ଷିତ ବିଷୟର ସଂଯୋଗକୁ, ବନ୍ଧନଗ୍ରସ୍ତ ହୋଇ ନ ଥିବା ନ୍ୟାୟ ତଥାପି ଅଶେଷ ଅନୁଗ୍ରହକୁ, ଉତ୍କୃଷ୍ଟ ଉଚ୍ଚତା ଓ ଅତି ସୁନ୍ଦର ଗମନାଗମନ ଓ ନିକଟତ୍ୱ । ସମ୍ପ୍ରତି ଆମେ କିଛି ବିଷୟ ସମ୍ପୂର୍ଣ୍ଣରୂପେ ବିଶୃଙ୍ଖଳିତ ଓ ପୂର୍ବାନୁମାନ ହୋଇପାରୁ ନ ଥିବା ପରି ଦେଖିଥାଉ । ଏହା ଶକ୍ତିଶାଳୀ ଅଟେ, ଏହା ବଳଶାଳୀ ଅଟେ, ଓ ତଥାପିମଧ୍ୟ ସିଦ୍ଧ ଭାବରେ ନିୟନ୍ତ୍ରଣାଧୀନ ଅଛି । ଆକର୍ଷଣ ଗଭୀର ଅଟେ । ଏହା ବାସ୍ତବରେ, ବାସ୍ତବରେ ଗଭୀର ଅଟେ । ଏହା ଏକ ପ୍ରଭୁତ୍ୱ ଅଟେ, ଏହା ଏକ ରାଜକୀୟ ଅଟେ, ଏହା ଏକ ରାଜତ୍ୱ ଅଟେ, ଯାହାକି ଆମେ ସମସ୍ତେ ପାଇବାକୁ ଇଚ୍ଛା କରିଥାଉ । କୋମଳତା ପାଇଁ ସମ୍ଭ୍ରାନ୍ତ ଅଧିକ ଗୌରବମୟ ଅଟେ, ସମ୍ଭ୍ରାନ୍ତ ପାଇଁ କୋମଳତା ଅଧିକ କୋମଳ ଅଟେ । ଆପଣ ଯଦି ଏହି ଭଦ୍ର ରାଜାଙ୍କ ସହିତ ସମ୍ମୁଖାସମ୍ମୁଖୀ ହୁଅନ୍ତି ଯେ କି ଏକ ଘୋଡ଼ା ଛୁଆ ଚଢ଼ି ଆସନ୍ତି, ତେବେ ଆପଣ ଜଣେ ଭଦ୍ର ରାଜା ହୋଇଯିବେ । ଆପଣ ଏକସଙ୍ଗେ ଅଧିକ ସାହସୀ ଓ ତଥାପିମଧ୍ୟ ଅଧିକ ନମ୍ର ହୋଇଯିବେ । ମାତ୍ର ଏହା କିପରି ଉଦ୍ଧାରପ୍ରାପ୍ତ ହେବ ବୋଲି ଆପଣ ଯଦି ବୁଝିବେ, ଯେ ଏହା ଶକ୍ତିରେ ନୁହେଁ, ମାତ୍ର ଦୁର୍ବଳତାରେ ଘଟିବ, ତେବେ ଯାଇ ଏହା ହେବ । ଯେ ଏହା ଆପଣଙ୍କ ନୈତିକ ପ୍ରଯତ୍ନ ମାଧ୍ୟମରେ ନୁହେଁ, ମାତ୍ର ଈଶ୍ୱରଙ୍କ ଅନୁଗ୍ରହ ପ୍ରତି ସମର୍ପିତ ହେବା ଦ୍ୱାରା ହେବାକୁ ଯାଉଛି ।[୩୯]

## ରାଜ୍ୟ ଦ୍ୱାରା ସମ୍ପ୍ରଦାୟ ଆକାରପ୍ରାପ୍ତ ହୋଇଥିଲା

ସମସ୍ତ ଲୋକ, ଅନୁଷ୍ଠାନ ଓ ଲୋକଦଳ ସଂସ୍କୃତିରେ ସେମାନଙ୍କ କେନ୍ଦ୍ରୀୟ ମୂଲ୍ୟକୁ ପ୍ରଭାବିତ କରିବା ଦ୍ୱାରା ପରିବର୍ତ୍ତନ, ନୂତନୀକରଣ ବା ସମାଜ ପରିବର୍ତ୍ତନରେ ଆଗ୍ରହୀ ଅଟନ୍ତି । ସେହି ବିଷୟ ପାଇଁ ଆମେ ସାହାଯ୍ୟ କରିପାରିବା ନାହିଁ ମାତ୍ର ଆମର ସଂସ୍କୃତି ଉପରେ ଏକ ପ୍ରଭାବ ପକାଇ ପାରିବା । ଯେଉଁ ମିନିଟ୍‌ରେ କେହି ତାଙ୍କର ମୁଖ ଖୋଲନ୍ତି, ସେତେବେଳେ ସେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତି ପୃଷ୍ଠଭୂମିରୁ ଏକ ନିର୍ଦ୍ଦିଷ୍ଟ ଭାଷା କହୁଛନ୍ତି, ସେଥିରେ ନୈତିକତାର ଏକ ନିର୍ଦ୍ଦିଷ୍ଟ ବିଶ୍ୱଦର୍ଶନ ଓ ବିଭିନ୍ନ ପ୍ରକାର ସଂଜ୍ଞା ଅଛି ଯେ ସତ୍ୟ, ଉତ୍ତମ, ଓ ସୁନ୍ଦର ହେବା ପାଇଁ ସେ କ'ଣ ବିଶ୍ୱାସ କରନ୍ତି । କାହାକୁ ବି ଚିନ୍ତା କରିବାକୁ ପରିଚାଳନା ଦେବା ଉଚିତ୍ ନୁହେଁ ଯେ ସେ ସର୍ବସାଧାରଣଙ୍କ ସ୍ଥାନକୁ ଯାଉ ନାହାନ୍ତି ବୋଲି ।

ରାଜ୍ୟର ନାଗରିକ ଦାୟିତ୍ୱକୁ ଆପଣେଇବା କ'ଣ ମଣ୍ଡଳୀର ଦାୟିତ୍ୱ ଅଟେ (ଉଦାହରଣସ୍ୱରୂପ, ଶିକ୍ଷା, ଦରିଦ୍ର, ସାମାଜିକ ଅନ୍ୟାୟ, କଳା ଇତ୍ୟାଦି) ? ଏହି ପ୍ରଶ୍ନ ପଚାରି ଆମେ ନିମ୍ନଲିଖିତ ବିଷୟ ବିବେଚନା କରିବା ଆବଶ୍ୟକ।  ନଗରରେ/ରାଜ୍ୟରେ ସର୍ବସାଧାରଣ ସ୍ଥାନରେ ମଣ୍ଡଳୀର କୌଣସି ଆଇନ୍‌ଗତ କ୍ଷମତା ନାହିଁ, ମାତ୍ର ତା'ର ଅର୍ଥ ନୁହେଁ ଯେ ମଣ୍ଡଳୀ ସୀମାରେଖାରେ ରହିବା ଉଚିତ୍ । ଅନୁଗ୍ରହରେ କାର୍ଯ୍ୟ କରିବା ପାଇଁ ଓ

ଆମର ସମ୍ପ୍ରଦାୟକୁ ସାମାଜିକ ନ୍ୟାୟର କାର୍ଯ୍ୟରେ ଲଗାଇ ରଖିବା ପାଇଁ ମଣ୍ଡଳୀର ଦାୟିତ୍ୱ ଅଛି (ଯାକୁବ ୧:୨୭) ।[୩୨]

ଗାଲାତୀୟ ୬:୧୦ ପଦରେ ପାଉଲ ବ୍ୟକ୍ତ କରନ୍ତି, ଅତଏବ ସୁଯୋଗ ଅନୁସାରେ ସମସ୍ତଙ୍କର ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀସମସ୍ତଙ୍କର ମଙ୍ଗଳ କରୁ ।[୩୩] ଯାକୁବ କହନ୍ତି ଯେ ପ୍ରକୃତ ଧର୍ମ ହେଉଛି ଏହା : ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖାବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କରୂପେ ରକ୍ଷା କରିବା (୧:୨୭) । ଅନ୍ୟ ଭାଷାରେ, ଏହା ମଣ୍ଡଳୀର ଦାୟିତ୍ୱ ଅଟେ ଯେ ତାହା ଉଭୟ ସର୍ବସାଧାରଣ ସମ୍ବେଦନଶୀଳତାକୁ ଓ ବ୍ୟକ୍ତିଗତ ଧର୍ମପରାୟଣତାକୁ ଅନୁଧାବନ କରିବ । ଉଦାହରଣସ୍ୱରୂପ, ଯଦିଚ ଏକ ବିଫଳ ବିଦ୍ୟାଳୟ ପଦ୍ଧତି ମଣ୍ଡଳୀର ନାଗରିକ ଦାୟିତ୍ୱ ନୁହେଁ, ତଥାପି ମଣ୍ଡଳୀ ସ୍ଥାନୀୟ ବିଦ୍ୟାଳୟରେ ବିଦ୍ୟାଳୟ ପରବର୍ତ୍ତୀ ଟିଉସନ୍ ଯୋଗାଇ ଦେଇ ବିଦ୍ୟାଳୟର ନିକଟବର୍ତ୍ତୀ ହେବା ଦ୍ୱାରା ଉତ୍ତମ କାର୍ଯ୍ୟ କରିବାରେ ସମ୍ପୃକ୍ତ ହୋଇପାରିବ ।

ଖ୍ରୀଷ୍ଟିୟାନମାନେ ସେମାନଙ୍କ ପଡ଼ୋଶୀ କ୍ଷେତ୍ରରେ ଲୋକମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ଉଚିତ୍ । ଏହାର ମଧ୍ୟ ଅର୍ଥ ହୋଇପାରେ କ୍ଲବ୍ ଓ ସଙ୍ଗଠନଗୁଡ଼ିକ ସହିତ ଯୋଗ ଦେବା ଓ ସଙ୍ଗଠନଗୁଡ଼ିକ ସହିତ ସହଯୋଗ କରିବା, ଯେଉଁଗୁଡ଼ିକ ଅନୁଗ୍ରହର କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି ଓ ଜନହିତୈଷୀ ସମ୍ପୃକ୍ତିକରଣରେ ଅଛନ୍ତି । ଏହି କୌଣସି ଗୋଟିଏ ବିଷୟର ଅର୍ଥ ନୁହେଁ ଯେ ସୁସମାଚାରର ଅଗ୍ରଗାମୀ ଦୂତ ହେବାର ପ୍ରାଧାନ୍ୟତା ଦୁର୍ବଳ ହୋଇଛି । ବରଂ ସୁସମାଚାରର ଫଳ, ସୁସମାଚାରର ହସ୍ତାନ୍ତରୀକରଣ ପୁରୁଷ ଓ ମହିଳାଙ୍କର ଅପରିହାର୍ଯ୍ୟ ପରିବର୍ତ୍ତନ ଅଟେ, ଯେପରି ଆମ ଆମର ପ୍ରତିବାସୀଙ୍କୁ ପ୍ରେମ କରିବାକୁ ଆରମ୍ଭ କରିପାରିବା ଯେଉଁଠାରେ ଥରେ ଆମେ ଆମ ନିଜକୁ ପ୍ରେମ କରିଥିଲୁ ।

> ଏହା ଜଗତର ଚିନ୍ତାଧାରା ଓ ଅଭ୍ୟାସକୁ ଏତେ ବିରୋଧ କରିଥାଏ, ଯେ ଏହା ଏକ ବଦଳ ରାଜ୍ୟ, ଏକ ବଦଳ ନଗର ସୃଷ୍ଟି କରିଥାଏ (ମାଥି. ୫:୧୪-୧୬), ଯେଉଁଥିରେ ଶକ୍ତି, ସ୍ୱୀକାରୋକ୍ତି, ସ୍ଥିତି, ସମ୍ପତ୍ତି ବିଷୟରେ ଜଗତର ମୂଲ୍ୟଗୁଡ଼ିକର ସମ୍ପୂର୍ଣ୍ଣ ବିପରୀତ ବିଷୟ ଅଛି । ସୁସମାଚାର ଦୁର୍ବଳ ଓ ବଳିଷ୍ଠର, ବାହାର ବ୍ୟକ୍ତିର ଓ ଭିତର ବ୍ୟକ୍ତିର ସ୍ଥାନକୁ ଓଲଟାଇ ଦେଇଥାଏ । ଏହା ଏକ ସୁଯୋଗ ଅଟେ, ଆତ୍ମିକରୂପେ କହିଲେ, ଜଣଙ୍କର ଦୁର୍ବଳତା ଦେଖିବାକୁ ଆତ୍ମିକରୂପେ କହିଲେ, ସଫଳତା ପାଇଁ ଓ ସମ୍ପନ୍ନ କରିବା ପାଇଁ ଏହା ଏକ ଭୟଙ୍କର ବିପଦ ଅଟେ । ପୁଣି ଯେତେବେଳେ ଆମେ ଶେଷରେ ବୁଝିପାରୁ ଯେ ଆମ୍ଭେମାନେ ଖୀଷ୍ଟଙ୍କ ମାଧ୍ୟମରେ ବିଶୁଦ୍ଧ ଅନୁଗ୍ରହ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇପାରିବା, ସେତେବେଳେ ଆମେ ଶକ୍ତିରେ, ସ୍ଥିତିରେ ଓ ସମ୍ପନ୍ନତାରେ ପରିତ୍ରାଣ ଅନ୍ୱେଷଣ କରିବାରୁ ନିବୃତ୍ତ ହୋଇଥାଉ (ତାହା ମନସ୍ତାତ୍ତ୍ୱିକ ସମ୍ପନ୍ନତା ହେଉ, କିମ୍ବା ସାମାଜିକ ପରିବର୍ତ୍ତନ, କିମ୍ବା ସାମାଜିକ ଆଶୀର୍ବାଦ ହେଉ, କିମ୍ବା ଏହି ତିନୋଟି ଯାକ ବିଷୟ ହେଉ) । ଆମ ଜୀବନରେ ତାହା ସେମାନଙ୍କ ଶକ୍ତିକୁ ଧ୍ୱଂସ କରିଥାଏ । କ୍ରୁଶର ବିପରୀତ ବିଷୟ, ଈଶ୍ୱରଙ୍କ ଅନୁଗ୍ରହ, ତେଣୁ ଆମକୁ ମୁକ୍ତ

କରିଥାଏ ବନ୍ଧନରୁ ଜାଗତିକ ଅନ୍ୟ ବିଷୟଗୁଡ଼ିକରୁ ଓ ଆମ ଜୀବନରେ ଜାଗତିକ ସ୍ଥିତିରୁ । ନୂତନ ଜୀବନକୁ ଅଧିକ ମାନ୍ୟତା ନ ଦେଇ ଆମେ ଏକ ନୂତନ ଜୀବନରେ ଜୀବନଯାପନ କରିବାକୁ ଆରମ୍ଭ କରିଥାଉ ।[୩୪]

କେତେକ ଲୋକ ନଗରରେ ବାସ କରନ୍ତି ଓ ସେମାନଙ୍କ ଆବଶ୍ୟକତା ସେହିଠାରେ ପୂରଣ ହେବାର ଦେଖିବାକୁ ପାଆନ୍ତି : ସେମାନେ ପରିଚୟ, ସ୍ଥିତି, ଶିକ୍ଷା, ତାଲିମ୍, ଓ ପ୍ରଭାବ ଲାଭ କରିଥା'ନ୍ତି । ଅନ୍ୟମାନେ ପ୍ରାୟ ନଗର ଦ୍ୱାରା କବଳିତ ହୋଇଯାଇଥାନ୍ତି । ମାତ୍ର ଈଶ୍ୱରଙ୍କ ରାଜ୍ୟର ନୂତନ ବଦଳ ସମ୍ପ୍ରଦାୟ ସୃଷ୍ଟି କରିବା ପାଇଁ ଖ୍ରୀଷ୍ଟିୟାନମାନେ ବିରୋଧ ସଂସ୍କୃତିରେ ବାସ କରିବାକୁ ଅଭିଳାଷ କରନ୍ତି । ସେମାନେ ସେହି ଲୋକମାନଙ୍କ ଗହଣରେ ଈଶ୍ୱରଙ୍କ ଉପସ୍ଥିତି ଓ ନିୟମ ଭଙ୍ଗ କରିବ । ବିଷୟରେ ଅଂଶଗ୍ରହଣ କରନ୍ତି ଯେଉଁମାନଙ୍କୁ ସେ ନିଜର ଅଟନ୍ତି ବୋଲି ଦାବି କରନ୍ତି, ସେ ଯେପରି ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ପୃଥକ୍ କରି ଗଠନ କରନ୍ତି, ପୃଥକୀକୃତ ସମ୍ପ୍ରଦାୟ କରନ୍ତି ଯାହାକି ସାରା ଜଗତରେ ପ୍ରକାଶିତ ତାହାଙ୍କ କ୍ଷମତାକୁ ସମ୍ପୂର୍ଣ୍ଣ ଭଙ୍ଗ କରିବାକୁ ଲକ୍ଷ୍ୟ କରନ୍ତି ।[୩୫]

ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ଯେ ଆମର ସଂସ୍କୃତିରେ ଲାଗି ରହିବା ପାଇଁ କେବଳ ଦୁଇଟି ଇଚ୍ଛାଧୀନ ବିଷୟ ଅଛି : ଏକୀଭୂତ କରିବା କିମ୍ବା ପୃଥକ୍ ହେବା, ଆତ୍ମସମର୍ପଣ କରିବା କିମ୍ବା ଖସି ପଳାଇବା, ଅଧିକ ପୂର୍ବାପର ପ୍ରସଙ୍ଗରେ ରହିବା କିମ୍ବା ପରିବର୍ତ୍ତିତ ହେବା । ଯିରିମିୟ ୨୯ ଅଧ୍ୟାୟ ଈଶ୍ୱରଙ୍କ ଲୋକମାନଙ୍କୁ ଉତ୍ସାହିତ କରିଥାଏ ବିଦେଶୀ ସଂସ୍କୃତିକୁ ଆହରଣ ନ କରିବାକୁ, ମାତ୍ର ନଗର ମଧ୍ୟକୁ ଯାଇ ଅର୍ଥନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ପୃକ୍ତ ହେବାକୁ କହିଥାଏ । ଭାବବାଦୀ ଲୋକମାନଙ୍କୁ ଆତ୍ମିକରୂପେ ଦୁଇଟି ସଂସ୍କୃତିସମ୍ପନ୍ନ ହେବା ପାଇଁ ଅନୁରୋଧ କରୁଛନ୍ତି । ସେମାନଙ୍କୁ ନଗରକୁ ଉପାସନା ନ କରିବାକୁ କିମ୍ବା ସଂସ୍କୃତିକୁ ଘୃଣା ନ କରିବାକୁ, ମାତ୍ର ନଗରକୁ ପ୍ରେମ କରିବାକୁ ଆହ୍ୱାନ ଦିଆଯାଇଛି ।

ବାରି ସ୍ୱାଜ୍ କହନ୍ତି ଯେ ଲୋକମାନେ ବ୍ୟକ୍ତିଗତ ସ୍ୱାଧୀନତାର ମାନସିକତାରେ ଅଛନ୍ତି ।[୩୬] ଉଚ୍ଚରେ ପହଞ୍ଚିବା ପାଇଁ  ଆମର ସମସ୍ତ ପ୍ରକାର ଲକ୍ଷ୍ୟ, ଆଶା ଓ ଅଭିଳାଷ ଅଛି, କାରଣ ଆମ୍ଭେମାନେ ଅଧିକାଂଶ ବ୍ୟକ୍ତି ସାମାଜିକ ତୁଳନା କରିଥାଉ, ମିଶ୍ର ସୁଯୋଗ ଲୋଡ଼ିଥାଉ, ଦୁଃଖ କରିଥାଉ, ଉପଯୋଗୀକରଣ କରିଥାଉ, ଓ ଉଚ୍ଚାକାଂକ୍ଷା ପୂରଣ କରିବାକୁ ଚେଷ୍ଟା କରିଥାଉ । ସେ କହନ୍ତି ଯେ ବ୍ୟକ୍ତିଗତ ସ୍ୱାଧୀନତାର ଏକ ମାନସିକତା ଅଛି, ମାତ୍ର ଆହୁରିମଧ୍ୟ ଆଉ ଗୋଟିଏ ଦୃଷ୍ଟିକୋଣ ଅଛି, ଯାହାକୁ ସେ ବ୍ୟକ୍ତିଗତ ସ୍ୱାଧୀନତାର ପରିବେଶ ବୋଲି କହନ୍ତି । ଅର୍ଥାତ୍ ଆମେ ଯଦି ଆମର ନିଜର ଫଳ ପାଇବା ପାଇଁ ଆମ ନିଜର ମାନସିକତାକୁ ଅନୁଧାବନ କରିବା, ତେବେ ଏହା ଯେକୌଣସି ସମୟରେ ବ୍ୟକ୍ତିଗତ ସ୍ୱାଧୀନତାର ପରିବେଶ ସହିତ ସଂଘର୍ଷରେ ରହିବ (ଅର୍ଥାତ୍, ପରିବେଶଗତ ଗଠନ, ଯେଉଁଥିରେ ପ୍ରତ୍ୟେକେ ସେମାନଙ୍କ ନିଜର ଲକ୍ଷ୍ୟ ପାଇବାକୁ ଅନୁଧାବନ କରୁଛନ୍ତି, ଯେପରି ଯେଉଁ ଗଠନ ବ୍ୟକ୍ତିଗତ ସ୍ୱାଧୀନତାକୁ ବଜାୟ ରଖିଥାଏ ତାକୁ ଅବହେଳା କରାଯିବ), ପୁଣି ତା'ପରେ

କିଛି ବିଷୟ ଦେବାକୁ ପଡ଼ିବ । ଆପଣ ଯେତେବେଳେ ଦ୍ୱନ୍ଦରେ ଅଛନ୍ତି, ସେତେବେଳେ ଆପଣଙ୍କ ନିଜ ଲକ୍ଷ୍ୟକୁ ଅନୁଧାବନ କରିପାରିବେ ନାହିଁ ଓ ଆହୁରିମଧ୍ୟ ଅନ୍ୟ କାହାକୁ ସମର୍ଥନ କରିପାରିବେ ନାହିଁ । ଆତ୍ମ-ସ୍ୱାର୍ଥରେ ସାଧାରଣ ମଙ୍ଗଳ ଚିନ୍ତାରେ ଥିଲା ବେଳେ ସାଧାରଣ ମଙ୍ଗଳର ଅନୁଧାବନ କରିବା କଷ୍ଟକର ଅଟେ । ମାତ୍ର :

> ଅତଏବ ସୁସମାଚାର ଏକ ରାଜ୍ୟ ସମ୍ପ୍ରଦାୟ - ଏକ ବିପରୀତ ସଂସ୍କୃତି, ମଣ୍ଡଳୀ ସୃଷ୍ଟି କରିଥାଏ - ଯେଉଁଥିରେ ଆମ୍ଭେମାନେ ରାଜକୀୟ ଯାଜକ ଅଟୁ, ଯେଉଁମାନେ ଜଗତକୁ ଦେଖାଉଛୁ ଯେ ଭବିଷ୍ୟତ୍‌ର ରାଜ୍ୟ କିପରି ଦେଖାଯିବ (୧ମ ପିତର ୨:୯-୧୦) । ଆମ୍ଭେମାନେ ନମୁନା କରିଥାଉ ଯେ କିପରି ଭାବରେ ସମସ୍ତ ଜୀବନ - ବ୍ୟବସାୟ ଅଭ୍ୟାସଗୁଡ଼ିକ, ଦୌଡ଼ ସମ୍ପର୍କଗୁଡ଼ିକ, ପାରିବାରିକ ଜୀବନ, କଳା ଓ ସଂସ୍କୃତି ସୁସ୍ଥ ହୋଇଛି ଓ ରାଜାଙ୍କ ଦ୍ୱାରା ପୁନର୍ବାର ବୟନ କରାଯାଇଛି ।[୩୭]

ରାଜ୍ୟ-ପରିଚାଳିତ ବଦଳ ସମ୍ପ୍ରଦାୟଗୁଡ଼ିକର ଧର୍ମତାତ୍ତ୍ୱିକ ବଦଳ ପ୍ରଚାର, ଶକ୍ତିସମ୍ପନ୍ନ ସୁସମାଚାର ପ୍ରଚାର ଓ ଦୁଃଖପ୍ରକାଶ ଓ ମଣ୍ଡଳୀ ଅଭିବୃଦ୍ଧି ଏବଂ ମଣ୍ଡଳୀ ପ୍ରତିଷ୍ଠା ଯାହାକି ଅନୁତାପ, ବ୍ୟକ୍ତିଗତ ନୂତନୀକରଣ, ଓ ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେଉଥିବ ଓ ସାଧାରଣ ଲୋକମାନଙ୍କର ସାମାଜିକ ଗଠନ ସହିତ ଲାଗି ରହିବା ଏବଂ କଳା, ବ୍ୟବସାୟ, ଛାତ୍ରବୃତ୍ତି, ଓ ସରକାର ସହିତ ସାଂସ୍କୃତିକ ବିଷୟରେ ସମ୍ମୋହକ ଭାବରେ ଲାଗି ରହିବା ମଧ୍ୟରେ ଏକ ସୁସ୍ଥସବଳ ସନ୍ତୁଳନ ଥିବ ।[୩୮] ଆମର ସମ୍ପ୍ରଦାୟର ମୂଳ ଗଠନ ଓ ଅନ୍ତଃକରଣରଗୁଡ଼ିକର ଆଭ୍ୟନ୍ତର ବିଷୟ ଆପଣାର ସମସ୍ତ ସୃଷ୍ଟିର କର୍ତ୍ତା, ଖ୍ରୀଷ୍ଟଙ୍କ ରାଜକୀୟ ରାଜତ୍ୱ ଅଧୀନରେ ପୁନଃସଂସ୍ଥାପିତ ଓ ପୁନଃଆକାର ହେବାକୁ ଲାଗିବ ।

୧୨

# ମଣ୍ଡଳୀ

## ଈଶ୍ୱରଙ୍କ ନୂତନ ଲୋକମାନେ

*ଟିମ୍ ସାଭେଜ୍*

ଉପଗ୍ରହରେ ଏହା ଲୋକମାନଙ୍କର ସର୍ବାଧିକ କୌଶଳାତ୍ମକ ଶରୀର ଅଟେ । ଏହାର ସେବାକାର୍ଯ୍ୟ ମାଧ୍ୟମରେ, ମାନବବାଦର ପ୍ରଶସ୍ତ ଅଞ୍ଚଳ ମନ୍ଦତାରୁ ଉଦ୍ଧାରପ୍ରାପ୍ତ ହୋଇଛି ଓ ନୈରାଶ୍ୟରୁ ଉଠିଛି । ପୁଣି ଏହାର ରବରେ, ନୂତନ ଜୀବନ ସମଗ୍ର ସଭ୍ୟତାରେ ଘୋଷିତ ହୋଇଛି । ଏହା ଲୋକମାନଙ୍କର ଏକ ସଙ୍ଗଠନ ଅଟେ ଯାହାକି ଈଶ୍ୱରଙ୍କ ଗୌରବ ସହିତ ସ୍ପନ୍ଦିତ ହୋଇଥାଏ । ସେହିପରି ପ୍ରଶଂସାଗୁଡ଼ିକୁ ମାନବ ଏକତ୍ରୀକରଣ କିପରି ଭାବରେ ପ୍ରତିପାଦିତ କରିଥାଏ ? କେବଳ ଜଣେ ଯୋଗ୍ୟ ଅଟନ୍ତି : ଯୀଶୁ ଖ୍ରୀଷ୍ଟଙ୍କର ମଣ୍ଡଳୀ ।[୧]

ଅଳ୍ପ ଖ୍ରୀଷ୍ଟିୟାନ୍ ମଣ୍ଡଳୀର ବିଧ୍ୱଂସକାରୀ ପ୍ରକୃତି ବିଷୟରେ ସଚେତନ ଅଟନ୍ତି ଯେଉଁଥିରେ ସେମାନେ ସଭ୍ୟଭୁକ୍ତ ଅଟନ୍ତି । ଅନେକ ବର୍ଷ ପୂର୍ବରୁ ଇଂଲିଶ୍ ମଣ୍ଡଳୀର ବ୍ୟକ୍ତି ଜନ୍ ଷ୍ଟଟ୍ ସେ ପ୍ରଚାର କରୁଥିବା ସ୍ଥାନକୁ ଯାଉଥିଲା ବେଳେ ମୁଁ ତାଙ୍କୁ ପଚାରିଥିଲି ସମସାମୟିକ ଖ୍ରୀଷ୍ଟିୟାନ୍‌ମାନଙ୍କ ମଧ୍ୟରେ ସର୍ବାଧିକ ଅବହେଳିତ ଧର୍ମତତ୍ତ୍ୱ କ'ଣ ଥିଲା ବୋଲି ସେ ଭାବିଥିଲେ । ସେ ବୋଧହୁଏ କହିଥିଲେ, ଈଶ୍ୱରତତ୍ତ୍ୱ (ଈଶ୍ୱରଙ୍କ ବିଷୟରେ ଆମର ମତାମତ ବହୁତ ଅଳ୍ପ ଅଟେ), କିମ୍ବା ସମ୍ଭବତଃ, ସୋଟେରିଓଲୋଜି (ପରିତ୍ରାଣ ବିଷୟରେ ଆମର ପଦ୍ଧତି ବହୁତ ଆତ୍ମ-ବିଶ୍ୱାସପୂର୍ଣ୍ଣ ଅଟେ), ସେ ଦ୍ୱିଧାବୋଧ ନ କରି ଉତ୍ତର ଦେବାର ଶୁଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲି, ମଣ୍ଡଳୀତତ୍ତ୍ୱ । ମୋ ପାଇଁ ମଣ୍ଡଳୀର ଧର୍ମତତ୍ତ୍ୱ ଅନ୍ୟ ପ୍ରମୁଖ ଧର୍ମତତ୍ତ୍ୱ ଗୁଡ଼ିକ ଅପେକ୍ଷା ଅଧିକ ଅପ୍ରଧାନ ମନେ ହୋଇଥିଲା ଓ ନିଶ୍ଚିତରୂପେ ମୋର କଥୋପକଥନରେ ଭାଗ ନେଉଥିବା ବ୍ୟକ୍ତି ଯେ ଏହାକୁ ଆରୋପ କରିବେ ଏହା ସେପରି ଖ୍ୟାତ ନୁହେଁ । ମାତ୍ର ତା'ପରେ ବର୍ଷ ବର୍ଷ ଧରି ମଣ୍ଡଳୀର ବାଇବଲସମ୍ମତ ଶିକ୍ଷା ଉପରେ ପ୍ରତିଫଳିତ କରିବା ପରେ ମୁଁ ଭିନ୍ନ ବିଷୟ ଦେଖିବାକୁ ପାରିଛି । ଯୀଶୁ ଖ୍ରୀଷ୍ଟଙ୍କର ମଣ୍ଡଳୀ ହିଁ ସୃଷ୍ଟି ପାଇଁ ଈଶ୍ୱରଙ୍କ ଯୋଜନାର ଅବସ୍ଥିତି ଅଟେ ।

### ମଣ୍ଡଳୀ ଓ ଈଶ୍ୱରଙ୍କ କାର୍ଯ୍ୟସୂଚୀ

ବାଇବଲ ଅନୁଯାୟୀ ଈଶ୍ୱର ଜାଗତିକ ଦିଗଗୁଡ଼ିକର ଏକ ଯୋଜନାକୁ କାର୍ଯ୍ୟକାରୀ କରୁଅଛନ୍ତି । ସେ ଆପଣାର ଗୌରବ ନିମନ୍ତେ ସମସ୍ତ ବିଷୟକୁ ପୁନର୍ବାର ଦାବି କରୁଅଛନ୍ତି । ଏଫିସରେ ଥିବା ବିଶ୍ୱାସୀମାନଙ୍କ ନିକଟକୁ ପତ୍ର ଲେଖି ପାଉଲ ଏକ ଚମତ୍କାର ବିଷୟ ଲକ୍ଷ୍ୟ କରନ୍ତି :

ଈଶ୍ୱର ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକୀଭୂତ କରିବେ (ଏଫି. ୧:୧୦) ।[୨] ନିର୍ଭୁଲ୍ ଭାବରେ ଯେଉଁଠାରେ ଏହି ବିସ୍ତୃତ ଆକଳନ କରାଯାଉଛି, ସେତେବେଳେ ପାଉଲ ପରେ କିଛି ପଦକୁ ସ୍ପଷ୍ଟରୂପେ କହନ୍ତି : ଈଶ୍ୱର ତାହାଙ୍କୁ ସର୍ବ ବିଷୟର ମସ୍ତକସ୍ୱରୂପେ ମଣ୍ଡଳୀକୁ ଦାନ କଲେ (ଏଫି. ୧:୨୨) ।

ଉଲ୍ଲେଖନୀୟ ଭାବରେ, ଈଶ୍ୱରଙ୍କ ଆକାଂକ୍ଷିତ ପ୍ରକଳ୍ପରେ ମଣ୍ଡଳୀର ସ୍ଥିତି ଶୂନ୍ୟ ଅଟେ। ଜଗତରେ ଈଶ୍ୱରଙ୍କ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଏହା ଆଧାର ଅଟେ, ଏହି ସ୍ଥାନରେ ସମସ୍ତ ବିଷୟକୁ ଖ୍ରୀଷ୍ଟଙ୍କ ଅଧୀନରେ ଏକତ୍ର ଅଣାଯାଉଛି । ଈଶ୍ୱର ଏହି ଗ୍ରହରେ କ'ଣ କରୁଅଛନ୍ତି ତାହା ଦେଖିବାକୁ ଆମେ ଯଦି ଇଚ୍ଛା କରୁ – ଓ ଯେ କି ଅତି ଦର୍ଶନୀୟ କିଛି ବିଷୟ ହରାଇବାକୁ ଇଚ୍ଛା କରନ୍ତି ? – ତେବେ ଆମକୁ ମଣ୍ଡଳୀକୁ ଦେଖିବାକୁ ପଡ଼ିବ । ଏଠାରେ, ଓ କେବଳ ଏଠାରେ ହିଁ ଆମ୍ଭେମାନେ ଲୋକମାନେ ଏକତ୍ର ହେବାର ଓ ଈଶ୍ୱରଙ୍କର ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହେବାର ଦେଖିବାକୁ ପାଇଥାଉ (ଏଫି. ୧:୨୩; ୩:୧୯) ।

ଖ୍ରୀଷ୍ଟ ଓ ମଣ୍ଡଳୀ ମଧ୍ୟରେ ସମ୍ପର୍କରେ ମୋଟେ ଫାଙ୍କ ନାହିଁ । ମଣ୍ଡଳୀ ଖ୍ରୀଷ୍ଟଙ୍କର ଶରୀର ଅଟେ, ପୁଣି ଖ୍ରୀଷ୍ଟ ଏହାର ମସ୍ତକ ଅଟନ୍ତି (କଲ. ୧:୧୮) । ମଣ୍ଡଳୀ ସ୍ୱୟଂ ଖ୍ରୀଷ୍ଟଙ୍କର ପୁନରୁତ୍ଥିତ ଶକ୍ତିରେ ପ୍ରତିଫଳିତ ହୋଇଥାଏ (ଏଫି. ୧:୧୯–୨୦) । ଏହା ତାହାଙ୍କ ପ୍ରେମକୁ ବ୍ୟକ୍ତିଗତ କରିଥାଏ (ଏଫି. ୫:୨) । ଏହା ତାହାଙ୍କର ପୂର୍ଣ୍ଣତାକୁ ପ୍ରଦର୍ଶନ କରିଥାଏ (କଲ. ୨:୯–୧୦) । ଏହା ଜଣେ ନୂତନ ବ୍ୟକ୍ତି ଅଟନ୍ତି ଯେ କି ସ୍ୱୟଂ ଖ୍ରୀଷ୍ଟଙ୍କର ସମ୍ପୂର୍ଣ୍ଣ ଖ୍ୟାତିକୁ ମାପ କରୁଅଛନ୍ତି (ଏଫି. ୪:୧୩) । ପୁଣି ତଥାପିମଧ ମଣ୍ଡଳୀ ମଧ ଖ୍ରୀଷ୍ଟଙ୍କଠାରୁ ପୃଥକୀକୃତ ହୋଇଛି । ଏହା ହେଉଛି କନ୍ୟା (ଏଫି. ୫:୨୫–୨୭) । ଏହାକୁ ହିଁ ସେ ଆପଣାର ଶରୀର ଭାବରେ ପ୍ରତିପାଳନ ଓ ଲାଳନପାଳନ କରନ୍ତି (ଏଫି. ୫:୨୯) । ଏହା ପିତାଙ୍କ ଜ୍ଞାନର ପଣ୍ୟାଗାର ଅଟେ (ଏଫି. ୩:୧୦) । ଏହିଠାରେ ହିଁ ଈଶ୍ୱର ସମସ୍ତ ଗୌରବ ଗ୍ରହଣ କରନ୍ତି (ଏଫି. ୩:୨୧) । ଏହା ସ୍ୱର୍ଗୀୟ ଆଲୋକର ସଙ୍କେତ ଅଟେ, ସ୍ୱର୍ଗୀୟ ଗୌରବର ଏକ ପୂର୍ବାନୁଭବ ଅଟେ (ଏଫି. ୧:୧୮) ।

*ଏକ ପରିବାର ଭାବରେ ଈଶ୍ୱରଙ୍କ ଲୋକମାନେ*

ବୋଧହୁଏ ମଣ୍ଡଳୀକୁ କଳ୍ପନା କରିବାର ସର୍ବୋତ୍ତମ ଉପାୟ – ଖ୍ରୀଷ୍ଟଙ୍କ ସହିତ ଏହାର ସାଙ୍ଗଠାନିକ ସଂଯୋଗ ଓ ଖ୍ରୀଷ୍ଟଙ୍କଠାରୁ ଏହାର ପୃଥକୀକରଣ ଉଭୟ ପାଇଁ ବିବରଣୀ – ଯେପରି ରକ୍ତ ସମ୍ପର୍କୀୟ ଏକ ପରିବାର ପରି ଅଟେ । ମଣ୍ଡଳୀର ସଦସ୍ୟଗଣ ରକ୍ତ ସମ୍ପର୍କୀୟ ଅଟନ୍ତି। ସେମାନଙ୍କର ସମାନ୍ ପିତା ଅଟନ୍ତି, ଯାହାଙ୍କଠାରୁ ସ୍ୱର୍ଗରେ ଓ ପୃଥିବୀରେ ପ୍ରତ୍ୟେକ ପରିବାର ଏହାର ନାମ ଗ୍ରହଣ କରନ୍ତି (ଏଫି. ୩:୧୪) । ସେମାନଙ୍କର ସମାନ୍ ବଡ଼ ଭାଇ, ଖ୍ରୀଷ୍ଟ ଅଛନ୍ତି (ଏବ୍ରୀ ୨:୧୭), ଯାହାଙ୍କ ରକ୍ତ ଯାହାକି କ୍ରୁଶ ଉପରେ ବୋହି ସେମାନଙ୍କୁ ସେମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସହିତ ସଂଯୁକ୍ତ କରିଥିଲା (କଲ. ୧:୨୦) । ପୁଣି ସେମାନେ ସେମାନଙ୍କ ଆତ୍ମିୟ ଭାଇଭଉଣୀମାନଙ୍କ ସହିତ, ଅର୍ଥାତ୍ ଖ୍ରୀଷ୍ଟଙ୍କଠାରେ ଭାଇ ଓ ଭଉଣୀମାନଙ୍କ

ସହିତ (କଲ. ୧:୨) ଏକ ଭ୍ରାତୃଭାବ ବହନ କରନ୍ତି, ଯେଉଁମାନେ କ୍ରୁଶର ସମାନ୍ ରକ୍ତ ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇଛନ୍ତି (ଏଫି. ୨:୧୩) ।

*ଏହା ବିଶେଷରୂପେ ଏକ ପରିବାର ଅଟେ ଯାହାକି ମଣ୍ଡଳୀ ଗଠିତ କରିଥାଏ ସୃଷ୍ଟିରେ ଈଶ୍ୱରଙ୍କ କାର୍ଯ୍ୟର କେନ୍ଦ୍ରୀୟ ଅଂଶ ଭାବରେ ।* ଏହା ଆଶ୍ଚର୍ଯ୍ୟକର ହେବା ଉଚିତ୍ ନୁହେଁ, କାରଣ ଈଶ୍ୱର ସର୍ବଦା ପରିବାରଗୁଡ଼ିକ ସହିତ କାର୍ଯ୍ୟ କରିଅଛନ୍ତି । ପ୍ରାରମ୍ଭରୁ ସେ ଆପଣା କାର୍ଯ୍ୟସୂଚୀକୁ ଏକ ପରିବାର ଭାବରେ ସ୍ପଷ୍ଟ ଓ ସଠିକ୍ ଭାବରେ ପ୍ରକାଶ କରିଥିଲେ । ଆମେ ମଣ୍ଡଳୀର ଏକକ ଓ ଶକ୍ତିଶାଳୀ ଭୂମିକାକୁ ବୁଝିବାକୁ ଅନ୍ୱେଷଣ କରିବା ବେଳେ ଏହା ପ୍ରଚୁର ସହାୟକ ହେବ ଯେପରି ଆଦ୍ୟକାଳର ଇତିହାସ ମଧ୍ୟରେ ପ୍ରବେଶ କରାଯାଇପାରିବ ଓ ପ୍ରଥମ ପରିବାରକୁ, ଅର୍ଥାତ୍ ଆଦମ ଓ ହବାଙ୍କ ପରିବାରକୁ ଦେଖିପାରିବା, ପୁଣି ସେମାନଙ୍କ ସଂଯୋଗ କିପରି ଭାବରେ ପରେ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ହୋଇପାରିବ ତା'ର ଏକ ଚିତ୍ର ସ୍ୱରୂପ ହୋଇପାରିବ ।

*ପ୍ରାରମ୍ଭିକ ପରିବାର*

ସୃଷ୍ଟିର ଷଷ୍ଠ ଦିବସର ନାଟକ ଆମକୁ ଚମତ୍କୃତ କରିବା ପାଇଁ କେବେ ବି ବନ୍ଦ ହୋଇ ନାହିଁ । ସେହି ସମୟରେ ଈଶ୍ୱର ଆପଣାର *ସର୍ବୋତ୍କୃଷ୍ଟ ସୃଷ୍ଟିକୁ*, ଅର୍ଥାତ୍ ମାନବ ଜାତିକୁ ପରିକଳ୍ପନା କରିଥିଲେ ଓ ତାହାଙ୍କ ପ୍ରତି ଏକ ଚମତ୍କାର ବଗିଚା ପାରଦୀଶକୁ ଅର୍ପଣ କରିଥିଲେ । ନୂତନ ସୃଷ୍ଟ ପ୍ରାଣୀର ଯେ କୌଣସି ଅଭାବ ଥିଲା ତାହା ଜଣାଯାଉ ନ ଥିଲା । ଜଣେ ପ୍ରେମମୟ ସୃଷ୍ଟିକର୍ତ୍ତାଙ୍କ ହାତରୁ ସେ ଏକ ଅମୂଲ୍ୟ ଦାନର ହିତାଧିକାରୀ ଥିଲେ । ତଥାପିମଧ୍ୟ ଆଶ୍ଚର୍ଯ୍ୟ ଭାବରେ ଏକ ଅଭାବ ଥିଲା । କିଛି ବିଷୟ ଉତ୍ତମ ହୋଇ ନ ଥିଲା । ନିଃସଙ୍ଗ ମନୁଷ୍ୟର ସାହାଯ୍ୟକାରୀଙ୍କ ଅଭାବ ଥିଲା, ଯେ କି ତାଙ୍କ ପ୍ରତି ଅନୁରୂପ ହୋଇଥିଲେ (ଆଦି. ୨:୧୮) । ନିଜେ ନିଜେ ସେ ଦୁଇଖଣ୍ଡ ଗୋଲକଧନ୍ଦାର ଗୋଟିଏ ଖଣ୍ଡ ଥିଲେ, ଓ ସଂଲଗ୍ନ ଖଣ୍ଡଟି ଦେଖାଯାଉ ନ ଥିଲା । ସେ କେବଳ ସାଥୀର ସୁଖରୁ ବଞ୍ଚିତ ନ ଥିଲେ, ମାତ୍ର ଆହୁରି ଅଧିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଯେ ସେ ସୃଷ୍ଟିରେ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବାକୁ ଅକ୍ଷମ ଥିଲେ ।

ଈଶ୍ୱରଙ୍କ ପ୍ରତିମୂର୍ତ୍ତି ବହନ କରିବା ପାଇଁ, ତା'ର ସୃଷ୍ଟିକର୍ତ୍ତାଙ୍କ ସାଦୃଶ୍ୟତା ପ୍ରଦର୍ଶନ କରିବାକୁ ମନୁଷ୍ୟକୁ ସୃଷ୍ଟି କରାଯାଇଥିଲା (ଆଦି. ୧:୨୬) । ଏହିପରି ଏକ ଦୀର୍ଘ କ୍ରମ ନିଃସଙ୍ଗତାରେ ସମ୍ପନ୍ନ କରାଯାଇପାରି ନ ଥିଲା । ତେଣୁ ଈଶ୍ୱର ମନୁଷ୍ୟକୁ ପରିକଳ୍ପନା କରିବା ବେଳେ ସେ ତାକୁ ପୁରୁଷ ଓ ମହିଳା କରି ସୃଷ୍ଟି କରିଥିଲେ (ଆଦି. ୧:୨୭) । ଅନ୍ୟ ଭାଷାରେ, ସେ ମନୁଷ୍ୟକୁ ଏକ ପରିବାର ଭାବରେ ଗଠନ କରିଥିଲେ, ପ୍ରତି ପରିବାର ମଧ୍ୟରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ସହଜାତ ସମ୍ପର୍କଗୁଡ଼ିକର ଅଧୀନସ୍ଥ ଥିଲେ । ସ୍ୱର୍ଗୀୟ ସଦୃଶତାର ସମ୍ପର୍କଗତ ଉପାଦାନ ବହୁତ ଆଶ୍ଚର୍ଯ୍ୟକର ଥିଲା ଯାହାକି ଏହି ଘଟଣାକୁ ଦେଇଛି ଯେ ସ୍ୱୟଂ ଈଶ୍ୱର ହିଁ ତ୍ରିତ୍ତ୍ୱ ସମ୍ପର୍କର ଏକ ପରିବାର ଅଟନ୍ତି – ପିତା, ପୁତ୍ର ଓ ପବିତ୍ର ଆତ୍ମା ।

ତେଣୁ ସ୍ୱର୍ଗୀୟ ପ୍ରତିମୂର୍ତ୍ତିକୁ ପ୍ରଦର୍ଶନ କରିବା ପାଇଁ ଅନ୍ତତଃପକ୍ଷେ ଏକ ଦ୍ୱୈତ ବ୍ୟକ୍ତିତ୍ୱ ଆବଶ୍ୟକ। ମନୁଷ୍ୟ ତା'ର ଉନ୍ନତ ଆହ୍ୱାନ ପାଇଁ ସାହାଯ୍ୟ ଆବଶ୍ୟକ କରିଥାଏ । ସେ ଏକ ପରିବାର ଆବଶ୍ୟକ କରିଥାଏ ।

ପ୍ରଥମ ପରିବାରକୁ ଏକ ଉଚ୍ଚୀକୃତ ଅଧିକାର ଦିଆଯାଇଥିଲା । ଈଶ୍ୱର ଆଦମ ଓ ହବାଙ୍କୁ ଆପଣା ପ୍ରତିମୂର୍ତ୍ତିରେ ତିଆରି କରିବା ପରେ ପରେ ନିମ୍ନଲିଖିତ ଆଦେଶ ଜାରି କରିଥିଲେ : ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର (ଆଦି. ୧:୨୮) । ଅଧିକ ଜନସଂଖ୍ୟା ହେତୁ ଯେଉଁ ବିଷୟ ଉଦ୍ଦେଶ୍ୟ ସାଧନର ଏକ ମାର୍ଗ ବୋଲି ଜଣାଯାଏ, ତାହା ପ୍ରକୃତରେ ପରିବେଶର ଆଶୀର୍ବାଦ ପାଇଁ ଏକ ପ୍ରସ୍ତାବିତ ବିଷୟ ଅଟେ । ଅଧିକ ପରିବାରକୁ ଆହ୍ୱାନ କରିବା ଦ୍ୱାରା ଈଶ୍ୱର ଆପଣା ପ୍ରତିମୂର୍ତ୍ତି ପ୍ରଦର୍ଶନ କରୁଥିବା ସମ୍ପର୍କଗତ ଏକକ ସହିତ ଏହି ଗ୍ରହକୁ ସିକ୍ତ କରିବାର ଉଦ୍ଦେଶ୍ୟ ରଖନ୍ତି, ଯେପରି ସୃଷ୍ଟିର ପ୍ରତି କୋଣ ଅନୁକୋଣ ତାହାଙ୍କ ସାଦୃଶ୍ୟତାର ଉପସ୍ଥିତିର ଅଧୀନସ୍ଥ ହେବ । ଜଣେ ସର୍ବଜ୍ଞାନୀ ଈଶ୍ୱରଙ୍କ ଅଧୀନର ସାର୍ବଭୌମ ଚୁକ୍ତି ଅଧୀନରେ ପରିବାର ଏକ ଗାଡ଼ି ଅଟେ, ଯାହା ଦ୍ୱାରା ତାହାଙ୍କ ତ୍ରିତ୍ତ୍ୱ ସାଦୃଶ୍ୟତା ପୃଥିବୀର ଚାରି କୋଣରେ ବିକ୍ଷିପ୍ତ ହୋଇ ରହିବ ।

*ଈଶ୍ୱରଙ୍କ ଲୋକମାନେ, ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ଓ ଖ୍ରୀଷ୍ଟ*

ମାତ୍ର ଏହା ପ୍ରଶ୍ନ ପଚାରିଥାଏ, ପରିବାରଗୁଡ଼ିକ ସ୍ୱର୍ଗୀୟ ସାଦୃଶ୍ୟତାର କେଉଁ ଦିଗକୁ ବିକ୍ଷିପ୍ତ କରିବାକୁ ଯାଉଛନ୍ତି ? କିମ୍ବା ଅଧିକ ବିଷୟ ହେଉଛି, ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ପ୍ରକୃତ ସ୍ୱଭାବ କ'ଣ ଅଟେ ? ଯୁଗ ଯୁଗ ଧରି ଏହିପରି ପ୍ରଶ୍ନଗୁଡ଼ିକ ବହୁତ ବିଷୟ ନିର୍ଦ୍ଧାରଣ କରିଛି, କାରଣ ଆଦିପୁସ୍ତକର ନିକଟ ପୂର୍ବାପର ପ୍ରସଙ୍ଗରେ (ତଥା ସମଗ୍ର ପୁରାତନ ନିୟମର ଅଧିକ ଦୂରବର୍ତ୍ତୀ ପୂର୍ବାପର ପ୍ରସଙ୍ଗରେ) ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ପ୍ରକୃତି ଉପରେ ଅଳ୍ପ ଆଲୋକ ପ୍ରବାହିତ ହୋଇଛି । ଏହି କାରଣରୁ, ଗୁରୁମାନେ ଯେଉଁମାନେ ନିୟମଗୁଡ଼ିକ ମଧ୍ୟରେ ପରିଶ୍ରମ କରିଥିଲେ ସେମାନେ ସେମାନଙ୍କ ନିଜର ଧାରଣାକୁ ନେଇ ଆସିଥିଲେ ପୁଣି ଈଶ୍ୱରଙ୍କ ଗୌରବ ପ୍ରତି ସ୍ୱର୍ଗୀୟ ପ୍ରତିମୂର୍ତ୍ତିକୁ ସଂଯୋଗ କରିବା ପାଇଁ ଆଗ ବଢ଼ିଥିଲେ । ଈଶ୍ୱରଙ୍କ ପ୍ରତିମୂର୍ତ୍ତି ପ୍ରଦର୍ଶନ କରିବା ହେଉଛି ତାହାଙ୍କ ଗୌରବକୁ ପ୍ରତିଫଳିତ କରିବା । ଅନୁବାଦ ସ୍ୱର୍ଗୀୟ ଅନୁପ୍ରେରଣା ନ ଥିବାରୁ ଏହା ଆଜି ଆମ ପାଇଁ ଅପ୍ରଯୁଜ୍ୟ ଜଣାଯାଇପାରେ, କେବଳ ସେହି ଘଟଣାରୁ ଭିନ୍ନ ଅଟେ ଯେ ସେହି ରାବ୍‌ବିମାନଙ୍କ ମଧ୍ୟରୁ ଜଣେ, ଜଣେ ଫାରୁଶୀ ଯେ କି ଖ୍ରୀଷ୍ଟଧର୍ମରେ ପରିବର୍ତ୍ତିତ ହୋଇଥିଲେ ସେ ପତ୍ରଗୁଡ଼ିକ ଲେଖିଥିଲେ ଯେଉଁଥିରେ ସେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ଈଶ୍ୱରଙ୍କ ଗୌରବ ମଧ୍ୟରେ ସଂଯୋଗକୁ ପୁନରାବୃତ୍ତି କରିଥିଲେ । ପୁଣି ସେହି ପତ୍ରଗୁଡ଼ିକ, ପ୍ରେରିତ ପାଉଲଙ୍କ ପତ୍ରଗୁଡ଼ିକ ଅନୁପ୍ରେରିତ ଥିଲା ! ସେଗୁଡ଼ିକ ମଧ୍ୟରେ ପାଉଲ ନୂତନ ଭିତ୍ତି ଭଙ୍ଗ କରନ୍ତି ଓ ଏପରିକି ଅଧିକ କୌଶଳାତ୍ମକ ସଂଯୋଗକୁ ଚିହ୍ନଟ କରନ୍ତି : ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ଯୀଶୁ ଖ୍ରୀଷ୍ଟଙ୍କ ଗୌରବ ମଧ୍ୟରେ ଏକ ସଂଯୋଗ ।

ପାଉଲଙ୍କ ଅନୁଯାୟୀ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିରେ ଓ ଈଶ୍ୱରଙ୍କ ଗୌରବରେ ସିଦ୍ଧ ଭାବରେ ଦେଖିଥାଉ (୨ୟ କରି. ୪:୪; କଲ. ୧:୧୫) । ତେଣୁ ସ୍ୱର୍ଗୀୟ ପ୍ରତିମୂର୍ତ୍ତିର ପ୍ରକୃତି ଆଉ ଅନୁମାନର ବିଷୟ ନୁହେଁ : ଆମେ କେବଳ ଯୀଶୁ ଖ୍ରୀଷ୍ଟଙ୍କ ମୁଖରେ ସ୍ୱର୍ଗୀୟ ଗୌରବ ଦେଖିବା ଆବଶ୍ୟକ (୨ୟ କରି. ୪:୬) । ପାଉଲଙ୍କ ଲେଖାଗୁଡ଼ିକରେ ଥିବା ପରିଚ୍ଛେଦଟି ଯେଉଁଠାରେ ପ୍ରତିମୂର୍ତ୍ତି ଏହାର ଧାତୁଆ ସଂଜ୍ଞା ଗ୍ରହଣ କରିଥାଏ ତାହା ଫିଲିପ୍ପୀୟ ୨ ଅଧ୍ୟାୟର ବିଖ୍ୟାତ ସ୍ତୋତ୍ରରେ ଦେଖିବାକୁ ମିଳିଛି । ଏଠାରେ ଏକ ପରିବର୍ଦ୍ଧିତ ଅନୁବାଦରେ ଆମେ ପଢ଼ିଥାଉ :

> ସେ ଈଶ୍ୱରରୂପୀ ହେଲେହେଁ ଈଶ୍ୱରଙ୍କ ସହିତ ସମାନ୍ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ ପୁଣି ମନୁଷ୍ୟଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ନତ କଲେ । (ଫିଲି. ୨:୬-୮)

ଈଶ୍ୱରଙ୍କ ସହିତ ସମାନ୍ ଭାବରେ ଅକଥନୀୟ ଐଶ୍ୱର୍ଯ୍ୟରୁ ପୁରାତନ କାଳରେ ସର୍ବାଧିକ ଦରିଦ୍ର ମୃତ୍ୟୁ ପର୍ଯ୍ୟନ୍ତ, ଅନୁସନ୍ଧାନ ନ କରିବା ଉଚ୍ଚତାରୁ ଅକଳ୍ପନୀୟ ଗଭୀରତା ପର୍ଯ୍ୟନ୍ତ, ଗୋଟିଏ ମେରୁରୁ ଅନ୍ୟ ମେରୁ ପର୍ଯ୍ୟନ୍ତ, ଏହା ହିଁ ଖ୍ରୀଷ୍ଟଙ୍କ ମୃତ୍ୟୁର ଆତ୍ମ-ଶୂନ୍ୟ ଭାବର ମାପ ଅଟେ । ଏହା ହେଉଛି ଇତିହାସର ସର୍ବାଧିକ ଉତ୍ସର୍ଗୀକୃତ ପ୍ରେମର ସର୍ବାଧିକ ସିଦ୍ଧ ପରିପ୍ରକାଶ । ପୁଣି ପାଉଲଙ୍କ ଅନୁଯାୟୀ ଏହା ମଧ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ପ୍ରଦର୍ଶନର ସର୍ବାଧିକ ସ୍ପଷ୍ଟ ପ୍ରକାଶନ ଅଟେ । ଯୀଶୁଙ୍କଠାରେ ଆମେ ସ୍ୱର୍ଗସ୍ଥ ପିତାଙ୍କର ସାଦୃଶ୍ୟତାକୁ ଦେଖିଥାଉ । କ୍ରୁଶ ଉପରେ ଆମେ ଈଶ୍ୱରଙ୍କ ସାଦୃଶ୍ୟତାର ଏକ ଚିତ୍ର ଦେଖିଥିଲୁ, ପୁଣି ସେଥିପାଇଁ ଯେଉଁ ପରିବାରଗୁଡ଼ିକ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିଲା ତାହା ସଦୃଶ ଅଟେ । ଏହା ଅସୀମ ପ୍ରେମର ଏକ ଚିତ୍ର ଅଟେ ।

*ଈଶ୍ୱରଙ୍କ ଲୋକମାନେ, ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ଓ ପ୍ରେମ*

ଆମେ ଶାସ୍ତ୍ରରେ ଅନ୍ୟତ୍ର ଈଶ୍ୱରଙ୍କୁ ଯେପରି ଜାଣୁ ସେହି ଚିତ୍ରଣ ସ୍ଥିର ଅଟେ । ପ୍ରେରିତ ଯୋହନ କହନ୍ତି ଈଶ୍ୱର ପ୍ରେମ ଅଟନ୍ତି (୧ମ ଯୋହନ ୪:୮, ୧୬) । ପୁଣି ତାହାଙ୍କ ପ୍ରେମ ହେଉଛି ପୃଥିବୀରେ ଅନ୍ୟ କୌଣସି ବିଷୟ ଅପେକ୍ଷା ଭିନ୍ନ ଅଟେ, ଅଲୌକିକ, ସର୍ତ୍ତମୂଳକ, ଭାବପ୍ରବଣ ପ୍ରେମ ଅପେକ୍ଷା ବହୁତ ଅଧିକ ଅଟେ, ଯାହାକି ଅତ୍ୟାଧୁନିକ ଭକ୍ତମାନଙ୍କ ଗହଣରେ ରାଜତ୍ୱ କରିଥାଏ । ସ୍ୱର୍ଗୀୟ ପ୍ରେମ ହେଉଛି ଅଲୌକିକ ପ୍ରେମ, ଏକ ପ୍ରକାର ପ୍ରେମ ଯାହାକୁ କି କେବଳ ପ୍ରଭୁ ଓ ଯେଉଁମାନେ ତାହାଙ୍କ ପ୍ରତିମୂର୍ତ୍ତି ବହନ କରନ୍ତି ସେମାନେ ସକ୍ଷମ ଅଟନ୍ତି। ଏହା ଏକ ମହାନ୍ ପ୍ରେମ ଅଟେ (ଯୋହନ ୧୫:୧୩), ଏକ ପ୍ରେମ ଯାହାକି ଏହାର ଜୀବନ ଦାନ କରିବାକୁ ପ୍ରସ୍ତୁତ ହୋଇଛି (୧ମ ଯୋହନ ୩:୧୬), ଅନ୍ୟର ଜୀବନ ଗଠନରେ ଏହାକୁ ଅବଶୋଷଣ କରିବା ପାଇଁ (ଲୂକ ୧୦:୨୫-୩୭) ଓ ଅନ୍ୟମାନଙ୍କର କ୍ଷତିକୁ ମୁକ୍ତ

କରିବା ପାଇଁ ସମସ୍ତ ବିଷୟ ପରିତ୍ୟାଗ କରିବାକୁ (ମାର୍କ ୧୦:୪୫) । ଅଧିକନ୍ତୁ, ଏହା ସଠିକ୍ ଭାବରେ ହେଉଛି ପ୍ରେମ ଯାହାକି ଈଶ୍ୱରତ୍ୱର ସଦସ୍ୟମାନଙ୍କ ଗହଣରେ ପଛକୁ ଓ ସମ୍ମୁଖକୁ ଅତିକ୍ରାନ୍ତ କରିଥିଲା । ପିତା ପୁତ୍ରଙ୍କୁ ପ୍ରେମ କରନ୍ତି (ଯୋହନ ୧୭:୨୬), ପୁତ୍ର ପିତାଙ୍କୁ ପ୍ରେମ କରନ୍ତି (ଯୋହନ ୧୫:୯), ଓ ପବିତ୍ର ଆତ୍ମା ପିତାଙ୍କୁ ଓ ପୁତ୍ରଙ୍କୁ ଗୌରବାନ୍ୱିତ କରନ୍ତି (ଯୋହନ ୧୪:୨୬) ।

ଅନେକ ଲେଖକ ଏହି ଅନ୍ୟ ନିର୍ଦ୍ଦେଶିତ ପ୍ରେମକୁ ଈଶ୍ୱରତ୍ୱର ଉଲ୍ଲେଖନୀୟ ଗୁଣାବଳୀ ଭାବରେ। ଈଶ୍ୱରଙ୍କ ପ୍ରକୃତ ସତ୍ତା ହେଉଛି ପ୍ରେମ, ଯାହାକି ଅନନ୍ତକାଳ ପର୍ଯ୍ୟନ୍ତ ଓ ଈଶ୍ୱରତ୍ୱରେ ଅନେକ ବ୍ୟକ୍ତିଙ୍କ ମଧ୍ୟରେ ସଜୀବ ରହିଥାଏ ।[୩] ତ୍ରିତ୍ତ୍ୱ -ବ୍ୟକ୍ତିତ୍ୱ ଈଶ୍ୱର ସମ୍ପର୍କରେ ଅସୀମ ପ୍ରେମ ପ୍ରଦର୍ଶନ କରନ୍ତି ।[୪] ଆତ୍ମ-ପ୍ରଦାୟକ ପ୍ରେମ ହେଉଛି ଈଶ୍ୱରଙ୍କର ତ୍ରିତ୍ତ୍ୱ ବ୍ୟକ୍ତିତ୍ୱର ଚମତ୍କାର ପ୍ରଚଳିତ ବିଷୟ ଅଟେ ।[୫] ଈଶ୍ୱରଙ୍କ ଚିତ୍ର ଗୋଟିଏ ଅଟେ ଯେକୌଣସି ବିଷୟର ସୃଷ୍ଟି ପୂର୍ବରୁ ଯାହାଙ୍କର ପ୍ରେମ ଅନ୍ୟ ପରିସ୍ଥିତିରେ ଅଭ୍ୟସ୍ତ ଅଟେ ।[୬]

ଈଶ୍ୱରଙ୍କ ପ୍ରେମ ବିଷୟରେ ଯେଉଁ ବିଷୟ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଟେ, ଓ ମଣ୍ଡଳୀକୁ ଆମର ବୁଝିବା ପାଇଁ ନିଶ୍ଚିତରୂପେ ଯେଉଁ ବିଷୟ ସର୍ବାଧିକ ପ୍ରାସଙ୍ଗିକ, ତାହା ବୋଧହୁଏ ହେଉଛି ପ୍ରଭୁ ଆମ ସହିତ ଆପଣା ପ୍ରେମର ଅଂଶୀ କରିବାକୁ ଇଚ୍ଛା କରନ୍ତି, ଆମକୁ କେବଳ ସେହି ପ୍ରେମର ବିଷୟ କରିବା ଦ୍ୱାରା ନୁହେଁ, ମାତ୍ର ଅନ୍ୟମାନଙ୍କୁ ସେହି ପ୍ରେମର ଅଂଶୀ କରାଇବା ପାଇଁ ଆମକୁ ସୁସଜ୍ଜିତ କରିବା ଦ୍ୱାରା ମଧ୍ୟ । ଆମକୁ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କରିବା ଦ୍ୱାରା ତ୍ରିତ୍ତ୍ୱ ପରିବାରର ଅନ୍ତ-ସମ୍ପର୍କିତ ପ୍ରେମକୁ ଉତ୍ପନ୍ନ କରିବା ପାଇଁ ସେ ଆମକୁ ପ୍ରସ୍ତୁତ କରିଅଛନ୍ତି, ଆମର ପରିବାରର ସଦସ୍ୟମାନଙ୍କ ଗହଣରେ ସେହି ପ୍ରେମକୁ ପଛକୁ ଓ ଆଗକୁ କରିବା ଦ୍ୱାରା ଯାହାକି ପବିତ୍ର ଈଶ୍ୱରତ୍ୱ ମଧ୍ୟରେ ପ୍ରତିଫଳିତ କରିବା ଦ୍ୱାରା ।

ଆମେ ଯେତେବେଳେ ଆମର ଧନ୍ଦାକୁ ପରିପୂରଣ କରିଥାଉ, ପ୍ରେମ-ପରିଚାଳିତ ପରିବାରଗୁଡ଼ିକ ଯେତେବେଳେ ସାରା ଜଗତରେ ବିକ୍ଷିପ୍ତ ହୋଇଯା'ନ୍ତି, ସେତେବେଳେ ଆମ୍ଭେମାନେ ଗୋଟିଏ ପ୍ରକାର ସମ୍ବଳର ଉପଯୋଗ ଦ୍ୱାରା ଗ୍ରହଟିକୁ ଜୟ କରିଥାଉ ଯାହାକି ଜଗତକୁ ଓ ଏଥିରେ ଥିବା ସମସ୍ତ ବିଷୟକୁ ପ୍ରସ୍ତୁତ କରିଥାଏ । ପରିବାରଗୁଡ଼ିକ ଦୂର ସ୍ଥାନକୁ ପଳାୟନ କରିବା ଦ୍ୱାରା ଈଶ୍ୱରଙ୍କର ଆତ୍ମ-ଦାନ କରିବା ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରୁଛନ୍ତି, ସୃଷ୍ଟି ଏକ ଆବେଗପୂର୍ଣ୍ଣ ଭାବରେ ଏହାର ନିର୍ମାତାଙ୍କୁ ଧନ୍ୟବାଦ ଦେବା ଦ୍ୱାରା ନିର୍ଗତ ହୋଇଥାଏ ।

### *ଈଶ୍ୱରଙ୍କ ଲୋକମାନେ, ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ଓ ପାପ*

ମାତ୍ର ଏକ ସମସ୍ୟା ଅଛି । ଈଶ୍ୱରଙ୍କ ଲୋକମାନଙ୍କୁ ଯେଉଁ କର୍ତ୍ତବ୍ୟ ଦିଆଯାଇଥିଲା ସେଥିପ୍ରତି ସେମାନେ ବିଶ୍ୱସ୍ତ ହୋଇ ନାହାନ୍ତି । ବରଂ ସେମାନେ ଆତ୍ମ-ଦାନ ପ୍ରେମ ପ୍ରଦର୍ଶନ କରିଛନ୍ତି, ସେମାନେ ନିଜେ ନିଜେ ଅତି ଅର୍ଥଲୋଭୀ ଅଟନ୍ତି । ମହିଳାଟି ଦେଖିଲା ..... ଗଛଟିକୁ ..... ଓ ଏହାର ଫଳ ନେଲା ..... ପୁଣି ସେ ମଧ୍ୟ ତା'ର ସ୍ୱାମୀକୁ କିଛି ଦେଲା (ଆଦି. ୩:୬) ।

ପୁଣି ଦୁଃଖର ବିଷୟ ହେଉଛି ଯେ ପ୍ରଥମ ପରିବାରର ପାପ ପ୍ରତ୍ୟେକ ପରିବାରର ପତନ ହୋଇଛି । ସମସ୍ତେ ପାପ କରିଅଛନ୍ତି ଓ ଈଶ୍ୱରଙ୍କ ମହିମାରୁ ଊଣା ପଡ଼ିଅଛନ୍ତି (ରୋମୀ. ୩:୨୩) । ସମଗ୍ର ପୃଥିବୀରେ ଆପଣାର ପ୍ରତିମୂର୍ତ୍ତିର ଗୌରବ ପ୍ରସାରିତ କରିବାଠାରୁ ଦୂରରେ ପରିବାରଗୁଡ଼ିକ ସେମାନଙ୍କ ନିଜର ଗୌରବକୁ ଅନୁଧାବନ କରିଛନ୍ତି ଓ ପୃଥିବୀ ଉପରେ ଭୟଙ୍କର ଅନ୍ଧକାର ଆଣି ଦେଇଥିଲେ । ଅବଶ୍ୟ, ପ୍ରତ୍ୟେକ ପାର୍ଥିବ ଅସୁସ୍ଥତା ଏହି ଜଣେ ଆଦମଙ୍କ ତ୍ରୁଟିରୁ ଆସିଥିଲା । ସମସ୍ତ ସମ୍ପର୍କୀୟ ବିଭାଗ – ତାହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କଳୁଷତା ହେଉ, ଜାତିଗତ କଳହ ହେଉ, କିମ୍ବା ଆନ୍ତର୍ଜାତୀୟ ବିବାଦ ହେଉ – ସେସବୁ ଈଶ୍ୱରଙ୍କ ପ୍ରେମର ଗୌରବର ବାସ୍ତବରୂପର ବିଫଳତାରୁ ଆସିଛି ।

ଈଶ୍ୱରଙ୍କ ଲୋକମାନଙ୍କୁ ଆମର ପରୀକ୍ଷା ଆକସ୍ମିକ ଭାବରେ କଷ୍ଟସାଧ ବନ୍ଦ ହେବା କ'ଣ ସେହି ଘଟଣା ନ ଥିଲା ଯେ ପାପୀମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରେମ ପାପର ତାହାଙ୍କ ଦୋଷାରୋପଠାରୁ ଅଧିକ ବଳିଷ୍ଠ ଅଟେ । ନିଶ୍ଚିତ ଭାବରେ କହିଲେ, ସ୍ୱର୍ଗସ୍ଥ ପିତା ପାପକୁ ଘୃଣା କରନ୍ତି । ଏହା ଏକ ବ୍ୟକ୍ତିଗତ ସର୍ବସାଧାରଣ ଅପମାନକୁ ପ୍ରତିନିଧିତ୍ୱ କରିଥାଏ । ଏହା ଜଗତରେ ତାହାଙ୍କ ଗୌରବ ହ୍ରାସ କରିଥାଏ ଏବଂ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ପୁରୁଷ ଓ ମହିଳାମାନଙ୍କର ଔଜ୍ଜ୍ୱଲ୍ୟତାକୁ ଲୋପ କରିଥାଏ । କେଉଁ ଉତ୍ତମ ପିତା ତାଙ୍କର ସନ୍ତାନମାନଙ୍କର ଅବନତି ଦ୍ୱାରା କ୍ରୋଧାନ୍ୱିତ ନ ହେବେ ? ପୁଣି କିଏ ବା ସେହିପରି ଜଣେ ପିତାଙ୍କୁ, ତାହାଙ୍କ କ୍ରୋଧରେ, ଦୋଷାରୋପ କରିପାରିବ, ଯଦି ସେ କେବଳ ତାଙ୍କର ସନ୍ତାନମାନଙ୍କୁ ସେମାନଙ୍କ ବିଦ୍ରୋହର ଫଳାଫଳରେ ପରିତ୍ୟାଗ କରିଦେବେ – ଅବଶ୍ୟ, ପରିବାରକୁ ସେମାନଙ୍କ ଆତ୍ମ-କୈନ୍ଦ୍ରିକତାର କର୍କଟ ରୋଗ ଆକ୍ରାନ୍ତ ହେବାକୁ ଛାଡ଼ି ଦିଅନ୍ତି ?

## ଈଶ୍ୱରଙ୍କ ଲୋକମାନଙ୍କ ଉଦ୍ଧାର

ତଥାପିମଧ୍ୟ ଚମତ୍କାର ଭାବରେ ଆମର ସ୍ୱର୍ଗସ୍ଥ ପିତା ମାନବ ଜାତି ପାଇଁ ଏକ ଉଦ୍ଧାର ଯୋଜନା ପ୍ରସ୍ତୁତ କରନ୍ତି । ସେ ଅନେକ ପରିବାରଗୁଡ଼ିକ ମଧ୍ୟରୁ ଗୋଟିଏ ପରିବାରକୁ ମନୋନୀତ କରନ୍ତି ଓ ଏହି ମନୋନୀତ ଲୋକମାନଙ୍କୁ ଜଗତ ମଧ୍ୟରେ ତାହାଙ୍କ ପ୍ରତିମୂର୍ତ୍ତିର ଗୌରବରେ ପୁନର୍ବାର ଉଜ୍ଜ୍ୱଳ କରିବା ପାଇଁ ସଂଯୁକ୍ତ କରନ୍ତି । ପ୍ରଥମେ, ଏହା ନୋହଙ୍କ ପରିବାର, ଯାହାକି ବନ୍ୟାରୁ ରକ୍ଷା ପାଇଯାଇଥିଲା, ସେମାନଙ୍କୁ ବହୁଗୁଣିତ ହେବା ପାଇଁ ଓ ସମଗ୍ର ପୃଥିବୀକୁ ପରିପୂର୍ଣ୍ଣ କରିବାକୁ ଆହ୍ୱାନ ଦିଆଯାଇଛି (ଆଦି. ୯:୧) । ଦୁଃଖର ବିଷୟ ହେଉଛି ଯେ ନୋହ ଓ ତାଙ୍କର ସନ୍ତାନସନ୍ତତି ସେହି ପାପରେ ପତିତ ହୁଅନ୍ତି ଯାହାକି ଆଦମ ଓ ହବାଙ୍କୁ ନଷ୍ଟ କରିଦେଇଥିଲା ।

ତେଣୁ ଈଶ୍ୱର ଆଉ ଗୋଟିଏ ପରିବାର ମନୋନୀତ କରନ୍ତି, ଏଥର ଏହା ପରିବାରର ମୁଖ୍ୟ ଅବ୍ରାହାମ୍‌ଙ୍କ ଦ୍ୱାରା ନେତୃତ୍ୱ ନିଆଯାଇଥିଲା, ପୁଣି ତାଙ୍କର ସନ୍ତାନସନ୍ତତିମାନଙ୍କୁ ଏହି ଆଜ୍ଞା ଦିଅନ୍ତି ଯେ ସେମାନଙ୍କ ମାଧ୍ୟମରେ ପୃଥିବୀର ସମସ୍ତ ପରିବାର ଆଶୀର୍ବାଦପ୍ରାପ୍ତ ହେବେ (ଆଦି. ୧୨:୩) । ମାତ୍ର ଏହି ପରିବାର ମଧ୍ୟ ପାପରେ ପତିତ ହୁଅନ୍ତି, ଈଶ୍ୱରଙ୍କ

ଗୌରବ ଓ ପ୍ରତିମୂର୍ତ୍ତିକୁ ସେମାନଙ୍କ ମୌଳିକ ଉଦ୍ଦେଶ୍ୟର କେବଳ ଏକ ଆଲୋକକୁ ହ୍ରାସ କରନ୍ତି। ଈଶ୍ୱର ଅନୁଗ୍ରହ କରି ବାରମ୍ବାର ଆପଣା ଲୋକମାନଙ୍କୁ ନବଯୌବନ ପ୍ରାପ୍ତ କରନ୍ତି, ଇସ୍ରାୟେଲ ଜାତିକୁ ନୂତନୀକୃତ କରନ୍ତି ଓ ସେମାନଙ୍କୁ ତାହାଙ୍କ ଚୁକ୍ତି ପ୍ରତି ଓ ସାରା ଜଗତରେ ତାହାଙ୍କ ଚରିତ୍ର ପ୍ରଦର୍ଶନ ପ୍ରତି ଆନୁଗତ୍ୟ ରହିବାକୁ ସେମାନଙ୍କୁ ଆହ୍ୱାନ କରନ୍ତି । ମାତ୍ର ବାରମ୍ବାର – ସଫଳତାର କ୍ୱଚିତ୍ ଘଟଣାରେ – ଇସ୍ରାୟେଲ ଏହାର ଆହ୍ୱାନ ପ୍ରତି ଜୀବନଯାପନ କରିବାରେ ବିଫଳ ହୋଇଥାଏ ।

ସ୍ପଷ୍ଟରୂପେ କହିଲେ ଈଶ୍ୱରଙ୍କ ପରିବାର ସ୍ୱର୍ଗୀୟ ଆହ୍ୱାନକୁ ସଫଳ କରିବାକୁ ଅକ୍ଷମ ଅଟେ । ଏହାର ଆଭ୍ୟନ୍ତରରେ ଏହା ତ୍ରୁଟିପୂର୍ଣ୍ଣ ଅଟେ । ମୂଳରେ ଏହା ଈଶ୍ୱରଙ୍କୁ ଗୌରବାନ୍ୱିତ କରି ନ ଥାଏ । ଅନ୍ତରରେ ଏହା ନିଜର ଉନ୍ନତି ସାଧନ କରିଥାଏ । ଏହାର ଆଭ୍ୟନ୍ତରୀଣ କଠିନତା ହେତୁ ଇସ୍ରାୟେଲ ଈଶ୍ୱର ଆପଣା ଲୋକମାନଙ୍କୁ ଯାହା ହେବା ପାଇଁ ଉଦ୍ଦେଶ୍ୟ ରଖିଥିଲେ ତା'ର ବିପରୀତ ଅଟେ ।

ଆପଣାର ମନୋନୀତ ଲୋକମାନଙ୍କର ବିଫଳତା ଈଶ୍ୱରଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ନ ଥିଲା, କିମ୍ବା ସୃଷ୍ଟି ପାଇଁ ଆପଣା ଯୋଜନାକୁ ପ୍ରତିହତ କରି ନ ଥିଲା । ଏପର୍ଯ୍ୟନ୍ତ ଯୋଜନାଟିର ସର୍ବାଧିକ ଅଂଶ ଆସିବାକୁ ବାକି ଥିଲା, ପୁଣି ପୁରାତନ ନିୟମ ଏହାର ଚରମ ଉନ୍ମୋଚନର ଇଙ୍ଗିତ ପ୍ରମାଣ ଯୋଗାଇଥାଏ । ଈଶ୍ୱର ଇସ୍ରାୟେଲ ପରିବାର ସହିତ ଏକ ନୂତନ ଚୁକ୍ତି ପ୍ରସ୍ତୁତ କରିବେ ଯେଉଁଥିରେ ପାପର ତ୍ରୁଟିଗୁଡ଼ିକ ମୂଳୋତ୍ପାଟିତ ହୋଇଥିବ । ଆମ୍ଭେ ସେମାନଙ୍କ ଅନ୍ତରରେ ଆମ୍ଭର ବ୍ୟବସ୍ଥା ରଖିବା ଓ ସେମାନଙ୍କ ହୃଦୟରେ ଆମ୍ଭେ ତାହା ଲେଖିବା (ଯିରି. ୩୧:୩୧–୩୩) । ଆମ୍ଭେ ତୁମ୍ଭମାନଙ୍କୁ ଏକ ନୂତନ ହୃଦୟ ଦେବା, ..... ଆମ୍ଭେ ତୁମ୍ଭମାନଙ୍କ ଅନ୍ତରେ ଆମ୍ଭର ଆତ୍ମା ସ୍ଥାପନ କରିବା (ଯିହି. ୩୬:୨୬–୨୭) ।

ତାହାଙ୍କ ଆତ୍ମା ଦ୍ୱାରା ଈଶ୍ୱର ହୃଦୟରେ ଅସ୍ତ୍ରୋପଚାର କରି ମନୁଷ୍ୟର ହୃଦୟରେ ଏକ ନୂତନ ଶକ୍ତି ସ୍ଥାପନ କରିବେ, ତାହା ଏକ ଆଭ୍ୟନ୍ତରୀଣ ବ୍ୟବସ୍ଥା ଅଟେ ଯାହାକି ପ୍ରେରିତ ପାଉଲ ପ୍ରେମର ବ୍ୟବସ୍ଥା ଭାବରେ ଚିହ୍ନଟ କରନ୍ତି : କାରଣ ସମସ୍ତ ବ୍ୟବସ୍ଥା ଏହି ଗୋଟିଏ ବାକ୍ୟରେ ସିଦ୍ଧ ହୁଏ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର (ଗାଲା. ୫:୧୪) । ଏହା ଏକ ଚମତ୍କାର ପ୍ରତିଜ୍ଞା ଅଟେ । କୌଣସି ଅଜ୍ଞାତ ସମୟରୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା ଏକ ନୂତନ ପରିବାର ଗଠନ କରିବା, ଯେଉଁମାନଙ୍କର ହୃଦୟ ପାପର ତ୍ରୁଟିରୁ ଶୁଦ୍ଧ ହେବ ଓ ପ୍ରେମର ନିୟମରେ ପରିପୂର୍ଣ୍ଣ ହେବ, ଏକ ପ୍ରବୃତ୍ତି ଯାହା ବାସ କରୁଥିବା ସ୍ୱୟଂ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇଥିଲା । ସୃଷ୍ଟି ଆଗ୍ରହାନ୍ୱିତ ହୋଇ ଏହି ପରିବାରର ଉତ୍ଥାନକୁ ଅପେକ୍ଷା କରି ରହିଥାଏ !

*ନୂତନ ଲୋକମାନେ ଭବିଷ୍ୟବାଣୀ କହିଥିଲେ*

ଯିଶାଇୟ ଭାବବାଦୀ ଏହି ପୁନଃସୃଷ୍ଟ ପରିବାର ବିଷୟରେ ଅଗ୍ରୀମ ପଦକ୍ଷେପ ନିଅନ୍ତି । ସେ ନୂତନ ଇସ୍ରାୟେଲକୁ ପ୍ରଭୁଙ୍କର ଦାସ ଭାବରେ ଚିହ୍ନଟ କରନ୍ତି, ଯେ କି (ବାକ୍ୟରେ ଆଦିପୁସ୍ତକକୁ

ସ୍ମରଣ କରନ୍ତି) ପୃଥିବୀର ସୀମା ପର୍ଯ୍ୟନ୍ତ ଯେମନ୍ତ ଆମ୍ଭର କୃତ ପରିତ୍ରାଣସ୍ୱରୂପ ହେବ, ଏଥିପାଇଁ ଆମ୍ଭେ ତୁମ୍ଭକୁ ଅନ୍ୟଦେଶୀୟମାନଙ୍କର ଦୀପ୍ତିସ୍ୱରୂପ ମଧ୍ୟ କରିବା (ଯିଶା. ୪୨:୬ ୪୯:୬) । ଠିକ୍ ସେହିପରି ଭାବରେ ଯେତେବେଳେ ଏହି ପରିବାର ପହଞ୍ଚିବେ ସେତେବେଳେ ଯିଶାଇୟ କେବେ ବି ସମ୍ପୂର୍ଣ୍ଣରୂପେ ପ୍ରକାଶିତ ହେବେ ନାହିଁ, ମାତ୍ର ସେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣଗୁଡ଼ିକ ପ୍ରଦାନ କରିବେ । ଜଣେ ସନ୍ତାନ ଜନ୍ମଗ୍ରହଣ କରିବ (ଯିଶା. ୯:୬-୭), ପୁଣି ଏହି ସନ୍ତାନ ଜଣେ ଦାସ ହେବ, ଯେ କି ଅକଥନୀୟ ଦୁଃଖଭୋଗ କରିବ (ଯିଶା. ୫୨:୧୩-୫୩:୧୨) ।

ଏହି ସ୍ଥାନରେ ପ୍ରମାଣଗୁଡ଼ିକର ଅର୍ଥ ନିର୍ଣ୍ଣୟ କରିବା ଅଧିକ କଷ୍ଟ ହୋଇଯାଇଥାଏ । ବେଳେବେଳେ ଦାସ ଈଶ୍ୱରଙ୍କ ପରିବାର ସହିତ ଚିହ୍ନଟ ହୋଇଥା'ନ୍ତି (ଯିଶା. ୪୧:୮) ଓ ବେଳେବେଳେ ଜଣେ ବ୍ୟକ୍ତି ବିଶେଷଙ୍କ ସହିତ (ଯିଶା. ୪୯:୬-୭) । ଦାସ (ଯାହାର ଦୁଃଖଭୋଗରୁ ଏକ ନୂତନ ମାନବ ଜାତି ଅନୁମାନିକ ଭାବରେ ପହଞ୍ଚିବେ) କିପରି ଭାବରେ ଉଭୟ ଲୋକମାନଙ୍କର ଦଳ ହୋଇପାରିବେ ଓ ଜଣେ ବ୍ୟକ୍ତି ପାଠକଙ୍କୁ ଛାଡ଼ି ଦେବେ ତାହା ବିଚାର କରିବା ପାଇଁ । ମାତ୍ର ଶହ ଶହ ବର୍ଷ ପରେ ସବୁକିଛି ସ୍ପଷ୍ଟ ହୋଇଯାଇଥାଏ : ଭୂମଧ୍ୟସାଗରର ପୂର୍ବ ଉପକୂଳବର୍ତ୍ତୀ ଅନୁନ୍ନତ ରାଜ୍ୟରେ ଏକ ସନ୍ତାନ ଜନ୍ମଗ୍ରହଣ କରିଥିଲା। କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ (ଗାଲା. ୪:୪) ।

*ଖ୍ରୀଷ୍ଟ ଓ ଈଶ୍ୱରଙ୍କ ଲୋକମାନେ*

ଏହି ପୁତ୍ର - ଯାହାଙ୍କ ନାମ ହେଉଛି ଯୀଶୁ, ଯାହାଙ୍କୁ ମସୀହ ବୋଲି ଡ଼କାଯାଏ, ଯାହାଙ୍କ ଉପାଧି ହେଉଛି ପ୍ରଭୁ - ସେ ଯିଶାଇୟଙ୍କ ଦ୍ୱାରା ଦିଆଯାଇଥିବା ଭାବବାଣୀର ଅନନ୍ତ ଯୋଜନା ସଫଳ କରିବେ । ପ୍ରେରିତ ପାଉଲ ସେହି ଯୋଜନାର ଅର୍ଥ ଦେବା ପାଇଁ ଅତିଶୟ ଆନନ୍ଦିତ ହୁଅନ୍ତି : ଯୁଗ ଯୁଗ ଧରି ଗୁପ୍ତ ହୋଇ ରହିଥିବା ସେହି ନିଗୂଢ଼ତତ୍ତ୍ୱ ବର୍ତ୍ତମାନ ପ୍ରକାଶିତ ହୋଇଛି - ଯେ ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବର ଭରସାସ୍ୱରୂପ (କଲ. ୧:୨୬-୨୭) । ଏଠାରେ ଶେଷରେ ବାସ କରୁଥିବା ଈଶ୍ୱରଙ୍କ ଉପସ୍ଥିତି ଅଛି ଯାହାକି ଭାବବାଦୀମାନଙ୍କ ଦ୍ୱାରା ପ୍ରତୀକାତ୍ମକ ହୋଇଛି, ଈଶ୍ୱରଙ୍କ ପ୍ରତିମୂର୍ତ୍ତି ମାନବ ହୃଦୟରେ ଖୋଦିତ ହୋଇ ରହିଛି, ପ୍ରେମର ଆଭ୍ୟନ୍ତର ବ୍ୟବସ୍ଥା ଦ୍ୱାରା ପାପ ଅପସାରିତ ହେବା । ଖ୍ରୀଷ୍ଟ, ଯାହାଙ୍କର କ୍ରୁଶ ଉପରେ ନିଜର ଆତ୍ମ-ଶୂନ୍ୟତାର ମୃତ୍ୟୁ ସ୍ୱର୍ଗୀୟ ପ୍ରେମର ମୌଳିକ ପ୍ରକାଶନର ପ୍ରତିନିଧିତ୍ୱ କରିଥିଲା, ତାହା ବର୍ତ୍ତମାନ ଆମ ମଧ୍ୟରେ ବାସ କରିବାକୁ ଆସିଥାଏ । ଖ୍ରୀଷ୍ଟଙ୍କର ବାସ କରୁଥିବା ଉପସ୍ଥିତି ହେତୁ ଈଶ୍ୱରଙ୍କ ଅଲୌକିକ ପ୍ରେମ ଆମ ଅନ୍ତରରେ ସିଦ୍ଧ ହୋଇପାରିବ (୧ମ ଯୋହନ ୪:୧୨) ।

*ଖ୍ରୀଷ୍ଟଙ୍କ ଶରୀର : ବ୍ୟକ୍ତିଗତ ଓ ସାମୂହିକ*

ଆମ ପ୍ରକୃତିର ଆଲୋକପାତ ଓ ମଣ୍ଡଳୀର ଭୂମିକା ହେତୁ ଏହା ସ୍ୱୀକାର କରିବା ସମ୍ପୂର୍ଣ୍ଣ ଆବଶ୍ୟକ ଅଟେ ଯେ ଖ୍ରୀଷ୍ଟଙ୍କର ବାସ କରୁଥିବା ପ୍ରେମ ମନୁଷ୍ୟ ଅନ୍ତରର ବହୁଳତା ମଧ୍ୟରେ

ଅର୍ପିତ ହୋଇଛି । ପ୍ରେରିତ ପାଉଲ ଯେତେବେଳେ ଚର୍ମକାଗଜ ନିଷ୍ପତ୍ତିମୂଳକ ବାକ୍ୟ ଲେଖନ୍ତି – ଆପଣଙ୍କଠାରେ ଖ୍ରୀଷ୍ଟ, ଗୌରବର ଭରସା – ସେତେବେଳେ ସେ ସଙ୍କେତ ଦିଅନ୍ତି (ବହୁବଚନ ତୁମ୍ଭେମାନେ ବ୍ୟବହାର କରି) ଯେ ଏହା ଏକ ଆଶୀର୍ବାଦ ଅଟେ ଯାହାକି ଅନେକ ଲୋକଙ୍କ ଉପରେ ଅର୍ପିତ ହୋଇଥିଲା ।

ଏହା ଏକ ପ୍ରସ୍ତାବ ନୁହେଁ ଯେ ଖ୍ରୀଷ୍ଟ ବ୍ୟକ୍ତିଗତରୂପେ ଅନ୍ତରରେ ବାସ କରନ୍ତି ନାହିଁ । ଅଧିକ ନିଶ୍ଚିତରୂପେ ସେ ବାସ କରନ୍ତି, ମାତ୍ର ଅନ୍ତରଗୁଡ଼ିକ ଅନ୍ୟ ଅନ୍ତରଗୁଡ଼ିକରୁ ବିଚ୍ଛିନ୍ନ ନୁହେଁ । ଶେଷରେ, ଏହା ଅନେକ ହୃଦୟର ଏକ ପରିବାର ଅଟେ ଯାହା ମଧ୍ୟରେ ଖ୍ରୀଷ୍ଟ ବାସ କରିବାକୁ ଆସନ୍ତି (୨ୟ କରି. ୪:୬) । ପୃଥିବୀରେ କେଉଁଠାରେ ଆମ୍ଭେମାନେ ସେହିପରି ଏକ ପ୍ରେମ-ପରିପୂର୍ଣ୍ଣ ପରିବାର ଦେଖିବାକୁ ପାଇଥାଉ ? ଶାସ୍ତ୍ର ଏହାକୁ ସ୍ପଷ୍ଟ କରିଥାଏ : ଏହା ସେହି ଶରୀର ମଧ୍ୟରେ ଅଛି ଯାହାର ମସ୍ତକ ହେଉଅଛନ୍ତି ଯୀଶୁ ଖ୍ରୀଷ୍ଟ ଏହା ମଣ୍ଡଳୀ ମଧ୍ୟରେ ଅଛି ଯାହାକି ତାହାଙ୍କ ନାମ ବହନ କରିଥାଏ ।

ଶେଷରେ ଆମ୍ଭେମାନେ ଏହି ପବିତ୍ର ସମ୍ପ୍ରଦାୟର ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ବିଷୟକୁ ବୁଝିବା ଅବସ୍ଥାରେ ଅଛୁ । ମାତ୍ର ଆମେ ଅନେକ ନିହିତାର୍ଥ ଜାଣିବା ପୂର୍ବରୁ ଏକ ପ୍ରମୁଖ ବିଷୟକୁ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ : ମଣ୍ଡଳୀ ମଧ୍ୟରେ ସଦସ୍ୟତା ବିନାମୂଲ୍ୟରେ ମିଳୁଥିଲା ବେଳେ ଏହା ସ୍ୱତଃପ୍ରବୃତ୍ତ ସମ୍ପନ୍ନତା ନୁହେଁ । କେବଳ ବହୁମୂଲ୍ୟ ଦେବା ଦ୍ୱାରା ଏହାକୁ ଲାଭ କରାଯାଇପାରିବ । ଆମର ପ୍ରାକୃତିକ ଅବସ୍ଥାରେ ଆମ୍ଭେମାନେ ପାପରେ କବଳିତ ହୋଇଛୁ ଓ ପ୍ରଭୁଙ୍କର ବାସକାରୀ ଉପସ୍ଥାନ ପାଇଁ ସମ୍ପୂର୍ଣ୍ଣରୂପେ ଅଯୋଗ୍ୟ ଅଟୁ । କ୍ରୁଶ ଉପରେ ଏକ ଆତ୍ମ-ଉତ୍ସର୍ଗ କାର୍ଯ୍ୟରେ ମାନବ ଇତିହାସରେ ସର୍ବଦା ଦେଖାଯାଉଥିବା ଯେକୌଣସି ବିଷୟକୁ ଅତିକ୍ରମ କରି ତାହା ଥିଲା ବିଶାଳ ଅଗ୍ରଗତି, ଖ୍ରୀଷ୍ଟ ଆମ ପାପର ଗଭୀରତାକୁ ଉଚ୍ଛେଦ କରିଦେଇଥିଲେ ଓ ଆମର ପକ୍ଷରେ ତାହାଙ୍କର ଧାର୍ମିକତା ରଖିଦେଇଥିଲେ (କଲ. ୨:୧୩-୧୪; ୨ୟ କରି. ୫:୨୧) ।

କେବଳ ତାହା ନୁହେଁ, ମାତ୍ର ସେ ମଧ୍ୟ ପ୍ରଥମ ବ୍ୟକ୍ତି ଭାବରେ ତାହାଙ୍କ ଆପଣାର ଗୌରବ ପାଇଁ ମନୋଯୋଗ ନ କରି ତାହାଙ୍କ ସମ୍ପୂର୍ଣ୍ଣ ଜୀବନ ଅତିକ୍ରାନ୍ତ କରିଥିଲେ, ଏପରିକି ଏକ କ୍ରୁଶ ଉପରେ ଲଜ୍ଜାଜନକ ମୃତ୍ୟୁ ପ୍ରତି ଇଚ୍ଛା କରି ସମର୍ପିତ ହୋଇଥିଲେ (୧ମ ଯୋହନ ୩:୫) । ଏହି ଦୁଇଟି ଦିଗରେ ଆମର ପାପକୁ ପରାଜିତ କରିବା ଦ୍ୱାରା – ପାପର ଜୋରିମାନା ଦେବା ଦ୍ୱାରା ଓ ପାପର ଶକ୍ତିକୁ ନଷ୍ଟ କରିବା ଦ୍ୱାରା – ଖ୍ରୀଷ୍ଟ ଆମକୁ ଆପଣାର ପବିତ୍ର ସମ୍ପ୍ରଦାୟ ମଧ୍ୟରେ ନାଗରିକ କରିବା ପାଇଁ ଯୋଗ୍ୟ କରନ୍ତି । ତାହାଙ୍କ ପ୍ରତି ବ୍ୟୟସାପେକ୍ଷ ହେବା ଦ୍ୱାରା ଓ ଆମ ପ୍ରତି ବହୁମୂଲ୍ୟ ହେବା ହିଁ ଖ୍ରୀଷ୍ଟଙ୍କ ଶରୀରରେ ଏହା ଆମର ପ୍ରକ୍ରିୟା ଅଟେ ।

ଅନେକ ସମୟରେ ଆମେ କ୍ରୁଶ ବିଷୟରେ ବ୍ୟକ୍ତି ବିଶେଷଙ୍କ ପ୍ରତି କେବଳ ଏହାର ପ୍ରୟୋଗର ଭାଷାରେ ଚିନ୍ତା କରିଥାଉ । ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ହେତୁ ଏକକ ମନୁଷ୍ୟ ଈଶ୍ୱରଙ୍କ କ୍ରୋଧରୁ ଉଦ୍ଧାରପ୍ରାପ୍ତ ହୋଇପାରିବ ଓ ସ୍ୱର୍ଗୀୟ ଅନନ୍ତକାଳରେ ସ୍ଥାନ ପାଇବାକୁ

ନିଶ୍ଚିତ କରିପାରିବ।  ଏହିସବୁ ବାସ୍ତବତା କୌଣସିମତେ ପ୍ରତିହତ ହେବାକୁ ନ ଥିବାରୁ ବରଂ ସମ୍ପୂର୍ଣ୍ଣ ଭାବରେ ପ୍ରଶଂସା କରାଯିବାକୁ ଥିବାରୁ ଏକକ ହୃଦୟର ପରିତ୍ରାଣ ପ୍ରତି ଖ୍ରୀଷ୍ଟଙ୍କ କାର୍ଯ୍ୟର ଫଳକୁ ସୀମିତ କରିବା ହିଁ ହେଉଛି ବାଇବଲକୁ ଆମ ଦିନରେ ବ୍ୟକ୍ତିଗତ ଭାବରେ ଦୃଷ୍ଟିରେ ପଢ଼ିବା । ଯେକେହି ବ୍ୟକ୍ତିଗତରୂପେ ଖ୍ରୀଷ୍ଟଙ୍କର ଶରୀର ଦ୍ୱାରା ମିଳିତ ହୋଇଛନ୍ତି, ସେ ଖ୍ରୀଷ୍ଟଙ୍କର ସଂଘବଦ୍ଧ ଶରୀର ମଧ୍ୟରେ ଅବସ୍ଥାପିତ ହୋଇଛନ୍ତି । ସମସ୍ତେ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ (୧ମ କରି. ୧୨:୧୩) । ପୁଣି ଏହା ହେଉଛି, ସର୍ବୋପରି, ଏହି ସଂଘବଦ୍ଧ ଶରୀର ମଧ୍ୟରେ, ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଅଛି ଯାହାକି ଖ୍ରୀଷ୍ଟଙ୍କଠାରେ ଓ ଖ୍ରୀଷ୍ଟଙ୍କ ଦ୍ୱାରା ନୂଆ ଭାବରେ ଗଠିତ ହୋଇଛି, ଯେ ସୃଷ୍ଟି ପାଇଁ ଈଶ୍ୱରଙ୍କ ଯୋଜନାର ବଡ଼ ଦିଗଗୁଡ଼ିକ ଅତି ଉତ୍ତେଜକ ସଂଜ୍ଞା ଗ୍ରହଣ କରିଥାଏ ।

*ଖ୍ରୀଷ୍ଟଙ୍କ ଶରୀର : ସ୍ଥାନୀୟ ଓ ସର୍ବସାଧାରଣ*

ଯୀଶୁ ଖ୍ରୀଷ୍ଟଙ୍କର ଶରୀର ଏକ ଅତି ବୃହତ୍ ଶରୀର ଅଟେ, ତାହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀମାନଙ୍କର ସାରା ବିଶ୍ୱର ସମ୍ପ୍ରଦାୟ ମଧ୍ୟରେ ମୋଟେ କ୍ଷୁଦ୍ର ନୁହେଁ । ଅନ୍ୟ ଭାଷାରେ, ଏହା ଏକ ସର୍ବସାଧାରଣ ମଣ୍ଡଳୀ ଅଟେ । ମାତ୍ର – ଓ ଏଠାରେ ଏକ ଜଟିଳ ପାର୍ଥକ୍ୟ ଅଛି – ସର୍ବସାଧାରଣ ମଣ୍ଡଳୀ କେବଳ ଏହାର ସ୍ଥାନୀୟ ସ୍ପଷ୍ଟ ପ୍ରକାଶ ଯେତେ ଯୋଗ୍ୟ, ତାହା ସେତେ ବଳିଷ୍ଠ ଅଟେ । ଏହା ବିଶେଷରୂପେ ସ୍ଥାନୀୟ ସଭାର ସ୍ତରରେ ଅଛି ଯେ ସୃଷ୍ଟି ପାଇଁ ଈଶ୍ୱରଙ୍କ ଯୋଜନାର ନାଟକ ବୃଦ୍ଧି ପାଉଛି । ସେଥିପାଇଁ ପ୍ରେରିତ ପାଉଲ ଗାଲାତୀୟ ଓ ଏଫିସରେ ସ୍ଥାନୀୟ ମଣ୍ଡଳୀ ପାଇଁ ବିଶେଷରୂପେ ପ୍ରାର୍ଥନା କରନ୍ତି, କରିନ୍ଥ ଓ ଫିଲିପ୍ପୀରେ ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ପରିଦର୍ଶନ କରନ୍ତି, ଓ ରୋମ୍‌ରେ ଓ ଥେସଲିନିକୀରେ ଥିବା ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ପତ୍ର ଲେଖନ୍ତି – ସେହି ପତ୍ରଗୁଡ଼ିକ ଯାହାକୁ କି ଆମେ ଆମର ବ୍ୟକ୍ତିଗତ ବାଇବଲ ପଠନ ସମୟରେ ଅନେକ ସମୟରେ ବ୍ୟକ୍ତିଗତରୂପେ ଅର୍ଥ କରିଥାଉ, ମାତ୍ର ଉଦାହରଣସ୍ୱରୂପ ସେଥିରେ ଥିବା ବିଷୟଗୁଡ଼ିକ ଲୋକମାନଙ୍କର ସମଗ୍ର ସମ୍ପ୍ରଦାୟକୁ ସଂଶୋଧନ କରିବାକୁ ନିର୍ଦ୍ଦେଶିତ ହୋଇଥିଲା, ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ଆହ୍ୱାନ ଦିଆଯାଇଥିଲା ।

ଈଶ୍ୱରଙ୍କ ଯୋଜନାର ସଂଘୀୟ ଦିଗରେ ଅସାଧାରଣ ସୃଜନୀଶକ୍ତି ଅଛି । ଜଗତ ନିଜେ ମାନବ ସମ୍ପର୍କର ଏକ ଶ୍ରେଣୀ ବିଭାଜନ ଅପେକ୍ଷା ଅନ୍ୟ କିଛି ନୁହେଁ, ଯାହାର ଅଧିକାଂଶ ବିଷୟ ଭାଙ୍ଗିଯାଇଛି, ମତାନ୍ତର ଓ ବିବାଦ ଦ୍ୱାରା ବିଚ୍ଛିନ୍ନ ହୋଇଛି, ପାପର ଅତି ଲୋଭ ଦ୍ୱାରା ଶେଷରେ ଖଣ୍ଡ ଖଣ୍ଡ ହୋଇଯାଇଛି । ପ୍ରତ୍ୟେକ ସ୍ତରରେ ବିଭାଜନ ରାଜତ୍ୱ କରିଛି, କ୍ଷୁଦ୍ର ଆକାରର ସମ୍ପର୍କଗତ ଏକକରୁ ଯେପରି ବିବାହ (ଯେଉଁଠାରେ ପ୍ରାୟ ଉତ୍ତର ଆମେରିକାର ସମସ୍ତ ବିବାହ ମଧ୍ୟରୁ ଅର୍ଦ୍ଧେକ ଛାଡ଼ପତ୍ରରେ ଶେଷ ହୋଇଥାଏ) ବୃହତ୍ ଆକାରର ଏକତା ପର୍ଯ୍ୟନ୍ତ ଯେପରି ଜାତିଗୁଡ଼ିକ (ଯେଉଁଠାରେ ବର୍ତ୍ତମାନସୁଦ୍ଧା ଆନ୍ତର୍ଜାତୀୟ ସ୍ତରରେ ପ୍ରାୟ ଚାଳିଶଟି ଯୁଦ୍ଧର ମୂଲ୍ୟ ଦିଆଯାଇଛି) ସେଥିରେ ସବୁ ବିଷୟ ରହିଥାଏ (ଯେଉଁଠାରେ ସଂଘର୍ଷର ଧାରା ଗଭୀର ଭାବରେ ଲିଙ୍ଗ, ଜାତି, ରାଜନୈତିକ ଦଳ, ପିଢ଼ି, ଯୌନଗତ

ପସନ୍ଦଗୁଡ଼ିକ ଓ ଅନ୍ୟାନ୍ୟ ସମ୍ପର୍କଗୁଡ଼ିକର ତାଲିକା ଛିନ୍ନ ହୋଇଥାଏ ଯାହାକି ପ୍ରାୟ ଅନିର୍ଦ୍ଦିଷ୍ଟ ଭାବରେ ବହୁଗୁଣିତ ହୋଇପାରିଥିଲା) । ସମ୍ପର୍କ ମଧ୍ୟରେ ଫାଟ ଓ ବିଭାଜନ ଆମ ଜଗତର ସର୍ବାଧିକ ଅଭ୍ୟାସଗତ ଭାବରେ କ୍ଳେଶ ଦେଉଥିବା ଅନ୍ଧକାର ଅଟେ ।

## ମଣ୍ଡଳୀ ମଧ୍ୟରେ ଏକତା

ମାତ୍ର ଏହା ହେଉଛି ଅନ୍ଧକାର ଯାହାକି ସ୍ଥାନୀୟ ମଣ୍ଡଳୀ ଦୂର କରିବାକୁ ଅଦ୍ଭୁତ ଭାବରେ ସୁସଜ୍ଜିତ ହୋଇଛି । ଆକ୍ରମଣ କରୁଥିବା ଏକ ଏକକ ଈଶ୍ୱରଙ୍କ ପରିବାରରେ ପ୍ରବେଶ କରିଥାଏ । ଯେଉଁ ସମ୍ପର୍କଗୁଡ଼ିକରେ ଥରେ ଫାଟ ସୃଷ୍ଟି ହୋଇଥିଲା ତାହା ଅଲୌକିକ ଭାବରେ ସଂଶୋଧିତ ହୋଇଛି । ଏପରିକି ଯିହୁଦୀ ଓ ବିଜାତୀୟ, ଗୋଷ୍ଠୀବାଦୀ ଯେଉଁମାନେ ପରସ୍ପରର ଶତ୍ରୁତାକୁ ପରିତ୍ୟାଗ କରିଦେଇଥିଲେ, ସେମାନେ ଏକ ଶରୀରରେ ଆସିଛନ୍ତି । କିପରି ? ସେମାନଙ୍କୁ ଖ୍ରୀଷ୍ଟଙ୍କ ରକ୍ତରେ ନିକଟକୁ ଅଣାଯାଇଛି (ଏଫି. ୨:୧୩) । ସେମାନେ କ୍ରୁଶ ମାଧ୍ୟମରେ ଈଶ୍ୱରଙ୍କ ସହିତ ଏକ ଶରୀରରେ ସଂଯୁକ୍ତ ହୋଇଛନ୍ତି, ଅତଏବ ଶତ୍ରୁତାକୁ ଏଡ଼ାଇ ଦେଇଛନ୍ତି (ଏଫି. ୨:୧୬) । ଖ୍ରୀଷ୍ଟ ପାପର ବିଭାଜକ ଶକ୍ତି ପ୍ରତି ଏକ ଶକ୍ତ ପ୍ରହାର ଦେଇଅଛନ୍ତି, ଅହଂକାର ଓ ଗର୍ବର ସାମାଜିକ ମହାମାରୀ ପ୍ରତି ଶକ୍ତ ପ୍ରହାର ଦେଇଅଛନ୍ତି, ପୁଣି ସେଥିପାଇଁ ପୃଥକୀକରଣର ପ୍ରାଚୀର ଭଙ୍ଗ କରିଅଛନ୍ତି ଓ ମାନବବାଦକୁ ଏକ ନୂତନ ପରିବାର ଭାବରେ ଏକତ୍ର କରିଅଛନ୍ତି, ଯେଉଁଥିରେ ସମଗ୍ର ଗଠନ ଏକତ୍ର ଯୋଡ଼ି ହୋଇ ରହୁଛି, ପ୍ରଭୁଙ୍କର ଏକ ପବିତ୍ର ମନ୍ଦିରରେ ଅଭିବୃଦ୍ଧି ହୋଇଥାଏ ..... ଆତ୍ମାଙ୍କ ଦ୍ୱାରା ଈଶ୍ୱରଙ୍କ ପାଇଁ ଏକ ବାସସ୍ଥାନ ହୋଇଛି (ଏଫି. ୨:୧୫, ୧୯-୨୨) ।

ଈଶ୍ୱର, ଖ୍ରୀଷ୍ଟଙ୍କ ମାଧ୍ୟମରେ ପ୍ରକୃତରେ ଏହି ସତେଜ ସୁଗନ୍ଧଯୁକ୍ତ ପରିବାରରେ ଆପଣାର ଗୃହ ତିଆରି କରୁଅଛନ୍ତି । ଏହା ଏକ ଉତ୍ତମ ବିଷୟ ଅଟେ, କାରଣ ତାହାଙ୍କର ଆତ୍ମ-ଶୂନ୍ୟ ପେୟମରେ ଏହି ପବିତ୍ର ମାନବବାଦର ସଂଯୁକ୍ତ ହୃଦୟ ବାସ କରୁଛି, ଏହାର ସଦସ୍ୟମାନଙ୍କୁ ଅଧିକରୁ ଅଧିକ ସୁଦୃଢ଼ ଭାବରେ ଏକତ୍ର ବାନ୍ଧି ଦେଉଛି, ନୂଆ ଏକତ୍ରିତ ପରିବାର ଜଗତର ବିଖଣ୍ଡିତ ପରିବାରଗୁଡ଼ିକ ପ୍ରତି ଆଶାର ଏକ କିରଣ ଭାବରେ ସେବା କରିଥାଏ । ସ୍ଥାନୀୟ ମଣ୍ଡଳୀଗୁଡ଼ିକ ମାଧ୍ୟମରେ ସେମାନେ ବହୁଗୁଣିତ ହୋଇ ପୃଥିବୀକୁ ପରିପୂର୍ଣ୍ଣ କରିବାବେଳେ ଖ୍ରୀଷ୍ଟଙ୍କର ଏକକ ଗୌରବ ଗ୍ରହର ବିଦାରିତ ସମ୍ପର୍କ ପ୍ରତି ଦୃଶ୍ୟମାନ ହୋଇଥାଏ ।

### *ଆତ୍ମିକ ଦାନଗୁଡ଼ିକ*

ଈଶ୍ୱରଙ୍କ ପ୍ରେମ ଠିକ୍ ଯେପରି ଭାବରେ ବ୍ୟବହାରିକ ଭାବରେ କାର୍ଯ୍ୟ କରିଥାଏ ତାକୁ ପସନ୍ଦ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଉଲ୍ଲେଖନୀୟ ଭାବରେ, ଖ୍ରୀଷ୍ଟଙ୍କଠାରେ ପୁନର୍ଜନ୍ମ ଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତି ଯେ କି ସ୍ଥାନୀୟ ମଣ୍ଡଳୀରେ ପହଞ୍ଚିନ୍ତି ସେ ଜଣେ ଅନୁଗ୍ରହଶୀଳ ଈଶ୍ୱରଙ୍କଠାରୁ ଅଲୌକିକ ଇଚ୍ଛାପତ୍ର ଦ୍ୱାରା ଆସିଥା'ନ୍ତି, ତାହା ପବିତ୍ର ଆତ୍ମାଙ୍କଠାରୁ ଏକ

ଦାନ ଅଟେ, ତାହା ଏକ ବିଶେଷ ଓ ଅନନ୍ୟ ପ୍ରତିଭା ଅଟେ । ଏହା ସେବା ବା ଶିକ୍ଷା ବା ବିଶ୍ୱାସ ବା ପ୍ରଶାସନ ବା ଯେକୌଣସି ସଂଖ୍ୟକ ଅନ୍ୟାନ୍ୟ ଉପହାର ହୋଇପାରିବ (ତାଲିକାଗୁଡ଼ିକ ନିମନ୍ତେ ଦେଖନ୍ତୁ ରୋମୀ. ୧୨:୬-୮ ; ୧ମ କରି. ୧୨:୭-୧୦) ।

କୌଣସି ଉପହାର ସହିତ କେବେ ବି ଖେଳାଯାଇପାରିବ ନାହିଁ ପ୍ରତ୍ୟେକଟି ଏକ ବଡ଼ ହିତସାଧନକୁ ପ୍ରତିନିଧିତ୍ୱ କରିଥାଏ, ଖ୍ରୀଷ୍ଟଙ୍କର ନିଜର ଉପହାରର ମାପ ଅନୁଯାୟୀ (ଏଫି. ୪:୭) ବଣ୍ଟନ କରାଯାଇଥିଲା ଓ ପ୍ରତ୍ୟେକଟି ଶକ୍ତିଯୁକ୍ତ ଭାବରେ ଫଳପ୍ରଦ ଅଟେ, ଏକ ଓ ସମାନ୍ ଆତ୍ମା ଦ୍ୱାରା ଶକ୍ତିଯୁକ୍ତ ହୋଇଥିଲା (୧ମ କରି. ୧୨:୧୧) । ଈଶ୍ୱର କୌଶଳାତ୍ମକ ଭାବରେ ଆପଣା ଲୋକାମାନଙ୍କ ମଧ୍ୟରେ ଦାନଗୁଡ଼ିକ ବଣ୍ଟନ କରନ୍ତି, ବୀମାଚୁକ୍ତି ଦ୍ୱାରା ସୁରକ୍ଷିତ କରୁଅଛନ୍ତି ଯେ ସ୍ଥାନୀୟ ମଣ୍ଡଳୀଗୁଡ଼ିକ ସେହିସବୁ ଉତ୍ସଗୁଡ଼ିକ ସହିତ ଅଧିକାରଭୁକ୍ତ ହୋଇଥିଲେ, ଯାହାକି ତାହାଙ୍କ ଗୌରବର ବୃଦ୍ଧି ପାଇଁ ଆବଶ୍ୟକ ସେ ଯେପରି ଅଭିଳାଷ କରିଥିଲେ, ସେହିପରି ଶରୀରର ପ୍ରତ୍ୟେକଙ୍କ ପାଇଁ ପ୍ରସ୍ତୁତ କରନ୍ତି (୧ମ କରି. ୧୨:୧୮) ।

ଆତ୍ମିକ ଦାନଗୁଡ଼ିକ ବିଷୟରେ ବୁଝିବା ପାଇଁ ଏଠାରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି : ଦାନ କରିବା ପାଇଁ ସେମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଦାନ କରାଯାଇଛି, ଶରୀରର ଅଭିବୃଦ୍ଧି ନିମନ୍ତେ ଅନ୍ୟ ସଦସ୍ୟମାଙ୍କ ଉପରେ ପ୍ରଚୁର ଭାବରେ ଦାନ କରିବା ପାଇଁ ସେମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଦାନ କରାଯାଇଛି, ଖ୍ରୀଷ୍ଟଙ୍କ ଶରୀର ଗଠନ କରିବା ପାଇଁ (ଏଫି. ୪:୧୨) । ସ୍ଥାନୀୟ ମଣ୍ଡଳୀର ପ୍ରତ୍ୟେକ ସଦସ୍ୟ ଯେତେବେଳେ ତାଙ୍କର ଦାନକୁ ଦାନ କରିଦିଅନ୍ତି, ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟମାନଙ୍କଠାରେ ଆତ୍ମିକରୂପେ ବିନିଯୋଗ କରୁଛନ୍ତି, ସେତେବେଳେ ଫଳ ସମ୍ପୂର୍ଣ୍ଣରୂପେ ଆଶ୍ଚର୍ଯ୍ୟକର ଅଟେ : ମଣ୍ଡଳୀର ସଦସ୍ୟଗଣ ଏକ ଗୌରବମୟ ଏକତାରେ ଏକତ୍ର ବାନ୍ଧି ହୋଇ ରହିଛନ୍ତି । ତାହାଙ୍କଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ୱାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ କରୁଅଛି (ଏଫି. ୪:୧୬) ।

ଲୋକମାନେ ଯେତେବେଳେ ସେମାନଙ୍କ ଦାନଗୁଡ଼ିକୁ ଶରୀରର ଅନ୍ୟାନ୍ୟ ଅଙ୍ଗଗୁଡ଼ିକ ଉପରେ ବହୁଳ ଭାବରେ ଲଦି ଦିଅନ୍ତି, ସେତେବେଳେ ସେମାନେ ନିଜ ସହିତ ଅନ୍ୟମାନଙ୍କୁ ପ୍ରାୟ ଫାଟ ନ ଥିବା ଢ଼ାଞ୍ଚା ପ୍ରତି ଆକର୍ଷଣ କରନ୍ତି । ସେମାନେ ନିଜ ନିଜକୁ ବାହାର କରିଦେବା ଦ୍ୱାରା ସେମାନେ ଅନ୍ୟମାନଙ୍କୁ ଭିତରକୁ ଆକର୍ଷଣ କରନ୍ତି । ପଦାର୍ଥ ବିଜ୍ଞାନର ନିୟମଗୁଡ଼ିକ ଲଙ୍ଘନ କରାଯାଇଥିବା ବିଷୟ ଜଣାଯାଇଥାଏ (କିଏ ବା ଫାଟ ନ ଥିବା ଏକ ଢ଼ାଞ୍ଚା ତିଆରି କରିବାରେ ଏକ ବାହ୍ୟ ଆଘାତକୁ ସର୍ବଦା ଶୁଣିବେ?) ଓ ତଥାପିମଧ୍ୟ ଏହା ସିଦ୍ଧ ଅର୍ଥ ପ୍ରସ୍ତୁତ କରିଥାଏ । ଶରୀରର ପ୍ରତ୍ୟେକ ସଦସ୍ୟ ଯେତେବେଳେ ସେବା ଦାନ କରିବା ବିଷୟରେ ଲାଗି ରହିଥା'ନ୍ତି, ସେତେବେଳେ ସମସ୍ତ ସଦସ୍ୟ ବହୁଳ ଭାବରେ ଏକତ୍ରିତ ହୋଇଥା'ନ୍ତି, ତାହା ଏତେ ବହୁଳ ଭାବରେ ହୋଇଥାଏ ଯେ ସେମାନେ ପ୍ରକୃତରେ ନିଜକୁ ଖ୍ରୀଷ୍ଟଙ୍କ ଅନୁରୂପ କରିଥା'ନ୍ତି ।

ଅବଶ୍ୟ ସେମାନଙ୍କ ଗହଣରେ ଯେଉଁ ବିଷୟ ପଛକୁ ଓ ଆଗକୁ ହେଉଛି ତାହା ହେଉଛି ନିଶ୍ଚିତରୂପେ ଖ୍ରୀଷ୍ଟଙ୍କ ପ୍ରେମ ସେମାନଙ୍କ ସହିତ ବାସ କରନ୍ତି । ତାହାଙ୍କର କ୍ରୁଶୀୟ ପ୍ରେମର ବହୁଳ ପ୍ରକାଶନ ଦ୍ୱାରା ସ୍ଥାନୀୟ ମଣ୍ଡଳୀ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ସ୍ଥିତିରେ ଯୋଗ ଦାନ କରନ୍ତି (ଏଫି. ୪:୧୩) ଓ ତାହାଙ୍କଠାରେ ପ୍ରତ୍ୟେକ ଉପାୟରେ ଅଭିବୃଦ୍ଧି ଲାଭ କରନ୍ତି ଯେ କି ମୁଖ୍ୟ ଅଟନ୍ତି, ଏପରିକି ଖ୍ରୀଷ୍ଟଙ୍କ ମଧ୍ୟରେ ବି (ଏଫି. ୪:୧୫) । ଲୋକମାନଙ୍କର ଏହି ଶରୀରକୁ ଦେଖିବା ହେଉଛି ଅନାଇ ରହିବା – ଏକ ଅତି ବାସ୍ତବ ଅର୍ଥରେ – ସ୍ୱୟଂ ପ୍ରଭୁ ଯୀଶୁ ।

*ମଣ୍ଡଳୀର ଶକ୍ତି*

ଏହି ଦୃଶ୍ୟର ଶକ୍ତି ଅତି କ୍ୱଚିତ୍ ଅତିରଞ୍ଜିତ କରି କୁହାଯାଇପାରିବ । ଏହା ହେଉଛି ନ୍ୟୁକ୍ଲୀୟ ସଂଯୋଜନା। ଅଣୁଗୁଡ଼ିକ ହେଉଛି ପ୍ରକୃତିର ସବୁଠାରୁ କ୍ଷୁଦ୍ର ଓ ସର୍ବାଧିକ ଅଲକ୍ଷିତ ଆଶ୍ଚର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ, ମାତ୍ର ଯେତେବେଳେ ଏହି ଅତି କ୍ଷୁଦ୍ର ଗଠନଗୁଡ଼ିକ ମଧ୍ୟରୁ ଦୁଇଟି ଏକତ୍ର ସଂଯୋଜିତ ହୋଇଥାଏ, ସେତେବେଳେ ପ୍ରଚୁର ଶକ୍ତିଶାଳୀ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯେତେବେଳେ ଏହି ସଂଯୋଜିତ ଅଣୁଗୁଡ଼ିକ ମଧ୍ୟରୁ ଅନେକ ଅନ୍ୟ ଅଣୁ ସହିତ ସଂଯୋଜିତ ହୋଇଥାଏ, ସେତେବେଳେ କିଛି ଭିନ୍ନ ବଡ଼ ବିଷୟ ଉଦ୍ରେକ ହୋଇଥାଏ : ଉଚ୍ଚ ତାପରେ ଘଟିତ ନ୍ୟୁକ୍ଲୀୟ ପ୍ରତିକ୍ରିୟା ଶକ୍ତିର ବିସ୍ଫୋରଣ ସମଗ୍ର ନଗରର ଆଲୋକଗୁଡ଼ିକ ଉପରେ ପରିବର୍ତ୍ତିତ ହେବା ପାଇଁ ସକ୍ଷମ ଅଟେ ।

ସେହିପରି ଏକ କ୍ଷୁଦ୍ର ଓ ଦର୍ଶନୀୟ ସାଧାରଣ ଅଣୁ ଶକ୍ତିର ସେହିପରି ପ୍ରତିରୋଧ ବିଷୟ ଶକ୍ତିକୁ କିପରି ଉତ୍ପନ୍ନ କରିଥାଏ ? ମୁଁ ସାନ ପିଲା ଥିଲା ବେଳେ କାଲିଫର୍ଣ୍ଣିଆର ସି ଓନୋଫ୍ରେରେ ଆଣବିକ ଶକ୍ତି କେନ୍ଦ୍ରରୁ ଉପକୂଳରୁ ଦୂରବର୍ତ୍ତୀ ସ୍ଥାନରେ ମୁଁ ଏହି ପ୍ରଶ୍ନଟିର ଉତ୍ତର ଖୋଜୁଥିଲି । ଏକ ଭଲ ଢେଉ ଆସୁ ବୋଲି ଅପେକ୍ଷା କରିଥିଲା ବେଳେ ମୁଁ ଏହାର ବଡ଼ ବର୍ତ୍ତୁଳାକାର ଛାତକୁ ଅନାଇ ରହିଥିଲି ଓ ସଜା ଯାଇଥିବା ହଜାର ହଜାର ବ୍ୟବହୃତ ଖମ୍ବଗୁଡ଼ିକ ଦେଖି ଚମତ୍କୃତ ହେଉଥିଲି ଯେପରି ଏକ ଭଲରୂପେ କ୍ରମାନ୍ୱୟରେ ସୁସଜ୍ଜିତ ହୋଇଥିବା ସୈନ୍ୟବାହିନୀ ଯେଉଁମାନେ ପରମାଣୁରୁ ପ୍ରଚୁର ପରିମାଣର ଶକ୍ତି ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଥିଲେ, ସେଗୁଡ଼ିକ ଏତେ କ୍ଷୁଦ୍ର ଥିଲେ ଯେ ଖାଲି ଆଖିରେ ତାହା ଦେଖାଯାଉ ନ ଥିଲା । ଏହା କିଂକର୍ତ୍ତବ୍ୟବିମୂଢ଼ କରିଦେବା ପରି ଦର୍ଶନୀୟ ବିଷୟ ଥିଲା ।

ତଥାପିମଧ୍ୟ ନ୍ୟୁକ୍ଲୀୟ ଶକ୍ତି ସଂଯୋଜନା ଏକ ସ୍ଥାନୀୟ ମଣ୍ଡଳୀ ମଧ୍ୟରୁ ଉଠୁଥିବା ଶକ୍ତି ସହିତ ତୁଳନା କଲେ ଉଲ୍ଲେଖନୀୟ ନୁହେଁ । ସ୍ଥାନୀୟ ମଣ୍ଡଳୀର ସଦସ୍ୟଗଣ ଯେତେବେଳେ ପରସ୍ପର ମଧ୍ୟରେ ଖ୍ରୀଷ୍ଟଙ୍କ ପ୍ରେମ ଢ଼ାଳି ଦିଅନ୍ତି, ସେତେବେଳେ ବିସ୍ଫୋରଣର ଏକ ନାଟକୀୟ କ୍ରମ ଅନୁଷ୍ଠିତ ହୋଇଥାଏ, ପ୍ରତିକ୍ରିୟା ପରେ ପ୍ରତିକ୍ରିୟା ହୋଇଥାଏ, ଯଥେଷ୍ଟ ଶକ୍ତି ଥାଏ ତାହା ନିଅନ୍ ଆଲୋକ ଓ ମାଇକ୍ରୋ ଓଭେନ୍ ଥିବା କେବଳ ନଗରଗୁଡ଼ିକୁ କେବଳ ବିଦ୍ୟୁତ୍ ଯୋଗାଇ ନ ଥାଏ, ମାତ୍ର ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଅନ୍ଧକାରରେ ମୃତ୍ୟୁବରଣ

କରୁଥିବା ଏକ ଜଗତ ପ୍ରତି ଆତ୍ମିକ ଆଲୋକ ଆଣିଦେଇଥାଏ । ଜଗତର ଅପରିଚ୍ଛନ୍ନ ନାଗରିକମାନେ, ଯେଉଁମାନେ ବିବାଦ ଓ ବିଭକ୍ତ ହୋଇ ବିନଷ୍ଟ ହେଉଛନ୍ତି, ସେମାନଙ୍କ ଦୃଷ୍ଟିରେ, ସ୍ଥାନୀୟ ମଣ୍ଡଳୀର ପ୍ରେମ ଏକ ବହୁତ ସତେଜକରଣ ପ୍ରତିମୂର୍ତ୍ତି ହୋଇପାରିବ । ଏହା ଅନେକଙ୍କୁ ଏହି ପ୍ରେମର ଉତ୍ସର ଗୌରବରେ ରବ ଉତ୍ଥାପନ କରିବାକୁ ଦେଇପାରିବ (ମାଥି. ୫:୧୬) ।

*ପ୍ରେମ ଓ ମଣ୍ଡଳୀ*

ଏହି କାରଣରୁ, ସ୍ଥାନୀୟ ମଣ୍ଡଳୀଗୁଡ଼ିକ ପ୍ରତି ପ୍ରେରିତ ପାଉଲଙ୍କର ପରାମର୍ଶ କେବେ ବି ଭିନ୍ନ ଭିନ୍ନ ହୋଇ ନ ଥାଏ : ଆଉ ଏହିସମସ୍ତ ଉପରେ ପ୍ରେମକୁ ପରିଧାନ କର, ଏହା ସିଦ୍ଧ ଅବସ୍ଥାର ବନ୍ଧନସ୍ୱରୂପ (କଲ. ୩:୧୪) । ପରସ୍ପରକୁ ପ୍ରେମ କରିବା ବିନା ଆଉ କାହିଁରେ କାହାରିଠାରେ ଋଣୀ ହୁଅ ନାହିଁ କାରଣ ଯେ ପରକୁ ପ୍ରେମ କରେ, ସେ ବ୍ୟବସ୍ଥା ସଫଳ କରିଅଛି (ରୋମୀ. ୧୩:୮) । ଅତଏବ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ (୧ମ କରି. ୧୩:୧୩) । ତୁମ୍ଭେମାନେ ସ୍ୱାଧୀନତା ନିମନ୍ତେ ଆହୂତ ହୋଇଅଛ କେବଳ ତୁମ୍ଭର ସ୍ୱାଧୀନତାକୁ ଶାରୀରିକ ଅଭିଳାଷ ପୂରଣ ନିମନ୍ତେ ସୁଯୋଗସ୍ୱରୂପେ ବ୍ୟବହାର ନ କର, ବରଂ ପ୍ରେମରେ ପରସ୍ପରର ଦାସ ହୁଅ । କାରଣ ସମସ୍ତ ବ୍ୟବସ୍ଥା ଏହି ଗୋଟିଏ ବାକ୍ୟରେ ସିଦ୍ଧ ହୁଏ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର (ଗାଲା. ୫:୧୩-୧୪) । ଆଉ ତୁମ୍ଭମାନଙ୍କ ପ୍ରତି ଆମ୍ଭମାନଙ୍କର ଯେପରି ପ୍ରେମ, ସେପରି ପରସ୍ପର ଓ ସମସ୍ତଙ୍କ ପ୍ରତି ପ୍ରେମରେ ପ୍ରଭୁ ତୁମ୍ଭମାନଙ୍କୁ ଆହୁରି ଅଧିକରୂପେ ବଢ଼ାଇଦିଅନ୍ତୁ (୧ମ ଥେସ. ୩:୧୨) ।

ସେହି ସମାନ୍ ଆହ୍ୱାନ ପ୍ରେରିତ ଯୋହନଙ୍କ ଦ୍ୱାରା ଆସିଛି : ଆମ୍ଭମାନଙ୍କର ଯେ ପରସ୍ପରକୁ ପ୍ରେମ କରିବା କର୍ତ୍ତବ୍ୟ, ଏହି ବାଣୀ ତୁମ୍ଭେମାନେ ଆଦ୍ୟରୁ ଶୁଣିଅଛ (୧ମ ଯୋହନ ୩:୧୧) । ହେ ପ୍ରିୟମାନେ, ଆସ, ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁଁ, କାରଣ ପ୍ରେମ ଈଶ୍ୱରଙ୍କଠାରୁ ଜାତ, ଆଉ ଯେକେହି ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ (୧ମ ଯୋହନ ୪:୭) । ସେହିପରି ମଧ୍ୟ ପ୍ରେରିତ ପିତର : ବିଶେଷରେ ପ୍ରଗାଢ଼ ପ୍ରେମରେ ପରସ୍ପରକୁ ପ୍ରେମ କରୁଥାଅ (୧ମ ପିତର ୪:୮) । ଏହି ପରାମର୍ଶ ନିଃସନ୍ଦେହରେ ସ୍ୱୟଂ ଯୀଶୁଙ୍କ ବାକ୍ୟରେ ଏକ ଉତ୍ସ ପାଇଥାଏ : ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହା ହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ, ଏହା ସମସ୍ତେ ତଦ୍ଦ୍ୱାରା ଜ୍ଞାତ ହେବେ (ଯୋହନ ୧୩:୩୫) । ପ୍ରେମ ହେଉଛି ଈଶ୍ୱରଙ୍କ ପରିବାରର ଅପରିହାର୍ଯ୍ୟ ଆବଶ୍ୟକତା ।

ଏହି ପ୍ରେମ କିପରି ଅଭ୍ୟାସରେ କାର୍ଯ୍ୟ କରିଥାଏ ତା'ର ଉଦାହରଣଗୁଡ଼ିକ ହେଉଛି ପ୍ରେରିତିକ ଚୁକ୍ତିରେ ସର୍ବବ୍ୟାପୀ : ପରସ୍ପରର ଭାର ବହନ କର ଏହି ପ୍ରକାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବ (ଗାଲା. ୬:୨) ପ୍ରତି ଜଣ କେବଳ ଆପଣା ବିଷୟରେ

ମନୋଯୋଗୀ ନ ହୋଇ ଅନ୍ୟର ବିଷୟରେ ମଧ୍ୟ ମନୋଯୋଗୀ ହୁଅ । ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ (ଫିଲି. ୨:୪-୫) ତୁମ୍ଭେମାନେ ସର୍ବଦା ପରସ୍ପରର ଓ ସମସ୍ତଙ୍କର ମଙ୍ଗଳ କରିବାକୁ ସଚେଷ୍ଟ ହୁଅ (୧ମ ଥେସ. ୫:୧୫) ପରସ୍ପର ପ୍ରତି ସଦୟ ହୁଅ, କୋମଳହୃଦୟ ହୁଅ, ପରସ୍ପରକୁ କ୍ଷମା କର (ଏଫି. ୪:୩୨) ଯେଉଁମାନେ ଆନନ୍ଦ କରନ୍ତି, ସେମାନଙ୍କ ସହିତ ଆନନ୍ଦ କର ଯେଉଁମାନେ ରୋଦନ କରନ୍ତି, ସେମାନଙ୍କ ସହିତ ରୋଦନ କର। ପରସ୍ପର ପ୍ରତି ଏକମନା ହୁଅ (ରୋମୀ. ୧୨:୧୫-୧୬) । ଅତିରିକ୍ତ ଉଦାହରଣଗୁଡ଼ିକ ପ୍ରାୟ ଅନିର୍ଦ୍ଦିଷ୍ଟ ଭାବରେ ବହୁଗୁଣିତ ହୋଇପାରିଥିଲା, କାରଣ ସେଥିରେ ଉପାୟଗୁଡ଼ିକରେ କୌଣସି ସୀମା ହିଁ ନାହିଁ ଯେଉଁଥିରେ ଏକ ସ୍ଥାନୀୟ ମଣ୍ଡଳୀ କିଛି ବିଷୟକୁ ଖ୍ରୀଷ୍ଟଙ୍କ ପ୍ରେମର ସୀମାହୀନ ଭାବରେ ପ୍ରଦର୍ଶନ କରିପାରିବ । ଏହା ହେଉଛି ପ୍ରେମ ଯାହାକି ଜ୍ଞାନକୁ ଅତିକ୍ରମ କରିଥାଏ (ଏଫି. ୩:୧୯) ।

ଏହି ପ୍ରେମର କୌଶଳାତ୍ମକ ଗୁରୁତ୍ୱକୁ ଧରି ରଖିବା ପାଇଁ ମନୁଷ୍ୟର କୌଣସି ଭାଷା ହିଁ ନାହିଁ । ସ୍ଥାନୀୟ ମଣ୍ଡଳୀ ଓ ଏହାର ପ୍ରେମ ଏକ ଅତ୍ୟାଧୁନିକ ଜଗତ ପ୍ରତି କେବଳ ନିଶ୍ଚିତ ବିଷ ନିରୋଧକ ବିଷୟର ପ୍ରତିନିଧିତ୍ୱ କରିଥାଏ, ଯେଉଁ ଜଗତ ପାପ ଓ ନୈରାଶ୍ୟରେ ଜର୍ଜରିତ ହୋଇଥିଲା । ଆଜି ଲୋକମାନେ ଗୋଟିଏ ପାଦକୁ ଅନ୍ୟଟିର ଆଗରେ ପକାଇବାକୁ ଚେଷ୍ଟା କରୁଛନ୍ତି ଓ ଏକ ଅର୍ଥପୂର୍ଣ୍ଣ ସ୍ଥିତି ବଜାୟ ରଖନ୍ତି, ମାତ୍ର ଅବିରତ ଭାବରେ ଅନିଶ୍ଚିତତା ଓ ଦ୍ୱନ୍ଦର ଚୋରାବାଲି ମଧ୍ୟରେ ବୁଡ଼ି ଯାଉଛନ୍ତି । ବନ୍ଧୁତାକୁ ଅପେକ୍ଷା କରି କରି ସେମାନେ ପ୍ରାଣର କ୍ଷତଗୁଡ଼ିକୁ ଅବଶୋଷଣ କରନ୍ତି । ବନ୍ଧୁତା ଲାଳସାରେ ସେମାନେ ନିଃସଙ୍ଗତାରେ ଜର୍ଜରିତ ହୋଇଯା'ନ୍ତି । ନିଶ୍ଚୟତା ଅନ୍ୱେଷଣ କରି କରି ସେମାନେ ନିଜକୁ ସନ୍ଦେହ କରନ୍ତି । ସୁରକ୍ଷା ପାଇବାକୁ ଇଚ୍ଛା କରି କରି ସେମାନେ ଉତ୍ତେଜିତ ହୋଇ ଜଙ୍ଗଲୀ ତୃଣରେ କବଳିତ ହୋଇଯା'ନ୍ତି ।

ଲୋକମାନେ ଅଳ୍ପ ବାସ୍ତବ ତୃପ୍ତି ଲାଭ କରିବା ପାଇଁ ଅନ୍ଧକାରରେ କ୍ଳାନ୍ତ, ନିର୍ବାସିତ ହୋଇଛନ୍ତି, ପୁଣି ତଥାପିମଧ୍ୟ ସେମାନେ ଯେକୌଣସି ବିଷୟରୁ ସାନ୍ତ୍ୱନା ଅନ୍ୱେଷଣ କରୁଛନ୍ତି ଯାହାକି ସେମାନଙ୍କୁ ସେମାନଙ୍କ ଶୂନ୍ୟ ଜୀବନରୁ ବିଚଳିତ କରିଦେବ - ଏକ ପର୍ଦ୍ଦା, ଏକ ବିଅର୍ ମଦ, ମଉଜ ମଜଲିସ୍ । ଯେତେବେଳେ ଏଗୁଡ଼ିକ ବି ବିଫଳ ହୋଇଥାଏ, ସେତେବେଳେ ନୈରାଶ୍ୟ ଆସିଥାଏ ଓ ସେମାନେ ଇଚ୍ଛା କରିବାକୁ ଆରମ୍ଭ କରନ୍ତି - ପ୍ରାର୍ଥନା କରିବାକୁ ଆରମ୍ଭ କରନ୍ତି - ଯେ ଏକ କ୍ରନ୍ଦନ ହୁଏତ ବହୁତ ପଛରେ ବହୁତ ଦୂରରେ ଥିବା ଜଣଙ୍କ ଦ୍ୱାରା କରାଯିବ ଯେ କି କେହି ଜଣେ ସୁନ୍ଦର, କିଛି ପ୍ରକୃତ ଗୁରୁତ୍ୱପୂର୍ଣ୍ଣ, କିଛି ଉତ୍କୃଷ୍ଟ ବିଷୟ ପ୍ରତି ଧ୍ୟାନାକର୍ଷଣ କରିପାରିବେ - ଯେକୌଣସି ବିଷୟ ଯାହାକି ନୈରାଶ୍ୟକୁ ଦୂର କରିପାରିବ ଓ ଆଶା ଉଜ୍ଜୀବିତ କରିପାରିବ ।

କିଛି ବିଷୟ ଅଛି ଯାହାକି ଠିକ୍ ସେହିପରି ମୁକ୍ତି ବିଷୟ ଘୋଷଣା କରିଥାଏ । ଏହା କିଛି ବିଷୟ ଏତେ ଉଜ୍ଜ୍ୱଳ ଅଟେ ଯେ ଏହା ପ୍ରକୃତରେ ଏହାର ଚତୁର୍ଦ୍ଦିଗକୁ ପରିବର୍ତ୍ତନ କରିଥାଏ । ଏହା ହେଉଛି ଖ୍ରୀଷ୍ଟଙ୍କ ଶରୀର । ସ୍ଥାନୀୟ ମଣ୍ଡଳୀ ବିଷୟରେ, କାର୍ଯ୍ୟ କରୁଥିବା

ଏକ ସ୍ଥାନୀୟ ମଣ୍ଡଳୀ ବିଷୟରେ ଏକ ଧାରଣା ପାଇବା ପାଇଁ ଯାହାର ସଦସ୍ୟଗଣ ପରସ୍ପର ସହିତ ପ୍ରେମରେ ଭାବବିନିମୟ କରନ୍ତି, ପରସ୍ପରର ଜୀବନରେ ସେମାନଙ୍କର ଈଶ୍ୱରଦତ୍ତ ଦାନଗୁଡ଼ିକୁ ଢ଼ାଳି ଦେଉଛନ୍ତି, ସେମାନଙ୍କ ନିର୍ଭୟ ଆତ୍ମ-ବଳିଦାନରେ ସ୍ୱୟଂ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶୀୟ ପ୍ରେମ ପ୍ରଦର୍ଶନ କରୁଛନ୍ତି, ତାହା ହେଉଛି ଧର୍ମନିରପେକ୍ଷ ମନ ଆହରଣ କରିବାକୁ ଆରମ୍ଭ କରିବା ଅପେକ୍ଷା ବ୍ୟାଖ୍ୟାକରଣ ଦ୍ୱାରା ଅଧିକ ଆଲୋକର ସାକ୍ଷଞ୍ଚ ବହନ କରିବା । ଏହା ହେଉଛି ଦେଖିବା ଯେ ସମାଜର କ'ଣ ଅଭାବ ଅଛି, ଏକ ପ୍ରେମ ଯାହା ବିନା ପ୍ରାଣଗୁଡ଼ିକ ଶୁଖିଯାଏ ଓ ମରିଯାଏ, ଏକ ପ୍ରେମ ଯାହାକି ସମସ୍ତ ଲୋକ (ସେମାନେ ଏହା ଜାଣନ୍ତୁ ବା ନ ଜାଣନ୍ତୁ) ଆବେଗପୂର୍ଣ୍ଣ ଭାବରେ ପ୍ରବଳ ଇଚ୍ଛା ପ୍ରକାଶ କରନ୍ତି । ଏହା ହେଉଛି ସେହି ପ୍ରେମ ଯାହାକି ସ୍ଥାନୀୟ ମଣ୍ଡଳୀରେ ଅନନ୍ୟ ଭାବରେ ଦେଖିବାକୁ ମିଳିଥାଏ ।

*ସାଲିସ୍‌ବିହୀନ ମଣ୍ଡଳୀ*

ଏହା ଆମ ପ୍ରତି ଏକ ସମ୍ପୂର୍ଣ୍ଣ ପ୍ରମୁଖ ପ୍ରଶ୍ନ ଆଣିଦେଇଥାଏ । ସ୍ଥାନୀୟ ମଣ୍ଡଳୀ କ'ଣ ଏହାର ଉଦ୍ଦେଶ୍ୟ ପୂରଣ କରିବ ଓ ଅନ୍ଧକାର ବିରୁଦ୍ଧରେ ବିକିରଣ କରୁଥିବା ଏକ ଆଲୋକ ପରି ଉଜ୍ଜଳ କରିବ ? ଆହୁରିମଧ୍ୟ, ତ୍ରିତ୍ତ୍ୱ ପ୍ରେମର ଗଚ୍ଛିତ ବିଷୟ ଭାବରେ ଏହା କ'ଣ ଏହାର ପଦବୀ ପ୍ରତି କଷ୍ଟ କରିବ ? ଏହା ଆଶ୍ଚର୍ଯ୍ୟର ବିଷୟ ଅଟେ ଯେ ପାଉଲ ଖ୍ରୀଷ୍ଟଙ୍କଠାରେ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରନ୍ତି ଯେପରି ସେମାନେ ସେମାନଙ୍କ ପ୍ରେମକୁ ପ୍ରତିପାଳନ କରିପାରିବେ ଓ ସତ୍ୟମନ୍ତେ ଏକତା ବଜାୟ ରଖିବେ ଏହା ଆଶ୍ଚର୍ଯ୍ୟକର ବିଷୟ ନୁହେଁ :

> ଅତଏବ ଯଦି ଖ୍ରୀଷ୍ଟଙ୍କ ସହଭାଗିତାରେ କୌଣସି ଉତ୍ସାହ, କୌଣସି ପ୍ରେମପୂର୍ଣ୍ଣ ସାନ୍ତ୍ୱନା, ଆତ୍ମାଙ୍କ କୌଣସି ସହଭାଗିତା ପୁଣି କୌଣସି ସ୍ନେହପୂର୍ଣ୍ଣ କରୁଣା ଓ ଦୟା ଥାଏ, ତାହା ହେଲେ ତୁମ୍ଭେମାନେ ଏକମନା, ଓ ଏକ ପ୍ରେମରେ ପ୍ରେମୀ, ଏକଚିତ୍ତ ଓ ଏକଭାବାପନ୍ନ ହୋଇ ମୋହର ଆନନ୍ଦ ପୂର୍ଣ୍ଣ କର । ସ୍ୱାର୍ଥପରତା ଅବା ଅସାର ଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ରଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣାଠାରୁ ଶ୍ରେଷ୍ଠ ମନେ କର ପ୍ରତି ଜଣ କେବଳ ଆପଣା ବିଷୟରେ ମନୋଯୋଗୀ ନ ହୋଇ ଅନ୍ୟର ବିଷୟରେ ମଧ୍ୟ ମନୋଯୋଗୀ ହୁଅ । ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ । (ଫିଲି. ୨:୧-୫)

ସ୍ଥାନୀୟ ମଣ୍ଡଳୀର ଏକତା ବହୁତ ଅଧିକ ଅଛି । ଚରମ ସତର୍କତାର ସହିତ ଏହାକୁ ସଂରକ୍ଷିତ ରଖାଯିବାକୁ ପଡ଼ିବ ।

ଆମ୍ଭେମାନେ କୃତଜ୍ଞ ହୋଇପାରିବା ଯେ ସ୍ଥାନୀୟ ମଣ୍ଡଳୀକୁ ଏହାର ଉଦ୍‌ଯୋଗରେ ସେହିପରି ଛାଡ଼ି ଦିଆଯାଇ ନାହିଁ । ଉପଦେଶକ ପବିତ୍ରତା ବିଷୟରେ ସ୍ୱୟଂ ସଦାପ୍ରଭୁ ଜଣେ ବିଶ୍ୱସ୍ତ ପରିଚାଳକ ଅଟନ୍ତି । ତାହାଙ୍କ ସାର୍ବଭୌମତ୍ୱରେ ସେ ଆପଣା ଲୋକମାନଙ୍କୁ ଦୁଃଖଭୋଗର ଅନପେକ୍ଷିତ ଅନୁଭୂତିରେ ଆବାହନ କରନ୍ତି, କାରଣ ଦୁଃଖଭୋଗ ମାଧ୍ୟମରେ ସେ ଗର୍ବକୁ ଦୂର କରିପାରିବେ ଯାହାକି ବିଚ୍ଛିନ୍ନତାକୁ ଶୀଘ୍ର ଉତ୍ତେଜିତ କରିଥାଏ । ଅନ୍ୟ

ଭାଷାରେ, ସେ ସ୍ୱୟଂ ଖ୍ରୀଷ୍ଟଙ୍କ ଦ୍ୱାରା ଅନୁଭୂତି ସମ୍ପନ୍ନ ହେଉଥିବା ଲୋକମାନଙ୍କ ପରି ଅନେକ ଉପାୟରେ ତାଡ଼ନାର ପରିଚୟ ଦେବା ଦ୍ୱାରା ନମ୍ରତାକୁ ଉଦ୍ରେକ କରିଥା'ନ୍ତି (ଯାହା ବିନା କୌଣସି ପ୍ରକୃତ ପ୍ରେମ ନ ଥିବ) ।

ସେ ଆପଣା ଲୋକମାନଙ୍କୁ ସେମାନଙ୍କ ଶରୀରରେ ଯୀଶୁଙ୍କ ମୃତ୍ୟୁକୁ ବହନ କରିବା ପାଇଁ (୨ୟ କରି. ୪:୧୦), ପୁଣି ଖ୍ରୀଷ୍ଟଙ୍କ ତାଡ଼ନାରେ ଅଭାବ ଥିବା ବିଷୟକୁ ପୂର୍ଣ୍ଣ କରିବା ପାଇଁ (କଲ. ୧:୨୪) । ଅଧିକରୁ ଅଧିକ ଖ୍ରୀଷ୍ଟଙ୍କ (ସଦୃଶ) ତାହାଙ୍କ ମୃତ୍ୟୁରେ ହେବା ଦ୍ୱାରା (ଫିଲି. ୩:୧୦), ସେହି ସମାନ୍ ପ୍ରକାର ବାସନ୍ଦ/ଓ ପ୍ରତ୍ୟାଖ୍ୟାତ ହେବା ଦ୍ୱାରା ସ୍ୱୟଂ ପ୍ରଭୁ ସହ୍ୟ କରିଥିଲେ (୨ୟ କରି. ୧୩:୪) – ଏକ ପ୍ରେମ ପ୍ରଦର୍ଶନ କରୁଥିବା ଅନପେକ୍ଷିତ ନ ହୋଇଥିବା ଏକ ଫଳାଫଳ, ଜଗତର ସ୍ୱାର୍ଥପରତା ପ୍ରତି ଏତେ ପରସ୍ପର ବିରୋଧୀ ଅଟେ ଯେ ଏହା ଜଗତ ପ୍ରତି ଓ ଏହାର ଉପାୟଗୁଡ଼ିକ ପ୍ରତି ଏକ ମରଣଶୀଳ ଭୟ ଧାରଣ କରିଥାଏ – ସଦସ୍ୟଗଣ ସେମାନଙ୍କ ଶରୀରରେ ଯୀଶୁଙ୍କର ଜୀବନ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ଅଛନ୍ତି (୨ୟ କରି. ୪:୧୦) । ସେମାନେ ଅଧିକରୁ ଅଧିକ ଲୋକଙ୍କ ପ୍ରତି ପୁନରୁତ୍ଥିତ ଜୀବନର ପରିବାହୀ ପଥ ହେବା ପାଇଁ ପ୍ରସ୍ତୁତ ଅଛନ୍ତି, ଈଶ୍ୱରଙ୍କ ଗୌରବ ବୃଦ୍ଧି କରିବା ପାଇଁ ଅନେକଙ୍କର ଧନ୍ୟବାଦାହର କାରଣ ହେଉଛନ୍ତି (୨ୟ କରି. ୪:୧୫) । ପ୍ରେମ ଉଦ୍ରେକ କରିବା ପାଇଁ ଓ ଜଗତରେ ଏକ ଉଜ୍ଜ୍ୱଳ ସାକ୍ଷୀକୁ ଉତ୍ସାହିତ କରିବା ପାଇଁ ଜଣେ ସାର୍ବଭୌମ ଈଶ୍ୱରଙ୍କ ହସ୍ତରେ ଦୁଃଖଭୋଗ କରିବା ଦ୍ୱାରା ତାହା ସ୍ୱବିରୋଧାଭାସି ଭାବରେ କାର୍ଯ୍ୟ କରିଥାଏ (୧ମ ପିତ. ୧:୬–୭) ।

## ମଣ୍ଡଳୀ ଓ ସୁସମାଚାର ପ୍ରଚାର

ସ୍ଥାନୀୟ ମଣ୍ଡଳୀ ଆଭ୍ୟନ୍ତରରେ ଏକତାକୁ ଜଗି ରହିବା ବେଳେ ଏହାକୁ ଏକତାକୁ ପ୍ରଦର୍ଶନ ମଧ୍ୟ କରବାକୁ ପଡ଼ିବ । ଅନ୍ୟ ଭାଷାରେ, ଈଶ୍ୱରଙ୍କର ନୂତନ ଲୋକମାନଙ୍କୁ ସଙ୍କୁଚିତ ମନୋଭାବକୁ ଏଡ଼ାଇ ଯିବାକୁ ପଡ଼ିବ । ଏହି ପରିବାରକୁ ଧର୍ମନିରପେକ୍ଷ ଦୃଷ୍ଟିରେ ତାହାଙ୍କ ଗୌରବକୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ବ୍ୟବହାର କରିବାକୁ ଏହା ଈଶ୍ୱରଙ୍କ ଜାଗତିକ ଯୋଜନାର ଅତ୍ୟାବଶ୍ୟକ ଅଂଶ ଅଟେ । ପ୍ରଭୁ ଈଶ୍ୱର ଘୋଷଣା କରନ୍ତି ..... ତୁମ ମାଧ୍ୟମରେ ମୁଁ ଜାତିଗୁଡ଼ିକ ସମ୍ମୁଖରେ ମୋର ପବିତ୍ରତାକୁ ନ୍ୟାୟସଙ୍ଗତ ବୋଲି ପ୍ରତିପାଦିତ କରିବି (ଯିହି. ୩୬:୨୩) । ମାତ୍ର ଏପରିକି ମଣ୍ଡଳୀଗୁଡ଼ିକ ସେହି ଆହ୍ୱାନକୁ ସମର୍ଥନ କରିଥା'ନ୍ତି ଯେପରି ବାହ୍ୟିକ ଭାବରେ ଆଲୋକକୁ ଉଜ୍ଜ୍ୱଳ କରିବା ବିଷୟ ସେମାନଙ୍କ ସାକ୍ଷ୍ୟରେ ବାରମ୍ବାର ଝୁଣ୍ଟିବ । ଜାଗତିକ ଶବ୍ଦଗୁଡ଼ିକରେ ସେମାନେ ବାହାରେ ପ୍ରଭାବିତ ଓ ଆକର୍ଷିତ କରିବାକୁ ଅନ୍ୱେଷଣ କରିପାରିବେ, ଉପାସନାର ଶୈଳୀକୁ, ପିନ୍ଧିବାର ଉପାୟକୁ ଓ ଏପରିକି ଜାଗତିକ ଶୈଳୀକୁ ସମର୍ଥନ କରିବା ପାଇଁ ଧର୍ମଶିକ୍ଷାକୁ ସେହିପରି ଭାବରେ ଖାପ ଖୁଆଇପାରିବେ ।

ଏହି ଉପାୟ ମୌଳିକ ଭାବରେ ତ୍ରୁଟିପୂର୍ଣ୍ଣ ଅଟେ । ସ୍ଥାନୀୟ ମଣ୍ଡଳୀଗୁଡ଼ିକ ଯେତେବେଳେ ଲୋକମାନଙ୍କୁ ସେମାନଙ୍କ ଇଚ୍ଛାମତେ ଦେବାକୁ ଚେଷ୍ଟା କରନ୍ତି, ସେତେବେଳେ

ସେମାନେ ଖ୍ରୀଷ୍ଟଙ୍କ ସୁସମାଚାରର ଉଦ୍ଦେଶ୍ୟର ବିପରୀତ ବିଷୟ କରନ୍ତି । କେତେକ ବିଷୟରେ ସେମାନଙ୍କୁ ଶୁଚି ହେବାକୁ ପଡ଼ିବ, ପଥ ପରିବର୍ତ୍ତନ କରିବାକୁ ପଡ଼ିବ, ଓ ଖ୍ରୀଷ୍ଟଙ୍କର ପ୍ରକୃତ ଅନୁଗାମୀଗଣଙ୍କ ଅଭାବ ପୂରଣ ହୋଇ ନ ପାରିବାରୁ ସେମାନେ ପ୍ରକୃତରେ ମୃତ୍ୟୁବରଣ କରନ୍ତି ବୋଲି ପ୍ରକାଶ କରିବା ଦ୍ୱାରା ସେମାନଙ୍କ ଶ୍ରୋତାମାନଙ୍କୁ ଆଘାତ ଦେଇଥା'ନ୍ତି – ସେମାନେ ନିଜ ନିଜକୁ ଅସ୍ୱୀକାର କରନ୍ତି, କ୍ରୁଶ ବହନ କରନ୍ତି, ଓ ଯୀଶୁଙ୍କୁ ଅନୁସରଣ କରନ୍ତି (ମାର୍କ ୮:୩୪-୩୫) । ଏହି ବିଷୟ ସନ୍ଦେହଜନକ ଅଟେ ଯେ ଅନେକ ମଣ୍ଡଳୀ ସେମାନେ ବ୍ୟବହାର କରିଥିବା ବିଷୟଗୁଡ଼ିକୁ ନିଜେ ପ୍ରତ୍ୟାହାର କରିନେଇଥା'ନ୍ତି, ଯେପରି ଲୋକମାନଙ୍କୁ ପ୍ରଥମେ ପ୍ରଲୋଭିତ କରିପାରିବେ ।

*ଜଗତ ପ୍ରତି ଏକ ହତବୁଦ୍ଧି ଭାବରେ ଖ୍ରୀଷ୍ଟଙ୍କ ସୁସମାଚାର*

ସ୍ଥାନୀୟ ମଣ୍ଡଳୀକୁ ମନେ ରଖିବାକୁ ପଡ଼ିବ ଯେ ଏହା ଜଗତରୁ ସର୍ବାଧିକ ଭିନ୍ନ ହୋଇଥିଲା ବେଳେ ଜଗତ ପ୍ରତି ସର୍ବାଧିକ ଉପଯୋଗୀ ଅଟେ । ଏହାକୁ ଭିନ୍ନ ହେବାକୁ ଚେଷ୍ଟା କରିବାକୁ ପଡ଼ିବ ନାହିଁ । ଏହା କେବଳ ନିଜେ ନିଜେ ହେବାକୁ ଆବଶ୍ୟକ କରିଥାଏ – ଖ୍ରୀଷ୍ଟଙ୍କର ନିଃସ୍ୱାର୍ଥପର ପ୍ରେମର ଏକ ଉଜ୍ଜ୍ୱଳ ଆଲୋକଶିଖା । ପୁଣି ଏହା ହେବା ଦ୍ୱାରା, ଏହା ପ୍ରକୃତରେ ଜଗତକୁ ପ୍ରେମ କରିଥାଏ । ଈଶ୍ୱରଙ୍କ ବାକ୍ୟର ସତ୍ୟଗୁଡ଼ିକ ପ୍ରଚାର କରିବା ଓ ଯୀଶୁ ଖ୍ରୀଷ୍ଟଙ୍କର ଅକପଟ ସୁସମାଚାର ପ୍ରଚାର କରିବା ଅପେକ୍ଷା ଅନ୍ୟ କେଉଁ ବିଷୟ ଅନ୍ତର୍ନିହିତ ବିଷୟରେ ଅଧିକ ଏକ ଯୁଗରେ ଅଧିକ ପ୍ରେମମୟ ହୋଇପାରିଥିଲା ? ନୈରାଶ୍ୟପୂର୍ଣ୍ଣ ଏକ ଜଗତରେ ଓ ଦୁଃଖର ଗୀତଗୁଡ଼ିକରେ ସିଦ୍ଧ ଖ୍ରୀଷ୍ଟୀୟ ଉପାସନା ଓ ଖ୍ରୀଷ୍ଟଙ୍କ ଦ୍ୱାରା ଉଚ୍ଚୀକୃତ ସଙ୍ଗୀତଗୁଡ଼ିକର ଅପ୍ରତିହତ ଆନନ୍ଦ ଅପେକ୍ଷା କେଉଁ ବିଷୟ ଅଧିକ ପ୍ରେମମୟ ହୋଇପାରିଥିଲା ? ଗୋଟିଏ ଦିନରେ କେଉଁ ବିଷୟ ଅଧିକ ପ୍ରେମମୟ ହୋଇପାରିଥିଲା ଯେତେବେଳେ ଲୋକମାନେ ଏକ ଦିନରେ ଏକ ପ୍ରେମ ପାଇଁ ବ୍ୟର୍ଥରେ ଅଣ୍ଡାଳି ହୁଅନ୍ତି ଯାହାକି ନୂତନ ଭାବରେ ଆସିଥିବା ଲୋକମାନଙ୍କୁ ସମ୍ବେଦନଶୀଳତାରେ ପ୍ଲାବିତ କରିବା ଅପେକ୍ଷା ସେମାନଙ୍କ ପ୍ରାଣଗୁଡ଼ିକୁ ପ୍ରତିପାଳନ କରିଥାଏ ଯାହାକି ଖ୍ରୀଷ୍ଟଙ୍କ କ୍ରୁଶରେ ଦେଖିବାକୁ ମିଳିଥିଲା ? ସ୍ଥାନୀୟ ମଣ୍ଡଳୀ ଜଗତକୁ ସର୍ବୋତ୍ତମ ଭାବରେ ପ୍ରେମ କରିଥା'ନ୍ତି ଯେତେବେଳେ ଏହା ସେହି ବିଷୟକୁ ସର୍ବାଧିକ ସ୍ୱଷ୍ଟରୂପେ ଅନ୍ତର୍ଭୁକ୍ତ କରିଥାଏ ଯାହାକି ଜଗତର ନାହିଁ ।

ମାର୍ଟିନ୍ ଲୟଡ୍-ଜୋନ୍ସ୍, ଶେଷ ଶତାବ୍ଦୀର ଜଣେ ମହାନ୍ ପ୍ରଚାରକ ତାଙ୍କ ଯୁଗରେ ଜଗତ ପ୍ରତି ଏକ ସୁଦୃଢ଼ ଆହ୍ୱାନ ଘୋଷଣା କରିଥିଲେ :

> ଆମ୍ଭେମାନେ ଭିନ୍ନ ହେବା ବିଷୟରେ ଏକ ବାସ୍ତବ ଗୌରବପ୍ରାପ୍ତ ହେବା ପରି ଜଣାଯାଇଥାଏ । ଅତଏବ ମଣ୍ଡଳୀକୁ ଲୋକପ୍ରିୟ କରିବା ଓ ଏହାକୁ ଲୋକମାନଙ୍କ ପ୍ରତି ଦେବା ପାଇଁ ଆମର ସମସ୍ତ ଚେଷ୍ଟା ଓ ଉଦ୍ୟମ ..... (କିନ୍ତୁ) ଜଗତ ଖ୍ରୀଷ୍ଟିୟାନ ଭିନ୍ନ ହେବ ତାହାଙ୍କ ପ୍ରତି କିଛି ଭିନ୍ନ ବୋଲି ଦେଖାଇବା ପାଇଁ ଆଶା କରିଥାଏ, ପୁଣି ସେଥିରେ ଜୀବନ ମଧ୍ୟରେ ଏକ ଅନ୍ତର୍ଦୃଷ୍ଟି ପ୍ରଦର୍ଶନ କରିଥାଏ ଯାହାକି ମଣ୍ଡଳୀକୁ

> ନିୟମିତ ଯାଉଥିବା ଲୋକମାନଙ୍କର ଅନେକ ସମୟରେ ଅଭାବ ଥାଏ ..... । ଯଦି (ଜଣେ ବ୍ୟକ୍ତି) ଯେକୌଣସି ମଣ୍ଡଳୀରେ ଘରେ ଥିବା ପରି ଅନୁଭବ କରନ୍ତି, ସେ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ଉଦ୍ଧାରକର୍ତ୍ତାରୂପେ ବିଶ୍ୱାସ କରନ୍ତି ନାହିଁ, ତେବେ ସେହି ମଣ୍ଡଳୀ ମୋଟେ ମଣ୍ଡଳୀ ହିଁ ନୁହେଁ, ମାତ୍ର ଏକ ସାମାଜିକ କ୍ଲବ୍ କିମ୍ବା ମନୋରଞ୍ଜନର ଏକ ସ୍ଥାନ ଅଟେ ।[୭]

ସ୍ଥାନୀୟ ମଣ୍ଡଳୀକୁ ଉଠିବାକୁ ପଡ଼ିବ ଓ ସ୍ଥାନୀୟ ମଣ୍ଡଳୀ ହେବ, ଲୋକମାନଙ୍କର ଏକ ଶରୀର ଯାହାକି ଯୀଶୁ ଖ୍ରୀଷ୍ଟଙ୍କର ଅମିଶ୍ରିତ ସୁସମାଚାର ପ୍ରଚାର କରିବା ପାଇଁ ପ୍ରତିବଦ୍ଧ ହେବାକୁ ପଡ଼ିବ । ଅବଶ୍ୟ, ମଣ୍ଡଳୀ ଯାହା ଅଟେ ଓ ଯାହା କରେ ସୁସମାଚାରକୁ କେନ୍ଦ୍ର କରିବାକୁ ପଡ଼ିବ । ପାଉଲଙ୍କ ପାଇଁ ତା'ର ଦୁଇଟି ଅର୍ଥ ଅଛି : ଖ୍ରୀଷ୍ଟ ଯୀଶୁଙ୍କୁ ପ୍ରଭୁରୂପେ ପ୍ରଚାର କରିବା ଓ ଆମେ ନିଜ ନିଜକୁ ଯୀଶୁଙ୍କ ପାଇଁ ଦାସ କରିବା (୨ୟ କରି. ୪:୫) । ଗ୍ରୀସ୍-ରୋମୀୟ ପୁରାତନ ଜଗତର ସ୍ୱାର୍ଥ ଚିନ୍ତା ପ୍ରତି ଏହି କୌଣସି ବିଷୟ ଗୁରୁତ୍ୱ ଦେଇ ନ ଥାଏ, କିମ୍ବା ବିନାଶପ୍ରାପ୍ତ ଲୋକମାନଙ୍କଠାରେ ଆକର୍ଷଣ କରିବା ପାଇଁ ଏକ କୌଶଳ ଭାବରେ ଅଧିକ ସାହାଯ୍ୟ ଲାଭ କରିବା ପାଇଁ କୌଣସି ଗୁରୁତ୍ୱ ଦିଆଯିବ ନାହିଁ । ତଥାପି ପାଉଲ ପଛଘୁଞ୍ଚା ଦିଅନ୍ତି ନାହିଁ । ତାହାଙ୍କ ପ୍ରଚାର ଅଟଳ ଅଟେ ।

ଚମତ୍କାର ବିଷୟ ହେଉଛି କେବଳ ଏହିଠାରେ ହିଁ ଏକାଧିକ ଲକ୍ଷ୍ୟ ରଖି, ଗୋଟିଏ ସାଙ୍କେତିକ କ୍ରିୟା ବିଷୟ (ଖ୍ରୀଷ୍ଟ ଯୀଶୁ ପ୍ରଭୁ) ଓ ଅନ୍ୟାନ୍ୟ ସାଙ୍କେତିକ ବ୍ୟବହାର (ଆମ୍ଭେମାନେ ଆପଣଙ୍କର ଦାସ ଭାବରେ) ପ୍ରଚାର କରିବା ପାଇଁ ପାଉଲ ଏହି କ୍ରିୟା ବ୍ୟବହାର କରନ୍ତି। ପାଉଲଙ୍କ *କେରିଗ୍‌ମା* ପ୍ରତି କେନ୍ଦ୍ରୀୟ ବିଷୟ ହେଉଛି ଉଭୟ ଘୋଷଣା ଯେ ଯୀଶୁ ପ୍ରଭୁ ଅଟନ୍ତି ଓ ସେ, ପାଉଲ ଜଣେ ଦାସ ଅଟନ୍ତି । ଆମ୍ଭେମାନେ ଯେତେବେଳେ ପାଉଲଙ୍କ ନେତୃତ୍ୱକୁ ଅନୁସରଣ କରିଥାଉ ଓ ତାହାଙ୍କ ଉପାୟରେ ପ୍ରଚାର କରିଥାଉ, ପୁଣି ଯେତେବେଳେ (ଫଳସ୍ୱରୂପ) ସ୍ଥାନୀୟ ମଣ୍ଡଳୀଗୁଡ଼ିକ ସେମାନଙ୍କ ଜଗତରେ ଦାସ ହୁଅନ୍ତି, ଯେପରି ପାଉଲ ତାଙ୍କ ଜଗତରେ ଥିଲେ – କିମ୍ବା ଅଧିକ ଉତ୍ତମ ଭାବରେ ଖ୍ରୀଷ୍ଟ ତାହାଙ୍କ ଜଗତରେ ଥିଲେ (ମାର୍କ ୧୦:୩୫-୪୫) – ସେତେବେଳେ ଆମର ପ୍ରଚାର କେବଳ ଅଧିକ ପୂର୍ଣ୍ଣ ଭାବରେ ଗୋଲାକାରରେ ରହିବ ନାହିଁ, ମାତ୍ର ଆହୁରିମଧ୍ୟ ଅଧିକ କୃତଜ୍ଞ ଭାବରେ ଗ୍ରହଣୀୟ ହେବ ।

*ଜଗତକୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା*

ଯେକୌଣସି ସ୍ଥାନୀୟ ମଣ୍ଡଳୀ ଯାହାକି ଏହାର ଜଗତରେ ସେବା କରିଥାଏ ଯେପରି ଖ୍ରୀଷ୍ଟ ଆପଣାର ପ୍ରଦର୍ଶନରେ ଦ୍ୱିଗୁଣ ଆଘାତରେ ସେବା କରିଥିଲେ : ଏହା ଜଗତକୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବାକୁ ଅନ୍ୱେଷଣ କରିଥାଏ, ପୁଣି ଏହା ଖ୍ରୀଷ୍ଟଙ୍କୁ ଜଗତକୁ ଆଣିବାକୁ ଅନ୍ୱେଷଣ କରିଥାଏ । ଜଗତକୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବାର ସର୍ବୋତ୍ତମ ଉପାୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜଗତକୁ ସ୍ଥାନୀୟ ମଣ୍ଡଳୀର ଏକତ୍ରୀକରଣ ମଧ୍ୟକୁ ନିମନ୍ତ୍ରଣ କରିବା । ପ୍ରଚାରକ

ଚାର୍ଲସ୍ ସ୍ପର୍ଜନ୍ ଟିପ୍ପଣୀ ଦେଇଥିଲେ, ମୁଁ ଆନନ୍ଦିତ ହୋଇଛି, ଯେପରି ମୁଁ ମୋର ମଣ୍ଡଳୀର ଅନେକ ସଦସ୍ୟଙ୍କର ପ୍ରାଣପଣ ଉଦ୍ୟମଗୁଡ଼ିକୁ ଲକ୍ଷ୍ୟ କରିଥିଲି ଯେପରି ସେମାନେ ପାପୀମାନଙ୍କୁ ସମାଗମ ତମ୍ବୁ ନିକଟକୁ ଆଣିପାରିବେ ସୁସମାଚାର ଶୁଣିବା ପାଇଁ ।[୮] ସ୍ୱୀକାର କରାଯାଇ ପାରିଥିଲା, ସମସାମୟିକ ମଣ୍ଡଳୀ କୁଶଳୀମାନଙ୍କ ମଧ୍ୟରେ ଏହା ଏକ ରୁଚିକର ଧାରଣା ନୁହେଁ ଯେଉଁମାନେ ଯୁକ୍ତି କରନ୍ତି ଯେ ଆମ୍ଭେମାନେ ବିପରୀତ ଭାବରେ ଜଗତକୁ ଏହାର ନିଜର ଆବୃତ ଭୂମିରେ – କାର୍ଯ୍ୟ ସମୟରେ କଫି ବିରତି ବେଳେ, ଖେଳ ପଡ଼ିଆରେ ବିରତି ସମୟରେ, ଆଖପାଖ ଅଞ୍ଚଳରେ କୁକୁରକୁ ବୁଲାଇବା ବେଳେ ସାକ୍ଷାତ କରିବାକୁ ପଡ଼ିବ ।

ଯେତେବେଳେ ଅଳ୍ପ କିଛି ଲୋକ ଅସ୍ୱୀକାର କରିବେ ଯେ ଜଗତର ସ୍ଥାୟୀ ବାସସ୍ଥାନ ସ୍ଥାନୀୟ ମଣ୍ଡଳୀର ସାକ୍ଷୀ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ସେତେବେଳେ ଆମେ ଆମେ ଏକ କୌଶଳାତ୍ମକ ସୁଯୋଗ ହରାଇଥାଉ ଯେତେବେଳେ ଆମେ ଜଗତକୁ ଆମ ଘର ମଧ୍ୟକୁ ନିମନ୍ତ୍ରଣ କରିବାରେ ବିଫଳ ହୋଇଥାଉ, ଯେଉଁଠାରେ ଈଶ୍ୱରଙ୍କ ପରିବାର ଖ୍ରୀଷ୍ଟଙ୍କ ଉପାସନା କରିବାକୁ ଏକତ୍ରିତ ହୋଇଥା'ନ୍ତି, ଯେଉଁଠାରେ ସଦସ୍ୟଗଣ ବିଶ୍ୱସ୍ତରୂପେ ପ୍ରଚାରିତ ହୋଇଥିବା ଖ୍ରୀଷ୍ଟଙ୍କ ସୁସମାଚାର ଶୁଣନ୍ତି ଓ ଯତ୍ନସହକାରେ ପ୍ରୟୋଗ କରନ୍ତି, ଯେଉଁଠାରେ ଲୋକମାନେ ଖ୍ରୀଷ୍ଟୀୟ ପ୍ରେମର ସୁଦୂରପ୍ରସାରୀ ପ୍ରକାଶନ ମାଧ୍ୟମରେ ପରସ୍ପର ପ୍ରତି ସେବାକାର୍ଯ୍ୟ କରନ୍ତି, ଯେଉଁଠାରେ ଏହି ସମସ୍ୟାଜଡ଼ିତ ଜଗତର ଏକ କୋଣରେ ଗୋଟିଏ ପରିବାର ପ୍ରକୃତରେ ଈଶ୍ୱରଙ୍କ ତ୍ରିତ୍ତ୍ୱ ପରିବାରର ଭାବମୂର୍ତ୍ତି ଅନୁଯାୟୀ କାର୍ଯ୍ୟ କରୁଛି । ଭଗ୍ନ ସମ୍ପର୍କଗୁଡ଼ିକର ଓ କାର୍ଯ୍ୟ କରିବାରେ ବିଫଳ ହୋଇଥିବା ପରିବାରଗୁଡ଼ିକ ଏକ ସମୟରେ ସର୍ବତ୍ର ଉପସ୍ଥିତି ମଧ୍ୟରେ, କେଉଁଠାରେ ଲୋକମାନେ ବରଂ ଈଶ୍ୱରଙ୍କ ପରିବାର ଗହଣରେ ମନୁଷ୍ୟ ହେବା ପାଇଁ ଏକ ଅଧିକ ଉତ୍ତମ ଉପାୟ ଦେଖିପାରିବେ? ଆମକୁ ଜଗତକୁ ଆମର ମଣ୍ଡଳୀ ମଧ୍ୟକୁ ନିମନ୍ତ୍ରଣ କରିବାକୁ ପଡ଼ିବ ।

ଏହି ବିଷୟର ଗୁରୁତ୍ୱ ବୁଝାଇ ଦେଇ ପାଉଲ ଏହି ଘଟଣା ପ୍ରତି ଆମର ଧ୍ୟାନାକର୍ଷଣ କରନ୍ତି ଯେ ଯେଉଁ ସଙ୍ଗଠନକୁ ସ୍ଥାନୀୟ ମଣ୍ଡଳୀ ବୋଲି ଡ଼କାଯାଇଥିଲା ତା'ର ମୂଳରେ ସମ୍ପର୍କଗତ ଏକକର ଏକ କେଲିଡ଼ୋସ୍କୋପ୍ ଅଛି । ସେ ଧର୍ମସଂକ୍ରାନ୍ତ ଶରୀରକୁ ଯୋଡ଼ି ଯୋଡ଼ି କରି ଦଳ କରନ୍ତି : ସ୍ୱାମୀମାନେ ଓ ସ୍ତ୍ରୀମାନେ, ପିତାମାତା ଓ ପିଲାମାନେ, ନିଯୁକ୍ତିକାରୀ ଓ କର୍ମଚାରୀ (ଏଫି. ୫:୨୨–୬:୯ ; କଲ. ୩:୧୮–୪:୧) । ଏହା ତତ୍କ୍ଷଣାତ୍ ଲକ୍ଷ୍ୟଣୀୟ ଅଟେ ଯେ ପ୍ରତି ଯୋଡ଼ି ସମାଜର ମୌଳିକ ବ୍ଲକ୍‌ଗୁଡ଼ିକର ଗୋଟିଏକୁ ପ୍ରତିନିଧିତ୍ୱ କରନ୍ତି । ମାତ୍ର ଏହି ଯୋଡ଼ିଗୁଡ଼ିକର ଉଲ୍ଲେଖନୀୟତା ପ୍ରତ୍ୟେକ ସମାଜରେ ସେମାନଙ୍କ ଉପସ୍ଥିତିରୁ ଆସି ନ ଥାଏ ମାତ୍ର ଈଶ୍ୱରଙ୍କ ସମାଜରେ ଥିବା ସେମାନଙ୍କ ଉପସ୍ଥିତିରୁ ଆସିଥାଏ ।

ପାଉଲଙ୍କ ପାଇଁ ସ୍ଥାନୀୟ ମଣ୍ଡଳୀ ହେଉଛି ଜଗତର ମୌଳିକ ସାମାଜିକ ଏକତ୍ରୀକରଣ ପୁଣି ସେହିପରି ଏହାର ଅର୍ଥ ହେଉଛି ଜଗତର ଯୋଡ଼ିଗୁଡ଼ିକ ପ୍ରତି ଏକ ନମୁନା ଭାବରେ ସେବା କରିବା । ଏହାର ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସମ୍ପର୍କଗୁଡ଼ିକରେ ଓ ବିଶେଷରୂପେ ବିବାହରେ, ପରିବାରରେ, ଓ ବ୍ୟବସାୟରେ ଦମ୍ପତ୍ତିଙ୍କ ମଧ୍ୟରେ ସମ୍ପର୍କରେ ଧର୍ମର ସମ୍ପର୍କଗୁଡ଼ିକରେ ସ୍ଥାନୀୟ

ମଣ୍ଡଳୀ ବାହ୍ୟ ଜଗତରେ ସମାନ୍ ସମ୍ପର୍କ ପାଇଁ ଦୃଷ୍ଟାନ୍ତ ଯୋଗାଇ ଦେଇଥାଏ (ପୁନର୍ବାର ଦେଖନ୍ତୁ ଏଫି. ୫:୨୨-୬:୯ ; କଲ. ୩:୧୮-୪:୧) । ଖ୍ରୀଷ୍ଟଙ୍କ ପ୍ରେମର ଗୌରବକୁ ପ୍ରତିଫଳିତ କରିବା ଦ୍ୱାରା ପ୍ରତ୍ୟେକ ଯୋଡ଼ି ଜଗତକୁ ପ୍ରକାଶ କରନ୍ତି ସମ୍ପର୍କରେ ବାସ କରିବା ପାଇଁ ଏକ ଅଧିକ ଉତ୍ତମ ଉପାୟ ପ୍ରକାଶ କରନ୍ତି । ଜଗତ ଯଦି ସ୍ଥାନୀୟ ମଣ୍ଡଳୀର ଏକତ୍ରୀକରଣ ମଧ୍ୟକୁ ଆହ୍ୱାନ କରାଯିବ ନାହିଁ, ତେବେ ଜଗତ କିପରି ଭାବରେ ଅଧିକ ଉତ୍ତମ ଉପାୟ ଦେଖିପାରିବ (ଓ ତା'ପରେ ଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟରେ ନିଜର ପରିତ୍ରାଣ ପାଇଁ ଆସ୍ଥା ସ୍ଥାପନ କରିବା ଦ୍ୱାରା ଏହା ଯାହା ଦେଖେ ଆଶାପୂର୍ଣ୍ଣ ଭାବରେ ତହିଁ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିଥାଏ) ?

*ଖ୍ରୀଷ୍ଟଙ୍କୁ ଜଗତ ମଧ୍ୟକୁ ଆଣିବା*

ସ୍ଥାନୀୟ ମଣ୍ଡଳୀର କୌଶଳରେ ଏକ ଦ୍ୱିତୀୟ ଧକ୍କା ଅଛି : ଖ୍ରୀଷ୍ଟଙ୍କୁ ଜଗତ ମଧ୍ୟକୁ ଆଣିବା । ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଏହାର ନଗର ମଧ୍ୟରେ ସଂଘବଦ୍ଧ ସେବାକାର୍ଯ୍ୟକୁ ଅନୁଧାବନ କରିବା ପାଇଁ ପ୍ରାଣପଣ ଚେଷ୍ଟା କରିବା ଉଚିତ୍ (ତାହା ହେଉଛି ସେବାକାର୍ଯ୍ୟଗୁଡ଼ିକ କେବଳ ବ୍ୟକ୍ତି ବିଶେଷ ସଦସ୍ୟମାନଙ୍କୁ ଆକସ୍ମିକ ଆକର୍ଷଣ କରି ନ ଥାଏ, ମାତ୍ର ସମଗ୍ର ଶରୀରର ଉଦ୍ୟମଗୁଡ଼ିକୁ ମଧ୍ୟ ପ୍ରତିନିଧିତ୍ୱ କରୁଛି), ତାହା ଉଭୟ ପ୍ରତିବାସୀ ଓ ଏପରିକି ଶତ୍ରୁମାନଙ୍କ ନିକଟରେ ସେବାକାର୍ଯ୍ୟ କରୁଛି, ଯେଉଁମାନେ ଏହାକୁ ସର୍ବାଧିକ ଲୋଡ଼ନ୍ତି ସେମାନଙ୍କ ଜୀବନଧାରଣ ଅବସ୍ଥା ବୃଦ୍ଧି କରିବାକୁ ଓ ସୃଷ୍ଟି ପ୍ରତି ଈଶ୍ୱରଙ୍କ ଉଦ୍ଦେଶ୍ୟଗୁଡ଼ିକୁ ଅନ୍ୱେଷଣ କରିବାକୁ ପ୍ରାଣପଣ କରୁଛି । ଅନ୍ୟ ଭାଷାରେ, ସ୍ଥାନୀୟ ମଣ୍ଡଳୀ ନଗରକୁ ଯେଉଁ ମିଶନ୍ ଈଶ୍ୱରଙ୍କ ପ୍ରେମ ଆଣିଥାଏ ତାକୁ ଆପଣେଇବା ଉଚିତ୍ । ଏହା ଏକ ମିଶନ୍ ଅଟେ ଯାହାକି କେବଳ ପୁରାତନ ନିୟମରେ ନୁହେଁ (ଯିଶା. ୫୮:୬-୧୦) ମାତ୍ର ନୂତନ ନିୟମରେ ମଧ୍ୟ କୁହାଯାଇଥିଲା (ମାଥି. ୨୫:୩୪-୪୦) ଓ ଯୀଶୁଙ୍କର ଶିକ୍ଷା ଓ ସେବାକାର୍ଯ୍ୟରେ ସର୍ବଶ୍ରେଷ୍ଠ ଭାବରେ ଅନ୍ତର୍ଭୁକ୍ତ ହୋଇଥିଲା ।

ଏହି ପଏଣ୍ଟରେ ଉତ୍ତମ ଶମିରୋଣୀୟ ନୀତିଗଳ୍ପ ଏକ ଘଟଣା ଅଟେ । ଆମ୍ଭେମାନେ ଯେତେବେଳେ ଆମ ସମ୍ମୁଖରେ ଲୋକମାନଙ୍କ ଭଗ୍ନ ଜୀବନକୁ ଦେଖିଥାଉ ସେତେବେଳେ ଖ୍ରୀଷ୍ଟଙ୍କ ପ୍ରେମକୁ ଉତ୍ପନ୍ନ କରିଥାଉ, ସେମାନଙ୍କୁ ଆମ ନିଜ ପିଠି ଉପରେ ବହନ କରିଛୁ ଯେପରି ସେମାନଙ୍କ ଭଗ୍ନତା ଆମର ନିଜର ଥିଲା । ପୁଣି ଆମ୍ଭେମାନେ ସେହିପରି ଜୀବନଗୁଡ଼ିକୁ ବହନ କରିଚାଲିବା ଯେପର୍ଯ୍ୟନ୍ତ ସେମାନେ ଆଉ ଅଧିକ ଭାଙ୍ଗି ନ ଯାଇଛନ୍ତି – କ୍ଷତଗୁଡ଼ିକୁ ବାନ୍ଧି ଦେବା, ତୈଳ ଓ ଦ୍ରାକ୍ଷାରସ ଢ଼ାଳି ଦେବା, ଏକ ପାନ୍ଥଶାଳାକୁ ବୋହିନେବା, ଆବଶ୍ୟକମତେ ଦେବା, ଦୟା ପ୍ରଦର୍ଶନ କରିବା, ଜଣେ ପ୍ରକୃତ ପ୍ରତିବାସୀ ଭାବରେ ପ୍ରମାଣ ଦେବା (ଲୂକ ୧୦:୩୪-୩୭) । ଆପଣଙ୍କ ପ୍ରତିବାସୀଙ୍କୁ ଆପଣଙ୍କ ପରି ପ୍ରେମ କରିବା କେବଳ ପରସ୍ପରକୁ ଆପଣଙ୍କ ପରି ପ୍ରେମ କରିବା ନୁହେଁ, ମାତ୍ର ଅନ୍ୟର ଜୀବନ ବହନ କରିବା ଓ ଏହାକୁ ଆପଣଙ୍କ ନିଜର କରିଦେବା । ପ୍ରତ୍ୟେକ ନଗରରେ ସ୍ଥାନୀୟ ମଣ୍ଡଳୀଗୁଡ଼ିକ ସର୍ବୋତ୍ତମ ନାଗରିକ ହେବା ଉଚିତ୍ । ଆମ୍ଭେମାନେ ଯୀଶୁଙ୍କ ପ୍ରତି ପୁରୁଷ ଓ ମହିଳାମାନଙ୍କୁ ପ୍ରେମ କରିବାକୁ ପଡ଼ିବ ।[୯]

ଖ୍ରୀଷ୍ଟୀୟ ଯୁଗର ଆଦ୍ୟ କାଳରେ ଦୁଇଟି ଭୟଙ୍କର ମହାମାରୀ ରୋମୀୟ ସାମ୍ରାଜ୍ୟକୁ ଧ୍ୱଂସ କରିଦେଇଥିଲା । ଏପିରିକି ସବୁଠାରୁ ଚତୁର ଡ଼ାକ୍ତରମାନଙ୍କର ଏହି ମହାମାରୀ ହେତୁ ବିଷ ନିରୋଧକ ଔଷଧକୁ ପ୍ରସ୍ତାବ ଦେବା ଦ୍ୱାରା କ୍ଷତି ସହ୍ୟ କରିଥିଲେ, ଓ ସେମାନଙ୍କ ମଧ୍ୟରୁ ଅନେକଙ୍କ ମଧ୍ୟରେ ବିଖ୍ୟାତ, ଉଚ୍ଚବର୍ଗର ଡ଼ାକ୍ତର ଗାଲେନ୍‌ଙ୍କ ସମେତ ଅନେକେ ନଗରଗୁଡ଼ିକ ପରିତ୍ୟାଗ କରି ବାହାରକୁ ଚାଲିଯାଇଥିଲେ । ଜଣେ ଉଲ୍ଲେଖନୀୟ ବ୍ୟତିକ୍ରମ ଥିଲେ – ସେ ଥିଲେ ସ୍ଥାନୀୟ ମଣ୍ଡଳୀର ସଦସ୍ୟଗଣ :

> ଅଧିକାଂଶ ଖ୍ରୀଷ୍ଟିୟାନ୍ ଅଦମନୀୟ ପ୍ରେମ ଓ ଅନୁରକ୍ତ ପ୍ରଦର୍ଶନ କରିଥିଲେ, କେବେ ବି ନିଜ ନିଜକୁ ଛାଡ଼ି ନ ଥିଲେ ମାତ୍ର କେବଳ ଅନ୍ୟମାନଙ୍କ ପାଇଁ ଚିନ୍ତା କରୁଥିଲେ । ବିପଦ ପ୍ରତି ମନୋଯୋଗ ନ କରି ସେମାନେ ଅସୁସ୍ଥ ଲୋକମାନଙ୍କର ଦାୟିତ୍ୱ ବହନ କରିଥିଲେ, ସେମାନଙ୍କ ପ୍ରତ୍ୟେକ ଆବଶ୍ୟକତା ଯୋଗାଉଛନ୍ତି ଓ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ପ୍ରତି ସେବାକାର୍ଯ୍ୟ କରୁଛନ୍ତି, ପୁଣି ସେମାନଙ୍କ ସହିତ ଏହି ଜୀବନରୁ ବିଚ୍ଛିନ୍ନ ହୋଇଥିଲେ, ସେମାନଙ୍କ ନିଜ ପ୍ରତି ସେମାନଙ୍କ ପଡ଼ୋଶୀମାନଙ୍କର ଅସୁସ୍ଥତାକୁ ଆକର୍ଷଣ କରୁଛନ୍ତି, ଆନନ୍ଦର ସହିତ ସେମାନଙ୍କ କଷ୍ଟକୁ ଗ୍ରହଣ କରୁଛନ୍ତି ।[୧୦]

ଅବିଶ୍ୱାସୀଗଣ ଖ୍ରୀଷ୍ଟିୟାନମାନଙ୍କର କାଳ୍ପନିକ ଉତ୍ସର୍ଗକୁ ଲକ୍ଷ୍ୟ କରିଥିଲେ : ଦେଖ ସେମାନେ କିପରି ପରସ୍ପରକୁ ପ୍ରେମ କରନ୍ତି ![୧୧] ଆଧୁନିକ ମଣ୍ଡଳୀଗୁଡ଼ିକର ସଦସ୍ୟଗଣ ଭାବରେ ଏହି ପବିତ୍ର ସମ୍ପତ୍ତିକୁ ଜ୍ଞାପନ କରିବା, କୌଶଳାତ୍ମ ଭାବରେ ଚିନ୍ତା କରିବା ଓ ଆମେ କପରି ଖ୍ରୀଷ୍ଟଙ୍କ ପ୍ରେମକୁ ଆମର ନଗରର ଅଭାବଗ୍ରସ୍ତ ଲୋକମାନଙ୍କ ପ୍ରତି ଆଣିପାରିବା, ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିର ଗୌରବ ପ୍ରତି ଆମର ସଂସ୍କୃତି ମଧ୍ୟରେ ବାସ କରିବା ଦ୍ୱାରା ସଂସ୍କୃତି ସଂସ୍କୃତି ମଧ୍ୟରେ ରହିବା ପାଇଁ ଆମର ସୁଯୋଗ ଅଛି ।

*ପୃଥିବୀରେ ସ୍ୱର୍ଗର ଏକ ଅଂଶ*

ଆମେ ଆଦିପୁସ୍ତକରୁ ଯେପରି ଶିକ୍ଷା କରିଥାଉ, ସେହିପରି ଈଶ୍ୱରଙ୍କ ଭାବମୂର୍ତ୍ତି ପୃଥିବୀକୁ ବ୍ୟାପିଯିବା ହିଁ ଉଦ୍ଦେଶ୍ୟ ଥିଲା । ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରୁ ଯେପରି ଶିକ୍ଷା କରିଥାଉ, ସେହିପରି ଏହା ଏକ ଭାବମୂର୍ତ୍ତି ଯାହାକି କ୍ରୁଶର ଆତ୍ମ-ଦାନକାରୀ ପ୍ରେମରେ ସର୍ବଶ୍ରେଷ୍ଠ ଭାବରେ ପ୍ରକାଶିତ ହୋଇଛି । ସେହି ପ୍ରେମ ଯେତେବେଳେ ଲୋକମାନଙ୍କ ଶରୀରର ହୃଦୟଗୁଡ଼ିକରେ ବିଦ୍ଧ ହୋଇଥାଏ – ସେତେବେଳେ କେବଳ ସେହିମାନଙ୍କ ପାଇଁ ଏକ ସମ୍ଭାବ୍ୟ ଅଛି, ଯେଉଁମାନେ କ୍ରୁଶର କାର୍ଯ୍ୟ ମାଧ୍ୟମରେ ପାପରୁ ଶୁଚି ହୋଇଛନ୍ତି ଓ ଯଥାର୍ଥ ବୋଲି ଘୋଷିତ ହାଇଥିଲେ – ଯେତେବେଳ ସେହି ପ୍ରେମ ଈଶ୍ୱରଙ୍କ ପରିବାରରେ, ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ମଧ୍ୟରେ ବାସ କରନ୍ତି ଓ ଯେତେବେଳେ ସେହି ପ୍ରେମର ପ୍ରକାଶନଗୁଡ଼ିକ ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଠିକ୍ ସେହିପରି ଭାବରେ ସମ୍ପର୍କ ଲକ୍ଷ୍ୟ କରନ୍ତି ଯେପରି ସେମାନେ ଈଶ୍ୱରଙ୍କ ତ୍ରିତ୍ତ୍ୱ ପରିବାର ମଧ୍ୟରେ ସମ୍ପର୍କଗୁଡ଼ିକୁ, ପୃଥିବୀରେ ସ୍ୱର୍ଗର ଗୌରବ ଆରମ୍ଭ ହେବା ପାଇଁ ଆଦର୍ଶ ପ୍ରତୀକ କରନ୍ତି ।

ଈଶ୍ୱରଙ୍କ ଲୋକମାନେ ପୃଥିବୀରେ ବାସ କରୁଥିଲା ବେଳେ ନୂତନ ଚୁକ୍ତି ହେବ, ସ୍ୱର୍ଗୀୟ ଯିରୁଶାଲମରେ ନିରାପଦରେ ପାଦ ରଖିବେ । ସେମାନଙ୍କ ଚକ୍ଷୁ ଗୌରବମୟ ଉତ୍ତରାଧିକାରର ଐଶ୍ୱର୍ଯ୍ୟ ପ୍ରତି ଜୀବିତ ହେବ (ଏଫି. ୧:୧୮) । ପୁଣି ଜାତିଗୁଡ଼ିକ ଏହି ପବିତ୍ର ପରିବାରର ସ୍ୱର୍ଗୀୟ ଆଲୋକ ପ୍ରତି ଆସିବ, କ୍ଷୁଧାତୁର ହୋଇଥିଲା ଯେପରି ସେମାନେ ଅଂହକାର ଦ୍ୱାରା ଭଗ୍ନ ହୋଇ ସମ୍ପର୍କଗୁଡ଼ିକର ଏକତା ପାଇଁ ଉଦ୍ଦିଷ୍ଟ ଅଟନ୍ତି, କାରଣ ଏକ ଶରୀର ଏକ ମସ୍ତକ ଅଧୀନରେ ରହିଥିଲା, କାରଣ ଲୋକମାନେ ସ୍ୱର୍ଗୀୟ ପ୍ରେମର ପ୍ରତିମୂର୍ତ୍ତିକୁ ବିଚ୍ଛୁରିତ କରୁଛନ୍ତି, କାରଣ ଏକ ମଣ୍ଡଳୀ ତ୍ରିତ୍ତ୍ୱ ଈଶ୍ୱରଙ୍କ କ୍ରୁଶୀୟ ପ୍ରେମକୁ ପ୍ରଦର୍ଶନ କରୁଛନ୍ତି (ଯିଶା. ୬୦:୧-୧୧) ।

*ଅସିଦ୍ଧ ମଣ୍ଡଳୀ*

ଏକ ସ୍ଥାନୀୟ ମଣ୍ଡଳୀ କିପରି ଭାବରେ ଏହିପରି ଏକ ଗୌରବମୟ ବୃତ୍ତିରେ ରହିପାରିବ ? ପ୍ରଥମେ ଏହା କେବଳ ଅସିଦ୍ଧ ଭାବରେ ରହିଥିବ । ଯଦିଚ ଏହି ଶରୀରର ପ୍ରେମ ଏକ ଉଜ୍ଜ୍ୱଳ ଆଲୋକ ଶିଖା ପରି ଅନ୍ଧକାର ରାତିରେ ଚକ୍ ଚକ୍ ହେବ, ତଥାପି ଏହା ସ୍ୱର୍ଗୀୟ ଗୌରବର ପ୍ରାରମ୍ଭିକ ଆଲୋକ ଶିଖା ଅପେକ୍ଷା କେବେ ବି ଅଧିକ ବିସ୍ତାରକ୍ଷମ ହେବ ନାହିଁ । ଖ୍ରୀଷ୍ଟଙ୍କ ଶରୀର ଏବେସୁଦ୍ଧା ଏହାର ଅଧୀନରେ ସିଦ୍ଧ ଭାବରେ ଶ୍ରେଣୀବଦ୍ଧ ହୋଇ ରହି ନାହିଁ । ତିକ୍ତତା ଓ ବିଭାଜନ, ଅବଶ୍ୟ ପାପ ଅଟେ, ତଥାପିମଧ୍ୟ ଏହାର ସମ୍ପର୍କଗୁଡ଼ିକ ମଧ୍ୟରେ ବଳପୂର୍ବକ ପ୍ରବେଶ କରିଥାଏ । ମାତ୍ର ଯେତେବେଳେ ଖ୍ରୀଷ୍ଟଙ୍କ ଶରୀର ଈଶ୍ୱରଙ୍କ ଗୌରବରୁ ଊଣା ପଡ଼ିଥାଏ (ବେଳେବେଳେ ଏତେ ନିମ୍ନଗାମୀ ହୋଇଥାଏ ଯେ ଏହା କେବଳ ଉପରକୁ ଅନାଇ ରହିପାରିବ), ସେତେବେଳେ ଏହା ହେବ, ଦ୍ୱିତୀୟରେ, ଏହାର ଚକ୍ଷୁକୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଉଠାନ୍ତୁ ଓ ପ୍ରଭୁଙ୍କର ଗୌରବକୁ ଦେଖନ୍ତୁ, ଗୌରବର ଗୋଟିଏ ସ୍ତରରୁ ପରବର୍ତ୍ତୀ ସ୍ତର ପର୍ଯ୍ୟନ୍ତ ସମାନ୍ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହୁଅନ୍ତୁ, ଆତ୍ମ-ଦାନକାରୀ ପ୍ରେମର କ୍ଷୀଣ ପ୍ରଦର୍ଶନଠାରୁ ଏକ ବଡ଼ ବିଷୟ ପର୍ଯ୍ୟନ୍ତ (୨ୟ କରି. ୩:୧୮) ।

*ଖ୍ରୀଷ୍ଟଙ୍କ ଉପରେ ନିବଦ୍ଧ*

ସ୍ଥାନୀୟ ମଣ୍ଡଳୀ ନିଶ୍ଚିତରୂପେ କେବେ ବି ଖ୍ରୀଷ୍ଟଙ୍କଠାରୁ ଏହାର ଚକ୍ଷୁ ଦୂର କରିବାକୁ ପଡ଼ିବ ନାହିଁ । ଏହାକୁ ସ୍ୱର୍ଗୀୟ ବିଷୟ ଉପରେ ଏହାର ମନକୁ ସ୍ଥିର ରଖିବାକୁ ପଡ଼ିବ ଯେଉଁଠାରେ ଖ୍ରୀଷ୍ଟ ଉପବେଶନ କରିଅଛନ୍ତି (କଲ. ୩:୧-୨) । ଏହାକୁ ନିଶ୍ଚିତରୂପେ ଆବେଗପୂର୍ଣ୍ଣ ଭାବରେ ଜଣେ ଉଦ୍ଧାରକର୍ତ୍ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ଯେ କି ସେ ଯେତେବେଳେ ପୁନର୍ବାର ଆସନ୍ତି ସେତେବେଳେ ଏହାର କ୍ଷୀଣ ଶରୀରକୁ ଗୌରବମୟ ଶରୀର ସହିତ ସିଦ୍ଧ ଗତାନୁଗତିକ ନିୟମ ଦ୍ୱାରା ପରିବର୍ତ୍ତିତ ହେବାକୁ ପଡ଼ିବ (ଫିଲି. ୩:୨୦-୨୧) । ଆମେ ଯେତେବେଳେ ଶେଷରେ ତାହାଙ୍କୁ ଦେଖିବା - ସେତେବେଳେ ଏକ କଳା କାଚ ମାଧ୍ୟମରେ ଆଉ ନୁହେଁ, ମାତ୍ର ସ୍ୱଷ୍ଟ ଶୁଦ୍ଧ ଆଲୋକରେ ଦେଖିବା - ଆମେ ପ୍ରେମକୁ ସମ୍ପୂର୍ଣ୍ଣରୂପେ ଜାଣିବା ଯାହାକି ଦୀର୍ଘ ଦିନ ପାଇଁ ଆମର ବୋଧଶକ୍ତିକୁ ଅତିକ୍ରମ କରିଯାଇଥିଲା । ତା'ପରେ

ଓ କେବଳ ତା'ପରେ ଆମେ ସିଦ୍ଧ ଭାବରେ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରିପାରିବା (୧ମ ଯୋହନ ୩:୨-୩) ।

ସେହି ସମୟ ପର୍ଯ୍ୟନ୍ତ ସ୍ଥାନୀୟ ମଣ୍ଡଳୀ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଦୃଷ୍ଟି ନିବଦ୍ଧ କରିଥାଏ । ଏହାର ପ୍ରଚାରରେ ଖୀଷ୍ଟଙ୍କୁ ଅନୁମୋଦନ କରାଯାଇଛି । ଏହାର ଉପାସନାରେ, ଖ୍ରୀଷ୍ଟଙ୍କୁ ଉଚ୍ଚୀକୃତ କରଯାଇଛି, ଏହାର ଅଧାଦେଶରେ - ବାପ୍ତିସ୍ମ ଓ ପ୍ରଭୁ ଭୋଜରେ - ଖ୍ରୀଷ୍ଟଙ୍କୁ ପାଳନ କରାଯାଇଛି । ଅବଶ୍ୟ ଯେ କେହି ବି ବାପ୍ତିଜିତ ହୋଇଛନ୍ତି ସେ ଖ୍ରୀଷ୍ଟଙ୍କ ମଧରେ ବାପ୍ତିଜିତ ହୋଇଛନ୍ତି, ପୁଣି ନିର୍ଦ୍ଦିଷ୍ଟରୂପେ ତାହାଙ୍କ ମୃତ୍ୟୁ ମଧରେ ବାପ୍ତିଜିତ ହୋଇଛନ୍ତି (ରୋମୀ. ୬:୩), ପୁଣି ଯେ କେହି ରୋଟୀ ଭୋଜନ କରିଥାଏ ଓ ପାନ କରିଥାଏ ତାହା ପ୍ରଭୁ ଆସିବା ପର୍ଯ୍ୟନ୍ତ ମୃତ୍ୟୁ ଘୋଷଣା କରିଥାଏ (୧ମ କରି. ୧୧:୨୬) । ଏହାର ସଦସ୍ୟମାନଙ୍କର ଶୃଙ୍ଖଳାରେ, ନିସ୍ତାରପର୍ବର ମେଷର ନମ୍ରତା ପରିଚାଳକ ଉଦ୍ଦୀପନା ଭାବରେ ସେବା କରିଥାଏ (୧ମ କରି. ୫:୭) ।

ପ୍ରତ୍ୟେକ ବିଷୟ ଖ୍ରୀଷ୍ଟଙ୍କ ନିକଟକୁ ଫେରିଆସିଥାଏ ପ୍ରତ୍ୟେକ ସଦସ୍ୟ ଏହାର ମୁଖ୍ୟରେ ସଂଯୁକ୍ତ ହୋଇଛି । ଖ୍ରୀଷ୍ଟ ପ୍ରତ୍ୟେକଙ୍କୁ ଓ ପ୍ରତ୍ୟେକ ବିଷୟକୁ ବାନ୍ଧି ଦିଅନ୍ତି (କଲ. ୧:୧୭-୧୮) । ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସ୍ଥାନୀୟ ମଣ୍ଡଳୀର ଜଣେ ମହାନ୍ ବୀର, ଚାର୍ଲସ୍ ସ୍ପର୍ଜନ୍ ପ୍ରତିଜ୍ଞା କରି ଖ୍ରୀଷ୍ଟଙ୍କ ଉପରେ ତାହାଙ୍କ ନିର୍ଭରଶୀଳତାକୁ ନିଶ୍ଚିତ କରିଥିଲେ : ଏଠାରେ ମୋର ପ୍ରଭୁଙ୍କ ବିନା ରହିବା ପାଇଁ ମୋର କୌଣସି ଆଶା ନ ଥିବ ପୁଣି ସୁସମାଚାର ଯଦି ସତ୍ୟ ହୋଇ ନ ଥିବ, ତେବେ ମୋତେ ଏହି ଘଟଣା ପ୍ରତି ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଦେଇଥିବାରୁ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଉଚିତ୍, କାରଣ ଆପଣ ଯଦି ଯୀଶୁ ଖ୍ରୀଷ୍ଟଙ୍କର ନାମ ଧ୍ୱଂସ କରିଦେବେ ତେବେ ମୁଁ ବଞ୍ଚିବାକୁ ଇଚ୍ଛା କରିବି ନାହିଁ ।[୧୨]

## ଉପସଂହାର

ସ୍ଥାନୀୟ ମଣ୍ଡଳୀର ପେଶା କ୍ୱଚିତ୍ ଅଧିକ ଉଚ୍ଚୀକୃତ ହୋଇପାରିଥିଲା । ଜଗତରେ ଏକ ଆଲୋକ ଭାବରେ ଜଗତ ମଧରୁ ଆହ୍ୱାନ କରଯାଇଛି, ଯେପରି ପୃଥିବୀର ବିଚ୍ଛିନ୍ନ ପରିବାରଗୁଡ଼ିକ ମଧରେ ଏକ ଏକକ ପରିବାର ହେବା ପାଇଁ, ସ୍ୱୟଂ ଖ୍ରୀଷ୍ଟଙ୍କ ଦ୍ୱାରା ବାସ କରିବା ପାଇଁ, ଈଶ୍ୱରଙ୍କ ଚକ୍ଷୁର ପିତୁଳା ହେବା ପାଇଁ, ଖ୍ରୀଷ୍ଟଙ୍କ ହାତରେ ଦୃଢ଼ାଙ୍କିତ ହେବା ପାଇଁ, ପବିତ୍ର ତ୍ରିତ୍ତ୍ୱ ପରମେଶ୍ୱରଙ୍କର ପ୍ରତିମୂର୍ତ୍ତିର ଗୌରବ ହେବା ପାଇଁ, କ୍ରୁଶର ଅସୀମ ପ୍ରେମର ଏକ ଅବତାର ହେବା ପାଇଁ, ଜଗତରେ ଅନ୍ୟ ଯେକୌଣସି ବିଷୟ ଅପେକ୍ଷା ଅଧିକ ସୁନ୍ଦର ଏକ ସମଷ୍ଟିଗତ ଚିତ୍ରଣ ହେବା ପାଇଁ - ତାହା ହେଉଛି ମଣ୍ଡଳୀ, ସ୍ଥାନୀୟ ମଣ୍ଡଳୀ, ଈଶ୍ୱରଙ୍କର ନୂତନ ଲୋକମାନେ ।

## ଏକ କ୍ଷୁଦ୍ର ଗ୍ରନ୍ଥସୂଚୀ

Belcher, Jim. *Deep Church : A Third Way Beyond Emerging and Traditional.* Downers Grove, II.: InterVarsity, 2009.

Calvin, John. "The External Means or Aims by Which god Invites Us Into the Society of Christ and Holds Us Therein." *Institutes of the Christian Religion.* Book 4. Philadelphia : Westminster Press, 1960.

Carson, D.A. *Becoming Conversant with the Emerging Church : Understanding a Movement and Its Implications.* Grand Rapids, Mt : Zondervan, 2005.

Chester, Tim, and Steve Timmis. *Total Church : A Radical Reshaping around Gospel and Community.* Wheaton, II.: Crossway, 2008.

Dever, Mark. *Nine Marks of a Healthy Chruch.* Wheaton, II.: Crossway, 2000.

Dever, Mark, and Paul Alexander. *The Deliberate Church : Building Your Ministry on the Gospel.* Wheaton, II.: Crossway, 2005.

DeYoung, Kevin, and Ted Kluck. *Why We Love the Church : In Praise of Institutions and Organized Religion.* Chicago : Moody, 2009.

Edwards, Jonathan. "A Farewell Sermon." In *The Works of Jonathan Edwards.* Vol. 1. Edinburgh: Banner of Truth, 1979.

Keller, Timothy. *Gospel Christianity.* Studies 7 and 8. New York : Redeemer Presbyterian Church, 2003.

Packer, J.I. *Evangelism and the Sovereignty of God.* Chap. 3, "Evangelism." Downers Grove, II.: InterVarsity, 1991.

Stott, John. *The Living Church : Convictions of a Lifelong Pastor.* Downers Grove, II.: InterVarsity, 2007.

Strauch, Alenxander. *Biblical Eldership : Restoring the Eldership to its Rightful Place in Church.* Colorado Springs : Lewis and Roth, 1997.

୧୩

# ବାପ୍ତିସ୍ମ ଓ ପ୍ରଭୁଭୋଜ

*ଥାବିତି ଆନ୍ୟାବ୍ୱିଲେ ଓ*
*ଜେ. ଲିଗୋନ୍ ଡ଼ନ୍‌କାନ୍*

ମୁଁ (ଆନ୍ୟାବ୍ୱିଲେ) ମାଥିଉଙ୍କ ସହିତ ବସିଥିଲି, ମାଥିଉ ଜଣେ ସୃଜନଶୀଳ, ଅନୁସନ୍ଧିତ୍ସୁ, ମୁକ୍ତ-ଆତ୍ମାବିଶିଷ୍ଟ ପଚିଶ ବର୍ଷ ବୟସ୍କ ଯୁବକ ଅଟନ୍ତି । ସେ ହୋଟେଲକୁ ଆସିଲେ ଯେପରି ବାହାରର ଉଷ୍ମ କାରିବିଆନ୍ ଦିନ ପରି ମୃଦୁବତାସ ଭାବରେ ଆସିଥିଲେ । କେବଳ ଅଳ୍ପ କିଛି ମିନିଟ୍ ବିଳମ୍ବରେ ସେ ହସିଲେ ଓ ତାଙ୍କ ହେତୁ ହୋଇଥିବା ଯେକୌଣସି ଅସୁବିଧା ପାଇଁ ସାଧାରଣରେ କ୍ଷମା ମାଗିଥିଲେ ।

ଆମର ମେନୁଗୁଡ଼ିକ ନେଇ ମୁଁ ଭାବୁଥିଲି ଯେ ଆମର କଥାବାର୍ତ୍ତାର ଆଗରେ କ'ଣ ବା ରହିଛି । ସେ ଯଦିଚ ପ୍ରାୟ ଗୋଟିଏ ବର୍ଷ ଧରି ମଣ୍ଡଳୀରେ ଯୋଗ ଦେଇଆସୁଥିଲେ, ତଥାପି ମାଥିଉ ଆତ୍ମିକରୂପେ ଠିକ୍ କେଉଁଠାରେ ଥିଲେ କିମ୍ବା ମୋତେ ସେ କେଉଁ ପ୍ରଶ୍ନଗୁଡ଼ିକ ପଚାରିବେ ସେ ବିଷୟରେ ମୁଁ ନିଶ୍ଚିତ ନ ଥିଲି । ଆମେ ଆମର ଭୋଜନ ଅର୍ଡ଼ର୍ ଦେଇ ଆମର ୱେଟର୍‌କୁ ମେନୁ ଫେରାଇ ଦେବା ପରେ ପରେ ମାଥିଉ ମୋ ଆଡ଼କୁ ବୁଲିପଡ଼ି ପଚାରିଲେ, ତେବେ ମୋର ଅନେକ ପ୍ରଶ୍ନ ଅଛି ।

ମୁଁ ଉତ୍ତର ଦେଲି, ଚମତ୍କାର, ଆଶ୍ୱସ୍ତ ହୋଇଥିଲି ଯେ ମୋର ଯୁବକ ବନ୍ଧୁଙ୍କଠାରୁ ମୋତେ କୌଣସି କଥାବାର୍ତ୍ତା କରିବାକୁ ବଳାଇବାକୁ ପଡ଼ି ନ ଥିଲା । ଆପଣଙ୍କ ମନରେ କ'ଣ ଅଛି ?

ସେଦିନ ମାଥିଉ ମୋତେ ଅନେକ ବିଷୟ ପଚାରିଲେ । ତାଙ୍କର ଅନେକ ପ୍ରଶ୍ନ ପାପୀମାନଙ୍କ ପ୍ରତି ଈଶ୍ୱରଙ୍କ ଗୌରବ ଓ କ୍ରୋଧ ବିଷୟରେ, ବାଇବଲର ବିଶ୍ୱସନୀୟତା ବିଷୟରେ, ପୁନରୁତ୍ଥାନ, ଯୀଶୁଙ୍କର ଅନନ୍ୟତା, ଓ ଭବିଷ୍ୟତ୍ ବିଷୟରେ ଥିଲା । ପ୍ରାୟ ଦୁଇ ଘଣ୍ଟା ଧରି ଆମ୍ଭେମାନେ ଏହି ପ୍ରସଙ୍ଗଗୁଡ଼ିକ ଉପରେ ବାଇବଲର ଶିକ୍ଷାଗୁଡ଼ିକର ଚମତ୍କାର ବିଷୟଗୁଡ଼ିକୁ ବାସ୍ତବରେ ଉପଭୋଗ କରିଥିଲୁ ।

ମାତ୍ର ଆମର କଥାବାର୍ତ୍ତାର ପ୍ରାୟ ଶେଷରେ ମୁଁ ମନୋଯୋଗୀ ହୋଇଉଠିଲି ଯେ ମାଥିଉ, ଯେତେବେଳେ ବଡ଼ ବଡ଼ ଧର୍ମତାତ୍ତ୍ୱିକ ପ୍ରଶ୍ନଗୁଡ଼ିକ ପଚାରୁଥିଲେ, ସେତେବେଳେ ଏହି ଘଟଣାର ଅଧିକ ବ୍ୟକ୍ତିଗତ ଅନ୍ତଃକରଣ ବିଷୟରେ ମୁକାବିଲା କରିବାକୁ ବିଫଳ ହେଉଥିଲେ । ତେଣୁ ମୁଁ ପଚାରିଲି, ମାଥିଉ, ତୁମେ ତୁମ ପାପ ବିଷୟରେ କ'ଣ କରିବ ?

ସେ ଛେପ ଢ଼ୋକିଲେ, ଟିକିଏ ଚକିତ ହୋଇଗଲେ ଓ ଉତ୍ତର ଦେଲେ, ମୋର ଆଶା ଯୀଶୁ ସେଗୁଡ଼ିକ ବିଷୟରେ ଚିନ୍ତା କରିବେ । ତା'ପରେ ସେ ମୋତେ କହିବାକୁ

ଲାଗିଲେ କିପରି ଛଅମାସ ପୂର୍ବରୁ ସେ ଖ୍ରୀଷ୍ଟଙ୍କୁ ତାଙ୍କର ଉଦ୍ଧାରକର୍ତ୍ତା ଓ ପ୍ରଭୁରୂପେ ଗ୍ରହଣ କରିଛନ୍ତି । ତାଙ୍କ କାହାଣୀ ଶେଷରେ, ସେ କହିଲେ, ମୁଁ ମଣ୍ଡଳୀରେ ଯୋଗ ଦେବାକୁ ଇଚ୍ଛା କରେ, ମାତ୍ର ମୁଁ ବାପ୍ତିଜିତ ହେବା ପାଇଁ ପ୍ରସ୍ତୁତ ହୋଇ ନାହିଁ ।

ମାଥିଉ ସେହି ବିଷୟରେ ଉପନୀତ ହୋଇଥିଲେ ଯାହାକି ଅନେକ ଖ୍ରୀଷ୍ଟିୟାନ୍ କ୍ୱଚିତ୍ ଉପନୀତ ହୋଇଥା'ନ୍ତି । ସେ ସୁସମାଚାର ବୁଝିପାରିଥିଲେ ଓ ତାଙ୍କର ପରିତ୍ରାଣ ନିମନ୍ତେ ଯୀଶୁଙ୍କ ଉପରେ ଆସ୍ଥା ସ୍ଥାପନ କରିବାକୁ ଲାଗିଲେ, ମାତ୍ର ସେ ସେପର୍ଯ୍ୟନ୍ତ ବୁଝିପାରି ନ ଥିଲେ ଠିକ୍ କେଉଁ ବିଷୟର ସ୍ଥାନୀୟ ମଣ୍ଡଳୀ ସହିତ ସମ୍ପର୍କ ଥିଲା । ଅନ୍ୟ ଭାଷାରେ ସେ ଦେଖିପାରି ନ ଥିଲେ ଯେ ପ୍ରଭୁ ଦୁଇଟି ଅଧ୍ୟାଦେଶ ବା ଆଦେଶ ଦେଇଥିଲେ ଯେପରି ଖ୍ରୀଷ୍ଟୀୟ ଜୀବନ ମଧ୍ୟରେ ଓ ଖ୍ରୀଷ୍ଟଙ୍କ ସହିତ ତାଙ୍କର ଆଗାମୀ ସହଭାଗିତାରେ ତାଙ୍କର ଉଭୟ ପ୍ରାରମ୍ଭକୁ କରିପାରିବେ । ମଣ୍ଡଳୀକୁ ଏହି ଅଧ୍ୟାଦେଶ ଦେଇ ପ୍ରଭୁ ଦର୍ଶନୀୟ ବାକ୍ୟ ଯୋଗାଇ ଦେଇଥିଲେ ଯାହାକି ବିଶ୍ୱାସୀର ଏକତାକୁ ଖ୍ରୀଷ୍ଟଙ୍କ ସହିତ ତାହାଙ୍କର ମୃତ୍ୟୁରେ, କବରପ୍ରାପ୍ତରେ ଓ ପୁନରୁତ୍ଥାନରେ (ବାପ୍ତିସ୍ମରେ) ଯୋଗାଯୋଗ କରିପାରିବ ଏବଂ ସେହି ଏକତାର ବାହ୍ୟ କାର୍ଯ୍ୟକଳାପ, ଯେପରି ପ୍ରଭୁଙ୍କ ସହିତ ନିରବଚ୍ଛିନ୍ନ ସହଭାଗିତା (ପ୍ରଭୁଭୋଜ) । ତା'ପରେ ଉଭୟଟି ପାଳନ କରିବା ପାଇଁ କେବଳ ଅଧ୍ୟାଦେଶ ହୋଇ ନ ଥାଏ, ମାତ୍ର ଆହୁରିମଧ୍ୟ ଆମର ଶକ୍ତି ପାଇଁ ଅନୁଗ୍ରହର ମାଧ୍ୟମ ହୋଇଥାଏ ଓ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଉପଭୋଗ୍ୟ ହୋଇଥାଏ ।

## ବାପ୍ତିସ୍ମ

ମୁଁ ଏକ ଦେଶରେ ବାସ କରେ ଯେଉଁଠାରେ ଅନେକ ଲୋକ ବିଶ୍ୱାସ କରିଛନ୍ତି ଯେ କେବଳ ନିକଟରେ ଥିବା ସିଦ୍ଧ ଖ୍ରୀଷ୍ଟିୟାନ ବାପ୍ତିଜିତ ହୋଇପାରିବେ । କେହି କେହି ବାପ୍ତିସ୍ମକୁ ଏତେ ଗୁରୁତ୍ୱ ଦେବାକୁ ଆସିଛନ୍ତି ଯେ ସେହି ଅଧ୍ୟାଦେଶ ନିୟମିତ ଖ୍ରୀଷ୍ଟିୟାନ୍ ପ୍ରତି ଆଉ ପ୍ରଯୁଜ୍ୟ ନୁହେଁ, ଯେ କି ଅସିଦ୍ଧ ବିଷୟର ଓ ପାପରେ ସଂଘର୍ଷ କରିବା ବିଷୟର ଅନୁଭୂତି ଲାଭ କରନ୍ତି । ସେମାନେ କଳ୍ପନା କରନ୍ତି ଯେ ବିଳମ୍ବିତ ବାପ୍ତିସ୍ମ ଅଧିକ ଖ୍ରୀଷ୍ଟିୟାନଙ୍କ ପାଇଁ ଯଥାର୍ଥ ପଥ ଅଟେ । ଆମର ମଧ୍ୟାହ୍ନ ଭୋଜନ ସମୟରେ ମାଥିଉ ଏହି ବିଶ୍ୱାସଗୁଡ଼ିକ ପ୍ରକାଶ କରିଥିଲେ ।

ମୁଁ ହୃଦୟଙ୍ଗମ କରେ ଯେ ଜଗତରେ ଅନ୍ୟ ଅନେକ ସ୍ଥାନଗୁଡ଼ିକରେ ଖ୍ରୀଷ୍ଟିୟାନମାନେ ଠିକ୍ ବିପରୀତ ଭୁଲ୍ କରନ୍ତି । ସେମାନେ ବାପ୍ତିସ୍ମକୁ ଖୁବ୍ କମ୍ ଗୁରୁତ୍ୱ ଦିଅନ୍ତି । ବାପ୍ତିସ୍ମ ହୁଏତ ଏକ ଧର୍ମବିଧି ଅଟେ ଯାହାକି କରାଯାଇଥାଏ ଯେତେବେଳେ ଆପଣ ଯଥେଷ୍ଟ ବୃଦ୍ଧ ହୋଇଯାଇଥା'ନ୍ତି କିମ୍ବା ଏକ ଗୁରୁତ୍ୱହୀନ କାର୍ଯ୍ୟ ଅଟେ ଯାହାକି ପ୍ରତ୍ୟେକ ବିଶ୍ୱାସୀଙ୍କ ଇଚ୍ଛାଧୀନ ବିଷୟ ଅଟେ । ଏହା ଏକ ବାକ୍ସ ଅଟେ ଯାହାକୁ କି ଆତ୍ମିକ ଭାବରେ ତାଲିକାଭୁକ୍ତ କରିବା ପାଇଁ ଯାଞ୍ଚ କରାଯାଇଛି ଓ ମୌଳିକ ଭାବରେ ଭୁଲିଦିଆଯାଇଛି ।

ଖ୍ରୀଷ୍ଟିୟାନମାନେ ଏହି ଯେକୌଣସି ଭୁଲ୍ କରିପାରନ୍ତି : ବାପ୍ତିସ୍ମକୁ ବହୁତ କମ୍ ବା ବହୁତ ବେଶୀ ଗୁରୁତ୍ୱ ଦିଅନ୍ତି । ତାହା କରିବା ଦ୍ୱାରା ଆମେ ଏକ ଆଦେଶର ସୁନ୍ଦରତା ଓ

ଐଶ୍ୱର୍ଯ୍ୟତା ହରାଇପାରୁ ଯାହାକି ସ୍ୱୟଂ ଯୀଶୁ ପ୍ରତିଷ୍ଠା କରିଥିଲେ ଓ ପ୍ରାୟ ଦୁଇ ହଜାର ବର୍ଷ ଧରି ଖ୍ରୀଷ୍ଟିୟାନ୍ ମଣ୍ଡଳୀଗୁଡ଼ିକ ପାଳନ କରିଛନ୍ତି । ସମାଧାନ ହେଉଛି ବାପ୍ତିସ୍ମ ବିଷୟରେ ଏକ ବାଇବଲସମ୍ମତ ଜ୍ଞାନ ଆହରଣ କରିବା ଯାହାକି ଆମକୁ ପାପୀମାନଙ୍କ ପକ୍ଷରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହପୂର୍ଣ୍ଣ ଓ ଫଳପ୍ରଦ କାର୍ଯ୍ୟରେ ଗଭୀର ଭାବରେ ବୁଡ଼ାଇ ଦେଇଥାଏ ।

*ବାପ୍ତସ୍ମ କ'ଣ ଅଟେ?*

ସର୍ବାଧିକ ଆଧାର ଶବ୍ଦଗୁଡ଼ିକରେ ବାପ୍ତିସ୍ମ ଏକ ଚିହ୍ନ ଓ ଏକ ମୁଦ୍ରାଙ୍କ ଅଟେ । ୱେଷ୍ଟମିନିଷ୍ଟର୍ କନ୍‌ଫେସନ୍ ଅଫ୍ ଫେଥ୍ ଏହାକୁ ଯେପରି ରଖିଥାଏ, ସେହିପରି ବାପ୍ତିସ୍ମ ହେଉଛି ଅନୁଗ୍ରହର ଚୁକ୍ତିର ଏକ ଚିହ୍ନ ଓ ମୁଦ୍ରାଙ୍କ, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଜୀବନର ନୂତନତାରେ ଗମନାଗମନ କରିବା ପାଇଁ ଖ୍ରୀଷ୍ଟଙ୍କ ମଧ୍ୟରେ (ବିଶ୍ୱାସୀମାନଙ୍କର) ସଂଯୁକ୍ତର, ପୁନରୁଜ୍ଜୀବନର, ପାପରୁ ଉପଶମ ହେବାର, ଓ ଈଶ୍ୱରଙ୍କ ପ୍ରତି ତାହାଙ୍କର ଦାନ ଦେବାର ବିଷୟ ଅଟେ (୨୮.୧) ।

ଏକ ପ୍ରତୀକ ଏକ ଅଧିକ ବଡ଼ ବାସ୍ତବତା ବା ଧାରଣା ପ୍ରତି ସୂଚୀତ କରିବାର ଏକ ଚିହ୍ନ ଅଟେ । ବାପ୍ତିସ୍ମ ଏକ ନିଅନ୍ ଆଲୋକ ଅଟେ ଯାହାକି 'ସୁସମାଚାର, ସୁସମାଚାର, ସୁସମାଚାର' ବୋଲି ଉଦ୍ଭାସିତ କରିଥାଏ ।'[୧] ମଣ୍ଡଳୀ ଯେତେବେଳେ ବାପ୍ତିସ୍ମ ଅଭ୍ୟାସ କରିଥାଏ, ସେତେବେଳେ ତାହା ଯୀଶୁ ଖ୍ରୀଷ୍ଟଙ୍କର ମୃତ୍ୟୁ, କବର ଓ ପୁନରୁତ୍ଥାନର ସାକ୍ଷ୍ୟ ଦେଇଥାଏ ଓ ଆମ ପକ୍ଷରୁ ସେ ଯାହା ଯାହା କରିଥିଲେ ସେସବୁରେ ଖ୍ରୀଷ୍ଟଙ୍କ ସହିତ ପାପୀର ମିଳନକୁ ଉଲ୍ଲେଖ କରିଥାଏ ।

ମାତ୍ର ବାପ୍ତିସ୍ମ (ଓ ସେହି ଘଟଣା ପାଇଁ) ପ୍ରଭୁଭୋଜ ମଧ୍ୟ, ମଧ୍ୟ ଏକ ମୁଦ୍ରାଙ୍କ ଅଟେ :

> ଧର୍ମବିଧି କେବଳ ଚିହ୍ନଗୁଡ଼ିକ ନୁହେଁ ଯାହାକି ସୁସମାଚାରରେ ଯେପରି ଉପସ୍ଥାପନ କରାଯାଇଛି ସେହିପରି ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆମର ଧ୍ୟାନ ଫେରାଇ ନେଇ ତାକୁ ସୂଚୀତ କରିଥାଏ ଓ ସେଥିପାଇଁ ଆମକୁ ସମଗ୍ର ଜଗତ ପ୍ରତି ଅର୍ପିତ ହୋଇଥିବା ତାହାଙ୍କର ଅନୁଗ୍ରହ ବିଷୟରେ ଆମକୁ ସ୍ମରଣ କରିଦିଏ । ସେଗୁଡ଼ିକ ମଧ୍ୟ ମୁଦ୍ରାଙ୍କ ଅଟନ୍ତି, ଯାହାକି ଆମକୁ ନିଶ୍ଚୟତା ଦିଏ ଯେ ଈଶ୍ୱରଙ୍କ ଅନୁଗ୍ରହ ଓ ପ୍ରତିଜ୍ଞା ନିର୍ଦ୍ଦିଷ୍ଟରୂପେ ଆମକୁ ପ୍ରଦାନ କରାଯାଇଛି । ଏହି ମୁଦ୍ରାଙ୍କ ଶବ୍ଦ ଯେତେବେଳେ ପୁନଃସଂସ୍ଥାପନର ପୂର୍ବାପର ପ୍ରସଙ୍ଗରେ ବ୍ୟବହୃତ ହୋଇଥିଲା, ସେତେବେଳେ ଛପା ଯାଇଥିବା ଲାଖକୁ ଉଲ୍ଲେଖ କରିଥିଲା ଯାହାକି ଏକ ନଥିକୁ ଆନୁଷ୍ଠାନିକ ଓ ଆଇନଗତ ଭାବରେ ବନ୍ଧନଗ୍ରସ୍ତ ବୋଲି ସୂଚୀତ କରିଥିଲା । ଏହି ପୂର୍ବାପର ପ୍ରସଙ୍ଗରେ ବାପ୍ତିସ୍ମ ଏକ ମୁଦ୍ରାଙ୍କ ଅଟେ ଯେଉଁଠାରେ ଈଶ୍ୱର ସୁସମାଚାରର ସାଧାରଣ ପ୍ରତିଜ୍ଞା ଗ୍ରହଣ କରନ୍ତି ଓ ନିର୍ଦ୍ଦିଷ୍ଟରୂପେ ଆମ ପ୍ରତି ଏହା ପ୍ରୟୋଗ କରନ୍ତି । ପ୍ରାଚୀନ ଜଗତରେ, ସେହି ସମାନ୍ ବାକ୍ୟ ମଧ୍ୟ ଶରୀରର ଚିହ୍ନଗୁଡ଼ିକୁ ଉଲ୍ଲେଖ କରିଥିଲା – ମାର୍କା ବା ଟାଟୁ ଯାହାକି ମାଲିକର ଏକ ଚିହ୍ନ ଭାବରେ କାର୍ଯ୍ୟ କରିଥିଲା । ଆତ୍ମମାନଙ୍କୁ ଖ୍ରୀଷ୍ଟଙ୍କର ମୃତ୍ୟୁ ଓ ପୁନରୁତ୍ଥାନ

ଦ୍ୱାରା ଚିହ୍ନଟ ଦିଆଯାଇଛି, ଯେପରି ଉଭୟ ବାପ୍ତିସ୍ମ ଓ ପ୍ରଭୁଭୋଜ ଦ୍ୱାରା ସାକ୍ଷ୍ୟ ଦିଆଯାଇଥିଲା ।[୨]

ଜଣେ ଶାସକ ବା ରାଜା ଜଣେ ଔପଚାରିକ ନିୟମ ବା ବ୍ୟବସ୍ଥା ପ୍ରତି ନିଜର ମୁଦ୍ରାଙ୍କ ଦେଇପାରିବେ । ଜଣେ ଅଧ୍ୟକ୍ଷ ବା ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ପତ୍ର ଗ୍ରହଣରେ ତାଙ୍କର କାର୍ଯ୍ୟାଳୟ ବା ପରିବାର ପ୍ରତି ଛାପ ବା ମୁଦ୍ରାଙ୍କ ଥାଏ । ନଚେତ୍ ଜଣେ କ୍ରୀତଦାସ ତା'ର ମାଲିକଠାରୁ ଏକ ଚିହ୍ନ ପାଇପାରିବ । ଗ୍ରହୀତା ଓ ସର୍ବସାଧାରଣ ବ୍ୟକ୍ତି ସେଥିପାଇଁ ଏହିପରି ଏକ ମୁଦ୍ରାଙ୍କ ବା ଚିହ୍ନ ଧାରଣ କରୁଥିବା ବ୍ୟକ୍ତିଙ୍କୁ ଜାଣିବେ ଯେ ସେ ତାଙ୍କ ମାଲିକଙ୍କର ଅଧୀନସ୍ଥ ଅଟନ୍ତି ।

ବାପ୍ତିସ୍ମରେ, ଈଶ୍ୱର ଆପଣା ଚିହ୍ନକୁ ବାପ୍ତିସ୍ମ ପ୍ରାପ୍ତ ହୋଇଥିବା ବ୍ୟକ୍ତିଙ୍କ ଉପରେ ଚିହ୍ନ ଦିଅନ୍ତି । ଅନୁତପ୍ତ ଓ ଭାବବାଣୀ ଦେଉଥିବା ଖ୍ରୀଷ୍ଟିୟାନ୍ ସ୍ୱର୍ଗର ମାଲିକାନାସତ୍ତ୍ୱର ମୁଦ୍ରାଙ୍କ ଗ୍ରହଣ କରନ୍ତି । ବାପ୍ତିସ୍ମରେ ଈଶ୍ୱର ଆମକୁ କଥା କହନ୍ତି : ଏହି ଯେଉଁଗୁଡ଼ିକ ଚିହ୍ନଟ ହୋଇଛି ବା ମୁଦ୍ରାଙ୍କିତ ହୋଇଛି ତାହା ମୋର ଅଧିକାରଭୁକ୍ତ ଅଟେ ।

ଆଧୁନିକ ସୁସମାଚାର ପ୍ରଚାରରେ ଲୋକମାନେ ଅନେକ ସମୟରେ ଏକ ବିଶ୍ୱାସର ସର୍ବସାଧାରଣ କାର୍ଯ୍ୟ ବିଷୟରେ କହିବେ ବୋଲି କହନ୍ତି । ସେହି ଖଣ୍ଡବାକ୍ୟ ସେହି ବିଷୟଗୁଡ଼ିକ ସହିତ ଆସିଥାଏ ଯେପରି ବେଦୀ ନିକଟକୁ ଆହ୍ୱାନ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା, ନିର୍ଦ୍ଦିଷ୍ଟ ପ୍ରାର୍ଥନା କରିବା, କିମ୍ବା ପ୍ରତ୍ୟୁତ୍ତର କାର୍ଡ଼ରୁ ଗାନ କରିବା । ସାଧାରଣତଃ ଏହି କାର୍ଯ୍ୟଗୁଡ଼ିକ ଆମେ ଈଶ୍ୱରଙ୍କୁ ଯାହା କହିଥାଉ ତହିଁ ଉପରେ ଆଲୋକପାତ କରିଥାଏ । ଦୁର୍ଭାଗ୍ୟର ବିଷୟ ହେଉଛି, ଏହି କାର୍ଯ୍ୟଗୁଡ଼ିକ ମଧ୍ୟରୁ ଅନେକ ଆମକୁ କେବଳ ଆମେ ଯାହା କହୁ ସେ ବିଷୟରେ ଚିନ୍ତା କରିବାକୁ ଛାଡ଼ି ଦେଇଥାଏ, ହୃଦୟଙ୍ଗମ କରି ନ ଥାଏ ଯେ ଈଶ୍ୱର ଆପଣା ଲୋକମାନଙ୍କୁ ଆପଣା ପ୍ରେମ ବିଷୟରେ କହିବାକୁ ଆଶା କରନ୍ତି । ପୁଣି ଆମେ ଯାହାକୁ ସିଦ୍ଧାନ୍ତ କାର୍ଯ୍ୟ ବା କଥା ବୋଲି କହିଥାଉ, ସେମାନେ ତାହା ତିଆରି କରନ୍ତି । ମାତ୍ର ବାଇବଲ ସୁଦୃଢ଼ ଭାବରେ ସେହିସବୁ ଅଭ୍ୟାସଗୁଡ଼ିକ ମଧ୍ୟରୁ କାହାରିକୁ ବି ସମର୍ଥନ କରେ ନାହିଁ । ମାତ୍ର ପ୍ରେରିତଗଣ ଓ ଆଦ୍ୟ ମଣ୍ଡଳୀ ସର୍ବସାଧାରଣ କାର୍ଯ୍ୟ କରିବା ପାଇଁ ପାପୀମାନଙ୍କୁ ଅନୁତାପ କରିବାର ଏକ ଉପାୟ ଦେଇଥାଏ, ଯେପରି ଈଶ୍ୱରଙ୍କ ପରିତ୍ରାଣର ମୁଦ୍ରାଙ୍କ – ଅର୍ଥାତ୍ ବାପ୍ତିସ୍ମ ଗ୍ରହଣ କରିବା ବେଳେ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ବିଶ୍ୱାସ ଉଲ୍ଲେଖନୀୟ ହୋଇପାରିବ ।

*ବାପ୍ତିସ୍ମର ସୁନ୍ଦରତା*

ବାପ୍ତିସ୍ମ ଯାହା ଉଲ୍ଲେଖ କରିଥାଏ, ତାକୁ ବିବେଚନା କରିବା ଦ୍ୱାରା ବାପ୍ତିସ୍ମର ସୁନ୍ଦରତାକୁ ହୁଏତ ପାଳନ କରାଯାଇପାରିବ, କାରଣ ବାପ୍ତିସ୍ମ ଚମତ୍କାର ଭାବରେ ଖ୍ରୀଷ୍ଟଙ୍କଠାରେ ମିଳୁଥିବା ଅନେକ ଐଶ୍ୱର୍ଯ୍ୟ ସହିତ ବିଶ୍ୱାସୀ ସହିତ ଚମତ୍କାର ଭାବରେ ସହିତରେ ଅଛି ।

**ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ ।** ପ୍ରଥମେ, ବାପ୍ତିସ୍ମ, ଦୃଶ୍ୟ ଭାବରେ ସେହି ପ୍ରାୟଶ୍ଚିତକୁ ଅଙ୍କନ କରିଥାଏ ଯାହାକି ଯୀଶୁ ସମ୍ପନ୍ନ କରିଥିଲେ । ମୂଲ୍ୟଦେଇ ମୁକ୍ତି ଓ ପାପରୁ ମୁକ୍ତି ଖ୍ରୀଷ୍ଟଙ୍କ କାର୍ଯ୍ୟର କେନ୍ଦ୍ରୀୟ ବିଷୟ ଅଟେ ଓ ସେଥିପାଇଁ ବାପ୍ତିସ୍ମର କେନ୍ଦ୍ରୀୟ ଅର୍ଥ ଅଟେ :

> ଅପରାଧରେ ଓ ଶାରୀରିକ ଅସୁନ୍ନତ ଅବସ୍ଥାରେ ମୃତ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମଧ୍ୟ ଈଶ୍ୱର ତାହାଙ୍କ ସହିତ ସଜୀବ କରିଅଛନ୍ତି ସେ ତ ଆମ୍ଭମାନଙ୍କର ସମସ୍ତ ଅପରାଧ କ୍ଷମା କରିଅଛନ୍ତି, ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇଅଛନ୍ତି ସମସ୍ତ ଆଧିପତ୍ୟ ଓ କର୍ତ୍ତାପଣର ଅସ୍ତ୍ରଶସ୍ତ୍ର ଛଡ଼ାଇ ପ୍ରକାଶରେ ସେମାନଙ୍କ ପ୍ରଦର୍ଶନପୂର୍ବକ କ୍ରୁଶରେ ବିଜୟଯାତ୍ରା କରିଅଛନ୍ତି । (କଲ. ୨:୧୩-୧୫)[୩]

ବାପ୍ତିସ୍ମରେ, ଆମକୁ ଆମ ପକ୍ଷରୁ ଆମ ପ୍ରଭୁଙ୍କ ଆପଣାର ବାପ୍ତିସ୍ମ ବିଷୟରେ ସ୍ମରଣ କରିଦିଆଯାଇଛି । ଉଦ୍ଧାରକର୍ତ୍ତା ଶିକ୍ଷା ଦେଇଥିଲେ, ମାତ୍ର ମୋତେ ଏକ ବାପ୍ତିସ୍ମରେ ବାପ୍ତିଜିତ ହେବାକୁ ହେବ, ଆଉ ତାହା ସମାପ୍ତ ନ ହେବା ପର୍ଯ୍ୟନ୍ତ ମୁଁ କିପରି ନିଷ୍ପୀଡ଼ିତ ହେଉଅଛି (ଲୂକ ୧୨:୫୦) । ଯେତେବେଳେ ଅଧିକ ଉଚ୍ଚାକାଂକ୍ଷିତ ଶିଷ୍ୟଗଣ ତାହାଙ୍କ ରାଜ୍ୟରେ ତାହାଙ୍କ ପାର୍ଶ୍ୱରେ ବସିବେ ବୋଲି ଅନୁରୋଧ କଲେ, ସେତେବେଳେ ଯୀଶୁ ତାଙ୍କୁ ଏହି ଉତ୍ତର ଦେଇ ନମ୍ର କରିଥିଲେ, କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭେମାନେ କଅଣ ମାଗୁଅଛ, ତାହା ଜାଣୁ ନାହଁ । ମୁଁ ଯେଉଁ ପାତ୍ରରେ ପାନ କରୁଅଛି, ସେଥିରେ କି ତୁମ୍ଭେମାନେ ପାନ କରିପାର ? ଅବା ମୁଁ ଯେଉଁ ବାପ୍ତିସ୍ମରେ ବାପ୍ତିଜିତ ହେଉଅଛି, ସେଥିରେ କି ତୁମ୍ଭେମାନେ ବାପ୍ତିଜିତ ହୋଇ ପାର? (ମାର୍କ ୧୦:୩୮) । ଗୁରୁ ଯେଉଁ ପାନପାତ୍ରରୁ ପାନ କରୁଥିଲେ ତାହା ଥିଲା ପାପ ବିରୁଦ୍ଧରେ ପିତାଙ୍କ କ୍ରୋଧର ପାନପାତ୍ର । ସେ ଯେଉଁ ଯନ୍ତ୍ରଣାର କ୍ରୁଶୀୟ ବାପ୍ତିସ୍ମ ସହ୍ୟ କରିଥିଲେ ତାହା ସେ ଜଗତର ପାପ ପାଇଁ ତୁଷ୍ଟୀକରଣ ସାଧନ କରିଥିଲେ (୧ମ ଯୋହନ ୨:୨) ।

ବାପ୍ତିସ୍ମ ମଣ୍ଡଳୀକୁ ଓ ବ୍ୟକ୍ତିବିଶେଷ ଖ୍ରୀଷ୍ଟିୟାନକୁ ଯୀଶୁଙ୍କ କ୍ରୁଶ ବିଷୟରେ ସ୍ମରଣ କରିଦିଏ, ଯେଉଁଠାରେ ଯୀଶୁ ଆମର ପାପକୁ ନେଇଯାଇଥିଲେ ଓ କଣ୍ଟାବିଦ୍ଧ କରିଥିଲେ ଓ ଯେଉଁଠାରେ ଯୀଶଙ୍କ ବିଜୟ ଆମର ବିଜୟ ହୋଇଥାଏ । ବାପ୍ତିସ୍ମ ଆମକୁ ସ୍ମରଣ କରିଦିଏ ଯେ ଖ୍ରୀଷ୍ଟ ଆମର ବିଚାରର ଦୁଃଖଭୋଗ କରିଅଛନ୍ତି ଓ ଆମ ପାଇଁ ଈଶ୍ୱରଙ୍କ ସହିତ ଶାନ୍ତି ସ୍ଥାପନ କରିଅଛନ୍ତି ।

**ଖ୍ରୀଷ୍ଟଙ୍କ ସହିତ ଏକତା ।** ଦ୍ୱିତୀୟରେ, ବାପ୍ତିସ୍ମ ଯୀଶୁଙ୍କ ମୃତ୍ୟୁରେ, କବରପ୍ରାପ୍ତ ହେବାରେ ଓ ପୁନରୁତ୍ଥାନରେ ତାହାଙ୍କ ସହିତ ପାପୀର ଆତ୍ମିକ ଏକତାକୁ ପ୍ରତିନିଧିତ୍ୱ କରିଥାଏ ।

> ତେବେ ଆମ୍ଭେମାନେ କଅଣ କହିବା ? ଅନୁଗ୍ରହ ଯେପରି ପ୍ରଚୁର ହୁଏ, ଏଥିପାଇଁ କି ପାପରେ ରହିଥିବା ? ତାହା କେବେହେଁ ନ ହେଉ । ପାପ ପ୍ରତି ମୃତ ଯେ ଆମ୍ଭେମାନେ, ଆମ୍ଭେମାନେ ସେଥିରେ କିପରି ଆଉ ଜୀବନ କାଟିବା ? ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ,

> ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜରବନା ନୂତନ ଭାବରେ ଆଚରଣ କରୁ କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ, ତାହା ହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍ଥାନର ସାଦୃଶ୍ୟରେ ମଧ୍ୟ ଉତ୍ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା (ରୋମୀ. ୬:୧-୫) ।

ଯୀଶୁ ଯେତେବେଳେ ମୃତ୍ୟୁବରଣ କଲେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସହିତ ମୃତ୍ୟୁବରଣ କରିଥିଲୁ । ସେ କବରପ୍ରାପ୍ତ ହେଲା ବେଳେ ଆମ୍ଭେମାନେ କବରପ୍ରାପ୍ତ ହୋଇଥିଲୁ । ସେ ଉଠିଲାବେଳେ ଆମ୍ଭେମାନ ମଧ୍ୟ ଉଠିଥିଲୁ! ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ବିଶ୍ୱାସରେ ଏକତ୍ରିତ ହୋଇଥିବାରୁ ଆମ୍ଭେମାନେ ଯୀଶୁଙ୍କ ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନର ଲାଭଗୁଡ଼ିକ ପାଇଥାଉ । ବିଶ୍ୱାସ ମାଧ୍ୟମରେ ଆମ୍ଭେମାନେ ପରୋକ୍ଷ ଭାବରେ ସେହିସବୁ ବିଷୟରେ ଅଂଶଗ୍ରହଣ କରିଥାଉ ଯାହାକି ଯୀଶୁ କରିଥିଲେ । ବାପ୍ତିସ୍ମ ସେହି ଆତ୍ମିକ ବାସ୍ତବତାର ଚିତ୍ର ପ୍ରଦାନ କରିଥାଏ ।

ଖ୍ରୀଷ୍ଟଙ୍କ ସହିତ ଆମର ଏକତ୍ୱ ଏତେ ସୁଦୃଢ଼ ଅଟେ ଯେ କେହି କେହି ବାପ୍ତିସ୍ମକୁ ବିବାହ ସହିତ ତୁଳନା କରିଛନ୍ତି । ଉଦାହରଣସ୍ୱରୂପ, ମାରିଓନ୍ କ୍ଲାର୍କ୍ ଲେଖନ୍ତି, ଈଶ୍ୱର ଆମର ବର ଅଟନ୍ତି, ଯେ କି ଆମକୁ ମନୋନୀତ କରିଅଛନ୍ତି, ଯୌତୁକ ଦେଇଅଛନ୍ତି, ଓ ଆମକୁ ତାହାଙ୍କ ମୁଦ୍ରିକା ଦେଇଅଛନ୍ତି ଯେପରି ସମସ୍ତେ ଜାଣିବେ ଯେ ଆମ୍ଭେମାନେ ତାହାଙ୍କର ଅଧିକାରଭୁକ୍ତ ଅଟୁ । ଏପରିକି ଆହୁରି ଅଧିକ ଭାବରେ ସେ ଏହା କରିଛନ୍ତି ଯେପରି ଆମକୁ ସ୍ୱଷ୍ଟ ଭାବରେ କହିପାରିବେ ଯେ ଆମେ ତାହାଙ୍କର ଅଟୁ । ବାପ୍ତିସ୍ମର ଉତ୍ସବ ସ୍ୱଷ୍ଟ ଭାବରେ ଘୋଷଣା କରିଥାଏ ଯେ ଆମ ପାଇଁ ତାହାଙ୍କ ପ୍ରେମ ଏକ ସ୍ୱପ୍ନ ନୁହେଁ, ବରଂ ଏକ ବାସ୍ତବତା ଅଟେ ।[୪] ବାପ୍ତିସ୍ମରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ, ଅର୍ଥାତ୍ ବରଙ୍କ ସହିତ, ତାହାଙ୍କ କନ୍ୟା, ମଣ୍ଡଳୀ ପ୍ରତି ଏକ ହୋଇ ପରସ୍ପର ପ୍ରତିଜ୍ଞା କରିଥାଉ ।

**ମଣ୍ଡଳୀ ସହିତ ଏକ ହେବା ।** ବାପ୍ତିସ୍ମ ଖ୍ରୀଷ୍ଟଙ୍କ ସହିତ ଆମର ଏକତ୍ୱକୁ କେବଳ ଚିତ୍ରଣ କରି ନ ଥାଏ, ମାତ୍ର ଆହୁରିମଧ୍ୟ ତାହାଙ୍କ ଶରୀର ସହିତ, ଅର୍ଥାତ୍ ମଣ୍ଡଳୀ ସହିତ ଆମର ଏକତାକୁ ଚିତ୍ରଣ କରିଥାଏ । ବିଶ୍ୱାସ ମାଧ୍ୟମରେ ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହେବା ଦ୍ୱାରା, ସେହି ସମାନ୍ ଆତ୍ମା ଦ୍ୱାରା ଆମ୍ଭେମାନେ ସମସ୍ତେ ଏକ ଆତ୍ମାରେ ଏକ ଶରୀର ମଧ୍ୟରେ ବାପ୍ତିଜିତ ହୋଇଛୁ (୧ମ କରି. ୧୨:୧୩) । ନଚେତ୍ ପ୍ରେରିତ ପାଉଲ ଯେପରି ଅନ୍ୟତ୍ର ଲେଖନ୍ତି, ଏକ ଶରୀର ଓ ଏକ ଆତ୍ମା, ଯେଉଁରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ୍ୟ ଆହୂତ ହୋଇଅଛ ଏକ ପ୍ରଭୁ, ଏକ ବିଶ୍ୱାସ, ଏକ ବାପ୍ତିସ୍ମ, ସମସ୍ତଙ୍କ ଏକ ଈଶ୍ୱର ଓ ପିତା ସେ ସମସ୍ତଙ୍କ ଉପରେ, ସମସ୍ତଙ୍କ ମଧ୍ୟରେ ଏବଂ ସମସ୍ତଙ୍କ ଅନ୍ତରରେ ଅଛନ୍ତି (ଏଫି. ୪:୪-୬) ।

ବାପ୍ତିସ୍ମପ୍ରାପ୍ତ ବ୍ୟକ୍ତି ବିଶେଷଗଣ ଭାବବାଣୀ ଦିଅନ୍ତି ଯେ ବିଶ୍ୱାସ ମାଧ୍ୟମରେ ସେମାନେ ଖ୍ରୀଷ୍ଟଙ୍କ ଶରୀର ସହିତ ସଂଯୁକ୍ତ ହୋଇଛନ୍ତି । ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହେବା ବିଷୟ ତାହାଙ୍କ

ଲୋକମାନଙ୍କ ସହିତ ତାହାଙ୍କ ଏକତାକୁ ପ୍ରଦର୍ଶନ କରିଥାଏ, ଅଧିକାଂଶ ଲୋକ ସୁଦୃଢ଼ ଭାବରେ ଏକ ସ୍ଥାନୀୟ ମଣ୍ଡଳୀରେ ପ୍ରତିବଦ୍ଧ ହୋଇ ସଦସ୍ୟତା ଗ୍ରହଣ କରିବା ଦ୍ୱାରା ପ୍ରଦର୍ଶନ କରିଥିଲେ ।

ଯେତେବେଳେ ଗୋଟିଏ ଦମ୍ପତ୍ତି ଜଣେ ସନ୍ତାନକୁ ଜନ୍ମ ଦିଅନ୍ତି, ସେତେବେଳେ ପରିବାର ଓ ସାଙ୍ଗମାନେ ଡ଼ାକ୍ତରଖାନା ପରିଦର୍ଶନ କରନ୍ତି, ଶୁଭେଚ୍ଛା ବ୍ୟକ୍ତ କରନ୍ତି ଓ ଏହି ନୂତନ ଜୀବନର ଅତିରିକ୍ତ ବିଷୟରେ ଆନନ୍ଦ କରନ୍ତି । ଠିକ୍ ସେହିପରି ଭାବରେ, ଲୋକମାନେ ଯେତେବେଳେ ବାପ୍ତିସ୍ମର ଚିହ୍ନ ଓ ମୁଦ୍ରାଙ୍କ ଗ୍ରହଣ କରନ୍ତି, ସେତେବେଳେ ସେମାନେ ଈଶ୍ୱରଙ୍କ ପରିବାର, ଅର୍ଥାତ୍ ମଣ୍ଡଳୀର ଅଂଶବିଶେଷ ହୋଇଯାଆନ୍ତି । ସେମାନେ ପରିବାରର ସଦସ୍ୟ ଭାବରେ ସୁବିଧାଗୁଡ଼ିକ ଓ ଦାୟିତ୍ୱଗୁଡ଼ିକ ଉପଭୋଗ କରନ୍ତି । ଡ଼ନ୍ ହ୍ୱିଟ୍‌ନି ଏହାକୁ ଭଲ ଭାବରେ ବର୍ଣ୍ଣନା କରନ୍ତି : ଈଶ୍ୱର ଯେତେବେଳେ ଜଣେ ବ୍ୟକ୍ତିକୁ ଆତ୍ମିକ ଜୀବନ ମଧ୍ୟକୁ ଆଣନ୍ତି, ସେତେବେଳେ ସେହି ବ୍ୟକ୍ତି ଖ୍ରୀଷ୍ଟଙ୍କର ଆତ୍ମିକ ଓ ଅଦୃଶ୍ୟ ଶରୀର ମଧ୍ୟରେ – ଅର୍ଥାତ୍ ସର୍ବସାଧାରଣ ମଣ୍ଡଳୀ ମଧ୍ୟରେ ପ୍ରବେଶ କରନ୍ତି । ଯେତେବେଳେ ଜଳଦୀକ୍ଷାରେ ସେହି ଆତ୍ମିକ ଅନୁଭୂତିର ଚିତ୍ରଣ କରାଯାଇଥାଏ, ସେତେବେଳେ ତାହା ହିଁ ହେଉଛି ବ୍ୟକ୍ତି ବିଶେଷର ଖ୍ରୀଷ୍ଟଙ୍କ ନିର୍ଦ୍ଦିଷ୍ଟ ଓ ଦୃଶ୍ୟ ଶରୀର ମଧ୍ୟରେ – ଅର୍ଥାତ୍ ସ୍ଥାନୀୟ ମଣ୍ଡଳୀ ମଧ୍ୟରେ ପ୍ରତୀକାତ୍ମକ ପ୍ରବେଶ ଅଟେ ।[୬]

**ଈଶ୍ୱରଙ୍କ ପ୍ରତି ପବିତ୍ରୀକରଣ ଅଟେ ।** ଶେଷରେ, ଆମେ ବୁଝିବା ଉଚିତ୍ ଯେ ବାପ୍ତିସ୍ମ ଈଶ୍ୱରଙ୍କ ପ୍ରତି ଆମର ପବିତ୍ରୀକରଣକୁ ଉଲ୍ଲେଖ କରିଥାଏ । ବାପ୍ତିସ୍ମରେ ଆମର ପରିତ୍ରାଣର ଈଶ୍ୱରଙ୍କ ପ୍ରତି ଉପାସନା ଓ ସେବା କରିବା ପାଇଁ ଆମକୁ ପୃଥକ୍ ରଖାଯାଇଛି । ଆମକୁ ଜଗତରୁ ପୃଥକ୍ ରଖାଯାଇଛି ଓ ଈଶ୍ୱରଙ୍କ ଅଧିକାରଭୁକ୍ତ ଭାବରେ ମୁଦ୍ରାଙ୍କିତ କରାଯାଇଛି । ସେଥିପାଇଁ ପ୍ରେରିତ ପାଉଲ ବାପ୍ତିସ୍ମ ବିଷୟରେ ଆଲୋଚନା କରିବା ବେଳେ ଅନେକ ସମୟରେ ନୂତନ ନିୟମ ନୀତି ସମ୍ବନ୍ଧୀୟ ଆବଶ୍ୟକତାଗୁଡ଼ିକ ଲେଖନ୍ତି । ଉଦାହରଣସ୍ୱରୂପ :

> ଆହୁରି ମଧ୍ୟ ତୁମ୍ଭେମାନେ ଶାରୀରିକ ସ୍ୱଭାବ ତ୍ୟାଗ କରି ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ଅହସ୍ତକୃତ ସୁନ୍ନତରେ, ଅର୍ଥାତ୍ ଖ୍ରୀଷ୍ଟୀୟ ସୁନ୍ନତରେ ସୁନ୍ନତ୍ ପ୍ରାପ୍ତ ହୋଇଅଛ ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇ, ଯେଉଁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍ଥାପିତ ହୋଇଅଛ । (କଲ. ୨:୧୧–୧୨)

> ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ଆପଣା ଆପଣାକୁ ପାପ ପ୍ରତି ମୃତ, କିନ୍ତୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଥାଇ ଈଶ୍ୱରଙ୍କ ପ୍ରତି ଜୀବିତ ବୋଲି ଗଣନା କର । ଅତଏବ ପାପ ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରରେ ରାଜତ୍ୱ ନ କରୁ, ତାହା କଲେ ତୁମ୍ଭେମାନେ ସେଥିର କୁଅଭିଳାଷଗୁଡ଼ାକର ବଶବର୍ତ୍ତୀ ହେବ କିମ୍ବା ଆପଣା ଆପଣାର ଅଙ୍ଗପ୍ରତ୍ୟଙ୍ଗକୁ ଅଧାର୍ମିକତାର ଅସ୍ତ୍ରଶସ୍ତ୍ରରୂପେ ପାପ ନିକଟରେ ସମର୍ପଣ କର ନାହିଁ, କିନ୍ତୁ ମୃତମାନଙ୍କ

> ମଧ୍ୟରୁ ଜୀବିତ ହେଲା ପରି ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର, ପୁଣି ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ରରୂପେ ଈଶ୍ୱରଙ୍କ ନିକଟର ସମର୍ପଣ କର । କାରଣ ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବ ନାହିଁ, ଯେଣୁ ତୁମ୍ଭେମାନେ ବ୍ୟବସ୍ଥାର ଅଧୀନ ନୁହଁ, ମାତ୍ର ଅନୁଗ୍ରହର ଅଧୀନ ଅଟ । (ରୋମୀ. ୬:୧୧-୧୪)

ଆମର ଜୀବନ ବିଶ୍ୱାସ ଓ ଆତ୍ମାଙ୍କ ଲାଗି ରହିବା ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇଥିବାରୁ ଆମ୍ଭେମାନେ ସୁନ୍ନତ ଜୀବନଯାପନ କରିବା ପାଇଁ ବାଧିତ ଅଟୁ, ପାପପୂର୍ଣ୍ଣ ସ୍ୱଭାବ ଧାରଣ କରିବା ପାଇଁ ବାଧିତ ଅଟୁ । ଆମେ ନିଜ ନିଜକୁ ପାପ ପ୍ରତି ମୃତ ମାତ୍ର ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ପ୍ରତି ଜୀବିତ ବୋଲି ଗଣନା କରିଥାଉ ଓ ଆମେ ନିଜ ନିଜକୁ ଈଶ୍ୱରଙ୍କ ପ୍ରତି ଅର୍ପଣ କରିଥାଉ । ଆମେ ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁବରଣ କରିଥିବାରୁ, ପାପ ଆଉ ଆମ ଉପରେ ରାଜତ୍ୱ କରେ ନାହିଁ । ଆମ୍ଭେମାନେ ଅଧାର୍ମିକତାର ନିଷ୍ଠୁରତାରୁ ମୁକ୍ତ ହୋଇଛୁ । ଯେପରି ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନ ରହୁ, ଏଥିପାଇଁ ପାପର ଶରୀର ବିଶିଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି, ଏହାତ ଆମ୍ଭେମାନେ ଜାଣୁ (ରୋମୀ. ୬:୬) । ଆମେ ଜଣେ ନୂତନ ମୁନିବର ଅଧିକାରଭୁକ୍ତ ଅଟୁ । କ୍ରେଡ଼ୋବାପ୍‌ଟିଷ୍ଟ୍ ଆହୁରି କହନ୍ତି ଯେ ଜୀବନର ନୂତନତାରେ ଉଠିବା ପାଇଁ ଆମେ ଜଳ ସମାଧି ପ୍ରାପ୍ତ ହୋଇଥାଉ ।[୬]

> ଆମର ବାପ୍ତିସ୍ମ ଆମକୁ ଧାର୍ମିକତାରେ ବାସ କରିବାକୁ ବାଧିତ କରିଥାଏ, ଯେପରି ଆମେ ଆମର ପ୍ରଭୁଙ୍କୁ ଗୌରବ ଦେବା, ଲଜ୍ଜା ଦେବା ନାହିଁ, ଯାହାଙ୍କ ସହିତ ଆମ୍ଭେମାନେ ବାପ୍ତିସ୍ମରେ କବରପ୍ରାପ୍ତ ହୋଇଛୁ ଓ ଜୀବନରେ ଉଠିଛୁ । ଆମ୍ଭେମାନେ ପଛକୁ ଯାଇପାରିବା ନାହିଁ । ଆମ୍ଭେମାନେ ନୂତନ ଚୁକ୍ତି ମଧ୍ୟରେ ପ୍ରବେଶ କରିଛୁ ଆମ୍ଭେମାନେ ଆମ ରାଜାଙ୍କଠାରେ ଆସକ୍ତ ହୋଇ ରହିବା ବୋଲି ଶପଥ କରିଛୁ । ବର୍ତ୍ତମାନ ଆମକୁ ତାହାଙ୍କ ରାଜ୍ୟର ନାଗରିକ ଓ ଦାସ ଭାବରେ ଜୀବନଯାପନ କରିବାକୁ ପଡ଼ିବ ।[୭]

ମୋର ସାଙ୍ଗ ମାଥିଉ ବାପ୍ତିସ୍ମର ସୁନ୍ଦରତା ଦେଖି ନ ଥିଲେ । ସେ ବାପ୍ତିସ୍ମ ବିଷୟରେ ମୁଖ୍ୟତଃ ଚିନ୍ତା କରିଥିଲେ ଯେପରି ସେ ଜଗତକୁ କହିଥିଲେ : ହେ, ମୁଁ ଯୀଶୁଙ୍କ ପାଇଁ ଜୀବନଯାପନ କରୁଛି ଓ ବିଚଳିତ ନ ହେବାକୁ ଯୋଜନା କରୁଛୁ । ସେ ଜାଣିପାରିଲେ ନାହିଁ ଯେ ଈଶ୍ୱର ବାପ୍ତିସ୍ମରେ କହନ୍ତି, ହେ, ତୁମ୍ଭେମାନେ ମୋହର ଅଟ । ମୁଁ ତୁମକୁ ନୂତନ କରିଅଛି । ମୁଁ ତୁମଠାରେ ବାସ କରୁଥିବାରୁ ତୁମେ ମୋଠାରେ ବାସ କରିବ ।

ସେହି ଦୃଷ୍ଟିକୋଣରୁ ଆମେ ଦେଖିଥିଲୁ, ବାପ୍ତିସ୍ମ ଏହାର ଯୋଗ୍ୟତା ଅନୁଯାୟୀ ସୁନ୍ଦରତା ଓ ଗୁରୁତ୍ୱ ଲାଭ କରିଥାଏ । ବିଶ୍ୱାସୀ ପାଇଁ ଏହା ଅନୁଗ୍ରହର ମାଧ୍ୟମ ହୋଇଥାଏ, ସୁସମାଚାରର ଏକ ସ୍ମରଣ ହୋଇଥାଏ ଓ ଆମର ଉଦ୍ଧାର କରୁଥିବା ଉଦ୍ଧାରକର୍ତ୍ତା ହୋଇଥାଏ ।

ଅଧିକନ୍ତୁ, ବାପ୍ତିସ୍ମ ଆମ ପ୍ରଭୁଙ୍କ ସହିତ ନିରବଚ୍ଛିନ୍ନ ସହଭାଗିତା ଲାଭ କରିବାର ଦ୍ୱାର ଖୋଲି ଦେଇଥାଏ । ପ୍ରଭୁଙ୍କ ସହିତ ନିରବଚ୍ଛିନ୍ନ ସହଭାଗିତା ଅନ୍ୟ ଚିହ୍ନ ଓ ମୁଦ୍ରାଙ୍କରେ, ପ୍ରଭୁଭୋଜନରେ କିମ୍ବା ସହଯୋଗ ଭୋଜନରେ ପ୍ରକାଶନ ପାଇଥାଏ ।

*ପାଏଡ଼ୋବାପ୍ଟିଷ୍ଟ ଓ କ୍ରେଡ଼ୋବାପ୍ଟିଷ୍ଟ*

ମୁଁ (ଡ଼ନ୍‌କାନ୍) ଥାବିଟି ଏଠାରେ ବାପ୍ତିସ୍ମର ଧର୍ମତତ୍ତ୍ୱ କୁ ଯେପରି ଭାବରେ କହନ୍ତି ତାକୁ ଭଲ ପାଏ ଓ ଖ୍ରୀଷ୍ଟିୟାନମାନଙ୍କ ଜୀବନରେ ପାଳକୀୟ ମତ ଆମକୁ ଏହାର ଗୁରୁତ୍ୱ ଦେଇଥାଏ । ଜଣେ ବାପ୍ଟିଷ୍ଟ ଭାବରେ ସେ ଓ ଜଣେ ପ୍ରେସ୍‌ବିଟାରିଆନ୍ ଭାବରେ ମୁଁ ଏପର୍ଯ୍ୟନ୍ତ ସମ୍ମତ ହୋଇଛୁ । ମାତ୍ର ଆମ୍ଭେମାନେ ମଧ୍ୟ ସ୍ୱୀକାର କରିବାକୁ ଇଚ୍ଛା କରୁ ଯେ ବାପ୍ତିସ୍ମ ପ୍ରସଙ୍ଗ ଉପରେ ଦି ଗସ୍‌ପେଲ୍ କୋଆଲିସନ୍‌ର ମିଳିତ ସଦସ୍ୟମାନଙ୍କ ମଧ୍ୟରେ କେତେକ ଉଲ୍ଲେଖନୀୟ ଅସମ୍ମତି ରହିଛି । ସାଧାରଣତଃ ଆମେ ବାପ୍ତିସ୍ମର ଅର୍ଥ, ଗୁରୁତ୍ୱ ଓ କାର୍ଯ୍ୟ ବିଷୟରେ ସମ୍ମତ ଅଟୁ, ମାତ୍ର ଆମର କାର୍ଯ୍ୟପ୍ରଣାଳୀ ଓ ପ୍ରସଙ୍ଗଗୁଡ଼ିକ ବିଷୟରେ (କିମ୍ବା ସିଦ୍ଧ ଭାବରେ ବାପ୍ତିସ୍ମ ଗ୍ରହଣ କରିଥିବା ଲୋକମାନଙ୍କ ବିଷୟରେ କିଛି ଅସମ୍ମତି ରହିଛି । ଏହି ପାର୍ଥକ୍ୟଗୁଡ଼ିକ ଫଳାଫଳବିହୀନ ନୁହେଁ, ଓ ସେଥିପାଇଁ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ଅଧୀନରେ ପରସ୍ପରର ବିବେକକୁ ଗୌରବ ଦେବାକୁ ଇଚ୍ଛା କରିଥାଉ, ପୁଣି ଆମେ ଆମର ପରସ୍ପର ମଣ୍ଡଳୀଗୁଡ଼ିକର ସଦସ୍ୟମାନଙ୍କୁ ଲୋଡ଼ିଥାଉ ଓ ଏହି ଘଟଣାଗୁଡ଼ିକୁ ଗୁରୁତର ଭାବରେ ଗ୍ରହଣ କରିଥାଉ ।[୮]

ଗସ୍‌ପେଲ୍ କୋଆଲିସନ୍‌ରେ ଆମ ମଧ୍ୟରୁ କେହି କେହି କ୍ରେଡ଼ୋବାପ୍ଟିଷ୍ଟ ଅଟନ୍ତି (ଅର୍ଥାତ୍, ଥାବିଟିଙ୍କ ପରି ଖ୍ରୀଷ୍ଟିୟାନ୍ ଅଟନ୍ତି ଯେଉଁମାନେ ବିଶ୍ୱାସ କରନ୍ତି ଯେ କେବଳ ବିଶ୍ୱାସୀମାନେ ହିଁ ବାପ୍ତିସ୍ମ ଗ୍ରହଣ କରିବା ଉଚିତ୍) ଏବଂ ଆମ ମଧ୍ୟରୁ ଅନ୍ୟମାନେ ପାଏଡ଼ୋବାପ୍ଟିଷ୍ଟସ୍ ଅଟନ୍ତି (ଅର୍ଥାତ୍, ମୋ ପରି ଖ୍ରୀଷ୍ଟିୟାନମାନେ ଯେଉଁମାନେ ଉଭୟ ବିଶ୍ୱାସୀମାନଙ୍କଠାରେ ଓ ସେମାନଙ୍କ ସନ୍ତାନମାନଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ବାପ୍ତିଜିତ ହେବା ଉଚିତ୍) । ଉଭୟ ଦଳ ଶାସ୍ତ୍ର ଶିକ୍ଷା ଦେବା ବିଷୟରେ ସେମାନଙ୍କ ବାପ୍ତିସ୍ମ ଦେବାର ଅଭ୍ୟାସରେ ଭିତ୍ତିମୂଳ ଅନ୍ୱେଷଣ କରନ୍ତି, ମାତ୍ର ସିଦ୍ଧ ଭାବରେ ବାପ୍ତିସ୍ମ ଗ୍ରହଣ କରୁଥିବା ଲୋକମାନଙ୍କ ବିଷୟରେ ବାଇବଲ ଯାହା ଶିକ୍ଷା ଦିଏ ସେ ବିଷୟରେ ଉଭୟେ ଭିନ୍ନ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ।

ସୁସମାଚାରୀୟ ପାଏଡ଼ୋବାପ୍ଟିଷ୍ଟଗଣ ବିଶ୍ୱାସ କରନ୍ତି ଯେ ବାଇବଲ ଶିକ୍ଷା ଦିଏ ଯେ ମଣ୍ଡଳୀ ବିଶ୍ୱାସୀମାନଙ୍କର ସନ୍ତାନମାନଙ୍କୁ ତଥା ଭାବବାଣୀ ଦେଉଥିବା ବୟସ୍କ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦେବା ଉଚିତ୍ ଯେଉଁମାନେ ପୂର୍ବରୁ ବାପ୍ତିଜିତ ହୋଇ ନାହାନ୍ତି । ଆମେ ବିଶ୍ୱାସ କରୁ ଯେ ବାପ୍ତିସ୍ମ ଏକ ନୂତନ-ଚୁକ୍ତି ଚିହ୍ନ ଅଟେ ଯାହାକି ଆପଣା ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ଅନୁଗ୍ରହଶୀଳ ଉଦ୍ଧାରକାରୀ ପ୍ରତିଜ୍ଞାକୁ ଏବଂ ଯୀଶୁ ଖ୍ରୀଷ୍ଟଙ୍କଠାରେ ଏହାର ସମ୍ପନ୍ନତାକୁ ସୂଚୀତ ଓ ନିଶ୍ଚିତ କରିଥାଏ । ଆମେ ଆଦିପୁସ୍ତକ ୧୭, ମାଥିଉ ୨୮, କଲସୀୟ ୨, ୧ମ କରିନ୍ଥୀୟ ୭ ଓ ପ୍ରେରିତ ୨ ଓ ୧୬ ଅଧ୍ୟାୟ ପରି ପରିଚ୍ଛେଦଗୁଡ଼ିକ ବିଷୟରେ

ଆମର ବୋଧଗମ୍ୟତା ବିଷୟରେ ବିଶ୍ୱାସୀମାନଙ୍କ ଓ ସେମାନଙ୍କ ସନ୍ତାନମାନଙ୍କ ପ୍ରତି ବାପ୍ତିସ୍ମର ପ୍ରଶାସନକୁ ଆଧାର କରିଥାଉ ।

ଆମେ ଆମର କ୍ରେଡ଼ୋବାପ୍ଟିଷ୍ଟ୍ ସାଙ୍ଗମାନଙ୍କ ସହିତ ସମ୍ମତ ହୋଇଥାଉ ଯେ (୧) ମାଥିଉ ୨୮:୧୯-୨୦ ପଦରେ ଖ୍ରୀଷ୍ଟ ଖ୍ରୀଷ୍ଟିୟାନ୍ ବାପ୍ତସ୍ମ ବିଷୟରେ ଆଜ୍ଞା ଦିଅନ୍ତି (ଯାଅ .....ଶିଷ୍ୟ କର.....ବାପ୍ତିସ୍ମ ଦେଇ..... ଓ .....ସେମାନଙ୍କୁ ଶିକ୍ଷା ଦେଇ) ଓ ଯେ (୨) ପ୍ରେରିତ ୮ ଅଧ୍ୟାୟ ଅନୁଯାୟୀ ବିଶ୍ୱାସୀମାନେ ବାପ୍ତିଜିତ ହେବା ଉଚିତ୍ :

> ସେଥିରେ ଫିଲିପ୍ପ ମୁଖ ଫିଟାଇ ଶାସ୍ତ୍ରର ଏହି ବାକ୍ୟରୁ ଆରମ୍ଭ କରି ତାହାଙ୍କ ନିକଟରେ ଯୀଶୁଙ୍କ ସୁସମାଚାର ପ୍ରଚାର କଲେ । ଆଉ ସେମାନେ ପଥରେ ଯାଉଁ ଯାଉଁ କୌଣସି ଗୋଟିଏ ଜଳାଶୟ ନିକଟରେ ଉପସ୍ଥିତ ହେଲେ ସେଥିରେ ନପୁଂସକ କହିଲେ, ଏଠାରେ ତ ଜଳ ଅଛି, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି ? (ଫିଲିପ୍ପ କହିଲେ, ଆପଣ ସମସ୍ତ ଅନ୍ତଃକରଣ ସହିତ ଯଦି ବିଶ୍ୱାସ କରନ୍ତି, ତାହା ହେଲେ ହୋଇପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଅଛି ।) ପୁଣି ସେ ରଥ ଠିଆ କରିବାକୁ ଆଜ୍ଞା ଦେଲେ, ଆଉ ଫିଲିପ୍ପ ଓ ନପୁଂସକ ଉଭୟ ଜଳ ଭିତରକୁ ଓହ୍ଲାଇଗଲେ, ଆଉ ଫିଲିପ୍ପ ତାହାଙ୍କୁ ବାପ୍ତିସ୍ମ ଦେଲେ । (୩୫-୩୮ ପଦ)

ମାତ୍ର ଆମେ ତୃତୀୟ ବିଷୟରେ ସମ୍ମତ ହୋଇଥାଉ, କାରଣ ପାଏଡ଼ୋବାପ୍ଟିଷ୍ଟ୍‌ଗଣ ମଧ୍ୟ ବିଶ୍ୱାସ କରନ୍ତି ଯେ ଖ୍ରୀଷ୍ଟିୟାନମାନେ ଓ *ସେମାନଙ୍କ ସନ୍ତାନମାନେ* ବାପ୍ତିଜିତ ହେବା ଉଚିତ୍ । ଆମେ ଯଦି ପାଏଡ଼ୋବାପ୍ଟିଷ୍ଟ୍‌ଗଣଙ୍କ ପାଇଁ ଆମର ବାଇବଲସମ୍ମତ ଯୁକ୍ତିକୁ ଗୋଟିଏ ବାକ୍ୟକୁ (ଜଟିଳ!) ହ୍ରାସ କରିଦେବା, ତେବେ ଏହା ଏହିପରି କିଛି ହେବ :

> ଈଶ୍ୱର ଉଭୟ ପୁରାତନ ନିୟମ ଓ ନୂତନ ନିୟମରେ ବିଶ୍ୱାସୀମାନଙ୍କୁ ଓ ସେମାନଙ୍କ ସନ୍ତାନମାନଙ୍କୁ ପ୍ରତିଜ୍ଞା କରିଥିଲେ, ଉଭୟ ପୁରାତନ ଓ ନୂତନ ନିୟମରେ ସେହିସବୁ ପ୍ରତିଜ୍ଞାରେ ଚିହ୍ନଗୁଡ଼ିକ ସଂଯୁକ୍ତ କରିଥିଲେ, ଯାହାକି ତାହାଙ୍କ ପରିବାର ମଧ୍ୟରେ ପ୍ରାରମ୍ଭର ଚିହ୍ନ ସ୍ୱଷ୍ଟରୂପେ ଆବଶ୍ୟକ (ସୁନ୍ନତ) ବିଶ୍ୱାସୀମାନଙ୍କ ପ୍ରତି ଓ ସେମାନଙ୍କ ସନ୍ତାନମାନଙ୍କ ପ୍ରତି ପୁରାତନ ନିୟମରେ ପ୍ରଯୁଜ୍ୟ, ପୁଣି ନୂତନ ନିୟମରେ ବିଶ୍ୱାସୀମାନଙ୍କୁ ଓ ସେମାନଙ୍କ ସନ୍ତାନମାନଙ୍କୁ ଦିଆଯିବା ପାଇଁ ପ୍ରାରମ୍ଭର ନୂତନ-ଚୁକ୍ତି ଚିହ୍ନକୁ ସମ୍ପୂର୍ଣ୍ଣରୂପେ ଦିଆଯିବାକୁ ପଡ଼ିବ ।

କ୍ରେଡ଼ୋବାପ୍ଟିଷ୍ଟଗଣ ଅସମ୍ମତ ହୁଅନ୍ତି ଓ ଯୁକ୍ତି କରନ୍ତି ପାଏଡ଼ୋବାପ୍ଟିଷ୍ଟ୍‌ମାନେ କେବଳ ଆମର ଅନୁରୋଧର ପରିଚ୍ଛେଦଗୁଡ଼ିକୁ ଭୁଲ୍ ବୁଝନ୍ତି ନାହିଁ, ମାତ୍ର ଅଧିକନ୍ତୁ ବାପ୍ତିସ୍ମ ପ୍ରତି ନୂତନ ନିୟମ ଉଲ୍ଲେଖଗୁଡ଼ିକ ଏକ ଆଜ୍ଞା ଦେଇଥାଏ କେବଳ ସେହିମାନଙ୍କୁ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କଠାରେ ବ୍ୟକ୍ତିଗତ ବିଶ୍ୱାସର ଭାବବାଣୀ ଦିଅନ୍ତି (ଉଦାହରଣସ୍ୱରୂପ, ପ୍ରେରିତ ୨:୪୧; ୮:୧୨; ୧୦:୪୪-୪୮; ରୋମୀ. ୬:୩-୪; ଗାଲା. ୩:୨୭) । ସେମାନେ ସେହି ପରିଚ୍ଛେଦକୁ ଧରି ରଖନ୍ତି, ଯେପରି ଯିରିମିୟ ୩୧ ଶିକ୍ଷା ଦିଏ ଯେ ନୂଆ ଚୁକ୍ତି ଅଧୀନରେ

ମଣ୍ଡଳୀ *ବିଶ୍ୱାସୀ* ଶିଷ୍ୟମାନଙ୍କର ଏକତାକୁ ଏକତ୍ରିତ କରିଛି, ପୁଣି ଏହି ପରିପ୍ରେକ୍ଷୀରେ ସେମାନେ ପୁରାତନ ଚୁକ୍ତିରୁ ବିଶ୍ୱାସୀମାନଙ୍କଠାରୁ ଭିନ୍ନ ଅଟନ୍ତି, ଯାହାକି ସ୍ପଷ୍ଟରୂପେ ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିଥିଲା ।

ଅପରପକ୍ଷରେ, ପାଏଡ଼ୋବାପ୍ଟିଷ୍ଟଗଣ ବିଶ୍ୱାସ କରନ୍ତି ଯେ ସ୍ଥାନୀୟ ମଣ୍ଡଳୀର ସଦସ୍ୟତା ବିଶ୍ୱାସୀଗଣ ଓ ସେମାନଙ୍କ ସନ୍ତାନମାନଙ୍କୁ ନେଇ ଗଠିତ ହୋଇଛି, ପୁଣି ଏହି ପରିପ୍ରେକ୍ଷୀରେ ନୂତନ ଚୁକ୍ତି ପୁରାତନ ଚୁକ୍ତିରୁ ଭିନ୍ନ ହୋଇ ନ ଥାଏ । ଅତଏବ, ଧର୍ମସଂକ୍ରାନ୍ତୀୟ ପାର୍ଥକ୍ୟ (ମଣ୍ଡଳୀର ଧର୍ମତତ୍ତ୍ୱ ) ପ୍ରକୃତ ବାପ୍ତିସ୍ମ ଗ୍ରହଣ କରୁଥିବା ବିଷୟରେ କ୍ରେଡ଼ୋବାପ୍ଟିଷ୍ଟ ଓ ପାଏଡ଼ୋବାପ୍ଟିଷ୍ଟର ଅସମ୍ମତର ମୁଖ୍ୟ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ ।

ଏକ ଅତି ଅଳ୍ପ ଉଲ୍ଲେଖନୀୟ ଅସମ୍ମତ ବାପ୍ତିସ୍ମ ବିଷୟରେ କହିଥାଏ । କ୍ରେଡ଼ୋବାପ୍ଟିଷ୍ଟଗଣ ସାଧାରଣତଃ ଯୁକ୍ତି କରନ୍ତି ଯେ ବାପ୍ତିସ୍ମ କେବଳ ଜଣେ ବ୍ୟକ୍ତିକୁ ଜଳ ମଧ୍ୟରେ ବୁଡ଼ାଇବା ବା ଡୁବାଇବା ଦ୍ୱାରା କରଯାଇଥାଏ । ସେମାନେ ମଧ୍ୟ ଅଦ୍ଭୁତ ଭାବରେ ଧରି ରଖନ୍ତି ଯେ ସେହି ବିଷୟ ଯୀଶୁଙ୍କ ଆଜ୍ଞା ଦ୍ୱାରା ଏତେ ବାନ୍ଧି ହୋଇ ରହିଛି ଯେ ଯେଉଁମାନେ ବୁଡ଼ି ନାହାନ୍ତି ସେମାନେ ବାପ୍ତିଜିତ ହୋଇ ନାହାନ୍ତି । ଇତିମଧ୍ୟରେ ଅଧିକାଂଶ ପାଏଡ଼ୋବାପ୍ଟିଷ୍ଟଗଣ ବିଶ୍ୱାସ କରନ୍ତି ଯେ ମିଳନ ଦ୍ୱାରା ହିଁ ବାପ୍ତିସ୍ମ ସର୍ବୋତ୍ତମ ଭାବରେ କରାଯାଇଥାଏ (ବାପ୍ତିସ୍ମ ନେଉଥିବା ବ୍ୟକ୍ତିଙ୍କ ଉପରେ ପାଣି ଢ଼ାଳି ବା ଛାଟିବା ଦ୍ୱାରା) ମାତ୍ର ସେହି ଉପାୟ ସେହି ଧର୍ମକର୍ମର ସାର ନୁହେଁ ତେଣୁ ବୁଡ଼ିବା ସଠିକ୍ ଅଟେ, ମାତ୍ର ବାପ୍ତିସ୍ମ ପାଇଁ ଆବଶ୍ୟକ, ଉପାୟ ନୁହେଁ ।

ଯେଉଁମାନେ ବୁଡ଼ିବା ସପକ୍ଷରେ ଯୁକ୍ତି କରନ୍ତି ସେମାନେ ଅନେକ ଦୃଷ୍ଟିରୁ ଏହା କରନ୍ତି। ସେମାନେ ସାବ୍ୟସ୍ତ କରନ୍ତି ଯେ ବାପ୍ତିସ୍ମର ଗ୍ରୀକ୍ ଶବ୍ଦ ହେଉଛି ବୁଡ଼ିବା, ଯେ ନୂତନ ନିୟମରେ ବାପ୍ତିସ୍ମର ଉଦାହରଣଗୁଡ଼ିକ (ଉଦାହରଣସ୍ୱରୂପ, ମାଥିଉ ୩:୧୬; ମାର୍କ ୧:୫, ୧୦; ଯୋହନ ୩:୨୩; ପ୍ରେରିତ ୮:୩୬-୩୮) ସୂଚୀତ କରିଥାଏ ଯେ ବୁଡ଼ିବା ସେହି ଉପାୟ ଥିଲା ଯେ ରୋମୀୟ ୬:୧-୧୧ ପଦରେ (କଲ. ୨:୧୧-୧୨) ବାପ୍ତିସ୍ମ ବିଷୟରେ ତାଙ୍କର ବର୍ଣ୍ଣନା କରି ପାଉଲ ଶିକ୍ଷା ଦିଅନ୍ତି, ପୁଣି ସେହି ପରିଚ୍ଛେଦଗୁଡ଼ିକ ପାଏଡ଼ୋବାପ୍ଟିଷ୍ଟଗଣ ଦ୍ୱାରା ବୁଡ଼ି ନ ଥିବା ବିଷୟ ଗ୍ରହଣୀୟ ନୁହେଁ ବୋଲି ଉଦାହରଣଗୁଡ଼ିକ ଭାବରେ ଦୃଷ୍ଟାନ୍ତ ଦିଆଯାଇଥିଲା ।

ଯେଉଁମାନେ ବୁଡ଼ିବା ସପକ୍ଷରେ ଯୁକ୍ତି କରନ୍ତି ସେମାନେ ଯୁକ୍ତି କରନ୍ତି ଯେ ଏଗୁଡ଼ିକ ବାପ୍ତିସ୍ମର ବାଇବଲସମ୍ମତ ବ୍ୟବହାରର ସ୍ଥାନ ଅଟେ ଯେଉଁଠାରେ ଏହାର ଅର୍ଥ ହୋଇପାରିବ ନାହିଁ ବୁଡ଼ିବାକୁ (ଉଦାହରଣସ୍ୱରୂପ ଲେବୀ. ୧୪:୬, ୫୧; ପ୍ରେରିତ ୧:୫; ୧ମ କରି. ୧୦:୨; ଏବ୍ରୀ ୯:୧୦-୨୩) ଯେ ନୂତନ ନିୟମର କେବଳ ଗୋଟିଏ ପରିଚ୍ଛେଦ ପ୍ରକୃତରେ ବାପ୍ତିସ୍ମର ଉପାୟକୁ ବର୍ଣ୍ଣନା କରିଥାଏ (ପ୍ରେରିତ ୧-୨) ଓ ଅନ୍ୟ ସବୁ ବିଷୟ କେବଳ ବାପ୍ତିସ୍ମର ଅବସ୍ଥିତିକୁ ବର୍ଣ୍ଣନା କରିଥା'ନ୍ତି (ମାଥିଉ ୩ ମାର୍କ ପ୍ରେରିତ ୮), ଏହାର ପ୍ରଶାସନର ଉପାୟ ନୁହେଁ ଯେ ନୂତନ ନିୟମରେ ସ୍ଥାନଗୁଡ଼ିକ ଅଛି ଯେଉଁଠାରେ ବୁଡ଼ିବା ସମାନ୍ ନୁହେଁ

ବା ଅସମ୍ଭବ ଅଟେ (ପ୍ରେରିତ ୯:୧୭-୧୮; ୧୦:୪୭; ୧୬:୩୨-୩୩) ପୁଣି ସବୁଠାରୁ ଅଧିକ ବିଷୟ ହେଉଛି ଯେ ଜଳଦୀକ୍ଷା ପବିତ୍ର ଆତ୍ମାରେ ବାପ୍ତିସ୍ମକୁ ଉଲ୍ଲେଖ କରିଥାଏ ଯାହାକି ବୁଡ଼ିବାରେ ନୁହେଁ ମାତ୍ର କେବଳ ଛିଞ୍ଚିବାରେ ଚିତ୍ରଣ କରାଯାଇଛି (ପ୍ରେରିତ ୧:୪-୫ ୨:୨-୩; ମାଥିଉ ୩:୧୧; ଲୂକ ୩:୧୬; ପ୍ରେରିତ ୧୧:୧୫-୧୬ ପଦ ଦେଖନ୍ତୁ) ।

ଏହିସବୁ ଗୁରୁତ୍ୱପୂର୍ଣ୍ଣ ଓ ଚଳନ୍ତି ପାର୍ଥକ୍ୟ ସତ୍ତ୍ୱେ ଉଭୟ ପକ୍ଷ ଗସ୍‌ପେଲ୍ କୋଆଲିସନ୍ ଷ୍ଟେଟ୍‌ମେଣ୍ଟ୍‌ର ଧାରା ୧୨କୁ ସୁଦୃଢ଼ କରିପାରନ୍ତି । ଆହୁରିମଧ୍ୟ ବାପ୍ତିସ୍ମର ପୁନରୁତ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିବାରେ ଆମେ ପରସ୍ପର ସପକ୍ଷରେ ଛିଡ଼ା ହୋଇଥାଉ । ରୋମାନ୍ କାଥୋଲିକ୍, ଇଷ୍ଟର୍ଣ୍ଣ ଅର୍ଥଡ଼କ୍ସ, ହାଇ ଆଙ୍ଗ୍ଲିକାନ୍ ବା ଆଙ୍ଗ୍‌ଲୋ-କାଥୋଲିକ୍, ଲୁଥେରାନ୍ ଓ ଚର୍ଚ୍ଚ ଅଫ୍ କ୍ରାଏଷ୍ଟ୍ ଦଳଗୁଡ଼ିକ ଦ୍ୱାରା ଏହି ମତ ହେଉଛି ଯେ ଜଳଦୀକ୍ଷା ହେଉଛି ପୁନରୁତ୍ପତ୍ତିର ଉପକରଣ ଅଟେ, ପୁଣି ଉପଯୁକ୍ତ ଭାବରେ କରଯାଇଥିଲେ ପୁନରୁତ୍ପତ୍ତିର ଅନୁଗ୍ରହ ଉପଯୁକ୍ତ ଭାବରେ କରାଯାଇଥିବା ସେହି ଧର୍ମକର୍ମ ମାଧ୍ୟମରେ ବ୍ୟକ୍ତ କରାଯାଇଥାଏ ।[୯]

ବାପ୍ତିସ୍ମର ଗୁରୁତ୍ୱକୁ ବା ଖ୍ରୀଷ୍ଟୀୟ ଆଜ୍ଞାବହତା ପାଇଁ ଏହାର ଆବଶ୍ୟକତାକୁ କୌଣସିମତେ ନ୍ୟୁନ ନ କରି ଆମେ ଅସ୍ୱୀକାର କରିଥାଉ ଯେ ଜଳଦୀକ୍ଷା ପୁନରୁତ୍ପତ୍ତି କରିଥାଏ କିମ୍ବା ଏହା ନୂତନ ଜନ୍ମର କାରଣ ହୋଇଥାଏ । ବାଇବଲରେ ଏକକ ଭାବରେ, ଚୁକ୍ତି ସ୍ୱାକ୍ଷର, ଧର୍ମକର୍ମ ବା ଆଦେଶଗୁଡ଼ିକ (ଆମର ବାପ୍‌ଟିଷ୍ଟ ସାଙ୍ଗମାନେ ଯେତେ ପସନ୍ଦ କରନ୍ତି) ତାହା ଆତ୍ମିକ ବାସ୍ତବତାଗୁଡ଼କୁ ଉଲ୍ଲେଖ ଓ ସୁଦୃଢ଼ କରିଥାଏ ଯାହାକି ସେମାନେ ପ୍ରତିନିଧିତ୍ୱ କରନ୍ତି ସେମାନେ ସେହି ବାସ୍ତବତାଗୁଡ଼ିକୁ ଉତ୍ପନ୍ନ କରନ୍ତି ନାହିଁ ।

ଏହା ସଠିକ୍ ଭାବରେ ଅବ୍ରାହାମ୍‌ଙ୍କ ସୁନ୍ନତ ବିଷୟରେ ରୋମୀୟ ୪:୧-୧୨ ପଦରେ ଥିବା ପାଉଲଙ୍କ ବିଷୟ ଅଟେ । ଅବ୍ରାହାମ୍ ତାଙ୍କର ସୁନ୍ନତ ଦ୍ୱାରା ଧାର୍ମିକ ଗଣିତ ହୋଇ ନ ଥିଲେ ମାତ୍ର ସେ ସୁନ୍ନତ ହେବା ପୂର୍ବରୁ ସେ ଧାର୍ମିକ ଗଣିତ ହୋଇଥିଲେ ପୁଣି ଅବ୍ରାହାମ୍ ସୁନ୍ନତ ହେବା ପୂର୍ବରୁ (ଆଦିପୁସ୍ତକ ୧୭ ଅଧ୍ୟାୟ) ତାଙ୍କର ଧାର୍ମିକତାକୁ (ଆଦିପୁସ୍ତକ ୧୫ ଅଧ୍ୟାୟ) ପ୍ରଦାନ କରିବା ପାଇଁ ନୁହେଁ, ମାତ୍ର ନିଶ୍ଚିତ କରିବା ପାଇଁ ଈଶ୍ୱର ଚୁକ୍ତି ଚିହ୍ନ ଦେଇଥିଲେ । ତେଣୁ ଆମେ ପ୍ୟୁରିଟାନ୍ ଧର୍ମତତ୍ତ୍ୱବିଦ୍ ଷ୍ଟିଫେନ୍ ଚାର୍ଣ୍ଣକ୍‌ଙ୍କ ସହିତ ସମ୍ମତ ହୋଇଥାଉ, ଯେକି କହନ୍ତି ଯେ ପୁନରୁତ୍ପତ୍ତି

> ବାହ୍ୟ ବାପ୍ତିସ୍ମ ନୁହେଁ । ଅନେକ ଲୋକ ପୁନରୁତ୍ପତ୍ତି ପାଇଁ ସେମାନଙ୍କ ବାପ୍ତିସ୍ମ ଗ୍ରହଣ କରନ୍ତି । ପ୍ରାଚୀନ ଲୋକମାନେ ସାଧାରଣତଃ ଏହି ଶବ୍ଦ ଦିଅନ୍ତି । ଜଣେ ଆମର ଉଦ୍ଧାରକର୍ତ୍ତାଙ୍କ ବାପ୍ତିସ୍ମକୁ ତାଙ୍କର ପୁନରୁତ୍ପତ୍ତି ବୋଲି କହନ୍ତି । ଏହା ଅନୁଗ୍ରହ ନୁହେଁ ବୋଲି କହିଥାଏ, ମାତ୍ର ଏହା ସହିତ ଲାଗି ରହିଥାଏ : ବାହ୍ୟ ଜଳ ଆନ୍ତରିକ ଜୀବନକୁ ବହନ କରିପାରି ନ ଥାଏ । ଏକ ଜାଗତିକ ବିଷୟ, ଜଳ କିପରି ଭାବରେ ଏକ ଆତ୍ମିକ ଭାବରେ ପ୍ରାଣ ଉପରେ କାର୍ଯ୍ୟ କରିପାରିବ ? ଏହା ପ୍ରମାଣିତ ହୋଇପାରିବ ନାହିଁ, ଯାହାକି କେବେ ବି ଈଶ୍ୱରଙ୍କ ଆତ୍ମା କୌଣସି ପ୍ରତିଜ୍ଞା ସହିତ ବାନ୍ଧି ହୋଇଯିବେ, ଏକ ଅନୁଗ୍ରହଶୀଳ କାର୍ଯ୍ୟରେ ପ୍ରାଣ ପ୍ରତି ନିଜକୁ ପ୍ରୟୋଗ

କରିପାରିବେ, ଯେତେବେଳେ ଜଳ ଶରୀର ପ୍ରତି ପ୍ରୟୋଗ ହୋଇଥାଏ । ଯଦି ଏହା ସେହିପରି ହୋଇଥା'ନ୍ତା, ତେବେ ବାପ୍ତିଜିତ ହୋଇଥିବା ସମସ୍ତେ ପୁନରୁତ୍ପତ୍ତି ଥିଲେ ତା'ପରେ ବାପ୍ତିଜିତ ହୋଇଥିବା ସମସ୍ତେ ଉଦ୍ଧାରପ୍ରାପ୍ତ ହେବେ ନଚେତ୍ ସଂରକ୍ଷଣର ଧର୍ମତତ୍ତ୍ୱ ଭୂମି ଉପରେ ପଡ଼ିଯାଇଥାଏ । ବାପ୍ତିସ୍ମ ତାହାଙ୍କ ଅନୁଗ୍ରହ ବ୍ୟକ୍ତ କରିବାର ଏକ ମାଧ୍ୟମ ଅଟେ, ଯେତେବେଳେ ଆତ୍ମା ଏହା ସହିତ କାର୍ଯ୍ୟ କରିବାରେ ସନ୍ତୁଷ୍ଟ ହୋଇଛନ୍ତି । ମାତ୍ର ପ୍ରାଣ ଉପରେ ଏହା ଶାରୀରିକ ଭାବରେ କାର୍ଯ୍ୟ କରେ ନାହିଁ, ଯେପରି ଏକ ଶାରୀରିକ ଶୁଦ୍ଧତା ଶରୀରର ଅବସ୍ଥା ଉପରେ କାର୍ଯ୍ୟ କରିଥାଏ : କାରଣ ଏହା ହିଁ ପୁନରୁତ୍ପତ୍ତିର ଧର୍ମକର୍ମ ଅଟେ, ଯେପରି ପ୍ରଭୁଭୋଜକୁ ପୋଷଣ କରାଯାଇଛି । ଯେପରି ବିଶ୍ୱାସ ବିନା ଜଣେ ମନୁଷ୍ୟ ପୁଷ୍ଟିକର ବୋଲି କୁହାଯାଇପାରିବ ନାହିଁ, ସେହିପରି ବିଶ୍ୱାସ ବିନା ତାକୁ ଏକ ନୂତନ ପ୍ରାଣୀ ବୋଲି କୁହାଯାଇପାରିବ ନାହିଁ । ଜଣେ ମୃତ ବ୍ୟକ୍ତିର ମୁହଁରେ ସବୁଠାରୁ ସ୍ୱାଦିଷ୍ଟ ମାଂସ ରଖନ୍ତୁ, ଆପଣ ତାର ପୁଷ୍ଟିସାଧନ କରନ୍ତି ନାହିଁ, କାରଣ ଏହାକୁ ପ୍ରସ୍ତୁତ କରିବାକୁ ଓ ହଜମ କରିବାକୁ ସେ ଜୀବନର ଏକ ନିୟମ ଲୋଡ଼ନ୍ତି । କେବଳ ବିଶ୍ୱାସ ହିଁ ଆତ୍ମିକ ଜୀବନର ନିୟମ ଅଟେ, ପୁଣି ଈଶ୍ୱରଙ୍କ ନିଯୁକ୍ତି ମାଧ୍ୟମରେ ଏହି ନିୟମ ପୁଷ୍ଟିସାଧନ କରିଥାଏ । କେହି କେହି ଅବଶ୍ୟ କହନ୍ତି, ଯେ ନିର୍ବାଚିତ ଲୋକମାନଙ୍କ ଉପରେ ବାପ୍ତିସ୍ମରେ ପୁନରୁତ୍ପତ୍ତି ପ୍ରଦାନ କରାଯାଇଛି, ଓ କଥାବାର୍ତ୍ତା ପରେ ନିଜକୁ ପ୍ରୟୋଗ କରନ୍ତି । ମାତ୍ର ଆତ୍ମିକ ଜୀବନ ମୃତ ହୋଇଥିଲା ବେଳେ ଓ ଏତେ ଦୀର୍ଘ ସମୟ ଶୋଇଥିଲା ବେଳେ ଏକ ନିୟମ କିପରି ଏତେ ସକ୍ରିୟ ହୋଇପାରିବ, ଏପରିକି ଅନେକ ବର୍ଷ ଧରି ଯାହାକି ବାପ୍ତିସ୍ମ ଓ ପରିବର୍ତ୍ତନ ମଧ୍ୟରେ ହସ୍ତକ୍ଷେପ କରିଥାଏ ତାହା ସହଜରେ ବିଶ୍ୱାସଯୋଗ୍ୟ ନୁହେଁ ।[୧୦]

ଅନେକ ସମୟରେ ଯେଉଁ ଖ୍ରୀଷ୍ଟିୟାନମାନେ ବାପ୍ତିସ୍ମର ପୁନରୁତ୍ପତ୍ତିକୁ ଅସ୍ୱୀକାର କରନ୍ତି ସେମାନେ ବାପ୍ତିସ୍ମକୁ ଏକ କ୍ୱଚିତ୍ ଚିହ୍ନ ଭାବରେ ହ୍ରାସ କରୁଛନ୍ତି ବୋଲି ଦୋଷାରୋପ ହେଉଛନ୍ତି, ତାହା ହେଉଛି ଏହାକୁ ଏକ ଶୂନ୍ୟ ପ୍ରତୀକ କରିବା ଯାହାକି କିଛି କରି ନ ଥାଏ । ମାତ୍ର ଘଟଣା ତାହା ନୁହେଁ । ବାପ୍ତିସ୍ମ ହେଉଛି ଈଶ୍ୱରଙ୍କ ମାଧ୍ୟମ ଆମକୁ ପୁନରୁତ୍ପତ୍ତି କରିବାକୁ ବା ଧାର୍ମିକ କରିବାକୁ ନୁହେଁ, ମାତ୍ର ଆମ ପ୍ରତି ତାହାଙ୍କ ପ୍ରତିଜ୍ଞାକୁ ନିଶ୍ଚିତ କରିବାକୁ, ଓ ଆମ ଉପରେ ତାହାଙ୍କ ଚିହ୍ନ ଦେବା ପାଇଁ ଓ ଆମକୁ ତାହାଙ୍କ ପ୍ରେମର ନିଶ୍ଚୟତା ଦେବା ପାଇଁ ଉଦ୍ଦିଷ୍ଟ, ସେସବୁ ବିଶ୍ୱାସୀର ବିଶ୍ୱାସ ବୃଦ୍ଧି କରିବାକୁ ଓ ଶକ୍ତିଯୁକ୍ତ କରିଥାଏ ପୁଣି ସେଥିପାଇଁ ଅନୁଗ୍ରହରେ ଆମର ଅଭିବୃଦ୍ଧି ସାଧନ କରିଥାଏ ।

ଏଥିପାଇଁ ୱେଷ୍ଟମିନ୍‌ଷ୍ଟର୍ ଲାର୍ଜର୍ କାଟେଚିସ୍‌ମ୍ ବିଶ୍ୱାସୀମାନଙ୍କୁ ଅନୁରୋଧ କରିଥାଏ ଯେ ଯେତେବେଳେ ସେମାନେ ଅନ୍ୟ କେହି ବାପ୍ତିଜିତ ହେବାର ଦେଖନ୍ତି ସେତେବେଳେ ସେମାନଙ୍କ ବାପ୍ତିସ୍ମ ବୃଦ୍ଧି କରିବେ । ସେହି ଧର୍ମତତ୍ତ୍ୱବିଦ୍‌ମାନେ କେଉଁ ଅର୍ଥ କରିଥିଲେ ଯେ ଆମର ବାପ୍ତିସ୍ମ ବୃଦ୍ଧି କରିବା ଦ୍ୱାରା ଆମେ ନିଜକୁ ବୃଦ୍ଧି କରିଥାଉ ? ଆମର ବାପ୍ତିସ୍ମ ବୃଦ୍ଧି

କରିବାର ଅର୍ଥ ହେଉଛି ଏହାର ଆଶୀର୍ବାଦ ବିଷୟରେ ଧ୍ୟାନ କରିବା, ଏହାକୁ ବ୍ୟବହାର କରିବା, ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇବା, ଓ ବୃଦ୍ଧି ପାଉଥିବା ଅନୁଗ୍ରହର ଏକ ମାଧ୍ୟମ ଭାବରେ ଏଥିରୁ ସର୍ବାଧିକ ଲାଭ ପାଇବା, ବିଶେଷରେ ଯେତେବେଳେ ଆମେ ସର୍ବସାଧାରଣ ଉପାସନାରେ ଏହାର ଶାସନରେ ଉପସ୍ଥାପିତ ହୋଇଛୁ । ଲାର୍ଜର୍ କାଟେଚିସ୍ମ୍ କହେ :

> ଉପଯୋଗୀ ମାତ୍ର ଆମର ବାପ୍ତିସ୍ମକୁ ଅଭିବୃଦ୍ଧି କରିବାର ଅଧିକ ଅବହେଳିତ କର୍ତ୍ତବ୍ୟ ହେଉଛି ଆମର ସମସ୍ତ ଜୀବନରେ କାର୍ଯ୍ୟ କରାଯିବା, ବିଶେଷ ଭାବରେ ପ୍ରଲୋଭନ ସମୟରେ ଓ ଯେତେବେଳେ ଆମେ ଅନ୍ୟମାନଙ୍କ ପ୍ରତି ଏହା କରାଯିବାବେଳେ ଉପସ୍ଥାପିତ ହୋଇଥାଉ, ଏହାର ପ୍ରକୃତିର ଗୁରୁତର ଓ ଧନ୍ୟବାଦପୂର୍ଣ୍ଣ ବିବେଚନା କରିବା ଦ୍ୱାରା ଓ ଖ୍ରୀଷ୍ଟ ଏହାକୁ ଯେଉଁଥି ପାଇଁ ପ୍ରତିଷ୍ଠା କରିଥିଲେ, ସେଥିପାଇଁ ସୁବିଧାଗୁଡ଼ିକ ଓ ଲାଭଗୁଡ଼ିକ ଆସିଥିଲା ଓ ଆମର ଗୁରୁତ୍ୱପୂର୍ଣ୍ଣ ପ୍ରତିଜ୍ଞା ଏଥିରେ ହୋଇଥିଲା ଆମର ପାପପୂର୍ଣ୍ଣ ଦୂଷିତ କାର୍ଯ୍ୟ ପାଇଁ, ଆମର ଊଣା ପଡ଼ିବା ଓ ବିପରୀତ ଦିଗରେ ଗମନାଗମନ କରିବା, ବାପ୍ତିସ୍ମର ଅନୁଗ୍ରହ, ଓ ଆମର କାର୍ଯ୍ୟରେ ଲାଗି ରହିବା ପାଇଁ ନମ୍ର ହେବା ଦ୍ୱାରା ପାପକ୍ଷମା ବିଷୟରେ ନିଶ୍ଚୟତା ଲାଭ କରି ବୃଦ୍ଧି ପାଇବା ଦ୍ୱାରା ଓ ସେହି ଧର୍ମକର୍ମରେ ଅନ୍ୟ ସମସ୍ତ ଆଶୀର୍ବାଦ ମୁଦ୍ରାଙ୍କିତ ହୋଇଥିଲା ଖ୍ରୀଷ୍ଟଙ୍କର ମୃତ୍ୟୁ ଓ ପୁନରୁତ୍ଥାନରୁ ଶକ୍ତି ଆହରଣ କରିବା ଦ୍ୱାରା, ଯାହାଙ୍କ ମଧ୍ୟରେ ଆମ୍ଭେମାନେ ବାପ୍ତିଜିତ ହୋଇଛୁ, ପାପର ଲଜ୍ଜାଜନକ ବିଷୟ ପାଇଁ ଓ ଅନୁଗ୍ରହକୁ ତ୍ୱରାନ୍ୱିତ କରିବା ଦ୍ୱାରା ଓ ବିଶ୍ୱାସରେ ଜୀବନଯାପନ କରିବା ପାଇଁ ଉଦ୍‌ଯୋଗ କରିବା ଦ୍ୱାରା, ପବିତ୍ରତା ଓ ଧାର୍ମିକତାରେ ଆମର କଥାବାର୍ତ୍ତା ଜାରି ରଖିବା ପାଇଁ, ଯେପରି ଯେଉଁମାନେ ଖ୍ରୀଷ୍ଟଙ୍କୁ ସେମାନଙ୍କ ନାମ ଦେଇଛନ୍ତି ଓ ଭ୍ରାତୃପ୍ରେମରେ ଗମନାଗମନ କରିବା ପାଇଁ, ଯେପରି ଗୋଟିଏ ଶରୀର ମଧ୍ୟରେ ସମାନ୍ ଆତ୍ମାରେ ବାପ୍ତିଜିତ ହେବା ଦ୍ୱାରା ।[୧୧]

ଏହି ପାଏଡ଼ୋବାପ୍ଟିଷ୍ଟ୍ ଓ କ୍ରେଡ଼ୋବାପ୍ଟିଷ୍ଟ୍ ଉପରେ ହୃଦୟର ସହିତ ସମ୍ମତ ହେବା।

## ପ୍ରଭୁଭୋଜ

ମୁଁ (ଆନ୍ୟାବ୍‌ୱିଲେ) ମୋର ବିବାହ ଦିନ ବିଷୟରେ ମନେ ଅଛି ଯେପରି ଏହା ଗତକାଲି ହୋଇଥିଲା । ଏହା ଏକ ଅତି ଆର୍ଦ୍ର ଅଗଷ୍ଟ ଦିନ ଥିଲା (୩୧ ତାରିଖ, ମୋର ସ୍ତ୍ରୀ ଏହା ପଢ଼ନ୍ତି) । ଆମେ ପାରମ୍ପରିକ ଆଫ୍ରିକୀୟ ପୋଷାକ ପିନ୍ଧି ମୋର ଶାଶୁଙ୍କ ଘର ସମ୍ମୁଖ ବରଣ୍ଡାରେ ବିବାହ କରିଥିଲୁ ଏବଂ ପରିବାରର ଅଳ୍ପ କିଛି ସଦସ୍ୟ ଓ ଘନିଷ୍ଠ ସାଙ୍ଗମାନେ ଯୋଗ ଦେଇଥିଲେ । ଆମର ବିବାହ ଅନୁଗ୍ରହ ଓ ପ୍ରେମର ପରିପୂର୍ଣ୍ଣତାକୁ ନେଇ ଏକ ଆନନ୍ଦଦାୟକ ଜୀବନରୁ ଆରମ୍ଭ ହୋଇଥିଲା ।

ଯଦି ବାପ୍ତିସ୍ମ ହେଉଛି ଖ୍ରୀଷ୍ଟଙ୍କ ସହିତ ବିଶ୍ୱାସୀର ବିବାହ ଏକତାର ଦିନ ଅଟେ, ତେବେ ପ୍ରଭୁଭୋଜ ପ୍ରେମ ଓ ପ୍ରତିଜ୍ଞାର ନୂତନୀକରଣକୁ ପ୍ରତିନିଧିତ୍ୱ କରିଥାଏ ଯାହାକି

ବିବାହ ବାର୍ଷିକୀରେ ପ୍ରତିପାଳନ କରାଯାଇଥାଏ । ମୁଁ ସେହି ସାଦୃଶ୍ୟତାକୁ ପସନ୍ଦ କରିଥାଏ। ଏହା ମୋତେ ସ୍ମରଣ କରିଦିଏ ଯେ ପ୍ରଭୁଭୋଜ ଆବଶ୍ୟକତା ଅପେକ୍ଷା ଅଧିକ ବିଷୟ ଅଟେ, ଯଦିଚ ଏହା ଆବଶ୍ୟକ କେବଳ ସ୍ମରଣୀୟ ବିଷୟ ଅପେକ୍ଷା ବହୁତ ଅଧିକ ଅଟେ, ଯଦିଚ ଏହା ମୁକ୍ତିଦାୟୀ ଇତିହାସରୁ ବହୁମୂଲ୍ୟ ବିଷୟଗୁଡ଼ିକ ବିଷୟରେ ସ୍ମରଣ କରିଦିଏ ଓ କେବଳ ଧର୍ମକର୍ମ ଅପେକ୍ଷା ବହୁତ ଅଧିକ ବିଷୟ ଅଟେ, ଯଦିଚ ଖ୍ରୀଷ୍ଟିୟାନ୍ ମଣ୍ଡଳୀଗୁଡ଼ିକ ଦ୍ୱାରା ସ୍ୱୟଂ ଯୀଶୁଙ୍କ ଦିନଗୁଡ଼ିକରୁ ପ୍ରାୟ ପ୍ରତ୍ୟେକ ବିଭିନ୍ନତାରେ ଅଭ୍ୟାସ କରାଯାଇଥିଲା । ପ୍ରଭୁଭୋଜ, ଏକ ରାତ୍ରି ଭୋଜନ ଭାବରେ ମୁଁ ମୋର ସ୍ତ୍ରୀକୁ ଅଂଶୀ କରିଥାଏ, କିମ୍ବା ପାଳନୀୟ ବିଶେଷ ଦିନଗୁଡ଼ିକରେ ଆମେ ଏକତ୍ର ପାଳନ କରିଥାଉ, ଏହା ଆମକୁ ଅନୁଗ୍ରହର ମାଧ୍ୟମଗୁଡ଼ିକ ପ୍ରଦାନ କରିଥାଏ ଏବଂ ପ୍ରଭୁ ଯୀଶୁ ଓ ତାହାଙ୍କ କନ୍ୟା, ମଣ୍ଡଳୀ ମଧ୍ୟରେ ସହଭାଗିତା ଯୋଗାଇ ଦେଇଥାଏ ।

*ପ୍ରଭୁଭୋଜ କେବେ ଆରମ୍ଭ ହୋଇଥିଲା?*

ସ୍ୱୟଂ ପ୍ରଭୁ ଯୀଶୁ ଖ୍ରୀଷ୍ଟ ସେହି ବିଷୟ ପ୍ରତିଷ୍ଠା କରିଥିଲେ ଯାହାକି ଅନେକ ଲୋକ ସାଧାରଣ ଭାବରେ ପ୍ରଭୁଭୋଜ ବୋଲି କହନ୍ତି । ପ୍ରଭୁ ଭୋଜନ, ଏକ ନାମ ଯାହାକି ୧ମ କରିନ୍ଥୀୟ ୧୧:୨୦ ପଦରେ ପ୍ରେରିତ ପାଉଲଙ୍କଠାରୁ ନିଆଯାଇଛି, ତାହା ଇଉକାରିଷ୍ଟ (୧ମ କରିନ୍ଥିୟ ୧୧:୨୪) ଓ ପବିତ୍ର ମିଳନ (୧ମ କରିନ୍ଥୀୟ ୧୦:୧୬) ବୋଲି ମଧ୍ୟ ଜଣାଶୁଣା ଅଟେ । ନାମ ଭିନ୍ନ ଭିନ୍ନ ହୋଇଥିଲା ବେଳେ ପ୍ରତ୍ୟେକ ସଂକ୍ଷିପ୍ତ ସୁସମାଚାର ଆମ ପାଇଁ ସେହି ଚମତ୍କାର ରାତ୍ରିକୁ ଲିପିବଦ୍ଧ କରିଥାଏ ଯେତେବେଳେ ଯୀଶୁ ଶହ ଶହ ବର୍ଷ ପୁରାତନ ଯିହୁଦୀ ଧର୍ମ ଭୋଜନ, ନିସ୍ତାରପର୍ବକୁ ତାହାଙ୍କ ସହିତ ଏକ ନୂତନ-ଚୁକ୍ତି ସମ୍ପର୍କର ଶବ୍ଦଗୁଡ଼ିକରେ ନୂତନ ରୂପ ଦିଅନ୍ତି ଯାହାକି ତାହାଙ୍କ ମୃତ୍ୟୁ, କବରପ୍ରାପ୍ତ ଓ ପୁନରୁତ୍ଥାନ ଦ୍ୱାରା ସମ୍ପନ୍ନ ହୋଇଥିଲା (ମାଥିଉ ୨୬:୨୬-୩୦; ମାର୍କ ୧୪:୨୨-୨୬; ଲୂକ ୨୨:୧୯-୨୦) ।

ମିସରରେ ଅନ୍ତିମ ମହାମାରୀରେ ଈଶ୍ୱର ସଂହାରକ ଦୂତଙ୍କୁ ସମଗ୍ର ଦେଶ ଉପରେ ଅତିକ୍ରମ କରି ଚାଲିଯିବା ପାଇଁ ପ୍ରେରଣ କରିଥିଲେ, ପ୍ରତ୍ୟେକ ପରିବାରର ଓ ସମସ୍ତ ଗୋରୁର ପ୍ରଥମ ଜାତ ପୁଂସନ୍ତାନକୁ ବଧ କରିଥିଲେ । ଏହି ବିଚାରରୁ ବର୍ତ୍ତିଯିବା ପାଇଁ ଇସ୍ରାୟେଲୀୟଗଣଙ୍କୁ ପ୍ରତ୍ୟେକ ପରିବାର ପାଇଁ ଏକ ନିଖୁନ୍ତ ମେଷ ବଳି ଦେବା ପାଇଁ ଓ ସେହି ବଳିଦାନରୁ ସେମାନଙ୍କ ଘରର ଦ୍ୱାରବନ୍ଧରେ ରକ୍ତ ଲଗାଇବା ପାଇଁ ଆଜ୍ଞା ଦିଆଯାଇଥିଲା । ସଂହାରକ ଦୂତ ଯେତେବେଳେ ଏକ ଘରର ଦ୍ୱାରବନ୍ଧ ଉପରେ ବଳିଦାନର ରକ୍ତ ଦେଖିଲେ, ସେତେବେଳେ ସେ ସେହି ଘର ଉପର ଦେଇ ଅତିକ୍ରମ କରି ଚାଲିଗଲେ । ସେହି ରକ୍ତ ସେହି ଘରୁ ଈଶ୍ୱରଙ୍କ ବିଚାରକୁ ଦୂର କରିଦେଇଥିଲା । ଯାତ୍ରା ସମୟରେ ଈଶ୍ୱର ଇସ୍ରାୟେଲକୁ ସେମାନଙ୍କ ଯାତ୍ରା ଓ ମିସରରୁ ମୁକ୍ତିକୁ ଏକ ବିଶେଷ ଭୋଜ ପ୍ରସ୍ତୁତ କରି ପାଳନ କରିବାକୁ ଆଜ୍ଞା ଦେଇଥିଲେ (ଯାତ୍ରାପୁସ୍ତକ ୧୨) ।

ସେହି ଭୀତିପ୍ରଦ ରାତ୍ରିର ଶହ ଶହ ବର୍ଷ ପରେ ବିଶ୍ୱସ୍ତ ଯିହୁଦୀ ପରିବାରଗୁଡ଼ିକ ନିସ୍ତାରପର୍ବ ଭୋଜ ଭୋଜନ କରିଥିଲେ ଓ ଯିହୁଦୀ ସନ୍ତାନମାନଙ୍କର ପରବର୍ତ୍ତୀ ପିଢ଼ି ପ୍ରତି

ଈଶ୍ୱରଙ୍କ ଅସାଧାରଣ ମୁକ୍ତିକୁ ବର୍ଣ୍ଣନା କରିଥିଲେ । ଏହା ନିଃସନ୍ଦେହ ଯେ ଯୀଶୁ ଯେତେବେଳେ ସେମାନଙ୍କୁ ନିସ୍ତାରପର୍ବ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ସେତେବେଳେ ଯୀଶୁଙ୍କ ଶିଷ୍ୟମାନଙ୍କର ମନରେ ଏହିସବୁ ବିଷୟ ଥିଲା (ମାଥିଉ ୨୬:୧୭-୧୯) । ମାତ୍ର ସେହି ନିସ୍ତାରପର୍ବ ଭୋଜ ସମୟରେ ଯୀଶୁ ଉଲ୍ଲେଖନୀୟ ଭାବରେ କଥାବାର୍ତ୍ତା କରିଥିଲେ ଓ ଏହି ଭୋଜିର ପ୍ରକୃତ ଅର୍ଥ ବିଷୟରେ ଆଶ୍ଚର୍ଯ୍ୟଜନକ ବାକ୍ୟ କହିଥିଲେ :

> ଆଉ ସେମାନେ ଭୋଜନ କରୁଥିବା ସମୟରେ ଯୀଶୁ ରୋଟୀ ଘେନି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ, ଭୋଜନ କର, ଏହା ମୋହର ଶରୀର । ପୁଣି ସେ ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, ଏଥିରୁ ସମସ୍ତେ ପାନ କର, କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି, ଏ ମୋହର ସେହି ରକ୍ତ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେଉଁ ଦିନ ମୁଁ ଆପଣା ପିତାଙ୍କ ରାଜ୍ୟରେ ତୁମ୍ଭମାନଙ୍କ ସହିତ ନୂଆ କରି ଦ୍ରାକ୍ଷାଫଳର ରସ ପାନ କରିବି, ସେହି ଦିନ ପର୍ଯ୍ୟନ୍ତ ଆଜିଠାରୁ ଏହା କେବେହେଁ ପାନ କରିବି ନାହିଁ । (ମାଥିଉ ୨୬:୨୬-୨୯)

*ପ୍ରଭୁଭୋଜ କେଉଁ ବିଷୟକୁ ଉଲ୍ଲେଖ କରିଥାଏ?*

ବାପ୍ତିସ୍ମ ପରି ପ୍ରଭୁଭୋଜ ଈଶ୍ୱରଙ୍କ ଅନୁଗ୍ରହର ଏକ ଚିହ୍ନ ଓ ଏକ ମୁଦ୍ରାଙ୍କ ଅଟେ । ଏହା ମଧ୍ୟ ଆମ ପ୍ରଭୁଙ୍କ ସୁସମାଚାରକୁ, ଆମ ପକ୍ଷରୁ ତାହାଙ୍କ ବଳିଦାନକୁ, ଓ ତାହାଙ୍କ ନାମରେ ବିଶ୍ୱାସ କରିବା ମାଧ୍ୟମରେ ମୁକ୍ତିକୁ ସୂଚୀତ କରିଥାଏ ।

**ଉପାଦାନଗୁଡ଼ିକ : ଶରୀର ଓ ରକ୍ତ ।** ଯୀଶୁ ଯେଉଁ ରାତିରେ ପ୍ରଭୁଭୋଜ ପ୍ରତିଷ୍ଠା କରିଥିଲେ, ସେହି ରାତିରେ ସେ ଭୋଜର ଉପାଦାନଗୁଡ଼ିକୁ ପୁନର୍ବାର ଅର୍ଥ କରିଥିଲେ। ଶତାବ୍ଦୀ ଶତାବ୍ଦୀ ଧରି ରୋଟୀ ଓ ଦ୍ରାକ୍ଷାରସ ସେହି ପ୍ରଥମ ନିସ୍ତାରପର୍ବରେ ବଳିଦାନ କରାଯାଇଥିବା ମେଷଶାବକଗୁଡ଼ିକୁ ସ୍ମରଣ କରିଦିଏ । ମାତ୍ର ଯୀଶୁ ସେହି ପ୍ରଥମ ନିସ୍ତାରପର୍ବ ଯାହା ଉଲ୍ଲେଖ କରିଥିଲା ତାହା ପ୍ରକାଶ କରିଥିଲେ : ତାହାଙ୍କ ଶରୀର ଭଗ୍ନ ହେଲା ଓ ତାହାଙ୍କ ରକ୍ତ ପାପ ପାଇଁ ବୋହିଗଲା । କେବଳ ସରଳ ଭାବରେ ଭୋଜନ ଓ ପାନ କରିବା ଦ୍ୱାରା ଶିଷ୍ୟଗଣଙ୍କୁ ମନେ ରଖିବାକୁ ପଡ଼ିଥିଲା ଯେ ଆମର ନିସ୍ତାରପର୍ବ ମେଷ ଖ୍ରୀଷ୍ଟଙ୍କୁ ବଳିଦାନ ଦିଆଯାଇଥିଲା (୧ମ କରିନ୍ଥୀୟ ୫:୭) । ସେ ଆପଣାକୁ ପାପକ୍ଷମା ନିମନ୍ତେ ଅନେକଙ୍କ ନିମନ୍ତେ ବଳି ଦେଇଥିଲେ ।

ତା'ପରେ ସେହି ଚିହ୍ନଗୁଡ଼ିକ ବିଶ୍ୱାସ କରୁଥିବା ଓ ସାକ୍ଷ୍ୟ ଦେଉଥିବା ସମ୍ପ୍ରଦାୟଗୁଡ଼ିକ ପାଇଁ ସୁସମାଚାରର ଚିତ୍ର ବହନ କରିଥାଏ । ମୋର ଯୁବ ସାଥୀ ମାଥିଉ ଚୁକ୍ତି ସମ୍ପ୍ରଦାୟ ମଧ୍ୟରେ ବାପ୍ତିଜିତ ହୋଇଥିବାରୁ, ସେ ସେମାନଙ୍କ ସହିତ ଯୋଗ ଦେବାର ସୁବିଧା ହାସଲ କରିବେ, ଯେଉଁମାନେ ପ୍ରଭୁ ଆସିବା ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ଘୋଷଣା କରନ୍ତି (୧ମ କରିନ୍ଥୀୟ ୧୧:୨୬) । ପ୍ରଭୁଭୋଜ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବିଷୟ ..... ଯେ ଶାସ୍ତ୍ର ଅନୁଯାୟୀ

ଆମ ପାପ ପାଇଁ ଖ୍ରୀଷ୍ଟ ମୃତ୍ୟୁବରଣ କରିଥିଲେ ବୋଲି ସଚେତନା ସହିତ ଘୋଷଣା କରିଥାଏ, ଆଦେଶ ଦେଇଥାଏ, ଓ ପାଳନ କରିଥାଏ (୧ମ କରିନ୍ଥୀୟ ୧୫:୩) ।

ବିଶ୍ୱାସୀମାନେ କେବେ ବି ଖ୍ରୀଷ୍ଟଙ୍କ ସୁସମାଚାର ଲାଭଗୁଡ଼ିକୁ ଯଥାର୍ଥ କରିବାରୁ ଦୂରକୁ ଚାଲିଯିବା ଉଚିତ୍ ନୁହେଁ । ତେଣୁ ଖ୍ରୀଷ୍ଟ ମଣ୍ଡଳୀକୁ ଚିହ୍ନ ବା ଦୃଶ୍ୟ ବାକ୍ୟଗୁଡ଼ିକ ଅନୁମୋଦନ କରନ୍ତି ଯାହାକି ତାହାଙ୍କ ବଳିଦାନ ପ୍ରତି ଆମକୁ ନିରବଚ୍ଛିନ୍ନ ଭାବରେ ସ୍ମରଣ କରିଦିଏ । ଆମ୍ଭେମାନେ ବିଶ୍ୱାସରେ ଭୋଜନ ଓ ପାନ କରୁ ଓ ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମର ପାପକ୍ଷମା ଆମ ପ୍ରତି ପୁନର୍ବାର ତାହାଙ୍କର ସଫଳ ପ୍ରାୟଶ୍ଚିତର ଏକ ସ୍ମରଣିକା ଭାବରେ ଉପସ୍ଥାପିତ ହୋଇଛି ।

**ଭୋଜ : ପୁଷ୍ଟିସାଧନ ।** ବୋଧହୁଏ ପ୍ରଭୁଭୋଜ ଯେଉଁ ସର୍ବାଧିକ ଦୃଶ୍ୟମାନ୍ ବିଷୟ ଉଲ୍ଲେଖ କରିଥାଏ ତାହା ହେଉଛି ଆତ୍ମିକ ପୁଷ୍ଟିସାଧନ ଯାହାକି ବିଶ୍ୱାସୀମାନେ ଭୋଜନ ସମୟରେ ଗ୍ରହଣ କରନ୍ତି । ଠିକ୍ ଯେପରି ପ୍ରକୃତ ଖାଦ୍ୟ ଓ ଦ୍ରାକ୍ଷାରସ ପୁଷ୍ଟିସାଧନ କରିଥାଏ ଓ ଶରୀରକୁ ସନ୍ତୁଷ୍ଟ କରିଥାଏ, ସେହିପରି ପ୍ରଭୁଭୋଜ ବିଶ୍ୱାସୀମାନଙ୍କ ପ୍ରାଣକୁ ପୁଷ୍ଟିସାଧନ ଓ ସନ୍ତୁଷ୍ଟ କରିଥାଏ । ପ୍ରଭୁଭୋଜ ମେଜରେ ଆମେ ଭୋଜନ କରିଥାଉ ଓ ପାନ କରିଥାଉ । ବିଶ୍ୱାସ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଭୋଜନ କରିଥାଉ । ଲଣ୍ଡନ୍ ବାପ୍‌ଟିଷ୍ଟ୍ କନ୍‌ଫେସନ୍ ଅଫ୍ ଫେଥ୍ ଏହି ମତ ବର୍ଣ୍ଣନା କରିଥାଏ :

> ଯୋଗ୍ୟ ଗ୍ରହୀତାମାନେ ଏହି ଆଦେଶରେ ବାହ୍ୟ ଭାବରେ ଏହି ଦୃଶ୍ୟ ଉପାଦାନର ଅଂଶୀ ହୋଇଥା'ନ୍ତି, ସେମାନେ ଅନ୍ତରରେ ମଧ୍ୟ ବିଶ୍ୱାସ ଦ୍ୱାରା ତାହା କରିଥା'ନ୍ତି, ବାସ୍ତବରେ ଓ ଅବଶ୍ୟ ଯଦିଚ ପାର୍ଥିବ ଓ ଦୈହିକ ଭାବରେ ନୁହେଁ, ମାତ୍ର ଆତ୍ମିକ ଭାବରେ ଗ୍ରହଣ କରନ୍ତି ଓ କ୍ରୁଶବିଦ୍ଧ ଖ୍ରୀଷ୍ଟଙ୍କୁ ଓ ତାହାଙ୍କ ମୃତ୍ୟୁର ସମସ୍ତ ଲାଭ ଭୋଜନ କରନ୍ତି ତା'ପରେ ଖ୍ରୀଷ୍ଟଙ୍କ ଶରୀର ଓ ରକ୍ତ ଦୈହିକ ଭାବରେ ବା ପାର୍ଥିବ ଭାବରେ ନୁହେଁ, ମାତ୍ର ବିଶ୍ୱାସୀମାନଙ୍କର ବିଶ୍ୱାସ ପ୍ରତି ଆତ୍ମିକ ଭାବରେ ସେହି ଆଦେଶ ପ୍ରତି ଉପସ୍ଥାପନ କରାଯାଇଛି, ଯେପରି ସେମାନଙ୍କ ବାହ୍ୟ ସଚେତନତା ପ୍ରତି ଉପାଦାନଗୁଡ଼ିକ ଭାବରେ । (୩୦.୭)

ଏହିପରି ଭାବରେ ଯୀଶୁ ସେହି ଖାଦ୍ୟ ହୋଇଥାଆନ୍ତି ଯେ କି ଖ୍ରୀଷ୍ଟିୟାନମାନଙ୍କ ପୁଷ୍ଟିସାଧନ କରନ୍ତି । ସେ ଜୀବନର ରୋଟୀ ଭାବରେ ଆପଣାକୁ ଆମ ନିକଟରେ ଉପସ୍ଥାପନ କରନ୍ତି । ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କୁ ଭୋଜନ କରିବା ଦ୍ୱାରା ଆମେ ନିଜେ ନିଜେ ସେହି ଲାଭଗୁଡ଼ିକ ଓ ଅନୁଗ୍ରହ ନେଇଥାଉ ଯାହାକି ଆମକୁ ଖ୍ରୀଷ୍ଟିୟାନ ଜୀବନରେ ଧରି ରଖିଥାଏ । ଆମେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ଧାରଣ କରିପାରିବା ସେଥିପାଇଁ ଆମ ପ୍ରତି ଯୀଶୁ ଖ୍ରୀଷ୍ଟଙ୍କୁ ଅର୍ପଣ କରାଯାଇଛି ଓ ତାହାଙ୍କଠାରେ ଅନୁଗ୍ରହର ସମସ୍ତ ପୂର୍ଣ୍ଣତା ଅଛି, ଯାହାକି ଆମେ ଅଭିଳାଷ କରିପାରିବା, ପୁଣି ଏଠାରେ ବିଶ୍ୱାସରେ ଆମର ବିବେକ ନିଶ୍ଚିତ ହେବା ପାଇଁ ଆମର ଏକ ଉତ୍ତମ ସାହାଯ୍ୟ ଅଛି, ଯାହାକି ଆମେ ତାହାଙ୍କଠାରେ ପାଇପାରିବା ।[୧୨]

ଏହାର ଅର୍ଥ ହେଉଛି, ଅଂଶବିଶେଷ ଭାବରେ ପ୍ରଭୁଭୋଜ ଦୁର୍ବଳ ଖ୍ରୀଷ୍ଟିୟାନମାନଙ୍କର ଅଧିକାରଭୁକ୍ତ ଅଟେ । ମେଜ ନିକଟକୁ କେହି ଜଣେ ବି ନିଖୁନ୍ତ ଯୋଗ୍ୟ ହୋଇ କିମ୍ବା ଶକ୍ତିକ୍ଷୀଣ ନ ହୋଇ ଆସନ୍ତି ନାହିଁ । ଆମେ ଅଭାବ ହେବାରୁ ମେଜ ନିକଟକୁ ଆସିଥାଉ । ଆମେ ଯୁଦ୍ଧ, ନିରୁତ୍ସାହ, ଅବିଶ୍ୱାସ ଓ ଜଗତ ସହିତ ଯୁଦ୍ଧ କରି ମେଜ ନିକଟକୁ ସତେଜ ଭାବରେ ଆସିଥାଉ । ଆମେ ପୁନର୍ବାର ଭୋଜନ କରିବା ଆବଶ୍ୟକ । ଆମେ ଖ୍ରୀଷ୍ଟ ଦେଇପାରୁଥିବା ପୁଷ୍ଟିକାରକ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ । ଆମେ ଯେପରି ପାପୀ ଓ ଦୁର୍ବଳମାନଙ୍କ ପାଇଁ ଯୀଶୁଙ୍କର ପ୍ରାୟଶ୍ଚିତ କାର୍ଯ୍ୟର ଲାଭ ଆହରଣ କରିଥାଉ ବିଶ୍ୱାସ ଦ୍ୱାରା ଆମେ ଆବଶ୍ୟକ କରୁଥିବା ପୁଷ୍ଟିସାଧନ ସେହିପରି ଗ୍ରହଣ କରିଥାଉ ।

**ପ୍ରଶାସନ : ଖ୍ରୀଷ୍ଟଙ୍କ ସହିତ ଅଂଶଗ୍ରହଣ ।** ଇଉକାରିଷ୍ଟ ପ୍ରତୀକର ଉପାଦାନଗୁଡ଼ିକ କେବଳ ନୁହେଁ, ମାତ୍ର ଭୋଜର କାର୍ଯ୍ୟକାରୀତା ଓ ଅଂଶଗ୍ରହଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାସ୍ତବତାଗୁଡ଼ିକୁ ସୂଚୀତ କରିଥାଏ । ରିଚାର୍ଡ଼ ଫିଲିପ୍ସ ଭୋଜ ଭୋଜନ ଓ ପାନ କରିବା କେଉଁ ବିଷୟ ସୂଚୀତ କରେ ତାହା ଦର୍ଶାନ୍ତି :

> ବିଶ୍ୱାସୀମାନଙ୍କ ଦ୍ୱାରା ଉପାଦାନଗୁଡ଼ିକର ଭୋଜନ କ୍ରୁଶବିଦ୍ଧ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ଅଂଶଗ୍ରହଣକୁ ସୂଚୀତ କରିଥାଏ । ଆହୁରିମଧ୍ୟ ଏହି ଧର୍ମକର୍ମରେ ଅଂଶଗ୍ରହଣ କାର୍ଯ୍ୟ ଶରୀରକୁ ଧରି ରଖିବା ପାଇଁ ଭୋଜନ ଓ ପାନ ଭାବରେ ପ୍ରାଣ ପ୍ରତି ଜୀବନ ଦାନ କରିବା ଓ ପ୍ରାଣକୁ ଶକ୍ତିଯୁକ୍ତ କରିବାରେ ଖ୍ରୀଷ୍ଟଙ୍କ ମୃତ୍ୟୁର ଫଳକୁ ଉଲ୍ଲେଖ କରିଥାଏ । ଆହୁରିମଧ୍ୟ ଠିକ୍ ଯେପରି ଧର୍ମକର୍ମ ଖ୍ରୀଷ୍ଟଙ୍କ ସହିତ ବିଶ୍ୱାସୀମାନଙ୍କର ଏକତାକୁ ପ୍ରତୀକ କରିଥାଏ, ସେହିପରି ଏହା ମଧ୍ୟ ଖ୍ରୀଷ୍ଟଙ୍କ ମଣ୍ଡଳୀ ଓ ଜଗତର ସଦସ୍ୟମାନଙ୍କ ମଧ୍ୟରେ ଦୃଶ୍ୟ ପାର୍ଥକ୍ୟକୁ ସ୍ଥାନ ଦେଇଥାଏ, ସେହି ସମୟରେ ତାହାଙ୍କଠାରେ ବିଶ୍ୱାସୀମାନଙ୍କର ପରସ୍ପର ପ୍ରତି ଏକତାକୁ ଉଲ୍ଲେଖ କରିଥାଏ ।[୧୩]

ଫିଲିପ୍ସ ଭଲରୂପେ ଅର୍ଥ କରନ୍ତି ଯାହାକି ପାଉଲ ଶହ ଶହ ବର୍ଷ ପୂର୍ବରୁ ଉଉକାରିଷ୍ଟଙ୍କ ବିଷୟରେ ଲେଖିଥିଲେ :

> ଅତଏବ, ହେ ମୋହର ପ୍ରିୟମାନେ, ପ୍ରତିମାପୂଜାରୁ ପଳାୟନ କର । ମୁଁ ବୁଦ୍ଧିମାନ୍ ଲୋକଙ୍କୁ କହିଲା ପରି କହୁଅଛି ମୁଁ ଯାହା କହୁଅଛି, ତାହା ତୁମ୍ଭେମାନେ ନିଜେ ବିଚାର କର । ଯେଉଁ ଆଶୀର୍ବାଦର ପାତ୍ରକୁ ଆମ୍ଭେମାନେ ଆଶୀର୍ବାଦ କରୁ, ତାହା କି ଖ୍ରୀଷ୍ଟଙ୍କ ରକ୍ତର ସହଭାଗିତା ନୁହେଁ ? ଯେଉଁ ରୋଟୀ ଆମ୍ଭେମାନେ ଭାଙ୍ଗୁ, ତାହା କି ଖ୍ରୀଷ୍ଟଙ୍କ ଶରୀରର ସହଭାଗିତା ନୁହେଁ ? (୧ମ କରିନ୍ଥୀୟ ୧୦:୧୪-୧୬) ।

ଏହି ଭୋଜ ଭୋଜନ କରିବା ଓ ପାନ କରିବା ଖ୍ରୀଷ୍ଟଙ୍କ ସହିତ ବିଶ୍ୱାସୀମାନଙ୍କର ଏକତା ବା ଅଂଶଗ୍ରହଣକୁ ସୂଚୀତ କରିଥାଏ । ସେଥିପାଇଁ ବିଶ୍ୱାସୀମାନେ ଯୀଶୁଙ୍କର ପ୍ରାୟଶ୍ଚିତ କାର୍ଯ୍ୟର ଲାଭଗୁଡ଼ିକୁ ଯଥାର୍ଥ କରନ୍ତି ଓ ଖ୍ରୀଷ୍ଟଙ୍କର ନିରବଚ୍ଛିନ୍ନ ସ୍ଥାୟୀତ୍ୱ, ଅର୍ଥାତ୍ ଜୀବନର ରୋଟୀ ଉପରେ ଆସ୍ଥା ସ୍ଥାପନ କରନ୍ତି ।

ଏହା ସେହି ଚମତ୍କାର ବିନିମୟ ଯାହାକି ତାଙ୍କର ଅସୀମ ଦୟାରୁ ସେ ଆମ ସହିତ କରିଅଛନ୍ତି ଯେ କି ଆମ ସହିତ ମନୁଷ୍ୟପୁତ୍ର ହେଉଅଛନ୍ତି, ସେ ଆମକୁ ତାହାଙ୍କ ସହିତ ଈଶ୍ୱରଙ୍କ ପୁତ୍ର କରିଅଛନ୍ତି ଯେ ପୃଥିବୀକୁ ତାହାଙ୍କର ଆଗମନ ଦ୍ୱାରା, ଆମ ପାଇଁ ସେ ସ୍ୱର୍ଗ ଯିବାର ପ୍ରସ୍ତୁତି କରିଅଛନ୍ତି ଯେ ଆମର ମରଣଶୀଳତାକୁ ନେଇଯିବା ଦ୍ୱାରା ସେ ଆମ ଉପରେ ତାହାଙ୍କର ଅମରତ୍ୱକୁ ପ୍ରଦାନ କରିଅଛନ୍ତି ଯେ ଆମର ଦୁର୍ବଳତା ଗ୍ରହଣ କରିବା ଦ୍ୱାରା ସେ ଆମକୁ ଆପଣା ଶକ୍ତିରେ ଶକ୍ତିଯୁକ୍ତ କରିଅଛନ୍ତି ଯେ ନିଜେ ଆମର ଦରିଦ୍ରତା ଗ୍ରହଣ କରିବା ଦ୍ୱାରା ସେ ଆମକୁ ଆପଣାର ଐଶ୍ୱର୍ଯ୍ୟ ଦେଇଅଛନ୍ତି ଯେ ଆପଣା ଉପରେ ଆମର ଅଧର୍ମ ବହନ କରିବା ଦ୍ୱାରା (ଯାହାକି ଆମକୁ ତାଡ଼ିତ କରିଥାଏ), ସେ ଆମକୁ ଆପଣାର ଧାର୍ମିକତାର ବସ୍ତ୍ରରେ ବସ୍ତ୍ରାନ୍ୱିତ କରିଅଛନ୍ତି ।[୧୪]

**ରୋଟୀ । ମଣ୍ଡଳୀର ଏକତା ।** ଶେଷରେ ପ୍ରଭୁଭୋଜ ମଧ୍ୟ ତାହାଙ୍କ ଲୋକମାନଙ୍କର ଏକତାକୁ ପ୍ରତିନିଧିତ୍ୱ କରିଥାଏ । କାରଣ ରୋଟୀ ଏକ ହେବାରୁ ଆମ୍ଭେମାନେ ଅନେକ ହେଲେହେଁ ଏକ ଶରୀରସ୍ୱରୂପ, ଯେଣୁ ଆମ୍ଭେମାନେ ସମସ୍ତେ ସେହି ଏକ ରୋଟୀର ଅଂଶୀ (୧ମ କରିନ୍ଥୀୟ ୧୦:୧୭) । ମଣ୍ଡଳୀ ଯେତେବେଳେ ପ୍ରଭୁଙ୍କ ମେଜ ନିକଟରେ ଏକତ୍ରିତ ହୋଇଥାଏ, ସେତେବେଳେ ବିଶ୍ୱାସୀମାନଙ୍କୁ ଏହି ବହୁଳ ଆତ୍ମିକ ଏକତାକୁ ଜାଣିବାକୁ ପଡ଼ିବ । ପାଉଲ କରିନ୍ଥୀୟମାନଙ୍କୁ ଭର୍ତ୍ସନା କରିଥିଲେ କାରଣ ସେମାନେ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ଏକତାକୁ ପ୍ରତିଫଳନ କରିପାରି ନ ଥିଲେ । ସେମାନଙ୍କୁ ସେ ପ୍ରଶଂସା କରିପାରି ନ ଥିଲେ, ସେ କହୁଥିଲେ ଯେ ସେମାନଙ୍କ ସଭା ମଙ୍ଗଳ ଅପେକ୍ଷା ଅଧିକ କ୍ଷତିସାଧନ କରିଥାଏ (୧ମ କରିନ୍ଥୀୟ ୧୧:୧୭) । କରିନ୍ଥୀୟ ମଣ୍ଡଳୀ ମଧ୍ୟରେ ସମସ୍ୟାବହୁଳ ବିଭାଜନ ସମସ୍ତ ସ୍ଥାନର ପ୍ରଭୁଭୋଜର ମେଜରେ ବିଭାଜନଗୁଡ଼ିକରେ ପ୍ରଦର୍ଶିତ ହେଉଥିଲା (୧ମ କରିନ୍ଥୀୟ ୧:୧୦-୧୩; ୧୧:୧୮-୧୯) । ସ୍ୱାର୍ଥପରତା ଓ ଲୋଭ ପ୍ରଭୁଭୋଜ ମେଜ ନିକଟରେ ଏତେ ପରିମାଣରେ ଥିଲା ଯେ ପାଉଲ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଆପଣମାନେ ପ୍ରଭୁଭୋଜ ଭୋଜନ କରୁ ନାହାନ୍ତି (୧ମ କରିନ୍ଥୀୟ ୧୧:୨୦) ।

ସେହି ଭୋଜ ପ୍ରକୃତରେ ପ୍ରଭୁଭୋଜ ହେବା ପାଇଁ ମଣ୍ଡଳୀର ସଦସ୍ୟମାନଙ୍କୁ ଯୋଗ୍ୟ ଭାବରେ ଭୋଜନ ଓ ପାନ କରିବା ଆବଶ୍ୟକ ଥିଲା, ଆଂଶିକ ଭାବରେ ପ୍ରଭୁଭୋଜରେ ପ୍ରଭୁଙ୍କ ଶରୀରକୁ ଜାଣିବା ଦ୍ୱାରା (୧ମ କରିନ୍ଥୀୟ ୧୧:୨୭, ୨୯) । ଅର୍ଥାତ୍ ସେମାନଙ୍କୁ ମଣ୍ଡଳୀର ଏକତାକୁ ଗୋଟିଏ ରୋଟୀ, ଗୋଟିଏ ଲୋକ, ଆମ ପକ୍ଷରୁ ତାହାଙ୍କ ବଳିଦାନ ମାଧ୍ୟମରେ ଖ୍ରୀଷ୍ଟଙ୍କ ସହିତ ଏକତ୍ର ଯୋଗଦାନ କରିବା ଦ୍ୱାରା ଜାଣିବାକୁ ପଡ଼ିଥିଲା । ତାହା ନ କରିପାରିଲେ ତାହା ପ୍ରଭୁଙ୍କର ଶରୀର ଓ ରକ୍ତ ବିରୁଦ୍ଧରେ ପାପ କରିବା ବିଷୟ ଥିଲା (୧ମ କରିନ୍ଥୀୟ ୧୧:୨୭) । ସେହିପରି ଘଟଣାଗୁଡ଼ିକରେ, ପ୍ରଭୁଭୋଜ ମେଜ ମଧ୍ୟ ବିଚାରର ଓ ଆତ୍ମ-ପରୀକ୍ଷାର ଏକ ସ୍ଥାନ ହୋଇଯାଇଥିଲା (୧ମ କରିନ୍ଥୀୟ ୧୧:୨୮-୩୪) ।

*ପ୍ରଭୁଭୋଜ ଏକ ମୁଦ୍ରାଙ୍କ ଅଟେ*

ମାତ୍ର ପ୍ରଭୁଭୋଜ କେବଳ ଗୋଟିଏ ଚିହ୍ନ ନୁହେଁ । ପବିତ୍ର ମିଳନ ମଧ୍ୟ ଏକ ମୁଦ୍ରାଙ୍କ ଅଟେ । ନିୟମିତ ଭାବରେ ପ୍ରଭୁଭୋଜରେ ଅଂଶଗ୍ରହଣ କରିବା ଦ୍ୱାରା ଖ୍ରୀଷ୍ଟିୟାନମାନେ ବିଶ୍ୱାସ ଦ୍ୱାରା ମୁଦ୍ରାଙ୍କ ବା ଟାଟୁ ଗ୍ରହଣ କରନ୍ତି ଯାହାକି ସେମାନଙ୍କୁ ଯୀଶୁଙ୍କ ଅଧିକାରଭୁକ୍ତ ଓ ଈଶ୍ୱରଙ୍କ ଚୁକ୍ତିଭିତ୍ତିକ ଲୋକ ଭାବରେ ଚିହ୍ନଟ କରିଥାଏ । ଏହାର ଅର୍ଥ ହେଉଛି ଏହା, ଆଂଶିକ ଭାବରେ ଯେତେବେଳେ ଦି ଗସ୍‌ପେଲ୍ କୋଆଲିସନ୍‌ସ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍ ପ୍ରଭୁଭୋଜକୁ ଚଳନ୍ତି ଚୁକ୍ତି ନୂତନୀକରଣ ଭାବରେ ବର୍ଣ୍ଣନା କରିଥାଏ । ପ୍ରଭୁଭୋଜରେ ପ୍ରଭୁ ଆପଣା ଲୋକମାନଙ୍କୁ ସେମାନଙ୍କ ପ୍ରତି ଆପଣାର ଚଳନ୍ତି ପ୍ରେମ ଓ ଅନୁଗ୍ରହ ବିଷୟରେ କହନ୍ତି ।

> ପ୍ରଭୁଭୋଜ ଈଶ୍ୱରଙ୍କ ଲୋକମାନଙ୍କୁ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ଅଂଶଗ୍ରହଣର ଏକ ବିଶ୍ୱସନୀୟ ମୁଦ୍ରାଙ୍କ ଦେବାଦ୍ୱାରା ମୁଦ୍ରାଙ୍କିତ କରିଥାଏ । ଖ୍ରୀଷ୍ଟ ହିଁ ଆପଣାର ଲୋକମାନଙ୍କ ପ୍ରତି ଆପଣା ହାତ ବଢ଼ାଇ ସେମାନଙ୍କୁ ରୋଟୀ ଓ ତାହାଙ୍କ ଚୁକ୍ତି ଭୋଜନ ଦେବା ଦ୍ୱାରା ଚିହ୍ନଟ କରନ୍ତି । ଜନ୍ ମରେ କହନ୍ତି, ଆମେ ଯେତେବେଳେ ବିଶ୍ୱାସରେ ପାନପାତ୍ରରେ ଅଂଶଗ୍ରହଣ କରିଥାଉ, ସେତେବେଳେ ଏହା ଆମ ପ୍ରତି ପ୍ରଭୁଙ୍କର ନିଜର ପ୍ରମାଣପତ୍ର ଯାହାକି ତାହାଙ୍କ ରକ୍ତରେ ଯେଉଁ ନୂତନ ଚୁକ୍ତି ସମ୍ପୃକ୍ତ ଥାଏ ତାହା ଆମର ଅଟେ । ଏହା ତାହାଙ୍କ ଅନୁଗ୍ରହ ଓ ବିଶ୍ୱସ୍ତତାର ମୁଦ୍ରାଙ୍କ ଅଟେ ।[୧୫]

ବାପ୍ତିସ୍ମ ଯେତେବେଳେ ଖ୍ରୀଷ୍ଟ ଓ ତାହାଙ୍କ କନ୍ୟା ମଧ୍ୟରେ ଏକ ପ୍ରକାରଭେଦ ମୁଁ କରେ ପ୍ରତିନିଧିତ୍ୱ କରିଥାଏ, ଭୋଜ ଯୀଶୁଙ୍କଠାରୁ ମଣ୍ଡଳୀ ପ୍ରତି ଏକ ମୁଁ ଜାରି ରଖେ ପ୍ରେମର ଉକ୍ତିକୁ ପୁନରାବୃତ୍ତି କରିଥାଏ । ସହଭାଗିତା ଆମକୁ ସ୍ମରଣ କରିଦିଏ ଯେ ତାହାଙ୍କ ପ୍ରେମ ଚିରକାଳ ସହ୍ୟ କରେ ।

*ପ୍ରଭୁଭୋଜ ଓ ଖ୍ରୀଷ୍ଟଙ୍କ ଉପସ୍ଥିତି*

ପ୍ରଭୁଭୋଜ ଯଦି ଏକ ଚଳନ୍ତି ଚୁକ୍ତି ନୂତନୀକରଣ ଅଟେ, ତେବେ ଏହା ଏକ ସିଦ୍ଧ ଯୋଗଦାନକୁ କିମ୍ବା ଖ୍ରୀଷ୍ଟଙ୍କ ସହିତ ମିଳନ ବିଷୟରେ ପ୍ରସ୍ତାବ ଦିଏ । ଯୀଶୁଙ୍କୁ ଏକ ଅର୍ଥପୂର୍ଣ୍ଣ ଉପାୟରେ ପ୍ରଭୁଭୋଜରେ ଉପସ୍ଥିତ ରହିବାକୁ ପଡ଼ିବ । ମଣ୍ଡଳୀର ଇତିହାସରେ, ପ୍ରଭୁଭୋଜରେ ଖ୍ରୀଷ୍ଟଙ୍କ ଉପସ୍ଥିତି ବିଷୟରେ ତିନୋଟି ମୁଖ୍ୟ ମତ ଅଛି ।

**ବାସ୍ତବ ଶାରୀରିକ ଉପସ୍ଥାନ ।** ରୋମାନ୍ କାଥୋଲିକ୍ ମଣ୍ଡଳୀ ଶିକ୍ଷା ଦିଏ ଯେ ଇଉକାରିଷ୍ଟ୍‌ର ଉତ୍ସବ ଏକ ଆଶ୍ଚର୍ଯ୍ୟକର୍ମ ଅଟେ ଯାହାକି ଘଟିଥାଏ, ଯେଉଁ ସମୟରେ ରୋଟୀ ଓ ଦ୍ରାକ୍ଷାରସ ରୋଟୀ ଓ ଦ୍ରାକ୍ଷାରସ ପରି ଦେଖାଯାଇଥାଏ, ମାତ୍ର ବାସ୍ତବରେ ଖ୍ରୀଷ୍ଟଙ୍କର ଭୌତିକ ଶରୀର ଓ ରକ୍ତରେ ପରିବର୍ତ୍ତନ ହୋଇଥିଲା । ଏହି ମତ, ଯାହାକି ସତ୍ୟର ସମ୍ପୂର୍ଣ୍ଣ ପ୍ରମାଣ ଭାବରେ ଜଣାଶୁଣା ଅଟେ, ଆହୁରିମଧ୍ୟ ଦାବି କରେ ଯେ ଇଉକାରିଷ୍ଟରେ କ୍ରୁଶ ଉପରେ ଯୀଶୁଙ୍କ ବଳିଦାନର ଏକ ପ୍ରତିନିଧି ଅଛି, ପ୍ରଭୁଙ୍କ ମୃତ୍ୟୁକୁ ସ୍ମରଣ କରିବା ପାଇଁ କେବଳ ଏକ ଚିହ୍ନ ନୁହେଁ ।

ସତ୍ୟର ସମ୍ପୂର୍ଣ୍ଣ ପ୍ରମାଣକୁ ଯୁକ୍ତି କରିବାରେ ରୋମାନ୍ କାଥୋଲିକ୍ ମଣ୍ଡଳୀ ଯୀଶୁଙ୍କ ବାକ୍ୟର ଉପମାକୁ ଏହା ମୋହର ଶରୀର ..... ଏହି ପାନପାତ୍ର ମୋହର ରକ୍ତ ଅଟେ, କୁ ଏକ ଅନିପୁଣ ଆକ୍ଷରିକ ଲମ୍ବା ହାତ ଥିବା ପୋଷାକରେ ଚାପ ଦେଇଥାଏ । ଆହୁରିମଧ୍ୟ ସେମାନେ ଦାବି କରନ୍ତି ଯେ ଯୀଶୁଙ୍କ ବଳିଦାନକୁ ପ୍ରତିନିଧିତ୍ୱ କରୁଥିବା ବହୁତ ଲୋକ କେବଳ ବାଇବଲକୁ ବିରୋଧ କରିଥାଏ (ରୋମୀୟ ୬:୧୦; ଏବ୍ରୀ ୭:୨୭; ୯:୧୨, ୨୬; ୧୦:୧୦) । ଖ୍ରୀଷ୍ଟ ଯୀଶୁ ସବୁ ସମୟ ପାଇଁ ଥରେ ମୃତ୍ୟୁବରଣ କରିଥିଲେ ଓ ବର୍ତ୍ତମାନ ଆପଣା ଲୋକମାନଙ୍କ ନିମନ୍ତେ ମଧ୍ୟସ୍ଥ ପ୍ରାର୍ଥନା କରିବାକୁ ଚିରକାଳ ଜୀବିତ ରହନ୍ତି ।

ପ୍ରଭୁଭୋଜରେ ଖ୍ରୀଷ୍ଟଙ୍କ ଉପସ୍ଥିତି ବିଷୟରେ ଲୁଥେରାନ୍ ମତ ମଧ୍ୟ ଆକ୍ଷରିକ ଭାବରେ ଖ୍ରୀଷ୍ଟଙ୍କ ପ୍ରତିଷ୍ଠାର ବାକ୍ୟଗୁଡ଼ିକୁ ଗ୍ରହଣ କରିଥାଏ । ମାତ୍ର ଲୁଥର୍ ବଜାୟ ରଖିଥିଲେ ଯେ ସେହି ଉପାଦାନଗୁଡ଼ିକ ରୂପାନ୍ତରିତ ହୋଇ ନ ଥିଲା ସେଗୁଡ଼ିକ ରୋଟୀ ଓ ଦ୍ରାକ୍ଷାରସ ହୋଇ ରହିଥିଲା, ମାତ୍ର ଯୀଶୁଙ୍କ ଶରୀର ଓ ରକ୍ତ ସେଥିମଧ୍ୟରେ ସେହି ଧାର୍ମିକବିଧି ମଧ୍ୟରେ ଉପସ୍ଥିତ ଥିଲା । ଏହି ମତକୁ କହନ୍ତି ସତ୍ୟତାର ପ୍ରମାଣର ବିରୋଧ ।

**ସ୍ମରଣୀୟ ମତ ।** ବର୍ଣ୍ଣାଳୀର ଅପର ପାର୍ଶ୍ୱରେ ଏପରି ଖ୍ରୀଷ୍ଟିୟାନ୍‌ମାନେ ଅଛନ୍ତି ଯେଉଁମାନେ ଖ୍ରୀଷ୍ଟ ପ୍ରଭୁଭୋଜରେ ଉପସ୍ଥିତ ଥିବା ବିଷୟକୁ ଅସ୍ୱୀକାର କରନ୍ତି । ସ୍ମରଣୀୟ ମତ ଗୁରୁତ୍ୱ ଦେଇଥାଏ ମୋତେ ସ୍ମରଣ କରିବା ପାଇଁ ଏହା କର (୧ମ କରି. ୧୧:୨୪-୨୫) । ତେଣୁ ଭୋଜ ଏକ ସ୍ମରଣୀୟ ବିଷୟ ହୋଇଯାଇଥାଏ । ଅନେକ ଲୋକ ଏହି ମତ ସହିତ ସାଧାରଣତଃ ମେଳ କରନ୍ତି ସ୍ୱିଜର୍‌ଲାଣ୍ଡର ସଂସ୍କାରକ ହୁଲ୍‌ଡ୍ରିଚ୍ ଜ୍ୱିଙ୍ଗ୍‌ଲିଙ୍କୁ, ଯେ କି ପ୍ରଭୁଭୋଜରେ ଖ୍ରୀଷ୍ଟଙ୍କ ଉପସ୍ଥାନ ଥିବା ବିଷୟରେ ମତ ଦେଉଥିବା ରୋମାନ୍ କାଥୋଲିକ୍ ଓ ଲୁଥେରାନ୍ ମତଗୁଡ଼ିକୁ ବିରୋଧ କରିଥିଲେ ।

**ଆତ୍ମିକ ଉପସ୍ଥାନ ।** ଏକ ତୃତୀୟ ଇଚ୍ଛାଧୀନ ବିଷୟ ଧରି ରଖିଥାଏ ଯେ ଖ୍ରୀଷ୍ଟ – ଯେତେବେଳେ ଶାରୀରିକ ଭାବରେ ଉପସ୍ଥିତ ନ ଥା'ନ୍ତି – ସେତେବେଳେ ଆତ୍ମିକରୂପେ ପ୍ରଭୁଭୋଜନରେ ଉପସ୍ଥିତ ଥାଆନ୍ତି । ଉପାଦାନଗୁଡ଼ିକ ସେହିପରି ରୋଟୀ ଓ ଦ୍ରାକ୍ଷାରସ ଥାଏ, ମାତ୍ର ବିଶ୍ୱାସ ଖ୍ରୀଷ୍ଟ ପ୍ରଭୁଭୋଜରେ ଆପଣା ଲୋକମାନଙ୍କ ସହିତ ସାକ୍ଷାତ କରନ୍ତି ଓ ମିଳିତ ହୁଅନ୍ତି ।

ଏହା ମୋହର ଶରୀର ଓ ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ଚୁକ୍ତି ଉକ୍ତିଗୁଡ଼ିକ ଆତ୍ମିକ-ଉପସ୍ଥାନର ମତ ଅନୁଯାୟୀ ରୂପକ ଉକ୍ତି ଅଟେ । ରୋଟୀ ଓ ଦ୍ରାକ୍ଷାରସ କୌଣସି ବାସ୍ତବ ଉପାୟରେ ପରିବର୍ତ୍ତିତ ହୋଇ ନ ଥାଏ । ତଥାପିମଧ୍ୟ ପ୍ରଭୁଭୋଜ ସାଧାରଣ ପାଳନ ଅପେକ୍ଷା ଅଧିକ ବିଷୟକୁ ପ୍ରତିନିଧିତ୍ୱ କରିଥାଏ । ଏହି ଉକ୍ତିଗୁଡ଼ିକୁ ରୂପକ ବା ପ୍ରତୀକାତ୍ମକ ବୋଲି ଡ଼ାକିବା ଦ୍ୱାରା ଏହି ମତ ଉଲ୍ଲେଖନୀୟ ବିଷୟର ବାସ୍ତବତା ଓ ଗୁରୁତ୍ୱକୁ ହ୍ରାସ କରେ ନାହିଁ । ପ୍ରଭୁଭୋଜ ପ୍ରଚୁର ରହସ୍ୟ ଓ ସିଦ୍ଧ ଆତ୍ମିକ ଆଶୀର୍ବାଦକୁ ସଂଯୁକ୍ତ କରିଥାଏ ।

> ଏହା ଯଦିଚ ଅବିଶ୍ୱାସନୀୟ ବୋଲି ଜଣାଯାଇଥାଏ ଯେ ଖ୍ରୀଷ୍ଟଙ୍କ ଶରୀର, ଆମଠାରୁ ସେହିପରି ବଡ଼ ଦୂରତ୍ୱରେ ପୃଥକ୍ ହୋଇଥିଲା, ଆମକୁ ବିଦ୍ଧ କରିଥାଏ ଯେପରି ଏହା ଆମ ଖାଦ୍ୟ ହୋଇପାରିବ, ଆସନ୍ତୁ ସ୍ମରଣ କରିବା ଯେ ପବିତ୍ର ଆତ୍ମାଙ୍କର ଗୁପ୍ତ ଶକ୍ତି କିପରି ଭାବରେ କିପରି ଭାବରେ ଆମର ସମସ୍ତ ଇନ୍ଦ୍ରିୟର ଉପରେ ରହିଥାଏ ଓ ଆମର ମାପ ଦ୍ୱାରା ତାହାଙ୍କ ଅସୀମ ମାପକୁ ମାପ କରିବାକୁ ଅଭିଳାଷ କରିବା କେତେ ନିର୍ବୋଧତା ଅଟେ । ତେବେ ଆମ ମନ ଯାହା କଳନା କରିପାରି ନ ଥାଏ, ଆସନ୍ତୁ ବିଶ୍ୱାସକୁ ତାହା କରିବାକୁ ଦେବା : ଯେ ଆତ୍ମା ପ୍ରକୃତରେ ବିଷୟଗୁଡ଼ିକୁ ଏକତ୍ରିତ କରିଥାଏ ଯାହାକି ଶୂନ୍ୟରେ ବିଛିନ୍ନ ହୋଇଥିଲା ।
> ବର୍ତ୍ତମାନ ତାହାଙ୍କ ଶରୀର ଓ ରକ୍ତରେ ଅଂଶୀ ହେବା ବିଷୟ ଯାହା ଦ୍ୱାରା ଖ୍ରୀଷ୍ଟ ଆପଣା ଜୀବନକୁ ଆମ ମଧ୍ୟରେ ଢ଼ାଳି ଦିଅନ୍ତି, ଯେପରି ଏହା ଆମର ଅସ୍ଥି ଓ ମଜ୍ଜାକୁ ଭେଦ କରି ଯାଇଥିଲା, ସେ ମଧ୍ୟ ପ୍ରଭୁଭୋଜର ସାକ୍ଷୀ ହୁଅନ୍ତି ଓ ଏହାକୁ ମୁଦ୍ରାଙ୍କିତ କରନ୍ତି – ଏକ ବ୍ୟର୍ଥ ଓ ଶୂନ୍ୟ ଚିହ୍ନ ଉପସ୍ଥାପନ କରିବା ଦ୍ୱାରା ନୁହେଁ, ମାତ୍ର ତାହାଙ୍କ ପ୍ରତିଜ୍ଞାଗୁଡ଼ିକ ସଫଳ କରିବା ପାଇଁ ତାହାଙ୍କ ଆତ୍ମାର ଫଳପ୍ରଦକୁ ପ୍ରଦର୍ଶନ କରିବା ଦ୍ୱାରା । ପୁଣି ପ୍ରକୃତରେ ସେ ସେଠାରେ ବାସ୍ତବତା ଦିଅନ୍ତି ଓ ଦେଖାନ୍ତି, ଯାହାକି ଆତ୍ମିକ ଭୋଜରେ ବସିଥିବା ସମସ୍ତଙ୍କୁ ଉଲ୍ଲେଖ କରିଥିଲା, ଯଦିଚ ଏହା କେବଳ ବିଶ୍ୱାସୀମାନଙ୍କ ଦ୍ୱାରା ଲାଭ ସହିତ ଗ୍ରହଣ କରାଯାଇଛି, ଯେ କି ସେହିପରି ମହାନ୍ ବଦାନ୍ୟତାକୁ ପ୍ରକୃତ ବିଶ୍ୱାସର ସହିତ ଓ ହୃଦୟର କୃତଜ୍ଞତାରେ ଗ୍ରହଣ କରନ୍ତି ।[୧୬]

ଆମେ ଯେତେବେଳେ ପ୍ରଭୁଭୋଜର ଉପାଦାନଗୁଡ଼ିକ ପ୍ରତି ଦୃଷ୍ଟିପାତ କରୁ ଓ ଅଂଶୀ ହେଉ, ସେତେବେଳେ ଆମେ ବିଶ୍ୱାସର ସହିତ ସେହିସବୁ ବିଷୟ ଗ୍ରହଣ କରିଥାଉ, ଯାହାକି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଭଗ୍ନ ଶରୀର ଓ ପାତିତ ରକ୍ତକୁ ଉଲ୍ଲେଖ କରିଥାଏ । ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ଆମ ସହିତ ଭୋଜରେ ଯୋଗ ଦିଅନ୍ତି, ପୁଣି ବିଶ୍ୱାସ ଯେତେବେଳେ ଦୃଷ୍ଟିଶକ୍ତି ପ୍ରତି ଉପାୟ ଦେଇଥାଏ ସେତେବେଳେ ଆମେ ଅଗ୍ରିମ ପଦକ୍ଷେପ ନେଇଥାଉ ପୁଣି ଆମେ ପିତାଙ୍କ ରାଜ୍ୟରେ ଉଦ୍ଧାରକର୍ତ୍ତାଙ୍କ ସହିତ ଭୋଜନ କରିଥାଉ (ମାଥିଉ ୨୬:୨୯) ।

## ଏକ ପାଳକୀୟ ଆଶା

ମୁଁ ସେହିଦିନକୁ ଅପେକ୍ଷା କରିଥାଏ ଯେତେବେଳେ ମାଥିଉ ମଣ୍ଡଳୀ ସହିତ ବାପ୍ତିସ୍ମ ପାଳନ କରିବେ । ମୁଁ ସେହି ଦିନକୁ ଆପକ୍ଷା କରିଥାଏ ଯେତେବେଳେ ମାଥିଉ ବିଶ୍ୱାସ ମାଧ୍ୟମରେ ଖ୍ରୀଷ୍ଟଙ୍କ ସହିତ ତାଙ୍କର ମିଳନର ଚିହ୍ନ ଓ ମୁଦ୍ରାଙ୍କ ଗ୍ରହଣ କରି ଆନନ୍ଦ କରିବେ । ପୁଣି ପ୍ରଭୁଙ୍କର ଇଚ୍ଛା ଥିଲେ, ମାଥିଉ ଓ ମଣ୍ଡଳୀ ନିୟମିତରୂପେ ପ୍ରଭୁଭୋଜକୁ ଆସି ଖ୍ରୀଷ୍ଟଙ୍କ କାର୍ଯ୍ୟକୁ ଓ ତାହାଙ୍କ ବଳିଦାନର ଲାଭଗୁଡ଼ିକ ଦେଖିବେ ଓ ସତେଜ ଭାବରେ ଗ୍ରହଣ କରିବେ । ଆମେ ଏକତ୍ର ମିଶି ପ୍ରଭୁ ଆପଣାର ମାଲିକାନାସତ୍ୱ ପ୍ରକାଶ କରୁଥିବାର ଶୁଣିବା ଓ ଆମ

ପାଇଁ ପ୍ରେମର ଦୃଶ୍ୟ ଚିହ୍ନଗୁଡ଼ିକ ଦେଖିବା ଯାହାକି ସେ ଆପଣା ମଣ୍ଡଳୀକୁ ପ୍ରଦାନ କରନ୍ତି । ଆମେ ମନେ ରଖିଥାଉ ଓ ଏକତ୍ର ମିଶି ଘୋଷଣା କରିଥାଉ ଆମ ପାଇଁ ଆମର ଉଦ୍ଧାରକର୍ତ୍ତାଙ୍କ ଉତ୍ସର୍ଗୀକୃତ ମୃତ୍ୟୁକୁ ଯଦିଚ ଆମେ ପିତାଙ୍କ ରାଜ୍ୟରେ ତାହାଙ୍କ ସହିତ ଭୋଜନ କରିବା ବିଷୟର ପୂର୍ବାନୁମାନ ଦେଇଥାଉ । ଏହିସବୁ ଧର୍ମକର୍ମ ଦ୍ୱାରା ଆମେ ସତେଜ ଅନୁଗ୍ରହ ଗ୍ରହଣ କରିଥାଉ । ସେଗୁଡ଼ିକ ଦ୍ୱାରା ଆମେ ଆମର ପ୍ରଭୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥାଉ ଓ ତାହାଙ୍କ ସହିତ ସଂଯୁକ୍ତ ହେବାର ଆନନ୍ଦ ଲାଭ କରିଥାଉ । ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଆପଣା ଲୋକମାନଙ୍କୁ ଦିଆଯାଇଥିବା ଏହିସବୁ ବହୁମୂଲ୍ୟ ସୁଯୋଗରେ ଅଂଶଗ୍ରହଣ କରିବା କେତେ ଚମତ୍କାର ଆନନ୍ଦ ଅଟେ !

*କେତେକ ଧର୍ମତତ୍ତ୍ୱବିଦ୍-ପାଳକୀୟ ପ୍ରତିଫଳନ*

(ଡ଼ନ୍‌କାନ୍) ଥାବିଟିଙ୍କର ସୁନ୍ଦର, ସ୍ୱଷ୍ଟ, ବାଇବଲସମ୍ମତ ଓ ପାଳକୀୟ ବାହ୍ୟରେଖା ଅଛି ଯାହାକି ପ୍ରଭୁଭୋଜ ବିଷୟରେ ଆମର ଜ୍ଞାନକୁ, ତଥା ମୁଖ୍ୟ ପଦବୀଗୁଡ଼ିକ ମଧ୍ୟରୁ ତିନୋଟିର ବାହ୍ୟରେଖା ଦେଇଥିଲା ଯେ ଖ୍ରୀଷ୍ଟ କିପରି ଉପାଦାନଗୁଡ଼ିକରେ ଓ/କିମ୍ବା ସେମାନଙ୍କ ପ୍ରଶାସନରେ ଉପସ୍ଥାପନ କରିଅଛନ୍ତି (କିମ୍ବା କରି ନାହାନ୍ତି!), ମାତ୍ର ବୋଧହୁଏ ଏହା ସାଧାରଣତଃ ଧର୍ମକର୍ମରେ କିମ୍ବା ଅଧ୍ୟାଦେଶ ବିଷୟକ ମୂଳ ଆତ୍ମିକ ପରିଚ୍ଛେଦଗୁଡ଼ିକର ଗୁରୁତ୍ୱର ସାରାଂଶ ଲେଖିବାକୁ ସହାୟତା କରିଥାଏ (ଉଦାହରଣସ୍ୱରୂପ, ଆଦିପୁସ୍ତକ ୯; ୧୨; ୧୫; ୧୭; ଯାତ୍ରାପୁସ୍ତକ ୧୨; ୨୪; ଯିଶାଇୟ ୭; ପ୍ରେରିତ ୨; ରୋମୀୟ ୪; ୧ମ କରିନ୍ଥୀୟ ୧:୧୭; ୧ମ ପିତର ୩:୧୮-୨୨) ପୁଣି ନିର୍ଦ୍ଦିଷ୍ଟରୂପେ ପ୍ରଭୁଭୋଜ (ମାଥିଉ ୨୬:୧୭-୨୯; ମାର୍କ ୧୪:୧୨-୨୫; ଲୂକ ୨୨:୭-୨୩; ୧ମ କରିନ୍ଥୀୟ ୧୧:୧୭-୩୨) ।[୧୭]

ଏହା ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ସ୍ୱଷ୍ଟ ବିଷୟ ହେଉଛି ଯେ ଖ୍ରୀଷ୍ଟିୟାନମାନେ ପ୍ରଭୁଭୋଜ କ'ଣ ଓ କ'ଣ ନୁହେଁ, ଏବଂ ଏହା କ'ଣ କରେ ଓ କ'ଣ ନ କରେ ଓ ଏହା କ'ଣ ଓ କ'ଣ ନୁହେଁ, ସେ ବିଷୟରେ କହନ୍ତି, ସେଥିପାଇଁ ଏହା ସେମାନଙ୍କ ପ୍ରତି ଅଭିବୃଦ୍ଧିର ଏକ ମାଧ୍ୟମ ଭାବରେ ଅଧିକ ସହାୟକ ହେବ ।

୧) ବାପ୍ତିସ୍ମ ଓ ପ୍ରଭୁଭୋଜ, ଧର୍ମକର୍ମ ପରି କିମ୍ବା ଅଧ୍ୟାଦେଶ ପରି, କିମ୍ବା ଚୁକ୍ତି ଚିହ୍ନ/ମୁଦ୍ରାଙ୍କ ଅଟେ, ଯାହାକି ଏକ ଚୁକ୍ତି ସମ୍ପର୍କକୁ ଆରମ୍ଭ କରେ ନାହିଁ କିମ୍ବା ଫଳପ୍ରଦ କରେ ନାହିଁ ବରଂ ସେଗୁଡ଼ିକ ପୂର୍ବରୁ ଥିବା, ନିର୍ବାଚିତରୁ ଉତ୍ପତ୍ତି ହୋଇଥିବା, ପ୍ରତିଜ୍ଞାତ ବିଷୟର, ଅନୁଗ୍ରହ-ପ୍ରତିଷ୍ଠାର, ପିତାଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିବା, ଆତ୍ମା-ଆବୃତ୍ତ, ଖ୍ରୀଷ୍ଟ-ଆଧାରିତ, ବିଶ୍ୱାସ-ଗ୍ରହଣୀୟ, ଚୁକ୍ତି ସମ୍ପର୍କର ଏକ ବିଷୟର ପ୍ରତିନିଧିତ୍ୱ କରନ୍ତି ଓ ନିଶ୍ଚିତ କରନ୍ତି ।

୨) ବାପ୍ତିସ୍ମ ଓ ପ୍ରଭୁଭୋଜ ଧର୍ମକର୍ମ/ଅଧ୍ୟାଦେଶ ଭାବରେ ନିଶ୍ଚୟତାର ସ୍ୱର୍ଗୀୟ କାର୍ଯ୍ୟର ଅଂଶବିଶେଷ ଅଟେ । ସେମାନଙ୍କୁ ଆଶ୍ରୟ ଦିଆଯାଇଛି ଓ ଈଶ୍ୱରଙ୍କ

ଚୁକ୍ତିଗତ ପ୍ରତିଜ୍ଞାଗୁଡ଼ିକରେ ବିଶ୍ୱାସ ବଢ଼ିଛି । ଏହି କ୍ଷେତ୍ର ମୁଦ୍ରାଙ୍କ ଭାବରେ ଧର୍ମକର୍ମର ଧାରଣା ସହିତ ସମ୍ପର୍କିତ ।

୩) ଈଶ୍ୱର କୌଣସି ଧର୍ମକର୍ମରେ ଉପସ୍ଥିତ ନାହାନ୍ତି, ମାତ୍ର ପ୍ରତ୍ୟେକ ଧର୍ମକର୍ମରେ ଧର୍ମକର୍ମର ଅନୁରୂପତା ଗୌରବମୟ, ଅନୁଗ୍ରହପୂର୍ଣ୍ଣ, ଚୁକ୍ତିଭିତ୍ତିକ, ସାମ୍ପ୍ରଦାୟିକ, ଈଶ୍ୱରଙ୍କ ଉପସ୍ଥିତିର ପ୍ରତିଜ୍ଞା ପ୍ରତି ସୂଚୀତ କରିଥାଏ, ପୁଣି ଆତ୍ମାଙ୍କ ଦ୍ୱାରା ଆମେ ଏହି ଉପସ୍ଥାନ ବିଷୟରେ କିଛି ବିଷୟ ଜାଣୁ । ଅର୍ଥାତ୍, ଧର୍ମକର୍ମ ମାଧମରେ ଓ ବିଶେଷରୂପେ ଚଳନ୍ତି ଓ ପୁନରାବୃତ୍ତି ପ୍ରଭୁଭୋଜ ମାଧମରେ ଆମେ ଚରମ ଚୁକ୍ତି ପ୍ରତିଜ୍ଞାର ଗୌରବମୟ ପ୍ରଭୁଭୋଜର ପୂର୍ବସ୍ୱାଦକୁ ସୂଚୀତ କରିଛୁ ଓ ତା'ର ଅନୁଭୂତି ଲାଭ କରିଛୁ, ମୁଁ ତୁମର ଈଶ୍ୱର ହେବି ଓ ତୁମେ ମୋର ଲୋକ ହେବ, ପୁଣି ଚରମ ଚୁକ୍ତି ଆଶା, ଆମ ସହିତ ଈଶ୍ୱର, ଓ ଚରମ ଚୁକ୍ତି ସହଭାଗିତା, ତାହାଙ୍କ ମେଜରେ ସମ୍ମିଳିତ ହେବା ।

୪) ଧର୍ମକର୍ମ/ଅଧ୍ୟାଦେଶ ପ୍ରତି ବସ୍ତୁନିଷ୍ଠ ଓ କଳ୍ପନାପ୍ରସୂତ ଦିଗଗୁଡ଼ିକ, ତଥା ଆଭ୍ୟନ୍ତରୀଣ ଓ ବାହ୍ୟ ଦିଗଗୁଡ଼ିକ ରହିଛି । ଚିହ୍ନ (ବାହ୍ୟ) ଓ ଉଲ୍ଲେଖନୀୟ ବିଷୟ (ଆଭ୍ୟନ୍ତରୀଣ) ମଧ୍ୟରେ ଯେକୌଣସି ପାର୍ଥକ୍ୟ ଆସିବାକୁ ପ୍ରତ୍ୟାଖ୍ୟାନ କରିଥାଏ, ତାହା ଧର୍ମକର୍ମକୁ ପ୍ରତ୍ୟାଖ୍ୟାନ କରିଥାଏ, କାଲ୍ଭିନ୍ ଯେପରି ଉଲ୍ଲେଖ କରିଥିଲେ । ଆହୁରିମଧ ବସ୍ତୁନିଷ୍ଠ (ଚିହ୍ନ) କାଳ୍ପନିକ ବିଷୟ (ବାସ୍ତବତା ଯାହାକି ଉଲ୍ଲେଖନୀୟ ଅଟେ) ପାଇଁ ସ୍ଥିତି ଥାଏ । ତେଣୁ ମୂଳ କାଳ୍ପନିକ ଉପକରଣ (ବିଶ୍ୱାସ)ଓ ଏହାର ଫଳାଫଳ (ଶକ୍ତିଯୁକ୍ତ ବିଶ୍ୱାସ, ଅନୁଗ୍ରହ, ନିଶ୍ଚୟତାରେ ଅଭିବୃଦ୍ଧି) ବିନା ଧର୍ମକର୍ମର ଅବ୍ୟର୍ଥତା ବିଷୟରେ କହିବା ହେଉଛି ପ୍ରଭୁଭୋଜ ପାଇଁ ଆତ୍ମାଙ୍କ ବ୍ୟବହାର ଓ ଲକ୍ଷ୍ୟର ସମ୍ପୂର୍ଣ୍ଣ ବିଷୟ ହରାଇବା ।

୫) ଏହାକୁ ଅନୁସରଣ କରି ଧର୍ମକର୍ମ ଚିହ୍ନଗୁଡ଼ିକ ଧର୍ମକର୍ମ ବାସ୍ତବତାକୁ ଅର୍ପଣ କରିଥାଏ । ଏହି ଅର୍ଥରେ ଧର୍ମକର୍ମ ଫଳପ୍ରଦ ଅଟେ ଯେ ସେଗୁଡ଼ିକ ଈଶ୍ୱରଙ୍କ ଉଦ୍ଦେଶ୍ୟ ସମ୍ପନ୍ନ କରିଥା'ନ୍ତି, ମାତ୍ର ସେଗୁଡ଼ିକ ଅପରିବର୍ତ୍ତନୀୟ ଭାବରେ ଫଳପ୍ରଦ ନୁହଁନ୍ତି । ସର୍ବଦା ଇସ୍ରାୟେଲ୍ ଓ ସାଇମନ୍‌ଗଣ ଅଛନ୍ତି । ଯେଉଁମାନେ ଅପରିବର୍ତ୍ତନୀୟ ବସ୍ତୁନିଷ୍ଠ ଫଳ ଲୋଡ଼ନ୍ତି, ଅର୍ଥାତ୍ ଧର୍ମକର୍ମ ଓ ଅଧ୍ୟାଦେଶ ଲୋଡ଼ନ୍ତି ଯାହାକି ସ୍ୱତଃପ୍ରବୃତ୍ତ ଭାବରେ ସେଗୁଡ଼ିକ ପାଳନ କରିବାମାତ୍ରେ ଅନୁଗ୍ରହ ପ୍ରଦାନ କରିବ ବୋଲି ଇଚ୍ଛା କରନ୍ତି, ସେମାନଙ୍କୁ ରୋମ୍ ବା କନ୍‌ଷ୍ଟାଣ୍ଟିନୋପଲ୍‌କୁ ଯିବାକୁ ପଡ଼ିବ, ପୁଣି ସେଥିରେ ବାଇବଲସମ୍ମତ ଚୁକ୍ତିର ଚିନ୍ତାର ଟିକିଏ ବି ସମର୍ଥନ ମିଳିବ ନାହିଁ ।

୬) ପ୍ରଭୁଭୋଜର ଗୋଟିଏ ବର୍ଣ୍ଣନା ବି ଭୋଜରେ ଖ୍ରୀଷ୍ଟଙ୍କ ଶାରୀରିକ ଉପସ୍ଥିତି ଉପରେ ଆମର ଧ୍ୟାନକର୍ଷଣ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରେ ନାହିଁ । ଶରୀର

ଓ ରକ୍ତର ଭାଷା ସ୍ପଷ୍ଟରୂପେ ଆମକୁ ଖ୍ରୀଷ୍ଟଙ୍କ ପରମ୍ପରାଗତ ବଳିଦାନର ବିଚାରକୁ ଆମକୁ ସୂଚୀତ କରିଥାଏ ।[୧୮]

୭) ସକାରାତ୍ମକ ଭାବରେ ନୂତନ ନିୟମର ପ୍ରଭୁଭୋଜ ବର୍ଣ୍ଣନା ଆମ ଉପରେ ଚାପ ପକାଇଥାଏ (କ) ଖ୍ରୀଷ୍ଟଙ୍କ ଦ୍ୱାରା ଆମର ଥିବା ପରିତ୍ରାଣ ପାଇଁ ଈଶ୍ୱରଙ୍କ ପ୍ରତି ଧନ୍ୟବାଦ ଜ୍ଞାପନ କରିବାକୁ (ଖ) ଚୁକ୍ତି ଭୋଜରେ ନୂତନ-ଚୁକ୍ତି ଯାତ୍ରା ଭାବରେ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ପାଳନ କରିବା ପାଇଁ (ଗ) ଗଣନାବିହୀନ ଉଲ୍ଲେଖନୀୟତା ଓ ତାହାଙ୍କ ଉଦ୍ଧାରକାରୀ ମୃତ୍ୟୁର ଗୌରବମୟ ଅର୍ଥ ପ୍ରସ୍ତୁତ କରିବାକୁ ଘୋଷଣା କରିବା ପାଇଁ ଓ (ଘ) ତାହାଙ୍କ ସହିତ ଓ ତାହାଙ୍କ ଲୋକମାନଙ୍କ ସହିତ, ଯାହାକି ତାହାଙ୍କ ଶରୀର ଅଟେ, ସେମାନଙ୍କ ସହିତ ମିଳିତ ହେବା ପାଇଁ ।

*ପାଏଡ଼ୋ-କମ୍ୟୁନିୟନ୍ ଓ ଏକ ବିଭାଜନ ବାକ୍ୟ*

ଯଦିଚ ପାଏଡ଼ୋ-କମ୍ୟୁନିୟନ୍‌ର ଅଭ୍ୟାସ (ଶିଶୁ ଓ ସାନ ପିଲାମାନଙ୍କୁ ମିଳିତ କରିଥାଏ, ତାହା ବିଶ୍ୱାସର ଏକ ବିଶ୍ୱସନୀୟତାରୁ ଭିନ୍ନ ଅଟେ), ଦୀର୍ଘ ସମୟ ଧରି ଇଷ୍ଟର୍ଣ୍ଣ ଅର୍ଥଡ଼କ୍ସି ମଧ୍ୟରେ ଆବଦ୍ଧ ହୋଇ ରହିଥିଲା, ତାହା ଉଦାର ଓ ଉଚ୍ଚ-ମଣ୍ଡଳୀ ପ୍ରୋଟେଷ୍ଟାଣ୍ଟ୍ ଧାରାରେ କିଛି ସର୍ବସାଧାରଣ ଜ୍ଞାତ ହୋଇଛି (କେତେକ ରକ୍ଷଣଶୀଳ ସଂସ୍କାରିତ ଏକଚତୁର୍ଥାଂଶରେ ଅଳ୍ପ କିଛି ଗୌଣ ବ୍ୟତିକ୍ରମଗୁଡ଼ିକ), ସର୍ବାଧିକ ସୁସମାଚାରୀୟ ପ୍ରୋଟେଷ୍ଟାଣ୍ଟ୍ ପାଏଡ଼ୋବାପ୍ଟିଷ୍ଟ୍‌ଗଣ ଓ କ୍ରେଡ଼ୋବାପ୍ଟିଷ୍ଟ୍‌ଗଣ ସମ୍ମତ ହୁଅନ୍ତି ଯେ ପ୍ରଭୁଭୋଜ ମେଜ କେବଳ ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରୁଛନ୍ତି । ତେଣୁ ପ୍ରଭୁଭୋଜରେ ପ୍ରକୃତ ଅଂଶଗ୍ରହଣକାରୀ ହେଉଛନ୍ତି *ସେମାନେ ଯେଉଁମାନେ ସେମାନଙ୍କ ପରିତ୍ରାଣ ନିମନ୍ତେ କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରନ୍ତି, ଯେପରି ତାହାଙ୍କୁ ସୁସମାଚାର ଦାନ କରାଯାଇଛି ଓ ଯେଉଁମାନେ ଖ୍ରୀଷ୍ଟଙ୍କ ଶରୀରରେ, ତାହାଙ୍କ ମଣ୍ଡଳୀରେ ସଦସ୍ୟତାର ଚିହ୍ନ ଗ୍ରହଣ କରିଛନ୍ତି (ବାପ୍ତିସ୍ମ)* । ପ୍ରଭୁଭୋଜ ଭାବବାଣୀ ଦେଉଥିବା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବିଶ୍ୱାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କର ପ୍ରଭୁଙ୍କ ଶରୀର ବିଷୟରେ, ଅର୍ଥାତ୍ ମଣ୍ଡଳୀ ବିଷୟରେ ଅନ୍ତର୍ଦୃଷ୍ଟି ଅଛି (୧ମ କରି. ୧୧:୨୯) ।

ଦି ଗସ୍‌ପେଲ୍ କୋଆଲିସନ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍‌ର ଧାରା ୧୨ ବିଷୟରେ ଆମର ବ୍ୟାଖ୍ୟାନ ପ୍ରତି ସିଦ୍ଧାନ୍ତରେ ଧର୍ମକର୍ମ ବା ଅଧ୍ୟାଦେଶର ପ୍ରକୃତିରେ ବାଇବଲସମ୍ମତ ଶିକ୍ଷାର କିଛି ଉଚ୍ଚ ବିଷୟର ସାରାଂଶ କରିବା ସହାୟକ ହୋଇପାରେ । ଈଶ୍ୱରଙ୍କ ଧର୍ମକର୍ମ ବା ଚୁକ୍ତି ଚିହ୍ନଟଗୁଡ଼ିକ ବା ମୁଦ୍ରାଙ୍କଗୁଡ଼ିକ ହେଉଛି ଦୃଶ୍ୟମାନ ବାକ୍ୟ (ଅଗଷ୍ଟାଇନ୍) । ସେଗୁଡ଼ିକରେ ଆମେ ଆମ ଚକ୍ଷୁରେ ଈଶ୍ୱରଙ୍କ ପ୍ରତିଜ୍ଞା ଦେଖିଥାଉ । ଅବଶ୍ୟ, ଧର୍ମକର୍ମରେ ଆମେ ବାକ୍ୟକୁ ଦେଖୁ, ଆଘ୍ରାଣ କରୁ, ସ୍ପର୍ଶ କରୁ ଓ ସ୍ୱାଦ ଅନୁଭବ କରିଥାଉ । ସର୍ବସାଧାରଣ ପଠନରେ ଓ ଶାସ୍ତ୍ର ପ୍ରଚାରରେ ଈଶ୍ୱର ଆମ ମନକୁ ଓ ବିବେକକୁ ଶ୍ରବଣ ମାଧ୍ୟମରେ ସମ୍ବୋଧନ କରନ୍ତି । ଧର୍ମକର୍ମରେ, ସେ ଅନନ୍ୟ ଭାବରେ ଆମ ମନକୁ ଓ ବିବେକକୁ ଅନ୍ୟ ଇନ୍ଦ୍ରିୟଗୁଡ଼ିକ

ମାଧମରେ ସମ୍ବୋଧନ କରନ୍ତି । ଈଶ୍ୱରଙ୍କ ପ୍ରତିଜ୍ଞା ଇନ୍ଦ୍ରିୟଗୁଡ଼ିକ ମାଧମରେ ଓ ସେଗୁଡ଼ିକ ପ୍ରତି ନିର୍ଦ୍ଦିଷ୍ଟ ହୋଇଛି । ଏକ ଧର୍ମକର୍ମ ଏକ ଚୁକ୍ତି ଚିହ୍ନ ଓ ମୁଦ୍ରାଙ୍କ ଅଟେ, ଯାହାର ଅର୍ଥ ହେଉଛି ଏହା ଆମକୁ ଏକ ପ୍ରତିଜ୍ଞା ବିଷୟରେ ସ୍ମରଣ କରିଦିଏ ଓ ଆମକୁ ନିଶ୍ଚୟତା ଦେଇଥାଏ । ଅର୍ଥାତ୍ ଏହା ଈଶ୍ୱରଙ୍କର ଏକ ଅନୁଗ୍ରହଶୀଳ ପ୍ରତିଜ୍ଞାକୁ ତାହାଙ୍କ ଲୋକମାନଙ୍କ ପ୍ରତି ସୂଚୀତ ଓ ନିଶ୍ଚିତ କରିଦିଏ ।

ଏହାକୁ ଅନ୍ୟ ଭାବରେ କହିଲେ ହେବ ଯେ ଏକ ଧର୍ମକର୍ମ ଏକ କାର୍ଯ୍ୟ ଅଟେ ଯାହାକି ଈଶ୍ୱର ପରିକଳ୍ପନା କରିଥିଲେ, ଯେପରି ଏକ ଚୁକ୍ତିଗତ ବାସ୍ତବତାକୁ ଚିହ୍ନଟ (ପ୍ରତୀକାତ୍ମକ) ଓ ମୁଦ୍ରାଙ୍କ (ଅନୁମୋଦନ) କରିପାରିବେ ଯେପରି ଈଶ୍ୱରଙ୍କ ଶକ୍ତି ଓ ଅନୁଗ୍ରହ ସମ୍ପାଦିତ ହୋଇପାରିବ ଈଶ୍ୱରଙ୍କ ବାକ୍ୟ ଏହାର ଉଲ୍ଲେଖନୀୟତାକୁ ପ୍ରକାଶ କରିଛି ଓ ଲୋକମାନେ କେବଳ ବିଶ୍ୱାସ ଦ୍ୱାରା ଏହାର ବାସ୍ତବତାକୁ ଗ୍ରହଣ କରିଛନ୍ତି ଓ ଏହା ମଧରେ ପ୍ରବେଶ କରିଛନ୍ତି । ତେଣୁ ମନୁଷ୍ୟର ବିଶ୍ୱାସର ଦୁର୍ବଳତା ଓ କ୍ଷୀଣତା ପୁନଃନିଶ୍ଚୟତାର ଏହି ଅନୁଗ୍ରହପୂର୍ଣ୍ଣ କାର୍ଯ୍ୟକୁ ସ୍ୱାଗତ କରିଥାଏ । ସ୍ୱଭାବତଃ ଧର୍ମକର୍ମ ଈଶ୍ୱରଙ୍କ ପ୍ରତିଜ୍ଞାକୁ ତାହାଙ୍କ ବାକ୍ୟରେ ପରିପୂରଣ ଓ ନିଶ୍ଚିତ କରିଥାଏ, ପୁଣି ସେଗୁଡ଼ିକ ଯେଉଁ ଅନୁଗ୍ରହ ବ୍ୟକ୍ତ କରନ୍ତି ତାହା ସେହି ସମାନ୍ ଅନୁଗ୍ରହ ଅଟେ ଯାହାକି ପ୍ରଚାର କରିବା ଦ୍ୱାରା ବ୍ୟକ୍ତ ହୋଇଥିଲା । ଧର୍ମକର୍ମ କେବଳ ନିର୍ବାଚିତ ଲୋକମାନଙ୍କ ପାଇଁ ଫଳପ୍ରଦ ଅଟେ, କାରଣ ସେମାନଙ୍କ ଲାଭଗୁଡ଼ିକ ସେମାନଙ୍କୁ ପବିତ୍ର କରିଥାଏ ଓ ସେଗୁଡ଼ିକ ବିଶ୍ୱାସ ଦ୍ୱାରା ଗ୍ରହଣ କରାଯାଇଛି ।

୧୪

# ସମସ୍ତ ବିଷୟର ପୁନଃସ୍ଥାପନ

*ସାମ୍ ଷ୍ଟର୍ମସ୍*

''ଖ୍ରୀଷ୍ଟ ମୃତ୍ୟୁବରଣ କରିଅଛନ୍ତି, ଖ୍ରୀଷ୍ଟ ଉଠିଅଛନ୍ତି, ଖ୍ରୀଷ୍ଟ ପୁର୍ନବାର ଆସିବେ!'' ଏହି ସରଳ ଉପାସନା ପଦ୍ଧତି ଆମକୁ ପ୍ରଚୁର ଗୁରୁତ୍ୱପୂର୍ଣ୍ଣ ସତ୍ୟ ବିଷୟରେ ସ୍ମରଣ କରିଦିଏ ଯେ ସୁସମାଚାରରେ ଏହି ଧର୍ମକର୍ମ ଗଭୀର ଓ ନିଶ୍ଚିତରୂପେ ସ୍ଥାପିତ ହୋଇଛି । ଦ୍ୱିଗୁଣ ଅତୀତକାଳ ମୃତ୍ୟୁବରଣ କରିଛନ୍ତି ଓ ଉଠି ଅଛନ୍ତି ଆଧାର ଅଟେ, ଯାହା ଉପରେ ଖ୍ରୀଷ୍ଟିୟାନ୍ ଆଶା କରି ପ୍ରାଣପଣ କରିଥାଏ ଯେ ଖ୍ରୀଷ୍ଟ ପୁନର୍ବାର ଆସିବେ । ସରଳ ଭାବରେ କହିଲେ, ଈଶ୍ୱର ଅତୀତରେ ତାହାଙ୍କ ପୁତ୍ରଙ୍କ ଜୀବନଯାପନ, ମୃତ୍ୟୁବରଣ ଓ ପୁନରୁତ୍ଥାନ ମାଧମରେ ଯାହା ଲାଭ କରିଅଛନ୍ତି ତାହା ହିଁ ଶାସ୍ତ୍ର ସେ ଭବିଷ୍ୟତ୍‌ରେ କରିବେ ବୋଲି ଯାହା କହେ ତା'ର ସମ୍ପାଦନର ଭିତ୍ତିମୂଳ ଅଟେ ।

ଖ୍ରୀଷ୍ଟୀୟ ଆଶା ଅନିଶ୍ଚିତ ଆସନ୍ତାକାଲି ଆଶାପୂର୍ଣ୍ଣ ଆହରଣ କରିବା ନୁହେଁ, ମାତ୍ର ଏକ ଆତ୍ମବିଶ୍ୱାସପୂର୍ଣ୍ଣ ଆଶା ଅଟେ, ଯାହାକି ୨,୦୦୦ ବର୍ଷ ପୂର୍ବରୁ ଘଟିବାର ବାସ୍ତବତାରେ ସ୍ଥାପିତ ହୋଇଥିଲା । ଖ୍ରୀଷ୍ଟଙ୍କର ମୁକ୍ତିଦାୟୀ କାର୍ଯ୍ୟର ଅବ୍ୟର୍ଥତା ଓ ସମାପ୍ତି, ତାହାଙ୍କ ପୁନରୁତ୍ଥାନ ଓ ପ୍ରଭୁରୂପେ ଉଚ୍ଚୀକୃତ ହେବା ସହିତ ଏକତ୍ରିତ ହୋଇ ପିତାଙ୍କର ଦକ୍ଷିଣ ହସ୍ତକୁ ଯିବ, ଖ୍ରୀଷ୍ଟଙ୍କର ପ୍ରତ୍ୟାବର୍ତ୍ତନ ବିଷୟରେ ସମସ୍ତ ଖ୍ରୀଷ୍ଟିୟାନଙ୍କର ପ୍ରତ୍ୟାଶାର ବିବରଣୀ ଏବଂ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀରେ ଈଶ୍ୱରଙ୍କ ଅନନ୍ତ ଉଦ୍ଦେଶ୍ୟ ସାଧନର ସମ୍ପନ୍ନତା ଅଟେ ।

ଦି ଗସ୍‌ପେଲ୍ କୋଆଲିସନ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍‌ର ତ୍ରୟୋଦଶ ଓ ଅନ୍ତିମ ଲେଖାରେ ଖ୍ରୀଷ୍ଟିୟାନର ଆଶାର ସାରାଂଶକୁ ଭଲରୂପେ ଲିପିବଦ୍ଧ କରାଯାଇଛି । ଏହି ଉକ୍ତି ସୁସମାଚାର ପ୍ରଚାରରେ ଥିବା ଅନ୍ତିମ ସମୟର ବିଭିନ୍ନ ଦୃଶ୍ୟକୁ ସମ୍ବୋଧିତ କରେ ନାହିଁ, ମାତ୍ର ଆମ ଆଶାର ସେହି ଦରକାରୀ ଉପାଦାନଗୁଡ଼ିକୁ ଚିହ୍ନଟ କରିବାକୁ ପରିକଳ୍ପନା କରାଯାଇଛି ଯାହାକି ଅନୁପ୍ରାଣିତ ପାଠର କ୍ଷମତାକୁ ସୁଦୃଢ଼ କରୁଥିବା ସମସ୍ତ ବିଷୟ ଦ୍ୱାରା ଆହରଣ କରାଯାଇଛି । ସେଥିପାଇଁ ଏହା ଏକ ପ୍ରଶସ୍ତ ସୁସମାଚାର ପ୍ରଚାର କରିବାର ଉକ୍ତି ଅଟେ ଯାହାକି ସାମ୍ପ୍ରଦାୟିକ ଓ ଜାତିଗତ ପ୍ରଭେଦକୁ ଏଡ଼ାଇ ଦେଇଥାଏ, ଯାହାକି ଅନେକ ସମୟରେ ଈଶ୍ୱରଙ୍କ ଅନ୍ତିମ-ସମୟ ଉଦ୍ଦେଶ୍ୟଗୁଡ଼ିକୁ ପ୍ରତିହତ କରିଦେଇଛି । ଏହା ନିମ୍ନମତେ ପଢ଼ାଯାଇଥାଏ :

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

> ଆମେ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତାହାଙ୍କର ଦୂତମାନଙ୍କ ସହିତ ବ୍ୟକ୍ତିଗତରୂପେ, ଗୌରବମୟ ଭାବରେ ଓ ଶାରୀରିକ ଭାବରେ ପ୍ରତ୍ୟାବର୍ତ୍ତନକୁ ବିଶ୍ୱାସ କରିଥାଉ, ସେହି ସମୟରେ ସେ ଆପଣାର ଭୂମିକାକୁ ଅନ୍ତିମ ବିଚାରକର୍ତ୍ତା ଭାବରେ ବ୍ୟବହାର କରିବେ ଓ ତାହାଙ୍କ ରାଜ୍ୟ ସ୍ଥିରୀକୃତ ହେବ । ଆମେ ବିଶ୍ୱାସ କରୁ ଯେ ଉଭୟ ଧାର୍ମିକ ଓ ଅଧାର୍ମିକମାନେ ଶାରୀରିକ ଭାବରେ ପୁନରୁତ୍ଥିତ ହେବେ – ଅଧାର୍ମିକମାନଙ୍କୁ ବିଚାର କରାଯିବ ଓ ସେମାନେ ନର୍କରେ ଅନନ୍ତକାଳ ପର୍ଯ୍ୟନ୍ତ ସଚେତନ ସ୍ଥିତିରେ ଦଣ୍ଡଭୋଗ କରିବେ, ଯେପରି ସ୍ୱୟଂ ଆମର ପ୍ରଭୁ ଶିକ୍ଷା ଦେଇଥିଲେ, ପୁଣି ଧାର୍ମିକଗଣ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀରେ, ଅର୍ଥାତ୍ ଧାର୍ମିକମାନଙ୍କ ଗୃହରେ ମେଷଶାବକଙ୍କ ସିଂହାସନରେ ବସିଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଅନନ୍ତ ଆଶୀର୍ବାଦ ଲାଭ କରିବେ । ସେହିଦିନ ଖ୍ରୀଷ୍ଟଙ୍କ ଆଜ୍ଞାବହତା, ଦୁଃଖଭୋଗ ଓ ବିଜୟ ଦ୍ୱାରା ମଣ୍ଡଳୀ ଈଶ୍ୱରଙ୍କ ସମ୍ମୁଖରେ ନିର୍ଦ୍ଦୋଷ ବୋଲି ଉପସ୍ଥାପନ କରାଯିବ, ସମସ୍ତ ପାପକୁ ଶୁଦ୍ଧ କରାଯାଇଛି ଓ ଏହାର ଦୁଷ୍ଟ ଫଳାଫଳ ଚିରକାଳ ପାଇଁ ଦୂରୀଭୂତ ହୋଇଛି । ଈଶ୍ୱର ହିଁ ସର୍ବେସର୍ବା ହେବେ ପୁଣି ତାହାଙ୍କର ଲୋକମାନେ ତାହାଙ୍କର ଅକାଟ୍ୟ ପବିତ୍ରତାର ନିକଟତର ହେବା ଦ୍ୱାରା ଅତିଶୟ ଆନନ୍ଦିତ ହେବେ, ପୁଣି ପ୍ରତ୍ୟେକ ବିଷୟ ତାହାଙ୍କର ଗୌରବମୟ ଅନୁଗ୍ରହର ପ୍ରଶଂସା କରିବ ।

## ପ୍ରାରମ୍ଭିକ ଆଗମନ ଓ ଈଶ୍ୱରଙ୍କ ରାଜ୍ୟର ଚରମ ସମ୍ପନ୍ନତା

ଖ୍ରୀଷ୍ଟିୟାନ୍‌ର ଆଶୀର୍ବାଦପୂର୍ଣ୍ଣ ଆଶା ଓ ସେଥିପାଇଁ ବାଇବଲସମ୍ମତ ଆଶାର ପ୍ରସଙ୍ଗକୁ ନିୟନ୍ତ୍ରଣ କରୁଛି, ତାହା ହେଉଛି ଆମ୍ଭମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁଙ୍କ ଗୌରବର ପ୍ରକାଶ ଅପେକ୍ଷାରେ ରହୁ (ତିତସ ୨:୧୩),[୮] ଯେଉଁ ସମୟରେ ସେ ଈଶ୍ୱରଙ୍କ ରାଜ୍ୟକୁ ସମ୍ପନ୍ନ କରିବେ । ଏହି ସମ୍ପନ୍ନତା କେଉଁ ବିଷୟ ଆବଶ୍ୟକ କରିଥାଏ ତାହା ବୁଝିବା ପାଇଁ ଆମକୁ ନିଶ୍ଚିତରୂପେ ପ୍ରଥମେ ଖ୍ରୀଷ୍ଟଙ୍କର ପ୍ରଥମ ଆଗମନରେ ଈଶ୍ୱରଙ୍କ ସାର୍ବଭୌମ ଶାସନର ପ୍ରାରମ୍ଭିକତାକୁ ଜାଣିବାକୁ ପଡ଼ିବ । ଉପରେ ଯେପରି ଉଲ୍ଲେଖ କରାଯାଇଛି, ସେହିପରି ଆମ୍ଭେମାନେ ଏଠାରେ ପୁନର୍ବାର ଦେଖୁ ଯେ ଭବିଷ୍ୟତ୍‌ର ଚାବିକାଠି ଅତୀତରେ ରହିଛି ।

ଖ୍ରୀଷ୍ଟଙ୍କର ପ୍ରଥମ-ଶତାବ୍ଦୀରେ ଈଶ୍ୱରଙ୍କ ରାଜ୍ୟର ଘୋଷଣାକୁ ଅବଶ୍ୟ ଏହି ସମ୍ପର୍କରେ ଦେଖିବାକୁ ପଡ଼ିବ, ତାହାଙ୍କ ସମୟର ଯିହୁଦୀ ଲୋକମାନଙ୍କର ଆଶାର ବିପରୀତରେ । ପ୍ରଥମ ଶତାବ୍ଦୀର ଇସ୍ରାୟେଲୀୟମାନଙ୍କର ଆଶାନ୍ୱିତ ମନୋବୃତ୍ତି ଓ ଆଶା ସେହି ଦେଶରେ କର୍ତ୍ତୃତ୍ୱ କରିବା ପାଇଁ ଥିଲା ଯାହାକି ଈଶ୍ୱର ଅବ୍ରହାମ୍ ଓ ତାହାଙ୍କ ବଂଶକୁ, ଏକତ୍ର ମିଶି ଏକ ଚିରସ୍ଥାୟୀ ସିଂହାସନରେ, ଆନ୍ତର୍ଜାତୀୟ ଶ୍ରେଷ୍ଠତା, ଓ ସର୍ବୋପରି ଅନ୍ୟ ସମସ୍ତଙ୍କ ଉପରେ ଶକ୍ତିରେ ଓ ଗୌରବରେ ଈଶ୍ୱରଙ୍କ ଲୋକମାନଙ୍କ ଉପରେ ଶାସନ କରିବା ପାଇଁ ସ୍ୱୟଂ ରାଜାଙ୍କର ଉପସ୍ଥିତି ଆସିବ ବୋଲି ପ୍ରତିଜ୍ଞା କରିଥିଲେ । ଯୀଶୁଙ୍କ ସମୟରେ ଯିହୁଦୀ ଲୋକମାନଙ୍କ ଅନ୍ତରରେ ଯେଉଁ ପ୍ରଶ୍ନ ପ୍ରତିଧ୍ୱନି ହେଉଥିଲା, ତାହା ଥିଲା : ଆମକୁ ଆମର

ତାଡ଼ନାକାରୀମାନଙ୍କଠାରୁ ମୁକ୍ତ କରିବା ପାଇଁ ଓ ଆମର ପୂର୍ବପୁରୁଷଙ୍କୁ ଦେଇଥିବା ଚୁକ୍ତି ପ୍ରତିଜ୍ଞାଗୁଡ଼ିକ ପୂରଣ କରିବା ପାଇଁ ଯିହୋବା ମସୀହଙ୍କୁ କେବେ ପଠାଇବେ ? ଈଶ୍ୱରଙ୍କ ରାଜ୍ୟ ସମ୍ପନ୍ନ ହେବା ପାଇଁ ଈଶ୍ୱର ଯେଉଁ ପ୍ରତିଜ୍ଞା କରିଥିଲେ ତାହା କେବେ ପୂରଣ ହେବ ?

କେହି ଜଣେ ବି ଏହି ଘଟଣାକୁ ବିବାଦୀୟ କରନ୍ତି ନାହିଁ ଯାହାକି ଆଲୋକପାତ କରିଥାଏ ଯେ ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟ *ଈଶ୍ୱରଙ୍କ ରାଜ୍ୟର ଆଗମନ*ର ଘୋଷଣା ଥିଲା : କାଳ ସମ୍ପୂର୍ଣ୍ଣ ହେଲାଣି, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର (ମାର୍କ ୧:୧୫ ଆହୁରିମଧ୍ୟ ଦେଖନ୍ତୁ ମାଥିଉ ୩:୨ ; ୪:୧୭; ଲୂକ ୪:୪୩; ୧୦:୯) । ରାଜ୍ୟର ବିଷୟବସ୍ତୁ ଯାହାକି ପୁରାତନ ନିୟମର ଯିହୁଦୀମାନଙ୍କ ମନରେ ବହୁଳ ଭାବରେ ଲାଗି ରହିଥିଲା ତାହା ଈଶ୍ୱରଙ୍କ ଦୃଶ୍ୟ ଶତ୍ରୁମାନଙ୍କ ଉପରେ ଦୃଶ୍ୟମାନ ବିଜୟ ଥିଲା, ତାହାଙ୍କ ଲୋକାମାନଙ୍କର, ଅର୍ଥାତ୍ ଇସ୍ରାୟେଲୀୟମାନଙ୍କୁ ଦେଶରେ ସର୍ବଶ୍ରେଷ୍ଠ ସ୍ଥାନ ଦେବା ପାଇଁ ପ୍ରତିପାଦନ କରିବା ଓ ପୁନସଂସ୍ଥାପନ କରିବା ଓ ଦାଉଦଙ୍କ ସିଂହାସନର ପ୍ରତିଜ୍ଞାଗୁଡ଼ିକର ସମ୍ପନ୍ନତା ଥିଲା, ପୁଣି ଶକ୍ତି ଓ ଗୌରବରେ ପୃଥିବୀ ଉପରେ ଶାସନ କରିବା ଥିଲା ।

ଏନ୍.ଟି. ରାଇଟ୍ ଟିପ୍ପଣୀ ଦିଅନ୍ତି, ଗ୍ରାମୀଣ ଯିହୁଦୀମାନଙ୍କ ପାଇଁ ଈଶ୍ୱରଙ୍କ ରାଜ୍ୟ, ପ୍ରଥମ ଶତାବ୍ଦୀର ପ୍ରଥମ ଅର୍ଦ୍ଧେକର ଅର୍ଥ ହେଉଛି ଇସ୍ରାୟେଲର ପ୍ରତିପାଦନ, ପ୍ରତିମାପୂଜକମାନଙ୍କ ଉପରେ ବିଜୟ, ଶାନ୍ତିର ଘଟଣାକ୍ରମ ଉପହାର, ନ୍ୟାୟପରାୟଣତା ଓ ଐଶ୍ୱର୍ଯ୍ୟଶାଳୀ । ଏହା ମୋଟେ ଆଶ୍ଚର୍ଯ୍ୟକର ନୁହେଁ ଯେ, ଯେତେବେଳେ ଜଣେ ଭାବବାଦୀ ଘୋଷଣା କରିବାର ଦେଖାଯାଇଥିଲା ଯେ ଏହି ରାଜ୍ୟ ଉଦୟ ହେଉଥିଲା, ଓ ଯେ ଇସ୍ରାୟେଲର ଈଶ୍ୱର ଶେଷରେ ରାଜା ହେଉଥିଲେ, ସେତେବେଳେ ସେ ଜଣେ ଆଗ୍ରହୀ ଶ୍ରୋତାଙ୍କୁ ଦେଖିଥିଲେ ।[୨] ଜଟିଳ ବିଷୟ ଥିଲା : ଆପଣାର ଲୋକମାନଙ୍କ ସହିତ ବାସ କରିବା ପାଇଁ, ସେମାନଙ୍କୁ କ୍ଷମା କରି ପୁନଃସଂସ୍ଥାପିତ କରିବା ପାଇଁ ଯିହୋବା କେତେବେଳେ ସିୟୋନକୁ ଫେରିବେ ? ରାଇଟ୍ ଟିପ୍ପଣୀ ଦିଅନ୍ତି, ଯିହୁଦୀମାନଙ୍କ ଆଶା,

> ଥିଲା ସୁଦୃଢ଼, ନିର୍ଦ୍ଦିଷ୍ଟ, ସମ୍ପୂର୍ଣ୍ଣ ଭାବରେ ଲୋକମାନଙ୍କ ଉପରେ କେନ୍ଦ୍ରୀଭୂତ ଥିଲା । ପିଲାତ ଯଦି ସେତେବେଳେ ବି ଯିହୁଦା ଉପରେ ଶାସନ କରୁଥିଲେ, ତେବେ ସେହି ରାଜ୍ୟ ଆସି ନ ଥିଲା। ମନ୍ଦିର ଯଦି ପୁନର୍ବାର ଗଢ଼ାଯାଉ ନ ଥା'ନ୍ତା, ତେବେ ରାଜ୍ୟ ଆସି ନ ଥା'ନ୍ତା । ମସୀହ ଯଦି ଆସି ନ ଥା'ନ୍ତେ, ତେବେ ରାଜ୍ୟ ଆସି ନ ଥା'ନ୍ତା । ଇସ୍ରାୟେଲ ଯଦି ତୋରାକୁ ଯଥାର୍ଥରୂପେ ପାଳନ କରି ନ ଥା'ନ୍ତେ (ମାତ୍ର ଜଣେ ଏହାକୁ ଅର୍ଥ କରିପାରିବେ), ତେବେ ରାଜ୍ୟ ଆସି ନ ଥା'ନ୍ତା । ପ୍ରତିମାପୂଜକଗଣ ଯଦି ପରାସ୍ତ ହୋଇ ନ ଥା'ନ୍ତେ ଓ/କିମ୍ବା ନିର୍ଦ୍ଦେଶନା ପାଇବା ପାଇଁ ସିୟୋନକୁ ଆସି ନ ଥା'ନ୍ତେ, ତେବେ ରାଜ୍ୟ ଆସି ନ ଥା'ନ୍ତା । ଏହିସବୁ ବୋଧଗମ୍ୟ, ଏହି ଉଲ୍ଲେଖନୀୟ ଜାଗତିକ ବିଷୟଗୁଡ଼ିକ ସବୁଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ ।[୩]

କାରଣ ଯୀଶୁଙ୍କ ସମୟର ଧର୍ମ ନେତାଗଣଙ୍କ ପାଇଁ ତଥା ସାଧାରଣ ଜନତାଙ୍କ ପାଇଁ ଈଶ୍ୱରଙ୍କ ଆଗାମୀ ରାଜ୍ୟ ଜାତୀୟ ମୁକ୍ତିର ଏକ ବିଷୟ ଓ ପ୍ରତିମାପୂଜକ ତାଡ଼ନାକାରୀମାନଙ୍କର

ସାମରିକ ପରାଜୟ ହେବ । ମାନସିକତା ହୁଏତ ଯୀଶୁଙ୍କ ବିଷୟରେ ଯୋହନ ଡୁବକଙ୍କ ବିଭ୍ରାନ୍ତି ପ୍ରତି ଅବଦାନ ଦେଇପାରିବ :

> ଏଥିମଧ୍ୟରେ ଯୋହନ ଖ୍ରୀଷ୍ଟଙ୍କ କର୍ମର ବିବରଣ କାରାଗାରରେ ଶୁଣି ଆପଣା ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କୁ ପଚାରି ପଠାଇଲେ, ଯାହାଙ୍କର ଆଗମନ ହେବ, ସେହି ବ୍ୟକ୍ତି କି ଆପଣ, ଅବା ଆମ୍ଭେମାନେ ଅନ୍ୟ ଜଣଙ୍କ ଅପେକ୍ଷାରେ ରହିବୁ ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଯାଇ, ଯାହା ଯାହା ଶୁଣୁଅଛ ଓ ଦେଖୁଅଛ, ସେହିସବୁ ଯୋହନଙ୍କୁ ଜଣାଅ ଅନ୍ଧମାନେ ଦୃଷ୍ଟି ପାଆନ୍ତି, ଖଞ୍ଜମାନେ ଗମନ କରନ୍ତି, ମୃତମାନେ ଉତ୍ଥାପିତ ହୁଅନ୍ତି, ପୁଣି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହୁଏ ଆଉ ଯେ କେହି ମୋଠାରେ ବିଘ୍ନର କାରଣ ନ ପାଏ, ସେ ଧନ୍ୟ । (ମାଥିଉ ୧୧:୨-୬)

ଯୋହନଙ୍କ ଶିଷ୍ୟମାନଙ୍କ ପ୍ରତି ତାହାଙ୍କ ପ୍ରତ୍ୟୁତ୍ତରରେ ଯୀଶୁ ଦାବି କରୁଥିଲେ ଯେ ପୁରାତନ ନିୟମର ଆଶାର ସମ୍ପନ୍ନତା ଏହାର ଯୋଗଦାନକାରୀ ଆଶୀର୍ବାଦ ସହିତ ପ୍ରକୃତରେ ତାହାଙ୍କର ବ୍ୟକ୍ତିତ୍ୱ ଓ ସେବାକାର୍ଯ୍ୟରେ ଥିଲା । ମାତ୍ର ସେହି ସମ୍ପନ୍ନତା, ଆଶା ସହିତ ହୋଇ ନ ଥିଲା ତେଣୁ ଯୋହନ ହତବୁଦ୍ଧି ହୋଇଯାଇଥିଲେ ।

ଅନପେକ୍ଷିତ ଉପାଦାନ ସେହି ସମ୍ପନ୍ନତା ଥିଲା ଯାହାକି ଯୀଶୁଙ୍କଠାରେ କରାଯାଉଥିଲା, *ମାତ୍ର ସେଥିରେ ସମ୍ପନ୍ନତା ନ ଥିଲା* । ଈଶ୍ୱରଙ୍କ ଆଗାମୀ ମସୀହ ରାଜ୍ୟର ପୁରାତନ ନିୟମର ଭାବବାଦୀୟ ଆଶା ଯାହାକି ଇସ୍ରାୟେଲ ପ୍ରତି ପ୍ରତିଜ୍ଞାତ ହୋଇଥିଲା ତାହା ଯୀଶୁଙ୍କ ବ୍ୟକ୍ତିତ୍ୱ ଓ ସେବାକାର୍ଯ୍ୟରେ ସମ୍ପନ୍ନ ହୋଇଛି, ମାତ୍ର ସମ୍ପୂର୍ଣ୍ଣ ହୋଇ ନାହିଁ । ଆମ ପ୍ରଭୁଙ୍କ ଦିବସର ଯିହୁଦୀମାନେ ସେମାନେ ସେମାନଙ୍କ ଅନୁପ୍ରେରଣାଦାୟକ ଲେଖାରେ ଯାହା ପଢ଼ନ୍ତି ସେଥିରେ ତାହା ରଖିବା ଦ୍ୱାରା ରାଜ୍ୟର ସମ୍ପୂର୍ଣ୍ଣତାକୁ, ଇସ୍ରାୟେଲର ରାଜନୈତିକ ଶତ୍ରୁମାନଙ୍କର ସମ୍ପୂର୍ଣ୍ଣ ଓ ଅନ୍ତିମ ପରାଜୟ ଓ ଦେଶରେ ଆଶୀର୍ବାଦଜନକ ଆଶା ଓ ଐଶ୍ୱର୍ଯ୍ୟ ଆଶା କରିଥିଲେ ।

ମାତ୍ର ଆମର ପ୍ରଭୁ ଏହି ବାର୍ତ୍ତା ନେଇ ଆସିଥିଲେ ଯେ ରାଜ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଏହା ଏହାର ନିଜର ବ୍ୟକ୍ତିତ୍ୱ ପ୍ରତି ଆସିଛି ପୁଣି ଆତ୍ମା ଓ ଶକ୍ତିରେ କାର୍ଯ୍ୟ କରିଛି । ଅତଏବ ରାଜ୍ୟ ହେଉଛି ଈଶ୍ୱରଙ୍କର ଉଭୟ ସାମ୍ପ୍ରତିକ ଆତ୍ମିକ ରାଜତ୍ୱ ଓ ଭବିଷ୍ୟତ୍‌ର ରାଜତ୍ୱ ଯାହା ଉପରେ ସେ ଶକ୍ତି ଓ ଗୌରବରେ ଶାସନ କରିବେ । ତେଣୁ ଜର୍ଜ ଲାଡ୍ ଯଥାର୍ଥରୂପେ ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି :

*ଯୁଗ ଶେଷରେ ଈଶ୍ୱରଙ୍କ ରାଜ୍ୟର ସମ୍ପନ୍ନତା ଦେଖାଯିବା ପୂର୍ବରୁ, ଈଶ୍ୱରଙ୍କ ରାଜ୍ୟ ଯୀଶୁଙ୍କ ବ୍ୟକ୍ତିତ୍ୱ ଓ ମିଶନ୍ ମଧ୍ୟରେ ଲୋକମାନଙ୍କ ଗହଣରେ ଈଶ୍ୱରଙ୍କ ରାଜ୍ୟ ସକ୍ରିୟ ହୋଇଛି* । ଏହି ଯୁଗରେ ଈଶ୍ୱରଙ୍କ ରାଜ୍ୟ ଈଶ୍ୱରଙ୍କ ସର୍ବସାଧାରଣ ଶାସନର କେବଳ ବସ୍ତୁନିରପେକ୍ଷ ବିଷୟ ନୁହେଁ ଯାହା ପ୍ରତି ପୁରୁଷମାନଙ୍କୁ ସମର୍ପିତ ହେବାକୁ ପଡ଼ିବ ଏହା ବରଂ ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରିବାର ଏକ ଗତିଶୀଳ ଶକ୍ତି ଅଟେ ..... । ମାତ୍ର ମନ୍ଦତା ଓ ଶୟତାନର ବିନାଶ ଉପରେ ଈଶ୍ୱରଙ୍କ ରାଜ୍ୟର ପ୍ରଳୟଙ୍କରୀ ଆଗମନ ପୂର୍ବରୁ

ଈଶ୍ୱରଙ୍କ ରାଜ୍ୟ ଶୟତାନର ରାଜ୍ୟକୁ ଆକ୍ରମଣ କରିଛି ଯେପରି ତା' ସହିତ ଏକ ପ୍ରାଥମିକ ମାତ୍ର ନିଶ୍ଚିତ ପରାଜୟ ସ୍ତରରେ ମୁକାବିଲା କରାଯାଇପାରିବ ।[୫] ସେହିପରି, ଯୀଶୁଙ୍କର ନିଶ୍ଚିତ ବାକ୍ୟଗୁଡ଼ିକ ଈଶ୍ୱରଙ୍କ ରାଜ୍ୟର ଉପସ୍ଥିତିର ବାସ୍ତବ ରୂପ ଦେଇଥିଲା ଓ ପ୍ରକାଶ କରିଥିଲା : ଯୀଶୁ ଯେଉଁ ବାକ୍ୟ ଘୋଷଣା କରିଥିଲେ ତାହା ନିଜେ ସଫଳ ହୋଇଥିଲା, ଯାହାକି ଏହା ଘୋଷଣା କରିଥିଲା : ବନ୍ଦୀମାନଙ୍କ ମୁକ୍ତି, ଅନ୍ଧତ୍ୱରୁ ସୁସ୍ଥତା, ତାଡ଼ନାପ୍ରାପ୍ତ ଲୋକମାନଙ୍କୁ ମୁକ୍ତି ଦେବା ..... । ଏହି ବାର୍ତ୍ତା ନୂତନ ଯୁଗ ସୃଷ୍ଟି କରିଥାଏ ....., ଏହା ମସୀହଙ୍କ ସମ୍ପନ୍ନତାର ସମ୍ଭାବ୍ୟ ଚିହ୍ନଗୁଡ଼ିକ ପ୍ରଦାନ କରିଥାଏ । ବାକ୍ୟ ଈଶ୍ୱରଙ୍କ ରାଜ୍ୟ ଆଣିଥାଏ । ସୁସମାଚାର ନିଜେ ମସୀହଙ୍କ ଚିହ୍ନଗୁଡ଼ିକ ମଧ୍ୟରେ ସର୍ବଶ୍ରେଷ୍ଠ ଅଟେ ।[୬]

ଅତଏବ ଈଶ୍ୱରଙ୍କ ରାଜ୍ୟ ହେଉଛି ଈଶ୍ୱରଙ୍କ ମୁକ୍ତିଦାୟୀ ଶାସନ, କିମ୍ବା ତାହାଙ୍କ ସାର୍ବଭୌମ ପ୍ରଭୁତ୍ୱ, ଯାହାକି ମନୁଷ୍ୟମାନଙ୍କ ଗହଣରେ ତାହାଙ୍କ ଶାସନ ପ୍ରତିଷ୍ଠା କରିବା ପାଇଁ ଗତିଶୀଳ ଭାବରେ ସକ୍ରିୟ ଅଛି । ଏହି ରାଜ୍ୟର ପ୍ରଦର୍ଶନରେ ଏହାର ଦୁଇଟି ସ୍ଥିରୀକୃତ ଓ ନାଟକୀୟ ମୁହୂର୍ତ୍ତ ଅଛି : ପ୍ରଥମେ, ପୁତ୍ରଙ୍କର ପ୍ରଥମ ଆବିର୍ଭାବର ଇତିହାସ ମଧ୍ୟରେ ଏହା ପରିପୂରଣ ହୋଇଛି, ଯେତେବେଳେ ଶୟତାନ ପରାସ୍ତ ହୋଇଥିଲା ପୁଣି ପୁରୁଷ ଓ ମହିଳାମାନେ ଈଶ୍ୱରଙ୍କ ରାଜତ୍ୱର ଆଶୀର୍ବାଦର ଅନୁଭୂତି ଲାଭ କରିଥିଲେ ପୁଣି ଦ୍ୱିତୀୟରେ, ପୁତ୍ରଙ୍କର ଦ୍ୱିତୀୟ ଆବିର୍ଭାବରେ ଏହା ଯେତେବେଳେ ଇତିହାସର ସମାପ୍ତିରେ ସମ୍ପୂର୍ଣ୍ଣ ହେବ, ଯେତେବେଳେ ସେ ଶେଷରେ ଓ ଚିରକାଳ ପାଇଁ ଆପଣା ଶତ୍ରୁମାନଙ୍କୁ ଧ୍ୱଂସ କରିବେ, ଆପଣା ଲୋକମାନଙ୍କୁ ଓ ସମସ୍ତ ସୃଷ୍ଟିକୁ ମନ୍ଦତାରୁ ମୁକ୍ତ କରିବେ, ପୁଣି ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀରେ ଆପଣାର ଅନନ୍ତ ଶାସନ ପ୍ରତିଷ୍ଠା କରିବେ ।

ରାଜ୍ୟର ଏହି ଅନପେକ୍ଷିତ ପ୍ରକାଶନ ଏହାର ସାମ୍ପ୍ରତିକ ଗଠନରେ ଈଶ୍ୱରଙ୍କ ମୁକ୍ତିଦାୟୀ ରାଜତ୍ୱ ଭାବରେ ସଠିକ୍ ଭାବରେ ରାଜ୍ୟର *ରହସ୍ୟ* ଗଠନ ଅଟେ ଯେପରି ମାଥିଉ ୧୩ ଅଧ୍ୟାୟରେ ଥିବା ନୀତିଗଳ୍ପରେ ଦର୍ଶାଯାଇଛି । ଯେ ଅବଶ୍ୟ ଈଶ୍ୱର ଆପଣା ରାଜ୍ୟରେ ଯାହା ଆଣିବା ପାଇଁ ପ୍ରସ୍ତାବ ଦେଇଥିଲେ, ତାହା ଗୁପ୍ତ ବା ରହସ୍ୟ ନୁହେଁ । ଯେ ଯେଉଁ ରାଜ୍ୟ ଶକ୍ତି ଓ ଗୌରବର ସହିତ ଆସିଥିଲା ତାହା ଗୁପ୍ତ ନ ଥିଲା । ଈଶ୍ୱରଙ୍କ ଉଦ୍ଦେଶ୍ୟ ବିଷୟକ ରହସ୍ୟ ଏକ ନୂତନ ସ୍ୱାଭାବିକତା ଅଟେ ଯେପରି ସେହି ରାଜ୍ୟ ପ୍ରତିଷ୍ଠିତ ହୋଇପାରିବ ଅଧିକ ନିର୍ଦ୍ଦିଷ୍ଟରୂପେ କହିଲେ ହେବ, ସେହି ରାଜ୍ୟ ଯାହାକି ଭବିଷ୍ୟତ୍‌ରେ ଶକ୍ତି ଓ ଗୌରବରେ ଆସିବ ତାହା ସତ୍ୟ ଘଟଣା ଅଟେ, *ଏହା ଆଗୁଆ ଜଗତ ମଧ୍ୟରେ ଗୁପ୍ତ ଗଠନରେ ପ୍ରବେଶ କରିସାରିଛି,* ଯେପରି ଲୋକମାନଙ୍କ ଗହଣରେ ଗୁପ୍ତ ଭାବରେ କାର୍ଯ୍ୟ କରିପାରିବ (ଦେଖନ୍ତୁ ମାର୍କ ୪:୨୬-୩୨ ପଦ) । ପୁନର୍ବାର ଏଠାରେ ଲାଡ୍‌ଙ୍କର ବର୍ଣ୍ଣନା ଦିଆଯାଇଛି :

> ଆମ୍ଭେମାନେ ହୁଏତ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ 'ରାଜ୍ୟର ରହସ୍ୟ' ହେଉଛି ଈଶ୍ୱରଙ୍କ ରାଜ୍ୟ ବିଷୟରେ ଯୀଶୁଙ୍କ ଶିକ୍ଷାରେ ଅନନ୍ୟ ଉପାଦାନକୁ ବୁଝିବାର ମୂଳ ଅଟେ । ସେ ଘୋଷଣା କରିଥିଲେ ଯେ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ପ୍ରକୃତରେ, ସେ ନିଶ୍ଚୟତା ଦେଇଥିଲେ ଯେ ଏହା ପ୍ରକୃତରେ ଲୋକମାନଙ୍କ ଉପରକୁ ଆସିଥିଲା

(ମାଥିଉ ୧୨:୨୮) । ଏହା ବାକ୍ୟରେ ଓ ମସୀହଙ୍କ କାର୍ଯ୍ୟରେ ଉପସ୍ଥିତ ଥିଲା । ଏହା ତାହାଙ୍କ ବ୍ୟକ୍ତିତ୍ୱରେ ଉପସ୍ଥିତ ଥିଲା ଏହା ମସୀହଙ୍କ ପରିତ୍ରାଣରେ ଉପସ୍ଥିତ ଥିଲା । ଏହା ପୁରାତନ ନିୟମର ଆଶାଗୁଡ଼ିକର ସମ୍ପନ୍ନତାରେ ପ୍ରତିଷ୍ଠିତ ହୋଇଥିଲା । ତଥାପି ଈଶ୍ୱରଙ୍କ ରାଜ୍ୟର ଆଗମନ ଓ ଉପସ୍ଥିତି ଆତ୍ମ-ବର୍ଣ୍ଣନାତ୍ମକ ନ ଥିଲା ଓ ସମ୍ପୂର୍ଣ୍ଣରୂପେ ଆତ୍ମ-ପ୍ରମାଣିତ ଥିଲା । ଏ ବିଷୟରେ କିଛି ବିଷୟ ଥିଲା ଯାହାକି କେବଳ ପ୍ରକାଶନ ଦ୍ୱାରା ହିଁ ବୁଝାଯାଇ ପାରୁଥିଲା । ଏହାର ଅର୍ଥ ହେଉଛି ଯେ ରାଜ୍ୟର ଉପସ୍ଥିତି ଯେତେବେଳେ ପୁରାତନ ନିୟମର ଆଶାକୁ ସଫଳ କରିବା ଥିଲା, ସେତେବେଳେ ଏହା ଅନ୍ୟ ଭାଷାରେ ଏକ ସମ୍ପନ୍ନତା ଥିଲା ଯେଉଁଗୁଡ଼ିକଠାରୁ ଯାହାକି ଭାବବାଦୀମାନଙ୍କଠାରୁ ଆଶା କରାଯାଇପାରିବ । ଯୁଗ ଶେଷ ହେବା ପୂର୍ବରୁ ଓ ଗୌରବମୟ ଶକ୍ତିରେ ଈଶ୍ୱରଙ୍କ ରାଜ୍ୟ ଆସିବା ପୂର୍ବରୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା ଯେ ସେହି ସମ୍ପୂର୍ଣ୍ଣ ରାଜ୍ୟର ଶକ୍ତି ଶୟତାନର ରାଜ୍ୟର ପରାଜୟ ପାଇଁ ଓ ଲୋକମାନଙ୍କ ଗହଣରେ ଈଶ୍ୱରଙ୍କ ମୁକ୍ତିଦାୟୀ ଗତିଶୀଳ ଶକ୍ତିରେ କାର୍ଯ୍ୟ କରିବା ପାଇଁ ମାନବ ଇତିହାସ ମଧ୍ୟରେ ପ୍ରବେଶ କରିବା ଉଚିତ୍ । ଈଶ୍ୱରଙ୍କ ରାଜ୍ୟର ଏହି ନୂତନ ପ୍ରଦର୍ଶନ ମାନବ ଇତିହାସର ସ୍ତରରେ କାର୍ଯ୍ୟ କରୁଥିଲା ଓ ଜଣେ ବ୍ୟକ୍ତିଙ୍କୁ କେନ୍ଦ୍ର କରିଥିଲା - ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ ।[୭]

ଅତଏବ ଈଶ୍ୱରଙ୍କ ରାଜ୍ୟର ଏକ ଦ୍ୱୈତ ପ୍ରଦର୍ଶନ ଅଛି ଯାହାକି ସ୍ୱୟଂ ଖ୍ରୀଷ୍ଟଙ୍କର ଦୁଇଟି ଆଗମନରେ ଅନୁରୂପୀ ହେଉଛି । ସେ ପ୍ରଥମେ ଅନ୍ଧକାରରେ ଓ ନମ୍ରତାରେ ଦେଖାଦେଇଥିଲେ, ଯେପରି ଈଶ୍ୱରଙ୍କ ଧାର୍ମିକତା ଓ ତାହାଙ୍କ ଲୋକମାନଙ୍କର ପରିତ୍ରାଣର ପ୍ରତିପାଦନ ପାଇଁ ଦୁଃଖଭୋଗ କରି ମୃତ୍ୟୁଭୋଗ କରିବେ (ରୋମୀ. ୩:୨୩-୨୬) । ଏହା ମାଧମରେ ପାଉଲ କହିଥିଲେ, ଈଶ୍ୱର ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ (କଲସୀୟ ୧:୧୩-୧୪) । ତଥାପିମଧ ସେ ଦୃଶ୍ୟମାନ ଶକ୍ତିରେ ଓ ମହାନତାରେ ଦ୍ୱିତୀୟ ଥର ଦେଖାଦେବେ ଯେପରି ପୃଥିବୀକୁ ପାପର ଅଭିଶାପରୁ ମୁକ୍ତ କରିବେ, ଆପଣା ଲୋକମାନଙ୍କୁ ଗୌରବାନ୍ୱିତ କରିବେ, ଏବଂ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀର ସମ୍ପୂର୍ଣ୍ଣ ଚମତ୍କାରିତାରେ ଚିରକାଳ ଆପଣାର ସାର୍ବଭୌମ ଶାସନ ପ୍ରତିଷ୍ଠା କରିବେ ।

ତେଣୁ ଆମକୁ ଉଭୟ ଧାର୍ମିକତା ବା ପରିତ୍ରାଣର ସାମ୍ପ୍ରତିକ ରାଜତ୍ୱ ଯେତେବେଳେ ମନୁଷ୍ୟମାନେ ରାଜ୍ୟକୁ ଗ୍ରହଣ ଓ ଉପେକ୍ଷା କରନ୍ତି, ଓ ଭବିଷ୍ୟତ୍ ରାଜତ୍ୱ ଯେତେବେଳେ ରାଜ୍ୟର ଶକ୍ତି ଦୃଶ୍ୟମାନ ଗୌରବରେ ପ୍ରଦର୍ଶିତ ହେବା ବିଷୟକୁ ଉଭୟକୁ ଚିନ୍ତା କରିବାକୁ ପଡ଼ିବ । ପ୍ରଥମଟି ଉଲ୍ଲେଖହୀନ ପ୍ରାରମ୍ଭଗୁଡ଼ିକରେ ଉଦ୍‌ଘାଟିତ ହୋଇଥିଲା ଯେଉଁଥିରେ ବାହ୍ୟ ପ୍ରଦର୍ଶନ ନ ଥିଲା, ପୁଣି ଯେଉଁମାନେ ଏହାକୁ ଗ୍ରହଣ କରନ୍ତି ସେମାନଙ୍କୁ ସେମାନଙ୍କ ସହିତ ମିଳିମିଶି ବାସ କରିବାକୁ ଥିଲା ଯେଉଁମାନେ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହାକୁ ପ୍ରତ୍ୟାଖ୍ୟାନ

କରନ୍ତି । ତା'ପରେ ରାଜ୍ୟଟି ଶକ୍ତି ଓ ଗୌରବର ଶକ୍ତିଶାଳୀ ପ୍ରଦର୍ଶନରେ ପ୍ରକାଶିତ ହେବ। ଈଶ୍ୱରଙ୍କ ରାଜ୍ୟ ଆସିବ ପୁଣି ଚରମ ରାଜ୍ୟ ସର୍ବତ୍ର ଓ ସର୍ବଦା ଈଶ୍ୱରଙ୍କ ଇଚ୍ଛା ସିଦ୍ଧରୂପେ ପାଳନ ହେଉଥିବା ବିଷୟ ଚରମ ରାଜ୍ୟ ସାକ୍ଷୀ ହେବେ ।[୮]

## ପୁନରୁତ୍ଥାନ

ବିଶ୍ୱାସୀମାନଙ୍କର ସମ୍ପୂର୍ଣ୍ଣ ଆଶାରେ ଅନେକ ସମୟରେ ଅବହେଳିତ ଉପାଦାନ ହେଉଛି ଶରୀରର ପୁନରୁତ୍ଥାନ । ଆକାରବିହୀନ ଖ୍ରୀଷ୍ଟିୟାନ୍‌ର ଲୋକପ୍ରିୟ ପ୍ରତିମୂର୍ତ୍ତି କେତେକ ଲଘୁ ଆତ୍ମିକ କୁହୁଡ଼ିରେ ଭାସୁଛି, ଆକାଶମଣ୍ଡଳର ଗୋଟିଏ ମେଘରୁ ଅନ୍ୟ ମେଘକୁ ଯାଉଛି, ତାହା ବାଇବଲସମ୍ମତ ପାଠ ଅପେକ୍ଷା ଗ୍ରୀକ୍ ଦ୍ୱୈତ ଦର୍ଶନ ହେତୁ ହୋଇଛି । ଈଶ୍ୱରଙ୍କ ଲୋକମାନେ ଏକ ଶରୀରରେ ଅନନ୍ତକାଳ କ୍ଷେପଣ କରିବେ ଏକ ଗୌରବମୟ ଓ ପୁନରୁତ୍ଥିତ ଶରୀର, ମାତ୍ର ସେହି କାରଣରୁ ସ୍ୱଭାବତଃ କୌଣସି ଶାରୀରିକ ବା ଜାଗତିକତାରେ ହ୍ରାସ ହୋଇ ନାହିଁ । ଏହି ପୁନରୁତ୍ଥାନର ବାସ୍ତବତା ପାଉଲଙ୍କ ଦ୍ୱାରା ୧ମ କରିନ୍ଥୀୟ ୧୫:୫୦-୫୭ ପଦରେ ସ୍ପଷ୍ଟରୂପେ ନିଶ୍ଚିତ ହୋଇଥିଲା । ସେ ଲେଖନ୍ତି :

> ହେ ଭାଇମାନେ, ମୁଁ ଏହା କହୁଅଛି, ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରି ପାରେ ନାହିଁ, କିମ୍ବା କ୍ଷୟ ଅକ୍ଷୟତାକୁ ଅଧିକାର କରେ ନାହିଁ । ଦେଖ, ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୂଢ଼ କଥା କହୁଅଛି, ଆମ୍ଭେମାନେ ସମସ୍ତେ ମହାନିଦ୍ରାପ୍ରାପ୍ତ ହେବା ନାହିଁ, କିନ୍ତୁ ଏକ ମୁହୂର୍ତ୍ତରେ ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନିରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍ଥିତ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା । କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତାରୂପ ବସ୍ତ୍ର ପରିଧାନ କରିବାକୁ ହେବ, ଆଉ ଏହି ମର୍ତ୍ତ୍ୟ ଶରୀରକୁ ଅମରତାରୂପ ବସ୍ତ୍ର ପରିଧାନ କରିବାକୁ ହେବ । କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଓ ଏହି ମର୍ତ୍ତ୍ୟ ଶରୀର ଅମରତାରୂପ ବସ୍ତ୍ର ପରିଧାନ କଲା ଉତ୍ତାରେ ଏହି ଲିଖିତ ବାକ୍ୟ ସଫଳ ହେବ, ଜୟ ମୃତ୍ୟୁକୁ ଗ୍ରାସ କରିଅଛି । ରେ ମୃତ୍ୟୁ, କାହିଁ ତୋର ଜୟ ? ରେ ମୃତ୍ୟୁ, କାହିଁ ତୋର ନାହୁଡ଼ ? ମୃତ୍ୟୁର ନାହୁଡ଼ ପାପ, ଆଉ ପାପର ବଳ ବ୍ୟବସ୍ଥା କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ ।

ପାଉଲଙ୍କ ଘୋଷଣାର ମୂଳ ଖଣ୍ଡବାକ୍ୟ ହେଉଛି ଯେ ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରି ପାରେ ନାହିଁ (୫୦ ପଦ) । ସରଳ ଭାବରେ କହିଲେ, ଏକ କଳୁଷିତ ଓ ବିନାଶଶୀଳ ସ୍ୱଭାବ କୌଣସି ଅକଳୁଷିତ ଓ ଅବିନାଶଶୀଳ ରାଜ୍ୟରେ ରହିପାରିବ ନାହିଁ କିମ୍ବା ଅଂଶଗ୍ରହଣ କରିପାରିବ ନାହିଁ । ଜୀବିତ (ମାଂସ ଓ ରକ୍ତ) କିମ୍ବା ମୃତ (କ୍ଷୟଶୀଳ) ସେମାନଙ୍କ ସାମ୍ପ୍ରତିକ ସ୍ଥିତିରେ ଈଶ୍ୱରଙ୍କ ରାଜ୍ୟର ଉତ୍ତରାଧିକାରୀ ହୋଇପାରିବେ ନାହିଁ ।

ତା'ପରେ ପାଉଲ କେବଳ ପୁନଃଉପ୍ତତ୍ତିକୁ ନୁହେଁ, ମାତ୍ର ପୁନରୁତ୍ଥାନର ଆବଶ୍ୟକତାକୁ ଜୋର୍ ଦିଅନ୍ତି, ଯାହାକୁ କି ବିଶ୍ୱାସୀର ଚରମ ଗୌରବ ବୋଲି କୁହାଯାଇପାରିବ ଯାହାକି ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନରେ ଘଟିବ (୧ମ ଥେସ. ୪:୧୩-୧୮) । ଏକ ଶବ୍ଦରେ କେବଳ ଯେଉଁମାନେ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନରେ ସେହି ପୁନରୁତ୍ଥିତ/ଗୌରବ ଲାଭ କରିଛନ୍ତି ତଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଶରୀର ଓ ଆତ୍ମାରେ ପରିବର୍ତ୍ତିତ ହୋଇଛନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଉତ୍ତରାଧିକାରୀ ହେବେ ।

ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ କରିନ୍ଥୀୟ ୫:୧-୫ ପଦ ଏକ ଜଟିଳ ପାଠ ଅଟେ । ସେଠାରେ ପାଉଲ ଶାରୀରିକ ମୃତ୍ୟୁକୁ ଶରୀରର ଅବକ୍ଷୟ ସହିତ, ଏକ ତମ୍ବୁକୁ ଖଣ୍ଡ ଖଣ୍ଡ କରିଦେବା ସହିତ ତୁଳନା କରନ୍ତି । ମାତ୍ର ମୃତ୍ୟୁ ନୈରାଶ୍ୟ ପ୍ରତି କଢ଼ାଇ ନେବା ଉଚିତ୍ ନୁହେଁ, କାରଣ କାରଣ ଯଦି ଆମ୍ଭମାନଙ୍କର ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ତେବେ ଈଶ୍ୱରକୃତ ଅହସ୍ତନିର୍ମିତ ଆମ୍ଭମାନଙ୍କର ଏକ ଅନନ୍ତକାଳସ୍ଥାୟୀ ଗୃହ ଯେ ସ୍ୱର୍ଗରେ ଅଛି, ଏହା ଆମ୍ଭେମାନେ ଜାଣୁ (୧ ପଦ) । ଅନେକ ଅର୍ଥ ମଧ୍ୟରେ ସର୍ବୋତ୍ତମ ଇଚ୍ଛାଧୀନ ବିଷୟ ହେଉଛି ଏଠାରେ *ଗୌରବମୟ, ପୁନରୁତ୍ଥିତ ଶରୀର* ବିଷୟରେ ଉଲ୍ଲେଖ କରାଯାଇଛି ବୋଲି ଦେଖିବା, ଯାହାକି ଅନ୍ତିମ ଓ ସମ୍ପୂର୍ଣ୍ଣ ବାସସ୍ଥାନ ଯେଉଁଠାରେ ଆମେ ଅନନ୍ତକାଳ ବାସ କରିବା ।[୮]

ଏହି ମତର ମୁଖ୍ୟ ଦେଖିବା ବିଷୟ ହେଉଛି ପାଉଲଙ୍କର ବର୍ତ୍ତମାନ କାଳର ବ୍ୟବହାର, ଈଶ୍ୱରଙ୍କଠାରୁ ଆମର ଏକ ଘର ଅଛି (ଆମର ହେବ ନୁହେଁ) । ଏହା ତାହା ବ୍ୟକ୍ତ କରିବା ପରି ଜଣାଯାଇଥାଏ ଯେ ବିଶ୍ୱାସୀ ମୃତ୍ୟୁଭୋଗ କରିବା ପରେ ପରେ ତାଙ୍କର ଗୌରବମୟ ଶରୀର ପାଇଥା'ନ୍ତି । ମାତ୍ର ଏହା ୧ମ କରିନ୍ଥୀୟ ୧୫:୨୨-୨୮, ୫୧-୫୬; ୧ମ ଥେସଲନୀକୀୟ ୪-୫ ଓ ବୋଧହୁଏ ୧ମ ଯୋହନ ୩:୧-୩ ପଦ ସହିତ ଦ୍ୱନ୍ଦରେ ପଡ଼ିବ, ସେହିସବୁ ସୂଚୀତ କରେ ଯେ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ସମୟରେ ଗୌରବ ଘଟିବ ।

ଆହୁରିମଧ୍ୟ ଶାସ୍ତ୍ରରେ ବାରମ୍ବାର ଏକ ଭବିଷ୍ୟତ୍‌ର ବାସ୍ତବତା କିମ୍ବା ଅଧିକାର ଲେଖକଙ୍କ ଦୃଷ୍ଟିକୋଣରୁ ଏତେ ନିଶ୍ଚିତ ଓ ନିର୍ଦ୍ଦିଷ୍ଟ ଅଟେ ଯେ ଏହାକୁ ଯଥାର୍ଥରୂପେ ବର୍ତ୍ତମାନ କାଳରେ କୁହାଯାଇଛି, ଯେପରି ଏହା ଆମର ଅନିଭୂତି ମଧ୍ୟରେ ଆସିସାରିଛି । ତେଣୁ ପାଉଲଙ୍କର ବର୍ତ୍ତମାନ କାଳ ଆମର ଅଛି ବୋଧହୁଏ ଅଧିକାଂଶତଃ ସେହି ଘଟଣାକୁ ସୂଚୀତ କରେ ଯେ ଥିବା ତଥା ଥିବାର *ସ୍ଥାୟିତ୍ୱ*, ମାତ୍ର ଏହା ଥିବାର *ନିକଟ ବିଷୟ* ନୁହେଁ । ଏହା ହିଁ ହେଉଛି ଆଶାର ଭାଷା ।

ଏପରି ଯୁକ୍ତି କରାଯାଇଛି ଯେ ବୋଧହୁଏ ପାଉଲ ବର୍ତ୍ତମାନ କାଳ ବ୍ୟବହାର କରୁଥିଲେ କାରଣ ଶାରୀରିକ ମୃତ୍ୟୁ ଓ ଅନ୍ତିମ ପୁନରୁତ୍ଥାନ ମଧ୍ୟରେ ଯେଉଁ ସମୟ ଅତିକ୍ରାନ୍ତ ହୋଇଥିଲା ତାହା ସ୍ୱର୍ଗରେ ଥିବା ସାଧୁମାନେ ଅନୁଭବ କରି ନ ଥିଲେ କିମ୍ବା ସଚେତନ ସ୍ତରରେ ଅନୁଭୂତିରେ ଆସି ନ ଥିଲେ, ପୁଣି ସେଥିପାଇଁ ଜଣଙ୍କର ପୁନରୁତ୍ଥିତ ଶରୀର ଗ୍ରହଣ କରିବା *ଦେଖାଯାଏ* ଯେପରି ତତ୍‌କ୍ଷଣାତ୍ ମୃତ୍ୟୁ ଆଣିଦେଇଥାଏ । ମାତ୍ର ଏହାର ବିରୁଦ୍ଧରେ ଶାସ୍ତ୍ରରେ ସ୍ପଷ୍ଟ ଶିକ୍ଷା

ଅଛି ଯେ ମୃତ୍ୟୁବରଣ କରିଥିବା ଲୋକମାନେ ତତ୍‌କ୍ଷଣାତ୍ ସଚେତନ ସ୍ତରରେ ଅନୁଭୂତି ଲାଭ କରନ୍ତି (୨ୟ କରିନ୍ଥୀୟ ୫:୬-୮; ଫିଲିପ୍ପୀୟ ୧:୨୧-୨୪; ପ୍ରକାଶିତ ୬:୯-୧୧ ପଦ ଦେଖନ୍ତୁ) । ଯଦି ମୃତ ବିଶ୍ୱାସୀ ଖ୍ରୀଷ୍ଟଙ୍କ ସହିତ ରହିବା ପାଇଁ ଚାଲିଯାଇଛନ୍ତି (ଫିଲିପ୍ପୀୟ ୧:୨୩) ଓ ସେ ଯେତେବେଳେ ଆସନ୍ତି, ସେତେବେଳେ ଖ୍ରୀଷ୍ଟଙ୍କ ସହିତ ଅଛନ୍ତି (୧ମ ଥେସଲନୀକୀୟ ୪:୧୭), ସେତେବେଳେ ଏହା ଜଣାପଡ଼ିବ ଯେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଓ ସାଧାରଣ ପୁନରୁତ୍ଥାନ ମଧ୍ୟରେ କିଛି ପ୍ରକାର ସଚେତନ ସ୍ଥିତି ରହିଥାଏ, ଯାହାକି ହେଉଛି ଆମେ କାହିଁକି ଏହି ସମୟକୁ *ମଧ୍ୟମ* ସ୍ଥିତି ବୋଲି ଉଲ୍ଲେଖ କରିଥାଉ ।

ଏପରିକି ଯଦିଚ ପାଉଲ ତାଙ୍କର ନିଜର ଶାରୀରିକ ମୃତ୍ୟୁର ସମ୍ଭାବନାକୁ (ସମ୍ଭାବ୍ୟ ?) ଦର୍ଶନ ଦେଖନ୍ତି, ତଥାପି ତାଙ୍କର ଏକ ଆଶା ଅଛି ଯେ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସେ ଜୀବିତ ରହିବେ । ତେଣୁ ସେ ଲେଖନ୍ତି :

> ଯେଣୁ ଆମ୍ଭେମାନେ ତ ଆମ୍ଭମାନଙ୍କ ସ୍ୱର୍ଗୀୟ ଗୃହରୂପ ବସ୍ତ୍ରରେ ପରିହିତ ହେବାକୁ ଏକାନ୍ତ ଇଚ୍ଛା କରି ଏହି ଗୃହରେ ଥାଉଁ ଥାଉଁ ଆର୍ତ୍ତନାଦ କରୁଅଛୁ ଏହିପରି ପରିହିତ ହେଲେ ଆମ୍ଭେମାନେ ଏହି ତମ୍ବୁରେ ବାସ କରି ଭାରଗ୍ରସ୍ତ ହୋଇ ଆର୍ତ୍ତନାଦ କରୁଅଛୁଁ ଯେଣୁ ଆମ୍ଭେମାନେ ଯେ ପରିଚ୍ଛଦ ତ୍ୟାଗ କରିବାକୁ ଇଚ୍ଛା କରୁଁ ତାହା ନୁହେଁ, ମାତ୍ର ଜୀବନ ଯେପରି ମର୍ତ୍ତ୍ୟକୁ ଗ୍ରାସ କରେ, ଏଥିନିମନ୍ତେ ଏହି ପରିଚ୍ଛଦ ଉପରେ ଅନ୍ୟ ବସ୍ତ୍ର ପରିଧାନ କରିବାକୁ ଆମ୍ଭେମାନେ ଇଚ୍ଛା କରୁଅଛୁ । ଆଉ ଯେ ଏଥିନିମନ୍ତେ ଆମ୍ଭମାନଙ୍କୁ ବଇନାସ୍ୱରୂପେ ଆତ୍ମା ମଧ୍ୟ ଦାନ କରଅଛନ୍ତି । (୨ୟ କରିନ୍ଥୀୟ ୫:୨-୫)

ପାଉଲ ଏଠାରେ ତାଙ୍କର ଅଭିଳାଷ ବିଷୟରେ କହନ୍ତି ଯେତେବେଳେ ଖ୍ରୀଷ୍ଟ ପ୍ରତ୍ୟାବର୍ତ୍ତନ କରିବେ, କାରଣ ସେତେବେଳେ ତାହାଙ୍କୁ ଶାରୀରିକ ଭାବରେ ମୃତ୍ୟୁବରଣ କରିବାକୁ ପଡ଼ିବ ନାହିଁ ଓ ଶରୀର ଓ ଆତ୍ମାର ବିଚ୍ଛେଦର ଅନୁଭୂତି ଲାଭ କରିବାକୁ ପଡ଼ିବ ନାହିଁ, ଯାହାକି ଏକ ଅବସ୍ଥା ସେ ଉଲ୍ଲେଖ କରନ୍ତି ଉଲଙ୍ଗ ହେବା (୩ ପଦ) ବା (ବସ୍ତ୍ରହୀନ) ହେବାକୁ (୪ ପଦ) । ସେ ବହୁଳ ଭାବରେ ପସନ୍ଦ କରନ୍ତି ବୋଲି ବୁଝାପଡ଼େ ଯେପରି ପ୍ରଭୁଙ୍କ ସହିତ ତାହାଙ୍କର ପୁନରୁତ୍ଥିତ ଓ ଗୌରବମୟ ଶରୀରରେ ତତ୍‌କ୍ଷଣାତ୍ ଯୋଗ ଦେବେ ।

୨ୟ କରିନ୍ଥୀୟ ୫:୨ ପଦରେ, ଯାହାକି ୪ ପଦରେ ପୁନରାବୃତ୍ତି ହୋଇଛି ଓ ବୃଦ୍ଧି ପାଇଛି, ପାଉଲ ଏକ ଗୃହ ବିଷୟରେ କହିବା ଦ୍ୱାରା କିମ୍ବା ପାଇବା ଦ୍ୱାରା ତାଙ୍କର ରୂପକକୁ ମିଶାଇଦିଅନ୍ତି । ମାତ୍ର ଏହା କେବଳ ଏକ ପୋଷାକ ପିନ୍ଧିବା ଅପେକ୍ଷା ଅଧିକ ବିଷୟ ଅଟେ : ଏହା ଅନ୍ୟ ଜଣଙ୍କ ଉପରେ ଗୋଟିଏ ଲୁଗା ପିନ୍ଧାଇବା ଅଟେ । ସ୍ୱର୍ଗୀୟ ଶରୀର, ଏକ ବାହ୍ୟ ପୋଷାକ ବା ବାହ୍ୟ କୋଟ୍ ପରି ପାର୍ଥିବ ଶରୀର ଉପରେ ପିନ୍ଧା ଯାଉଛି, ଯାହା ସହିତ ପ୍ରେରିତ ହେଉଛନ୍ତି, ଯେପରି ଏହା ସାମ୍ପ୍ରତିକ ଭାବରେ ବସ୍ତ୍ରାନ୍ୱିତ ହୋଇଥିଲା । ଏହିପରି ଭାବରେ ସ୍ୱର୍ଗୀୟ, ଗୌରବାନ୍ୱିତ ଶରୀର ପାର୍ଥିବ ଶରୀରକୁ କେବଳ ଘୋଡ଼ାଇ ଦେଇ ନ ଥାଏ, ମାତ୍ର ଆହରଣ ଓ ପରିବର୍ତ୍ତିତ ମଧ୍ୟ କରିଥାଏ (ଫିଲିପ୍ପୀୟ ୩:୨୦-୨୧ ୧ମ କରିନ୍ଥୀୟ ୧୫:୫୩ ପଦ ଦେଖନ୍ତୁ) ।

ଯଦି ସେ (ବା ଆମ୍ଭେମାନେ) ଖ୍ରୀଷ୍ଟଙ୍କ ପ୍ରତ୍ୟାଗମନ ପର୍ଯ୍ୟନ୍ତ ଜୀବିତ ରହିଥାଉ, ସେତେବେଳେ ତାଙ୍କୁ ପ୍ରଭୁଙ୍କ ଦ୍ୱାରା ଏକ ଶରୀରରେ (ସାମ୍ପ୍ରତିକ, ପାର୍ଥିବ) ବସ୍ତ୍ରାନ୍ୱିତ ହେବାର ଓ ଏକ ଅବାସ୍ତବ ରୂପରେ ନ ଥିବାର ଦେଖାଯିବ । ଏକ ଶରୀର ବିନା ରହିବା ହେଉଛି ଉଲଙ୍ଗ ହେବା (୨ୟ କରିନ୍ଥୀୟ ୫:୩) । ସ୍ପଷ୍ଟ ଭାବରେ, ପାଉଲ ଶାରୀରିକ ମୃତ୍ୟୁ ଓ ସାଧାରଣ ପୁନରୁତ୍ଥାନ ମଧ୍ୟରେ ଅବାସ୍ତବ ସ୍ଥିତିକୁ ଅନୁମାନ କରିଥିଲେ (୪ ପଦରେ ପୋଷାକ ନ ପିନ୍ଧିବାକୁ ଦେଖନ୍ତୁ) ।

ମାତ୍ର ଈଶ୍ୱରଙ୍କଠାରୁ ଆମର କେଉଁ ନିଶ୍ଚୟତା ଅଛି ଯାହାକି ସେ ପ୍ରକୃତରେ ଆମକୁ ଏକ ଗୌରବମୟ ଓ ଅନନ୍ତ ଶରୀରରେ ଯୋଗାଇ ଦେବେ ଯାହାକି ଆଉ ଅବକ୍ଷୟ ଓ ରୋଗର ଅଧୀନସ୍ଥ ହେବ, ଯାହାକି ଆମେ ଏବେ ଅନୁଭୂତିରେ ଆସୁଛୁ ? ସରଳ ଉତ୍ତର ହେଉଛି : ପବିତ୍ର ଆତ୍ମା!  ୨ୟ କରିନ୍ଥୀୟ ୫:୫ ପଦରେ ପାଉଲଙ୍କ ଉତ୍ତର ହେଉଛି ଏକ ସ୍ମରଣିକା ଯେ ‘ଆତ୍ମାଙ୍କ ବ୍ୟାକୁଳତା କେବଳ ଏକ ସ୍ଥିର ଗଚ୍ଛିତ ବିଷୟ ନୁହେଁ, ମାତ୍ର ବିଶ୍ୱାସୀର ମଧ୍ୟରେ ପବିତ୍ର ଆତ୍ମାଙ୍କର ସକ୍ରିୟ ଜୀବନ୍ତ କାର୍ଯ୍ୟ ଅଟେ, ଯାହାକି ତାହାଙ୍କୁ ନିଶ୍ଚୟତା ଦେଇଥାଏ ଯେ ଶକ୍ତିର ସେହି ସମାନ୍ ନିୟମ ଯାହାକି ଖ୍ରୀଷ୍ଟ ଯୀଶୁଙ୍କର ମୃତ୍ୟୁରୁ ପୁନରୁତ୍ଥାନକୁ ଫଳପ୍ରଦ କରିଥିଲା ତାହା ମଧ୍ୟ ଉପସ୍ଥିତ ଅଛି ଓ ତାହାଙ୍କ ମଧ୍ୟରେ କାର୍ଯ୍ୟରତ, ଯାହାକି ତାହାଙ୍କର ମରଣଶୀଳ ଶରୀରକୁ ଗୌରବରେ ତାହାଙ୍କ ମୁକ୍ତିର ସମାପନ ନିମନ୍ତେ ପ୍ରସ୍ତୁତ କରୁଛି ।[୧୦]

ତା’ପରେ ଖ୍ରୀଷ୍ଟିୟାନ୍ ପାଇଁ ମୃତ୍ୟୁକୁ ଭୟ କରିବା ଉଚିତ୍ ନୁହେଁ । ଆମେ ଜାଣୁ ଯେ ଆମେ ବର୍ତ୍ତମାନ ଯେଉଁ ଅସୁସ୍ଥତା ବା ଦୁର୍ବଳତାର ଅନୁଭୂତି ଲାଭ କରିଥାଉ, ଆମକୁ ଯେତେ ପରିମାଣର ଦୁଃଖଭୋଗର ବା କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ, ଆତ୍ମାଙ୍କ ଦ୍ୱାରା ଆମକୁ ଏକ ଗୌରବମୟ, ଖ୍ରୀଷ୍ଟ ସଦୃଶ, ପରିବର୍ତ୍ତିତ ଓ ସମ୍ପୂର୍ଣ୍ଣରୂପେ ଅନନ୍ତ ଗୃହ, ଏକ ଅକ୍ଷୟ ଶରୀର ଦେବା ପାଇଁ ପ୍ରତିଜ୍ଞା କରାଯାଇଛି, ଯେଉଁଥିରେ କୌଣସି କଷ୍ଟ, କୌଣସି ଅଭାବ, ଓ କୌଣସି ଅବକ୍ଷୟ ନ ଥିବ । ସର୍ବୋତ୍ତମ ବିଷୟର ଦୃଶ୍ୟକୁ ପାଉଲ କହିବା ପରି ଜଣାଯାଇଥାଏ, ତାହା ହେଉଛି ଖ୍ରୀଷ୍ଟ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଜୀବିତ ରହିବା । ସେହିପରି ଭାବରେ ବିଶ୍ୱାସୀ ଆଖିର ପଲକରେ ଏହି ପୋଷାକରୁ (ଆମର ସାମ୍ପ୍ରତିକ ଭୌତିକ ଶରୀର) ସେହି ଗୌରବମୟ ପୋଷାକକୁ ପରିବର୍ତ୍ତିତ ହେବେ (ତାହା ଆମର ପୁନରୁତ୍ଥିତ ଶରୀର ଅଟେ ଓ ଚିରକାଳ ରହିଥିବ) । ପାଉଲ ପୋଷାକ ଖୋଲି ଦେବାକୁ ପସନ୍ଦ କରନ୍ତି ନାହିଁ, ମାତ୍ର ସମୟର ପୋଷାକ ଉପରେ ଅନନ୍ତକାଳୀନ ପୋଷାକକୁ ଏପରି ଭାବରେ ପିନ୍ଧିବା ଯାହାକି ପ୍ରଥମଟି ଦ୍ୱିତୀୟଟିକୁ ମୁକ୍ତ କରିଥାଏ ଓ ପରିବର୍ତ୍ତନ କରିଥାଏ ।

ପ୍ରେରିତ ମଧ୍ୟ ବିଶ୍ୱାସୀମାନଙ୍କର ପୁନରୁତ୍ଥାନ ଓ ଅନ୍ତିମ ଗୌରବକୁ ପ୍ରାକୃତିକ ସୃଷ୍ଟି ଉପରେ ଦିଆଯାଇଥିବା ଅଭିଶାପର ବିପରୀତ ବିଷୟ ଉପରେ ଯତ୍ନସହକାରେ ସଂଯୁକ୍ତ କରିବାକୁ ଯତ୍ନ କରନ୍ତି :

> କାରଣ ମୋ ବିଚାରରେ, ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ । ଯେଣୁ ସୃଷ୍ଟିର

> ଏକାନ୍ତ ଆକାଂକ୍ଷା ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରକାଶ ନିମନ୍ତେ ଅପେକ୍ଷା କରୁଅଛି । କାରଣ ସୃଷ୍ଟି ଅସାରତାର ବଶୀଭୂତ ହେଲା, ତାହାର ନିଜ ଇଚ୍ଛାରୁ ନୁହେଁ, କିନ୍ତୁ ଯେ ତାହାକୁ ବଶୀଭୁତ କଲେ, ତାହାଙ୍କ ଇଚ୍ଛାରୁ ଆଉ ତାହା ଭରସାଯୁକ୍ତ ହୋଇ ବଶୀଭୂତ ହେଲା, ଯେଣୁ ସୃଷ୍ଟି ନିଜେ ମଧ୍ୟ ଈଶ୍ୱରଙ୍କ ସନ୍ତାନମାନଙ୍କ ଗୌରବମୟ ଅବସ୍ଥା ସମ୍ବନ୍ଧୀୟ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ କ୍ଷୟର ଦାସତ୍ୱରୁ ମୁକ୍ତ ହେବ । କାରଣ ସମସ୍ତ ସୃଷ୍ଟି ଯେ ଆଜି ପର୍ଯ୍ୟନ୍ତ ଏକସଙ୍ଗରେ ଆର୍ତ୍ତନାଦ କରୁଅଛି ଓ ପ୍ରସବବେଦନାରେ ବ୍ୟଥିତ ହେଉଅଛି, ଏହା ଆମ୍ଭେମାନେ ଜାଣୁ । ଆଉ କେବଳ ତାହା ନୁହେଁ, କିନ୍ତୁ ପ୍ରଥମ ଫଳସ୍ୱରୂପେ ଆତ୍ମାଙ୍କୁ ପାଇଅଛୁ ଯେ ଆମ୍ଭେମାନେ, ଆମ୍ଭେମାନେ ନିଜେ ନିଜେ ମଧ୍ୟ ପୁତ୍ରତ୍ୱ, ଅର୍ଥାତ୍ ଆପଣା ଆପଣା ଶରୀରର ମୁକ୍ତି ନିମନ୍ତେ ଅପେକ୍ଷା କରୁ କରୁ ଆପଣା ଆପଣା ଅନ୍ତରରେ ଆର୍ତ୍ତନାଦ କରୁଅଛୁ । (ରୋମୀୟ ୮:୧୮-୨୩)

ତେଣୁ ପ୍ରାକୃତିକ ସୃଷ୍ଟିର ମୁକ୍ତି ବା ମୂଲ୍ୟଦେଇ ମୁକ୍ତି ଅସଂଯୁକ୍ତ ଭାବରେ ଈଶ୍ୱରଙ୍କ ସନ୍ତାନମାନଙ୍କ ସହିତ ସଂଯୁକ୍ତ ହୋଇ ରହିଛି । ଯେତେବେଳେ ଈଶ୍ୱରଙ୍କ ପୁତ୍ରମାନେ ପ୍ରକାଶିତ ହୋଇଅଛନ୍ତି (ରୋମୀୟ ୮:୧୯) ଯେପରି ସୃଷ୍ଟି ନିଜେ ଏହାର ମୁକ୍ତିର ଅନୁଭୂତି ଲାଭ କରିବ । ସେଥିପାଇଁ ସୃଷ୍ଟି ଈଶ୍ୱରଙ୍କ ପୁତ୍ରମାନଙ୍କ ପ୍ରକାଶିତ ହେବା ପାଇଁ ଆଗ୍ରହର ସହିତ ଆଶାନ୍ୱିତ ହୋଇ ଅପେକ୍ଷା କରିବା ପରି ବ୍ୟକ୍ତିତ୍ୱ ଲାଭ କରିଛି ।

ସୃଷ୍ଟି ଆଗ୍ରହର ସହିତ ଖ୍ରୀଷ୍ଟଙ୍କ ପ୍ରତ୍ୟାଗମନକୁ ଓ ଆମର ଗୌରବକୁ ଅପେକ୍ଷା କରିଥାଏ, କାରଣ ସେହି ସମୟରେ ହିଁ ଏହା ମଧ୍ୟ ଏହାର କଳୁଷତାର ବନ୍ଧନୀରୁ ମୁକ୍ତ କରାଯାଇ ଈଶ୍ୱରଙ୍କ ସନ୍ତାନମାନଙ୍କର ଗୌରବମୟ ସ୍ୱାଧୀନତା ମଧ୍ୟକୁ ମୁକ୍ତ କରାଯାଇଛି (୨୧ ପଦ) । ସୃଷ୍ଟି ଈଶ୍ୱରଙ୍କ ପୁତ୍ରମାନଙ୍କ ପ୍ରକାଶକୁ ଅପେକ୍ଷା କରିଥାଏ (୧୯ ପଦ), କାରଣ ସେହି ସ୍ୱାଧୀନତାରେ ହିଁ ସେହି ସୃଷ୍ଟି ବିଷୟରେ କୁହାଯିବ (୨୧ ପଦ) । ଅନ୍ୟ ଭାଷାରେ, ସୃଷ୍ଟି ଓ ଈଶ୍ୱରଙ୍କ ସନ୍ତାନଗଣ ଘନିଷ୍ଠରୂପେ ଉଭୟକୁ ସାମ୍ପ୍ରତିକ ଦୁଃଖଭୋଗରେ ଓ ଭବିଷ୍ୟତ୍ ଗୌରବରେ ଏକତ୍ରିତ କରି ରଖିଛି । ପତନରେ ଯେପରି ଏକ ସୁଦୃଢ଼ତା ଥିଲା, ସେହିପରି ମଧ୍ୟ ପୁନଃସଂସ୍ଥାପନରେ ଏକ ସୁଦୃଢ଼ତା ଥିବ ।

ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନରେ ଆମେ ଯେଉଁ ମୁକ୍ତିର ଅନୁଭୂତି ଲାଭ କରିବା ତାହା ହେଉଛି ସମସ୍ତ ପାପର ସମ୍ପୂର୍ଣ୍ଣ ଓ ଅନ୍ତିମ ଉଚ୍ଛେଦ, ଆତ୍ମାରେ ଓ ଶରୀରରେ ଦୁର୍ନୀତିର ପ୍ରତ୍ୟେକ ଛାପ ଯାହାକି ସେହି ମୁହୂର୍ତ୍ତ ପୂର୍ବରୁ ଆମର ଥିଲା । ପାଉଲଙ୍କ ବିଷୟ ହେଉଛି ଯେ ପ୍ରାକୃତି ସୃଷ୍ଟି ସେହି ଦିନକୁ ଅପେକ୍ଷା କରିଥାଏ, କାରଣ, ସେତେବେଳେ ଏହା ସେହି ଢ଼ଙ୍ଗରେ ସମ୍ପୂର୍ଣ୍ଣରୂପେ ମୁକ୍ତିପ୍ରାପ୍ତ ଓ ଉଦ୍ଧାରପ୍ରାପ୍ତ ହେବ । ସୃଷ୍ଟି ଯଦି କୌଣସି ଭାବରେ ଏହାର ସାମ୍ପ୍ରତିକ ଦୁର୍ନୀତିରୁ ସମ୍ପୂର୍ଣ୍ଣ ମୁକ୍ତ ନ ହୁଏ, ତେବେ ଆମର ମୁକ୍ତିର ଅନ୍ତିମ ଓ ସମ୍ପୂର୍ଣ୍ଣତା ଗୁରୁତର ଭାବରେ ଗୋପନରେ କ୍ଷତିସାଧନ କରିଛି ।

ଅଧିକରୁ ଅଧିକ ପ୍ରାକୃତିକ ରାଜ୍ୟ ଈଶ୍ୱରଙ୍କ ସନ୍ତାନଗଣର ଗୌରବର ସ୍ୱାଧୀନତା ମଧ୍ୟରେ ପ୍ରବେଶ କରିବ, ଯେକୌଣସି ଅଭାବ ଯାହାକି ଏହା ହୁଏତ ଅନୁଭୂତିରେ ଆସିବ

ତାହାକୁ ଖ୍ରୀଷ୍ଟିୟାନମାନଙ୍କ କ୍ଷେତ୍ରରେ ମଧ୍ୟ ଧାରଣ କରାଯିବାକୁ ପଡ଼ିବ । ସେହି ପରିସରରେ ସୃଷ୍ଟ କ୍ରମ ସମ୍ପୂର୍ଣ୍ଣରୂପେ ଓ ସିଦ୍ଧ ଭାବରେ ମୁକ୍ତିପ୍ରାପ୍ତ ହୋଇ ନାହିଁ, ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ଓ ସିଦ୍ଧ ଭାବରେ ମୁକ୍ତ ନୋହୁଁ । *ତେଣୁ ସୃଷ୍ଟିର ମୁକ୍ତି ଓ ଗୌରବ ସମ୍ମିଳିତ ଭାବରେ ବର୍ଦ୍ଧିତ ଓ ଆମ ସହିତ ସମସାମୟିକ ଅଟେ ।*

## ବିଚାର

୨ୟ କରିନ୍ଥୀୟ ୫ ଅଧ୍ୟାୟରେ ଅନ୍ତିମ ବିଚାରର ନିଶ୍ଚୟତା ହେଉଛି ମଧ୍ୟ ପ୍ରେରିତ ଦ୍ୱାରା ନିଶ୍ଚିତ ହୋଇଛି । ପାଉଲ ଦାବି କରନ୍ତି ଯେ ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କ ନିକଟରେ ସନ୍ତୋଷପାତ୍ର ହେବା ଆମ୍ଭମାନଙ୍କର ଏକାନ୍ତ ବାସନା । କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ (୨ୟ କରିନ୍ଥୀୟ ୫:୯-୧୦) ।

୨ୟ କରିନ୍ଥୀୟ ୪-୫ ଅଧ୍ୟାୟର ପ୍ରଶସ୍ତ ପୂର୍ବାପର ପ୍ରସଙ୍ଗ ପ୍ରସ୍ତାବ ଦିଏ ଯେ ବିଶ୍ୱାସୀମାନେ କେବଳ ଏହି ପରିଚ୍ଛେଦରେ ଦୃଶ୍ୟମାନ ଅଛନ୍ତି । ମରେ ହାରିସ୍ ଉଲ୍ଲେଖ କରିଅଛନ୍ତି ଯେ ସମସ୍ତ ମାନବ ଜାତିର କାର୍ଯ୍ୟ ଅନୁଯାୟୀ ପାଉଲ ଯେତେବେଳେ ବି କ୍ଷତିପୂରଣ ବିଷୟରେ କହନ୍ତି (ଯେପରି ରୋମୀୟ ୨:୬ ପଦରେ), ସେତେବେଳେ ସେଠାରେ ଦୁଇଟି ଅନନ୍ୟ ବର୍ଗର ଲୋକଙ୍କୁ ଦେଖିବାକୁ ମିଳିଥାଏ (ରୋମୀୟ ୨:୭-୧୦), ତାହା ଦୁଇ ପ୍ରକାର କାର୍ଯ୍ୟର ଏକ ବର୍ଣ୍ଣନା ନୁହେଁ (ଯେପରି ୨ୟ କରିନ୍ଥୀୟ ୫:୧୦ ପଦରେ 'ଭଲ ବା ମନ୍ଦ ଭାବରେ) ଯାହାକି ହୁଏତ ସମସ୍ତ ଲୋକଙ୍କ ଦ୍ୱାରା ନିଶ୍ଚିତରୂପେ ସତ୍ୟ ବୋଲି କୁହାଯାଇପାରେ ।[୧୧]

ଏହି ବିଚାରରେ ଅନନ୍ତ ଲକ୍ଷ୍ୟ ହିଁ ବିଷୟ ନୁହେଁ ଅନନ୍ତ ପୁରସ୍କାର ହିଁ ହେଉଛି ସେହି ଲକ୍ଷ୍ୟ (ଯୋହନ ୩:୧୮; ୫:୨୪; ରୋମୀୟ ୫:୮-୯; ୮:୧; ୧ମ ଥେସଲନୀକୀୟ ୧:୧୦) । ଏହି ବିଚାର ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରିବାର ପଥ ଭାବରେ ସ୍ଥିର କରିବାକୁ ପରିକଳ୍ପନା କରାଯାଇ ନାହିଁ, ମାତ୍ର ଏଥିରେ ଥିବା ଆଶୀର୍ବାଦ, ପଦବୀ, ଓ କ୍ଷମତାକୁ ସ୍ଥିର କରିବାକୁ ପରିକଳ୍ପିତ ହୋଇଛି । ଏହି ବିଚାର ହେଲା ବେଳେ ପାଉଲ ଏ ବିଷୟରେ ଅସ୍ପଷ୍ଟ ଅଟନ୍ତି । ଏହା କ'ଣ ଶାରୀରିକ ମୃତ୍ୟୁର ମୁହୂର୍ତ୍ତରେ ହୋଇଛି, ନା ବୋଧହୁଏ ମଧ୍ୟମ ଅବସ୍ଥାରେ ହୋଇଛି, ନା ବୋଧହୁଏ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ସମ୍ଭବତଃ ନାହିଁ ? ଆମ୍ଭେମାନେ ସେ ବିଷୟରେ ନିଶ୍ଚିତ ହେବାର ସର୍ବାଧିକ ବିଷୟ ହେଉଛି ଯେ ଏହା ମୃତ୍ୟୁ ପରେ ଘଟିଥାଏ (ଏବ୍ରୀ ୯:୨୭ ପଦ ଦେଖନ୍ତୁ) ।

ତାହା କହିବା ଦ୍ୱାରା ପ୍ରମାଣ ପ୍ରସ୍ତାବ ଦିଏ ଯେ ଏହା ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ସମୟରେ (ମାଥିଉ ୧୬:୨୭; ପ୍ରକାଶିତ ୨୨:୧୨ ପଦ ଦେଖନ୍ତୁ), ମାନବ ଇତିହାସର ଅନ୍ତ ସମୟରେ ଘଟିଥାଏ, ବୋଧହୁଏ ଅଧିକ ଭାବରେ ସେହି ବଡ଼ ଆକାରର

ସଂଯୋଗୀକରଣରେ ଘଟିଥାଏ ଯାହାକି ସମସ୍ତ ଅବିଶ୍ଵାସୀମାନଙ୍କୁ ଅନ୍ତର୍ଭୁକ୍ତ କରିବ, ଯେ ବାଇବଲର ଛାତ୍ରମାନେ ମହାନ୍, ବିଚାରର ଶୁଭ୍ର ସିଂହାସନ ବୋଲି ଜାଣନ୍ତି (ପ୍ରକାଶିତ ୨୦:୧୧ ପଦ ଦେଖନ୍ତୁ) ।

ପାଉଲ ସ୍ପଷ୍ଟରୂପେ ଅନ୍ତିମ ବିଚାରର ବ୍ୟକ୍ତିତ୍ଵକୁ (ପ୍ରତି ଜଣଙ୍କୁ) ଗୁରୁତ୍ଵ ଦିଅନ୍ତି । ଖ୍ରୀଷ୍ଟଙ୍କ ଶରୀର ଭାବରେ ଏହା ଅତି ଗୁରୁତ୍ଵପୂର୍ଣ୍ଣ ଭାବରେ ଆମ ଜୀବନର ସଂଘବଦ୍ଧ ଓ ସାମ୍ପ୍ରଦାୟିକ ପ୍ରକୃତିକୁ ଗୁରୁତ୍ଵ ଦିଅନ୍ତି, ନିଃସନ୍ଦେହରେ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ଭାବରେ ଆଂଶିକ ଭାବରେ ବିଚାରିତ ହେବେ, ସେମାନେ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସଂଘବଦ୍ଧ ଦାୟିତ୍ଵଗୁଡ଼ିକ ପ୍ରତି କେତେ ବିଶ୍ଵସ୍ତ ଥିଲେ ସେ ବିଷୟରେ ଚିନ୍ତିତ ଥିଲେ । ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣଙ୍କୁ ଈଶ୍ଵରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ (ରୋମୀୟ ୧୪:୧୨) ।

କାରଣ ଏହି ବିଚାରର ପ୍ରକାର ପାଇଁ ଆମେ କେବଳ ପ୍ରଦର୍ଶନ କରି ନ ଥାଉ, ମାତ୍ର ତାହାଙ୍କ ସମ୍ମୁଖରେ ଉଲଙ୍ଗ ହୋଇ ରହିଛୁ ।  ୧ମ କରିନ୍ଥୀୟ ୪:୫ ପଦରେ ପାଉଲ ଯେପରି କହିଥିଲେ, ସଦାପ୍ରଭୁ ବର୍ତ୍ତମାନ ଅନ୍ଧକାରରେ ଗୁପ୍ତ ଥିବା ବିଷୟକୁ ଆଲୋକକୁ ଆଣିବେ ଓ ହୃଦୟର ଉଦ୍ଦେଶ୍ୟଗୁଡ଼ିକୁ ପ୍ରକାଶ କରିବେ । ମରେ ହାରିସ୍ ଯଥାର୍ଥ ଭାବରେ କହନ୍ତି ଯେ କେବଳ ଏକ ପ୍ରଦର୍ଶନ ବା ଆତ୍ମ-ପ୍ରକାଶନ ନୁହେଁ, ମାତ୍ର ଅଧିକ ଉଲ୍ଲେଖନୀୟ ଭାବରେ ଏକ ସ୍ଵର୍ଗୀୟ ନିର୍ବାଚନ ଓ ପ୍ରକାଶନ, ଯଥାର୍ଥ କ୍ଷତିପୂରଣ ଗ୍ରହଣ କରିବାର ଆବଶ୍ୟକୀୟ ପୂର୍ବାବସ୍ଥା ଅଟେ ।[୧୨]

ଏହି ବିଷୟ ଚିନ୍ତା କରିବା ଭଦ୍ର ବିଷୟ ନୁହେଁ ଯେ ପ୍ରତ୍ୟେକ ଅନିୟମିତ ଚିନ୍ତା, ପ୍ରତ୍ୟେକ ଧାର୍ମିକ ତାଡ଼ନା, ପ୍ରତ୍ୟେକ ଗୁପ୍ତ ପ୍ରାର୍ଥନା, ଗୁପ୍ତ କାର୍ଯ୍ୟ, ଦୀର୍ଘ ସମୟ ଭୁଲିଯାଇଥିବା ପାପ, ବା ସମ୍ବେଦନଶୀଳ କାର୍ଯ୍ୟ ଆମ ପାଇଁ ସ୍ଵୀକୃତ ହେବାକୁ ଓ ବିଚାରିତ ହେବାକୁ ସଦାପ୍ରଭୁଙ୍କ ପ୍ରତି ଉନ୍ମୋଚିତ ହେବ ? ପୁଣି ଏହି ଯେଉଁସବୁ ବିଷୟରେ ଆମକୁ ସ୍ମରଣ କରିଦିଆଯାଇଛି, ତାହା ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ଲୋକମାନଙ୍କ ପାଇଁ ଦୋଷାରୋପ କୌଣସି ଦୋଷାରୋପ ବିନା ହୋଇଛି (ରୋମୀ. ୮:୧) ।

ଅଧିକାଂଶ ଖ୍ରୀଷ୍ଟିୟାନ୍ ବର୍ତ୍ତମାନ ୨ୟ କରିନ୍ଥୀୟ ୫:୧୦ ପଦରେ ବ୍ୟବହୃତ ବିଚାର ସିଂହାସନ (*ବେମା*) ଶବ୍ଦକୁ ଜାଣନ୍ତି । ଏହି ଶବ୍ଦର ବ୍ୟବହାର ନିର୍ଦ୍ଦିଷ୍ଟରୂପେ ପାଉଲ ଓ କରିନ୍ଥୀୟମାନଙ୍କ ପାଇଁ ସ୍ମରଣୀୟ ବିଷୟ ହୋଇଛି, ଏହା କରିନ୍ଥରେ ଗାଲିଓଙ୍କର ବିଚାରାଳୟ ସମ୍ମୁଖରେ ହେବା ପୂର୍ବରୁ ଯେଉଁଠାରେ ପାଉଲ ଚାରିବର୍ଷ ପୂର୍ବରୁ (୫୨ ଶତାବ୍ଦୀରେ) ଛିଡ଼ା ହୋଇଥିଲେ, ଯେତେବେଳେ ରାଷ୍ଟ୍ରପ୍ରତିନିଧି ସପକ୍ଷରେ ସେହି ଦାୟିତ୍ଵ ବହନ କରିଥିଲେ ଯାହାକି ପାଉଲ ରୋମୀୟ ବ୍ୟବସ୍ଥାକୁ ଲଙ୍ଘନ କରିଥିଲେ (ପ୍ରେରିତ ୧୮:୧୨-୧୭) । ପ୍ରତ୍ନତତ୍ତ୍ଵ ବିଦ୍‌ଗଣ ଏହି କରିନ୍ଥୀୟ ବେମାକୁ ଚିହ୍ନଟ କରିଛନ୍ତି ଯାହାକି *ଆଗୋରା*ର ଦକ୍ଷିଣ ଦିଗରେ ରହିଛି ।[୧୩]

ସ୍ଵୟଂ ଖ୍ରୀଷ୍ଟ ହିଁ ମଣ୍ଡଳୀ ଅଟନ୍ତି, ଯୋହନ ୫:୨୨ ପଦରେ ଆମେ ଯାହା ପଢ଼ିଥାଉ ସେହି ଅନୁରୂପରେ ଯୋହନ ୫:୨୨ ପଦରେ ଆମେ ଯାହା ପଢ଼ିଥାଉ ଯେଉଁଠାରେ ସେ

ଘୋଷଣା କରିଥିଲେ ଯେ ପିତା କାହାର ବିଚାର କରନ୍ତି ନାହିଁ, ମାତ୍ର ପୁତ୍ରଙ୍କୁ ସମସ୍ତ ବିଚାର ଦେଇଅଛନ୍ତି । ବିଚାରର ମାନ ହେଉଛି ଭଲ ହେଉ ବା ମନ୍ଦ ହେଉ, ଶରୀରରେ ସେ ଯାହା କରିଅଛନ୍ତି । ଶରୀର ପ୍ରତି ଉଲ୍ଲେଖନୀୟ ବିଷୟ ସୂଚୀତ କରେ ଯେ ଆମେ ଏହି ଜୀବନରେ ଯାହା କରିଥାଉ ବିଚାର ସେ ବିଷୟରେ ମନୋଯୋଗୀ ଅଟେ, ମଧ୍ୟମ ସ୍ଥିତି ସମୟରେ ଯାହା କରାଯିବ ବା ନ କରାଯିବ ସେ ବିଷୟରେ ନୁହେଁ । ସଦାପ୍ରଭୁଙ୍କଠାରୁ ଆମେ ଯାହା ଉଚିତ୍ ତାହା ଗ୍ରହଣ କରିବା ।

ଅନ୍ୟ ଭାଷାରେ, ପୁଣି କେତେକାଂଶରେ ଅଧିକ ଆକ୍ଷରିକ ଭାବରେ ଆମ୍ଭମାନଙ୍କୁ ବିଚାର କରାଯିବ ସେହି ଅନୁଯାୟୀ କିମ୍ବା ବୋଧହୁଏ ଏପରିକି ସେହି ଅନୁପାତରେ କରାଯାଇଥିବା କାର୍ଯ୍ୟରେ । ସେହି କାର୍ଯ୍ୟଗୁଡ଼ିକୁ ଭଲ (ଯେଉଁଗୁଡ଼ିକ ଖ୍ରୀଷ୍ଟଙ୍କୁ ସନ୍ତୁଷ୍ଟ କରିଥାଏ ଯେପରି ୨ୟ କରିନ୍ଥୀୟ ୫:୯ ପଦରେ ଅଛି) କିମ୍ବା ମନ୍ଦ (ଯେଉଁଗୁଡ଼ିକ ତାହାଙ୍କୁ ସନ୍ତୁଷ୍ଟ କରେ ନାହିଁ)ରେ ବର୍ଗୀକରଣ କରାଯାଇଛି ।

ଶେଷରେ, ସେହି ବିଚାରର ଫଳ ସ୍ପଷ୍ଟରୂପେ ବ୍ୟକ୍ତ କରାଯାଇ ନାହିଁ, ମାତ୍ର ନିଶ୍ଚିତରୂପେ ପ୍ରତିପାଦିତ ହୋଇଛି। ସମସ୍ତେ ସେମାନଙ୍କ କାର୍ଯ୍ୟର ଯୋଗ୍ୟତା ଅନୁଯାୟୀ ଗ୍ରହଣ କରିବେ । ସେଥିରେ ଏକ ପୁରସ୍କାର ବା କ୍ଷତିପୂରଣ ଅନ୍ତର୍ଭୁକ୍ତ ଅଛି । ୧ମ କରିନ୍ଥୀୟ ୩:୧୪-୧୫ ପଦରେ ପାଉଲ ଟିକିଏ ଅଧିକ ନିର୍ଦ୍ଦିଷ୍ଟରୂପେ କହନ୍ତି । ସେଠାରେ ସେ ଲେଖନ୍ତି, ଯେ ଯାହା ନିର୍ମାଣ କରିଅଛି, ତାହାର ସେହି କର୍ମ ଯଦି ରହିବ, ତେବେ ସେ ପୁରସ୍କାର ପାଇବ ଯଦି କାହାରି କର୍ମ ପୋଡ଼ିଯିବ, ତାହାର କ୍ଷତି ହେବ, ତଥାପି ସେ ନିଜେ ରକ୍ଷା ପାଇବ, କିନ୍ତୁ ତାହା ଅଗ୍ନି ମଧ୍ୟ ଦେଇ ଗମନ କଲା ପରି ହେବ । ସେହି ପୁରସ୍କାର ବିଷୟରେ କୁହାଯାଇ ନାହିଁ, ପୁଣି ସେହି ସାଦୃଶ୍ୟତା ହେଉଛି ଯେ ଯେଉଁ କ୍ଷତି କରାଯାଇଥିବ ତାହା ହେଉଛି ସେହି ପୁରସ୍କାର ଯାହାକି ଆଜ୍ଞାବହତା ପାଇଁ ଦିଆଯାଇଛି ।

ଯୀଶୁ ସ୍ୱର୍ଗରେ ଏକ ମହାନ୍ ପୁରସ୍କାର ବିଷୟକୁ ଉଲ୍ଲେଖ କରନ୍ତି, ମାତ୍ର ତାହା ବ୍ୟାଖ୍ୟା କରନ୍ତି ନାହିଁ (ମାଥିଉ ୫:୧୨) । ତୋଡ଼ାର ନୀତିଗଳ୍ପରେ (ମାଥିଉ ୨୫ ଅଧ୍ୟାୟ ଲୂକ ୧୯:୧୨-୨୭ ପଦ) ସେ କେତେକ କ୍ଷମତା ବା ଅଧିକାରକୁ ଉଲ୍ଲେଖ କରନ୍ତି, ମାତ୍ର କାହା ବା କ'ଣ ଉପରେ ? ପାଉଲ କହନ୍ତି ଯେ ଯେକେହି କୌଣସି ସତ୍‌କର୍ମ କରେ, ସେ ଯେ ପ୍ରଭୁଙ୍କଠାରୁ ସେଥିର ପୁରସ୍କାର ପାଇବ (ଏଫିସୀୟ ୬:୮) । ୧ମ କରିନ୍ଥୀୟ ୪:୫ ପଦ ଅନୁଯାୟୀ ବିଚାର ପରେ ପରେ ପ୍ରତ୍ୟେକେ ଈଶ୍ୱରଙ୍କଠାରୁ ତାଙ୍କର ପ୍ରଶଂସା ଗ୍ରହଣ କରିବେ । ଉଭୟ ରୋମୀୟ ୮:୧୭-୧୮ ପଦ ଓ ୨ୟ କରିନ୍ଥୀୟ ୪:୧୭ ପଦ ଏକ ଗୌରବକୁ ଉଲ୍ଲେଖ କରିଥାଏ ଯାହାକି ସ୍ୱର୍ଗର ସାଧୁମାନଙ୍କ ପାଇଁ ସଂରକ୍ଷିତ ରହିଛି ।

ପୁଣି ଅବଶ୍ୟ ଆମକୁ ପ୍ରକାଶିତବାକ୍ୟ ୨-୩ ଅଧ୍ୟାୟରେ ମଣ୍ଡଳୀମାନଙ୍କ ପ୍ରତି ଦିଆଯାଇଥିବା ସାତୋଟି ପତ୍ରକୁ ବିବେଚନା କରିବା ଉଚିତ୍, ଯଦିଚ ଏହା ଜାଣିବା କଷ୍ଟକର ଅଟେ ଯେ ମଧ୍ୟସ୍ଥ ଅବସ୍ଥାରେ ସେଗୁଡ଼ିକୁ ବର୍ତ୍ତମାନ ଦିଆଯାଇଛି ନା ନାହିଁ, ନା ଦ୍ୱିତୀୟ ଆଗମନ ପ୍ରତି ତାହା କେବଳ ପରବର୍ତ୍ତୀ ବିଷୟ ଅଟେ, ପୁଣି ସେବା ଓ ଆଜ୍ଞାବହତାର

ମାତ୍ରା ଉପରେ ନିର୍ଭର କରି ଯଦି ସେଗୁଡ଼ିକୁ ପାର୍ଥକ୍ୟ ଭାବରେ ଅନୁମୋଦନ ଦିଆଯାଇଥା'ନ୍ତା, କିମ୍ବା ଈଶ୍ୱରଙ୍କ ସନ୍ତାନମାନଙ୍କ ଗହଣରେ ସମାନ୍ ଭାବରେ ବଣ୍ଟନ କରାଯାଇଛି (ପ୍ରକା. ୨:୭, ୧୦, ୧୭, ୨୩; ୩:୫, ୧୨, ୨୧ ପଦ ଆହୁରିମଧ୍ୟ ମାଥିଉ ୧୮:୪; ୧୯:୨୯; ଲୂକ ୧୪:୧୧; ଯାକୁବ ୧:୧୨ ପଦ ଦେଖନ୍ତୁ) ।

ଦୁଇଟି ଶେଷ ଟିପ୍ପଣୀ କ୍ରମାନ୍ୱୟରେ ଅଛି । ପ୍ରଥମେ ଆମର କାର୍ଯ୍ୟକଳାପ ଆମର ପରିତ୍ରାଣକୁ ସ୍ଥିର କରେ ନାହିଁ, ମାତ୍ର ଏହାକୁ ପ୍ରଦର୍ଶନ କରିଥାଏ । ସେଗୁଡ଼ିକ ଈଶ୍ୱରଙ୍କ ସହିତ ଆମର ସ୍ଥିତିର ମୂଳ ନୁହେଁ, ମାତ୍ର ଏହାର ଫଳ ଅଟେ, ଯେଉଁ ସ୍ଥିତି କେବଳ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଆହରଣ କରାଯାଇଛି । ଏକ ଅଦୃଶ୍ୟ ବିଶ୍ୱାସର ଦୃଶ୍ୟମାନ ପ୍ରମାଣ ହେଉଛି ଉତ୍ତମ କାର୍ଯ୍ୟକଳାପ ଯାହାକି ଖ୍ରୀଷ୍ଟଙ୍କ ବିଚାର ସିଂହାସନରେ ଜଣାଯାଇଛି ।

ଦ୍ୱିତୀୟରେ, ଆମକୁ ଭୟ କରିବାକୁ ପଡ଼ିବ ନାହିଁ ଯେ ଆମ କାର୍ଯ୍ୟକଳାପର ପ୍ରକାଶନ ଓ ମୂଲ୍ୟାଙ୍କନ ସହିତ ଅନୁଶୋଚନା ଓ ପଶ୍ଚାତାପ ସ୍ୱର୍ଗର ଆନନ୍ଦକୁ ନଷ୍ଟ କରିଦେବ। ସୁଯୋଗଗୁଡ଼ିକ ନଷ୍ଟ କରିବା ହେତୁ ଯଦି ଦୁଃଖରେ ଲୁହ ବୁହାଇଛନ୍ତି, କିମ୍ବା କରାଯାଇଥିବା ପାପ ହେତୁ ଲଜ୍ଜାରେ କାନ୍ଦିଛନ୍ତି, ତେବେ ସଦାପ୍ରଭୁ ତାହା ଦୂର କରିଦେବେ (ପ୍ରକାଶିତ ୨୦:୪କ) । କ୍ଷମାଦାନକାରୀ ଅନୁଗ୍ରହର ଅବର୍ଣ୍ଣନୀୟ ଆନନ୍ଦ ସମସ୍ତ ଦୁଃଖକୁ ଦୂର କରିଦେବ ଓ ଖ୍ରୀଷ୍ଟଙ୍କ ସୌନ୍ଦର୍ଯ୍ୟ ଆମକୁ ଅନ୍ୟ ଯେକୌଣସି ବିଷୟ ପ୍ରତି ଅନ୍ଧ କରିଦେବ, କିନ୍ତୁ ସେ ଯେ ଅଟନ୍ତି ଓ ସେ ଯାହା କରନ୍ତି, ଅନୁଗ୍ରହ ଦ୍ୱାରା ସେହି ସୌନ୍ଦର୍ଯ୍ୟ ଆମ ପାଇଁ ସମ୍ପାଦିତ ହୋଇଛି କେବଳ ତାହା ଦେଖାଯିବ ।

## ନର୍କ ଓ ଅନନ୍ତ ଦଣ୍ଡ

ବୋଧହୁଏ ପ୍ରକାଶିତ ବାକ୍ୟ ୧୪ ଅଧ୍ୟାୟରେ ହିଁ ନର୍କ ଓ ଅନନ୍ତ ଦଣ୍ଡର ସର୍ବାଧିକ ସ୍ପଷ୍ଟ ବର୍ଣ୍ଣନା ଦେଖିବାକୁ ମିଳିଛି।  ସେଠାରେ ଆମେ ପଢୁ :

> ସେମାନଙ୍କ ପଶ୍ଚାତରେ ଆଉ ଜଣେ, ଅର୍ଥାତ୍ ତୃତୀୟ ଦୂତ ଆସି ଉଚ୍ଚ ସ୍ୱରରେ କହିଲେ, ଯଦି କେହି ସେହି ପଶୁ ଓ ତାହାର ପ୍ରତିମାକୁ ପ୍ରଣାମ କରେ ପୁଣି ଆପଣା କପାଳରେ କି ହାତରେ ତାହାର ଚିହ୍ନ ଗ୍ରହଣ କରେ, ତେବେ ସେ ମଧ୍ୟ ଈଶ୍ୱରଙ୍କ କୋପରୂପ ଯେଉଁ ମଦିରା ଅମିଶ୍ରିତ ଭାବେ ତାହାଙ୍କ କ୍ରୋଧର ପାତ୍ରରେ ପ୍ରସ୍ତୁତ କରାଯାଇଅଛି, ତାହା ପାନ କରିବ ପୁଣି ପବିତ୍ର ଦୂତଗଣଙ୍କ ଓ ମେଷଶାବକଙ୍କ ସାକ୍ଷାତରେ ଅଗ୍ନି ଓ ଗନ୍ଧକ ଦ୍ୱାରା ଯନ୍ତ୍ରଣା ପ୍ରାପ୍ତ ହେବ । ଏପରି ଲୋକମାନଙ୍କ ଯନ୍ତ୍ରଣାର ଧୂମ ଯୁଗେ ଯୁଗେ ଉଠୁଥିବ ଯେଉଁମାନେ ପଶୁ ଓ ତାହାର ପ୍ରତିମାକୁ ପ୍ରଣାମ କରନ୍ତି ପୁଣି ତାହା ନାମର ଚିହ୍ନ ଗ୍ରହଣ କରନ୍ତି, ସେମାନଙ୍କର ଦିବାରାତ୍ର ବିଶ୍ରାମ ନାହିଁ । (୯-୧୧ ପଦ)

ଏହି ଘଟଣା ଏକ ସୁସମାଚାର ପ୍ରଚାରର ଯୁଦ୍ଧକ୍ଷେତ୍ର ହୋଇଛି । ବିନାଶପ୍ରାପ୍ତ ଲୋକମାନଙ୍କର କ୍ଲେଶ କ'ଣ ସଚେତନ ସ୍ତରରେ ଏକ ଅନୁଭୂତି ଯାହାକି କେବେ ବି ଶେଷ

ହୁଏ ନାହିଁ ? କିମ୍ବା ଦଣ୍ଡ ନିଶ୍ଚିହ୍ନତାର ଏକ ପ୍ରକାର ଅଟେ, ଯେଉଁଥିରେ କରାଯାଇଥିବା ପାପର ଯଥାର୍ଥ ଅନୁପାତର ଦୁଃଖଭୋଗର କେବଳ ଗୋଟିଏ ଋତୁ ପରେ ପ୍ରାଣର ଅସ୍ତିତ୍ୱ ରହି ନ ଥାଏ ? ସେମାନଙ୍କ କ୍ଲେଶଭୋଗର ଆରୋହଣ ଧୂଆଁ କ'ଣ ସେମାନେ ସହ୍ୟ କରିଥିବା ଦୁଃଖଭୋଗର ସଚେତନ ସ୍ତରର ଅଶେଷ ଅନୁଭୂତି ପ୍ରତି ସୂଚୀତ କରିଥାଏ ? ନଚେତ୍ ଏହା କ'ଣ ସେମାନଙ୍କ ଦଣ୍ଡର ଏକ ସ୍ଥାୟୀ, ଅପରିବର୍ତ୍ତନୀୟ ଫଳକୁ ଉଲ୍ଲେଖ କରିଥାଏ, ଯେଉଁଥିରେ ସେମାନଙ୍କୁ ନିଶ୍ଚିହ୍ନ କରାଯାଇଛି ? ଯେଉଁମାନେ ପରବର୍ତ୍ତୀ ବିଷୟ ପାଇଁ ଯୁକ୍ତି କରନ୍ତି ସେମାନେ ସମ୍ମତ ହୋଇଥାଆନ୍ତି ଯେ *କ୍ଲେଶଭୋଗ ଥିବା ପର୍ଯ୍ୟନ୍ତ ଏହା ଜାରି ରହିଥାଏ* ଓ ସେଥିରେ କୌଣସି ବିଶ୍ରାମ ଦିନ ବା ରାତି ହେବ ନାହିଁ । ମାତ୍ର ଏହା ଚିରକାଳ ବା ଅନନ୍ତକାଳ ପର୍ଯ୍ୟନ୍ତ ସ୍ଥାୟୀ ରହିଥାଉ ବା ନ ରହିଥାଉ ଏହାକୁ ଅନ୍ୟ କ୍ଷେତ୍ରଗୁଡ଼ିକ ଉପରେ ସ୍ଥିର କରାଯିବାକୁ ପଡ଼ିବ ।[୧୪]

ସେହି ସମୟରେ ଏହି ଯୁକ୍ତିର ଉଭୟ ପାର୍ଶ୍ୱରେ ଶୂନ୍ୟସ୍ଥାନ ପ୍ରତିକ୍ରିୟାକୁ ଅନୁମତି ଦିଏ ନାହିଁ, ଏହା ଏତିକିମାତ୍ର କହିଥାଏ ଯେ ଅନନ୍ତକାଳୀନ ସଚେତନ ସ୍ତରର ଦଣ୍ଡର ସ୍ୱୀକାରୋକ୍ତି ନିଶ୍ଚୟତାକୁ ସମର୍ଥନ କରିବାକୁ ଉଲ୍ଲେଖନୀୟ ବାଇବଲସମ୍ମତ ପ୍ରମାଣ ଅଛି । ଉଦାହରଣସ୍ୱରୂପ, ଆମକୁ ମନରେ ରଖିବାକୁ ପଡ଼ିବ ଯେ ଯେଉଁ ଶବ୍ଦଗୁଡ଼ିକରେ ଧ୍ୱଂସ ଶବ୍ଦଟି ଓ ଏହାର ପ୍ରତିଶବ୍ଦଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଥାଏ ତାହା ବିଭିନ୍ନ ଉପାୟରେ ବ୍ୟବହୃତ ହୋଇଛି, ସେଗୁଡ଼ିକ ମଧ୍ୟରୁ କିଛି ବିଷୟ ଆବଶ୍ୟକ ହୋଇ ନ ଥାଏ କିମ୍ବା ଏପରିକି ସ୍ଥିତିର ବିରତି ଅଟେ । ବ୍ୟବହାର ସୂଚୀତ କରେ ଯେ ସତ୍ତାର ବିଲୁପ୍ତି ବିନା ଧ୍ୱଂସସାଧନ ହୋଇପାରିବ । ପୁଣି ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଯେ ନର୍କର ଅଗ୍ନି ଏହାର ବିଷୟଗୁଡ଼ିକୁ ଗ୍ରାସ କରିଥାଏ ଓ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିଥାଏ, କୌଣସି ବିଷୟ ଛାଡ଼ି ଦେଇ ନ ଥାଏ, ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଏହା ରୂପକ ଅଟେ, ପୁଣି ସେଥିପାଇଁ ନର୍କର ସମୟ ବିଷୟରେ କିଛି ପ୍ରମାଣ କରିବାକୁ ଶବ୍ଦଗୁଡ଼ିକୁ ଚାପ ଦିଅନ୍ତି ନାହିଁ, ସେଗୁଡ଼ିକ ଯୋଗାଯୋଗ କରିବା ଉଦ୍ଦେଶ୍ୟରେ କେବେ ବି ନ ଥିଲା ।

ନୂତନ ନିୟମରେ ନର୍କକୁ ଭୟଙ୍କର ଅନ୍ଧକାର ଓ ଅଗ୍ନିର ହ୍ରାସ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଦୁଇଟି ବର୍ଣ୍ଣନା କିପରି ଭାବରେ ସ୍ଥିତିରେ ଆସିପାରିବ ଯଦି ସେଗୁଡ଼ିକ କଠୋର ଭାବରେ ଆକ୍ଷରିକ ଅଟେ ? ତେଣୁ ନର୍କରେ ଅଗ୍ନିର ସମ୍ଭାବ୍ୟ କାର୍ଯ୍ୟ ବିଷୟରେ କଠୋର ଧର୍ମତାତ୍ତ୍ୱିକ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ସତର୍କ ହେବାକୁ ପଡ଼ିବ । ତା'ସତ୍ତ୍ୱେ କେହି ଜଣେ ବି ମାଥିଉ ୧୮:୮ ପଦ ବିଷୟରେ ଚମତ୍କୃତ ନ ହୋଇ ରହିପାରିବ ନାହିଁ, ଯାହାକି ସେହିମାନଙ୍କ ବିଷୟରେ କହିଥାଏ ଯେଉଁମାନଙ୍କୁ ଅନନ୍ତ ଅଗ୍ନିରେ ନିକ୍ଷେପ କରାଯାଇଛି । ଡ଼ି.ଏ. କାର୍ସନ୍ ଯେପରି କହନ୍ତି, ଜଣଙ୍କୁ ନିଶ୍ଚିତରୂପେ କହିବାକୁ ପଡ଼ିବ ଯେ ସେହି ଅଗ୍ନି କାହିଁକି ଚିରକାଳ ଜଳିବା ଉଚିତ୍ ଓ କୀଟଗୁଡ଼ିକ ମରିବା ଉଚିତ୍ ନୁହେଁ (ମାର୍କ ୯:୪୭-୪୮) ଯଦି ସେମାନଙ୍କ ଉଦ୍ଦେଶ୍ୟ ସଫଳ ହୋଇସାରିଛି ।[୧୫]

ଆମେ ଏହା ମଧ୍ୟ ଲକ୍ଷ୍ୟ କରିବା ଉଚିତ୍ ଯେ ଅନେକ ପାଠ ଅଛି ଯେଉଁଠାରେ *ଆଇଅନ୍* ଅନେକ ସମୟରେ ବୟସକୁ ଉଲ୍ଲେଖ କରିଥାଏ, ଯାହାର ଅର୍ଥ ହେଉଛି ଅନନ୍ତକାଳ ଯେପରି ଏହା ଏକ ଅଧିକ ସୀମିତ ସମୟ ଅବଧିକୁ ଉଲ୍ଲେଖ କରିଥାଏ । ଏହା ସେହି ଯୁକ୍ତିର ଉଭୟ ପାର୍ଶ୍ୱ ଉପରେ ଅମୀମାଂସିତ ଅଟେ । ଆମେ ସୀମିତ ମନୁଷ୍ୟମାନେ ଆମ ପାପର ପ୍ରଚୁରତା ପାଇଁ କେବଳ କ୍ଷତିପୂରଣ ଲୋଡ଼ିଥାଉ, ଆମକୁ ସେଥିପ୍ରତି ଆବେଗପୂର୍ଣ୍ଣ ଭାବରେ ଯତ୍ନଶୀଳ ହେବାକୁ ମଧ୍ୟ ପଡ଼ିବ । କାର୍ସନ୍ ଯଥାର୍ଥ ଭାବରେ ପ୍ରଶ୍ନ କରନ୍ତି ଯେ ଆମର ନିଜର ସ୍ଥିତି ଦ୍ୱାରା ପାପର ପ୍ରାଧାନ୍ୟ ପ୍ରତିଷ୍ଠାଲାଭ କରିଛି ନା ସାର୍ବଭୌମ, ସର୍ବୋତ୍କୃଷ୍ଟ ଈଶ୍ୱରଙ୍କ ବିରୁଦ୍ଧରେ ଅପମାନ ଦ୍ୱାରା ପାପର ପ୍ରାଧାନ୍ୟ ପ୍ରତିଷ୍ଠାଲାଭ କରିଛି ।[୧୬] ଜନ୍ ପାଇପର୍ ଟିପ୍ପଣୀ ଦିଅନ୍ତି, ଜରୁରୀ ବିଷୟ ହେଉଛି ଯେ ମର୍ଯ୍ୟାଦାକୁ ଆପଣ କେତେ ଅପମାନିତ କରିଛନ୍ତି ତା' ଉପରେ ଦୋଷାରୋପଣର ମାତ୍ରା ଆସି ନ ଥାଏ, ମାତ୍ର ଆପଣ କେତେ ଉଚ୍ଚରେ ସେହି ମର୍ଯ୍ୟାଦାକୁ ଅପମାନିତ କରିଥିଲ ତହିଁ ଆଧାରରେ ଆସିଥାଏ ।[୧୭] ଆମର ପାପ ଅସୀମ ଦଣ୍ଡ ପାଇବାକୁ ଯୋଗ୍ୟ ଅଟେ, କାରଣ ସେହି ଜଣଙ୍କର ଅସୀମ ଗୌରବ ବିରୁଦ୍ଧରେ ଏହା କରାଯାଇଛି ।

ଯେପରି କେହି କେହି ପ୍ରସ୍ତାବ ଦିଅନ୍ତି ସେହିପରି ସେହି ଅନନ୍ତ ଦୁଃଖଭୋଗର ଅର୍ଥ ହେଉଛି ଯେ ଈଶ୍ୱର ପାପ ଓ ମନ୍ଦତା ଉପରେ ସମ୍ପୂର୍ଣ୍ଣ ବିଜୟ ଲାଭ କରନ୍ତି ନାହିଁ, ସେମାନେ ହୃଦୟଙ୍ଗମ କରିପାରନ୍ତି ନାହିଁ ଯେ କେବଳ ଯେଉଁ ପାପର ଦଣ୍ଡ ମିଳେ ନାହିଁ ତାହାକୁ ନ୍ୟାୟରହିତ ବୋଲି ସୂଚୀତ କରାଯିବ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ ନ ହେବା ବୋଲି ସୂଚୀତ କରାଯିବ । ନର୍କ ଓ ଏଥିରେ ଥିବା ଲୋକମାନଙ୍କର ସ୍ଥିତି ଈଶ୍ୱରଙ୍କ ପବିତ୍ରତା ଓ ତାହାଙ୍କର ଧାର୍ମିକତା ଉପରେ ଅଧିକ ଭାବରେ ପ୍ରତିଫଳିତ ହେବ ଯାହାକି ମନ୍ଦତାର ବିରୋଧ ଅଟେ, ତାହା ଅନ୍ୟ ଯେକୌଣସି ବିଶ୍ୱତତ୍ତ୍ୱ ସମ୍ବନ୍ଧୀୟ ସମ୍ଭାବ୍ୟ ଦ୍ୱୈତବାଦ ଉପରେ ପ୍ରତିଫଳିତ ।

ବୋଧହୁଏ ଅସୀମ ଦଣ୍ଡର ଧାରଣା ହେଉଛି କମ୍ ଅପମାନଜନକ ଯେତେବେଳେ ଅସୀମ ପାପ ସହିତ ବିବେଚନା କରାଯାଇଥାଏ । ନର୍କରେ ଥିବା ଲୋକମାନେ ଯଦି କେବେ ବି ପାପ କରିବା ବନ୍ଦ ନ କରନ୍ତି, ତେବେ ସେମାନେ କାହିଁକି କେବେ ଦୁଃଖଭୋଗ କରିବାରୁ ବିରତ ହେବା ଉଚିତ୍ ?[୧୮] ଯଦି କେହି ଯୁକ୍ତି କରନ୍ତି ଯେ ଲୋକମାନେ ନର୍କରେ ସୋମନଙ୍କ ପାପର ସମ୍ପୂର୍ଣ୍ଣ ମୂଲ୍ୟ ଦିଅନ୍ତି ଓ କୌଣସି ଏକ ସ୍ଥାନରେ ପାପ କରିବା ବନ୍ଦ କରନ୍ତି, ସେତେବେଳେ କାହିଁକି ସେମାନଙ୍କୁ ସ୍ୱର୍ଗକୁ ନିଆଯିବ ନାହିଁ (ସେହିପରି ଭାବରେ ନର୍କ ମୃତ୍ୟୁ ପରେ କିନ୍ତୁ ସ୍ୱର୍ଗରେ ପ୍ରବେଶ କରିବର ସ୍ଥାନ ବା ଅବସ୍ଥା) ? ନର୍କରେ ସେମାନଙ୍କ ପାପର ସମ୍ପୂର୍ଣ୍ଣ ମୂଲ୍ୟ ଯଦି ଦିଆଯାଇ ନାହିଁ, ତେବେ କେଉଁ ଆଧାରରେ ନ୍ୟାୟ ସେମାନଙ୍କୁ ନିଶ୍ଚିହ୍ନ ହେବାକୁ ଅନୁମତି ଦେଇଥାଏ ?

ଶେଷରେ, ମାଥିଉ ୨୫:୪୬ ପଦ ଓ ପ୍ରକାଶିତବାକ୍ୟ ୨୦:୧୦-୧୫ ପଦକୁ ବର୍ଣ୍ଣନା କରିବାକୁ ପଡ଼ିବ । ପଶୁ ଓ ଭଣ୍ଡ ଭାବବାଦୀଙ୍କ ପରିଚୟ ବିଷୟରେ ଚିନ୍ତା କରିବା ନିର୍ବିଶେଷରେ, କୌଣସି ସୁସମାଚାରୀୟ ବିଷୟ ଅସ୍ୱୀକାର କରନ୍ତି ନାହିଁ ଯେ ଶୟତାନ ଏକ ବ୍ୟକ୍ତି ଅଟେ

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଯେ କି ଉଭୟ ଚିନ୍ତା କରିଥାଏ ଓ ଅନୁଭୂତି ଲାଭ କରିଥାଏ ଅନୁଭବ ଓ ଅନୁଭୂତିକୁ । ତେଣୁ ଏଠାରେ ଅନ୍ତତଃପକ୍ଷେ ସେହିପରି ଜଣେ ବ୍ୟକ୍ତି ଅଛନ୍ତି, ଯେ କି ସ୍ୱଷ୍ଟରୂପେ ସଚେତନ ସ୍ତରରେ ଅନନ୍ତ କ୍ଲେଶଭୋଗ କରନ୍ତି । ଆମେ ହୁଏତ ତାଙ୍କ ପାଇଁ ସେତେ ଦୟା ଅନୁଭବ କରିବା ନାହିଁ, ଯେପରି ଆମର ସାଥୀମାନେ କରନ୍ତି, ପୁଣି ଆମେ ହୁଏତ ଆନନ୍ଦ ସହକାରେ ଦାବି କରିଥାଉ ଯେ ସେ ଅନ୍ୟ କୌଣସି ମନୁଷ୍ୟଙ୍କ ଅପେକ୍ଷା ଅଧିକ ମନ୍ଦ ଅଟନ୍ତି, ମାତ୍ର ସେତେବେଳେ ବି ଏହା ଦେଖିବା କଠିନ ଅଟେ ଯେ ପାପୀ ମନୁଷ୍ୟର ସଚେତନ ସ୍ତରରେ ଅନନ୍ତକାଳୀନ ଦୁଃଖଭୋଗର ଧାରଣା ବିରୁଦ୍ଧରେ ଯୁକ୍ତିଗୁଡ଼ିକ କିପରି ଭାବରେ ସ୍ଥାପିତ ହୋଇଛି ତାହା ଦେଖିବା କଷ୍ଟ ଅଟେ, ତାହା ଶୟତାନ ବିରୁଦ୍ଧରେ କିଛି କମ୍ ଯୁକ୍ତିଯୁକ୍ତ ବିଷୟ ଅଟେ ।[୧୯]

## ପୃଥିବୀରେ ସ୍ୱର୍ଗ

ଖ୍ରୀଷ୍ଟିୟାନର ସମ୍ପୂର୍ଣ୍ଣ ଆଶା ସ୍ୱଭାବତଃ ପାର୍ଥିବ ଭାବରେ ଅପରିହାର୍ଯ୍ୟ ଅଟେ । ଈଶ୍ୱରଙ୍କ ଲୋକମାନଙ୍କର ମୁକ୍ତିରେ ଈଶ୍ୱରଙ୍କ ଚରମ ଲକ୍ଷ୍ୟ ସର୍ବଦା ପ୍ରାକୃତିକ ସୃଷ୍ଟିର ପୁନଃସଂସ୍ଥାପନକୁ ଅନ୍ତର୍ଭୁକ୍ତ କରିଛି । ଉପରେ ଆମେ ଯେପରି ଲକ୍ଷ୍ୟ କରିଥିଲୁ, ସେହିପରି ଈଶ୍ୱରଙ୍କ ରାଜ୍ୟ ପ୍ରଧାନତଃ ଈଶ୍ୱରଙ୍କ ଲୋକମାନଙ୍କ ଉପରେ ତାହାଙ୍କ ରାଜତ୍ୱ ବା ଶାସନକୁ ଉଲ୍ଲେଖ କରେ । ତେଣୁ ରାଜ୍ୟକୁ ବିଶ୍ୱାସ କରିବା ଓ ଗ୍ରହଣ କରିବା ହେଉଛି ଈଶ୍ୱରଙ୍କ ସାର୍ବଭୌମ ଯୁଆଳି ପ୍ରତି ସମର୍ପିତ ହେବା । ଅପରପକ୍ଷରେ, ଈଶ୍ୱରଙ୍କ ରାଜତ୍ୱ ନିଜେ ନିଜେ ପ୍ରକାଶିତ ହୋଇଥାଏ ପୁଣି ଏକ ନିର୍ଦ୍ଦିଷ୍ଟ ଐତିହାସିକ ଓ ଜାଗତିକ ରାଜ୍ୟରେ ହୃଦୟଙ୍ଗମ କରାଯାଇଛି । ଅତଏବ ମୌଳିକ ଭାବରେ ପ୍ରଧାନ ବ୍ୟକ୍ତିଙ୍କୁ ଦିଆଯାଇଥିବା ଦେଶର ପ୍ରତିଜ୍ଞାଠାରୁ ଭିନ୍ନ ଈଶ୍ୱରଙ୍କ ରାଜ୍ୟକୁ ଅର୍ଥପୂର୍ଣ୍ଣ ଭାବରେ ଆମେ କହିପାରିବା ନାହିଁ ।[୨୦]

କେହି କେହି ଦାବି କରନ୍ତି ଯେ ଉଦ୍ଦେଶ୍ୟମୂଳକ ଭାବରେ ଦେଶ ଥିଲା ରୂପକ, ଏକ ଭାବବାଦୀୟ ସ୍ୱର୍ଗୀୟ ବା ଆତ୍ମିକ ଆଶୀର୍ବାଦ ଯାହାକି ଏବେ ମଣ୍ଡଳୀ ଦ୍ୱାରା ପୂରଣ ହେଉଛି ନଚେତ୍ ଆଗାମୀ ଯୁଗରେ ପୂରଣ ହେବ । ସେଥିପାଇଁ ଜାଗତିକ କିଣାନ ଦେଶକୁ କେବେ ବି ଆକ୍ଷରିକ ଭାବରେ ଏକ ଅନନ୍ତ ଉତ୍ତରାଧିକାର ଭାବରେ ପରିକଳ୍ପନା କରାଯାଇ ନ ଥିଲା, ମାତ୍ର ଏହାକୁ ଭବିଷ୍ୟତ୍‌ର ଆଶୀର୍ବାଦର ଏକ ନମୁନା ଭାବରେ, ସ୍ୱଭାବତଃ ସ୍ୱର୍ଗୀୟ ଓ ଆତ୍ମିକ ଭାବରେ ସେବା କରିଥିଲା ।

ମାତ୍ର ଲାଡ୍ ଯେପରି ଏତେ ସହାୟକ ଭାବରେ ଆମକୁ ସ୍ମରଣ କରନ୍ତି, ମୁକ୍ତି ବିଷୟରେ ବାଇବଲସମ୍ମତ ଧାରଣା ସର୍ବଦା ପୃଥିବୀକୁ ଅନ୍ତର୍ଭୁକ୍ତ କରିଥାଏ ।[୨୧] ଅନେକ ସୁସମାଚାରୀୟ ଦର୍ଶନ ଦେଖନ୍ତି ଈଶ୍ୱରଙ୍କ ରାଜ୍ୟ ପ୍ରତିଜ୍ଞାର ପାର୍ଥିବ ଦିଗ ସମ୍ପନ୍ନର ଏକ ହଜାର ବର୍ଷ ବିରତି ଅଟେ, ତାହା ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନର ପରବର୍ତ୍ତୀ ସମୟ ଅଟେ ମାତ୍ର ଅନନ୍ତ ସ୍ଥିତିରେ ଉଦ୍ଘାଟନର ପୂର୍ବ ସମୟ ଅଟେ (ପ୍ରକାଶିତ ୨୦:୧-୧୦) । ସହସ୍ର ଯୁଗ ସମୟ ଓ ସ୍ଥାନ ଭାବରେ କାର୍ଯ୍ୟ କରିବ (ଅନ୍ତତଃପକ୍ଷେ ପ୍ରାରମ୍ଭିକ ଭାବରେ) ଯେଉଁଠାରେ ଈଶ୍ୱରଙ୍କର ଆପଣା ଲୋକମାନଙ୍କ ଉପରେ ପାର୍ଥିବ ଶାସନର ପୁରାତନ ନିୟମର ପ୍ରତିଜ୍ଞାଗୁଡ଼ିକ ସମ୍ପନ୍ନ ହେବ ।

ଏହିପରି ଭାବରେ ହିଁ ଖ୍ରୀଷ୍ଟଙ୍କ ରାଜ୍ୟ ହୁଏତ ମଧ୍ୟ ଇତିହାସରେ ଖୋଲିଯିବ, ପାପ ଓ ଅନ୍ଧକାରର ଶକ୍ତି ଉପରେ ତାହାଙ୍କ ଚରମ ବିଜୟର ଏକ ସାକ୍ଷ୍ୟ ସ୍ୱରୂପ । ଅନ୍ୟମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କର ତାହାଙ୍କ ଲୋକମାନଙ୍କ ଉପରେ ଦେଶରେ ଶାସନ କରିବା ପାଇଁ ପୁରାତନ ନିୟମ ଭାବବାଦୀୟ ପ୍ରତିଜ୍ଞା ନୂତନ ପୃଥିବୀରେ ସମ୍ପନ୍ନ ହେବ, ଯାହାକି ଅନନ୍ତ ସ୍ଥିତିକୁ ଉଦ୍ଘାଟନ କରିଥାଏ । ଏହି ମତ ଅନୁଯାୟୀ ଦେଠରେ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକ ମସୀହ ରାଜତ୍ୱର ପୁରାତନ ନିୟମ ପ୍ରତିଜ୍ଞା ଆକ୍ଷରିକ ଭାବରେ ସଫଳ ହେବ । ମାତ୍ର ଏହା ପୂରଣ ହେବ, ବର୍ତ୍ତମାନ, ମୁକ୍ତି ହୋଇ ନ ଥିବା ପୃଥିବୀରେ ନୁହେଁ, ମାତ୍ର ପ୍ରକାଶିତବାକ୍ୟ ୨୧-୨୨ ଅଧ୍ୟାୟରେ ବର୍ଣ୍ଣିତ ନୂତନ ପୃଥିବୀରେ ।

ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ସହିତ ସମ୍ପର୍କିତ ପୁରାତନ ନିୟମର ମୁଖ୍ୟ ପାଠ ଯିଶାଇୟ ୬୫:୧୭-୨୫ ପଦରେ (ଆହୁରିମଧ୍ୟ ଦେଖନ୍ତୁ ୬୬:୨୨ ପଦ) ଦେଖିବାକୁ ମିଳିଥାଏ । ଏହା ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଏହି ପାଠରେ ଏକ ସମସ୍ୟା ଅଛି ସମସ୍ତ ସମ୍ପୂର୍ଣ୍ଣ ମତ ପାଇଁ, ସହସ୍ର ବର୍ଷ ପୂର୍ବରୁ, ସହସ୍ର ବର୍ଷ ପରେ, କିମ୍ବା ସହସ୍ରବର୍ଷ ମଧ୍ୟରେ । ଆମେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାଉ ତାହା ୨୦ ଓ ୨୩ ପଦରେ ଦେଖିବାକୁ ମିଳିଥାଏ । ସେଠାରେ ଆମେ ପଢ଼ୁ ଯେ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀରେ ଏପରି ଜଣେ ବି ଶିଶୁ ନ ଥିବ ଯେ କି ଅଳ୍ପ କିଛି ଦିନ ବାସ କରିବ ନାହିଁ, କିମ୍ବା ଜଣେ ବୃଦ୍ଧ ବ୍ୟକ୍ତି ନ ଥିବ ଯେ କି ତାଙ୍କର ଦିନଗୁଡ଼ିକ ପୂରଣ କରିବେ ନାହିଁ, କାରଣ ଯୁବା ବ୍ୟକ୍ତି ଏକଶହ ବର୍ଷ ବୃଦ୍ଧ ହୋଇ ମରିବ ଓ ପାପୀ ଏକଶହ ବର୍ଷ ବୃଦ୍ଧ ହୋଇ ଅଭିଶପ୍ତ ହେବ (୨୦ ପଦ) । ପୁଣି ୨୩ ପଦରେ ଏପରି ଜଣାଯାଏ ଯେପରି ପ୍ରସ୍ତାବ ଦେଇଥାଏ ଯେ ସେହି ସମୟର ଲୋକମାନେ ସନ୍ତାନ ପ୍ରସବ କରିବେ । ଯଦି ଯିଶାଇୟ ସେହି ଅବସ୍ଥାକୁ ବର୍ଣ୍ଣନା କରୁଛନ୍ତି ଯାହାକି ଅନନ୍ତ ସ୍ଥିତିରେ ଆହରଣ କରାଯାଇଛି ଓ ତାହାଙ୍କ ଉଲ୍ଲେଖ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଅଟେ, ତେବେ ତାହା ଏହା ସୂଚୀତ କରିବାକୁ ଦେଖାଯିବ ଯେ ବିଷୟ ତାହା ହିଁ ଅଟେ, ସମସ୍ତ ଖ୍ରୀଷ୍ଟିୟାନ ଓ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ବିଶିଷ୍ଟ ଲୋକ ନୁହଁନ୍ତି, ସେମାନଙ୍କୁ ଈଶ୍ୱରଙ୍କ ଲୋକମାନଙ୍କର ସମ୍ପୂର୍ଣ୍ଣ ଅନୁଭୂତିରୁ କମ୍‌ର ବିବରଣୀ ଦେବାକୁ ପଡ଼ିବ ।

ଆମେ ହୁଏତ ଭାବବାଦୀୟ ସାହିତ୍ୟକୁ ଅର୍ଥ କରିବାର ଏକ ସମ୍ଭାବନାର ଟିପ୍ପଣୀ ନେବା ଦ୍ୱାରା ଏହି ସମସ୍ୟାକୁ ସମ୍ବୋଧନ କରିବାକୁ ସାହାଯ୍ୟ ପାଇପାରିବା :

> ଭାବବାଣୀ ବର୍ଗୀକରଣ ଭାବରେ ବ୍ୟକ୍ତି ବିଶେଷର ସୀମିତ ବୋଧଗମ୍ୟତାର ଶବ୍ଦଗୁଡ଼ିକରେ କରାଯାଇଥାଏ ଯାହା ପ୍ରତି ଏହା ଦତ୍ତ ହୋଇଥିଲା । ତାହା ହେଉଛି କହିବା, ଭାବବାଦୀୟ ଭାଷା ଐତିହାସିକ ଓ ସାଂସ୍କୃତି ସ୍ଥିତି ଦ୍ୱାରା ସର୍ତ୍ତମୂଳକ ହୋଇଛି ଯେଉଁଥିରେ ଭାବବାଦୀ ଓ ଲୋକମାନେ ନିଜ ନିଜକୁ ଦେଖିବାକୁ ପାଆନ୍ତି... (ତେଣୁ) ଭବିଷ୍ୟତ୍‌ର ରାଜ୍ୟକୁ ଦେଖାଯାଇଛି ଧର୍ମଶାସନର ଏକ ପରିବର୍ଦ୍ଧନ ଓ ଗୌରବ ଭାବରେ, ସର୍ବାଧିକ ସାଧାରଣ ପ୍ରତିନିଧି ଯାହାକି ଦାଉଦ ଓ ଶଲୋମନଙ୍କ ରାଜତ୍ୱରେ

ଏହାର ସର୍ତ୍ତ ଅଟେ । ସେହି ଅନୁଯାୟୀ ଭବିଷ୍ୟତ୍ ପାଇଁ ଐଶ୍ୱର୍ଯ୍ୟ *ଆଦର୍ଶ ଅତୀତ* ଭାବରେ ଚିତ୍ରଣ କରାଯାଇଛି, ତାହା ଭାବବାଦୀଙ୍କର ସାମ୍ପ୍ରଦାୟିକତା ପ୍ରତି ଜଣାଶୁଣା ଓ ସନ୍ତୋଷଜନକ ଅଟେ । ଏହି ସତ୍ୟ ଘଟଣା ପୁନରାବୃତ୍ତି ଅଟେ ତାହା ହେଉଛି ଭବିଷ୍ୟତ୍ ଚିତ୍ରଣ ହେବା ରାଜ୍ୟର ଅତୀତ ଗୌରବର ପୁନରାବୃତ୍ତି ।[୨୨]

ଗାର୍ଲିଂଟନ୍‌ଙ୍କ ବିଷୟ ହେଉଛି ଯେ ପୁରାତନ ନିୟମ ଲେଖକମାନେ ହୁଏତ କୌଣସି କୌଣସି ସମୟରେ ଭବିଷ୍ୟତ୍ ବିଷୟରେ କହନ୍ତି ଶବ୍ଦଗୁଡ଼ିକରେ, ପ୍ରତିମୂର୍ତ୍ତିରେ ଓ ଧାରଣାଗୁଡ଼ିକରେ ଯାହାକି ସାମାଜିକ ଓ ସାଂସ୍କୃତିକ ଜଗତରୁ ଆହରଣ କରାଯାଇଥିଲା ଯାହା ସହିତ ସେ ଓ ତାଙ୍କର ସମସାମୟିକ ବ୍ୟକ୍ତିଗଣ ଜଣାଶୁଣା ଥିଲେ । ତାଙ୍କ ବାକ୍ୟ କପରି ଭାବରେ ଏକ ଦୂର ସମୟରେ ସମ୍ପନ୍ନ ହୋଇଥାଏ ତାହା ସେ ସମ୍ପୂର୍ଣ୍ଣରୂପେ ଆହରଣ କରିପାରି ନ ଥିବାରୁ ଓ ଖ୍ରୀଷ୍ଟଙ୍କ ଆମଗନ ଦ୍ୱାରା ନୂତନ ଜଗତ ପରିବର୍ତ୍ତିତ ହୋଇଥିବାରୁ, ସେ ଈଶ୍ୱରଙ୍କ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଧାରଣ କରନ୍ତି, ସେଥିରେ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀର ଗୌରବ ଅନ୍ତର୍ଭୁକ୍ତ ହେଉଛି, ସେହିମାନଙ୍କ ବିଶ୍ୱାସ, ଭୟ ଓ ଆଶାରେ ରହିଛି ଯେଉମାନଙ୍କୁ ସେମାନେ ମୌଳିକ ଭାବରେ ମୁକ୍ତ କରିଛନ୍ତି । ତେଣୁ ଭାବବାଦୀଗଣ ଯେତେବେଳେ ଭବିଷ୍ୟତ୍ ବିଷୟରେ କହିଥିଲେ, ସେତେବେଳେ ସେମାନେ ହୁଏତ ସେହିସବୁ ଶବ୍ଦ ଓ ବାସ୍ତବତା ବ୍ୟବହାର କରିବାକୁ ମନୋନୀତ କରିଥିଲେ ଯାହାକି ସେମାନଙ୍କ ନିଜର ଅତୀତ ଓ ବର୍ତ୍ତମାନର ଅନୁଭୂତିରେ ରହିଥାଏ, ଯେପରି ଦେଶ, ବ୍ୟବସ୍ଥା, ଯିରୂଶାଲମ ନଗର, ମନ୍ଦିର, ବଳିଦାନ ପଦ୍ଧତି ଓ ଯାଜକତ୍ୱ ।[୨୩]

ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଏହିସବୁ ଭାବବାଣୀର ସଫଳତା ସେହିମାନଙ୍କ ସାମୟିକ ବାସ୍ତବତାରେ ରହିଛି ଯାହା ସହିତ ମୂଳ ଶ୍ରୋତା ଜ୍ଞାତ ଥିଲେ, ତାହା ଅନେକ ସମୟରେ ଅତିକ୍ରମ କରିଯିବ ଓ ସେମାନଙ୍କୁ ପରିବର୍ତ୍ତନ କରିଦେବ । କୌଣସି ନିର୍ଦ୍ଦିଷ୍ଟ ପ୍ରତିଜ୍ଞାର ସମ୍ପନ୍ନତାରେ ଅନେକ ସମୟରେ କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରତିଜ୍ଞାର କ୍ରମବର୍ଦ୍ଧମାନ ଅବସ୍ଥା ବା ତୀବ୍ର ପ୍ରକ୍ରିୟାର ଏକ ବିଷୟ ରହିଛି ।

ତେଣୁ ସେହି ଉପାୟଗୁଡ଼ିକ ମଧ୍ୟରୁ ଗୋଟିଏ ଯେଉଁଥିରେ ଏହି ଭାବବାଣୀର ମୂଳ ଲେଖକ ହୁଏତ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀର ବାସ୍ତବ ଭବିଷ୍ୟତ୍ ଗୌରବକୁ ଲୋକମାନଙ୍କୁ ପ୍ରକାଶ କରିବେ ଯେଉଁଗୁଡ଼ିକ ପ୍ରକାଶନର ଅଗ୍ରଗତି ଦ୍ୱାରା ସେହି ବିଷୟ ପର୍ଯ୍ୟନ୍ତ ଯଥା ସମୟରେ ସୀମିତ ହୋଇଥିଲା ଯେପରି ଏହାକୁ ଏକ ଆଦର୍ଶକ ଉପସ୍ଥାପନାର ଅତ୍ୟୁକ୍ତି ବା ଅତିରଞ୍ଜିତ ବିଷୟ ଦ୍ୱାରା ଚିତ୍ରଣ ହୋଇଥିଲା ।[୨୪] ଯେକେହି ମୂଳ ଶ୍ରୋତାମାନଙ୍କ ଉପରେ ପ୍ରଭାବକୁ ଭଲରୂପେ କଳ୍ପନା କରିପାରିବେ ଯେଉଁମାନଙ୍କୁ ଯିଶାଇୟ ଏକ ଯୁଗ ବିଷୟରେ ଲେଖିଥିଲେ ଯେଉଁଥିରେ ଜଣେ ବ୍ୟକ୍ତି ଏକଶହ ବର୍ଷରେ ମୃତ୍ୟୁବରଣ କରୁଥିଲେ ତାହା ହେଉଛି ଜଣେ ଶିଶୁ ବିଷୟରେ ଚିନ୍ତାଧାରା, ଏକ ଯୁଗ ଯେଉଁଥିରେ ସନ୍ତାନ ଜନ୍ମ ଅତୀତ କାଳର ଏକ ବିଷୟର ଜଣାଶୁଣା ଯନ୍ତ୍ରଣା ଅଟେ ।

ନୂତନ ନିୟମ ବହୁଳ ଭାବରେ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀର ଏହି ପ୍ରସଙ୍ଗ ଉପରେ ବହୁଳ ଭାବରେ ପରିବର୍ଦ୍ଧିତ ହୋଇଥାଏ ଯେପରି ସମସ୍ତ ବିଷୟ ଉପରେ

ଈଶ୍ୱରଙ୍କ ପୁନଃସଂସ୍ଥାପନର କେନ୍ଦ୍ରୀୟ ବିଷୟ ଅଟେ । ଏହା ଅତି ସ୍ପଷ୍ଟରୂପେ ଏବ୍ରୀ ୧୧ ଅଧ୍ୟାୟରେ ସର୍ବାଧିକ ସ୍ପଷ୍ଟରୂପେ ଦେଖାଯାଇଥାଏ ଓ ତା'ପରେ ପ୍ରକାଶିତ ବାକ୍ୟ ୨୧-୨୨ ଅଧ୍ୟାୟରେ ଦେଖାଯାଇଥାଏ । ପ୍ରଥମଟିରେ ଆମକୁ କୁହାଯାଇଛି ଯେ ଅବ୍ରାହାମ୍ ଯେତେବେଳେ ଶେଷରେ ପ୍ରତିଜ୍ଞାତ ଦେଶରେ ପହଞ୍ଚିଲେ, ସେତେବେଳେ ସେ କେବଳ ସେଠାରେ ଆବଦ୍ଧ ହୋଇ ରହିଲେ, ଜଣେ ଅପରିଚିତ ଓ ନିର୍ବାସିତ ଭାବରେ, ଯେପରି ଏକ ବିଦେଶରେ (ଏବ୍ରୀ ୧୧:୯, ୧୩) । କେହି କ'ଣ ପଚାରିବା ଉଚିତ୍ ଯେ ସେ ଏକ ଉତ୍ତରାଧିକାରୀ ଭାବରେ ଏହି ଦେଶ ଗ୍ରହଣ କରିବେ ତାହା ତାଙ୍କୁ କିପରି ଭାବରେ କୁହାଯାଇପାରିବ, ଯେତେବେଳେ ତାଙ୍କର ମାଲିକାନାସତ୍ୱର କୌଣସି ଅଧିକାର ନାହିଁ, ଏହି ପାଠରେ ଏହାର ଉତ୍ତର ରହିଛି : କାରଣ ଯେଉଁ ନଗର ଭିତ୍ତିମୂଳବିଶିଷ୍ଟ, ପୁଣି ଯାହାର ଶିଳ୍ପୀ ଓ ନିର୍ମାତା ସ୍ୱୟଂ ଈଶ୍ୱର, ସେ ତହିଁର ଅପେକ୍ଷାରେ ଥିଲେ (୧୦ ପଦ) ।

ଏହି ନଗରକୁ ଈଶ୍ୱର ସେମାନଙ୍କ ପାଇଁ ପ୍ରସ୍ତୁତ କରିଅଛନ୍ତି (ଏବ୍ରୀ ୧୧:୧୬), ଏହାକୁ ପୁନର୍ବାର ଏବ୍ରୀ ୧୨:୨୨ ପଦରେ ଜୀବିତ ଈଶ୍ୱରଙ୍କ ସ୍ୱର୍ଗୀୟ ଯିରୁଶାଲମ, ନଗର ବୋଲି ଉଲ୍ଲେଖ କରାଯାଇଛି । ୧୩:୧୪ ପଦରେ ଆମେ ପୁନର୍ବାର ପଢୁ ଯେ କାରଣ ଏଠାରେ ଆମ୍ଭମାନଙ୍କର ଚିରସ୍ଥାୟୀ ନଗର ନାହିଁ, କିନ୍ତୁ ଆମ୍ଭେମାନେ ଆଗାମୀ ନଗରର ଅନ୍ୱେଷଣ କରୁଅଛୁ । ଏହା ନିଶ୍ଚିତରୂପେ ଏବ୍ରୀ ୧୨:୨୨ ପଦର ସ୍ୱର୍ଗୀୟ ଯିରୁଶାଲମକୁ ଉଲ୍ଲେଖ କରିଥାଏ, ଯେଉଁ ନଗରର ଭିତ୍ତିମୂଳ ଅଛି (ଏବ୍ରୀ ୧୧:୧୦) ।

ଏଠାରେ ଯେଉଁ ଉଲ୍ଲେଖନୀୟ ବିଷୟ ଅଛି ତାହା ହେଉଛି ପ୍ରକାଶିତ ବାକ୍ୟ ୨୧ ଅଧ୍ୟାୟ, ଯେଉଁଠାରେ ଆମ ପଢୁ ଯେ ଯୋହନ ପବିତ୍ର ନଗର, ନୂତନ ଯିରୁଶାଲମକୁ ଦେଖିଲେ ଯେ ତାହା ଈଶ୍ୱରଙ୍କଠାରୁ ସ୍ୱର୍ଗରୁ ଆସୁଛି (୯-୧୧ ପଦ) । ତା'ପରେ କାରଣ ହେଉଛି ଯେ ଅବ୍ରାହାମ୍ କାହିଁକି କିଣାନରେ ଜଣେ ଆବଦ୍ଧ ଓ ନିର୍ବାସିତ ହୋଇଥିବା ବ୍ୟକ୍ତି ଥିଲେ ଯେ ସେ ଦେଖିଥିଲେ ଯେ ପାର୍ଥିବ ଦେଶ ସ୍ୱର୍ଗୀୟ ଓ ଅଧିକ ପ୍ରକୃତ ଦେଶର ଏକ ପ୍ରକାର ଥିଲା । ପୁରାତନ ନିୟମ ଦେଶ ପ୍ରତିଜ୍ଞାର ଆଲୋକପାତ ନିଶ୍ଚିତରୂପେ ଦେଶ ଉପରେ ଥିଲା, ମାତ୍ର ସ୍ୱର୍ଗୀୟ ଦେଶ (ବା ଦେଶ, ଏବ୍ରୀ ୧୧:୧୬)ର ନୂତନ ପୃଥିବୀ ଉପରେ ଏହାର କେନ୍ଦ୍ରୀୟ ଆକାର, ନୂତନ ଯିରୁଶାଲମ ସହିତ ଥିଲା ।

ତେଣୁ ଅବ୍ରାହାମ୍ ଯାହାଙ୍କୁ କିଣାନ ଦେଶ ବିଷୟରେ ମୂଳତଃ ପ୍ରତିଜ୍ଞା ଦିଆଯାଇଥିଲା ସେ ସ୍ୱର୍ଗୀୟ ଯିରୁଶାଲମରେ ଏହାର ଚିରସ୍ଥାୟୀ ସମ୍ପନ୍ନତାକୁ ପୂର୍ବାନୁମାନ କରିଥିଲେ । ଅବ୍ରାହାମ୍ ଉତ୍ତରାଧିକାରୀ ଅଟନ୍ତି, କେବଳ କିଣାନର ନୁହଁନ୍ତି, ମାତ୍ର ଜଗତର ଅଟନ୍ତି (ରୋମୀୟ ୪:୧୩) । ଅବଶ୍ୟ ଏବ୍ରୀ ୧୧:୯-୧୦ ପଦ ଅନୁଯାୟୀ ଏହା ସ୍ୱର୍ଗୀୟ ନଗରରେ ସ୍ଥାୟୀ ଓ ସିଦ୍ଧ ଆଶୀର୍ବାଦ ବିଷୟରେ ଅବ୍ରାହାମ୍ଙ୍କର ଆଶା ହିଁ ତାଙ୍କୁ ଧୈର୍ଯ୍ୟସହକାରେ କିଣାନରେ ତାଙ୍କର ପରିଭ୍ରମଣ ସମୟରେ ଅସୁବିଧା ଓ ନୈରାଶ୍ୟ ମଧ୍ୟରେ ସମର୍ପିତ ହେବାକୁ ସକ୍ଷମ କରିଥିଲା ।

ଏବ୍ରୀ ୧୧:୧୩-୧୬ ପଦରେ ଏହା ପୁନର୍ବାର ନିଶ୍ଚିତ ହୋଇଛି । ପରିବାରର ପ୍ରଧାନମାନେ ସ୍ୱୀକାର କରିଥିଲେ ଯେ ପୃଥିବୀରେ ସେମାନେ ଅଜ୍ଞାତ ଓ ନିର୍ବାସିତ ଥିଲେ

(୧୩ ପଦ) । ସେମାନେ ପ୍ରତିଜ୍ଞା ଗ୍ରହଣ ନ କରି ମୃତ୍ୟୁବରର କରିଥିଲେ, ଏହାକୁ କେବଳ ଦୂରରୁ ଦେଖୁଥିଲେ । ସେମାନଙ୍କ ଚରମ ଆଶା ଏହି ପାର୍ଥିବ ଉତ୍ତରାଧିକାର ଉପରେ କେନ୍ଦ୍ରୀଭୂତ ହୋଇ ନ ଥିଲା, ମାତ୍ର ୧୬ ପଦ ଯେପରି ସୂଚୀତ କରେ ସେହିପରି ଏକ ଅଧିକ ଉତ୍ତମ ଦେଶ, ଅର୍ଥାତ୍ ଏକ ସ୍ୱର୍ଗୀୟ ଦେଶ ଉପରେ କେନ୍ଦ୍ରୀଭୂତ ଥିଲା ।

ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀରେ ଉଚ୍ଚୀକୃତ ଜୀବନ ପ୍ରକାଶିତ ବାକ୍ୟ ୨୧-୨୨ ଅଧ୍ୟାୟରେ ସ୍ୱଷ୍ଟ କଳ୍ପନାରେ ଖୋଲି ବାହାର କରିଦେଇଛି । ଈଶ୍ୱରଙ୍କ ଉପସ୍ଥିତିରେ ଆମର ଅନନ୍ତ ଲକ୍ଷ୍ୟର ଗୌରବର କେବଳ ଏକ ସଂକ୍ଷିପ୍ତ ବିବରଣୀକୁ ଶୂନ୍ୟସ୍ଥାନ ଅନୁମତି ଦେଇଥାଏ ।

ଏହି ସାମ୍ପ୍ରତିକ ପୃଥିବୀ ଓ ନୂତନ ପୃଥିବୀ ମଧ୍ୟରେ ସମ୍ପର୍କ ହେଉଛି ଉଭୟ ଅବିଚ୍ଛିନ୍ନ ଓ ବିଚ୍ଛିନ୍ନତାର ବିଷୟ ଅଟେ, ଏପରିକି ଯେପରି ଆମର ସାମ୍ପ୍ରତିକ, କଳୁଷ ଶରୀର ଓ ଆମର ଭବିଷ୍ୟତ୍, କଳୁଷହୀନ ଓ ଗୌରବମୟ ଶରୀର ଅଟେ । ସ୍ୱର୍ଗରେ ଆମେ ସମାନ୍ ହେବା, ଯଦିଚ ପରିବର୍ତ୍ତିତ ହୋଇଥିବା, ତଥାପି ଆମେ ବର୍ତ୍ତମାନର ଲୋକମାନଙ୍କ ପରି ହେବା । ତଥାପି ଆଗାମୀ ସ୍ୱର୍ଗ ଓ ପୃଥିବୀକୁ ମଧ୍ୟ ନୂତନ (କାଇନୋସ୍) ବୋଲି କୁହାଯିବ, ଏକ ଶବ୍ଦ ଯାହାକି ଅଦ୍ଭୁତ ଭାବରେ ସମୟକୁ ନୁହେଁ, ମାତ୍ର ଗୁଣର ନୂତନତାକୁ ସୂଚୀତ କରିଥାଏ ।

ବିଚ୍ଛିନ୍ନତାର ଗୋଟିଏ ଉପାଦାନ ହେଉଛି ନୂତନ ସୃଷ୍ଟିରେ ସମୁଦ୍ରର ଅନୁପସ୍ଥିତି, ଯାହାକୁ କି ଅଦ୍ଭୁତ ଭାବରେ ମନ୍ଦତା, ସଙ୍କଟ ଓ ରାଜ୍ୟ ବିରୋଧୀ ଶକ୍ତିର ପ୍ରତୀକ ଭାବରେ ମାନ୍ୟତା ଦିଆଯାଇଥିଲା, ଯାହା ସହିତ ଯିହୋବାଙ୍କୁ ପ୍ରତିଯୋଗିତା କରିବାକୁ ପଡ଼ିବ (ଦେଖନ୍ତୁ ଆୟୁବ ୨୬:୭-୧୩; ଯିଶାଇୟ ୧୭:୧୨, ୧୩; ୨୭:୧; ୫୧:୯-୧୦; ୫୭:୨୦; ଯିରିମିୟ ୪୬:୭-୧୨; ପ୍ରକାଶିତ ୧୭:୮; ୨୧:୧) । ଯେପରି ଲାଡ୍ ଟିପ୍ପଣୀ ଦେଇଛନ୍ତି, ପ୍ରାଚୀନ କାଳରେ ସମୁଦ୍ର ଅନ୍ଧକାର, ରହସ୍ୟମୟ, ଓ ବିଶ୍ୱାସଘାତକର ରାଜ୍ୟର ପ୍ରତିନିଧିତ୍ୱ କରିଥିଲା (ଗୀତସହିତା ୧୦୭:୨୫-୨୮; ଯିହିଜିକଲ ୨୮:୮; ଦାନିୟେଲ ୭:୩) ।[୨୫] ଯୋହନ ଏହିପରି ଭାବରେ କହୁଛନ୍ତି ଯେ ନୂତନ ସୃଷ୍ଟିରେ ଏହିସବୁ ମନ୍ଦତା, ଦୁର୍ନୀତି, ଅବିଶ୍ୱାସ ଓ ଅନ୍ଧକାର ଲୋପ ପାଇବ ।

ଈଶ୍ୱରଙ୍କ ଉପସ୍ଥିତିର ସମ୍ପୂର୍ଣ୍ଣତା ତାହାଙ୍କ ଲୋକମାନଙ୍କ ଗହଣରେ ଯେକୌଣସି ଓ ସମସ୍ତ ପ୍ରକାର ଦୁଃଖ ଦୂର କରିବାକୁ ଦାବି କରିଥାଏ ଯାହାକି ପୁରାତନ ସୃଷ୍ଟି ସହିତ ସଂଯୁକ୍ତ ଥାଏ । ପାପର ଉଦ୍ଦେଶ୍ୟମୂଳକ ଫଳାଫଳ ଚିରକାଳ ପାଇଁ ଚାଲିଯାଇଛି (ପ୍ରକାଶିତ ୨୧:୩-୪) । ଦୁଃଖ ଓ ଯନ୍ତ୍ରଣା ଓ ନୈତିକ ବିଫଳତା ଦ୍ୱାରା ଯେଉଁ ଲୁହ ବୋହିଥାଏ ତାହା ଚାଲିଯାଇଛି (ଯିଶାଇୟ ୨୫:୮ ପଦର ସଫଳତାରେ) । ମୃତ୍ୟୁ ଚାଲିଯାଇଛି, ଯାହାକି ଏହାର ଉତ୍ସ ପାପ ହେତୁ ହୋଇଥିଲା, ତାହା ଦୂରୀଭୂତ ହେବ । ଶୋକ, କ୍ରନ୍ଦନ ଓ ଯନ୍ତ୍ରଣା ଚାଲିଯାଇଛି । ଏହିସବୁ ଅନୁଭୂତି ପ୍ରଥମ ବିଷୟଗୁଡ଼ିକ ସହିତ ସଂଯୁକ୍ତ ହୋଇଛି, ଯାହାକି ବର୍ତ୍ତମାନ ଚାଲିଯାଇଛି ।

କୁହାଯାଏ ଯେ ନୂତନ ଯିରୁଶାଲମର ଈଶ୍ୱରଙ୍କ ଗୌରବ ଅଛି (ପ୍ରକାଶିତ ୨୧:୧୧) । ସେତେବେଳେ ପୁରାତନ ନିୟମରେ ଶାରୀରିକ ମନ୍ଦିର ଏକ ସ୍ଥାନ ଥିଲା ଯେଉଁଠାରେ ଈଶ୍ୱରଙ୍କ ଗୌରବ ବାସ କରିଥିଲା ଓ ପ୍ରଦର୍ଶିତ ହେଉଥିଲା, ନୂତନ ସୃଷ୍ଟିରେ ଈଶ୍ୱରଙ୍କ ଉପସ୍ଥିତି ତାହାଙ୍କ ଲୋକମାନଙ୍କ ସହିତ ଓ ସେମାନଙ୍କଠାରେ ବାସ କରିବ । ରାତ୍ରିର ଅନୁପସ୍ଥିତି (ପ୍ରକାଶିତ ୨୧:୨୫ଖ) ଈଶ୍ୱରଙ୍କ ଉଜ୍ଜ୍ୱଳ ଉପସ୍ଥିତି ପ୍ରତି ବାଧାହୀନ ଅନୁପ୍ରବେଶକୁ ସୂଚୀତ କରିଥାଏ ତଥା ସେହି ଘଟଣାକୁ ସୂଚୀତ କରିଥାଏ ଯେ ସ୍ୱର୍ଗୀୟ ଗୌରବର ଚମତ୍କାରିତାକୁ ନିଷ୍ପ୍ରଭ କରିବା ପାଇଁ କୌଣସି ଅନ୍ଧକାର ରହିବ ନାହିଁ । ଅବଶ୍ୟ ପ୍ରକାଶିତ ବାକ୍ୟ ୨୨:୫ ପଦ ଯେପରି ସୂଚୀତ କରେ ଅନ୍ଧକାରର ଅନୁପସ୍ଥିତି ନିରବଚ୍ଛିନ୍ନ ଜ୍ଞାନାଲୋକ ହେତୁ ହୋଇଛି ଯାହାକି ସ୍ୱୟଂ ଈଶ୍ୱର ଯୋଗାଇ ଦିଅନ୍ତି ।

ପ୍ରକାଶିତବାକ୍ୟ ୨୨:୧ ପଦରେ ଆମେ ଅନେକ ଉଦାହରଣ ମଧ୍ୟରୁ ପ୍ରଥମଟି ପାଇଥାଉ, ଯେଉଁଠାରେ ଯୋହନ ଇତିହାସର ଅନ୍ତକୁ ଏହାର ପ୍ରାରମ୍ଭ ସହିତ ସଂଯୁକ୍ତ କରନ୍ତି । ସମ୍ପୂର୍ଣ୍ଣତାରେ ଗଠନଗୁଡ଼ିକ ଅଛି ଯାହାକି ସମୟର ଆରମ୍ଭକୁ ବର୍ଗୀକରଣ କରିଥିଲା । ଏହା ଯେପରି ଅନ୍ତ ପ୍ରାରମ୍ଭର ଏକ ବିପରୀତ ନୁହେଁ, ମାତ୍ର ପ୍ରାରମ୍ଭର ପରିସ୍ଥିତିଗୁଡ଼ିକୁ ଇତିହାସରେ ଈଶ୍ୱରଙ୍କ ଉଦ୍ଦେଶ୍ୟର ପ୍ରକୃତିର ଭାବବାଣୀ ଭାବରେ ଦେଖାଯାଇଛି । ମାତ୍ର ପ୍ରତ୍ୟେକ ସ୍ତରରେ, ଅନ୍ତିମ ବିଷୟଗୁଡ଼ିକ ପ୍ରଥମ ବିଷୟକୁ ବହୁଳ ଭାବରେ ଅତିକ୍ରମ କରିଯାଇଛି, ଯେପରି ଆମେ ଏହି ପରିଚ୍ଛେଦରେ ଦେଖିବାକୁ ପାଇଥାଉ ।[୨୬] ଆଦିପୁସ୍ତକ ୩ ଅଧ୍ୟାୟ ଯଦି ହରାଇଥିବା ସ୍ୱର୍ଗ ବିଷୟରେ କାହାଣୀ କହେ, ତେବେ ପ୍ରକାଶିତବାକ୍ୟ ୨୨ ଅଧ୍ୟାୟ ସ୍ୱର୍ଗ ପୁନର୍ବାର ଲାଭ କରାଯିବା ବିଷୟରେ କହେ । ସ୍ୱର୍ଗ (ପୃଥିବୀରେ) ଅଛି, ମାତ୍ର ଏଦନ ଉଦ୍ୟାନ ପାଇଁ ଈଶ୍ୱରଙ୍କ ମୂଳ ପରିକଳ୍ପନାର ଗୌରବମୟ ସମ୍ପନ୍ନତା ନାହିଁ ।

ପୁଣି ସ୍ୱର୍ଗରେ ଆମେ କ'ଣ କରିବା ? ଆମେ ଈଶ୍ୱରଙ୍କ ସେବା କରିବା (ପ୍ରକାଶିତ ୨୨:୩) । ଆମେ ଈଶ୍ୱରଙ୍କୁ ଦେଖିବା (୪କ ପଦ ଦେଖନ୍ତୁ ଯାତ୍ରା ୩୩:୨୦; ମାଥିଉ ୫:୮; ଯୋହନ ୧୭:୨୪; ୧ମ ତୀମଥି ୬:୧୬; ୧ମ ଯୋହନ ୩:୧-୩) । ଆମେ ତାହାଙ୍କ ସହିତ ଗଭୀର ଭାବରେ ଘନିଷ୍ଠତାକୁ ଉପଭୋଗ କରିବା (ପ୍ରକାଶିତ ୨୨:୪ଖ) । ଆମେ ତାହାଙ୍କ ଉପସ୍ଥିତିର ଆକର୍ଷଣର ଅନୁଭୂତି ଲାଭ କରିବା (୫କ ଗଣନା ୬:୨୪-୨୬) । ଅମେ ଚିରକାଳ ରାଜତ୍ୱ କରିବା (ପ୍ରକାଶିତ ୨୨:୫ଖ) ।

## ଉପସଂହାର

ଖ୍ରୀଷ୍ଟିୟାନମାନେ ପାରମ୍ପରିକ ଭାବରେ ସ୍ୱର୍ଗ ବୋଲି ଯାହାକୁ ଉଲ୍ଲେଖ କରିଥିଲେ ତାହା ହେଉଛି ଯେପରି ଆମେ ଦେଖିଛୁ ନୂତନ ପୃଥିବୀରେ ଈଶ୍ୱରଙ୍କ ଉପସ୍ଥିତିରେ ଅନନ୍ତ ଜୀବନ । ଏହା ସେଠାରେ ଅଛି, ଯେପରି ସ୍ୱୀକାରୋକ୍ତି ସ୍ପଷ୍ଟରୂପେ କହିଥାଏ ଯେ ଈଶ୍ୱର ସର୍ବେସର୍ବା ହେବେ ଓ ତାହାଙ୍କ ଲୋକମାନେ ତାହାଙ୍କର ଅବର୍ଣ୍ଣନୀୟ ପବିତ୍ରତାର ନିକଟତା ଦ୍ୱାରା ମୁଗ୍ଧ ହେବେ, ପୁଣି ପ୍ରତ୍ୟେକ ବିଷୟ ତାହାଙ୍କ ଗୌରବମୟ ଅନୁଗ୍ରହର ପ୍ରଶଂସା କରିବ।

## କେନ୍ଦ୍ରୀୟ ବିଷୟ ଭାବରେ ସୁସମାଚାର

ଆମ୍ଭେମାନେ କେବଳ ଯୋନାଥନ୍ ଏଡ୍‌ୱାର୍ଡ଼ଙ୍କ ବାକ୍ୟ ସହିତ ଉପସଂହାରରେ ଉପନୀତ ହୋଇପାରିବା :

> ଆମେ ଯଦି ଶାସ୍ତ୍ରରୁ ସ୍ୱର୍ଗର ସ୍ଥିତି ବିଷୟରେ, ସେଠାରେ ଥିବା ସାଧୁମାନଙ୍କର ପ୍ରେମ ଓ ଆନନ୍ଦ ବିଷୟରେ କିଛି ବିଷୟ ଶିକ୍ଷା କରିପାରିବା, ତେବେ ତାହା ମହାନ୍ ଓ ତେଜସ୍ୱକୁ ଅତିକ୍ରମ କରିଥାଏ ଏହା ଅନ୍ତଃକରଣକୁ ସବୁଠାରୁ କଠିନ ଓ ସର୍ବାଧିକ ଜୀବନ୍ତ ଅନୁଭବରେ ପ୍ରଭାବିତ କରୁଛି, ତାହା ଅପ୍ରକାଶିତ ମଧୁରତା, ଶକ୍ତିଶାଳୀ ଗତି, ଗତିଶୀଳ, ଓ ସେମାନଙ୍କୁ କାର୍ଯ୍ୟରତ କରାଇ ସେମାନଙ୍କୁ ଅଗ୍ନିର ଏକ ଶିଖା ସଦୃଶ କରିବା । ପୁଣି ସେହିପରି ପ୍ରେମ ଓ ଆନନ୍ଦ ଯଦି ଆଦର ନୁହେଁ, ତେବେ ଆଦର ଶବ୍ଦଟି ଭାଷାରେ ଆଉ ବ୍ୟବହାର କରାଯାଇପାରିବ ନାହିଁ । କ'ଣ କୌଣସି କଥା, ଯେ ସ୍ୱର୍ଗରେ ସାଧୁଗଣ ସେମାନଙ୍କ ପିତାଙ୍କ ମୁଖ ଦର୍ଶନ କରି ଓ ସୋମନଙ୍କ ମୁକ୍ତିଦାତାଙ୍କ ଗୌରବ ଦର୍ଶନ କରି ଓ ତାହାଙ୍କ ଚମତ୍କାର କାର୍ଯ୍ୟକୁ ବିଚାର କରି ଓ ନିର୍ଦ୍ଦିଷ୍ଟରୂପେ ସେମାନଙ୍କ ପାଇଁ ତାହାଙ୍କ ଜୀବନ ପାଦ କରିବା ଦ୍ୱାରା ସେମାନଙ୍କ ହୃଦୟକୁ ଅନ୍ୟ କୌଣସି ବିଷୟକୁ ଯିବା ପାଇଁ ଓ ଆଦରପୂର୍ଣ୍ଣ ହେବାକୁ ଦେଇଛନ୍ତି ଯେଉଁସବୁ ବିଷୟ ଦ୍ୱାରା ସେମାନେ ଦେଖିଛନ୍ତି ବା ବିବେଚନା କରିଛନ୍ତି ?[୨୭]

# ପରିଶିଷ୍ଟ

## *ଦି ଗସ୍ପେଲ୍ କୋଆଲିସନ୍ ପ୍ରତିଷ୍ଠା ନଥିପତ୍ର*

### ସମସ୍ତ ଜୀବନ ପାଇଁ ସୁସମାଚାର : ମୁଖବନ୍ଧ

ଆମ୍ଭେମାନେ ସୁସମାଚାର ପ୍ରଚାର ମଣ୍ଡଳୀଗୁଡ଼ିକର ଏକ ସହଭାଗିତା ଅଟୁ ଯେଉଁମାନେ ଗଭୀର ଭାବରେ ଆମ ବିଶ୍ୱାସକୁ ଖ୍ରୀଷ୍ଟଙ୍କ ସୁସମାଚାରରେ ନୂତନୀକୃତ କରିବାକୁ ଓ ଆମର ସେବାକାର୍ଯ୍ୟ ଅଭ୍ୟାସକୁ ପୁନଃସଂସ୍କାର କରିବାକୁ ପ୍ରତିବଦ୍ଧ ଅଟୁ ଯେପରି ଶାସ୍ତ୍ରକୁ ସମ୍ପୂର୍ଣ୍ଣରୂପେ ପ୍ରଥାନୁଯାୟୀ କରିବା । ଆମ୍ଭେମାନେ ପାରମ୍ପରିକ ସୁସମାଚାର ପ୍ରଚାର ମଧ୍ୟରେ କିଛି ଗତି ବିଷୟରେ ଗଭୀର ଭାବରେ ମନୋଯୋଗୀ ହୋଇଥାଉ ଯାହାକି ମଣ୍ଡଳୀର ଜୀବନକୁ କ୍ଷୟ କରିବା ଓ ଆମକୁ ଆମର ଐତିହାସିକ ବିଶ୍ୱାସ ଓ ଅଭ୍ୟାସରୁ ଦୂରକୁ କଢ଼ାଇ ନେବା ପରି ଜଣାଯାଇଥାଏ । ଅପରପକ୍ଷରେ, ଆମେ ବ୍ୟକ୍ତିଗତ ସ୍ୱାର୍ଥ ସୁରକ୍ଷାର ପ୍ରତିମାଗୁଡ଼ିକ ଦ୍ୱାରା ଓ ବିଶ୍ୱାସର ରାଜନୀତିକରଣ ଦ୍ୱାରା ସମସ୍ୟାରେ ପଡ଼ିଛୁ ଅପରପକ୍ଷରେ, ଆମେ ଧର୍ମତାତ୍ତ୍ୱିକ ଓ ନୈତିକ ଆପେକ୍ଷିକତତ୍ତ୍ୱର ଆହ୍ୱାନହୀନ ଗ୍ରହଣୀୟତା ଦ୍ୱାରା ନିରାଶ ହୋଇଛୁ । ଏହି ଆନ୍ଦୋଳନଗୁଡ଼ିକ ଉଭୟ ବାଇବଲସମ୍ମତ ସତ୍ୟକୁ ଓ ଆମର ଐତିହାସିକ ବିଶ୍ୱାସ ଦ୍ୱାରା ଜୀବନଯାପନ କରିବା ପାଇଁ ପରିବର୍ତ୍ତିତ ବିଷୟକୁ ସହଜରେ ପରିତ୍ୟାଗ କରିବାକୁ କଢ଼ାଇ ନେଇଛି । ଆମ୍ଭେମାନେ କେବଳ ଏହି ପ୍ରଭାବଗୁଡ଼ିକୁ ଶୁଣି ନାହୁଁ ଆମ୍ଭେମାନେ ସେମାନଙ୍କର ଫଳଗୁଡ଼ିକ ଦେଖିଥାଉ । ଆମ୍ଭେମାନେ ନୂତନ ଆଶା ଓ ଦୃଷ୍ଟିଆକର୍ଷଣକାରୀ ଆନନ୍ଦର ସହିତ ମଣ୍ଡଳୀଗୁଡ଼ିକୁ ସବଳ କରିବାକୁ ନିଜ ନିଜକୁ ପ୍ରତିବଦ୍ଧ କରିଛୁ ଯାହାକି କେବଳ ଖ୍ରୀଷ୍ଟଙ୍କଠାରେ କେବଳ ବିଶ୍ୱାସ ସ୍ଥାପନ କରିବା ମାଧ୍ୟମରେ ଅନୁଗ୍ରହ ଦ୍ୱାରା ଗୃହୀତ ପ୍ରତିଜ୍ଞା ଉପରେ ଆଧାରିତ ଅଟେ ।

ଆମେ ବିଶ୍ୱାସ କରୁ ଯେ ଅନେକ ସୁସମାଚାର ପ୍ରଚାର କରୁଥିବା ମଣ୍ଡଳୀଗୁଡ଼ିକରେ ଏକ ଗଭୀର ଓ ପ୍ରଶସ୍ତ ସୁସମାଚାରର ସତ୍ୟଗୁଡ଼ିକ ବିଷୟରେ ସର୍ବସମ୍ମତିର ସ୍ଥିତି ଅଛି । ତଥାପି ଆମେ ଅନେକ ସମୟରେ ଦେଖିଥାଉ ଯେ ଖ୍ରୀଷ୍ଟଙ୍କ ସହିତ ଆମର ଏକତାର ଉତ୍ସବ ଅନେକ ବର୍ଷର ଶକ୍ତି ଓ ପ୍ରଭାବର ଆକର୍ଷଣ ଦ୍ୱାରା ବଦଳ ହୋଇଥିଲା, ନଚେତ୍ ଧର୍ମକର୍ମ, ଉପାସନା ପଦ୍ଧତି ଓ ଧର୍ମବିଧି ମଧ୍ୟରେ ରାଜଭୀୟ ବିଷୟ ପ୍ରବେଶ କରିବା ଦ୍ୱାରା । ସୁସମାଚାରକୁ ବଦଳ କରୁଥିବା ଯେକୌଣସି ବିଷୟ କେବେ ବି ଏକ ମିଶନ୍ ଅନ୍ତଃକରଣ ବିଶ୍ୱାସକୁ ବୃଦ୍ଧି କରିବ ନାହିଁ ଯାହାକି ସତ୍ୟ ସହ୍ୟ କରିବାରେ ଲାଗି ରହିଥିଲା ଯାହାକି ନିଜେ

କାର୍ଯ୍ୟ କରୁଛି ନିର୍ଲଜ୍ଜ ଶିଷ୍ୟତ୍ୱରେ ଯାହାକି ରାଜ୍ୟ–ଆହ୍ୱାନ ଓ ବଳିଦାନର ପରୀକ୍ଷାରେ ସ୍ଥିର ରହିବାକୁ ବ୍ୟଗ୍ର ହୋଇଥାଏ । ଆମେ ରାଜାଙ୍କ ରାଜପଥରେ ଅଗ୍ରସର ହେବାକୁ ଅଭିଳାଷ କରିଥାଉ, ସର୍ବଦା ସୁସମାଚାର ସପକ୍ଷବାଦ, ଉତ୍ସାହ ଓ ଶିକ୍ଷା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛୁ ଯେପରି ସାମ୍ପ୍ରତିକ ଓ ପରବର୍ତ୍ତୀ ପିଢ଼ିର ମଣ୍ଡଳୀ ନେତାଗଣ ଅଧିକ ଉତ୍ତମ ଭାବରେ ସୁସଜ୍ଜିତ ହୋଇପାରିବେ ସେମାନଙ୍କ ସେବାକାର୍ଯ୍ୟରେ ନିୟମଗୁଡ଼ିକୁ ଓ ଅଭ୍ୟାସଗୁଡ଼ିକୁ କରିପାରିବେ ଯାହାକି ଉଦ୍ଧାରକର୍ତ୍ତାଙ୍କୁ ଗୌରବାନ୍ୱିତ କରିଥାଏ ଓ ସେହିମାନଙ୍କ ପ୍ରତି ମଙ୍ଗଳ କରିଥାଏ ଯେଉଁମାନଙ୍କ ପାଇଁ ସେ ଆପଣା ଜୀବନର ରକ୍ତ ନିଗାଡ଼ି ଦେଇଥିଲେ ।

ସମସ୍ତ ଲୋକଙ୍କ ଗହଣରେ ଆମେ ଏକ ସମ୍ମିଳିତ ଉଦ୍ୟମ କରିବାକୁ ଇଚ୍ଛା କରୁଛୁ – ଯାହାକି ଏକ ଉଦ୍ୟମ ଅଟେ ଯାହାକି ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବାକୁ ଓ ତାହାଙ୍କ ଶିଷ୍ୟମାନଙ୍କୁ ବହୁଗୁଣିତ କରିବାକୁ ଉଦ୍ୟମ କରିଥାଏ, ଯାହାକି ଯୀଶୁଙ୍କ ପାଇଁ ପ୍ରକୃତ ଏକତାରେ ଯୋଗ ଦେବା । ଏହିପରି ଭାବରେ ବାଇବଲସମ୍ମତ ଭାବରେ ଆଧାରିତ ଓ ଏକତ୍ରିତ ମିଶନ୍ ହେଉଛି ମଣ୍ଡଳୀ ପାଇଁ ଏକମାତ୍ର ସହନଶୀଳ ଭବିଷ୍ୟତ୍ । ଏହି ବାସ୍ତବତା ଆମକୁ ଅନ୍ୟମାନଙ୍କ ପାଇଁ ଛିଡ଼ା ହେବାକୁ ବାଧ୍ୟ କରିଥାଏ ଯେଉଁମାନେ ଏହି ହୃଦ୍‌ବୋଧ ପାଇଛନ୍ତି ଯେ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅନୁଗ୍ରହ ହେଉଛି ଅନନ୍ତ ପରିତ୍ରାଣ ବିଷୟରେ ଆମର ଏକମାତ୍ର ଆଶା ଅଟେ । ଆମେ ଦାନ ଦେବା, ସମ୍ବେଦନଶୀଳ, ସାହସୀ ଓ ଆନନ୍ଦିତ ହେବା ଦ୍ୱାରା ଏହି ସୁସମାଚାରର ବୀର ହେବାକୁ ଅଭିଳାଷ କରିଥାଉ – ସମ୍ପ୍ରଦାୟ, ଜାତି ଓ ବର୍ଗଗୁଡ଼ିକୁ ଅତିକ୍ରମ କରି ଖୁସିରେ ସହବିଶ୍ୱାସୀମାନଙ୍କ ସହିତ ହୃଦୟ ସଂଯୁକ୍ତ କରିଥାଉ ।

ଆମର ଅଭିଳାଷ ହେଉଛି ଆମେ ଯେଉଁ ମଣ୍ଡଳୀକୁ ଭଲ ପାଉ ତା'ର ସେବା କରିବା ଆମର ସମସ୍ତ ଭାଇ ଓ ଭଉଣୀଙ୍କୁ ଆମ ସହିତ ଏକ ଉଦ୍ୟମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିବା ଦ୍ୱାରା ଯେପରି ଖ୍ରୀଷ୍ଟଙ୍କର ପ୍ରାଚୀନ ସୁସମାଚାରରେ ସମସାମୟିକ ମଣ୍ଡଳୀକୁ ନୂତନୀକୃତ କରିପାରିବେ ଯେପରି ଆମେ ପ୍ରକୃତରେ କହିପାରିବା ଓ ତାହାଙ୍କ ପାଇଁ ଏହିପରି ଭାବରେ ଜୀବନଯାପନ କରିପାରିବା ଯାହାକି ଆମର ଯୁଗ ସହିତ ସ୍ପଷ୍ଟରୂପେ ଯୋଗାଯୋଗ ସ୍ଥାପନ କରିଥାଏ । ପାଳକ ଭାବରେ ଆମର ଉଦ୍ଦେଶ୍ୟ ହେଉଛି ଆମ ମଣ୍ଡଳୀଗୁଡ଼ିକରେ ଏହା ତାହାଙ୍କ ଅନୁଗ୍ରହର ସାଧାରଣ ମାଧ୍ୟମରେ କରିବା : ପ୍ରାର୍ଥନା, ବାକ୍ୟର ସେବାକାର୍ଯ୍ୟ, ବାପ୍ତିସ୍ମ ଓ ପ୍ରଭୁଭୋଜ, ପୁଣି ସାଧୁମାନଙ୍କ ସହିତ ସହଭାଗିତା ।

## ଦି ଗସ୍‌ପେଲ୍ କୋଆଲିସନ୍ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ୍

୧. **ତ୍ରିତ୍ୱ ଈଶ୍ୱର ।** ଆମେ ଜଣେ ଈଶ୍ୱରଙ୍କଠାରେ ବିଶ୍ୱାସ କରିଥାଉ, ଯେ କି ଅନନ୍ତକାଳୀନ ଭାବରେ ତିନୋଟି ସମାନ୍ ସ୍ୱର୍ଗୀୟ ବ୍ୟକ୍ତିତ୍ୱରେ ସ୍ଥିତିରେ ଅଛନ୍ତି : ପିତା, ପୁତ୍ର ଓ ପବିତ୍ର ଆତ୍ମା, ଯେ କି ପରସ୍ପରକୁ ଜାଣନ୍ତି, ପ୍ରେମ କରନ୍ତି ଓ ଗୌରବାନ୍ୱିତ କରନ୍ତି । ଏ ହେଉଛନ୍ତି ଜଣେ ପ୍ରକୃତ ଓ ଜୀବିତ ପରମେଶ୍ୱର ଯେ କି ଅସୀମ ଭାବରେ ସିଦ୍ଧ ଅଟନ୍ତି ଉଭୟ ତାହାଙ୍କ ପ୍ରେମରେ ଓ ତାହାଙ୍କ ପବିତ୍ରତାରେ । ସେ ସର୍ବ ବିଷୟର

ସୃଷ୍ଟିକର୍ତ୍ତା ଅଟନ୍ତି, ଦୃଶ୍ୟ ଭାବରେ ଓ ଅଦୃଶ୍ୟ ଭାବରେ, ପୁଣି ସେଥିପାଇଁ ସମସ୍ତ ଗୌରବ ଓ ଆଦର ପାଇବାକୁ ଯୋଗ୍ୟ ଅଟନ୍ତି । ଅମର ଓ ଅନନ୍ତକାଳୀନ ହୋଇ ସେ ସିଦ୍ଧ ଭାବରେ ଓ ସମ୍ପୂର୍ଣ୍ଣ ଭାବରେ ଆରମ୍ଭରୁ ଅନ୍ତ କ'ଣ ତାହା ଜାଣନ୍ତି, ତାହାଙ୍କର ସ୍ଥିତି ଅଛି ଓ ସେ ସାର୍ବଭୌମ ଭାବରେ ସମସ୍ତ ବିଷୟ ଉପରେ ଶାସନ କରନ୍ତି, ଓ ଦୈବକୃତ ଭାବରେ ଆପଣା ପାଇଁ ଲୋକମାନଙ୍କୁ ମୁକ୍ତ କରିବାକୁ ତାହାଙ୍କ ଅନନ୍ତ ଉତ୍ତମ ଉଦ୍ଦେଶ୍ୟ ସାଧନ କରନ୍ତି ଓ ତାହାଙ୍କର ପତିତ ସୃଷ୍ଟିକୁ ପୁନଃସଂସ୍ଥାପିତ କରନ୍ତି, ତାହାଙ୍କର ଗୌରବମୟ ଅନୁଗ୍ରହର ପ୍ରଶଂସା ନିମନ୍ତେ ।

୨. **ପ୍ରକାଶନ ।** ଈଶ୍ୱର ଅନୁଗ୍ରହଶୀଳ ଭାବରେ ଆପଣାର ସ୍ଥିତି ଓ ଶକ୍ତିକୁ ସୃଷ୍ଟିର କ୍ରମରେ ପ୍ରକାଶ କରିଅଛନ୍ତି, ପୁଣି ସର୍ବୋଚ୍ଚ ଭାବରେ ପତିତ ମାନବ ଜାତି ନିକଟରେ ଆପଣା ପୁତ୍ରଙ୍କ ବ୍ୟକ୍ତିତ୍ୱରେ ଆପଣାକୁ ପ୍ରକାଶ କରିଅଛନ୍ତି, ଯେ କି ବାକ୍ୟର ଅବତାର ଅଟନ୍ତି । ଅଧିକନ୍ତୁ ଏହି ଈଶ୍ୱର ଜଣେ କଥାକୁହା ଈଶ୍ୱର ଅଟନ୍ତି ଯେ କି ଆପଣା ଆତ୍ମାରେ ମାନବ ବାକ୍ୟରେ ଆପଣାକୁ ଅନୁଗ୍ରହରେ ପ୍ରକାଶ କରିଅଛନ୍ତି : ଆମେ ବିଶ୍ୱାସ କରୁ ଯେ ଈଶ୍ୱର ଶାସ୍ତ୍ରଗୁଡ଼ିକରେ ସଂରକ୍ଷିତ ଥିବା ବାକ୍ୟଗୁଡ଼ିକୁ ଅନୁପ୍ରେରଣା ଦେଇଅଛନ୍ତି, ଯାହାକି ପୁରାତନ ଓ ନୂତନ ନିୟମର ଛଅଷଠିଟି ପୁସ୍ତକ ଅଟେ, ଯାହାକି ଉଭୟ ଲିପିବଦ୍ଧ ହୋଇଛି ଓ ଜଗତରେ ତାହାଙ୍କର ଉଦ୍ଧାରକାରୀ କାର୍ଯ୍ୟର ମାଧ୍ୟମ ଅଟେ । ଏହି ଲେଖାଗୁଡ଼ିକ କେବଳ ମୌଖିକ ଭାବରେ ଅନୁପ୍ରାଣିତ ଈଶ୍ୱରଙ୍କ ବାକ୍ୟ ଅଟେ, ଯାହାକି ବହୁଳ ଭାବରେ କ୍ଷମତାସମ୍ପନ୍ନ ଓ ମୂଳ ଲେଖାରେ ନିର୍ଭୁଲ୍ ଅଟେ, ପରିତ୍ରାଣ ନିମନ୍ତେ ତାହାଙ୍କ ଇଚ୍ଛାର ପ୍ରକାଶନରେ ସମ୍ପୂର୍ଣ୍ଣ ଅଟେ, ଆମେ ଯାହା ବିଶ୍ୱାସ କରିବା ଓ କରିବା ବୋଲି ଈଶ୍ୱର ଆବଶ୍ୟକ କରନ୍ତି ସେଥିପାଇଁ ଯଥେଷ୍ଟ ଅଟେ, ପୁଣି ଶେଷରେ ଜ୍ଞାନର ପ୍ରତ୍ୟେକ କର୍ତ୍ତୃତ୍ୱ ଉପରେ ଏହାର କ୍ଷମତାରେ ଅନ୍ତିମ ଅଟେ ଯାହା ପ୍ରତି ଏହା କଥା କହିଥାଏ । ଆମ୍ଭେମାନେ ସ୍ୱୀକାର କରୁ ଯେ ଆମର ଉଭୟ ସୀମାବଦ୍ଧତା ଓ ପାପପୂର୍ଣ୍ଣତା ଈଶ୍ୱରଙ୍କ ବହୁଳ ସତ୍ୟକୁ ଜାଣିବାକୁ ଦେଇ ନ ଥାଏ, ମାତ୍ର ଆମେ ଦୃଢ଼ ଭାବରେ କହିଥାଉ ଯେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଜ୍ଞାନପ୍ରାପ୍ତ ହେବା ଦ୍ୱାରା, ଆମେ ଈଶ୍ୱରଙ୍କ ପ୍ରକାଶିତ ସତ୍ୟକୁ ସତ୍ୟ ଭାବରେ ଜାଣିପାରିବା । ବାଇବଲକୁ ଈଶ୍ୱରଙ୍କ ନିର୍ଦ୍ଦେଶନା ଭାବରେ ଏହା ଶିକ୍ଷା ଦେଉଥିବା ସମସ୍ତ ବିଷୟକୁ ଆମକୁ ବିଶ୍ୱାସ କରିବାକୁ ପଡ଼ିବ ପାଳନ କରଯାଇଥିଲା ଈଶ୍ୱରଙ୍କ ଆଜ୍ଞା ଭାବରେ, ଏସବୁ ଏହା ଆବଶ୍ୟକ କରିଥାଏ ପୁଣି ଏହା ପ୍ରତିଜ୍ଞା କରିଥିବା ସମସ୍ତ ବିଷୟରେ ଈଶ୍ୱରଙ୍କ ମାନତ ଭାବରେ ଆସ୍ଥା ସ୍ଥାପନ କରାଯାଇଥିଲା । ଯେପରି ଈଶ୍ୱରଙ୍କ ଲୋକମାନେ ବାକ୍ୟକୁ ଶୁଣନ୍ତି, ବିଶ୍ୱାସ କରନ୍ତି ଓ ପାଳନ କରନ୍ତି, ସେମାନଙ୍କୁ ଖ୍ରୀଷ୍ଟଙ୍କର ଶିଷ୍ୟ ଓ ସୁସମାଚାର ପ୍ରତି ସାକ୍ଷୀ ଭାବରେ ସୁସଜ୍ଜିତ କରାଯାଇଛି ।

୩. **ମାନବିକତାର ସୃଷ୍ଟି ।** ଆମେ ବିଶ୍ୱାସ କରୁ ଯେ ଈଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମାନବ ଜାତିକୁ ପୁରୁଷ ଓ ମହିଳା କରି ସୃଷ୍ଟି କରିଥିଲେ । ଆଦମ ଓ ହବା ସେହି ସୃଷ୍ଟିର

କ୍ରମର ଅଧୀନ ଥିଲେ ଯାହାକି ସ୍ୱୟଂ ଈଶ୍ୱର ବହୁତ ଭଲ ବୋଲି ଘୋଷଣା କରିଥିଲେ, ଯେ କି ଯତ୍ନ ନେବା ପାଇଁ ଈଶ୍ୱରଙ୍କ ପ୍ରତିନିଧିସ୍ୱରୂପ ସୃଷ୍ଟିର ସେବା କରୁଥିଲେ, ପରିଚାଳନା କରୁଥିଲେ ଓ ଶାସନ କରୁଥିଲେ, ସେମାନଙ୍କ ସୃଷ୍ଟିକର୍ତ୍ତାଙ୍କ ସହିତ ପବିତ୍ର ଓ ଭକ୍ତିପୂତ ସହଭାଗିତାରେ ବାସ କରୁଥିଲେ । ପୁରୁଷ ଓ ମହିଳାଙ୍କୁ ସମାନ୍ ଭାବରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କରାଯାଇଥିଲା, ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ସମାନ୍ ଭାବରେ ଈଶ୍ୱରଙ୍କ ନିକଟକୁ ଯାଇପାରୁଥିଲେ ଓ ଉଭୟଙ୍କୁ ଆହ୍ୱାନ କରାଯାଇଥିଲା ଯେପରି ସେମାନେ ନିଜେ ନିଜେ ବିଶେଷ ଅଧିକାର ପ୍ରାପ୍ତ ହୋଇପାରିବେ, ଯେପରି ପରିବାରରେ, ମଣ୍ଡଳୀରେ ଓ ସାମାଜିକ ଜୀବନରେ ବ୍ୟକ୍ତିଗତ ଓ ସର୍ବସାଧାରଣଭାବରେ ଉଲ୍ଲେଖନୀୟ କାର୍ଯ୍ୟରତ ହୋଇପାରିବେ । ଆଦମ ଓ ହବାଙ୍କୁ ଏକ ଶରୀରରେ ପରସ୍ପରକୁ ପ୍ରଶଂସା କରିବା ପାଇଁ ସୃଷ୍ଟି କରାଯାଇଥିଲା ଯାହାକି ପ୍ରତିଷ୍ଠା କରିଥାଏ ପୁରୁଷ ଓ ମହିଳାମାନଙ୍କ ପାଇଁ ଯୌନ ସମ୍ପର୍କର ଏକମାତ୍ର ଆଦର୍ଶ ପଦ୍ଧତି ପ୍ରତିଷ୍ଠା କରିଥାଏ, ଯେପରି ବିବାହ ଶେଷରେ ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀ ମଧ୍ୟରେ ଏକତାର ଏକ ପ୍ରକାର ଭାବରେ ସେବା କରିପାରିବ । ଈଶ୍ୱରଙ୍କ ଜ୍ଞାନପୂର୍ଣ୍ଣ ଉଦ୍ଦେଶ୍ୟଗୁଡ଼ିକରେ ପୁରୁଷ ଓ ମହିଳା କେବଳ ପରସ୍ପର ବଦଳ ନୁହଁନ୍ତି, ମାତ୍ର ବରଂ ସେମାନେ ପରସ୍ପର ସହଯୋଗରେ ବହୁଳ ଭାବରେ ପ୍ରଶଂସା କରନ୍ତି । ଈଶ୍ୱର ହସ୍ତାର୍ପଣ କରନ୍ତି ଯେ ସେମାନେ ଅନୁମାନ କରନ୍ତି ପୃଥକ୍ ଭୂମିକାକୁ ଯାହାକି ଖ୍ରୀଷ୍ଟ ଓ ମଣ୍ଡଳୀ ମଧ୍ୟରେ ପ୍ରେମମୟ ସମ୍ପର୍କକୁ ପ୍ରତିଫଳିତ କରିଥାଏ, ସ୍ୱାମୀ ତା'ର ନେତୃତ୍ୱକୁ ଏପରି ଭାବରେ ବ୍ୟବହାର କରୁଛି ଯାହାକି ଖ୍ରୀଷ୍ଟଙ୍କର ଯତ୍ନ, ଉତ୍ସର୍ଗୀକୃତ ପ୍ରେମକୁ ପ୍ରଦର୍ଶନ କରିଥାଏ, ପୁଣି ସ୍ତ୍ରୀ ତା'ର ସ୍ୱାମୀ ପ୍ରତି ଏପରି ଭାବରେ ସମର୍ପିତ ହୋଇଥାଏ ଯାହାକି ମଣ୍ଡଳୀର ଆପଣା ପ୍ରଭୁଙ୍କ ପ୍ରତି ଥିବା ପ୍ରେମର ନମୁନା ଦେଇଥାଏ । ମଣ୍ଡଳୀର ସେବାକାର୍ଯ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କୁ ଖ୍ରୀଷ୍ଟଙ୍କ ସେବା କରିବା ପାଇଁ ଓ ଈଶ୍ୱରଙ୍କ ଲୋକମାନଙ୍କର ବହୁମୁଖୀ ସେବାକାର୍ଯ୍ୟରେ ସେମାନଙ୍କ ସମ୍ପୂର୍ଣ୍ଣ ଅନ୍ତର୍ନିହିତ ଗୁଣାବଳୀ ବୃଦ୍ଧି କରିବାକୁ ଉତ୍ସାହିତ କରାଯାଇଛି । ମଣ୍ଡଳୀ ମଧ୍ୟରେ ଉଲ୍ଲେଖନୀୟ ନେତୃତ୍ୱ ଭୂମିକା ଯାହାକି ଯୋଗ୍ୟ ଲୋକମାନଙ୍କୁ ଦିଆଯାଇଛି ତାହା ସୃଷ୍ଟିରେ, ପତନରେ ଓ ମୁକ୍ତି କାର୍ଯ୍ୟରେ ଆଧାରିତ ହୋଇଥିଲା ପୁଣି ସାଂସ୍କୃତିକ ଉନ୍ନତି ପ୍ରତି ନିବେଦନ କରିବା ଦ୍ୱାରା ଗୌଣ କରିବାକୁ ପଡ଼ିବ ନାହିଁ ।

୪. **ପତନ** । ଆମେ ବିଶ୍ୱାସ କରୁ ଯେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ, ଆଦମ ସେହି ଭାବମୂର୍ତ୍ତିକୁ ବିକୃତ କରିଦେଇଥିଲେ ଓ ତାଙ୍କର ମୌଳିକ ଆଶୀର୍ବାଦକୁ ନଷ୍ଟ କରିଦେଇଥିଲେ – ତାହାଙ୍କ ପାଇଁ ଓ ତାହାଙ୍କର ସମସ୍ତ ଫଳାଫଳ ପାଇଁ – ଶୟତାନର ପ୍ରଲୋଭନ ମାଧ୍ୟମରେ ପାପରେ ପତିତ ହେବା ଦ୍ୱାରା । ଫଳସ୍ୱରୂପ, ସମସ୍ତ ମାନବ ଜାତି ଈଶ୍ୱରଙ୍କଠାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ସମସ୍ତ ସତ୍ତାରେ (ଉଦାହରଣସ୍ୱରୂପ, ଶାରୀରିକ ଭାବରେ, ମାନସିକ ଭାବରେ, ଇଚ୍ଛାରେ, ଆବେଗରେ, ଆତ୍ମିକ ଭାବରେ)

କଳୁଷିତ ହୋଇଛନ୍ତି ପୁଣି ଶେଷରେ ଦୋଷୀକୃତ ହୋଇଛନ୍ତି ପୁଣି ମୃତ୍ୟୁ ପ୍ରତି ଅପରିବର୍ତ୍ତନୀୟ ହୋଇଛନ୍ତି – ଈଶ୍ୱରଙ୍କର ନିଜର ଅନୁଗ୍ରହଶୀଳ ହସ୍ତକ୍ଷେପ ବ୍ୟତୀତ । ସମସ୍ତ ମାନବ ଜାତିର ସର୍ବୋଚ୍ଚ ଆବଶ୍ୟକତା ହେଉଛି ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ଯାହାଙ୍କର ନ୍ୟାୟ ଓ ପବିତ୍ର କ୍ରୋଧର ଅଧୀନରେ ଆମେ ରହିଥାଉ ସମସ୍ତ ମାନବ ଜାତିର ଏକମାତ୍ର ଆଶା ହେଉଛି ଏହି ସମାନ୍ ଈଶ୍ୱରଙ୍କର ଅଯୋଗ୍ୟ ପ୍ରେମ, କେବଳ ସେ ହିଁ ଆମକୁ ଉଦ୍ଧାର କରିପାରିବେ ଓ ଆପଣା ପ୍ରତି ପୁନଃସଂସ୍ଥାପିତ କରିପାରିବେ ।

୫. **ଈଶ୍ୱରଙ୍କ ଯୋଜନା ।** ଆମେ ବିଶ୍ୱାସ କରିଥାଉ ଯେ ସମସ୍ତ ଅନନ୍ତକାଳୀନ ଈଶ୍ୱରଙ୍କଠାରୁ ଅନୁଗ୍ରହରେ ସ୍ଥିର କରାଯାଇଛି ଯେପରି ଅନେକ ସଂଖ୍ୟକ ଦୋଷୀ ପାପୀଙ୍କୁ ପ୍ରତ୍ୟେକ ଜାତି ଓ ଭାଷା ଓ ଲୋକ ଓ ଜାତିରୁ ଉଦ୍ଧାର କରିପାରିବେ ଏବଂ ଏହି ଶେଷ କାଳରେ ସେମାନଙ୍କୁ ପୂର୍ବରୁ ଜାଣିବେ ଓ ସେମାନଙ୍କୁ ମନୋନୀତ କରିବେ । ଆମେ ବିଶ୍ୱାସ କରୁ ଯେ ଈଶ୍ୱର ସେହିମାନଙ୍କୁ ଧାର୍ମିକ ଗଣିତ ଓ ଶୁଚିକୃତ କରନ୍ତି ଯେଉଁମାନଙ୍କର ଅନୁଗ୍ରହରେ ଯୀଶୁଙ୍କଠାରେ ବିଶ୍ୱାସ ଅଛି, ପୁଣି ଦିନେ ସେ ସେମାନଙ୍କୁ ଗୌରବାନ୍ୱିତ କରିବେ – ତାହାଙ୍କ ଗୌରବମୟ ଅନୁଗ୍ରହକୁ ସମସ୍ତେ ପ୍ରଶଂସା କରିବେ । ପ୍ରେମରେ ଈଶ୍ୱର ସମସ୍ତ ଲୋକଙ୍କୁ ଆଜ୍ଞା ଦିଅନ୍ତି ଓ ବିନୀତ କରନ୍ତି ଅନୁତାପ ଓ ବିଶ୍ୱାସ କରିବାକୁ, ସେହିମାନଙ୍କ ଉପରେ ତାହାଙ୍କର ଉଦ୍ଧାରକାରୀ ପ୍ରେମକୁ ବର୍ଦ୍ଧାଇବା ପାଇଁ ଯେଉଁମାନଙ୍କୁ ସେ ମନୋନୀତ କରିଅଛନ୍ତି ଓ ଖ୍ରୀଷ୍ଟଙ୍କୁ ସେମାନଙ୍କ ମୁକ୍ତିଦାତା ହେବା ପାଇଁ ହସ୍ତାର୍ପଣ କରିଅଛନ୍ତି ।

୬. **ସୁସମାଚାର ।** ଆମେ ବିଶ୍ୱାସ କରିଥାଉ ଯେ ସୁସମାଚାର ଯୀଶୁଖ୍ରୀଷ୍ଟଙ୍କର ମଙ୍ଗଳ ସମାଚାର ଅଟେ – ଅର୍ଥାତ୍ ଈଶ୍ୱରଙ୍କ ଜ୍ଞାନ ଅଟେ । ଜଗତ ପ୍ରତି ଭୟଙ୍କର ମୂର୍ଖତା, ଏପରିକି ଯଦିଚ ଏହା ହେଉଛି ସେମାନଙ୍କ ପ୍ରତି ଈଶ୍ୱରଙ୍କ ଶକ୍ତି ଯେଉଁମାନେ ଉଦ୍ଧାରପ୍ରାପ୍ତ ହୋଇଛନ୍ତି, ଏହି ସୁସମାଚାର ହେଉଛି ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ କ୍ରୁଶକୁ ଓ ପୁନରୁତ୍ଥାନକୁ କେନ୍ଦ୍ର କରିଛି : ଖ୍ରୀଷ୍ଟ ଘୋଷିତ ନ ହେଲେ ସୁସମାଚାର ଘୋଷିତ ହୋଇ ନାହିଁ, ପୁଣି ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ଯଦି କେନ୍ଦ୍ରୀୟ ନୁହେଁ ତେବେ ସିଦ୍ଧ ଖ୍ରୀଷ୍ଟ ଘୋଷିତ ହୋଇ ନାହାନ୍ତି (ବାର୍ତ୍ତା ହେଉଛି ଆମ ପାପ ପାଇଁ ମୃତ୍ୟୁବରଣ କରିଥିବା ଖ୍ରୀଷ୍ଟ (ଓ) ଉଠିଥିଲେ) । ଏହି ସୁସମାଚାର ବାଇବଲସମ୍ମତ (ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ଶାସ୍ତ୍ର ଅନୁଯାୟୀ ଅଟେ), ଧର୍ମତାତ୍ତ୍ୱିକ ଓ ଶାନ୍ତ ଅଟେ (ଆମକୁ ଈଶ୍ୱରଙ୍କ ସହିତ ସମ୍ମିଳିତ କରିବା ପାଇଁ ଖ୍ରୀଷ୍ଟ ଆମ ପାପ ପାଇଁ ମୃତ୍ୟୁବରଣ କରିଥିଲେ), ଐତିହାସିକ (ଯଦି ଉଦ୍ଧାରକାରୀ ଘଟଣାଗୁଡ଼ିକ ଘଟି ନ ଥିଲା, ତେବେ ଆମର ବିଶ୍ୱାସ ନିରର୍ଥକ ଅଟେ, ଆମେ ଏବେସୁଦ୍ଧା ଆମ ପାପରେ ଅଛୁ, ଓ ଆମକୁ ଅନ୍ୟ ସମସ୍ତଙ୍କ ଅପେକ୍ଷା ଅଧିକ ଦୁଃଖଭୋଗ କରିବାକୁ ପଡ଼ିବ), ପ୍ରେରିତିକ (ସେହି ବାର୍ତ୍ତାକୁ ପ୍ରେରିତମାନଙ୍କୁ ଦିଆଯାଇଥିଲା ଓ ସେମାନଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା, ଯେଉଁମାନେ ଏହି

ଉଦ୍ଧାରକାରୀ ଘଟଣାଗୁଡ଼ିକର ସାକ୍ଷୀ ଥିଲେ), ପୁଣି ଗଭୀର ଭାବରେ ବ୍ୟକ୍ତିଗତ ଥିଲା (ଯେଉଁଠାରେ ଏହାକୁ ଗ୍ରହଣ କରାଯାଇଛି, ବିଶ୍ୱାସ କରାଯାଇଛି, ଓ ସୁଦୃଢ଼ ଭାବରେ ଧରାଯାଇଛି, ବ୍ୟକ୍ତିଗତ ଜଣେ ଜଣେ ଉଦ୍ଧାରପ୍ରାପ୍ତ ହୋଇଛନ୍ତି) ।

୭. **ଖ୍ରୀଷ୍ଟଙ୍କର ମୁକ୍ତି ।** ଆମେ ବିଶ୍ୱାସ କରୁ ଯେ ପ୍ରେମରେ ବିଗଳିତ ହେବା ଦ୍ୱାରା ଓ ପିତାଙ୍କ ପ୍ରତି ଆଜ୍ଞାବହତାରେ ଅନନ୍ତକାଳୀନ ପୁତ୍ର ମାନବ ହୋଇଥିଲେ : ବାକ୍ୟ ଦେହ ଧାରଣ କରିଥିଲେ, ସମ୍ପୂର୍ଣ୍ଣରୂପେ ଈଶ୍ୱର ଓ ସମ୍ପୂର୍ଣ୍ଣରୂପେ ମନୁଷ୍ୟ, ଦୁଇଟି ସ୍ୱଭାବରେ ଜଣେ ବ୍ୟକ୍ତି ହେଲେ । ମନୁଷ୍ୟରୂପୀ ଯୀଶୁ, ଇସ୍ରାୟେଲର ପ୍ରତିଜ୍ଞାତ ମସୀହଙ୍କୁ ପବିତ୍ର ଆତ୍ମାଙ୍କର ଆଶ୍ଚର୍ଯ୍ୟ ପ୍ରତିନିଧିଙ୍କ ମାଧମରେ ଧାରଣ କରାଯାଇଥିଲା ଓ ସେ କୁମାରୀ ମରିୟମଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ସେ ସିଦ୍ଧ ଭାବରେ ଆପଣାର ସ୍ୱର୍ଗସ୍ଥ ପିତାଙ୍କର ଆଜ୍ଞାବହ ହୋଇଥିଲେ, ନିଷ୍ପାପ ଜୀବନଯାପନ କରିଥିଲେ, ଆଶ୍ଚର୍ଯ୍ୟ ଚିହ୍ନଗୁଡ଼ିକ ଦେଖାଇଥିଲେ, ପନ୍ତିୟ ପିଲାତଙ୍କ ଅଧୀନରେ କ୍ରୁଶବିଦ୍ଧ ହୋଇଥିଲେ, ତୃତୀୟ ଦିବସରେ ମୃତ୍ୟୁରୁ ସ୍ୱଦେହରେ ଉଠିଥିଲେ, ପୁଣି ସ୍ୱର୍ଗାରୋହଣ କରିଥିଲେ । ମଧ୍ୟସ୍ଥ ରାଜା ଭାବରେ ସେ ପିତା ଈଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ଉପବେଶନ କରିଅଛନ୍ତି, ଈଶ୍ୱରଙ୍କ ସମସ୍ତ ସାର୍ବଭୌମତ୍ୱକୁ ସ୍ୱର୍ଗରେ ଓ ପୃଥିବୀରେ କାର୍ଯ୍ୟକାରୀ କରୁଅଛନ୍ତି, ପୁଣି ସେ ଆମର ମହାଯାଜକ ଓ ଧାର୍ମିକ ସମର୍ଥକ ଅଟନ୍ତି । ଆମେ ବିଶ୍ୱାସ କରୁ ଯେ ତାହାଙ୍କ ଅବତାର, ଜୀବନ, ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ଦ୍ୱାରା ଯୀଶୁଖ୍ରୀଷ୍ଟ ଆମର ପ୍ରତିନିଧି ଓ ବଦଳ ଭାବରେ କାର୍ଯ୍ୟ କରିଥିଲେ । ସେ ଏହା କରିଥିଲେ ଯେପରି ତାହାଙ୍କଠାରେ ଆମେ ହୁଏତ ଈଶ୍ୱରଙ୍କ ଧାର୍ମିକ ହୋଇପାରିବା : କ୍ରୁଶ ଉପରେ ସେ ପାପକୁ ରଦ୍ଦ କରିଥିଲେ, ଈଶ୍ୱରଙ୍କୁ ସନ୍ତୁଷ୍ଟ କରିଥିଲେ, ଓ ଆମ ପାପର ସମ୍ପୂର୍ଣ୍ଣ ଜୋରିମାନା ବହନ କରିବା ଦ୍ୱାରା ସମସ୍ତ ବିଶ୍ୱାସୀଙ୍କୁ ଈଶ୍ୱରଙ୍କ ସହିତ ସମ୍ମିଳିତ କରିଥିଲେ । ଆପଣାର ପୁନରୁତ୍ଥାନ ଦ୍ୱାରା ଖ୍ରୀଷ୍ଟ ଯୀଶୁଙ୍କୁ ଆପଣା ପିତାଙ୍କ ଦ୍ୱାରା ସମର୍ଥନ କରାଯାଇଥିଲା ମୃତ୍ୟୁର ଶକ୍ତିକୁ ଭାଙ୍ଗି ଦେଇଥିଲେ ଓ ଶୟତାନକୁ ପରାସ୍ତ କରିଥିଲେ ଯାହାର ଥରେ ଏହା ଉପରେ ଶକ୍ତି ଥିଲା, ଓ ଆପଣା ସମସ୍ତ ଲୋକଙ୍କୁ ଚିରସ୍ଥାୟୀ ଜୀବନ ଆଣିଦେଇଥିଲେ ଆପଣାର ସ୍ୱର୍ଗାରୋହଣ ଦ୍ୱାରା ତାହାଙ୍କୁ ଚିରକାଳ ପ୍ରଭୁ ଭାବରେ ଉଚ୍ଚୀକୃତ କରାଯାଇଛି ପୁଣି ସେ ଆମ ପାଇଁ ଏକ ସ୍ଥାନ ପ୍ରସ୍ତୁତ କରିଅଛନ୍ତି ଯେପରି ଆମେ ତାହାଙ୍କ ସହିତ ରହିପାରିବା । ଆମେ ବିଶ୍ୱାସ କରୁ ଯେ ପରିତ୍ରାଣ ଅନ୍ୟ ଜଣଙ୍କଠାରେ ଦେଖିବାକୁ ମିଳିଥାଏ, କାରଣ ଆକାଶ ତଳେ ଆଉ କାହାକୁ ସେହି ନାମ ଦିଆଯାଇ ନାହିଁ ଯାହାଦ୍ୱାରା ଆମ୍ଭେମାନେ ଉଦ୍ଧାରପ୍ରାପ୍ତ ହୋଇପାରିବା । ଈଶ୍ୱର ଏହି ଜଗତର ବିଷୟଗୁଡ଼ିକୁ ବିଫଳ କରିବା ପାଇଁ ନ୍ୟୁନ ବିଷୟଗୁଡ଼ିକୁ, ତୁଚ୍ଛୀକୃତ ବିଷୟଗୁଡ଼ିକୁ, ନ ଥିବା ବିଷୟଗୁଡ଼ିକୁ ମନୋନୟନ କରିଥିବାରୁ କୌଣସି ମନୁଷ୍ୟ ତାହାଙ୍କ ସମ୍ମୁଖରେ କେବେ ବି ଗର୍ବ କରିପାରିବେ ନାହିଁ – ଖ୍ରୀଷ୍ଟ

ଯୀଶୁ ଆମ ପାଇଁ ଈଶ୍ୱରଙ୍କଠାରୁ ଜ୍ଞାନ ହୋଇଅଛନ୍ତି – ଅର୍ଥାତ୍ ଆମର ଧାର୍ମିକତା, ପବିତ୍ରତା ଓ ମୁକ୍ତି ହୋଇଅଛନ୍ତି ।

୮. **ପାପୀମାନଙ୍କୁ ଧାର୍ମିକ ଗଣନା କରିବା ।** ଆମେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟ ଆପଣାର ଆଜ୍ଞାବହତା ଓ ମୃତ୍ୟୁ ଦ୍ୱାରା ସେହିମାନଙ୍କର ଋଣକୁ ସମ୍ପୂର୍ଣ୍ଣରୂପେ ପରିଶୋଧ କରିଦେଇଥିଲେ ଯେଉଁମାନେ ଧାର୍ମିକଗଣିତ ହୋଇଛନ୍ତି । ତାହାଙ୍କର ବଳିଦାନ ଦ୍ୱାରା ସେ ଆମ ବଦଳରେ ଆମ ପାପର ଉପଯୁକ୍ତ ଦଣ୍ଡ ବହନ କରି, ଆମ ପକ୍ଷରୁ ଈଶ୍ୱରଙ୍କ ନ୍ୟାୟକୁ ଏକ ଯଥାର୍ଥ, ବାସ୍ତବ, ଓ ସମ୍ପୂର୍ଣ୍ଣ ତୁଷ୍ଟ କରିଥିଲେ । ଆପଣାର ସିଦ୍ଧ ଆଜ୍ଞାବହତା ଦ୍ୱାରା ସେ ଆମ ପକ୍ଷରୁ ଈଶ୍ୱରଙ୍କ ନ୍ୟାଯ୍ୟ ଦାବି ପୂରଣ କରିଥିଲେ, ଫଳରେ କେବଳ ବିଶ୍ୱାସ ଦ୍ୱାରା ହିଁ ସେହି ସିଦ୍ଧ ଆଜ୍ଞାବହତା କେବଳ ଖ୍ରୀଷ୍ଟଙ୍କଠାରେ ଆସ୍ଥା ସ୍ଥାପନ କରୁଥିବା ସମସ୍ତଙ୍କ ପ୍ରତି ସେମାନେ ଈଶ୍ୱରଙ୍କୁ ଗ୍ରହଣ କରିଥିବାରୁ ସେମାନଙ୍କର ବୋଲି ଗଣନା କରାଯିବ । ଆମ ପାଇଁ ପିତାଙ୍କ ଦ୍ୱାରା ଖ୍ରୀଷ୍ଟଙ୍କୁ ଯେତେ ଦଉ ହୋଇଅଛି, ଏବଂ ଆମ ନିଜ ସ୍ଥାନରେ ତାହାଙ୍କର ଆଜ୍ଞାବହତା ଓ ଦଣ୍ଡ ଗ୍ରହଣ କରାଯାଇଛି, ତାହା ବିନାମୂଲ୍ୟରେ ଓ ଆମଠାରେ କୌଣସି ବିଷୟ ପାଇଁ ନୁହେଁ, ଏହି ନ୍ୟାୟପରାୟଣତା ବିନାମୂଲ୍ୟରେ ଅନୁଗ୍ରହର ହିଁ ଅଟେ, ଯେପରି ଉଭୟ ସଠିକ୍ ନ୍ୟାୟ ଓ ଈଶ୍ୱରଙ୍କ ବହୁମୂଲ୍ୟ ଅନୁଗ୍ରହ ହୁଏତ ପାପୀମାନଙ୍କୁ ଧାର୍ମିକଗଣିତ କରିବାରେ ଗୌରବାନ୍ୱିତ ହେବ । ଆମେ ବିଶ୍ୱାସ କରୁ ଯେ ବ୍ୟକ୍ତିଗତ ଓ ସର୍ବସାଧାରଣ ଆଜ୍ଞାବହତା ପାଇଁ ଏକ ଇଚ୍ଛା ଏହି ବିନାମୂଲ୍ୟର ନ୍ୟାୟପରାୟଣତାରୁ ପ୍ରବାହିତ ହୋଇଥାଏ ।

୯. **ପବିତ୍ର ଆତ୍ମାଙ୍କର ଶକ୍ତି ।** ଆମେ ବିଶ୍ୱାସ କରୁ ଯେ ଏହି ପରିତ୍ରାଣ, ଯାହାକି ସମସ୍ତ ଶାସ୍ତ୍ରରେ ଲିପିବଦ୍ଧ ହୋଇଛି ଓ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସୁରକ୍ଷିତ ହୋଇଛି ତାହା ପବିତ୍ର ଆତ୍ମାଙ୍କ ଦ୍ୱାରା ତାହାଙ୍କ ଲୋକମାନଙ୍କ ପ୍ରତି ପ୍ରୟୋଗ ହୋଇଛି । ପିତା ଓ ପୁତ୍ରଙ୍କ ଦ୍ୱାରା ପ୍ରେରିତ ହୋଇ ପବିତ୍ର ଆତ୍ମା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରନ୍ତି, ପୁଣି ଅନ୍ୟ ପାରାକ୍ଲିତଙ୍କ ପରି ବିଶ୍ୱାସୀମାନଙ୍କ ସହିତ ଓ ସେମାନଙ୍କଠାରେ ଉପସ୍ଥିତ ଅଛି । ସେ ପାପୀ ଜଗତକୁ ଧାର୍ମିକତା ଓ ବିଚାର ବିଷୟରେ ହୃଦ୍‌ବୋଧ ଦିଅନ୍ତି, ପୁଣି ତାହାଙ୍କର ଶକ୍ତିଶାଳୀ ଓ ରହସ୍ୟମୟ କାର୍ଯ୍ୟ ଆତ୍ମିକରୂପେ ମୃତ ପାପୀମାନଙ୍କୁ ପୁନର୍ରୁଜ୍ଜି କରିଥାଏ, ସେମାନଙ୍କୁ ଅନୁତାପ ଓ ବିଶ୍ୱାସ ପ୍ରତି ସଚେତନ କରୁଛି, ଓ ତାହାଙ୍କଠାରେ ସେମାନେ ପ୍ରଭୁ ଯୀଶୁଙ୍କ ସହିତ ସଂଯୁକ୍ତ ହୋଇ ବାପ୍ତିଜିତ ହୋଇଛନ୍ତି, ଯେପରି କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ କେବଳ ବିଶ୍ୱାସ କରିବା ମାଧ୍ୟମରେ ସେମାନେ କେବଳ ଅନୁଗ୍ରହରେ ଈଶ୍ୱରଙ୍କ ସମ୍ମୁଖରେ ଧାର୍ମିକଗଣିତ ହେବେ । ଆତ୍ମାଙ୍କ ପ୍ରତିନିଧି ମାଧ୍ୟମରେ ବିଶ୍ୱାସୀମାନେ ନୂତନୀକୃତ, ଶୁଚିକୃତ ଓ ଈଶ୍ୱରଙ୍କ ପରିବାର ମଧ୍ୟରେ ଗୃହୀତ ହୋଇଛନ୍ତି ସେମାନେ ସ୍ୱର୍ଗୀୟ ସ୍ୱଭାବରେ ଅଂଶଗ୍ରହଣ କରନ୍ତି ଓ ତାହାଙ୍କର ସାର୍ବଭୌମ ଭାବରେ ବିତରିତ ଉପହାରଗୁଡ଼ିକ ଗ୍ରହଣ କରନ୍ତି । ସ୍ୱୟଂ ପବିତ୍ର ଆତ୍ମା ହିଁ ପ୍ରତିଜ୍ଞାତ ଉତ୍ତରାଧିକାରର ମୂଳ ଦେୟ ଅଟନ୍ତି, ପୁଣି ଏହି ଯୁଗରେ ଖ୍ରୀଷ୍ଟଙ୍କ ପାଇଁ ବିଶ୍ୱାସୀମାନଙ୍କ

ମଧ୍ୟରେ ବାସ କରନ୍ତି, ସେମାନଙ୍କୁ ପରିଚାଳନା ଦିଅନ୍ତି, ନିର୍ଦ୍ଦେଶନା ଦିଅନ୍ତି, ସୁସଜ୍ଜିତ କରନ୍ତି, ଉଦ୍ଦିପିତ କରନ୍ତି ଓ ଶକ୍ତିଯୁକ୍ତ କରନ୍ତି – ଯେପରି ବାସ କରିବା ଓ ସେବା କରିବା ।

୧୦. **ଈଶ୍ୱରଙ୍କ ରାଜ୍ୟ ।** ଆମେ ବିଶ୍ୱାସ କରୁ ଯେ ଯେଉଁମାନେ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ସମ୍ମିଳିତ ହେବା ମାଧ୍ୟମରେ ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ପୁନର୍ଗଠିତ ହେବା ମାଧ୍ୟମରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଛନ୍ତି ସେମାନେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରନ୍ତି ଓ ନୂତନ ଚୁକ୍ତିର ଆଶୀର୍ବାଦରେ ଆନନ୍ଦ କରନ୍ତି : ତାହା ହେଉଛି ପାପକ୍ଷମା, ଆନ୍ତରିକ ପରିବର୍ତ୍ତନ ଯାହାକି ଈଶ୍ୱରଙ୍କୁ ଗୌରବାନ୍ୱିତ କରିବାକୁ, ତାହାଙ୍କ ଉପରେ ଆସ୍ଥା ସ୍ଥାପନ କରିବାକୁ ଓ ତାହାଙ୍କର ଆଜ୍ଞାବହ ହେବାକୁ ଏକ ଅଭିଳାଷ ଜାତ କରିଥାଏ, ପୁଣି ସେହି ଗୌରବର ଦିଗଗୁଡ଼ିକ ଏବେସୁଦ୍ଧା ପ୍ରକାଶିତ ହେବାକୁ ବାକି ଅଛି । ଉତ୍ତମ କାର୍ଯ୍ୟଗୁଡ଼ିକ ଉଦ୍ଧାରକାରୀ ଅନୁଗ୍ରହର ଅପରିହାର୍ଯ୍ୟ ପ୍ରମାଣଗୁଡ଼ିକୁ ନେଇ ଗଠିତ ହୋଇଥାଏ । କ୍ଷୟପ୍ରାପ୍ତ ଏକ ଜଗତରେ ଲବଣ ସଦୃଶ ବାସ କରିବା ଓ ଅନ୍ଧକାର ଏକ ଜଗତରେ ଆଲୋକ ଭାବରେ ବାସ କରିବା ପାଇଁ ବିଶ୍ୱାସୀମାନଙ୍କୁ ଏହି ଜଗତରୁ ନିର୍ବାସିତ ହୋଇ ନିଭୃତ ଭାବରେ ବାସ କରିବାକୁ ପଡ଼ିବ ନାହିଁ, କିମ୍ବା ଏଥିରୁ ବିଚ୍ଛିନ୍ନ ହୋଇପାରୁ ନ ଥିବା ପରି ହେବାକୁ ପଡ଼ିବ ନାହିଁ : ବରଂ ଆମକୁ ନଗର ପ୍ରତି ମଙ୍ଗଳ କରିବାକୁ ପଡ଼ିବ, କାରଣ ଜାତିଗୁଡ଼ିକର ସମସ୍ତ ଗୌରବ ଓ ସମ୍ମାନ ଜୀବିତ ପରମେଶ୍ୱରଙ୍କୁ ଅର୍ପଣ କରାଯିବାକୁ ପଡ଼ିବ । ଏହା କାହାର ସୃଷ୍ଟିକ୍ରମ ତାହା ଜାଣିବା ଦ୍ୱାରା ପୁଣି ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟର ନାଗରିତ ହୋଇଥିବାରୁ ଆମକୁ ଆମର ପ୍ରତିବାସୀମାନଙ୍କୁ ଆତ୍ମତୁଲ୍ୟ ପ୍ରେମ କରି ସମସ୍ତଙ୍କ ପ୍ରତି, ବିଶେଷରୂପେ ସେହିମାନଙ୍କ ପ୍ରତି ଯେଉଁମାନେ ଈଶ୍ୱରଙ୍କ ପରିବାରର ଅନ୍ତର୍ଭୁକ୍ତ ଅଟନ୍ତି, ସେମାନଙ୍କ ପ୍ରତି ମଙ୍ଗଳ କରିବାକୁ ପଡ଼ିବ । ଈଶ୍ୱରଙ୍କ ରାଜ୍ୟ ଉପସ୍ଥିତ ହୋଇସାରିଛି, ମାତ୍ର ତାକୁ ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରାଯାଇ ନାହିଁ, ତାହା ହେଉଛି ସମସ୍ତ ସୃଷ୍ଟିର ଘଟଣାକ୍ରମର ମୁକ୍ତି ପ୍ରତି ଜଗତରେ ଈଶ୍ୱରଙ୍କ ସାର୍ବଭୌମତ୍ୱର ବ୍ୟବହାର । ଈଶ୍ୱରଙ୍କ ରାଜ୍ୟ ଏକ ମାଡ଼ି ଯାଉଥିବା ଶକ୍ତି ଅଟେ ଯାହାକି ଶୟତାନର ଅନ୍ଧକାର ରାଜ୍ୟକୁ ଲୁଣ୍ଠନ କରିଥାଏ ପୁଣି ଅନୁତାପ ଓ ବିଶ୍ୱାସ ମାଧ୍ୟମରେ ସେହି ରାଜ୍ୟରୁ ଉଦ୍ଧାରପ୍ରାପ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ଜୀବନର ପୁନରୁତ୍ପତ୍ତି ଓ ଜୀର୍ଣ୍ଣସଂସ୍କାର ହୋଇଥାଏ । ସେଥିପାଇଁ ଏହା ଅପରିହାର୍ଯ୍ୟ ଭାବରେ ଈଶ୍ୱରଙ୍କ ଅଧୀନରେ ଏକତ୍ର ମିଶି ମାନବ ଜୀବନର ଏକ ନୂତନ ସମ୍ପ୍ରଦାୟକୁ ପ୍ରତିଷ୍ଠା କରିଥାଏ ।

୧୧. **ଈଶ୍ୱରଙ୍କ ନୂତନ ଲୋକମାନେ ।** ଆମେ ବିଶ୍ୱାସ କରୁ ଯେ ଈଶ୍ୱରଙ୍କ ନୂତନ ଚୁକ୍ତିର ଲୋକମାନେ ସ୍ୱର୍ଗୀୟ ଯିରୁଶାଲମକୁ ଆସିସାରିଛନ୍ତି ସେମାନେ ସ୍ୱର୍ଗରେ ଖ୍ରୀଷ୍ଟଙ୍କ ସହିତ ଉପବେଶନ କରିସାରିଅଛନ୍ତି । ଏହି ସର୍ବସାଧାରଣ ମଣ୍ଡଳୀ ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ପ୍ରଦର୍ଶିତ ହୋଇଛି, ଯେଉଁସବୁର ଖ୍ରୀଷ୍ଟ ହିଁ ଏକମାତ୍ର ମୁଖ୍ୟ ଅଟନ୍ତି ତେଣୁ ପ୍ରତ୍ୟେକ

ସ୍ଥାନୀୟ ମଣ୍ଡଳୀ ହେଉଛନ୍ତି ପ୍ରକୃତରେ ମଣ୍ଡଳୀ, ଈଶ୍ୱରଙ୍କ ପରିବାର, ଜୀବିତ ଈଶ୍ୱରଙ୍କ ସଭା, ଓ ସତ୍ୟର ଖୁମ୍ବ ଓ ଭିତ୍ତିମୂଳ । ମଣ୍ଡଳୀ ହେଉଛି ଖ୍ରୀଷ୍ଟଙ୍କର ଶରୀର, ତାହାଙ୍କ ନୟନର ପିତୁଳା, ତାହାଙ୍କ ହାତର ଫଳକ, ପୁଣି ସେ ତା' ପ୍ରତି ଚିରକାଳ ବାଧିତ କରିଅଛନ୍ତି । ମଣ୍ଡଳୀକୁ ସୁସମାଚାର ବାର୍ତ୍ତା ଦ୍ୱାରା, ତା'ର ପବିତ୍ର ଅଧ୍ୟାଦେଶ ଦ୍ୱାରା, ତା'ର ଶୃଙ୍ଖଳା ଦ୍ୱାରା, ତା'ର ମହାନ୍ ମିଶନ୍ ଦ୍ୱାରା, ଓ ସର୍ବୋପରି ଈଶ୍ୱରଙ୍କ ପାଇଁ ତା'ର ପ୍ରେମ ଦ୍ୱାରା ଓ ତା'ର ସଦସ୍ୟମାନଙ୍କର ପରସ୍ପର ପ୍ରତି ଓ ଜଗତ ପ୍ରତି ପ୍ରେମ ଦ୍ୱାରା ପୃଥକୀକୃତ କରାଯାଇଛି । ଜଟିଳ ଭାବରେ ଆମେ ଏହି ଯେଉଁ ସୁସମାଚାରକୁ ଉପଭୋଗ କରିଥାଉ, ତା'ର ଉଭୟ ବ୍ୟକ୍ତିଗତ ଓ ସଙ୍ଘବଦ୍ଧ ଦିଗଗୁଡ଼ିକ ଅଛି, ସେଗୁଡ଼ିକ ମଧ୍ୟରୁ କୌଣସିଟିକୁ ଯଥାର୍ଥ ଭାବରେ ଉପେକ୍ଷା କରାଯାଇପାରିବ ନାହିଁ । ଖ୍ରୀଷ୍ଟ ଯୀଶୁ ହିଁ ହେଉଅଛନ୍ତି ଆମର ଶାନ୍ତି : ସେ କେବଳ ଈଶ୍ୱରଙ୍କ ସହିତ ଶାନ୍ତି ଆଣି ନାହାନ୍ତି, ମାତ୍ର ବିଦେଶୀ ଲୋକମାନଙ୍କ ମଧ୍ୟରେ ବି ଶାନ୍ତି ଆଣିଅଛନ୍ତି । ତାହାଙ୍କ ଉଦ୍ଦେଶ୍ୟ ଥିଲା ତାହାଙ୍କ ମଧ୍ୟରେ ଏକ ନୂତନ ମାନବତା ସୃଷ୍ଟି କରିବା, ଫଳରେ ଶାନ୍ତି ତିଆରି କରିବା, ପୁଣି ଗୋଟିଏ ଶରୀରରେ ଉଭୟ ଯିହୁଦୀ ଓ ବିଜାତୀଙ୍କୁ କ୍ରୁଶ ମାଧ୍ୟମରେ ଈଶ୍ୱରଙ୍କ ସହିତ ସମ୍ମିଳିତ କରିବ, ଯାହା ଦ୍ୱାରା ସେ ସେମାନଙ୍କ ଶତ୍ରୁତାକୁ ନଷ୍ଟ କରିଦେବେ । ମଣ୍ଡଳୀ ଈଶ୍ୱରଙ୍କର ଭବିଷ୍ୟତ୍‌ର ନୂତନ ଜଗତର ଏକ ଚିହ୍ନସ୍ୱରୂପ ଅଟେ, ଯେତେବେଳେ ଏହାର ସଦସ୍ୟଗଣ ସ୍ୱାର୍ଥପର ନ ହୋଇ ମାତ୍ର ପରସ୍ପରର ଓ ସେମାନଙ୍କ ପ୍ରତିବାସୀଗଣର ସେବା ନିମନ୍ତେ ବାସ କରିବେ । ମଣ୍ଡଳୀ ହିଁ ହେଉଛି ଈଶ୍ୱରଙ୍କ ଆତ୍ମା ବାସ କରିବାର ଏକ ସଙ୍ଘବଦ୍ଧ ସ୍ଥାନ ଅଟେ, ପୁଣି ଜଗତରେ ଈଶ୍ୱରଙ୍କ ପ୍ରତି ନିରବଚ୍ଛିନ୍ନ ସାକ୍ଷୀ ଅଟେ ।

୧୨. **ବାପ୍ତିସ୍ମ ଓ ପ୍ରଭୁଭୋଜ ।** ଆମେ ବିଶ୍ୱାସ କରୁ ଯେ ବାପ୍ତିସ୍ମ ଓ ପ୍ରଭୁଭୋଜ ସ୍ୱୟଂ ପ୍ରଭୁ ଯୀଶୁଙ୍କ ଦ୍ୱାରା ବିଧିବଦ୍ଧ ହୋଇଛି । ପ୍ରଥମଟି ନୂତନ ଚୁକ୍ତି ସମ୍ପ୍ରଦାୟ ମଧ୍ୟରେ ପ୍ରବେଶ କରିବା ପାଇଁ ସଂଯୁକ୍ତ ହୋଇଛି, ପରବର୍ତ୍ତୀ ବିଷୟଟି ଚାଲୁଥିବା ଚୁକ୍ତି ନୂତନୀକୃତ ସହିତ ସଂଯୁକ୍ତ ହୋଇଛି । ସେ ଦୁଇଟି ମିଶି ଆମ ପ୍ରତି ଈଶ୍ୱରଙ୍କର ପ୍ରତିଜ୍ଞା ଅଟେ, ସ୍ୱର୍ଗୀୟ ଭାବର ଅନୁଗ୍ରହର ମାଧ୍ୟମରେ ଅଧ୍ୟାଦେଶ ଜାରି ହୋଇଛି, ଥରେ କ୍ରୁଶବିଦ୍ଧ ହୋଇ ଏବେ ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ପ୍ରତି ଆମର ସମର୍ପଣର ସର୍ବସାଧାରଣ ପ୍ରତିଜ୍ଞାଗୁଡ଼ିକ ଓ ତାହାଙ୍କ ପ୍ରତ୍ୟାବର୍ତ୍ତନ ବିଷୟରେ ପ୍ରତ୍ୟାଶା ଓ ଏସବୁ ବିଷୟର ସମାପନ ।

୧୩. **ସମସ୍ତ ବିଷୟର ପୁନଃସଂସ୍ଥାପନ ।** ଆମେ ବିଶ୍ୱାସ କରୁ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବ୍ୟକ୍ତିଗତ, ଗୌରବମୟ ଓ ଶାରୀରିକ ପ୍ରତ୍ୟାବର୍ତ୍ତନ ସହିତ ତାହାଙ୍କର ପବିତ୍ର ଦୂତଗଣଙ୍କୁ, ଯେତେବେଳେ ସେ ଅନ୍ତିମ ବିଚାରକର୍ତ୍ତା ଭାବରେ ଆପଣା ଭୂମିକା ବହନ କରିବେ, ପୁଣି ତାହାଙ୍କ ରାଜ୍ୟ ପୂର୍ଣ୍ଣାଙ୍ଗ ହେବ । ଆମେ ଉଭୟ ଧାର୍ମିକ ଓ ଅଧାର୍ମିକମାନଙ୍କର ଶାରୀରିକ ପୁନରୁତ୍ଥାନରେ ବିଶ୍ୱାସ କରିଥାଉ – ଅଧାର୍ମିକମାନଙ୍କର ବିଚାର ହେବ ଓ ନର୍କରେ ସେମାନେ ଅନନ୍ତକାଳୀନ ଦଣ୍ଡ ପାଇବେ, ଯେପରି ସ୍ୱୟଂ ଆମର ପ୍ରଭୁ ଶିକ୍ଷା

ଦେଇଥିଲେ, ଓ ଧାର୍ମିକ ତାହାଙ୍କ ଉପସ୍ଥିତିରେ ଅନନ୍ତ ଆଶୀର୍ବାଦ ପ୍ରାପ୍ତ ହେବ ଯେ କି ମେଷଶାବକଙ୍କ ସିଂହାସନ ଉପରେ ବସନ୍ତି, ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀରେ, ଯାହାକି ଧାର୍ମିକତାର ଗୃହ ଅଟେ । ଖ୍ରୀଷ୍ଟଙ୍କର ଆଜ୍ଞାବହତା, ଦୁଃଖଭୋଗ ଓ ବିଜୟ ଦ୍ୱାରା ସେହିଦିନ ମଣ୍ଡଳୀକୁ ଈଶ୍ୱରଙ୍କ ସମ୍ମୁଖରେ ନିର୍ଦ୍ଦୋଷ ଭାବରେ ଉପସ୍ଥାପନ କରାଯିବ, ସମସ୍ତ ପାପ ରଦ୍ଦ ହୋଇଛି ଓ ଏହାର ମନ୍ଦ ଫଳାଫଳ ଚିରକାଳ ଛାଡ଼ି ଦିଆଯାଇଛି । ଈଶ୍ୱର ସର୍ବେସର୍ବା ହେବେ ଓ ତାହାଙ୍କ ଲୋକମାନେ ତାହାଙ୍କ ଅବର୍ଣ୍ଣନୀୟ ପବିତ୍ରତାର ନିକଟତା ଦ୍ୱାରା ଅତିଶୟ ଆନନ୍ଦ କରିବେ, ପୁଣି ପ୍ରତ୍ୟେକ ବିଷୟ ତାହାଙ୍କ ଗୌରବମୟ ଅନୁଗ୍ରହର ପ୍ରଶଂସା କରିବ ।

## ସେବାକାର୍ଯ୍ୟର ଧର୍ମତାତ୍ତ୍ୱିକ ଦର୍ଶନ

### ୧. ଆମେ ସତ୍ୟର ସାଂସ୍କୃତିକ ସଙ୍କଟ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ୍ ? (ଜ୍ଞାନତତ୍ତ୍ୱ ସମ୍ବନ୍ଧୀୟ ଘଟଣା)

ଅନେକ ଶହ ବର୍ଷ ପାଇଁ ଜ୍ଞାନାଲୋକ ଆସିବା ସମୟରୁ ସେହି ସତ୍ୟକୁ ବହୁଳ ଭାବରେ ସମ୍ମତ କରାଯାଇଥିଲା – ବାକ୍ୟରେ ପ୍ରକାଶ କରାଯାଇଥିଲା ଯାହାକି ବାସ୍ତବତାକୁ ପ୍ରଚୁର ଭାବରେ ବାସ୍ତବ ବିଷୟ କହିଥାଏ – ଏହାର ଅବଶ୍ୟ ସ୍ଥିତି ଅଛି ଓ ଏହାକୁ ଜଣାଯାଇପାରିବ । ସାହାଯ୍ୟ ପାଇ ନ ଥିବା ମନୁଷ୍ୟର କାରଣକୁ ଚିନ୍ତା କରାଯାଇଥିଲା, ନିରପେକ୍ଷ ଭାବରେ ସତ୍ୟ ଜାଣିପାରିବ । ଅଧିକ ସାମ୍ପ୍ରତିକ ଭାବରେ ଅତ୍ୟାଧୁନିକତା ଏହି ଅନୁମାନଗୁଡ଼ିକୁ ସମାଲୋଚନା କରାଯାଇଛି, ତାହା ସନ୍ତୁଷ୍ଟ ହୋଇଛି ଯେ ଜ୍ଞାନ ଭିକ୍ଷା କରିବାରେ ଆମେ ପ୍ରକୃତରେ ଲକ୍ଷ୍ୟାନ୍ୱିତ ନୋହୁଁ, ମାତ୍ର ବରଂ ଆମର ବ୍ୟକ୍ତିଗତ ଅନୁଭୂତି, ଆତ୍ମ-ଆଗ୍ରହ, ଆବେଗ, ସାଂସ୍କୃତିକ ଅନ୍ଧବିଶ୍ୱାସ, ଭାଷାର ସୀମିତ ଓ ସମ୍ପର୍କଗତ ଯୋଗାଯୋଗ ମାଧମରେ ସୂଚନାର ଅର୍ଥ କରିଥାଉ । ନିରପେକ୍ଷତାର ଦାବି ହେଉଛି ଦାମ୍ଭିକ, ଅତ୍ୟାଧୁନିକତା ଆମକୁ କହେ, ଓ ଅପରିହାର୍ଯ୍ୟ ଭାବରେ ସମ୍ପ୍ରଦାୟଗୁଡ଼ିକ ମଧରେ ବିଭିନ୍ନ ଇଚ୍ଛାଧୀନ ବିଷୟ ସହିତ ସଂଘର୍ଷ କରିବାକୁ କଢ଼ାଇ ନେଇଥାଏ, ଯେଉଁଠାରେ ସତ୍ୟ ଅଛି । ସେମାନେ କହନ୍ତି ସେହି ଦାମ୍ଭିକତା ଆଂଶିକ ଭାବରେ ଆଧୁନିକ ଯୁଗର ଅନେକ ଅନ୍ୟାୟ ଓ ଯୁଦ୍ଧକୁ ବର୍ଣ୍ଣନା କରିଥାଏ । ତଥାପିମଧ ଅତ୍ୟାଧୁନିକବାଦୀମାନଙ୍କର ପ୍ରତିକ୍ରିୟା ଅନ୍ୟ ଉପାୟରେ ବିପଦପୂର୍ଣ୍ଣ ଅଟେ : ଏହାର ସର୍ବାଧିକ ଉଜ୍ଜ୍ୱଳ ଲକ୍ଷ୍ୟାନ୍ୱିତ ସତ୍ୟ ପ୍ରତି ସେହି ଦାବିଗୁଡ଼ିକୁ ବଳାଇଥାଏ, ତାହା ଅଧିକ ନମ୍ର ସହନଶୀଳତା ଦ୍ୱାରା ବଦଳ ହେବ ଓ ଭିନ୍ନ ଭିନ୍ନ ବସ୍ତୁଭିତ୍ତିକ ବହୁବାଦକୁ ଅନ୍ତର୍ଭୁକ୍ତ କରିବ – ଏକ ବହୁବାଦ ଯାହାକି ଅନେକ ସମୟରେ ବହୁତ ହୋଇ ନଷ୍ଟ ହୋଇଯାଇଛି ଯାହାକି ବିଶ୍ୱାସ ପାଇଁ କୌଣସି ପ୍ରକାର ଦୃଢ଼ ଭୂମିକୁ ଅନୁମତି ଦେଇପାରିବ ନାହିଁ ଯାହାକି ସବୁ ସମୟ ପାଇଁ ଥରେ ସାଧୁମାନଙ୍କୁ ଦିଆଯାଇଥିଲା । ସେହିପରି ଏକ ଘଟଣାର ସତ୍ୟରେ କୌଣସି ସ୍ଥାନ ନାହିଁ ଯାହାକି ବାସ୍ତବତା ବିଷୟରେ କହିଥାଏ, ମାତ୍ର ବସ୍ତୁବାଦର କେବଳ ଏକ ରେଖା ଅଟେ ଯାହାକି ସତ୍ୟକୁ ପ୍ରସ୍ତୁତ କରିଥିଲା । ତେବେ ସତ୍ୟର ଏହି ସାଂସ୍କୃତିକ ସଙ୍କଟ ପ୍ରତି ଆମେ କିପରି ପ୍ରତିକ୍ରିୟା ପ୍ରକାଶ କରିପାରିବା ?

୧. ଆମେ ଦୃଢ଼ତା ଦେଇଥାଉ ଯେ ସତ୍ୟ ବାସ୍ତବତାକୁ ପ୍ରକାଶ କରିଥାଏ । ଆମେ ବିଶ୍ୱାସ କରୁ ଯେ ଯେଉଁ ପବିତ୍ର ଆତ୍ମା ପ୍ରେରିତ ଓ ଭାବବାଦୀମାନଙ୍କର ବାକ୍ୟକୁ ଅନୁପ୍ରେରଣା ଦେଇଥିଲେ ସେ ମଧ୍ୟ ଆମ ମଧ୍ୟରେ ବାସ କରନ୍ତି ଯେପରି ଆମ୍ଭେମାନେ ଯେଉଁମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଛୁ ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ଶାସ୍ତ୍ରର ବାକ୍ୟଗୁଡ଼ିକୁ ଗ୍ରହଣ କରିପାରିବା ଓ ବୁଝିପାରିବା ଏବଂ ଶାସ୍ତ୍ରର ସେହି ସତ୍ୟଗୁଡ଼ିକ ବାସ୍ତବତାକୁ ପ୍ରକାଶ କରିବା ପାଇଁ ଆହଣ କରିପାରିବେ । ଶାସ୍ତ୍ରର ଉକ୍ତିଗୁଡ଼ିକ ସତ୍ୟ ଅଟେ, ସଠିକ୍ ଭାବରେ କାରଣ ସେଗୁଡ଼ିକ ଈଶ୍ୱରଙ୍କ ଉକ୍ତି ଅଟେ, ପୁଣି ସେଗୁଡ଼ିକ ବାସ୍ତବତାକୁ ପ୍ରକାଶ କରିଥାଏ ଯଦିଚ ସେହି ସତ୍ୟଗୁଡ଼ିକ ବିଷୟରେ ଆମର ଜ୍ଞାନ (ଓ ଏପରିକି ଅନ୍ୟଗୁଡ଼ିକ ପ୍ରତି ସେଗୁଡ଼ିକ ଯାଞ୍ଚ କରିବା ପାଇଁ ଆମର ଦକ୍ଷତା) ସର୍ବଦା ଅସମ୍ପୂର୍ଣ୍ଣ ଅଟେ । ପୁଙ୍ଖାନୁପୁଙ୍ଖ ବସ୍ତୁନିଷ୍ଠ ଜ୍ଞାନରେ ଜ୍ଞାନାଲୋକର ବିଶ୍ୱାସ ଏକ ପ୍ରତିମା ତିଆରି କରିଥିଲା ଯାହାକି ମନୁଷ୍ୟର ଜ୍ଞାନର ସାହାଯ୍ୟ ପାଇ ନ ଥିଲା । ମାତ୍ର ସମ୍ପୂର୍ଣ୍ଣ ବସ୍ତୁନିଷ୍ଠ ଜ୍ଞାନର ସମ୍ଭାବନାକୁ ଅସ୍ୱୀକାର କରିବା ବିଷୟ ସତ୍ୟର କ୍ଷତି ବୋଲି ଅର୍ଥ କରେ ନାହିଁ ଯାହାକି ବସ୍ତୁନିଷ୍ଠ ବାସ୍ତବତାକୁ ପ୍ରକାଶ କରିଥାଏ, ଯଦିଚ ଏକ କଳ୍ପନାପ୍ରସୂତ ଉପାଦାନ ବ୍ୟତୀତ ସେହି ସତ୍ୟ କେବେ ବି ଜଣାଯାଇପାରିବ ନାହିଁ । ଦେଖନ୍ତୁ ସିଏସ୍ – (୨) ।

୨. ଆମେ ଦୃଢ଼ତା ଦେଇଥାଉ ଯେ ସତ୍ୟ ଶାସ୍ତ୍ର ଦ୍ୱାରା ପ୍ରକାଶିତ ହୋଇଥାଏ । ଆମେ ବିଶ୍ୱାସ କରୁ ଯେ ଶାସ୍ତ୍ର ବ୍ୟାପକ ଭାବରେ ପ୍ରସ୍ତାବିତ ବିଷୟ ଅଟେ ପୁଣି ଶାସ୍ତ୍ରର ସମସ୍ତ ଉକ୍ତି ସମ୍ପୂର୍ଣ୍ଣ ସତ୍ୟ ଓ କ୍ଷମତାସମ୍ପନ୍ନ ଅଟେ । ମାତ୍ର ଶାସ୍ତ୍ରର ସତ୍ୟତାକୁ ଅନେକ ପ୍ରସ୍ତାବରେ ସମ୍ପୂର୍ଣ୍ଣ ଶେଷ କରାଯାଇପାରିବ ନାହିଁ । ବର୍ଣ୍ଣନାରେ, ରୂପକରେ ଓ କବିତାରେ ଏହାର ସ୍ଥିତି ଅଛି, ଯାହାକି ପ୍ରସ୍ତାବ ଧର୍ମତତ୍ତ୍ୱ ମଧ୍ୟରେ ସମ୍ପୂର୍ଣ୍ଣ ନିର୍ମଳ କରାଯାଇପାରିବ ନାହିଁ, ତଥାପିମଧ୍ୟ ସେଗୁଡ଼ିକ ଆମକୁ ଈଶ୍ୱରଙ୍କ ଇଚ୍ଛା ଓ ମନ ବ୍ୟକ୍ତ କରିଥାଏ ଯେପରି ଆମକୁ ତାହାଙ୍କ ସାଦୃଶ୍ୟତାରେ ପରିବର୍ତ୍ତିତ କରିପାରିବ ।

୩. ଆମେ ଦୃଢ଼ତା ଦେଇଥାଉ ଯେ ସତ୍ୟ ଈଶ୍ୱରଙ୍କ ପ୍ରତି ଜୀବନକୁ ପ୍ରକାଶ କରିଥାଏ । ସତ୍ୟ କେବଳ ଏକ ତାତ୍ତ୍ୱିକ ବିଷୟ ନୁହେଁ, ମାତ୍ର ଏକ ଚୁକ୍ତିମୂଳକ ସମ୍ପର୍କ ମଧ୍ୟ ଅଟେ । ବାଇବଲସମ୍ମତ ପ୍ରକାଶନକୁ କେବଳ ଜଣାଯିବ ନାହିଁ, ମାତ୍ର ସେଥିରେ ବାସ କରିବାକୁ ମଧ୍ୟ ପଡ଼ିବ (ଦ୍ୱି.ବିବରଣ ୨୯:୨୯) । ବାଇବଲର ଉଦ୍ଦେଶ୍ୟ ହେଉଛି ଆମଠାରେ ଜ୍ଞାନ ଉତ୍ପନ୍ନ କରିବା – ଏକ ଜୀବନ ଯାହାକି ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କ ବାସ୍ତବତା ପ୍ରତି ସମର୍ପିତ ହୋଇଛି । ତେବେ ସତ୍ୟ ହେଉଛି ବାକ୍ୟ ଓ ଆତ୍ମାଙ୍କ ମଧ୍ୟସ୍ଥତାରେ ଆମର ସମ୍ପୂର୍ଣ୍ଣ ଜୀବନ ଓ ଈଶ୍ୱରଙ୍କ ଅନ୍ତଃକରଣ ମଧ୍ୟରେ, ବାକ୍ୟ ଓ କର୍ମ ମଧ୍ୟରେ ଯୋଗାଯୋଗ । ବାଇବଲସମ୍ମତ ସତ୍ୟର ପ୍ରସ୍ତାବିତ

ପ୍ରକୃତିକୁ ଉଚ୍ଛେଦ କରିବା ପାଇଁ ତାହା ଗୁରୁତର ଭାବରେ ଆମର ଧରିବାର, ସୁରକ୍ଷା ଦେବାର ଓ ସୁସମାଚାର ବର୍ଣ୍ଣନା କରିବାର କ୍ଷମତାକୁ ଦୁର୍ବଳ କରିଦେଇଥାଏ । ମାତ୍ର ପ୍ରସ୍ତାବିତ ଭାବରେ କେବଳ ସତ୍ୟ କହିବା ଦ୍ୱାରା ତାହା ଅବତାର ପୁତ୍ରଙ୍କୁ ପଥ, ସତ୍ଯ ଓ ଜୀବନ ଭାବରେ ଆମର ପ୍ରଶଂସାକୁ ଓ ବର୍ଣ୍ଣନା ଓ କାହାଣୀର ଯୋଗାଯୋଗ ଶକ୍ତିକୁ ଓ ଈଶ୍ୱରଙ୍କ ପ୍ରତି ଯୋଗାଯୋଗ କରିବାରେ ଜୀବନ୍ତ ସତ୍ୟ ଭାବରେ ସତ୍ୟର ଗୁରୁତ୍ୱକୁ ଦୁର୍ବଳ କରିଦେଇଥାଏ ।

୪. ସତ୍ୟର ଏହି ଦର୍ଶନ ଆମକୁ କିପରି ଭାବରେ ଆକାର ଦେଇଥାଏ ।

୧. ଆମେ ସତ୍ୟର ଏକ ସଂଯତ ଯୋଗାଯୋଗ–ତତ୍ତ୍ୱକୁ ଗ୍ରହଣ କରିଥାଉ, ତାହା ପୁରାତନ ସୁସମାଚାର ପ୍ରଚାର ଅପେକ୍ଷା କମ୍ ବିଜୟର ବିଷୟ ଅଟେ । ମାତ୍ର ଆମେ ମଧ୍ୟ ସତ୍ୟର ଏକ ମତକୁ ପ୍ରତ୍ୟାଖାନ କରିଥାଉ ଯାହାକି ସତ୍ୟକୁ ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ସମ୍ପ୍ରଦାୟର ଉଦ୍ଦେଶ୍ୟମୂଳକ ବୋଧଗମ୍ୟ ଭାଷା ଅପେକ୍ଷା ଅଧିକ କିଛି ବୋଲି ଦେଖେ ନାହିଁ । ତେଣୁ ଆମେ ଯାହା ଯଥାର୍ଥ ନ୍ୟୁନତା, *ସୋଲା ସ୍କ୍ରିପ୍ଟୁରାର* ନିୟମ ବୋଲି ଆଶା କରିଥାଉ ତାକୁ ବଜାୟ ରଖିଥାଉ ।

୨. ସତ୍ୟ ଯଦିଚ ପ୍ରସ୍ତାବମୂଳକ ଅଟେ, ତଥାପି ଏହା କେବଳ ବିଶ୍ୱାସ କରାଯିବା ବିଷୟ ନୁହେଁ, ମାତ୍ର ଆହୁରିମଧ୍ୟ ଉପାସନାରେ ଗ୍ରହଣ କରାଯିବା ଓ ଜ୍ଞାନର ସହିତ ଅଭ୍ୟାସ କରାଯିବା ଉଚିତ୍ । ଏହି ସନ୍ତୁଳନ ଶିଷ୍ୟତ୍ୱ ଓ ପ୍ରଚାର କରିବା ବିଷୟରେ ଆମର ଜ୍ଞାନକୁ ଆକାର ଦେଇଥାଏ । ଏକ ଉତ୍ତମ ଧର୍ମତତ୍ତ୍ୱ ପାଇଁ ଆମେ ଏକ ଆବେଗକୁ ଉତ୍ସାହିତ କରିବାକୁ ଇଚ୍ଛା କରିଥାଉ, ମାତ୍ର ଆମେ ଜାଣୁ ଯେ ଖ୍ରୀଷ୍ଟିୟାନ୍‌ର ଅଭିବୃଦ୍ଧି କେବଳ ବୋଧଶକ୍ତି ସଂକ୍ରାନ୍ତ ସୂଚନା ବଦଳ କରିବା ନୁହେଁ । ସମ୍ପ୍ରଦାୟ ମଧ୍ୟରେ କେବଳ ଯେତେବେଳେ ସମ୍ପୂର୍ଣ୍ଣ ଜୀବନ ଖ୍ରୀଷ୍ଟିୟାନ୍ ଅଭ୍ୟାସଗୁଡ଼ିକ ଦ୍ୱାରା ଆକାରପ୍ରାପ୍ତ ହୋଇଥାଏ ସେତେବେଳେ ଯାଇ ଖ୍ରୀଷ୍ଟୀୟ ଅଭିବୃଦ୍ଧି ସମ୍ପନ୍ନ ହୋଇଥାଏ – ସେଥିରେ ପ୍ରାର୍ଥନା, ବାପ୍ତିସ୍ମ, ପ୍ରଭୁଭୋଜ, ସହଭାଗିତା, ଓ ବାକ୍ୟର ସର୍ବସାଧାରଣ ସେବାକାର୍ଯ୍ୟ ।

୩. ଈଶ୍ୱରଙ୍କ ସତ୍ୟ ବିଷୟରେ ଆମର ତାର୍ତ୍ତ୍ୱିକ ଜ୍ଞାନ ହେଉଛି କେବଳ ପକ୍ଷପାତୀ ଅଟେ ଏପରିକି ଯେତେବେଳେ ସଠିକ ହୋଇଥାଏ, ମାତ୍ର ତା'ସତ୍ତ୍ୱେ ଆମର କେବେ ବି ନିଶ୍ଚୟତା ନାହିଁ ଯେ ବାକ୍ୟ ଆମକୁ ଯାହା କହେ ତାହା ସତ୍ୟ ଅଟେ (ଲୂକ ୧:୪) । ପବିତ୍ର ଆତ୍ମାଙ୍କ ଶକ୍ତିରେ ହିଁ ଆମେ ସମ୍ପୂର୍ଣ୍ଣ ନିଶ୍ଚୟତା ଓ ହୃଦ୍‌ବୋଧରେ ସୁସମାଚାରର ବାକ୍ୟ ଗ୍ରହଣ କରିଥାଉ (୧ମ ଥେସଲନୀକୀୟ ୧:୫) ।

**୨. ଆମେ ବାଇବଲକୁ କିପରି ଭାବରେ ପଢ଼ିବା ଉଚିତ୍ ?**
**(ହର୍ମେନେଉଟିକାଲ୍ ଘଟଣା)**

୧. ଆରମ୍ଭରୁ ସମ୍ପୂର୍ଣ୍ଣ ବାଇବଲ ପଢ଼ିବା । ସମ୍ପୂର୍ଣ୍ଣ ବାଇବଲ ପଢ଼ିବା ହେଉଛି ବାଇବଲର ଏକକ ମୌଳିକ କାହାଣୀର ଅନ୍ତର୍ଦୃଷ୍ଟି ଲାଭ କରିବା ଈଶ୍ୱରଙ୍କ ମୁକ୍ତିଦାୟୀ କାହାଣୀ ଭାବରେ (ଉଦାହରଣସ୍ୱରୂପ, ଲୂକ ୨୪:୪୪) ତଥା ବାଇବଲର ପ୍ରସଙ୍ଗ ଭାବରେ (ଉଦାହରଣସ୍ୱରୂପ, ଚୁକ୍ତି, ରାଜତ୍ୱ, ମନ୍ଦିର) ଯାହାକି ଇତିହାସର ପ୍ରତ୍ୟେକ ସ୍ତରରେ ଓ ଚୁକ୍ତିର ପ୍ରତ୍ୟେକ ଅଂଶରେ ଗତି କରି ଯୀଶୁଖ୍ରୀଷ୍ଟଙ୍କଠାରେ ଚରମ ସୀମାରେ ପହଞ୍ଚିଥାଏ । ଏହି ଦୃଷ୍ଟିକୋଣରେ, ସୁସମାଚାର ସୃଷ୍ଟି, ପତନ, ମୁକ୍ତି, ପୁନଃସଂସ୍ଥାପନ ଭାବରେ ଦେଖାଯାଇଥାଏ । ଏହା ପରିତ୍ରାଣର ଉଦ୍ଦେଶ୍ୟ ସାଧନ କରିଥାଏ, ଯେପରି ଏକ ନୂତନୀକୃତ ସୃଷ୍ଟି । ଆମେ ଯେପରି ସିଏସ୍- (୧)ରେ ସ୍ୱୀକାର କରିଥାଉ, (ଈଶ୍ୱର) ଦୈବକୃତ ଭାବରେ ତାହାଙ୍କର ଅନନ୍ତ ଉତ୍ତମ ଉଦ୍ଦେଶ୍ୟ ଆଣନ୍ତି ଯେପରି ତାହାଙ୍କ ପାଇଁ ଲୋକମାନଙ୍କୁ ତାହାଙ୍କର ଗୌରବମୟ ଅନୁଗ୍ରହର ପ୍ରଶଂସା ପ୍ରତି ମୁକ୍ତ କରିପାରିବେ ।

୨. ସମ୍ପୂର୍ଣ୍ଣ ବାଇବଲକୁ ଆମୂଳଚୂଳ ପଢ଼ିବା । ବାଇବଲକୁ ଆମୂଳଚୂଳ ପଢ଼ିବା ହେଉଛି ଏହାର ଘୋଷଣା, ଆଦେଶ, ପ୍ରତିଜ୍ଞାଗୁଡ଼ିକ ଓ ସତ୍ୟ-ଦାବିଗୁଡ଼ିକୁ ଚିନ୍ତାର ବର୍ଗଗୁଡ଼ିକରେ ସଂଗ୍ରହ କରିବା (ଉଦାହରଣସ୍ୱରୂପ ଧର୍ମତତ୍ତ୍ୱ , ଖ୍ରୀଷ୍ଟତତ୍ତ୍ୱ , ସମ୍ପୂର୍ଣ୍ଣତା) ପୁଣି ଏହା ସାର ଭାବରେ ଯାହା ଶିକ୍ଷା ଦିଏ ସେହି ଏକ ବୋଧଗମ୍ୟତାରେ ଉପନୀତ ହୋଇଥାଏ (ଉଦାହରଣସ୍ୱରୂପ ଲୂକ ୨୪:୪୬-୪୭) । ଏହି ଦୃଷ୍ଟିକୋଣରେ ସୁସମାଚାର ଈଶ୍ୱର, ପାପ, ଖ୍ରୀଷ୍ଟ, ବିଶ୍ୱାସ ଭାବରେ ଦେଖାଯାଇଥାଏ । ଏହା ପରିତ୍ରାଣର ମାଧ୍ୟମ ଆଣିଥାଏ, ଅର୍ଥାତ୍ ଖ୍ରୀଷ୍ଟଙ୍କର ପ୍ରତିବଦଳ କାର୍ଯ୍ୟ ଓ ବିଶ୍ୱାସରେ ଏହାକୁ ଆପଣେଇବା ପାଇଁ ଆମର ଦାୟିତ୍ୱ । ସିଏସ୍ (୭)ରେ ଆମେ ଯାହା ସ୍ୱୀକାର କରୁ, ସେହିପରି ଯୀଶୁ ଖ୍ରୀଷ୍ଟ ଆମର ପ୍ରତିନିଧି ଓ ପ୍ରତିବଦଳ ଭାବରେ କାର୍ଯ୍ୟ କରିଥିଲେ, ଯେପରି ତାହାଙ୍କଠାରେ ଆମେ ଈଶ୍ୱରଙ୍କ ଧାର୍ମିକ ହୋଇପାରିବା ।

୩. ବାଇବଲର ଏହି ପଠନ କିପରି ଭାବରେ ଆମକୁ ଆକାର ଦେଇଥାଏ ।

୧. ଆଜି ଅନେକେ (ସମସ୍ତେ ନୁହଁନ୍ତି) ଯେଉଁମାନେ ବାଇବଲ ପଠନର ଏହି ଦୁଇଟି ଉପାୟକୁ ମୁଖ୍ୟ ସ୍ଥାନ ଦିଅନ୍ତି - ଅର୍ଥାତ୍ ଆରମ୍ଭରୁ ସମ୍ପୂର୍ଣ୍ଣ ବାଇବଲ ପଢ଼ିବା - ପାପ ଓ ପରିତ୍ରାଣର ଅଧିକ ସଂଘବଦ୍ଧ ଦିଗଗୁଡ଼ିକ ଉପରେ ଅଧିକ ଭାବରେ ବାସ କରନ୍ତି । କ୍ରୁଶକୁ ମୁଖ୍ୟତଃ ଆମ ପାପର ବଦଳ ଓ ତୁଷ୍ଟୀକରଣ ଭାବରେ ଉତ୍ସର୍ଗୀକୃତ ସେବାର ଓ ଜାଗତିକ ଶକ୍ତିର ଏକ ପରାଜୟ ଉଦାହରଣ ଭାବରେ ଦେଖାଯାଇଛି । ବ୍ୟଙ୍ଗସୂଚକ ଭାବରେ, ଏହି କାର୍ଯ୍ୟ ବହୁତ ଆଇନସମ୍ମତ ହୋଇପାରିବ । ଅନୁଗ୍ରହର

ଏକ ବାର୍ତ୍ତା ମାଧ୍ୟମରେ ବ୍ୟକ୍ତିଗତ ପରିବର୍ତ୍ତିତ ହେବା ପାଇଁ ଲୋକମାନଙ୍କୁ ଆହ୍ୱାନ କରିବା ପରିବର୍ତ୍ତେ ଲୋକମାନଙ୍କୁ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟରେ ରାଜ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଛି, ଜଗତକୁ ମୁକ୍ତ କରିବା ପାଇଁ ଯାହା ଈଶ୍ୱର କରୁଅଛନ୍ତି । ଏହାର ଗୁରୁତ୍ୱ ଖ୍ରୀଷ୍ଟଧର୍ମ ଉପରେ ଜୀବନର ଏକ ଉପାୟ ଭାବରେ ଖ୍ରୀଷ୍ଟଙ୍କଠାରେ ରକ୍ତକ୍ରୀତ ସ୍ଥିତିର କ୍ଷତି ଭାବରେ ଦିଆଯାଇଛି, ଯାହାକି ବ୍ୟକ୍ତିଗତ ବିଶ୍ୱାସ ମାଧ୍ୟମରେ ଗ୍ରହଣ କରାଯାଇଥିଲା । ଏହି ଅସନ୍ତୁଳନରେ ତେଜସ୍ୱୀ ସୁସମାଚାର ପ୍ରଚାର ଓ ଦୁଃଖପ୍ରକାଶକ ଉପରେ, ପ୍ରକାଶକ ପ୍ରଚାର ଉପରେ ପୁଣି ପରିବର୍ତ୍ତନ/ନୂତନ ଜନ୍ମର ଚିହ୍ନ ଓ ଗୁରୁତ୍ୱ ଉପରେ ଅଳ୍ପ ଗୁରୁତ୍ୱ ଦେଇଥାଏ ।

୨. ଅପରପକ୍ଷରେ, ପୁରାତନ ସୁସମାଚାର ପ୍ରଚାର (ଯଦିଚ ଏସବୁ ନୁହେଁ) ବାଇବଲକୁ ଆମୂଳଚୂଳ ପଢ଼ିବାକୁ ଦେଇଥାଏ । ଫଳସ୍ୱରୂପ ଏହା ଅଧିକ ବ୍ୟକ୍ତିଗତ ଥିଲା, ବ୍ୟକ୍ତିଗତ ପରିବର୍ତ୍ତନ ଓ ସ୍ୱର୍ଗ ଯିବା ପାଇଁ ସୁରକ୍ଷିତ ପଥ ଉପରେ ପ୍ରାୟ ସମ୍ପୂର୍ଣ୍ଣରୂପେ କେନ୍ଦ୍ରୀଭୂତ ହୋଇଥିଲା । ଆହୁରିମଧ୍ୟ ଏହାର ପ୍ରଚାର, ଯଦିଚ ବର୍ଣ୍ଣନାତ୍ମକ ଅଟେ, ତଥାପି ବେଳେବେଳେ ନୈତିକତା ଥିଲା ପୁଣି ବାଇବଲସମ୍ମତ ସମସ୍ତ ପ୍ରସଙ୍ଗ କିପରି ଭାବରେ ଖ୍ରୀଷ୍ଟ ଓ ତାହାଙ୍କ କାର୍ଯ୍ୟରେ ସର୍ବୋଚ୍ଚ ସ୍ତରକୁ ଯାଇଥିଲା ତାହା ଉପରେ ଗୁରୁତ୍ୱ ଦେଇ ନ ଥିଲା । ଏହି ଅସନ୍ତୁଳନରେ ଦରିଦ୍ର ଓ ତାଡ଼ିତ ଲୋକମାନଙ୍କ ପାଇଁ ନ୍ୟାୟ ଓ ଅନୁଗ୍ରହର କାର୍ଯ୍ୟର ଗୁରୁତ୍ୱ ଉପରେ ଖୁବ୍ କମ୍ ଗୁରୁତ୍ୱ ଦିଆଯାଇଛି ବା କୌଣସି ଗୁରୁତ୍ୱ ହିଁ ଦିଆଯାଇ ନାହିଁ, ପୁଣି ସାଂସ୍କୃତିକ ଉତ୍ପାଦନ ଉପରେ ବି କୌଣସି ଗୁରୁତ୍ୱ ଦିଆଯାଇ ନାହିଁ ଯାହାକି ଈଶ୍ୱରଙ୍କୁ କଳା, ବ୍ୟବସାୟ ଇତ୍ୟାଦିରେ ଗୌରବାନ୍ୱିତ କରିଥାଏ ।

୩. ଆମେ ବିଶ୍ୱାସ କରି ନ ଥାଉ ଯେ ସର୍ବୋତ୍ତମ ଭାବରେ ଅଭ୍ୟାସ କରିବାରେ ବାଇବଲ ପଢ଼ିବାର ଏହି ଦୁଇଟି ଉପାୟ କେବେ ପରସ୍ପର ବିରୋଧୀ ହୋଇପାରିବ ନା ନାହିଁ, ଯଦିଚ ଆଜି ଅନେକେ ସେଗୁଡ଼ିକୁ ପରସ୍ପର ବିରୁଦ୍ଧରେ ଗାତ ଖୋଳନ୍ତି । ଆମେ ବିଶ୍ୱାସ କରୁ ଯେ ପରସ୍ପର ବିରୋଧରେ ସେହି ଦୁଇଟି ବିଷୟ, ସର୍ବୋତ୍ତମ ଭାବରେ ବାଇବଲସମ୍ମତ ସୁସମାଚାରର ଅର୍ଥ ଜାଣିବା ପାଇଁ ଅପରିହାର୍ଯ୍ୟ ଅଟେ । ସୁସମାଚାର ହେଉଛି ସେହି ଘୋଷଣା ଯେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ ଈଶ୍ୱର ଆପଣା ଅନୁଗ୍ରହରେ ଲୋକମାନଙ୍କୁ ମିଳିତ କରିବାକୁ ପୁଣି ଆପଣା ଗୌରବ ଦ୍ୱାରା ଓ ଗୌରବ ପାଇଁ ସମଗ୍ର ବିଶ୍ୱକୁ ନୂତନୀକୃତ କରିଅଛନ୍ତି ।

**୩. ଆମେ ଆମ ଚତୁର୍ଦ୍ଦିଗରେ ଥିବା ସଂସ୍କୃତି ସହିତ କିପରି ଭାବରେ ସମ୍ପର୍କିତ ହେବା ଉଚିତ୍?**
**(ପୂର୍ବାପର ସମ୍ପର୍କିତ ଘଟଣା)**

୧. ଏକ ବିରୋଧୀ ସଂସ୍କୃତି ହେବା ଦ୍ୱାରା । ଆମେ ଏପରି ଏକ ମଣ୍ଡଳୀ ହେବାକୁ ଇଚ୍ଛା କରୁ ଯେ କି ଖ୍ରୀଷ୍ଟିୟାନମାନଙ୍କୁ ଈଶ୍ୱରଙ୍କ ସହିତ ସେମାନଙ୍କ ବ୍ୟକ୍ତିଗତ ଗମନାଗମନରେ ବ୍ୟକ୍ତିବିଶେଷରୂପେ କେବଳ ସମର୍ଥନ କରିବ ତାହା ନୁହେଁ, ମାତ୍ର ସେମାନଙ୍କୁ ମଧ୍ୟ ସେହିପରି କରିବ ଯାହାକି ଈଶ୍ୱର ଆପଣା ବାକ୍ୟ ଓ ଆତ୍ମାଙ୍କ ଦ୍ୱାରା ସୃଷ୍ଟି କରିଥିବା ବଦଳ ମାନବ ସମାଜ ମଧ୍ୟକୁ ଆଣିବ । (ତଳେ ଦେଖନ୍ତୁ, ୫ଗ ବିଷୟକୁ ।)

୨. ସାଧାରଣ ମଙ୍ଗଳ ନିମନ୍ତେ । ମଣ୍ଡଳୀ ପ୍ରତିପତ୍ତିଶାଳୀ ସଂସ୍କୃତିର ମୂଲ୍ୟର ସମ୍ମୁଖୀନ ହେବା ଯଥେଷ୍ଟ ନୁହେଁ । ସାଧାରଣ ମଙ୍ଗଳ ନିମନ୍ତେ ଆମକୁ ସମତୁଲ୍ୟ ସଂସ୍କୃତି ହେବାକୁ ପଡ଼ିବ । ଆମେ ଆମ ଚତୁର୍ଦ୍ଦିଗରେ ଥିବା ସଂସ୍କୃତିରୁ ସମ୍ପୂର୍ଣ୍ଣରୂପେ ପୃଥକ୍ ହେବାକୁ ଇଚ୍ଛା କରୁ ପୁଣି ତଥାପି ମଧ୍ୟ ସେହି ପୃଥକ୍ ପରିଚୟ ମଧ୍ୟରୁ ଆମ୍ଭେମାନେ ଉତ୍ସର୍ଗୀକୃତ ଭାବରେ ପ୍ରତିବାସୀ ଓ ଏପରିକି ଶତ୍ରୁମାନଙ୍କର ସୁଦ୍ଧା ସେବା କରିବା ଉଚିତ୍, ଏଠାରେ ବର୍ତ୍ତମାନ ଥିବା ଲୋକମାନଙ୍କର ତଥା ପରବର୍ତ୍ତୀ ସମୟରେ ବି ଲୋକମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବା ଉଚିତ୍ । ସେଥିପାଇଁ ଆମେ ଆମର ସଙ୍ଘବଦ୍ଧ ଉପାସନା ସେବାକାର୍ଯ୍ୟକୁ ବାହାରେ ଥିବା ଲୋକମାନଙ୍କ ସହିତ ପ୍ରଧାନ ସଂଯୁକ୍ତ ବିଷୟ ଭାବରେ ଦେଖି ନ ଥାଉ । ବରଂ ଆମେ ଆମର ପ୍ରତିବାସୀଙ୍କ ଶାନ୍ତି, ସୁରକ୍ଷା ତଥା ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାବେଳେ ଆମର ପ୍ରତିବାସୀଙ୍କୁ ସାକ୍ଷାତ କରିବାକୁ ଆଶା କରିଥାଉ, ସେମାନଙ୍କୁ ବାକ୍ୟ ଓ କର୍ମରେ ପ୍ରେମ କରିଥାଉ । ଆମେ ଯଦି ଏହା କରିବା ତେବେ ଆମେ ଜଗତର ଲବଣ ଓ ଆଲୋକ ହେବା (ଜୀବନଯାପନ କରିବାର ଅବସ୍ଥାକୁ ଧରି ରଖିବା ଓ ଉନ୍ନତି କରିବା, ଆମର ଜୀବନଯାପନ ଶୈଳୀ ମାଧ୍ୟମରେ ଜଗତକୁ ଈଶ୍ୱରଙ୍କ ଗୌରବ ଦେଖାଇବା ମାଥିଉ ୫:୧୩-୧୬ ପଦ) । ଯିହୁଦୀ ନିର୍ବାସିତଗଣଙ୍କୁ ଯେତେବେଳେ ବାବିଲୋନ୍‌ର ଶାଲୋମ୍ ପାଇଁ କାର୍ଯ୍ୟ କରିବାକୁ ଓ ପ୍ରେମ କରିବାକୁ ଆହ୍ୱାନ କରାଯାଇଥିଲା (ଯିରିମିୟ ୨୯:୭), ସେତେବେଳେ ଖ୍ରୀଷ୍ଟିୟାନମାନେ ମଧ୍ୟ ଈଶ୍ୱରଙ୍କ ଲୋକ ଭାବରେ ନିର୍ବାସିତ ଥିଲେ (୧ମ ପିତର ୧:୧ ; ଯାକୁବ ୧:୧) । ଈଶ୍ୱରଙ୍କ ନଗରର ନାଗରିକଗଣ ସେମାନଙ୍କ ଜାଗତିକ ନଗରର ସର୍ବଶ୍ରେଷ୍ଠ ସମ୍ଭାବ୍ୟ ନାଗରିକ ହେବା ଉଚିତ୍ (ଯିରିମିୟ ୨୯:୪-୭) । ଆମର ସାଂସ୍କୃତିକ ପ୍ରଭାବ ବିଷୟରେ ଆମେ ଅଧିକ ଆଶାବାଦୀ କିମ୍ବା ନିରାଶାବାଦୀ ନୋହୁଁ, କାରଣ ଆମେ ଜାଣୁ ଯେ ଆମେ ଯେତେବେଳେ ସେହି ଜଣଙ୍କ ପଦାଙ୍କ ଅନୁସରଣ କରୁ ଯେ କି ତାଙ୍କର ବିରୋଧୀମାନଙ୍କ ପାଇଁ ଆପଣା

ଜୀବନ ପାତ କରିଥିଲେ, ସେତେବେଳେ ଆମେ ସାମାଜିକ ପ୍ରଭାବ ବିସ୍ତାର କଲେ ବି ତାଡ଼ନା ଭୋଗ କରିବା (୧ମ ପିତର ୨:୧୨) ।

**ସଂସ୍କୃତି ସହିତ ଏହି ସମ୍ପର୍କ କିପରି ଭାବରେ ଆମକୁ ଆକାର ଦେଇଥାଏ ।**

୧. ଆମେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟଧର୍ମର ପ୍ରତ୍ୟେକ ପ୍ରକାଶନ ଯଥାର୍ଥରୂପେ କେତେକ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ମାନବ ସଂସ୍କୃତି ପ୍ରତି ପ୍ରାସଙ୍ଗିକ ଅଟେ, ଖ୍ରୀଷ୍ଟଧର୍ମର ଏକ ସର୍ବସାଧାରଣ ଏକ ଐତିହାସିକ ପ୍ରକାଶନ ବୋଲି କିଛି ବିଷୟ ହିଁ ନାହିଁ । ମାତ୍ର ଅମେ କେବେ ବି ଆମର ସଂସ୍କୃତି ଦ୍ୱାରା ଏତେ କ୍ଷତିଗ୍ରସ୍ତ ହେବାକୁ ଇଚ୍ଛା କରୁ ନାହୁଁ, ଯେପରି ଆମେ ସୁସମାଚାର ସତ୍ୟଗୁଡ଼ିକ ସହିତ ସାଲିସ୍ କରିଦେବା । ତେବେ ଆମେ କିପରି ଭାବରେ ଆମର ସନ୍ତୁଳନ ରକ୍ଷା କରିପାରିବା ?

୨. ଉତ୍ତର ହେଉଛି ଯେ ଆମେ ବସ୍ତୁନିରପେକ୍ଷ ଭାବରେ ସୁସମାଚାରକୁ ପ୍ରାସଙ୍ଗିକ କରିପାରିବା ନାହିଁ, ଏକ ଚିନ୍ତା ପରୀକ୍ଷା ଭାବରେ । ଲୋକମାନଙ୍କ ସାମୟିକ ଓ ଅନନ୍ତ ମଙ୍ଗଳ ନିମନ୍ତେ ଯଦି ଏକ ମଣ୍ଡଳୀ ଏକ ବିରୋଧ-ସଂସ୍କୃତି ହେବାକୁ ଅନ୍ୱେଷଣ କରେ, ତେବେ ଏହା ନିଜକୁ ଉଭୟ ନିୟମ ବିରୁଦ୍ଧରେ ପ୍ରହରୀ ଦେବ ଯେଉଁଥିରେ ଅସଙ୍ଗତି ସାଂସ୍କୃତିକ ପ୍ରତ୍ୟାହାର ଓ ସାଲିସ୍ ରହିଛି ଯାହାକି ଅତ୍ୟଧିକ ଗ୍ରହଣ ହେତୁ ଆସିଥାଏ । ଆମେ ଯଦି ଶକ୍ତି ଅପେକ୍ଷା ସେବା ଅନ୍ୱେଷଣ କରୁ, ତେବେ ଆମର ହୁଏତ ଉଲ୍ଲେଖନୀୟ ସାଂସ୍କୃତି ପ୍ରଭାବ ଥିବ। ମାତ୍ର ଆମେ ଯଦି ପ୍ରତ୍ୟକ୍ଷ ଶକ୍ତି ଓ ସାମାଜିକ ନିୟନ୍ତ୍ରଣ ଅନ୍ୱେଷଣ କରୁ, ତେବେ ଆମେ ବିଦ୍ରୁପାତ୍ମକ ଭାବରେ ଧନ, ପ୍ରତିପତ୍ତି ଓ ଶକ୍ତି ମଧ୍ୟରେ ଏକୀଭୂତ ହୋଇପାରିବା ଯାହାକୁ ପରିବର୍ତ୍ତନ କରିବାକୁ ଆମେ ଅନ୍ୱେଷଣ କରିଥାଉ ।

୩. ନିଜେ ସୁସମାଚାର ଯଥାର୍ଥ ପ୍ରାସଙ୍ଗିକତାର କଞ୍ଚି ଧରିଥାଏ । ଆମେ ଯଦି ଅଧିକ ପ୍ରାସଙ୍ଗିକ ହୋଇଥାଉ, ତେବେ ଏହା ପ୍ରସ୍ତାବ ଦିଏ ଯେ ଆମେ ଗ୍ରହଣୀୟ ସଂସ୍କୃତିର ବହୁତ ଅନୁମୋଦନ ଲୋଡ଼ିଥାଉ । ଏହା ହିଁ ସୁସମାଚାରରେ ଆତ୍ମବିଶ୍ୱାସ ଅଭାବର ବିଶ୍ୱାସଘାତକତା କରିଥାଏ । ଆମେ ଯଦି ଅପ୍ରାସଙ୍ଗିକ କରୁ, ତେବେ ଏହା ପ୍ରସ୍ତାବ ଦିଏ ଯେ ଆମେ ଆମର ଉପସଂସ୍କୃତିକୁ ବହୁଳ ଭାବରେ କବଳିତ କରିବାକୁ ଇଚ୍ଛା କରୁ । ଏହା ହିଁ ଆମର ପ୍ରତିବାସୀ ପାଇଁ ସୁସମାଚାର ନ୍ୟୁନତା ଓ ପ୍ରେମର ଅଭାବ ଆଣିଦେଇଥାଏ ।

**୪. ସୁସମାଚାର କେଉଁ ଉପାୟରେ ଅନନ୍ୟ ଅଟେ ?**

ଏହି ସୁସମାଚାର ଖ୍ରୀଷ୍ଟିୟାନମାନଙ୍କୁ ନମ୍ରତା ଓ ଆଶାରେ, ଶାନ୍ତ ଓ ସାହସରେ, ଅନନ୍ୟ ଉପାୟରେ ପୂର୍ଣ୍ଣ କରିଥାଏ । ବାଇବଲସମ୍ମତ ସୁସମାଚାର ଉଲ୍ଲେଖନୀୟ ଭାବରେ ପାରମ୍ପରିକ ଧର୍ମଗୁଡ଼ିକରୁ ତଥା ଧର୍ମନିରପେକ୍ଷତାରୁ ଭିନ୍ନ ହୋଇଥାଏ । ଧର୍ମଗୁଡ଼ିକ ଏହି ନିୟମଗୁଡ଼ିକରେ କାର୍ଯ୍ୟ କରିଥାଏ : ମୁଁ ଆଜ୍ଞାବହ ହୋଇଥାଏ, ତେଣୁ ମୋତେ ଗ୍ରହଣ କରାଯାଇଛି, ମାତ୍ର

ସୁସମାଚାରର ନିୟମ ହେଉଛି : ଖ୍ରୀଷ୍ଟଙ୍କ ମାଧ୍ୟମରେ ମୋତେ ଗ୍ରହଣ କରାଯାଇଛି, ତେଣୁ ମୁଁ ଆଜ୍ଞାବହ ହୋଇଥାଏ । ତେଣୁ ସୁସମାଚାର ଉଭୟ ଅଧର୍ମ ଓ ଧର୍ମଠାରୁ ଭିନ୍ନ ଅଟେ । ଆପଣ ଈଶ୍ୱରଙ୍କ ବ୍ୟବସ୍ଥା ଭଙ୍ଗ କରିବା ଦ୍ୱାରା ଆପଣଙ୍କ ନିଜର ପ୍ରଭୁ ଓ ଉଦ୍ଧାରକର୍ତ୍ତା ହେବାପାଇଁ ଅନ୍ୱେଷଣ କରିପାରିବେ, ମାତ୍ର ଆପଣ ଆପଣଙ୍କ ପରିତ୍ରାଣ ଅର୍ଜନ କରିବା ପାଇଁ ବ୍ୟବସ୍ଥା ପାଳନ କରିବା ଦ୍ୱାରା ଆପଣମାନେ ତାହା ମଧ୍ୟ କରିପାରିବେ ।

ଅଧର୍ମ ଓ ଧର୍ମନିରପେକ୍ଷତା ଆତ୍ମ-ଉତ୍ସାହକୁ, ଯୁକ୍ତିଯୁକ୍ତ ବିଷୟକୁ ଜାଣି ନ ପାରିବାକୁ, ଆତ୍ମସମ୍ମାନକୁ ବୃଦ୍ଧି କରିଥାଏ ଧର୍ମ ଓ ନୈତିକତା ଲୋକମାନଙ୍କୁ ନୀତିଗତ ମାନରୁ ଦୋଷାରୋପ କରିଥାଏ, ଯାହାକି ବଜାୟ ରଖିବା ଅସମ୍ଭବ ଅଟେ । ମାତ୍ର ସେହି ସମୟରେ ସୁସମାଚାର ଆମକୁ ନମ୍ର ଓ ସୁଦୃଢ଼ କରିଥାଏ, କାରଣ ଖ୍ରୀଷ୍ଟଙ୍କଠାରେ ଆମେ ପ୍ରତ୍ୟେକେ ଓ ପାପୀ ମଧ୍ୟ ସମାନ୍ ଭାବରେ ଧାର୍ମିକ ଅଟୁ । ସେହି ସମୟରେ, ଆମେ ଯେତେ ଦୋଷୀ ଓ ପାପୀ ଅଟୁ ବୋଲି ବିଶ୍ୱାସ କରିପାରୁ ତହିଁ ଅପେକ୍ଷା ଅଧିକ ଦୋଷୀ ଓ ପାପୀ ଅଟୁ, ତଥାପିମଧ୍ୟ ଆମକୁ ଅଧିକ ପ୍ରେମ କରାଯାଇଛି ଓ ଗ୍ରହଣ କରାଯାଇଛି ଆମେ କେବେ ଆଶା କରିବା ଅପେକ୍ଷା । ଧର୍ମନିରପେକ୍ଷତା ଲୋକମାନଙ୍କୁ ସ୍ୱାର୍ଥପର ଓ ବ୍ୟକ୍ତିକୈନ୍ଦ୍ରିକ କରିଦେଇଥାଏ । ଧର୍ମ ଓ ନୈତିକତା ସାଧାରଣତଃ ଲୋକମାନଙ୍କୁ ଅନ୍ୟ ଦଳଗୁଡ଼ିକ ପ୍ରତି ଗୋଷ୍ଠୀଗତ ଓ ଆତ୍ମ-ଧାର୍ମିକ କରିଦେଇଥାଏ (କାରଣ ସେମାନେ ଭାବନ୍ତି ଯେ ସେମାନଙ୍କ ପରିତ୍ରାଣ ସେମାନେ ଲାଭ କରିଛନ୍ତି) । ମାତ୍ର ଅନୁଗ୍ରହର ସୁସମାଚାର ଜଣେ ବ୍ୟକ୍ତିକୁ କେନ୍ଦ୍ରୀଭୂତ କରିଥିଲା ଯେ କି ଆମେ ତାଙ୍କର ଶତ୍ରୁ ଥିଲା ବେଳେ ଆମ ପାଇଁ ମୃତ୍ୟୁବରଣ କରୁଛନ୍ତି, ତାହା ଆତ୍ମ-ଧାର୍ମିକତା ଓ ସ୍ୱାର୍ଥପରତା ଦୂର କରିଦେଇଥାଏ ଓ ଏହାର ସଦସ୍ୟମାନଙ୍କୁ ଅନ୍ୟମାନଙ୍କର ସେବା କରିବାକୁ ଅନୁପ୍ରାଣିତ କରିଥାଏ ଉଭୟ ସମସ୍ତ ଲୋକଙ୍କର ସାମୟିକ ଅଭିବୃଦ୍ଧି ପାଇଁ, ବିଶେଷରୂପେ ଦରିଦ୍ରମାନଙ୍କର ଓ ସେମାନଙ୍କ ପରିତ୍ରାଣ ପାଇଁ । ଏହା ଆମକୁ ଅନ୍ୟମାନଙ୍କୁ ସେମାନଙ୍କ ପ୍ରତିଭା ନିର୍ବିଶେଷରେ ସେବା କରିବାକୁ ଚାଳନା ଦେଇଥାଏ ଠିକ୍ ଯେପରି ଖ୍ରୀଷ୍ଟ ଆମର ସେବା କରିଥିଲେ (ମାର୍କ ୧୦:୪୫) । ଧର୍ମନିରପେକ୍ଷତା ଓ ଧର୍ମ ଲୋକମାନଙ୍କୁ ସେମାନଙ୍କ ଭୟ (ଫଳାଫଳର) ଓ ଗର୍ବ (ଆତ୍ମ ବୃଦ୍ଧି ପାଇଁ ଏକ ଅଭିଳାଷ) ମାଧ୍ୟମରେ ବ୍ୟବହାର କରିବାକୁ ଦେଇଥାଏ । ସୁସମାଚାର ଲୋକମାନଙ୍କୁ ଅନୁଗ୍ରହ ପାଇଁ କୃତଜ୍ଞତାର ଆନନ୍ଦରୁ ପବିତ୍ରତା ଓ ସେବାକାର୍ଯ୍ୟ ପ୍ରତି କଢ଼ାଇ ନେଇଥାଏ, ଓ ଈଶ୍ୱର ଆପଣାଠାରେ ଯେ ଅଟନ୍ତି ତାହାଙ୍କ ପାଇଁ ତାହାଙ୍କ ଗୌରବର ପ୍ରେମ ହେତୁ ।

**୫. ସୁସମାଚାର-କୈନ୍ଦ୍ରିକ ସେବାକାର୍ଯ୍ୟ କ'ଣ ଅଟେ ?**

ଏହାକୁ ଏହିପରି ବିଭକ୍ତ କରାଯାଇଛି :

**୧. ସଙ୍ଘବଦ୍ଧ ଉପାସନାକୁ ଶକ୍ତିଯୁକ୍ତ କରିଥିଲା ।**

ସୁସମାଚାର ଈଶ୍ୱରଙ୍କ ସହିତ ଆମର ସମ୍ପର୍କକୁ ବିରୋଧ ବା ନୂତନତ୍ୱହୀନ ଅଙ୍ଗୀକାରରୁ ଘନିଷ୍ଠତା ଓ ଆନନ୍ଦ ପ୍ରତି ପରିବର୍ତ୍ତନ କରିଥାଏ । ସୁସମାଚାର-

କୈନ୍ଦ୍ରିକ ସେବାକାର୍ଯ୍ୟର କେନ୍ଦ୍ରୀୟ ଗତି ସଂକ୍ରାନ୍ତ ହେଉଛି ସେଥିପାଇଁ ଉପାସନା ଓ ପ୍ରାଣପଣ ପ୍ରାର୍ଥନା । ସଙ୍ଘବଦ୍ଧ ଉପାସନାରେ ଈଶ୍ୱରଙ୍କ ଲୋକମାନେ ଏକ ବିଶେଷ ଜୀବନ ପରିବର୍ତ୍ତନକାରୀ ଦୃଷ୍ଟିକୋଣ ଲାଭ କରନ୍ତି, ଯାହାର ଈଶ୍ୱରଙ୍କ ଯୋଗ୍ୟତା ଓ ସୁନ୍ଦରତା ଅଛି, ପୁଣି ତା'ପରେ ତାହାଙ୍କ ଯୋଗ୍ୟତାର ଉପଯୁକ୍ତ ପ୍ରକାଶନକୁ ଈଶ୍ୱରଙ୍କୁ ଫେରାଇ ଦିଅନ୍ତି । ସଙ୍ଘବଦ୍ଧ ଉପାସନାର କେନ୍ଦ୍ରରେ ବାକ୍ୟର ସେବାକାର୍ଯ୍ୟ ଅଛି । ପ୍ରଚାର ପ୍ରତିପାଦିତ କଲା ଭଳି (ଶାସ୍ତ୍ରର ପାଠଗୁଡ଼ିକ ବର୍ଣ୍ଣିତ ହେବା) ଓ ଖ୍ରୀଷ୍ଟ କୈନ୍ଦ୍ରିକ (ବାଇବଲସମ୍ମତ ସମସ୍ତ ବିଷୟକୁ ବ୍ୟାଖ୍ୟାମୂଳକ ଯେପରି ଖ୍ରୀଷ୍ଟଙ୍କଠାରେ ଓ ତାହାଙ୍କର ପରିତ୍ରାଣ କାର୍ଯ୍ୟରେ ଚରମ ସୀମାରେ ପହଞ୍ଚିଛି) ହେବା ଉଚିତ୍ । ମାତ୍ର ଏହାର ଚରମ ଲକ୍ଷ୍ୟ କେବଳ ଶିକ୍ଷା ଦେବା ନୁହେଁ ମାତ୍ର ବ୍ୟକ୍ତିଗତରୂପେ ଓ ସଙ୍ଘବଦ୍ଧ ଭାବରେ ଉପାସନା କରିବାକୁ ଶ୍ରୋତାମାନଙ୍କୁ କଢ଼ାଇ ନେବା ଅଟେ, ଯାହାକି ସେମାନଙ୍କ ଆନ୍ତରିକ ସତ୍ତାକୁ ଶକ୍ତିଯୁକ୍ତ କରିଥାଏ ଯେପରି ଈଶ୍ୱରଙ୍କ ଇଚ୍ଛା ସାଧନ ହୋଇପାରିବ ।

**୨. ଫଳପ୍ରଦ ସୁସମାଚାର ପ୍ରଚାର ।**

କାରଣ ସୁସମାଚାର (ଧାର୍ମିକ ନୈତିକତା ପରି ନ ହୋଇ) ସେହି ଲୋକମାନଙ୍କୁ ଉତ୍ପନ୍ନ କରିଥାଏ ଯେଉଁମାନେ ସେହିମାନଙ୍କୁ ଘୃଣା କରନ୍ତି ନାହିଁ ଯେଉଁମାନେ ସେମାନଙ୍କ ସହିତ ଅସମ୍ମତ ହୁଅନ୍ତି, ଏକ ପ୍ରକୃତ ସୁସମାଚାର-କୈନ୍ଦ୍ରିକ ମଣ୍ଡଳୀ ସେହି ସଦସ୍ୟମାନଙ୍କ ସହିତ ପରିପୂର୍ଣ୍ଣ ହେବା ଉଚିତ୍ ଯେଉଁମାନେ ଲୋକମାନଙ୍କ ଆଶାକୁ ଓ ଅଭିଳାଷକୁ ଖ୍ରୀଷ୍ଟଙ୍କ ସହିତ ଓ ତାହାଙ୍କ ଉଦ୍ଧାରକାରୀ କାର୍ଯ୍ୟ ସହିତ ଚିତ୍ତାକର୍ଷକ ବ୍ୟକ୍ତି ଭାବରେ ସମ୍ବୋଧନ କରନ୍ତି । ଏକ ମଣ୍ଡଳୀ ପାଇଁ ଆମର ଏକ ଦର୍ଶନ ଅଛି ଯାହାକି ଧନୀ ଓ ଦରିଦ୍ରମାନଙ୍କର ପରିବର୍ତ୍ତନ ଦେଖନ୍ତି, ଯାହାକି ବହୁଳ ଭାବରେ ଶିକ୍ଷିତ ଅଟନ୍ତି ଓ କମ୍ ଶିକ୍ଷିତ ପୁରୁଷ ଓ ମହିଳା, ବୃଦ୍ଧ ଓ ଯୁବକ, ବିବାହିତ ଓ ଏକାକୀ ଓ ସମସ୍ତ ଜାତିର ଅଟନ୍ତି । ଆମେ ଅଧିକ ଧର୍ମନିରପେକ୍ଷ ଓ ଅତ୍ୟାଧୁନିକ ଲୋକମାନଙ୍କୁ ଆକର୍ଷଣ କରିବା ପାଇଁ ତଥା ଧର୍ମପରାୟଣ ଓ ପାରମ୍ପରିକ ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ଆଶା କରିଥାଉ । ଏହାର ସମ୍ପ୍ରଦାୟର ଆକର୍ଷଣ ହେତୁ ଓ ଏହାର ଲୋକାମାନଙ୍କର ନମ୍ରତା ହେତୁ ଏକ ସୁସମାଚାର-କୈନ୍ଦ୍ରିକ ମଣ୍ଡଳୀ ଏହାର ମଧ୍ୟରେ ଲୋକମାନଙ୍କୁ ଖୋଜିବା ଉଚିତ୍ ଯେଉଁମାନେ ଖ୍ରୀଷ୍ଟଧର୍ମକୁ ଅନୁସନ୍ଧାନ କରୁଛନ୍ତି ଓ ବୁଝିବାକୁ ଚେଷ୍ଟା କରୁଛନ୍ତି । ଏହାକୁ ସେମାନଙ୍କୁ ଶହ ଶହ ଉପାୟରେ ଉପାୟରେ ସ୍ୱାଗତ କରିବାକୁ ପଡ଼ିବ । ସେମାନଙ୍କୁ ଆରାମ୍ଦାୟକ କରିବା ପାଇଁ ଏହା କମ୍ କାର୍ଯ୍ୟ କରିବ, ମାତ୍ର ଏହାର ବାର୍ତ୍ତାକୁ ବୋଧଗମ୍ୟ କରିବା ପାଇଁ ଅଧିକ କାର୍ଯ୍ୟ କରିବ । ଏସବୁ ସମେତ ସୁସମାଚାର କୈନ୍ଦ୍ରିକ ମଣ୍ଡଳୀଗୁଡ଼ିକର ମଣ୍ଡଳୀ ପ୍ରତିଷ୍ଠା କରିବା

ବିଷୟରେ ଏକ ପକ୍ଷପାତିତା ଥିବ ସେଠାରେ ସୁସମାଚାର ପ୍ରଚାର କରିବାର ସର୍ବାଧିକ ଫଳପ୍ରଦ ମାଧ୍ୟମ ଭାବରେ ।

**୩. ସଂସ୍କୃତି–ବିରୋଧୀ ସମ୍ପ୍ରଦାୟ।**

ସୁସମାଚାର ଉଭୟ ଭୟ ଓ ଗର୍ବ ଦୂର କରୁଥିବାରୁ ଲୋକମାନେ ମଣ୍ଡଳୀ ମଧ୍ୟରେ ରହିବା ଉଚିତ୍ ଯେଉଁମାନେ କେବେ ବି ବାହାରକୁ ଯାଇପାରିବେ ନାହିଁ । ଏହା ଆମକୁ ନିଜର ଶତ୍ରୁ ପାଇଁ ମୃତ୍ୟୁବରଣ କରୁଥିବା ଜଣେ ବ୍ୟକ୍ତିଙ୍କୁ ସୂଚୀତ କରୁଥିବାରୁ ସୁସମାଚାର ସ୍ୱାର୍ଥପରତା ଅପେକ୍ଷା ସେବାର ସମ୍ପର୍କ ସୃଷ୍ଟି କରିଥାଏ । ସୁସମାଚାର ଆମକୁ ପବିତ୍ର ହେବାକୁ ଆହ୍ୱାନ କରୁଥିବାରୁ ଈଶ୍ୱରଙ୍କ ଲୋକମାନେ ପରସ୍ପର ଉତ୍ତରଦାୟୀ ଓ ଶୃଙ୍ଖଳାର ବନ୍ଧନ ମଧ୍ୟରେ ପ୍ରେମରେ ବାସ କରନ୍ତି । ତେଣୁ ସୁସମାଚାର ଏକ ମାନବିକ ସମ୍ପ୍ରଦାୟ ସୃଷ୍ଟି କରିଥାଏ ଯାହାକି ଚତୁର୍ଦ୍ଦିଗରେ ଥିବା ଅନ୍ୟ କୌଣସି ସମାଜଠାରୁ ସମ୍ପୂର୍ଣ୍ଣରୂପେ ଭିନ୍ନ ହୋଇଥିବ। ଯୌନ ଅନୁଯାୟୀ ମଣ୍ଡଳୀ ଉଭୟ ଧର୍ମନିରପେକ୍ଷ ସମାଜର ଯୌନ ଆଦରକୁ ଓ ଏହାକୁ ପାରମ୍ପରିକ ସମାଜର ଭୟକୁ ଏଡ଼ାଇ ଯିବା ଉଚିତ୍ । ଏହା ଏକ ସମ୍ପ୍ରଦାୟ ଅଟେ ଯାହାକି ବ୍ୟାବହାରିକ ଭାବରେ ଏହାର ସଦସ୍ୟମାନଙ୍କୁ ଏତେ ପ୍ରେମ କରିଥାଏ ଓ ଯତ୍ନ ନେଇଥାଏ ଯେ ବାଇବଲସମ୍ମତ ପବିତ୍ରତାର ଅର୍ଥ ଥାଏ । ଏହା ଏହାର ସଦସ୍ୟମାନଙ୍କୁ ଶିକ୍ଷା ଦେଇଥାଏ ଯେପରି ସେମାନଙ୍କ ଶାରୀରିକ ସତ୍ତାକୁ ସୁସମାଚାର ଆକାରର କରିପାରିବ – ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ହେତୁ ବିବାହରୁ ବିରତ ରହିବା ଓ ଏହା ମଧ୍ୟରେ ବିଶ୍ୱସ୍ତ ରହି ଆନନ୍ଦ କରିବା । ପରିବାର ବିଷୟରେ କହିଲେ, ମଣ୍ଡଳୀ ଜଣେ ପୁରୁଷ ଓ ଜଣେ ମହିଳାର ବିବାହର ଉତ୍ତମତାକୁ ସୁଦୃଢ଼ କରିବା ଉଚିତ୍, ସେମାନଙ୍କୁ ଈଶ୍ୱରଙ୍କ ସେବା କରିବାକୁ ଆହ୍ୱାନ କରିବା ଦ୍ୱାରା ଜୀବନସାରା ଆନୁଗତ୍ୟରେ ତାହାଙ୍କ ଚୁକ୍ତିଭିତ୍ତିକ ପ୍ରେମକୁ ପ୍ରତିଫଳିତ କରିବା ଦ୍ୱାରା ଓ ସେମାନଙ୍କ ସନ୍ତାନମାନଙ୍କୁ ତାହାଙ୍କ ପଥ ବିଷୟରେ ଶିକ୍ଷା ଦେବା ଦ୍ୱାରା । ମାତ୍ର ଏହା ମଧ୍ୟ ଏକାକୀ ରହି ଖ୍ରୀଷ୍ଟଙ୍କର ସେବା କରିବା ବିଷୟକୁ ମଧ୍ୟ ଦୃଢ଼ତା ଦେଇଥାଏ, ତାହା ଗୋଟିଏ ସମୟ ପାଇଁ କିମ୍ବା ଜୀବନସାରା ହୋଇପାରେ । ମଣ୍ଡଳୀ ଆମର ମାନବିକ ଯୌନାଚାରରେ ପତିତ ସମସ୍ତ ବ୍ୟକ୍ତିଙ୍କୁ ସମ୍ବେଦନଶୀଳ ସମ୍ପ୍ରଦାୟ ଓ ପରିବାର ଭାବରେ ଆବୃତ କରିବା ଉଚିତ୍ । ଅର୍ଥ ବିଷୟରେ କହିଲେ, ମଣ୍ଡଳୀର ସଦସ୍ୟଗଣ ପରସ୍ପର ସହିତ ସମ୍ପୂର୍ଣ୍ଣ ଅର୍ଥରେ ଅଂଶୀ କରିବା ଉଚିତ୍ – ଯେପରି ସେମାନଙ୍କ ମଧ୍ୟରେ ଅଭାବଗ୍ରସ୍ତ କେହି ନ ଥିବେ (ପ୍ରେରିତ ୪:୩୪) । ସେହିପରି ଅଂଶୀ କରିବା ବିଷୟ ମଧ୍ୟ ଏକ ସମ୍ପୂର୍ଣ୍ଣ ଉଦାର ସମୟ, ଅର୍ଥ, ସମ୍ପର୍କ, ଓ ବାସସ୍ଥାନକୁ ସାମାଜିକ ନ୍ୟାୟ ଓ ଦରିଦ୍ର ଓ ତାଡ଼ନାପ୍ରାପ୍ତ, ଦେଶାନ୍ତରବାସୀ ଏବଂ ଅର୍ଥନୈତିକ ଓ ଶାରୀରିକ ଦୁର୍ବଳ ଲୋକମାନଙ୍କର ଆବଶ୍ୟକତା ପୂରଣରେ ଲାଗିଥାଏ ।

ଶକ୍ତି ବିଷୟରେ କହିଲେ, ଏହା ଦର୍ଶନୀୟ ଭାବରେ ଶକ୍ତିରେ ଅଂଶୀ କରିବା ଓ ଜାତିଗୁଡ଼ିକ, ଶ୍ରେଣୀଗୁଡ଼ିକ ଓ ପିଢ଼ିଗୁଡ଼ିକ ମଧ୍ୟରେ ସମ୍ପର୍କ ଗଠନ କରିବା ପ୍ରତି ପ୍ରତିବଦ୍ଧ ଅଟେ ଯାହାକି ଖ୍ରୀଷ୍ଟଙ୍କ ଶରୀର ବାହାରେ ଅଜ୍ଞାତ ଅଟେ । ଏହାର ବ୍ୟାବହାରିକ ପ୍ରମାଣ ହେଉଛି ଯେ ଆମର ସ୍ଥାନୀୟ ମଣ୍ଡଳୀଗୁଡ଼ିକ ବହୁଳ ଭାବରେ ସମସ୍ତ ଜାତି ଓ ସଂସ୍କୃତିର ଲୋକମାନଙ୍କୁ ସ୍ୱାଗତ ଓ ଆଦର କରନ୍ତି । ପ୍ରତି ମଣ୍ଡଳୀ ଏହାର ସ୍ଥାନୀୟ ଭୌଗଳିକ ସମ୍ପ୍ରଦାୟର ବିଭିନ୍ନତାକୁ ପ୍ରତିଫଳିତ କରିବାକୁ ଅନ୍ୱେଷଣ କରନ୍ତି ଉଭୟ ଉପାସକ ମଣ୍ଡଳୀରେ ଓ ବହୁଳ ଭାବରେ ଏହାର ନେତୃତ୍ୱରେ ।

**୪. ବିଶ୍ୱାସ ଓ କାର୍ଯ୍ୟର ବିଶ୍ୱସ୍ତତା**

ବାଇବଲର ସୁସମାଚାର ହେଉଛି କେବଳ ବ୍ୟକ୍ତିଗତ କ୍ଷମାଶୀଳତା ନୁହେଁ, ମାତ୍ର ସମ୍ପୂର୍ଣ୍ଣ ସୃଷ୍ଟିର ନୂତନୀକରଣ ଅଟେ । ଈଶ୍ୱର ମାନବକୁ ଉଦ୍ୟାନ ମଧ୍ୟରେ ରଖିଥିଲେ ଯେପରି ତାହାଙ୍କର ନିଜର ଗୌରବ ନିମନ୍ତେ ଏବଂ ପ୍ରକୃତି ଓ ମାନବ ସମ୍ପ୍ରଦାୟର ଉନ୍ନତି ନିମନ୍ତେ ସେ ପାର୍ଥିବ ଜଗତକୁ ହଳ କରିବ । ଈଶ୍ୱରଙ୍କ ଆତ୍ମା କେବଳ ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତନ କରନ୍ତି ନାହିଁ (ଉଦାହରଣସ୍ୱରୂପ ଯୋହନ ୧୬:୮) ମାତ୍ର ମଧ୍ୟ ପୃଥିବୀର ସ୍ତରକୁ ନୂତନୀକୃତ ଓ ଚାଷ ବି କରନ୍ତି ଉଦାହରଣସ୍ୱରୂପ, ଆଦି. ୧:୨ ଗୀତସଂହିତା ୧୦୪:୩୦) । ଅତଏବ ଖ୍ରୀଷ୍ଟିୟାନମାନେ କେବଳ ବାକ୍ୟର ସେବାକାର୍ଯ୍ୟ ମାଧ୍ୟମରେ ଯେ ଈଶ୍ୱରଙ୍କୁ ଗୌରବାନ୍ୱିତ କରନ୍ତି ତାହା ନୁହେଁ, ମାତ୍ର ଆହୁରିମଧ୍ୟ ସେମାନଙ୍କ କୃଷିକାର୍ଯ୍ୟ, କଳା, ବ୍ୟବସାୟ, ସରକାର, ଶିକ୍ଷାବୃତ୍ତି ମାଧ୍ୟମରେ ବି କରନ୍ତି – ସେସବୁ ଈଶ୍ୱରଙ୍କ ଗୌରବ ଓ ସର୍ବସାଧାରଣଙ୍କ ଉତ୍ତମତା ନମନ୍ତେ ପ୍ରଯୁଜ୍ୟ । ଅନେକ ଖ୍ରୀଷ୍ଟିୟାନ୍ ଶିକ୍ଷା କରିଛନ୍ତି ସେମାନଙ୍କ ବିଶ୍ୱାସକୁ ମୁଦ୍ରାଙ୍କ କରିଦେବା ପାଇଁ ସେମାନେ ଯେପରି ଭାବରେ ସେମାନଙ୍କ ଧନ୍ଦାରେ କାର୍ଯ୍ୟ କରନ୍ତି । ସୁସମାଚାର ହେଉଛି ବ୍ୟକ୍ତିଗତ ଶାନ୍ତି ପାଇବାର ଏକ ମାଧ୍ୟମ ଅଟେ ଓ ଏକ ବିଶ୍ୱଦର୍ଶନର ଏକ ଭିତ୍ତିମୂଳ ଭାବରେ ନୁହେଁ – ଏହା ବାସ୍ତବତାର ଏକ ସଂକ୍ଷିପ୍ତ ଅର୍ଥ ଅଟେ ଯାହାକି ଆମର ସମସ୍ତ କାର୍ଯ୍ୟ ଉପରେ ପ୍ରଭାବ ପକାଉଛି । ମାତ୍ର ଆମର ଏକ ମଣ୍ଡଳୀ ବିଷୟରେ ଏକ ଦର୍ଶନ ଅଛି ଯାହାକି ଏହାର ଲୋକମାନଙ୍କୁ ସୁସମାଚାରର ପ୍ରୟୋଗ ବିଷୟରେ ଭାବିବାକୁ ସୁସଜ୍ଜିତ କରିଥାଏ ଯେ ଆମେ କିପରି ଭାବରେ କାଠକାମ, ପାଣିକଳ କାମ, ଡ଼ାଟାଏଣ୍ଟ୍ରି, ସେବିକା, କଳା, ବ୍ୟବସାୟ, ସରକାର, ପତ୍ରକାର, ମନୋରଞ୍ଜନ ଓ ଶିକ୍ଷା କାର୍ଯ୍ୟକ୍ରମ କରିବା । ସେହିପ୍ରକାର ଏକ ମଣ୍ଡଳୀ ଖ୍ରୀଷ୍ଟିୟାନମାନଙ୍କୁ ସଂସ୍କୃତି ସହିତ କେବଳ ଲାଗି ରହିବାକୁ ସାହାଯ୍ୟ କରିବ ନାହିଁ, ମାତ୍ର ଆହୁରିମଧ୍ୟ ସାହାଯ୍ୟ କରିବ ସେମାନଙ୍କୁ ପୃଥକୀକୃତ ଭାବରେ, ଚମତ୍କାର ଭାବରେ ଓ ସେମାନଙ୍କ ବ୍ୟବସାୟ ଓ ବୃତ୍ତିରେ ଉତ୍ତରଦାୟୀ ହେବା ପାଇଁ । ମାନବିକତା

ବୃଦ୍ଧି କରିବା ତଥାପିମଧ୍ୟ ସୃଜନାତ୍ମକ ଅଟେ ପୁଣି ଚମତ୍କାର ବ୍ୟବସାୟ ବାତାବରଣ ଅଟେ ଯାହାକି ସୁସମାଚାର ବିଷୟରେ ଆମର ଜ୍ଞାନରୁ ଆସିଥାଏ ତାହା ହେଉଛି ଆତ୍ମାଙ୍କ ଶକ୍ତିରେ ଈଶ୍ୱରଙ୍କ ସୃଷ୍ଟି ପ୍ରତି ସୁସ୍ଥତାର ଏକ ମାପ ଆଣିବା କାର୍ଯ୍ୟର ଅଂଶବିଶେଷ । ଖ୍ରୀଷ୍ଟିୟାନମାନଙ୍କୁ କଳାରେ ସନ୍ନିବେଶିତ ଆନନ୍ଦ, ଆଶା ଓ ସତ୍ୟ ଆଣିଦେବା ମଧ୍ୟ ଏହି କାର୍ଯ୍ୟର ଏକ ଅଂଶବିଶେଷ ଅଟେ । ଆମେ ଏହିସବୁ ବିଷୟ କରିଥାଉ କାରଣ ଈଶ୍ୱରଙ୍କ ସୁସମାଚାର ଆମକୁ ଏଥିପ୍ରତି କଢ଼ାଇ ନେଇଥାଏ, ଏପରିକି ଆମେ ଯେତେବେଳେ ଏହା ଚିହ୍ନିପାରୁ ଯେ ସମସ୍ତ ବିଷୟର ଚରମ ପୁନଃସଂସ୍ଥାପନ ଆମର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବ୍ୟକ୍ତିଗତ ଓ ଶାରୀରିକ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥାଏ (ସିଏସ୍-୧୩) ।

**୫. ନ୍ୟାୟ ଓ ଅନୁଗ୍ରହ କରିବା ।**

ଈଶ୍ୱର ଉଭୟ ପ୍ରାଣ ଓ ଶରୀର ସୃଷ୍ଟି କରିଥିଲେ, ପୁଣି ଯୀଶୁଙ୍କର ପୁନରୁତ୍ଥାନ ଦର୍ଶାଏ ଯେ ସେ ଉଭୟ ଆତ୍ମିକ ଓ ଜାଗତିକ ବିଷୟକୁ ମୁକ୍ତ କରିବାକୁ ଯାଉଅଛନ୍ତି । ଅତଏବ ଈଶ୍ୱର କେବଳ ପ୍ରାଣର ପରିତ୍ରାଣ ବିଷୟରେ ମନୋଯୋଗୀ ନୁହଁନ୍ତି ମାତ୍ର ଦରିଦ୍ରତା, କ୍ଷୁଧା ଓ ଅନ୍ୟାୟରୁ ମୁକ୍ତି ନିମନ୍ତେ ମଧ୍ୟ ମନୋଯୋଗୀ ଅଟନ୍ତି । ସୁସମାଚାର ସେହି ଘଟଣା ପ୍ରତି ଆମର ଚକ୍ଷୁ ଖୋଲି ଦେଇଥାଏ, ଯେ ଆମର ସମସ୍ତ ଧନ (ଏପରିକି ଯେଉଁ ସମ୍ପତ୍ତି ପାଇଁ ଆମ୍ଭେମାନେ କଠିନ ପରିଶ୍ରମ କରିଥିଲୁ) ଶେଷରେ ଈଶ୍ୱରଙ୍କଠାରୁ ଅଯୋଗ୍ୟ ଭାବରେ ଏକ ଉପହାର ଅଟେ । ଅତଏବ ଯେଉଁ ବ୍ୟକ୍ତି ହୃଷ୍ଟଚିତ୍ତରେ ତାଙ୍କର ଧନକୁ ଅନ୍ୟମାନଙ୍କୁ ଦାନ ନ କରନ୍ତି, ସେ କେବଳ ସମ୍ବେଦନଶୀଳତାରେ ଦରିଦ୍ର ନୁହଁନ୍ତି ମାତ୍ର ଅନ୍ୟାୟୀ ମଧ୍ୟ ଅଟନ୍ତି । ଦୁର୍ବଳତା ଓ ସେବା ମାଧ୍ୟମରେ ଶକ୍ତି ହରାଇବା ଓ ଲାଭ କରିବା ମାଧ୍ୟମରେ ଖ୍ରୀଷ୍ଟ ଆମର ପରିତ୍ରାଣ ଲାଭ କରନ୍ତି, ପୁଣି ସେସବୁ ଦାନ କରିବା ଦ୍ୱାରା ସମ୍ପତ୍ତି ଲାଭ କରନ୍ତି । ଯେଉଁମାନେ ତାହାଙ୍କ ପରିତ୍ରାଣ ଗ୍ରହଣ କରନ୍ତି, ସେମାନେ ବଳିଷ୍ଠ ଓ ସମ୍ପାଦିତ ନୁହଁନ୍ତି, ମାତ୍ର ଯେଉଁମାନେ ସ୍ୱୀକାର କରନ୍ତି ଯେ ସେମାନେ ଦୁର୍ବଳ ଓ ବିନଷ୍ଟ ଅଟନ୍ତି ସେମାନେ ଗ୍ରହଣ କରନ୍ତି । ଆମେ ଦରିଦ୍ର ଓ ତାଡ଼ିତ ଲୋକମାନଙ୍କୁ ଦେଖିପାରିବା ନାହିଁ ପୁଣି ସେମାନଙ୍କୁ ସେମାନଙ୍କ ନିଜର ସମସ୍ୟାରୁ ବାହାରି ଆସିବା ପାଇଁ ନିଷ୍ଠୁର ଭାବରେ ଆହ୍ୱାନ କରିପାରିବା ନାହିଁ । ଯୀଶୁ ଆମକୁ ସେହିପରି ଭାବରେ ବ୍ୟବହାର କରି ନ ଥିଲେ । ସୁସମାଚାର ଅନୁଗ୍ରହ ଓ ସମ୍ବେଦନଶୀଳ ହୋଇ ଦରିଦ୍ରମାନଙ୍କ ପ୍ରତି ଶ୍ରେଷ୍ଠତ୍ୱ ବଦଳ କରେ ନାହିଁ । ଖ୍ରୀଷ୍ଟିୟାନ ମଣ୍ଡଳୀଗୁଡ଼ିକୁ ସେବା ମାଧ୍ୟମରେ ସେମାନଙ୍କ ଆଖପାଖ ଅଞ୍ଚଳରେ ନ୍ୟାୟ ଓ ଶାନ୍ତି ପାଇଁ କାର୍ଯ୍ୟ କରିବାକୁ ପଡ଼ିବ, ଯଦିଚ ସେମାନେ ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତନ ଓ ନୂତନ ଜନ୍ମ ନିମନ୍ତେ ଆହ୍ୱାନ କରନ୍ତି । ଆମକୁ ଅନନ୍ତ ଓ ସାଧାରଣ ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ

> ପଡ଼ିବ ଓ ଆମର ପ୍ରତିବାସୀମାନଙ୍କୁ ପ୍ରେମ ପ୍ରଦର୍ଶନ କରିବାକୁ ପଡ଼ିବ ଯେ ଆମେ ସେମାନଙ୍କୁ ଉତ୍ସର୍ଗୀକୃତ ଭାବରେ ପ୍ରେମ କରୁ, ଆମେ ତାହା କରୁ ବା ନ କରୁ ବୋଲି ସେମାନେ ବିଶ୍ୱାସ କରନ୍ତୁ ବା ନ କରନ୍ତୁ ପଛେ । ଦରିଦ୍ର ଓ ଦୁଷ୍ଟମାନଙ୍କ ପ୍ରତି ନିର୍ବିକାର ରହିବାର ଅର୍ଥ ହେଉଛି ବିଶୁଦ୍ଧ ଅନୁଗ୍ରହରେ ଆମର ପରିତ୍ରାଣକୁ ପ୍ରକୃତରେ ଆହରଣ କରିବା ।

## ଉପସଂହାର

ଆମେ ଯେଉଁ ସେବାକାର୍ଯ୍ୟର ରୂପରେଖ ପ୍ରଦାନ କରିଛୁ ଅପେକ୍ଷାକୃତ ଭାବରେ ତାହା ବିରଳ ଅଟେ । ଅନେକ ଅନ୍ୱେଷୀ-ପରିଚାଳିତ ମଣ୍ଡଳୀ ଅଛି ଯେଉଁମାନେ ଅନେକ ଲୋକଙ୍କୁ ଖ୍ରୀଷ୍ଟଙ୍କୁ ଖୋଜିବାରେ ସାହାଯ୍ୟ କରନ୍ତି । ଅନେକ ମଣ୍ଡଳୀ ଅଛନ୍ତି ଯେଉଁମାନେ ରାଜନୈତିକ କାର୍ଯ୍ୟକଳାପ ମାଧ୍ୟମରେ ସଂସ୍କୃତି ସହିତ ବ୍ରତୀ ରହିବାକୁ ଅନ୍ୱେଷଣ କରନ୍ତି । ଏକ ଶୀଘ୍ର ଅଭିବୃଦ୍ଧିଶୀଳ କାରିସ୍‌ମାଟିକ୍ ଆନ୍ଦୋଳନ ଅଛି ଯେଉଁଠାରେ ଗୌରବମୟ, ଆବେଗପୂର୍ଣ୍ଣ, ସଙ୍ଘବଦ୍ଧ ଉପାସନାକୁ ଗୁରୁତ୍ୱ ଦିଆଯାଇଥାଏ । ଅନେକ ଉପାସକ ମଣ୍ଡଳୀ ଅଛନ୍ତି ଯେଉଁମାନେ ଧର୍ମତାତ୍ତ୍ୱିକ ଓ ପବିତ୍ରତା ନିମନ୍ତେ ଦୃଢ଼ରୂପେ ମନୋଯୋଗୀ ଅଟନ୍ତି ପୁଣି ଯେଉଁମାନେ ନିଜ ନିଜକୁ ଜଗତଠାରୁ ପୃଥକ୍ ରଖିବାକୁ ଅଧିକ କଠିନ କାର୍ଯ୍ୟ କରନ୍ତି । ଅନେକ ମଣ୍ଡଳୀ ଅଛି ଯେଉଁମାନେ ଦରିଦ୍ର ଓ ତଳସ୍ତରର ଲୋକମାନଙ୍କର ଉନ୍ନତି ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଅଟନ୍ତି ।

ମାତ୍ର ଆମେ ଯଥେଷ୍ଟ ବ୍ୟକ୍ତିଗତ ମଣ୍ଡଳୀ ଦେଖିନାହୁଁ ଯାହାକି ସମ୍ପୂର୍ଣ୍ଣ, ଏକୀଭୂତ ସୁସମାଚାର ସନ୍ତୁଳନକୁ ଅନ୍ତର୍ଭୁକ୍ତ କରିଥା'ନ୍ତି, ଯେଉଁ ବିଷୟରେ ଆମେ ଏଠାରେ ରୂପରେଖ ଦେଇଥିଲୁ । ପୁଣି ଈଶ୍ୱରଙ୍କ ଅନୁଗ୍ରହରେ ମଣ୍ଡଳୀଗୁଡ଼ିକରେ ଉଜ୍ଜ୍ୱଳ ବିନ୍ଦୁ ବିଶିଷ୍ଟ ଅନେକ ଉତ୍ସାହପ୍ରଦ ବିଷୟ ଅଛି, ଆମେ ଏବେସୁଦ୍ଧା ଏହି ସୁସମାଚାର-କୈନ୍ଦ୍ରିକ ସେବାକାର୍ଯ୍ୟର କୌଣସି ବିସ୍ତାରିତ ଆନ୍ଦୋଳନ ଦେଖି ନ ଥାଉ । ଆମେ ବିଶ୍ୱାସ କରିଥାଉ ଯେ ଏହିପରି ସନ୍ତୁଳନ ସେହି ମଣ୍ଡଳୀଗୁଡ଼ିକୁ ଉତ୍ପନ୍ନ କରିବ, ଯେଉଁଥିରେ ଚିତ୍ତାକର୍ଷକ ଓ ଧର୍ମତାତ୍ତ୍ୱିକ ବଦଳ ପ୍ରଚାର, ଚମତ୍କାର ସୁସମାଚାର ପ୍ରଚାର ଓ ଦୁଃଖପ୍ରକାଶକ ବିଷୟ ଏବଂ ମଣ୍ଡଳୀ ଅଭିବୃଦ୍ଧି ଓ ମଣ୍ଡଳୀ ପ୍ରତିଷ୍ଠା ବିଷୟ ଅଛି । ସେମାନେ ଅନୁତାପ, ବ୍ୟକ୍ତିଗତ ନୂତନୀକରଣ, ଓ ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେବେ । ଠିକ୍ ସେହି ସମୟରେ ଓ ସେହି ସମାନ୍ ଉପାସକ ମଣ୍ଡଳୀଗୁଡ଼ିକରେ ସାଧାରଣ ଲୋକମାନଙ୍କର ସାମାଜିକ ଗଠନରେ ଲାଗି ରହିବା ବିଷୟ ଥିବ, ପୁଣି ସାଂସ୍କୃତିକ ବିଷୟଗୁଡ଼ିକରେ କଳା, ବ୍ୟବସାୟ, ଶିକ୍ଷାବୃତ୍ତି ଓ ସରକାର ମଧ୍ୟ ଥିବ । ସମ୍ପୂର୍ଣ୍ଣ ଖ୍ରୀଷ୍ଟୀୟ ସମ୍ପ୍ରଦାୟ ପାଇଁ ଆହ୍ୱାନ ଥିବ, ଯେଉଁଥିରେ ସମସ୍ତ ସଦସ୍ୟ ଧନ ଓ ଉତ୍ସଗୁଡ଼ିକୁ ଅଂଶୀ କରିବେ ପୁଣି ଦରିଦ୍ର ଓ ଦୁଷ୍ଟ ଲୋକମାନଙ୍କୁ ସୁଯୋଗ ଦେବେ । ଏହି ଅଗ୍ରାଧିକାରଗୁଡ଼ିକ ସମ୍ପୂର୍ଣ୍ଣରୂପେ ଏକାଠି ରହିବ ପୁଣି ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ ପରସ୍ପରକୁ ଶକ୍ତିଯୁକ୍ତ କରିବେ ।

କେଉଁ ବିଷୟ ସୁସମାଚାର–କୈନ୍ଦ୍ରିକ ମଣ୍ଡଳୀଗୁଡ଼ିକର ଅଭିବୃଦ୍ଧିଶୀଳ ଆନ୍ଦୋଳନକୁ ପରିଚାଳନା କରିପାରିଥିଲା ? ଅନ୍ତିମ ଉତ୍ତର ହେଉଛି ଯେ ଈଶ୍ୱରଙ୍କୁ ଆପଣାର ଗୌରବ ନିମନ୍ତେ ଆପଣା ଲୋକମାନଙ୍କର ଭାବବିହ୍ୱଳ, ଅସାଧାରଣ, ପରିଦୃଷ୍ଟ ପ୍ରାର୍ଥନା ପ୍ରତି ଉଦ୍ଦୀପନା ପ୍ରେରଣ କରିବାକୁ ପଡ଼ିବ। ମାତ୍ର ଆମେ ବିଶ୍ୱାସ କରିଥାଉ ଯେ ଉପାନ୍ତ୍ୟ ପଦକ୍ଷେପଗୁଡ଼ିକ ମଧ୍ୟ ନେବାକୁ ବାକି ଅଛି । ଆମେ ଯଦି ସତ୍ୟର ପ୍ରକୃତି ବିଷୟରେ ମିଳିତ ହୋଇପାରିବା, ସେଥିପାଇଁ ବଡ଼ ଆଶା ଅଛି, ଯେ ଆମେ କିପରି ସର୍ବୋତ୍ତମ ଭାବରେ ବାଇବଲ ପଢ଼ିପାରିବା, ସଂସ୍କୃତି ପ୍ରତି ଆମର ସମ୍ପର୍କ ବିଷୟରେ, ସୁସମାଚାରରେ ଥିବା ବିଷୟଗୁଡ଼ିକ ଓ ସୁସମାଚାର କୈନ୍ଦ୍ରିକ ସେବାକାର୍ଯ୍ୟର ପ୍ରକୃତି ବିଷୟରେ । ଆମେ ବିଶ୍ୱାସ କରୁ ଯେ ମଣ୍ଡଳୀର ପ୍ରତିବଦ୍ଧତା ଆମକୁ ଶାସ୍ତ୍ର ପ୍ରତି, ଶାସ୍ତ୍ରର ଖ୍ରୀଷ୍ଟଙ୍କ ପ୍ରତି, ଖ୍ରୀଷ୍ଟଙ୍କ ସୁସମାଚାର ପ୍ରତି କଢ଼ାଇ ନେବ, ପୁଣି ଈଶ୍ୱରଙ୍କ ଅନୁଗ୍ରହରେ, ମଣ୍ଡଳୀ ଭାବରେ ସୁସମାଚାରର ସତ୍ୟ ବିଷୟରେ କାର୍ଯ୍ୟ କରିବା ଦ୍ୱାରା ଆମେ ଆମର ଦକ୍ଷତାରେ ବୃଦ୍ଧି ପାଇବାକୁ ଆରମ୍ଭ କରିବା (ଗାଲାତୀୟ ୨:୧୪) । ଆମେ ଆମର ପାପ ଓ ବିଫଳତା ହେତୁ ଲଜ୍ଜିତ, ପାପକ୍ଷମା ହେତୁ ଅକଳନୀୟ ଭାବରେ କୃତଜ୍ଞ ଅଟୁ, ପୁଣି ଈଶ୍ୱରଙ୍କ ଗୌରବକୁ ନୂତନ ଭାବରେ ଦେଖିବାକୁ ଓ ତାହାଙ୍କ ପୁତ୍ରଙ୍କ ପ୍ରତି ଗତାନୁଗତିକ ବିଷୟକୁ ଅନ୍ତର୍ଭୁକ୍ତ କରିବାକୁ ଆଗ୍ରହୀ ଅଟନ୍ତି ।